ରାଜୁଆର ପରିଚିତି



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

ସ୍ୱଳ୍ପଜ୍ଞାତ ଜନଜାତ

ରାଜୁଆର ପରିଚିତି

ନିର୍ଦ୍ଦେଶନା:

ଡ଼ଃ ଅନନ୍ତ ଚରଣ ସାହୁ

ତଥ୍ୟ ସଂଗ୍ରହ ଓ ସହାୟତା:

ଶ୍ରୀ ଯୁଧିଷ୍ଠିର ସାହୁ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

LITTLE KNOWN TRIBE

ରାଜୁଆର୍ ପରିଚିତି

©ପ୍ରକାଶକ : ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ,
ଆଦିବାସୀ ପ୍ରଦର୍ଶନୀ ପଡିଆ,
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧ ୦୦୯

ପ୍ରଥମ ପ୍ରକାଶ : ଜାନୁୟାରୀ, ୨୦୦୭

ମୁଦ୍ରଣ : ଭୋଳାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ, ଭୁବନେଶ୍ୱର-୧୦
ଫୋନ୍ : ୨୫୮୦୭୨୮

ମୂଲ୍ୟ : ୬୮.୦୦ ଟଙ୍କା ମାତ୍ର

RAJUAR PARICHITI

Supervisor : **Dr. A. C. Sahoo**
Director, ATDC

© *Publisher* : Director,
Academy of Tribal Dialects & Culture,
Adivasi Exhibition Ground,
Unit - I, Bhubaneswar - 751 009

First Edition : January,2007

Printed at : Bholanath Press
1201/1601, Bomikhal, Bhubaneswar-10
Ph. 2580728

Price : Rs. 68.00 only.

ମୁଖବନ୍ଧ

ଭାଷା, ସାହିତ୍ୟ, କଳା, ସଂସ୍କୃତି, ସର୍ବୋପରି ପରମ୍ପରା ଓ ଚଳଣିକୁ ନେଇ ଓଡ଼ିଶାରେ ବାଷ୍ଠି ପ୍ରଜାତିର ଜନଜାତି ବସବାସ କରି ଆସୁଛନ୍ତି । ଏକାଧିକ ଜନଜାତି ଗୋଟିଏ ପରିବେଶ ଓ ଭୌଗୋଳିକ ପରିସୀମା ମଧ୍ୟରେ ବସବାସ କରୁଥିଲେ ମଧ୍ୟ ଏମାନେ ପରସ୍ପରଠାରୁ ଭିନ୍ନ । ପ୍ରତ୍ୟେକ ଜନଜାତି ନିଜସ୍ୱ ସାଂସ୍କୃତିକ ବିଭବକୁ ନେଇ ଗର୍ବିତ । ଅନ୍ୟ ପରମ୍ପରା ଅତ୍ୟନ୍ତ ଉପାଦେୟ ଏବଂ ସଂସ୍କୃତି ଦ୍ୱାରା ଗ୍ରହଣୀୟ ହେଲେ ତାହାକୁ ଆପଣେଇବାରେ କୁଣ୍ଠାବୋଧ ପ୍ରକାଶ କରନ୍ତି ନାହିଁ । ସଂଖ୍ୟା ଗରିଷ୍ଠ ଜନଜାତି ଉପରେ ସମସ୍ତଙ୍କର ସ୍ୱତଃ ଦୃଷ୍ଟି ଆକର୍ଷିତ ହେଉଥିବା ବେଳେ ସଂଖ୍ୟାଲଘୁ ଜନଜାତି ସମ୍ପ୍ରଦାୟ ଲୋକ ଲୋଚନକୁ ଆସିପାରେ ନାହିଁ । ସଂଖ୍ୟାଲଘୁ ଜନଜାତି ସମ୍ପ୍ରଦାୟର ସାମାଜିକ ସାଂସ୍କୃତିକ ଜୀବନ ଉପରେ ଧାରଣା ନଥିବାରୁ ସେମାନଙ୍କ ଆଶାନୁରୂପ ବିକାଶ ପରିକଳ୍ପନା କରିବା ସମ୍ଭବପର ହୋଇପାରେନାହିଁ।

ଓଡ଼ିଶାରେ ବସବାସ କରୁଥିବା ଅଥଚ ଲୋକଲୋଚନର ଆଗୋଚରରେ ରହିଯାଉଥିବା ସ୍ୱଳ୍ପଜ୍ଞାତ ଜନଜାତିମାନଙ୍କର ପରମ୍ପରାକୁ ସାଂସ୍କୃତିକ ପୃଷ୍ଠଭୂମିରେ ଏକାଡ଼େମୀ ତରଫରୁ ଅଧ୍ୟୟନ କରାଯାଉଛି । ତନ୍ମଧ୍ୟରୁ 'ରାଜୁଆର୍ ପରିଚିତି' ଅନ୍ୟତମ । ସରକାରୀ କାର୍ଯ୍ୟକ୍ରମରେ କପ୍ତିପଦା ଉପଖଣ୍ଡସ୍ଥ ବାଗୁଚୀ ଗ୍ରାମକୁ ଗସ୍ତ ଅବସରରେ ରାଜୁଆର୍‌ମାନଙ୍କ ସହିତ ପରିଚୟ ହୋଇଥିଲା । ସେମାନଙ୍କର ଜୀବନ, ଜୀବିକା ମୋତେ ଅଭିଭୂତ କରିଥିଲା । ତାଙ୍କ ବିଷୟରେ କିଛି ତଥ୍ୟ ସଂଗ୍ରହ କରି ପୁସ୍ତକ ପ୍ରକାଶନ କରିବା ଉଦ୍ଦେଶ୍ୟରେ ରାଜୁଆର୍‌ମାନଙ୍କର ପରିବେଶ, ବସତି, ଚଳଣି, ସଂସ୍କୃତି ଓ ପରମ୍ପରା, ବିବିଧ ସମସ୍ୟା ତଥା ଉନ୍ନୟନ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି "ରାଜୁଆର୍ ପରିଚିତି" ପୁସ୍ତକଟିର ପରିକଳ୍ପନା କରାଯାଇଛି । ଏଥିରେ ରାଜୁଆର୍‌ମାନଙ୍କର ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ,

ଧାର୍ମିକ ତଥା ରାଜନୈତିକ ଜୀବନ ଉପରେ ଯଥାସାଧ୍ୟ ଆଲୋଚନା କରିବାକୁ ଚେଷ୍ଟା କରାଯାଇଛି । ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଅନେକ ପରିବର୍ତ୍ତନ ହୋଇସାରିଛି । ଭୌଗଳିକ ପରିବେଶକୁ ନେଇ ସେମାନଙ୍କର ଜୀବନ ଜୀବିକାରେ ମଧ୍ୟ ବିବର୍ତ୍ତନ ଘଟିଛି । ତଥାପି ସେମାନେ ନିଜସ୍ୱ ମୌଳିକତା ଓ ଐତିହ୍ୟକୁ ନେଇ ଅଦ୍ୟାବଧି ଗର୍ବିତ । ପ୍ରକାଶିତ ପୁସ୍ତକ "ରାଜୁଆର୍ ପରିଚିତି" ରେ ରାଜୁଆର୍‌ମାନଙ୍କର ଏ ଅଞ୍ଚଳକୁ ଆଗମନଠାରୁ ନିଜ ସାଂସ୍କୃତିକ ପରିଚିତିକୁ ନେଇ ବଞ୍ଚିବାର ସଂଗ୍ରାମ ଏବଂ ଅନ୍ୟ ପ୍ରଜାତି ଗୋଷ୍ଠୀ ସହିତ ସହାବସ୍ଥାନ ସୂତ୍ରରେ ଚଳିବା ଉପରେ ଆଲୋକପାତ କରାଯାଇଛି ।

ସାମାଜିକ ଚଳଣି ଓ ପରମ୍ପରାକୁ ଆଧାର କରି ଉନ୍ନୟନର ମାର୍ଗ ପ୍ରଶସ୍ତ କରାଗଲେ ବିକାଶ ତ୍ୱରାନ୍ୱିତ ହୁଏ । ବିକାଶ ସହିତ ସମ୍ପ୍ରଦାୟର କୌଳିକ ବୃତ୍ତି, ସେମାନଙ୍କ କଳାକୌଶଳ ଓ ସାମାଜିକ ପୃଷ୍ଠଭୂମି ଓତଃପ୍ରୋତଃ ଭାବେ ଜଡିତ । ରାଜୁଆର୍‌ମାନଙ୍କ ଜୀବନଧାରା ଉପରେ ଆଖିଦୃଶିଆ କୌଣସି ଗବେଷଣାତ୍ମକ ତଥ୍ୟ ମହଜୁଦ୍ ଥିଲା ଭଳି ମନେହୁଏ ନାହିଁ । ତଥ୍ୟ ସଂକଳନ ପୂର୍ବକ ଗବେଷକ ଶ୍ରୀ ଯୁଧିଷ୍ଠିର ସାହୁ ପାଣ୍ଡୁଲିପି ପ୍ରସ୍ତୁତ କରିଛନ୍ତି । ତଥ୍ୟ ଉପରେ ଆଧାର କରି ପ୍ରସ୍ତୁତ ହେଇଥିବା ପାଣ୍ଡୁଲିପିର ସଂପାଦନା କାର୍ଯ୍ୟ ଶ୍ରୀମତୀ କୁମଦିନୀ ରାୟ ହାତକୁ ନେଇ ଭାଷାକୁ ଉନ୍ନୀତ କରିଛନ୍ତି । ପ୍ରକାଶନ ଅବସରରେ ଏମାନଙ୍କ ନିକଟରେ ଏକାଡ଼େମୀ କୃତଜ୍ଞ । ସୁଚିନ୍ତିତ ଧାରାରେ ସେମାନଙ୍କ ପରିବର୍ତ୍ତନ ଆଣିବାରେ; ଅର୍ଥନୈତିକ ବିକାଶ ଦିଗରେ; ସେମାନଙ୍କ ସମାଜ ଓ ସଂସ୍କୃତିରେ ଥିବା ମହନୀୟତା ବିଷୟରେ ଜାଣିବା ପାଇଁ ଏହି ପୁସ୍ତକଟି ଉପାଦେୟ ହୋଇପାରିବ ବୋଲି ଆଶା ଓ ବିଶ୍ୱାସ ।

ଅନନ୍ତ ଚରଣ ସାହୁ

ନିର୍ଦ୍ଦେଶକ

ସୂଚୀପତ୍ର

କ୍ର.ସଂ	ବିଷୟ	ପୃଷ୍ଠା
I.	ମୁଖବନ୍ଧ	
୧.	ଉପକ୍ରମଣିକା	୦୧-୦୫
୨.	ରାଜୁଆର୍ ପରିଚିତି	୦୬-୨୭
୩.	ଜୀବନଚକ୍ର	୨୮-୬୩
୪.	ଅର୍ଥନୈତିକ ସଂଗଠନ	୬୪-୧୦୪
୫.	ସାମାଜିକ ସଙ୍ଗଠନ	୧୦୫-୧୬୦
୬.	ରାଜନୈତିକ ସଙ୍ଗଠନ	୧୬୧-୧୮୬
୭.	ଗୁଣିଗାରେଡ଼ି ଓ ଧାର୍ମିକ ପରମ୍ପରା	୧୮୭-୨୧୯
୮.	ରାଜୁଆର୍ ମହିଳା	୨୨୦-୨୩୭
୯.	ରାଜୁଆର୍ ଲୋକପରମ୍ପରା	୨୩୮-୨୫୩
୧୦.	ରାଜୁଆର୍ ଅଞ୍ଚଳର ସମସ୍ୟା	୨୫୪-୨୭୮
୧୧.	ଉନ୍ନୟନ କାର୍ଯ୍ୟକ୍ରମ	୨୭୯-୨୮୯
୧୨.	ପରିବର୍ତ୍ତନ	୨୯୦-୩୦୧

ଗଗଗ

ଉପକ୍ରମଣିକା

ଭାରତରେ ଅନେକ ଜନଜାତି ସଂପ୍ରଦାୟ ବିଭିନ୍ନ ଅଞ୍ଚଳରେ ବିକ୍ଷିପ୍ତ ଭାବରେ ବସବାସ କରିଆସୁଛନ୍ତି। କେଉଁଠି ଏମାନେ ସଂଖ୍ୟାଗରିଷ୍ଠ ତ କେଉଁଠି ସଂଖ୍ୟାଲଘୁ ଗୋଷ୍ଠୀ ରୂପେ ପରିଚିତ। ଏମାନଙ୍କ ପରମ୍ପରା ଖୁବ୍ ପ୍ରାଚୀନ। କେଉଁ ଆଦିମକାଳରୁ ଏମାନେ କିରାତ, ଆଭିର, ଶବର, ବନେଚର ହିସାବରେ ହିଁ ପରିଚିତ ଥିଲେ। ପରବର୍ତ୍ତୀ ସମୟରେ ଏମାନେ ଆଦିବାସୀ, ବନବାସୀ ହିସାବରେ ପରିଚିତ ହେଲେ। ସଂପ୍ରତି ସରକାରୀ ପରିଭାଷାରେ ଏମାନଙ୍କୁ ଅନୁସୂଚିତ ଜନଜାତି ବା ତପସିଲଭୁକ୍ତ ଉପଜାତି ହିସାବରେ ନାମିତ କରାଯାଇଛି। ଜନଜାତିମାନଙ୍କର ଭାରତକୁ ଆଗମନ ନେଇ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଅନୁସୃତ ହୋଇ ନ ଥିଲେ ସୁଦ୍ଧା ବୈଦିକ କାଳରୁ ଏମାନଙ୍କ ସଂପର୍କରେ ସୂଚନା ବିଦ୍ୟମାନ। ତେବେ ଏମାନଙ୍କ ଆଗମନ ନେଇ ବିଭିନ୍ନ ମତ ପ୍ରଚଳିତ ରହିଛି। ଭାରତରେ ବସବାସ କରୁଥିବା ମୁଖ୍ୟତଃ ଚାରି ପ୍ରକାରର ଜନଜାତି ଗୋଷ୍ଠୀ ଯଥା ମଙ୍ଗୋଲୀୟ, ଦ୍ରାବିଡ, ମୁଣ୍ଡା ଓ ଆର୍ଯ୍ୟ ମଧ୍ୟରେ ମଙ୍ଗୋଲୀୟମାନେ ସର୍ବ ପୁରାତନ। ଏମାନଙ୍କ ପଛକୁ ସର୍ବବୃହତ୍ ଜନଜାତି ହିସାବରେ ଦ୍ରାବିଡମାନେ ଭାରତକୁ ଆସି ବାସୋପଯୋଗୀ ସମତଳଭୂମି ଓ ନଦୀ ଉପତ୍ୟକାମାନଙ୍କରେ ବସବାସ କରି ପରିବେଶ ଓ ସାମାଜିକ ଜୀବନର ଭିନ୍ନତା ଦୃଷ୍ଟିରୁ ଭିନ୍ନ ଭିନ୍ନ ଗୋଷ୍ଠୀ ହିସାବରେ ଜୀବନଧାରଣ କରିବାକୁ ଲାଗିଲେ। ପରେ ପରେ ମୁଣ୍ଡାମାନେ ଆସି ସଂଘର୍ଷ ଓ ସହମତି ଭିତ୍ତିରେ ପୂର୍ବରୁ ବସବାସ କରୁଥିବା ଗୋଷ୍ଠୀମାନଙ୍କ ସହିତ ସାମିଲ ହେଲେ। ଅପରାପର ଆର୍ଯ୍ୟମାନଙ୍କର ଆଗମନ ଉପରାନ୍ତ ଦ୍ରାବିଡ ଓ ମୁଣ୍ଡାମାନେ ଅପେକ୍ଷାକୃତ ଦୁର୍ଗମ ଅଞ୍ଚଳକୁ ବିତାଡିତ ହୋଇ ନୂତନ ବସତି ସ୍ଥାପନ କଲେ। ମୁଖ୍ୟ ସ୍ରୋତରୁ ବିଚ୍ୟୁତ ହୋଇ ଅଗମ୍ୟ ଅଞ୍ଚଳରେ ବିକ୍ଷିପ୍ତ ଭାବରେ ବସବାସ କରି କାଳକ୍ରମେ ପରସ୍ପରର ସଂସ୍କୃତିଠାରୁ ଦୂରେଇ ଯାଇ ଏକ ନୂତନ ସାଂସ୍କୃତିକ ପରିମଣ୍ଡଳ ସୃଷ୍ଟି କଲେ। ବିଭିନ୍ନ କ୍ଷୁଦ୍ରାତିକ୍ଷୁଦ୍ର ଗୋଷ୍ଠୀରେ ବିଭକ୍ତ ହୋଇ ସେମାନେ ନିଜ ନିଜ ଗୋଷ୍ଠୀକୁ ଏକକ ହିସାବରେ ପରିଚିତ କଲେ। କାଳକ୍ରମେ ଏହି ଏକକର ସ୍ୱତନ୍ତ୍ର ସଂସ୍କୃତି, ଭାଷା, ରାଜନୈତିକ ଓ ସାମାଜିକ ଜୀବନଚର୍ଯ୍ୟା ସର୍ବୋପରି ଏକ ଭୌଗୋଳିକ ପରିମଣ୍ଡଳଟିଏ ସୃଷ୍ଟି ହେଲା। ତଥାକଥିତ ସମାଜଠାରୁ ବହୁ ଦୂରରେ ଅରଣ୍ୟ ପ୍ରଦେଶରେ ରହିବାରୁ ଜନପଦ ଅଞ୍ଚଳର ଜନସମାଜ ଏମାନଙ୍କୁ ଭିନ୍ନ ଦୃଷ୍ଟିରେ ଦେଖିଲା । ଫଳତଃ ଜନପଦ

ସମାଜର ଉନ୍ନାସିକତାରୁ ଜନ୍ମ ନେଲା ଆଦିବାସୀ, ବନବାସୀ, ବନେଚର, ଶବର, ଆଭିର, କିରାତ, କିନ୍ନର ଇତ୍ୟାଦି ବିଶେଷଣ। କାଳକ୍ରମେ ଏହିସବୁ ବିଶେଷଣରେ ଏମାନେ ନାମିତ ହେଲେ ।

ଭାରତରେ ପ୍ରାୟତଃ ତିନିଶହରୁ ଉର୍ଦ୍ଧ୍ୱ ଜନଜାତି ବସବାସ କରୁଥିବାର ଜଣାଯାଇଥାଏ । ଓଡିଶାରେ ଏମାନଙ୍କ ମଧ୍ୟରୁ ବାଷଠି ପ୍ରକାର ଜନଜାତି ବାସ କରୁଛନ୍ତି । ଏମାନେ ପୁନଶ୍ଚ ବହୁବିଧ ଉପ ଶାଖାରେ ବିଭକ୍ତ । ୨୦୦୧ ଜନଗଣନା ଅନୁସାରେ ଭାରତରେ ଏମାନଙ୍କ ସଂଖ୍ୟା ୮୪,୩୨୬,୨୪୦ । ଯାହା ମୋଟ ଜନସଂଖ୍ୟାର ୮.୨୦% ଅଂଶ । ଓଡିଶାରେ ବସବାସ କରୁଥିବା ଜନଜାତିମାନଙ୍କର ସଂଖ୍ୟା ୨୦୦୧ ଜନଗଣନା ହିସାବରେ ୮,୧୪୫,୦୮୧ ଯାହା ଓଡିଶା ରାଜ୍ୟର ମୋଟ ଜନସଂଖ୍ୟାର ୨୨.୧୩ ଶତାଂଶ । ତେଣୁ ସର୍ବଭାରତୀୟ ସ୍ଥିତି ସାଙ୍ଗରେ ଓଡିଶାକୁ ତୁଳନାକଲେ ଓଡିଶା ଆଦିବାସୀ ସମାଜ ଓ ସଂସ୍କୃତିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ ।

ଓଡ଼ିଶାରେ ବସବାସ କରୁଥିବା ଜନଜାତି ମୁଖ୍ୟତଃ ତିନିଟି ଭାଷା ଗୋଷ୍ଠୀରେ ବିଭକ୍ତ । ଏମାନେ ହେଲେ ଦ୍ରାବିଡ, ମୁଣ୍ଡା ଓ ଭାରତୀୟ ଆର୍ଯ୍ୟ । ବସବାସ ସ୍ଥିତିକୁ ଲକ୍ଷ୍ୟ କଲେ ଓଡିଶାର ଜନଜାତିୟ ସ୍ଥିତି ବିଚିତ୍ର ମନେହୁଏ । ଏକା ପରିବେଶରେ ତିନି ଭିନ୍ନ ଭିନ୍ନ ଗୋଷ୍ଠୀର ସହାବସ୍ଥାନ ବିଚିତ୍ର ମନେହୁଏ । ଏହି ବିଚିତ୍ର ପରିସ୍ଥିତି ଗବେଷକ, ନୃତତ୍ତ୍ୱବିତ୍ ଓ ଭାଷାବିତ୍‌ମାନଙ୍କୁ ଆକୃଷ୍ଟ କରିଥାଏ ।

ସଂସ୍କୃତି ଓ ପରମ୍ପରା ସଂଜ୍ଞାତ ଗୋଟିଏ ଆଦିବାସୀ ଗୋଷ୍ଠୀ ଅନ୍ୟଠାରୁ ସଂପୂର୍ଣ୍ଣ ଅଲଗା । ବ୍ୟକ୍ତି ଜୀବନର ସବୁକିଛି ସଂସ୍କୃତି ଓ ପରମ୍ପରା ଅନୁସୃତ । ସଂସ୍କୃତି, ମନୁଷ୍ୟର ମୂଳ ଆବଶ୍ୟକତାକୁ ନେଇ ପୁଷ୍ଟ ଏବଂ ଏକ ଦୃଢ଼ ପରମ୍ପରା ଉପରେ ପ୍ରତିଷ୍ଠିତ । ବ୍ୟକ୍ତିସତ୍ତାଟି ପରମ୍ପରାର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ହୋଇଗଲେ ସମାଜର ଆବଶ୍ୟକତା ମେଣ୍ଟାଇବାକୁ ସମର୍ଥ ହୋଇପାରେ । ଗୋଟିଏ ଜାତିର ଖାଦ୍ୟପେୟ, ବସ୍ତ୍ର, ଚାଲିଚଳନ, ଆଚାର ବ୍ୟବହାର ଇତ୍ୟାଦି ଅନ୍ୟଠାରୁ ସ୍ୱତନ୍ତ୍ର ହୋଇଥାଏ । ପରିବେଶ ତଥା ପ୍ରାକୃତିକ ସଂପଦକୁ ନେଇ ଅଧିବାସୀମାନଙ୍କର ଜୀବନ ପର୍ଯ୍ୟବେସିତ । ପ୍ରକୃତି ଓ ପରିବେଶ ସହିତ ଆଦିବାସୀମାନେ ଓତଃପ୍ରୋତଃ ଭାବେ ଜଡିତ । ପରମ୍ପରାକୁ ନେଇ ସଂସ୍କୃତି ପୁଷ୍ଟ । ଗୋଟିଏ ସଂସ୍କୃତିକୁ ବୁଝିବାକୁ ହେଲେ ଗୋଟିଏ ଜାତିର ଲୋକମାନଙ୍କୁ ପ୍ରଥମେ ବୁଝିବା ଦରକାର । ଏଇ କ୍ରମରେ ଓଡିଶାର ଆଦିବାସୀ ପରମ୍ପରାରେ ରାଜୁଆର୍ ଗୋଷ୍ଠୀ ଲୋକଲୋଚନକୁ ଆସେ ।

ଅନ୍ୟ ଜନଜାତିଙ୍କ ତୁଳନାରେ ଏହି ପୁରାତନ ଜାତିଟି ଅଣଚର୍ଚ୍ଚିତ । ଆର୍ଯ୍ୟ ପରମ୍ପରାକୁ ଅନୁସରଣ କରି ଏମାନେ ଜନଜାତି ସଂଜ୍ଞାଠାରୁ ଦୂରେଇ ଗଲା ପରି ମନେହୁଏ । ବିକ୍ଷିପ୍ତ ଭାବରେ ବସବାସ କରୁଥିଲେ ମଧ୍ୟ ରାଜୁଆର୍‌ମାନେ ଭାରତବର୍ଷର ଓଡିଶା ସମେତ ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଆଦି ପ୍ରଦେଶରେ ବସବାସ କରିଥାଆନ୍ତି । ଏମାନେ ବିକ୍ଷିପ୍ତ ଭାବରେ ବସବାସ କରିଥିବାରୁ ଏମାନଙ୍କର ସଂସ୍କୃତି ଓ ପରମ୍ପରା ଅବଲୁପ୍ତ ପ୍ରାୟ । ତଥାପି କେତେକାଂଶରେ ଏହା ସଂଜୀବିତ ରହିଛି । ଓଡିଶାରେ ଏମାନେ ସ୍ୱଳ୍ପଜ୍ଞାତ ଆଦିବାସୀ ଭାବରେ ପରିଚିତ । କିମ୍ବଦନ୍ତୀରୁ ଜଣାଯାଏ ଯେ ରାଜୁଆର୍‌ମାନେ ଭୂୟାଁରାଜାଙ୍କର ଗୋରୁ ଚରାଉଥିବାରୁ ଏମାନଙ୍କୁ 'ବଗାଳ' କୁହାଯାଇଥାଏ । ପୁନଶ୍ଚ ନାଗବଂଶରୁ ସୃଷ୍ଟି ହୋଇଥିବାରୁ ଏମାନେ ନାଗବଂଶୀ ବୋଲି ନିଜକୁ ପରିଚୟ ଦେଇ ଗର୍ବ ଅନୁଭବ କରିଥାଆନ୍ତି । ଏମାନେ ଛୋଟନାଗପୁରରୁ ଆସି କ୍ରମେ ଓଡିଶାରେ ବସବାସ କରୁଥିବା ସୂଚନା ମିଳେ । ଏମାନଙ୍କର ଭାଷା ହିନ୍ଦୀ, ବଙ୍ଗଳା ଓ ଓଡିଆ ଭାଷା ସହିତ ସାମଞ୍ଜସ୍ୟ ଥିବାର ଜଣାଯାଏ । ବର୍ତ୍ତମାନ ଏମାନେ ସଂପୂର୍ଣ୍ଣ ଭାବେ ଓଡିଆ ଭାଷାରେ ଭାବର ଆଦାନ ପ୍ରଦାନ କରିଥାଆନ୍ତି। ଏମାନେ ନିଜକୁ ଉଚ୍ଚଜାତିର ଲୋକ ବୋଲି ଭାବିଥାଆନ୍ତି । ଓଡିଆମାନଙ୍କର ପର୍ବପର୍ବାଣିକୁ ପ୍ରାୟତଃ ଏମାନେ ଆଦରି ନେଇଣି । ରାଜୁଆର୍‌ମାନେ ଅତ୍ୟନ୍ତ ସରଳ, ପରୋପକାରୀ ଓ ସ୍ନେହୀ। ଆଧୁନିକତାକୁ ଗ୍ରହଣ କରିଥିଲେ ମଧ୍ୟ ପାରମ୍ପରିକ ବିଧିବିଧାନ ସେମାନଙ୍କ ସମାଜରେ ଅଦ୍ୟାବଧି ପ୍ରବାହମାନ ।

ପ୍ରକାଶିତ "ରାଜୁଆର୍ ପରିଚିତି" ପୁସ୍ତିକାଟି ରାଜୁଆର୍ ଜନଜାତିମାନଙ୍କର ବସତି, ପରିବେଶ, ସଂସ୍କୃତି ଓ ପରମ୍ପରା, ସମସ୍ୟା, ଉନ୍ନୟନ କାର୍ଯ୍ୟକ୍ରମ ଇତ୍ୟାଦି ଉପରେ ପର୍ଯ୍ୟବେକ୍ଷିତ ! ପୁସ୍ତିକାର ପ୍ରାରମ୍ଭରେ ରାଜୁଆର୍ ଜନଜାତି ବିଷୟ ଉପସ୍ଥାପନ କରାଯାଇଛି । ଏଥିରେ ରାଜୁଆର୍ ଜନଜାତିର ଉତ୍ପତ୍ତି ସମ୍ବନ୍ଧୀୟ କିମ୍ବଦନ୍ତୀ, ବସତି ଅଞ୍ଚଳ, ପରିବେଶ, ବିଭିନ୍ନ ପ୍ରକାର ବୃକ୍ଷଲତା, ଗୁଳ୍ମ, ପଶୁ, ପକ୍ଷୀ, ପଥର, ଖଣି, ମାଟି, ବିଭିନ୍ନ କିସମର ଜମି, ଜଳଉତ୍ସ, ଗମନାଗମନ, ପାରମ୍ପରିକ ପରିବେଶ ସଂରକ୍ଷଣ, ଗ୍ରାମ ସରଞ୍ଜନା, ଗୃହ, ବାସଗୃହ ନିର୍ମାଣର ପ୍ରାକ୍ ଶୁଭାଶୁଭ ସୂଚନା, ଗୃହ ନିର୍ମାଣ ପଦ୍ଧତି, ପଡ଼ୋଶୀ ଗୋଷ୍ଠୀଙ୍କ ସହିତ ସମ୍ପର୍କ ତଥା ଏମାନଙ୍କର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଇତ୍ୟାଦି ବିଷୟରେ ସବିଶେଷ ବର୍ଣ୍ଣନା କରାଯାଇଛି । ଦ୍ୱିତୀୟ ଅଧ୍ୟାୟରେ ରାଜୁଆର୍‌ମାନଙ୍କର 'ଜୀବନଚକ୍ର' ବିଷୟରେ ଆଲୋଚନା କରାଯାଇଛି । ଏଥିରେ ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ କେତେକ ବିଷୟ ଉପସ୍ଥାପନା କରାଯାଇଛି ।

ଗର୍ଭାବସ୍ଥାରେ ମହିଳା ପାଇଁ ବାରଣ, ସାମାଜିକ ଓ ସାଂସ୍କୃତିକ ବିଧିବିଧାନ, ଶିଶୁଜନ୍ମ ସମ୍ବନ୍ଧୀୟ ପ୍ରାକ୍ ସୂଚନା, ପ୍ରସୂତୀ ପାଇଁ ବାରଣ, ଧାଇବୁଢୀର ଭୂମିକା, ଷଠିଆରି, ନାମକରଣ, ଶିଶୁର ଯତ୍ନ, କାନଫୋଡା, ନାକଫୋଡା, ମନୁଷ୍ୟର ବିଭିନ୍ନ ଅବସ୍ଥା: ଶୈଶବ, କୈଶୋର, ଯୌବନ, ବିବାହ, ବିବାହ ପଦ୍ଧତି, କନ୍ୟାସୁନା, ବିଭିନ୍ନ ପ୍ରକାରର ବିବାହ, ବାର୍ଦ୍ଧକ୍ୟ, ଜରା, ମୃତ୍ୟୁ, ଶବସଂସ୍କାର ଇତ୍ୟାଦି ବିଷୟ ଉଲ୍ଲିଖିତ ହୋଇଛି । ପରବର୍ତ୍ତୀ ଅଧ୍ୟାୟଟି 'ଅର୍ଥନୈତିକ ସଂଗଠନ' ଉପରେ ପର୍ଯ୍ୟବେଶିତ । ଏଥିରେ ଜଙ୍ଗଲ ଓ ଅର୍ଥନୀତି, ଜଙ୍ଗଲରୁ କାଠ, ମହୁ, ଝୁଣା, ଫୁଲ, ଫଳ, ପତ୍ର, କନ୍ଦା, ଛତୁଶାଗ ଇତ୍ୟାଦିର ସଂଗ୍ରହ ପଦ୍ଧତି, ବ୍ୟବହାର, ସଂରକ୍ଷଣ ପଦ୍ଧତି, ଶିକାର, ଶିକାର କ୍ଷେତ୍ରରେ ବ୍ୟବହୃତ ଉପକରଣ, ବିଭିନ୍ନ ପ୍ରକାର ଶିକାର, ଶିକାର ସଂମ୍ପୃକ୍ତ ପୂଜାବିଧି, ଶିକାର କରିବା ଉପାୟ, ଶିକାର ସମ୍ପୃକ୍ତ ଶୁଭ ଓ ଅଶୁଭ ଇତ୍ୟାଦି ବିଷୟ ଲିଖିତ । ଏହା ସହିତ ମାଛ ଧରିବା ପ୍ରଣାଳୀ, ଶ୍ରମ ବିଭାଜନ, ବସ୍ତୁ ସଂସ୍କୃତି, ପଶୁପାଳନ, ଆୟର ଉତ୍ସ, ବ୍ୟୟ, ସଞ୍ଚୟ, କରଜ ବିଷୟ ଉଲ୍ଲିଖିତ । ଏତଦ୍‌ବ୍ୟତୀତ ଖାଦ୍ୟ ଓ ଖାଦ୍ୟ ସମ୍ଭାଦନ ପକ୍ରିୟା, ବିଭିନ୍ନ ପ୍ରକାରର ଖାଦ୍ୟ, ଖାଦ୍ୟର ଉପାଦେୟତା, ପାନୀୟ, ବିଭିନ୍ନ ପ୍ରକାର ପାନୀୟ, ପାନୀୟର ପ୍ରସ୍ତୁତି ପ୍ରଣାଳୀ, ଉପାଦେୟତା, ତଥା ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ବିଭାଜନ ବିଷୟ ବର୍ଣ୍ଣିତ ହୋଇଛି । 'ସାମାଜିକ ସଂଗଠନ' ବିଷୟଟି ଚତୁର୍ଥ ଅଧ୍ୟାୟରେ ସ୍ଥାନୀତ । ଏହି ଅଧ୍ୟାୟରେ ପରିବାର, ବଂଶ, ଗୋତ୍ର ମଧ୍ୟରେ ସମ୍ପର୍କ, ସମ୍ପର୍କର ବିଭିନ୍ନ ସ୍ତର ଇତ୍ୟାଦି ବିଷୟ ଲିଖିତ । ସାମାଜିକ ବିଶୃଙ୍ଖଳା, ବିଭିନ୍ନ ଲୋକଙ୍କ ସାମାଜିକ ସ୍ଥିତି, ଇତ୍ୟାଦି ବିଷୟ ଏହି ଅଧ୍ୟାୟରେ ସବିଶେଷ ଆଲୋଚିତ ହୋଇଛି । ପରବର୍ତ୍ତୀ ଅଧ୍ୟାୟରେ 'ରାଜନୈତିକ ସଂଗଠନ' ବିଷୟଟି ଉପସ୍ଥାପନ କରାଯାଇଛି । ଏହି ଅଧ୍ୟାୟରେ ପାରମ୍ପରିକ ଗ୍ରାମସଭା (ପଞ୍ଚ)ର ଗଠନ, କାର୍ଯ୍ୟ, ଗ୍ରାମସଭା ସଦସ୍ୟମାନଙ୍କର କାର୍ଯ୍ୟକଳାପ, ପଞ୍ଚରେ ଆଲୋଚନା, ନିଷ୍ପତ୍ତି ଓ ନ୍ୟାୟ ଘୋଷଣା ପଦ୍ଧତି, ବିଭିନ୍ନ ପ୍ରକାର ଦଣ୍ଡ; ଶାରୀରିକ, ଆର୍ଥିକ, ସାମାଜିକ, ଶପଥପାଠ, ପଞ୍ଚରେ ବିଚାର କରାଯାଉଥିବା ମାମଲା, ଆଧୁନିକ ପଞ୍ଚାୟତିରାଜ୍ ବ୍ୟବସ୍ଥା, ପାରମ୍ପରିକ ଗ୍ରାମସଭା ଓ ଥାନା ଇତ୍ୟାଦି ବିଷୟ ଉଲ୍ଲିଖିତ । ଷଷ୍ଠ ଅଧ୍ୟାୟରେ 'ଯାଦୁବିଦ୍ୟା ଓ ଧର୍ମ' ବିଷୟଟି ସ୍ଥାନ ପାଇଛି । ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ ହିସାବରେ ପରିବାର ସ୍ତରରେ ପରିବାର ମୁଖ୍ୟ, ଗ୍ରାମସ୍ତରରେ ଦେହୁରୀ , ଗୁଣିଆ ଇତ୍ୟାଦିଙ୍କ କାର୍ଯ୍ୟକଳାପ, ଏମାନଙ୍କ ପ୍ରତି ଲୋକମାନଙ୍କ ମନୋଭାବ, ସମାଜ ଉପରେ ଗୁଣିଗାରେଡ଼ିର ପ୍ରଭାବ, ବିଭିନ୍ନ ଅଲୌକିକ ସତ୍ତା, ଗ୍ରାମ ବନ୍ଧନ ପଦ୍ଧତି, ବିଭିନ୍ନ ପ୍ରକାର ପୂଜା ଓ ପର୍ବପର୍ବାଣୀ ଇତ୍ୟାଦି ବିଷୟ ଏଥିରେ ପର୍ଯ୍ୟବେଶିତ ।

ପରବର୍ତ୍ତୀ ସପ୍ତମ ଅଧ୍ୟାୟରେ 'ରାଜୁଆର୍ ମହିଳା' ବିଷୟଟି ରହିଛି । ଏଥିରେ ବିଭିନ୍ନ ଅବସ୍ଥାରେ ଜଣେ ମହିଳାର ଭୂମିକା, ସାମାଜିକ ଅବସ୍ଥା, କେତେକ କ୍ଷେତ୍ରରେ ମହିଳା ପାଇଁ ବାରଣ, ବିଭିନ୍ନ କ୍ଷେତ୍ରରେ ମହିଳାର ଭୂମିକା ଇତ୍ୟାଦି ସମ୍ପର୍କରେ ସବିଶେଷ ବର୍ଣ୍ଣନା କରାଯାଇଛି । 'ଲୋକ ପରମ୍ପରା' ବିଷୟଟି ଅଷ୍ଟମ ଅଧ୍ୟାୟରେ ସ୍ଥାନୀତ । ଏହି ଅଧ୍ୟାୟରେ ପରମ୍ପରାକୁ ଭିତ୍ତି କରି ବିବିଧ ବିଷୟ ଉପସ୍ଥାପନ କରାଯାଇଛି । ପରବର୍ତ୍ତୀ ନବମ ଅଧ୍ୟାୟରେ 'ସମସ୍ୟା' ବିଷୟଟିକୁ ସ୍ଥାନ ଦିଆଯାଇଛି । ଏଥିରେ ରାଜୁଆର୍‌ମାନଙ୍କର ବିବିଧ ସମସ୍ୟା: ପାରିପାର୍ଶ୍ୱିକ, ବସତି, ଗୃହ, ପାନୀୟଜଳ, ପୋଡୁଚାଷ, ଜଙ୍ଗଲ ଉଚ୍ଛେଦୀକରଣ, ପଶୁବଳୀ, ବାୟୁ ପ୍ରଦୂଷଣ ଇତ୍ୟାଦି ବିଷୟ ଉଲ୍ଲିଖିତ ହୋଇଛି । ଏଥି ସହିତ ସାମାଜିକ, ଅର୍ଥନୈତିକ ଧର୍ମ ସଂକ୍ରାନ୍ତୀୟ, ରାଜନୈତିକ, ନାରୀ ସମସ୍ୟା ଇତ୍ୟାଦି ଏଥିରେ ସନ୍ନିବେଶିତ ହୋଇଛି । ଦଶମ ଅଧ୍ୟାୟରେ 'ଉନ୍ନୟନ କାର୍ଯ୍ୟକ୍ରମ' ବିଷୟଟି ସ୍ଥାନ ପାଇଛି । ବିବିଧ ଉନ୍ନୟନ କାର୍ଯ୍ୟକ୍ରମ ମଧ୍ୟରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପଶୁପାଳନ, ପାନୀୟଜଳ, ମତ୍ସ୍ୟଚାଷ, ତଥା ସରକାରଙ୍କ ବିବିଧ ଯୋଜନାର ରୂପରେଖ ଏହି ଅଧ୍ୟାୟରେ ପ୍ରଦାନ କରାଯାଇଛି । ଏକାଦଶ ବା ଅନ୍ତିମ ଅଧ୍ୟାୟରେ 'ପରିବର୍ତ୍ତନ' ଶୀର୍ଷକ ବିଷୟଟି ସ୍ଥାନ ପାଇଛି । ରାଜୁଆର୍‌ମାନଙ୍କର ବିଭିନ୍ନ କ୍ଷେତ୍ରରେ ପରିଲିକ୍ଷିତ ହୋଇଥିବା ପରିବର୍ତ୍ତନକୁ ବିଶେଷ ଭାବରେ ବର୍ଣ୍ଣନା କରାଯାଇଛି । ସାମାଜିକ, ଅର୍ଥନୈତିକ, ରାଜନୈତିକ, ଧର୍ମୀୟ, ମୂଲ୍ୟବୋଧ ଇତ୍ୟାଦି କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନ ବିଷୟକୁ ଯଥାଯଥ ଉପସ୍ଥାପନ କରିବାକୁ ପ୍ରୟାସ କରାଯାଇଛି ।

■■■

ରାଜୁଆର୍ ପରିଚିତି

ଉତ୍ପତ୍ତି :

ରାଜୁଆର୍‌ଙ୍କ ଉତ୍ପତ୍ତି ବା ସୃଷ୍ଟି ସମ୍ବନ୍ଧୀୟ କିମ୍ବଦନ୍ତୀଟି ଏହିପରି: ଭଗବାନଙ୍କର ସୃଷ୍ଟି ବଡ ବିଚିତ୍ର। ସୃଷ୍ଟି ସର୍ଜନାରେ ଭଗବାନ ଅନେକ ପ୍ରକାରର ଜୀବଜନ୍ତୁ ସୃଷ୍ଟି କଲେ। ଭଗବାନଙ୍କ ସୃଷ୍ଟିରେ ଦୁଇଟି ନାଗସାପ (ନାଗ ଓ ନାଗୁଣୀ) ଜନ୍ମ ହେଲେ। କିଛିଦିନ ପରେ ନାଗୁଣୀ ଦୁଇଟି ଅଣ୍ଡା ଦେଲା। ଅଣ୍ଡା ମଧ୍ୟରୁ ଦୁଇଟି ମଣିଷ ଛୁଆ ବାହାରିଲେ। ସେ ମଧ୍ୟରୁ ଗୋଟିଏ ପୁଅ ଓ ଅନ୍ୟଟି ଝିଅ ଥିଲା। ନାଗ ଓ ନାଗୁଣୀ ସେ ଦୁହିଁଙ୍କୁ ଜଙ୍ଗଲରେ ଛାଡି ଅନ୍ୟତ୍ର ଚାଲିଗଲେ। ଜଙ୍ଗଲରୁ ବିଭିନ୍ନ ଫଳମୂଳ ଖାଇ ଆସ୍ତେ ଆସ୍ତେ ସେମାନେ ବଡ ହେବାକୁ ଲାଗିଲେ। ଜଙ୍ଗଲ ମଧ୍ୟରେ ସେମାନେ ଭାଇ ଓ ଭଉଣୀ ହୋଇ କିଛି ବର୍ଷ ରହିଲେ। ସଂସାର ବୃଦ୍ଧି କରିବା ପାଇଁ ଭଗବାନ ଚିନ୍ତା କଲେ। ଭାଇ ଓ ଭଉଣୀଙ୍କ ମଧ୍ୟରେ ଦୈହିକ ସଂପର୍କ ପ୍ରତିଷ୍ଠା କରାଇବା ପାଇଁ ଭଗବାନ ସେ ଦୁହିଁଙ୍କୁ ଦୁଇଟି ବିଷଫଳ ଖାଇବାକୁ ଦେଲେ। ମିଠା ଫଳ ଭାବି ଭାଇ ଓ ଭଉଣୀ ସେହି ଫଳ ଦୁଇଟିକୁ ଭକ୍ଷଣ କଲେ। କିଛି କ୍ଷଣ ପରେ ସେ ଦୁହିଁଙ୍କୁ ନିଶା ଘାରିଲା। ହିତାହିତ ଜ୍ଞାନ ହରାଇବାରୁ ଦୁହିଁଙ୍କ ମଧ୍ୟରେ ଦୈହିକ ସଂପର୍କ ସୃଷ୍ଟି ହେଲା। କିଛି ଦିନ ପରେ ଝିଅ ଗର୍ଭବତୀ ହେଲା। ତା'ର ଗର୍ଭରୁ ଦୁଇଟି ସନ୍ତାନ ଜନ୍ମ ହେଲେ। ଦୁଇ ସନ୍ତାନ ମଧ୍ୟରୁ ଗୋଟିଏ ପୁଅ ଓ ଅନ୍ୟଟି ଝିଅ ଥିଲା। ସେମାନେ ଚାରିଜଣ ହୋଇଗଲେ। ଭଗବାନଙ୍କର ଲୀଳା ଅନବରତ ଚାଲିଥାଏ। ଜନ୍ମିତ ଭାଇ ଓ ଭଉଣୀ ଆସ୍ତେ ଆସ୍ତେ ବଡ ହେବାକୁ ଲାଗିଲେ । ଜଙ୍ଗଲର ଫଳମୂଳ ଖାଇ ସେମାନେ ବଞ୍ଚି ରହିଲେ। ଏ ଦୁଇ ଭାଇ ଓ ଭଉଣୀଙ୍କ ମଧ୍ୟରେ ଭଗବାନ ସୃଷ୍ଟି ବୃଦ୍ଧି ନିମନ୍ତେ ପୁନଶ୍ଚ ଦୈହିକ ସଂପର୍କ ସ୍ଥାପନ କରାଇଲେ । ସେତେବେଳେ ତ ଚାଷବାସର ସୁବିଧା କିଛି ନ ଥିଲା। ତେଣୁ କେତେ ଦିନ ଧରି ଜଙ୍ଗଲରେ ବସବାସ କରିବା ବୋଲି ସେମାନଙ୍କ ମଧ୍ୟରେ ଏକ ପ୍ରଶ୍ନ ଉଙ୍କି ମାରିଲା। ଆମ ଭଳି ଆଉ କ'ଣ କେହି ନାହାନ୍ତି ? ଏହିଭଳି ଚିନ୍ତାକରି ସେମାନେ କୌଣସି ଏକ ଦିନରେ ଜଙ୍ଗଲରୁ ବାହାରି ଆସିଲେ। ବାହାରି ଆସି ଅଳ୍ପ ଦୂରରେ ଗୋଟିଏ କୁଡିଆ ଘର ରହିଥିବାର ଦେଖିବାକୁ ପାଇଲେ। କୁଡିଆ ନିକଟକୁ ଆସି କେତେଜଣ ମଣିଷଙ୍କୁ ଦେଖିଲେ। ମନେ ମନେ ସେହିଠାରେ ରହିବା ପାଇଁ ସେମାନେ ସ୍ଥିର କଲେ ଏବଂ ସେହି ଲୋକମାନଙ୍କ ସାଙ୍ଗରେ ମିଶିକରି

ରହିଲେ। ନାଗ ଓ ନାଗୁଣୀ ସେହି ସ୍ଥାନରେ ପୂର୍ବରୁ ରହିଥିଲେ ବୋଲି ସେହି ସ୍ଥାନର ନାମ ନାଗପୁର ହୋଇଥିଲା। ନାଗ ଓ ନାଗୁଣୀଠାରୁ ସୃଷ୍ଟ ଏହି ପୁଅଝିଅମାନେ ଏହି ଅଞ୍ଚଳରେ ଅନ୍ୟମାନଙ୍କ ସହିତ ସାଥି ହୋଇ ରହିଲେ । କାଳକ୍ରମେ ସେ ଦୁହେଁ ସ୍ୱାମୀ ସ୍ତ୍ରୀ ସଂପର୍କରେ ବାନ୍ଧି ହୋଇ ନାଗପୁରର ରାଜା ଓ ରାଣୀ ହେଲେ । ଆସ୍ତେ ଆସ୍ତେ ସେମାନଙ୍କର ବଂଶ ବଢ଼ିବାକୁ ଲାଗିଲା। କିଏ କେଉଁଆଡେ ରହିଲେ ତାହାର କିଛି ସ୍ଥିରତା ରହିଲା ନାହିଁ । ଅଧିକାଂଶ ଲୋକ ନାଗପୁର ଛାଡି ଅନ୍ୟତ୍ର ଚାଲି ଆସିଲେ। ଅନେକ ଦିନ ଅନାହାରରେ ଲୋକମାନେ ରହୁଥିଲେ। ଏହିପରି ଦୁଇଜଣ ବୁଢାବୁଢୀ ଚାଲିଆସି ଗୋଟିଏ ଗାଁରେ ପହଞ୍ଚିଲେ । ସେଠାରେ ସେମାନଙ୍କ କାମ ଦେଖି ରାଜା ତାଙ୍କ ଉପରେ ଅତ୍ୟନ୍ତ ପ୍ରୀତ ହେଲେ। ସେହି ଲୋକମାନଙ୍କୁ ଭଲ ଲୋକ ବୋଲି ଭାବିଲେ । ସେମାନଙ୍କ ଜନ୍ମ ସଂପର୍କରେ ତାଙ୍କୁ ପଚାରିଲେ । ରାଜା ପଚାରିବାରୁ ସେମାନେ 'ନାଗବଂଶ'ରୁ ସୃଷ୍ଟ ବୋଲି ରାଜାଙ୍କୁ ଉତ୍ତର ଦେଲେ। ରାଜା ସେହି ପୁରୁଷ ଲୋକକୁ ପ୍ରତ୍ୟେକ କାମରେ ଡକାହକା କଲେ। ରାଜାଙ୍କ ନିର୍ଦ୍ଦେଶ ଅନୁସାରେ ସେ ଅନ୍ୟକାମ କରିବାକୁ ରାଜିହେଲା। ପ୍ରତିଦିନ ଖୁସିରେ ସବୁକାମ କଲା। ଆସ୍ତେ ଆସ୍ତେ ସେ ରାଜାଙ୍କର ଭଲମନ୍ଦ ବୁଝିଲା। ରାଜାଙ୍କର ଅତି ଆପଣାର ହୋଇଗଲା। ରାଜା ତାଙ୍କ ଉପରେ ଅତ୍ୟନ୍ତ ଖୁସି ହୋଇ ନିଜର ଗୁମାସ୍ତା ହିସାବରେ କାର୍ଯ୍ୟ କରାଇଲେ। ସେ ମଧ୍ୟ ରାଜି ହୋଇ ରାଜାଙ୍କ ସମସ୍ତ ପ୍ରକାର କାର୍ଯ୍ୟ କଲା। ବିନା ଦ୍ୱିଧାରେ ରାଜାଙ୍କର ଆଦେଶ ପାଳନ କରି ଚଳିଲା। ଗୁମାସ୍ତା ହୋଇ ରାଜାଙ୍କ ପାଖେ ପାଖେ ସବୁବେଳେ ରହିଲା । ରାଜା ଯେଉଁ ଅଞ୍ଚଳକୁ ହାତୀରେ ଚଢ଼ି ଯାଉଥିଲେ ଗୁମାସ୍ତା ହୋଇ ସେ ସେହି ଅଞ୍ଚଳକୁ ଘୋଡାରେ ଚଢ଼ି ଯାଉଥିଲେ। ନାଗପୁରରେ ନାଗ ଓ ନାଗୁଣୀଙ୍କ ଠାରୁ ସୃଷ୍ଟି ହୋଇଥିବା ଯୋଗୁଁ ଏହାଙ୍କୁ ନାଗବଂଶୀ ବୋଲି କୁହାଯାଉଥିଲା। ସେହିଭଳି ରାଜାଙ୍କର ଗାଈଗୋରୁ ଜଗୁଥିବାରୁ ଲୋକେ 'ବଗାଳ' ବୋଲି ଡାକିଲେ । ରାଜ ଉଆସରେ ରହି ଭୂୟାଁ ରାଜାଙ୍କର ଅନୁଗତ ହୋଇ କାର୍ଯ୍ୟ କରିଥିବାରୁ ଲୋକେ ତାଙ୍କୁ 'ରାଜୁଆର୍' ବୋଲି କହିଲେ। ରାଜା ମଧ୍ୟ 'ରାଜୁଆର୍' ବୋଲି କହିଥାଆନ୍ତି। ସେହି ଦିନଠାରୁ ଏହି ବଗାଳ 'ରାଜୁଆର୍' ଭାବେ ପରିଚିତ ହେଲେ।

ନାମକରଣ :

କ୍ଷେତ୍ର ଅଧ୍ୟୟନ ସମୟରେ ମୟୁରଭଞ୍ଜ ଜିଲ୍ଲାର ଖୁଣ୍ଟା ବ୍ଲକ୍ ଅଧିନସ୍ଥ ବାସୀପିଠା ଗ୍ରାମପଞ୍ଚାୟତର କମଳୀ ଗ୍ରାମ ଓ ଏହାର ସନ୍ନିକଟ ଗ୍ରାମଗୁଡ଼ିକୁ ନିଆଯାଇଥିବାରୁ ତଦଅନୁସାରେ ରାଜୁଆର୍ ଜନଜାତି ଉପରେ ଆଲୋଚନା ପର୍ଯ୍ୟବେସିତ ।

ରାଜୁଆର୍‌ମାନେ ବସବାସ କରୁଥିବା ଗ୍ରାମମାନଙ୍କରେ ଭୂୟାଁ, ଭୂମିଜ, ଚଷା, କରଣ ପ୍ରମୁଖ ଗୋଷ୍ଠୀ ପ୍ରଧାନ। ଏଠାରେ ରାଜୁଆର୍ ସଂପ୍ରଦାୟ ଅନ୍ୟ ସଂପ୍ରଦାୟ ଲୋକମାନଙ୍କ ଠାରୁ ଅଧିକ ସଂଖ୍ୟାରେ ଦେଖା ଯାଆନ୍ତି। ପଡୋଶୀମାନେ ଏମାନଙ୍କୁ 'ବଗାଳ' ବୋଲି କହିଥାଆନ୍ତି। ବିଶେଷତଃ ଚୁଡା ବିକ୍ରି କରିବା ବଗାଳମାନଙ୍କର ମୁଖ୍ୟ ଜୀବିକା। 'ଚୁଡାବାଲା', ଚୁଡା ବ୍ୟବସାୟୀ ଓ ଚୁଡା ବିକାଳି ହିସାବରେ ମଧ୍ୟ ଏମାନେ ସୁପରିଚିତ। ଗ୍ରାମ ଗ୍ରାମ ବୁଲି ଏପରିକି ବାରିପଦାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଯାଇ ଏମାନେ ଏମାନଙ୍କର ଚୁଡା ବ୍ୟବସାୟ ଖୁବ୍ ଭଲ ଭାବରେ ଚଳାଇଥାଆନ୍ତି। ପୁରୁଷାନୁକ୍ରମେ ଏମାନେ କାଠ ଢିଙ୍କିରେ ଧାନକୁଟି ଚୁଡା ପ୍ରସ୍ତୁତ କରିଥାଆନ୍ତି। ସେହି ଅଞ୍ଚଳରେ କେହି ବ୍ୟକ୍ତି ଚୁଡା ଧରି ବିକ୍ରି ପାଇଁ ଡାକ ଛାଡିବା ବେଳେ 'ବଗାଳ' ଲୋକ ଚୁଡାଧରି ଆସିଛନ୍ତି ବୋଲି ଅନ୍ୟ ଲୋକମାନେ ସହଜରେ ଜାଣି ପାରନ୍ତି। ବର୍ତ୍ତମାନ ସେମାନେ ଆଉ ଢିଙ୍କିରେ ଚୁଡା ନ କୁଟି ଅନ୍ୟ ବଡ ବ୍ୟବସାୟୀଙ୍କଠାରୁ ବସ୍ତା ବସ୍ତା ଚୁଡା କ୍ରୟ କରିଥାଆନ୍ତି। ଚୁଡା ବିକ୍ରି କରି ମହାଜନଙ୍କୁ ତା'ର ପାଉଣା ଦେଇଥାଆନ୍ତି। ଚୁଡା ବିକ୍ରୟ କରୁଥିବା ଲୋକମାନେ ହିଁ 'ବଗାଳ' ଜାତିର ଲୋକ ବୋଲି ପଡୋଶୀ ଗୋଷ୍ଠୀମାନେ ମତ ଦେଇଥାଆନ୍ତି।

ବିସ୍ତୃତି :

ଓଡିଶାର ମୟୂରଭଂଜ ଓ ବାଲେଶ୍ୱର ଜିଲ୍ଲାରେ 'ରାଜୁଆର୍' ଜନଜାତି ଦେଖାଯାଆନ୍ତି। ଓଡିଶା ଛଡ଼ା ପଡୋଶୀ ପ୍ରଦେଶ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ମଧ୍ୟ ଏମାନଙ୍କର ବିସ୍ତୃତି ଥିବାର ଜଣାଯାଏ। ବିଶେଷତଃ ମୟୂରଭଂଜ ଜିଲ୍ଲାର ଖୁଣ୍ଟା ବ୍ଲକ୍ ଅଧିନରେ ଥିବା କମଳୀ, ଟାଙ୍ଗଣା, ଭୁପଡ୍ ଓ ଜଳଘେରା ଗ୍ରାମଗୁଡିକରେ ଏହି 'ରାଜୁଆର' ଜନଜାତି ବସବାସ କରୁଥିବାବେଳେ ବିଜାତଳା ବ୍ଲକ୍ ଅଧିନରେ ଥିବା ଅସ୍ନା, ଆମ୍ବଡିହା, କାଲାଝରୀ, ଜାମ୍‌ଦା ଓ ରାଇରଙ୍ଗପୁର ବ୍ଲକ୍ ଅଧିନରେ ମଧ୍ୟ ଏହି ସ୍ୱଳ୍ପଜ୍ଞାତ ଜନଜାତି ଗୋଷ୍ଠୀ ବସବାସ କରିଥାଆନ୍ତି। ଖୁଣ୍ଟା ଓ ବିଜାତଳା ବ୍ଲକ୍ ଅଧିନରେ ଥିବା ଗ୍ରାମଗୁଡିକରେ ବସବାସ କରୁଥିବା 'ରାଜୁଆର' ଜନଜାତିମାନେ ମୂଳ ରାଜୁଆର ଭାଷାରେ କଥାବର୍ତ୍ତା ସହ ଓଡିଆ ଭାଷାରେ ମଧ୍ୟ ପ୍ରାଞ୍ଜଳ ଭାବରେ ଭାବ ବିନିମୟ କରିଥାଆନ୍ତି। ମୟୂରଭଞ୍ଜର ଅନ୍ୟତମ ବ୍ଲକ୍ ରାସଗୋବିନ୍ଦପୁର ଅଧିନରେ ଥିବା ଏକତାଳି, ତୋଟାପଡା, ସାତ୍‌ଶଗଡିଆ, ପଚାଗଡିଆ, ମାଣିକପୁର, ପାଇକସାହି, ବନ୍‌ସାଇ, ପତରଝଡା, ଭୈରଙ୍ଗୀ, ଅସନ୍‌ଖାଲି,

ବସ୍ତାଖୁଣ୍ଟା, ଧୁନାମାରୀ ଓ ହାତୀଗଡ଼ ଗ୍ରାମଗୁଡକରେ 'ରାଜୁଆର୍' (ବଗାଳ)ମାନେ ବସବାସ କରୁଥିବାର ସୂଚନା ମିଳେ। ପରନ୍ତୁ ଏମାନେ ମୂଳ ରାଜୁଆର୍‌ଠାରୁ ଟିକିଏ ଭିନ୍ନ। ଏମାନଙ୍କର ଭାଷାର ବଙ୍ଗଳା ଭାଷା ସହିତ ସାମଞ୍ଜସ୍ୟ ରହିଥିବାର ଜଣାଯାଏ। ଏମାନେ ବଙ୍ଗଳାଭାଷାକୁ ପ୍ରାଧାନ୍ୟ ଦେଇଥାଆନ୍ତି। ବାଲେଶ୍ୱର ଜିଲ୍ଲାର ଖପ୍‌ରାପଦା ଓ ଶୋଭାରମପୁର ଅଞ୍ଚଳରେ ମଧ୍ୟ 'ରାଜୁଆର୍' (ବଗାଳ) ଗୋଷ୍ଠୀ ବସବାସ କରୁଥିବାର ଜଣାଯାଏ।

ଖୁଣ୍ଟା ବ୍ଲକ୍‌ଠାରୁ ବାରିପଦା ଅଭିମୁଖେ ଛଅ କିଲୋମିଟର ପରେ ବାସୀପିଠା ଛକ ପଡେ । ବାସୀପୀଠା ଛକଠାରୁ ମୁଖ୍ୟ ପିଚୁ ରାସ୍ତା ଦେଇ ପ୍ରାୟ ଦୁଇ କି.ମି ବାରିପଦା ରାସ୍ତା ଅଭିମୁଖେ ଆସିଲେ 'ଜଡାବଣୀ' ଛକ ପଡିଥାଏ । ସେହି ଛକରୁ ପଶ୍ଚିମାଭିମୁଖୀ ହୋଇ ରାସ୍ତାର ଉତ୍ତର ମୋଡଦେଇ ପ୍ରାୟ ଏକ କି.ମି ଆସିଲେ 'କମଳୀ' ଗ୍ରାମ ଦୃଷ୍ଟିଗୋଚର ହୋଇଥାଏ। ଜଡାବଣୀ ଛକଠାରୁ ଅଧା କିଲୋମିଟର ଆଗକୁ ଗଲେ 'ମୂରାଲୀ' ଗ୍ରାମ ପଡେ। ମୁରାଲୀ ଗ୍ରାମ ଅତିକ୍ରମ କରି ସାରିବା ପରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ 'ସେବାଶ୍ରମ' କମଳୀ ଗ୍ରାମର ଆରମ୍ଭରେ ରହିଛି। ଏହି ସେବାଶ୍ରମରେ ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ରହିଛି। ନିକଟତମ ଗ୍ରାମଗୁଡିକର ଛାତ୍ରଛାତ୍ରୀ ଏହି ସେବାଶ୍ରମରେ ଶିକ୍ଷା ଗ୍ରହଣ କରିଥାଆନ୍ତି। ଗ୍ରାମର ମୁଖ୍ୟରାସ୍ତାଟି ମୋରମରେ ତିଆରି ହୋଇଛି। ମୁଖ୍ୟ ରାସ୍ତାଠାରୁ ଅଳ୍ପ ଦୂରର ଉତ୍ତରକୁ ଆସିଲେ 'ରାଜୁଆର୍' (ବଗାଳ) ସାହି ପଡେ। ଉକ୍ତ ଗ୍ରାମର ମୋଟ୍ ପରିବାର ସଂଖ୍ୟା ଦୁଇଶହ ନଅ।

କମଳୀ ଗ୍ରାମର ପୂର୍ବଦିଗରେ ବିସ୍ତୀର୍ଣ୍ଣ ପଡିଆ ରହିଛି। ପଡିଆର ଆରମ୍ଭରେ ଦୁଇଟି ବଡ ଝଙ୍କାଳିଆ ତେନ୍ତୁଳି ଗଛ ଅଛି। ପଡିଆକୁ ଲାଗି ରହିଛି ଏକ ଛୋଟ ଆମ୍ବତୋଟା। ଗ୍ରାମର ପଶ୍ଚିମ ଦିଗରେ ବନ ବିଭାଗ ଓଡିଶା ସରକାରଙ୍କ ଦ୍ୱାରା ୟୁକାଲପଟାଶ ଓ ଆକାଶିଆ ବୃକ୍ଷ ସମାହାରରେ ଏକ ନୂତନ ଜଙ୍ଗଲ ସୃଷ୍ଟି ହୋଇଛି। ଗ୍ରାମର ଅଳ୍ପ ଦୂରରେ ଏକ କ୍ଷୁଦ୍ର ନଦୀ 'ଅରୀକୂଳ' ବହିଯାଉଛି। ଏହି ନଦୀ ଶିମିଳିପାଳରୁ ବାହାରି କଣ୍ଢାଗଡିରେ ବନ୍ଧ ହୋଇ କମଳୀ ଗ୍ରାମ ପାର୍ଶ୍ୱ ଦେଇ ବହିଯାଇଛି। ପୁନଃ ଏକ ଝଙ୍କାଳିଆ ବରଗଛ ମୂଳରେ ଗ୍ରାମଦେବତୀ 'ମହିଷାଶୂରୀ'ଙ୍କ ପୀଠ ରହିଛି। ଗ୍ରାମଦେବତା 'ବଇଛାବୁଢ଼ା'ଙ୍କ ପୀଠସ୍ଥଳୀ ମଧ୍ୟ ଏକ ବାହାଡାଗଛ ମୂଳରେ ଅବସ୍ଥିତ। ଗ୍ରାମର ଉତ୍ତର ଦିଗରେ କଣ୍ଢାଗଡିରୁ ଆସିଥିବା ଏକ କେନାଲ ଏଇ ଗାଁ ବାଟଦେଇ ବହିଯାଇଛି। ଏହି କେନାଲରେ ବର୍ଷାଦିନେ

ପ୍ରଚୁର ପାଣିଥିବା ସତ୍ତେ ଖରାଦିନେ ଆଦୌ ପାଣି ରହିନଥାଏ। ଫଳରେ ଲୋକମାନେ ଜଳ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ବିଶେଷତଃ ଚାଷ ପାଇଁ ଅସୁବିଧା ହୋଇଥାଏ। ଗ୍ରାମର ଦକ୍ଷିଣ ଦିଗରେ ଚାଷଜମି ରହିଛି। ବର୍ଷକ ମଧ୍ୟରେ କେବଳ ଥରେ ବତୁରୀ ଚାଷ ହୁଏ। ଗ୍ରାମର ଉତ୍ତର ଭାଗରେ ଦୁଇଟି ପୋଖରୀ ରହିଛି। ଏହି ପୋଖରୀରେ ଲୋକମାନେ ଗାଧୋଇବା ସହ ପୋଷାକ ପତ୍ର ସଫାସୁତୁରା କରିଥାଆନ୍ତି। ଗ୍ରାମକୁ ଲାଗି ମହାଦେବ ମନ୍ଦିର ଓ ମଙ୍ଗଳା ମନ୍ଦିର ରହିଛି।

କମଳୀ ଗ୍ରାମଠାରୁ କିଛି ଦୂରରେ ଶିମିଳିପାଳ ଅଭୟାରଣ୍ୟ ରହିଛି। ବାସୀପିଠାର ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର ଅନ୍ୟତମ ଐତିହାସିକ ସ୍ଥାନ ରୂପେ ପରିଗଣିତ। ପ୍ରତିବର୍ଷ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ହୋଇଥାଏ। କମଳୀ ଗ୍ରାମର ଗ୍ରାମଦେବତୀ ମା' ମହିଷାଶୂରୀଙ୍କ ପୀଠରେ ପ୍ରତିବର୍ଷ ପୌଷ ମାସର ଶେଷଭାଗ କିମ୍ବା ମାଘ ମାସର ଆରମ୍ଭରେ ମକର ମେଳା ହୁଏ ଯାହାକି ଏ ଅଞ୍ଚଳର ଶ୍ରେଷ୍ଠ ଯାତ୍ରା ବୋଲି ପରିଚିତ। ଏହି ମେଳାରେ ସଂଖ୍ୟାଧିକ ଜନସମାଗମ ହୋଇଥାଏ ବୋଲି ସ୍ଥାନୀୟ ଲୋକମାନେ ମତବ୍ୟକ୍ତ କରିଥାଆନ୍ତି। ଦୀର୍ଘ ଆଠ ଦିନ ଧରି ନାଚ, ଗୀତ, ଖେଳ ତଥା ମଉଜମଜଲିସରେ ସେମାନେ ଏହି ପର୍ବକୁ ପାଳନ କରିଥାଆନ୍ତି।

ଶିମିଳିପାଳ ଜଙ୍ଗଲ ମଧ୍ୟରେ 'ବରେହିପାଣି' ଜଳପ୍ରପାତ ରହିଛି। ପର୍ଯ୍ୟଟକମାନେ ପରିଦର୍ଶନ ଉଦ୍ଦେଶ୍ୟରେ ବିଶେଷତଃ ଶୀତଋତୁରେ ଏଠାକୁ ଆସିଥାଆନ୍ତି। କମଳୀ ଗ୍ରାମଠାରୁ ଦକ୍ଷିଣ ଦିଗରେ ଚାଳିଶ କିଲୋମିଟର ଦୂରରେ 'ଦେବକୁଣ୍ଡ' ନାମକ ଏକ ପବିତ୍ର ସ୍ଥାନ ରହିଛି। ଏହି ଦେବକୁଣ୍ଡରେ ମୃତବ୍ୟକ୍ତିର ଅସ୍ଥି ବିସର୍ଜନ କଲେ ଉକ୍ତ ବ୍ୟକ୍ତିର ଆତ୍ମା ସ୍ୱର୍ଗପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରାଯାଏ। ଦେବକୁଣ୍ଡରେ ଦେବତାଗଣ ସ୍ନାନ କରୁଥିବାରୁ ଏହାର ନାମ ଦେବକୁଣ୍ଡ ରଖାଯାଇଛି । ଗ୍ରାମର ଦକ୍ଷିଣ-ପୂର୍ବ କୋଣରେ 'ବାରୁଣୀ' ନାମକ ଏକ ସ୍ଥାନ ରହିଛି। ଏହିଠାରେ ଜଳ ମଧ୍ୟରେ ମହାଦେବଙ୍କର ପ୍ରତିମୂର୍ତ୍ତି ରହିଛି । 'ଧର୍ମଗଳି' ନାମକ ଅନ୍ୟ ଏକ ଦର୍ଶନୀୟ ସ୍ଥାନ ମଧ୍ୟ ଏଠାରେ ଅଛି। ମାର୍ଚ୍ଚ ମାସରେ ବାରୁଣୀ ସ୍ନାନ ଦିନ ବହୁ ଲୋକ ଏଠାରେ ଉପସ୍ଥିତ ରହି ବୁଡ ପକାଇଥାଆନ୍ତି। ମହାଦେବଙ୍କର ପୂଜା ପରେ 'ଧର୍ମଗଳି'ରେ ଏପାଖରୁ ସେପାଖକୁ ଗଲେ ମଣିଷର ପାପ ମୋଚନ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି । ଗ୍ରାମର ଉତ୍ତରକୁ ପ୍ରାୟ ଚାଳିଶ କିଲୋମିଟର ଦୂରରେ 'ଲୁଲୁଙ୍ଗ' ନାମକ ଏକ ବନ୍ଧ ରହିଛି। ଏହାର ରମଣୀୟ ପରିବେଶ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିଥାଏ ।

ବାସୀପିଠା ଗ୍ରାମ ପଞ୍ଚାୟତର ସବୁଠାରୁ ବଡଗ୍ରାମ ହେଉଛି କମଳୀ। ଏହି ଗ୍ରାମରେ ରାଜୁଆର୍ (ବଗାଲ) ସମେତ ଭୂୟାଁ, ତନ୍ତୀ, ଭୂମିଜ, କରଣ, ଚଷା, ହରିଜନ ଇତ୍ୟାଦି ସଂପ୍ରଦାୟର ଲୋକମାନେ ବସବାସ କରନ୍ତି । ସଂପୃକ୍ତ ଅଞ୍ଚଳରେ ବିଶେଷତଃ ଚାଷଜମିର ସୁବିଧା ସାଙ୍ଗକୁ ବନଜାତଦ୍ରବ୍ୟ ଉପଲବ୍ଧ ହୋଇଥାଏ। ଚାଷ ସହିତ ଚୁଡା ବିକ୍ରିକରିବା ରାଜୁଆର୍‌ମାନଙ୍କର ମୁଖ୍ୟ ଜୀବିକା ଅଟେ।

ରାଜୁଆର୍ (ବଗାଳ)ମାନଙ୍କର ବସତିରେ ଗୃହଗୁଡିକ ବିଚ୍ଛୁରିତ ଅବସ୍ଥାରେ ତିଆରି। ନଡା ବା କୁଟା ଦ୍ୱାରା ଛପର ହୋଇଥିବା ଘରଗୁଡ଼ିକର ଚାଳ ଗଡାଣିଆ। ପ୍ରତି ଘରକୁ ଲାଗି ଅଣ ଓସାରିଆ ବାରଣ୍ଡା। ଘରର କାନ୍ଥଗୁଡିକ ମାଟିରେ ତିଆରି। ଘରଗୁଡ଼ିକର ଲମ୍ବ ପ୍ରାୟ ପନ୍ଦର ହାତ ଓ ଓସାର ପ୍ରାୟ ସାତ ହାତ ବିଶିଷ୍ଟ ହୋଇଥାଏ । ନାଲିଗୋଡିକୁ ଗୁଣ୍ଡ କରି ସେଥିରେ ପାଣି ମିଶାଇ କାନ୍ଥର ତଳ ଭାଗରୁ ଉପରକୁ ଦୁଇ ଫୁଟ ପର୍ଯ୍ୟନ୍ତ ନାଲିରଙ୍ଗରେ ଲିପିଥାଆନ୍ତି । କାନ୍ଥର ଉପରକୁ ଫିକାଳିଆ ମାଟିରେ ଜଳ ମିଶାଇ ଲିପାଯାଇଥିବାରୁ କାନ୍ଥଟି ସୁନ୍ଦର ଦିଶିଥାଏ । ସାନ୍ତାଳମାନଙ୍କର ଘର କାନ୍ଥର ତଳଭାଗ କଳା ରଙ୍ଗ ହୋଇଥିଲା ବେଳେ ରାଜୁଆର୍ (ବଗାଳ)ମାନଙ୍କର ଘରକାନ୍ଥର ତଳଭାଗ ଲାଲ୍ ରଙ୍ଗ ହୋଇଥାଏ। ଅଧିକାଂଶ ଘର ବାରଣ୍ଡାରେ କାଠର ଢ଼ିଙ୍କି। ସେହି ଢ଼ିଙ୍କି ଦ୍ୱାରା ସେମାନେ ଚୁଡା ସମେତ ଅନ୍ୟାନ୍ୟ ଶସ୍ୟ କୁଟୀଥାନ୍ତି। ଗୃହସଂଲଗ୍ନ ବାଡିକୁ ଅମରି ଗଛ, ବାଉଁଶ ବତା ଦ୍ୱାରା ବାଡ ବାନ୍ଧିଥାନ୍ତି।

ଚୁଡା ବ୍ୟବସାୟ ବ୍ୟତୀତ ଦିନମଜୁରୀ, ଜଙ୍ଗଲରୁ ଜ୍ୱାଳେଣି କାଠ ସଂଗ୍ରହ କରି ଚଳିଥାଆନ୍ତି। ପ୍ରତିଦିନ ସକାଳରୁ ସଂଧ୍ୟା ପର୍ଯ୍ୟନ୍ତ ଅକ୍ଲାନ୍ତ ପରିଶ୍ରମ କରି ଅର୍ଜିତ ଅର୍ଥରେ ପରିବାର ପ୍ରତିପୋଷଣ କରିଥାନ୍ତି। ରାଜୁଆରମାନେ ଅତ୍ୟନ୍ତ ପରିଶ୍ରମୀ ଓ କର୍ମଠପ୍ରର। ବିଭିନ୍ନ କାର୍ଯ୍ୟରେ ସେମାନେ କର୍ମକୁଶଳତାର ପରିଚୟ ଦେଇ କାର୍ଯ୍ୟଟିକୁ ସଂପାଦନ କରିଥାନ୍ତି।

ଓଡ଼ିଶାରେ ରାଜୁଆର୍‌ମାନେ ବସବାସ କରୁଥିବା ଅଞ୍ଚଳରେ ଉଷ୍ମ-ଆର୍ଦ୍ର ଜଳବାୟ ଅନୁଭୂତ ହୋଇଥାଏ। ପ୍ରାୟତଃ ବର୍ଷ ମଧ୍ୟରେ ତିନିଗୋଟି ଋତୁ; ଯଥା: ଗ୍ରୀଷ୍ମ, ବର୍ଷା ଓ ଶୀତ ଅନୁଭୂତ ହୋଇଥାଏ। ବୈଶାଖ ଓ ଜ୍ୟେଷ୍ଠ ମାସରେ ପ୍ରବଳ ଗରମ ଅନୁଭୂତ ହେଉଥିବା ବେଳେ ପୌଷ ଓ ମାଘ ମାସରେ ହାଡଭଙ୍ଗା ଶୀତ ଏବଂ ଆଷାଢ଼, ଶ୍ରାବଣ

ଓ ଭାଦ୍ରବ ମାସରେ ପ୍ରଚୁର ବର୍ଷା ହୋଇଥାଏ। ଋତୁଚକ୍ରର ଅନିୟମିତତା ଯୋଗୁଁ ଠିକ୍ ସମୟରେ ବର୍ଷା ହେଉନଥିବାରୁ, ଦିନକୁ ଦିନ ଜଙ୍ଗଲ ପରିମାଣ ହ୍ରାସ ବର୍ଷା ନ ହେବାର ପ୍ରଧାନ କାରଣ ବୋଲି ସ୍ଥାନୀୟ ଲୋକମାନେ ମତ ଦିଅନ୍ତି।

ରାଜୁଆରମାନେ ବସବାସ କରୁଥିବା ଅଞ୍ଚଳରେ ବିଭିନ୍ନ ପ୍ରକାର ଜଙ୍ଗଲି ବୃକ୍ଷ, ଲତା ଓ ଗୁଳ୍ମ ଦେଖାଯାଏ। ସେଗୁଡ଼ିକ ହେଲା: ମହୁଲ (ମହୁଲ୍), ବାହାଡା (ଠୁଡି), ଶାଳ (ସରଇ), ଜାମୁ (ଜାମ୍), ବର (ବର୍), ଅଶ୍ୱତ୍ଥ (ଜୋଓଳି), ଅସନ (ଆସନ୍), ଗଦ (ଗଦ୍), ହରିଡା (ଅଁଡା), ଶିଆଳି (ଚିହଡ୍), ଖଜୁରୀ (ଖଜୁର୍), ତେନ୍ତୁଳି (ତେନ୍ତେର୍), ଆମ୍ବ (ଆମ୍), ପଣସ (କଠର୍), ପିଜୁଳି (ପେଳା), ନଡିଆ (ନଡ଼ିଆ), କଖାରୁ (କଖୁର୍), ବୋଇତାଳୁ (ବୋଇତାଲ୍), ଲାଉ (ଲଆ), ଜହ୍ନି (ଝିଙ୍ଗା), ତାଳ (ତାଳ୍), କୋଚିଲା (କଚିଲା), ବାଉଁଶ (ବାଁଶ୍), କେନ୍ଦୁ (କେନ୍ଦୁ), କଦଳୀ (କଦ୍ଦି) ଇତ୍ୟାଦି । ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାର କୋଳିଗଛ (କୋର୍) ମଧ୍ୟ ଦେଖିବାକୁ ମିଳେ । ସେଗୁଡିକ ମଧ୍ୟରେ ବରକୋଳି (ବର୍‌କୋର୍), ରାଜକୋଳି (ରାଜୁଆର୍ କୋର୍), ଚାରକୋଳି (ଚାହାଁର୍), ଖଜୁରୀକୋଳି (ଖଜୁର୍ ପାକଲ୍), ଡିମିରି (ଡୁମେର୍ ପାକଲ୍), କୁସୁମ (କୁସୁମ୍), ଅଁଳା (ଅଁଳା) ଇତ୍ୟାଦି । ସେମାନେ ବାସଗୃହ ନିକଟରେ ଥିବା ବାଡ଼ିରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଥାଆନ୍ତି । ସେଗୁଡିକ ମଧ୍ୟରେ ବାଇଗଣ (ବାଇଗନ୍), ବିଲାତି (ବିଲାତି), କଲରା (କାର୍‌ଲା), ଭେଣ୍ଡୀ (ଭେଣ୍ଡିଆ), ମୂଳା (ମୂଡା), କାକୁଡି (ଖିରା), ଅମୃତଭଣ୍ଡା (ପପୟା), ଆଳୁ (ଗୁଲାଳୁ), କୋବି (କବି), ଛଛିନ୍ଦ୍ରା (ନାଉକା), ସାରୁ (ସାରୁ) ଇତ୍ୟାଦି ପ୍ରଧାନ ।

ରାଜୁଆରମାନେ ପନିପରିବା ସାଙ୍ଗକୁ ବିଭିନ୍ନ ପ୍ରକାରର ଶାଗ (ଶାଗ୍ / ମାର୍‌ସୀ) ଚାଷ କରିଥାନ୍ତି। ସେଗୁଡ଼ିକ ହେଲା: ସଜନା (ମୁନ୍‌ଗା), କେଶଳା (ମାର୍‌ସୀ), ଖଡାଶାଗ (ମାର୍‌ସୀ ଖାଲ୍ୟ), ସୁନ୍‌ସୁନିଆ (ସୁସ୍‌ନୀ ଶାଗ୍), ଲେଉଟିଆ (ଲେଉଟିଆ ମାର୍‌ସୀ), ପାଳଙ୍ଗ (ପାଣଙ୍ଗ୍), ଖଟା ଶାଗ (ଚେଙ୍କା ଶାଗ୍), ଲାଉ ଶାଗ (ଲଆ ଶାଗ୍) । ଏଥି ସହିତ ମାଟିରୁ ଖୁମ୍ବ ଆଳୁ (ଖମ୍ କାନ୍ଦା) ମଧ୍ୟ ସେମାନେ ସଂଗ୍ରହ କରିଥାଆନ୍ତି । ଏତଦ୍ ବ୍ୟତୀତ ଡାଲିଜାତୀୟ ଶସ୍ୟ ମଧ୍ୟରେ ହରଡ (ରାହିଡ୍), ବିରି (ବିର୍‌ହି), ମୁଗ (ମୁଗ୍), କୋଳଥ (କୁର୍‌ଥି), ମସୁର (ମସ୍‌ରୀ), ବୁଟ (ବୁଟ୍) ଇତ୍ୟାଦି ଚାଷ କରନ୍ତି।

ଏମାନଙ୍କର ଆର୍ଥିକ ଜୀବନ ମଧ୍ୟ ଜଙ୍ଗଲ ଉପରେ ନିର୍ଭରଶୀଳ। ଏହି ଜଙ୍ଗଲରୁ ସେମାନେ ଫଳ, ମୂଳ, ପତ୍ର ଇତ୍ୟାଦି ସଂଗ୍ରହ କରି ହାଟ ବଜାରରେ ବିକ୍ରି କରିଥାଆନ୍ତି। ତେବେ ବୃକ୍ଷରାଜିର ସଂରକ୍ଷଣ ଦିଗରେ ସେପରି କୌଣସି କାର୍ଯ୍ୟ କରିନାହାନ୍ତି ।

ଏହି ଅଞ୍ଚଳରେ ବସବାସ କରୁଥିବା ଲୋକ ଜୀବନ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କେତେକ ପଶୁପକ୍ଷୀଙ୍କ ସହିତ ଜଡିତ । ପଶୁମାନଙ୍କ ମଧ୍ୟରେ ଛେଳି (ଛାଗେର୍), ମେଣ୍ଢା (ଭେଳି), ଗାଈ (ଗାଏ), ବାଘ (ବାଘ୍), ଭାଲୁ (ଭାଲୁ), ଶିଆଳ୍ (ଶିଆର୍), ସମ୍ବର୍ (ସମର୍), ମାଙ୍କଡ (ମାକଳ୍), ବାରହା (ବାରହା), ଗୟଳ (ଗୟାଳ୍), କୁଟୁରା (କଟ୍ରା), ଖରିଆ (ଖେଳିଆ), ଘୁଷୁରୀ (ଘୁଷୁର୍), କୁକୁର (କୁକୁର୍), ବିରାଡି (ବିଲେଏ), ହରିଣ (ହରିନ୍), ଠେକୁଆ (ଠେକୁଆ), ହାତୀ (ହାଁତି) ଇତ୍ୟାଦି । ଏତଦ୍ବ୍ୟତୀତ ଏଣ୍ଡୁଅ (ଟେଙ୍ଗଟେଙ୍ଗାରୀ), ଗୁଣ୍ଡୁଚିମୂଷା (ଚିଡ୍ରା), ସାପ (ସାଁପ୍), ଗୋଧି (ଗୋଧି) ଇତ୍ୟାଦି ଦେଖିବାକୁ ମିଳେ। ପକ୍ଷୀମାନଙ୍କ ମଧ୍ୟରେ ଶୁଆ (ଟିଆ), ପାରା (ପେରୁଆ), କାଉ (କଆ), କୋଇଲି (କୁଇଲୀ), ବଗ (ବଗ୍ଲା), କୁକୁଡା (ଖୁକୁଳା), ବତକ (କଇ), ଘରଚଟିଆ (ବାଇଚଟିଆ), ମୟୂର (ମେଜୁର୍) ଇତ୍ୟାଦି ।

ପଥରକୁ ରାଜୁଆରମାନେ 'ପାଖ୍ନା' ବୋଲି କହିଥାଆନ୍ତି। ଏ ଅଞ୍ଚଳରେ ବିଭିନ୍ନ ପ୍ରକାର ପଥର ଦେଖାଯାଏ। ସେଥି ମଧ୍ୟରୁ ମାଙ୍କଡାପଥର (ମାକ୍ଳା ପାଖ୍ନା), ଗେଟି, ବଡ ପଥର, ଗୋଡି ପଥର ଇତ୍ୟାଦି। ଘର ତିଆରି କରିବା ପାଇଁ ମାଙ୍କଡା ପଥର ଦରକାରରେ ଆସିଥାଏ। ରାସ୍ତାକାମ, ଢ଼ଳେି କାମ ପାଇଁ ଗେଟି ପଥର (ଖୁଆ) ଦରକାର ହୋଇଥାଏ। ସେହିପରି ଘରସାମ୍ନା, ଘର କାନ୍ଥଦିଆ, ଗୁହାଳର ଚଟାଣ ତିଆରି କ୍ଷେତ୍ରରେ ଗୋଡିପଥର (ଗୁଳି) ଦରକାର ହୋଇଥାଏ। ଘର ତିଆରିରେ ମାଟି ସହିତ ଏହି ପଥରକୁ ମିଶାଇ କାନ୍ଥ ତିଆରି କରାଯାଇଥାଏ। ଘରର ଚଟାଣ ଓ କାନ୍ଥ ପଲସ୍ତରା କରିବା ପାଇଁ ପଡିଆ ମାଟି ବ୍ୟବହୃତ ହୋଇଥାଏ।

ଏହି ଅଞ୍ଚଳରେ ବିଭିନ୍ନ ପ୍ରକାରର ମାଟି ଦେଖିବାକୁ ମିଳିଥାଏ। ଯଥା ଧଳାମାଟି (ଧବ୍ଳା ମାଟି), ନାଲିଗୋଡି ମାଟି (ଲାଲ୍ଗୁଳି ମାଟି), ପଥୁରିଆ ମାଟି (ପାଖ୍ନା ମାଟି) ଇତ୍ୟାଦି। ସାଧାରଣତଃ ଘର ଲିପାପୋଛା କରିବା ପାଇଁ ପଡିଆର ଧଳାମାଟି (ଧବ୍ଳା ମାଟି) ବ୍ୟବହୃତ ହେଉଥିବା ସମୟରେ କାନ୍ଥର ତଳ ଭାଗ ସାଜସଜ୍ଜା ପାଇଁ ନାଲିଗୋଡିମାଟି

(ଲାଲ୍‌ଗୁଳି) ବ୍ୟବହୃତ ହୋଇଥାଏ। ସନ୍ତସନ୍ତିଆ ଜାଗା ସମତୁଲ କରିବା, ଖାଲ ରାସ୍ତାକୁ ସମାନ କରିବା ଇତ୍ୟାଦି କ୍ଷେତ୍ରରେ ପଥୁରିଆ ମାଟି (ପାଖ୍‌ନା ମାଟି) ବ୍ୟବହାର କରାଯାଏ। ଏ ଅଞ୍ଚଳର ମାଟି ସେତେ ଉର୍ବର ନୁହେଁ। କେବଳ ଧାନଚାଷ କମ୍ ପରିମାଣରେ ହୋଇଥାଏ।

ଜମି :

ବିଭିନ୍ନ କିସମର ଜମି ଏ ଅଞ୍ଚଳରେ ଦେଖିବାକୁ ମିଳିଥାଏ । ସେହି ଜମିକୁ ସମତଳ ଜମି (ସମାନ୍ ଜମି) ଢ଼ିପ ଜମି (ଢ଼ିପା ଜମି), ଗହୀର ଜମି (ଗୁହୀର୍ ଜମି) ଇତ୍ୟାଦିରେ ବିଭକ୍ତ କରାଯାଇପାରେ। ସମତଳ ଜମିର ପରିମାଣ ଅତ୍‌କମ୍। ଏହି ଜମିରେ ସାଧାରଣତଃ ଧାନଚାଷ କରାଯାଇଥାଏ। ବର୍ଷା ଉପରେ ଲୋକମାନେ ସମ୍ପୂର୍ଣ୍ଣ ନିର୍ଭର କରି ଚାଷ କାର୍ଯ୍ୟ କରିଥାନ୍ତି । ସେହିଭଳି ଢ଼ିପ ଜମିରେ ଛୋଟଧାନ (ଲଘୁନା ଧାନ) ଚାଷ କରାଯାଇଥାଏ। ଗହୀର ଜମିରେ ବଡଧାନ (ବଢୁନା ଧାନ) ଚାଷ କରାଯାଇଥାଏ। ଚାଷ ମଧ୍ୟରେ ଧାନଚାଷ ହେଉଛି ସେମାନଙ୍କର ପ୍ରଧାନ ଚାଷ। ପୋତୁଚାଷ ପାଇଁ ଜମି ଓ ତଳିଆ ଜମି ଆଦୌ ନାହିଁ କହିଲେ ଚଳେ।

ଜଳ ଉତ୍ସ :

ଏହି ଅଞ୍ଚଳର ଲୋକେ ଜଳ ଉତ୍ସ ଭାବରେ କୂଅ, ପୋଖରୀ ଓ ନଳକୂପକୁ ବ୍ୟବହାର କରିଥାଆନ୍ତି। ଏହି ଅଞ୍ଚଳ ନିକଟବର୍ତ୍ତୀ ଏକ କ୍ଷୁଦ୍ର ନଦୀ 'ଅରିକୂଳ' ବହିଯାଇଛି। ପ୍ରକୃତରେ ଚିରସ୍ରୋତା ଜଳଉତ୍ସ ଏ ଅଞ୍ଚଳରେ ନାହିଁ। କମଳୀ ଗାଁ ପାଖଦେଇ ଏକ କେନାଲ ଯାଇଛି। ବର୍ଷାଦିନେ କେନାଲରେ ପାଣି ଆସୁଥିବା ବେଳେ ଗ୍ରୀଷ୍ମଦିନେ କେନାଲରୁ ପାଣି ଶୁଖିଯାଇଥାଏ। ଗାଧୋଇବା, ଲୁଗାପଟା ସଫା କରିବା ପାଇଁ ଗ୍ରାମରେ ଦୁଇଟି ପୋଖରୀ ରହିଛି। ଏଗୁଡିକରୁ ଲୋକମାନେ ଦୈନିକ ପାନୀୟ ଜଳ ସଂଗ୍ରହ କରିଥାଆନ୍ତି। ଗ୍ରୀଷ୍ମଦିନେ ଗ୍ରାମରେ ଥିବା କୂଅ, ପୋଖରୀରୁ ପାଣି ଶୁଖିଯିବା ସଙ୍ଗେ ସଙ୍ଗେ ନଳକୂଅର ଜଳସ୍ତର ବହୁତ ତଳକୁ ଖସିଯାଏ। ତେଣୁ ଲୋକମାନେ ନଦୀକୁ ଯାଇ ନଦୀ ବାଲିରେ ଛୋଟ ଛୋଟ ଚୁଆ ଖୋଳିଥାଆନ୍ତି। ସେଠାରୁ ପାଣି ଛାଣି ସଂଗ୍ରହ କରାଯାଇଥାଏ। ବର୍ଷା ଋତୁରେ କେବଳ ଚାଷକାର୍ଯ୍ୟ ସମ୍ଭବ ହୋଇଥାଏ। ଜଳର ଅଭାବ ଯୋଗୁଁ ଅନ୍ୟ ସମୟରେ ଚାଷକାର୍ଯ୍ୟ ହୋଇପାରେ ନାହିଁ। ନଦୀ, ନାଳ, ପୋଖରୀ ଇତ୍ୟାଦିରୁ ସେମାନେ ମାଛ, କଙ୍କଡା ଇତ୍ୟାଦି ଧରିଥାଆନ୍ତି।

ପାଗ:

ଏ ଅଞ୍ଚଳରେ ବର୍ଷାଋତୁରେ ମଧ୍ୟମ ଧରଣର ବର୍ଷା ହୋଇଥାଏ। ବର୍ଷା ଋତୁରେ ସେମାନେ ଚାଷକାର୍ଯ୍ୟ ସହିତ ମାଛ ଧରିବା, ନଦୀରେ ଭାସି ଆସୁଥିବା କାଠ ସଂଗ୍ରହ କରିଥାଆନ୍ତି। ଅତ୍ୟଧିକ ବର୍ଷା ହେବା ଫଳରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ । କୁଲି ମଜୁରୀ କରୁଥିବା ଲୋକମାନେ କୁଲି ମଜୁରୀ କରିପାରନ୍ତି ନାହିଁ। ଜଙ୍ଗଲରୁ ଲଘୁବନଜାତ ଦ୍ରବ୍ୟ ସଂଗ୍ରହରେ ମଧ୍ୟ ବାଧା ଉପୁଜିଥାଏ।

ଏହି ଅଞ୍ଚଳରେ ଗ୍ରୀଷ୍ମଋତୁର ପ୍ରକୋପ ପ୍ରାୟ ମେ' ମାସରେ ବୃଦ୍ଧି ହୋଇଥାଏ। ତାପମାତ୍ରା ପ୍ରା ୪୦° କୁ ବୃଦ୍ଧି ପାଏ। ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ପ୍ରବାହ ଫଳରେ ଦିନର ତାପମାତ୍ରା ପ୍ରାୟ କମ୍ ରହିଥାଏ ଏବଂ ରାତ୍ରି ସମୟରେ ତାପମାତ୍ରା ବୃଦ୍ଧି ପାଏ। ଅକ୍ଟୋବର ମାସ ଆରମ୍ଭରେ ମୌସୁମୀ ବାୟୁ ପ୍ରବାହ କମିଯିବା ଫଳରେ ଦିବସ ଓ ରାତ୍ରିର ତାପମାତ୍ରାରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ ବା ତାପମାତ୍ରା କମିବାକୁ ଆରମ୍ଭ କରିଥାଏ। ଡିସେମ୍ବର ମାସଟିକୁ ସବୁଠାରୁ ଅତ୍ୟଧିକ ଥଣ୍ଡା ମାସ ବୋଲି ଧରାଯାଇଥାଏ। ବର୍ତ୍ତମାନ ଏହି ଅଞ୍ଚଳରେ ଥିବା ଜଙ୍ଗଲ ନଷ୍ଟ ହେବାକୁ ଲାଗିଲାଣି। ଫଳରେ ଅଞ୍ଚଳର ତାପମାତ୍ରା ବଢ଼ିବାରେ ଲାଗିଛି । ସେହି କାରଣରୁ ଅସହ୍ୟ ଗରମ ଅନୁଭୂତ ହେଉଛି। ତାପମାତ୍ରାର ତାରତମ୍ୟ ଯୋଗୁଁ ମନୁଷ୍ୟ ଉପରେ ତା'ର ସୁପ୍ରଭାବ ଓ କୁପ୍ରଭାବ ମଧ୍ୟ ପଡିଥାଏ। ଗ୍ରୀଷ୍ମଋତୁରେ ତାପମାତ୍ରା ବୃଦ୍ଧି ଫଳରେ ଗରମ ଅସହ୍ୟ ହୋଇଉଠେ। ଗରମ /ଗୁଳୁଗୁଳି ସହି ନ ପାରି ଦିବସରେ ଲୋକମାନେ ତିନି /ଚାରି ଥର ଗାଧୋଇଥାଆନ୍ତି। ଘର ମଧ୍ୟରେ ରହିପାରନ୍ତି ନାହିଁ। ବୃକ୍ଷ ଛାୟା ତଳେ କିମ୍ବା ଜଳ ଜାଗା ନିକଯରେ ଆଶ୍ରୟ ନେଇଥାଆନ୍ତି। ଅସହ୍ୟ ଗରମ ଯୋଗୁଁ ଲୋକେ ବେଳେବେଳେ ଅଂଶୁଘାତର ଶିକାର ହୋଇଥାଆନ୍ତି। କେତେକ ମଧ୍ୟ ମୃତ୍ୟୁବରଣ କରିଥାଆନ୍ତି। ସେହିଭଳି କେତେକ ପଶୁପକ୍ଷୀ ମଧ୍ୟ ପ୍ରାଣ ତ୍ୟାଗ କରିଥାଆନ୍ତି। ଅନେକ ବୃକ୍ଷଲତା ଶୁଖି ମରିଯାଏ। ତାପମାତ୍ରାର ଯରିବର୍ତ୍ତନ ଫଳରେ ଲୋକମାନେ ଅନେକ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ଗ୍ରୀଷ୍ମଋତୁର ଶେଷ ଏବଂ ବର୍ଷାଋତୁର ଆଗମନରେ ଅନେକ ଲୋକ ସର୍ଦ୍ଦି, ମେଲେରିଆ, ଥଣ୍ଡା ଜ୍ୱର, ଝାଡା, ମୁଣ୍ଡବ୍ୟଥା ଇତ୍ୟାଦି ରୋଗ ଭୋଗିଥା'ନ୍ତି।

ଆର୍ଦ୍ରତା ବାୟୁମଣ୍ଡଳର ଏକ ଅବସ୍ଥା। ମୌସୁମୀବାୟୁ ପ୍ରବାହ ପରେ ବାୟୁର ଆର୍ଦ୍ରତାରେ ବୃଦ୍ଧି ଘଟିଥାଏ। ବର୍ଷାଋତୁରେ ଆର୍ଦ୍ରତା ବୃଦ୍ଧି ଯୋଗୁଁ କେତେକ ଗଛ ନଷ୍ଟ

ହୋଇଯାଇଥାଏ। ଲଟାଜାତୀୟ ଉଦ୍ଭିଦ ଗହଳଯୁକ୍ତ ହୋଇଥାଏ। ଫଳରେ ମଶାମାଛି ସଂଖ୍ୟା ବୃଦ୍ଧି ପାଏ। ମ୍ୟାଲେରିଆ ଚାରିଆଡେ ବ୍ୟାପିଥାଏ। ପରିବାର ସାରା ଥଣ୍ଡାଜ୍ୱରରେ ଆକ୍ରାନ୍ତ ହୋଇଥାଆନ୍ତି। ଗ୍ରୀଷ୍ମଋତୁରେ ବାୟୁର ଆର୍ଦ୍ରତା ପ୍ରାୟ ପଚିଶରୁ ଚାଳିଶ ଶତାଂଶ ଭିତରେ ରହିଥାଏ।

ଏହି ଅଞ୍ଚଳରେ ମୌସୁମୀବାୟୁ ଅଧିକାଂଶ ସମୟରେ ଦକ୍ଷିଣ ପଶ୍ଚିମରୁ ଉତ୍ତର-ପଶ୍ଚିମ ମଧ୍ୟରେ ପ୍ରବାହିତ ହୋଇଥାଏ। କିନ୍ତୁ ବର୍ଷାଋତୁ ପରେ ଏବଂ ଶୀତଋତୁରେ ଏହା ପ୍ରାୟ ଦକ୍ଷିଣ ଓ ପଶ୍ଚିମ ଦିଗ ଭିତରେ ହିଁ ପ୍ରବାହିତ ହୋଇଥାଏ। ଖରାଦିନେ ଏହାର କୌଣସି ସଠିକତା ନ ଥାଏ। ଗ୍ରୀଷ୍ମଦିନେ ଗରମବାୟୁ ଲୋକମାନଙ୍କ ପକ୍ଷେ ଅହିତକର। ଉତପ୍ତ ବାୟୁ ମନୁଷ୍ୟକୁ ବିଚଳିତ କରିପକାଏ। ଫଳରେ ଠିକ୍ ଭାବଗୋ କାମ କରିବାରେ ବାଧା ସୃଷ୍ଟି ହୋଇଥାଏ। ଆକସ୍ମିକ ଭାବେ ବିଶେଷତଃ ଗ୍ରୀଷ୍ମ ଋତୁରେ ଏ ଅଞ୍ଚଳରେ ଝଡ ସୃଷ୍ଟି ହୁଏ। ଫଳରେ ଧାନଫସଲ ନଷ୍ଟ ହୋଇଯାଏ। ଚାଷୀକୁଳ କ୍ଷୋଭ ପ୍ରକାଶ କରିଥାଆନ୍ତି। ଅନେକ ଧନଜୀବନ ନଷ୍ଟ ହୋଇଥାଏ।

ଋତୁ ଅନୁଯାୟୀ ଏହି ଅଞ୍ଚଳର ପ୍ରାକୃତିକ ଦୃଶ୍ୟର ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ଗ୍ରୀଷ୍ମର ପ୍ରଚଣ୍ଡ ଖରାରେ ଗଛଗୁଡିକରୁ ପତ୍ର ଝଡିଯାଇଥାଏ । ବେଳେବେଳେ ବନାଗ୍ନି ବୃକ୍ଷଲତାକୁ ପୋତି ଧ୍ୱଂସ କରିଦିଏ । ଜଙ୍ଗଲ ଓ ବାଡିବଗିଚାରେ ଥିବା ଗଛଗୁଡିକ ଲଣ୍ଡା ଦେଖାଯାଇଥାଏ । ତେଣୁ ଏହି ସମୟରେ ଅଞ୍ଚଳଟିର ସବୁଜିମା କମିଯାଇଥାଏ । ଗ୍ରୀଷ୍ମଋତୁର ଅନ୍ତ ଭାଗରେ ପହିଲି ଆଷାଢ଼ରେ ବର୍ଷାଧାରା ପୃଥିବୀ ପୃଷ୍ଠରେ ପଡିଥାଏ । ବସୁମତୀ ଆଶ୍ୱାସନା ପାଇଥାଏ । ଫଳରେ ଲଣ୍ଡା ବୃକ୍ଷରାଜି ପୁନଃ ନବ ପଲ୍ଲବରେ ପଲ୍ଲବିତ ହୋଇଥାଏ । ଫଳରେ ଧରଣୀରାଣୀ ସବୁଜ ରଙ୍ଗର ଶାଢ଼ି ପରିଧାନ କରିଥିବା ପରି ଦେଖାଯାଏ । ଏହି ବର୍ଷାଋତୁରେ ଆକାଶ ବକ୍ଷରେ ଭସା ବାଦଲଗୁଡିକ ପାହାଡର ଶିଖର ଦେଶ ଛୁଇଁବା ସମୟରେ ଆକାଶ ଓ ପୃଥିବୀ ଏକାକାର ହୋଇଯିବାର ମନେହୁଏ । ପ୍ରବଳ ବର୍ଷା ହେବା ସମୟରେ ଚାରିଆଡ ଧୂଆଁଳିଆ ଦିଶେ । ଧାନଚାଷ ଜମିଗୁଡିକ ସବୁଜିମାରେ ପୂର୍ଣ୍ଣ ହୋଇଯାଏ ।

ବର୍ଷା ପରେ ଶୀତମାଉସୀ ପୃଥିବୀ ବକ୍ଷକୁ ଓହ୍ଲାଇ ଆସେ । ଏହି ଋତୁର ଆରମ୍ଭରେ ଶସ୍ୟଗୁଡିକ ଫଳପୁଷ୍ପରେ ପୂର୍ଣ୍ଣ ହୋଇଥାଏ । ସୋରିଷ ଫୁଲର ଗୁରୁଗୁରୁ ହଳଦୀ ରଙ୍ଗରେ ସଭିଙ୍କ ମନ ଚଞ୍ଚଳ ହୋଇଉଠେ। ଅନେକ ଶସ୍ୟ ଏହି ସମୟରେ ପାକଳ ହୋଇ

ପାଚିଯାଏ। ଫଳରେ ଶସ୍ୟକ୍ଷେତଗୁଡିକ ସ୍ୱର୍ଣ୍ଣବର୍ଣ୍ଣ ଧାରଣ କରିଥାଆନ୍ତି । ଶୀତଋତୁ ପରେ ପରେ ବସନ୍ତର ଆଗମନ ହୋଇଥାଏ। କିନ୍ତୁ ଏ ଅଞ୍ଚଳରେ ବସନ୍ତ ଋତୁକୁ ବାରିହୁଏ ନାହିଁ।

ସେହିପରି ବିଭିନ୍ନ ଉତ୍ସବ ସମୟରେ ରାଜୁଆର୍‌ମାନେ ଘର କାନ୍ଥଗୁଡିକୁ ଫକାଳିଆ ମାଟି ଏବଂ କାନ୍ଥର ନିମ୍ନଭାଗରେ ନାଲି ରଙ୍ଗର ମାଟିରେ ଲିପିଥାଆନ୍ତି । ଫଳରେ ଗୃହଗୁଡିକ ଅତ୍ୟନ୍ତ ମନୋରମ ଦେଖାଯାଏ । ମକର ପର୍ବରେ ଗ୍ରାମଦେବତୀ ମହିଷାଶୂରୀଙ୍କ ପୀଠକୁ ଧଳାରଙ୍ଗରେ ଲିପାଯାଏ । ଏହି ଅବସରରେ ଘରମାନଙ୍କରେ ଆମ୍ରପତ୍ର ଓ ରଙ୍ଗ ବେରଙ୍ଗର ପତାକା ଝୁଲା ଯାଇଥାଏ । ଏହି ପର୍ବରେ ଲୋକମାନେ ନିଜ ଘର, ବାହାର ସଫା କରିବା ସହିତ ଗ୍ରାମର ଦାଣ୍ଡକୁ ମଧ୍ୟ ପରିଷ୍କାର ପରିଚ୍ଛନ୍ନ ରଖିଥାଆନ୍ତି । ଫଳରେ ଗ୍ରାମଦାଣ୍ଡ ସୁନ୍ଦର ଦେଖାଯାଇଥାଏ । ଏହି ଭଳି ଋତୁ ଅନୁସାରେ ଏ ଅଞ୍ଚଳର ଦୃଶ୍ୟ ବଦଳୁଥାଏ ।

ରାଜୁଆର (ବଗାଇ)ମାନଙ୍କର ଧାରଣା ଯେ କେତେକ ସ୍ଥାନରେ ବୃକ୍ଷଲତା ଗହଳରେ ଦେବଦେବୀ ଏବଂ ଅତୃପ୍ତ ଆତ୍ମାଗଣ ଲୁଚି ରହିଛନ୍ତି । ତେଣୁ ସେହିଭଳି ଗଛଲତା ଥିବା ସ୍ଥାନରୁ ଗଛ କଟାଯାଇ ନ ଥାଏ । ବରଂ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ଗଛ ମୂଳରେ ଦେବଦେବୀ ରହିବାକୁ ଭଲ ପାଇଥାଆନ୍ତି ଏବଂ ଘଞ୍ଚ ଅରଣ୍ୟକୁ ନିଜର ଘର ବୋଲି ମନେକରିଥାଆନ୍ତି । ସେହି କାରଣରୁ ଠାକୁର ଠାକୁରାଣୀ ଥିବା ଜାଗାଟିକୁ ସେମାନେ ସଦାସର୍ବଦା ଘଞ୍ଚ ରଖିବାକୁ ଚାହିଁଥାଆନ୍ତି । ଏତଦ୍ ବ୍ୟତୀତ ଯେଉଁ ସ୍ଥାନମାନଙ୍କରେ ଦେବଦେବୀଙ୍କୁ ସ୍ଥାପନା କରାଯାଇଥାଏ ସେହି ସ୍ଥାନର ଗଛଗୁଡିକୁ ମଧ୍ୟ କଟାଯାଇ ନ ଥାଏ। ଫଳତଃ ପରିବେଶ ସୁରକ୍ଷିତ ରହିଥାଏ ।

ସରକାରଙ୍କ ବନ ବିଭାଗ ସହାୟତାରେ ବନ ସଂରକ୍ଷଣ ଯୋଜନା ଯୋଗୁଁ କେତେକ ସ୍ଥାନରେ ସଂରକ୍ଷିତ ଜଙ୍ଗଲକୁ କାଟିବା ବନ୍ଦ କରାଯାଉଥିବା ସ୍ଥଳେ ଅନ୍ୟ କେତେକ ସ୍ଥାନରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଉଛି । ସରକାରଙ୍କର ଏଭଳି ନୀତି ପ୍ରଣୟନ ଫଳରେ ଲୋକମାନେ ବର୍ତ୍ତମାନ ଟିକିଏ ସଜାଗ ହେଲେଣି ।

ଗମନାଗମନ :

ମୁଖ୍ୟରାସ୍ତା ଅପେକ୍ଷା ଖୁବ୍ ଶୀଘ୍ର ଗାଁରେ ପହଞ୍ଚିବା ପାଇଁ ଏମାନେ ପାଦଚଲା ରାସ୍ତାକୁ ବ୍ୟବହାର କରିଥାଆନ୍ତି । ସେମାନଙ୍କ ଗ୍ରାମକୁ ସଡକ ସୁବିଧା ଥିଲେ ମଧ୍ୟ ପାଦଚଲା ରାସ୍ତାକୁ ଏମାନେ ପସନ୍ଦ କରିଥାଆନ୍ତି। ବର୍ତ୍ତମାନ ପ୍ରାୟ ପ୍ରତ୍ୟେକ ଗ୍ରାମକୁ ମୁଖ୍ୟ ସଡକ ଦ୍ୱାରା ସଂଯୋଗ କରାଗଲାଣି। କେତେକ ଗ୍ରାମକୁ ପିଚୁରାସ୍ତା ଦ୍ୱାରା ମଧ୍ୟ ସଂଯୋଗ କରାଗଲାଣି।

କମଳୀ ଗ୍ରାମରୁ ସିଧାସଳଖ ଜଙ୍ଗଲକୁ ଯିବା ପାଇଁ ଏବଂ ଗ୍ରାମର ଦକ୍ଷିଣ ଦିଗରେ ଥିବା ଜମି ନିକଟକୁ ଯିବାକୁ ହେଲେ ପାଦଚଲା ରାସ୍ତାରେ ଯିବାକୁ ପଡିଥାଏ। ବେଳେବେଳେ ଲୋକମାନେ ମାଟିରାସ୍ତାରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ରାସ୍ତାରେ ଥିବା ବଡ ବଡ ଖାଲ ଢିପ, ବର୍ଷାଋତୁରେ ପାଣି କାଦୁଅ ରାସ୍ତାକୁ ଖରାପ କରିଥାଏ। ଫଳରେ ଦେହପା' ଖରାପ ସମୟରେ ଖୁବ୍ ଶୀଘ୍ର ଡାକ୍ତରଖାନାକୁ ରୋଗୀକୁ ନେବା ପାଇଁ ଅସୁବିଧା ହୁଏ । ଗ୍ରାମରେ ଅନ୍ୟୁନ ଛଅଟି ଗଳିରାସ୍ତା ରହିଛି। ହାଟବଜାରକୁ ଯିବା ପାଇଁ, ବିଲବାଡିକୁ ଯିବାପାଇଁ ଲୋକମାନେ ପାଦଚଲା ରାସ୍ତା ବ୍ୟବହାର କରିଥାଆନ୍ତି।

ଗ୍ରାମ ସଂଗଠନ :

ରାଜୁଆରମାନେ ଗ୍ରାମକୁ 'ଗାଉଁ' କହିଥାଆନ୍ତି । ସାଧାରଣତଃ ପୂର୍ବରୁ ରାଜୁଆର ଆଦିବାସୀମାନେ ଏଣେତେଣେ ବୁଲି ଅର୍ଥାତ୍ ଯାଯାବର ଜୀବନ ଯାପନ କରୁଥିଲେ । କାଳକ୍ରମେ ସେମାନେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥାୟୀ ଭାବରେ ରହିବାକୁ ଶିଖିଲେ । ସ୍ଥାୟୀ ଭାବରେ ନୂତନ ବସତି ସ୍ଥାପନ କରିବାକୁ ହେଲେ ସେମାନେ କେତେକ ନିର୍ଦ୍ଦିଷ୍ଟ ବିଷୟ ପ୍ରତି ଧ୍ୟାନ ଦେଇଥାଆନ୍ତି । ପ୍ରଥମତଃ, ନୂତନ ବସତି ଗଢ଼ିଉଠିବା ପାଇଁ ସଂପୃକ୍ତ ସ୍ଥାନ ନିକଟରେ ଜଳଉତ୍ସ ଥିବା ନିତାନ୍ତ ଆବଶ୍ୟକ । ଦ୍ୱିତୀୟତଃ, ବସତି ପାଇଁ ଚିହ୍ନଟ କରାଯାଇଥିବା ସ୍ଥାନଟି ଗଡାଣିଆ ହୋଇଥିବା ଦରକାର, ଯେପରିକି ବର୍ଷା ପାଣି ସେହି ସ୍ଥାନଟିରେ ଜମା ହୋଇ ନ ରହେ । କେତେକ ଗ୍ରାମର ଅବସ୍ଥିତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ପ୍ରତ୍ୟେକ ଗ୍ରାମଗୁଡିକ କୌଣସି ଏକ ପ୍ରାକୃତିକ ଜଳଉତ୍ସ ନିକଟରେ ଗଢ଼ି ଉଠିଥିଲା । ସୁତରାଂ ପ୍ରଥମେ ଏମାନେ ଜଳଉତ୍ସ ଉପରେ ଗୁରୁତ୍ୱ ଦେଇଥାଆନ୍ତି । ବସତି ସ୍ଥାପନ କରିବା ପାଇଁ ମନୋନୟନ ପରେ ସ୍ଥାନର ଉପଯୁକ୍ତତା, ଭବିଷ୍ୟତର ଶୁଭାଶୁଭ ସୂଚନାକୁ ଦୃଷ୍ଟିରେ ରଖି ସେହିଠାରେ ଗ୍ରାମ ପରଞ୍ଚନା କରିଥାଆନ୍ତି । ମା' ମହିଷାଶୂରୀଙ୍କୁ ପୂଜାର୍ଚ୍ଚନା କରି ସେହି ସ୍ଥାନରେ ବସତି ସ୍ଥାପନ କରାଯାଇଥାଏ ।

ରାଜୁଆରମାନେ ବସବାସ କରୁଥିବା କମଳୀ ଗାଁ ନିକଟରେ ଏକ କ୍ଷୁଦ୍ର ନଈ 'ଅରିକୂଳ' ବହିଯାଇଛି । ଏକ ଜଳ ଉତ୍ସ ନିକଟରେ ଏମାନଙ୍କର ବସତି ଗଢ଼ି ଉଠିଛି । ଏହା ଏକ ଉଚ୍ଚା ସ୍ଥାନ । ଫଳରେ ବର୍ଷାପାଣି ସ୍ଥାନଟିକୁ ସନ୍ତସନ୍ତିଆ କରି ନ ଥାଏ, ବର୍ଷା ଜଳ ତଳକୁ ସହଜରେ ଗତି ଆସିଥାଏ । ରାଜୁଆରମାନେ ବର୍ତ୍ତମାନ ସ୍ଥାୟୀ ଭାବରେ ନିର୍ଦ୍ଦିଷ୍ଟ ଗ୍ରାମଗୁଡିକରେ ବସବାସ କରୁଛନ୍ତି । ଏମାନଙ୍କର ଗ୍ରାମରେ ଘରଗୁଡିକ ଏକ

ନିର୍ଦ୍ଦିଷ୍ଟ ଧାଡିରେ ତିଆରି ନ ହୋଇ ଏଣେତେଣେ ବିଚ୍ଛୁରିତ ଭାବରେ ତିଆରି କରାଯାଇଥାଏ । ଧାଡିକରି ତିଆରି କରିବା ପାଇଁ ସେମିତି କୌଣସି ଧରା ବନ୍ଧା ନିୟମ ନ ଥାଏ ବୋଲି ସେମାନେ ମତବ୍ୟକ୍ତ କରିଥାଆନ୍ତି । ଗ୍ରାମ ଦାଣ୍ଡଟି ଅଣ ଓସାରିଆ । ଦାଣ୍ଡର ଉଭୟ ପାର୍ଶ୍ୱରେ ରାଜୁଆର ଗୃହଗୁଡିକ ତିଆରି ହୋଇଥାଏ । ଗୃହଗୁଡିକର ମୁହଁ ପ୍ରାୟ ଦାଣ୍ଡ ସମ୍ମୁଖ ଭାଗକୁ ହୋଇଥାଏ । କେହି କେହି ମଧ୍ୟ ଘରର ମୁହଁ ଦାଣ୍ଡ ଆଡକୁ ନ କରି ଅନ୍ୟତ୍ର କରିଥାଆନ୍ତି । ନିଜର ଇଚ୍ଛା ଅନୁଯାୟୀ ଯେ କୌଣସି ଦିଗକୁ ସେମାନେ ଘରର ମୁହଁ ତିଆରି କରିଥାଆନ୍ତି । ପଛପାଖରେ ଗୃହସଂଲଗ୍ନ ପନିପରିବା ବଗିଚା ରହିଥାଏ । ଗ୍ରାମରୁ କୌଣସି ବ୍ୟକ୍ତି ଘରଛାଡି ଚାଲିଗଲେ ଓ ସେହି ଘରଟି ଭାଙ୍ଗିଗଲେ ଗାଁର ସୌନ୍ଦର୍ଯ୍ୟ ନଷ୍ଟ ହୁଏ ବୋଲି ସେମାନେ ମତ ଦେଇଥାଆନ୍ତି । କିନ୍ତୁ ସେହିଘରେ ଅନ୍ୟ କୌଣସି ଜାତି ରହିପାରିବେ ନାହିଁ । କେବଳ ନିଜ ବଂଶଧର ସେହି ସ୍ଥାନଟି ଅଧିକାର କରି ପାରିବ ।

ରାଜୁଆରମାନଙ୍କ ଗୃହଗୁଡିକ ବିଚ୍ଛୁରିତ ଭାବରେ ଇତଃସ୍ତତ ତିଆରି କରାଯାଇଥାଏ । ପ୍ରତ୍ୟେକ ଘରର ଉଚ୍ଚତା, ଆକାର ଓ ନିର୍ମାଣଶୈଳି ଭିନ୍ନ ଧରଣର । ଘରର ପଛପଟରେ ପନିପରିବା ବଗିଚା ଥାଏ । ତାହାକୁ ବାଉଁଶ କିମ୍ବା ଅମରି ବାଡ ଦ୍ୱାରା ଆବଦ୍ଧ କରାଯାଇଥାଏ । ଘରକୁ ଲାଗି ଘରର ପଛପଟେ ସେମାନେ ଗୋରୁ ଗୁହାଳ ତିଆରି କରିଥାଆନ୍ତି । ଗ୍ରାମର ଚତୁଃପାର୍ଶ୍ୱରେ ଠାକୁର ଠାକୁରାଣୀଙ୍କ ପୀଠ ସ୍ଥଳୀ ରହିଛି । ବିଶେଷ କରି ଗ୍ରାମର ପଶ୍ଚିମ ଦିଗସ୍ଥ ଶେଷ ଭାଗରେ ଗ୍ରାମଦେବତା ମା' ମହିଷାଶୂରୀଙ୍କ ପୀଠ ଥିବାବେଳେ ଅନତି ଦୂରରେ ଗ୍ରାମଦେବତା 'ବଇର୍ଣ୍ଣା ବୁଢ଼ା'ଙ୍କ ପୀଠସ୍ଥଳୀ ରହିଛି । ଅଳ୍ପ ଦୂରରେ କ୍ଷୁଦ୍ର ନଦୀଟିଏ ବହିଯାଇଛି । ଏକ ଛୋଟ କେନାଲ ମଧ୍ୟ ଏହି ଗ୍ରାମ ପାର୍ଶ୍ୱରେ ରହିଛି । ଗ୍ରାମକୁ ଲାଗି ଦକ୍ଷିଣ ଦିଗରେ ଚାଷଜମିମାନ ରହିଛି । ରାଜୁଆରମାନଙ୍କ ମଧ୍ୟରୁ ସାତଟି ପରିବାର ପାଇଁ ଇନ୍ଦିରା ଆବାସ ତିଆରି କରାଯାଇଛି ।

ରାଜୁଆର (ବଗାଳ)ମାନଙ୍କର କୌଣସି ଗୋଷ୍ଠୀ ଗୃହ, ଭଣ୍ଡାରଘର, ସାଧାରଣ ଘର, ସମିତି ଗୃହ କିମ୍ବା ଅବସର ବିନୋଦନ ପାଇଁ ସ୍ୱତନ୍ତ୍ର ଗୃହ ନାହିଁ । ଗ୍ରାମ ଦାଣ୍ଡକୁ ସେମାନେ ବିଭିନ୍ନ କାର୍ଯ୍ୟ ଉପଲକ୍ଷ୍ୟେ ବ୍ୟବହାର କରିଥାଆନ୍ତି ।

ଗ୍ରାମର ଅଳ୍ପ ଦୂରରେ ପଶ୍ଚିମ ଦିଗରେ ବହି ଯାଉଥିବା ଅରିକୂଳ ନଦୀ ନିକଟରେ ଶ୍ମଶାନ ରହିଛି । ଗ୍ରାମର ମୃତ୍ୟ ବ୍ୟକ୍ତିକୁ ଏହିଠାରେ ଦାହ କରାଯାଇଥାଏ । କେହି କେହି ମଧ୍ୟ ମୃତବ୍ୟକ୍ତିର ଶରୀରକୁ ଏଠାରେ ପୋତି ଦେଇଥାଆନ୍ତି ।

ଗ୍ରାମର ପୂର୍ବ-ଉତ୍ତର ଦିଗରେ ସମତଳ ପଡିଆ ରହିଛି । ଏହି ପଡିଆରେ ସେ ଅଞ୍ଚଳର ପିଲାମାନେ ବିଭିନ୍ନ ପ୍ରକାର ଖେଳ ଖେଳିଥାଆନ୍ତି । ବର୍ଷାଗତୁରେ ଗାଈଗୋରୁ, ଛେଳି ଇତ୍ୟାଦି ଏହି ପଡିଆରେ ଚରନ୍ତି। ଏହି ପଡିଆକୁ ଗୋଚର ଜମି ହିସାବରେ ନିଆଯାଇଥାଏ ।

ନୃତ୍ୟ ପାଇଁ କୌଣସି ସ୍ୱତନ୍ତ୍ର ଗୃହ ନ ଥାଏ । ଗ୍ରାମର ଗ୍ରାମଦେବତୀ ମହିଷାଶୂରୀଙ୍କ ସମ୍ମୁଖରେ ଥିବା ଏକ ଛୋଟ ପଡିଆରେ ମକରମେଳା ସମୟରେ ଲୋକମାନେ ନୃତ୍ୟ କରିଥାଆନ୍ତି । ଏହିଠାରେ ଭୋଜିଭାତର ଆୟୋଜନ କରିଥାଆନ୍ତି । ସ୍ୱତନ୍ତ୍ର ଉତ୍ସବ ପାଇଁ ସେମାନେ ଗାଁ ଦାଣ୍ଡରେ କରିଥାଆନ୍ତି ।

ଗ୍ରାମର ପଶ୍ଚିମ ଦିଗରେ ଗ୍ରାମଦେବତୀ ମହିଷାଶୂରୀଙ୍କ ପୀଠସ୍ଥଳୀ ରହିଛି । ମା'ଙ୍କ ପୂଜା ଗ୍ରାମର ଦେହୁରୀ କରିଥାଏ । ସେ ପୂଜକ ହିସାବରେ କାର୍ଯ୍ୟ କରିଥାଏ । ଗ୍ରାମର ଶେଷ ଭାଗରେ ବରଗଛ ମୂଳରେ ମା'ଙ୍କର ପୀଠସ୍ଥଳୀ ଥିବାରୁ ଗ୍ରାମର ସୁରକ୍ଷାବଳୟ ମା'ଙ୍କ ହାତରେ ଥାଏ ବୋଲି ରାଜୁଆରମାନେ ବିଶ୍ୱାସ କରିଥାଆନ୍ତି । ମା' ମହିଷାଶୂରୀଙ୍କ ନିକଟରେ ବିଭିନ୍ନ ପ୍ରକାର ପର୍ବରେ ପୂଜା କରାଯାଇଥାଏ । ସେଗୁଡିକ ମଧ୍ୟରେ ଆଷାଢ଼ୀ ପୂଜା, ଧୂଳିଆ ପୂଜା, ଜାତାଳ ପୂଜା, ମାଘ ପୂଜା ଇତ୍ୟାଦି ଅନ୍ୟତମ। ପୀଠରେ ମା'ଙ୍କ ନିକଟରେ କୁକୁଡା, ବୋଦା ବା ଛେଳି ବଳି ଦିଆଯାଇଥାଏ । ମା' ମହିଷାଶୂରୀଙ୍କ ପୀଠସ୍ଥଳୀ ନିକଟରେ ଗ୍ରାମଦେବତା ହିସାବରେ 'ବଇଚ୍ଛାବୁଢ଼ା'ଙ୍କ ପୀଠସ୍ଥଳୀ ଏକ ବାହାଡା ଗଛ ମୂଳରେ ରହିଛି ।

ଗ୍ରାମର ନିକଟରେ ଏକ କ୍ଷୁଦ୍ର ନଦୀ ପ୍ରବାହିତ। ଏହି ନଦୀରେ ଲୋକମାନେ ଗାଧୁଆ ପାଧୁଆ କରିଥାଆନ୍ତି। ପାଖରେ ଥିବା ନାଳକୁ ମଧ୍ୟ ଗାଧୋଇବା ପାଇଁ ବ୍ୟବହାର କରନ୍ତି। ଏତଦ୍‌ବ୍ୟତୀତ ଗାଁରେ ଥିବା ଦୁଇଟି ପୋଖରୀରେ ଲୋକମାନେ ଗାଧୋଇବା ସହିତ ଲୁଗାପଟା ସଫା କରିବା, ବାସନକୁସନ ମାଜିବା, ଗୃହପାଳିତ ପଶୁକୁ ଗାଧୋଇଦେବା ଇତ୍ୟାଦି କାର୍ଯ୍ୟ କରିଥାଆନ୍ତି। ଏହା ସହିତ ଗ୍ରାମରେ ଥିବା କୂଅ ଏବଂ ନଳକୂଅର ଜଳକୁ ପାନୀୟଜଳ ରୂପେ ବ୍ୟବହାର କରିଥାନ୍ତି ।

ଗ୍ରାମର ପ୍ରବେଶ ପଥରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସେବାଶ୍ରମ ରହିଛି। ଗ୍ରାମର ମଧ୍ୟ ଭାଗରେ ଏକ ଡାକଘର ରହିଛି। ଗ୍ରାମର ଦାଣ୍ଡ ସଂକୀର୍ଣ୍ଣ। ଗ୍ରାମର ଶେଷଭାଗରେ ଗ୍ରାମଦେବତୀ ମା' 'ମହିଷାଶୂରୀ'ଙ୍କ

ପୀଠ, ଗ୍ରାମଦେବତା 'ବଇଛାବୁଢ଼ା'ଙ୍କ ପୀଠ ଓ 'ବାବା କମଳେଶ୍ୱର'ଙ୍କ ମନ୍ଦିର ରହିଛି । ଗ୍ରାମର ଘରଗୁଡିକ ରାସ୍ତାର ଉଭୟ କଡରେ ବିଚ୍ଛୁରିତ ଭାବରେ ଦଣ୍ଡାୟମାନ । ମଙ୍ଗଳାଙ୍କ ପୀଠ ମଧ୍ୟ ଗ୍ରାମର ଶେଷ ଭାଗରେ ରହିଛି ।

ପୂର୍ବପୁରୁଷଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ସେଭଳି କୌଣସି ସମାଧି ସ୍ଥାପନା କରାଯାଇ ନଥାଏ । କିନ୍ତୁ ରାଜୁଆରମାନେ କୌଣସି ବ୍ୟକ୍ତିର ମୃତ୍ୟୁ ପରେ ସ୍ମୃତିପଥର ରଖିଥାଆନ୍ତି ବୋଲି ସେମାନେ ମତବ୍ୟକ୍ତ କରିଥାଆନ୍ତି ।

କାଳକ୍ରମେ ସମୟର ପରିବର୍ତ୍ତନ ତଥା ବିଭିନ୍ନ ଉନ୍ନୟନମୂଳକ ଯୋଜନା ମାଧ୍ୟମରେ ସବୁକ୍ଷେତ୍ରରେ ଏ ଅଞ୍ଚଳର କିଞ୍ଚିତ୍ ଉନ୍ନତି ହୋଇପାରିଛି । କେତେକ ଧନୀଶ୍ରେଣୀର ଲୋକେ ନିଜ ଚେଷ୍ଟାରେ ଟିଣ ଛପର, କଂକ୍ରିଟ୍, ଇଟା, ପଥର ଇତ୍ୟାଦି ସହାୟତାରେ ଗୃହ ନିର୍ମାଣ କଲେଣି । ମାତ୍ର ଗରିବ ଲୋକମାନେ ଝାଟିମାଟିରେ ଘର ତିଆରି କରିଥାଆନ୍ତି । ଏତଦ୍‌ବ୍ୟତୀତ ସରକାରଙ୍କ ଅନୁଦାନ ପାଇ ଇନ୍ଦିରା ଆବାସ ଯୋଜନାରେ ଗୃହ ତିଆରି କରାଯାଇଛି । ଅର୍ଥାଭାବରୁ ଗରିବ ଲୋକେ ସେଭଳି କଂକ୍ରିଟ୍, ଟିଣ ଛପର ଘର ତିଆରି ପରିବର୍ତ୍ତେ ଚାଳଛପର ଘରକୁ ଆଦରି ନେଇଥାଆନ୍ତି । ସେହି ଚାଳଘରେ ସେମାନେ ଶାନ୍ତି ପାଇଥାଆନ୍ତି ବୋଲି କହନ୍ତି । ରାଜୁଆର (ବଗାଇ)ମାନଙ୍କ ମଧ୍ୟରୁ ଅଧିକାଂଶ ଗରିବ ଶ୍ରେଣୀର ହୋଇଥିବାରୁ ସିମେଣ୍ଟ, କଂକ୍ରିଟ୍ ଦ୍ୱାରା ଘର ତିଆରି କରିବା ସେମାନଙ୍କ ପାଇଁ କଷ୍ଟସାଧ୍ୟ ।

ଗ୍ରାମର ଶେଷ ଭାଗରେ ଗ୍ରାମଦେବତାଙ୍କ ପାଇଁ ଏକ ଆସ୍ଥାନ ତିଆରି କରାଯାଇଛି । ଗ୍ରାମର ମୁଖ୍ୟ ବା ପ୍ରଧାନ ବ୍ୟକ୍ତିଙ୍କ ପାଇଁ ସେଭଳି ସ୍ୱତନ୍ତ୍ର ଗୃହ ନଥାଏ । ସେମାନଙ୍କର ଗୃହ ନିର୍ମାଣ ଶୈଳୀ ଅନ୍ୟମାନଙ୍କ ନିର୍ମାଣ ଶୈଳୀ ସହ ପ୍ରାୟ ସମାନ ହୋଇଥାଏ । ବିଶେଷ ସ୍ୱତନ୍ତ୍ରତା ନ ଥାଏ । ସମଗୋତ୍ରର ଘର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ହେବ ବୋଲି ସେଭଳି କୌଣସି ଧରାବନ୍ଧା ନିୟମ ନ ଥାଏ । ଗୋଟିଏ ଗୋତ୍ରର ଲୋକ ପାଖରେ ଅନ୍ୟ ଗୋତ୍ରର ଲୋକ ବସବାସ କରିପାରି ଥାଆନ୍ତି । ଅନ୍ୟାନ୍ୟ ଜାତି ଓ ଅନ୍ୟାନ୍ୟ ସଂପ୍ରଦାୟର ଲୋକମାନେ ରାଜୁଆର (ବଗାଇ)ମାନଙ୍କ ଗୃହଠାରୁ ଟିକିଏ ଅଲଗା ଭାବେ ବସବାସ କରିଥାଆନ୍ତି । ଅଳ୍ପ କେତେକ ଲୋକେ ସେମାନଙ୍କ ଘର ପାଖରେ ଘର ତିଆରି କରି ମଧ୍ୟ ରହିଥାଆନ୍ତ ।

ମନୁଷ୍ୟ ବଞ୍ଚି ରହିବା ପାଇଁ ଖାଦ୍ୟ ବସ୍ତ୍ର ଭଳି ବାସଗୃହର ଆବଶ୍ୟକତା ଅପରିହାର୍ଯ୍ୟ । ଗ୍ରୀଷ୍ମ, ବର୍ଷା ଓ ଶୀତ ଦାଉରୁ ରକ୍ଷା ପାଇଁ ମନୁଷ୍ୟ ବାସଗୃହ ଦରକାର କରିଥାଏ । ଏଥି ସହିତ ଗୃହ ପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷା ଦେବା ଚୋର, ଖଣ୍ଡ ଇତ୍ୟାଦିଙ୍କ କବଳରୁ ନିଜକୁ ତଥା ଧନସଂପତ୍ତି ରକ୍ଷା କରିବା ସର୍ବୋପରି ସ୍ଥାୟୀ ଭାବରେ ବସତି ସ୍ଥାପନ କରିବା ପାଇଁ ରାଜୁଆରମାନେ ପାରଂପରିକ ଢଙ୍ଗରେ ବାସଗୃହ ନିର୍ମାଣ କରିଥାଆନ୍ତି । ସ୍ଥାନ, କାଳ, ପାତ୍ର ଅନୁଯାୟୀ ଏହାର ନିର୍ମାଣ ଶୈଳୀରେ ଭିନ୍ନତା ପରିଲକ୍ଷିତ ହୋଇଥାଏ ତଦନୁଯାୟୀ ବ୍ୟବହାର ମଧ୍ୟ ହୋଇଥାଏ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏହି ବାସଗୃହରେ ହିଁ ସମାହିତ ହୋଇଥାଏ ।

ବାସଗୃହ ନିର୍ମାଣ ପାଇଁ ସ୍ଥାନଟି ନିର୍ଦ୍ଦିଷ୍ଟ ବ୍ୟକ୍ତି ପାଇଁ ଅନୁକୂଳ ହେବ କି ନାହିଁ ସେଥିପାଇଁ ବିଭିନ୍ନ ପ୍ରକାର ପରୀକ୍ଷା କରାଯାଇଥାଏ । ସ୍ଥାନ ନିରୂପଣ ପରେ ସଂପୃକ୍ତ ସ୍ଥାନର କୌଣସି ଅଂଶକୁ ଗୋବର ଦ୍ୱାରା ଲିପି ଦିଆଯାଏ । ସେଠାରେ ଗୋଟିଏ ଢ଼ାଳରେ ପାଣି ପୂର୍ଣ୍ଣ କରି ଧର୍ମଦେବତାଙ୍କୁ ସାକ୍ଷୀ ରଖି ଥୋଇ ଦିଆଯାଏ । ଜଳପୂର୍ଣ୍ଣ ଢ଼ାଳଟିକୁ ଭଲ ଭାବରେ ଘୋଡାଇ ଦିଆଯାଇଥାଏ । ତା' ପରଦିନ ସକାଳେ ଘୋଡାଯାଇଥିବା ଢ଼ାଳଟିକୁ ଖୋଲା ଯାଏ । କୌଣସି କାରଣରୁ ଯଦି ଢ଼ାଳଟିରୁ ପାଣି କମି ଯାଇଥାଏ, ତେବେ ସେହିଠାରେ ବାସଗୃହ ନିର୍ମାଣ କରାଯାଏ ନାହିଁ । ତାହା ଗୃହ ଉପଯୋଗୀ ସ୍ଥାନ ନୁହେଁ ବୋଲି ରାଜୁଆରମାନେ ବିଶ୍ୱାସ କରିଥାଆନ୍ତି । ଅନ୍ୟ ଏକ ପରୀକ୍ଷା ହେଉଛି ସ୍ଥିରୀକୃତ ସ୍ଥାନରେ ଗୋଟିଏ ହାତରେ ଛଡାଯାଇଥିବା କିଛି ଅରୁଆ ଚାଉଳକୁ ନିର୍ଦ୍ଦିଷ୍ଟ ସ୍ଥାନରେ ସଜାଇ ରଖାଯାଏ । ଚାଉଳ ଉପରେ ଚଉପଦୀ କିମ୍ବା ବାଉଁଶ ତିଆରି ବୋଝଟିଏ ଘୋଡାଇ ଦିଆଯାଏ । ତା'ପର ଦିନ ସକାଳୁ ସେହି ସ୍ଥାନକୁ ଯାଇ ଚାଉଳ ଉପରେ ଆବୃତ ବୋଝକୁ ଆସ୍ତେ ଖୋଲି ଦେଖିଲେ ଯଦି ଚାଉଳଗୁଡିକ ପୂର୍ବପରି ସୁରକ୍ଷିତ ଓ ସୁସଜ୍ଜିତ ଅବସ୍ଥାରେ ଥାଏ, ତେବେ ସେହି ସ୍ଥାନଟି ସଂପୃକ୍ତ ବ୍ୟକ୍ତି ପାଇଁ ଶୁଭପ୍ରଦ ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି । ସେହିଠାରେ ଗୃହ ନିର୍ମାଣ କଲେ ବ୍ୟକ୍ତିର ଉନ୍ନତି ହୋଇଥାଏ ବୋଲି ରାଜୁଆରମାନେ ମତ ଦିଅନ୍ତି ।

ଗୃହ ନିର୍ମାଣ ପାଇଁ ସ୍ଥାନ ସ୍ଥିରୀକୃତ ପରେ ଶୁଭ ପକାଇବା ପାଇଁ ବ୍ରାହ୍ମଣଠାରୁ ଶୁଭବେଳା ବୁଝି ନିଆଯାଏ । ବ୍ରାହ୍ମଣ ଗ୍ରହ ନକ୍ଷତ୍ରଙ୍କୁ ଅନୁଧ୍ୟାନ କରି ଘର ଶୁଭଦେବା ପାଇଁ ଶୁଭବେଳା ବତାଇ ଦେଇଥାଏ । ବ୍ରାହ୍ମଣ କହିଥିବା ଶୁଭ ବେଳାରେ ନୂତନ ଗୃହର ଶୁଭ

ଦିଆଯାଏ । ଏଥିପାଇଁ ଶାଳ କିମ୍ବା ମହୁଲ ଗଛର ଖୁଣ୍ଟ ଏବଂ ଗଡି ଯାଉଥିବା ପାଣିରୁ ଚଳନ୍ତା ପଥର ଆଣି ଶୁଭ ଦିଆଯାଏ । ଶୁଭ ଖୁଣ୍ଟରେ କଞ୍ଚାହଳଦୀ, ଦୁବଘାସ, ତମ୍ବାପଇସା, ଅରୁଆ ଚାଉଳ, ସିନ୍ଦୂର ବନ୍ଧାଯାଇ ପୂଜାପାଠ କରାଯାଇଥାଏ । କେତେକ କ୍ଷେତ୍ରରେ ବ୍ରାହ୍ମଣ ପୂଜା ପାଠ କରୁଥିବାବେଳେ ଆଉ କେତେକ କ୍ଷେତ୍ରରେ ଗୃହକର୍ତ୍ତା ନିଜେ ଧର୍ବଦେବତା ଓ ଗ୍ରାମଦେବତୀ ମହିଷାଶୂରୀଙ୍କୁ ସ୍ମରଣ କରି ଶୁଭ ଦେଇଥାଏ । ଗୃହକର୍ତ୍ତାଙ୍କ ଦ୍ୱାରା ସମସ୍ତ ବିଧିବ୍ୟବସ୍ଥା ହୋଇଥାଏ ।

ପାରମ୍ପରିକ ଗୃହ ନିର୍ମାଣ ପାଇଁ ରାଜୁଆର (ବଗାଳ)ମାନେ ଜଙ୍ଗଲରୁ କେତେକ ଉପକରଣ ସଂଗ୍ରହ କରିଥିବାବେଳେ ଧାନକଟା ପରେ ନଡା କିମ୍ବା ପାଳ ସଂଗ୍ରହ କରିଥାଆନ୍ତି । ଧାନଚାଷ କରୁଥିବାରୁ କୁଟା ବା ନଡାର ଅଭାବ ନ ଥାଏ । ଜଙ୍ଗଲରୁ ଏମାନେ କାଠ (କାଠ), ଖୁଣ୍ଟ (ଖୁଣ୍ଟା), ମଥାନ ଖୁଣ୍ଟ (ଟୁଇ ଖୁଣ୍ଟା), ଗୁଅ (ରଲା), ବତା (ବାତା), ଲଇ ଇତ୍ୟାଦି ସଂଗ୍ରହ କରିଥାଆନ୍ତି । କାନ୍ଥ ତିଆରି ପାଇଁ ପାଖରେ ଥିବା ପଡିଆମାଟିକୁ ସେମାନେ ବ୍ୟବହାର କରିଥାଆନ୍ତି । ତେଣୁ ପାରମ୍ପରିକ ବାସଗୃହ ନିର୍ମାଣ କ୍ଷେତ୍ରରେ ରାଜୁଆରମାନଙ୍କୁ ଅଧିକ ଖର୍ଚ୍ଚ, ସମୟ ବା କଷ୍ଟ ସ୍ୱୀକାର କରିବାକୁ ପଡି ନଥାଏ ।

ଗୃହ ନିର୍ମାଣ ପାଇଁ ପ୍ରଥମେ ମାପ ଅନୁଯାୟୀ ଚାରିକୋଣରେ ଚାରିଟି କାଠ ଖୁଣ୍ଟ ପୋତାଯାଇଥାଏ ଏବଂ ଲମ୍ବା ଭାବରେ ଦୁଇ ଖୁଣ୍ଟର ମଝି ଅଂଶରେ ଅଧିକ ଦୁଇଟି ଖୁଣ୍ଟ ରହିଥାଏ । ଖୁଣ୍ଟ ଗୁଡିକର ଲମ୍ବ ପ୍ରାୟ ଛଅ ହାତ ହୋଇଥାଏ । ଖୁଣ୍ଟଗୁଡିକୁ ଯୋଡିବା ପାଇଁ କାଠର ଲମ୍ବା ଦଣ୍ଡା ଲାଗେ ଏବଂ ମଝିରେ ଶେଣୀ ରହେ । ଚାରିଟି ଘୋଡିଆକୁ ଖାପ କରାଯାଇ ତା' ଉପରେ ଶେଣୀ ବସାଯାଏ । ଶେଣୀ ଓ କାଠଦଣ୍ଡାର ମଝି ଭାଗରେ ବାଉଁଶ ରୁଅ ପକାଯାଏ । ତା' ଉପରେ ବାଉଁଶ କଣି ଓ ଅନ୍ୟାନ୍ୟ ଝଟା ବିଛା ଯାଇଥାଏ । ଝଟା ମଜଭୁତ ହେବା ପାଇଁ ବାଉଁଶ ବତା ବନ୍ଧାଯାଇଥାଏ । ବତା ଓ ନଇ ଦ୍ୱାରା ବୋତାରି ଦିଆଯାଏ । ତା'ପରେ ଚଳୁ ଉପର ଆଡକୁ ଛଣ/ କୁଟା/ ନଡାରେ ଛପର କରାଯାଇଥାଏ । ଛାଆଣୀର ପ୍ରତ୍ୟେକ ସ୍ତରକୁ ବାଉଁଶ ବତା ସାହାଯ୍ୟରେ ବନ୍ଧା ଯାଇଥାଏ । ଏହା ଦ୍ୱାରା ଛାଆଣୀ ମଜଭୁତ ହୋଇଥାଏ । ପବନ ଓ ବାତ୍ୟାରୁ ରକ୍ଷା ମିଳିଥାଏ । ଆସ୍ତେ ଆସ୍ତେ ଘରର ମଥାନ ପର୍ଯ୍ୟନ୍ତ କୁଟା / ନଡା ସ୍ତର ସ୍ତର ବିଛା ଯାଇଥାଏ । ଉପର ମଥାନରେ ଖାଲିଥିବା ସ୍ଥାନ ସବୁକୁ କୁଟା ବିଡା ଦ୍ୱାରା ଆବୃତ କରାଯାଇଥାଏ । ମଥାନ ମାରିବା ସମୟରେ ଅଧିକ ସତର୍କ ରହିବାକୁ ପଡିଥାଏ । କାରଣ କାମ ଢିଲା ହେଲେ ବର୍ଷା ପାଣି

ନିର୍ଣ୍ଣିତ ଗୃହ ମଧ୍ୟରେ ପଡିଥାଏ । ମଥାନ ଉପରେ ନଡା/ କୁଟା ବିଡାଗୁଡିକ ଲମ୍ବଭାବରେ ଶୁଆଇ ଦିଆଯାଇଥାଏ । ସେଗୁଡିକ ଭଲ ଭାବରେ ମଜଭୁତ ରଖିବାକୁ ବାଉଁଶବତା ଦ୍ୱାରା ବନ୍ଧାମାଇଥାଏ । ଆବଶ୍ୟକ ଅନୁଯାୟୀ ବାନ୍ଧିବା ସ୍ଥାନରେ କେବଳ ବାଉଁଶ କଣି ହିଁ ବ୍ୟବହୃତ ହୋଇଥାଏ । ଛପର ପରେ ଝାଟି ମାଟିରେ କାନ୍ଥ ତିଆରି କରାଯାଇଥାଏ । ପ୍ରଥମେ କୌଣସି ସ୍ଥାନରୁ ମାଟି ହାଣି ସେଥିରେ ପାଣି ଦିଆଯାଇ ଗୋଡରେ ଚକଟି କାଦୁଅ ପ୍ରସ୍ତୁତ କରାଯାଇଥାଏ । ଏହାକୁ ଏପରି ଅବସ୍ଥାରେ ଦୁଇ ଦିନ ଛାଡି ଦିଆଯାଏ । ପୁନଃ କାଦୁଅକୁ ଚକଟା ଯାଇଥାଏ । କାନ୍ଥ ବସାଇବା ସ୍ଥାନରେ ଟିକିଏ ହାଣି ପାଣି ପକାଇ ମାଟିକୁ ଚକଟି ଦିଆଯାଏ । ଏହାପରେ ଚକଟା ଯାଇଥିବା କାଦୁଅକୁ ଆଣି ଲଦି ଲଦି କାନ୍ଥ ତିଆରି କରାଯାଇଥାଏ । ସାଧାରଣତଃ ପୁରୁଷଲୋକମାନେ କାନ୍ଥ ତିଆରି କରିଥାଆନ୍ତି । ସ୍ତ୍ରୀଲୋକମାନେ କାଦୁଅ ବୋହି ଯୋଗାଇଥାଆନ୍ତି । କାଦୁଅ କାନ୍ଥଟି ଶୁଖିବା ପାଇଁ ପ୍ରାୟ ଗୋଟିଏ ସପ୍ତାହ ଲାଗିଥାଏ । ଏକ ସପ୍ତାହ ପରେ ପୁନଃ କାନ୍ଥ ଦିଆଯାଏ । ଏହିପରି କାଦୁଅରେ ପାଞ୍ଚ ସାତ ଲଦା କାନ୍ଥ ଦିଆଯିବା ପରେ କାନ୍ଥ ଦେବା ବନ୍ଦ କରାଯାଇଥାଏ । ମଝି ଘର କାନ୍ଥ ଉପରେ ପଟାପକାଯାଇ ଆଟୁ ତିଆରି କରାଯାଇଥାଏ । ଘରଛପର ଶେଷରେ ଚାଳରେ ଆମ୍ବପତ୍ର ଖୋସି ଚାଳ ଉପରକୁ ହଳଦୀପାଣି ଫୋପାଡିବାର ପ୍ରଥା ରହିଛି । କାନ୍ଥ ଦେଇସାରିବା ପରେ ସେମାନେ କାନ୍ଥ ଉପରେ ଫକାଳିଆ (ବିଇମାଟି) ମାଟି ଲିପିଥାଆନ୍ତି । କାନ୍ଥର ତଳ ଅଂଶରେ ନାଲିରଙ୍ଗର ଗୋଡିକୁ ଗୁଣ୍ଡ କରି ସେଥିରେ ପାଣି ଦେଇ ଲିପାଯାଏ । ଏସବୁ କାର୍ଯ୍ୟ ରାଜୁଆର ମହିଳାମାନେ କରିଥା'ନ୍ତି ।। ବାସଗୃହର ଚଟାଣକୁ ମାଟି ପକାଇ ସମତୁଲ କରିଥାଆନ୍ତି । ସଂପୂର୍ଣ୍ଣ ଶୁଖିଗଲେ ଗୋବର ମିଶ୍ରିତ ମାଟିରେ ଲିପିଥାଆନ୍ତି । ଗୃହକୁ ତିନୋଟି ପ୍ରକୋଷ୍ଠରେ ବିଭକ୍ତ କରାଯାଇଥାଏ; ଯଥା: ରୋଷେଇଘର (ରାନ୍ଧାଘାର), ଶୋଇବାଘର (ଶୁତ୍‌ବା ଘାର) ଓ ଭଣ୍ଡାରଘର (ବଡ୍‌ଘାର) । ରୋଷେଇଘର କଡରେ ଘରର ସମସ୍ତ ସଦସ୍ୟ ଖାଇଥାଆନ୍ତି । ଶୋଇବାଘରର ସମ୍ମୁଖ ଭାଗରେ ପ୍ରତ୍ୟେକ ରାଜୁଆର ଘରର ଏକ ବାରଣ୍ଡା ଥାଏ । ଏହି ବାରଣ୍ଡା ବା ପିଣ୍ଡାରେ ଚାଷ ଉପକରଣ ଏବଂ ଗୃହୋପକରଣ ରଖାଯାଇଥାଏ । ଶୋଇବା ଘରକୁ ଲାଗିକରି ଭଣ୍ଡାରଘର ବା ବଡ୍‌ଘାର୍ ରହିଛି । ବିଭିନ୍ନ ପ୍ରକାର ଶସ୍ୟ ଏଠାରେ ରଖାଯାଇଥାଏ । ଘରର ପଛ ପାଖରେ ଘରକୁ ଲାଗିକରି ଗୁହାଳ ଥାଏ। ପୁନଶ୍ଚ ଗୃହ ପଛପଟେ ମଧ୍ୟ ଢ଼ିଙ୍କି ଘର ତିଆରି କରାଯାଇଥାଏ । ଘରର ମୁଖ୍ୟ ଛପର ଠାରୁ ତଳକୁ ଟିକିଏ ଗଡାଣିଆ କରି ଏହିଠାରେ ଢ଼ିଙ୍କି ପଡିଥାଏ । ରାଜୁଆର ଭାଷାରେ ଏହି ଘରକୁ 'ଢ଼େଙ୍କିଘାର୍' କୁହାଯାଏ ।

ରୋଷେଇ ଘରେ ଏକ କୋଣରେ ଚୁଲି କରାଯାଇଥାଏ । ପାଣିପାତ୍ର, ବାସନକୁସନ ଲୁଣକଠା ସେହିଘରେ ରଖାଯାଇଥାଏ । ଭଣ୍ଡାର ଘରର ଏକ କୋଣରେ ଘରର ଇଷ୍ଟ ଦେବତା ରହିଥାଆନ୍ତି ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି ।

ଗୃହ ପ୍ରତିଷ୍ଠା କରିବା ପାଇଁ ବ୍ରାହ୍ମଣ ନିକଟକୁ ଯାଇ ଶୁଭବେଳା ଠିକ୍ କରାଯାଇଥାଏ । ଠିକ୍ ସମୟରେ ବ୍ରାହ୍ମଣ ନୂତନ ଗୃହକୁ ଆସି ଘିଅ ପୋଡି ହୋମ କରିଥାଆନ୍ତି । ଶାନ୍ତ ବାତାବରଣ ଏବଂ ଭବିଷ୍ୟତର ସୁରକ୍ଷା ପାଇଁ ଏହା କରାଯାଇଥାଏ । ଗୃହଟିର ଦୀର୍ଘାୟୁ ମଧ୍ୟ ନାମନା କରାଯାଇଥାଏ । ଗରିବ ଲୋକମାନେ ଘିଅ ପୋଡି ହୋମ କରିପାରନ୍ତି ନାହିଁ । ସେମାନେ ଏକ ଛୋଟ ମାଟି ହାଣ୍ଡି ସଂଗ୍ରହ କରିଥାଆନ୍ତି । ସେଥିରେ ଅରୁଆଚାଉଳକୁ ଧୋଇ ଗାଈ କ୍ଷୀର ମିଶାଇ ନିଆଁରେ ଗରମ କଯାଇଥାଏ । କିଛି ସମୟ ପରେ କ୍ଷୀରି ପ୍ରସ୍ତୁତ ହୋଇଯାଏ । ଗରମ ହେବା ସମୟରେ କ୍ଷୀରିରୁ କିଛି ଅଂଶ ଉତୁରିଯାଇ ନିଆଁରେ ଓ ଭୂମିରେ ପଡିଥାଏ । କ୍ଷୀରି ହେବାପରେ ଗୃହର ଦେବଦେବୀ ଓ ପିତୃପୁରୁଷମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ରୋଷେଇଶାଳରେ ସେମାନଙ୍କ ଉଦ୍ଦେଶ୍ୟରେ ଭୋଗ ଦିଆଯାଇଥାଏ । ଫଳରେ ଗୃହଟି ସୁରକ୍ଷିତ ଅବସ୍ଥାରେ ରହିଥାଏ ବୋଲି ରାଜୁଆରମାନେ ମତବ୍ୟକ୍ତ କରିଥାଆନ୍ତି ।

ଗୃହର ସମ୍ମୁଖ ଭାଗରେ ବାରଣ୍ଡା ବା ପିଣ୍ଡା ରହିଥାଏ । ଏହି ବାରଣ୍ଡାରେ ବସି ଗପସପ ହେବା, ପତ୍ରରେ ଖଲି ତିଆରି କରିବା, ପରିଷ୍କାର କରିବା, ଚାଷ ଉପକରଣ ଓ ଗୃହ ଉପକରଣକୁ ସାଇତି ରଖାଯାଇଥାଏ । ବସାଉଠା ବିଶେଷତଃ ଏହି ବାରଣ୍ଡାରେ କରାଯାଇଥାଏ । ବାରଣ୍ଡାରୁ ଘର ମଧ୍ୟକୁ ପ୍ରବେଶ କଲେ ପ୍ରଥମେ ମୁଖ୍ୟ ଗୃହ ବା ଶୋଇବା ଘର ପଡେ । ତା' ପାଖକୁ ଭଣ୍ଡାର ଘର ରହିଛି । ଭଣ୍ଡାର ଘରେ ଶସ୍ୟ ରଖିବା କୋଠି ଓ କୋଣରେ ଇଷ୍ଟଦେବତା ରହିଥାଆନ୍ତି । ଖରାଦିନେ ଘରର ବାରଣ୍ଡା ବା ପିଣ୍ଡାରେ ରାଜୁଆରମାନେ ଶୋଇଥାଆନ୍ତି । ଗୃହ ସମ୍ମୁଖଭାଗରେ ଥିବା ବାରଣ୍ଡାରେ ସେମାନେ ଜାଳେଣି କାଠ ରଖିଥାଆନ୍ତି । ଏଥି ସହିତ ଗୃହ ଉପକରଣ, କୃଷି ଉପକରଣ ଇତ୍ୟାଦି ରଖାଯାଇଥାଏ । ରୋଷେଇ ଘର କଡରେ ସେମାନଙ୍କର ଖାଇବା ସ୍ଥାନ ରହିଛି । ଏହିଠାରେ ସେମାନେ ଖିଆପିଆ କରିଥାଆନ୍ତି । ରୋଷେଇ ଘରେ ଗୋଟିଏ କୋଣରେ ଚୁଲି ଥାଏ, ଅନ୍ୟ ପାଖରେ ପାଣି ହାଣ୍ଡି ଓ ବାସନକୁସନ ରହିଥାଏ । ବେଳେ ବେଳେ ଏହି ରୋଷେଇ ଘରେ ମଧ୍ୟ ଶୁଆ ଯାଇଥାଏ ।

ଗୃହ ସମ୍ବନ୍ଧୀୟ କେତେକ ଶୁଭ ଓ ଅଶୁଭ ଲକ୍ଷଣ ରାଜୁଆର (ବଗାଳ) ସମାଜରେ ଦେଖାଯାଏ। ସେଗୁଡିକ ମଧ୍ୟରେ ଘର ଚାଳରେ ଶାଗୁଣା ବସିଲେ ଘର ପ୍ରତି ବିପଦ ଆସିଲା ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି । ସେଥିପାଇଁ ବ୍ରାହ୍ମଣଙ୍କୁ ଡାକି ପୂଜାପାଠ ମାଧ୍ୟମରେ ଶୁଦ୍ଧିକରଣ କରାଯାଇଥାଏ। ସେହିପରି ଯଦି ବନ୍ୟଜନ୍ତୁ ଗାଁର ମଝିଦାଣ୍ଡକୁ ଆସନ୍ତି ତେବେ ଅଶୁଭ ହୋଇଥାଏ। ତେଣୁ ଗୁଣିଆକୁ ଡାକି ଗାଁକୁ ବନ୍ଦି ଦିଆଯାଇଥାଏ। ଫଳରେ ଗ୍ରାମରେ କୌଣସି ହିଂସ୍ରଜନ୍ତୁ ପ୍ରବେଶ କରିପାରନ୍ତି ନାହିଁ ବୋଲି ରାଜୁଆରମାନେ ବିଶ୍ୱାସ କରନ୍ତି। ଯଦି ଘରେ ସର୍ବଦା କଳହ ଲାଗିରହେ, ବାରମ୍ବାର ଗୃହର ଧନଜୀବନ ନଷ୍ଟ ହେବାର ଲାଗିଥାଏ, ତେବେ ଗୁଣିଆକୁ ଡାକି ଘର ବନ୍ଧନ କରାଯାଇଥାଏ। ଏପରି ସ୍ଥଳେ ବ୍ରାହ୍ମଣକୁ ଡାକି ମଧ୍ୟ ହୋମ କରି ପୂଜାପାଠ କରାଯାଇଥାଏ। ଗାଁରେ ଯଦି ସର୍ବଦା ଅଭାବ ଅନଟନରେ ଗତିକରେ, ସର୍ବଦା ବିପତ୍ତି ପଡେ, ଗାଁର ଗୋରୁଗାଈମାନଙ୍କୁ ଅଚିହ୍ନା ରୋଗ ହୁଏ, ଏ କ୍ଷେତ୍ରରେ ଗୁଣିଆ/ ଦେହୁରୀ ଗ୍ରାମର ଚତୁଃପାର୍ଶ୍ୱ ସୀମାରେଖାରେ ମନ୍ତ୍ର ଦ୍ୱାରା ବନ୍ଧନ କରିଦିଏ ଏବଂ ଗ୍ରାମ ସୁରକ୍ଷା ଦିଗରେ ଲାଗିପଡେ। ଗ୍ରାମଦେବତୀଙ୍କୁ ପୂଜାର୍ଚ୍ଚନା କରି ଏହାର ପ୍ରତିକାର ପାଇଁ ବିନୀତ ପ୍ରାର୍ଥନା କରିଥାଏ।

ବାସଗୃହ ବ୍ୟତୀତ ଗୃହକୁ ଲାଗି ଗୁହାଳ, ଢିଙ୍କିଶାଳ ଓ ଛେଳି ଘର ରହିଛି। କିନ୍ତୁ ଗ୍ରାମରେ ସେଭଳି କୌଣସି ସ୍ୱତନ୍ତ୍ର ଗୃହ ନାହିଁ। ଗ୍ରାମଦେବତୀ ମା' 'ମହିଷାଶୂରୀ'ଙ୍କ ପାଇଁ ଛୋଟ ଆସ୍ଥାନ ରହିଛି। ରାଜୁଆରମାନେ ଯେକୌଣସି ପୂଜାପାଠ ଠାକୁରାଣୀଙ୍କ ନିକଟରେ କରିଥାଆନ୍ତି। ଗ୍ରାମ ଦାଣ୍ଡରେ ଅନ୍ୟାନ୍ୟ କାର୍ଯ୍ୟ ସଂପାଦନ କରିଥାଆନ୍ତି।

ଆର୍ନ୍ତଗୋଷ୍ଠୀୟ ସଂପର୍କ :

ଗ୍ରାମରେ ବିଭିନ୍ନ ପ୍ରଜାତି ଗୋଷ୍ଠୀ ବସବାସ କରିଥାଆନ୍ତି। ସେମାନଙ୍କ ମଧ୍ୟରେ କରଣ, ଚଷା, ଭୂୟାଁ, ଚନ୍ତି, ଭୂମିଜ ଇତ୍ୟାଦି ପ୍ରଧାନ। ଗ୍ରାମରେ କରଣ ସଂପ୍ରଦାୟର ଲୋକଙ୍କ ସଂଖ୍ୟା କମ୍। ସେମାନେ ରାଜୁଆରମାନଙ୍କଠାରୁ ଖାଦ୍ୟ ଓ ଜଳ ଗ୍ରହଣ କରନ୍ତି ନାହିଁ, କିନ୍ତୁ ରାଜୁଆରମାନେ ସେମାନଙ୍କଠାରୁ ଖାଦ୍ୟ ଓ ଜଳ ଗ୍ରହଣ କରିଥାଆନ୍ତି। ସେହିଭଳି ଚଷା, ଭୂୟାଁ ଓ ଭୂମିଜ ସଂପ୍ରଦାୟ ଲୋକମାନେ ରାଜୁଆରମାନଙ୍କଠାରୁ ଖାଦ୍ୟ ଓ ଜଳ ଗ୍ରହଣ କରନ୍ତି ଓ ରାଜୁଆରମାନେ ମଧ୍ୟ ସେମାନଙ୍କଠାରୁ ଜଳ ଓ ଖାଦ୍ୟ ଗ୍ରହଣ କରିଥାଆନ୍ତି।

ବ୍ରାହ୍ମଣମାନେ ରାଜୁଆରମାନଙ୍କର ପୁରୋହିତ ବା ଯଜମାନ ହିସାବରେ କାର୍ଯ୍ୟ କରିଥାଆନ୍ତି। ବିଭିନ୍ନ ସାମାଜିକ ଅନୁଷ୍ଠାନ ଯଥା ବିବାହ, ଗୃହ ପ୍ରତିଷ୍ଠା, ଶୁଦ୍ଧିକ୍ରିୟା ଇତ୍ୟାଦି

କ୍ଷେତ୍ରରେ ବ୍ରାହ୍ମଣମାନେ ପୂଜା ପାଠ କରିଥାଆନ୍ତି। ଏଥିପାଇଁ ପଇସା, ଚାଉଳ, ଧୋତି ଓ ଗାମୁଛା ବ୍ରାହ୍ମଣକୁ ଦିଆଯାଇଥାଏ। ବର୍ଷ ଶେଷରେ ଧାନକଟା ଯାଉଥିବା ସମୟରେ ବ୍ରାହ୍ମଣକୁ ମଧ୍ୟ ଧାନବିଡାଏ ଦିଆଯାଇଥାଏ। ଗ୍ରାମ ବାହାରୁ ବାରିକ ଓ ଧୋବା ରାଜୁଆରମାନଙ୍କର ସେବାରେ ଆସିଥାଆନ୍ତି। ବାରିକମାନେ ଚୁଟିକାଟି ନଗଦ ପଇସା ଧରି ଯାଇଥାଆନ୍ତି। ସେହିପରି ଧୋବା ମଧ୍ୟ ସନ୍ଧ୍ୟା ମଧ୍ୟରେ ତା'ର ଉପଯୁକ୍ତ ପାଉଣା ନେଇଥାଏ। ବର୍ଷ ଶେଷରେ ଉଭୟ ଧୋବା ଓ ବାରିକ ଧାନକଟା ସମୟରେ ଗୋଟିଏ ଲେଖାଏଁ ଧାନବିଡା ନେଇଥାଆନ୍ତି ।

ବୈଶିଷ୍ଟ୍ୟ :

ରାଜୁଆରମାନଙ୍କର କେତେକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି । ସେଗୁଡିକ ହେଲା :-

୧. ଶାରୀରିକ ବୈଶିଷ୍ଟ୍ୟକୁ ଅନୁଧ୍ୟାନ କଲେ ରାଜୁଆରମାନେ ଦେଖିବାକୁ ଉଭୟ ଡେଙ୍ଗା ଓ ବାଙ୍ଗରା। ଅଧିକାଂଶ ରାଜୁଆରଙ୍କ ଶରୀରର ରଙ୍ଗ ପ୍ରାୟତଃ କଳା।

୨. ଏମାନେ ସ୍ଥାୟୀ ଭାବରେ ବସବାସ କରିବାକୁ ପସନ୍ଦ କରିଥାଆନ୍ତି ।

୩. ବିଶେଷତଃ ନଦୀକୂଳ, ଝରଣା କୂଳ ଇତ୍ୟାଦି ଜଳଉତ୍ସ ନିକଟରେ ବସବାସ କରିବାକୁ ପସନ୍ଦ କରିଥାଆନ୍ତି ।

୪. ମକର ପରେ ପରେ ଏମାନେ ଝାଟିମାଟିରେ ଘର ତିଆରି ଆରମ୍ଭ କରିଥାଆନ୍ତି ।

୫. ଚୁଡା ବିକ୍ରି କରିବା ଏମାନଙ୍କର ମୁଖ୍ୟ ଜୀବିକା ।

୬. ଏମାନେ ବଣରୁ କାଠ, ପତ୍ର, ଝୁଣା, ମହୁ, ଛତୁଇତ୍ୟାଦି ସଂଗ୍ରହ କରିଥାଆନ୍ତି।

୭. ବଙ୍ଗଳା ଓ କୁରୁମାଳି ଭାଷା ସହିତ ଏମାନଙ୍କ ଭାଷାର ସାମଞ୍ଜସ୍ୟ ରହିଛି।

୮. ଏମାନଙ୍କ ମଧ୍ୟରୁ ପ୍ରାୟ ସତୁରି ଶତାଂଶ ନୀରକ୍ଷର ।

୯. ମହିଳାମାନେ ସାଧାରଣତଃ ଶାଢ଼ି, ଶାୟା ଓ ବ୍ଲାଉଜ୍ ପରିଧାନ କରିଥାଆନ୍ତି ।

୧୦. ଏମାନଙ୍କ ସମାଜରେ ଦ୍ୱିତୀୟ ବିବାହ ପ୍ରଥା ପ୍ରଚଳିତ ।

୧୧. ଏମାନେ ବିକ୍ଷିପ୍ତ ଭାବରେ ବସବାସ କରୁଥିବାରୁ ଏମାନଙ୍କ ମଧ୍ୟରେ ମୂଳ ସଂସ୍କୃତି ଓ ପରମ୍ପରା ବିବର୍ତ୍ତିତ ।

୧୨. ଏମାନେ ସରଳ, ନିଷ୍କପଟ, ପରୋପକାରୀ ଓ ସ୍ନେହୀ ।

■■■

ଜୀବନଚକ୍ର

ଶ୍ରେଷ୍ଠ ସାମାଜିକ ପ୍ରାଣୀ ହିସାବରେ ମନୁଷ୍ୟ ସମାଜରେ ଜନ୍ମ ହୁଏ, ବଞ୍ଚିରହେ ଏବଂ ଶେଷରେ ମୃତ୍ୟୁବରଣ କରିଥାଏ। ଜନ୍ମ ଓ ମୃତ୍ୟୁ ମଧ୍ୟରେ ହିଁ ରହିଛି ମଣିଷର ଜୀବନ। ଜୀବନ କାଳ ମଧ୍ୟରେ ତାକୁ ଅନେକ ସୋପାନ ଦେଇ ଗତି କରିବାକୁ ପଡିଥାଏ। ଅନେକ ବାଧା ବନ୍ଧନକୁ ଦୂର କରି ସେ ସମାଜରେ ମଣିଷ ପରି ବଞ୍ଚିବାର ପ୍ରୟାସ କରେ। ରାଜୁଆର୍ ଜନଜାତି ମଧ୍ୟ ନିଜ ଜୀବନଚକ୍ରରେ ବିଭିନ୍ନ ଅବସ୍ଥା ଦେଇ ଗତି କରି ନିଜକୁ କର୍ମାଭିମୁଖୀ କରିଥାଏ। ନିମ୍ନରେ ସେମାନଙ୍କ ଜୀବନଚକ୍ର ସହିତ ଜଡିତ ବିଭିନ୍ନ ଅବସ୍ଥା ବିଷୟରେ ଆଲୋଚନା କରାଯାଇଛି।

ଗର୍ଭାବସ୍ଥା:

ବୈବାହିକ ଜୀବନର ପ୍ରତୀକ ସ୍ୱରୂପ ପ୍ରତ୍ୟେକ ଦମ୍ପତି ସନ୍ତାନସନ୍ତତି ଇଚ୍ଛା କରିଥାନ୍ତି। ବଂଶ ରକ୍ଷା ହିଁ ବିବାହର ମୌଳିକ ଲକ୍ଷ୍ୟ ଏବଂ ମାତୃତ୍ୱ ଲାଭ ନାରୀ ଜୀବନର ମୁଖ୍ୟ ଉଦ୍ଦେଶ୍ୟ। ରାଜୁଆର୍ ସମାଜର ପୁରୁଖା ଲୋକମାନେ କହନ୍ତି ଯେ ସ୍ତ୍ରୀର ଋତୁସ୍ରାବର ଦଶ-ପନ୍ଦର ଦିନ ମଧ୍ୟରେ ଶାରୀରିକ ସଂପର୍କ ସ୍ଥାପନ କଲେ ଗର୍ଭଧାରଣର ସମ୍ଭାବନା ଅଧିକ ଥାଏ। ମହିଳା ଜଣକର କ୍ରମାଗତ ମାସିକ ଋତୁସ୍ରାବ ବନ୍ଦ ହୋଇଗଲେ ଗର୍ଭ ସଂଚାର ହୋଇଛି ବୋଲି ସେମାନେ ବିବେଚନା କରିଥାଆନ୍ତି । କିନ୍ତୁ ଏସବୁ ହଠାତ୍ ଅନ୍ୟମାନେ ଜାଣି ପାରନ୍ତି ନାହିଁ ।

ଗର୍ଭାବସ୍ଥାରେ ଗର୍ଭବତୀ ମହିଳା ସାମାଜିକ ନିୟମ କାନୁନ୍, କେତେକ ଅନ୍ଧବିଶ୍ୱାସ ଓ କେତେକ ବ୍ୟବହାରିକ ଦୃଷ୍ଟିକୋଣରୁ ବିଚାର କଲେ କେତେକ ବାରଣ ବା ବିଧି ନିଷେଧ ପାଳନ କରିଥାଏ, ଯେପରି:

- ଗର୍ଭାବସ୍ଥାରେ କୌଣସି ଠାକୁର କିମ୍ବା ଠାକୁରାଣୀଙ୍କ ପୀଠକୁ ଯିବାପାଇଁ ବାରଣ କରାଯାଇଥାଏ। ରାଜୁଆରମାନେ ଏହାକୁ ଅଶୁଦ୍ଧି ବିଚାର କରନ୍ତି।
- କୌଣସି ନୂଆ ଜିନିଷ ପ୍ରଥମେ ବ୍ୟବହାର କରିବାକୁ ମନା କରାଯାଇଥାଏ। ପରିବାରର ଶାଶୂ କିମ୍ବା ନଣନ୍ଦ ବ୍ୟବହାର କରିବା ପରେ ସେ ବ୍ୟବହାର କରିଥାଏ।

- ଗର୍ଭବତୀ ମହିଳାକୁ ଅଧିକ ପରିମାଣରେ ଖାଇବା ପାଇଁ ମନା କରାଯାଇଥାଏ। ଆବଶ୍ୟକ ପରିମାଣଠାରୁ କମ୍ ଖାଇବାକୁ ଦିଆଯାଏ। ଅଧିକ ଖାଇଲେ ଗର୍ଭସ୍ଥ ଶିଶୁର ପେଟ ବଢ଼ିଯିବ। ଏପରିକି ଗର୍ଭରେ ଶିଶୁଟି ହୃଷ୍ଟପୁଷ୍ଟ ହୋଇଯିବ। ପ୍ରସବ ସମୟରେ ଯନ୍ତ୍ରଣାଦାୟକ ହେବ।

- ଗର୍ଭବତୀ ମହିଳାଙ୍କୁ ମକା, ପଣସ ମଞ୍ଜି, କାନ୍ଦୁଲ ଇତ୍ୟାଦି ଭାଜି କରି ଖାଇବାକୁ ଦିଆଯାଏ ନାହିଁ । ଏଗୁଡିକ ଖାଇଲେ ଶିଶୁ ଜନ୍ମ ପରେ ଶିଶୁର ଶରୀରରେ ଘାଆ ହୋଇଥାଏ ବୋଲି ଏମାନଙ୍କର ବିଶ୍ୱାସ ଥାଏ ।

- ଭାକୁରମାଛ ଖାଇବା ପାଇଁ ବାରଣ କରାଯାଇଥାଏ।

- ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟ ପରାଗ ସମୟରେ ଗର୍ଭବତୀ ମହିଳା କୌଣସି ପ୍ରକାର କାର୍ଯ୍ୟ କରନ୍ତି ନାହିଁ କିମ୍ବା କୌଣସି ପ୍ରକାର ଖାଦ୍ୟ ଖାଆନ୍ତି ନାହିଁ ।

- କଠିନ ପରିଶ୍ରମ କରିବାପାଇଁ ବାରଣ କରାଯାଇଥାଏ। କୌଣସି ଓଜନିଆ ଜିନିଷ ଉଠାଇବାକୁ ମଧ୍ୟ ମନା କରାଯାଇଥାଏ।

- ନଦୀ ପାର ହେବା ପାଇଁ ମଧ୍ୟ ମନା କରାଯାଇଥାଏ। କିନ୍ତୁ ବର୍ତ୍ତମାନ ନଦୀ ଉପରେ ପୋଲ ହେବା ପରେ ସେମାନେ ପାର ହେଲେଣି ।

ଗର୍ଭଧାରଣ ସମୟରେ ଗର୍ଭବତୀ ମହିଳାର ସ୍ୱାମୀ ପାଇଁ ମଧ୍ୟ କେତେକ କାରଣ ବା ବିଧି ନିଷେଧ ରହିଥାଏ। ସେଗୁଡିକ ହେଲା :

- ଗର୍ଭବତୀ ମହିଳାର ସ୍ୱାମୀ କୌଣସି ପ୍ରକାର ଜୀବଜନ୍ତୁ ଶିକାର କରିବା ମନା। ଯଦି ପଶୁପକ୍ଷୀ ଶିକାର କରନ୍ତି, ତେବେ ତା'ର କୁପ୍ରଭାବ ଗର୍ଭସ୍ଥ ଶିଶୁ ଉପରେ ପଡିଥାଏ।

- ସାପକୁ ମାରିବା ସଂପୂର୍ଣ୍ଣ ମନା। କାରଣ ସାପ ହେଉଛି ମହାଦେବଙ୍କର ବାହାନ। ମହାଦେବ ସମସ୍ତଙ୍କର ଠାକୁର। ତେଣୁ ସେ ସାପ ମାରନ୍ତି ନାହିଁ।

ଗର୍ଭବତୀ ମହିଳାର ସ୍ୱାମୀଙ୍କ ବ୍ୟତୀତ ପରିବାରର ସଦସ୍ୟ ପରିବାର ମଧ୍ୟରେ କିମ୍ବା ପରିବାର ବାହାରେ ସେଭଳି କୌଣସି ବାରଣ ମାନନ୍ତି ନାହିଁ।

ପ୍ରତ୍ୟେକଙ୍କର ଜୀବନ ଭଗବାନଙ୍କର ଦାନ। ତେଣୁ ଗର୍ଭସ୍ଥ ଶିଶୁକୁ ହତ୍ୟା କରିବା ଅର୍ଥ ଭଗବାନଙ୍କର ଆଶୀର୍ବାଦକୁ ନଷ୍ଟ କରିବା ବା ନିଜେ ପାପ କରିବା ସହ ସମାନ । ତେଣୁ ରାଜୁଆର ସମାଜରେ ଗର୍ଭପାତ କରାଯାଏ ନାହିଁ । ମାତ୍ର ବେଳେବେଳେ ସ୍ୱତଃ ଗର୍ଭପାତ ହୋଇଯାଇଥାଏ । ଏହା କୌଣସି ଡାହାଣୀ ବା ଭୂତପ୍ରେତଙ୍କ ଯୋଗୁଁ ହୋଇଥାଏ ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି । ଏଥିପାଇଁ ଗ୍ରାମଦେବତୀଙ୍କୁ ପୂଜା କରିଥାଆନ୍ତି । କୌଣସି କାରଣବଶତଃ ମୃତ ଶିଶୁ ଜନ୍ମ ହେବା କିମ୍ବା ଜନ୍ମ ପରେ ହଠାତ୍ ଶିଶୁର ମୃତ୍ୟୁ ହେବା ଇତ୍ୟାଦି ଅଶରୀରୀ ଆତ୍ମାଙ୍କର ଅଶୁଭ ଦୃଷ୍ଟି ପଡିଛି ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି । ଭବିଷ୍ୟତରେ ଏପରି ନ ହେବା ପାଇଁ ଗୁଣିଆକୁ ଡାକି ଘର ବନ୍ଧନ କରାଯାଏ ଏବଂ ବିଭିନ୍ନ ମନ୍ତ୍ରପାଠ ମଧ୍ୟ କରାଯାଇଥାଏ । କୌଣସି ଭୂତପ୍ରେତ, ଅଶରୀରି ଆତ୍ମା ପ୍ରବେଶ ନ କରିବା ପାଇଁ ଏପରି କରାଯାଇଥାଏ ।

ସମୟର ଦ୍ରୁତ ପରିବର୍ତ୍ତନ ଫଳରେ ସବୁର ପରିବର୍ତ୍ତନ ହେବାରେ ଲାଗିଛି । ଡାକ୍ତରୀ ପରୀକ୍ଷା ଦ୍ୱାରା କେତେକ ସ୍ଥଳେ ଗର୍ଭପାତ କରାଯାଉଛି । ସନ୍ତାନସନ୍ତତି ଆଶା କରୁ ନ ଥିବା ଦମ୍ପତି ନିରୋଧ ବ୍ୟବହାର କରିଥାଆନ୍ତି । ଏହା ଅଙ୍ଗନୱାଡି କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଉପକେନ୍ଦ୍ରମାନଙ୍କ ଠାରୁ ସଂଗ୍ରହ କରିଥାଆନ୍ତି ଏବଂ ଗର୍ଭ ନିରୋଧ ପାଇଁ ବିଭିନ୍ନ ପ୍ରକାର ବଟିକା ମଧ୍ୟ ସେବନ କରୁଥିବାର ରାଜୁଆରମାନେ ମତବ୍ୟକ୍ତ କରିଥାଆନ୍ତି । ଆବଶ୍ୟକ ସ୍ଥଳେ ଡାକ୍ତରୀ ପରୀକ୍ଷା ନିରୀକ୍ଷା କରି ଆଧୁନିକ ଉପାୟରେ ଗର୍ଭପାତ କରାଯାଉଥିବାର ଜଣାଯାଏ ।

ଗର୍ଭବତୀ ମହିଳା ପାଇଁ ସେମିତି କୌଣସି ସ୍ୱତନ୍ତ୍ର ପ୍ରକାରର ଖାଦ୍ୟ ବ୍ୟବସ୍ଥା ନ ଥାଏ । ଗର୍ଭାବସ୍ଥାରେ ଖାଲି ପେଟରେ କିମ୍ବା ଉପାସ ରହିବାକୁ ମନା କରିଥାଆନ୍ତି ।

ଗର୍ଭବତୀ ମହିଳାର ମାସ ଗଣନା କରିବାକୁ ହେଲେ ମାସିକିଆ ଋତୁସ୍ରାବ ବନ୍ଦ ଦିନଠାରୁ ଧରାଯାଇଥାଏ । ଧୀରେ ଧୀରେ ମାସ ବଢ଼ିବାକୁ ଲାଗିଥାଏ । ସେହିଭଳି ଗର୍ଭସ୍ଥ ଶିଶୁ ମଧ୍ୟ ବଢ଼ିବାରେ ଲାଗିଥାଏ । ଗର୍ଭସ୍ଥ ଶିଶୁର ଆବଶ୍ୟକତାକୁ ନେଇ ସାତ ମାସ ଉପସ୍ଥିତ ହେଲେ ଗର୍ଭବତୀ ବିଭିନ୍ନ ପ୍ରକାର ଖାଦ୍ୟ ଖାଇବାକୁ ଇଚ୍ଛା ପ୍ରକାଶ କରିଥାଏ । ନିଜର ସ୍ୱାମୀ, ଶାଶୂ, ଶ୍ୱଶୁର, ଦିଅର, ନଣନ୍ଦ ଠାରୁ ଆରମ୍ଭ କରି ସାହି ପଡିଶା ପର୍ଯ୍ୟନ୍ତ ଗର୍ଭଧାରୀର ମନ ଜାଣି ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ଆଣିଥାଆନ୍ତି । ମନ ଆନନ୍ଦରେ ଗର୍ଭବତୀ ମହିଳା ସେସବୁ ଖାଇଥାଏ । ଠିକ୍ ଏହି ମାସରେ ସ୍ତ୍ରୀର

ବାପଘରୁ 'ସ୍ୱାଦ' ଆସେ। ଏହାକୁ ରାଜୁଆର ଭାଷାରେ 'ସଦୁରଖିଆ'ବୋଲି କୁହାଯାଏ । ବିଭିନ୍ନ ପ୍ରକାର ମିଠା, ପିଠା, ଫଳମୂଳ ଏବଂ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ ନେଇ ଝିଅର ବାପା, ମାଆ,ଭାଇ, ଭଉଣୀ ଝିଅ ଘରକୁ ଆସିଥାନ୍ତି। ମନ ଖୁସିରେ ଝିଅର ବାପ ଘରୁ ଆସିଥିବା ସୁସ୍ୱାଦୁ ଖାଦ୍ୟରୁ କିଛି ସାହି ପଡିଶାଙ୍କ ମଧ୍ୟରେ ବଣ୍ଟାଯାଇଥାଏ। ଗର୍ଭବତୀ ମହିଳାଙ୍କୁ ମନଇଚ୍ଛା ଖାଇବା ପାଇଁ କୁହାଯାଇଥାଏ। ଏଥି ନିମନ୍ତେ ସାହିପଡିଶାରୁ କେତେକ ସ୍ତ୍ରୀ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥାଏ। ସମସ୍ତେ ମିଳିମିଶି ଗର୍ଭବତୀ ମହିଳାଙ୍କୁ ସୁସ୍ୱାଦୁ ଖାଦ୍ୟ ଖୁଆଇ ଦେଇଥାନ୍ତି। ଅନ୍ୟ ସାହିପଡିଶାଙ୍କ ମଧ୍ୟରେ ଖାଦ୍ୟ ବଣ୍ଟନ କରାଯାଇଥାଏ। ଉକ୍ତ ଦିନ ଏକ ଭୋଜିଭାତର ଆୟୋଜନ କରାଯାଇଥାଏ। ସଭିଙ୍କ କଥାନୁସାରେ ଗର୍ଭବତୀ ନିଜେ ଆକଣ୍ଠ ଭୋଜନ କରିଥାଏ।

ରାଜୁଆର ସମାଜରେ ଜଣେ ସ୍ତ୍ରୀ ହିଁ ଅଧିକାଂଶ ଦାୟିତ୍ୱ ବୁଝିଥାଏ। ତେଣୁ ଗର୍ଭବତୀ ହେବାପରେ ମଧ୍ୟ ସେ ସବୁ କାମ ପ୍ରାୟ କରୁଥାଏ। ଶିଶୁ ଜନ୍ମ ହେବା ପର୍ଯ୍ୟନ୍ତ ସେ ଘର କାମ କିଛି କିଛି କରିଥାଏ । କୌଣସି କାମ କରିବା ପାଇଁ ତାକୁ ମଧ୍ୟ ବାଧ କରାଯାଇ ନଥାଏ ନିଜ ସକ୍ଷମ ଅନୁସାରେ ସେ ଘରର ବିଭିନ୍ନ କାମ କରିଥାଏ।

ରାଜୁଆର(ବଗାଳ) ସମାଜରେ କୌଣସି ମହିଳା ଗର୍ଭବତୀ ହେବାପରେ ଏବଂ ସ୍ୱାଦ (ସଦୁର୍ ଖିଆ) ଖାଇ ସାରିବାପରେ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା କରାଯାଇଥାଏ। ପ୍ରାୟ ନଅ(୯) ମାସପରେ ଶିଶୁ ଜନ୍ମ ସମୟ ଉପଗତ ବୋଲି ସେମାନେ ବିଶ୍ୱାସ କରିଥାନ୍ତି । ଶିଶୁଜନ୍ମର ଅବ୍ୟବହିତ ପୂର୍ବରୁ କେତେକ ପରୀକ୍ଷା କରାଯାଇଥାଏ। ସେଥିମଧ୍ୟରୁ କେତୋଟି ପରୀକ୍ଷା ବିଷୟ ଆଲୋଚନାଯୋଗ୍ୟ। ପ୍ରଥମତଃ ଗର୍ଭବତୀ ମହିଳାଙ୍କୁ ଦିବସର ଯେକୌଣି ସମୟରେ ଉଇ ହୁଙ୍କାର ମାଟି ଖାଇବାପାଇଁ ଦିଆଯାଇଥାଏ। ମାଟି ଟିକିଏ ଜିଭରେ ଚାଟିଲେ ଯଦି ପିତା ଲାଗେ, ତେବେ ଗର୍ଭବତୀ ମହିଳା ଝିଅ ଜନ୍ମ କରିବ ବୋଲି ସଭିଙ୍କର ବିଶ୍ୱାସଥାଏ। ସେହିପରି ଯଦି ମାଟି ଜିଭକୁ ମିଠାଲାଗେ, ତେବେ ସେ ପୁତ୍ର ଜନ୍ମ ଦେବ ବୋଲି ବିବେଚନା କରାଯାଇଥାଏ। ସେହିପରି କୌଣସି ଏକ ନଡା ବା କୁଟାକୁ ନିଶ୍ୱାସ ପ୍ରଶ୍ୱାସ ବନ୍ଦ କରି ଗର୍ଭବତୀ ମହିଳା ଦୁଇହାତରେ ଧରି ଯଦି ଶିଘ୍ର ଛିଣ୍ଡାଇଦେବାର ସମର୍ଥ ହୋଇଥାଏ, ତେବେ ତା'ର ଗର୍ଭରୁ ଏକ କନ୍ୟା ଜାତ ହେବ। ସେହିପରି କୁଟା ବା ନଡାଟିକୁ ଛିଣ୍ଡାଇବାରେ ଯଦି ଡେରିହୁଏ, ତେବେ ତା'ର ଗର୍ଭରୁ ଏକ ପୁତ୍ରଜାତ ହେବ ବୋଲି ରାଜୁଆରମାନଙ୍କର ବିଶ୍ୱାସ ରହିଛି। ଅନ୍ୟ ଏକ ପରୀକ୍ଷା ହେଉଛି ଗର୍ଭବତୀ ମହିଳାର ସ୍ୱାମୀ ଅକ୍ରାନ୍ତି (ଚିରିଚିଟ୍) ଗଛକୁ ଏକା ନିଶ୍ୱାସରେ ଉପାଡିଥାଏ

ଏବଂ ସେ ଗଛର କେବଳ ପ୍ରଧାନ ଚେର ସିଧାଭାବରେ ଦେଖାଯାଏ, ତେବେ ତା'ର ଏକ ପୁତ୍ର ଜନ୍ମ ହୋଇଥାଏ ଏବଂ ଯଦି ପ୍ରଧାନ ଚେର ସହିତ ଅନ୍ୟାନ୍ୟ ଚେର ଥାଏ, ତେବେ ତା'ର ଝିଅ ହେବ ବୋଲି ସୂଚନା ମିଳିଥାଏ। ଗର୍ଭବତୀ ମହିଳାର ଉଦର ବଡ ହୋଇଥିଲେ ଓ ଗୋଡହାତ ଫୁଲା ହୋଇଥିଲେ ପୁଅ ହେବାର ଯଥେଷ୍ଟ ସମ୍ଭାବନା ଥାଏ।

ଜନ୍ମୋତ୍ସବ:

ରାଜୁଆରମାନଙ୍କ ମତରେ ଶିଶୁଟି ମାତୃ ଗର୍ଭରେ ନଅ ମାସ ରହିବା ପରେ ହିଁ ଜନ୍ମ ଲାଭ କରିଥାଏ। ଝିଅଟିଏ ଜନ୍ମହେବାର ଥିଲେ ଟିକିଏ ଡେରି ହୋଇଥାଏ, ମାତ୍ର ପୁଅଟିଏ ଜନ୍ମ ହେବାର ଥିଲେ ଟିକିଏ ଶୀଘ୍ର ହୋଇଥାଏ। ପିଲାଟି ଗର୍ଭରେ ରହିବାପରଠାରୁ ସାରାପରିବାରର ଲୋକେ ବ୍ୟଗ୍ର ହୋଇଥାନ୍ତି। କେଉଁଦିନ ପିଲାଟି ଭୂମିଷ୍ଠ ହେବ ସେହିଦିନଟିକୁ ସମସ୍ତେ ଚାହିଁ ବସିଥାଆନ୍ତି। ଶିଶୁଟି ଜନ୍ମ ହେବାର ପୂର୍ବରୁ ସ୍ୱାମୀ ସ୍ତ୍ରୀ ଉଭୟେ ଗ୍ରାମଦେବତୀ ମା' ମହିଷାଶୂରୀ ଓ ଗ୍ରାମ ଦେବତା ବର୍ଣ୍ଣାବୁଢା ତଥା ଅନ୍ୟାନ୍ୟ ଦେବଦେବୀଙ୍କୁ ସୁମରଣା କରିଥାଆନ୍ତି। ଗର୍ଭସ୍ଥ ଶିଶୁ ଭଲରେ ଭୂମିଷ୍ଠ ହେବାପାଇଁ ପ୍ରାର୍ଥନା କରିଥାଆନ୍ତି।

ଗର୍ଭାବସ୍ଥାର ନଅମାସ ପରେ ଆସନ୍ନ ପ୍ରସବର ଆଶଙ୍କା କରି ଦୁଇ ତିନି ଦିନ ପୂର୍ବରୁ ପରିବାର ଲୋକେ ପ୍ରାକ୍ ପ୍ରସ୍ତୁତିରେ ଲାଗି ପଡନ୍ତି । ଶୋଇବା ଘରର ଗୋଟିଏ କୋଣରେ ଗର୍ଭବତୀ ମହିଳା ରହିବା ପାଇଁ ସେହି ସ୍ଥାନଟିକୁ ପରିଷ୍କାର ପରିଚ୍ଛନ କରିଥାଆନ୍ତି । ଭୂମିକୁ ମଧ୍ୟ ଲିପା ପୋଛା କରିଥାଆନ୍ତି । ଘରର ଲୋକେ ଅନ୍ୟ ରାସ୍ତା ଦେଇ ଯିବା ଆସିବା କରିଥାଆନ୍ତି । ଆବଶ୍ୟକ ଦ୍ରବ୍ୟମାନ ପୂର୍ବରୁ ସଂଗ୍ରହ କରାଯାଇଥାଏ ।

ଶିଶୁ ଜନ୍ମ ହେବାର ସମୟ ଉପସ୍ଥିତ ହେଲେ ତଥା ଗର୍ଭବତୀ ମହିଳାର ପ୍ରସବ ବେଦନା ଆରମ୍ଭ ହେଲେ ସଙ୍ଗେ ସଙ୍ଗେ ଧାଈ ବୁଢୀକୁ ଡକାଯାଇଥାଏ। ଗର୍ଭବତୀ ମହିଳାକୁ ଘରର ଏକ କୋଣରେ ବସାଇଦିଆଯାଇଥାଏ। ଧାଇବୁଢୀ ଆସିଲାପରେ ଗର୍ଭବତୀର ଅଣ୍ଡା, ପେଟ ଇତ୍ୟାଦି ଚିପାଚିପି କରିଥାଏ ଏବଂ ପ୍ରସବ ଯନ୍ତ୍ରଣା କିପରି କମ୍ ହେବ ସେ ବିଷୟରେ ଶିକ୍ଷା ଦେଇଥାଏ। ଗର୍ଭବତୀ ମହିଳାର ପେଟରେ ହାତ ମାରି ଟଣାଟଣି କରି ଗର୍ଭସ୍ଥ ଶିଶୁଟିକୁ ଠିକ୍ ଅବସ୍ଥାକୁ ଆଣିଥାଏ। ଫଳରେ ପ୍ରସବ ଯନ୍ତ୍ରଣା କମ୍ ହୋଇଥାଏ। ଛିଣ୍ଡାକପଡା ମଧ୍ୟ ତାକୁ ଯୋଗାଇ ଦିଆଯାଇଥାଏ। ଶିଶୁଟି ଭୂମିଷ୍ଠ ହେବାପରେ ତାକୁ ପରିଷ୍କାର ପରିଚ୍ଛନ କରାଯାଇଥାଏ। ଶିଶୁଟିକୁ ହଳଦି ଲଗାଇଦେଇ ଟିକିଏ ଉଷୁମ ପାଣିରେ ଗାଧୋଇ ଦିଏ। ତା'ପରେ ଶିଶୁଟିର ନାଭିକୁ ବାଉଁଶ ପାତ ଦ୍ୱାରା ଧାଈ କାଟିଥାଏ।

ମା'ର ଫଳ ପଡିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥାଏ । ଶିଶୁର ବାପା ଘରର ପଛପାଖେ ଗୋଟିଏ ଗାତ ଖୋଳିଥାଏ। ମା' ନିଜେ ସେହି ଫୁଲଟିକୁ ନେଇ ସେହି ଗାତରେ ରଖେ, ପରେ ବାପା ମାଟି ଘୋଡେଇ ଦେଇଥାଏ। ତା'ପରେ ଗାତ ଉପରେ କାଠ ଖଞ୍ଜାଇ ନିଆଁ ଲଗାଇ ଦିଆଯାଏ। ନିଆଁ ଝାସରେ ଫୁଲଟି ଶୁଖିଯାଏ ଫଳରେ ଦୁର୍ଗନ୍ଧ ବନ୍ଦ ହୋଇଯାଇଥାଏ। ଏହିଭଳି ସୁରକ୍ଷିତ ଭାବରେ ଫୁଲଟିକୁ ପୋତି ଦିଆଯାଇଥାଏ।

ଶିଶୁ ଜନ୍ମ ପରେ ଗର୍ଭଦାତ୍ରୀ ମା'କୁ କୋଳଥଶିଝ ପାଣି ପିଇବାକୁ ଦିଆଯାଇଥାଏ ଏବଂ କରଞ୍ଜ ଛେଲିକୁ ଶିଝାଇ ତା'ର ପାଣିକୁ ପିଇବାକୁ ଦିଆଯାଇଥାଏ। ଗର୍ଭବତୀ ମହିଳାର ପ୍ରଥମ କ୍ଷୀର କିଛି ବାହାର କରାଯାଇଥାଏ। ଶିଶୁକୁ ପରବର୍ତ୍ତୀ ସମୟରେ ସ୍ତନ୍ୟପାନ କରାଯାଏ।

ଶିଶୁ ଜନ୍ମ ହେବାପରେ ସଙ୍ଗେ ସଙ୍ଗେ ମା'କୁ କୋଳଥ ସିଝାପାଣି ପିଇବାକୁ ଦିଆଯାଇଥାଏ। ତା'ପରେ ଶୁଣ୍ଠି, ପିପଳି, ରସୁଣ ଓ ଉଷୁନା ଚାଉଳର ଭଜାଗୁଣ୍ଡ ଇତ୍ୟାଦିକୁ ଖାଇବା ତେଲ ସହ ସାମାନ୍ୟ ଗରମ କରି ଖାଇବାକୁ ଦିଆଯାଇଥାଏ। ଫଳରେ ବ୍ୟଥାବେଦନାରୁ ଉପଶମ ମିଳିଥାଏ। ଶିଶୁଜନ୍ମର ପ୍ରଥମ ଦୁଇଦିନ ମା' କୋଳଥ ଶିଝା ପାଣି ଓ କରଞ୍ଜ ଛେଲି ଶିଝା ପାଣି ପିଇବା ସହିତ ଦିବସରେ ଥରେ ମାତ୍ର ଗରମ ଭାତ ସହିତ ରସୁଣ ଖାଇଥାଏ। ପ୍ରଥମ ଦୁଇଦିନ ପରେ ଫୁଲ ପୋତାଯାଇଥିବା ସ୍ଥାନରେ ଭାତ ଦିଆଯାଇଥାଏ। ଖଟର ଚାରିଖୁରାରେ ଭାତକୁ ଭୋଗ ହିସାବରେ ଦିଆଯାଇଥାଏ। ଯେଉଁଠି ଶିଶୁଟି ଭୂମିଷ୍ଠ ହୋଇଥାଏ, ସେହି ସ୍ଥାନର ତଳେ ପ୍ରଥମ ଦୁଇଦିନ ଭାତ ଦିଆଯାଇଥାଏ। ମା' ମଧ୍ୟ ତଳେ ରସୁଣ ସହିତ ଭାତ ଖାଇଥାଏ। ତୃତୀୟ ଦିନଠାରୁ ଭାତ ସହିତ ମୁଗଡାଲି, କୋଳଥଡାଲି, କଞ୍ଚାକଦଳୀ ଇତ୍ୟାଦିକୁ ସିଝାଇ ଖାଇବାକୁ ଦିଆଯାଇଥାଏ। ରସୁଣକୁ ମଧ୍ୟ ଖାଇବାରେ ବ୍ୟବହାର କରିଥାଏ । ଏହି ଖାଦ୍ୟକୁ ପଥ୍ୟ ହିସାବରେ ଗ୍ରହଣ କରାଯାଇଥାଏ। ଅତ୍ୟଧିକ ଭୋକ ଲାଗିଲେ ଦୁଇଥର ଖାଇବାକୁ ଦିଆଯାଏ, କିନ୍ତୁ ସାଧାରଣ ଭାବରେ ଦିନରେ ଥରେ ମାତ୍ର ଖାଇବାକୁ ଦିଆଯାଇଥାଏ । ବାଇଗଣ, ବୋଇତାଳୁ, ଭେଣ୍ଡି, ଜହ୍ନି, ସଜନାଶାଗ, ଛୁଇଁ ଓ ଆମିଷ ଦ୍ରବ୍ୟ ନଅ ଦିନ ପର୍ଯ୍ୟନ୍ତ ଖାଇବାକୁ ଦିଆଯାଏ ନାହିଁ। ନଅ ଦିନ ପର୍ଯ୍ୟନ୍ତ ପ୍ରସୂତୀକୁ ଗୋଖେଇବାସ କରିବାପାଇଁ ବାରଣ କରାଯାଇଥାଏ। ଏପରିକି କୌଣସି କାର୍ଯ୍ୟ କରିନଥାଏ। ଏହି ନଅ ଦିନ ଯାଏ ପ୍ରସୂତି ସ୍ତ୍ରୀ ହାଲୁକା ଖାଦ୍ୟ ଖାଇଥାଏ।

ପ୍ରସୂତି ସ୍ତ୍ରୀ କେତେକ ବାରଣ ବା ନିଷେଧ ପାଳନ କରିବା ସଙ୍ଗେ ସଙ୍ଗେ ପରିବାରର ସଦସ୍ୟମାନେ ମଧ୍ୟ କେତେକ ବାରଣ ପାଳନ କରିଥାଆନ୍ତି। ଶିଶୁ ଜନ୍ମପରେ

ଶିଶୁର ନାଭି ପଡିବା ପର୍ଯ୍ୟନ୍ତ ପରିବାରର ସମସ୍ତ ସଦସ୍ୟ ଅନ୍ୟ ବ୍ୟକ୍ତିଙ୍କୁ ଛୁଅନ୍ତି ନାହିଁ । ନଅ ଦିନ ପର୍ଯ୍ୟନ୍ତ ଆମିଷ ଭକ୍ଷଣ କରିବାକୁ ବାରଣ କରାଯାଇଥାଏ। ଏମାନେ ନଅ ଦିନ ପର୍ଯ୍ୟନ୍ତ ଆମିଷ ଖାଇ ନଥାନ୍ତି।

ଶିଶୁ ଜନ୍ମକୁ ସୁରୁଖୁରୁରେ କରାଇବାର ଅଭିଜ୍ଞତା କେତେକ ପୁରୁଖା ମହିଳା ମାନଙ୍କର ଥାଏ। ସେହିମାନଙ୍କୁ ଧାଈ ବୁଢ଼ୀ କୁହାଯାଇଥାଏ। ପ୍ରତ୍ୟକ ଗ୍ରାମରେ ଏଭଳି ଧାଈ ମା' ରହିଥାଆନ୍ତି। ଗର୍ଭବତୀ ମହିଳାର ପ୍ରସବ ଯନ୍ତ୍ରଣା ଆରମ୍ଭ ହେବା ମାତ୍ରେ ଘରୁଆର ସମାଜରେ ଧାଈ ମା'କୁ ଡାକି ଅଣାଯାଏ । ଧାଈ ମା' ଆବଶ୍ୟକ ସମସ୍ତ ଦ୍ରବ୍ୟ ସଂଗ୍ରହ କରି ଗର୍ଭଧାରୀ ମହିଳାଙ୍କ ନିକଟରେ ଉପସ୍ଥିତ ହୋଇଥାଏ। ପ୍ରସବ ଯନ୍ତ୍ରଣା କମ୍ ହେବା ପାଇଁ ଗର୍ଭବତୀ ମହିଳାକୁ ଶିକ୍ଷା ଦେଇଥାଏ। ଯତ୍ନର ସହିତ ସେବା କରେ । ସେ ପ୍ରସୂତି ନିକଟରେ ମଧ୍ୟ ନଅ ଦିନ ପର୍ଯ୍ୟନ୍ତ ରହିଥାଏ। ଶିଶୁ ଜନ୍ମ ହେବାପରେ ଶିଶୁର ନାଭିକୁ ଧାଈ ମା' ବାଉଁଶ ପାତ ସାହାଯ୍ୟରେ କାଟି ଥାଏ। ତା'ପରେ ହଳଦୀ ଲଗାଇଦେଇ ଅଳ୍ପ ଉଷୁମ ପାଣିରେ ଶିଶୁକୁ ଗାଧୋଇ ଦେଇଥାଏ। ପ୍ରସୂତିକୁ ସଙ୍ଗେ ସଙ୍ଗେ କୋଳଥ ଶିଝା ପାଣି ପିଇବାକୁ ଦେଇଥାଏ। ଶୁଣ୍ଠି, ପିପଳି, ରସୁଣ ଓ ଉଷୁନାଚାଉଳର ଜଜାଗୁଣ୍ଡକୁ ଖାଇବା ତେଲରେ ଗରମ କରି ପ୍ରସୂତୀକୁ ଖାଇବାକୁ ଦେଇଥାଏ। ଆବଶ୍ୟକ ମୁତାବକ ପଥ୍ ରୋଷେଇ କରି ଖାଇବାକୁ ଦେଇଥାଏ। ବିଶେଷତଃ ଶିଶୁଟିର ନାଭି ନ ପଡିବା ପର୍ଯ୍ୟନ୍ତ ଧାଈ ମା' ପ୍ରସୂତୀକୁ ଛାଡି କୁଆଡେ ଯାଏ ନାହିଁ। ଶିଶୁଟିର ନାଭି ପଡିବା ପରେ ଆଉ ଅଛୁଆଁ ରହେନାହିଁ। ନଅ ଦିନିଆ ଦିନ (ନାର୍ଉାଘାର) ଧାଈ ମା'କୁ ବିଭିନ୍ନ ପ୍ରକାର ଖାଦ୍ୟ ପେୟ ଏବଂ ସକ୍ଷମ ଅନୁସାରେ ଟଙ୍କା ପଇସା, ତେଲ ଲୁଣ, ଲୁଗାପଟା ଓ ପନିପରିବା ଦେଇ ସନ୍ତୁଷ୍ଟ କରାଯାଇଥାଏ। ସ୍ନେହ, ଶ୍ରଦ୍ଧା ଓ ସମ୍ମାନର ଅଧିକାରିଣୀ ହେଉଛି ଧାଈ ମା' । ନିଜ ମନରେ କୌଣସି ଘୃଣା ଭାବ ନରଖି ଗ୍ରାମର ନବଜାତ ଶିଶୁ ଓ ସେମାନଙ୍କର ମା'କୁ ଅକୁଣ୍ଠିତ ସେବାକରି ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇଥାଆନ୍ତି । ସବୁ ସମୟରେ ସମସ୍ତେ ଧାଈ ମା'କୁ ସମ୍ମାନ ଦେବା ସହ ଆଦର କରିଥାଆନ୍ତି।

ଶିଶୁ ଜନ୍ମର ନବମ ଦିନ ଧାଈ ବୁଢ଼ୀ ଶିଶୁଟିକୁ ବଟାହଳଦୀ ଲଗାଇ ଦେଇଥାଏ। ଶିଶୁର ମା' ମଧ୍ୟ ହଳଦୀ ଲଗାଇଥାଏ। ତା'ପରେ ଦୁହେଁ ଗାଧୋଇ ଥାଆନ୍ତି। ପ୍ରତ୍ୟେକ ପରିଷାର ପରିଚ୍ଛନ ହେବା ସଙ୍ଗେ ସଙ୍ଗେ ଶିଶୁ ଜନ୍ମ ହୋଇଥିବା ସ୍ଥାନଟିକୁ ଲିପାପୋଛା କରିଥାଆନ୍ତି। ସଂପୂର୍ଣ୍ଣ ପରିଷ୍କାର ପରିଚ୍ଛନ୍ନ ହେବାପରେ ଶିଶୁଟିକୁ

ନୂଆ ପୋଷାକ ପିନ୍ଧାଇ ଦିଆଯାଇଥାଏ। ଏହିଦିନ ଶିଶୁର ମାମୁଘର ଲୋକ ଆସିଥାନ୍ତି। ମାମୁଘର ଲୋକ ଶିଶୁପାଇଁ ପୋଷାକ ଆଣିଥାଆନ୍ତି। ମାମୁ ଘର ପୋଷାକ ଦେବାପରେ ଶିଶୁଟି ପ୍ରଥମ କରି ପୋଷାକ ପିନ୍ଧିବା ଆରମ୍ଭ କରେ। ଏହିଦିନ ପରିବାରର ସମସ୍ତେ ପରିଷ୍କାର ପୋଷାକ ପରିଧାନ କରିଥାନ୍ତି। ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରାଯାଇଥାଏ। ସନ୍ଧ୍ୟା ସମୟରେ ନିମନ୍ତ୍ରିତ ବନ୍ଧୁବାନ୍ଧବ, ସଂପର୍କୀୟ ତଥା ପରିବାରବର୍ଗଙ୍କ ପାଇଁ ଏକ ଭୋଜି ଭାତର ଆୟୋଜନ କରାଯାଇଥାଏ। ମନ ଆନନ୍ଦରେ ସମସ୍ତେ ଭୋଜିଭାତ ଖାଇଥାଆନ୍ତି । ଗୃହର ଇଶାଣରେ ରସି/ମଦ ଦେଇ ପୂଜା କରାଯାଏ। ଭୋଜିରେ ରନ୍ଧା ଯାଇଥିବା ଭାତ ତରକାରୀ ମଧ୍ୟ ଭୋଗ ଆକାରରେ ଦିଆଯାଇଥାଏ। ଉପସ୍ଥିତ ସମସ୍ତେ ମଦପାନ ନ କରି ଶିଶୁଟିକୁ କୋଳାଗ୍ରତ କରିଥାଆନ୍ତି। ଶିଶୁଟିର ଦୀର୍ଘାୟୁଷ ପାଇଁ ଇଷ୍ଟଦେବତା, ଗ୍ରାମଦେବତା ଓ ଗ୍ରାମଦେବତୀଙ୍କୁ ପ୍ରାର୍ଥନା କରିଥାଆନ୍ତି।

ରାଜୁଆୀର ସମାଜରେ ସ୍ୱତନ୍ତ୍ର ଭାବରେ ଶିଶୁଟିର ନାମକରଣ ଉତ୍ସବ ପାଳନ କରାଯାଏ ନାହିଁ । ନାର୍ତ୍ତାଘାର୍ ଦିନ ଶିଶୁଟିର ଅଜା କିମ୍ୱା ଆଈ କିମ୍ୱା ଧାଈ ମା' ଶିଶୁର ନାମ କରଣ କରିଥାଆନ୍ତି। ସେମାନଙ୍କ ମଧ୍ୟରୁ ଯିଏ ହେଲେ ପ୍ରଥମ କରି ଯେ କୌଣସି ନାମ ଧରି ଡାକିଥାଆନ୍ତି। ତା'ପରେ ଉପସ୍ଥିତ ପ୍ରତ୍ୟେକ ଲୋକେ ମଧ୍ୟ ସେହି ନାମ ଧରି ଡାକନ୍ତି। ଏହିଭଳି ଭାବରେ ଶିଶୁଟିର ନାମକରଣ କରାଯାଇଥାଏ।

ପିଲାଟି ବର୍ଷକର ହେବାଯାଏ କେବଳ ମା' କ୍ଷୀର ଖାଇଥାଏ। ସର୍ବ ପ୍ରଥମେ ପିଲାଟି ଜନ୍ମ ହେଲେ ସଙ୍ଗେ ସଙ୍ଗେ ମା' କ୍ଷୀର ଶିଶୁକୁ ଦିଆଯାଇ ନ ଥାଏ। ତେଣୁ ଶିଶୁକୁ ମହୁ ଚଟାଇ ଦେଇଥାଆନ୍ତି କିମ୍ୱା ଗରମପାଣିକୁ ଥଣ୍ଡା କରି ସେଥିରେ ମହୁ ମିଶାଇ ପିଇବାକୁ ଦେଇଥାଆନ୍ତି । ମା' କ୍ଷୀର କମ୍ ଥିଲେ ମା'କୁ ଦୁଧୁକୁମା ଗଛର କ୍ଷୀର ପିଇବାକୁ ଦିଆଯାଇଥାଏ । ମା' କ୍ଷୀରର ଅଧିକ ଭିଟାମିନ ଅଛି ବୋଲି ସେମାନେ କହିଥାଆନ୍ତି। ମା'ମାନେ ଶିଶୁକୁ କ୍ଷୀର ଖୁଆଇବାରେ କୌଣସି ପ୍ରକାର ଦ୍ୱିଧା କିମ୍ୱା ଲାଜ କରନ୍ତି ନାହିଁ। ବରଂ ସ୍ଥାନ, କାଳ, ପାତ୍ର ନିର୍ବିଶେଷରେ ଯେକୌଣସି ଅବସ୍ଥାରେ ଶିଶୁକୁ କ୍ଷୀର ଖୁଆଇଥାଆନ୍ତି। ଶିଶୁକୁ କ୍ଷୀର ଖୁଆଇବାରେ ମା'ର ଗୌରବ ଥାଏ ବୋଲି ସେମାନେ ଅନୁଭବ କରିଥାଆନ୍ତି।

ମା'ମାନେ ଶିଶୁର ଯତ୍ନ ନେବାରେ ପ୍ରାଣ ପଣେ ଚେଷ୍ଟା କରିଥାଆନ୍ତି। ନିଜେ ଯାହା ଭଲ ବୋଲି ଭାବିଥାଆନ୍ତି, ତାହା ହିଁ କରନ୍ତି। ଶିଶୁକୁ ସାଙ୍ଗରେ ନେଇ ସବୁଆଡେ ବୁଲିଥାଆନ୍ତି। କାମ କରିବା ସମୟରେ ନିଜ ଶାଢ଼ି କାନି ସାହାଯ୍ୟରେ ଶିଶୁକୁ ଅଣ୍ଟାରେ

ଝୁଲାଇ ରଖି କାମ କରିଥାଆନ୍ତି। ବର୍ଷକ ଯାଏ ଶିଶୁର ପାଖେ ପାଖେ ରହନ୍ତି। କାରଣ ସେତେବେଳେ ଶିଶୁର ମନର କଥା କେବଳ ମା' ହିଁ ବୁଝିପାରେ। ପିଲା ଟିକିଏ ବଡ ହୋଇଗଲେ ମା' କ୍ଷୀର ସହିତ ଚାଉଳଗୁଣ୍ଡକୁ ପାଣିରେ ଭିଜାଇ ଖାଇବାକୁ ଦିଆଯାଇଥାଏ। ଶିଶୁଟିକୁ ଧୀରେ ଧୀରେ ଭାତ ଖାଇ ଶିଖିଲେ ତାକୁ ଅନ୍ୟମାନଙ୍କ ପାଖରେ ଛାଡି ମା'ମାନେ କାମ କରିବାକୁ ଯାଇଥାଆନ୍ତି। ପରିବାରର ଅନ୍ୟ ସଦସ୍ୟ ମଧ୍ୟ ସ୍ନେହ ଶ୍ରଦ୍ଧାରେ ଶିଶୁଟିକୁ କୋଳଗ୍ରତ କରିଥାଆନ୍ତି। ପଡୋଶୀମାନେ ମଧ୍ୟ ଶିଶୁକୁ କୋଳେଇ କାଖେଇ ଯତ୍ନ ନେଇଥାଆନ୍ତି। ଶିଶୁର ସ୍ୱାସ୍ଥ୍ୟ ସମ୍ବନ୍ଧରେ ଧାଈ ମା'ଙ୍କର ଆଦେଶକୁ ଗ୍ରହଣ କରାଯାଇଥାଏ। ଶିଶୁକୁ ସ୍ତନ୍ୟପାନରୁ ନିବୃତ୍ତ କରାଯାଏନାହିଁ। ଏପରିକି କେତେକ ଶିଶୁ ଦୁଇ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରିଥାଆନ୍ତି। ଶିଶୁର ଏକ ବର୍ଷ ପରେ ଯଦି ଦ୍ୱିତୀୟ ଶିଶୁଟିଏ ଜନ୍ମ ହୁଏ, ତେବେ ପ୍ରଥମ ଶିଶୁକୁ ସ୍ତନ୍ୟପାନରୁ ନିବୃତ୍ତ କରାଇବା ପାଇଁ ମାଆର ସ୍ତନରେ ନିମ୍ବ ପିତା ଲଗାଇ ଦିଆଯାଏ। ଶିଶୁଟି ସ୍ତନ୍ୟପାନ କଲାବେଳେ ପିତା ଲାଗିଥାଏ, ଫଳରେ ଶିଶୁଟି ଆଉ ସ୍ତନ୍ୟପାନ କରି ନ ଥାଏ।

ଶିଶୁ ଜନ୍ମର ଛଅମାସଠାରୁ କାନ ଫୋଡା କାର୍ଯ୍ୟ ଆରମ୍ଭ ହୋଇଥାଏ। କେତେକ ଏକ ବର୍ଷ ପରେ କାନ ଫୋଡାଇଥାଆନ୍ତି। ଏଥିପାଇଁ ସେପରି ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇ ନ ଥାଏ କିମ୍ବା ସ୍ୱତନ୍ତ୍ର ଦିନ ଧାର୍ଯ୍ୟ କରାଯାଇ ନ ଥାଏ। ଶିଶୁର ଥଟ୍ଟା ସଂପର୍କୀୟ ସ୍ତ୍ରୀଲୋକଟି କାନ ଫୋଡିଥାଏ। ସପ୍ତଫେଣୀ କଣ୍ଟା ସାହାଯ୍ୟରେ କାନ ଫୋଡାଯାଇଥାଏ। କ୍ଷତ ସ୍ଥାନରେ ସିନ୍ଦୂର ଲଗାଇ ଦିଆଯାଏ। କିଛି ଦିନ ପର୍ଯ୍ୟନ୍ତ କଣ୍ଟାଟି କାନରେ ରହିବାକୁ ଦିଆଯାଏ। ମଝିରେ ମଝିରେ କଣ୍ଟାଟିକୁ ଘୂରାଯାଏ। କାନଫୋଡା କ୍ଷତ ସ୍ଥାନଟି ଶୁଖିଯାଏ। ଫଳରେ କାନର ରନ୍ଧ୍ରଟି ସବୁଦିନ ପାଇଁ ରହିଯାଏ । ଧନୀ ଶ୍ରେଣୀର ଲୋକେ ସୁନା କଣ୍ଟା /ପିତ୍ତଳ କଣ୍ଟା ସାହାଯ୍ୟରେ ଶିଶୁମାନଙ୍କର କାନ ଫୋଡାଇଥାଆନ୍ତି। ଉଭୟ ପୁଅ ଓ ଝିଅମାନାଙ୍କର କାନ ଫୋଡା ହେଉଥିବା ବେଳେ କେବଳ ଝିଅମାନଙ୍କର ନାକଫୋଡା ହୋଇଥାଏ। ନାକ ଫୋଡା ପାଇଁ ମଧ୍ୟ ସ୍ୱତନ୍ତ୍ର ଦିନ ଧାର୍ଯ୍ୟ କରାଯାଇ ନ ଥାଏ। ଯେକୌଣସି ଦିନ ନାକ ଫୋଡାଯାଇଥାଏ। ପିତ୍ତଳ କଣ୍ଟା ସାହାଯ୍ୟରେ ଝିଅମାନଙ୍କର ନାକକୁ ଫୋଡାଯାଇଥାଏ। କ୍ଷତ ସ୍ଥାନରେ ସିନ୍ଦୂର ଲଗାଇ ଦିଆଯାଇଥାଏ। କ୍ଷତ ସ୍ଥାନଟି ଶୁଖିଲା ପରେ ସେଥିରେ ଏକ ସରୁ ନିମ୍ବକାଠି ଲଗାଇ ଦିଆଯାଇଥାଏ।

ଶୈଶବ :

ଶିଶୁ ଜନ୍ମଠାରୁ ପାଞ୍ଚବର୍ଷ ଯାଏ ସମୟକୁ ଶୈଶବ ଅବସ୍ଥାର ପ୍ରାରମ୍ଭିକ ଅବସ୍ଥା ବୋଲି ଧରାଯାଇଥାଏ। ଶିଶୁଟି ଏହି ଅବସ୍ଥାରେ ନିଜକୁ ଅସହାୟ ବୋଲି ମନେକରିଥାଏ। କାରଣ ଏହି ସମୟରେ ଶିଶୁଟି ସଂପୂର୍ଣ୍ଣ ଅଙ୍ଗ ଥାଏ। ତା'ର ପରିବେଶ କେବଳ ତା'ର ପରିବାର ମଧ୍ୟରେ ସୀମିତ ରହେ। ଶିଶୁଟି ଜନ୍ମ ହେବା ପରେ କେବଳ ତା'ର ମା'କୁ ଜାଣିଥାଏ। ଧୀରେ ଧୀରେ ପରିବାରର ଅନ୍ୟ ଲୋକଙ୍କ ସଂସ୍ପର୍ଶରେ ଆସିଥାଏ । ଶିଶୁଟିକୁ ଏକ ବର୍ଷ ପୂର୍ଣ୍ଣ ହୋଇଗଲେ ରାଜୁଆର ସମାଜରେ 'ଅନ୍ନ ଛୁଆଣୀ' ଦିବସ ପାଳନ କରାଯାଇଥାଏ। ଏହି ଦିନ ଶିଶୁଟି ପ୍ରଥମ କରି ଭାତ ଖାଇଥାଏ। ଏହି ଦିନ ଗୃହକୁ ବ୍ରାହ୍ମଣ ଆସି ପୂଜା କରିଥାଏ । ଶିଶୁର ଅଜା ଆଈ ମଧ୍ୟ ଆସିଥାଆନ୍ତି। ପ୍ରଥମେ ପାଞ୍ଚ କିମ୍ବା ଛଅଟି ଚଉପଦୀରେ ଅଲଗା ଅଲଗା କରି ଭାତ, ସିଲଟ ଖଡି, ପଇସା, ପୋଷାକ, ମିଠା ଓ ଚାଉଳ କିମ୍ବା ଧାନ ଘରର ଅଗଣାରେ ରଖାଯାଇଥାଏ। ତା'ପରେ ଶିଶୁଟିର ଅଜା, ଆଈ, ବାପା, ମାଆ ଓ ସାହି ପଡିଶାର ଲୋକେ ମଧ୍ୟ ସେହି ଠାରେ ଉପସ୍ଥିତ ହୁଅନ୍ତି । ଶିଶୁଟି ନୂଆ ପୋଷାକ ପିନ୍ଧି ଏମାନଙ୍କ ଗହଣରେ ବୁଲୁଥାଏ। ରଖାଯାଇଥିବା ଚଉପଦୀ ଆଡକୁ ଶିଶୁଟିକୁ ଚାହିଁବାକୁ ସମସ୍ତେ କହନ୍ତି ଏବଂ ସେହି ସ୍ଥାନରେ ଶିଶୁଟିକୁ ଛାଡି ଦିଅନ୍ତି। ହଠାତ୍ ଶିଶୁଟି ଯେକୌଣସି ଗୋଟିଏ ଚଉପଦୀକୁ ଧରିଥାଏ। ଠିକ୍ ଏତିକି ବେଳେ ଅନ୍ୟମାନେ ନିରୀକ୍ଷଣ କରି ଚାହିଁଥାଆନ୍ତି ଶିଶୁଟି କେଉଁ ଚଉପଦୀକୁ ଛୁଇଁବ। ଶିଶୁ ଯଦି ଭାତ ଥିବା ଚଉପଦୀକୁ ପ୍ରଥମେ ଛୁଇଁଦିଏ, ତେବେ ଶିଶୁଟିର ପାଠ ପଢ଼ିବାର ଆଗ୍ରହ ଥିବାର ଜଣାଯାଏ। ପୁନଶ୍ଚ ଶିଶୁଟି ଯଦି ପଇସା ଥିବା ଚଉପଦୀକୁ ଛୁଇଁ ଦିଏ, ତେବେ ସେ ଭବିଷ୍ୟତରେ ରୋଜଗାରକ୍ଷମ ହୋଇପାରିବ ବୋଲି ଆଶା କରାଯାଇଥାଏ। ସେହିପରି ପୋଷାକ ଥିବା ଚଉପଦୀକୁ ଛୁଇଁଲେ ବେଶୀ ବେଶ ପୋଷାକ ପ୍ରେମୀ ହେବ ବା ପରିଷ୍କାର ପରିଚ୍ଛନ୍ନ ପ୍ରତି ଆଗ୍ରହ ରହିଥିବାର ଅନୁମାନ କରାଯାଇଥାଏ। ପୁନଶ୍ଚ ଯଦି ମିଠା ଥିବା ଚଉପଦୀକୁ ଛୁଇଁ ଦିଏ, ତେବେ ତା'ର ମିଠା ଖାଇବାରେ ଆଗ୍ରହ ଥିବାର ଅନୁମେୟ। ଏଥିସହ ଚୋରକଳା ଥିବାର ଜଣାଯାଏ। ସେହିଭଳି ଚାଉଳ କିମ୍ବା ଧାନ ଥିବା ଚଉପଦୀକୁ ଛୁଇଁଲେ ଭବିଷ୍ୟତରେ ସେ ଜଣେ ଲକ୍ଷ୍ମୀବନ୍ତ ପୁରୁଷ ହେବ ବା ସଦାସର୍ବଦା ତା' ଘର ଧନଧାନ୍ୟରେ ପରିପୂର୍ଣ୍ଣ ହେବ ବୋଲି ଲୋକମାନେ ବିଶ୍ୱାସ ବିଶ୍ୱାସ କରିଥାଆନ୍ତି। ଅନ୍ନ ଛଆଁଣୀ ପରେ ପରେ ଶିଶୁଟିକୁ ସମସ୍ତ ପ୍ରକାର ଖାଦ୍ୟ ଖାଇବାକୁ ଦିଆଯାଏ । ମା' ମଧ୍ୟ ଅନେକ ସମୟରେ

କାଖେଇ ବୁଲାଇ ବୁଲାଇ ଶିଶୁକୁ ଖୁଆଇଥାଏ। ଶିଶୁଟି ଟିକିଏ ବଡ ହୋଇଗଲେ ପରିବାରର ଅନ୍ୟ ଲୋକମାନଙ୍କ ସାଙ୍ଗରେ ତାକୁ ଖାଇବାକୁ ଦିଆଯାଏ। ଫଳରେ ଆସ୍ତେ ଆସ୍ତେ ସେ ଖାଇବା ଶିଖିଥାଏ। ଏହି ସମୟରେ ସେ ଅନ୍ୟମାନଙ୍କୁ ଅନୁକରଣ କରିଥାଏ । ତିନି ଚାରି ବର୍ଷର ହୋଇଗଲା ପରେ ସମସ୍ତ କାର୍ଯ୍ୟ ଆପେ କରିଥାଏ। ଶିଶୁମାନେ ଏହି ଅବସ୍ଥାରେ ପିତା ମାତାଙ୍କ ସହ ବେଶୀ ସମୟ ବିତାଇଥାଆନ୍ତି। ପିତାମାତାଙ୍କ ନିକଟରେ ଶୋଇଥାଆନ୍ତି। ବିଛଣାରେ ପରିଶ୍ରା ନ କରିବାକୁ ମଧ୍ୟ ରାଜୁଆର୍ ପିତାମାତା ଶିକ୍ଷା ଦେଇଥାଆନ୍ତି।

କୈଶୋର :

ଶିଶୁଟି ପାଞ୍ଚ ଛଅ ବର୍ଷର ହୋଇଗଲେ ଏବଂ ସ୍କୁଲ୍ ଯିବା ସମୟ ଉପଗତ ହେଲେ ଶିଶୁଟି କୈଶୋର ଅବସ୍ଥାରେ ପହଞ୍ଚିଛି ବୋଲି ଧରି ନିଆଯାଏ। ଏହି ଅବସ୍ଥାରେ ବାପା ମାଆ ତଥା ପରିବାରର ଅନ୍ୟମାନେ ତାକୁ ବିଭିନ୍ନ ପ୍ରକାର ଶିକ୍ଷା ଦେଇଥାଆନ୍ତି ତଥା କାମ ମଧ୍ୟ ଶିଖାଇ ଥାଆନ୍ତି। ବାପାମାନେ ଚାଷ, ଶିକାର ଇତ୍ୟାଦି କାମରେ ସହଯୋଗ କରିବା ଇତ୍ୟାଦି ବିଷୟ ଶିକ୍ଷା ଦେଇଥାଆନ୍ତି । ବାପା ମା'ଙ୍କ ସହିତ ମିଶିବା ସହିତ ପରିବାରର ଅନ୍ୟମାନଙ୍କ ସହିତ, ପଡୋଶୀମାନଙ୍କ ସହିତ, ସାଙ୍ଗସାଥୀମାନଙ୍କ ସହିତ ମିଳାମିଶା ଆରମ୍ଭ କରିଦେଇଥାଏ ଶିଶୁଟି। ଅନ୍ୟମାନଙ୍କ ସହିତ କିପରି ମିଶିବାକୁ ହେବ, କିପରି ବ୍ୟବହାର ଦେଖାଇବା ଉଚିତ୍, କିପରି କଥାବର୍ତ୍ତା କରିବାକୁ ହେବ ଇତ୍ୟାଦି ବିଷୟ ସେ ବାପା, ମା', ଭାଇ ଇତ୍ୟାଦିଙ୍କ ଠାରୁ ଶିକ୍ଷା କରିଥାଏ । ଅନୁକରଣ କରି ପିଲା ଅଧିକ ଶିଖିଥାଏ। ବିଭିନ୍ନ ପୋଷାକପତ୍ରର ବ୍ୟବହାର ବିଷୟ ତାକୁ ବତାଯାଏ। ପିଲାଟି ନିଜେ ଗାଧୁଆପାଧୁଆ କରିଥାଏ। ଅଧିକାଂଶ ସମୟରେ ବାପାମାଆ ଓ ଭାଇ ଭଉଣୀମାନଙ୍କ ସହିତ ଖାଦ୍ୟ ଖାଇଥାଏ। ବେଳେବେଳେ ଏକୁଟିଆ ବସି ଖାଇଥାଏ। କେତେକ ପିଲା ବଡ ଭାଇଭଉଣୀଙ୍କ ନିକଟରେ ଶୋଉଥିବା ବେଳେ କେତେକ ବାପା ମାଆଙ୍କ ନିକଟରେ ଶୋଇଥାଆନ୍ତି। ଅନ୍ୟମାନଙ୍କୁ କିପରି ସମ୍ମାନ ପ୍ରଦର୍ଶନ କରିବାକୁ ହେବ ତାହା ମଧ୍ୟ ଏହି ସମୟରେ ଶିଖିଥାଆନ୍ତି।

କୈଶୋର ସମୟରେ ରାଜୁଆର (ବଗାଳ) ପିଲାମାନେ ପ୍ରାୟତଃ ଖେଳକୁଦରେ ମାତିଥାଆନ୍ତି। ସ୍କୁଲ୍ ଯାଆନ୍ତି ଓ ଘରେ ଛୋଟ ଭାଇଭଉଣୀଙ୍କୁ ଧରିଥାଆନ୍ତି। ଆଠ ଦଶ ବର୍ଷର ହୋଇଯିବା ପରେ ଶିଶୁଟି ଗାଈ ଚଗିବା, ଛେଳି ଚରାଇବା, ଜଙ୍ଗଲରୁ ଜାଳେଣୀକାଠ ସଂଗ୍ରହ କରିବା, ନଦୀନାଳରୁ ମାଛ, କଙ୍କଡା ଧରିବା ଇତ୍ୟାଦି କାର୍ଯ୍ୟ କରିଥାଏ ।

ବେଳେବେଳେ ବାପା ଭାଇମାନଙ୍କୁ ଚାଷ କାମରେ ସହଯୋଗ କରିବା, ଗୋରୁ ଚଗିବା, ଫସଲ ଜଗିବା ଇତ୍ୟାଦି କ୍ଷେତ୍ରରେ ମଧ୍ୟ ସହଯୋଗ କରିଥାଆନ୍ତି । ଝିଅମାନେ ମଧ୍ୟ ମାଆକୁ ବିଭିନ୍ନ କାମରେ ସହଯୋଗ କରିଥାଆନ୍ତି । ସ୍କୁଲ୍ ଯିବା ସାଙ୍ଗକୁ ଜଙ୍ଗଲରୁ କାଠ ସଂଗ୍ରହ କରିବା ଏପରିକି ଚାଷ କାର୍ଯ୍ୟରେ ମଧ୍ୟ ସହଯୋଗ କରିଥାଆନ୍ତି । ଏହି ସମୟରେ ସେମାନେ ଝିଅମାନଙ୍କୁ ବିଭିନ୍ନ କାମ ଶିଖାଇଥାଆନ୍ତି । କାରଣ ସେମାନେ ଭାବିଥାଆନ୍ତି ଏହି ସମୟରେ ଯଦି ଝିଅମାନେ କାମ ନ ଶିଖିବେ ଭବିଷ୍ୟତରେ ହଇରାଣ ହେବେ । ବାପା ମଆଙ୍କ ସମେତ ଗୁରୁଗୁରୁଜନ ପିଲାମାନଙ୍କୁ ସତ୍‌ପଥରେ ଯିବା ପାଇଁ ବିଭିନ୍ନ ପ୍ରକାର ଉପଦେଶ ଦେଇଥାଆନ୍ତି । ପ୍ରତ୍ୟେକ ପିଲା ଏହି ସମୟରେ ପୋଷାକ ଓ ଅଳଙ୍କାର ପରିଧାନ କରିବାରେ ଆଗ୍ରହ ପ୍ରକାଶ କରିଥାଆନ୍ତି । ନିଜ ନିଜ ଶରୀରକୁ ନିଜେ ସଜାଇ ରଖିବା ଏହି ସମୟରେ ଶିଖିଥାଆନ୍ତି । ପିଲା ଝିଅମାନଙ୍କର ଲାଜ ଏହି ସମୟରେ ସୃଷ୍ଟି ହୋଇଥାଏ । ଗୁରୁ ଗୁରୁଜନମାନଙ୍କ ପ୍ରତି ଉତ୍ତମ ଆଚରଣ ତଥା ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରିଥାଆନ୍ତି । ସମାଜ ସଂପର୍କରେ ଅଧିକ କିଛି ଜାଣି ନ ଥାଆନ୍ତି । ବିଭିନ୍ନ ପ୍ରକାର ପର୍ବପର୍ବାଣିମାନଙ୍କରେ ଏମାନେ ପ୍ରାୟତଃ ବିଦ୍ୟାଳୟକୁ ଯାଇ ନ ଥାଆନ୍ତି । ନୂଆ ପୋଷାକ ପିନ୍ଧି ଖୁସି ମନରେ ପର୍ବରେ ନାଚି ଥାଆନ୍ତି । ନୂଆ ପୋଷାକ ପିନ୍ଧିବାରେ ସେମାନଙ୍କୁ ବହୁତ ଖୁସି ଲାଗିଥାଏ । ନିଜ ପୋଷାକ ବ୍ୟତୀତ ଅନ୍ୟ ଭାଇଭଉଣୀଙ୍କର ପୋଷାକପତ୍ର ନ ପିନ୍ଧିବା ପିଲାମାନେ ଏହି ସମୟରେ ଶିଖିଥାଆନ୍ତି ।

ଯୌବନ:

ରାଜୁଆର ସମାଜରେ ସାଧାରଣତଃ ଯୌବନ ଅବସ୍ଥାରେ ପୁଅମାନଙ୍କର ଶାରୀରିକ ପରିବର୍ତ୍ତନ ହୋଇଥାଏ। ସେମାନଙ୍କର ନିଶ, ଦାଢ଼ି ଉଠିବା ସଙ୍ଗକୁ କଣ୍ଠ ସ୍ୱରରେ ପରିବର୍ତ୍ତନ ହୋଇଥାଏ। ପନ୍ଦର ଷୋହଳ ବର୍ଷ କିମ୍ବା କୋଡିଏ ବର୍ଷ ହୋଇଗଲେ ସେ ଯୌବନ ଅବସ୍ଥାରେ ପଦାର୍ପଣ କଲା ବୋଲି ରାଜୁଆରମାନେ ମତବ୍ୟକ୍ତ କରିଥାଆନ୍ତି। ଝିଅମାନଙ୍କ କ୍ଷେତ୍ରରେ ସେମାନେ ରଜୋବତୀ ହେଲା ପରେ ଯୌବନର ପହିଲି ପାହାଚରେ ପଦାର୍ପଣ କଲେ ବୋଲି ଧରାଯାଇଥାଏ। ଏହି ସମୟରେ ଝିଅମାନେ ଘରେ ରହିଲେ ବୋଲି କୁହାଯାଇଥାଏ। ପ୍ରଥମେ ଝିଅଟି ରଜବତୀ ହେଲେ ତା'ର ପଡୋଶୀ ସାଙ୍ଗ କିମ୍ବା ଭାଉଜ କିମ୍ବା ବୁଢ଼ୀମା'କୁ, ତା'ପରେ ସେମାନେ ଯାଇ ଝିଅର ମା'କୁ କହିଥାଆନ୍ତି । ମା' ବାପା ଶୁଣିବା ପରେ ବହୁତ ଖୁସି ହୋଇଥାଆନ୍ତି। କାରଣ ଝିଅଟି ନୂଆ ଜୀବନ ଲାଭ କଲା

ବୋଲି ସେମାନେ ଭାବନ୍ତି। ତା'ପରେ ଝିଅଟି ଅତୁଠରେ ହଳଦୀ ଲଗାଇ ଗାଧୋଇ ଥାଏ। ଝିଅମାନେ ରଜବତୀ ହେଲେ ସେମିତି କିଛି ସ୍ୱତନ୍ତ୍ର ଧରଣର ପୂଜାପାଠ କିମ୍ବା ଭୋଜିଭାତର ଆୟୋଜନ କରାଯାଇ ନ ଥାଏ। ଏହି ସମୟରେ ଗଛ, ଗୋରୁଗାଈ, ପୂଜା ସାମଗ୍ରୀକୁ ଛୁଇଁ ନ ଥାଏ। କାରଣ ସେ ସମୟରେ ସେ ଅଶୌଚ ଥାଏ ବୋଲି କୁହାଯାଇଥାଏ। ଦିଅଁ ଦର୍ଶନ କରିବାକୁ ମଧ୍ୟ ଏହି ସମୟରେ ବାରଣ କରାଯାଇଥାଏ। ଏହିଭଳି ସାତ ଦିନ ଧରି ଝିଅକୁ ଏଇ କେତେକ ନୀତି ନିୟମ ପାଳନ କରିବାକୁ ପଡିଥାଏ। ତା'ପରେ ସେମାନେ ପୋଷାକ ବଦଳରେ ଶାଢ଼ି ପିନ୍ଧିବା ଆରମ୍ଭ କରିଦେଇଥାଆନ୍ତି। ନୂଆ ଶାଢ଼ି ପିନ୍ଧିବା ପରେ ଇଷ୍ଟଦେବତାଙ୍କୁ ପ୍ରଣାମ କରନ୍ତି ଏବଂ ଗ୍ରାମ ଦେବତୀଙ୍କୁ ମଧ୍ୟ ପ୍ରଣାମ କରିଥାଆନ୍ତି। ଏହି ସମୟରେ ବାହାରେ ବେଶୀ ସମୟ ବୁଲିବାକୁ ମନା କରାଯାଇଥାଏ। ଛୁଆ ଭଳି ବ୍ୟବହାର କରିବା, ଗଛ ଚଢ଼ିବା ପାଇଁ ବାରଣ କରାଯାଇଥାଏ। ଏହି ସମୟରେ ଝିଅମାନଙ୍କୁ ସର୍ବଦା ସଜବାଜ ହୋଇ ରହିବାକୁ ପରାମର୍ଶ ଦିଆଯାଇଥାଏ। କାରଣ ସେ ବିବାହ ପାଇଁ ଯୋଗ୍ୟ ହୋଇଥାଏ ବୋଲି ସେମାନେ ମତବ୍ୟକ୍ତ କରିଥାଆନ୍ତି। ଘରର ବିଭିନ୍ନ କାମଧନ୍ଦା କରିବାକୁ ମଧ୍ୟ ଶିକ୍ଷା ଦିଆଯାଇଥାଏ। ଏହା ଛଡା ବାହାରକୁ କାମ କରିବାକୁ ଯିବାବେଳେ ନିଜକୁ ନିଜ ଆୟତ୍ତରେ ରଖିବା; ଅନ୍ୟମାନଙ୍କ ସହିତ କିପରି ଚଳିବାକୁ ହେବ ତାହା ମଧ୍ୟ ଶିକ୍ଷା ଦିଆଯାଇଥାଏ। ଯୌବନ ପ୍ରାପ୍ତି ପରେ ଉଭୟ ପୁଅ ଝିଅଙ୍କର ପରସ୍ପର ପ୍ରତି ଆକର୍ଷଣ ବଢ଼ିଯାଏ। ସାଧାରଣରେ ଯୁବକମାନଙ୍କ ସହିତ ମିଳାମିଶା କରିବାକୁ ରାଜୁଆର୍ ସମାଜ ପସନ୍ଦ କରେ ନାହିଁ। ଯୌବନର ପ୍ରଥମ ଅବସ୍ଥାରେ ପାଦ ଦେଇଥିବାରୁ ଉଭୟ ପୁଅଝିଅ ଅନେକ ସମୟରେ କେତେ ଭୁଲ୍ କରି ବସିଥାଆନ୍ତି। ତେଣୁ ଗୁରୁ, ଗୁରୁଜନ ଲୋକେ ସେମାନଙ୍କୁ ସମାଜର ନୀତି ନିୟମ ବିଷୟରେ ଅବଗତ କରାଇଥାଆନ୍ତି ଏବଂ ସଠିକ୍ ମାର୍ଗରେ ପରିଚାଳିତ ହେବାପାଇଁ ପ୍ରବର୍ତ୍ତାଇ ଥାଆନ୍ତି । କେତେକ କ୍ଷେତ୍ରରେ ପୁଅଝିଅମାନେ ପରସ୍ପରକୁ ଭଲପାଇ ବସନ୍ତି । ତାହା ଶେଷରେ ବିବାହରେ ପରିଣତ ହୋଇଥାଏ। ରାଜୁଆର ସମାଜରେମଧ୍ୟ ଏହିପରି ହୋଇଥାଏ । ଏହି ସମୟରେ ବିବାହ ପୂର୍ବରୁ ଯଦି ଶାରୀରିକ ସମ୍ବନ୍ଧ କୌଣସି ଝିଅ ସହିତ ରହିଥାଏ, ତେବେ ଉଭୟ ପୁଅଝିଅଙ୍କୁ ବିବାହ କରିବାକୁ ପଡିଥାଏ। ଏପରି ସଂପର୍କ ରଖିବାଦ୍ୱାରା ସମାଜ ଦ୍ୱାରା ସେମାନେ ଘୃଣିତ ତଥା ଦଣ୍ଡନୀୟ ହୋଇଥାଆନ୍ତି । ନିଜ ଜାତି ଛାଡି ଅନ୍ୟ ଜାତିର ଝିଅକୁ ବିବାହ କଲେ, ତାହା ତାଙ୍କ ସମାଜ ଗ୍ରହଣ କରେ ନାହିଁ ଏବଂ ଦଣ୍ଡନୀୟ ହୋଇଥାଏ। ଏହି ସମୟରେ ଯଦି କେହି ବିବାହ କରିବାକୁ ମନାକରେ, ତେବେ ତାକୁ ଅନ୍ୟମାନେ

ବୁଝାଇ ଥାଆନ୍ତି ଏବଂ ବିବାହର କାର୍ଯ୍ୟକାରିତା ସମ୍ବନ୍ଧରେ କହିଥାଆନ୍ତି। କୌଣସି ପିଲା ଯଦି କୌଣସି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହେ, ତେବେ ପରିବାର ଠାରୁ ଆରମ୍ଭ କରି ସମାଜର ଲୋକେ ମଧ୍ୟ ତାକୁ ବୁଝାଇ ଥାଆନ୍ତି ଏବଂ ଭଲ ବାଟକୁ ଆସିବା ପାଇଁ ପ୍ରବର୍ତ୍ତାଇ ଥାଆନ୍ତି।

ବିବାହ (ବେହାଘାର) :

ବିବାହ ହେଉଛି ବ୍ୟକ୍ତି ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଏହାକୁ ମଧ୍ୟ ଏକ ସାମାଜିକ ଉତ୍ସବ ବୋଲି କୁହାଯାଇଥାଏ। ପୁଅଟିଏ କାମଧନ୍ଦା କରିବାକୁ ସକ୍ଷମ ହେଲେ ସେ ବିବାହ ଉପଯୋଗୀ ହୋଇଥାଏ । ସେହିପରି ଝିଅଟିଏ ରଜୋବତୀ ହେବା ପରେ ସେ ମଧ୍ୟ ବିବାହ ଯୋଗ୍ୟ ହୋଇଥାଏ ବୋଲି ରାଜୁଆର ସମାଜରେ ବିବେଚନା କରାଯାଇଥାଏ । ତେଣୁ ପିତାମାତା ଝିଅ ପାଇଁ ବ୍ୟସ୍ତ ହୋଇଥାଆନ୍ତି । ସମାଜରେ ନୀତି ନିୟମକୁ ମାନି ଉଭୟ ପୁଅଝିଅ ଏକ ସାମାଜିକ ବନ୍ଧନରେ ବାନ୍ଧି ହେବାକୁ ହିଁ ଏମାନେ ବିବାହ ବୋଲି କହିଥାଆନ୍ତି । ବିବାହକୁ ରାଜୁଆର ଭାଷାରେ 'ବେହାଘାର୍' କୁହାଯାଏ। ଝିଅ ରଜୋବତୀ ହେବାପରେ ଅର୍ଥାତ୍ ଚଉଦ ବର୍ଷ ପରେ ଏବଂ ପୁଅକୁ କୋଡିଏ ବାଇଶ ବର୍ଷ ହୋଇଗଲେ ଏହି ସମାଜରେ ଉଭୟ ପୁଅ ଓ ଝିଅକୁ ବିବାହ କରାଇଥାଆନ୍ତି ।

ରାଜୁଆର ସମାଜରେ ପ୍ରଥମେ ପୁଅ ପାଇଁ କନ୍ୟାପାତ୍ର ଖୋଜିଥାଆନ୍ତି । ସିଧା ସଳଖ କୌଣସି କନ୍ୟାଘରକୁ ସେମାନେ କନ୍ୟା ଦେଖିବାକୁ ଯାଇ ନ ଥାଆନ୍ତି । ବିବାହ, ହାଟବଜାର, ମେଳାମହୋତ୍ସବ, କୃଷିକ୍ଷେତ୍ର ଇତ୍ୟାଦି ଠାରେ କୌଣସି ମନ ପସନ୍ଦର ଝିଅ ଦେଖିବାପରେ ସେହି ଝିଅ ଘରର ଠିକଣା ଖୋଜି ବାହାର କରନ୍ତି । ଯଦି ଅନ୍ୟ ଗୋତ୍ରର ଓ ନିଜ ଜାତିର ଝିଅ ହୋଇଥାଏ, ତେବେ ଝିଅଟିକୁ ଉପଯୁକ୍ତ ଭାବିଥାନ୍ତି । ବନ୍ଧୁବାନ୍ଧବ କିମ୍ବା ମଧସ୍ଥିଙ୍କ ମାଧ୍ୟମରେ ସବୁ ବୁଝିଥାଆନ୍ତି । କେତେକ କ୍ଷେତ୍ରରେ ମଧସ୍ଥି ମଧ୍ୟ ଝିଅଘର ବିଷୟରେ ପୁଅ ଘରକୁ ଜଣାଇଥାଏ । ଯଦି ଝିଅଘର ଏ ସଂକ୍ରାନ୍ତରେ ରାଜି ହୋଇଥାଆନ୍ତି, ତେବେ ମନୋନୟନ ହୋଇଥାଏ । ସାଧାରଣତଃ ପୁଅ ଝିଅଙ୍କର ବୟସ, ରୂପ, ଗୁଣ, ସ୍ୱାସ୍ଥ୍ୟ, ଶିକ୍ଷା, ବୁଦ୍ଧିମତ୍ତା ଇତ୍ୟାଦି ବିଷୟ ମନୋନୟନରେ ସହାୟକ ହୋଇଥାଏ । ପୁଅଟି ରୋଜଗାରକ୍ଷମ, ସ୍ୱାସ୍ଥ୍ୟବାନ, ଚତୁର, କୌଶଳୀ, ପରିବାର ପ୍ରତିପୋଷଣର କ୍ଷମତା ଥିବାର ଲକ୍ଷ୍ୟ କରାଯାଇଥାଏ । ଝିଅଟି ସୁନ୍ଦରୀ, ଗୁଣବତୀ, ମେଳାପୀ, ଘରକାମରେ ନିପୁଣା, ସୁଚରିତ୍ରା, ବୁଦ୍ଧିମତୀ ପ୍ରତି ଅଧିକ ଦୃଷ୍ଟି ଦିଆଯାଇଥାଏ ।

ମଧସ୍ଥି ମାଧମରେ ପ୍ରସ୍ତାବ ପଡିବା ଓ ମନୋନୟନ ପରେ ପ୍ରଥମେ ବରପକ୍ଷରୁ କନ୍ୟା ଘରକୁ ଦେଖିବାକୁ ଯାଆନ୍ତି । ପୁଅ ସହିତ ତା'ର କେତେକ ସାଙ୍ଗ କନ୍ୟାଘରେ ପହଞ୍ଚିଯାଆନ୍ତି । ଝିଅକୁ ଦେଖାଦେଖି କରି ଫେରିଆସନ୍ତି । କେତେକ ସମୟରେ ଲାଜବଶତଃ ପୁଅ ନିଜେ କନ୍ୟାକୁ ଦେଖିବାକୁ ଯାଇ ନ ଥାଏ । ଏ କ୍ଷେତ୍ରରେ ପୁଅର ସାଥିମାନେ ଦେଖିବାକୁ ଯାଆନ୍ତି । ଝିଅକୁ ଦେଖି ସାଥୀମାନେ ପସନ୍ଦ କଲେ ପୁଅର ବାପା ମାଆ ବନ୍ଧୁ ବାନ୍ଧବ ଆସିବା ପାଇଁ ଦିନ ଧାର୍ଯ୍ୟ କରାଯାଇଥାଏ ।

ବିବାହ ପୂର୍ବରୁ ଉଭୟ ପୁଅ ଓ ଝିଅଙ୍କର ନାମକୁ ମଧସ୍ଥି ଯାଇ ଗଣକ ପାଖରେ ଗଣନା କରେ । ଯଦି ଉଭୟଙ୍କର ଗଣନା ଠିକ୍ ହୋଇଥାଏ, ତେବେ ବିବାହ କାର୍ଯ୍ୟ ଆଗେଇ ଥାଏ । ଯଦି ପୁଅ ଓ ଝିଅର ରାଶି ମେଳ ନ ହୁଏ ଏବଂ ଉଭୟ ପକ୍ଷର ପିତାମାତା ଉକ୍ତ ପ୍ରସ୍ତାବରେ ରାଜି ଥାଆନ୍ତି, ତେବେ ପୁଅ କିମ୍ବା ଝିଅର ନାମକୁ ବଦଳାଇ ଦିଆଯାଏ । ପରେ ପୁନଃ ଗଣନା କରାଯାଏ । ଯେକୌଣସି ଉପାୟରେ ଗଣନା ଠିକ୍ ହୋଇଥାଏ ଏବଂ ବିବାହ କାର୍ଯ୍ୟ ଚାଲୁ ରହିଥାଏ ।

ବିବାହ ପାଇଁ ମାଘ ଓ ଫଗୁଣ ମାସ ଠିକ୍ ହୋଇଥାଏ ବୋଲି ସେମାନେ କହିଥାଆନ୍ତି । କାରଣ ଏହି ସମୟରେ ବିଶେଷ କାମଦାମ ନ ଥାଏ, ପନିପରିବା ଶସ୍ତା ଥାଏ ଓ ବେଶୀ ଖରା ମଧ୍ୟ ହୋଇ ନ ଥାଏ । ତେଣୁ ଏହି ସମୟଟି ବିବାହ ପାଇଁ ପ୍ରକୃଷ୍ଟ ସମୟ ବୋଲି ଗାଁଭୁଆରମାନେ ମତ ଦେଇଥାଆନ୍ତି ।

ପୁଅ ସମେତ ପୁଅର ସାଙ୍ଗସାଥୀମାନେ ଝିଅକୁ ଦେଖିସାରିବା ପରେ ପୁଅର ବାପା, ମାଆ, ମାମୁ ଓ ବନ୍ଧୁବର୍ଗ ଝିଅକୁ ଦେଖିବାକୁ ଯିବା ପୂର୍ବରୁ ମଧସ୍ଥି ହାତରେ ଖବର ଦେଇଥାଆନ୍ତି । ଧାର୍ଯ୍ୟ ଦିବସରେ ଏମାନେ ଝିଅ ଘରେ ପହଞ୍ଚିଥାଆନ୍ତି । ଝିଅଘର ଉପଯୁକ୍ତ ଉପଚାର ଏବଂ ସତ୍କାର ମଧ୍ୟ କରିଥାଆନ୍ତି । ଝିଅ ପସନ୍ଦଯୋଗ୍ୟ ହେଲେ ସେମାନେ ଝିଅ ହାତରେ ପଚାଶ ଟଙ୍କା ଦେଇଥାଆନ୍ତି । ପୁଅ ଘରକୁ ଦେଖି ଆସିବା ପାଇଁ ଝିଅଘରକୁ କହିଥାଆନ୍ତି ଏବଂ ସେହିଠାରେ ଦେଖି ଆସିବାର ଧାର୍ଯ୍ୟ ତାରିଖ ଠିକ୍ ହୋଇଥାଏ । ସେଠାରୁ ପୁଅଘର ଲୋକ ଫେରି ଆସିଥାଆନ୍ତି । ଧାର୍ଯ୍ୟଦିନ ସେହିଭଳି ଝିଅ ଘର ଲୋକେ ବନ୍ଧୁବର୍ଗଙ୍କ ସମେତ ପୁଅ ଘରକୁ ଆସିଥାଆନ୍ତି । ପୁଅକୁ ଦେଖିବା ସଙ୍ଗେ ସଙ୍ଗେ ପୁଅର ଘର ଓ ପାରିପାର୍ଶ୍ୱିକ ଅବସ୍ଥାକୁ ଲକ୍ଷ୍ୟ କରିଥାଆନ୍ତି । ଏହାପରେ କିଛି ଦିନ ବିତିଯାଏ । ଉଭୟ ପକ୍ଷ ପୁଅ ଓ ଝିଅ ବିଷୟରେ ବାହାର ଲୋକଙ୍କଠାରୁ ତଥା ବିଭିନ୍ନ ସୂତ୍ରରୁ

ଜାଣିବାକୁ ଚେଷ୍ଟା କରିଥାଆନ୍ତି । ଏହାର କିଛି ଦିନ ପରେ ଉଭୟ ପୁଅ ଓ ଝିଅ ପକ୍ଷ ବିବାହ ପାଇଁ ଦିନ ଧାର୍ଯ୍ୟ କରିବା ନିର୍ବନ୍ଧ (ପିନ୍ଧାନୀ) ଦିନ ହୋଇଥାଏ । ନିର୍ଦ୍ଦିଷ୍ଟ ଦିନ ପୁଅ ପକ୍ଷର ସକ୍ଷମକୁ ଦୃଷ୍ଟି ଆଗରେ ରଖି ଝିଅ ପକ୍ଷରୁ କନ୍ୟାପିତା, କନ୍ୟାର ମାମୁ, ବନ୍ଧୁବାନ୍ଧବ ଓ ଗ୍ରାମରୁ କିଛି ଲୋକ ପୁଅ ଘରେ ଆସି ପଦାର୍ପଣ କରିଥାଆନ୍ତି । ଆସିଥିବା ବ୍ୟକ୍ତିମାନଙ୍କର ଗୋଡ ଧୋଇଦେବା, ବସିବା ପାଇଁ ଆସନ ଦେବା ତା'ପରେ ସରବତ୍ ତଥା ପାନବିଡି ଇତ୍ୟାଦି ଦେଇ ସତ୍କାର କରାଯାଇଥାଏ । ଆଗକାଳରେ ରାଜୁଆର ସଂଖ୍ୟା କମ୍ ଥିବାରୁ ବିଶେଷତଃ ଝିଅ ସଂଖ୍ୟା କମ୍ ଥିବାରୁ କନ୍ୟାପିତା ଝିଅକୁ ବାହା ଦେବା ପାଇଁ ସହଜରେ ରାଜି ହେଉ ନ ଥିଲେ । ଯଥାଯଥ ଆତିଥ୍ୟ ପ୍ରଦାନ ପରେ ମଧ୍ୟସ୍ଥି ଆଲୋଚନା ଆରମ୍ଭ କରିଥାଏ । ବ୍ରାହ୍ମଣଠାରୁ ବିବାହ ବାର ଓ ତିଥି ଆଗରୁ ବୁଝି ଠିକ୍ କରାଯାଇଥାଏ । ପୁଅ ଘରକୁ ଆସିଲାବେଳେ ଝିଅ ପକ୍ଷ ପୁଅ ପାଇଁ ଧଳାରଙ୍ଗର ଧୋତି (ଖଦୀ) ଏକଖଣ୍ଡ, ଗେଞ୍ଜି , ଚଡି (ଅଣ୍ଡାର୍ ପେଣ୍ଟ), ପାନିଆ (କଙ୍କଇ) ଗୋଟିଏ, ଆଇନା (ଆର୍ସି) ଗୋଟିଏ, ମୁଦି ଗୋଟିଏ, ମହୁଲ ତେଲ (କୁଇଣ୍ଡି ତେଲ), ଗୁଣ୍ଡ ହଳଦି (ହର୍‌ଦୀ) ଓ ମିଠା ଧରି ଆସିଥାଆନ୍ତି । ଝିଅ ବାପାର ସକ୍ଷମ ଅନୁସାରେ ବର ପାଇଁ ସୁନାଚେନ୍, ଘଣ୍ଟା ଓ ରୂପା ମୁଦି ଆଣିଥାଆନ୍ତି । ମୁଦି ହେଉଛି ପିନ୍ଧାନୀର ସଙ୍କେତ । କାରଣ ମୁଦିଦେଇ ନିଜର ଜ୍ୱାଇଁ ହିସାବରେ ସେମାନେ ଗ୍ରହଣ କରିଥାଆନ୍ତି । ଆଲୋଚନାରେ ବିବାହର ଦିନ, ବାର ଠିକ୍ ହୋଇଥାଏ । ଝିଅ ପକ୍ଷରୁ ଆସିଥିବା ମିଠା ବରକୁ ଖାଇବାକୁ ଦେବା ସଙ୍ଗେ ସଙ୍ଗେ ଉପସ୍ଥିତ ଥିବା ଲୋକେ ମଧ୍ୟ ଖାଇଥାଆନ୍ତି । ପୁଅ ଘର ପକ୍ଷରୁ ସେହିଦିନ ଏକ ଭୋଜି ଆୟୋଜନ କରାଯାଇଥାଏ । ଭୋଜିର ଭାତ ମାଂସ ସହିତ ହାଣ୍ଡିଆ ମଧ୍ୟ ଦିଆଯାଇଥାଏ । ସମସ୍ତେ ଭୋଜି ଖାଇଥାଆନ୍ତି । ଆଲୋଚନାରେ ମଧ୍ୟ ପୁଅ ପକ୍ଷ ପିନ୍ଧାନୀ ଚିହ୍ନଟ ପାଇଁ ଝିଅ ଘରକୁ ଯିବାର ଦିନ, ବାର ଠିକ୍ ହୋଇଥାଏ । ବେଳେବେଳେ ଭୋଜିଭାତ ଖାଇବାରେ ରାତି ହୋଇଯାଇଥାଏ । ଝିଅ ପକ୍ଷରୁ ଆସିଥିବା ବନ୍ଧୁବାନ୍ଧବମାନେ ପୁଅଘରେ ରାତ୍ରିଯାପନ କରି ତା' ପରଦିନ ନିଜ ଘରକୁ ଫେରିଥାଆନ୍ତି । ସେହିଭଳି ଧାର୍ଯ୍ୟଦିନ ପୁଅଘରୁ ମଧ୍ୟ ପୁଅର ବାପା, ମାମୁ, ପିଉସା, ବନ୍ଧୁବାନ୍ଧବ ଓ ଗ୍ରାମରୁ କେତେକ ଭଦ୍ର ବ୍ୟକ୍ତିଙ୍କୁ ସାଥିରେ ଧରି କନ୍ୟାଘରେ ପହଞ୍ଚିଯାଆନ୍ତି । ସେଠାରେ ମଧ୍ୟ ଏମାନଙ୍କୁ ଯଥାଯଥ ଉପଚାର କରାଯାଇଥାଏ । ଆଲୋଚନା ହୋଇଥାଏ । ମଧ୍ୟସ୍ଥି ଓ ପୁଅଝିଅର ବାପା, ମାମୁ ପ୍ରତ୍ୟେକଙ୍କ ମଧ୍ୟରେ ଆଲୋଚନା ହୋଇଥାଏ । ଆଲୋଚନାରେ ଏହିଦିନ କନ୍ୟାପିତା ବରପିତାଙ୍କୁ କନ୍ୟାପଣ ମାଗିଥାଆନ୍ତି । ପଣ ହିସାବରେ ଦଶ ଗଣ୍ଡା ଟଙ୍କା ମାଗିଥାଆନ୍ତି ।

(୧ ଗଣ୍ଡା = ଚାରିଟଙ୍କା) ଆଲୋଚନାରେ ଚାଳିଶ ଟଙ୍କା ବା ଦଶ ଗଣ୍ଡା ଦେବା ପାଇଁ ସ୍ଥିର କରାଯାଏ । ପିନ୍ଧାଣୀ ଚିହ୍ନଟ ପାଇଁ ବରପକ୍ଷରୁ କନ୍ୟାପାଇଁ ଧଳା ଶାଢ଼ି (ଧବଳା ଶାଢ଼ି) ଏକଖଣ୍ଡ, ଯେକୌଣସି ରଙ୍ଗର ଶାୟା ଗୋଟିଏ, ପିତ୍ତଳ ଗୋଡଖଡୁ (ଖାଡୁଆ) ଏକ ହଳ, ରୂପାର ହାତବଳା ଏକ ହଳ, ରୂପା ଚମ୍ପାକଢ଼ି ହାର ଗୋଟିଏ, (ହାରଟି ରୂପାର ପଚିଶ ପଇସି କିମ୍ବା ପଚାଶ ପଇସିରେ ତିଆରି କରାଯାଇ ଦଉଡିରେ ଗୁନ୍ଥା ଯାଇଥାଏ ।) ଆରସୀ, ପାନିଆ, ଅଳତା, ହଳଦୀ, ତେଲ ଓ ମିଠା ଇତ୍ୟାଦି ଆଣି ଥାଆନ୍ତି । ବିବାହ ସଂପର୍କରେ ଆଲୋଚନା ହୁଏ । ଆଲୋଚନା ଶେଷରେ ପୁଅପକ୍ଷ ନେଇଥିବା ମିଠା ସମସ୍ତେ ଖାଇଥାଆନ୍ତି । ତା'ପରେ ଏକ ଛୋଟ ଧରଣର ଭୋଜିଭାତର ଆୟୋଜନ କରାଯାଇଥାଏ । ଉପସ୍ଥିତ ପ୍ରତ୍ୟେକ ଭଦ୍ରବ୍ୟକ୍ତି ଭୋଜନ କରିଥାଆନ୍ତି ।

ଭୋଜନ ପରେ ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ଗହଣ 'ସମୁଦି ଭେଟ' ହୋଇଥାଏ । ପ୍ରଥମେ ଦୁଇଟି ଚଉପଦୀରେ ଗୁଡପାଣି ରଖାଯାଇଥାଏ । ବରକନ୍ୟା ଉଭୟଙ୍କ ପିତା ସେହି ଗୁଡ ପାଣିଥିବା ଚଉପଦୀକୁ ଅଲଗା କରି ହାତରେ ଧରନ୍ତି । ପରସ୍ପର ଚଉପଦୀକୁ ଅଦଳବଦଳ କରିବା ପରେ ମଧ୍ୟସ୍ଥି ଚଉପଦୀରେ କ'ଣ ଧରିଛ ବୋଲି ପୁଅର ବାପାଙ୍କୁ ପଚାରିବେ । ପୁଅର ବାପା ଗୁଡ ପାଣି ଧରିଛି ବୋଲି ଉତ୍ତର ଦେବ । ପୁନଶ୍ଚ ମଧ୍ୟସ୍ଥି ପଚାରିବେ,"ଏହି ଚଉପଦୀରେ କାହିଁକି ଗୁଡପାଣି ଧରିଛ ? " "ମୋ ପୁଅ ପାଇଁ ତାଙ୍କ ଝିଅକୁ ବୋହୂ କରି ଆଣିବି" ବୋଲି ପୁଅର ବାପା ଉତ୍ତରରେ କହିବେ । ପୁନଶ୍ଚ ମଧ୍ୟସ୍ଥି ପଚାରିବେ "ଗୁଡ ତ ମିଠା । ଯଦି ଗୁଡ ପିତା ହୋଇଯାଏ, ତେବେ କ'ଣ କରିବ ?" ଠିକ୍ ଏତିକିବେଳେ ଦୁଇ ସମୁଦୀ ଏକସ୍ୱରରେ କହିବେ ଯେ ଗୁଡପାଣି ଭଳି ଆମର ବନ୍ଧୁତ୍ୱ ସବୁଦିନ ପାଇଁ ମିଠା ରହିବ । ଅର୍ଥାତ୍ ବନ୍ଧୁତା କେବେ ନଷ୍ଟ କରିବେ ନାହିଁ । ତା'ପରେ ଉଭୟ ସମୁଦି ପରସ୍ପରର ଚଉପଦୀ ବଦଳ କରି ଗୁଡପାଣି ପିଇ ପରସ୍ପରକୁ ଆଲିଙ୍ଗନ କରିବେ । ଏହା ପରେ ଉପସ୍ଥିତ ଗୁରୁଜନମାନଙ୍କୁ ପ୍ରଣାମ ଜଣାଇବେ । ଭୋଜିଭାତରେ ସାଧାରଣତଃ ଭାତ ମାଂସ ହୋଇଥାଏ । ଏହା ସହିତ ସେମାନେ ହାଣ୍ଡିଆ ମଦ୍ୟ ପାନ କରିଥାଆନ୍ତି । ଶେଷରେ ନାଚଗୀତର ଆୟୋଜନ କରାଯାଏ ।

ଘର ପାଖରେ ଥିବା ଆମ୍ବଗଛ ବା କନ୍ୟାଗୃହ ଅଭିମୁଖେ ଯାତ୍ରା କରୁଥିବା ସମୟରେ ବର ଆମ୍ବଗଛ ସହିତ ବିବାହ କରିବା ପ୍ରଥା ରାଜୁଆର ସମାଜରେ ରହିଛି। ପୂର୍ବରୁ ବର ହଳଦିଆ ରଙ୍ଗର ଧୋତି, ଧଳା ସାର୍ଟ ଓ ମୁଣ୍ଡରେ ମୁକୁଟ ପିନ୍ଧିଥାଏ । ପାଲିକି ଯୋଗେ ଆମ୍ବଗଛ ନିକଟକୁ ବରକୁ ନଆଯାଇଥାଏ। ବର ସାଥିରେ ବରର

ଭିଣୋଇ, ମାମୁ, ଆଇବୁଢ଼ୀ, ଭାଉଜ ଓ ସାଙ୍ଗସାଥୀମାନେ ସେ ସ୍ଥାନକୁ ଯାଇଥାଆନ୍ତି । ହଳଦୀମଖା ନୂଆ ସୂତାରେ ଆମ୍ବଗଛର ଗଣ୍ଡି ସହିତ ବରର ଡାହାଣ ହାତ ପାପୁଲିକୁ ବନ୍ଧା ଯାଇଥାଏ । ଆମ୍ବଗଛର ଗଣ୍ଡି ଉପରେ ତିନି ଟୋପା ସିନ୍ଦୂର ଲଗାଯାଇ ଆଇବୁଢ଼ୀ ଦ୍ୱାରା ପୂଜା ହୋଇଥାଏ । ପୂଜା ସରିବା ପରେ ବର ଚତୁର୍ଦ୍ଦିଗକୁ ଜୁହାର କରିଥାଏ । ଏହା ପରେ ବରଯାତ୍ରୀ ଦଳ ସହିତ ବର କନ୍ୟାଗୃହ ଅଭିମୁଖେ ଯାତ୍ରା କରିଥାଏ ।

ନିର୍ଦ୍ଧାରିତ ଦିବସରେ ବିବାହ ହୁଏ । ବିବାହ ଦିନ ବର ହଳଦିଆ ରଙ୍ଗର ଧୋତି, ଧଳାସାର୍ଟ, ମୁଣ୍ଡରେ ମୁକୁଟ ପିନ୍ଧି ପାଲିଙ୍କି(ସୁଆରି) ଯୋଗେ କନ୍ୟା ଗୃହକୁ ଯାଇଥାଏ। ବିବାହ ସାଧାରଣତଃ କନ୍ୟା ଗୃହରେ ହୋଇଥାଏ। ବରଯାତ୍ରୀ ହିସାବରେ ପୁଅର ମାମୁ, ବନ୍ଧୁବର୍ଗ, ସାଇ ପଡିଶା ଓ ସାଙ୍ଗସାଥୀମାନେ ଝିଅଘର ଅଭିମୁଖେ ଯାଇ ଥାଆନ୍ତି । ସାଥିରେ ଢ଼ୋଲିଆ ଯାଇଥାଏ। ସେମିତି କୌଣସି ରୋଷଣୀ କରାଯାଏ ନାହିଁ। ମହୁରିଆ ମହୁରୀ ବଜାଇଥାଏ । ଗ୍ରାମର କେତେକ ଭଦ୍ରଲୋକ ମଧ୍ୟ ବରଯାତ୍ରୀଦଳରେ ଯାଇଥାଆନ୍ତି। ଘରୁ ବାହାରି ଯିବା ବାଟରେ କେତେକ ଶୁଭ ଅଶୁଭ ସଙ୍କେତ ପ୍ରତି ଦୃଷ୍ଟି ଦିଆଯାଇଥାଏ।

ବିବାହ ଦିନ ବର ସହିତ ବରଯାତ୍ରୀ ଦଳ ଘରୁ ବାହାରିବା ବାଟରେ ଯଦି ସାପ ଦେଖିଥାଆନ୍ତି, ତା'ହେଲେ ଶୁଭ ବୋଲି ବିଚାର କରାଯାଏ । କାରଣ ମହାଦେବଙ୍କର ବାହନ ହେଉଛି ସାପ । ଦୁଇଟି ଶିଆଳ ଦେଖିଲେ ଶୁଭ କାରଣ ପରସ୍ପର ମଧ୍ୟରେ ମିଳନ / ଏକତା ଥିବାର ଜଣାଯାଇଥାଏ । କୌଣସି ପ୍ରକାରର ଧଳା ବସ୍ତୁ ଦେଖିଲେ ବା ଧଳା ଗାଈ ଦେଖିଲେ, ଶୁଭ ସଂକେତ ବୋଲି ଧରାଯାଇଥାଏ । ଘରୁ ବାହାରିବା ସମୟରେ ଦୁଇ କାପ୍ତାପକ୍ଷୀ ଦେଖିଲେ ଶୁଭ। ଘରୁ ବାହାରିବା ସମୟରେ ରଡନିଆଁ ଦେଖିବାକୁ ମିଳିଲେ, ଗ୍ରାମରେ କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ କିମ୍ବା ଶବ ପଡି ରହିଥିଲେ, ବାଟରେ ଧୋବା ଲୁଗା ସଫା କରି ଫେରୁଥିଲେ ଇତ୍ୟାଦିକୁ ଶୁଭର ସଙ୍କେତ ବୋଲି କୁହାଯାଇଥାଏ ।

ବର ସମେତ ବରଯାତ୍ରୀ ଦଳ ଘର ବାହାରକୁ ଗଲାବେଳେ ବାଟରେ କେତେକ ଅଶୁଭ ସଙ୍କେତ ପ୍ରତି ରାଜୁଆରମାନେ ସଚେତନ ହୁଅନ୍ତି । ଯେପରି :

୧. ଘରୁ ବାହାରିବା ସମୟରେ ବିରାଡିଟିଏ ରାସ୍ତାର ବାମ କଡରୁ ଦକ୍ଷିଣକୁ ଯାଉଥିବାର ଦୃଶ୍ୟ ଦେଖିଲେ ଅଶୁଭ ବୋଲି ମନେ କରାଯାଏ । ସେଥିପାଇଁ ରାସ୍ତାରେ କିଛି ମୁହୂର୍ତ୍ତ ଅଟକି ଯାଇ ପୁନଃ ଯାତ୍ରା ଆରମ୍ଭ କରିଥାଆନ୍ତି ।

୨. ରାସ୍ତା କଡରେ ଥିବା ଗଛରୁ ଯଦି ଡାଳ ଭାଙ୍ଗିଯାଏ, ତେବେ ଅଶୁଭ ବୋଲି ଧରାଯାଏ। କାରଣ ବିବାହ ଭାଙ୍ଗି ଯିବାର ସମ୍ଭାବନା ଥାଏ ବୋଲି ରାଜୁଆରମାନେ ବିଶ୍ୱାସ କରିଥାଆନ୍ତି । ସେଥିପାଇଁ ବରଯାତ୍ରୀ ଦଳ ଘରକୁ ଫେରିଆସନ୍ତି । ପୁନର୍ବାର ଗଣକ ନିକଟରେ ବିବାହ ଦିନ ଧାର୍ଯ୍ୟ କରାଯାଇଥାଏ।

୩. ବାଟରେ ଗୋଟିଏ ଶିଆଳ ଦେଖିଲେ ଅଶୁଭ ହୋଇଥାଏ। ତେଣୁ ରାସ୍ତାରେ ସେମାନେ ଟିକିଏ ଅଟକି ଯାଇ ପୁନଃ କନ୍ୟାଗୃହ ଅଭିମୁଖେ ଯାତ୍ରା ଆରମ୍ଭ କରିଥାଆନ୍ତି।

୪. ଯିବା ବାଟରେ ପେଚା ଦେଖିଲେ କିମ୍ବା ପେଚା ବୋବାଇଲେ ଅଶୁଭ ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି ।

୫. ଧୋବାଟିଏ ମଇଳା ଲୁଗାପଟା ନେଇ ଚୁଠକୁ ଯାଉଥିବାର ଦେଖିଲେ ଅଶୁଭ ବୋଲି ଧରାଯାଇଥାଏ ।

୬. କୌଣସି ଲୋକ କାଠ ଭାର ନେଇ ଫେରୁଥିବାର ଦେଖିଲେ ଅଶୁଭ ।

୭. ଜଳନ୍ତା ନିଆଁ ଦେଖିଲେ ଅଶୁଭ ବୋଲି ଧରାଯାଇଥାଏ ।

୮. ଯିବା ସମୟରେ ଆଗରେ ବିଧବା ନାରୀ ଦେଖିଲେ ଅଶୁଭ ସଂକେତ ବୋଲି ସେମାନେ ବିବେଚନା କରିଥାଆନ୍ତି । ଏହିପରି କେତେକ ଶୁଭ ଅଶୁଭକୁ ବିଚାରକୁ ନେଇ ବର ସମେତ ବରଯାତ୍ରୀ ଦଳ କନ୍ୟାଗ୍ରାମରେ ପହଞ୍ଚି ଥାଆନ୍ତି ।

ବରକୁ ଅଧାବାଟରୁ ଦେଖି କନ୍ୟା ପକ୍ଷର ଝିଅ ବୋହୂମାନେ ପାଖରେ ଚବବା ନଦୀ ନାଳକୁ ଯାଇ ପାଣି ଆଣିବେ । ଏହି ପାଣି ଆଣିବାକୁ ଯିବାକୁ ରାଜୁଆର ଭାଷାରେ 'ପାନସହେ' ବୋଲି କୁହାଯାଏ । କନ୍ୟା ସେହି ପାଣିରେ ଗାଧାଏ । କନ୍ୟା ତା'ର ମା' କୋଳରେ ବସି ଗାଧାଇଥାଏ । ଏହି ସମୟରେ କନ୍ୟାର ମାଉସୀ, ପିଉସୀ, ମାଇଁ, ଖୁଡୀ ଇତ୍ୟାଦି ପାଖରେ ରହିଥାଆନ୍ତି । ଗାଧୋଇ ସାରିବା ପରେ କନ୍ୟା ହଳଦୀ ମଖା ନୂଆ ଶାଢ଼ି ଓ ଅଳଙ୍କାର ପିନ୍ଧିଥାଏ । ଇତ୍ୟବସରେ ବର କନ୍ୟା ଘରେ ପହଞ୍ଚି ଯାଇଥାଏ । ଏହା ପରେ ସମସ୍ତେ ମିଶି ବରକୁ ପାଛୋଟି ନେଇଥାଆନ୍ତି । ବର ପାଲିଙ୍କିରୁ ଓହ୍ଲାଇ ନିର୍ଦ୍ଦିଷ୍ଟ ସ୍ଥାନରେ ବିଛା ହୋଇଥିବା ନୂଆ ପାଇ କିମ୍ବା ପଟିଆରେ ବସିଥାଏ ।

ମହୁଲ ବେହା ପୂର୍ବରୁ କନ୍ୟା ତା'ର ମା', ମାଉସୀ, ମାଇଁ, ଖୁଡୀ, ପିଉସୀଙ୍କ ହାତରେ ଛେପ ପକାଇଥାଏ। କନ୍ୟାର ଭାଉଜ ସମସ୍ତଙ୍କ ହାତରେ ପଡିଥିବା ଛେପ ଉପରେ ଗୁଡ ଦେଇଥାଏ। ତା'ପରେ ଟିକିଏ ଟିକିଏ ପାଣି ମଧ୍ୟ ଦେଇଥାଏ। ତା'ପରେ ସମସ୍ତେ ତାକୁ ଖାଇଥାଆନ୍ତି। ଏହାକୁ 'ଅମଲଖିଆ' ବୋଲି କୁହାଯାଇଥାଏ। ସବୁଦିନ ପାଇଁ ଝିଅ ନିଜ ଗୋତ୍ର ଛାଡି ଅନ୍ୟ ଗୋତ୍ରକୁ ଚାଲିଯିବ। ଅନ୍ୟ ଗୋତ୍ରର ବୋହୂ ହୋଇ ରହିବ। ବାପଘରର କଥା ମନେ ନ ପକାଇ ଶାଶୂଘର ଚାମରେ ମନୋନିବେଶ କରିବା .ପାଇଁ ସମସ୍ତେ ପ୍ରବର୍ତ୍ତାଇଥାଆନ୍ତି। ତେଣୁ ମହୁଲ ଗଛକୁ କନ୍ୟା ବିବାହ କରିବା ପାଇଁ ଯିବା ପୂର୍ବରୁ ଏପରି ହୋଇଥାଏ।

ବର ବସିବା ସମୟ ମଧ୍ୟରେ କନ୍ୟାକୁ ମହୁଲ ଗଛ ସହ ବିବାହ ଦେବାର ଆୟୋଜନ କରାଯାଇଥାଏ । ହଳଦୀ ମଖାଇ ନୂଆ ଶାଢ଼ି ଓ ଅଳଙ୍କାର ପରିଧାନ କରି କନ୍ୟା ମହୁଲଗଛ ନିକଟକୁ ଯିବା ପାଇଁ ପ୍ରସ୍ତୁତ ହୋଇଥାଏ । ବର ଯେଉଁ ପାଲିଙ୍କିରେ ଆସିଥାଏ କନ୍ୟା ସେହି ପାଲିଙ୍କିରେ ବସି ମହୁଲ ଗଛ ପାଖକୁ ଯାଇଥାଏ । ସାଥିରେ କନ୍ୟାର ଆଈ, ଭାଉଜ, ମାଉସୀ, ମାଇଁ, ଖୁଡି, ପିଉସୀ ଇତ୍ୟାଦି ଯାଇଥାଆନ୍ତି । ହଳଦୀ ମଖା ନୂଆସୂତାରେ ମହୁଲ ଗଛର ଗଣ୍ଠି ସହିତ କନ୍ୟାର ବାମହାତ ପାପୁଲିକୁ ବନ୍ଧା ଯାଇଥାଏ । ଗଛର ଗଣ୍ଠି ଉପରେ ତିନିଟୋପା ସିନ୍ଦୂର ଲଗାଯାଇଥାଏ । କନ୍ୟାର ଆଈ ମହୁଲଗଛ ସହ ବିବାହ ପାଇଁ ପୂଜା କରନ୍ତି । ପୂଜା ସରିବା ପରେ କନ୍ୟାକୁ ଚତୁର୍ଦ୍ଦିଗକୁ ଜୁହାର କରିବା ପାଇଁ କୁହାଯାଏ । କନ୍ୟାକୁ ମହୁଲଗଛ ସହ ବିବାହ ଶେଷ ହେବା ପରେ କନ୍ୟା ଘରକୁ ଫେରିଆସେ । କନ୍ୟା ଘରକୁ ଫେରି ଆସିବା ପରେ ଜଳଖିଆ ଆକାରରେ ଚୁଡାମୁଢ଼ି ଖାଇଥାଏ । ସମସ୍ତଙ୍କ ପାଇଁ ଭାତ ମାଂସ ଭୋଜିର ଆୟୋଜନ ହୋଇଥାଏ ।

ବେଦୀରେ ବିବାହ ପୂର୍ବରୁ ବରର ଭିଣୋଇ ବରକୁ କାନ୍ଧରେ ବସାଇ ଘରୁ ବାହାର ଦୁଆରକୁ ଆଣିଥାଆନ୍ତି । ଦୁଇଟି ଖଲି ଉପରେ ବରକୁ ଛିଡା କରି ଦିଆଯାଏ। ଠିକ୍ ଏହି ସମୟରେ କନ୍ୟାର ମାଆ ହଳଦୀ ପାଣିରେ ବରର ଗୋଡ ଧୋଇ ଦେଇଥାଆନ୍ତି। ବନ୍ଦାପନା କରି ବରକୁ ଗୁଡ ମହୁ ଖୋଇ ଦେଇଥାଆନ୍ତି । ତା'ପରେ କଞ୍ଚାପାନ ପତ୍ରରେ ବରର ଦୁଇ ଗାଲକୁ ଛୁଇଁଥାଆନ୍ତି । ତା'ପରେ କନ୍ୟାର ମାଆ ଘରକୁ ଚାଲିଆସେ। ତା'ପରେ ବରର ଶଳା (କନ୍ୟାର ଭାଇ) ବରକୁ ବେଦୀ ନିକଟକୁ ନେଇ ଆସନ୍ତି ଏବଂ ଖଜୁରୀ ପଟି ଉପରେ ବସାଇ ଦେଇଥାଆନ୍ତି । ତା'ପରେ ବର ବେଦୀରେ ବସିଥାଏ।

ବର ବେଦୀରେ ବସିବା ପରେ କନ୍ୟାପକ୍ଷର ସାଙ୍ଗସାଥୀମାନେ ଗୀତ ବୋଲି ଥାଆନ୍ତି। ଆଗରୁ ତ ବ୍ରାହ୍ମଣ ବେଦୀ ନିକଟରେ ବସିଥାଏ। ବେଦୀ ନିକଟରେ ବ୍ରାହ୍ମଣ ମନ୍ତ୍ରପାଠ କରିଥାଏ। ଠିକ୍ ଏତିକିବେଳେ କନ୍ୟାର ଭାଉଜ କନ୍ୟାକୁ ବେଦୀ ନିକଟକୁ ଆଣିଥାଆନ୍ତି। ପ୍ରଥମେ କନ୍ୟା ତା'ର ବାପା କିମ୍ବା ମାମୁଙ୍କ କୋଳରେ ବେଦୀର ଡାହାଣ କଡରେ ବସିଥାଏ। ବ୍ରାହ୍ମଣ ମନ୍ତ୍ରପାଠ କରି ସାରିବା ପରେ ପୁନଃ କନ୍ୟା ଗୃହ ମଧ୍ୟକୁ ଯାଇଥାଏ। ପୁଣି ବ୍ରାହ୍ମଣ ମନ୍ତ୍ର ପଢ଼ି କନ୍ୟାକୁ ବେଦୀ ନିକଟକୁ ଆସିବା ପାଇଁ ଡାକନ୍ତି। କନ୍ୟାର ଭାଉଜ କିମ୍ବା କନ୍ୟାର ଆଈ କନ୍ୟାକୁ କାଖେଇ ନୋଟାରେ ପାଣି ଛିଞ୍ଚି ଛିଞ୍ଚି ଆସିବେ। କନ୍ୟା ବେଦୀ ଚାରିପାଖେ ତିନି ଥର ବୁଲିବା ପରେ ବେଦୀରେ ରଖା ଯାଇଥିବା ଖଲି ଉପରେ ବରର ବାମ କଡରେ ବସିଥାଏ। ବ୍ରାହ୍ମଣ ବରର ହାତକୁ କଳସୀ ଉପରେ ରଖି କନ୍ୟାର ହାତକୁ ଆଣି ବରର ହାତ ସହିତ ନୂଆ ହଳଦୀ ମଖା ସୂତାରେ ବାନ୍ଧି ଦିଅନ୍ତି। ବରର ପଗଡି ସହିତ କନ୍ୟାର ପିନ୍ଧା ଶାଢ଼ିକୁ ଗଣ୍ଠେଇ ଦିଅନ୍ତି । ଥାଳିରେ ଦୂବ, ଧଳା ଧାନ, ସିନ୍ଦୂର ଇତ୍ୟାଦି ରହିଥାଏ। ବରକନ୍ୟାକୁ ବନ୍ଦାପନା କରାଯାଏ । କନ୍ୟାର ମାଆ କନ୍ୟାକୁ ବେଦୀ ଉପରେ ଗୋଟିଏ କଂସା ବେଲା ଦାନ କରିଥାଏ। ବନ୍ଧୁବାନ୍ଧବ, ସଂପର୍କୀୟ ଲୋକେ ଥାଳୀ, ନୋଟା, ଗରା, ଗିନା, ବାଲ୍‌ଟି ଇତ୍ୟାଦି ବେଦୀରେ ଦାନ କରିଥାଆନ୍ତି । ବ୍ରାହ୍ମଣ ପାଇଁ ପଇସା, ଚାଉଳ, ପରିବାପତ୍ର ଇତ୍ୟାଦି ଦକ୍ଷିଣା ହିସାବରେ ଦିଆଯାଇଥାଏ। କନ୍ୟାର ସାନଭଉଣୀ କିମ୍ବା ସାନ ଭାଇ ହାତଗଣ୍ଠି ଫିଟାଇଥାଆନ୍ତି। ସେଥିପାଇଁ କନ୍ୟାର ସାନଭଉଣୀ କିମ୍ବା ସାନଭାଇକୁ ବରପକ୍ଷ ତରଫରୁ ପାଞ୍ଚ ଟଙ୍କା ଦିଆଯାଇଥାଏ। ହାତଗଣ୍ଠି ଖୋଲିଥିବା ଝିଅ କିମ୍ବା ପୁଅ ସହିତ ଉଭୟ ବରକନ୍ୟା ବେଦୀକୁ ତିନି ଥର ପରିକ୍ରମା କରିଥାଆନ୍ତି । ତା'ପରେ ବରକନ୍ୟା ଘର ମଧ୍ୟକୁ ଯିବା ସମୟରେ ସେମାନଙ୍କ ମୁଣ୍ଡ ଉପରେ ଧଳାରଙ୍ଗର ଲୁଗା ଆଚ୍ଛାଦିତ କରାଯାଇଥାଏ। କନ୍ୟାର ଭଉଣୀ ଓ ସାଙ୍ଗମାନେ ଝିଅକୁ ଘରକୁ ଯିବା ପାଇଁ ଛାଡି ଦିଅନ୍ତି, କିନ୍ତୁ ବରକୁ ଛାଡନ୍ତି ନାହିଁ। ଏହି ସମୟରେ କନ୍ୟାର ସାଙ୍ଗସାଥୀଙ୍କ କଣ୍ଠରୁ ସୁଲଳିତ ସ୍ୱରରେ ଭାସି ଆସେ ଗୀତର ଲହରୀ । କନ୍ୟାର ସାଙ୍ଗସାଥୀମାନେ ଖୁସିରେ ବରର ଭିଣୋଇଙ୍କ ଠାରୁ କିଛି ପାଉଣା /ପଇସା ଆଦାୟ କରିଥାଆନ୍ତି। ସେ ସମୟରେ ପାଞ୍ଚ ଟଙ୍କା ଦିଆଯାଉଥିଲା। ପାଉଣା ପାଇ ସାରିଲା ପରେ ବରକୁ ଗୃହ ମଧ୍ୟକୁ ଛାଡି ଦିଅନ୍ତି। ଉଭୟ ବରକନ୍ୟା ଗୃହ ମଧ୍ୟରେ ବସିଥାଆନ୍ତି। ପୂର୍ବରୁ କ୍ଷୀରି ତିଆରି କରାଯାଇଥାଏ। କନ୍ୟାର ସାଙ୍ଗସାଥୀମାନେ ଅଲଗା ଅଲଗା ଖଲିରେ ବରକନ୍ୟାଙ୍କୁ କ୍ଷୀରି ଦେଇଥାଆନ୍ତି। କନ୍ୟା ମନ ଆନନ୍ଦରେ କ୍ଷୀରି ଖାଇଦେବ। ହେଲେ

ବର କ୍ଷୀରି ନ ଖାଇ ରୁଷି ବସିବ। ରୁଷି ବସିବାର କାରଣ ଜାଣି ନ ପାରି ସାଙ୍ଗସାଥୀମାନେ କନ୍ୟାର ମାଆ ବାପାଙ୍କୁ ଡାକି ଆଣନ୍ତି । ଜ୍ୱାଇଁର ଏଭଳି ଅବସ୍ଥା ଦେଖି କନ୍ୟା ପିତା ମାତା ପଚାରନ୍ତି ଯେ ଝିଅଟିଏ ତ ଦେଲୁ ଆଉ କ'ଣ ଦେବୁ ? ରୁଷି ବସିବାର କାରଣ ପଚାରନ୍ତି। ତଥାପି ଜ୍ୱାଇଁ ନୀରବ ରହେ ଏବଂ କ୍ଷୀରି ମଧ୍ୟ ଖାଇ ନ ଥାଏ । ଜ୍ୱାଇଁର ମନକୁ ଜାଣି ତା' ପାଇଁ ହଳେ ଯୋତା ଓ ଗୋଟିଏ ଛତା ଦେଇଥାଆନ୍ତି। ତା'ପରେ ଜ୍ୱାଇଁ କ୍ଷୀରି ଖାଇବାକୁ ବସିଥାଏ। ତା'ପରେ ପୁଅ ଓ ଝିଅକୁ ଅଲଗା ଅଲଗା କରି ଭାତ ତରକାରୀ ଖାଇବାକୁ ଦିଆଯାଏ। ସେମାନେ ଭାତ ତରକାରୀ ଖାଇସାରିଲା ପରେ ଝିଅ ବିଦା ସମୟ ଆସିଥାଏ।

ବିବାହର ସବୁଠାରୁ କରୁଣ ଦୃଶ୍ୟ ଝିଅ ବିଦା ହେବା । କନ୍ୟାର ସାଙ୍ଗସାଥୀମାନେ ସହଜରେ କନ୍ୟାକୁ ଛାଡିବେ ନାହିଁ । ସାଙ୍ଗମାନଙ୍କ ଗହଣରେ ଏତେ ଦିନଧରି ଥିଲା । ସେମାନଙ୍କ ସହିତ ସବୁ କାମ କରୁଥିଲା । ତେଣୁ ସାଥିମାନଙ୍କୁ ବରପକ୍ଷରୁ ପାଞ୍ଚ ଟଙ୍କା ଦିଆଯାଉଥିଲା । ତା'ପରେ ସେମାନେ କନ୍ୟାକୁ ଛାଡି ଦେଉଥିଲେ । ଏହାକୁ ରାଜୁଆର ଭାଷାରେ 'ସଙ୍ଗ୍ ଛାଲ୍‌ନୀ' କୁହାଯାଏ ବା ସାଙ୍ଗସାଥୀମାନଙ୍କୁ ଛାଡିଲା କୁହାଯାଏ । ଏହି ସମୟରେ କନ୍ୟାର ମା', ତା'ର ସାଙ୍ଗସାଥୀ, ବନ୍ଧୁବାନ୍ଧବ ଓ ସଂପର୍କୀୟ ଲୋକେ କାନ୍ଦିଥାନ୍ତି । ଏଗୁଣ୍ଡି ବନ୍ଧ ପାଖରେ ମାଆର କୋଳରେ କନ୍ୟା ବସିବ ଏବଂ କନ୍ୟାର କୋଳରେ ବର ବସିବାର ପ୍ରଥା ରହିଛି। ଏହି ସମୟରେ କନ୍ୟାର ଭାଉଜ କନ୍ୟା ଓ ବର ଉଭୟଙ୍କ ହାତରେ କିଛି ଧାନ ଦେବେ। କନ୍ୟା ହାତରେ ଧରିଥିବା ଧାନରୁ କିଛି ଧାନ ବାପାଙ୍କ ଘର ଆଡକୁ / ପଛ ପାଖକୁ ଫିଙ୍ଗିବେ। ଏହା ପରେ ସାଇପଡିଶାର ଲୋକେ ଧାନ ପଛକୁ ଫିଙ୍ଗିବାର କାରଣ କନ୍ୟାକୁ ପଚାରିବେ। ବାପାର ଘରକୁ ଧନଧାନ୍ୟରେ ପୂର୍ଣ୍ଣ କରି ବିଦା ହେଉଛି ବୋଲି ଝିଅ ଉତ୍ତରରେ କହିବ। ତା'ପରେ ସେହିଭଳି ଭାଇର ଘର ପୂର୍ଣ୍ଣ କରି ଯାଉଛି ବୋଲି କନ୍ୟା ମଧ୍ୟ କହିବ। ଝିଅ ଶେଷରେ ବାପଘର ଛାଡି ସବୁଦିନ ପାଇଁ ଶାଶୂଘରକୁ ଚାଲି ଯାଉଥିବାରୁ ଦୁଃଖରେ ବିବାହ କାଳୀନ ବିଦାୟର କରୁଣ ଗୀତ ଗାଇ ଗାଇ ସଭିଙ୍କ ଗୋଡ ଧରି କାନ୍ଦିବ। ପରେ ପରେ ଭାଉଜ ଓ ସାଙ୍ଗସାଥୀମାନେ କନ୍ୟାକୁ ପାଲିଙ୍କି ପାଖକୁ ନେଇଯିବେ। ବର ପ୍ରଥମେ ପାଲିଙ୍କି ପାଖକୁ ଯାଇଥିବ। କନ୍ୟା ପାଲିଙ୍କିର ଆଗରେ ବସିବ ଓ ବର କନ୍ୟାର ପଛ ପାଖରେ ବସି ବରଗୃହ ଅଭିମୁଖେ ଆସନ୍ତି।

ବରଗୃହରେ ବର ଓ କନ୍ୟା ଉଭୟ ପହଞ୍ଚିଲା ପରେ ସେ ଦୁହିଁଙ୍କୁ ପାଛୋଟି ନେଇଥାଆନ୍ତି। କନ୍ୟାଗୃହରେ ବର ପହଞ୍ଚିଲା ପରେ ବରକୁ ଯେଉଁଭଳି ଉପଚାର କରାଯାଇଥାଏ, ସେହିଭଳି ବର ଗୃହରେ କନ୍ୟାକୁ ମଧ୍ୟ ଉପଚାର କରାଯାଇଥାଏ।

ଉଭୟ ବର ଓ କନ୍ୟାକୁ ବନ୍ଦାପନା କରାଯାଇଥାଏ । କନ୍ୟା ଗୃହରେ ବର କ୍ଷୀରି ଖାଇବା ସମୟରେ ବର ରୁଷିଲା ଭଳି ବର ଘରେ ମଧ୍ୟ କନ୍ୟା କ୍ଷୀରି ଖାଇବା ସମୟରେ କ୍ଷୀରି ନ ଖାଇ ରୁଷି ବସେ । କନ୍ୟାର ମନଜାଣି ବର ବାପା ମାଆ ନିଜ ବୋହୂ ପାଇଁ ଚୁଡି, ଖଡୁ ଆଣି ଦେଇଥାଆନ୍ତି । ତା'ପରେ ବୋହୂ ଖାଇ ବସିଥାଏ । ଖାଇ ସାରିବା ପରେ ଉଭୟ ବର ଓ କନ୍ୟା ଗାଧୋଇବା ପାଇଁ ନଦୀକୁ ଯିବେ । ନଦୀ ପାଣିରେ ପ୍ରଥମେ ଉଭୟଙ୍କ ମଧ୍ୟରେ ଏକ ଢ଼ାଳକୁ ନେଇ ଲୁଚକାଳି ଖେଳ ହେବ । ବର ନଦୀ ମଧ୍ୟସ୍ଥ ବାଲିରେ ଏକ ସ୍ଥାନରେ ଢ଼ାଳ/ନୋଟାଟିକୁ ଲୁଚାଇ ଦେବ ଏବଂ କନ୍ୟା ଚେଷ୍ଟାକରି ସେହି ନୋଟାଟିକୁ ଜଳରୁ ଖୋଜି ପାଇଲା ପରେ ସେ ମଧ୍ୟ ନୋଟାଟିକୁ ଲୁଚାଇ ଦେବ । ଏହିଭଳି ଦୁଇଜଣଙ୍କ ମଧ୍ୟରେ ଯିଏ ଅଧିକଥର ଜଳରୁ ନୋଟାଟିକୁ ଖୋଜି ପାଇଥାଏ ସେ ଖେଳରେ ଜିତିଥାଏ । ଏହି ପରି ତିନିଥର ଖେଳ ହୋଇଥାଏ । ପରବର୍ତ୍ତୀ ପର୍ଯ୍ୟାୟରେ ବର ଓ କନ୍ୟାର କାଦୁଅ ଫିଙ୍ଗା ଖେଳ ହୁଏ । କନ୍ୟା ଡାହାଣ ହାତରେ କାଦୁଅ ଫିଙ୍ଗିଲା ବେଳେ ବର ବାମ ହାତରେ କାଦୁଅ ଫିଙ୍ଗିଥାଏ । ପରେ ସେମାନେ ସେଠାରେ ପୂଜାପାଠ କରିଥାଆନ୍ତି । ଗ୍ରାମଦେବତାଙ୍କର ନାମ ପରସ୍ପର ଉଚ୍ଚାରଣ କରିଥାଆନ୍ତି । ଗାଧୋଇବା ପରେ ବର ବାମ ହାତରେ କନ୍ୟାର ମୁଣ୍ଡରେ ଏକ ଚୁମୁଳା / ଠେକା କରିଥାଏ ଏବଂ ନଦୀରୁ ଏକାଥରକେ ବାମହାତରେ ଜଳ ଆଣି ଜଳପୂର୍ଣ୍ଣ ଢ଼ାଳଟିକୁ କନ୍ୟା ମୁଣ୍ଡରେ ରଖିଦେଇଥାଏ । ଏହାପରେ କନ୍ୟା ଆଗେ ଆଗେ ଓ ବର ପଛେ ପଛେ ଆସିଥାଏ । ଏ ଦୁଇଜଣଙ୍କ ସାଥିରେ ବରର ଭାଉଜ ମଧ୍ୟ ଆସିଥାଆନ୍ତି । ନଦୀରୁ ଗୃହ ଅଭିମୁଖେ କିଛି ଦୂର ଆସିବା ପରେ ରାସ୍ତାରେ ସମସ୍ତେ ଅଟକି ଯାଇଥାଆନ୍ତି । ବର ଧନୁଶରକୁ ଆଗକୁ ଯୋଖିଥାଏ । ସେଠାରୁ କନ୍ୟା ଅଧାରାସ୍ତାକୁ ଯାଇଥାଏ, କିନ୍ତୁ ବରର ଭାଉଜ ତୀର ଯେଉଁ ସ୍ଥାନରେ ପଡିଥିବ ସେ ସ୍ଥାନକୁ ଯାଇଥାଆନ୍ତି । ପୁନଃ ବରର ଭାଉଜ କନ୍ୟା ନିକଟକୁ ଫେରି ଆସିଥାଏ । ଶିକାରରେ ଯାହା ମାରିଥାଏ ବା ତୀରରେ ଡାଳ, ପତ୍ର ଯାହା ଭାଙ୍ଗିଥାଏ, କନ୍ୟା ତାକୁ ଧରି ବର ନିକଟକୁ ଆସି ଦେଇଥାଏ । ବରକୁ ଦେବା ପରେ କ'ଣ ମାରିଲ ବୋଲି କନ୍ୟା ପଚାରିଥାଏ । ସମର, ଠେକୁଆ, କୁଟୁରା ଇତ୍ୟାଦି ମାରିଲି ବୋଲି ବର ଉତ୍ତରରେ କହିଥାଏ । ବାଟରେ ତିନି ଥର ଏପରି ହୋଇଥାଏ । ସମସ୍ତେ ଆସି ବରଘରେ ପହଞ୍ଚିଯାଆନ୍ତି । ଘରକୁ ଆସି ନଦୀରୁ ଆଣିଥିବା ନୋଟା / ଢ଼ାଳ ପାଣିରେ କନ୍ୟା ସମସ୍ତଙ୍କ ଗୋଡ ଧୋଇଦେଇଥାଏ । ଏଥିପାଇଁ ସେମାନଙ୍କୁ ପାଉଣା ମାଗିଥାଏ । ଉପହାର ହିସାବରେ ପୁଅର ମାଆ, ବାପା, ଦାଦା, ଖୁଡୀ, ମାଇଁ, ପିଉସୀ, ଭିଣୋଇ ଇତ୍ୟାଦି ବୋହୂକୁ ପଇସା

ଓ ଗହଣାଗାଣ୍ଠି ପ୍ରଦାନ କରିଥାଆନ୍ତି। ଶେଷରେ ବୋହୂ ଦେଉଶୂର (ପୁଅର ବଡଭାଇ)ଙ୍କର ଗୋଡ ଧୋଇ ଦେଇଥାଏ । ଏହି ସମୟରେ ଦେଉଶୂର ବୋହୂର ନାମ ପଚାରିଥାଆନ୍ତି। ବୋହୂ ତା'ର ନାମ ଦେଉଶୂରଙ୍କୁ କହିଥାଏ । ସେହିଭଳି ବୋହୂ ମଧ୍ୟ ଦେଉଶୂରଙ୍କୁ ତାଙ୍କ ନାମ ପଚାରିଥାଏ। ତା'ପରେ ଦେଉଶୂର ବୋହୂର ଓଢ଼ଣୀକୁ ତିନିଥର ଟାଣିଥାଆନ୍ତି ଏବଂ ଶେଷରେ ଓଢ଼ଣୀକୁ ମୁହଁ ତଳକୁ ଟାଣି ଥାଆନ୍ତି । ଏହି ଦିନ କନ୍ୟାଘରୁ କନ୍ୟାର ଭିଣୋଇ, ସାନ ଭଉଣୀ ଓ ବଡ ଭଉଣୀ ଜ୍ୱାଇଁ ଘରକୁ ଆସନ୍ତି । ଝିଅ ଜ୍ୱାଇଁଙ୍କୁ ବାହୁଡାଇ ନିଅନ୍ତି। ପୁନଃ ବରଘରୁ ମଧ୍ୟ ସେହିଭଳି କନ୍ୟା ଘରକୁ ଯାଇ ପୁଅ ବୋହୂକୁ ଫେରାଇ ଆଣିଥାଆନ୍ତି ।

ଅନ୍ୟ ଦିନରେ କନ୍ୟାର ମାଆ ସହିତ ତା'ର ମାଇଁ, ଖୁଡୀ, ବଡମାଆ ଜ୍ୱାଇଁ ଘରକୁ ଆସିବା ପାଇଁ ଦିନ ଧାର୍ଯ୍ୟ ହୋଇଥାଏ । ଧାର୍ଯ୍ୟ ଦିନ ଏମାନେ ଆସି ଅଧାବାଟରେ ରହିଥାଆନ୍ତି । ପୁଅର ମାଆ, ଖୁଡୀ, ମାଇଁ ଏମାନଙ୍କୁ ପାଛୋଟି ଆଣି ନିଜ ଦୁଆର ଆଗରେ ଛିଡା କରାଇଥାଆନ୍ତି । ତା'ପରେ ଏମାନଙ୍କର ଗୋଡ ଧୋଇ ଦେଇଥାଆନ୍ତି । ଉର୍ଭୟ ପରସ୍ପରଙ୍କର ଗୋଡ ଧୋଇ ଦେଇଥାଆନ୍ତି । ତା'ପରେ ଯଥାଯଥ ସତ୍କାର କରିଥାଆନ୍ତି । ଖାଇବାକୁ ଦେଇ ସାରିବା ପରେ ସଭିଏଁ ଖାଇଥାଆନ୍ତି । ତା'ପରେ ଦାଣ୍ଡ ଦୁଆରେ ସମସ୍ତେ ବସିଥାଆନ୍ତି । ହଳଦୀକୁ ପରସ୍ପରର ଗାଲରେ ମାରିଥାଆନ୍ତି ଏବଂ ଚନ୍ଦନ ମୁଣ୍ଡରେ ବୋଳିଥାଆନ୍ତି । ବେଦୀ ନିକଟରେ ଉଭୟ ସମୁଦୁଣୀ ଏକା ସଙ୍ଗରେ ହାଣ୍ଡିଆ ପାନ କରିଥାଆନ୍ତି । ତା'ପରେ ପରସ୍ପର ପରସ୍ପରକୁ ଛୁହାର କରିଥାଆନ୍ତି । ଏହା ପରେ ଘରକୁ ଫେରିଥାଆନ୍ତି ।

ବିବାହ ଦିନ ବରପକ୍ଷ ତରଫରୁ କନ୍ୟାର ମାଆ ପାଇଁ ଧଳାରଙ୍ଗର ଶାଢ଼ି ଏକଖଣ୍ଡ, କନ୍ୟାର ଆଈ ପାଇଁ ଧଳାରଙ୍ଗର ଶାଢ଼ି ଏକ ଖଣ୍ଡ, କନ୍ୟାର ଭାଇ ପାଇଁ ଧଳା ରଙ୍ଗର ଧୋତି ଏକ ଖଣ୍ଡ, କନ୍ୟା ପାଇଁ ହଳଦୀମଖା ଶାଢ଼ି ଏକ ଖଣ୍ଡ ଏବଂ ଏଥି ସହିତ କନ୍ୟା ପାଇଁ ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀ ଦିଆଯାଏ । ସକ୍ଷମ ଅନୁସାରେ ବରପିତା ଏକଟି ଛେଳି କିମ୍ବା ଖାସି କନ୍ୟା ଘରକୁ ଦେଇଥାଆନ୍ତି ।

ବିବାହର ପ୍ରକାରଭେଦ :

ପ୍ରେମ ବିବାହ: ସମୟର ଦ୍ରୁତ ପରିବର୍ତ୍ତନ ଫଳରେ ଆଧୁନିକତାକୁ ରାଜୁଆରମାନେ ଗ୍ରହଣ କଲେଣି । ପାରଂପରିକ ବିଧିବିଧାନ ଅନୁଯାୟୀ ଆୟୋଜିତ ବିବାହର ଗୁରୁତ୍ୱ ଆସ୍ତେ ଆସ୍ତେ କମିବାରେ ଲାଗିଛି। ବର୍ତ୍ତମାନ କନ୍ୟା ମନୋନୟନ, ନିର୍ବାଚନ ଇତ୍ୟାଦି

କ୍ଷେତ୍ରରେ ପିତାମାତା, ବନ୍ଧୁବାନ୍ଧବମାନଙ୍କର ଗୁରୁତ୍ୱ କମି ଗଲାଣି। ତେଣୁ ପ୍ରେମ ବିବାହ ବିଶେଷତଃ ଦେଖିବାକୁ ମିଳିଥାଏ। ପ୍ରଥମତଃ ଉଭୟ ପୁଅ ଓ ଝିଅ ପରସ୍ପରକୁ ଭଲ ପାଇ ବସନ୍ତି। ପ୍ରେମ ସଂପର୍କ ନିବିଡ ହୋଇଯାଏ । ସେହି ବିବାହ ଯୋଗ୍ୟ ପୁଅଝିଅ ପରସ୍ପର ଭଲ ପାଇ ବିବାହ ପାଇଁ ସିଦ୍ଧାନ୍ତ ଗ୍ରହଣ କରିଥାଆନ୍ତି ବା ବିବାହ ବନ୍ଧନରେ ବାନ୍ଧି ହୋଇ ସାରା ଜୀବନ ଏକତ୍ର ରହିବାକୁ ନିଷ୍ପତ୍ତି ନେଇଥାଆନ୍ତି । ଏଭଳି କ୍ଷେତ୍ରରେ ଯଦି କୌଣସି ପ୍ରତିବନ୍ଧକ ଥାଏ, ତେବେ ସେ ଦୁହେଁ ପରସ୍ପର କଥାବାର୍ତ୍ତା ହୋଇ ସୁଯୋଗ ଦେଖି ଘର ଛାଡି ଅନ୍ୟତ୍ର ଚାଲିଯାଆନ୍ତି । ପରସ୍ପର ମଧ୍ୟରେ ବିବାହ କାର୍ଯ୍ୟ ସଂପାଦନ ନିମନ୍ତେ ବାପା ମାଆ ରାଜି ହେବା ଏବଂ ପରିସ୍ଥିତି ଶାନ୍ତ ହେବା ପରେ ପୁଅ ନିଜଘରକୁ ଝିଅକୁ ନେଇ ଆସିଥାଏ । ଏ କ୍ଷେତ୍ରରେ ବାପା ମାଆ ଓ ପରିବାରର ଅନ୍ୟ ସଦସ୍ୟମାନେ ଅରାଜି ଥିଲେ କୌଣସି ବନ୍ଧୁବାନ୍ଧବଙ୍କ ଘରେ କିଛି ଦିନ ଆଶ୍ରୟ ନେବାକୁ ପଡିଥାଏ। ଏହି ସମୟ ମଧ୍ୟରେ ପୁଅଘର ଓ ଝିଅଘର ମଧ୍ୟରେ କଳହର ପରିସମାପ୍ତି ଘଟିଥାଏ। ବିନା ଦ୍ୱିଧାରେ ପୁଅଘର ଲୋକେ ଝିଅଟିକୁ ନିଜର ବୋହୂ ରୂପେ ଗ୍ରହଣ କରିଥାଆନ୍ତି । ରାଜୁଆର ପୁଅଝିଅମାନେ ଏବେ କେବଳ ନିଜ ଜାତିରେ ବିବାହ କରୁଛନ୍ତି, ତା' ନୁହେଁ। ପୁଅମାନେ ବର୍ତ୍ତମାନ ଅନ୍ୟ ଜାତିର ଝିଅମାନଙ୍କୁ ବିବାହ କରିଥିବାର ନଜିର୍ ରହିଛି। ଏମାନେ ନିଜ ଗୋଷ୍ଠୀ ମଧ୍ୟରେ ମଧ୍ୟ ପ୍ରେମ ବିବାହ କରିଥାଆନ୍ତି। କେତେକ କ୍ଷେତ୍ରରେ ମନ୍ଦିରରେ କିମ୍ବା ପୁଅଘରେ ମଧ୍ୟ ବିବାହ ହୋଇଥାଏ। ପୁଅ କିମ୍ବା ଝିଅ ମଧ୍ୟରୁ ଯିଏ ଯାହାକୁ 'ମହନୀ ଓଷଦ୍' ଦେଇଦେଲେ ପରସ୍ପରଙ୍କର ମନ ମିଳିଥାଏ। ଜଣେ ଅନ୍ୟ ଜଣକୁ ନ ଦେଖିଲେ ରହିପାରନ୍ତି ନାହିଁ।

ଶାଳୀ ବିବାହ (ସାଙ୍ଗା ବେହାଘାର): ଯଦି କୌଣସି ପୁରୁଷର ସ୍ତ୍ରୀ ହଠାତ୍ କୌଣସି କାରଣରୁ ମରିଯାଏ ଏବଂ ମୃତ ସ୍ତ୍ରୀର ଯଦି ସାନଭଉଣୀ ଥାଆନ୍ତି, ତେବେ ସେ କ୍ଷେତ୍ରରେ ଶାଳୀ ସହିତ ବିବାହ ସମ୍ଭବ ହୋଇଥାଏ। ଯୁବକ ହୋଇଥିଲେ ଶାଳୀକୁ ବିବାହ କରିବା ପାଇଁ ପ୍ରସ୍ତାବ ଆସିଥାଏ। ଏହି ପ୍ରସ୍ତାବରେ ଶାଳୀ ରାଜିହେଲେ ବିବାହ ସଂଗଠିତ ହୋଇଥାଏ। ଏହି ପରିସ୍ଥିତିକୁ ଯଦି ଶାଳୀ ଗୁରୁତ୍ୱ ବୋଲି ମନେକରେ, ତେବେ ସେ ବିବାହ ପାଇଁ ରାଜି ହୋଇଥାଏ। ଏଭଳି ବିବାହ କ୍ଷେତ୍ରରେ ପୁଅକୁ କୌଣସି ପ୍ରକାର ଯଉତୁକ ଦିଆଯାଏ ନାହିଁ।

ଛାଡପତ୍ର ବିବାହ (ସାଙ୍ଗା ବେହାଘାର): ଉଭୟ ସ୍ୱାମୀ ଓ ସ୍ତ୍ରୀ ଛାଡପତ୍ର ଦେବାର ଅଧିକାର ଲାଭ କରିଥାଆନ୍ତି। କୌଣସି ଏକ ଗୁରୁତର ଘଟଣାରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ବା ମନାନ୍ତର ହେଲେ ଛାଡପତ୍ର ଦିଆଯାଇଥାଏ। ଛାଡପତ୍ର ଦେଲା ପରେ

ଉଭୟ ସ୍ୱାମୀ ଓ ସ୍ତ୍ରୀ ନିଜ ନିଜର ଜୀବନ ସାଥୀ ଖୋଜିବାରେ ଅସୁବିଧା ନାହିଁ। ସ୍ତ୍ରୀ ଯଦି ରୁଗ୍‌ଣ, ଅସତ୍ ଚରିତ୍ରା, ସନ୍ତାନହୀନା, ଅଳସୁଆ, ପରପୁରୁଷ ସହ ଦୈହିକ ସଂପର୍କ ରଖିଥାଏ, ତେବେ ସ୍ୱାମୀ ସ୍ତ୍ରୀକୁ ଛାଡପତ୍ର ଦେଇଥାଏ । ସେହିପରି ପୁରୁଷ ନପୁଂସକ ହେଲେ, ମଦୁଆ ହେଲେ, ରୁଗ୍‌ଣ ହେଲେ, ଅତ୍ୟାଚାରୀ ହେଲେ, ଦୁଶ୍ଚରିତ୍ର ହେଲେ, ସ୍ତ୍ରୀ ମଧ୍ୟ ସ୍ୱାମୀକୁ ଛାଡପତ୍ର ଦେଇଥାଏ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ମତାନ୍ତର ହେଲେ ମନୋମାଳିନ୍ୟ ଓ ତିକ୍ତତା ଭାବ ବଢ଼ିବାରେ ଲାଗିଥାଏ । ପରସ୍ପର ଅଲଗା ରହିବା ପାଇଁ ମନେ ମନେ ସ୍ଥିର କରିଥାଆନ୍ତି । ତେବେ ସ୍ୱାମୀ ସ୍ତ୍ରୀକୁ ଘରୁ ବାହାର କରିଦେଇଥାଏ । ସ୍ତ୍ରୀଟି ନିରୂପାୟ ହୋଇ ନିଜ ବାପାଘରକୁ ଚାଲିଆସେ ।

ରାଜୁଆରମାନଙ୍କ ମଧ୍ୟରେ ଛାଡପତ୍ର ବିବାହ ବେଶୀ ଦେଖାଯାଏ ନାହିଁ । ଛାଡପତ୍ର ପାଇଥିବା ସ୍ତ୍ରୀକୁ ସାଧାରଣତଃ ସମସ୍ତେ ବିବାହ କରିବାକୁ ରାଜି ହୋଇ ନ ଥାଆନ୍ତି । ପୁନର୍ବିବାହ ଅଳ୍ପ ମାତ୍ରାରେ ଦେଖାଯାଇଥାଏ । ସ୍ୱାମୀର ମୃତ୍ୟୁପରେ ଦିଅରକୁ ବିଧବା ବିବାହ କରିପାରେ । ବିଧବା ସ୍ତ୍ରୀ ମଧ୍ୟ ଅନ୍ୟ ପୁରୁଷକୁ ବିବାହ କରିପାରେ । କନ୍ୟା ପାଇଁ ଧଳା ରଙ୍ଗର ଶାଢ଼ି, ଶାୟା ଓ ବ୍ଲାଉସ୍ ଇତ୍ୟାଦି ବରପକ୍ଷରୁ ନିଆଯାଇଥାଏ । ପୁଅଘରୁ ବାପା, ଭିଣୋଇ, ସାଇପଡିଶାରୁ ପାଞ୍ଚ ଜଣ କନ୍ୟା ଘରକୁ ଯାଇଥାଆନ୍ତି । କନ୍ୟାର ବାପା ମଧ୍ୟ ତାଙ୍କ ଗ୍ରାମରୁ ସାଇପଡିଶାଙ୍କୁ ଧରି ଆସିଥାନ୍ତି ।

ନାରୀର ସ୍ଥାନ:

କୌଣସି କାରଣବଶତଃ ସ୍ୱାମୀର ମୃତ୍ୟୁ ଘଟିଲେ ସ୍ତ୍ରୀ ବିଧବା ହୋଇଥାଏ । ବିଧବା ସ୍ତ୍ରୀମାନଙ୍କର ସମାଜରେ ଟିକିଏ ନୀଚ ସ୍ଥାନ ଥାଏ । କୌଣସି ପ୍ରକାର ଶୁଭ୍ର କର୍ମରେ ଏମାନେ ଉପସ୍ଥିତ ହେଲେ କାମ ଅଶୁଦ୍ଧି ହୁଏ ବୋଲି ଏମାନେ ଭାବିଥାଆନ୍ତି । ତେଣୁ ଏମାନଙ୍କୁ କେତେକ ଶୁଭ କାର୍ଯ୍ୟରୁ ବଞ୍ଚିତ କରାଯାଇଥାଏ । ଝିଅଟିଏ ପ୍ରଥମ କରି ରଜ୍ଜବତୀ ହେଲେ ପଟିରେ ବସିବା, ନବବିବାହିତ ଦମ୍ପତିଙ୍କୁ ବନ୍ଦାପନା କରି ଗୃହ ମଧ୍ୟକୁ ପାଛୋଟି ନେବା, ବିବାହର ଅନ୍ୟାନ୍ୟ କାର୍ଯ୍ୟରେ ସହଯୋଗ କରିବା, ବନ୍ଦାଣ ପରବ ଇତ୍ୟାଦି କ୍ଷେତ୍ରରେ ବିଧବା ସ୍ତ୍ରୀଙ୍କର ଉପସ୍ଥିତିକୁ ବାରଣ କରାଯାଇଥାଏ । ବିଧବା ସ୍ତ୍ରୀକୁ ଦେଖି ଯାତ୍ରା ଆରମ୍ଭ କଲେ ଅଶୁଭ ହୋଇଥାଏ। ବିଧବା ସ୍ତ୍ରୀକୁ ଅଶୁଭ କାରିଣୀ ବୋଲି କୁହାଯାଏ । କିନ୍ତୁ ଜଣେ ଅସହାୟ ମହିଳା ହିସାବରେ ତାକୁ ଅନେକ କ୍ଷେତ୍ରରେ ଆର୍ଥିକ ସହଯୋଗ କରାଯାଇଥାଏ । ତା'ର ଘରକାମ ଯଥା ଘର ଛପର କରିବା, ଜମିବାଡି

କାମରେ ମଧ୍ୟ ଲୋକେ ସହଯୋଗ କରି କାର୍ଯ୍ୟଟି ସଂପାଦନ କରିଥାଆନ୍ତି । ବିଧବା ସ୍ତ୍ରୀକୁ ଆବଶ୍ୟକ ଚାନ୍ଦା ଦେବାକୁ ବାଧ୍ୟ କରାଯାଇ ନ ଥାଏ । ଚା'ର ସକ୍ଷମ ଅନୁସାରେ ସେ ଚାନ୍ଦା ଦେଇଥାଏ । ବିଧବା ସ୍ତ୍ରୀର ଅଭାବ ଅସୁବିଧା ସମୟରେ ସାଇପଡିଶାର ଲୋକେ ଯାଇ ସହଯୋଗ କରିଥାଆନ୍ତି । କୌଣସି ପ୍ରକାର ଶାରୀରିକ ଯନ୍ତ୍ରଣା ହେଲେ କିମ୍ବା ଦେହ ଖରାପ ଇତ୍ୟାଦି କ୍ଷେତ୍ରରେ ମଧ୍ୟ ପଡୋଶୀ ଲୋକ ସହାୟ ହୋଇଥାଆନ୍ତି ।

ବିବାହ ପରେ ନାରୀ ଜୀବନରେ ଶୃଙ୍ଖଳା ଓ ପରିପୂର୍ଣ୍ଣତା ଆସିଥାଏ ବୋଲି ରାଜୁଆର ଲୋକେ ବିଶ୍ୱାସ କରିଥାଆନ୍ତି । ଅସଜଡା ଜୀବନ ବିବାହ ପରେ ଆପେ ଆପେ ଠିକ୍ ହୋଇଯାଏ ବୋଲି ସେମାନେ ମତ ଦିଅନ୍ତି । ନାରୀ ଯେତେବେଳେ ସନ୍ତାନ ସନ୍ତତିର ଜନନୀ ହୁଏ, ସେ ସେତେବେଳେ ନିଜକୁ ଧନ୍ୟ ମଣେ ଓ ମାତୃ ଜୀବନର କାର୍ଯ୍ୟ ଆରମ୍ଭ ହୋଇଥାଏ । ସମସ୍ତଙ୍କର ମନକୁ ଜାଣି ସେବାରେ ନିଜକୁ ନିୟୋଜିତ କରିଥାଏ । ଫଳରେ ପରିବାରର ଲୋକଙ୍କ ପାଖରେ ବେଶୀ ଆଦରଣୀୟ ହୋଇଥାଏ । ଜଣେ ଅବିବାହିତ ଝିଅ ଓ ଜଣେ ବିଧବା ମହିଳାଙ୍କ ଅପେକ୍ଷା ବିବାହିତ ମହିଳାଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ପରିବାରର ସମସ୍ତ ଭାର ସେ ବହନ କରିଥାଏ । ଜଣେ ସଧବା ମହିଳା ପ୍ରତ୍ୟେକ କାର୍ଯ୍ୟ କରିବାକୁ ସକ୍ଷମ ତଥା ଯୋଗ୍ୟ ହୋଇଥାଏ ବୋଲି ରାଜୁଆର ଲୋକେ ବିଚାର କରିଥାଆନ୍ତି । ପରିବାରରେ କୌଣସି ଝିଅ ରଜବତୀ ସମୟରେ ଝିଅକୁ ପଟିରେ ବସାଇବା, ବିବାହ କାର୍ଯ୍ୟରେ ସହଯୋଗ କରିବା, ପରିବାରରେ ସମସ୍ତଙ୍କ ପାଇଁ ଅକୁଣ୍ଠ ଭାବରେ କାମ କରିବା, ବିଭିନ୍ନ ପର୍ବପର୍ବାଣି ତଥା ଧର୍ମକାର୍ଯ୍ୟରେ ଯୋଗ ଦେଇ କାର୍ଯ୍ୟ ସଂପାଦନା କରିବା, ଘରେ ଆୟୋଜିତ ପୂଜାପାଠରେ ପୂଜା ସାମଗ୍ରୀ ଯୋଗାଇବାରେ ସହାୟକ ହେବା ଇତ୍ୟାଦି କାର୍ଯ୍ୟରେ ଜଣେ ସଧବା ସ୍ତ୍ରୀ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ତେଣୁ ସେ ଅନ୍ୟମାନଙ୍କ ନିକଟରେ ପ୍ରଶଂସାର ପାତ୍ରୀ ହୁଏ ।

ଯେଉଁ ଘରେ ସ୍ତ୍ରୀ ଲୋକଟିଏ ନ ଥିବ ସେ ଘରକୁ ଘର କୁହାଯାଏନି ବୋଲି ସେମାନେ ମତ ଦେଇଥାଆନ୍ତି । ସ୍ତ୍ରୀ ଲୋକଟି ଘରର ସମସ୍ତ କାର୍ଯ୍ୟ; ଯଥା: ଛୁଆପିଲାଙ୍କ ଦେଖାଶୁଣା, ରୋଷେଇ, ଘର ଲିପାପୋଛା ଇତ୍ୟାଦି କରିଥାଏ । ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ରାଜୁଆର ସ୍ତ୍ରୀ ଲୋକମାନଙ୍କର ଭୂମିକା ରହିଛି । କୌଣସି ପୂଜା ପର୍ବହେଲେ ସମସ୍ତ ନୀତି ନିୟମକୁ ଆଖି ଆଗରେ ରଖି ଶୃଙ୍ଖଳାର ସହିତ ସେ ସବୁକାମ କରିଥାଏ । ଘରର ମଙ୍ଗଳ ପାଇଁ ସେ ମହିଷାଶୂରୀ (ଗ୍ରାମ ଦେବତୀ)ଙ୍କୁ ଆରାଧନା କରିଥାଏ ।

ବିଭିନ୍ନ ପୂଜା ପାର୍ବଣ ମାଧ୍ୟମରେ ପରିବାର ଲୋକମାନଙ୍କର ଶୁଭ କାମନା କରିଥାଏ । ପର୍ବପର୍ବାଣୀମାନଙ୍କରେ ସ୍ତ୍ରୀଲୋକଟି ବିଭିନ୍ନ ପ୍ରକାର କାର୍ଯ୍ୟ ତୁଲାଇ ଥାଏ । ବନ୍ଦାଣୀ ପରବରେ ସ୍ତ୍ରୀଲୋକମାନଙ୍କର ମୁଖ୍ୟ ଭୂମିକା ରହିଛି ।

ପରିବାରର ସ୍ୱାମୀ ମୁଖ୍ୟ ଥାଆନ୍ତି, କିନ୍ତୁ ପରିବାରର ସବୁ ଦାୟିତ୍ୱ ସ୍ତ୍ରୀ ବହନ କରିଥାଏ । ସମସ୍ତ ପ୍ରକାର ସୁବିଧା ଅସୁବିଧାର ସମ୍ମୁଖୀନ ହୋଇ ପରିବାରର ସୁଖ ଶାନ୍ତି ପାଇଁ ସଦାସର୍ବଦା ଲାଗିପଡେ ସ୍ତ୍ରୀଲୋକଟି । ସମସ୍ତ ଅଳି ଅର୍ଦଳିକୁ ନିଜେ ବହନ କରିଥାଏ । ଘରର ସମସ୍ତ କଥାରେ ସ୍ୱାମୀ ପ୍ରାୟ ସ୍ତ୍ରୀର ମତାମତ ଗ୍ରହଣ କରିଥାଆନ୍ତି । ପରିବାରର ମୁଖ୍ୟ ବାପା ହେଲେ ମଧ୍ୟ ସ୍ତ୍ରୀଙ୍କର କଥାକୁ ଗୁରୁତ୍ୱ ଦିଆଯାଇଥାଏ । କୌଣସି ସଂପର୍କୀୟ ଲୋକଙ୍କର ବିବାହାଦିରେ ଯୋଗଦେବା, ବିଭିନ୍ନ ପର୍ବପର୍ବାଣି ତଥା ସାମାଜିକ ଉତ୍ସବମାନଙ୍କର ଆମନ୍ତ୍ରିତ ବନ୍ଧୁମାନଙ୍କୁ କେତେ ପରିମାଣରେ ଉପହାର ଦିଆଯିବ, ଝିଅ ବିବାହ ବିଷୟ, ଝିଅ ମନଲାଖି ଉଚିତ୍ ବରପାତ୍ର ଯୋଗାଡ, ଘରକୁ କେଉଁଭଳି ବୋହୂଟିଏ ଆଣିବା, ଘରେ ସମସ୍ତେ କିପରି ମିଳିମିଶି ଚଳିବେ ଇତ୍ୟାଦି ବିଷୟରେ ପରିବାରରେ ସ୍ତ୍ରୀଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ରାଜୁଆର ସଂପ୍ରଦାୟକ ସ୍ତ୍ରୀଲୋକେ ସ୍ୱାମୀଙ୍କୁ ଅନେକ କାର୍ଯ୍ୟରେ ସହଯୋଗ କରିଥାଆନ୍ତି । ଏପରିକି ଘରକାମ ଠାରୁ ଆରମ୍ଭ କରି କୃଷିକ୍ଷେତ୍ର ପର୍ଯ୍ୟନ୍ତ । ଏମାନେ ବହୁତ ପରିଶ୍ରମୀ । ସ୍ୱାମୀଙ୍କ ଦ୍ୱାରା ଅର୍ଜିତ ଟଙ୍କା ପଇସା, ଧନସଂପତ୍ତିର ରକ୍ଷଣାବେକ୍ଷଣ ଓ କାରବାର ଦାୟିତ୍ୱ ସ୍ତ୍ରୀଲୋକେ ବୁଝିଥାଆନ୍ତି । ପ୍ରତ୍ୟେକ କାର୍ଯ୍ୟରେ କେତେ ଅର୍ଥ ଖର୍ଚ୍ଚ ହେବ ଉଭୟ ସ୍ୱାମୀ ସ୍ତ୍ରୀ ନିଷ୍ପତ୍ତି ନେଇଥାଆନ୍ତି । ନିଜ ଇଚ୍ଛାରେ ସେମାନେ ଅର୍ଥକୁ ଆଦୌ ଖର୍ଚ୍ଚ କରି ନ ଥାଆନ୍ତି । କୌଣସି ସଂପତ୍ତି କିଣିବା ବେଳେ, ଶସ୍ୟ ଦେବାବେଳେ ଋଣ ଦେବାବେଳେ ସ୍ତ୍ରୀର ଭୂମିକା ରହିଥାଏ ।

ଅର୍ଥନୈତିକ କ୍ଷେତ୍ରରୁ ବିଚାର କଲେ ଜଣାଯାଏ ଯେ ସ୍ତ୍ରୀଲୋକମାନେ ଅଧିକ ପରିଶ୍ରମୀ । ସ୍ତ୍ରୀ ଲୋକମାନେ ମଧ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାଆନ୍ତି ଏବଂ ହାଟ ବଜାରରେ ମଧ୍ୟ ବିକ୍ରି କରିଥାଆନ୍ତି । ଦୈନନ୍ଦିନ ଜୀବନର ଅର୍ଥନୈତିକ ଭାର ସ୍ତ୍ରୀ ହାତରେ ନ୍ୟସ୍ତ କରାଯାଇଥାଏ । ହାଟ ବଜାରର ସଉଦା ଓ ପନିପରିବା କ୍ରୟ କରିବା, ଘରୁ ଉତ୍ପାଦିତ ଦ୍ରବ୍ୟ ଏବଂ କୃଷିଜାତ ଦ୍ରବ୍ୟ ହାଟରେ ବିକ୍ରି କରି ଅର୍ଥ ଉପାର୍ଜନ ସ୍ତ୍ରୀ ଲୋକମାନଙ୍କ ଦ୍ୱାରା ସମ୍ଭବ ହୋଇଥାଏ ।

ରାଜନୈତିକ କ୍ଷେତ୍ରରେ ରାଜୁଆର ସ୍ତ୍ରୀଲୋକଙ୍କର ସେଭଳି କୌଣସି ଭୂମିକା ନଥାଏ । ରାଜନୈତିକ କ୍ଷେତ୍ରରେ ଏମାନେ ପ୍ରାୟ ଉପସ୍ଥିତ ରହି ନ ଥାଆନ୍ତି । ପରିବାରର ସମସ୍ତ ସଦସ୍ୟଙ୍କ ମନକୁ ନେଇ ସ୍ତ୍ରୀ ଲୋକଟି ଚଳିଥାଏ । ସ୍ୱାମୀ, ଶାଶୂ, ଶ୍ୱଶୁରଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିଥାଏ । ନିଜର ବାପାମାଆ ପରି ଶାଶୂ ଶ୍ୱଶୁରଙ୍କୁ ଯଥାଯଥା ସମ୍ମାନ ତଥା ସେମାନଙ୍କର ସେବା କରିଥାଏ । ଶାଶୂଙ୍କର ପରାମର୍ଶ ଅନୁସାରେ ସ୍ତ୍ରୀ ଘରକାମ କରେ । ଦିଅର ଓ ନଣନ୍ଦକୁ ସ୍ନେହ ଓ ଆଦର କରି ସେମାନଙ୍କର ମନଜାଣି ତାଙ୍କର ସମସ୍ତ କଥା ବୁଝିଥାଏ। ସମସ୍ତଙ୍କର ସହ ମନ ମିଳାଇ, ସଭିଙ୍କ ସୁଖ ଦୁଃଖରେ ସାଥୀ ହୋଇ ସ୍ତ୍ରୀକୁ ଚଳିବାକୁ ହୋଇଥାଏ । ପରିବାର, ପଡୋଶୀ, ଗୁରୁଜନମାନଙ୍କୁ ସମ୍ମାନ ତଥା ସାନମାନଙ୍କୁ ସେ ସ୍ନେହ ଓ ଆଦର କରିଥାଏ । ତେଣୁ ସେ ସମସ୍ତଙ୍କ ନିକଟରେ ଆଦରଣୀୟା, ପ୍ରଶଂସନୀୟା ହୋଇଥାଏ ।

ବୈବାହିକ ଜୀବନରେ ସେମାନଙ୍କର ପୁତ୍ର ବା କନ୍ୟା ଜନ୍ମ ହେଲେ ସେମାନେ ପିତାମାତା ପଦବାଚ୍ୟ ହୋଇଥାଆନ୍ତି । ଶିଶୁ ଜନ୍ମ ପରଠାରୁ ପିତାମାତା ପ୍ରତ୍ୟକ୍ଷ ଭାବେ ସେମାନଙ୍କୁ ଲାଳନ ପାଳନ କରିଥାଆନ୍ତି । ମାଆ ମୁଖ୍ୟତଃ ଲାଳନର ଦାୟିତ୍ୱ ନେଇଥାଆନ୍ତି । ଧିରେ ଧିରେ ପିଲାଟି ବଢ଼ିବା ସଙ୍ଗେ ସଙ୍ଗେ ବାହାର ଦୁନିଆଁ ସଂପର୍କରେ ଆସିଥାଏ । କୈଶୋର ଅବସ୍ଥା ଅଥବା ଶିଶୁଟିକୁ ପାଞ୍ଚ ଛଅ ବର୍ଷର ହୋଇଗଲେ ତା'ର ପାଠପଢ଼ା ପ୍ରତି ଦୃଷ୍ଟି ଦିଆଯାଏ । ଶିଶୁଟିର ସ୍ୱାସ୍ଥ୍ୟ ପ୍ରତି ମାଆକୁ ବେଶୀ ଯତ୍ନଶୀଳ ହେବାକୁ ପଡିଥାଏ । ଶିଶୁଟିର ଖାଦ୍ୟ, ପାନୀୟ ଇତ୍ୟାଦି ବିଷୟ ମା'ଙ୍କୁ ବୁଝିବାକୁ ପଡିଥାଏ । ଆସ୍ତେ ଆସ୍ତେ ପିଲାଟି ବଡ ହେଲେ ପିଲାକୁ ଶୃଙ୍ଖଳା, ଜ୍ଞାନ, ପରିଷ୍କାର ପରିଚ୍ଛନ୍ନତା ତଥା ଗୁରୁଜନମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ ଇତ୍ୟାଦି ବିଷୟରେ ପିତାମାତା ପିଲାକୁ ଶିକ୍ଷା ଦେଇଥାଆନ୍ତି । ଗୃହ ମଧ୍ୟସ୍ଥ ସମସ୍ତ ଦାୟିତ୍ୱ ମାଆ ନେଇଥିବା ବେଳେ ପିଲାର ବାହାର ଦାୟିତ୍ୱ କଥା ବାପା ବୁଝିଥାଆନ୍ତି । ଉତ୍ତମ ଆଚାର ବ୍ୟବହାର, ଚାଲିଚଳନ, ଅନ୍ୟମାନଙ୍କ ପ୍ରତି ଉଚିତ୍ ବ୍ୟବହାର ବିଷୟ ମଧ୍ୟ ପିତାମାତା ଶିଖାଇଥାଆନ୍ତି । ପିଲାମାନେ ଦଶ ପନ୍ଦର ବର୍ଷର ହୋଇଗଲେ ସେମାନଙ୍କର ଦାୟିତ୍ୱବୋଧ ଉପରେ ଶିକ୍ଷା ଦେଇଥାଆନ୍ତି । ଝିଅମାନେ ମା'ମାନଙ୍କୁ ରୋଷେଇ ତଥା ଅନ୍ୟାନ୍ୟ ଘର କାମରେ ସହଯୋଗ କରିଥାଆନ୍ତି । ପୁଅମାନେ ଚାଷ କରିବା, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା କ୍ଷେତ୍ରରେ ମଧ୍ୟ ପିତାମାତାଙ୍କୁ ସହଯୋଗ କରିଥାଆନ୍ତି । ଝିଅଟିଏ ରଜସ୍ବଳା ହେଲେ ବିବାହଯୋଗ୍ୟ ହୋଇଯାଏ ବୋଲି ସେମାନଙ୍କର ବିଶ୍ୱାସ । ତେଣୁ ପିତାମାତା ଝିଅର ବିବାହ ପାଇଁ ଗୁରୁଦାୟିତ୍ୱ ବହନ କରିଥାଆନ୍ତି ।

ସେହିପରି ପୁଅ ରୋଜଗାରକ୍ଷମ ହେଲେ ତା' ପାଇଁ ବିବାହ କାର୍ଯ୍ୟ ପିତାମାତା ବୁଝିଥାଆନ୍ତି । ପିଲାମାନଙ୍କୁ ଭଲ ଭାବରେ ଗଢ଼ିବା ପାଇଁ ପିତାମାତା ଯତ୍ନରୋନାସ୍ତି ଚେଷ୍ଟା କରିଥାଆନ୍ତି । ଭବିଷ୍ୟତରେ ସେମାନଙ୍କର ଜୀବନ କିପରି ସୁଖ, ଶାନ୍ତି ଓ ଆନନ୍ଦରେ ବିତିବ ସେ ବିଷୟରେ ଶିକ୍ଷା ଦେଇଥାଆନ୍ତି । ପିଲାମାନଙ୍କ ପାଇଁ ମଧ୍ୟ କିଛି ସଞ୍ଚୟ କରିଥାଆନ୍ତି । ପିଲାମାନଙ୍କ ଉଦ୍ଦେଶ୍ୟରେ କିଛି ଧନ ରଖିଥାଆନ୍ତି । ଜନ୍ମରୁ ଶେଷ ପର୍ଯ୍ୟନ୍ତ ଈଶ୍ୱରଙ୍କ ନିକଟରେ ପିଲାମାନଙ୍କର ମଙ୍ଗଳ ଓ ସୁଦୀର୍ଘ ଜୀବନ କାମନା କରିଥାଆନ୍ତି ।

ଘରର ପ୍ରତ୍ୟେକଟିରେ ମୁଖିଆ ହିସାବରେ ଜେଜେବାପା କାର୍ଯ୍ୟ କରିଥାଆନ୍ତି । ତାଙ୍କର ନିର୍ଦ୍ଦେଶ ବିନା ଘରର କିଛି କାମ ହୋଇନଥାଏ । ସାମାଜିକ ଦୃଷ୍ଟି କୋଣରୁ ଏମାନେ ହେଉଛନ୍ତି ମୁଖ୍ୟ । ପିତୃକୈନ୍ଦ୍ରିକ ପରିବାରରେ ଯଦିଓ ପିତା ମୁଖ୍ୟ ହୋଇଥାଆନ୍ତି । କିନ୍ତୁ ଜେଜେବାପାଙ୍କ ନୀତିକୁ ସବୁଠାରେ ଅଗ୍ରାଧିକାର ଦିଆଯାଇଥାଏ । ଜେଜେବାପା ଓ ଜେଜେ ମା' ହିସାବରେ ସେମାନଙ୍କର କିଛି କର୍ତ୍ତବ୍ୟ ରହିଥାଏ। ନାତି ନାତୁଣୀମାନଙ୍କୁ ସେମାନେ ବହୁତ ସ୍ନେହ ତଥା ଆଦର କରିଥାଆନ୍ତି । କାହାଣୀ ମାଧ୍ୟମରେ ବିଭିନ୍ନ ନୀତିବାଣୀ ଶୁଣାଇଥାଆନ୍ତି, ଯାହାକୁ କି ସେମାନେ ଜୀବନ କ୍ଷେତ୍ରରେ ପ୍ରୟୋଗ କରିବାକୁ ପ୍ରବର୍ତ୍ତାଇଥାଆନ୍ତି। ବଡମାନଙ୍କୁ କିପରି ବ୍ୟବହାର ପ୍ରଦର୍ଶନ କରିବାକୁ ହେବ, ଠାକୁରଙ୍କୁ କିପରି ପୂଜା କରିବାକୁ ହେବ ଇତ୍ୟାଦି କହିଥାଆନ୍ତି । ଜୀବନଧାରାର ଅନେକ ଶୈଳୀକୁ ଗପ ମାଧ୍ୟମରେ ବୁଝାଇଥାଆନ୍ତି। ଜୀବନଧାରା ସୁଶୃଙ୍ଖଳିତ, ସମୁନ୍ନତ ହେବା ପାଇଁ ବିଭିନ୍ନ ସୁମାର୍ଗ ଦେଖାଇଥାଆନ୍ତି । ଥଟ୍ଟାମଜ୍ଜା କରି ଅନେକ ଉପଦେଶ ମାନ ଦେଇଥାଆନ୍ତି । ସେମାନେ ସେହି ନୀତି ଓ ଆଦର୍ଶକୁ ନିଜ ନିଜ ଜୀବନରେ ପ୍ରୟୋଗ କରି ଜଣେ ଜଣେ ଆଦର୍ଶ ପୁରୁଷ ଓ ଆଦର୍ଶ ନାରୀ ହେବା ପାଇଁ ପ୍ରୟାସ କରିଥାଆନ୍ତି। ବୁଢାବୁଢୀ ବୟସରେ ମଧ୍ୟ ସେମାନେ ଅନେକ କାମ କରିଥାଆନ୍ତି। ପ୍ରତ୍ୟେକ କାର୍ଯ୍ୟର ଆରମ୍ଭରୁ ସେମାନଙ୍କର ଆଦେଶ ଲୋଡା ହୁଏ। ଘରେ ରହି ମଧ୍ୟ ସେମାନେ ପ୍ରତ୍ୟେକ କାମ ତଦାରଖ କରିଥାଆନ୍ତି । ଠିକ ସମୟରେ ଚାଷକାର୍ଯ୍ୟ ହେଲା କି ନାହିଁ, ଠିକ ଭାବରେ ବିବାହ କାର୍ଯ୍ୟ ଇତ୍ୟାଦି କାମ ବୁଝିଥାଆନ୍ତି । ସେମାନଙ୍କ ଯୋଗୁ ପରିବାର ଶୃଙ୍ଖଳିତ ହୋଇଥାଏ ।

ଜରା:

ବୟସ ବୃଦ୍ଧି ସାଙ୍ଗକୁ ମନୁଷ୍ୟକୁ ବିଭିନ୍ନ ଅବସ୍ଥା ଦେଇ ଚାଲିବାକୁ ହୋଇଥାଏ। ଯେତେବେଳେ କାର୍ଯ୍ୟ କରିବାର ଦକ୍ଷତା ଧୀରେ ଧୀରେ କମିଆସେ ଅଥବା କଷ୍ଟ କାମ କରିବାକୁ ସାହସ ନଥାଏ, ବେଳେବେଳେ ଅଣ୍ଟା ନଇଁଯାଏ, ସେତେ ବେଳେ ତାଙ୍କୁ ବୃଦ୍ଧ

/ବୃଦ୍ଧା ବୋଲି କହିଥାନ୍ତି। ପ୍ରାୟ ଷାଠିଏ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତିଙ୍କୁ ବୃଦ୍ଧ /ବୃଦ୍ଧା କୁହାଯାଇଥାଏ। କେବଳ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଏହି ବୟସରେ ସେମାନଙ୍କର ସମସ୍ତ ବଳ ପ୍ରୟୋଗ କରି କାର୍ଯ୍ୟ କରଥାଆନ୍ତି । ଯୌବନ ଅବସ୍ଥାରେ ସେମାନେ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା, ଜୀବଜନ୍ତୁ ଶିକାର କରିବା, ଚାଷକାମ କରିବା ଇତ୍ୟାଦି କ୍ଷେତ୍ରରେ ବୟସ ବୃଦ୍ଧି ସହ ଯୌବନର ସମସ୍ତ ଶକ୍ତି ହରାଇଥାଆନ୍ତି। କଠିନ ପରିଶ୍ରମ କରିବା ତ ଦୂରର କଥା, ଘରେ କେବଳ ଛୋଟ ଛୋଟ କାମ କରିଥାଆନ୍ତି । ଏହି ଅବସ୍ଥାରେ ରାଜୁଆର ବୃଦ୍ଧମାନେ ମଧ୍ୟ ବିଲବାଡି, ପୋଖରୀ ନାଳରୁ ମାଛ କଙ୍କଡା ଧରିଥାଆନ୍ତି ଏବଂ ପାଖ ଜଙ୍ଗଲରୁ ଛୋଟ ଛୋଟ କାଠ ମଧ୍ୟ ସଂଗହ କରିଥାଆନ୍ତି। ସବାଇ ଘାସରେ ରସି / ଦଉଡି ତିଆରି କରିଥାଆନ୍ତି । ଏମାନେ ଖୁବ ପରିଶ୍ରମୀ ହୋଇଥିବାରୁ ଏହି ଅବସ୍ଥାରେ ମଧ୍ୟ କାର୍ଯ୍ୟ କରିବାର ଆଗ୍ରହ ଥାଏ । ବାର୍ଦ୍ଧକ୍ୟ ଅବସ୍ଥା ପରେ ସେମାନେ କାର୍ଯ୍ୟ କରିବାକୁ ମନ ବଳାନ୍ତି ନାହିଁ । ଅନ୍ୟମାନେ ଏମାନଙ୍କୁ ସମ୍ମାନ ପ୍ରଦର୍ଶନ କରିଥାଆନ୍ତି । ଏମାନଙ୍କ ଉପଦେଶ ମାନି ଚଳିଥାଆନ୍ତି, ଏମାନଙ୍କୁ ପୁରୁଖା ଲୋକ ବୋଲି କହିଥାଆନ୍ତି । ଗ୍ରାମରେ ନ୍ୟାୟ ନିଶାପରେ ଏମାନଙ୍କୁ ଡାକିଥାଆନ୍ତି । ଏମାନଙ୍କ ଉପସ୍ଥିତିରେ ନ୍ୟାୟ ବିଚାର କରାଯାଇଥାଏ । କୌଣସି ପରିବାରରେ ଶୁଭ କାର୍ଯ୍ୟ କରିବା ପୂର୍ବରୁ ଏମାନଙ୍କୁ ପଚରାଯାଏ। ଏମାନଙ୍କ ଉପଦେଶକୁ ସମସ୍ତେ ଗ୍ରହଣ କରିଥାଆନ୍ତି ଏବଂ ମାନ୍ୟତା ମଧ୍ୟ ଦେଇ ଥାଆନ୍ତି । ଏମାନଙ୍କ ଆଦେଶ କ୍ରମେ ପରିବାରର ସମସ୍ତ କାର୍ଯ୍ୟ ଆରମ୍ଭ କରାଯାଇଥାଏ । ବୃଦ୍ଧ ଓ ବୃଦ୍ଧାମାନଙ୍କ ଗୋଚରରେ ସମସ୍ତ କାର୍ଯ୍ୟ କଲେ କାର୍ଯ୍ୟରେ ବିଶୃଙ୍ଖଳା ସୃଷ୍ଟି ହୁଏ ନାହିଁ ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି ।

ମୃତ୍ୟୁର ପୂର୍ବ ଅବସ୍ଥାକୁ ଜରା ଅବସ୍ଥା କୁହାଯାଇଥାଏ। ଏହି ଅବସ୍ଥାରେ ମନୁଷ୍ୟ ଦୁସ୍ଥ ଭାବରେ ଜୀବନଯାପନ କରିଥାଏ। ଏହି ଅବସ୍ଥା ପ୍ରକୃତରେ କଷ୍ଟପ୍ରଦ। ବୃଦ୍ଧ ଓ ବୃଦ୍ଧାଙ୍କର ହିତାହିତ ଜ୍ଞାନ ରହେନାହିଁ। ଶରୀର ସଂପୂର୍ଣ୍ଣ ଭାବରେ କ୍ଷୀଣ ହୋଇଯାଇଥାଏ। ଚାଲିବାକୁ ଶକ୍ତି କମି ଯାଇଥାଏ। କଥା କହିବାକୁ ମଧ୍ୟ କଷ୍ଟ ଲାଗେ। ସଦାସର୍ବଦା ବିଛଣାରେ ପଡି ରହିଥାଆନ୍ତି। ହାତଗୋଡ ଅଚଳ ହୋଇଯାଏ। ସମସ୍ତ ଶକ୍ତି ହରାଇ ବସିଥାଆନ୍ତି। ଅନ୍ୟମାନଙ୍କ ଉପରେ ସବୁବେଳେ ନିର୍ଭର କରିବାକୁ ପଡିଥାଏ। ପରିବାରର ସମସ୍ତ ଲୋକ ବ୍ୟତିବ୍ୟସ୍ତ ହୋଇଥାଆନ୍ତି। ତଥାପି ପ୍ରତ୍ୟେକ ବୃଦ୍ଧ ଓ ବୃଦ୍ଧାଙ୍କର ସେବା କରିବାରେ ପଛାନ୍ତି ନାହିଁ। ତେଣୁ ସେମାନଙ୍କ କଥା କେହି ଧରି ନ ଥାଆନ୍ତି। ଏହି ଅବସ୍ଥା ସମସ୍ତଙ୍କୁ ବିଚଳିତ କରିଥାଏ। ତେଣୁ ସର୍ବଦା ଏମାନଙ୍କର ଯତ୍ନ ନେଇଥାଆନ୍ତି । ଯତ୍ନ ନେବାରେ ଅବହେଳା

କରନ୍ତି ନାହିଁ। ସେବାରେ ଅବହେଳା କଲେ ବୃଦ୍ଧବୃଦ୍ଧାମାନେ ଅଭିଶାପ ଦିଅନ୍ତି ବୋଲି ସମସ୍ତଙ୍କର ବିଶ୍ୱାସ। ତେଣୁ କାଳବିଳମ୍ବ ନ କରି ସେବା କରିଥାଆନ୍ତି। ମୃତ୍ୟୁ ଅପେକ୍ଷା କରି ବସିଥାଏ। ଏହି ଅବସ୍ଥାର ପରିସମାପ୍ତି ମୃତ୍ୟୁରେ ଘଟିଥାଏ। ଅନେକ ଯନ୍ତ୍ରଣା ଭୋଗ କରିଥାଆନ୍ତି। ଅର୍ଥାତ୍ ଏହି ଅବସ୍ଥା ଯନ୍ତ୍ରଣାଦାୟକ ବୋଲି ସେମାନେ ମତ ଦେଇଥାଆନ୍ତି।

ମୃତ୍ୟୁ:

ଜୀବନର ଅନେକ ସୁଖଦୁଃଖ, ଭଲମନ୍ଦ, ହସକାନ୍ଦ, ଆଶା ନିରାଶା, ଜରା ଓ ବ୍ୟାଧିକୁ ଫିଙ୍ଗିଦେଇ ମନୁଷ୍ୟ ମୃତ୍ୟୁ ପଥର ଯାତ୍ରୀ ହୋଇଥାଏ। ଯେତେ ବାଦ ବିବାଦ, ହିଂସା-ବ୍ୟଥାର ପରିସମାପ୍ତି ଘଟିଥାଏ ଏହି ମୃତ୍ୟୁରେ। ଜୀବନର ସମସ୍ତ ଖେଳ ମୃତ୍ୟୁରେ ସରିଯାଏ। ବ୍ୟକ୍ତିର ମୃତ୍ୟୁ ପରେ ପଡୋଶୀ ଲୋକେ ତଥା କେତେକ ମୁଖିଆ ଲୋକ ମୃତ ବ୍ୟକ୍ତିର ଘରେ ଉପସ୍ଥିତ ହୋଇଥାଆନ୍ତି। ସାଧାରଣତଃ ରାଜୁଆର ସମାଜରେ ବୃଦ୍ଧଲୋକ ଖଟ (ଖାଟି)ରେ ଶୋଇଥାଆନ୍ତି। ଯେଉଁ ଖଟରେ ମୃତ୍ୟୁ ହୁଏ ସେହି ଖଟଟିକୁ କୋକେଇ (ଭାଳା) ଭଳି କରିଥାଆନ୍ତି। ଆଉ କେତେକ ପ୍ରଥମେ କେତେଖଣ୍ଡ କାଠ ନେଇ ଶିଡି ଭଳି ବାନ୍ଧି ଥାଆନ୍ତି। ଘର ଦୁଆର ମୁହଁ ଚାଳରୁ ତିନିବିଡା ନଡା / ଛଣ ବାହାର କରି ପ୍ରସ୍ତୁତ କୋକେଇରେ ବିଛାଇ ଥାଆନ୍ତି। ତା'ପରେ ରକ୍ତ ସଂପର୍କୀୟ ଲୋକେ ଶବ (ମଳା)କୁ କୋକେଇ (ଭାଳା)ରେ ଥୋଇ ଦିଅନ୍ତି । ଶବକୁ କୋକେଇରେ ରଖିବା ପୂର୍ବରୁ ହଳଦି ଲଗାଇ ଗାଧୋଇ ଦେଇଥାଆନ୍ତି। ଧଳାଲୁଗା ପିନ୍ଧାଇ ଦେଇଥାଆନ୍ତି। ଆଉ ଖଣ୍ଡିଏ ଧଳା ଧୋତି ଶବ (ମଳା) ଉପରେ ଘୋଡାଇ ଦିଅନ୍ତି।

ମୃତବ୍ୟକ୍ତିର ପୁଅ କୋକେଇ (ଭାଳା)ର ଆଗ ପାଖର ଡାହାଣ କଡରେ, ମୃତ ବ୍ୟକ୍ତିର ଝିଆରୀଜ୍ୱାଇଁ ଆଗ ପାଖର ବାମ କଡରେ, ସେହିପରି ପଛ ପାଖର ବାମ କଡରେ ମୃତବ୍ୟକ୍ତିର ଭଣଜା ଓ ଡାହାଣ ପାଖରେ ନିଜ ଝିଅର ଜ୍ୱାଇଁ କୋକେଇ (ଭାଳା) ବା ଖଟା (ଖାଟି)କୁ କାନ୍ଧାଇ ମଶାଣୀ (ମଳାକୂଳ)କୁ ଯାଇଥାଆନ୍ତି। କୋକେଇ ଆଗରେ ବୁଢାର ନାତି ଦଉଡି ବନ୍ଧାଯାଇଥିବା ମାଠିଆରେ ଗୋବର ପାଣି ଧରିଥିବ। ଡାହାଣ ହାତରେ ଝାଡୁ ଧରିଥିବ। ଗୋବର ପାଣିରେ ଝାଡୁକୁ ବୁଡାଇ ସିଞ୍ଚି ସିଞ୍ଚି ଯାଇଥାଏ। ମୃତ ବ୍ୟକ୍ତିର ଅନ୍ୟ ନାତିମାନେ ଥିଲେ, ସେମାନେ ବେଲଗଛରୁ କଞ୍ଚା ଡାଳ ଭାଙ୍ଗିଆଣି ସେଗୁଡିକର ଅଗ୍ରଭାଗରେ ଘିଅବତୀ ଜଳାଇ ଶବର ଚାରିପାଖରେ ରହିଥାଆନ୍ତି। ଶବ କଡରେ ସାଇ ପଡିଶାରୁ କେହି ନିଜ ଗାମୁଛାରେ ଖଇ, କଉଡି, ଫୁଲ, ପଇସା ଫିଙ୍ଗୁଥାଆନ୍ତି। ଶବର ପଛ ପାଖରେ ଗ୍ରାମର ଭୂୟାଁଲୋକେ ଖୋଳ କୀର୍ତ୍ତନ ଧରି ଶ୍ମଶାନ ଅଭିମୁଖେ ଯାତ୍ରା କରିଥାଆନ୍ତି।

ସାଧାରଣତଃ ରାଜୁଆର ସମାଜରେ ଛୋଟ ପିଲା, କୁଷ୍ଠରୋଗୀ ଓ ଗର୍ଭବତୀ ମହିଳାର ମୃତ୍ୟୁ ଘଟିଲେ ଏମାନଙ୍କୁ ପୋତି ଦେଇଥାଆନ୍ତି। ଅନ୍ୟମାନଙ୍କର ମୃତ୍ୟୁ ହେଲେ ସେମାନଙ୍କୁ ଦାହ କରାଯାଏ। ଶବ ମଶାଣୀକୁ ଯିବା ପୂର୍ବରୁ ବିଭିନ୍ନ କାଠ ସଂଗ୍ରହ କରାଯାଇଥାଏ। କାଠ ଉପରେ କାଠକୁ ରଖି ପ୍ରଥମେ ଶବାଧାର ପ୍ରସ୍ତୁତ କରାଯାଇଥାଏ। ଶବକୁ ତିନିଥର ଶବାଧାର ଚତୁଃପାର୍ଶ୍ୱ ପରିକ୍ରମା କରି ଉତ୍ତର ଦିଗକୁ ମୁଣ୍ଡ କରି ରଖାଯାଏ। ଶବ ଉପରେ ପୁନଃ କାଠ ଲଦି ଦିଆଯାଇଥାଏ । ମୃତ୍ୟୁବ୍ୟକ୍ତିର ରକ୍ତ ସଂପର୍କୀୟ ଯଥା ବାପାର ମୃତ୍ୟୁ ଘଟିଥିଲେ ପୁଅ କିମ୍ବା ସ୍ତ୍ରୀ ମରିଥିଲେ ସ୍ୱାମୀ ଶବାଧାରରେ ଅର୍ଥାତ୍ ଶବ ମୁହଁରେ ନିଆଁ ଦେଇଥାଆନ୍ତି। ପୁଅଟି ବାମ ଆଖି ବନ୍ଦ କରି ମୃତ ବାପାର ମୁହଁରେ ନିଆଁ ଲଗାଇବ। ନିଆଁ ଲଗାଇବା ସମୟରେ ଆଖିରୁ ତା'ର ଲୋତକ ଧାର ଛୁଟିଥାଏ। ତା'ପରେ ସଂପର୍କୀୟ ଲୋକମାନେ ନିଆଁ ନିକଟରେ ରହି କାଠକୁ ଖେଳାଇ ଖେଳାଇ ସଂପୂର୍ଣ୍ଣ ପୋଡିବା ପର୍ଯ୍ୟନ୍ତ ରହିଥାଆନ୍ତି। ତା'ପରେ ସମସ୍ତେ ମୁଣ୍ଡ ବୁଡାଇ ଗାଧୋଇଥାଆନ୍ତି। ଗାଧୋଇ ସାରିବା ପରେ ଗୃହକୁ ଫେରନ୍ତି । ମୃତ ବ୍ୟକ୍ତିର ଦାଣ୍ଡ ଦୁଆରେ ତୁଳସୀ ପାଣି ରଖାଯାଇଥାଏ। ଗାଧୋଇ ସାରିବା ପରେ ମୃତ ବ୍ୟକ୍ତିର ଗୃହାଭିମୁଖେ ଆସିଥାଆନ୍ତି। ରଖାଯାଇଥିବା ତୁଳସୀପଞ୍ଜିକୁ ବାମ ହାତରେ ନିଜେ ନିଜେ ଛିଞ୍ଚି ହୋଇଥାଆନ୍ତି। ତା'ପରେ ଗୃହ ମଧ୍ୟରେ ପ୍ରବେଶ କରିଥାଆନ୍ତି। ସେହିଦିନ କୌଣସି ରୋଷେଇ ହୋଇ ନ ଥାଏ। ପୂର୍ବ ରାତ୍ରିର ଭାତ ତରକାରୀ ଇତ୍ୟାଦିକୁ ବାହାରେ ଫିଙ୍ଗି ଦିଆଯାଇଥାଏ। ସାଇପଡିଶା ଲୋକେ ମୃତ ବ୍ୟକ୍ତିର ପରିବାର ପାଇଁ ମୁଢ଼ି, ବୁଟା ଇତ୍ୟାଦି ଶୁଖା ଖାଦ୍ୟ ପ୍ରଦାନ କରିଥାଆନ୍ତି। ପଡିଶା ଲୋକେ ଛୋଟ ଛୋଟ ପିଲାମାନଙ୍କୁ ନିଜ ନିଜ ଘରକୁ ଡାକିନେଇ ଖାଇବାକୁ ଦେଇଥାଆନ୍ତି। ଏହି ପ୍ରଥମ ଦିନ ଶବ ସଂପୂର୍ଣ୍ଣ ପୋଡି ସାରିବା ପରେ ମୃତ ବ୍ୟକ୍ତିର ପୁଅ ଯିଏକି ବାପା ମୁହଁରେ ନିଆଁ ଦେଇଥାଏ, ସେ ସେଠାରୁ ଗୋଟିଏ ଛୋଟ ହାତ ଆଣିଥାଏ। ଯାହାକୁ କି ପିଣ୍ଡ ଦାନ ପରେ ବିସର୍ଜ୍ଜନ କରାଯାଇଥାଏ। ଦ୍ୱିତୀୟ ଦିବସରେ କିଛି କାର୍ଯ୍ୟ କରାଯାଇନଥାଏ । ତୃତୀୟ ଦିବସରେ ପ୍ରଥମ କରି ଗୋବର ପାଣିରେ ଘରର ତଳ ଅଂଶକୁ ଲିପା ଯାଇଥାଏ । ମୃତ ବ୍ୟକ୍ତିର ଘର ଲିପା ଆରମ୍ଭ ହେବା ପରେ କୁଟୁମ୍ବ ଲୋକେ ସେମାନଙ୍କ ଘର ଲିପାପୋଛା କରିଥାଆନ୍ତି । ଏହି ତୃତୀୟ ଦିବସକୁ 'ତେଲଖରୀ' କୁହାଯାଏ । ଏହି ଦିନ କୁଟୁମ୍ବ ଲୋକମାନଙ୍କ ସହିତ ମୃତ ବ୍ୟକ୍ତି ପରିବାରର ଲୋକେ ଗାଧୋଇବାକୁ ଯାଇଥାଆନ୍ତି । ତେଲ, ହଳଦୀ ଓ ଚିଲକ୍ ମାଟି ଲଗାଇ ସମସ୍ତେ ଗାଧୋଇଥାଆନ୍ତି । ସମସ୍ତେ ମୁଣ୍ଡକୁ ଧୋଇ ଚିଲକ୍ ମାଟି ଦ୍ୱାରା ସଫା

କରିଥାଆନ୍ତି । ତା'ପରେ ଘରକୁ ଫେରିଲାବେଳେ ଦାଣ୍ଡ ଦୁଆର ଆଗରେ ନୋଟାରେ ଆଗରୁ ତୁଳସୀପାଣି ରଖାଯାଇଥିବ । ଉଭୟ ପୁରୁଷ ଓ ମହିଳା ନିଜ ନିଜ ବାମ ହାତରେ ତୁଳସୀ ପାଣିକୁ ନିଜ ଦେହରେ ସିଞ୍ଚି ହୋଇ ଘରେ ପ୍ରବେଶ କରନ୍ତି । ତା'ପରେ ଲୁଗାପଟା ପିନ୍ଧି ମୁଢ଼ି ଖାଇଥାଆନ୍ତି । ତା'ପରେ ବନ୍ଧୁବାନ୍ଧବ ଓ ପରିବାର ଲୋକଙ୍କ ଗହଣରେ ଏକ ଆଲୋଚନା ହୋଇଥାଏ । ଆଲୋଚନାରେ ବନ୍ଧୁବାନ୍ଧବଙ୍କୁ ଖବର ଦେବା, ଘାଟ ପାଖକୁ କାହାକୁ ପଠାଯିବ, ଦଶଦିନ କାର୍ଯ୍ୟରେ କେଉଁମାନେ ଲଣ୍ଡା ହେବେ, ଶୁଦ୍ଧିକ୍ରିୟାର ଖର୍ଚ୍ଚ, କେଉଁମାନଙ୍କ ପାଇଁ ନୂଆ ବସ୍ତ୍ର କ୍ରୟ କରାଯିବ, ଦଶଦିନ ଭୋଜିର ଆୟୋଜନ ବିଷୟ ଆଲୋଚନା ପରିସରଭୁକ୍ତ ହୋଇଥାଏ । ତା'ପର ଦିନ ବନ୍ଧୁବାନ୍ଧବମାନଙ୍କୁ ଖବର ଦିଆଯାଇଥାଏ । ତୃତୀୟ ଦିନଠାରୁ ନବମ ଦିନ ପର୍ଯ୍ୟନ୍ତ ଘରମାନଙ୍କରେ ରୋଷେଇ କରାଯାଏ । ଏହି ଦିନ ଗୁଡିକରେ ଆମିଷଦ୍ରବ୍ୟ ପ୍ରବେଶ କରାଯାଏନି ବା ଏମାନେ କେହି ଆମିଷ ଖାଇ ନଥାଆନ୍ତି ।

ଶୁଦ୍ଧିକ୍ରିୟା (ଶୁଦ୍ଧ୍‌ଘାର୍) :

ବ୍ୟକ୍ତି ମୃତ୍ୟୁର ନଅ ଦିନ ପର ଦିନ ଅର୍ଥାତ୍ ଦଶମ ଦିନ ଶୁଦ୍ଧିକ୍ରିୟା ହୋଇଥାଏ । ଏହାକୁ ରାଜୁଆର ଭଷାରେ 'ଶୁଦ୍ଧଘାର୍' ବୋଲି କୁହାଯାଏ । ଏହି ଦିନ ସକାଳୁ ବନ୍ଧୁବାନ୍ଧବମାନେ ଆସି ଉପସ୍ଥିତ ହୋଇଥାନ୍ତି । ଧୋବା ଆସି ମୃତ ବ୍ୟକ୍ତିର ପରିବାରରେ ଲୋକମାନଙ୍କର ଲୁଗାପଟା ସଫା କରିବାକୁ ନେଇଥାଏ । ବାରିକ ମଧ୍ୟ ସକାଳୁ ଆସି ଚୁଠ ନିକଟରେ ପହଞ୍ଚିଥାଏ । ପରିବାର ଲୋକେ, ସଂପର୍କୀୟ ଓ ବନ୍ଧୁବାନ୍ଧବମାନେ ଚୁଠରେ ଗାଧାଇଥାଆନ୍ତି । ଶୁଦ୍ଧିକ୍ରିୟା ପୂର୍ବରୁ କେହି ଚୁଟି ବା ନଖ କାଟି ନ ଥାଆନ୍ତି । ମୃତ ବ୍ୟକ୍ତିର ଭଣଜା, ପୁଅ, ଝିଆରୀଜ୍ୱାଇଁ, ଜ୍ୱାଇଁ ଇତ୍ୟାଦି ଲଣ୍ଡା ହୋଇଥାଆନ୍ତି । ତେଣୁ ଏମାନେ ଶୁଦ୍ଧିକ୍ରିୟା ନ ହେବା ପର୍ଯ୍ୟନ୍ତ ଆମିଷ ଭକ୍ଷଣ କରି ନ ଥାଆନ୍ତି । ଏପରିକି ନଖ ମଧ୍ୟ କାଟି ନ ଥାଆନ୍ତି । ଏହି ଦିନ ମଧ୍ୟ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରାଯାଇଥାଏ । ପରିବାର ଲୋକେ, କୁଟୁମ୍ବ ଲୋକେ ଏବଂ ବନ୍ଧୁବାନ୍ଧବମାନେ ସ୍ନାନତର୍ପଣ ସାରି ମୃତବ୍ୟକ୍ତିର ଘର ଦୁଆର ସମ୍ମୁଖ ଭାଗରେ ଦଣ୍ଡାୟମାନ ହୋଇଥାଆନ୍ତି । ତା'ପରେ ପୂର୍ବରୁ କୌଣସି ଏକ ମାଟି ପାତ୍ରରେ ନିଆଁ ରଖି ସେଥିରେ ନିମ୍ବପତ୍ର ଓ ଝୁଣା ପକାଯାଏ । ଫଳରେ ଧୂଆଁ ହୋଇଥାଏ । ଏହି ଧୂଆଁକୁ ସମସ୍ତେ ଦୁଇ ହାତ ପାପୁଲିରେ ଲଗାଇ ନିଜ ମୁହଁ, କାନ ଇତ୍ୟାଦିରେ ସେକି ହୋଇଥାଆନ୍ତି । ତା'ପରେ ନୂଆ ବସ୍ତ୍ର ଦିଆଯାଏ । ମୃତବ୍ୟକ୍ତିର ସ୍ତ୍ରୀ ପାଇଁ ମଧ୍ୟ ଧଳା

ରଙ୍ଗର ଶାଢ଼ି ଆସିଥାଏ । ସେ ତାହା ପରିଧାନ କରିଥାଏ । ତା'ପରେ ସମସ୍ତେ ଗୃହ ମଧ୍ୟରେ ପ୍ରବେଶ କରିଥାଆନ୍ତି । ଶୁଦ୍ଧିକ୍ରିୟା ଦିନ ବନ୍ଧୁବାନ୍ଧବମାନେ ସକାଳୁ ନିଜ ନିଜ ସକ୍ଷମ ଅନୁସାରେ ପନିପରିବା, ଚାଉଳ, ଲୁଗାପଟା, ଟଙ୍କା ଇତ୍ୟାଦି ଧରି ଆସିଥାନ୍ତି । ମୃତ୍ୟୁର ତିନିଦିନ ଠାରୁ ନଅ ଦିନ ଯାଏ ମୃତ ବ୍ୟକ୍ତିକୁ ପ୍ରତିଦିନ ରନ୍ଧାଖାଦ୍ୟ ପ୍ରଥମେ ଦିଆଯାଇଥାଏ । ଶବକୁ ଘରୁ ବାହାର କରି ଘରର ସମ୍ମୁଖ ଭାଗରେ କୌଣସି ଏକ ସ୍ଥାନରେ ରଖାଯାଇଥାଏ । ତା'ପରେ ଶ୍ମଶାନକୁ ନିଆଯାଇଥାଏ । ସେହି ସ୍ଥାନରେ ନଅ ଦିନ ପର୍ଯ୍ୟନ୍ତ ମୃତ ବ୍ୟକ୍ତି ଅବସ୍ଥାନ କରିଥାଏ ବୋଲି ସେମାନଙ୍କର ବିଶ୍ୱାସ । ତେଣୁ ସେହି ସ୍ଥାନରେ ପ୍ରତ୍ୟେକ ଜିନିଷ ପ୍ରଥମେ ଅର୍ପଣ କରିସାରିବା ପରେ ସମସ୍ତେ ଖାଇଥାଆନ୍ତି । ଲଣ୍ଠା ହୋଇଥିବା ଲୋକମାନଙ୍କୁ ଚୁଠରେ ଧଳା ଧୋତି, ଗେଞ୍ଜି, ଅଣ୍ଟାଡୋରି ଓ ବେକ ଫିତା ଦିଆଯାଇଥାଏ । ପୂର୍ବରୁ ବ୍ରାହ୍ମଣ ଆସି ପୂଜା ଉପକରଣ ଯୋଗାଡ କରି ପୂଜାପାଇଁ ପ୍ରସ୍ତୁତ ହୋଇଥାଆନ୍ତି । ପୂଜାବିଧି ପାଇଁ ଘଟ, ଘିଅ, ଅରୁଆଚାଉଳ, ମହୁ, ଗୁଡ, ଖିର, ଶାଳକାଠ, ସିନ୍ଦୁର, ଧୂପ, ଫୁଲ, ଫୁଲ, ଆମ୍ବପତ୍ର, ଧଳାଧାନ, ବାଲି, କଳା, ନାଲି ଓ ଧଳାରଙ୍ଗ, ତ୍ରିଫଳା ଇତ୍ୟାଦିର ସମାହାରେ ବ୍ରାହ୍ମଣ ଦ୍ୱାରା ଯଥାବିଧି ପୂଜାକାର୍ଯ୍ୟ ଆରମ୍ଭ ହୋଇଥାଏ । ପୂଜା ମଧ୍ୟରେ ପିଣ୍ଡଦାନ କରାଯାଏ । ଯିଏ ମୃତବ୍ୟକ୍ତିର ମୁହଁରେ ନିଆଁ ଦେଇଥାଏ, ସେ ପିଣ୍ଡଦାନ ଦେବାକୁ ଯୋଗ୍ୟ ହୋଇଥାଏ । ଶ୍ମଶାନରୁ ମୃତବ୍ୟକ୍ତିର ହାଡ ଆଗରୁ ସଂଗ୍ରହ କରାଯାଇଥାଏ । ବ୍ରାହ୍ମଣ ତାହାକୁ ପୂଜା କରିଥାଏ । ତା'ପରେ ମୃତବ୍ୟକ୍ତିର ପୁଅ ସେହି ହାଡକୁ ନେଇ ନଦୀ କିମ୍ବା ନାଳରେ ବିସର୍ଜ୍ଜନ କରିଥାଏ । ଏହାକୁ ଅସ୍ଥି ବିସର୍ଜ୍ଜନ ବୋଲି କୁହାଯାଏ । ପରଜନ୍ମରେ ମୃତବ୍ୟକ୍ତି ଶାନ୍ତି ପାଇବା ପାଇଁ ବା ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମୃତବ୍ୟକ୍ତିଙ୍କୁ ପୂଜାପାଠ ମାଧ୍ୟମରେ ପିଣ୍ଡଦାନ କରାଯାଇଥାଏ । ଦଶାହ କ୍ରିୟା ବା ଶୁଦ୍ଧିକ୍ରିୟା ଦିନ ରାଜୁଆର ସମାଜରେ ପିଣ୍ଡଦାନର ପ୍ରଥା ରହିଛି । ପୂଜା ସହ ଶେଷରେ ହୋମ କରାଯାଇଥାଏ । ଏଥିପାଇଁ ଶାଳକାଠରେ ହୋମ କରାଯାଇ ଘିଅ ପୋତାଯାଇଥାଏ । ହୋମକାର୍ଯ୍ୟ ଶେଷ ହୋଇଗଲା ପରେ ନିଜ ବଂଶଧରମାନଙ୍କୁ ବ୍ରାହ୍ମଣ ଘିଅ ମହୁ ଦେଇଥାଆନ୍ତି । ତା'ପରେ ବନ୍ଧୁବାନ୍ଧବମାନଙ୍କୁ ଘିଅ ମହୁ ଦେଇଥାଆନ୍ତି । ତା'ପରେ ହୋମ ନିଆଁରୁ କିଛି ନେଇ ରୋଷେଇ କାର୍ଯ୍ୟ ଆରମ୍ଭ ହୋଇଥାଏ । ଏହିଦିନ ଆମିଷ ଭାତ ତିଆରି କରାଯାଇଥାଏ । ଗ୍ରାମର ମୁଖ୍ୟ ପରମାଣିକ୍‌ଙ୍କ ଉପସ୍ଥିତରେ ପ୍ରସ୍ତୁତ ଆମିଷ ଭାତକୁ ପ୍ରତ୍ୟେକ ଲୋକଙ୍କୁ ଭୋଗ ଆକାରରେ ଦିଆଯାଇଥାଏ । ତେଣୁ ସେମାନେ

ଭୋଗ ଭଳି ଖାଇଥାଆନ୍ତି । ବ୍ରାହ୍ମଣ ପୂଜାପାଠ କରି ସାରିବା ପରେ ବ୍ରାହ୍ମଣକୁ ପନିପରିବା, ଚାଉଳ, ଟଙ୍କା ଇତ୍ୟାଦି ଦେଇଥାଆନ୍ତି । ସେ ମଧ୍ୟ ଖୁସି ହୋଇଥାଏ । ପୂଜା ବିଧି ପରେ ସମସ୍ତେ ଓ ଘର ପବିତ୍ର ହୋଇଥାଏ ବୋଲି ସଭିଙ୍କର ବିଶ୍ୱାସ ।

ରାଜୁଆରମାନେ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି। ଶୁଦ୍ଧିକ୍ରିୟା ରାତ୍ରିରେ ଯେଉଁ ଗୃହରେ ବ୍ୟକ୍ତିର ମୃତ୍ୟୁ ଘଟିଥାଏ ସେହି ଘରର ଏରୁଣ୍ଡୀବନ୍ଧ ଭିତରକୁ କିଛି ବାଲି ରଖି ସମତଳ କରାଯାଇଥାଏ। ସେହି ଘରକୁ ବନ୍ଦ କରାଯାଇଥାଏ। ମୃତ୍ୟୁପରେ ମଶାଣୀକୁ ନେବା ପୂର୍ବରୁ ଶବକୁ ଘର ବାହାରେ ଏକ ସ୍ଥାନରେ କିଛି ସମୟ ପାଇଁ ରଖାଯାଇଥାଏ। ପରେ ମଶାଣୀକୁ ନିଆଯାଇଥାଏ। ପ୍ରତ୍ୟହ ସେହି ସ୍ଥାନରେ ମୃତବ୍ୟକ୍ତି ଉଦ୍ଦେଶ୍ୟରେ ଦାନ୍ତକାଠି, ଭାତ ଇତ୍ୟାଦି ଦିଆଯାଇଥାଏ। ତେଣୁ ସେହି ଜାଗାକୁ ଆମିଷ ଭାତ ହୋଇଥିବା ହାଣ୍ଡିକୁ ଧରି ପୁଅ ଯାଇଥାଏ। ସେଠାରେ ପୁଅ ବାପା ବା ମାଆଙ୍କୁ କହିବ ଯେ ଦଶଦିନ ଧରି ବାହାରେ କୁଆଡେ ବୁଲୁଛ। ଏଥର ଘରକୁ ଆସ । ଘରକୁ ଡାକିଲା ପରେ ପୁଅ ହାଣ୍ଡି ଧରି ଘରକୁ ପଶିଯିବ । ପୂର୍ବରୁ ସେହି ଘରେ ବାଲି ରଖାଯାଇଥିବ । ସେ ସେହି ବାଲିକୁ ଡେଇଁ ପଶିଯିବ । ତା'ପରେ ମୃତ ବ୍ୟକ୍ତିର ଆତ୍ମାକୁ ଆହ୍ୱାନ କରିବା ପରେ ସେହି ବାଲି ଦେହରେ ଯେକୌଣସି ପଦଚିହ୍ନ ପଡିଥାଏ ବା ପଦଚିହ୍ନ ଦେଖିବାକୁ ମିଳିଥାଏ । ଏହି ଚିହ୍ନକୁ ଲକ୍ଷ୍ୟ କରି ମୃତବ୍ୟକ୍ତି ଯେ କୌଣସି ରୂପରେ ଜନ୍ମ ହୋଇଛି ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି ବା ମୃତ ବ୍ୟକ୍ତିର ପୁନର୍ଜନ୍ମ ସମ୍ଭବ ହୋଇପାରିଛି । ଏଥିରୁ ସ୍ପଷ୍ଟ ହୁଏ ଯେ ରାଜୁଆରମାନଙ୍କର ପୁନର୍ଜନ୍ମ ଉପରେ ବିଶ୍ୱାସ ରହିଛି ବୋଲି ଏଥିରୁ ଅନୁମେୟ ।

ଶୁଦ୍ଧିକ୍ରିୟା ରାତ୍ରିରେ ଏକ ଭୋଜିଭାତର ଆୟୋଜନ କରାଯାଇଥାଏ । ବନ୍ଧୁବାନ୍ଧବ ଓ ପଡୋଶୀମାନେ ଭୋଜିଭାତ ପ୍ରସ୍ତୁତିରେ ଲାଗିପଡନ୍ତି । ଗାଁର ଲୋକେ ମଧ୍ୟ ଅନ୍ୟାନ୍ୟ କାର୍ଯ୍ୟରେ ସହଯୋଗ କରିଥାଆନ୍ତି । ଭୋଜିରେ ସାଧାରଣତଃ ଆମିଷ ହୋଇଥାଏ । ଭାତ ସାଙ୍ଗକୁ ଛେଳି କିମ୍ବା ମେଣ୍ଢା ମାଂସ ଅଥବା କୁକୁଡା ମାଂସ କରାଯାଏ । ଗ୍ରାମର ପରମାଣିକ ପ୍ରତ୍ୟେକ କାର୍ଯ୍ୟରେ ଉପସ୍ଥିତ ରହିଥାଆନ୍ତି ଏବଂ ତାଙ୍କ ଉପସ୍ଥିତିରେ ସମସ୍ତେ ଭୋଜନ କରିଥାଆନ୍ତି । ଶେଷରେ ସାଇପଡିଶା ଲୋକେ ନିଜ ନିଜ ଘରକୁ ଚାଲି ଯାଇଥାଆନ୍ତି । ବନ୍ଧୁବାନ୍ଧବମାନେ ସମସ୍ତ କାର୍ଯ୍ୟ ଶେଷ କରି ତା' ପରଦିନ ସେମାନଙ୍କ ଘରକୁ ଯାଇଥାଆନ୍ତି ।

■ ■ ■

ଅର୍ଥନୈତିକ ସଂଗଠନ

'ରାଜୁଆର'ମାନେ ଅନ୍ୟ ସଂପ୍ରଦାୟର ଲୋକଙ୍କଠାରୁ ଅର୍ଥନୈତିକ ଦୃଷ୍ଟିରୁ ଅନଗ୍ରସର ବୋଲି ଜଣାଯାଏ । ଅଦ୍ୟାବଧି ସେମାନେ ପାରଂପରିକ ଢଙ୍ଗରେ ପୁରାତନ କୃଷି ଯନ୍ତ୍ରପାତି ବ୍ୟବହାର କରି କୃଷି କାର୍ଯ୍ୟ କରିଥାଆନ୍ତି। ରାଜୁଆରମାନଙ୍କର ଅର୍ଥନୀତିର ବୈଶିଷ୍ଟ୍ୟ ଆଲୋଚନା କଲେ ଜଣାଯାଏ ଯେ :

- ରାଜୁଆର ସଂପ୍ରଦାୟର ଲୋକେ ସାଧାରଣତଃ ଚାଷ ଉପରେ ନିର୍ଭର କରି ଚଳିଥାଆନ୍ତି । ପୂର୍ବେ ସେମାନେ ପୋଡୁଚାଷ କରୁଥିବାର ସୂଚନା ମିଳେ । କିନ୍ତୁ ଏବେ ଗହୀର, ଢ଼ିପ ଓ ସମତଳ ଭୂଇଁ ଚାଷ କାର୍ଯ୍ୟ କରି ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାରେ ସମର୍ଥ ହୋଇପାରୁଛନ୍ତି ।

- ବର୍ତ୍ତମାନ ଅଧିକାଂଶ ଲୋକେ ସବାଇଘାସ(ବୁଜଇ) ଚାଷ କରୁଛନ୍ତି । ସବାଇଘାସରୁ ରସି / ଦଉଡି ତିଆରି କରି ହାଟ ବଜାରରେ ବିକ୍ରି କରି ଅର୍ଥ ଉପାର୍ଜନ କରିଥାଆନ୍ତି ।

- 'ଚୁଡା ବ୍ୟବସାୟ'କୁ ଅନ୍ୟତମ ମୁଖ୍ୟ ଜୀବିକା ହିସାବରେ ରାଜୁଆରମାନେ ଗ୍ରହଣ କରିଥାଆନ୍ତି । ସକାଳୁ ସଂଜ ଯାଏ ଗାଁ ଗାଁ ବୁଲି ଏମାନେ ଚୁଡା ବିକ୍ରୟ କରି ଅର୍ଥ ଉପାର୍ଜନ କରିଥାଆନ୍ତି । ଆଜିକାଲି ସେଥିରୁ ଲାଭବାନ ହୋଇ ଗୁଜରାଣ ମେଣ୍ଟାଇବାରେ ସମର୍ଥ ହୋଇପାରୁଛନ୍ତି ।

- କେତେକ ଗୃହପାଳିତ ପଶୁପକ୍ଷୀ ପାଳନ କରିଥାଆନ୍ତି । ସ୍ଥଳ ବିଶେଷରେ ଏମାନଙ୍କର ବଂଶବୃଦ୍ଧି ହେଲେ କେତେକଙ୍କୁ ବିକ୍ରି କରିଦେଇଥାଆନ୍ତି । ସେଥିରୁ ମଧ୍ୟ ଅର୍ଥ ଉପାର୍ଜନ କରି ଜୀବିକା ନିର୍ବାହ କରିଥାଆନ୍ତି ।

- ଜଙ୍ଗଲରୁ କେତେକ ଜଙ୍ଗଲଜାତ ଦ୍ରବ୍ୟ ମହୁ, ଝୁଣା, ପତ୍ର, ଛତୁ, ଫଳ, କାଠ ଇତ୍ୟାଦି ସଂଗ୍ରହ କରିଥାଆନ୍ତି । ନିଜ ଆବଶ୍ୟକ ମୁତାବକ ରଖି ଅବଶିଷ୍ଟ ସେମାନେ ପାଖ ହାଟ ବଜାରରେ ବିକ୍ରି କରିଥାଆନ୍ତି । ସେଥିରୁ କିଛି ଅର୍ଥ ଉପାର୍ଜନ କରି ଗୁଜୁରାଣ ମେଣ୍ଟାଇଥାଆନ୍ତି ।

ରାଜୁଆର ସଂପ୍ରଦାୟର ଗରବ ଶ୍ରେଣୀର ଲୋକେ ସାଧାରଣତଃ ଦୈନନ୍ଦିନ କୁଲି ମଜୁରୀ କରିଥାଆନ୍ତି । ସକାଳୁ ସଂଜଯାଏ କଠିନ ପରିଶ୍ରମ କରି କିଛି ଅର୍ଥ ଉପାର୍ଜନ କରି ଛୁଆପିଲାଙ୍କ ଚୁଣ୍ଡରେ ଆହାର ଦେଇଥାନ୍ତି ।

ରାଜୁଆର ଲୋକେ କଠିନ ପରିଶ୍ରମୀ ମାତ୍ର କାମ କରିବାକୁ ଭଲ ପାଆନ୍ତି । କାମ ନ କଲେ ସେମାନଙ୍କର ଜୀବନ ନିରସ ହୋଇଥାଏ ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି । ସୁବିଧା ଅସୁବିଧା ସମୟରେ ପଡୋଶୀମାନେ ଆର୍ଥିକ ସହାୟତା ପ୍ରଦାନ କରିଥାଆନ୍ତି । ବନ୍ଧୁବାନ୍ଧବମାନେ ମଧ୍ୟ ଆର୍ଥିକ ସାହାଯ୍ୟ କରିଥାଆନ୍ତି । ତେବେ ସେମାନଙ୍କ ଜୀବନ କଷ୍ଟପ୍ରଦ ଓ ସଂଘର୍ଷପୂର୍ଣ୍ଣ ।

ଜଙ୍ଗଲ ଓ ଅର୍ଥନୀତି :

ରାଜୁଆରମାନେ ବର୍ଷର ବିଭିନ୍ନ ସମୟରେ ଜଙ୍ଗଲରୁ ନାନା ପ୍ରକାର ଜଙ୍ଗଲଜାତ ଦ୍ରବ୍ୟ; ଯଥା : କାଠ, ମହୁ, ଝୁଣା, ଫଳ, ଫୁଲ, କନ୍ଦା, ପତ୍ର, ଛତୁ, ଶାଗ ଇତ୍ୟାଦି ସଂଗ୍ରହ କରିଥାଆନ୍ତି । ଭୂମିହୀନ ରାଜୁଆର ଲୋକେ ପ୍ରାୟ ଜଙ୍ଗଲ ଉପରେ ନିର୍ଭର କରି ଚଳିବା ସହିତ କୁଲି ମଜୁରୀ କରି ଜୀବିକା ନିର୍ବାହ କରୁଛନ୍ତି । ଜଙ୍ଗଲ ରାଜୁଆରମାନଙ୍କ ପାଇଁ ସବୁକିଛି । ଘରଛପର, କୃଷି ଉପକରଣ, କେତେକ ଶିକାର ଉପକରଣ, ବାଦ୍ୟଯନ୍ତ୍ର ଇତ୍ୟାଦି ତିଆରି ପାଇଁ ଏମାନେ ଜଙ୍ଗଲରୁ କାଠ, ବାଉଁଶ ଇତ୍ୟାଦି ସଂଗ୍ରହ କରି ଆଣିଥାଆନ୍ତି । ଏଥି ସହିତ ବିଭିନ୍ନ ରୋଗ ବାଉରୁ ରକ୍ଷା ପାଇଁ ଜଙ୍ଗଲରୁ କେତେକ ଔଷଧୀୟ ବୃକ୍ଷର ଚେର ମଧ୍ୟ ସଂଗ୍ରହ କରିଥାଆନ୍ତି । ସେହି ଚେରକୁ ସଂପୃକ୍ତ ରୋଗ ପାଇଁ ବ୍ୟବହାର କରାଯାଇଥାଏ । ଆଜକୁ ପ୍ରାୟ ପଚାଶ ଷାଠିଏ ବର୍ଷ ପୂର୍ବେ ରାଜୁଆର ମାନେ ଜଙ୍ଗଲ କାଟି ପୋଡୁଚାଷ କରୁଥିବାର ସୂଚନା ମିଳେ । ଏହି ପୋଡୁଜମିଁରେ ସେମାନେ କେତେ ପ୍ରକାରର ଶସ୍ୟ ବୁଣିଥାଆନ୍ତି । ଜଙ୍ଗଲରେ ବିଭିନ୍ନ ପ୍ରକାରର ଦେବାଦେବୀ ରହିଥାଆନ୍ତି । ସେମାନଙ୍କ ମଧ୍ୟରେ ବାବା ବଢିନାଥ, ଅନ୍ଧାରହୁଡି ଠାକୁରାଣୀ, ମକାବାଡି ଠାକୁରାଣୀ, ରଜାବସା ଠାକୁରାଣୀ, ଲେଙ୍ଗଡାକଟା ଠାକୁରାଣୀ ଅନ୍ୟତମ । ବାବା ବଢିନାଥ ହେଉଛନ୍ତି ଜଙ୍ଗଲ ଦେବତା । ଅନେକ ଅଶରୀରୀମାନଙ୍କର ବାସସ୍ଥଳୀ ହେଉଛି ଏଇ ଜଙ୍ଗଲ । ଶିକାରକୁ ଯିବା ପୂର୍ବରୁ ଏହି ଠାକୁର ଓ ଠାକୁରାଣୀଙ୍କୁ ସ୍ମରଣ କରି ଯିବାକୁ ହୋଇଥାଏ । ଜଙ୍ଗଲରୁ ବିଭିନ୍ନ ପଶୁପକ୍ଷୀ ଶିକାର କରି ରାଜୁଆରମାନେ ମାଂସ ଖାଇଥାଆନ୍ତି । ଜଙ୍ଗଲ ସହିତ ସେମାନଙ୍କର ସମ୍ପର୍କ ନିବିଡ ।

ଖାଦ୍ୟ ସଂଗ୍ରହ :

ରାଜୁଆରମାନେ ପୂର୍ବେ ପୋଡୁଚାଷ କରି ପୋଡୁଜମିରୁ କିଛି ଶସ୍ୟ ଅମଳ କରୁଥିଲେ । ଚାଷ ନ କରି ଜଙ୍ଗଲରୁ ବିଭିନ୍ନ ଫଳମୂଳ, ଛତୁ ଇତ୍ୟାଦି ମିଳୁଥିବାରୁ ସେମାନେ ଜଙ୍ଗଲରୁ ଏହି ସବୁକୁ ସଂଗ୍ରହ କରିଥାଆନ୍ତି । ଖାଇବାକୁ ଅଭାବ ପଡିଲେ ବା ନିଅଣ୍ଟ ହେଲେ ସେମାନେ ଜଙ୍ଗଲ ଉପରେ ନିର୍ଭର କରିଥାଆନ୍ତି । ଜଙ୍ଗଲରୁ ଫଳ, କନ୍ଦା, ମହୁ, ଝୁଣା, ଶାଗ, ଛତୁ, ପତ୍ର, ଫୁଲ, କାଠ ଇତ୍ୟାଦି ମିଳୁଥିବାରୁ ପାଇବା ଆଶାରେ ଜଙ୍ଗଲରୁ ଏସବୁ ସଂଗ୍ରହ କରାଯାଏ । ଏହାଛଡ଼ା ମାଂସ ଖାଇବାକୁ ରାଜୁଆରମାନେ ଶିକାର କରିଥାଆନ୍ତି ।

ଖାଦ୍ୟ ସଂଗ୍ରହ ପାଇଁ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳ ଚିହ୍ନଟ କରାଯାଇ ନ ଥାଏ । ଜଙ୍ଗଲର ଯେକୌଣସି ଅଞ୍ଚଳରେ ପ୍ରବେଶ କରି ବନଜାତଦ୍ରବ୍ୟ ସଂଗ୍ରହ କରାଯାଇଥାଏ । ପୂର୍ବେ ଜଙ୍ଗଲରୁ ଖାଦ୍ୟ ସଂଗ୍ରହ କରିବାରେ କୌଣସି ପ୍ରତିବନ୍ଧକ ନ ଥିଲା । ଦେବଦେବୀଙ୍କୁ ସ୍ମରଣ କରି ସେମାନେ ଜଙ୍ଗଲରେ ପ୍ରବେଶ କରିଥାଆନ୍ତି । ଫଳରେ କୌଣସି ବିଘ୍ନ ଉପୁଜି ନ ଥାଏ ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି । ସଂପ୍ରତି ଜଙ୍ଗଲ ସଂରକ୍ଷଣ ଅଧିନିୟମ ଅନୁଯାୟୀ ଜଙ୍ଗଲକୁ ପ୍ରବେଶ କରିବାରେ କଟକଣା ଜାରି କରାଯାଇଛି ।

ରାଜୁଆରମାନଙ୍କ ଦ୍ୱାରା ସଂଗୃହୀତ ବନ୍ୟଜାତ ଦ୍ରବ୍ୟଗୁଡ଼ିକ ହେଲା:

ଛତୁ: ରାଜୁଆରମାନେ ସହକାରୀ ଖାଦ୍ୟ ହିସାବରେ ବିଭିନ୍ନ ପ୍ରକାର ଛତୁ ସଂଗ୍ରହ କରିଥାଆନ୍ତି । ଛତୁ ମଧ୍ୟରେ ବାଲିଛତୁ (ବାଲି ଛାତୁ), ଶାଳଛତୁ (ଫୁଟ୍‌କା ଛାତୁ), ବିନ୍ଧାଣୀ ଛତୁ (କାମାର୍ ଛାତୁ), ପାଳଛତୁ (କୁଟା ଛାତୁ), ପତଳା ଛତୁ (ପାତ୍‌ଳା ଛାତୁ), ବିହୁଡା ଛତୁ (ବିହିଡା ଛାତୁ), ହୁଙ୍କାଛତୁ (ଟିଲ୍‌ହା ଛାତୁ), ବଡ ଛତୁ (ବଳେ ଛାତୁ), ଗୁଣ୍ଡିଚା ଛତୁ (ସୁରଗୁଞ୍ଜା ଛାତୁ), ଆଣ୍ଡୁଆ ଛତୁ (ତୁମ୍ବା ଛାତୁ), କୁକୁଡା ଛତୁ (ଖୁକୁଡି ଫୁଲ୍ ଛାତୁ), ମହୁରାଳି ଛତୁ (ମହୁରାଳ୍ ଛାତୁ), ମହୁଢ଼ୋଲିଆ ଛତୁ (ମହୁଢ଼ୋଲିଆ ଛାତୁ), ଗୋବରଛତୁ (ଗୋବର୍ ଛାତୁ), କାଠ ଛତୁ (କାଠ୍ ଛାତୁ), ବାଉଁଶ ଛତୁ (ବାଁଶ୍‌ପଗା ଛାତୁ), ଭୁର୍କୁଣ୍ଡା ଛତୁ (ଭୁରକୁଣ୍ଡା ଛାତୁ), ଅଗାଡି ଛତୁ (ଆଗ୍‌ଡା ଛାତୁ), ଆମ୍ବପଗା ଛତୁ (ଆମ୍‌ପଗା ଛାତୁ) ପ୍ରଧାନ ।

ଛତୁ ସଂଗ୍ରହ କରି ସାରିବା ପରେ ସାଧାରଣତଃ ଧୋଇ ସଫା କରାଯାଇଥାଏ । ଏହାପରେ କେତେକ ଛତୁକୁ ଭାଜି କରି ଖାଉଥିବା ବେଳେ ଆଉ କେତେକ ଛତୁକୁ



ସକାଳ ଆହାର



ବଞ୍ଚିଥିବା ଯାକେ ବିଶ୍ରାମ ନାହିଁ

ଉଭୟ ଭାଜି ଓ ତରକାରୀ କରି ମଧ୍ୟ ଖିଆ ଯାଇଥାଏ । ଆଉ କେତେକ ଛତୁକୁ ହଳଦୀ ଲୁଣ ଦେଇ ପତ୍ରରେ ପୋଡି ସେମାନେ ଖାଇଥାଆନ୍ତି ।

ଆବଶ୍ୟକତାରୁ ଅଧିକ ଛତୁ ସଂଗ୍ରହ କରି ଆଣିଥିଲେ ସେମାନେ ବଳକା ଛତୁକୁ କେତେକ ସ୍ଥଳେ ସାଇ ପଡିଶା ମଧ୍ୟରେ ବାଣ୍ଟି ଦେଇଥିବା ବେଳେ ଅନ୍ୟ କେତେକ ଛତୁକୁ ପାଖ ହାଟ ଓ ବଜାରରେ ବିକ୍ରୟ କରିଥାନ୍ତି। ଛତୁକୁ ସଂରକ୍ଷଣ କରିବା ପଦ୍ଧତି ସେମାନଙ୍କୁ ଜଣା ନ ଥାଏ ।

କନ୍ଦା(କାନ୍ଦା): ରାଜୁଆରମାନେ ବିଭିନ୍ନ ଋତୁରେ ନାନାପ୍ରକାର କନ୍ଦା ସଂଗ୍ରହ କରିଥାଆନ୍ତି । ସେହି କନ୍ଦାଗୁଡିକ ମଧ୍ୟରେ ଖୁମ୍ଭଆଳୁ (ଖମ୍ କାନ୍ଦା), ଚୁନିଆଳୁ (ଚୁନି କନ୍ଦା), ଶଙ୍କର କନ୍ଦା (ଶଙ୍କର କାନ୍ଦା), ପିତାଳୁ (ପିତାଳୁ), ଚୁରୁକାଆଳୁ (ଚୁରୁକା କାନ୍ଦା), ବାଉଁଳା ଆଳୁ (ବାଉଁଳା କାନ୍ଦା), ସିମିଳିକନ୍ଦା (ସିମେର୍ କାନ୍ଦା), ପଣସ କନ୍ଦା (କଠର୍‌କାନ୍ଦା), କଣ୍ଢାଆଳୁ (କାଣ୍ଢାଆଳୁ), ଚାମୁଆ ଆଳୁ (ଚାମୁଆ କାନ୍ଦା) ଇତ୍ୟାଦି ପ୍ରଧାନ।

ଚାମୁଆ କନ୍ଦା ଓ କଣ୍ଢା ଆଳୁକୁ ରାଜୁଆରମାନେ ବୈଶାଖ ମାସରେ ସଂଗ୍ରହ କରୁଥିବା ବେଳେ ଚୁରୁକା କାନ୍ଦା ଓ ବାଉଁଳା କାନ୍ଦାକୁ ଭାଦ୍ରବ ମାସରେ, ସିମେର୍ କାନ୍ଦା ଓ ପଲାସ କାନ୍ଦାକୁ ଶ୍ରାବଣ ମାସରେ ସଂଗ୍ରହ କରିଥାଆନ୍ତି । ସେହିଭଳି ଖମ୍‌କନ୍ଦା, ଚେନିକନ୍ଦାକୁ ଓ ଚୁନ୍‌କାନ୍ଦାକୁ ମାଘ ମାସରେ, ଶଙ୍କର କାନ୍ଦାକୁ କାର୍ତ୍ତିକ ଓ ମାର୍ଗଶୀର ମାସରେ, ପିତାଳୁକୁ ଆଶ୍ୱିନ ଓ କାର୍ତ୍ତିକ ମାସରେ ସଂଗ୍ରହ କରିଥାଆନ୍ତି ।

ରାଜୁଆରମାନେ ଖମ୍‌କାନ୍ଦାକୁ ସିଝାଇ ଖାଇଥାଆନ୍ତି । ତରକାରୀ କରି ଏବଂ ମାଂସ ତରକାରୀରେ ପକାଇ ଥାଆନ୍ତି । ଶଙ୍କର କାନ୍ଦା, ଚାମୁଆ କାନ୍ଦା, ଚୁନ୍‌କାନ୍ଦା, ଚୁରୁକାକାନ୍ଦା, କାଣ୍ଢାଆଳୁ, ବାଉଁଳାକାନ୍ଦା, ସିମେର୍ କାନ୍ଦା, ପଲାସ୍ କାନ୍ଦା ଓ ଚେନିକାନ୍ଦାକୁ ସିଝାଇ ଖାଇଥାଆନ୍ତି । ଚୁନ୍‌କାନ୍ଦାକୁ ବିଶେଷତଃ ଦୁଃଖୀ ଓ ଗରିବ ଲୋକେ ଖାଦ୍ୟ ଅଭାବରୁ ଜଙ୍ଗଲରୁ ଆଣି ସିଝାଇ ଖାଇଥାଆନ୍ତି । କଣ୍ଢାଆଳୁକୁ ରାଜୁଆରମାନେ ଦରକାର ହେଲେ ଆଣିଥାଆନ୍ତି । କିନ୍ତୁ ଖଡିଆ ଓ ଲୋଧା ସଂପ୍ରଦାୟ ଲୋକେ ଅଧିକ ଆଣିଥାଆନ୍ତି । ପିତାଳୁକୁ ଖାଇବା ପୂର୍ବରୁ ଚୋପା ଛଡାଇ ଦିଆଯାଏ । ରାତିସାରା ପାଣିରେ ଭିଜାଯାଇଥାଏ । ତା'ପର ଦିନ ପାଣିରୁ ଆଣି ସିଝାଯାଇ ଖିଆଯାଏ ।

ଖମ୍‌କାନ୍ଦାକୁ ଖରାରେ ଶୁଖାଇ ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ରଖାଯାଇଥାଏ । ସେହିଭଳି ଶଙ୍କରକାନ୍ଦାକୁ ସେମାନେ ଗଜା କରି ରଖିଦିଅନ୍ତି । ଅନ୍ୟ କୌଣସି କାନ୍ଦାକୁ ବହୁଦିନ ଧରି ସାଇତି ରଖିବା ଏମାନେ ଜାଣି ନାହାନ୍ତି ।

ପୁଆରୁ ପୁନଃ କନ୍ଦା ହୋଇଥାଏ । କନ୍ଦା ଖୋଳି ଆଣି ସାରିବା ପରେ ଗାତରେ ପୁଆକୁ ପୋତି ଦିଆଯାଇଥାଏ । ଶଙ୍କର କନ୍ଦା ଓ ଖମ୍‌କନ୍ଦାକୁ ଗଜା ବାହାରିବା ପରେ ଗାତ ଖୋଳି ପୋତି ଦିଆଯାଏ । ସେଥିରୁ ଗଛ ହୁଏ ଏବଂ କିଛି ମାସ ପରେ କନ୍ଦା ହୋଇଥାଏ । ଜଙ୍ଗଲରୁ କନ୍ଦାର ଶେଷ ହୋଇନଥାଏ । ତା'ର ଟିକିଏ ମୂଳ ଥିଲେ ଠିକ୍ ସମୟରେ କନ୍ଦା ହୋଇଥାଏ ।

କନ୍ଦା ସଂଗ୍ରହ ପାଇଁ କୌଣସି ସ୍ଥାନ ନିର୍ଦ୍ଧାରଣ କରାଯାଇ ନ ଥାଏ। ଜଙ୍ଗଲ ମଧ୍ୟରେ ଯେକୌଣସି ସ୍ଥାନରୁ ସେମାନେ ସଂଗ୍ରହ କରିଥାଆନ୍ତି। କନ୍ଦା ସଂଗ୍ରହ ବେଳେ ସେମିତି କୌଣସି କଳି ଝଗଡା ହୋଇ ନ ଥାଏ। ସେମାନେ ନିର୍ଭୟରେ କନ୍ଦା ସଂଗ୍ରହ କରିଥାଆନ୍ତି।

ପତ୍ର (ପତେଇ): ରାଜୁଆରମାନେ ମୁଖ୍ୟତଃ ଜଙ୍ଗଲରୁ ବିଭିନ୍ନ ପ୍ରକାର ପତ୍ର; ଯଥା : ଶାଳପତ୍ର (ସରଇ ପତେଇ), ଶିଆଳୀ (ଚିହଡ଼), ବର (ବର), ପଳାଶ (ପଲାଶ), କୁଳ୍‌ଚି (କଡ଼ଚୀ) ଇତ୍ୟାଦି ସଂଗ୍ରହ କରନ୍ତି ।

ଶାଳ, ଶିଆଳୀ, ପଳାଶ ଓ ବରପତ୍ରକୁ ବିଶେଷତଃ ମାଘ ଓ ଫଗୁଣ ମାସରେ ବେଶୀ ମାତ୍ରାରେ ସଂଗ୍ରହ କରିଥାଆନ୍ତି। କୁଳ୍‌ଚି ପତ୍ରକୁ ଶ୍ରାବଣ-ଭାଦ୍ରବ ମାସରେ ସଂଗ୍ରହ କରିଥାଆନ୍ତି।

ଶାଳପତ୍ରରୁ ଖଲି, ଦନା ତିଆରି କରିଥାଆନ୍ତି । ଭାତ ଓ ତରକାରୀ ଖଲି ଦନାରେ ଖିଆଯାଏ । ଶାଳପତ୍ରରେ ମଧ୍ୟ ମାଛ, ଶାଗ ଓ ଛତୁକୁ ନାଳା / ପତୁଆ କରି ନିଆଁରେ ପୋଡାଯାଇଥାଏ । ବିବିଧ ପୂଜା କାର୍ଯ୍ୟରେ ମଧ୍ୟ ଶାଳପତ୍ର ବ୍ୟବହୃତ ହୋଇଥାଏ । ସେହିପରି ଶିଆଳୀ ପତ୍ରରେ ଖଲି, ଦନା ଓ ଟୋପି ତିଆରି କରାଯାଇଥାଏ । ଖରା ଓ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ପକ୍ଷିଆ / ବର୍ଷାତି ଓ ଟୋପି ବ୍ୟବହାର କରାଯାଇଥାଏ । ବରପତ୍ରରେ ଖଲି ଦନା ତିଆରି କରାଯାଇଥାଏ । ଦନାରେ ଲୁଣ ରଖାଯାଇଥାଏ । ପଳାଶ ପତ୍ରରେ ଦନା ତିଆରି କରାଯାଇଥାଏ । ବିବାହରେ ପୂଜାକାର୍ଯ୍ୟରେ ପଳାଶପତ୍ର ବ୍ୟବହୃତ ହୋଇଥାଏ । କୁଳ୍‌ଚି ପତ୍ରରେ ତରକାରୀ, ଭଜା ଇତ୍ୟାଦି ଖିଆଯାଇଥାଏ । ଲୁଣ ମଧ୍ୟ ଏହି ପତ୍ରରେ ରଖାଯାଏ ।

ଶାଳପତ୍ରକୁ ଖରାରେ ଶୁଖାଇ ରାତିର କାକରରେ ରଖାଯାଏ । ତା'ପରେ ଦଉଡି ଦ୍ୱାରା ବାନ୍ଧି ରଖାଯାଇଥାଏ । ଖଲି ତିଆରି କରି ଦଉଡି ସାହାଯ୍ୟରେ ବିଡା ବାନ୍ଧି

ରଖାଯାଇଥାଏ। ଶିଆଳୀ ପତ୍ରକୁ ମଧ୍ୟ ଖରାରେ ଶୁଖାଇ ରାତିର କାକରରେ ରଖି କୋଡ଼ିଏଟି ଲେଖାଏଁ ପତ୍ରକୁ ବିଡା କରି ବନ୍ଧାଯାଇ ଅନେକ ଦିନ ପର୍ଯ୍ୟନ୍ତ ସାଇତି ରଖାଯାଇଥାଏ । ପଳାଶ ଓ କୁଲ୍‌ଚି ପତ୍ର ମଧ୍ୟ ସେହିପରି ଶୁଖାଇ କାକରରେ ରଖି ବିଡାବାନ୍ଧି ବହୁତ ଦିନ ପର୍ଯ୍ୟନ୍ତ ସାଇତି ରଖାଯାଇଥାଏ ।

ଶାଗ (ଶାଗ): ବର୍ଷର ବିଭିନ୍ନ ସମୟରେ ରାଜୁଆରମାନେ ବିଭିନ୍ନ ପ୍ରକାର ଶାଗ ସଂଗ୍ରହ କରିଥାଆନ୍ତି । ସେଥି ମଧ୍ୟରେ ସଜନା ଶାଗ (ମୁନ୍‌ଗା ଶାଗ୍ (ବଡ), ବାରମାସୀ ସଜନା ଶାଗ (ବାରମାସୀ ମୁନ୍‌ଗା ଶାଗ),ଖଡାଶାଗ (ମାର୍‌ସୀ ଖାଡା), କୋଶଳା ଶାଗ (କୁଡୁଡା ଶାଗ), ଲେଉଟିଆ ଶାଗ (ଉଲ୍‌ଟିଆ ଶାଗ), କନିଅର ଶାଗ (କାଇନାର୍ ଶାଗ), ଗାନ୍ଧାରୀ ଶାଗ (ଗାନ୍ଧାରୀ ଶାଗ), ଖପରା ଶାଗ (ଖପ୍‌ରା ଶାଗ), ମାଟି ଶାଗ (ମାଟି ଶାଗ), ଚାଖୁଣ୍ଡା ଶାଗ (ଚାକୁଣ୍ଡା ଶାଗ), ମଦରଙ୍ଗା ଶାଗ (ମହରଙ୍ଗା ଶାଗ), ଖଟା ଶାଗ (ଚେଙ୍କା ଶାଗ), ଶାରୁ ଶାଗ(ଶାରୁ ଶାଗ), ସୁନୁସୁନିଆ ଶାଗ (ସୁସ୍‌ନୀ ଶାଗ), କଳମ ଶାଗ(କଳ୍‌ମା ଶାଗ), ଲାଉ ଶାଗ(ଲଆ ଶାଗ), ବୋଇତାଳୁ ଶାଗ (ବୋଇତାଳ୍ ଶାଗ), ପୋଇ ଶାଗ (ପଏ ଶାଗ), ନଦୀକୂଳ ଶାଗ (ଧୁରୁପ୍ ଶାଗ), ମଠା ଶାଗ (ମାଠା ଶାଗ), ଶିରିଗିଟି ଶାଗ(ଶିରିଗିଟଇ ଶାଗ), କାନିଶିରି ଶାଗ (କାନାଶାଗ), ଲହଙ୍ଗା ଶାଗ (ଲାହାଙ୍ଗା ଶାଗ),ବିଲେଇ ଶାଗ (ବିଲେଇଗଳି ଶାଗ), କୁନ୍ଦୁରୀ ଶାଗ(କୁନ୍‌ଦ୍‌ରୀ ଶାଗ),କଲରା ଶାଗ (କାର୍‌ଲା ଶାଗ), କଅଁଳିଆ ତେନ୍ତୁଳୀପତ୍ର(ତେନ୍ତେର୍ ପାଲୁଆ ଶାଗ), କୁଲେଇ ଡଙ୍କି ଶାଗ (କୁଲେଇ ଡଙ୍କି ଶାଗ), କଖାରୁ ଶାଗ (କଖୁର୍ ଶାଗ), ପାଳଙ୍ଗ ଶାଗ (ପାଳଙ୍ଗ ଶାଗ) ଇତ୍ୟାଦି ଅନ୍ୟତମ ।

ବର୍ଷର ଶ୍ରାବଣ, ଭାଦ୍ରବ ମାସରେ ନାନା ଜାତିର ଶାଗ ସଂଗ୍ରହ କରାଯାଉଥିବା ବେଳେ ଅଳ୍ପ କେତେ ଜାତିର ଶାଗକୁ ସାଧାରଣତଃ ମାଘ, ଫାଲ୍‌ଗୁନ, ବୈଶାଖ ଓ ଜ୍ୟେଷ୍ଠ ମାସରେ ସଂଗ୍ରହ କରାଯାଇଥାଏ ।

କେତେକ ଶାଗକୁ ଭଜା କରି ଖାଉଥିବା ବେଳେ ଆଉ କେତେକ ଶାଗକୁ ଉଭୟ ଭଜା ଓ ତରକାରୀ କରି ଖାଇଥାଆନ୍ତି । ଚେଙ୍କା ଓ ସାରୁଶାଗକୁ ଭଜା ସହିତ ଘାଣ୍ଟ ତରକାରୀରେ ମଧ୍ୟ ପକାଯାଇଥାଏ । ପୋଇ ଶାଗକୁ ମାଛସହ ମିଶାଇ ତରକାରୀ କରାଯାଇଥାଏ । କୁନ୍ଦୁରୀ ଶାଗକୁ ଭଜା ବ୍ୟତୀତ ଚଟଣୀ ମଧ୍ୟ କରାଯାଇଥାଏ ଏବଂ ପତ୍ରରେ ପୋଡି ଖିଆଯାଏ । ପ୍ରାୟତଃ ବିଭିନ୍ନ ପ୍ରକାର ଶାଗକୁ ଭାଜି କରି ଖାଇଥାଆନ୍ତି ।

ବିଶେଷତଃ ରଜୁଆରମାନେ ଶାଗକୁ ସାଇତି ରଖି ନ ଥାଆନ୍ତି । ଚେଙ୍କା ବା ଖଟା ଶାଗକୁ ଖରାରେ ଶୁଖାଇ ଗୁଣ୍ଡ କରି ଦିଆଯାଏ । ସେହି ଗୁଣ୍ଡକୁ ପରବର୍ତ୍ତୀ ସମୟରେ ଗରମପାଣିରେ ମିଶାଇ ତାକୁ ତରକାରୀ କରି ଖିଆଯାଏ । ସେହିପରି କଅଁଳିଆ ତେନ୍ତୁଳିପତ୍ରକୁ ଖରାରେ ଶୁଖାଇ ଗୁଣ୍ଡ କରି ରଖାଯାଏ । ଅନ୍ୟ ସମୟରେ ସେହି ଗୁଣ୍ଡରେ ଗରମପାଣି ମିଶାଇ ଖିଆଯାଏ ।

ବିଭିନ୍ନ ପ୍ରକାର ଶାଗ ସାଧାରଣତଃ ବାଡି ବଗିଚା ଏବଂ ଜଙ୍ଗଲ ଏବଂ ଜଳଉତ୍ସ ନିକଟରୁ ସଂଗ୍ରହ କରିଥାଆନ୍ତି ରାଜୁଆରମାନେ । ଶାଗ ସଂଗ୍ରହ ପାଇଁ ସେଭଳି ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରାଯାଇନଥାଏ । ନିଜ ଆବଶ୍ୟକତା ଠାରୁ ଅଧିକ ଶାଗ ସଂଗ୍ରହ କରିଲେ ବଳକା ଶାଗକୁ ପାଖ ହାଟ ଓ ବଜାରରେ ବିକ୍ରୟ କରିଥାଆନ୍ତି ।

ଫୁଲ (ଫୁଲ୍): ରାଜୁଆର୍ ସଂପ୍ରଦାୟର ପୁରୁଷ ଓ ସ୍ତ୍ରୀଲୋକେ ବିଭିନ୍ନ ସମୟରେ କେତେକ ଫୁଲ ସଂଗ୍ରହ କରାଯାଏ । ସେଗୁଡିକ ହେଲା ମହୁଲଫୁଲ (ମହୁଲ୍‌ଫୁଲ୍), କୁସୁମଫୁଲ (କୁସୁମ୍ ଫୁଲ୍), ଶାଳଫୁଲ (ସରଇଫୁଲ୍), ନିମ୍ବଫୁଲ (ନିମ୍‌ଫୁଲ୍), ରାଇଫୁଲ (ରାଇଫୁଲ୍), ଝିରୁଲ୍ ଫୁଲ ଇତ୍ୟାଦି ।

ବର୍ଷର ଚୈତ୍ର, ବୈଶାଖ ଓ ଜ୍ୟେଷ୍ଠ ମାସରେ ଫୁଲଗୁଡିକ ସଂଗ୍ରହ କରାଯାଏ । ସଂଗ୍ରହ କରିବା ସମୟରେ କୌଣସି କଳିଝଗଡା କରି ନ ଥାଆନ୍ତି । ନିର୍ଭୟରେ ଓ ନିର୍ଦ୍ୱନ୍ଦ୍ୱରେ ଫୁଲଗୁଡିକୁ ସଂଗ୍ରହ କରିଥାଆନ୍ତି ।

ମହୁଲ ଫୁଲକୁ ଭାଜିକରି ଖାଇଥାଆନ୍ତି । ଅଠା କରି ଖାଇଥାଆନ୍ତି । ଚାଉଳଗୁଣ୍ଡ କିମ୍ବା ମକାଗୁଣ୍ଡ ସହ ମିଶାଇ ପିଠାକରି ଖାଇଥାଆନ୍ତି । ତେନ୍ତୁଳି ସହ ମିଶାଇ ମଧ୍ୟ ଖିଆଯାଇଥାଏ । ମହୁଲଫୁଲକୁ ଜଳରେ ସିଝାଇ ଏମାନେ ଖାଇଥାଆନ୍ତି । ମହୁଲରମଦ ମଧ୍ୟ ପ୍ରସ୍ତୁତ କରାଯାଏ । ପଣା ସଂକ୍ରାନ୍ତିରେ ଶାଳଫୁଲ ପୂଜା କାର୍ଯ୍ୟରେ ଲାଗିଥାଏ । ନିମ୍ବଫୁଲକୁ ଭାଜି ଖାଇଥାଆନ୍ତି । ନିମ୍ବଫୁଲକୁ ଚାଉଳ ସହ ବାଟି ପିଠା କରି ଖାଇଥାଆନ୍ତି । ନିମ୍ବଫୁଲକୁ ପତ୍ରରେ ପଟୁଆ / ନୋଳା କରି ପୋଡି ଖାଇଥାଆନ୍ତି । ନିମ୍ବଫୁଲକୁ ଖରାରେ ଶୁଖାଇ ଚାଉଳଗୁଣ୍ଡ ସହ ଖାଇଥାଆନ୍ତି । ରାଇଫୁଲକୁ ତରକାରୀ କରି ଖାଇଥାଆନ୍ତି । ଝିରୁଲ୍ ଫୁଲକୁ ସଜନା ଶାଗ ସହ ମିଶାଇ ଭାଜି କରି ଖାଇଥାଆନ୍ତି ।

ମହୁଲଫୁଲକୁ ଖରାରେ ଶୁଖାଇ ପୁଟୁଳି ବାନ୍ଧି ରଖାଯାଇଥାଏ । ଶୁଖିଲା ମହୁଲରୁ ମଦ ମଧ୍ୟ ତିଆରି କରାଯାଇଥାଏ । ସେହିଭଳି ନିମ୍ବଫୁଲକୁ ମଧ୍ୟ ଖରାରେ ଶୁଖାଇ କିଛି

ମାସ ସାଇତି ରଖିଥାଆନ୍ତି ରାଜୁଆରମାନେ । ଅନ୍ୟ କୌଣସି ଫୁଲକୁ ସାଇତି ରଖାଯାଏ ନାହିଁ । ଫୁଲକୁ ସଂଗ୍ରହ କରିବା ପାଇଁ ସେମିତି ସ୍ୱତନ୍ତ୍ର ସ୍ଥାନ ନ ଥାଏ । କେବଳ ଜଙ୍ଗଲରୁ ନିର୍ଦ୍ୱନ୍ଦ୍ୱରେ ଏମାନେ ଫୁଲ ସଂଗ୍ରହ କରିଥାଆନ୍ତି । ମହୁଲକୁ ମଧ୍ୟ ସେମାନେ ବିକ୍ରି କରିଥାଆନ୍ତି କିମ୍ବା ମଦ ପ୍ରସ୍ତୁତ କରି ବିକ୍ରି କରିଥାଆନ୍ତି ।

ଫଳ (ଫଲ୍) : ବର୍ଷ ମଧ୍ୟରେ ରାଜୁଆରମାନେ ବିଭିନ୍ନ ପ୍ରକାର ଫଳ ସଂଗ୍ରହ କରିଥାଆନ୍ତି । ଫଳ ମଧ୍ୟରେ ଆମ୍ବ (ଆମ୍ବ), ପଣସ -କଞ୍ଚା (ଇଞ୍ଚ୍ଡ), ପଣସ-ପାଚିଲା (କଠର୍), ଜାମ୍ବୁ ଜାମ୍ (ଜାମ୍ ପାକଲ୍), ଡିମିରି (ଡୁମେର୍), ପିଜୁଳି (ପେଳା), ଖଜୁରୀ (ଖଜୁର୍), ରାଇଫଳ(ରାଇଫର୍),ଫୁଟ୍‌କୁଣୀ (ଫୁଟ୍‌କୁଣୀ), କେନ୍ଦୁ (କେନ୍ଦୁ), ରାଜକୋଳି (ରାଜକୁଳି), ବରକୋଳି (ବର୍), କୁସୁମ (କୁସୁମ୍),କଚଡା (କଇଁଳି), କଇଁଥ (କଇଁଥବେଲ୍), ବେଲ (ବେଲ୍), ଅଁଳା (ଅଁଳାଫର୍), ଆମ୍ବଡା (ଆମ୍ବଡା),ହରିଡା (ଲୁଫୁଠୁଳି), ବହାଡା (କଷାଫର୍), ଚାରକୋଳି (ଚାହାଁର୍ ପାକଲ୍), ବଇଁଚ କୋଳି (ବେହେଞ୍ଚ୍ ପାକଲ୍) ଇତ୍ୟାଦି ପ୍ରଧାନ ।

ବର୍ଷର ଚୈତ୍ର, ବୈଶାଖ ଓ ଜ୍ୟେଷ୍ଠ ମାସରେ ଅଧିକାଂଶ ଫଳ ସଂଗ୍ରହ କରାଯାଉଥିବା ବେଳେ କେତେକ ଫଳ ବର୍ଷାଋତୁରେ ଏବଂ ଆଉ କେତେକ ଫଳ ଶୀତ ଋତୁରେ ସଂଗ୍ରହ କରାଯାଇଥାଏ ।

କେତେକ ଫଳ ଯଥା : ଆମ୍ବ, ପଣସ, ପିଜୁଳି, ଖଜୁରୀ, ବରକୋଳି, କଚଡା, ବେଲ, କମଳା ଓ ଲେମ୍ବୁକୁ ଉଭୟ କଞ୍ଚା ଓ ପାଚିଲା ବେଳେ ସେମାନେ ଖାଇଥାଆନ୍ତି। ଜାମୁ, ଡିମିରି, କେନ୍ଦୁ, ରାଜକୋଳି, କୁସୁମ, ବଇଁଚକୋଳି ଓ ଚାରକୋଳିକୁ ପାଚିଲେ ଖାଇଥାଆନ୍ତି । ଆମ୍ବଡାକୁ ସିଝାଇ, ତରକାରୀ ଖାଇବା ସଙ୍ଗେ ସଙ୍ଗେ ଖଟା / ଆଚାର ତିଆରି କରିଥାଆନ୍ତି । ରାଇଫଳକୁ ତରକାରୀ କରି ଖାଇଥାଆନ୍ତି । କଇଥକୁ ଚଟଣୀ କରି ଖାଇଥାଆନ୍ତି । ଆମ୍ବକୁ କାଟି ଖରାରେ ଶୁଖାଇ ଖଟା ତିଆରି କରିଥାଆନ୍ତି । କାଟିବା ସମୟରେ ହଳଦୀ ଓ ଲୁଣ ଦେଇ ଖରାରେ ଶୁଖାଇଥାଆନ୍ତି । କଞ୍ଚା କଇଥ ସହିତ କଲରା ପତର ମିଶାଇ ଖାଇଲେ ଝାଡାରୋଗ ଭଲ ହୋଇଥାଏ ବୋଲି ସେମାନେ କହିଥାଆନ୍ତି । ଫୁଟକୁଣୀ ଫଳକୁ କଞ୍ଚା ଏବଂ ତରକାରୀ କରି ଖାଇଥାଆନ୍ତି । କୁସୁମକୁ ପାଚିଲେ ଖିଆଯିବା ସହିତ ଏଥିରୁ ତେଲ ପ୍ରସ୍ତୁତ କରାଯାଇଥାଏ । ଯାହାକୁ ଖାଇବା ତେଲ ଭାବରେ ଗ୍ରହଣ କରାଯାଇଥାଏ । ଅଁଳାକୁ କଞ୍ଚା ଖିଆଯାଏ ଏବଂ ଆଚାର କରି ଖିଆଯାଏ । ହରିଡା ମଞ୍ଜିକୁ ଫାଳ କରାଯାଇ ତା'ର ଶଗ ଖିଆଯାଇଥାଏ ।

ଆମ୍ବକୁ କାଟି ଖରାରେ ଶୁଖାଇ ଲୁଣ ହଳଦୀ ଦେଇ ଆମ୍ବୁଲ ପ୍ରସ୍ତୁତ କରାଯାଏ । ଏବଂ ପାଚିଲା ଆମ୍ବର ରସକୁ ଖରାରେ ଶୁଖାଇ ସେଥିରେ ଗୁଡ ମିଶାଇ ଆମ୍ବସଡ଼ା ତିଆରି କରାଯାଏ । ଏହାକୁ ଏକ ବର୍ଷ ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇଥାଏ । ପଣସ ମଞ୍ଜିକୁ ଖରାରେ ଶୁଖାଇ ଅନେକ ଦିନ ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇଥାଏ । ଅଁଳା ଓ ଆମ୍ବଡାକୁ ଆଚାର କରାଯାଇଥାଏ ଏବଂ କିଛି ମାସ ପର୍ଯ୍ୟନ୍ତ ସଂରକ୍ଷଣ କରାଯାଇଥାଏ ।

ମଞ୍ଜି (ମୁଜି): ରାଜୁଆରମାନେ ସାଧାରଣତଃ ଶାଳମଞ୍ଜି (ସରଇ ମୁଜି), ନିମ୍ବ ମଞ୍ଜି (ନିମ୍ ମୁଜି), କୁସୁମ ମଞ୍ଜି (କୁସୁମ୍ ମୁଜି), ଜଡା (ଜାଡା ମୁଜି), କରଞ୍ଜ ମଞ୍ଜି (କରଞ୍ଜ ମଞ୍ଜି)କୁ ଜଙ୍ଗଲରୁ ସଂଗ୍ରହ କରିଥାଆନ୍ତି । ବର୍ଷର ପ୍ରାୟ ଚୈତ୍ର, ବୈଶାଖ ଓ ଜ୍ୟେଷ୍ଠ ମାସରେ ଏହା ସଂଗ୍ରହ କରାଯାଏ ।

ଶାଳମଞ୍ଜିକୁ ଖରାରେ ଶୁଖାଇ ତାକୁ ବିକ୍ରିକରି କିଛି ଅର୍ଥ ଉପାର୍ଜନ କରିଥାଆନ୍ତି । ସେହିଭଳି ନିମ୍ବଫଳକୁ ଖରାରେ ଶୁଖାଇ ସେଗୁଡିକୁ ଗୁଣ୍ଡକରି ପାଣିରେ ସିଝାଯାଇଥାଏ । ସେଥିରୁ ତେଲ ବାହାର କରାଯାଇଥାଏ । ନିମ୍ବ ତେଲରେ ଅନେକ ଔଷଧୀୟଗୁଣ ଥିବାରୁ ଏମାନେ ସେ ତେଲକୁ ପ୍ରସ୍ତୁତ କରି ନିଜେ ବ୍ୟବହାର କରିବା ସଙ୍ଗେ ସଙ୍ଗେ ହାଟ ବଜାରରେ ବିକ୍ରି କରିଥାଆନ୍ତି । ସେହିଭଳି କୁସୁମ, ଜଡା ଓ କରଞ୍ଜ ମଞ୍ଜିକୁ ଖରାରେ ଶୁଖାଇ ଗୁଣ୍ଡ କରିବା ପରେ ପାଣିରେ ସିଝାଯାଇଥାଏ । ତା'ପରେ ସେଥିରୁ ତେଲ ବାହାର କରାଯାଏ । ନିଜର ଆବଶ୍ୟକତାକୁ ଆଖି ଆଗରେ ରଖି ନିଜ ପାଇଁ ତେଲ ରଖିବା ପରେ ଅବଶିଷ୍ଟ ତେଲକୁ ସେମାନେ ହାଟ ବଜାରରେ ବିକ୍ରି କରିଥାଆନ୍ତି ।

ନିମ୍ବ, କୁସୁମ, ଜଡା ଓ କରଞ୍ଜ ମଞ୍ଜିରୁ ପ୍ରସ୍ତୁତ ତେଲକୁ ଖରାରେ ଶୁଖାଇ ଅନେକ ଦିନ ପର୍ଯ୍ୟନ୍ତ ବୋତଲରେ ସାଇତି ରଖାଯାଇଥାଏ ।

ମଞ୍ଜି ସଂଗ୍ରହକରିବା ପାଇଁ ସେଭଳି କୌଣସି ସ୍ୱତନ୍ତ୍ର ସ୍ଥାନ ନିର୍ଦ୍ଧାରଣ କରାଯାଇଥାଏ । ରାଜୁଆରମାନେ ସାଧାରଣତଃ ଜଙ୍ଗଲରୁ ମଞ୍ଜି ସଂଗ୍ରହ କରିଥାଆନ୍ତି । ସଂଗ୍ରହ କରିବା ସମୟରେ ସେମାନଙ୍କ ମଧ୍ୟରେ କୌଣସି କଳି ଝଗଡା ହୋଇ ନଥାଏ । ଶାଳ ମଞ୍ଜିକୁ ବେପାରୀମାନଙ୍କୁ ବିକ୍ରି କରିଦେଇଥାଆନ୍ତି । ନିମ୍ବ, କୁସୁମ, କରଞ୍ଜ ଏବଂ ଜଡା ମଞ୍ଜିକୁ ବିକ୍ରୟ କରିବା ସହିତ ସେଥିରୁ ତେଲ ପ୍ରସ୍ତୁତ କରି ପାଖ ହାଟ ଓ ବଜାରରେ ବିକ୍ରୟ କରିଥାଆନ୍ତି । ସେଥିରୁ ମିଳୁଥିବା ଅର୍ଥ ଦୈନନ୍ଦନ ଗୁଜୁରାଣ ମେଣ୍ଟାଇବାରେ ଯତ୍ କିଞ୍ଚିତ୍ ସହାୟକ ହୋଇଥାଏ ।

ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ:

ଜଙ୍ଗଲରୁ ଝୁଣା ସଂଗ୍ରହ କରିବା ହେଉଛି ରାଜୁଆରମାନଙ୍କର ଏକ ପ୍ରଧାନ କାର୍ଯ୍ୟ । ବିଶେଷତଃ ଶାଳଗଛରୁ ଝୁଣା ସଂଗ୍ରହ କରାଯାଏ । ପ୍ରଥମେ ଶାଳଗଛ ଗଣ୍ଡିରେ ଥିବା ଡାଳ କିମ୍ବା ବକଳକୁ ଜୋରରେ ଟାଙ୍ଗିଆ ଦ୍ୱାରା ହାଣି ଦିଆଯାଇଥାଏ । ଏକମାସ କିମ୍ବା ଦୁଇମାସ ପରେ ସେହି ଗଛ ନିକଟକୁ ଯାଇ ରାଜୁଆରମାନେ ଝୁଣା ସଂଗ୍ରହ କରିଥାଆନ୍ତି । ଗଛର କ୍ଷତ ସ୍ଥାନରୁ ଏକ ରସ ବାହାରି ପବନରେ କଠିନ ହୋଇଯାଇଥାଏ । ଲୋକେ ସେହି କଠିନ ଅଂଶକୁ ହାଣି ଆଣନ୍ତି । ଯାହା ଝୁଣା ଭାବରେ ପରିଚିତ । ରାଜୁଆରମାନେ କହନ୍ତି ଯେ ଜୋରରେ ପବନ ବୋହିବା ସମୟରେ ଶାଳଗଛ ମୋଡି ହୋଇ ଏପଟ ସେପଟ ହେବା ଫଳରେ ମଧ୍ୟ ଗଛର ବକ୍‌କଳରେ ଫାଟ ସୃଷ୍ଟି ହୋଇଥାଏ । ଗଛର ରସ ଏହି ଫାଟ ମଧ୍ୟଦେଇ ବାହାରକୁ ଆସିବା ଫଳରେ ପବନ ସଂସ୍ପର୍ଶରେ ଟାଣ ହୋଇ ଜମାଟ ବାନ୍ଧିଯାଏ । ଶୁଖିଲା ପରେ ଏହାକୁ ଟାଙ୍ଗିଆରେ ହାଣି ସଂଗ୍ରହ କରାଯାଇଥାଏ । ଏହାକୁ ଦେବାଦେବୀଙ୍କ ପୂଜାରେ ବ୍ୟବହାର କରାଯାଇଥାଏ । ନିକଟସ୍ଥ ହାଟ, ବଜାର ଓ ଗାଁରେ ବୁଲି ବୁଲି ସେମାନେ ବିକ୍ରୟ କରିଥାଆନ୍ତି । ଗଛରୁ ଝୁଣା ସଂଗ୍ରହ କରିବା ସମୟରେ ରାଜୁଆରମାନଙ୍କ ମଧ୍ୟରେ ସେଭଳି କୌଣସି କଳିଝଗଡା ହୋଇନଥାଏ। ଝୁଣା ବହୁ ଦିନ ଧରି ରହେ। ଝୁଣାକୁ ଗୁଣ୍ଡ କରି ସେଥିରେ କେତେକ ଅଠାଦେଇ ଧୂପକାଠି ତିଆରି କରାଯାଇଥାଏ।

ରାଜୁଆରମାନେ ବର୍ଷ ମଧ୍ୟରେ ଦୁଇଥର ମହୁ ସଂଗ୍ରହ କରିଥାଆନ୍ତି । ଜ୍ୟେଷ୍ଠ ଓ କାର୍ତ୍ତିକ ମାସ ମହୁ ସଂଗ୍ରହ ପାଇଁ ପ୍ରକୃଷ୍ଟ ସମୟ। ଦଳଗତ ଭାବେ ମହୁ ସଂଗ୍ରହ କରିବା ସଙ୍ଗେ ସଙ୍ଗେ କେତେକ କ୍ଷେତ୍ରରେ ବ୍ୟକ୍ତିଗତ ଭାବେ ମଧ୍ୟ ସଂଗ୍ରହ କରିଥାଆନ୍ତି । ରାଜୁଆରମାନେ ସାଧାରଣତଃ ବାଘୁଆମହୁ, କାଞ୍ଜିଆ ମହୁ, ଛତ୍‌ରାଳୀ ମହୁ, ଲୁତିମହୁ ଓ କାଠିଆ ମହୁକୁ ଜଙ୍ଗଲରୁ ସଂଗ୍ରହ କରିଥାଆନ୍ତି ।

ମହୁମାଛିକୁ ଘଉଡାଇବା ପାଇଁ ରାଜୁଆରମାନେ ସାଧାରଣତଃ ମନ୍ତ୍ରର ସାହାଯ୍ୟ ନେଇଥାଆନ୍ତି । କେତେକ ସ୍ଥଳେ ଏକ ପ୍ରକାର ଜଙ୍ଗଲୀ ଚେରକୁ ମହୁଫେଣା ନିକଯରେ ଜାଳି ଦେଇଥାଆନ୍ତି । ଚେରମୂଳୀ ଔଷଧକୁ ପୋଡିବା ଫଳରେ ତା'ର ଗନ୍ଧରେ ମହୁମାଛି ଛାଡି ପଳାଇଯାଆନ୍ତି । କିନ୍ତୁ ବାଘୁଆ ମହୁ ସଂଗ୍ରହ କରିବା ସମୟରେ ସ୍ୱତନ୍ତ୍ର ଭାବେ ସତର୍କତା ଅବଲମ୍ବନ କରିବାକୁ ପଡିଥାଏ ।

ବାଘୁଆ ମହୁମାଛିମାନେ ଅନ୍ୟ ମହୁମାଛିଙ୍କ ଠାରୁ ମାରାତ୍ମକ ଏକ ଶକ୍ତିଶାଳୀ ଗୋଷ୍ଠୀ । ବାଘୁଆ ମହୁକୁ ସାଧାରଣତଃ ରାତ୍ରିରେ ସଂଗ୍ରହ କରାଯାଇଥାଏ । ଦିନରେ କୌଣସି ଉପାୟରେ ଏମାନଙ୍କୁ ଆୟତ୍ତ କରିହୁଏ ନାହିଁ । ଗଛ ଡାଳରେ, ଗଛ କୋରଡରେ କିମ୍ବା ପଥର ଖୋଲରେ ଫେଣା ତିଆରି କରିଥାଆନ୍ତି । ମହୁକୁ ଠାବ କରିବା ପରେ ଗଛ ମୂଳକୁ ପ୍ରଥମେ ପରିଷ୍କାର ଓ ପରିଚ୍ଛନ୍ନ କରାଯାଇଥାଏ । ଯୋଜନାବଦ୍ଧ ଭାବେ କୌଣସି ଏକ ରାତ୍ରିରେ ମହୁ ସଂଗ୍ରହ ପାଇଁ ପ୍ରସ୍ତୁତି କରାଯାଇଥାଏ । ଗଛ ନିକଟକୁ ଯିବା ପୂର୍ବରୁ ଏକ ଲମ୍ବା ବାଉଁଶର ଅଗ୍ରଭାଗରେପତ୍ର, କୁଟା, କାଠି ଇତ୍ୟାଦି ବାନ୍ଧି ନିଆଁ ଲଗାଇ ଦିଆଯାଏ । ତା'ପରେ ମହୁଫେଣା ତଳେ ଜଳନ୍ତା ନିଆଁକୁ ଦେଖାଇ ଦିଆଯାଏ । ନିଆଁର ଉତ୍ତାପ ସହ୍ୟ କରି ନ ପାରି ମହୁମାଛି ଉଡି ବାହାରକୁ ଚାଲିଯଆନ୍ତି । ଏମାନେ ପ୍ରତିହିଂସାତ୍ମକ ହୋଇଥିବାରୁ ନିଆଁ ଜାଳିଲେ ବି ଗୋଡେଇ ଗୋଡେଇ ମଣିଷଙ୍କୁ ମାରି ପକାନ୍ତି । ତେଣୁ ରାଜୁଆରମାନେ ମହୁଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ମହୁ ସଂଗ୍ରହକାରୀ ନିଜ ଦେହରେ ମହୁ ବୋଳିହୋଇ ଗଛରେ ଚଢ଼ିଥାଏ । ମହୁମାଛି ମରିବେ ଦେହରେ ବସି ମହୁ ଶୋଷିବାରେ ଲାଗନ୍ତି । କିନ୍ତୁ ସେହି ସମୟରେ ଆଉ ମାରିପାରନ୍ତି ନାହିଁ । ପରେ ଟିଫିନ୍ ଆଦି ପାତ୍ରରେ ମହୁ ସଂଗ୍ରହ କରିଥାଆନ୍ତି । ଫେଣାକୁ ଯତ୍ନ ସହକାରେ ଚିପୁଡି ମହୁ ଓ ମହଣକୁ ଅଲଗା କରିଥାଆନ୍ତି । ମହୁ ସଂଗ୍ରହ ପୂର୍ବରୁ ଜଙ୍ଗଲ ଦେବତା ବାବା ବଜିନାଥଙ୍କୁ ସ୍ମରଣ କରି ମହୁ ସଂଗ୍ରହ କରିଥାଆନ୍ତି ।

ମହୁକୁ ସାଧାରଣତଃ ସିଧାସଳଖ ଖାଇଥାଆନ୍ତି । ଔଷଧ ପ୍ରସ୍ତୁତିରେ ଏହା ବ୍ୟବହୃତ ହୋଇଥାଏ। ମହୁକୁ ଏମାନେ ନିକଟସ୍ଥ ହାଟ ଓ ବଜାରରେ ବିକ୍ରୟ କରିଥାଆନ୍ତି। ଲିଟର ପ୍ରତି ଷାଠିଏ ଟଙ୍କା / ସତୁରି ଟଙ୍କାରେ ବିକ୍ରୟ କରି ଚାଉଳ, ଡାଲି ଇତ୍ୟାଦି ଖାଦ୍ୟଦ୍ରବ୍ୟ କିଣିଥାଆନ୍ତି। ମହୁକୁ କାଚ ବୋତଲରେ ରଖି ଅନେକ ଦିନ ପର୍ଯ୍ୟନ୍ତ ସାଇତି ରଖାଯାଇଥାଏ।

ଭବିଷ୍ୟତରେ ମହୁ ସଂଗ୍ରହ ପାଇଁ ସେମାନେ ରକ୍ଷଣାବେକ୍ଷଣ ପଦ୍ଧତି ଅବଲମ୍ବନ କରିଥାଆନ୍ତି। ତେଣୁ ମହୁ ଫେଣାକୁ କାଟିବା ସମୟରେ ଗଛ ଦେହରେ ଲାଗିଥିବା ଅଗ୍ରଭାଗରୁ କିଛି ଅଂଶ ଛାଡି ଦିଆଯାଇଥାଏ। କିଛି ସମୟ ପରେ ଉଡିଯାଇଥିବା ମହୁମାଛି ପୂର୍ବସ୍ଥାନକୁ ଫେରି ନିଜ ବସା ଖୋଜିଥାଏ। ଶେଷରେ ବସାର ନମୂନା ମଧ୍ୟ ପାଇଥାଏ। ମହୁମାଛିମାନେ ପୂର୍ବପରି ଫୁଲରୁ ଫୁଲକୁ ଯାଇ ମହୁ ସଂଗ୍ରହ କରିଥାଆନ୍ତି। ସେଠାରେ ପୁନଃ ଫେଣା ତିଆରି କରିବା ଆରମ୍ଭ କରିଦିଅନ୍ତି। ସେହି ଫେଣାରେ ମହୁ ସଂଚୟ କରିଥାଆନ୍ତି।

ମହୁ ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର ଭାବେ କ୍ଷେତ୍ର ନିରୂପଣ କରାଯାଇ ନ ଥାଏ। ମହୁ ସଂଗ୍ରହ କରିବା ବେଳେ କୌଣସି ପ୍ରକାରର କଳିଗୋଳ ସୃଷ୍ଟି ହୋଇ ନ ଥାଏ। ବଂଶ, ଗୋତ୍ର କିମ୍ବା ସଂସ୍କୃତିଗତ କୌଣସି ଅଧିକାର ନାହିଁ। ମହୁପେଣାରୁ ମହୁ ବାହାର କରି ମାଣରେ କିମ୍ବା କାଚ ବୋତଲରେ ମାପି ପାଖ ହାଟ ଓ ବଜାରରେ କିମ୍ବା ଗାଁଗଣ୍ଡା ବୁଲି ସେମାନେ ବିକ୍ରି କରିଥାଆନ୍ତି । ବିକ୍ରି କରି ସେଥିରୁ କିଛି ଅର୍ଥ ଉପାର୍ଜନ କରି ଦୈନନ୍ଦିନ ଜୀବନକୁ ଅତିବାହିତ କରିଥାଆନ୍ତି।

ଶିକାର:

ଜଙ୍ଗଲ ଅର୍ଥନୀତି ଉପରେ ନିର୍ଭର କରିଚଳୁଥିବା ରାଜୁଆରମାନଙ୍କର ମୁଖ୍ୟ ଜୀବିକା ମଧ୍ୟରେ ଶିକାର ଅନ୍ୟତମ । ଚୈତ୍ର-ବୈଶାଖ ମାସ ଶିକାର କରିବା ପାଇଁ ପ୍ରକୃଷ୍ଟ ସମୟ । ଏହି ସମୟରେ ଜଙ୍ଗଲ ବୃକ୍ଷରୁ ସାଧାରଣତଃ ପତ୍ର ଝଡି ଯାଇ ଜଙ୍ଗଲଟି ଫାଙ୍କା ଦିଶୁଛି । ଶୁଷ୍କ ପଲ୍ଲବରେ ବନଭୂଇଁ ପୂରିଯାଇଛି । ଜଙ୍ଗଲ ମଧ୍ୟରେ ଦୌଡି ପଶୁ ଶିକାର କରିବା ପାଇଁ ସହଜ ହୋଇଥାଏ । ବ୍ୟକ୍ତିଗତ କିମ୍ବା ସାମୁହିକ ଭାବେ ଶିକାର କରାଯାଇଥାଏ । ପଶୁପକ୍ଷୀଙ୍କର ମାଂସ ଖାଇବା ସଙ୍ଗେ ସଙ୍ଗେ ସେମାନଙ୍କର ଚମଡା, ଦାନ୍ତ, ହାଡ, ନକ ଇତ୍ୟାଦି ସଂଗ୍ରହ କରିବା ପାଇଁ ଶିକାର କରାଯାଇଥାଏ । ହିଂସ୍ରଜନ୍ତୁଙ୍କ କବଳରୁ ଗୃହପାଳିତ ପଶୁକୁ ରକ୍ଷା କରିବା ଏବଂ ଅନ୍ୟ ଜୀବଜନ୍ତୁ ତଥା ମନୁଷ୍ୟଙ୍କୁ ସୁରକ୍ଷା ଦେବା ସକାଶେ ହିଂସ୍ର ଜନ୍ତୁମାନଙ୍କୁ ଶିକାର କରାଯାଇଥାଏ । ଶିକାର କରିବାରେ ଶିକାରୀ ମନ ଆନନ୍ଦରେ ନାଚି ଉଠେ । ଶିକାର କରିବା ପୂର୍ବରୁ ଜଙ୍ଗଲ ଦେବତା ବାବା ବଜିନାଥଙ୍କୁ ସମସ୍ତେ ସ୍ମରଣ କରିଥାଆନ୍ତି ।

ସାଧାରଣତଃ ରାଜୁଆରମାନେ ଶିକାରୀ ସାଜି ଜଙ୍ଗଲରୁ ବିଭିନ୍ନ ପଶୁପକ୍ଷୀ ଶିକାର କରିଥାଆନ୍ତି। ତେଣୁ ଶିକାରରେ ସଂପୃକ୍ତ ଜୀବଜନ୍ତୁମାନଙ୍କ ମଧ୍ୟରେ ବାରହା(ବାରହା), ହରିଣ (ହରିନ୍), କୁଟୁରା(କଟାରା), ସମ୍ବର(ସମର୍), ଗୟଲ(ଗୟଲ), ଠେକୁଆ(ଖେଳିଆ), ନେଉଳ(ନେଉଲା), ଗୋଧି(ଗଧି), କଇଁଛ(କାଛିମ୍), ବଣକୁକୁଡା(ବନ୍ ଖୁକ୍ଡି), ମୟୂର(ମେଜୁର୍), ଭାଲୁ(ଭାଲୁକ୍), ବାଘ (ବାଗ୍) ଇତ୍ୟାଦି ପ୍ରଧାନ।

ଉପରୋକ୍ତ ଜୀବଜନ୍ତୁକୁ ଶିକାର କରିଥାଆନ୍ତି। ସେମାନଙ୍କର ମାଂସକୁ ଭାଗ ଭାଗ କରି ନେଇଥାଆନ୍ତି। ଶିକାର କ୍ଷେତ୍ରରେ ଅନେକ କୌଶଳ ପ୍ରୟୋଗ କରି ପଶୁପକ୍ଷୀଙ୍କୁ ଆୟତ୍ତ କରିଥାଆନ୍ତି।

ରାଜୁଆରମାନେ ସାଧାରତଃ ଶିକାରକୁ ଦୁଇ ପ୍ରକାରର ବୋଲି ମତ ଦେଇଥାଆନ୍ତି । ପ୍ରଥମତଃ ବ୍ୟକ୍ତିଗତ ଶିକାର ଦ୍ୱିତୀୟତଃ ଗୋଷ୍ଠୀଗତ ବା ସାମୁହିକ ଶିକାର । ଅଧିକାଂଶ ସମୟରେ ରାଜୁଆରମାନେ ମିଳିମିଶି ଶିକାର କରିବାକୁ ଯାଇଥାଆନ୍ତି । ଗୋଷ୍ଠୀଗତ ଶିକାରରେ ବେଳେବେଳେ ଅଧିକ ସଂଖ୍ୟକ ଲୋକଥିଲାବେଳେ ଅନ୍ୟ ଗୋଷ୍ଠୀଗତ ଶିକାରରେ କମ୍ ସଂଖ୍ୟକ ଲୋକ ଥାଆନ୍ତି । ଦଳବଦ୍ଧ ହୋଇ ଶିକାର କରିବାକୁ ଏମାନେ ପସନ୍ଦ କରିଥାଆନ୍ତି । ତେଣୁ ଗୋଷ୍ଠୀଗତ ଶିକାର ଅନେକାଂଶରେ ସହଜ ଏବଂ ଫଳପ୍ରସୂ ହୋଇଥାଏ ।

ବର୍ଷର ଚୈତ୍ର ଏବଂ ବୈଶାଖ ମାସରେ ଶିକାର କରାଯାଇଥାଏ । ଏହି ସମୟରେ ଜଙ୍ଗଲରେ ଥିବା ଗଛଗୁଡିକରୁ ପତ୍ର ଝଡିଥାଏ । ଘଞ୍ଚ କମିଯାଇଥାଏ । ପୋଡୁଚାଷ ପାଇଁ ଜଙ୍ଗଲ ସଫା କାର୍ଯ୍ୟ ଏହି ସୟମରେ ଜଙ୍ଗଲରେ ଥିବା ଗଛଗୁଡିକରୁ ପତ୍ର ଝଡିଥାଏ । ଘଞ୍ଚ କମିଯାଇଥାଏ । ପୋଡୁଚାଷ ପାଇଁ ଜଙ୍ଗଲ ସଫା କାର୍ଯ୍ୟ ଏହି ସମୟରେ ପ୍ରାୟ ଶେଷ ହୋଇଯାଇଥାଏ । ବୁଦା ସବୁ ସଫା କରାଯାଇ ଥାଏ । ଫଳରେ ଜନ୍ତୁମାନଙ୍କୁ ଶିକାର କରିବା ସହଜ ହୋଇଥାଏ । ଜଙ୍ଗଲରେ ଯାତାୟାତ ସମୟରେ ପଶୁମାନଙ୍କର ପାଦ ଚିହ୍ନକୁ ଦେଖିଥାଆନ୍ତି । ପାଦଚିହ୍ନରୁ ପଶୁକୁ ଚିହ୍ନି ଥାଆନ୍ତି । ସେହି ଅନୁସାରେ ପାଦ ଚିହ୍ନକୁ ଅନୁସରଣ କରି ପଶୁ ନିକଟରେ ପହଞ୍ଚିଥାଆନ୍ତି । ତା'ପରେ ବନ୍ଧୁକ, ବର୍ଚ୍ଛା, ତୀର ଇତ୍ୟାଦି ସହାୟତାରେ ପଶୁକୁ ଶିକାରକରିବାରେ ସଫଳତା ହାସଲ କରିଥାଆନ୍ତି । ରାତ୍ରିରେ ବମ୍ ଫୁଟାଇ, ଟର୍ଚ୍ଚ ମାରି ଏବଂ ବିଷଦେଇ ମଧ୍ୟ ପଶୁମାନଙ୍କୁ ଶିକାର କରାଯାଇଥାଏ । ସ୍ୱତନ୍ତ୍ର ଭାବରେ ଜଣେ ବ୍ୟକ୍ତି ମାରିଥାଏ କିମ୍ବା ଅନ୍ୟମାନଙ୍କ ସହାୟତାରେ ଶିକାର କରାଯାଇଥିବା ପଶୁର ମାଂସକୁ ସମାନ ଭାବରେ ବଣ୍ଟନ କରାଯାଇଥାଏ । ଶିକାର ପୂର୍ବରୁ ଜଙ୍ଗଲର ଅଧିଷ୍ଠାତା ଦେବତା ବାବା ବଙ୍ଗିନାଥଙ୍କୁ ସମସ୍ତେ ସ୍ମରଣ କରିଥାଆନ୍ତି । ଫଳରେ ଶିକାର ସଫଳ ହୋଇଥାଏ ବୋଲି ସେମାନଙ୍କର ବିଶ୍ୱାସ ।

ଗ୍ରୀଷ୍ମଋତୁରେ ଜଙ୍ଗଲରେ ଥିବା ବୃକ୍ଷରାଜିରୁ ପତ୍ର ଝଡିଯାଇଥାଏ । ସ୍ଥାନେ ସ୍ଥାନେ ପୋଡୁଚାଷ ପାଇଁ ଜଙ୍ଗଲ ସଫା କରାଯାଇଥାଏ । ଜଙ୍ଗଲର ଘଞ୍ଚ କମିଯାଇଥାଏ । ଏହି ସମୟରେ ଜଙ୍ଗଲ ସଫା ଦିଶିଥାଏ । ଏହି ସମୟରେ କୃଷିକାର୍ଯ୍ୟ ପ୍ରାୟ ନ ଥାଏ । ଗୋଷ୍ଠୀଗତ ବା ସାମୁହିକ ଶିକାର ଏକ ଆମୋଦଦାୟକ ହୋଇଥିବାରୁ ଚୈତ୍ର-ବୈଶାକ ମାସରେ ଶିକାର କରିବାକୁ ରାଜୁଆରମାନେ ଯାଇଥାଆନ୍ତି ।

ମକର ସଂକ୍ରାନ୍ତି ପରେ ଜଙ୍ଗଲକୁ ଶିକାରକୁ ଯିବା ପୂର୍ବରୁ ଗ୍ରାମଦେବତା ବଇଚାପାଟଙ୍କ ନିକଟରେ ଏକ ପୂଜା ହୋଇଥାଏ । ଏହା ମାଘ ମାସରେ ହୋଇଥିବାରୁ

ଏହାକୁ ସେମାନେ ମାଘପୂଜା ବୋଲି କହିଥାଆନ୍ତି । ଏହି ପୂଜା ନ ହେବାଯାଏ କୌଣସି ବ୍ୟକ୍ତି ଶିକାରକୁ ଯାଇପାରିବ ନାହିଁ । ତେଣୁ ଶିକାର ଯିବାର କିଛିଦିନ ପୂର୍ବରୁ ଗାଁରେ ଏକ ବୈଠକ ବସିଥାଏ । ଶିକାର ପାଇଁ ଦିନ ଧାର୍ଯ୍ୟ ଏବଂ ପୂଜା ବିଧି ପାଇଁ ଚାନ୍ଦା ଆଦାୟ କରିଥାଏ । ପୂଜାଦିନ ସମସ୍ତେ ଅସ୍ତ୍ରଶସ୍ତ୍ର ଧରି ଗ୍ରାମ ଦେବତା ବଇଚାପାଟଙ୍କ ଆସ୍ଥାନ ନିକଟକୁ ଯାଇଥାଆନ୍ତି । ଦେହୁରୀ ମଧ୍ୟ ସକାଳୁ ପୂଜା ସାମଗ୍ରୀ ସହ ଧଳଖଦୀ ପିନ୍ଧି ସେ ପୂଜାସ୍ଥଳୀରେ ପହଞ୍ଚିଥାଏ । ଅରୁଆଚାଉଳ, ସିନ୍ଦୁର, ଧୂପ, ଦୀପ, ଉଖୁଡା, ମିଠେଇ, କଦଳୀ, ଖିର, ଗୁଡ, ଗଞ୍ଜେଇ ଇତ୍ୟାଦି ଦେଇ ପୂଜା ଆରାଧନା କରାଯାଇ ଗ୍ରାମ ଦେବତାଙ୍କୁ ସନ୍ତୁଷ୍ଟ କରିଥାଏ ଗ୍ରାମପୂଜକ ଦେହୁରୀ । ନିଜ ନିଜର ଅସ୍ତ୍ରଶସ୍ତ୍ରକୁ ସେଠାରେ ସଜାଡି ରଖିଥାଆନ୍ତି । ପୂଜା ମଧ୍ୟରେ ଉକ୍ତ ପୂଜାକୁ ଆଖି ଆଗରେ ରଖି ଭଲ ଶିକାର ମିଳିବା, ହିଂସ୍ରଜନ୍ତୁଙ୍କ ଦ୍ୱାରା ଆକ୍ରମଣ ନ ହେବା, ନିଜ ଅସ୍ତ୍ର ଦ୍ୱାରା ଆଘାତ ନ ପାଇବା ଇତ୍ୟାଦି ବିଷୟ ଗ୍ରାମଦେବତାଙ୍କୁ ଜଣାଇଥାଆନ୍ତି । ପୂଜାର ଅନ୍ତିମ ଭାଗରେ ଗୋଟିଏ ଛେଳି ବୋଦାକୁ ବଳୀ ଦିଆଯାଇଥାଏ ।

ଶିକାର କ୍ଷେତ୍ରରେ ଶୁଭାଶୁଭ ସଂକେତ :

- ଶିକାରକୁ ଗଲାବେଳେ ରାଜୁଆରମାନେ କେତେକ ଶୁଭାଶୁଭ ସଂକେତ ପ୍ରତି ଦୃଷ୍ଟି ଦେଇଥାଆନ୍ତି । ସେଥି ମଧ୍ୟରୁ କେତୋଟି ନିମ୍ନରେ ପ୍ରଦାନ କରାଗଲା ।
- ଘରୁ ବାହାରିବା ସମୟରେ ଯଦି ପଛରୁ କିଏ ଡାକିଥାଏ, ତେବେ ତାହା ଶିକାର କ୍ଷେତ୍ରରେ ଅଶୁଭ ବୋଲି ଧରାଯାଇଥାଏ ।
- ପଛରୁ କିମ୍ବା ଆଗରେକୌଣସି ବ୍ୟକ୍ତି ଛିଙ୍କିଲେ ଶିକାର ପାଇଁ ଅଶୁଭ ।
- ଯିବା ବାଟରେ ଯଦି ସାପଟିଏ ବାମରୁ ଡାହାଣକୁ ଗତି କରିଥାଏ, ତେବେ ତାହା ଅଶୁଭ ବୋଲି ଧରାଯାଏ ।
- ସେହିଭଳି ସାପଟିଏ ଯଦି ଡାହାଣରୁ ବାମକୁ ଗତି କରିଥାଏ, ତାହା ଶୁଭବୋଲି ଧରାଯାଇଥାଏ ।
- ବାହାରିବା ସମୟରେ ଯଦି କେହି 'କୁଆଡେ ଯାଉଛୁ' ବୋଲି ପଚାରନ୍ତି, ତେବେ ତାହା ଶିକାର କ୍ଷେତ୍ରରେ ଅଶୁଭ ।
- ଛାଗାର ନାମ ଧରି ଅର୍ଥାତ୍ "ତୁ ଶିକାରକୁ ଯାଉଛୁ କି ?" ପଚାରିଲେ ଶିକାର ପାଇଁ ଶୁଭ ବୋଲି ଧରାଯାଏ ।

- ଘରୁ ବାହାରିବା ସମୟରେ ଧଳାଦ୍ରବ୍ୟ କିମ୍ବା ଧଳାରଙ୍ଗର ଜୀବ ଦେଖିଲେ ଶୁଭ।
- ଘରୁ ବାହାରିବା ସମୟରେ ଧୋବା ଯଦି ମଇଳା ଲୁଗା ନେଇ ଚୁଠକୁ ଯାଉଥାଏ, ତାହାହେଲେ ଅଶୁଭ ।
- ସେହିଭଳି ଧୋବା ଯଦି ସଫା ଲୁଗା ଧରି ଫେରୁଥାଏ, ତାହାହେଲେ ଶିକାର କ୍ଷେତ୍ରରେ ତାହା ଶୁଭ ହୋଇଥାଏ ।

ଏହିଭଳି କେତେକ ଶୁଭାଶୁଭ ସଙ୍କେତ ପ୍ରତି ଶିକାରକୁ ଗଲାବେଳେ ଦୃଷ୍ଟି ଦେଇଥାଆନ୍ତି ।

ଜଙ୍ଗଲର କେଉଁ ଅଞ୍ଚଳ ଶିକାର ପାଇଁ ଉପଯୁକ୍ତ ହେବ ଏବଂ କେଉଁ କେଉଁ ସ୍ଥାନକୁ ଯିବାକୁ ହେବ ସେ ବିଷୟ ଆଗରୁ ଆଲୋଚନା କରାଯାଇଥାଏ । ଜଙ୍ଗଲରେ ଶିକାର ପୂର୍ବରୁ ଜଙ୍ଗଲ ଦେବତା ବାବା ବଜିନାଥଙ୍କ ନିକଟକୁ ସମେସ୍ତ ଭକ୍ତି ଭରେ ପ୍ରଣାମ କରିଥାଆନ୍ତି । ଶିକାର ସଫଳ ପାଇଁ ଆବେଗ ଭରେ ଜଣାଇଥାଆନ୍ତି । ପରେ ଧାଡି ବାନ୍ଧି ସଠିକ୍ ଜାଗାରେ ଉପସ୍ଥିତ ହୋଇଯାଆନ୍ତି । ପରେ ଧାଡି ବାନ୍ଧି ସଠିକ ଜାଗାରେ ଉପସ୍ଥିତ ହୋଇଯାଆନ୍ତି । ହାତରେ ଏମାନେ ଧନୁତୀର, ବର୍ଚ୍ଛା, ବନ୍ଧୁକ ଇତ୍ୟାଦି ଧରି ଛକି ବସିଥାଆନ୍ତି । ଧାଡି ଧାଡି କରି ସଜାଇ ହୋଇ କୌଣସି ଗଛ କିମ୍ବା ବୁଦା ଆଢୁଆଳରେ ଛୁଟି ବସଥାଆନ୍ତି । ଏହାର ଠିକ୍ ଅନ୍ୟ ପଟରୁ ଆଉ ଅଧା ଶିକାରୀ ଲୋକ ପାଟିତୁଣ୍ଡ କରି ଠେଙ୍ଗା ବାଡି, ଅସ୍ତ୍ରଶସ୍ତ୍ର ଧରି ଜୀବଜନ୍ତୁଙ୍କୁ ଗୋଡାଇଥାଆନ୍ତି । କୌଣସି ଜନ୍ତୁ ଶିକାରୀମାନଙ୍କୁ ଅତିକ୍ରମ କରିବାକୁ ଚାହିଁଲାବେଳେ ଚଟ୍‌କ୍ଷଣାତ୍ ଏମାନେ ଜନ୍ତୁଟିକୁ ଅସ୍ତ୍ରଶସ୍ତ୍ର ଦ୍ୱାରା ଆଘାତ କରି ନିଜର କରାୟତ କରିଥାଆନ୍ତି । କୌଣସି ବ୍ୟକ୍ତି ଗୋଟିଏ ଜନ୍ତୁକୁ ଶିକାର କରିବା ପରେ ସେ ବଡ ପାଟିରେ ଓ ଖୁବ୍ ଆନନ୍ଦରେ ଅନ୍ୟମାନଙ୍କୁ ଡାକି ଜଣାଇ ଦେଇଥାଏ । ଯଦି ପ୍ରଥମ ଧାଡି ଶିକାରୀମାନଙ୍କ ଠାରୁ ଜନ୍ତୁଟି ଖସି ପଳାଇ ଆସିଥାଏ, ତେବେ ସେମାନେ ବଡ ପାଟିରେ ଡାକି ଜଣାଇ ଦେଇଥାଆନ୍ତି । ଫଳରେ ଦ୍ୱିତୀୟ ଧାଡିର ଶିକାରୀମାନେ କୌଶଳ ଭାବରେ ଚତୁର ହୋଇ ଜନ୍ତୁଟିକୁ ଶିକାର କରିଥାଆନ୍ତି ।

ଶେଷ ପର୍ଯ୍ୟାୟରେ ସେମାନେ ମାରିଥିବା ଶିକାରକୁ କାନ୍ଧାଇ ଗୀତ ଗାଇ ଗାଇ ଏବଂ ଖୁବ୍ ଜୋରରେ ପାଟକରି ଗାଁକୁ ଫେରିଥାଆନ୍ତି । ଗାଁରେ ପହଞ୍ଚି ଜନ୍ତୁଟିର ମାଂସ କଟାଯାଇଥାଏ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ମାଂସକୁ ବଣ୍ଟନ କରାଯାଇଥାଏ ।

ଜନ୍ତୁଟିକୁ ମାରିଥିବା ବ୍ୟକ୍ତିକୁ ସ୍ୱତନ୍ତ୍ର ଭାବରେ ଗୋଟିଏ ଛୋଟ ପୁଡିଆ ମାଂସ ବା ପଞ୍ଜରା ହାଡର ମାଂସ ଅଳ୍ପ ଦିଆଯାଇଥାଏ । ସାଧାରଣତଃ ରାଜୁଆର ପୁରୁଷମାନେ ଶିକାରକୁ ବେଶୀ ପସନ୍ଦ କରିଥାଆନ୍ତି । ସେଥିପାଇଁ ସାମୁହିକ ଭାବେ ସମସ୍ତେ ଶିକାରକୁ ଯିବା ପାଇଁ ଆଗ୍ରହ ପ୍ରକାଶ କରିଥାଆନ୍ତି । ଶିକାର ସେମାନଙ୍କ ପାଇଁ କ୍ରୀଡା ସଦୃଶ ଏବଂ ଆମୋଦ ପ୍ରମୋଦର କାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଶିକାର କରିବା ପାଇଁ ରାଜୁଆରମାନେ ବିବିଧ ଉପାୟ ଅବଲମ୍ବନ କରିଥାଆନ୍ତି । ସେଥି ମଧ୍ୟରୁ ଅସ୍ତ୍ରଶସ୍ତ୍ର ଦ୍ୱାରା ଶିକାର, ଯନ୍ତ୍ରା ଦ୍ୱାରା ଶିକାର, ଫାଶ ଦ୍ୱାରା ଶିକାର ଏବଂ ବିଷ ଦେଇ ଜନ୍ତୁ ଶିକାର ଇତ୍ୟାଦି ।

ରାଜୁଆରମାନେ ବ୍ୟକ୍ତିଗତ ବା ଗୋଷ୍ଠୀଗତ ଭାବରେ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ଶିକାର ପାଇଁ ବ୍ୟବହାର କରିଥାଆନ୍ତି। ସେହି ଅସ୍ତ୍ରଶସ୍ତ୍ର ମଧ୍ୟରେ ଧନୁତୀର (କାଣ୍ଡ ବାଁସ), ବର୍ଚ୍ଛା(ବଲମ୍ ଠେଙ୍ଗା), ଫାର୍ସା(ଟାଙ୍ଗି), ଟାଙ୍ଗିଆ(ଟାଙ୍ଗା), ଖଣ୍ଡା(ତରୱାଲ), ଛୁରୀ (ଛୁରା), ତୀର (ତିଆରୀ କାଣ୍ଡ) ଇତ୍ୟାଦି । ଏଥି ସହିତ ରାତ୍ରିରେ ଶିକାର ପାଇଁ ଟର୍ଚ୍ଚ ବ୍ୟବହାର କରାଯାଇଥାଏ। ଜନ୍ତୁର ମୁଖରେ ଟର୍ଚ୍ଚ ଲାଇଟ୍ ପଡିଗଲେ ହଠାତ୍ ଅଟକି ଯାଇଥାଏ। ଠିକ୍ ଏହି ସମୟରେ ବନ୍ଧୁକ, ତୀର ଇତ୍ୟାଦି ସାହାଯ୍ୟରେ ଜନ୍ତୁକୁ ଶିକାର କରାଯାଇଥାଏ।

କାଠ ଏବଂ ପଥର ଦ୍ୱାରା ନିର୍ମିତ ଏହି ଜନ୍ତାଟି ଦୁଇ ବଖରା ବିଶିଷ୍ଟ ହୋଇଥାଏ । ପ୍ରଥମ ବଖରାଟି ଶକ୍ତ କାଠରେ ତିଆରି କରାଯାଇଥାଏ । ଗୋଟିଏ ଛୋଟ କବାଟ ଶକ୍ତ କାଠରେ ତିଆରି କରାଯାଇଥାଏ । ଗୋଟିଏ ଛୋଟ କବାଟ ଏହି ବଖରାରେ ଲାଗିଥାଏ । ଏହା ଭିତରେ ଛେଳି କିମ୍ବା ଛେଳି ଛୁଆଟିଏ ରଖି ତାଲା ପକାଯାଇଥାଏ । ବଖରାଟିର ନିର୍ମାଣ ଏପରି କରାଯାଇଥାଏ ଯେ ଫଳରେ କାଠ ନିର୍ମିତ କାନ୍ଥ ମଧ୍ୟ ଦେଇ ସ୍ପଷ୍ଟ ଭାବରେ ଛେଳିଟି ଦେଖାଯାଉଥାଏ । ଠିକ୍ ସେହି ପାଖରେ ଅଣ ଓସାରିଆ କରି ଦୁଇ କଡରେ ଦୁଇଟି ପତର କାନ୍ଥ କରାଯାଇଥାଏ । ଏହା ଉପରେ ଶକ୍ତ କାଠର ଏକ ଛାତ ତିଆରି କରାଯାଇଥାଏ । ଛାତ ଉପରେ ବଡ ବଡ ପଥର ଖଣ୍ଡମାନ ଖଞ୍ଜି ଦିଆଯାଇଥାଏ । ଛାତକୁ ଟେକି ଧରିବା ପାଇଁ କୌଶଳକ୍ରମେ ଗୋଟଏ କାଠ ପଟା ତଳକୁ ଲାଗିଥାଏ ଯେପରି ପଟାଟିରେ ଟିକିଏ ଆଘାତ ହେବା କ୍ଷଣି ଛାତଟି ଖସିପଡିଥାଏ । ତେଣୁ ଏହି ଘରେ ଛେଳିଟିକୁ ରଖି ଦିଆଯାଇ ବାହାରେ ତାଲା ପକାଯାଏ । ଏକୁଟିଆ ଥିବାର ଛେଳିଯି ଜୋରରେ ରଡି ଛାଡେ । ଛେଳିର ରଡି ଶବ୍ଦ ଶୁଣି ବାଘ ଛେଳି ନିକଟରେ ପହଞ୍ଚିଯାଏ ।

ଛେଳିକୁ ଖାଇବା ପାଇଁ ବ୍ୟଗ୍ର ହୋଇପଡେ ବାଘ । ତେଣୁ ଛେଳିକୁ ଖାଇବାକୁ ଭାବି ବାଘ ଯନ୍ତା ମଧ୍ୟରେ ପ୍ରବେଶ କରି ପଟା ଉପରେ ପାଦଦେବା ମାତ୍ରେ ଛାତଟି ବାଘ ଉପରେ ଭାଙ୍ଗିପଡେ । ବଡ ବହ ପଥର ଆଘାତରେ ବାଘଟି ଅଣନିଶ୍ୱାସି ହୋଇଯାଏ ବା ଅଚଳ ହୋଇପଡେ । ବାଘ ଉପରେ ପଥର ଖଣ୍ଡଗୁଡିକ ଚାପି ହୋଇ ରହିଯାଏ । ଯନ୍ତାଟି ଏଭଳି ଭାବରେ ତିଆରି କରାଯାଇଥାଏ ଯେପରି ଖୁବ୍ ଅଣ ଓସାରିଆ ହୋଇଥାଏ । ବାଘଟି ମଧ୍ୟ ବୁଲି ପାରେ ନାହିଁ କିମ୍ବା ବଳ ପ୍ରୟୋଗ କରି ଯନ୍ତାରୁ ଖସି ଆସିପାରେ ନାହିଁ । ବେଳେବେଳେ ପଥର ଆଘାତରେ ବାଘଟି ମରିଯାଇଥାଏ ତ ବେଳେ ବେଳେ ବାଘଟି ଯନ୍ତା ମଧ୍ୟରେ ପଡିଥିବାର ଦେଖି ଶିକାରମାନେ ବିଭିନ୍ନ ଅସ୍ତ୍ରଶସ୍ତ୍ର ମାଧ୍ୟମରେ ଶିକାର କରିଥାଆନ୍ତି ।

ପ୍ରଥମେ ଶିକାରୀ ସାଜିଥିବା ରାଜୁଆରମାନେ ଜଙ୍ଗଲରେ ବିଚରଣ କରୁଥିବା ଜନ୍ତୁମାନଙ୍କର ରାସ୍ତାକୁ ଅନୁଧ୍ୟାନ କରିଥାଆନ୍ତି । ଜନ୍ତୁମାନେ ଯିବା ଆସିବା କରୁଥିବା ରାସ୍ତା ଉପରେ ଗୋଟିଏ ବଡ ଆକାରର ଗାତ ଖୋଳାଯାଏ । ଏହି ଗାତର ତଳ ଭାଗଟି ଅଣ-ଓସାରିଆ କରାଯାଇଥାଏ । ତଳ ଭାଗରେ ଶକ୍ତ କାଠର ତେଣ୍ଡା ପରି କୀଳା କରି ମୁନିଆ ଭାଗକୁ ଉପର ମୁହାଁ କରି ପୋତାଯାଇଥାଏ । ଗାତର ଉପର ଭାଗକୁ ତାଳପତ୍ର ଦେଇ ବନ୍ଦ୍ କରାଯାଇଥାଏ । ଉପରେ ମାଟି ବିଛାଇ ଦିଆଯାଏ, ଯେପରିକି ଏହି ସ୍ଥାନରେ କୌଣସି ଗାତ ଅଛି ବୋଲି ଜଣାପଡେ ନାହିଁ । ଏହି ଗାତକୁ 'ଗୋଇ' ବୋଲି କହନ୍ତି । ବାଟରେ ଗାତ ହୋଇଥିବାର କେହି ଜାଣି ପାରନ୍ତି ନାହିଁ । ଯେତେବେଳେ ବାଘ, ଭାଲୁ, ବାଗ୍ଘା, ହାତୀ ଇତ୍ୟାଦି ବଡ ବହ ଜନ୍ତୁ ସେହି ବାଟ ଦେଇ ଯାଆନ୍ତି, ଗୋଇ ଉପରେ ପାଦ ରଖିବା ମାତ୍ରେ ସିଧା ସଳଖ ଗୋଇର ମଧ୍ୟରେ ପଡି ଯାଆନ୍ତି ଏବଂ ଗୋଟିଆ କିଳା ଗୁଡିକ ଜନ୍ତୁର ଦେହରେ ଗଳିଯାଏ । ଫଳରେ ଜନ୍ତୁଟି ଅଧାମରା ବା ସଂପୂର୍ଣ୍ଣ ମରିଯାଏ । ତା' ପରଦିନ ଶିକାରୀମାନେ ସେହି ସ୍ଥାନକୁ ଯାଇ ଦେଖନ୍ତି ଯଦି ଜନ୍ତୁଟି ମରି ନ ଥାଏ, ତେବେ ଉପରୁ ଗୁଳି, ତେଣ୍ଡା, ବର୍ଚ୍ଛା ଦ୍ୱାରା ଜନ୍ତୁଟିକୁ ମାରିଥାଆନ୍ତି । ଜନ୍ତୁଟି ମରିଯିବା ପରେ ତାକୁ କାନ୍ଧାଇ ଗାଁକୁ ଆଣି ତା'ର ମାଂସକୁ କାଟି ଗ୍ରାମବାସୀଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ କରାଯାଇଥାଏ ।

ଫାସ ଦ୍ୱାରା ଏମାନେ ମଧ୍ୟ ଯନ୍ତୁ ଶିକାର କରିବାରେ ସିଦ୍ଧହସ୍ତ । ଜଙ୍ଗଲର ଜୀବଜନ୍ତୁ ଯିବା ଆସିବା କରୁଥିବା ବାଟ କଡରେ ଥିବା ଏକ ଗଛର ଅଗ୍ରଭାଗକୁ କାଟି ଦିଆଯାଇଥାଏ, ଯେପରି ବଙ୍କାଯାଇ ପାରୁଥିବା ଆବଶ୍ୟକ । ଗଛର ଅଗ୍ରଭାଗରୁ ଗୋଟିଏ ଶକ୍ତ ଦଉଡି ବାନ୍ଧି ଦିଆ ଯାଇଥାଏ । ସେହି ରସିକୁ ଯୁକ୍ତ ଫାସ ଟାଣି ଖଣ୍ଡିଏ କାଠି

ସାହାଯ୍ୟରେ ତଳେ ଏପରି ଭାବେ ଅଟକାଇ ରଖାଯାଇଥାଏ ଯେ କାଠିଟିକୁ ଛୁଇଁବା ମାତ୍ରେ କାଠିଟି ଛିଟିକି ପଡିଥାଏ ଓ କାଠି ସହ ସଂଯୁକ୍ତ ଫାସଟି ଚାପି ହୋଇଯାଏ । ଏହି ଫାସର ଉଭୟ ପାର୍ଶ୍ୱକୁ ଡାଳପତ୍ର ଦ୍ୱାରା ରାସ୍ତାକୁ ବନ୍ଦ୍ କରାଯାଇଥାଏ । ଯେତେବେଳେ ଠେକୁଆ, କୁଟୁରା ଆଦି ପଶୁ ଯେତେବେଳେ ଫାସ ମଧ୍ୟରେ ଗଳି ରାସ୍ତା ଅତିକ୍ରମ କରିବାକୁ ଚେଷ୍ଟା କରିଥାଆନ୍ତି କିମ୍ବା ଫାସର ଅପ ପାର୍ଶ୍ୱରେ ରଖାଯାଇଥିବା ଖାଦ୍ୟ ପଦାର୍ଥକୁ ଖାଇବାକୁ ଚେଷ୍ଟା କରନ୍ତି, ସେତେବେଳେ ସେମାନଙ୍କର ପାଦ କାଠି ଉପରେ ପଡିବାରୁ ଫାସଟି ଛିଯିକି ପଡେ ଓ ଜନ୍ତୁର ଗୋଡ କିମ୍ବା ବେକରେ ଚାପି ହୋଇଯାଏ । ଗଛଟି ଛିଟିକି ଠିଆ ହୋଇଯାଏ । ଫଳରେ ଜନ୍ତୁଟି ଗଛରେ ଫାସୀ ଦେବାଭଳି ଝୁଲି ପଡିଥାଏ । ତେଣୁ ଫାସ ଦ୍ୱାରା ଏହିଭଳି ଶିକାର ସମ୍ଭବ ହୋଇଥାଏ ।

ମୃତ ଛେଳି କିମ୍ବା କୁକୁଡା ପୁଟା ମଧ୍ୟରେ ବିଭିନ୍ନ ପ୍ରକାର କୀଟନାଶକ ଔଷଧ, ମୂଷାମରା ଔଷଧ ଭର୍ତ୍ତି କରାଯାଇ ଜୀବଜନ୍ତୁ ଆସୁଥିବା ସ୍ଥାନରେ ରଖିଦିଆଯାଏ । ଉକ୍ତ ବିଷଯୁକ୍ତ ପୁଟାକୁ ଯେଉଁ ପଶୁ ଖାଇଥାଏ, ସେ କିଛିବାଟ ଯିବା ପରେ ତଳେ ପଡି ମରିଯାଆନ୍ତି । ପରଦିନ ସକାଳୁ ଶିକାରୀମାନେ ଜନ୍ତୁଟିର ପଦଚିହ୍ନକୁ ଅନୁସରଣ କରି ଜନ୍ତୁଟି ମରି ପଡିଥିବା ସ୍ଥାନକୁ ଯାଇ ଜନ୍ତୁଟିକୁ ଘେନି ଆସନ୍ତି । ବାଘ, ଭାଲୁ, ବିଲୁଆ ଇତ୍ୟାଦି ମାଂସହାରୀ ଜନ୍ତୁକୁ ଏହି ଉପାୟରେ ଶିକାର କରାଯାଇଥାଏ । ତୃଣଭୋଜୀ ପ୍ରାଣୀମାନଙ୍କ ମଧ୍ୟରେ ଠେକୁଆ, କୁଟୁରା ଇତ୍ୟାଦିକୁ ଖାଦ୍ୟ ପଦାର୍ଥରେ ବିଷ ଦେଇ ଶିକାର କରାଯାଏ ନାହିଁ ।

ରାସ୍ତା ଉପରେ ଫାସ ବସାଇ ତା' ନିକଟରେ କିଛି ଶସ୍ୟ ବିଞ୍ଚି ଦିଆଯାଇଥାଏ । ଚଢ଼େଇମାନେ ଖାଦ୍ୟ ଖାଇବା ପାଇଁ ଚାଲି ଚାଲି ଯିବା ସମୟରେ ତାଙ୍କ ଗୋଡରେ ଫାସ ଲାଗିଯାଇଥାଏ । ଜାଲ / ଫାସ ମଧ୍ୟରେ ଖାଦ୍ୟ ଖାଇବା ସମୟରେ ଛିଟିକାଟି ଛିଟିକି ପଡେ । ଫଳରେ ପକ୍ଷୀଟିର ବେକରେ ଲାଗିଯାଏ । ଶିକାରୀ ପର ମୁହୂର୍ତ୍ତରେ ସେଠାକୁ ଆସି ଚଢ଼େଇକୁ ନେଇଯାଏ ।

ରାଜୁଆରମାନେ ଶିକାର କରିବା କେତେକ ଶିକାର ଉପକରଣ ବ୍ୟବହାର କରିଥାଆନ୍ତି । ସେହି ଶିକାର ଉପକରଣଗୁଡିକ ହେଲା : ଧନୁ (ଧେନୁକ୍), ତୀର (ଚିଆରି କାଣ୍ଡ), ବର୍ଚ୍ଛା (ବଲମ୍ ଠେଙ୍ଗା), ଫାର୍ସା (ଟାଙ୍ଗୀ), ଟାଙ୍ଗିଆ (ଟାଙ୍ଗା), ଖଣ୍ଡା (ତରୱାଇ), ଛୁରୀ (ଛୁରା) ଇତ୍ୟାଦି ।

ସେ ସମୟରେ ରାଜୁଆରମାନେ ଶିକାରକୁ ଗଲାବେଳେ କୁକୁରକୁ ସାଥିରେ ନେଇ ଯାଆନ୍ତି । ତେଣୁ ଛୋଟ ଦିନରୁ କୁକୁରକୁ ପୋଷା ମନାଇଥାଆନ୍ତି । ବିଭିନ୍ନ ପଶୁପକ୍ଷୀ ଦେଖି ଗୋଡାଇବା ଇତ୍ୟାଦି ଶିକ୍ଷା ଦେଇଥାଆନ୍ତି । କୁକୁର ବିଶେଷତଃ ଶିକାର କ୍ଷେତ୍ରରେ ବିଶେଷ ଭାବରେ ସହାୟକ ହୋଇଥାଏ । ସେଥିପାଇଁ ରାତ୍ରିରେ ଗଲାବେଳେ କୁକୁର ଗୋଡରେ ଘୁଙ୍ଗୁର ବାନ୍ଧି ଦିଆଯାଇଥାଏ । ଯେତେବେଳେ ଜୀବଜନ୍ତୁଙ୍କୁ ଦେଖନ୍ତି ତତ୍‌କ୍ଷଣାତ୍ ତାଙ୍କର ପଶ୍ଚାଧାବନ କରିଥାଆନ୍ତି । ଶିକାରୀମାନେ ଘୁଙ୍ଗୁରର ଶବ୍ଦ ଶୁଣିପାରି ଯଥା ସ୍ଥାନରେ ପହଞ୍ଚିଥାଆନ୍ତି । ଜନ୍ତୁର ପାଖକୁ ଆସିବା ମାତ୍ରେ ଜନ୍ତୁର ଆଖିକୁ ହଠାତ୍ ଟର୍ଚ୍ଚ ମାରିବା ଫଳରେ ଆଗକୁ ଯାଇ ନ ପାରି ସେହିଠାରେ ଅଟକି ଯାଏ । ଏହାର ସୁଯୋଗ ନେଇ ଗୁଳି ମାରି ଜନ୍ତୁକୁ ଶିକାର କରିଥାଏ । ଫଳରେ ଜନ୍ତୁଟି ସେହିଠାରେ ମରିଯାଇଥାଏ । ଜନ୍ତୁକୁ ଗାଁକୁ ବୋହିଆଣି ତା'ର ମାଂସକୁ ଗ୍ରାମବାସୀଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ କରାଯାଇଥାଏ ।

ଯିଏ ନିଗୀକ୍ଷଣ କରି ଜନ୍ତୁକୁ ଶିକାର କରିପାରେ ସେ ପ୍ରଶଂସାର ପାତ୍ର ହୋଇଥାଏ । ଯିଏ ଅନେକ ପରିଶ୍ରମ କରି ଗୁଳି ଅନେକ ନଷ୍ଟକରି ମଧ୍ୟ ଜନ୍ତୁ ମାରି ପାରିନଥାଏ, ତାକୁ ସମସ୍ତେ ନିନ୍ଦା କରିଥାଆନ୍ତି । ଜଙ୍ଗଲରୁ ପଶୁପକ୍ଷୀଙ୍କ ସଂଖ୍ୟା ଶିକାର ଦ୍ୱାରା କମିଯାଉଥିବାରୁ ବନ ବିଭାଗ ତରଫରୁ ଅନେକ ନୀତିନିୟମ ଲାଗୁହୋଇଛି । ଫଳରେ ଶିକାରୀମାନେ ଶିକାର କରିବାରୁ ବର୍ତ୍ତମାନ ବଞ୍ଚିତ । ଉତ୍ତମ ଶିକାରୀକୁ ସେଭଳି କୌଣସି ପ୍ରମାଣପତ୍ର ଓ ସ୍ୱତନ୍ତ୍ର ସୁବିଧା ସୁଯୋଗ ଦିଆଯାଇ ନାହିଁ । ବର୍ତ୍ତମାନ ସଚେତନ ହୋଇଥିବା ଲୋକମାନେ ଶିକାରୀଙ୍କ ଉପରେ ରାଗିଥାଆନ୍ତି ।

ଦ୍ରୁତ ଭାବରେ ଜଙ୍ଗଲ କ୍ଷୟ ସାଙ୍ଗକୁ ପଶୁପକ୍ଷୀଙ୍କ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି । ଅନେକ ଜୀବଜନ୍ତୁ ଜଙ୍ଗଲରୁ ଏବେ ଲୋପ୍ ପାଇଗଲେଣି । ତେଣୁ ଶିକାର କରିବା ରାଜୁଆରମାନଙ୍କ ପକ୍ଷେ ବର୍ତ୍ତମାନ ସାତ ସପନ ହୋଇ ପଡିଛି । ସରକାରଙ୍କର ବନ ବିଭାଗ ତରଫରୁ ଜଙ୍ଗଲ ସୁରକ୍ଷା ଓ ବନ ପଶୁପକ୍ଷୀ ସଂରକ୍ଷଣ ଆଇନ୍ ବଳରେ ଶିକାରୀମାନେ ଜଙ୍ଗଲକୁ ଯିବା ନିଷେଧାଦେଶ ଜାରି ହୋଇଛି। ତେଣୁ ଶିକାର ପ୍ରାୟ ଆଉ କେହି କରୁନଥିବାର ଅନୁମାନ କରାଯାଏ।

ରାଜୁଆରମାନେ ସାଧାରଣତଃ କେତେକ ଜଳଉତ୍ସ ଯଥା: ନଈ, ନାଳ, ପୋଖରୀ, ଚୁଆ ତଥା ଜଳଥିବା ଜମିମାନଙ୍କରୁ ମାଛ ଧରିଥାଆନ୍ତି। ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ଭାବରେ ଏବଂ ଜଳଉତ୍ସକୁ ଯାଇ ମାଛ ଧରିଥାଆନ୍ତି।

ମାଛ ଧରିବା ପାଇଁ ରାଜୁଆରମାନେ କେତେକ ଉପକରଣ ବ୍ୟବହାର କରିଥାଆନ୍ତି। ସେହି ଉପକରଣଗୁଡିକ ନିମ୍ନରେ ପ୍ରଦତ୍ତ: ଜାଲ(ଜାଲ୍),ଫିଙ୍ଗାଜାଲ (ଫିକାଜାଲ୍), ଚାରିଗୋଡିଆ ଜାଲ (ଚାର୍‌ଗଡିଆ ଜାଇ),ଗୀରା ଜାଲ(ଗୀରାଜାଲ୍), ପଟା (ପାଟା),ଖଇଁଚି(ଶାୟାଲ୍), ଯନ୍ତା(ଝମ୍‌ରି), ଖଡା(ଟପ),ବନ୍‌ସୀ କଣ୍ଟା (ବଣ୍‌ସୀ), ପୋଲୁହ(ପୁହୁଲ୍) ଇତ୍ୟାଦି।

ପ୍ରଦତ୍ତ ମାଛ ଧରିବା ଉପକରଣ ବ୍ୟତୀତ ରାଜୁଆରମାନେ ବିଭିନ୍ନ ପ୍ରକାର ବିଷାକ୍ତ ଔଷଧ, ଫଳ, ଚେଗ, ଛାଲି ଜଳରେ ପକାଇ ମାଛମାନଙ୍କୁ ଅନ୍ଧ କିମ୍ବା ଚେତାଶୂନ୍ୟ କରାଇ ଦେଇଥାଆନ୍ତି। ଫଳରେ ଜଳ ଉପରେ ଭାସିବା ଅବସ୍ଥାରେ ମାଛ ଧରିଥାଆନ୍ତି। ସାଧାରଣତଃ 'ମାକଲ୍‌କେନ୍ଦା' ଗଛର ବକଳ ଓ ପତ୍ରକୁ ଛେଚି ଗୁଣ୍ଡ କରି ଜଳରେ ପକାଯାଏ। ପକାଇବା ଫଳରେ କିଛି ସମୟ ପରେ ମାଛଗୁଡିକ ଅନ୍ଧ ହୋଇଯାଇ ପାଣି ଉପରେ ଭାସମାନ ଅବସ୍ଥାରେ ଦେଖାଯାଆନ୍ତି। ସେହି ସମୟରେ ମାଛ ଧରାଳୀମାନେ ମାଛ ସଂଗ୍ରହ କରିଥାଆନ୍ତି। ସେହିଭଳି 'ଚୁର୍‌ଚୁ ଫଳ'କୁ ଛେଚି ପାଣିରେ ପକାଇବା ଫଳରେ ମାଛ ଗୁଡିକ ଅଚେତ ହୋଇ ଜଳ ଉପରେ ଭାସନ୍ତି। ସେହି ସମୟରେ ମାଛଧରାଳୀମାନେ ମାଛ ସଂଗ୍ରହ କରିଥାଆନ୍ତି।

ବ୍ୟକ୍ତିଗତ ଭାବେ ମାଛ ଧରିବା ସଙ୍ଗେ ସଙ୍ଗେ ଦଳ ଦଳ ହୋଇ ମଧ୍ୟ ମାଛ ଧରିବାକୁ ଯାଇଥାଆନ୍ତି। ଏକତ୍ର ମିଶି ମାଛ ଧରିବାକୁ ଗଲେ ମାଛ ଧରିବା ସହଜ ଏବଂ ସଅଳ ହୋଇଥାଏ। ମାଛ ଧରିବା ପାଇଁ ସେଭଳି କୌଣସି ପୂଜାପାଠ ରାଜୁଆରମାନେ କରି ନ ଥାଆନ୍ତି ବା ପୂଜାପାଠ କରି ମାଛ ଧରିବାକୁ ଯାଇ ନଥାଆନ୍ତି।

ରାଜୁଆର୍‌ମାନେ ସାଧାରଣତଃ ନଈ, ନାଳମାନଙ୍କରୁ ଫିଙ୍ଗାଜାଲ (ଫେକାଜାଇ), ଚାରିଗୋଡିଆ ଜାଲ (ଚାର୍ ଗଡିଆ ଜାଲ୍) ଏବଂ ଗୀରାଜାଇ ମାଧ୍ୟମରେ ମାଛ ଧରିଥାଆନ୍ତି। କେତେକ ସ୍ଥଳେ ନିଜେ ନିଜେ ହାତରେ ଖୋଜି ଖୋଜି ମାଛ ଧରିଥାଆନ୍ତି । ପୋଖରୀରେ ଗୀରାଜାଲ ଟାଣି କିମ୍ବା ହାତରେ ଅଣ୍ଡାଳି ମାଛ ଧରିଥାଆନ୍ତି । ବର୍ଷାଦିନେ ବିଲମାନଙ୍କୁ ମାଛ ଧରିବା ପାଇଁ ହିଡମାନଙ୍କରେ ଘାଇ କରି ଖଇଁଚି ବସାଇ କିମ୍ବା ଯନ୍ତା ବସାଇ ସେମାନେ ମାଛ ଧରିଥାଆନ୍ତି । ଅଳ୍ପ ପାଣିଥିବା ସ୍ଥାନରେ ଦୁଇପଟରେ କାଦୁଅ ଦ୍ୱାରା ବନ୍ଧ କରାଯାଇଥାଏ । ପାଣିରେ 'ମାକଲ୍‌କେନ୍ଦା' ବକଳ କିମ୍ବା ଚୁର୍‌ଚୁଫଳକୁ ଛେଚି ପକାଇବା ଦ୍ୱାରା ମାଛମାନଙ୍କ ଆଖିରେ ଜଳାପୋତା ହୁଏ । ଫଳରେ ସେମାନେ ଅନ୍ଧ ହୋଇଯାଆନ୍ତି ।

ତତ୍‌କ୍ଷଣାତ୍ ଜଳ ଉପରେ ଭାସିଥାଆନ୍ତି । ସେହି ସମୟରେ ମାଛ ଧରାଳୀମାନେ ଜାଲ ସାହାଯ୍ୟରେ ମାଛ ଛାଣି ଆଣନ୍ତି । ଏହିଭଳି ବିଭିନ୍ନ ଉପାୟରେ ସେମାନେ ମାଛ ଧରିଥାଆନ୍ତି ।

ପୋଡୁଚାଷ (ପୋଲୁ ଚାଷ):

ସାଧାରଣତଃ ରାଜୁଆରମାନଙ୍କର ଜମିର ପରିମାଣ କମ୍ ଥିବାରୁ ସମତଳ ଅଞ୍ଚଳରେ ଫସଲ ଉତ୍ପାଦନ ଆବଶ୍ୟକ ମୁତାବକ କରିପାରୁ ନ ଥିଲେ । ତେଣୁ ସେମାନେ ଜଙ୍ଗଲ ଉତ୍ପାଦନ ଆବଶ୍ୟକ ମୁତାବକ କରିପାରୁନଥିଲେ । ତେଣୁ ସେମାନେ ଜଙ୍ଗଲକୁ କାଟି ସଫାକରି, ବୁଦାଗୁଡିକୁ ପୋଡି ଚାଷ କରିଥାଆନ୍ତି । ଏହି ଚାଷକୁ ପୋଡୁଚାଷ ବୋଲି କହିଥାଆନ୍ତି । ପୋଡୁଜମି ରାଜୁଆରମାନଙ୍କ ମଧ୍ୟରେ ବଣ୍ଟନ କରାଯାଇ ନ ଥାଏ । କୌଣସି ଜଙ୍ଗଲକୁ ନିର୍ଦ୍ଦିଷ୍ଟ ପରିବାର ବା ନିର୍ଦ୍ଦିଷ୍ଟ ଗୋଷ୍ଠୀ ଅଧିକାର କରି ନ ଥାଆନ୍ତି । ଯେକୌଣସି ଲୋକ ଜଙ୍ଗଲ କାଟି ସଫା କରି ଚାଷ କରିବାରେ କୌଣସି ବାରଣ ନ ଥିଲା । ସରକାର ମଧ୍ୟ ଅଧିକୃତ ଜମିର ପଟା ଲୋକମାନଙ୍କୁ ପ୍ରଦାନ କରି ନ ଥାଆନ୍ତି ।

ପୋଡୁଜମିରେ ପ୍ରଥମ ବର୍ଷ କୋଳଥ ଓ ମାଣ୍ଡିଆ ବୁଣି ଅମଳ କରାଯାଇଥାଏ । ଦ୍ୱିତୀୟ ବର୍ଷ ଆଶୁଧାନ, ବାଜରା (ଝାଂଜରା) ବୁଣାଯାଇଥାଏ । ସେହିପରି ତୃତୀୟ ବର୍ଷ ଆଶୁଧାନ ଏବଂ ହରଡ (ରାହିଡ) ବୁଣାଯାଇଥାଏ । ଲଗାତାର ତିନିବର୍ଷ ଚାଷ କରିବା ପରେ ଜମିରେ ଆଉ ଚାଷ କରା ନ ଯାଇ ପଡିଆ ରଖାଯାଏ । ପୁନଃ ପାଞ୍ଚ ଛଅ ବର୍ଷ ପରେ ସେହି ପୋଡୁ ଜମିରେ ଚାଷ କରାଯାଇଥାଏ । ଫଳରେ ଜମିର ଉର୍ବରତା ବୃଦ୍ଧି ପାଇଥାଏ । ଶସ୍ୟ ଉତ୍ପାଦନ ବୃଦ୍ଧି ଘଟିଥାଏ ।

ରାଜୁଆରମାନେ ସାଧାରଣତଃ ପୋଡୁ ଜମିରୁ କୋଳଥ, ମାଣ୍ଡିଆ, ବାଜ୍‌ରା (ଝାଂଜ୍‌ଡା), ଆଶୁଧାନ, ହରଡ (ରାହିଡ) ଇତ୍ୟାଦି ଉତ୍ପାଦନ କରିଥାଆନ୍ତି ।

ଚାଷୀମାନେ ଅନ୍ୟ ସମସ୍ତ ପ୍ରକାର ଶସ୍ୟ ଫାଲ୍‌ଗୁନ ମାସ ସୁଦ୍ଧା ଉତ୍ପାଦନ କାର୍ଯ୍ୟ ଶେଷ କରିଥାଆନ୍ତି । ଶୀତର ପ୍ରକୋପ ଆସ୍ତେ ଆସ୍ତେ କମିଯିବା ସଙ୍ଗେ ସଙ୍ଗେ କରା ବଢ଼ିବାକୁ ଲାଗିଲାଣି । ଠିକ୍ ଏହି ସମୟରେ ପୋଡୁଜମି ନିର୍ଦ୍ଧାରଣ କରାଯାଇଥାଏ ।

ଜଙ୍ଗଲ କାଟିବା ପୂର୍ବରୁ ଗ୍ରାମରେ ସଭା ହୋଇଥାଏ । ନିର୍ଦ୍ଦିଷ୍ଟ ଦିନ ଚାଷ କାର୍ଯ୍ୟ ଆରମ୍ଭ କରିବା ପାଇଁ ସଭାରେ ସ୍ଥିର କରାଯାଇଥାଏ । ତେଣୁ ଦେହୁରୀ ପୂଜାପାଠ କରି ଜଙ୍ଗଲରୁ ଖଣ୍ଡେ ଡାଳକାଟି ଫେରି ଆସେ । ତା'ପରେ ଗ୍ରାମର ସମସ୍ତ ଲୋକ ନିଜ ନିଜ

ଇଚ୍ଛା ମୁତାବକ ସ୍ଥାନ ବାଛି ଥାଆନ୍ତି । ଯିଏ ଯେତେ ଅଧିକ ଜାଗା ସଫା କରିପାରିଲା ସେ ସେତେ ଅଧିକ ଜମି ଅଧିକାର କରିପାରିଲା ବୋଲି ବିବେଚନା କରାଯାଇଥାଏ ।

ଲୋକେ ନିଜ ନିଜ ଜମି ନିର୍ଦ୍ଧାରଣ କରିବା ପରେ ପ୍ରଥମେ ଛୋଟ ଛୋଟ ଗଛଗୁଡିକୁ କାଟି ପରିଷ୍କାର କରାଯାଇଥାଏ । ପରେ ବଡ ବଡ ଗଛ କଟାଯାଇଥାଏ । କାଟିବା ସମୟରେ କେତେକ ଫଳନ୍ତି ଗଛ ଯଥା ଆମ୍ବ, ପଣସ, କେନ୍ଦୁ, ମହୁଲ ଇତ୍ୟାଦିକୁ ନ କାଟି ଛାଡି ଦିଆଯାଇଥାଏ । ବଡ ବଡ ଗଛ କାଟିବା କ୍ଷେତ୍ରରେ ସମସ୍ତେ ମିଳିମିଶି କାଟିଥାଆନ୍ତି । ଶ୍ରମର ଅଦଳବଦଳ କରି ଗଛ କାଟିବାରେ ସହଯୋଗ କରିଥାଆନ୍ତି । ମୂଲ୍ୟବାନ ବୃକ୍ଷମାନଙ୍କୁ କଟା ନ ଯାଇ ସେଗୁଡିକର ଯତ୍ନ ନେଇଥାଆନ୍ତି । ବୁଦା, ଡାଳ କାଟି ସାବରିବା ପରେ ସେ ସବୁକୁ ଏକ ମାସ ପର୍ଯ୍ୟନ୍ତ ଖରାରେ ଶୁଖିବାକୁ ଛାଡି ଦିଆଯାଇଥାଏ । ଶୁଖିଗଲା ପରେ ସେଗୁଡିକରେ ନିଆଁ ଲଗାଇ ଦିଆଯାଏ । ନିଆଁ ସଂପୂର୍ଣ୍ଣ ଲିଭିବା ପରେ ପୋଡି ନ ଥିବା କାଠଗୁଡିକୁ ପନର୍ବାର ନିଆଁ ଲଗାଇ ଦିଆଯାଇଥାଏ । ପୋଡି ସାରିବା ପରେ ପାଉଁଶ ଯଥା ସ୍ଥାନରେ ରହିଯାଇଥାଏ । ସେମାନେ ବର୍ଷାକୁ ଚାତକ ପରି ଚାହିଁ ରହିଥାଆନ୍ତି ।

ପ୍ରଥମ ବର୍ଷା ପରେ ଶସ୍ୟ ବୁଣିବା ପାଇଁ ମନସ୍ଥ କରିଥାଆନ୍ତି । ବିହନ ବୁଣିବା ପୂର୍ବରୁ ବୈଶାଖ ମାସରେ 'ଧୂଳିଆ ପୂଜା' କରାଯାଇଥାଏ । ପୂଜା କରିବା ପୂର୍ବରୁ ଗ୍ରାମ ସଭା ଡକାଯାଇ ଚାନ୍ଦା ଆଦାୟ ଏବଂ ଦିନ ସ୍ଥିର କରାଯାଇଥାଏ । ପୂଜାଦିନ ସକାଳୁ ଦେହୁରୀ ସମେତ ଗାଁର ମୁଖିଆ ଲୋକମାନେ ଧଳା ବସ୍ତ୍ର ପରିଧାନ ପୂର୍ବକ ପୂଜାସ୍ଥଳୀକୁ ଯାଇଥାଆନ୍ତି । ସେଠାରେ ଦେହୁରୀ ଗ୍ରାମଦେବତୀ ମା' ମହିଷାଶୂରୀଙ୍କୁ ହଳଦୀ ପାଣିରେ ଧୋଇବ । ତୁଳସୀପାଣି ସିଞ୍ଚନ କରିବ । ପୂଜା ମଧ୍ୟରେ ଠାକୁରାଣୀଙ୍କୁ ସିନ୍ଦୁରଦେବେ ଏବଂ ବସୁମାତାଙ୍କୁ ସିନ୍ଦୁର ଦେଇ ସବୁ ଦେବାଦେବୀଙ୍କୁ ସ୍ମରଣ କରିଥାଆନ୍ତି । ପୂଜା ଶେଷରେ ବଳୀ ଦିଆଯାଇଥାଏ । ପୂଜା ସରିବା ପରେ ସମସ୍ତେ ବିହନ ବୁଣିବା କାର୍ଯ୍ୟ ଆରମ୍ଭ କରିଥାଆନ୍ତି । ପୂଜା ନ ସରିବା ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଶସ୍ୟ ବୁଣି ପାରନ୍ତି ନାହିଁ ।

ପୋଡୁଜମିରେ ପ୍ରଥମ ବର୍ଷ ମାଣ୍ଡିଆ ଓ କୋଳଥ ବୁଣିଥାଆନ୍ତି । ଦ୍ୱିତୀୟ ବର୍ଷ ବାଜରା ଓ ଆଶୁଧାନ ଏବଂ ତୃତୀୟ ବର୍ଷ ଆଶୁଧାନ ଓ ହରଡ ବୁଣିଥାଆନ୍ତି । ସଫା କରାଯାଇଥିବା ଜାଗାରେ ସିଧାସଳଖ ଶସ୍ୟ ବୁଣି ଦିଆଯାଇଥାଏ । ତା'ପରେ କୋଡି କିମ୍ବା ପାଉଡା ସାହାଯ୍ୟରେ ମାଟିକୁ ହାଣି ଶସ୍ୟକୁ ଘୋଡାଇ ଦେଇଥାଆନ୍ତି । ଏହି ଚାଷ କାର୍ଯ୍ୟରେ ପରସ୍ପର ସହଯୋଗ କରିଥାଆନ୍ତି ।

ଶସ୍ୟ ବୁଣିବା ପରେ ପ୍ରାୟ ଏକ-ଦୁଇ ମାସ ମଧ୍ୟରେ ଗଛଗୁଡିକ ବଡ ହୋଇଯାଇଥାଏ । ଘାସ ଗଛ ମଧ୍ୟ କିଆରି ମଧ୍ୟରେ ବଢ଼ିଯାଇଥାଏ । ଏହା ଭିତରେ ମଧ୍ୟରେ କଯାଇଥିବା ଗଛମୂଳରୁ ଡାଳ ବାହାରିଥାଏ । ପ୍ରଥମେ ଗଛ ମୂଳ ଖୁଣ୍ଟିରୁ ଡାଳ ଗୁଡିକୁ କଟା ଯାଇଥାଏ । ପରେ ଖୁସ୍ନା (ଖୁସୁଣି) ଦ୍ୱାରା ଘାସ ଉପାଡାଯାଏ କିମ୍ବା ହାତରେ ମଧ୍ୟ ଘାସ ବଛା ଯାଇଥାଏ । ବିଲଧାନ ବାଛିବା ପାଇଁ ଅଙ୍କଡି ବ୍ୟବହାର କରାଯାଇଥାଏ । ବିଭିନ୍ନ ପ୍ରକାର ଅନାବନା ଘାସ ବଛାଯାଇଥାଏ ।

ବର୍ଷ ଆଶ୍ୱିନ-କାର୍ତ୍ତିକ ମାସ ମଧ୍ୟରେ ଧାନ ପାଚିବା ଆରମ୍ଭ କରିଥାଏ । ପାଚିବା ଶସ୍ୟକୁ ବନ୍ୟ ଜୀବଜନ୍ତୁ ତଥା ଗୃହପାଳିତ ପଶୁପକ୍ଷୀଙ୍କ ଦାଉରୁ ରକ୍ଷା କରିବା ପାଇଁ ଶସ୍ୟକ୍ଷେତକୁ ଜଗିବାକୁ ପଡିଥାଏ । ଗଛ ଉପରେ କିମ୍ବା ଉଚ୍ଚରେ କାଠ ଦ୍ୱାରା ଏକ ମଞ୍ଚା (ଭାଡି) ତିଆରି କରାଯାଇଥାଏ । ପ୍ରାୟ ପୁଅମାନେ ରାତିରେ ନିଜ ଜମି ନିଜେ ଜଗିଥାଆନ୍ତି । ପଶୁପକ୍ଷୀମାନଙ୍କୁ ଘଉଡାଇବା ପାଇଁ କାଠରେ ଏକ ବାଜା (ଠଡ୍କା) ତିଆରି କରନ୍ତି । ଗଛ ଦେହରେ ବାନ୍ଧି ସେଥିରୁ ଏକ ଦଉଡି ମଞ୍ଚା ନିକଟରେ ଲାଗିଥାଏ । ସେହି ଠଡ୍କାର ମଝି ଅଂଶ ଫାଙ୍କା କରି ମଝିରେ ସରୁ କାଠ ଲାଗିଥାଏ । ସେହି ସରୁ ଚିପା ଦେହରେ ଦଉଡି ବନ୍ଧାଯାଇ ମଞ୍ଚା ଆଡେ ଆସିଥାଏ । ଯେତେବେଳେ କୌଣସି ପଶୁପକ୍ଷୀ ଶସ୍ୟ ଖାଇବାକୁ ଆସିବା ଜାଣିପାରି ଜଗୁଆଳି ସେହି ରସିଟିକୁ ଟାଣିଦେବା ଫଳରେ କାଠ ବାଜାରେ ଥିବା ଚିପାଯି ବାଜିବ । ଚିପାଟି ବାଜିବା ଫଳରେ ଶବ୍ଦ ହେବ । ଶବ୍ଦ ଶୁଣି ଜୀବଜନ୍ତୁ ସେଠାରୁ ଅନ୍ୟତ୍ର ଚାଲିଯାଆନ୍ତି । ଶିକାର କରିବା ପାଇଁ ମଞ୍ଚାରେ ବନ୍ଧୁକ, ତୀର ଇତ୍ୟାଦି ଅସ୍ତ୍ରଶସ୍ତ୍ର ରଖିଥାଆନ୍ତି । ପ୍ରାୟ ରାତିସାରା ଉଜାଗର ରହିଥାଆନ୍ତି । ଅନେକ ପରିଶ୍ରମ କରିଥିବା ଶସ୍ୟକୁ ସେମାନେ ପଶୁପକ୍ଷୀ ଇତ୍ୟାଦିଙ୍କୁ ଖାଇବାକୁ ସୁଯୋଗ ଦେଇ ନ ଥାଆନ୍ତି । ବେଳେବେଳେ ମଧ୍ୟ ଜଗୁଆଳିର ନିଦ୍ରା ହୋଇଥିବା ସମୟରେ ପଶୁପକ୍ଷୀ ଫସଲ / ଶସ୍ୟ ଖାଇବା ସଙ୍ଗେ ନଷ୍ଟ ମଧ୍ୟ କରିଥାଆନ୍ତି ।

ଆଶ୍ୱିନ, କାର୍ତ୍ତିକ, ମାର୍ଗଶୀର ମାସରେ ଶସ୍ୟ ପ୍ରାୟ ପାଚିଯାଇଥାଏ । ତେଣୁ ମାର୍ଗଶୀର ମାସଠାରୁ ଶସ୍ୟ କାଟିବା ଆରମ୍ଭ କରାଯାଇଥାଏ । ଶସ୍ୟ କାଟିବା ପୂର୍ବରୁ କଳା ଚାଞ୍ଚି ସଫା କରାଯାଇଥାଏ । ଏହାକୁ 'ଖରିଅନ୍ ଛଇବ୍' ବୋଲି କୁହାଯାଏ । ଘାସ ଚାଞ୍ଚି ସାରିବା ପରେ ଗୋବର ମାଟି ଦ୍ୱାରା ସେହି ସ୍ଥାନକୁ ଲିପିପୋଛି ପରିଷ୍କାର କରାଯାଇଥାଏ । ଶସ୍ୟ କାଟି ସାରିବା ପରେ ତାକୁ ବୋହି ଆଣି ଖଳାରେ ଗଦା / ଠୁଳ କରି ରଖାଯାଇଥାଏ ।

ଶସ୍ୟକୁ ବେଙ୍ଗଳା (ପତ୍‌ଲୀ) ମାଧ୍ୟମରେ ଗୋରୁ ମଡାଇ ଦିଆଯାଏ । ବେଙ୍ଗଳା ମଧ୍ୟସ୍ଥ ଏକ ଖୁଣ୍ଟିର ଚତୁଃପାର୍ଶ୍ୱ ତିନି ଚାରିଟି ବଳଦଙ୍କୁ ଏକତ୍ର ବେକକୁ ବେକ ବାନ୍ଧି ଘୂରାଯାଇଥାଏ । ବେଙ୍ଗଳା ପକାଇ ସାରିବା ପରେ କୁଟାକୁ ଝାଡି ଅଲଗା ଜାଗାରେ ରଖାଯାଇଥାଏ । ତା'ପରେ କୁଲା (ସୁପ୍) ସାହାଯ୍ୟରେ ଶସ୍ୟକୁ ଚାରା ପକାଇ ସଫା କରାଯାଇଥାଏ । ଧାନକୁ ସଫା କରିବାକୁ 'ଧାନ୍ ଧୁକବ୍' ବୋଲି କୁହାଯାଏ । ଧାନରୁ ଅଗାଡି ଉଡାଇବା ପରେ / ସଫା କରିବା ପରେ ଧାନ ଚାରି ପାଖରେ ଗାର କାଟି ଦିଆଯାଏ । ପରେ ଗୁହୁନୀ, କାଠା ଓ ପଇଲା ସାହାଯ୍ୟରେ ଧାନ ମାପ କରାଯାଇଥାଏ ।

ଶସ୍ୟକୁ ଦୁଇ ତିନି ଦିନ ଖରାରେ ଶୁଖାଯାଇଥାଏ । ପରେ ବାଉଁଶ ନିର୍ମିତ ଡୋଲି (ଡୁଲି), ଓଳିଆ (ବର୍) ଇତ୍ୟାଦିରେ ସାଇତି ରଖାଯାଇଥାଏ । ପାଳ ବା କୁଟାକୁ ଚଙ୍ଗେ ଭଲ ଭାବରେ ବିଛାଇ ସେଥିରେ ଧାନ ରଖି ସେହି କୁଟାରେ ପ୍ରସ୍ତୁତ ଦଉଡି ସାହାଯ୍ୟରେ ଗୋଲକରି ବନ୍ଧାଯାଇଥାଏ । ବର୍ଷରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଏଥିରେ ସୁରକ୍ଷିତ ଅବସ୍ଥାରେ ଶସ୍ୟ ରହିଥାଏ । ଏମାନେ ପ୍ରାୟ ଶସ୍ୟ ବିକ୍ରି କରି ନ ଥାଆନ୍ତି । ଧାନରୁ କିଛି ସେମାନେ ହାଣ୍ଡିଆ ତିଆରି, ପର୍ବପର୍ବାଣିରେ ପିଠାପଣା, ଅନ୍ୟାନ୍ୟ ଭଲ ଖାଦ୍ୟ ପ୍ରସ୍ତୁତି ପାଇଁ ବ୍ୟବହାର କରିଥାଆନ୍ତି । ପରବର୍ଷ ପାଇଁ ଏହି ଧାନରୁ ବିହନ ମଧ୍ୟ ରଖାଯାଇଥାଏ । ମାଣ୍ଡିଆ, ବାଜରା ଓ ହରଡରୁ କିଛି ଅଂଶ ହାଟ ବଜାରରେ ବିକ୍ରିକରି ସେଥିରୁ ଉପାର୍ଜିତ ଅର୍ଥରେ ଦୈନନ୍ଦିନ ଚଳଣୀ ପାଇଁ ତେଲଲୁଣ ଇତ୍ୟାଦି କ୍ରୟ କରିଥାଆନ୍ତି ।

ଜମି (ବିଲ / ଡାହି) :

ରାଜୁଆରମାନେ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ଚାଷ ଉପରେ ନିର୍ଭର କରି ମଧ୍ୟ ଚଳିଥାଆନ୍ତି । ସେମାନେ ବିଶେଷ ଜମି ନ ଥାଏ । ତେଣୁ ସେହି ଜମି ଅମଳ ଅନୁସାରେ ବିଭାଗୀକରଣ କରାଯାଇଥାଏ । ସେମାନେ ତିନି ପ୍ରକାର ଜମିରେ ଚାଷ କାର୍ଯ୍ୟ କରି ଶସ୍ୟ ଉତ୍ପାଦନ କରିଥାଆନ୍ତି । ସେହି ଜମିଗୁଡିକ ମଧ୍ୟରେ :

୧. ବେଡାବିଲ୍ - (ଗହୀର ଜମି)

୨. ଢିପା ବିଲ୍ - (ଢିପୁ ଜମି)

୩. ଡାହି ବିଲ୍ - (ଡାହିଜମି)

ଏହି ଗହୀର ଜମିରେ ବଷ ସାରା ଜଳ ରହିଥାଏ । ଏହି ଜମିରେ ମୁଖ୍ୟତଃ ଅଭିରଧାନ୍ (ବନ୍ଦି ଧାନ), ପାଟ୍‌ଣୀ (ଜଳଭବି ଧାନ) ଚାଷ କରାଯାଇଥାଏ । ଏତଦ୍ ବ୍ୟତୀତ ଟିସି, ଖାସାରି, ବୁଟ (ଛଲା) ଇତ୍ୟାଦି ଚାଷ କରାଯାଇଥାଏ ।

ଏହି ଢ଼ିପ ଜମିରେ ବର୍ଷ ସାରା ପାଣି ନ ଥାଏ । ଏହି ଜମିରେ ଚାଷ କାର୍ଯ୍ୟ ହେବା ପାଇଁ ସଂପୂର୍ଣ୍ଣ ଭାବରେ ବର୍ଷା ଉପରେ ନିର୍ଭର କରିବାକୁ ପଡି ନ ଥାଏ । ଏହି ଜମିରେ ଲଘୁଧାନ ମଧ୍ୟରେ ପାଟ୍‌ଣୀ, କୋଣାର୍କ, ଲଲାଟ, ସ୍ୱର୍ଣ୍ଣ, ମୁଟ୍‌ରାଧାନ, ପାରଲେଇ ଧାନ ଇତ୍ୟାଦି ଚାଷ କରାଯାଇଥାଏ ।

ଏହି ଜମି ବଡ ଆକାରରେ ହୋଇଥାଏ । ଜମିରେ ପ୍ରାୟ ପାଣି ରହେ ନାହିଁ । ବର୍ଷାଜଳ ଉପରେ ନିର୍ଭର କରିବାକୁ ପଡିଥାଏ । ଏହି ଜମିରେ ଆଶୁଧାନ, ହରଡ (ରାହିଡ଼), ସୁଆଁ (ଗୁନ୍ଦଲୀ), କୋଦୁଅ (କଦା), ମାଣ୍ଡିଆ ମାଡୁଆ, କୋଳଥ (କୁଲ୍‌ଥ) ଇତ୍ୟାଦି ଚାଷ କରାଯାଇ ଉତ୍ପାଦନ କରାଯାଇଥାଏ ।

ଏତଦ୍ ବ୍ୟତୀତ ପୋଡୁ ଜମିରୁ କୋଳଥ, ମାଣ୍ଡିଆ, ବାଇଗ୍ରା, ହରଡ, ଆଶୁଧାନ ଇତ୍ୟାଦି ଉତ୍ପାଦନ କରାଯାଇଥାଏ ।

ବାଡି ବଗିଚା :

ସାଧାରଣତଃ ଘରକୁ ଲାଗି ଘର ପଛ କଡେ କିମ୍ବା ଘରର ପାଖରେ ବାଡି ବଗିଚାର ଜମି ରହିଥାଏ । ବାଡି ବଗିଚାର ଜମିଗୁଡିକ ସାଧାରଣତଃ ଉର୍ବରଯୁକ୍ତ ହୋଇଥାଏ । ଏହି ଜମିରେ ସାଧାରଣତଃ ସାରୁ (ସାରୁ), ବାଇଗଣ (ବାଇଙ୍ଗନ୍), କଲରା (କାରଲା), ଭେଣ୍ଡୀ (ଭେଣ୍ଡିଆ), ଛୁଙ୍କି (ଝିଙ୍ଗା), ଝୁଡୁଙ୍ଗ (ନାଉକା), ଶିମ୍ବ (ଶିମ୍ବି), ଛଛିନ୍ଦ୍ରା (କାଇଚା ଝିଙ୍ଗା), ଚରଡା (ଭଡ), ଲାଉ (ଲଆ), ବୋଇତାଳୁ (ବୋଇତାଳ୍), କଖାରୁ (କଖୁର୍) ଇତ୍ୟାଦି ଚାଷ କରାଯାଇ ଉତ୍ପାଦନ କରାଯାଇଥାଏ ।

ଚାଷୁଆମାନେ ସ୍ୱତନ୍ତ୍ର ଭାବେ କୌଣସି ଫଳ ଚାଷ କରି ନଥାଆନ୍ତି । ବାଡି ବଗିଚାରେ କେତୋଟି ଫଳଗଛ ଯଥା; ଆମ୍ବ, ପଣସ ଇତ୍ୟାଦି ଲଗାଇଥାଆନ୍ତି । ସେଥିରୁ ଉତ୍ପନ୍ନ ଫଳକୁ କଞ୍ଚା ଓ ପାଚିଲା ଅବସ୍ଥାରେ ଖାଇଥାଆନ୍ତି । କିନ୍ତୁ ଚୋଟା ଆକାରରେ ବେଶୀ ସଂଖ୍ୟକ ଫଳଗଛ ଲଗାଇ ନ ଥାଆନ୍ତି । କିନ୍ତୁ ଚୋଟା ଆକାରରେ ବେଶୀ ସଂଖ୍ୟକ ଫଳଗଛ ଲଗାଇ ନ ଥାଆନ୍ତି । ଫଳଚାଷ ବିଷୟରେ ସେମାନଙ୍କର ସ୍ୱତନ୍ତ୍ର ଜ୍ଞାନ ନ ଥାଏ । ତେଣୁ ଫଳଚାଷ କରିବାରୁ ସେମାନେ ବଂଚିତ ।

ଶ୍ରମ ବିଭାଜନ:

ପ୍ରକୃତରେ ରାଜୁଆରମାନେ ପରିଶ୍ରମୀ । ସକାଳରୁ ସଂଜ ଯାଏ ପରିଶ୍ରମ କରିଥାଆନ୍ତି । ପୁରୁଷ ଲୋକେ ଚାଷ କାର୍ଯ୍ୟ କରିବା ବେଳେ ମହିଳାମାନେ ପ୍ରାୟ କୃଷି କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିଥାଆନ୍ତି । ଗୃହ ମୁଖ୍ୟ ତଥା ପୁରୁଷମାନେ ବିଭିନ୍ନ ପ୍ରକାର ଚାଷକାର୍ଯ୍ୟ କରିବା, ଘର ତିଆରି କରିବା, ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା, ଶିକାର କରିବା, ପଶୁପାଳନ, ବ୍ୟବସାୟ ବାଣିଜ୍ୟ କରିବା, ଦ୍ରବ୍ୟ କ୍ରୟ ବିକ୍ରୟ ଇତ୍ୟାଦି କରୁଥିବା ବେଳେ ମହିଳାମାନେ ଘରର ନିତିଦିନିଆ କାର୍ଯ୍ୟ କରିବା, ଜଙ୍ଗଲରୁ ଜାଳେଣି କାଠ, ପତ୍ର, ଶାଗ, କନ୍ଦା ଇତ୍ୟାଦି ସଂଗ୍ରହ କରିବା, ଚାଷକାର୍ଯ୍ୟରେ ସହଯୋଗ କରିବା, ପିଲାମାନଙ୍କର ଯତ୍ନନେବା, ହାଟରୁ ସଉଦା କିଣିବା ଏବଂ ସଂଗୃହୀତ ଜଙ୍ଗଲଜାତ ଦ୍ରବ୍ୟକୁ ହାଟ ବଜାରରେ ବିକ୍ରୟ କରିବା ଇତ୍ୟାଦି କାର୍ଯ୍ୟ କରିଥାଆନ୍ତି । ଛୋଟ ପିଲାମାନେ ପାଠପଢ଼ିବା, ଖେଳଖେଳିବା, ଗୃହପାଳିତ ପଶୁଙ୍କୁ ଚରାଇବା, ପିତାମାତାଙ୍କ ଆଦେଶ ପାଳନ କରିବା, ଶସ୍ୟକ୍ଷେତ୍ର ଜଗିବା, ସାନ ଭାଇଭଉଣୀମାନଙ୍କୁ ଖେଳାଇବା ଇତ୍ୟାଦି କାର୍ଯ୍ୟ କରିଥାଆନ୍ତି । ଛୋଟବେଳେ ଏମାନଙ୍କର ଚପଳମତି ହୋଇଥାଏ ।

ଶ୍ରମ ଶକ୍ତିକୁ ସାଧାରଣତଃ ବ୍ୟକ୍ତିଗତ ଶ୍ରମ, ପାରିବାରିକ ଶ୍ରମ, ଗ୍ରାମ୍ୟ ଶ୍ରମଶକ୍ତି, ବଂଶଭିତ୍ତିକ ଶ୍ରମ, ଭଡାଟିଆ ଶ୍ରମ, ମୁକ୍ତଶ୍ରମ ଇତ୍ୟାଦି ଭାଗରେ ବିଭକ୍ତ କରାଯାଇପାରେ । ଏହି ଶ୍ରମକୁ ନିମ୍ନମତେ ଆଲୋଚନା କରାଗଲା ।

କୌଣସି ବ୍ୟକ୍ତି ନିଜେ ଶ୍ରମ ବିନିଯୋଗ କରି କାର୍ଯ୍ୟ ସଂପାଦନ କରି ପାରିଲେ ତାହାକୁ ବ୍ୟକ୍ତିଗତ ଶ୍ରମ କୁହାଯାଏ । ବ୍ୟକ୍ତିଗତ ଶ୍ରମ ବିନିଯୋଗରେ ମାଛ ଧରିବା, ବାଡିରେ ପନିପରିବା ଚାଷ କରିବା, ଶିକାର କରିବା, ହାଟ ବଜାରକୁ ସଂଗୃହୀତ ବନଜାତ ଦ୍ରବ୍ୟ ବିକ୍ରି ପାଇଁ ନେବା ଇତ୍ୟାଦି କାର୍ଯ୍ୟ ସଂପାଦିତ ହୋଇଥାଏ ।

ପରିବାରର ସମସ୍ତ ସଦସ୍ୟ ଶ୍ରମ ସହାୟତାରେ କଷ୍ଟକାମକୁ ସହଜରେ ତଥା ସୁରୁଖୁରୁରେ ସଂପାଦନ କରିପାରନ୍ତି । ବିବାହ କାର୍ଯ୍ୟ, ଶୁଦ୍ଧିକ୍ରିୟା କ୍ଷେତ୍ରରେ ପରିବାରରେ ଲୋକେ ଅନ୍ୟ ପରିବାରକୁ ସହଯୋଗ କରିଥାଆନ୍ତି । ଚାଷକାର୍ଯ୍ୟରେ ପ୍ରାୟତଃ ଏହି ପାରିବାରିକ ଶ୍ରମକୁ ପ୍ରୟୋଗ କରାଯାଇଥାଏ । ବିବିଧ ଘରୋଇ କାର୍ଯ୍ୟରେ ଏହି ଶ୍ରମଶକ୍ତିକୁ ବ୍ୟବହାର କରାଯାଇଥାଏ । ଘର ନିକଟରେ ପନିପରିବା ବଗିଚାରେ ମଧ୍ୟ ଏହି ଶ୍ରମ ପ୍ରୟୋଗ ମାଧ୍ୟମରେ ଫସଲ ଉତ୍ପାଦନ ସମ୍ଭବ ହୋଇପାରେ ।

ଗ୍ରାମର ଲୋକମାନେ ଏକତ୍ର ଭାବରେ ଶିକାର କରିବା, ଗ୍ରାମର ରାସ୍ତା ତିଆରି ଓ ମରାମତି କରିବା, ଗ୍ରାମ ଦାଣ୍ଡ ପରିଷ୍କାର କରିବା, ସାମୁହିକ ଭାବେ ବିବିଧ ପର୍ବ ପାଳନ କରିବା, ଅନ୍ୟମାନଙ୍କ କାର୍ଯ୍ୟରେ ସହଯୋଗ କରିବାରେ ଗ୍ରାମ ଶ୍ରମଶକ୍ତି ବ୍ୟବହାର କରିଥାଆନ୍ତି । ବିବାହ ଓ ଶୁଦ୍ଧିକ୍ରିୟାରେ ମଧ୍ୟ ଗ୍ରାମ ଶ୍ରମ ଶକ୍ତି ବିନିଯୋଗ ହୋଇଥାଏ । ଗ୍ରାମ ପୋଖରୀରୁ ପଙ୍କ ଉଦ୍ଧାର କରିବା, ଗ୍ରାମ ପାଇଁ କୂପ ଖୋଳିବା, ଗ୍ରାମ ଗ୍ରାମ ମଧ୍ୟରେ ଜମିଜମା ସମ୍ବନ୍ଧୀୟ ବିବାଦ ଉପୁଜିବା କ୍ଷେତ୍ରରେ ଏହି ଶ୍ରମଶକ୍ତିର ସହାୟତା ନିଆଯାଇଥାଏ । ଏଥିପାଇଁ ଶ୍ରମୀମାନଙ୍କୁ କୌଣସି ପାଉଣା ଦିଆଯାଇ ନ ଥାଏ ।

କେତେକ କ୍ଷେତ୍ରରେ ବଂଶ ଭିତ୍ତିକ ଶ୍ରମର ଆବଶ୍ୟକତା ରହିଥାଏ । ବିବାହ, ଶୁଦ୍ଧିକ୍ରିୟା, କରମ ପୂଜା ଆଦିରେ ବଂଶର ଲୋକମାନେ ଶ୍ରମଦାନ ମାଧ୍ୟମରେ କାର୍ଯ୍ୟ ସଂପାଦନ କରାଯାଇଥାଏ । ଜଣେ ବ୍ୟକ୍ତିର ମୃତ୍ୟୁ ପରେ ଏବଂ ଦଶଦିନ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟ ବଂଶ ମଧ୍ୟରେ ହିଁ ସଂପାଦିତ ହୋଇଥାଏ ।

ସାଧାରଣତଃ କୃଷି କାର୍ଯ୍ୟରେ ଯଥା; ହଳକରିବା, ହୁଡା ପ୍ରସ୍ତୁତ କରିବା, ଜମିରେ ପାଣି ମଡାଇବା, ଘାସ ବାଛିବା, ଶସ୍ୟ କାଟିବା ଓ ଅମଳ କରିବା ଇତ୍ୟାଦି କ୍ଷେତ୍ରରେ ଭଡାଟିଆ ଶ୍ରମ ବିନିଯୋଗ କରାଯାଇଥାଏ । ଶ୍ରମୀମାନେ ଏ କ୍ଷେତ୍ରରେ ପାଉଣା ପାଇଥାଆନ୍ତି । ଏତଦ୍ ବ୍ୟତୀତ ଘର ତିଆରି କରିବା, ବିବାହ କ୍ଷେତ୍ରରେ ଭଡାଟିଆ ଶ୍ରମୀମାନଙ୍କୁ ବିନିଯୋଗ କରାଯାଇଥାଏ । ପ୍ରତିବଦଳରେ ଏମାନେ ପାଉଣା ନେଇଥାଆନ୍ତି ।

ବିନା ପାଉଣାରେ ଶ୍ରମଦାନ କରି କାର୍ଯ୍ୟଟି ସଂପାଦନ କରାଯାଇଥାଏ, ତାହାକୁ ମୁକ୍ତ ଶ୍ରମ କହିଥାଆନ୍ତି। ବିବାହ କ୍ଷେତ୍ରରେ ସହଯୋଗ, ଛୁତିକିଆ, ମୃତିକିଆ, ଭୋଜିଭାତ ପ୍ରସ୍ତୁତ ତଥା ବଣ୍ଟନ କରିବା, ନିସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା, ବିପତ୍ତିରେ ପଡିଥିବା ଲୋକକୁ ସହାୟତା ପ୍ରଦାନ, ଶବ ସଂସ୍କାର, ସାଙ୍ଘାତିକ ରୋଗରେ ଆକ୍ରାନ୍ତ ବ୍ୟକ୍ତିକୁ ନିକଟସ୍ଥ ଡାକ୍ତରଖାନାକୁ ନେବା, ଘରପୋଡିରେ ସାହାଯ୍ୟ କରିବା ଇତ୍ୟାଦି କାର୍ଯ୍ୟ ବିନା ପାରିଶ୍ରମିକରେ ସଂପାଦନ କରାଯାଇଥାଏ । ଏତଦ୍ ବ୍ୟତୀତ ଗ୍ରାମ ପାଇଁ କୂପ ଖନନ, ରାସ୍ତା ମରାମତି, ଗ୍ରାମଦାଣ୍ଡ ପରିଷ୍କାର ଓ ପରିଚ୍ଛନ୍ନ ଇତ୍ୟାଦି କାର୍ଯ୍ୟ ପାଇଁ ପାଉଣା ଦିଆଯାଇ ନ ଥାଏ । ଉପରୋକ୍ତ କାର୍ଯ୍ୟରେ ସକ୍ରୀୟ ଅଂଶ ଗ୍ରହଣ କରି କାର୍ଯ୍ୟ ସଂପାଦନ କରିଥାଆନ୍ତି।

ବୟସ ଏବଂ ଲିଙ୍ଗ ଭେଦରେ ବିଭିନ୍ନ କାର୍ଯ୍ୟ କରିବା ପାଇଁ ବାରଣ କରାଯାଇଥାଏ। ସାଧାରଣତଃ ମହିଳାମାନେ ଘର ଛପର କରିବା, ଲଙ୍ଗଳ ସହାୟତାରେ ଜମି ଚାଷ କରିବା, ଧାନ ଭଡାଇବା, କାନ୍ଧରେ ଭାର ବୋହିବା, ଗ୍ରାମ ସଭାରେ ଯୋଗଦେବା,

ମୃତ ଶବକୁ କାନ୍ଧରେ ବୋହିନେବା ଇତ୍ୟାଦି କାର୍ଯ୍ୟ କରିବା ପାଇଁ ବାରଣ କରାଯାଇଥାଏ। ପାରଂପରିକ ଗ୍ରାମ ସଭାରେ କୌଣସି ପଦରେ ମହିଳାମାନଙ୍କୁ ନିଯୁକ୍ତି ଦିଆଯାଇ ନଥାଏ । ନିଷ୍ପତ୍ତି ନେବା କ୍ଷେତ୍ରରେ ମଧ୍ୟ ଏମାନଙ୍କୁ ଆମନ୍ତ୍ରଣ କରାଯାଇ ନ ଥାଏ। ସେହିଭଳି କଠିନ ପରିଶ୍ରମଯୁକ୍ତ କାର୍ଯ୍ୟ କରିବାକୁ ଛୋଟ ପିଲାମାନଙ୍କୁ ବାରଣ କରାଯାଇଥାଏ। ବୃଦ୍ଧାମାନେ ମଧ୍ୟ କଠିନ କାର୍ଯ୍ୟ ନ କରିବା ପାଇଁ ନିଷେଧାଦେଶ ରହିଛି।

ବିଭିନ୍ନ ପ୍ରକାର ଶ୍ରମିକମାନଙ୍କୁ କାର୍ଯ୍ୟ ଅନୁଯାୟୀ ମଜୁରୀ ଦିଆଯାଇଥାଏ। ଜମିରେ ବା କୃଷିକାର୍ଯ୍ୟରେ ନିଯୋଜିତ ଶ୍ରମିକମାନଙ୍କୁ ସାଧାରଣତଃ ପୁରୁଷ ଓ ସ୍ତ୍ରୀ ଉଭୟଙ୍କୁ ଚାରି ସେର ଲେଖାଏଁ ଧାନ ଦେବା ସଙ୍ଗେ ସଙ୍ଗେ ଦିବସରେ ଥରେ ମାତ୍ର ମୁଢ଼ି କିମ୍ବା ଚୁଡା ଜଳଖିଆ ଆକାରରେ ଖାଇବାକୁ ଦେଇଥାଆନ୍ତି। କିନ୍ତୁ ଟଙ୍କା ଆକାରରେ ପୁରୁଷ ଶ୍ରମିକମାନଙ୍କୁ ପଚିଶ ଟଙ୍କା ଓ ମହିଳା ଶ୍ରମିକମାନଙ୍କୁ କୋଡିଏ ଟଙ୍କା ସହିତ ଦିବସରେ ଥରେ ମାତ୍ର ମୁଢ଼ି ଓ ଚୁଡା ଜଳଖିଆ ଦେଇଥାଆନ୍ତି । ଗୃହ ନିର୍ମାଣ ଶ୍ରମିକ, ରାସ୍ତା ନିର୍ମାଣ ଶ୍ରମିକମାନଙ୍କୁ ଚାଳିଶ-ପଚାଶ ଟଙ୍କା (ପୁରୁଷମାନଙ୍କୁ) ମଜୁରୀ ଦିଆଯାଉଥିବା ବେଳେ ସେହି କାର୍ଯ୍ୟ ପାଇଁ ମହିଳା ଶ୍ରମିକମାନଙ୍କୁ ତିରିଶ- ଚାଳିଶ ଟଙ୍କା ମଜୁରୀ ଦିଆଯାଇଥାଏ।

କେତେକ କାର୍ଯ୍ୟରେ ଶ୍ରମ ପ୍ରତିବଦଳରେ ଅର୍ଥ ପ୍ରଦାନ କରୁଥିବାବେଳେ ଅନ୍ୟ କେତେକ କାର୍ଯ୍ୟରେ ଶ୍ରମ ପ୍ରତିବଦଳରେ ଶ୍ରମଦାନ କରାଯାଇଥାଏ । କୌଣସି ବ୍ୟକ୍ତିକୁ କାର୍ଯ୍ୟରେ ସହଯୋଗ କରିବା ପାଇଁ କେତେକ କ୍ଷେତ୍ରରେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଶ୍ରମଦାନ କରି ସେହି କାର୍ଯ୍ୟଟି ସଂପାଦନ କରିଥାଆନ୍ତି । ସଂପୃକ୍ତ ବ୍ୟକ୍ତିର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲେ କିମ୍ବା ଚାଷ କାର୍ଯ୍ୟରେ ପଛୁଆ ହୋଇଥିଲେ ସେ କ୍ଷେତ୍ରରେ ସହଯୋଗ କରିଥାଆନ୍ତି । ପାରିଶ୍ରମିକ ବାବଦକୁ କିଛି ଦେଇ ନ ଥାଆନ୍ତି । କେବଳ ଖୁସିରେ ଖାଦ୍ୟପେୟର ବ୍ୟବସ୍ଥା କର୍ମକର୍ତ୍ତା କରିପାରେ କିମ୍ବା କରି ନ ପାରେ । ଯେଉଁ ଲୋକର ଯେତେଜଣ କାର୍ଯ୍ୟ କରିଥାଆନ୍ତି, ସେ ବ୍ୟକ୍ତି ମଧ୍ୟ ସମ ପରିମାଣରେ ଶ୍ରମଦାନ କରି କାର୍ଯ୍ୟ କରିଥାଆନ୍ତି । କାର୍ଯ୍ୟକର୍ତ୍ତାଙ୍କର ସକ୍ଷମ ଅନୁସାରେ ବଦଳିଆ ଶ୍ରମିକମାନଙ୍କୁ ଖାଦ୍ୟ ପାନୀୟ ମାଧ୍ୟମରେ ସନ୍ତୁଷ୍ଟ କରିଥାଆନ୍ତି । ଘର ତିଆରି ପାଇଁ ଜଙ୍ଗଲରୁ ଘର ତିଆରି ସରଞ୍ଜାମ ସଂଗ୍ରହ କରିବା, ପୋତୁଜମିରୁ ବଡ ବଡ ଗଛ ସବୁ କାଟିବା, ବିହନ ବୁଣିବା, ଗୃହପାଳିତ ପଶୁଙ୍କୁ ଚରାଇବା ଇତ୍ୟାଦି କାର୍ଯ୍ୟରେ ଶ୍ରମ ବିନିମୟ କରାଯାଇଥାଏ ।

ବସ୍ତୁ ସଂସ୍କୃତି:

ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ବସ୍ତୁ ସଂସ୍କୃତି ଅଦ୍ୟାବଧି ରହିଛି । ରାଜୁଆର ଲୋକମାନେ ଦୈନନ୍ଦିନ ଜୀବନରେ ଅନେକ ପ୍ରକାର ଜିନିଷ ନିଜେ ତିଆରି କରି ବ୍ୟବହାର କରୁଥିବାବେଳେ ଅନ୍ୟ କେତେକ ଜିନିଷ ଅନ୍ୟ ସଂପ୍ରଦାୟ ଲୋକଙ୍କଠାରୁ କ୍ରୟ କରି ବ୍ୟବହାର କରିଥାଆନ୍ତି । ନିଜର ଜ୍ଞାନକୌଶଳ, ଦକ୍ଷତା, ବୁଦ୍ଧି, ବିବେକ ପ୍ରୟୋଗ କରି ଆବଶ୍ୟକ ମୁତାବକ ଜିନିଷଗୁଡିକ ତିଆରି କରିଥାଆନ୍ତି । ପଡୋଶୀ ଗୋଷ୍ଠୀର ଲୋକଙ୍କଠାରୁ ଅନେକ ଜିନିଷ କିଣି ସେହି ଜିନିଷଗୁଡିକର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଆଉଥରେ ତିଆରି କରିଥାଆନ୍ତି । ଏମାନେ ମାହାଲୀଠାରୁ ବାଉଁଶ ନିର୍ମିତ ଜିନିଷ, କୁମ୍ଭାରଠାରୁ ମାଟି ନିର୍ମିତ ଜିନିଷ, ବଣିଆଠାରୁ ଅଳଙ୍କାର ସାମଗ୍ରୀ, କମାର /ବିନ୍ଧାଣୀ ଠାରୁ ଲୁହା ଜିନିଷ କ୍ରୟ କରିଥାଆନ୍ତି। ସେମାନେ ନିଜେ କାଠ ନିର୍ମିତ କୃଷି ଉପକରଣ ତିଆରି କରିଥାଆନ୍ତି। ଏହିଭଳି ଅନ୍ୟ କେତେକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମଧ୍ୟ ନିଜେ ତିଆରି କରିଥାଆନ୍ତି।

ରାଜୁଆରମାନେ ବିଭିନ୍ନ ଉପକରଣକୁ ବ୍ୟବହାର କରିଥାଆନ୍ତି । ସେହି ଉପକରଣ ମଧ୍ୟରେ ଶିକାର ଉପକରଣ, କୃଷି ଉପକରଣ, ଗୃହୋପକରଣ, ମାଛ ଧରିବା ଉପକରଣ, ବସ୍ତ୍ର ଏବଂ ଅଳଙ୍କାର, ବାଦ୍ୟଯନ୍ତ୍ର, ବ୍ୟକ୍ତିଗତ ଆସବାବପତ୍ର ଇତ୍ୟାଦି । ବିଭିନ୍ନ ଉପକରଣଗୁଡିକର ଏକ ତାଲିକା ପ୍ରଦାନ କରାଗଲା ।

କୃଷି ଉପକରଣ :

ଓଡିଆ ଭାଷା	ରାଜୁଆର ଭାଷା	ଓଡିଆ ଭାଷା	ରାଜୁଆର ଭାଷା
ଲଙ୍ଗଳ	ହାର୍	ଈଶ	ଈଶ୍
ଜୁଆଳି	ଜୁଆଁଟ୍	ଲଙ୍ଗଳ ଲୁହା	ଫାର୍
ଦଉଡି / ଯୋତ	ଯତ	ଜୁଆଳି ଦଉଡି	ଜୁଆଁଟ୍ ଅନ୍ଧୀ
ମଇ	ମେର୍	ମାଟିଟଣା ଯନ୍ତ୍ର	କୁରଲ୍
କୋଦାଳ	କୋଦାର୍	ଦାଆ	ହଂସୁଆ
ପାଞ୍ଚଣ / ବାଡି	ପଇନା ଠେଙ୍ଗା	ବାହୁଙ୍ଗୀ	ବହିଙ୍ଗା

ଗୃହୋପକରଣ :

ହାଣ୍ଡି	ହାଣ୍ଡନି	କଡେଇ	ତାୱା
କଂସା	ବେଲା	ଥାଳିଆ	ଥାଗା

ତାଟିଆ	ଗିନା	ଗ୍ଲାସ୍	ଗିଲାସ
ଚଟୁ	ଚାଟୁ	ପିଠା ଖଡିକା	ଖୁସ୍‌ନୀ
ଗରା	ଗାଗ୍‌ରା	ଢ଼ାଙ୍ଗ	ଲଟା
ଚକିଆ	ଥାରା ଛୋଆ	ତାୱା	ପଥ୍‌ରା
ହେମଦସ୍ତା	ଦେମଦସ୍ତା	ଘୋଡଣି	ତାପ୍‌ନୀଥାରା
ଚକି	ଚକି	ଦଉଡିଆଖଟ	ଖାଟି
ପଲଙ୍କ	ପଲଙ୍କ୍ ଖାଟି	ଆଇନା	ଆର୍‌ସା
ପାନିଆ	କଳସ	ବାକ୍ସ	ବାକ୍ସ
ପନିକି	ବଇଁଠିନ୍	ବାଲ୍‌ତି	ବାଲ୍‌ତି
ପହଁରା / ଛାଞ୍ଚୁଣୀ	ବାଟିନ୍	ପିଢ଼ା	ପିର୍‌ହା
ଗୌଣି	ଗୁହୁନି		
କୁଲା	ସୁପ୍	ବୋଝ / ଝଳା	ଖାଞ୍ଚି
ପାଛିଆ	ପାଛିଆ	ଡୋଲି	ଡୁଲି
ଗାଣ୍ଡୁଆ	ଝୁଡି / ଝଳା	ପେଡି	ପେଡି
ମାଣ	କାଠା	ବାଉଁଶ ଡାଟି	ବାଁଶ୍‌ଟାଟି

ବସ୍ତ୍ର / ପୋଷାକ :

ଶାଢ଼ି	ଶାଢ଼ି	ସାୟା	ଛାୟା
ବ୍ଲଉଜ୍	ବେଲାଉଜ୍ / ଆଙ୍ଗା	ଧୋତି	ଖଦୀ
ଚଡି	ଅଣ୍ଡରା ପେଣ୍ଟ୍	ଗେଞ୍ଜି	ଗେଞ୍ଜି
ସାର୍ଟ	ଆଙ୍ଗା	ଲୁଙ୍ଗି	ଲୁଙ୍ଗି
ଗାମୁଛା	ତଉଲିଆ		

ଅଳଙ୍କାର (ସାଜ ଗହନା)

ମୁଦି	ମୁଦି	ହାର	ହାର୍‌ମାଲା
କାନଫୁଲ	କାନ୍ ଫୁଲ୍	ନାକଫୁଲ	ନାକ୍ ଫୁଲ୍
ନାକ ଝରା	ଲୁଲୁକ୍‌ଫୁଲି	ନାକଫୁଲ	ଫୁଲି
ପାଦ ଆଙ୍ଗୁଠି ମୁଦି	ଝୁଣ୍ଟିଆ	ପାଉଁଜି	ପଞ୍ଜନ୍

ଗୋଡବଳା	ଖଡୁଆ	କହୁଣୀ ବଳା	ଡକ୍‌ଟି
ବାହୁଟି	ବାଙ୍କୁ	ରୂପା ଚୂଡି	ଚୁର୍‌ଝାଲ୍
ମେଖଳା	ବିଛା.	ଚୂଡି	ଚୁର୍‌ଲା
ଶଙ୍ଖା	ଶଙ୍ଖ୍ ଚୁର୍‌ଲା	ବେକହାର	ସିଲିମାଲା
କାଠ୍‌ମାଲା	ମୁଗା ମାଲା	ରୂପା ମାଲା	ସୁନା ମାଲା
ଆଠ୍‌ନୀ ମାଲା	ଚାର୍‌ନୀ ମାଲା	ମୁଣ୍ଡକଣ୍ଢା	ମୁଣ୍ଡ ଗାଞ୍ଜା କଣ୍ଢା
ବେଣୀ	ଚଉଁରୀ		

ପଶୁପାଳନ :

ଅନ୍ୟ ସଂପ୍ରଦାୟ ଲୋକମାନଙ୍କ ପରି ରାଜୁଆରମାନେ ଅନେକ ପଶୁପକ୍ଷୀଙ୍କୁ ଘରେ ପାଳନ କରିବାକୁ ପସନ୍ଦ କରିଥାଆନ୍ତି। କେତେକ ପଶୁକୁ କୃଷି କାର୍ଯ୍ୟରେ ନିୟୋଜିତ କରିବା, ବିବାହାଦି ସାମାଜିକ କାର୍ଯ୍ୟରେ ଉପହାର / ଭେଟିଦେବା, କେତେକ ପଶୁପକ୍ଷୀଙ୍କର ମାଂସ ଖାଇବା, ଶିକାରରେ ସହଯୋଗ କରିବା, ପର୍ବପର୍ବାଣି ଇତ୍ୟାଦିରେ ଦେବଦେବୀଙ୍କ ନିକଟରେ ବଳୀଦେବା ପାଇଁ ସେମାନେ ପଶୁପକ୍ଷୀ ପାଳନ କରିଥାଆନ୍ତି। ଅର୍ଥନୈତିକ ସ୍ଥିତିର ଅନ୍ୟତମ କାରଣ ହିସାବରେ ପଶୁପାଳନ ବେଶ୍ ସହାୟକ। ଅଭାବ ଅସୁବିଧା ସମୟରେ ପଶୁପକ୍ଷୀମାନଙ୍କୁ ନିକଟସ୍ଥ ହାଟ କିମ୍ବା ବଜାରରେ ବିକ୍ରିକରି କିଛି ଅର୍ଥ ଉପାର୍ଜନ କରିବା ପାଇଁ ତଥା ପଶୁପକ୍ଷୀମାନଙ୍କୁ ମାରି ସେମାନଙ୍କ ମାଂସ ବିକ୍ରିକରି ସେଥିରୁ କିଛି ଅର୍ଥ ପାଇବା ପାଇଁ ସେମାନେ ପଶୁପକ୍ଷୀ ପାଳନ କରିଥାଆନ୍ତି। ରାଜୁଆରମାନେ ପାଳନ କରୁଥିବା ପଶୁପକ୍ଷୀଗୁଡିକ ମଧ୍ୟରେ ଗାଈ (ଗାଏ), ବଳଦ (ହଡିଆ), ମଇଁଷି (କାଡା), ମେଣ୍ଢା (ଭେଡି), ଛେଳି (ଛଗେର), କୁକୁର (କୁକୁର), ବିଲେଇ (ବିଲଇ), କୁକୁଡା (ଖୁକ୍‌ଡି), ପାରା (ପେରୁଆ), ହଂସ (କୁଡୁ) ଇତ୍ୟାଦି । ଗୃହପାଳିତ ପଶୁଧନ ନିମନ୍ତେ ଆବଶ୍ୟକ ଯତ୍ନ ନେବାକୁ ପଡୁଥିବା ବେଳେ ପକ୍ଷୀଗୁଡ଼ିକ ପାଇଁ ବେଶୀ ଯତ୍ନ ନେବାକୁ ପଡି ନ ଥାଏ।

ଶିକାର କ୍ଷେତ୍ରରେ ସାହାଯ୍ୟ ତଥା ଘର ଜଗିବା ପାଇଁ ଏମାନେ କୁକୁର ପାଳନ କରିଥାଆନ୍ତି। କୁକୁର ପାଇଁ ସ୍ୱତନ୍ତ୍ର ଭାବେ ରହିବା ସ୍ଥାନ ତିଆରି କରାଯାଇ ନଥାଏ। ଅଗଣାରେ ଶୋଇଥାଏ। ବିଲେଇକୁ ଲୋକେ ଖୁସିରେ ପୋଷିଥାଆନ୍ତି। ପଶୁପକ୍ଷୀ ପାଳନ ଦ୍ୱାରା ରାଜୁଆରମାନଙ୍କର ସାମାଜିକ ତଥା ଅର୍ଥନୈତିକ ସ୍ଥିତିରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ।

କୃଷିକାର୍ଯ୍ୟରେ ଯଥା ଜମି ଚାଷ କରିବା ବା ହଳ କରିବା, ଶଗଡ ଟାଣିବା ଇତ୍ୟାଦି କ୍ଷେତ୍ରରେ ବଦଳ ଓ ମଇଁଷିକୁ ବ୍ୟବହାର କରିଥାଆନ୍ତି। ଏତଦ୍‌ବ୍ୟତୀତ ଜଙ୍ଗଲରୁ କାଠ ବୋହି ଆଣିବା କାର୍ଯ୍ୟ ମଧ୍ୟ ମଇଁଷି ଓ ବଳଦଙ୍କ ଦ୍ୱାରା ସମ୍ଭବ ହୋଇଥାଏ। ସାମାଜିକ ଦୃଷ୍ଟି କୋଣରୁ ଯେଉଁମାନଙ୍କର ଗୃହପାଳିତ ପଶୁ ପକ୍ଷୀଙ୍କ ସଂଖ୍ୟା ଅଧିକ ଥାଏ, ତାକୁ 'ଧନୀ' ଲୋକ ବୋଲି ମଧ୍ୟ କହିଥାଆନ୍ତି।

ପରୋକ୍ଷରେ ହେଉ ପ୍ରତ୍ୟକ୍ଷରେ ହେଉ ଗୃହପାଳିତ ପଶୁ ଓ ପକ୍ଷୀମାନେ ମନୁଷ୍ୟର ଉପକାରରେ ଆସିଥାଆନ୍ତି।

ଆୟ -ବ୍ୟୟ:

ନିତିଦିନିଆ ତେଲ ଲୁଣ ସଂସାରରେ ବଞ୍ଚିବା ପାଇଁ ଲୋକମାନେ ବିଭିନ୍ନ ଉପାୟରେ ରୋଜଗାର କରିଥାଆନ୍ତି । ସେଥିପାଇଁ ରାଜୁଆର ପୁରୁଷ ଓ ସ୍ତ୍ରୀଲୋକେ ସକାଳୁ ସଂଜଯାଏ ବିଭିନ୍ନ କର୍ମରେ ନିୟୋଜିତ ଥାଆନ୍ତି । ଦିନକୁ ଦୁଇମୁଠା ଖାଇବା ପାଇଁ ମୋନଙ୍କୁ ଅନେକ ଦୁଃଖ କଷ୍ଟରେ ରୋଜଗାର କରିବାକୁ ପଡିଥାଏ।

କୃଷି ହେଉଛି ଏମାନଙ୍କର ଆୟର ମୁଖ୍ୟ ଉତ୍ସ । ବର୍ଷ ମଧ୍ୟରେ କେବଳ ଥରେ ଏମାନେ ଧାନ ଚାଷ କରିଥାଆନ୍ତି । ଅମଳ ପରେ ନିଜ ଆବଶ୍ୟକତାକୁ ନେଇ ଖାଦ୍ୟ ପାଇଁ ଧାନ ରଖି ଅବଶିଷ୍ଟ ଧାନରେ ଚୁଡା ତିଆରି କରି ବିକ୍ରି କରିଥାଆନ୍ତି। ସେଥିରୁ ସେମାନେ କିଛି ଅର୍ଥ ଉପାର୍ଜନ କରିଥାଆନ୍ତି । ସବାଇଘାସ ଚାଷ ଲୋକଙ୍କ ଅର୍ଥନୀତିରେ ସହାୟକ ହୋଇପାରୁଛି। ଥରେ ସବାଇଘାସ ଚାଷ କଲେ ଆଉ ପାଞ୍ଚ ଛଅ ବର୍ଷ ପର୍ଯ୍ୟନ୍ତ ଚାଷ କରିବାକୁ ପଡୁନଥିବାରୁ ଏହା ଏକ ଲାଭଜନକ ବ୍ୟବସାୟ ହୋଇପାରିଛି। ଘାସକୁ କାଟି ଆଣିସାରିଲା ପରେ ଘାସର ମୂଳ ଅଂଶ କିଛି ଦିନ ପରେ ପୁଣି ବଢ଼ିଯାଏ। ତେଣୁ ଏମାନେ ଏହି ଚାଷ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଘାସ କାଟି ଆଣି ସାରିବା ପରେ ନିଜେ ଘରେ ବସି ଉଭୟ ପୁରୁଷ ଓ ମହିଳା ଦଉଡି / ରସି ତିଆରି କରିଥାଆନ୍ତି । ଏହି ଚାଷରୁ ସେମାନେ ଯଥେଷ୍ଟ ଲାଭ ଉଠାଇପାରୁଛନ୍ତି ।

ପୂର୍ବେ ଜଙ୍ଗଲରୁ ଯଥେଷ୍ଟ ପରିମାଣରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ନିଜ ଆବଶ୍ୟକତା ଠାରୁ ବଳକା ଅଂଶକୁ ନିକଟସ୍ଥ ହାଟ କିମ୍ବା ବଜାରରେ ବିକ୍ରୟ କରୁଥିଲେ। ସେଥିରୁ ସେମାନେ କିଛି ଅର୍ଥ ଉପାର୍ଜନ କରି ପାରୁଥିଲେ। ଜଙ୍ଗଲରୁ ବିଭିନ୍ନ ପ୍ରକାର ଫଳମୂଳ, କନ୍ଦା, ଛତୁ, ପତ୍ର, କାଠ, ମହୁ, ଝୁଣା ଇତ୍ୟାଦି ସଂଗ୍ରହ କରୁଥିଲେ।

ପୂର୍ବଭଳି ଆଉ ଜଙ୍ଗଲଜାତ ଦ୍ରବ୍ୟ ଜଙ୍ଗଲରେ ମଳୁନାହିଁ କି ଏମାନେ ସେତେ ପରିମାଣରେ ସଂଗ୍ରହ କରି ପାରୁନାହାନ୍ତି। ତଥାପି ସଂଗୃହୀତ ବନଜାତ ଦ୍ରବ୍ୟକୁ ହାଟ ବଜାରରେ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରିଥାଆନ୍ତି।

ପୂର୍ବରୁ ରାଜୁଆରମାନେ ଶିକାର କରୁଥିବାର ସୂଚନା ମିଳେ । ଜଙ୍ଗଲରୁ ପଶୁ ଶିକାର କରି ମାଂସକୁ କେତେକ ସ୍ଥଳେ ମାଂସକୁ ହାଟ ବଜାରରେ ବିକ୍ରୟ କରି ଅର୍ଥ ଉପାର୍ଜନ କରିଥାଆନ୍ତି ।

ଅଭାବ ଅସୁବିଧା ସମୟରେ ଗୃହପାଳିତ ପଶୁପକ୍ଷୀମାନଙ୍କୁ ହାଟ ବଜାରରେ ବିକ୍ରି କରିଥାଆନ୍ତି । ସେଥିରୁ ଉପାର୍ଜିତ ଅର୍ଥ ଅଭାବ ଅସୁବିଧାକୁ କିଞ୍ଚିତ୍ ମାତ୍ରାରେ ପରିପୂରଣ କରିବାରେ ସହାୟକ ହୋଇଥାଏ ।

ରାଜୁଆରମାନଙ୍କ ମଧ୍ୟରେ ଥିବା ଗରିବ ଶ୍ରେଣୀର ଲୋକେ ଦୈନିକ ଦିନ ମଜୁରୀ କରି ଜୀବିକା ନିର୍ବାହ କରିଥାଆନ୍ତି । ଉଭୟ ପୁରୁଷ ଓ ମହିଳା ଚାଷ କାମ, ରାସ୍ତାକାମ, ମାଟିକାମ ତଥା ଠିକାଦାରମାନଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ କାମରେ ନିୟୋଜିତ ହୋଇ ସେଥିରୁ ମଜୁରୀ ଆକାରରେ କିଛି ଅର୍ଥ ରୋଜଗାର କରିଥାଆନ୍ତି।

ଆଜିକାଲି ଅଧିକାଂଶ ଲୋକେ ଚୁଡା ବ୍ୟବସାୟକୁ ଆୟର ପ୍ରମୁଖ ଉତ୍ସ ହିସାବରେ ଗ୍ରହଣ କରିଛନ୍ତି । ବେଳେ ବେଳେ ରାଜୁଆରମାନେ ଚୁଡା ବ୍ୟବସାୟୀ ହିସାବରେ ନିଜକୁ ପରିଚିତ କରାଇଥାଆନ୍ତି। ଆଗରୁ ଧାନକୁ ଢ଼ିଙ୍କିରେ କୁଟି ଚୁଡା ବାହାର କରି ବିକ୍ରି କରୁଥିବାର ସୂଚନା ମିଳେ। ବର୍ତ୍ତମାନ ଆଉ ଢ଼ିଙ୍କିରେ କୁଟିବାକୁ ପଡୁନାହିଁ । ବଡ ବଡ ଚୁଡା ବ୍ୟବସାୟୀଙ୍କ ଠାରୁ ବସ୍ତା ବସ୍ତା ଚୁଡା କିଣି ନିକଟସ୍ଥ ହାଟ ବଜାରରେ ବିକ୍ରି କରିବାରେ ସମର୍ଥ ହୋଇପାରିଛନ୍ତି। ଚୁଡା ବିକ୍ରିକରି ସେଥିରୁ ବେଶ୍ ଲାଭ ଉଠାଇଥାଆନ୍ତି ସେମାନେ। ଚୂଡା ବ୍ୟବସାୟ ମାଧ୍ୟମରେ ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧିରେ କିଞ୍ଚିତ୍ ପରିବର୍ତ୍ତନ ଆସିଛି ।

ଗ୍ରାମର ଯାଦୁ ଧର୍ମୀୟ କାର୍ଯ୍ୟନିର୍ବାହୀ ଦେହୁରୀ ଗ୍ରାମଦେବତାଙ୍କ ନାମରେ ଥିବା ଜମିରୁ ପ୍ରାୟ ଦୁଇ ଏକର ଜମି ଚାଷ କରିବା ଉଦ୍ଦେଶ୍ୟରେ ଦିଆଯାଇଛି । ସେହି ଜମିରେ ଦେହୁରୀ ଚାଷ କରି ବର୍ଷ ସାରା ଚଳିଯାଏ । ସେହିଭଳି ଆଗରୁ ଗୁଣିଆ ଗୁଣି ବିଦ୍ୟା ଦ୍ୱାରା କେବଳ ଅର୍ଥ ଉପାର୍ଜନ କରୁଥିଲା । କିନ୍ତୁ ବର୍ତ୍ତମାନ ଚାଷ କାର୍ଯ୍ୟ କରିବାକୁ

ପଛାଉ ନାହାନ୍ତି । ଆଜିକାଲି ଗୁଣିଆର କାର୍ଯ୍ୟ ସଂପୂର୍ଣ୍ଣ ଲୋପ ପାଇ ନାହିଁ । ପୂର୍ବାପେକ୍ଷା କିଛି ମାତ୍ରାରେ କମିଯାଇଛି। ଫଳରେ ସେହି କାର୍ଯ୍ୟରୁ ବେଶୀ ଅର୍ଥ ରୋଜଗାର ହୋଇ ପାରୁନାହିଁ । ତେଣୁ ସେ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ପସନ୍ଦ କରୁଛନ୍ତି ।

ବିଭିନ୍ନ ପର୍ବପର୍ବାଣି ତଥା ସ୍ୱତନ୍ତ୍ର ଦିବସ ଯଥା ନାର୍ତ୍ତାଘାର, ନାମକରଣ ଉତ୍ସବ, ଅନ୍ନଛୁଆଣି, ବିବାହ ଓ ଶୁଦ୍ଧିକ୍ରିୟା ଇତ୍ୟାଦି ମାନଙ୍କରେ ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । ବନ୍ଧୁବାନ୍ଧବମାନେ ନିଜର ସକ୍ଷମ ଅନୁସାରେ ବିଭିନ୍ନ ପ୍ରକାର ଶସ୍ୟ, ପନିପରିବା, ପୋଷାକପତ୍ର ଓ ଅଳଙ୍କାର ଇତ୍ୟାଦି ଦାନ କରିଥାଆନ୍ତି । ଏସବୁ ମଧ୍ୟ ଆୟରେ ସାମିଲ୍ ହୋଇଥାଏ ।

ଦୈନନ୍ଦିନ ଜୀବନରେ ରାଜୁଆରମାନେ ନିଜର ଆବଶ୍ୟକତାକୁ ନେଇ ଉପାର୍ଜନ ଅନୁସାରେ ନିକଟସ୍ଥ ହାଟ ବଜାରରୁ ଆବଶ୍ୟକମୁତାବକ ଚାଉଳ, ଡାଲି, ତେଲ, ଲୁଣ ଓ ଆବଶ୍ୟକ ଲୁଗାପଟା କ୍ରୟ କରିଥାନ୍ତି।

ବାସଗୃହ ନିର୍ମାଣ ନିମନ୍ତେ ଛଣ / ନଡା, ବାଉଁଶ, ବତା ଇତ୍ୟାଦି କ୍ରୟ କରାଯାଇଥାଏ । ଛପର କରିବା ଲୋକ ମଧ୍ୟ କିଛି ମଜୁରୀ ନେଇଥାଏ । ଘରର ପୁରୁଷ ଲୋକ ଅବଶ୍ୟ ଛପରରେ ସହଯୋଗ କରିଥାଆନ୍ତି । ତଥାପି ଘରଛପରରେ ମଧ୍ୟ କିଛି ଅର୍ଥ ଖର୍ଚ୍ଚ କରିବାକୁ ସେମାନଙ୍କୁ ପଡିଥାଏ। ଏତଦ୍ ବ୍ୟତୀତ ଘରେ ଦୈନନ୍ଦିନ ବ୍ୟବହାର ଉପଯୋଗୀ ଗୃହୋପକରଣମାନ ମଧ୍ୟ କ୍ରୟ କରାଯାଇଥାଏ। ରୋଷେଇ ସାମଗ୍ରୀ, ଖାଇବା ବାସନ, ବାଉଁଶ ତିଆରି ଉପକରଣମାନ କ୍ରୟ କରିବାରେ ଅର୍ଥ ବ୍ୟୟ ହୋଇଥାଏ।

କୃଷି କାର୍ଯ୍ୟରେ ଯଥା: ହୁଡା ଦେବା, ହଳ କରିବା, ଧାନ ବୁଣିବା, ଘାସ ବାଛିବା, ବିହୁଡିବା, ଧାନକାଟିବା ଇତ୍ୟାଦି କ୍ଷେତ୍ରରେ କେତେକେ ଲୋକ ମଜୁରୀ ହିସାବରେ କାମ କରିଥାଆନ୍ତି । ତେଣୁ ଏହିସବୁ କାର୍ଯ୍ୟ ପାଇଁ କିଛି ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ । କୃଷି ଉପକରଣ କ୍ରୟ କରିବାରେ ମଧ୍ୟ ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ । କୃଷି ଉପକରଣ ପ୍ରାୟ ଏମାନେ କମାର / ବିନ୍ଧାଣୀଠାରୁ କ୍ରୟ କରିଥାଆନ୍ତି ।

ପର୍ବପର୍ବାଣି ପାଳନ କ୍ଷେତ୍ରରେ ମଧ୍ୟ ସେମାନେ ଅର୍ଥ ବ୍ୟୟ କରିଥାଆନ୍ତି । ରଜପର୍ବ, ମକରମେଳା, କରମାପୂଜା, ଛତୁଆ ପରବ, ବାନ୍ଦନା ପୂଜା, ଗହ୍ମାପର୍ବ ଇତ୍ୟାଦି ଘରେ ଘରେ ପାଳନ କରିଥାଆନ୍ତି । କେତେକ ପର୍ବରେ ନୂଆ ପୋଷାକ କ୍ରୟ କରି, ଭୋଜିଭାତ ଆୟୋଜନ କରିବା ଇତ୍ୟାଦି କ୍ଷେତ୍ରରେ ସେମାନେ କିଛି ଅର୍ଥ ଖର୍ଚ୍ଚ କରିଥାଆନ୍ତି ।

କେତେକ ସାମାଜିକ କାର୍ଯ୍ୟ ଯଥା ଛୋଟ ପିଲାର ନାମକରଣ ଦିବସ, ଅନ୍ନଛୁଆଣି, ବିବାହ ଏବଂ ଶୁଦ୍ଧିକ୍ରିୟାରେ ମଧ୍ୟ ସେମାନେ ଅର୍ଥ ବ୍ୟୟ କରିଥାଆନ୍ତି । ଶିଶୁ ଜନ୍ମର ନବମଦିନ ନାର୍ତ୍ତାଘାର ବା ଷଠିଘର କାର୍ଯ୍ୟ ହୋଇଥାଏ । ଏହିଦିନ ଶିଶୁଟିର ନାମ କରାଯାଏ । ବନ୍ଧୁବାନ୍ଧବ ତଥା ସଂପର୍କୀୟ ଲୋକମାନଙ୍କୁ ଆମନ୍ତ୍ରଣ କରାଯାଇଥାଏ । ଏମାନଙ୍କ ପାଇଁ ଭୋଜି ଭାତର ଆୟୋଜନ କରାଯାଇଥାଏ। ଏଥିରେ ମଧ୍ୟ କିଛି ଅର୍ଥ ଖର୍ଚ୍ଚ ହୋଇଥାଏ । ଶିଶୁଟିକୁ ଏକବର୍ଷ ହୋଇଗଲେ ପ୍ରଥମକରି ଅନ୍ନ ଖାଇବା ବା 'ଅନ୍ନ ଛୁଆଣୀ' ଦିବସ ପାଳନ କରାଯାଇଥାଏ। ସମସ୍ତଙ୍କ ପାଇଁ ଖାଇବାର ବନ୍ଦୋବସ୍ତ କରାଯାଇଥାଏ। ତେଣୁ ଏହି ଭୋଜିଭାତରେ ମଧ୍ୟ କିଛି ଅର୍ଥ ବ୍ୟୟ ହୋଇଥାଏ।

ବିବାହ କ୍ଷେତ୍ରରେ କନ୍ୟାସୁନା ବାଦକୁ କିଛି ଅର୍ଥ ଖର୍ଚ୍ଚ ହୋଇଥାଏ। ବିବାହରେ ବନ୍ଧୁ ପରିଜନମାନଙ୍କ ପାଇଁ ସକ୍ଷମ ଅନୁସାରେ ଗୃହକର୍ତ୍ତା ନୂତନ ଧୋତି, ଶାଢ଼ି ଇତ୍ୟାଦି କ୍ରୟ କରିଥାଆନ୍ତି । ଭୋଜି ଭାତର ମଧ୍ୟ ଆୟୋଜନ କରାଯାଇଥାଏ। ଭୋଜିରେ ମଧ୍ୟ କେତେକ ଅର୍ଥ ଖର୍ଚ୍ଚ ହୋଇଥାଏ। ବର୍ତ୍ତମାନ ଝିଅପକ୍ଷ ଖୁସିରେ ସାଇକେଲ, ଘଣ୍ଟା ଇତ୍ୟାଦି ପୁଅ ପକ୍ଷକୁ ଦେଉଥିବାର ଜଣାଯାଏ। ଫଳରେ ସେ କ୍ଷେତ୍ରରେ ମଧ୍ୟ ଅର୍ଥ କିଛି ଖର୍ଚ୍ଚ ହୋଇଥାଏ। ଝିଅପାଇଁ ଶାଢ଼ି, ସୁଟ୍‌କେସ୍, ପ୍ରସାଧନ ସାମଗ୍ରୀ କ୍ରୟ କ୍ଷେତ୍ରରେ ମଧ୍ୟ ଅର୍ଥ ଖର୍ଚ୍ଚ ହୋଇଥାଏ। ତେଣୁ ବିବାହ ପ୍ରସ୍ତାବ ପଡିବା ଦିନଠାରୁ ପୁଅଝିଅ ଦେଖା ଶେଷରେ ଝିଅ ବିଦା ପର୍ଯ୍ୟନ୍ତ ଅର୍ଥ ପ୍ରତିଟି କାର୍ଯ୍ୟରେ କିଛି ଖର୍ଚ୍ଚ ହୋଇଥାଏ।

ମଣିଷର ମୃତ୍ୟୁ ପରେ ଦଶାହ ଦିବସରେ ଶୁଦ୍ଧିକ୍ରିୟା ଏମାନେ କରିଥାଆନ୍ତି। ଶୁଦ୍ଧି କ୍ରିୟାରେ ପରିବାର ତଥା ଅନ୍ୟ କେତେଜଣଙ୍କ ପାଇଁ ନୂଆ ଧୋତି ତଥା ଶାଢ଼ି କ୍ରୟ କରିବା, ଦଶାହ ପୂଜା କାର୍ଯ୍ୟ ପାଇଁ ପୂଜା ସାମଗ୍ରୀ କିଣିବା, ଭୋଜିଭାତ ଆୟୋଜନ କରିବା, ପୁରୋହିତଙ୍କୁ କିଛି ପାଉଣା ଦେବା ଇତ୍ୟାଦି କ୍ଷେତ୍ରରେ ଅର୍ଥ ଖର୍ଚ୍ଚ ହୋଇଥାଏ। ବାରିକ ଓ ଧୋବା ମଧ୍ୟ ସେମାନଙ୍କ କାର୍ଯ୍ୟ କରିଥିବାରୁ ସେମାନଙ୍କୁ ମଧ୍ୟ ପାରିଶ୍ରମିକ ବାବଦକୁ କିଛି ଅର୍ଥ ଦେବାକୁ ପଡିଥାଏ ।

ଘରେ କେତେକ ପଶୁପକ୍ଷୀ ଯଥା; ଛେଳି, ମେଣ୍ଢା, ଠେକୁଆ, କୁକୁଡା, ବତକ ଓ ହଂସ ଇତ୍ୟାଦି ନିକଟସ୍ଥ ହାଟ କିମ୍ବା ବଜାରରୁ କ୍ରୟ କରିଥାଆନ୍ତି । ଫଳରେ ଏ କ୍ଷେତ୍ରରେ କିଛି ଅର୍ଥ ଖର୍ଚ୍ଚ ହୋଇଥାଏ। ପିଲାମାନଙ୍କର ବହି, ଖାତା, କଲମ ଇତ୍ୟାଦି ପାଠ୍ୟୋପକରଣ କ୍ରୟ କ୍ଷେତ୍ରରେ ଅର୍ଥ ବ୍ୟୟ ହୋଇଥାଏ।

ପରିବାରରେ କୌଣସି ବ୍ୟକ୍ତିର ଶରୀର ଅସୁସ୍ଥ ହେଲେ କିମ୍ବା ଦୀର୍ଘ ଦିନ ଧରି କୌଣସି ସାଙ୍ଘାତିକ ରୋଗରେ ଆକ୍ରାନ୍ତ ହେଲେ ଆଶୁ ଆରୋଗ୍ୟ ପାଇଁ କେତେପ୍ରକାର ଔଷଧ ବ୍ୟବହାର କରିବାକୁ ପଡିଥାଏ। ତେଣୁ ଔଷଧ କ୍ରୟ କ୍ଷେତ୍ରରେ ମଧ୍ୟ କିଛି ଅର୍ଥ ସେମାନେ ଖର୍ଚ୍ଚ କରିଥାଆନ୍ତି।

କୌଣସି ଅଭାବ ଓ ଅସୁବିଧା ଦେଖାଦେଲେ ଲୋକମାନେ କରଜ /ଋଣ କରିଥାଆନ୍ତି । ରାଜୁଆରମାନେ ମଧ୍ୟ ସାହୁକାର ତଥା ମହାଜନଙ୍କଠାରୁ ଋଣ ଆଣିଥାଆନ୍ତି । କୌଣସି ଜିନିଷକୁ ବନ୍ଧକ ଦେଇ ଶତକଡା ପାଞ୍ଚ ହାର ସୁଧରେ ଋଣ ଆଣିଥାଆନ୍ତି । ଋଣ ପରିଶୋଧ କରିବା କ୍ଷେତ୍ରରେ ମଧ୍ୟ ଅର୍ଥ ଖର୍ଚ୍ଚ ହୋଇଥାଏ ।

କେତେକ କ୍ଷେତ୍ରରେ ଅର୍ଥ ଖର୍ଚ୍ଚ କରି ସେଥିରୁ ଲାଭବାନ ହୋଇଥାଆନ୍ତି। କୃଷିକାର୍ଯ୍ୟ, ଗୃହୋପକରଣ କ୍ରୟ, ଖାଦ୍ୟ ଓ ବସ୍ତ୍ର କ୍ରୟ, ଗୃହ ନିର୍ମାଣ, ପାଠପଢ଼ା, ତଥା ବିଭିନ୍ନ ପର୍ବପର୍ବାଣିରେ ଆବଶ୍ୟକ ବ୍ୟୟକୁ ସେମାନେ ଆବଶ୍ୟକ ବୋଲି ମନେକରିଥାଆନ୍ତି। ସବାଇ ଘାସ ଚାଷକରି ସେଥିରେ ଖର୍ଚ୍ଚ କରାଯାଇଥିବା ଅର୍ଥରୁ ତତୋଽଧିକ ଲାଭ ପାଇଥାଆନ୍ତି।

ପ୍ରତ୍ୟେକ କ୍ଷେତ୍ରରେ ଅର୍ଥ ଖର୍ଚ୍ଚ କରିବାରେ ଗୃହର ମୁଖ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗୃହମୁଖ୍ୟଙ୍କ ପରାମର୍ଶ ଅନୁସାରେ ପ୍ରତ୍ୟେକ କ୍ଷେତ୍ରରେ ଆବଶ୍ୟକ ଅର୍ଥ ଖର୍ଚ୍ଚ କରାଯାଇଥାଏ। ତାଙ୍କର ବିନା ପରାମର୍ଶରେ କୌଣସି ଅର୍ଥ ଖର୍ଚ୍ଚ କରାଯାଇ ନ ଥାଏ। ସମୟେ ସମୟେ ଘରର ଅନ୍ୟମାନଙ୍କ ମତାମତ ନେଇ ଅର୍ଥ ଖର୍ଚ୍ଚ କରାଯାଇଥାଏ। ପ୍ରତ୍ୟେକଟିରେ ଗୃହ ମୁଖ୍ୟଙ୍କ ପରାମର୍ଶ ଆବଶ୍ୟକ ହୋଇଥାଏ ।

କେତେକ କ୍ଷେତ୍ରରେ ଖର୍ଚ୍ଚକୁ ରାଜୁଆରମାନେ ଖରାପ ବୋଲି ଭାବିଥାଆନ୍ତି। ସେ ବ୍ୟୟକୁ ଅପବ୍ୟୟ ବୋଲି ମଧ୍ୟ କହନ୍ତି । ଜୁଆ ଖେଳିବା, ଅନାବଶ୍ୟକ ଥାଉ ଏଣେତେଣେ ବୁଲି ବ୍ୟୟ କରିବା, ଅତ୍ୟଧିକ ମଦ୍ୟପାନ କରି ଅର୍ଥବ୍ୟୟ କରିବା, ମହାଜନଙ୍କଠାରୁ କରଜ ଆଣି ଆବଶ୍ୟକତା ଠାରୁ ଅଧିକ ଖର୍ଚ୍ଚ କରିବାକୁ ସେମାନେ ଖରାପ ବୋଲି ଭାବିଥାଆନ୍ତି।

ବ୍ୟକ୍ତି ଜୀବନରେ ଅନେକ ଅଭାବ ଅସୁବିଧା ଆସିଥାଏ। ସେହି ଅଭାବ ଅସୁବିଧାକୁ ପରିପୂରଣ କରିବା ତଥା ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ମଣିଷ କିଛି ସଞ୍ଚୟ କରିଥାଏ। ସେହିଭଳି ରାଜୁଆରମାନେ ମଧ୍ୟ କିଛି ସଞ୍ଚୟ କରିଥାଆନ୍ତି।

ଗରିବ ଶ୍ରେଣୀର ଲୋକେ ପ୍ରାୟ ସଞ୍ଚୟ କରି ନ ଥାଆନ୍ତି। ମଧ୍ୟବିତ୍ତ ଏବଂ ଧନୀ ଶ୍ରେଣୀର ଲୋକେ ସଂଚୟ କରିଥାଆନ୍ତି। ବର୍ତ୍ତମାନ ଏମାନେ ସଞ୍ଚୟ କରିବା ଶିଖିଗଲେଣି। ସବୁ ସମୟରେ ଏମାନଙ୍କୁ ଅଭାବ ଅସୁବିଧା ଦେଇ ଗତି କରିବାକୁ ପଡିଥାଏ।

ରାଜୁଆରମାନେ ବିଭିନ୍ନ ଆକାରରେ ସଞ୍ଚୟ କରିଥାଆନ୍ତି। ଭବିଷ୍ୟତ ବଂଶଧର ବା ନିଜର ପୁଅମାନଙ୍କ ପାଇଁ ସେମାନେ କିଛି ଜମିବାଡି ରଖିଥାଆନ୍ତି। ଫଳରେ ଭବିଷ୍ୟତରେ ପୁଅମାନେ ଚାଷପାଇଁ ଅସୁବିଧା ସମ୍ମୁଖୀନ ହୋଇନଥାଆନ୍ତି।

ରାଜୁଆର ସମାଜରେ କ୍ୱଚିତ୍ ଲୋକ ସୁନାଗହଣା ଓ ଅଳଙ୍କାର ସଂଚୟ କରିଥାଆନ୍ତି। ପରିବାରରେ କୌଣସି ଝିଅର ବିବାହ କ୍ଷେତ୍ରରେ ଝିଅକୁ ସେହି ଗହଣା ଓ ଅଳଙ୍କାର ଦିଆଯାଇଥାଏ। ବାସନକୁସନ କେତେକାଂଶରେ ସଂଚୟ କରି ରଖିଥାଆନ୍ତି। ଭବିଷ୍ୟତରେ ବ୍ୟବହାର ତଥା ଝିଅକୁ ବିବାହ ପରେ ଦନା କରିବା ପାଇଁ ବାସନକୁସନ ରଖିଥାଆନ୍ତି। ପ୍ରାୟତଃ ବିବାହ ପୂର୍ବରୁ ବାସନକୁସନ ସାଇତି ରଖିଥାଆନ୍ତି।

ଭବିଷ୍ୟତରେ କୌଣସି ଅଭାବ ଅସୁବିଧା ଦୂର କରିବାରେ ତଥା ଉପହାର ଦେବା କ୍ଷେତ୍ରରେ ରାଜୁଆରମାନେ ପଶୁପକ୍ଷୀ ପାଳନ କରିଥାଆନ୍ତି। ପାଳିତ ପଶୁ କିମ୍ବା ପକ୍ଷୀ ଦେବଦେବୀଙ୍କୁ ବିଭିନ୍ନ ପର୍ବପର୍ବାଣିରେ ବଳି ଦେବା ତଥା ଝିଅ କିମ୍ବା ପୁଅ ବିବାହରେ ଦାନ ଦେବା, ଭୋଜିଭାତ ଇତ୍ୟାଦି କ୍ଷେତ୍ରରେ ଆବଶ୍ୟକ ହୋଇଥାଏ।

ବର୍ତ୍ତମାନ କେତେକ ପୁଅ ତଥା କେତେକ ଝିଅ ଅଲଗା ଅଲଗା ଭାବେ ନିଜ ରୋଜଗାରରୁ କିଛି ଅଂଶ ପାଣ୍ଠି ଆକାରରେ ସଂଚୟ କରି ରଖୁଛନ୍ତି। ସାଧାରଣତଃ ଝିଅମାନେ ଚାନ୍ଦା ଆକାରରେ ମାସକୁ ଥରେ ଲେଖାଏଁ କିଛି ଅର୍ଥ ଠୁଳ କରୁଛନ୍ତି । ଅଧିକ ଅର୍ଥ ହେଲେ ସେଥିରୁ କିଛି ଅର୍ଥ ବ୍ୟାଙ୍କରେ ରଖୁଛନ୍ତି। ଅବଶିଷ୍ଟ ଅର୍ଥକୁ ଗ୍ରାମର ଲୋକମାନଙ୍କୁ ଅଧିକ ସୁଧ ହାରରେ କରଜ ଦେଇଥାଆନ୍ତି। ସେଥିରୁ ମଧ୍ୟ କିଛି ଲାଭ ଉଠାଉଛନ୍ତି ଏମାନେ। ଲାଭ ଅଂଶକୁ ଏମାନେ ସମାନଭାବରେ ବାଣ୍ଟି ଦେଇଥାଆନ୍ତି। ସମସ୍ତେ ସେହି ବଣ୍ଟା ଯାଇଥିବା ଅଂଶକୁ ଗ୍ରହଣ କରନ୍ତି।

ସେ ଯାହାହେଉ, ଭବିଷ୍ୟତରେ କୌଣସି ଜରୁରୀ କାମରେ ଲାଗିବା, ଦେହପା' ଅସୁସ୍ଥ ସମୟରେ ଔଷଧ କ୍ରୟ, ଅଭାବ ଅସୁବିଧାକୁ ଦୂର କରିବା ଇତ୍ୟାଦି ପାଇଁ ଏମାନେ ରୋଜଗାରରୁ କିଛି ଅର୍ଥ ସଂଚୟ କରିଥାଆନ୍ତି।

ସାଧାରଣତଃ କୌଣସି ଅଭାବ ଅସୁବିଧା ସମୟରେ ଲୋକେ କରଜ / ଋଣ ଆଣିଥାଆନ୍ତି। ରାଜୁଆର ସଂପ୍ରଦାୟର ଗରିବ ତଥା ମଧ୍ୟବିତ୍ତ ଶ୍ରେଣୀର ଲୋକେ ଖାଦ୍ୟର ଅଭାବ ଦେଖାଦେଲେ, ଆବଶ୍ୟକତାଠାରୁ ପର୍ବପର୍ବାଣିରେ ଅଧିକ ବ୍ୟୟ ହେଲେ, ବିବିଧ ସାମାଜିକ କାର୍ଯ୍ୟ ଯଥା: ବିବାହ, ଶୁଦ୍ଧିକ୍ରିୟା ଇତ୍ୟାଦିର ଖର୍ଚ୍ଚ ତୁଲାଇବା ତଥା ଉପହାରାଦି ଦେବା କ୍ଷେତ୍ରରେ କରଜ / ଋଣ ଆଣିଥାଆନ୍ତି ।

କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯଥା; ବାତ୍ୟା, ବନ୍ୟା ଓ ମରୁଡି ଦେଖାଦେଲେ ଖାଦ୍ୟର ଘୋର ଅଭାବ ପରିଲକ୍ଷିତ ହୋଇଥାଏ। ନିଜ ଆବଶ୍ୟକତା ମେଣ୍ଟାଇବା ସେମାନଙ୍କ ପକ୍ଷରେ ଅସମ୍ଭବ ହୋଇଉଠେ। ତେଣୁ ବାଧ ହୋଇ ସେମାନେ ପଡୋଶୀ ସାହୁକାରତଥା ମହାଜନଙ୍କ ଠାରୁ ଶସ୍ୟ କିମ୍ବା ଅର୍ଥ ଋଣ ଆଣିଥାଆନ୍ତି। ଶସ୍ୟକ୍ଷେତ୍ରରେ ଏକ ପୌଟି (କୋଡିଏ ଗୌଣି) ଧାନକରଜ ଆଣିଲେ ବର୍ଷ ଶେଷରେ ଏହାର ଦେଢ଼ଗୁଣ ଅର୍ଥାତ୍ ଏକ ପୌଟି ଦଶ ଗୌଣି ଅର୍ଥାତ୍ ତିରିଶ ଗୌଣି ଧାନ ଶୁଝିବାକୁ ପଡିଥାଏ। ଏକ ପୌଟି ଧାନରେ ସୁଧ ଆକାରରେ ଦଶଗୌଣି ଧାନ ସହିତ ମୂଳଧନ ଦେବାକୁ ପଡିଥାଏ। ସେହିଭଳି ଅର୍ଥ ଆକାରରେ ମାସିକ ଶତକଡା ପାଞ୍ଚଟଙ୍କା ସୁଧହାରରେ କରଜ ଆଣିଥାଆନ୍ତି। ମାତ୍ର ବର୍ଷକୁ ଏକ ଶହ ଟଙ୍କାର ସୁଧ ପଚାଶ ଟଙ୍କା ଦେଇଥାଆନ୍ତି। ମୂଳଧନ ସହିତ ଧଚାଶ ଟଙ୍କା ସୁଧ ଆକାରରେ ପରିଶୋଧ କରିବାକୁ ପଡିଥାଏ।

ସମୟେ ସମୟେ ଏମାନେ ଆୟ ବହୁର୍ଭୁତ ବ୍ୟୟ କରିଥାଆନ୍ତି। ବିଶେଷତଃ ପର୍ବପର୍ବାଣି ପାଳନରେ, ଭୋଜିଭାତ ଆୟୋଜନ ତଥା ପାନୀୟ ବନ୍ଦୋବସ୍ତ କ୍ଷେତ୍ରରେ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିଥାଆନ୍ତି। ଫଳତଃ ଏମାନେ ସାହୁକାର କିମ୍ବା ମହାଜନଠାରୁ କରଜ / ଋଣ ଆଣିବାକୁ ବାଧ ହୋଇଥାଆନ୍ତି।

ବେଳେବେଳେ ଆବଶ୍ୟକ ଅର୍ଥ ଅଭାବରୁ ଗୃହକର୍ତ୍ତା ନିଜ ଝିଅର ବିବାହ କରିବାକୁ ଅକ୍ଷମ ହୋଇଥାଏ । ବିବାହରେ ଖର୍ଚ୍ଚ ମେଣ୍ଟାଇବା ପାଇଁ ସେ ଋଣ / କରଜ କରିବାକୁ ପଛାଏ ନାହିଁ । ସେହିଭଳି କୌଣସି ବ୍ୟକ୍ତିର ମୃତ୍ୟୁପରେ ଶୁଦ୍ଧିକ୍ରିୟା ପାଇଁ ଗୃହକର୍ତ୍ତା ଅସକ୍ଷମ ହୋଇଥିଲେ ସେ ମଧ୍ୟ ବାଧହୋଇ କରଜ ଆଣିଥାଏ ।

ସମୟେ ସମୟେ ଅସୁବିଧା ଅଭାବ ଦେଖାଦେଲେ ମଧ୍ୟ ସମାଜରେ ନିଜ ମହତକୁ ରକ୍ଷାକରି ବନ୍ଧୁବାନ୍ଧବମାନଙ୍କୁ ବିଭିନ୍ନ ସାମାଜିକ ଉତ୍ସବରେ ଉପହାର /ଭେଟି ଦେବା ପାଇଁ ସାହୁକାର ତଥା ମହାଜନଙ୍କଠାରୁ କରଜ ଆଣିଥାଏ ।

କରଜ ଆଣିବା ସମୟରେ ଋଣଗ୍ରହୀତା କେତେକ ଜିନିଷ ବନ୍ଧକ ଦେବାକୁ ପଡିଥାଏ । ବନ୍ଧକ ଦ୍ରବ୍ୟଟି ସାଧାରଣତଃ ଋଣ / କରଜ ଆଣିବା ଅର୍ଥର ପରିମାଣଠାରୁ ଦୁଇରୁ ତତୋଽଧିକ ଗୁଣ ହୋଇଥିବା ଆବଶ୍ୟକ । ନଚେତ୍ ଋଣଦାତା ଋଣ ଦେଇ ନ ଥାଆନ୍ତି । ନିର୍ଦ୍ଧାରିତ ସମୟ ମଧ୍ୟରେ ଋଣ ପରିଶୋଧ କରି ନ ପାରିଲେ ବନ୍ଧକ ଆକାରରେ ଦେଇଥିବା ଦ୍ରବ୍ୟ ଉପରେ ଋଣଗ୍ରହୀତା କୌଣସି ପ୍ରକାର ଦାବି କରିପାରିବେ ନାହିଁ ବୋଲି ରାଜୁଆର ଲୋକେ ମତ ଦେଇଥାଆନ୍ତି । ନିର୍ଦ୍ଧାରିତ ସମୟ ପରେ ସଂପୃକ୍ତ ବନ୍ଧକ ଦ୍ରବ୍ୟ ଋଣ ଗ୍ରହୀତାର ନ ହୋଇ ସଂପୂର୍ଣ୍ଣ ଭାବେ ଋଣ ଦାତାଙ୍କର ହୋଇଥାଏ । କେତେକ ଗରିବ ଶ୍ରେଣୀର ଲୋକେ ଖାଦ୍ୟାଭାବ ସମୟରେ ସାହୁକାର / ମହାଜନଙ୍କ ଠାରୁ ଧାନ କରଜ ଆଣିଥାଆନ୍ତି । ଧାନ ଅମଳ ପରେ ସେମାନେ ଯଦି କରଜ ଆଣିଥିବା ଧାନର ସୁଧ ସହ ମୂଳ ପରିଶୋଧ କରିବାରେ ଅକ୍ଷମ ପ୍ରକାଶ କରିଥାଆନ୍ତି, ତେବେ ମହାଜନ / ସାହୁକାର ସେମାନଙ୍କୁ ନିଜ ଜମିରେ କିଛି ଦିନ କାମ କରିବାକୁ ନିର୍ଦ୍ଦେଶ ଦେଇଥାଆନ୍ତି । ବାଧ୍ୟହୋଇ ସେମାନେ ସାହୁକାର ତଥା ମହାଜନଙ୍କ ଜମିରେ କାମ କରି କରଜ ଧନକୁ ସୁଝିଥାଆନ୍ତି । ସମୟେ ସମୟେ ଏଇ ଗରିବ ତଥା ଜମିହୀନ ଲୋକଙ୍କୁ ମହାଜନ ତଥା ସାହୁକାରଙ୍କ ଜମିରେ ଅଧିକ ଦିନ କାମ କରିବାକୁ ପଡିଥାଏ ।

ସାଧାରଣତଃ କରଜ ଆଣିବା କ୍ଷେତ୍ରରେ ବନ୍ଧକ ଆକାରରେ ଋଣ ଗ୍ରହୀତା ଜମି, ଅଳଙ୍କାର, ବାସନକୁସନ ଇତ୍ୟାଦି ଋଣଦାତାଙ୍କୁ ଦେଇଥାଆନ୍ତି। କରଜ / ଋଣ ଆଣିଥିବା ଅର୍ଥ / ଧନର ପରିମାଣଠାରୁ ବନ୍ଧକ ଦ୍ରବ୍ୟ ପରିମାଣ ସାଧାରଣତଃ ଦୁଇ କୁମ୍ଭା ତତୋଽଧିକ ଗୁଣ ହୋଇଥାଏ ।

ନିରୀହ, ଗରିବ ତଥା ଜମିହୀନ ପ୍ରଜାମାନେ ବିଭିନ୍ନ ସମୟରେ ସାହୁକାର ତଥା ମହାଜନଙ୍କଠାରୁ ବିଭିନ୍ନ ବନ୍ଧକଦ୍ରବ୍ୟ ସହାୟତାରେ ଋଣ / କରଜ ଆଣିଥାଆନ୍ତି। ବନ୍ଧକ ଦ୍ରବ୍ୟ ରଖି ସାହୁକାର ତଥା ମହଜନମାନେ ଋଣ ମଧ୍ୟ ଦେଇଥାଆନ୍ତି। ଋଣ ପରିଶୋଧ କ୍ଷେତ୍ରରେ ଯଦି କୌଣସି ବ୍ୟତିକ୍ରମ ଦେଖାଯାଏ ମହାଜନ ତଥା ସାହୁକାରମାନେ ସୁଧର ହାର ବର୍ଦ୍ଧିତ କରିଥାଆନ୍ତି। ଫଳରେ ସୁଧ ଦେଇ ଦେଇ ଗରିବ ଶ୍ରେଣୀର ଲୋକେ ନୟାନ୍ତ ହୁଅନ୍ତି। ଶେଷରେ ଋଣ ପରିଶୋଧ କରିବାକୁ ଅକ୍ଷମ ହୋଇଥାଆନ୍ତି। ରାଜୁଆରମାନେ ସେତେବେଳେ ଶିକ୍ଷା କ୍ଷେତ୍ରରେ ଅଜ୍ଞ ଥିବାରୁ ବା କୌଣସି ବିଷୟ ପ୍ରତି ବିଶେଷ ଜ୍ଞାନ ନ ଥିବାରୁ ସାହୁକାର ତଥା ମହାଜନମାନେ ହିସାବ କ୍ଷେତ୍ରରେ ମଧ୍ୟ ତ୍ରୁଟି ଦର୍ଶାଇ ଏମାନଙ୍କଠାରୁ

ଅଧିକ ଅର୍ଥ ସଂଗ୍ରହ କରଥାଆନ୍ତି। ଶେଷରେ ସୁଧ ଓ ମୂଳ ସୁଝି ପାରନ୍ତି ନାହିଁ। ବନ୍ଧକ ଦେଇଥିବା ଜମି, ଅଳଙ୍କାର, ବାସନକୁସନ ଇତ୍ୟାଦିକୁ ଫେରାଇ ଆଣି ପାରନ୍ତି ନାହିଁ। ଶେଷରେ ବନ୍ଧକ ଜିନିଷକୁ ହରାଇ ବସନ୍ତି। ଆବଶ୍ୟକ ସ୍ଥଳେ ଦୀର୍ଘଦିନ ଧରି ସାହୁକାର ଘରେ ରହି ବିଭିନ୍ନ କାମ କରି ଋଣ ପରିଶୋଧ କରିଥାଏ। ଭଲ ଓ ମନ୍ଦ ଉଭୟ କ୍ଷେତ୍ରରେ ସାହୁକାର ଦ୍ୱାରରେ ଏମାନେ ଠିଆହେଲେ ସାହୁକାର ଏମାନଙ୍କୁ କଦାପି ଫେରାନ୍ତି ନାହିଁ। କରଜ ଦେଇଥିବାରୁ ସାହୁକାର ଋଣଗ୍ରହୀତାଙ୍କୁ ଯେକୌଣସି ସମୟରେ ଡାକନ୍ତି, ସେମାନେ ଆସି ଉପସ୍ଥିତ ହୋଇଥାଆନ୍ତି। ସାହୁକାର / ମହାଜନଙ୍କ ବିବିଧ କାର୍ଯ୍ୟରେ ସହଯୋଗ କରିଥାଆନ୍ତି। ଏଥି ସକାଶେ ସାହୁକାର / ମହାଜନ ସେମାନଙ୍କୁ କୌଣସି ପାରିଶ୍ରମିକ ଦେଇ ନଥାଆନ୍ତି। ଋଣକୁ ଋଣ ସୁଝନ୍ତି । ତା' ବ୍ୟତୀତ ମହାଜନଙ୍କର ଏହିଭଳି ଅନେକ କାର୍ଯ୍ୟ ମଧ୍ୟ କରିଥାଆନ୍ତି । କରଜ ଦେବାନେବା, ସୁଧ ଆଦାୟ କ୍ଷେତ୍ରରେ ମହାଜନ / ସାହୁକାରମାନେ ଏମାନଙ୍କର ସରଳତାକୁ ଅନୁଧ୍ୟାନ କରି ହିସାବ କ୍ଷେତ୍ରରେ ତ୍ରୁଟି ଦର୍ଶାଇ ଏମାନଙ୍କଠାରୁ ଅଧିକ ଅର୍ଥ ଆଦାୟ କରିଥାଆନ୍ତି। ଆହୁରି ଅଧିକ ଅର୍ଥ ସୁଝିବାକୁ ଏମାନଙ୍କୁ ପ୍ରବର୍ତ୍ତାଇ ଥାଆନ୍ତି। "ବଡ ଲୋକଙ୍କୁ ଉତ୍ତର ନାହିଁ, ସ୍ୱର୍ଗକୁ ନିଶୁଣି ନାହିଁ" ଭଳି ଏମାନେ ପ୍ରତ୍ୟୁତ୍ତର କିଛି ଦିଅନ୍ତି ନାହିଁ। ଶେଷରେ ତାହା ମଧ୍ୟ ହୋଇଥାଏ। ଆସ୍ତେ ଆସ୍ତେ ମହାଜନମାନେ ଋଣଗ୍ରହୀତାଙ୍କର ମନକୁ କିଣିନେବା ଭଳି କଥା କହିଥାଆନ୍ତି। ଶୋଷଣ ମନୋଭାବ ରଖି ଏଭଳି କରିଥାଆନ୍ତି। ହିସାବରେ ଯାହା ହେଉ ନା କାହିଁକି ଏମାନଙ୍କୁ ପରିଶୋଧ କରିବାକୁ ପଡିଥାଏ। ଶେଷରେ ପରିଶୋଧ କରି ନ ପାରି ବନ୍ଧକ ଜିନିଷ ହରାଇ ବସିଥାଆନ୍ତି। ନିଜେ ସେତେବଳେ ସ୍ଥାଣୁର ହୋଇ ବସି ରହିଥାଆନ୍ତି। ତେଣୁ ବିଭିନ୍ନ ଉପାୟରେ ସାହୁକାର ତଥା ମହାଜନମାନେ ଋଣଗ୍ରହୀତାଙ୍କୁ ଶୋଷଣ କରିଥାଆନ୍ତି।

ସମୟର ଦ୍ରୁତ ପରିବର୍ତ୍ତନ ଫଳରେ ଗ୍ରାମାଞ୍ଚଳରେ ମହାଜନ ତଥା ସାହୁକାରମାନଙ୍କର ପ୍ରାର୍ଦୁଭାବ ଆସ୍ତେ ଆସ୍ତେ କମିବାରେ ଲାଗିଛି । ବିଶେଷ ଭାବରେ ଆଉ ମହାଜନ ତଥା ସାହୁକାରଙ୍କ ନିକଟକୁ ଯିବାକୁ ପଡୁନାହିଁ। କାରଣ ଲୋକେ ନିଜେ ନିଜେ କେତେଜଣ ଏକାଠି ହୋଇ କିଛି ଅର୍ଥ ସଂଗ୍ରହ କରି ପାଣ୍ଠି ପ୍ରସ୍ତୁତ କଲେଣି। ମହାଜନଙ୍କଠାରୁ ଠକେଇ ଏବଂ ଶୋଷଣରୁ ମୁକ୍ତି ପାଇଁ ଏମାନେ ଏହି ପାଣ୍ଠି ଗଠନ କଲେଣି। ଗ୍ରାମରେ କିଛି ଲୋକ ଏକାଠି ହୋଇ ଗୋଷ୍ଠୀ ତିଆରି କରିଛନ୍ତି। ଏହା ସ୍ୱୟଂ ସହାୟକ ଗୋଷ୍ଠୀ। ଏହି ଗୋଷ୍ଠୀର ସଦସ୍ୟମାନେ ମାସିକ କିଛି ଅର୍ଥ ସଂଗ୍ରହ କରି ଏହି ଗୋଷ୍ଠୀରେ ଠୁଳ କରିଥାଆନ୍ତି। ନିଜର ସୁବିଧା ଅସୁବିଧା ତଥା ଅନ୍ୟ ଲୋକମାନଙ୍କର

ସୁବିଧା ଅସୁବିଧା ସମୟରେ ଲୋକମାନଙ୍କୁ ଋଣ ଦେବାରେ ଏହି ଗୋଷ୍ଠୀ କାର୍ଯ୍ୟ କରିଥାଆନ୍ତି। ଶତକଡା ତିନିଟଙ୍କା ରୁ ପାଞ୍ଚ ଟଙ୍କା ହାର ସୁଧରେ ଲୋକମାନଙ୍କୁ ଋଣ ଯୋଗାଇଥାଏ। ଗ୍ରାମର ଉତ୍ତର ପୁରୁଷ ତଥା ମହିଳାମାନେ ଅଲଗା ଭାବେ ଏହି ଗୋଷ୍ଠୀ ଗଠନରେ ସାମିଲ ହୋଇଥାଆନ୍ତି। ଏତଦ୍ ବ୍ୟତୀତ ବିଭିନ୍ନ ସହାୟକ ସଂସ୍ଥାମାନଙ୍କରୁ କୃଷି ତଥା ବିବିଧ ବ୍ୟବସାୟ ପାଇଁ ମଧ୍ୟ ଋଣ ଆଣୁଛନ୍ତି।

■■■

ସାମାଜିକ ସଙ୍ଗଠନ

ମନୁଷ୍ୟ ସମାଜରେ ଜନ୍ମନିଏ, ବଞ୍ଚି ରହେ ଏବଂ ଶେଷରେ ଏହି ସମାଜ ମଧ୍ୟରେ ପ୍ରାଣତ୍ୟାଗ କରେ। ତା'ର ପ୍ରତିଟି କାର୍ଯ୍ୟ ଏହି ସମାଜ ମଧ୍ୟରେ ସମାହିତ ହୋଇଥାଏ। ସମାଜ ହିଁ ମନୁଷ୍ୟର ସୁଖ ଦୁଃଖର ସାଥୀ ହୋଇ ଅଦ୍ୟାବଧି ରହିଛି ଏବଂ ରହିଥିବ। ସମାଜରୁ ସ୍ନେହ, ପ୍ରେମ, ଆଦର, ସମ୍ମାନ, ଆଚାର, ବ୍ୟବହାର, ଚାଲିଚଳନ, ପରଶ୍ରୀକାତର ପ୍ରଭୃତି ଗୁଣ ଶିକ୍ଷା କରିଥାଏ। ସମାଜହିଁ ମନୁଷ୍ୟର ପ୍ରାଣକେନ୍ଦ୍ର। ବ୍ୟକ୍ତିର ବ୍ୟକ୍ତିତ୍ୱ ଏହି ସମାଜ ମଧ୍ୟରେ ବିକଶିତ ହୋଇଥାଏ। ବ୍ୟକ୍ତିର ଅଭାବ ଅସୁବିଧାକୁ ଦୂର କରିବାରେ ସମର୍ଥ ହୋଇଥାଏ ଏଇ ସମାଜ।

ଦିନ ଥିଲା ଏଇ ମଣିଷ ଯାଯାବର ହୋଇ ଜୀବନଯାପନ କରୁଥିଲା। ମୁକ୍ତ ଭାବରେ ବଣ ଜଙ୍ଗଲରେ ବୁଲୁଥିଲା। ଜଙ୍ଗଲରୁ ଯାହା କିଛି ଖାଦ୍ୟ ପାଉଥିଲା ସେତିକିରେ ଚଳି ଯାଉଥିଲା। ଆସ୍ତେ ଆସ୍ତେ ତା'ର ଆବଶ୍ୟକତା ବଢ଼ିବାକୁ ଲାଗିଲା। ଏବଂ ଅନ୍ୟ ଉପରେ ନିର୍ଭର କରି ଚଳିବା ଆରମ୍ଭ କଲା । ଏହିପରି ବ୍ୟକ୍ତି, ବ୍ୟକ୍ତିରୁ ପରିବାର, ପରିବାରରୁ ସାହି, ସାହିରୁ ଗ୍ରାମ, ଗ୍ରାମରୁ ଗଢ଼ିଉଠିଥିଲା ତା'ର ସମାଜ।

ଅନ୍ୟାନ୍ୟ ଜନଜାତି ଭଳି ରାଜୁଆରମାନଙ୍କର ସାମାଜିକ ସଂପର୍କ ଖୁବ୍ ନିବିଡ଼ । ସେମାନେ ସାମାଜିକ ବ୍ୟବସ୍ଥା ଭିତରେ ରହି ହସଖୁସିରେ ଚଳିବା ପାଇଁ ପସନ୍ଦ କରିଥାଆନ୍ତି । ତେଣୁ ସମାଜ ମଧ୍ୟରେ ଅନ୍ୟମାନଙ୍କ ସହ ସଂପର୍କ, ପରିବାର ଗଠନ ତଥା ଲୋକମାନଙ୍କର ଭୂମିକାରେ ରାଜୁଆରମାନଙ୍କର ମୌଳିକତା ପରିଲକ୍ଷିତ ହୋଇଥାଏ।

ରକ୍ତ ସଂପର୍କ:

ନିଜ ପରିବାର, ବଂଶ, ରକ୍ତ ସଂପର୍କ ଅନ୍ତର୍ଭୁକ୍ତ। ପରିବାରରେ ବାପା, ମା', ଭାଇ, ଭଉଣୀ, ଦାଦା, ଖୁଡୀ, ଜେଜେ, ବଡବାପା, ବଡ ମାଆ ଇତ୍ୟାଦିଙ୍କଠାରେ ରକ୍ତଗତ ସଂପର୍କ ଥାଏ। ପୂର୍ବପୁରୁଷମାନଙ୍କଠାରୁ ପରିବାର ସୃଷ୍ଟି ବା ବଂଶର ସୃଷ୍ଟି ହୋଇଥାଏ। ରକ୍ତ ସଂପର୍କୀୟ ଲୋକଙ୍କ ମଧ୍ୟରେ ବିବାହ ନିଷେଧ ହୋଇଥାଏ। ପରିବାରର ଯେକୌଣସି କାର୍ଯ୍ୟରେ ରକ୍ତ ସମ୍ପର୍କୀୟମାନେ ସକ୍ରିୟ ଅଂଶ ଗ୍ରହଣ କରିଥାଆନ୍ତି। ପ୍ରତ୍ୟେକେ ପ୍ରତ୍ୟେକଙ୍କ ସୁଖ ଦୁଃଖରେ ଅଂଶୀଦାର ହୋଇଥାଆନ୍ତି। ରକ୍ତ ସଂପର୍କୀୟମାନଙ୍କ ମଧ୍ୟରେ ଗୁରୁଜନଙ୍କୁ ସମ୍ମାନ ଏବଂ ସେବା ପ୍ରଦାନ କଲାବେଳେ ଛୋଟ ପିଲାମାନଙ୍କୁ ସ୍ନେହ ଆଦର ତଥା ଯତ୍ନ ନେବାକୁ ପଡିଥାଏ।

ବାପା, ମାଆ, ଜେଜେବାପା, ଜେଜେମାଆ, ଭାଇ, ଭଉଣୀ ଇତ୍ୟାଦିଙ୍କୁ ନେଇ ପରିବାର ଗଠନ କରାଯାଇଥାଏ। ପରିବାର ହେଉଛି ସମାଜର ଏକ କ୍ଷୁଦ୍ର ଅନୁଷ୍ଠାନ। ପରିବାର ମଧ୍ୟରେ ସଦସ୍ୟଙ୍କର ଭୂମିକା ଭିନ୍ନ ହୋଇଥାଏ। ଏମାନେ ପରସ୍ପର ମଧ୍ୟରେ ଘନିଷ୍ଠ ସଂପର୍କ ରକ୍ଷା କରିଥାଆନ୍ତି। ସମସ୍ତେ ମିଳିମିଶି ଚଳିଥାଆନ୍ତି। ସୁଖ ଦୁଃଖରେ ସାଥି ହୋଇ ରହିଥାଆନ୍ତି। ଯେକୌଣସି ଶୁଭ କାର୍ଯ୍ୟ ପୂର୍ବରୁ ସମସ୍ତେ ଏକ ହୋଇ ବସନ୍ତି। କାର୍ଯ୍ୟ ସମ୍ପାଦନ କରିବା ପାଇଁ ଆଲୋଚନା କରିଥାନ୍ତି। ଏମାନେ ପରସ୍ପରକୁ ସମ୍ମାନ, ସ୍ନେହ, ଆଦର କରିଥାଆନ୍ତି। ଛୋଟ ଭାଇଭଉଣୀମାନେ ଗୁରୁଜନମାନଙ୍କ ଆଦେଶ ପାଳନ କରିଥାଆନ୍ତି। ପିତାମାତା ପିଲାମାନଙ୍କର ସମସ୍ତ ଦାୟିତ୍ୱ ବହନ କରିଥାଆନ୍ତି। ପିଲାମାନେ କିଭଳି ଭଲ ମଣିଷ ହୋଇ ସମାଜରେ କାର୍ଯ୍ୟ କରିବେ ପିତାମାତା ସଦାସର୍ବଦା ଚିନ୍ତା କରିଥାଆନ୍ତି। ପରିବାରରେ ସୁଖ, ଶାନ୍ତି ବଜାୟ ରଖିବା ପାଇଁ ପ୍ରତ୍ୟେକ ସଦସ୍ୟ ଚେଷ୍ଟା କରିଥାଆନ୍ତି।

ଶ୍ରମ ଦଳ :

କୌଣସି କାର୍ଯ୍ୟଟିକୁ କେତେକ ବ୍ୟକ୍ତି ଏକଜୁଟ ହୋଇ ସହଯୋଗୀ ମନୋବୃତ୍ତି ନେଇ କାର୍ଯ୍ୟଟି ସଂପାଦନ କରିପାରିଲେ ତାହାକୁ ସାଧାରଣତଃ ସହଯୋଗୀ ଶ୍ରମ କୁହାଯାଏ। ଚାଷ କାର୍ଯ୍ୟ, ଘରଛପର ଇତ୍ୟାଦି କାର୍ଯ୍ୟରେ ସହଯୋଗୀ ଶ୍ରମ ଦଳ ସହଯୋଗ କରିଥାଏ। ଏହାଛଡ଼ା ଗ୍ରାମ ରାସ୍ତା ମରାମତି, ଗ୍ରାମ କୂପ ଖନନ, ଗ୍ରାମ ଦାଣ୍ଡ ପରିଷ୍କାର ପରିଚ୍ଛନ୍ନ, ପୋଖରୀରୁ ପଙ୍କ ଉଦ୍ଧାର ଇତ୍ୟାଦି କାର୍ଯ୍ୟରେ ମଧ୍ୟ ସେମାନେ ସହଯୋଗୀ ମନୋଭାବ ନେଇ କାର୍ଯ୍ୟ କରିଥାନ୍ତି । ସହଯୋଗୀ ଶ୍ରମ ଦଳର ସହାୟତାରେ କାର୍ଯ୍ୟଟି ସହଜ, ସରଳ ତଥା ସ୍ୱଳ୍ପ ସମୟ ମଧ୍ୟରେ ସଂପାଦିତ ହୋଇଥାଏ । ରାଜୁଆର ସମାଜରେ ଏହି ପ୍ରଥା ଅଦ୍ୟାବଧି ବଳବତ୍ତର ରହିଥିବାର ଜଣାଯାଏ ।

ପୂର୍ବେ ରାଜୁଆରମାନେ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିଲେ। ଜଙ୍ଗଲରୁ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ସାଙ୍ଗକୁ ଜଙ୍ଗଲରୁ ମଧ୍ୟ ବିଭିନ୍ନ ପଶୁପକ୍ଷୀଙ୍କୁ ଶିକାର କରୁଥିଲେ। ତେଣୁ ସେମାନେ ଶିକାର ଯିବା ପୂର୍ବରୁ ଗ୍ରାମଦେବତାଙ୍କ ନିକଟରେ ପୂଜାପାଠ କରି ଦଳ ହୋଇ ଶିକାର ପାଇଁ ଜଙ୍ଗଲକୁ ଯାଉଥିଲେ। ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଶିକାରକୁ ଯାଉଥିଲେ। ଶିକାରକୁ ସମାନ ଭାବରେ ଗ୍ରାମବାସୀଙ୍କ ମଧ୍ୟରେ ବଣ୍ଟନ କରୁଥିଲେ । ଫଳତଃ ଗ୍ରାମରେ ଏକତା ସହ ବନ୍ଧୁଭାବ ବଢୁଥିଲା ଏବଂ ପରସ୍ପରର ପରସ୍ପର ସହିତ ସୌହାର୍ଦ୍ଦ୍ୟ ରହୁଥିଲା ।



ଆମ ପରିବାର



ଚାଷ ଅଛି ଯାହାର

ରାଜୁଆରମାନେ ଜଙ୍ଗଲଜାତ ଦ୍ରବ୍ୟକୁ ନିକଟସ୍ଥ ହାଟ ବଜାରରେ ବିକ୍ରି କରିଥାଆନ୍ତି। ଦଳବଦ୍ଧ ହୋଇ ହାଟବଜାରକୁ ଯାଇ ସୌଦାପତ୍ର କିଣିବାରେ ଠକାମିର ଆଶାଙ୍କା କମ୍ ଥାଏ ବୋଲି ସେମାନଙ୍କର ବିଶ୍ୱାସ। ତେଣୁ ହାଟବଜାରରେ ଜିନିଷଗୁଡିକର ମୂଲ୍ୟ ନିର୍ଦ୍ଧାରଣ କରିବା ବେଳେ ସହଯୋଗୀ ମନୋବୃତ୍ତି ପ୍ରକାଶ ପାଇ ଏକତା ସୃଷ୍ଟି ହୋଇଥାଏ।

ଗ୍ରାମର ଭଲମନ୍ଦ କଥା ବିଚାର କରିବା ପାଇଁ ବୟସ୍କ ଭଦ୍ରଲୋକଙ୍କୁ ଦାୟିତ୍ୱ ଦିଆଯାଇଥାଏ। ଏହି ସମବୟସ୍କ ଲୋକମାନଙ୍କୁ ନେଇ ଗ୍ରାମ ବିଚାର କରାଯାଇଥାଏ। ଏମାନେ ବୁଝି ବିଚାରି ପ୍ରତ୍ୟେକ କାମ କରିଥାଆନ୍ତି। ଫଳରେ ଅନ୍ୟର ଅନିଷ୍ଟ ହୋଇ ନଥାଏ। ଗ୍ରାମର ମଙ୍ଗଳ ତଥା ସୁରକ୍ଷା ଦିଗରେ ଏମାନେ ସର୍ବଦା କାର୍ଯ୍ୟ କରିଥାଆନ୍ତି। ଲୋକମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିଥାଆନ୍ତି। ଏମାନଙ୍କୁ ନେଇ ଗ୍ରାମସଭା ଗଢ଼ାଯାଇଥାଏ। ଗ୍ରାମରେ ପାଳିତ ବିଭିନ୍ନ ପର୍ବପର୍ବାଣିରେ ଏମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏମାନେ ପୂଜା ତଥା ପର୍ବପର୍ବାଣି ପାଳନ ଦିଗରେ ମାର୍ଗ ଦର୍ଶନ କରିଥାଆନ୍ତି। ଗ୍ରାମ ଗ୍ରାମ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱକୁ ସମାଧାନ କରିବାରେ ଏମାନେ ସକ୍ଷମ ହୋଇଥାଆନ୍ତି। ତେଣୁ ଏକା ବୟସର ଲୋକେ ଏପରି ଗୁରୁଦାୟିତ୍ୱ ବହନ କରି ସୂଚାରୁରୂପେ ସଂପାଦନ କରିଥାଆନ୍ତି।

ବ୍ୟକ୍ତିଗତ ଭାବେ ମାଛ ଧରିବା ସଙ୍ଗେ ସଙ୍ଗେ ରାଜୁଆରମାନେ ମଧ୍ୟ ଦଳଗତ ଭାବେ ମାଛ ଧରିବାରେ ଅଭ୍ୟସ୍ତ। ବିଭିନ୍ନ ପ୍ରକାର ଜାଲକୁ ବ୍ୟବହାର କରି ନଈ, ପୋଖରୀ, ଗଡିଆ ଇତ୍ୟାଦିରୁ ମାଚ ଧରିଥାଆନ୍ତି। କେତେକ କୌଶଳ ପ୍ରୟୋଗ କରି ମାଛ ଧରିବାରେ ଏମାନେ ଧୁରନ୍ଧର। ଦଳଗତ ଭାବେ ମାଛ ଧରିବା ପରେ ପରସ୍ପର ମଧ୍ୟରେ ମାଛକୁ ସମାନ ଭାବରେ ବାଣ୍ଟିଥାନ୍ତି।

ରାଜୁଆରମାନଙ୍କ କରମ ପୂଜା ଶେଷରେ ନାଚ ଗୀତର ଆସର ଜମିଥାଏ। ପୁରୁଷମାନେ ମାଦଳର ତାଳେ ତାଳେ ଗୀତ ସଙ୍ଗେ ତାଳ ଦେଇ ନାଚ କରିଥାଆନ୍ତି। ଗୋଟିଏ ଦଳ କ୍ଲାନ୍ତି ଅନୁଭବ କରିବା ପୂର୍ବରୁ ସେମାନଙ୍କ ସ୍ଥାନରେ ନୂଆ ଦଳ ଯୋଗ ଦେଇ ନାଚ ଗୀତର କ୍ରମର ଜାରି ରଖିଥାନ୍ତି। ସମସ୍ତେ ମିଳିମିଶି ଗୀତ ନାଚ କରିଲେ ତାହା ଏକ ଭିନ୍ନ ସ୍ୱାଦର ହୋଇଥାଏ।

ପରିବାର (ଘାରେକ୍ ଲୋକ) :

ପରିବାର ହେଉଛି ଏକ କ୍ଷୁଦ୍ର ସାମାଜିକ ଅନୁଷ୍ଠାନ। ବାପା, ମାଆ, ଜେଜେବାପା, ଜେଜେମାଆ, ଦାଦା, ଝୁଡୀ, ଭାଇ, ଭଉଣୀ ଇତ୍ୟାଦିଙ୍କୁ ନେଇ ପରିବାର ଗଠିତ ହୋଇଥାଏ।

ଏହି ପରିବାରରେ ଶିଶୁଟି ଜନ୍ମହୁଏ, ଲାଳନ ପାଳନ ହୋଇ ଆସ୍ତେ ଆସ୍ତେ ବଡ ହୁଏ । ମଣିଷ ଭଳି ମଣିଷ ହେବା ପାଇଁ ପରିବାରରେ ପ୍ରାଥମିକ ପ୍ରଚେଷ୍ଟା କରିଥାଆନ୍ତି । ପରିବାରରୁ ଶିଶୁଟି ଆଚାର ବ୍ୟବହାର, ସେବାପରାୟଣ, ସହିଷ୍ଣୁତା, ନିଃସ୍ୱାର୍ଥପରତା, ସହନଶୀଳତା, ପରୋପକାର, ସଚ୍ଚୋଟତା, ଦାୟିତ୍ୱବୋଧତା ଇତ୍ୟାଦି ଗୁଣ ଶିକ୍ଷା କରିଥାଏ । ପରିବାରର ଯେକୌଣସି କାର୍ଯ୍ୟରେ ସମସ୍ତ ସଦସ୍ୟ ସାମିଲ ହୋଇଥାଆନ୍ତି । ଫଳରେ କାର୍ଯ୍ୟଟି ସଫଳ ହୋଇଥାଏ । ପରିବାର ହିଁ ବ୍ୟକ୍ତି ଜୀବନର ପ୍ରାଣକେନ୍ଦ୍ର । ପ୍ରଥମ ଶିକ୍ଷାକେନ୍ଦ୍ର ହିସାବରେ ପରିବାର ପରିଗଣିତ । ସମାଜ ତଥା ଗ୍ରାମ ଗଠନର ମୂଳ ହିଁ ପରିବାର । ରାଜୁଆର ସମାଜରେ ଯୌଥ ତଥା ଏକକ ପରିବାର ଥାଆନ୍ତି । ସାଧାରଣତଃ ବଡ ପରିବାରକୁ କୁଟୁମ୍ବ (କୁଟୁମ୍) ବୋଲି କହିଥାଆନ୍ତି । ରକ୍ତ ସଂପର୍କୀୟ ଲୋକମାନଙ୍କ ଦ୍ୱାରା କୁଟୁମ୍ବ ଗଠିତ ହୋଇଥାଏ । ଏକ କେନ୍ଦ୍ରୀୟ ବା ଏକକ ପରିବାରର ବାପା ହେଉଛନ୍ତି ମୁଖ୍ୟ ।

ରାଜୁଆର ସମାଜରେ ବହୁପତ୍ନୀକ ପରିବାର କ୍ୱଚିତ୍ ଦେଖାଯାଇଥାଏ । ସ୍ତ୍ରୀ ମରିଗଲା ପରେ ସେ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥାଏ । କେତେକ କ୍ଷେତ୍ରରେ ସ୍ତ୍ରୀ ନିଃସନ୍ତାନ ହେଲେ ସେ ପୁନଃ ବିବାହ କରିଥାଏ । ସ୍ଥଳବିଶେଷରେ ରାଜୁଆର ସମାଜରେ ବିଭାଜିତ ପରିବାର ଦେଖାଯାଇଥାଏ । କୌଣସି ସ୍ତ୍ରୀର ବିବାହ ପରେ ଯଦି ସନ୍ତାନ ସନ୍ତତି ନ ହୁଏ, ଫଳରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଅନେକ ସମୟରେ ଗଣ୍ଡଗୋଳ ହୋଇଥାଏ । ଜମିଜମା ସଂକ୍ରାନ୍ତୀୟ ଗଣ୍ଡଗୋଳକୁ ନେଇ ମଧ୍ୟ ପରିବାରରେ ଫାଟ ସୃଷ୍ଟି ହୋଇଥାଏ । ଫଳରେ ପରିବାର ବିଭାଜିତ ହେବାର ସମ୍ଭାବନା ରହିଥାଏ ।

ପରିବାର ମଧ୍ୟରେ ଯେକୌଣସି ପୂଜା, ପର୍ବପର୍ବାଣି, ବିବାହ, ଶୁଦ୍ଧିକ୍ରିୟାରେ ବାପାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗୃହକର୍ତ୍ତା ହିସାବରେ ଗୃହ ମଧ୍ୟରେ ବିବିଧ ପୂଜା ଯଥା; ମୁଠିପୂଜା, ଗୋବର୍ଦ୍ଧନ ପୂଜା, ଦଶ୍‌ରା ପୂଜା ଇତ୍ୟାଦିରେ ବାପା ନିଜେ ହିଁ ଗୃହ ମଧ୍ୟରେ ଥିବା ଇଶାଣ ପୂଜା କରିଥାଆନ୍ତି ଏବଂ ପୂର୍ବପୁରୁଷମାନଙ୍କୁ ସ୍ମରଣ କରିଥାଆନ୍ତି । ବିବାହ କ୍ଷେତ୍ରରେ ବାପା ହିଁ ପ୍ରାୟ ସମସ୍ତ ଦାୟିତ୍ୱ ଗ୍ରହଣ କରିଥାଆନ୍ତି । ବରକନ୍ୟା ଦେଖାଠାରୁ ଆରମ୍ଭ କରି ବରକନ୍ୟା ବିଦାୟ ହେବା ପର୍ଯ୍ୟନ୍ତ ସେ ସମସ୍ତ କାର୍ଯ୍ୟ ସମ୍ପାଦାନ କରିଥାଆନ୍ତି । କୌଣସି ନୂତନ ଗୃହ ନିର୍ମାଣ କ୍ଷେତ୍ରରେ ବାପା ମଧ୍ୟ ଗୃହକର୍ତ୍ତା ହିସାବରେ ପୂଜାରେ ସହଯୋଗ କରିଥାଆନ୍ତି । ପରିବାରରେ କାହାର ଦେହ ଖରାପ ହେଲେ, ପାଠପଢ଼ା ଇତ୍ୟାଦି ସମସ୍ତ କ୍ଷେତ୍ରରେ ବାପାଙ୍କର ପ୍ରମୁଖ ଦାୟିତ୍ୱ ରହିଥାଏ । ରାଜୁଆର ସମାଜରେ

ପିତା ହିସାବରେ ପୁତ୍ରମାନଙ୍କୁ ଚାଷ କାର୍ଯ୍ୟରେ ସହଯୋଗ, ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହରେ କୌଶଳ ଶିଖାଇଥାଆନ୍ତି। ଯେକୌଣସି ବିଷୟ ଆଲୋଚନା ବେଳେ ବାପାଙ୍କ କଥାକୁ ସମସ୍ତେ ଗୁରୁତ୍ୱ ଦେଇଥାନ୍ତି। ତାଙ୍କ ନିର୍ଦ୍ଦେଶରେ ପରିବାର ଚାଲେ। ପରିବାରର ସମସ୍ତ ଅସୁବିଧାକୁ ସମ୍ମୁଖୀନ ହେବାକୁ ବାପା ଅଗ୍ରସର ହୋଇଥାଆନ୍ତି।

ପରିବାରରେ ବାପାଙ୍କ ଭଳି ମାଆର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ପରିବାର ମଧ୍ୟରେ ସମସ୍ତ ଦାୟିତ୍ୱ ମାଆ ସମ୍ପାଦନ କରିଥାଆନ୍ତି। ପିଲାମାନଙ୍କର ସମସ୍ତ ଅଳି ଅର୍ଦ୍ଦଳିକୁ ମାଆ ନିଜେ ମୁଣ୍ଡେଇ ଥାନ୍ତି। ଘର କାମଠାରୁ ଆରମ୍ଭ କରି ସବୁ କାମରେ ବାପାଙ୍କୁ ସହଯୋଗ କରିଥାନ୍ତି। ଘରର ଧନ ସଂପତ୍ତି, ସଂଚୟ ତଥା ରକ୍ଷଣାବେକ୍ଷଣ ଦାୟିତ୍ୱ ମାଆ ହିଁ ବୁଝିଥାନ୍ତି। କୌଣସି ଅର୍ଥ ବ୍ୟୟ କରିବା, ସଂପତ୍ତି କ୍ରୟ କରିବା ଇତ୍ୟାଦି କ୍ଷେତ୍ରରେ ମାଆର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶାଶୂ, ଶ୍ୱଶୁରଙ୍କୁ ସମ୍ମାନ ତଥା ସେବା ହିଁ ମାଆର କର୍ତ୍ତବ୍ୟ । ସଭିଙ୍କ ସୁଖ ଦୁଃଖରେ ସାଥୀ ହୋଇ ମାଆ ଚଳିଥାଏ । ପରିବାରରେ କାହାର ଶରୀର ଅସୁସ୍ଥ ହେଲେ ମା'ର ହୃଦୟ ତତ୍‌କ୍ଷଣାତ୍ ବିଗଳିତ ହୋଇଥାଏ । ପରିବାରର ସମସ୍ତଙ୍କ ଟାଣ କଥାକୁ ମାଆ ସହ୍ୟ କରିଥାଏ। ଶିଶୁ ଜନ୍ମ ପରଠାରୁ ତା'ର ସଂପୂର୍ଣ୍ଣ ଲାଳନ ପାଳନ ଦାୟିତ୍ୱ ପ୍ରତ୍ୟକ୍ଷ ଭାବରେ ମା' ହିଁ ବହନ କରିଥାଆନ୍ତି । ଶିଶୁଟିର ସ୍ୱାସ୍ଥ୍ୟ ପ୍ରତି ମାଆ ବେଶୀ ଯତ୍ନଶୀଳ ହୋଇଥାଏ । ଗୁରୁଜନମାନଙ୍କୁ ସମ୍ମାନ ଓ ଭକ୍ତି କରିବା ବେଳେ ଲଘୁଜନଙ୍କୁ ସ୍ନେହ ଆଦର କରିବା ବିଷୟ ମାଆ ଶିକ୍ଷା ଦେଇଥାଏ । ମାଆ ମଧ୍ୟ ଝିଅକୁ ରୋଷେଇ ତଥା ଦାୟିତ୍ୱବୋଧ ସଂପର୍କରେ ଶିଖାଇଥାଏ । ପରିବାର ମଧ୍ୟରେ ଯେକୌଣସି ପୂଜା, ପର୍ବପର୍ବାଣି ହେଲେ ସମସ୍ତ ନିୟମକୁ ଆଖି ଆଗରେ ରଖି ଶୃଙ୍ଖଳାର ସହିତ ମାଆ ସବୁକାମ କରିଥାଏ । ପୁଅ ଝିଅମାନଙ୍କର ବିବାହ କ୍ଷେତ୍ରରେ ଝିଅପୁଅ ଦେଖା ପରଠାରୁ ଝିଅ ପୁଅ ବିଦାୟ ନେବା ପର୍ଯ୍ୟନ୍ତ ମାଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ପକାଳରୁ ଗାତଯାଏ ପରିବାର ପାଇଁ ମାଆ ମଧ୍ୟ ବିଲବାଡିରେ କାମ କରିଥାଏ । ନିଜେ ବଞ୍ଚିବା ସହିତ ପିଲାମାନଙ୍କୁ ବଞ୍ଚାଇବା ପାଇଁ ମାଆ ମଧ୍ୟ କଠିନ ପରିଶ୍ରମ କରିଥାଏ । ମାଆ ମଧ୍ୟ ଜଙ୍ଗଲକୁ ଯାଇ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାଆନ୍ତି । ମା' ମଧ୍ୟ ପରିବାର ପାଇଁ ହାଟ ବଜାରୁ ସଉଦା ଆଣିଥାଆନ୍ତି । ତେଣୁ ପରିବାରରେ ମାଆର ଭୂମିକା ଅତୁଳନୀୟ ।

ରାଜୁଆର ସମାଜରେ କୌଣସି ପୁଅ ବିବାହ ହୋଇଗଲା ପରେ ସେ ତା'ର ସ୍ତ୍ରୀ ସହିତ ବାପା ମାଆଙ୍କ ପାଖରେ ରହିଥାଏ । ବାପା ମାଆଙ୍କ ଅନିଚ୍ଛା ସତ୍ତ୍ୱେ ଯଦି ପୁଅଟି

ବିବାହ କରିଥାଏ, ତେବେ ସେ ବାପା ମାଆଙ୍କଠାରୁ ଅଲଗା ହୋଇ ଅନ୍ୟତ୍ର ରହିଥାଏ । ଏପରି ବିବାହ ପରେ ବାପାମାଆଙ୍କର ଅନୁମତି ମିଳେ, ତେବେ ପୁଅ, ବୋହୂକୁ ନେଇ ବାପା ମାଆଙ୍କ ପାଖରେ ରହିଥାଏ । ପୁଅଟି ବାପା ମାଆଙ୍କ ପାଖରେ ରହିବାବେଳେ ବାପାମାଆଙ୍କର ଦାୟିତ୍ୱ ନେଇଥାଏ । ପୂର୍ବ ଅପେକ୍ଷା ବିବାହ ପରେ ପୁଅର ଦାୟିତ୍ୱବୋଧତା ବଢ଼ିଯାଇଥାଏ । ତେଣୁ ପ୍ରତ୍ୟେକ କାମ ପାଇଁ ବାପାଙ୍କ ଅନୁମତି ନେଇ କାର୍ଯ୍ୟ କରିଥାଆନ୍ତି । ବାପାଙ୍କ ଭଳି ବିବାହିତ ପୁଅ ପ୍ରତ୍ୟେକ କାମରେ ଅଗ୍ରସର ହୋଇଥାଏ । ବାପାଙ୍କର ଅନ୍ତେ ବିବାହିତ ପୁଅ ମଧ୍ୟ ଘରର ସମସ୍ତ ଦାୟିତ୍ୱ ବହନ କରିଥାଏ । ପରିବାରରେ ଅନୁଷ୍ଠିତ ବିଭିନ୍ନ ପୂଜାରେ ମଧ୍ୟ ପ୍ରତ୍ୟକ୍ଷ କାର୍ଯ୍ୟ କରିଥାଆନ୍ତି ।

ଅବିବାହିତ ଝିଅ ଘରର ପ୍ରାୟ ସବୁକାମ କରିଥାଆନ୍ତି । ଘରେ ମା'ଙ୍କୁ ଘରକାମରେ ସହଯୋଗ କରିଥାଏ । ପିତାମାତାଙ୍କ ଅନୁପସ୍ଥିତିରେ ସାନ ଭାଇ ଭଉଣୀଙ୍କର ଦାୟିତ୍ୱ ନେଇଥାଆନ୍ତି । ଘର ଦ୍ୱାର ପରିଷ୍କାର ପରିଚ୍ଛନ୍ନ କରିବା, ରୋଷେଇ କରିବା, ବଣ ଜଙ୍ଗଲରୁ କାଠ, ପତ୍ର ତଥା ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା, ବେଳେବେଳେ ବାପାଙ୍କୁ ମଧ୍ୟ ଚାଷ କାର୍ଯ୍ୟରେ ସାହାଯ୍ୟ କରିବାକୁ ପଛଘୁଞ୍ଚା ଦିଏ ନାହିଁ । ବିଲବାଡିରେ କାମକରି ମଧ୍ୟ କିଛି ଅର୍ଥ ରୋଜଗାର କରିଥାଏ ।

କୌଣସି ଆକସ୍ମିକ ଦୁର୍ଘଟଣା ତଥା ଅନ୍ୟ କୌଣସି କାରଣରୁ ସ୍ୱାମୀର ମୃତ୍ୟୁ ଘଟିଲେ ସ୍ତ୍ରୀ ବିଧବା ହୋଇଥାଏ । ବିଧବା ସ୍ତ୍ରୀ ପୁନର୍ବାର ବିବାହ କରିବାକୁ ପସନ୍ଦ କରି ନ ଥାଏ । ପ୍ରୁଳ ବିଶେଷରେ ସ୍ୱାମୀର ସାନଭାଇକୁ ବିବାହ କରିଥାଏ । ସ୍ୱାମୀଙ୍କ ମୃତ୍ୟୁପରେ ବିଧବା ସ୍ତ୍ରୀ ପରିବାରର ସମସ୍ତ ଦାୟିତ୍ୱ ବହନ କରିଥାଏ । ବିଧବା ସ୍ତ୍ରୀ ବେଳେବେଳେ ନିଜକୁ ଅସହାୟ ମନେକରେ । ନିଜ ପିଲାଛୁଆଙ୍କ ମୁଖକୁ ଚାହିଁ ତା'ର ଦିନ କଟାଇଥାଏ । ଛୋଟ ପିଲା ଥିଲେ ଯେଉଁଆଡେ କାମ କରିବାକୁ ଯାଏ ସେଠାକୁ ଛୋଟ ପିଲାଙ୍କୁ ସାଙ୍ଗରେ ନେଇ ଯାଇଥାଏ । ସମସ୍ତେ ବିଧବା ସ୍ତ୍ରୀକୁ ହୀନ ଚକ୍ଷୁରେ ଦେଖିଥାଆନ୍ତି । ଅନେକ କଷ୍ଟ ଯନ୍ତ୍ରଣା ମଧ୍ୟ ଦେଇ ତା'ର ତେଲଲୁଣ ସଂସାରକୁ ଚଳାଇ ନେଇଥାଏ । ବିଧବା ସ୍ତ୍ରୀର ଘର ଛପରରେ ଅନ୍ୟମାନେ ସହଯୋଗ କରିଥାଆନ୍ତି ।

ପରିବାର ହେଉଛି ସର୍ବନିମ୍ନ ସାମାଜିକ ଅନୁଷ୍ଠାନ । ପରିବାର ମଧ୍ୟରେ ଅନେକ ସାମାଜିକ କାର୍ଯ୍ୟ ହୋଇଥାଏ । ଶିଶୁଜନ୍ମ ପରେ (ନାର୍ତ୍ତାଘାର) ଷଠିଘର ଦିନ ଶିଶୁର ନାମକରଣ କରାଯାଇଥାଏ । ଶିଶୁର ଆଈ କିମ୍ବା ଧାଈ ନାମ ଦେଇଥାଏ । ତା'ପରେ କାନଫୋଡା ଓ ନାକଫୋଡା ଉତ୍ସବ ମଧ୍ୟ ପରିବାରରେ ପାଳନ କରାଯାଇଥାଏ ।

ଛଅମାସଠାରୁ ଆରମ୍ଭ କରି ଶିଶୁର କାନଫୋଡା କିମ୍ବା ନାକଫୋଡା କାର୍ଯ୍ୟ ହୋଇଥାଏ । ଛଅମାସ ପୂର୍ବରୁ ଶିଶୁର କାନ ତଥା ନାକଫୋଡା ପ୍ରାୟ ହୋଇ ନ ଥାଏ । ଶିଶୁଟିକୁ ଏକ ବର୍ଷ ହୋଇଗଲେ ପ୍ରଥମ କରି ଅନ୍ନ ଖାଇବା ଉତ୍ସବ ବା 'ଅନ୍ନ ଛୁଆଣୀ' ଉତ୍ସବ ପାଳନ କରାଯାଇଥାଏ । ଏହି ଦିନ ଶିଶୁକୁ ପେଟଭରି ଖାଇବାକୁ ଦିଆଯାଇଥାଏ । ଏହି ଦିନ ଶିଶୁକୁ ଅନ୍ୟମାନେ ଖୁସିରେ କାଖରେ ଧରି ବୁଲାଇ ବୁଲାଇ ଖାଇବାକୁ ଦେଇଥାଆନ୍ତି । ପିଲା ଆସ୍ତେ ଆସ୍ତେ ବଡ ହେବାକୁ ଲାଗିଥାଏ । ତା'ର ଯଥୋଚିତ ଯତ୍ନ ପରିବାରରେ ବାପାମାଆଙ୍କ ସମେତ ଅନ୍ୟମାନେ ମଧ୍ୟ ନେଇଥାଆନ୍ତି । ପରିବାରର ଅନ୍ୟତମ ସାମାଜିକ କାର୍ଯ୍ୟ ବିବାହ । ପୁଅଟିଏ ଯଦି ରୋଜଗାରକ୍ଷମ ହୋଇଥାଏ, ତେବେ ତା'ପାଇଁ ଉପଯୁକ୍ତ ପାତ୍ରୀ ସହିତ ବିବାହ ସଂପନ୍ନ ହୋଇଥାଏ । ପରିବାରରେ ସମସ୍ତ ସଦସ୍ୟ ବିବାହ କାର୍ଯ୍ୟରେ ସହଯୋଗ କରିଥାଆନ୍ତି । ଅତି ଶାନ୍ତି ଶୃଙ୍ଖଳାରେ ବିବାହ କାର୍ଯ୍ୟ ସମାପନ ହୋଇଥାଏ । ବିବାହର ପରବର୍ତ୍ତୀ ଅବସ୍ଥା ଜରା ଅବସ୍ଥା । ଏହି ଅବସ୍ଥାରେ ମନୁଷ୍ୟ କେବଳ ମୃତ୍ୟୁକୁ ଅପେକ୍ଷା କରିଥାଏ । ମନୁଷ୍ୟର ମୃତ୍ୟୁପରେ ଦଶାହ ଦିନ ଶୁଦ୍ଧିକ୍ରିୟା ଏହି ପରିବାର ମଧ୍ୟରେ ହୋଇଥାଏ । ପରିବାର ସମେତ ସମସ୍ତେ ପବିତ୍ର ହୋଇଥାଆନ୍ତି । ବ୍ରାହ୍ମଣ ଏହିଦିନ ପୂଜାପାଠ କରିଥାଏ । ଛୋଟ ପିଲାଙ୍କୁ ଲାଳନପାଳନ ସମେତ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ପରିବାରରେ ସମାହିତ ହୋଇଥାଏ ।

ପରିବାର ଏକ ଧାର୍ମିକ ଅନୁଷ୍ଠାନ ଭାବରେ ମଧ୍ୟ କାର୍ଯ୍ୟ କରିଥାଏ । ପରିବାର ମଧ୍ୟରେ ବିଭିନ୍ନ ପୂଜା କରାଯାଇଥାଏ । ମୁଠିପୂଜା, ବନ୍ଦାଣ ପରବ, ଦଶ୍‌ରା ପୂଜା, କରମ ପୂଜା ଇତ୍ୟାଦି ହୋଇଥାଏ । ଏହି ପୂଜାରେ ଘରର ମୁଖିଆ ବା ଗୃହକର୍ତ୍ତା ନିଜେ ହିଁ ପୂଜା କାର୍ଯ୍ୟ ସମାପନ କରିଥାଆନ୍ତି । ଏହିସବୁ ପୂଜାରେ ଗୃହକର୍ତ୍ତା ପୂର୍ବପୁରୁଷଙ୍କୁ ମଧ୍ୟ ସ୍ମରଣ କରିଥାଆନ୍ତି । ଏହି ପୂଜାଗୁଡିକରେ ଗୃହ ଏବଂ ଗୃହ ବାହାର ଲିପାପୋଛା ହୋଇଥାଏ । ଏହି ଦିନ ସମସ୍ତେ ସଫା ପୋଷାକ ପରିଧାନ କରିଥାଆନ୍ତି । ପରିବାର ମଧ୍ୟରେ ଉପରୋକ୍ତ ଧର୍ମୀୟ ପୂଜା କରାଯାଇଥାଏ ।

ପରିବାର ମଧ୍ୟ ଏକ କ୍ଷୁଦ୍ର ଅର୍ଥନୈତିକ ଅନୁଷ୍ଠାନ ଭାବରେ କାର୍ଯ୍ୟ କରିଥାଏ । ବିଭିନ୍ନ ଉତ୍ସରୁ ପରିବାରର ଲୋକେ ଅର୍ଥ ଉପାର୍ଜ୍ଜନ କରିଥାଆନ୍ତି । ସଂଗୃହୀତ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରିକରି ସେଥିରୁ ଅର୍ଥ ଉପାର୍ଜ୍ଜନ, ଚାଷରୁ ମିଳୁଥିବା ଶସ୍ୟକୁ ଆବଶ୍ୟକ ଅନୁସାରେ ରଖି ବଳକା ଅଂଶକୁ ନିକଟସ୍ଥ ହାଟ ଓ ବଜାରରେ ବିକ୍ରୟ କରିଥାଆନ୍ତି । ସେଥିରୁ ମଧ୍ୟ

କିଛି ଅର୍ଥ ଉପାର୍ଜନ କରିଥାଆନ୍ତି । ଅନ୍ୟ କେତେକ ଦିନ ମଜୁରୀରୁ ମଧ୍ୟ କିଛି ଅର୍ଥ ଉପାର୍ଜନ କରିଥାଆନ୍ତି । ଏହି ଉପାର୍ଜିତ ଅର୍ଥ ବିଭିନ୍ନ ପୂଜା, ପର୍ବପର୍ବାଣି, ବିବାହ, ଶୁଦ୍ଧିକ୍ରିୟା, ସାମାଜିକ କାର୍ଯ୍ୟରେ ତଥା ଦେହପା' ଅସୁସ୍ଥ ସମୟରେ ଖର୍ଚ୍ଚ କରିଥାନ୍ତି । ଏହାଛଡ଼ା ଘର ଛପର, ନୂତନ ଗୃହ ନିର୍ମାଣ ଇତ୍ୟାଦି କ୍ଷେତ୍ରରେ ମଧ୍ୟ ଆବଶ୍ୟକ ଅର୍ଥ ଖର୍ଚ୍ଚ ହୋଇଥାଏ ।

ରାଜୁଆର ସମାଜରେ ପରିବାରର ସ୍ଥିତି ବର୍ତ୍ତମାନ ସେତେ ଅନମନୀୟ ହୋଇ ରହିନାହିଁ । ସମ୍ପ୍ରତି ବିବାହ କ୍ଷେତ୍ରରେ ଶାନ୍ତି ଶୃଙ୍ଖଳାର ଅଭାବ ପରିଲକ୍ଷିତ ଦେଖାଦେଉଛି । ପୁଅ ନିଜ ଇଚ୍ଛାରେ ବିବାହ କରିବାକୁ ପସନ୍ଦ କଲାଣି । ପରିବାରକୁ ଛାଡି ଅନ୍ୟତ୍ର ରହିବାକୁ ଚାହିଁଲାଣି । ଫଳରେ ପରିବାରର ମାନ ଆସ୍ତେ ଆସ୍ତ କମିବାରେ ଲାଗିଛି । ବର୍ତ୍ତମାନ ପରିବାର ମଧ୍ୟରେ ଅନୁଷ୍ଠିତ ହେଉଥିବା ପୂଜା ପର୍ବ ତୁଳନାରେ ବ୍ୟୟ ବହୁଳ ହୋଇପଡିଛି । ଏବେ ମାନିବାର ଭାବଟି ପରିବାରରୁ ଟିକିଏ କମିଯିବାର ଅନୁମାନ କରାଯାଇଥାଏ । ଧାର୍ମିକ କ୍ଷେତ୍ରରେ ପରିବାରର ସ୍ଥିତି ସେତେବେଳେ ଭଲ ଥିଲା, କିନ୍ତୁ ବର୍ତ୍ତମାନ ଆଉ ପୂର୍ବଭଳି ପୂଜାବିଧି ସେତେଟା ହେଉ ନାହିଁ । ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ ରାଜୁଆରମାନେ ବର୍ତ୍ତମାନ ଅର୍ଥ ସଂଚୟ କରିବା ଶିଖିଲେଣି । ଚୁଡା ବ୍ୟବସାୟକୁ ମୁଖ୍ୟ ଭାବି ବ୍ୟବସାୟକୁ ବୃଦ୍ଧି କରିବାରେ ଲାଗିଛନ୍ତି । ସବାଇଘାସ ଚାଷ ଦ୍ୱାରା ଅଧିକାର ରାଜୁଆର ପରିବାର ସେମାନଙ୍କର ଅର୍ଥନୈତିକ ମାନଦଣ୍ଡକୁ ସୁଦୃଢ଼ କରିବାରେ ଲାଗିଛନ୍ତି । କେତେକ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ରହି ଅତି ଦୁଃଖ କଷ୍ଟରେ ଜୀବନଯାପନ କରୁଛନ୍ତି । ମୋଟାମୋଟି କହିବାକୁ ଗଲେ ରାଜୁଆର୍ ସମାଜ ପୂର୍ବାପେକ୍ଷା ବିବର୍ତ୍ତିତ ହେବାରେ ଲାଗିଛି ।

ସ୍ୱାମୀ-ସ୍ତ୍ରୀ ସଂପର୍କ :

ଅଧିକାଂଶ ରାଜୁଆର ପରିବାରରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଘନିଷ୍ଠ ସଂପର୍କ ଥାଏ । ସହଯୋଗୀ ମନୋଭାବ ନେଇ ଏମାନେ ପରିବାରରେ ଚଳିଥାଆନ୍ତି । ଉଭୟ ସ୍ୱାମୀ-ସ୍ତ୍ରୀ ପିଲାମାନଙ୍କୁ ସମଦୃଷ୍ଟିରେ ଦେଖିଥାଆନ୍ତି । ରାଜୁଆର ପରିବାରରେ ସ୍ୱାମୀ-ସ୍ତ୍ରୀ ମଧ୍ୟ ସାଙ୍ଗ ହୋଇ ଜଙ୍ଗଲକୁ ଯିବା, ହାଟକୁ ଯିବା, ବିଲବାଡିରେ କାମ ଇତ୍ୟାଦି କାର୍ଯ୍ୟ କରିଥାନ୍ତି । ରାଜୁଆର ପରିବାରରେ ସ୍ୱାମୀର ଦେହ ଅସୁସ୍ଥ ହେଲେ ମଧ୍ୟ ସ୍ତ୍ରୀ ଯଥୋଚିତ ସେବା ଶୁଶ୍ରୂଷା କରି ଆଶୁ ଆରୋଗ୍ୟ ପାଇଁ ଦେବାଦେବୀଙ୍କୁ ପୂଜା ଆରାଧନା

କରିଥାଏ ଏବଂ ପରିବାରର ଦାୟିତ୍ୱ ବହନ କରିଥାଏ । ବିବାହ କ୍ଷେତ୍ରରେ, ଶିଶୁର ଅନ୍ନଛୁଆଣୀ, ଶୁଦ୍ଧିକ୍ରିୟା ଇତ୍ୟାଦିରେ ସ୍ୱାମୀ-ସ୍ତ୍ରୀ ଉଭୟ ବସି କଥାବାର୍ତ୍ତା ହୋଇଥାଆନ୍ତି । କାମଟି ସହଜ, ସରଳ ଭାବରେ ସଂପାଦନର ମାର୍ଗ ବିଷୟ ମଧ୍ୟ ଉଭୟେ ଚିନ୍ତା କରିଥାଆନ୍ତି । ବିବାହ, ପର୍ବପର୍ବାଣି, ବନ୍ଧୁବାନ୍ଧବଙ୍କ ଶୁଭ କାର୍ଯ୍ୟରେ ଉପହାର ଦେବା ବିଷୟରେ ମଧ୍ୟ ଉଭୟ ସ୍ୱାମୀ-ସ୍ତ୍ରୀ ଆଲୋଚନା କରି ଆବଶ୍ୟକ ମୁତାବକ ଅର୍ଥ ବ୍ୟୟ କରିଥାଆନ୍ତି । ସ୍ୱାମୀର ବିନା ପରାମର୍ଶରେ ସ୍ତ୍ରୀ କାଣିଚାଏ ଅର୍ଥ ଖର୍ଚ୍ଚ କରିପାରେ ନାହିଁ । ଯେକୌଣସି କାମରେ ଅର୍ଥ ଖର୍ଚ୍ଚ କରିବାକୁ ହେଲେ ପ୍ରଥମେ ସ୍ତ୍ରୀ ସ୍ୱାମୀର ପରାମର୍ଶ ଲୋଡିଥାଏ । ପିଲାମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦିରେ ମଧ୍ୟ ଯତ୍ନବାନ ହୋଇଥାଆନ୍ତି । ବେଳେ ବେଳେ ସ୍ତ୍ରୀ ମଧ୍ୟ ପରାମର୍ଶ ଦାତ୍ରୀ ରୂପେ କାର୍ଯ୍ୟ କରିଥାଏ । ସ୍ତ୍ରୀର କଥାକୁ ସ୍ୱାମୀ ମଧ୍ୟ ଗ୍ରହଣ କରିଥାଏ । ଆବଶ୍ୟକ ସ୍ଥଳେ ଉଭୟ ନିଷ୍ପତ୍ତି ନେଇଥାଆନ୍ତି । ଏହିଭଳି ଅନେକ କାର୍ଯ୍ୟରେ ସ୍ୱାମୀ-ସ୍ତ୍ରୀ ଉଭୟ ସାମିଲ ହୋଇ କାର୍ଯ୍ୟ କରିଥାଆନ୍ତି ।

ପରିବାରରେ ପିଲାଟି ଜନ୍ମ ହେବା ପରେ ବାପା ମାଆ ତା'ର ଲାଳନ ପାଳନ କରିଥାଆନ୍ତି । ମାଆର ମମତା ଓ ବାପାର ସ୍ନେହ ଆଦରରେ ପିଲାଟି ଛୋଟରୁ ବଡ ହୋଇଥାଏ । ଛୋଟ ବେଳେ ଅସହାୟ ଅବସ୍ଥାରେ ସର୍ବଦା ପିତାମାତାଙ୍କ ଉପରେ ନିର୍ଭର କରିବାକୁ ପଡିଥାଏ । ଆସ୍ତେ ଆସ୍ତେ ବଡ ହୋଇଗଲେ ପୁଅଟିଏ ବାପାଙ୍କୁ ବିଭିନ୍ନ କାମରେ ସହଯୋଗ କରିଥାଏ । ବିଶେଷତଃ କୃଷିକାର୍ଯ୍ୟରେ ବାପାଙ୍କୁ ସହଯୋଗ କରିଥାଏ । ଝିଅଟି ମଧ୍ୟ ମାଆକୁ ଅନୁସରଣ କରି ଘରକାମରେ ମଧ୍ୟ ସହାୟକ ହୋଇଥାଏ । ଝିଅଟି ବଡ ହୋଇଗଲେ ବିବାହ ପାଇଁ ବାପା ମାଆ ଉପଯୁକ୍ତ ବରପାତ୍ର ଖୋଜିଥାଆନ୍ତି । ଝିଅଟି ବେଳେବେଳେ ବାପାଙ୍କୁ ମଧ୍ୟ କୃଷି କାର୍ଯ୍ୟରେ ସହଯୋଗ କରିଥାଏ । ପୁଅଟି ରୋଜଗାରକ୍ଷମ ହୋଇଗଲେ ବାପାମାଆ ବିବାହ କରିଦେଇଥାଆନ୍ତି । ସ୍ଥଳ ବିଶେଷରେ ପୁଅ ବିବାହ କରିସାରିଲା ପରେ ବାପାମାଆଙ୍କ ଠାରୁ ଅଲଗା ଜାଗାରେ ରହିବାକୁ ପଛାଏ ନାହିଁ । ଏଥିରେ ବାପା ମାଆ ବ୍ୟସ୍ତ ନ ହୋଇ ନିଜେ ନିଜେ କାମଧନ୍ଦା କରି ଜୀବନ ବିତାଇଥାଆନ୍ତି । ତଥାପି ପୁଅକୁ ଭଲ ପାଇଥାଆନ୍ତି । ଯାହା ହେଲେ ବି ପିତୃ ସଂପତ୍ତିର ଅଧିକାରୀ ପୁଅ ହିଁ ହୋଇଥାଏ । ତେଣୁ ବାପାମାଆ ସର୍ବଦା ପୁଅକୁ ନିଜର ବୋଲି ଦେଖନ୍ତି, ହେଲେ ପୁଅ କ'ଣ ସେମିତି ଭାବେ ! ନିଜ ସ୍ତ୍ରୀକୁ ଧରି ପୁଅ ଅନ୍ୟତ୍ର ରହିବାକୁ ପସନ୍ଦ କରିଥାଏ । ବାପାମାଆଙ୍କ ଜୀବନର ଶେଷ ସମୟରେ ପୁଅ ନିଜ ସ୍ତ୍ରୀକୁ ଧରି

ଘରକୁ ଆସିଥାଏ । ଶେଷ ସମୟରେ ବାପାମାଆଙ୍କର ସେବା କରିଥାଏ । କିନ୍ତୁ ବାପା ମାଆଙ୍କର ପୁଅ ପ୍ରତି ଏପର୍ଯ୍ୟନ୍ତ ବିତୃଷ୍ଣା ଭାବ ଆସି ନ ଥାଏ । ପୁଅ ବୋହୂକୁ ସାଦରେ ଗ୍ରହଣ କରିଥାଆନ୍ତି ।

କୌଣସି କାରଣରୁ ଯଦି ସ୍ତ୍ରୀ ମରିଯାଇଥାଏ, ତେବେ ରାଜୁଆର ପୁରୁଷ ଜଣଙ୍କ ପୁର୍ନବିବାହ କରିଥାଏ । ପ୍ରଥମ ସ୍ତ୍ରୀର ଛୋଟ ଛୋଟ ପିଲାମାନଙ୍କର ଯତ୍ନ ତଥା ଲାଳନପାଳନ କରିବା ପାଇଁ ପୁରୁଷକୁ ଦ୍ୱିତୀୟ ବିବାହ କରିବାକୁ ପଡିଥାଏ । ଦ୍ୱିତୀୟ ସ୍ତ୍ରୀ ପିଲାମାନଙ୍କର ସାବତ ମା' ରୂପେ ପରିଗଣିତ । ଦ୍ୱିତୀୟ ସ୍ତ୍ରୀ ପାଇଁ ପିଲାମାନେ ହିଁ ସାବତ ପୁଅ ଓ ଝିଅ । ସାବତ ମାଆ ପୁଅଝିଅମାନଙ୍କୁ ନିଜର କରି ଲାଳନପାଳନ ତଥା ଯତ୍ନ କରିଥାଏ । ପିଲାମାନେ ମଧ୍ୟ ସାବତ ମା'କୁ ନିଜର ମାଆ ଭଳି ଦେଖିଥାଆନ୍ତି । ପିଲାମାନଙ୍କ ମଧ୍ୟରେ ଏତେ ଟିକିଏ ଆବିଳତା ନଥାଏ । ସାବତମାଆକୁ ମଧ୍ୟ ପିଲାମାନେ ଭଲ ପାଇଥାଆନ୍ତି । ପିଲାମାନଙ୍କର ଅଳି ଅର୍ଦ୍ଧଳିକୁ ସାବତମାଆ ମଧ୍ୟ ନିଜ ମଥାରେ ବହନ କରି ଚାଲିଥାଏ । ଯିଏ ଯେତେ କଥା କହିଲେ ମଧ୍ୟ କାହାରିକୁ କିଛି ନ କହି ନିଜ ଦୁଃଖରେ ଦୁଃଖୀ ଓ ନିଜ ସୁଖରେ ସୁଖୀ ହୋଇ ଚାଲିଥାଏ । ପକ୍ଷାନ୍ତରେ ସାବତମାଆ ପିଲାମାନଙ୍କୁ ନିଜର କରିପାରି ନ ଥାଏ । ପିଲାମାନଙ୍କୁ ଯଥୋଚିତ ସ୍ନେହ, ଆଦର କରି ନ ଥାଏ । ପ୍ରକୃତ ସ୍ନେହ ଆଦରରୁ ପିଲାମାନେ ବଞ୍ଚିତ ହୋଇଥାଆନ୍ତି । ବଡପୁଅ ହିସାବରେ ବାପାର ସଂପତ୍ତିରୁ ଅଧିକ ଭାଗନେବ ବୋଲି ସାବତ ମା' ମଧ୍ୟ ସେ ପୁଅକୁ ବେଶୀ ସ୍ନେହାଦର କରି ନ ଥାଏ । ଅଧିକାଂଶ କ୍ଷେତ୍ରରେ ସାବତମାଆ ଓ ପୁଅଝିଅଙ୍କ ମଧ୍ୟରେ ଉତ୍ତମ ସଂପର୍କ ରହିଥାଏ । ପୁଅଝିଅମାନେ ମାଆଭଳି ମାନନ୍ତି ଏବଂ ମାଆ ମଧ୍ୟ ନିଜର ପୁଅଝିଅ ଭଳି ଆଦର କରିଥାଆନ୍ତି ।

ଏକ କ୍ଷୁଦ୍ର ସାମାଜିକ ଅନୁଷ୍ଠାନ ଭାବରେ ପରିବାର ସଦସ୍ୟମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପରିବାରର ମୁଖ୍ୟ ହିସାବରେ ବାପାଙ୍କ କଥା ମାନି ସମସ୍ତେ ଚାଲିଥାଆନ୍ତି । ବାପାଙ୍କ ନିର୍ଦ୍ଦେଶରେ ପରିବାର ଚାଲିଥାଏ । ପରିବାରର ସଦସ୍ୟମାନଙ୍କର ସହଯୋଗୀ ମନୋଭାବ ଥିବା ଦରକାର । ସହଯୋଗୀ ମନୋଭାବ ନେଇ ଚଳୁଥିବେ । ଗୁରୁଜନମାନଙ୍କୁ ଯଥୋଚିତ ସମ୍ମାନ ଓ ଭକ୍ତି କରିବା ସହିତ ଛୋଟମାନଙ୍କୁ ସ୍ନେହ ଆଦର କରୁଥିବା ଦରକାର । ଜେଜେମାଆ ଓ ଜେଜେବାପାଙ୍କର ଆବଶ୍ୟକ ସେବା କରୁଥିବେ । ସମସ୍ତଙ୍କ ମନଲାଖି ଘରକୁ ବୋହୂଟିଏ ଆଣିଥିବେ । ଏକ ମନ ନେଇ ସଭିଏଁ ଚଳୁଥିବେ । କାହା ମଧ୍ୟରେ ଦ୍ୱନ୍ଦ୍ୱ, କଳିଝଗଡା ହେଉ ନ ଥିବ । ପର୍ବପର୍ବାଣିମାନଙ୍କରେ ସମସ୍ତେ ମିଳିମିଶି ଭୋଜନ କରୁଥିବେ । ପରିବାରର ମଙ୍ଗଳ ତଥା ସୁଖ ଶାନ୍ତି ବଜାୟ ରଖିବା ପାଇଁ

ସମସ୍ତେ ଚେଷ୍ଟା କରୁଥିବେ । ସମସ୍ତଙ୍କ ମଧ୍ୟରେ ସହନଶୀଳତା, ସେବା, ଉତ୍ତମ ଆଚରଣ ଇତ୍ୟାଦି ଗୁଣ ଥିବା ଦରକାର । ସେହିଭଳି ପରିବାରକୁ ଏକ ଆଦର୍ଶ ପରିବାର ବୋଲି ସେମାନେ କହିଥାଆନ୍ତି ।

ବଂଶ ବା କୁଟୁମ୍ବ (କୁଟୁମ୍) :

କେତୋଟି ରକ୍ତ ସଂପର୍କୀୟ ପରିବାରର ସମଷ୍ଟିରେ ବଂଶ ଗଠନ ହୋଇଥାଏ । ସେହି ବଂଶ ଅତି ସାନ ହୋଇପାରେ ବା ବଡ ହୋଇପାରେ । ଗୋଟିଏ ବଂଶ ବିସ୍ତାରିତ ହୋଇ କାଳକ୍ରମେ ବଡ ବଂଶରେ ପରିଣତ ହୋଇଥାଏ । ବଂଶ ମଧ୍ୟରେ ବିବାହ କାର୍ଯ୍ୟ ନିଷେଧ କରାଯାଇଛି ।

କୌଣସି ପରିବାରରେ ଶିଶୁଟି ଜନ୍ମହେଲେ ସେ ବଂଶର ଲୋକେ ନଅ ଦିନ ପର୍ଯ୍ୟନ୍ତ କେତେକ ନୀତି ନିୟମକୁ ମାନିଥାଆନ୍ତି । ବଂଶର ଲୋକେ ଛୁତୁକ ପାଳନ କରିଥାଆନ୍ତି । ଶିଶୁ ଜନ୍ମର ନବମ ଦିନ ପର୍ଯ୍ୟନ୍ତ ଦେବାଦେବୀଙ୍କୁ ଦର୍ଶନ କରିବା ଓ ଆମିଷ ଖାଇବା ପାଇଁ ବାରଣ କରାଯାଇଥାଏ । ନବମ ଦିନ ଉଠିଆରି (ନାର୍ତ୍ତାଘାର) ପରିବାର ଲୋକେ ପବିତ୍ର ହୋଇଥାଆନ୍ତି । ତୁଳସୀ ପାଣି ସିଞ୍ଚି ହୋଇ ପବିତ୍ର ହୋଇଥାଆନ୍ତି । ବଂଶର ଲୋକେ ଏହିଦିନ ଉପସ୍ଥିତ ରହିଥାଆନ୍ତି । ସନ୍ଧ୍ୟା ସମୟରେ ଏକ ଭୋଜି ଭାତର ଆୟୋଜନ ହୋଇଥାଏ । ବଂଶ ଲୋକ ଭୋଜିରେ ସହଯୋଗ କରିଥାଆନ୍ତି । ନବଜାତ ଶିଶୁକୁ ସମସ୍ତେ କୋଳେଇ ନିଅନ୍ତି ଏବଂ ଆଶୀର୍ବାଦ ପ୍ରଦାନ କରିଥାଆନ୍ତି । ଏହି ଦିନ ଶିଶୁର ନାମ ଦିଆଯାଇଥାଏ । ଶିଶୁ ଜନ୍ମ ପୂର୍ବରୁ ଗର୍ଭବତୀ ମହିଳାକୁ ସାତ ମାସରେ ପଦାର୍ପଣ କଲେ ସେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଖାଇବା ପାଇଁ ମନ କରିଥାଏ । ଗର୍ଭବତୀ ମହିଳାର ବାପାଘରୁ ବିଭିନ୍ନ ସୁସ୍ୱାଦୁ ପିଠା, ମିଠା ଇତ୍ୟାଦି ଝିଅ ଘରକୁ ଆଣିଥାଆନ୍ତି । ଏହାକୁ ସଦୁରଖିଆ ବା ସ୍ୱାଦଖିଆ ବୋଲି କୁହାଯାଇଥାଏ । ଏହି ଦିନ ବଂଶର ଉଭୟ ପୁରୁଷ ମହିଳା ଉପସ୍ଥିତ ରହି ଭୋଜନ କରିଥାଆନ୍ତି । ବଂଶର ମହିଳାମାନେ ଗର୍ଭବତୀ ମହିଳାକୁ ପେଟପୂରା ଖାଇବାକୁ ଦେଇଥାଆନ୍ତି । ଅନ୍ୟ ସମୟରେ ମଧ୍ୟ ବଂଶ ଲୋକେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଗର୍ଭବତୀ ମହିଳାକୁ ଖାଇବାକୁ ଦେଇଥାଆନ୍ତି ଏବଂ ସାଇପଡିଶାଙ୍କ ମଧ୍ୟରେ ପିଠାପଣା ଇତ୍ୟାଦିକୁ ବଣ୍ଟନ କରିଥାଆନ୍ତି ।

କାନଫୋଡା ଓ ନାକଫୋଡା ସମୟରେ ବଂଶର କେତେକ ମହିଳା ଉପସ୍ଥିତ ହୋଇଥାଆନ୍ତି। ଶିଶୁର ଥଟ୍ଟା ସଂପର୍କୀୟ ଲୋକ ହିଁ (ଭାଉଜ କିମ୍ବା ଜେଜି/ ଆଈ) କାନ ଫୋଡିଥାଆନ୍ତି। ସପ୍ତଫେଣୀ କଣ୍ଟା ଦ୍ୱାରା କାନ ଫୋଡାଯାଇଥାଏ । କ୍ଷତ ସ୍ଥାନରେ ଲାଲ୍

ସିନ୍ଦୁର ଦିଆଯାଇଥାଏ । ମଝିରେ ମଝିରେ ସେହି କଣ୍ଢାକୁ ଘୂରାଯାଇଥାଏ । କ୍ଷତ ସ୍ଥାନଟି ଶୁଖିଗଲେ ସେଥିରେ ନିମ୍ବଗଛର ଏକ ସରୁ କାଠି ଲଗାଯାଏ। ଛଅମାସଠାରୁ ଆରମ୍ଭ କରି ଯେକୌଣସି ଦିନ ଶିଶୁର କାନଫୋଡା ଯାଇଥାଏ। ଏଥିପାଇଁ ସ୍ୱତନ୍ତ୍ର ଦିନ ଠିକ୍ କରାଯାଇ ନ ଥାଏ। ବିବାହ ଉତ୍ସବରେ କୁଟୁମ୍ବର ଲୋକେ ପ୍ରତ୍ୟକ୍ଷ ଭାବରେ ସହଯୋଗ କରିଥାଆନ୍ତି। ପୁଅଝିଅ ଦେଖା ଆରମ୍ଭ ଠାରୁ ପୁଅଝିଅ ବିଦାୟ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟରେ ସାମିଲ ହୋଇଥାଆନ୍ତି। ବିବାହରେ ଭୋଜିଭାତ ଆୟୋଜନ, ଅତିଥି ଚର୍ଚ୍ଚା ଇତ୍ୟାଦି କ୍ଷେତ୍ରରେ ସହଯୋଗ କରିଥାଆନ୍ତି। ଗୃହକର୍ତ୍ତାଙ୍କ ସକ୍ଷମ ଅନୁସାରେ ବିବାହ ଉତ୍ସବରେ କୁଟୁମ୍ବ ଲୋକଙ୍କ ପାଇଁ ନୂତନ ଶାଢ଼ି ଓ ଖଦୀ କରିପାରନ୍ତି ନଚେତ୍ କରି ନ ଥାଆନ୍ତି । ସେ ଯାହାହେଉ ପରିବାରର ଲୋକେ / ବଂଶ / କୁଟୁମ୍ବ ଲୋକେ ବିବାହ ପୂର୍ବରୁ ବିଭିନ୍ନ କାର୍ଯ୍ୟ ସକ୍ରିୟ ଅଂଶ ଗ୍ରହଣ କରିଥାଆନ୍ତି ଏବଂ ବିବାହ ଶେଷ ପର୍ଯ୍ୟନ୍ତ ମଧ୍ୟ ବିଭିନ୍ନ କାର୍ଯ୍ୟ କରିଥାଆନ୍ତି ।

କୌଣସି ବ୍ୟକ୍ତିର ମୃତ୍ୟୁହେଲେ ମୃତ ବ୍ୟକ୍ତିକୁ ଶବାଧାରରେ ଶ୍ମଶାନ ପର୍ଯ୍ୟନ୍ତ ବୋହି ନେଇଥାଆନ୍ତି। ବିଧିବିଧାନ ଅନୁଯାୟୀ ଶବ ସଂସ୍କାର କରିଥାଆନ୍ତି। ଶୁଦ୍ଧିକ୍ରିୟା ବା ମୃତ୍ୟୁର ଦଶଦିନ ପର୍ଯ୍ୟନ୍ତ କୁଟୁମ୍ବ ଲୋକେ ଆମିଷ ଭକ୍ଷଣ କରି ନ ଥାଆନ୍ତି। ଏଥିସହିତ ନଖ ଓ ଚୁଟି କାଟି ନ ଥାଆନ୍ତି । ତେଲ ମଧ୍ୟ ଦେହରେ ଲଗାଇ ନ ଥାଆନ୍ତି । ଦଶାହ ଦିନ ସମସ୍ତେ ପରିଷ୍କାର ପରିଚ୍ଛନ୍ନ ପୋଖରୀରେ ସ୍ନାନ କରିଥାଆନ୍ତି। ଗୃହକର୍ତ୍ତା ବଂଶର ପୁରୁଷ ଓ ମହିଳାମାନଙ୍କ ପାଇଁ ନୂଆଖଦୀ ଓ ଶାଢ଼ି କ୍ରୟ କରି ତାଙ୍କୁ ପିନ୍ଧିବା ପାଇଁ ଦେଇଥାଆନ୍ତି। ବ୍ରାହ୍ମଣ ପୂଜାପାଠ ତଥା ହୋମ କରି ପରିବାରକୁ ପବିତ୍ରକରଣ କରିଥାଏ। ପରିବାର ଓ ବଂଶର ଲୋକଙ୍କ ଦେହରେ ତୁଳସୀପାଣି ସିଞ୍ଚନ କରିଥାଆନ୍ତି। ଫଳରେ ସେମାନେ ପବିତ୍ର ବା ଶୁଦ୍ଧ ହୋଇଥାଆନ୍ତି। ପରେ ହୋମରୁ ନିଆଁ ନେଇ ଏକ ଆମିଷ ମିଶା ଭାତ ରନ୍ଧାଯାଇଥାଏ। ଉପସ୍ଥିତ ବଂଶର ଲୋକଙ୍କ ସମେତ ବନ୍ଧୁବାନ୍ଧବ ମାନେ ମଧ୍ୟ ଖାଇଥାଆନ୍ତି । ବଂଶ ମଧ୍ୟରେ ଯାହାର ଦେହ ଖରାପ ସାଂଘାତିକ ହୋଇଥାଏ, ବଂଶଲୋକେ ତତ୍ପର ହୋଇ ଉଠନ୍ତି । ତତ୍କ୍ଷଣାତ୍ ଡାକ୍ତରଖାନାକୁ ନେଇଯାଆନ୍ତି । କୃଷି କାର୍ଯ୍ୟରେ ମଧ୍ୟ ବଂଶଲୋକେ ସହଯୋଗ କରିଥାଆନ୍ତି । କରମପୂଜାରେ ମଧ୍ୟ ବଂଶର ଲୋକମାନଙ୍କୁ ଆହ୍ୱାନ କରାଯାଇଥାଏ । ସମସ୍ତେ ଏହି ପୂଜାରେ ଉପସ୍ଥିତ ରହି ସହଯୋଗ କରିଥାଆନ୍ତି । ପୂଜା ଶେଷରେ ସମସ୍ତେ ହାଣ୍ଡିଆ ପାନ କରି ନାଚଗୀତର ଆସର ଜମାଇ ଦେଇଥାଆନ୍ତି ।

କୁଟୁମ୍ବ / ବଂଶଲୋକେ ପ୍ରାୟ ପାଖାପାଖି ସ୍ଥାନରେ ବସବାସ କରିଥାଆନ୍ତି । ପିତୃପୁରୁଷଙ୍କ ସଂପତ୍ତିକୁ ସେମାନଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ କରାଯାଇଥାଏ ।

ସ୍ଥଳ ବିଶେଷରେ ସେମାନେ ଅନ୍ୟ ଜାଗାରେ ବସତି ସ୍ଥାପନ କରି ରହିଥାଆନ୍ତି । ବିଭିନ୍ନ ଦିବସମାନଙ୍କରେ ସେମାନଙ୍କୁ ଡକାଯାଇଥାଏ । ବିବାହ ଓ ମୃତ୍ୟୁରେ ସମସ୍ତେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଂପାଦନ କରିଥାଆନ୍ତି ।

ରାଜୁଆରମାନେ ବସବାସ କରୁଥିବା ଅଞ୍ଚଳରେ ବିଭିନ୍ନ କୁଟୁମ୍ବ ବା ବଂଶର ଲୋକେ ବସବାସ କରିଥାଆନ୍ତି। ଗୋଟିଏ କୁଟୁମ୍ବର କୌଣସି ଲୋକର ମୃତ୍ୟୁ ହେଲେ ପଡୋଶୀ ଅନ୍ୟ କୁଟୁମ୍ବର ଲୋକେ ଚୁଡା ମୁଢ଼ି ଆଣି ଦେଇଥାଆନ୍ତି। ଏପରିକି ଛୋଟ ପିଲାମାନଙ୍କୁ ନିଜ ଘରକୁ ଡାକି ନେଇ ଖାଇବାକୁ ଦେଇଥାଆନ୍ତି। କାରଣ ମୃତ ବ୍ୟକ୍ତି ବଂଶର ଲୋକେ ପୂର୍ବରାତ୍ରିରେ ରନ୍ଧାଯାଇଥିବା ଖାଦ୍ୟକୁ ଫିଙ୍ଗି ଦେଇଥାଆନ୍ତି। ଦଶାହ ଦିନ ମଧ୍ୟ ଅନ୍ୟ କୁଟୁମ୍ବର ଲୋକେ ଅନ୍ନ, ଡାଲି, ତରକାରୀ ଇତ୍ୟାଦି ମୃତ ପରିବାର / ବଂଶର ଲୋକମାନଙ୍କ ଘରକୁ ଆଣିଥାଆନ୍ତି । ବିବାହ କ୍ଷେତ୍ରରେ ମଧ୍ୟ ଅନ୍ୟ କୁଟୁମ୍ବର ଲୋକଙ୍କୁ ଆମନ୍ତ୍ରଣ କରାଯାଇଥାଏ। ସେମାନେ ବିବାହ କାର୍ଯ୍ୟରେ ସହଯୋଗ କରିଥାଆନ୍ତି। ବିଭିନ୍ନ ପର୍ବପର୍ବାଣିମାନଙ୍କରେ ମଧ୍ୟ ଦୁଇ କୁଟୁମ୍ବଲୋକଙ୍କ ମଧ୍ୟରେ ପିଠାପଣା ଆଦାନ ପ୍ରଦାନ କରାଯାଇଥାଏ। ବେଳେ ବେଳେ ଜାଗାବାଡି ବିଷୟ ନେଇ ଅନ୍ୟ କୁଟୁମ୍ବ ଲୋକମାନଙ୍କ ସହିତ ଗଣ୍ଡଗୋଳ ଉପୁଜିଥାଏ। ଦୁଇ ଭିନ୍ନ ଭିନ୍ନ କୁଟୁମ୍ବ ମଧ୍ୟରେ ସଂପର୍କ ଭଲ ଥାଏ।

କୁଟୁମ୍ବ ଲୋକମାନଙ୍କ ମଧ୍ୟରେ ବେଳେବେଳେ ଗଣ୍ଡଗୋଳର ସୂତ୍ରପାତ ହୋଇଥାଏ। ସ୍ତ୍ରୀଲୋକମାନଙ୍କ ମଧ୍ୟରେ ଛୋଟ ଛୋଟ କଥାକୁ ନେଇ କଳି ଝଗଡା ହୋଇଥାଏ। ଜମିବାଡି ବଣ୍ଟନ କ୍ଷେତ୍ରରେ ବିଶେଷତଃ ଗଣ୍ଡଗୋଳ ହୋଇଥାଏ। ଏପରିକି ଭାଇ ଭାଇ ମଧ୍ୟରେ ମାଡପିଟ ହୋଇଥାଏ। ଗଣ୍ଡଗୋଳ ବୃଦ୍ଧିହେଲେ ଗାଁର ଭଦ୍ରଲୋକ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ବୁଝାଇଥାଆନ୍ତି। ସେ ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥାଏ। ଶିକାର କ୍ଷେତ୍ରରେ, ଗୃହନିର୍ମାଣ, ଖାଦ୍ୟ ସଂଗ୍ରହ କ୍ଷେତ୍ରରେ କୁଟୁମ୍ବ ଲୋକଙ୍କ ମଧ୍ୟରେ ସେଭଳି କୌଣସି ଗଣ୍ଡଗୋଳ ହୋଇ ନ ଥାଏ।

ଗୋତ୍ର (ଗତର):

ଗୋତ୍ରକୁ ରାଜୁଆରମାନେ ଗତର୍ ବୋଲି କହିଥାଆନ୍ତି। ରାଜୁଆରମାନଙ୍କର ଭିନ୍ନ ଭିନ୍ନ ବଂଶଥାଏ । ପ୍ରତ୍ୟେକ ବଂଶର ଗୋତ୍ର ପ୍ରାୟ ସମାନ ନ ଥାଏ। ଗୋତ୍ର ସମାନ ଥାଇ ମଧ୍ୟ ଭିନ୍ନ ଭିନ୍ନ ବଂଶ ରହିଥାଏ। ରକ୍ତ ସଂପର୍କୀୟ ମଧ୍ୟରେ ଗଠିତ ବଂଶର ଗୋତ୍ର ସମାନ ଥାଏ। ରାଜୁଆର ଗୋଷ୍ଠୀରେ ଛଅ ଗୋଟି ଗୋତ୍ରର ଲୋକେ ବିଭିନ୍ନ ଗ୍ରାମରେ

ବସବାସ କରିଥାଆନ୍ତି । ସେଗୁଡିକର ନାମ ହେଲା ଯଥା; ୧. ନାଗ (ନାଗା), ୨.କଚ୍ଛପ (କଣ୍ଡିମ୍), ୩. ଶଙ୍ଖ (ଶଙ୍ଖ), ୪. ଚମ୍ପା (ଚମ୍ପା), ୫. ମୁକୁଟ (ମୋଡ୍) ଓ ସିଂହ (ସିଂହ) । ଦୁଇଟି ଭିନ୍ନ ଗୋତ୍ର ମଧ୍ୟରେ ବିବାହ ହୋଇଥାଏ । ବିବାହ ସମୟରେ ଗୋତ୍ରର ଲୋକଙ୍କୁ ଆମନ୍ତଣ କରାଯାଇଥାଏ । ଗୋତ୍ରର ଲୋକେ ବିବାହ କାର୍ଯ୍ୟରେ ଆସି ସହଯୋଗ କରିଥାଆନ୍ତି । ବିବାହରେ ଭୋଜି ଭାତ ରାନ୍ଧିବା ତଥା ପରଷିବା ଦାୟିତ୍ୱ ନେଇଥାଆନ୍ତି । ସେହିଭଳି ଘର ମଧ୍ୟରେ ପାଳନ କରାଯାଇଥିବା ପର୍ବ କରମାପୂଜାରେ ମଧ୍ୟ ଗୋତ୍ର ଲୋକଙ୍କୁ ନିମନ୍ତ୍ରଣ କରାଯାଇଥାଏ । ସେମାନେ ଏହି ପୂଜାରେ ଯୋଗଦାନ କରିଥାଆନ୍ତି । ବ୍ୟକ୍ତିର ମୃତ୍ୟୁ ଖବର ପାଇ ଗୋତ୍ର ଲୋକ ଯଥା ସ୍ଥାନରେ ଆସି ଉପସ୍ଥିତ ହୋଇଥାଆନ୍ତି ଏବଂ ଶବକୁ ମଶାଣୀକୁ ନେବା ଏବଂ ସଂସ୍କାର କରିବା ଇତ୍ୟାଦି କ୍ଷେତ୍ରରେ ସହଯୋଗ କରିଥାଆନ୍ତି । ଦଶାହକାର୍ଯ୍ୟରେ ମଧ୍ୟ ସକ୍ରୀୟ ଅଂଶ ଗ୍ରହଣ କରିଥାଆନ୍ତି । ଭୋଜିଭାତରେ ମଧ୍ୟ ଗୋତ୍ରର ଲୋକେ ସହଯୋଗ କରିଥାଆନ୍ତି । ନୂତନ ଘର ପ୍ରତିଷ୍ଠା ସମୟରେ ଗୋତ୍ରର ଲୋକଙ୍କୁ ଆମନ୍ତ୍ରଣ କରାଯାଇଥାଏ ।

ଭିନ୍ନ ଭିନ୍ନ ଗୋତ୍ରର ଲୋକମାନଙ୍କ ସହିତ ଉତ୍ତମ ସଂପର୍କ ଥାଏ । ଯଦି ଗୋଟିଏ ଗୋତ୍ରର କୌଣସି ବ୍ୟକ୍ତଙ୍କର ମୃତ୍ୟୁ ହୁଏ ଅନ୍ୟ ଗୋତ୍ରର ଲୋକେ ମଧ୍ୟ ଆସିଥାଆନ୍ତି । ସମୟେ ସମୟେ ମଧ୍ୟ ଅନ୍ୟ ଗୋତ୍ରର ଲୋକେ ଶବାଧାର ସଜାଡିବା ଶବକୁ ବୋହିନେବା ଏବଂ ଶବ ସଂସ୍କାର କ୍ଷେତ୍ରରେ ସହଯୋଗ କରିଥାଆନ୍ତି । ଅନ୍ୟ ଗୋତ୍ରର ଲୋକ ମଧ୍ୟ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥାଆନ୍ତି । ଛୋଟ ପିଲାମାନଙ୍କୁ ନେଇ ନିଜ ଘରେ ଖାଇବାକୁ ଦେଇଥାଆନ୍ତି । ଦଶାହ ଦିନ ମଧ୍ୟ ମୃତବ୍ୟକ୍ତି ପରିବାରଙ୍କୁ ଖୁସିରେ ଭାତ, ଡାଲି, ତରକାରୀ ଇତ୍ୟାଦି ଦେଇଥାଆନ୍ତି । ବିବାହ କ୍ଷେତ୍ରରେ ମଧ୍ୟ ଭିନ୍ନ ଗୋତ୍ରର ଲୋକଙ୍କୁ ଆମନ୍ତ୍ରଣ କରାଯାଇଥାଏ । ସେମାନେ ସାଧ ମତେ ସହଯୋଗ କରିଥାଆନ୍ତି । ଭିନ୍ନ ଗୋତ୍ରର ସଂପର୍କୀୟମାନଙ୍କୁ ପର୍ବପର୍ବାଣୀମାନଙ୍କରେ ପରସ୍ପର ପିଠାପଣା ଆଦାନ ପ୍ରଦାନ ହୋଇଥାଏ । ପରସ୍ପରର ଭଲମନ୍ଦରେ ଠିଆ ହୋଇଥାଆନ୍ତି ।

ଗ୍ରାମ (ଗାଉଁ) :

କେତେଗୋଟି ପରିବାରକୁ ନେଇ ଗୋଟିଏ ସାହି ଏବଂ ସେହିଭଳି କେତେଗୋଟି ସାହିକୁ ନେଇ ଏକ ଗ୍ରାମ ଗଠିତ ହୋଇଥାଏ । ଗ୍ରାମରେ ସାଧାରଣତଃ ରାଜୁଆରମାନେ ଅନ୍ୟାନ୍ୟ ଗୋଷ୍ଠୀଙ୍କ ସହ ବସବାସ କରିଥାଆନ୍ତି । ପ୍ରତ୍ୟେକ ଗୋଷ୍ଠୀର ଲୋକେ ଭିନ୍ନ

ଭିନ୍ନ କାର୍ଯ୍ୟ କରିଥାଆନ୍ତି । ଭୂୟାଁ ଲୋକେ ମୁଢ଼ି ବିକ୍ରି କରନ୍ତି ଏବଂ କୃଷି କାର୍ଯ୍ୟ ସମେତ କୁଲି ମଜୁରୀ କରି ଚଳିଥାଆନ୍ତି। ବିନ୍ଧାଣୀ ଲୋକେ ଲୁହାରେବିଭିନ୍ନ ପ୍ରକାର ଉପକରଣମାନ ତିଆରି କରିଥାଆନ୍ତି। କୁରାଢି, ଦାଆ, ଟାଙ୍ଗିଆ ଇତ୍ୟାଦି ତିଆରି କରି ନିକଟସ୍ଥ ହାଟ ବଜାରରେ ବିକ୍ରୟ କରିଥାଆନ୍ତି। ସେହିପରି କମାର ମାଟି ଦ୍ୱାରା ବିଭିନ୍ନ ଗୃହୋପକରଣ ତିଆରି କରି ଗ୍ରାମ ଗ୍ରାମ ବୁଲି ବିକ୍ରି କରିଥାଏ। ପ୍ରତିବଦଳରେ ଧାନ କିମ୍ବା ପଇସା ଆଣିଥାଏ।

ରାଜୁଆରମାନେ ନୂତନ ବସତି ସ୍ଥାପନ କରିବା ପୂର୍ବରୁ କେତେକ ବିଷୟ ପ୍ରତି ଦୃଷ୍ଟି ଦେଇଥାଆନ୍ତି । ସ୍ଥାୟୀ ଭାବରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସତିଟି ଗଢ଼ି ଉଠିବାକୁ ହେଲେ ସଂପୃକ୍ତ ସ୍ଥାନଟି ଜଳଉତ୍ସ ନିକଟରେ ଥିବା ଦରକାର । ସ୍ଥାନଟି ଗଡାଣିଆ ହୋଇଥିବା ଦରକାର ଯେପରିକି ବର୍ଷାପାଣି ତଳ ଅଂଶକୁ ଗଡି ଯାଉଥିବ । ସ୍ଥାନ ମନୋନୟନ ପରେ ସ୍ଥାନର ଉପଯୁକ୍ତତା ଓ ଭବିଷ୍ୟତର ଶୁଭାଶୁଭ ସୂଚନାକୁ ଦୃଷ୍ଟି ରଖି କେତେକ ପରୀକ୍ଷା ନିରୀକ୍ଷା କରାଯାଇଥାଏ। ନିର୍ଦ୍ଦିଷ୍ଟ ସ୍ଥାନର କୌଣସି ଅଂଶକୁ ପ୍ରଥମେ ଗୋବର ଦ୍ୱାରା ଲିପି ଦିଆଯାଇ ଏକ ଢ଼ାଳ / ନୋଟ୍ଟ ପୂର୍ଣ୍ଣ ଜଳ ଧର୍ମଦେବତାଙ୍କୁ ସାକ୍ଷୀ ରଖି ରଖି ଦିଆଯାଇଥାଏ। ତା' ଉପରକୁ ଭଲଭାବରେ ଘୋଡାଇ ଦିଆଯାଏ । ତା'ପର ଦିନ ସକାଳୁ ସେହି ସ୍ଥାନ ନିକଟକୁ ଯାଇ ଢ଼ାଳଟିକୁ ଖୋଲା ଯାଇଥାଏ । କୌଣସି କାରଣରୁ ଯଦି ଢ଼ାଳରୁ ପାଣି କମି ଯାଇଥାଏ । ତା'ହେଲେ ସେସ୍ଥାନ ବସତି ସ୍ଥାପନ ପାଇଁ ଉପଯୋଗୀ ନୁହେଁ ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି । ପୁନଃ ଏକ ପରୀକ୍ଷା ମଧ୍ୟ କରାଯାଇଥାଏ । ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଗୋଟିଏ ହାତର ଆଙ୍ଗୁଳି ଦ୍ୱାରା ଧାନରୁ ଛଡାଯାଇଥିବା ଅରୁଆ ଚାଉଳକୁ ରଖିଦିଆଯାଇ ତା' ଉପରେ ଚଉପଦୀ କିମ୍ବା ବାଉଁଶ ତିଆରି ବୋଝଟିଏ ରଖି ଦିଆଯାଏ । ତା'ପର ଦିନ ସକାଳୁ ସେହି ସ୍ଥାନକୁ ଯାଇ ଚାଉଳ ଉପରେ ଆବୃତ୍ତ ବୋଝ / ଚଉପଦୀକୁ ଆସ୍ତେ ଆସ୍ତେ ଖୋଲି ଦେଖନ୍ତି । ଯଦି ଚାଉଳଗୁଡିକ ପୂର୍ବବତ୍ ସୁରକ୍ଷିତ ଏବଂ ସୁସଜ୍ଜିତ ଅବସ୍ଥାରେ ରହିଥାଏ, ତେବେ ସେ ସ୍ଥାନଟି ବସତି ସ୍ଥାପନ ପାଇଁ ଉପଯୁକ୍ତ ବୋଲି ମନେହୁଏ । ଭବିଷ୍ୟତ ପାଇଁ ଶୁଭପ୍ରଦ ବୋଲି ରାଜୁଆରମାନେ ବିଶ୍ୱାସ କରିଥାଆନ୍ତି । ଗୋଟିଏ ନୂଆଗ୍ରାମକୁ ସ୍ଥାନାନ୍ତରଣ ପାଇଁ ବର୍ତ୍ତମାନ ବ୍ରାହ୍ମଣ ବା ପୁରୋହିତ ପାଖକୁ ଯାଇ ସ୍ୱତନ୍ତ୍ର ସ୍ଥାନ ବିଷୟରେ କହିଥାଆନ୍ତି । ବ୍ରାହ୍ମଣ ପୁରୁଣା ତଥା ନୂତନ ଗ୍ରାମକୁ ଆଖି ଆଗରେ ରଖି ଗଣନା କରିଥାଆନ୍ତି । ପାଞ୍ଜି ଦେଖି ନୂଆ ଗ୍ରାମର ଅବସ୍ଥିତି ଦିଗ, ତଥା ଶୁଭାଶୁଭ ଇତ୍ୟାଦି ବିଷୟ ଗଣନା କରି ସୂଚନା ଦେଇଥାଏ । ତା'ପରେ ଗ୍ରାମବାସୀମାନେ ଆସି

ସ୍ଥାନ ନିରୂପଣ କରିଥାଆନ୍ତି । ଏହି ସବୁ କାର୍ଯ୍ୟ ବ୍ରାହ୍ମଣ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇପାରେ କିମ୍ବା ନିଜ ଘରେ ବସି ଗଣନା କରି ଶୁଭ ସୂଚନା ଦେଇପାରେ । ତା'ପରେ ସେମାନେ ବସତିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥାଆନ୍ତି ।

ଗ୍ରାମ ପରିଷଦ :

ରାଜୁଆର ଗ୍ରାମମାନଙ୍କରେ ଗ୍ରାମ ଲୋକଙ୍କର ଭଲମନ୍ଦ ବୁଝିବା, କଳିଝଗଡା ହେଲେ ଆପୋଷ ମୀମାଂସା କରିବା ଇତ୍ୟାଦିର ସମାଧାନ କରିବା ପାଇଁ ଗ୍ରାମରେ 'ଗାଁଓ୍ୱେକ୍ ବିଚାର' ବା ଗ୍ରାମସଭା ଥିଲା ବୋଲି ପୁରୁଖା ଲୋକେ ମତ ଦେଇଥାଆନ୍ତି। ଏହି ପାରଂପରିକ ଗ୍ରାମ ସଭାରେ ବିଚାରମୁଖ୍ୟ ଭାବରେ "ପରମାଣିକ୍" ବୋଲି ଜଣେ ବ୍ୟକ୍ତିଙ୍କୁ ବାଛିଥାଆନ୍ତି । ଗ୍ରାମ ସଭାପାଇଁ ଲୋକମାନଙ୍କୁ ଡାକିବା ଏବଂ ବିଭିନ୍ନ ଖବର ଦେବା ପାଇଁ ଜଣେ ଡାକୁଆ ରହିଥାଏ । ଗ୍ରାମ ସଭା ପାଇଁ ସେମିତି କୌଣସି ସ୍ୱତନ୍ତ୍ର ଗୃହ ନ ଥାଏ। ସେମାନେ ଗ୍ରାମର ଦାଣ୍ଡରେ ବସି ଆଲୋଚନା କରିଥାଆନ୍ତି। ବିଚାର କ୍ଷେତ୍ରରେ ବିଚାରମୁଖ୍ୟ ପରମାଣିକ ଓ ଗ୍ରାମର କେତେଜଣ ଭଦ୍ରଲୋକ ମଧ୍ୟ ବସିଥାଆନ୍ତି । ସେତେବେଳେ ଲୋକମାନେ ଅନେକ ଅଭାବ ଅସୁବିଧାରେ ଚଳୁଥିଲେ। ଏକତ୍ର ବସି ମନଖୋଲା କଥା ପ୍ରକାଶ କରିଥାଆନ୍ତି। ପରସ୍ପର ଆଲୋଚନା ବେଳେ ସେମାନଙ୍କୁ ବହୁତ ଖୁସି ଲାଗୁଥିଲା। ତେଣୁ ଏହିଭଳି ପୁନର୍ବାର ବସିବା ପାଇଁ ସ୍ଥିର କଲେ। ମୁଖିଆ ତଥା ପୁରୁଖା ଲୋକମାନେ ଏହି ଗ୍ରାମସଭାରେ ବସି ଆଲୋଚନା କରିଥାଆନ୍ତି। ବିଚାରମୁଖ୍ୟ ପରମାଣିକ ଓ ଗ୍ରାମସଭାକୁ ଲୋକମାନଙ୍କୁ ଡାକିବା ପାଇଁ ଡାକୁଆକୁ ଲୋକମାନେ ବାଛିଥାଆନ୍ତି । ପରମାଣିକ୍ ଗ୍ରାମର ବୈଠକ ଡକାଇଥାଆନ୍ତି। ଅନ୍ୟ ଭଦ୍ରଲୋକଙ୍କ ଉପସ୍ଥିତିରେ କୌଣସି ମୋକଦ୍ଦମାର ବିଚାର ପରେ ଶେଷ ରାୟ 'ପରମାଣିକ୍' ବିଚାରମୁଖ୍ୟ ହିସାବରେ ଶୁଣାଇଥାଆନ୍ତି। ଗ୍ରାମର କୌଣସି ଲୋକର ମୃତ୍ୟୁହେଲେ ତା'ର ଦଶାହଦିନ ବା ଶୁଦ୍ଧିକ୍ରିୟା ଦିବସରେ ପରମାଣିକ୍ ନିଜେ ପ୍ରତ୍ୟକ୍ଷ ଉପସ୍ଥିତ ରହି କାର୍ଯ୍ୟକୁ ତଦାରଖ କରିଥାଆନ୍ତି। ବିଚାର ବିଭାଗର ମୁଖ୍ୟ ପରମାଣିକ୍‌ଙ୍କ ନିର୍ଦ୍ଦେଶ ଅନୁସାରେ ଡାକୁଆ କାର୍ଯ୍ୟ କରିଥାଏ। ପ୍ରତ୍ୟେକ ବିଚାରରେ ଗ୍ରାମର କେତେଜଣ ଭଦ୍ରଲୋକ ମଧ୍ୟ ଭାଗ ନେଇଥାଆନ୍ତି। ଫଳରେ ବିଚାରଟି ସୁରୁଖୁରୁରେ ହୋଇଥାଏ। ଗ୍ରାମସଭା (ଗାଓଁ ବିଚାଚ)ରେ ବିଭିନ୍ନ ପ୍ରକାର ମୋକଦ୍ଦମା ବିଚାର କରାଯାଉଥିଲା। ବ୍ୟକ୍ତି, ପରିବାର, ସାହି ସ୍ତରରୁ ଆରମ୍ଭ କରି ଗ୍ରାମସ୍ତର ପର୍ଯ୍ୟନ୍ତ ବିଭିନ୍ନ ମୋକଦ୍ଦମା ଏହି ସଭାରେ ବିଚାର କରାଯାଇଥାଏ। ଏହି ସଭାରେ ମୋକଦ୍ଦମାର ବିଚାର ପରେ ପ୍ରକୃତ ଦୋଷୀକୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରାଯାଇଥାଏ।

ଗ୍ରାମସଭାର ଗଠନ ଓ କାର୍ଯ୍ୟକଳାପରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ସେ ସମୟରେ ବିଚାର ମୁଖ୍ୟ ହିସାବରେ ପରମାଣିକ ଓ ବିଚାରରେ ଅନ୍ୟାନ୍ୟ ସହଯୋଗୀ ଭଦ୍ରବ୍ୟକ୍ତି ରହିଥିବାବେଳେ ବର୍ତ୍ତମାନ ପଞ୍ଚାୟତ ବ୍ୟବସ୍ଥାରେ ଗ୍ରାମର ପ୍ରତ୍ୟେକ ୱାର୍ଡର ୱାର୍ଡମେମ୍ବର ଏବଂ ସରପଞ୍ଚ ମଧ୍ୟ ବୈଠକରେ ଭାଗ ନେଉଛନ୍ତି । ସେ ସମୟରେ ଯେକୌଣସି ମୋକଦ୍ଦମା ପାରମ୍ପରିକ ଗ୍ରାମସଭାରେ ବିଚାର ହେଉଥିବାବେଳେ ବର୍ତ୍ତମାନ ତାହା ପଞ୍ଚାୟତ କରାଯାଉଛି, ଏପରିକି କୋର୍ଟ କଚେରୀକୁ ଯିବା ପାଇଁ ଲୋକମାନେ ପଛାଉ ନାହାନ୍ତି ।

ଗ୍ରାମସ୍ତରୀୟ ପୂଜାବିଧି ଓ ପର୍ବପର୍ବାଣି :

ବର୍ଷ ମଧ୍ୟରେ ଗ୍ରାମ ମଧ୍ୟରେ ଅନେକ ପୂଜା ତଥା ପର୍ବପର୍ବାଣି ପାଳନ କରାଯାଇଥାଏ। ଗ୍ରାମସ୍ତରରେ ବୈଶାଖ ମାସରେ ଧାନ ବୁଣିବାରେ ବିଘ୍ନ ନ ଉପୁଜିବା, ତଥା ଚାଷ ଭଲ ହେବାପାଇଁ ଏହି ପୂଜା କରାଯାଇଥାଏ । ଏହିପୂଜା ନ ହେବା ପର୍ଯ୍ୟନ୍ତ କେହି ଜମିରେ ଶସ୍ୟ ବୁଣି ପାରିବେ ନାହିଁ । ତା'ପରେ ଆଷାଢ଼ ମାସରେ ବିହୁଡା ପୂର୍ବରୁ 'ଆଷାଢ଼ି ପୂଜା' ହୋଇଥାଏ । ଏହି ପୂଜା ନ ହେବା ପର୍ଯ୍ୟନ୍ତ ଧାନ ବିହୁଡିବା କାର୍ଯ୍ୟ ହୋଇ ନ ଥାଏ । ଆଶ୍ୱିନ ମାସରେ ଧାନ ନୂଆଖିଆ ପୂର୍ବରୁ 'ଅନ୍ଧାରିପୂଜା' 'ମହୀଷାଶୂରୀ' ହୋଇଥାଏ । ଦେହୁରୀ ନିଜେ ଏହି ପୂଜା କରିଥାଏ । ଗ୍ରାମକୁ ଲାଗି ପୋଖରୀ ପାଖରେ କିମ୍ବା ଯେକୌଣସି ଗଛ ମୂଳରେ ପୂର୍ବଦିନ ପୂଜା ହୋଇଥାଏ । ତା'ପର ଦିନ ଗ୍ରାମଦେବତାଙ୍କ ନିକଟରେ ନୂଆଚୁଡା, ନୂଆଧାନର ଚାଉଳ ନେଇ ଭୋଗ ଲଗାଇଥାଏ । ତା'ପରେ ଗ୍ରାମଲୋକେ ନିଜ ପରିବାରର ଇଷ୍ଟ ଦେବତାଙ୍କୁ ଭୋଗ ଦେଇଥାଆନ୍ତି । ତା'ପରେ ଭୋଗକୁ ପ୍ରତ୍ୟେକ ଖାଇଥାଆନ୍ତି । ସେହିପରି ମାର୍ଗଶୀର ମାସରେ ଧାନ କାଟିବା ପୂର୍ବରୁ 'ଜାନ୍ତାଳ ପୂଜା' ଓ ମାଘମାସରେ ଜଙ୍ଗଲକୁ ଯିବା ପୂର୍ବରୁ 'ମାଘ ପୂଜା' କରାଯାଇଥାଏ । ଏତଦ୍ ବ୍ୟତୀତ ରଙ୍ଗପର୍ବ, ଗହ୍ମାପର୍ବ, ଗୋବର୍ଦ୍ଧନ ପୂଜା (ବାନ୍ଧନା ପୂଜା), ମକର ସଂକ୍ରାନ୍ତି, ଛତୁଆପରବ (ପଣା ସଂକ୍ରାନ୍ତି) ଇତ୍ୟାଦି ପାଳନ କରାଯାଇଥାଏ । ଜାନ୍ତାଳ ପୂଜା ବା ଶସ୍ୟ କାଟିବା ପୂର୍ବରୁ ଗ୍ରାମଦେବତାଙ୍କ ନିକଟରେ ଛେଳି / ବୋଦାଟିଏ ବଳି ଦିଆଯାଇଥାଏ । ସେହି ବଳି ଦିଆଯାଇଥିବା ପଶୁର ମାଂସକୁ ଠାକୁରାଣୀଙ୍କ ପୀଠ ନିକଟରେ ରନ୍ଧା ଯାଇଥାଏ । ଝିଅମାନଙ୍କୁ ଛାଡି ସେହି ଭୋଜିରେ ସମସ୍ତେ ଅଂଶ ଗ୍ରହଣ କରିଥାଆନ୍ତି । ସେହିଭଳି ମାଘପୂଜାରେ ଗ୍ରାମଦେବତା ବଇଛା ପାଟ୍‌କୁ ପୂଜା କରାଯାଇଥାଏ।

କଳାରଙ୍ଗର ମାଇଛେଳିକୁ ବଳି ଦିଆଯାଇଥାଏ । ସେହି ଛେଳିର ମାଂସ କେବଳ ସେଠାରେ ରନ୍ଧାଯାଇଥାଏ । ଝିଅମାନଙ୍କୁ ଛାଡି ଉପସ୍ଥିତ ଲୋକେ ସେହି ରନ୍ଧା ମାଂସକୁ ଭୋଗ ଆକାରରେ ଖାଇଥାନ୍ତି ।

ବର୍ଷର ବିଭିନ୍ନ ସମୟରେ ଦେହୁରୀ /ପୂଜକ ଦେବଦେବୀଙ୍କ ପୀଠରେ ପୂଜା କରିଥାଏ । କେତେକ ସ୍ଥଳେ ମଧ୍ୟ ଦେହୁରୀ ସ୍ୱତନ୍ତ୍ର ଧରଣର ପୂଜା କରି ଗ୍ରାମ ଦେବଦେବୀଙ୍କୁ ସନ୍ତୁଷ୍ଟ କରିଥାଏ । ଗ୍ରାମରେ ଗାଈଗୋରୁଙ୍କୁ ଫାଟୁଆ ରୋଗ, ପିଲାମାନଙ୍କୁ ହାତପୁଟି କିମ୍ବା ମିଳିମିଳା ରୋଗ ହେଲେ ବା ଗ୍ରାମକୁ ଅଚିହ୍ନା ରୋଗ ପଶି ଆସିଲେ ଦେହୁରୀ ଗ୍ରାମ ଦେବଦେବୀଙ୍କ ନିକଟରେ ପୂଜା କରେ। ପୂଜା କରିବା ଦ୍ୱାରା ଗ୍ରାମରେ କୌଣସି ଅନିଷ୍ଟକାରୀ ଶକ୍ତି ବା ରୋଗ, ଶତ୍ରୁ ପ୍ରବେଶ କରନ୍ତି ନାହିଁ ବୋଲି ସେମାନଙ୍କର ଅଦ୍ୟାବଧି ବିଶ୍ୱାସ ଥିବାର ଜଣାଯାଏ ।

ଗ୍ରାମ ଗ୍ରାମ ମଧ୍ୟରେ ସଂପର୍କ :

ଗ୍ରାମ ଗ୍ରାମ ମଧ୍ୟରେ ମଧ୍ୟ ଉତ୍ତମ ସଂପର୍କ ଗଢ଼ି ଉଠିଥାଏ । ପଡୋଶୀ ଗ୍ରାମ ଲୋକମାନଙ୍କୁ ବିବାହ ତଥା ବିଭିନ୍ନ ପର୍ବପର୍ବାଣି ଯାନିଯାତ୍ରାରେ ନିମନ୍ତ୍ରଣ କରାଯାଇଥାଏ । ବିଭିନ୍ନ ପ୍ରକାର ପୂଜାପାଠ ସମୟରେ ମଧ୍ୟ କୃଷିକାର୍ଯ୍ୟରେ କାମ କରିଥାଆନ୍ତି । ନିକଟସ୍ଥ ହାଟ ବଜାରରେ ଗ୍ରାମଲୋକମାନଙ୍କର ଦେଖା ସାକ୍ଷାତ୍ ହୋଇଥାଏ । ଗୋଟିଏ ଗାଁର ଲୋକମାନେ ଅନ୍ୟ ଗ୍ରାମରେ ହେଉଥିବା ହାଟକୁ ଆସିଥାଆନ୍ତି । ଗ୍ରାମ ଗ୍ରାମ ଲୋକମାନଙ୍କ ମଧ୍ୟରେ ବିଭିନ୍ନ ଜିନିଷର କ୍ରୟ ବିକ୍ରୟ ତଥା ବିପଣନ ମଧ୍ୟ ହୋଇଥାଏ । ଗାଁ ଗାଁ ଲୋକମାନେ ଭାଇ ଭାଇ ଭଳି ଚଳିଥାଆନ୍ତି । ଘରପୋଡି ଭଳି ବିପଦ ଆପଦରେ ଅନ୍ୟ ଗ୍ରାମର ଲୋକେ ଆସି ମଧ୍ୟ ସହଯୋଗ କରିଥାଆନ୍ତି ।

ସମୟେ ସମୟେ ଜମିଜମା କ୍ଷେତ୍ରରେ ଜମିର ହିତ ହାଣିବାରେ, ଗ୍ରାମ ଗ୍ରାମ ମଧ୍ୟ କଳିଝଗଡା ହୋଇଥାଏ । ଗ୍ରାମର ସୀମା ବିଷୟକୁ ନେଇ ଜବରଦଖଲ କରିବା ଦ୍ୱାରା ମଧ୍ୟ ଝଗଡା ହୋଇଥାଏ । ଅନ୍ୟ ଗ୍ରାମର ଲୋକେ ମନଇଚ୍ଛା ଫସଲ କାଟି ନେଲେ ବା ଫସଲକ୍ଷେତରେ ଗାଈଗୋରୁଙ୍କୁ ମୁକ୍ତ ଭାବରେ ଚାରଣ କରିବା ପାଇଁ ଛାଡିଦେଲେ ଉଭୟ ଗ୍ରାମ ମଧ୍ୟରେ ବିବାଦ ସୃଷ୍ଟି ହୋଇଥାଏ । ଏଭଳି ଦ୍ୱନ୍ଦ୍ୱ ଉପୁଜିଲେ ଉଭୟ ଗ୍ରାମର ପୁରୁଖା ଭଦ୍ରବ୍ୟକ୍ତିଙ୍କୁ ଡାକି ସମାଧାନ କରାଯାଏ । ସ୍ଥଳ ବିଶେଷରେ ବଡ ଧରଣ ଗଣ୍ଡଗୋଳ ହେଲେ ଲୋକେ ଥାନା, କୋର୍ଟ କଚେରୀର ଆଶ୍ରୟ ନେଇଥାନ୍ତି ।

ଗ୍ରାମରେ ପାଳନ କରାଯାଉଥିବା ପୂଜା ତଥା ପର୍ବପର୍ବାଣିମାନଙ୍କରେ ଲୋକମାନଙ୍କଠାରୁ ଚାନ୍ଦା ଆଦାୟ କରାଯାଇଥାଏ । ପୂଜା, ପର୍ବପର୍ବାଣିରେ ସେଥିରୁ କିଛି ଅଛି ଅର୍ଥ ଖର୍ଚ୍ଚ ହୋଇଥାଏ । ଅବଶିଷ୍ଟ ଅର୍ଥକୁ ସଞ୍ଚୟ କରିଥାଆନ୍ତି । ସଞ୍ଚିତ ଅର୍ଥକୁ ଅଭାବ ଅସୁବିଧାରେ ପଡିଥିବା ଲୋକଙ୍କୁ ଋଣ ଆକାରରେ ଦିଆଯାଇଥାଏ । ଗ୍ରାମ ଦେବଦେବୀଙ୍କ ନାମରେ ଥିବା ଜମିକୁ ଗ୍ରାମର କେତେକ ଲୋକ ଚାଷ କରିଥାଆନ୍ତି । ଅମଳପରେ ସେମାନେ କିଛି ଧାନ ପଇଠ କରିଥାଆନ୍ତି । ଯାହାକି ଗ୍ରାମ ପାଣ୍ଠିରେ ରହିଥାଏ । ଗ୍ରାମ ସଭାରେ ବିଚାର କରାଯାଉଥିବା ମୋକଦ୍ଦମାର ପ୍ରକୃତ ଦୋଷୀକୁ କିଛି ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯାଇଥାଏ । ଫଳରେ ଦୋଷୀ ଜୋରିମାନା ଆକାରରେ କିଛି ଅର୍ଥ ଗ୍ରାମସଭାକୁ ପ୍ରଦାନ କରିଥାଏ । ସେ ଅର୍ଥ ଗ୍ରାମ ପାଣ୍ଠିରେ ଗଚ୍ଛିତ ହୋଇ ରହିଥାଏ । ସେହି ଅର୍ଥକୁ ମଧ୍ୟ ଋଣ ଆକାରରେ ଲୋକମାନଙ୍କୁ ଦିଆଯାଇଥାଏ । ନିର୍ଦ୍ଧାରିତ ସମୟରେ ସେମାନେ ସୁଧ ସହିତ ମୂଳଅର୍ଥ ପଇଠ କରିଥାଆନ୍ତି । ଏତଦ୍ ବ୍ୟତୀତ ଗ୍ରାମର କେତେକ ଯୁବକ ଓ ଯୁବତୀ ଚାନ୍ଦା ଆଦାୟ କରି ମାସକୁ କିଛି ପଇସା ସଞ୍ଚୟ କରି ରଖୁଛନ୍ତି । ସଞ୍ଚିତ ଅର୍ଥକୁ ବ୍ୟାଙ୍କ୍‌ରେ ସଞ୍ଚୟ କରିଥାଆନ୍ତି । କିଛି ଅର୍ଥକୁ ଗ୍ରାମ ଲୋକଙ୍କୁ ଋଣ ଆକାରରେ ଦେଇଥାଆନ୍ତି । ଲୋକଙ୍କଠାରୁ ଦୁଇଗୁଣ ଠାରୁ ଅଧିକ ଅର୍ଥ ହେଉଥିବା ଯେକୌଣସି ଜିନିଷକୁ ବନ୍ଧକ ହିସାବରେ ରଖି ଶତକଡା ପାଞ୍ଚ ହାର ସୁଧରେ ଋଣ ଦେଇଥାଆନ୍ତି । ନିର୍ଦ୍ଧାରିତ ସମୟରେ ସମୁଳସୁଧ ଆଦାୟ କରିଥାଆନ୍ତି । ଗ୍ରାମରେ ଋଣ ଆକାରରେ ଦିଆଯାଉଥିବା ଅର୍ଥକୁ ମାସିକ ସୁଧ ଆକାରରେ ଆଦାୟ କରାଯାଇଥାଏ । ଗ୍ରାମପାଣ୍ଠିକୁ ସୁଧ ଆକାରରେ ସଂଗୃହୀତ ଅର୍ଥ ଗ୍ରାମ ପାଣ୍ଠିକୁ ବୃଦ୍ଧି କରିଥାଏ । ସେହିପରି ଗ୍ରାମ ପୋଖରୀକୁ ନିଲାମ ଦିଆଯାଇଥାଏ । କିଛି ଲୋକ ନିର୍ଦ୍ଧାରିତ ଅର୍ଥ ପଇଠ କରି ପୋଖରୀରେ ମାଛଚାଷ କରି ଲାଭବାନ ହୋଇଥାଏ । ନିଲାମ ଅର୍ଥ ମଧ୍ୟ ଗ୍ରାମପାଣ୍ଠିକୁ ବୃଦ୍ଧି କରିଥାଏ ।

କୁଟୁମ୍ବିତା /ଜ୍ଞାତି ସଂପର୍କ :

ସଂପର୍କ ଡୋରିରେ ସମସ୍ତେ ବନ୍ଧା । ସଂପର୍କ ଯେତେ ନିବିଡତର ହୋଇଥାଏ ପରସ୍ପର ସେତେ ନିଜର ହୋଇଥାଆନ୍ତି । ସଂପର୍କ ମଧ୍ୟରେ ରକ୍ତଗତ ସଂପର୍କ ଓ ବୈବାହିକ ସଂପର୍କ ।

ପରିବାରଟି ରକ୍ତଗତ ସଂପର୍କ ଦ୍ୱାରା ସୃଷ୍ଟି । ଶିଶୁଟିକୁ ମା' ଜନ୍ମ ଦେଲା ପରେ କାଳକ୍ରମେ ସେ ବଡ ହୋଇ ବିବାହ କରିଥାଏ । ସେ ମଧ୍ୟ ବଂଶ ବିସ୍ତାର କରିଥାଏ ।

ରକ୍ତସଂପର୍କ ଏହିଭଳି ଭାବରେ ଜନ୍ମିଥାଏ। ତେଣୁ ଜନ୍ମରୁ ହିଁ ଏହି ସଂପର୍କ ସଂଯୋଜିତ ହୋଇଥାଏ। ରକ୍ତଗତ ସଂପର୍କୀୟ ଲୋକଙ୍କୁ ପରିବାରକୁ ନେଇ ବଂଶ ଗଠିତ ହୋଇଥାଏ। ତେଣୁ ରକ୍ତ ସଂପର୍କୀୟମାନଙ୍କ ମଧ୍ୟରେ ସଂପୂର୍ଣ୍ଣ ଭାବେ ବିବାହ ନିଷେଧ ରହିଛି । ରକ୍ତର ସଂପର୍କକୁ କେହି କାଟି ପାରନ୍ତି ନାହିଁ ।

ନିଜ ବଂଶର ଲୋକଙ୍କ ମଧ୍ୟରେ ବୈବାହିକ ସଂପର୍କ ଗଠିତ ହୋଇନଥାଏ। ବା ବଂଶ ମଧ୍ୟରେ ବିବା କାର୍ଯ୍ୟ ହୋଇ ନ ଥାଏ। ନିଜ ଗୋତ୍ର ମଧ୍ୟରେ ମଧ୍ୟ ବିବାହ ହୋଇ ନ ଥାଏ । ଭିନ୍ନ ଗୋତ୍ରରେ ବିବାହ ହୋଇଥାଏ। ଅନ୍ୟବଂଶର କିମ୍ବା ଅନ୍ୟ ଗୋତ୍ରରେ ବିବାହ ସଂଗଠିତ ହୋଇଥାଏ। ବର୍ତ୍ତମାନ ନିଜ ଗୋତ୍ରରେ ବିବାହ କରିବାକୁ କିମ୍ବା ଅନ୍ୟଗୋଷ୍ଠୀରେ ବିବାହ କରିବାକୁ ରାଜୁଆର ଯୁବକମାନେ ପସନ୍ଦ କରୁଛନ୍ତି। ଅଧୁନା ଯୁବକମାନେ ମନ ଇଚ୍ଛାରେ ଅନ୍ୟତ୍ର ବିବାହ କରିବାକୁ ପଣ୍ଡାଧାବନ କରୁ ନାହାନ୍ତି। ଅନ୍ୟ ଗୋତ୍ର ବା ବଂଶ ସହିତ ବିବାହ ହେଲେ ସଂପର୍କଟି ଦୃଢ଼ୀଭୂତ ହୋଇଥାଏ । ବିବାହ ପରେ ଉଭୟ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଆଦୌ ସନ୍ଦେହ ନ ଥିଲେ ଉଭୟ ଉଭୟଙ୍କୁ ଭଲ ପାଉଥିଲେ, ସୁଖ ଓ ଦୁଃଖ ସମଭାଗୀ ହୋଇପାରୁଥିଲେ, ଉଭୟ ପରିବାରର ଭଲମନ୍ଦ କାର୍ଯ୍ୟରେ ଉପସ୍ଥିତ ହୋଇପାରୁଥିଲେ ବୈବାହିକ ସଂପର୍କଟି ନିବିଡତର ହୋଇପାରିବ।

ରାଜୁଆର ସମାଜରେ ଦୁଇଜଣ ସମଲିଙ୍ଗିୟ ହୋଇଥିଲେ, ଉଭୟଙ୍କର ଶରୀର ଗଠନ, ରୂପରେ ପ୍ରାୟ ସମାନତା ଥିଲେ କିମ୍ବା ନ ଥିଲେ ସେମାନେ ଉଭୟ ସଙ୍ଗାତ ମୈତ୍ର ହୋଇଥାଆନ୍ତି। ପ୍ରଥମେ ଉଭୟ ଅଭିଭାବକଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥାଏ। ତା'ପରେ ସଙ୍ଗାତ ମୈତ୍ର ବସିବାଦିନ ଧାର୍ଯ୍ୟ କରାଯାଇଥାଏ । ଯେକୌଣସି ଜଣଙ୍କ ଘରେ ଏହା ହୋଇଥାଏ। ଏଥି ନିମନ୍ତେ ଉଭୟ ଉଭୟଙ୍କ ପାଇଁ ଧଳାରଙ୍ଗର ଧୋତି ଆଣିଥାଆନ୍ତି। ଯାହାର ଘରେ ହୋଇଥାଏ, ତାଙ୍କର ଭାଉଜ ସଂପର୍କଙ୍କ ଦ୍ୱାରା ଦୁଇଟି ଫୁଲହାର ପୂର୍ବରୁ ଗୁନ୍ଥାଯାଇଥାଏ। ଉଭୟ ସଙ୍ଗାତ ମୈତ୍ରଙ୍କ ମଧ୍ୟରେ ପୋଷାକ, ଫୁଲହାର ଅଦଳବଦଳ କରିଥାଆନ୍ତି। ପରସ୍ପରକୁ ମିଠା ଖୁଆଇଥାଆନ୍ତି। ଏ ଦୁଇଜଣଙ୍କ ମଧ୍ୟରେ ଭାଉଜ ସେହି ସମୟରେ ଯୋଗସୂତ୍ର ରକ୍ଷା କରିଥାଆନ୍ତି । ପୂର୍ବରୁ ସେହିସ୍ଥାନରେ କେତେଜଣ ଭଦ୍ରଲୋକ ଉପସ୍ଥିତ ରହିଥାଆନ୍ତି। ପରସ୍ପର ପୋଷାକ, ଫୁଲହାର ଅଦଳବଦଳ ପରେ ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କୁ ଜୁହାର କରିଥାଆନ୍ତି। ଧର୍ମଦେବତାଙ୍କୁ ସାକ୍ଷୀରଖି ଏହା ସଂଗଠିତ ହୋଇଥାଏ। ସେହି ଦିନଠାରୁ ଉଭୟ ପରିବାର ମଧ୍ୟରେ ବିବାହ ନିଷେଧ ହୋଇଥାଏ। ବିଭିନ୍ନ ପୂଜା,

ପର୍ବପର୍ବାଣିରେ ଉଭୟ ଉଭୟଙ୍କ ଗୃହକୁ ଆସିଥାଆନ୍ତି । ପରସ୍ପରର ଉଲ୍ଲମାନ୍ଦ ଯାଇ ଉପସ୍ଥିତ ହୋଇଥାଆନ୍ତି । ବିପଦ ଆପଦ ସମୟରେ ଉଭୟ ପରିବାରର ଲୋକେ ସହାୟକ ହୋଇଥାଆନ୍ତି । ଦିନକୁ ଦିନ ସଂପର୍କ ଉଭୟ ପରିବାର ମଧ୍ୟରେ ସୁଦୃଢ଼ ହୋଇଥାଏ । ବିବାହ ଉତ୍ସବରେ ପରସ୍ପର ଉପହାର ସମେତ କିଛି ଅର୍ଥ ମଧ୍ୟ ପ୍ରଦାନ କରିଥାଆନ୍ତି । ପ୍ରତିବଦଳରେ ଶାଢ଼ି, ଧୋତି ଇତ୍ୟାଦି ଦେଇଥାଆନ୍ତି । ସେହିଭଳି ଉଭୟ ପରିବାରରେ ଯେକୌଣସି ବ୍ୟକ୍ତି ମୃତ୍ୟୁ ସମୟ ମଧ୍ୟ ଉପସ୍ଥିତ ରହିଥାଆନ୍ତି । ବିଭିନ୍ନ କର୍ମରେ ସହଯୋଗ କରିଥାଆନ୍ତି । ଏହିପରି ବିଭିନ୍ନ କାର୍ଯ୍ୟରେ ପରସ୍ପର ସକ୍ରିୟ ଅଂଶ ଗ୍ରହର କରି କାର୍ଯ୍ୟ ସଂପାଦନ କରିଥାଆନ୍ତି ।

କୁଟୁମ୍ବିତା ସଂପର୍କୀୟ ଶବ୍ଦାବଳୀ :

ରାଜୁଆର ସମାଜରେ ପରିବାର ତଥା କୁଟୁମ୍ବ ମଧ୍ୟରେ ଓ ବନ୍ଧୁବାନ୍ଧବ ମଧ୍ୟରେ ବିଭିନ୍ନ ସଂପର୍କ ପଦ ରହିଛି । ସେହି ସଂପର୍କ ପଦ ଗୁଡିକ ନିମ୍ନରେ ଦିଆଗଲା ।

ଓଡିଆ	ରାଜୁଆର	ଓଡିଆ	ରାଜୁଆର
ବାପା	ବାପ୍	ମଉସା	ମସା
ମାଆ	ମାଏ	ପିଉସୀ	ପୁପୁ
ପୁଅ	ବେଟା	ପଉସୀ	ପୁପା
ଝିଅ	ବେଟୀ	ଅଜା	ମାମାବାପ୍
ବଡଭାଇ	ଦାଦା	ଆଈ	ମାମା ମାଏ
ସାନଭାଇ	ଭାଇ	ମାମୁ	ମାମା
ଭଉଣୀ	ବହିନ୍	ମାଇଁ	ମାମା
ବଡଭଉଣୀ	ଦିଦି	ନାତି (ପୁଅରପୁଅ)	ନାତି
ସାନଭଉଣୀ	ଛୋଟୁ ବହିନ୍	ନାତି (ଝିଅରପୁଅ)	ନାତିଆ
ଓଡିଆ ଭାଷା	ରାଜୁଆର ଭାଷା	ଓଡିଆ ଭାଷା	ରାଜୁଆର ଭାଷା
ସ୍ୱାମୀ	ପୁରୁଷ	ନାତୁଣୀ	ନାତିନ୍
ସ୍ତ୍ରୀ	ତିରି	ଝାଇଁ (ଝିଅରସ୍ୱାମୀ)	-ଜାୱାଇଁ
ସାବତସ୍ତ୍ରୀ	ଛଟ୍‌କୀବହୁ	ପୁତୁରା	ପୁତ୍‌ରା

ବୁଢ଼ାବାପା	ବଢ଼ାବାପ୍	ଝିଆରୀ	ଝିଆରୀ
ବୁଢ଼ୀମାଆ	ବୁଢ଼ୀ ମାଏ	ଭାଉଜ	ବହୂ
ବଡବାପା	ବଡ୍‌ବାପ୍	ଭାଇବୋହୂ	ଭାଇବହୂ
ବଡମାଆ	ବଡ ମାଏ	ଭଣଜା	ଭଗିନା
ଦାଦା	କାକା	ଭାଣିଜୀ	ଭଗ୍‌ନୀ
ଖୁଡୀ	କାକି	ଭିଣୋଇ (ବଡ)	ଦିଦି ବହନେଇ
ମାଉସୀ	ମସୀ	ସାନଭିଣୋଇ	ବହିନ୍ ଜ୍ୱାଇଁ
ଶ୍ୱଶୁର	ଶ୍ୱଶୁର	ମାଆର ମାଆର ମଆ	ଠାକୁମାଏ
ଶାଶୂ	ଶାଶ୍	ମାଆର ମଆର ଭାଇ	ଠାକୁବାପ୍
ଦେଉଶୂର	ଭଇଁଶୂର୍	ମାଆର ମାଆର ଭାଇର ସ୍ତ୍ରୀ	ଠାକୁମାଏ
ଦିଅର୍	ଦେଓର୍	ମାଆର ମାଆର ଭଉଣୀ	ଆଈ
ନଣନ୍ଦ୍	ନନଦ୍	ମାଆରମାଆର ଭଉଣୀର ସ୍ୱାମୀ	ଅଜା
ବଡ ନଣନ୍ଦ	ବଡନନଦ୍ /ବଡଦିଦି	ନାତୁଣୀ ବୋହୂ	ନାତିନ୍ ବହୂ
ସାନ ନଣନ୍ଦ	ଛୋଟନନଦ୍ / ଛୋଟୁ ଦିଦି	ନାତୁଣୀ ଜ୍ୱାଇଁ	ନାତିନ୍ ଜ୍ୱାଇଁ
ପୁଅର ଶ୍ୱଶୁର	ବାପ୍	ବୋହୂର ବାପା	ସମ୍‌ଦୀ
ପୁଅର ଶାଶୂ	ମାଏ	ବୋହୂର ମାଆ	ସମ୍‌ଦୀନ୍
ସ୍ତ୍ରୀର ବଡଭାଇ	ବଡଫୁଲ	ଝିଅର ସ୍ୱାମୀର ବାପା	ସମ୍‌ଦୀ
ଦେଉଶାଶୂ	ଜେଟ୍ ଶାଶ୍ / ଦିଦି	ଝିଅର ସ୍ୱାମୀର ମାଆ	ସମ୍‌ଦୀନ
ଓଡିଆ ଭାଷା	ରାଇୁଆର ଭାଷା	ଓଡିଆ ଭାଷା	ରାଇୁଆର ଭାଷା
ଶାଳୀ	ଶାଳୀ	ଝିଅର ସ୍ୱାମୀର ଭଉଣୀ	ବେଟୀ
ବାପାର ବାପାର ବାପା	ଠାକୁବାପ୍	ମାଆର ଭାଇର ସ୍ତ୍ରୀ	ମାମା
ବାପାର ବାପାର		ମାଆର ଭଉଣୀର ସ୍ୱାମୀ	ମସା

ମାଆ ବାପାର ବାପାର	ଠାକୁମାଏ	ମା'ର ବଡଭଉଣୀରସ୍ୱାମୀ	ବଇବାପ୍
ଭଉଣୀ ବାପାର ବାପାର	ଠାକୁମାଏ	ମାଆରବଡଭଉଣୀ	ବଇମାଏ
ଭଉଣୀର ସ୍ୱାମୀ	ଠାକୁବାପ୍	ମାଆର ମାଆର ବାପା	ଠାକୁବାପ୍

ରାଇୁଆର ଲୋକମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ସଂପର୍କ ଗଢ଼ି ଉଠିଥାଏ । କାହା ସହିତ ଥଟ୍ଟା ମଜାର ସଂପର୍କ ଥିଲାବେଳେ କାହା ସହିତ ଲାଜ ତଥା ଅଛୁଆଁ ସଂପର୍କ ଗଢ଼ି ଉଠିଥାଏ । ସେହିଭଳି କାହାକୁ ସ୍ନେହ ଆଦର କରାଯାଇଥାଏ ତ କାହାକୁ ସମ୍ମାନ ଓ ଭକ୍ତି କରାଯାଇଥାଏ । ତେଣୁ ସଂପର୍କ ବିଭିନ୍ନ ଡୋରରେ ସଭିଏଁ ବନ୍ଧା । ଭିନ୍ନ ଭିନ୍ନ ସଂପର୍କ ବିଷୟ ନିମ୍ନରେ ଆଲୋଚନା କରାଗଲା ।

ପରିହାସ / ଥଟ୍ଟା ସମ୍ପର୍କ :

ରାଇୁଆର ସମାଜରେ ଥଟ୍ଟା / ପରିହାସଗତ ସମ୍ପର୍କ ରହିଛି। ଯେପରି ଜେଜେବାପା, ଜେଜେମାଆଙ୍କ ସହିତ ନାତି ନାତୁଣୀମାନଙ୍କର ଥଟ୍ଟା ସଂପର୍କ ରହିଥାଏ। ନାତି ନାତୁଣୀମାନଙ୍କୁ ମଜ୍ଜାରେ ମଜ୍ଜାରେ କେତେ ହସ କଥା କହିଥାଆନ୍ତି। ନାତିନାତୁଣୀମାନଙ୍କୁ ମଧ୍ୟ ସ୍ନେହ ଆଦର କରିଥାଆନ୍ତି । ସେହିପରି ଅଜା ଆଈ ମଧ୍ୟ ନାତି ନାତୁଣୀଙ୍କ ଠାରେ ଥଟ୍ଟା ମଜା ହୋଇଥାଆନ୍ତି । ବେଳେବେଳେ ନାତି ନାତୁଣୀମାନଙ୍କୁ ଥଟ୍ଟାରେ ଅନେକ କଥା ମାଧ୍ୟମରେ ହସେଇ ହସେଇ ବେଦମ୍ କରିଥାଆନ୍ତି । କୁଟୁମ୍ବ / ପରିବାର ମଧ୍ୟରେ ଦିଅର-ଭାଉଜ ଓ ନଣନ୍ଦ-ଭାଉଜଙ୍କ ମଧ୍ୟ ଥଟ୍ଟାମଜା ସଂପର୍କ ଗଢ଼ି ଉଠିଥାଏ । ଶଳା-ଭିଣୋଇ, ଶାଳୀ ଭିଣୋଇଙ୍କ ମଧ୍ୟରେ ମଧ୍ୟ ଏଭଳି ସଂପର୍କ ରହିଥାଏ। ସମୟେ ସମୟେ ଥଟ୍ଟାମଜାର ସଂପର୍କଟି ଭିନ୍ନ ମୋଡ ନେଇଥାଏ। ଶଳା କିମ୍ବା ଶାଳୀ ଥଟ୍ଟା ମଜାର ସଂପର୍କକୁ କେତେକ ସ୍ଥଳେ ପ୍ରଶ୍ରୟ ଦେଇ ନ ଥାଆନ୍ତି। ଫଳରେ ଦୀର୍ଘ ଦିନଧରି ଭିଣୋଇଙ୍କ ସହିତ ଏପରି କଥାବାର୍ତ୍ତା ବନ୍ଦ୍ କରି ଦେଇଥାଆନ୍ତି। ପ୍ରାୟ ରାଇୁଆର ସମାଜରେ ଏଭଳି କ୍ୱଚିତ୍ ହୋଇଥାଏ ।

ଛିନ୍ନ ସଂପର୍କ :

ଏହି ସମ୍ପର୍କ କ୍ଷେତ୍ରରେ ପରସ୍ପରଠାରୁ ଦୂରରେ ରହିଥାଆନ୍ତି। ଜଣେ ସ୍ତ୍ରୀ ତା'ର ସ୍ୱାମୀର ବଡଭାଇ ଅର୍ଥାତ୍ ଦେଉଶୁରକୁ ଛୁଇଁ ନ ଥାଏ । ଏପରିକି ଦେଉଶୁର ଛାଇ ଡେଇଁ ନ ଥାଆନ୍ତି ବୋଲି ସେମାନେ ମତ ଦେଇଥାଆନ୍ତି। ଦେଉଶୁର ନାମ ମଧ୍ୟ ତୁଣ୍ଡରେ

ଧରି ନ ଥାଆନ୍ତି। ଦେଉଶୂରର ଅଇଁଠା ଖାଇ ନ ଥାଏ ତଥା ଅଇଁଠା ବାସନ ମଧ୍ୟ ଧୋଇ ନ ଥାଏ। ଭଣଜା ବୋହୂ ଓ ମଳାଶୂର ମଧ୍ୟରେ ମଧ୍ୟ ଛିନ୍ନ ସଂପର୍କ ଥାଏ। ପରସ୍ପରକୁ ଏମାନେ ଛୁଅଁନ୍ତି ନାହିଁ କିମ୍ବା ମଳାଶୂର (ପୁଅର ମାମୁ)ଙ୍କ ଛାଇ ଡେଇଁ ନ ଥାଆନ୍ତି। ଏପରିକି ମଳାଶୂରର ଅଇଁଠା ଖାଇ ନ ଥାଆନ୍ତି। ଦେଉଶାଶୂ (ସ୍ତ୍ରୀର ବଉଭଉଣୀ) ଓ ଭଉଣୀ ଜ୍ୱାଇଁଙ୍କ ମଧ୍ୟରେ ଛିନ୍ନ ସଂପର୍କଥାଏ। ଏ ଦୁହେଁ ପରସ୍ପରକୁ ଛୁଅଁନ୍ତି ନାହିଁ, ଛାଇ ଡେଇଁ ନ ଥାଆନ୍ତି, ଏପରିକି ଅଇଁଠା ମଧ୍ୟ ଖାଇ ନ ଥାଆନ୍ତି । ପରସ୍ପର କଥା ହୋଇଥାଆନ୍ତି। ଶାଶୂ-ଜ୍ୱାଇଁ ମଧ୍ୟରେ ଏପରି ସଂପର୍କ ରହିଛି। ଜ୍ୱାଇଁ ଶାଶୂ ସହିତ କଥାବାର୍ତ୍ତା ହୋଇଥାଆନ୍ତି କିନ୍ତୁ ଛୁଇଁ ନ ଥାଆନ୍ତି । ଏସବୁକୁ ନମାନିଲେ ନିଜ ନିଜର ଅନିଷ୍ଟ ହେବା ସହିତ ସମାଜରେ ବିଶୃଙ୍ଖଳା ଦେଖା ଦେଇଥାଏ ବୋଲି ସେମାନଙ୍କର ବିଶ୍ୱାସ।

ପୋଷ୍ୟପୁତ୍ର ଗ୍ରହଣ :

ବିବାହର କିଛି ବର୍ଷ ପୂର୍ବେ ଯଦି ସ୍ତ୍ରୀ କୌଣସି ସନ୍ତାନ ସନ୍ତତିର ଜନନୀ ହୋଇ ନପାରିଲା, ତେବେ ଦାମ୍ପତ୍ୟ ଜୀବନର ମୂଲ୍ୟହୀନ ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି। ପରିବାର ପ୍ରତି ଏକ ନିନ୍ଦାର ବିଷୟ ହୋଇଥାଏ। ତେଣୁ ଏହି ନିନ୍ଦାରୁ ଟିକିଏ ମୁକ୍ତି ପାଇବା ପାଇଁ ନିଜର ସଂପର୍କୀୟ ବ୍ୟକ୍ତିଙ୍କ ଠାରୁ ଗୋଟିଏ ପୁଅ ପାଳିବା ପାଇଁ ଆଣିଥାଆନ୍ତି। ପୋଷ୍ୟପୁତ୍ର ହିସାବରେ ସେ ପୁତ୍ରକୁ ଗ୍ରହଣ କରିଥାଆନ୍ତି। ନିଜ ବଂଶ ବ୍ୟତୀତ ଅନ୍ୟ ବଂଶରୁ ମଧ୍ୟ ପୋଷ୍ୟପୁତ୍ର ହିସାବରେ ଗୋଟିଏ ପୁଅକୁ ଗ୍ରହଣ କରିଥାଆନ୍ତି । ପ୍ରାୟ ଛୋଟ ବେଳରୁ ପିଲାକୁ ଆଣି ଘରେ ରଖିଥାଆନ୍ତି। ନିଜ ବାପା ମାଆ ଭଳି ପିଲାଟି କଥା ମାନିଥାଏ। ଦମ୍ପତି ନିଜ ପୁଅ ଭଳି ସ୍ନେହ ଆଦରକରିଥାଆନ୍ତି। ଆସ୍ତେ ଆସ୍ତେ ପୁଅ ମଧ୍ୟ ଘରର ସବୁ ଦାୟିତ୍ୱ ନେଇଥାଏ। ବାପା ମାଆଙ୍କ ମୃତ୍ୟୁ ପରେ ଶୁଦ୍ଧିକ୍ରିୟା କରିଥାଏ। ବାପାଙ୍କରସବୁ ସଂପତ୍ତିର ଅଧିକାରୀ ସେ ହୋଇଥାଏ। ପୋଷ୍ୟପୁତ୍ର ମଧ୍ୟ ବିଭିନ୍ନ ପଦପଦବୀର ଉତ୍ତରାଧିକାରୀ ହୋଇଥାଏ। ସବୁ ସଂପତ୍ତି ସେହି ପୁଅ ନାମରେ ହୋଇଥାଏ।

ସଂପର୍କ :

ମାମୁ ବା ମାମୁଘର ସହିତ ଭଣଜା ଓ ଭାଣିଜୀମାନଙ୍କର ଉତ୍ତମ ସଂପର୍କ ଥାଏ। ଭଣଜା ଭାଣିଜୀମାନେ ମାମୁଙ୍କୁ ଯଥାଯଥ ସମ୍ମାନ ତଥା ଭକ୍ତି କରିଥାଆନ୍ତି। ମାମୁ ମଧ୍ୟ ଭଣଜା ଭାଣିଜୀମାନଙ୍କୁ ସ୍ନେହ ଆଦର କରିଥାଆନ୍ତି। ଶିଶୁର ନାମକରଣ ଉତ୍ସବରେ ମାମୁ

ନିଜ କୁନି ଭଣଜା ଓ ଭାଣଜୀଙ୍କ ପାଇଁ ନୂଆ ପୋଷାକ ଆଣିଥାଏ । ପ୍ରତ୍ୟେକ ପୂଜା ଓ ପର୍ବପର୍ବାଣିମାନଙ୍କରେ ମାମୁ ଭଣଜାଭାଣିଜୀଙ୍କ ଘରକୁ ଆସିଥାଆନ୍ତି ଏବଂ ମାମୁ ମଧ୍ୟ ଭଉଜା ଭାଣିଜୀମାନଙ୍କୁ ଖୁସିରେ ନିଜ ଘରକୁ ଡାକି ନେଇଥାଆନ୍ତି । ବିବାହ ସମୟରେ ବେଳେବେଳେ କନ୍ୟାପିତା ପ୍ରତିବଦଳରେ ମାମୁ ମଧ୍ୟ କନ୍ୟାଦାନ କରିଥାଆନ୍ତି । ଏ କ୍ଷେତ୍ରରେ ମାମୁଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭଣଜା ଓ ଭାଣିଜୀଙ୍କ ବିବାହରେ ମାମୁ କିଛି ଅର୍ଥ ସହିତ ଉପହାର ମଧ୍ୟ ପ୍ରଦାନ କରିଥାଆନ୍ତି । ଭଣଜା ଓ ଭାଣିଜୀ ବଡ ହୋଇଗଲେ ଅଥବା ବିବାହ ଯୋଗ୍ୟ ହୋଇଗଲେ ସେମାନଙ୍କ ପାଇଁ ଉପଯୁକ୍ତ ପାତ୍ରୀ ଓ ପାତ୍ର ଦେଖାଦେଖି କରିଥାଆନ୍ତି । ମାମୁ ପ୍ରତ୍ୟକ୍ଷରେ ହେଉ ଅବା ପରୋକ୍ଷରେ ହେଉ ପ୍ରତ୍ୟେକ କାର୍ଯ୍ୟରେ ସାମିଲ୍ ହୋଇଥାଆନ୍ତି ।

ରାଜୁଆରମାନେ ପୀଉସୀଙ୍କୁ 'ଫୁପୁ' ବୋଲି କହିଥାଆନ୍ତି । ବାପାଙ୍କର ଭଉଣୀ ପୀଉସୀ ହିସାବରେ ପରିଗଣିତ। ପୀଉସୀଙ୍କ ଘରକୁ ପିଲାମାନେ କ୍ୱଚିତ୍ ଯାଇଥାଆନ୍ତି । ପୀଉସୀର ପୁଅ କିମ୍ବା ଝିଅର ବିବାହ ସମୟରେ ପୁତୁରା ଓ ଝିଆରୀମାନେ ଯାଇଥାଆନ୍ତି । ପୁତୁରା ଓ ଝିଆରୀଙ୍କ ବିବାହରେ ପୀଉସୀ ନିଜ ସକ୍ଷମ ଅନୁସାରେ କିଛି ଅର୍ଥ ସମେତ ଉପହାର ଭେଟି ଦେଇଥାଏ । ପୀଉସୀଙ୍କ ଅନ୍ତେ ତାଙ୍କ ଘରକୁ ଯିବା ଆସିବା ପ୍ରାୟ କମି ଯାଇଥାଏ । ପୀଉସୀଙ୍କୁ ପୁତୁରା ଓ ଝିଆରୀମାନେ ଗୁରୁ ଗୁରୁଜନ ଭଳି ସମ୍ମାନ ଦେଇଥାଆନ୍ତି । ସେ ମଧ୍ୟ ପିଲାମାନଙ୍କୁ ଆଦର କରିଥାଏ ।

ରାଜୁଆର ସମାଜରେ ପୁତୁରା ଓ ଝିଆରୀଙ୍କର ଦାଦା / କକାଙ୍କ ସହିତ ସଂପର୍କ ଭଲ ଥାଏ । ପୁତୁରା ଝିଆରୀମାନଙ୍କୁ ସ୍ନେହ କରିଥାଆନ୍ତି । ଏମାନେ ମଧ୍ୟ ଦାଦାଙ୍କୁ ମାନିଥାଆନ୍ତି । ପିଲାମାନଙ୍କର ଦେହ ଖରାପ ହେଲେ ଦାଦା ସେମାନଙ୍କୁ ପାଖ ଡାକ୍ତରଖାନାକୁ ନେଇଯାଆନ୍ତି । ଦାଦାଙ୍କ ସଙ୍ଗରେ ପିଲାମାନେ ମଧ୍ୟ ପାଖ ହାଟ ଓ ବଜାରକୁ ବୁଲିବାକୁ ଯାଇଥାଆନ୍ତି । ଭଲ ମନ୍ଦରେ ସହଯୋଗ କରିଥାଆନ୍ତି । ଦାଦାଙ୍କୁ ପୁତୁରା ଓ ଝିଆରୀମାନେ ବାପା ପରି ସମ୍ମାନ ଦେଇଥାଆନ୍ତି । ବିବାହ, ଶୁଦ୍ଧିକ୍ରିୟା ଇତ୍ୟାଦିରେ ଦାଦା ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଆନ୍ତି । ବେଳେବେଳେ ଧନସଂପତ୍ତି ବଣ୍ଟନ ତଥା ଜମିଜମା ଇତ୍ୟାଦିକୁ ନେଇ ଭାଇ ଭାଇ ମଧ୍ୟରେ କଳି ଝଗଡା ହୋଇଥାଏ । କିଛି ଦିନ ପରେ ସମାଧାନ ହୋଇ ପୂର୍ବଭଳି ସଂପର୍କ ସ୍ଥାପିତ ହୋଇଥାଏ । ଏପରି କି ସଂପତ୍ତି ବଣ୍ଟନ କ୍ଷେତ୍ରରେ ଗଣ୍ଡଗୋଳ ହୋଇ ମଧ୍ୟ ଭାଇ ଭାଇ ମଧ୍ୟରେ ସବୁଦିନ ପାଇଁ ସଂପର୍କ ଛିନ୍ନ ହୋଇଥାଏ । ପୁତୁରା ଝିଆରୀମାନେ ମଧ୍ୟ ସଂପର୍କ ରକ୍ଷାରୁ ବଂଚିତ ହୋଇଥାଆନ୍ତି ।

ସାବତ ମାଆ ନିଜର ପୁଅ ଝିଅ ଭଳି ପିଲାମାନଙ୍କୁ ଲାଳନ ପାଳନ କରିଥାଏ। ପୁଅଝିଅମାନେ ମଧ୍ୟ ତାଙ୍କୁ ନିଜର ମାଆ ଭଳି ଦେଖିଥାଆନ୍ତି। ପିଲାମାନଙ୍କର ସବୁ ଅଳି ଅଝଟ ସାବତ ମାଆ ବୁଝିଥାଏ। ପିଲାମାନଙ୍କର ଯାହା ଅସୁବିଧା ହୁଏ ପ୍ରଥମେ ସେ ମାଆକୁ କହିଥାଆନ୍ତି। କେତେକ କ୍ଷେତ୍ରରେ ସାବତମାଆ ନିଜେ ଜନ୍ମ ଦେଇ ନ ଥିବାରୁ ପିଲାମାନଙ୍କୁ ସେତେ ଭଲ ପାଇ ନ ଥାଏ। ଯଥୋଚିତ ସ୍ନେହ ଆଦରରୁ ପିଲାମାନେ ବଂଚିତ ହୋଇଥାଆନ୍ତି । ବଡପୁଅ ହିସାବରେ ବାପାଙ୍କର ସଂପତ୍ତିରୁ ଅଧିକ ଭାଗ ନେବ ବୋଲି ସାବତ ମାଆ ମଧ୍ୟ ପୁଅକୁ ଭଲ ପାଇ ନ ଥାଏ। ରାଜୁଆର ସମାଜରେ ପୁଅ ଓ ଝିଅ ବଡ ହୋଇଗଲେ ସେମାନେ ନିଜେ ନିଜେ ରୋଜଗାରକ୍ଷମ ହୋଇଥାଆନ୍ତି। ଫଳରେ ସାବତମାଆ ଉପରେ ତଥା ପରିବାର ଉପରେ ସେମାନଙ୍କୁ ବେଶୀ ନିର୍ଭର କରିବାକୁ ପଡେ ନାହିଁ।

ଜ୍ଞାତି ସଂପର୍କ ଭେଟି :

ବିଭିନ୍ନ ଉତ୍ସବ ତଥା ପର୍ବପର୍ବାଣିରେ ଜ୍ଞାତି ସଂପର୍କୀୟମାନେ ବିଭିନ୍ନ ଉପହାର / ଭେଟି ନେଇ ଆସିଥାଆନ୍ତି। ବିବାହ କ୍ଷେତ୍ରରେ ରକ୍ତ ସଂପର୍କୀୟ ଲୋକେ ଝିଅ ଜ୍ୱାଇଁକୁ ଅଥବା ପୁଅ ବୋହୂକୁ ଖୁସିରେ ଭିନ୍ନ ଭିନ୍ନ ଉପହାର ଦେଇଥାଆନ୍ତି। ଏମାନଙ୍କ ପକ୍ଷେ ଉପହାର ଦେବା ବାଧତାମୂଳକ ନୁହେଁ। କିନ୍ତୁ ବୈବାହିକ ସଂପର୍କ ଦ୍ୱାରା ନୂତନ ବନ୍ଧୁବାନ୍ଧବମାନଙ୍କ ପାଇଁ ସ୍ୱତନ୍ତ୍ର ନିୟମ ଥାଏ। ଜ୍ଞାତି ସଂପର୍କ ମଧ୍ୟରେ ବିବାହ ସଂଗଠିତ ହୋଇଥାଏ। ବିବାହ ବେଦୀ ଉପରେ ଝିଅର ମାମୁ ସକ୍ଷମ ଅନୁସାରେ ଝିଅକୁ ଗାଈ, ଛେଳି, କୁକୁଡା ଇତ୍ୟାଦି ଦାନ କରିଥାଏ। ସେହିଭଳି ଜ୍ଞାତି କୁଟୁମ୍ବମାନେ ନିଜ ନିଜ ସକ୍ଷମ ଅନୁସାରେ ବିବାହ ବେଦୀ ଉପରେ ଝିଅକୁ ବେଲା, ସୁଟ୍‌କେଶ୍ (ଛୋଟ ବାକ୍ସ), ଗାଈ, ଛେଳି, ମେଣ୍ଢା ଇତ୍ୟାଦିକୁ ଧର୍ମକୁ ସାକ୍ଷୀ ରଖି ଦାନ କରିଥାଆନ୍ତି।

ରାଜୁଆର ସମାଜରେ କେତେକ ଲୋକ ସ୍ୱତନ୍ତ୍ର ଭାବେ ସମ୍ମାନର ଅଧିକାରୀ ହୋଇଥାଆନ୍ତି। ପରିବାର ମଧ୍ୟରେ ଛୋଟ ପିଲାମାନେ ପିତା, ମାତା, ଜେଜେବାପା, ଜେଜେମାଆ, ବଡବାପା, ବଡମାଆ ତଥା ଅନ୍ୟାନ୍ୟ ଗୁରୁଜନମାନଙ୍କୁ ସମ୍ମାନ ତଥା ଭକ୍ତି କରିଥାଆନ୍ତି। ମାଆ ମଧ୍ୟ ନିଜର ସ୍ୱାମୀ ଶାଶୂ, ଶ୍ୱଶୁର, ଦେଓଶୂରଙ୍କ ନାମ ତୁଣ୍ଡରେ ଧରି ନଥାଆନ୍ତି। ବଂଶ ମଧ୍ୟରେ ପୁରୁଖା ଲୋକମାନଙ୍କୁ ସମ୍ମାନ ଦେବାକୁ କେହି ଭୁଲି ନଥାଆନ୍ତି। ପରିବାର ମଧ୍ୟରେ ପୁଅ ମଧ୍ୟ ବାପା ମାଆ ତଥା ଜେଜେ, ଜେଜୀଙ୍କୁ ଯଥାଯଥା ସମ୍ମାନ ଓ ଭକ୍ତି କରିଥାଏ । ପ୍ରତ୍ୟେକଟିରେ ସେମାନଙ୍କୁ ସହଯୋଗ କରିଥାଏ । ତେଣୁ ସମସ୍ତଙ୍କର

ସଂପର୍କ ନିବଡରେ ହୋଇଥାଏ । ଯଦି ପରିବାର ମଧ୍ୟ ଛୋଟ ବଡ ମଧ୍ୟରେ କେହି କାହାରିକୁ ନ ମାନନ୍ତି କିମ୍ବା ମନଇଚ୍ଛା ଭୁଲ କରି ବସନ୍ତି, ତେବେ ସେମାନଙ୍କ ମଧ୍ୟରେ ସଂପର୍କ ଛିନ୍ନ ହୋଇଯାଇଥାଏ । ଫଳରେ ଅସଜଡା ପରିବାର ହୋଇଯାଏ । କାହାର ମନ ଅନ୍ୟ କାହା ସହିତ ମିଳି ନ ଥାଏ । ପୁଅ ଝିଅମାନଙ୍କୁ ସ୍ନେହ ଆଦର କଲେ ସେମାନେ ପିତାମାତାଙ୍କୁ ଭକ୍ତି କରିବାରେ ଆଗ୍ରହ ଆସିଥାଏ । ପରିବାରରେ ବାପାଙ୍କ ବିନା ଅନୁମତିରେ ମାଆ କୌଣସି ଶେଷ ନିଷ୍ପତ୍ତି ନେଇ ପାରନ୍ତି ନାହିଁ । ତେଣୁ ପରିବାର ମଧ୍ୟରେ ପିତାମାତାଙ୍କ ସଂପର୍କ ଗୁରୁତ୍ୱପୂର୍ଣ୍ଣ । ସ୍ୱାମୀ, ଶାଶୂ ଓ ଶ୍ୱଶୁରଙ୍କ କଥାକୁ ସ୍ତ୍ରୀ କେବେ ଏଡାଇ ଦିଏ ନାହିଁ । ସମସ୍ତଙ୍କ କଥାକୁ ସ୍ତ୍ରୀଟି ନିରବରେ ଶୁଣୁଥାଏ । କାହାରି କଥାରେ ପ୍ରତ୍ୟୁତ୍ତର କରେ ନାହିଁ । ଦେଉଶୂର ଛିଡା ହୋଇଥିଲେ ସେହି ବାଟ ଦେଇ ଭାଇବୋହୂ ଯାଇ ନ ଥାଏ । ଅନ୍ୟଠାରୁ ଯେପରି ସମ୍ମାନ ଆଶା କରିଥାଆନ୍ତି, ଅନ୍ୟକୁ ମଧ୍ୟ ସେମାନେ ସମ୍ମାନ ପ୍ରଦର୍ଶନ କରିଥାଆନ୍ତି ।

ସାଧାରଣତଃ ପାରିବାରିକ ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି କୁଟୁମ୍ବ ସ୍ତ୍ରୀଲୋକଙ୍କ ମଧ୍ୟରେ କଳି ଝଗଡା ହୋଇଥାଏ । କାଳକ୍ରମେ ସଂପର୍କ ପରସ୍ପର ଠାରୁ ଛିନ୍ନ ହୋଇଥାଏ । ବେଳେ ବେଳେ ଜମିଜମା ବଣ୍ଟନର ଅନିୟମିତତା ଦେଖା ଦେଲେ ଭାଇ ଭାଇ ମଧ୍ୟରେ ଗଣ୍ଡଗୋଳ ହୋଇଥାଏ । ଫଳରେ ମାଡପିଟ୍ ହୋଇ ଥାନା ତଥା କୋର୍ଟ କଚେରୀ ଯିବାକୁ ପଡ଼ିଥାଏ । ସେହିଭଳି ବିବାହ, ଶୁଦ୍ଧିକ୍ରିୟା ଇତ୍ୟାଦି ସାମାଜିକ ଉତ୍ସବରେ ଉପହାର / ଭେଟି ଦେବାନେବା କ୍ଷେତ୍ରରେ ମଧ୍ୟ ଜ୍ଞାତିକୁଟୁମ୍ବଙ୍କ ମଧ୍ୟରେ କଳି ଝଗଡା ହୋଇଥାଏ । ଏପରିକି ସ୍ଥଳ ବିଶେଷରେ ସଂପର୍କ ଛିନ୍ନ ହୋଇଥାଏ । ଜ୍ଞାତି କୁଟୁମ୍ବ ଲୋକେ କେତେକ ପର୍ବପର୍ବାଣି ତଥା ଅଭାବ ଅସୁବିଧାରେ ସାହାଯ୍ୟ ନ କରିଲେ ବେଳେବେଳେ ମଧ୍ୟ କଳି ଝଗଡା ସୂତ୍ରପାତ ହୋଇଥାଏ । ପରସ୍ପରର ଗୃହକୁ ଯିବା ଆସିବା ଆସ୍ତେ ଆସ୍ତେ ବନ୍ଦ ହୋଇଥାଏ । ଫଳରେ ସଂପର୍କ ଛିନ୍ନ ହୋଇଥାଏ । ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ଜ୍ଞାତିକୁଟୁମ୍ବ ଲୋକଙ୍କ ମଧ୍ୟରେ କଳିଝଗଡା ହୋଇଥାଏ । କୌଣସି ଆର୍ଥିକ ଅନଟନ ଦେଖାଦେଲେ ଲୋକେ ସାଧାରଣତଃ ଜ୍ଞାତି କୁଟୁମ୍ବ ଲୋକମାନଙ୍କର ସହାୟତା ଲୋଡିଥାଆନ୍ତି। ଧାର କିମ୍ବା କରଜ ଆକାରରେ ମଧ୍ୟ ସେମାନଙ୍କଠାରୁ ଅର୍ଥ ଆଣିଥାଆନ୍ତି। ଅର୍ଥକୁ ପରିଶୋଧ କରି ନ ପାରିଲେ କିମ୍ବା ନିର୍ଦ୍ଧାରିତ ସମୟରେ ପଇଠ କରି ନ ପାରିଲେ ଉଭୟଙ୍କ ମଧ୍ୟରେ କଳିଝଗଡା ହୋଇଥାଏ। ପରବର୍ତ୍ତୀ ସମୟରେ

ପରସ୍ପର ଗୃହକୁ ଯିବା ଆସିବା ବନ୍ଦ ହୋଇଯାଏ। ଫଳରେ ସେମାନଙ୍କ ସଂପର୍କରେ ଫାଟ ସୃଷ୍ଟି ହୋଇଥାଏ । କୌଣସି ବିପଦ ଆପଦ କୁଟୁମ୍ବ ଲୋକେ ସହଯୋଗ ନ କରନ୍ତି ସଂପୃକ୍ତ ବ୍ୟକ୍ତି ମଧ୍ୟ କୁଟୁମ୍ବ ଲୋକଙ୍କୁ ବିପଦ ଆପଦରେ ସହଯୋଗକରି ନ ଥାଏ। ପରସ୍ପର ମଧ୍ୟରେ ମନୋମାଳିନ୍ୟ ଘଟିଥାଏ।

ସାଧାରଣତଃ ପରିବାରରେ ଭାଇ ଭାଇ ମଧ୍ୟରେ ପିତୃ ସଂପତ୍ତିର ବଣ୍ଟନରେ ଅନିୟମିତତା ହେଲେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥାଏ । ଗଣ୍ଡଗୋଳ ମାଧ୍ୟମରେ ଗୁରୁତର ଶାରୀରିକ କ୍ଷତି ହେଲେ ଆପୋଷ ମୀମାଂସା ନ କରି ଅନ୍ୟ ତଥା କୋର୍ଟ କଚେରୀର ଆଶ୍ରୟ ନେଇଥାଆନ୍ତି । ଉଭୟଙ୍କର ଅର୍ଥ ଅଧିକ ଖର୍ଚ୍ଚ ହୋଇଥାଏ। କାଳକ୍ରମେ ଭାଇ ଭାଇ ମଧ୍ୟରେ ଆଉ କଥାବାର୍ତ୍ତା ହୋଇ ନ ଥାଆନ୍ତି। ପରସ୍ପର ମଧ୍ୟରେ ସଂପର୍କ ଛିନ୍ନ ହୋଇଥାଏ। ଅଭାବ ଅସୁବିଧା ସମୟରେ ଜଣେ ବ୍ୟକ୍ତି ଅନ୍ୟର ସହାୟତା ଲୋଡିଥାଏ। ସେହିଭଳି ଜ୍ଞାତି କୁଟୁମ୍ବ ତଥା ବନ୍ଧୁବାନ୍ଧବମାନଙ୍କଠାରୁ ଅଭାବ ସମୟରେ କିଛି ଅର୍ଥକୁ ଧାର କିମ୍ବା କରଜ ଆକାରରେ ସଂପୃକ୍ତ ବ୍ୟକ୍ତି ଆଣିଥାଏ। ନିର୍ଦ୍ଧାରିତ ସମୟରେ ପରିଶୋଧ କରି ନ ପାରିଲେ କିମ୍ବା ପରିଶୋଧ କରିବା ପାଇଁ ଅକ୍ଷମତା ପ୍ରକାଶ କଲେ ଦୁଇ ବନ୍ଧୁଙ୍କ ମଧ୍ୟରେ ବଚସା ହୋଇଥାଏ। ଉଭୟ ଉଭୟଙ୍କ ଘରକୁ ଯିବା ଆସିବା ବନ୍ଦ କରିଦିଅନ୍ତି। ଆସ୍ତେ ଆସ୍ତେ ସେମାନଙ୍କ ମଧ୍ୟରେ କୌଣସି ସଂପର୍କ ରହେ ନାହିଁ । ସଂପର୍କ ତୁଟି ଯାଇଥାଏ। ସେହିଭଳି ପରିବାରରେ କୌଣସି ପୁଅ କିମ୍ବା ଝିଅର ବିବାହ କ୍ଷେତ୍ରରେ ବନ୍ଧୁବାନ୍ଧବମାନଙ୍କୁ ଆମନ୍ତ୍ରଣ କରାଯାଇଥାଏ। ବନ୍ଧୁବାନ୍ଧବ ମଧ୍ୟରେ ପୁଅ ବା ଝିଅର ମାମୁଘର ଲୋକେ ଯଦି ବିବାହରେ ଯୋଗ ନ ଦିଅନ୍ତି ବା କୌଣସି ପ୍ରକାରର ସହଯୋଗ କରି ନ ଥାଆନ୍ତି, ତେବେ ସେ କ୍ଷେତ୍ରରେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ହୋଇ ନ ଥାଆନ୍ତି । ମାମୁର ପୁଅ କିମ୍ବା ଝିଅର ବିବାହରେ ମଧ୍ୟ ଭଣଜା ତଥା ଭାଣିଜି ଏବଂ ତାଙ୍କର ବାପା ମାଆ ମଧ୍ୟ ଯାଇ ନ ଥାଆନ୍ତି। ଫଳରେ ଉଭୟ ଉଭୟଙ୍କ ଘରକୁ ଯିବା ଆସିବା ବନ୍ଦ ହୋଇଥାଏ। ଆସ୍ତେ ଆସ୍ତେ କୌଣସି ସଂପର୍କ ରହେ ନାହିଁ। ଏହିଭଳି କ୍ଷେତ୍ରରେ ମଧ୍ୟ ସଂପର୍କ ଛିନ୍ନ ହୋଇଥାଏ। ଜଣେ ବ୍ୟକ୍ତିର ମୃତ୍ୟୁ ହେଲେ ମୃତ୍ୟୁ ଖବର ସବୁ ବନ୍ଧୁବାନ୍ଧବଙ୍କ ଘରକୁ ପଠାଯାଏ। ଖବର ପାଇ ଯଦି ମୃତିକିଆର କୌଣସି କାର୍ଯ୍ୟରେ ବିଶ୍ଳେଷତ। ଶୁଦ୍ଧିକ୍ରିୟା ବା ଦଶାହ ଦିନ ଆସି ନ ଥାଆନ୍ତି ଏବଂ ଶୁଦ୍ଧିକ୍ରିୟାରେ ସହଯୋଗ କରି ନ ଥାଆନ୍ତି, ତେବେ ସଂପୃକ୍ତ ବ୍ୟକ୍ତି ବହୁତ ହଇରାଣ ହରକତ ହୋଇ କାର୍ଯ୍ୟଟି ସଂପୂର୍ଣ୍ଣ

କରିଥାଏ। ସଂପୃକ୍ତ ବ୍ୟକ୍ତି ବନ୍ଧୁଙ୍କ ଉପରେ କ୍ଷୁବ୍ଧ ହୋଇ ଆଉ ତାଙ୍କ ଘରକୁ ଯିବା ଆସିବା କରନ୍ତି ନାହିଁ। ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥାଏ । ଆସ୍ତେ ଆସ୍ତେ ଉଭୟଙ୍କ ମଧ୍ୟରେ ସଂପର୍କ କଟିଯାଇଥାଏ। ପରିବାର ଓ ବଂଶ ଲୋକଙ୍କ ମଧ୍ୟରେ ସହଜରେ ସଂପର୍କ କ୍ଷୁର୍ଣ୍ଣ ହୋଇ ନ ଥାଏ। ସଂପର୍କ କ୍ଷୁର୍ଣ୍ଣ ବା ତୁଟାଇବା ପାଇଁ ସେଭଳି କୌଣସି ସ୍ୱତନ୍ତ୍ର ଧରଣର ପୂଜା ବିଧି ନ ଥାଏ। ସେହିଭଳି ପରିବାରରେ କୌଣସି ବ୍ୟକ୍ତି ସାଙ୍ଘାତିକ ରୋଗରେ ଆକ୍ରାନ୍ତ ହୋଇଥିବା ସମୟରେ ସଂପର୍କୀୟ ତଥା ବନ୍ଧୁବାନ୍ଧବମାନଙ୍କୁ ଖବର ଦିଆଯାଇଥାଏ। ଖବର ଶୁଣି କେତେକ ସଂପର୍କୀୟ ତଥା ବନ୍ଧୁବାନ୍ଧବ ଲୋକେ ଏହି ବିପତ୍ତି ସମୟରେ ଆସି ଉପସ୍ଥିତ ହୋଇ ରୋଗୀର ଆଶୁ ଆରୋଗ୍ୟ କାମନା କରିବାବେଳେ ଅନ୍ୟ କେତେକ ସଂପର୍କୀୟ ଲୋକେ ଖବର ପାଇ ମଧ୍ୟ ଏଭଳି ସମୟରେ ଉପସ୍ଥିତ ହୋଇ ନ ଥାଆନ୍ତି। ଫଳରେ ଗୃହକର୍ତ୍ତା ସେହି ସଂପର୍କୀୟ ତଥା ବନ୍ଧୁମାନଙ୍କ ଉପରେ ସେହି ଦିନଠାରୁ କ୍ଷୁବ୍ଧ ହୋଇଥାଏ। ସେମାନଙ୍କ ଘରକୁ ବିଭିନ୍ନ ପର୍ବପର୍ବାଣି ତଥା ଉତ୍ସବମାନଙ୍କରେ ନିଜେ ନ ଯିବା ସଂଗେ ସଂଗେ ନିଜ ପିଲାଛୁଆ ଯିବାକୁ ମଧ୍ୟ ମନା କରିଦେଇଥାଏ। ଆସ୍ତେ ଘରକୁ ଯିବା ଆସିବା ବନ୍ଦ ହୋଇଯିବା ପରେ ଉଭୟ ବନ୍ଧୁଙ୍କ ମଧ୍ୟରେ ସଂପର୍କ କ୍ଷୁର୍ଣ୍ଣ ହୋଇଥାଏ। ସେହିଦିନଠାରୁ କେହି କାହା ସହିତ କଥାବାର୍ତ୍ତା ହୋଇନଥାଆନ୍ତି। ଏହିଭଳି ଭାବରେ ବିଭିନ୍ନ କାରଣରୁ ମଧ୍ୟ ସଂପର୍କ ତୁଟି ଯାଇଥାଏ।

ସମ୍ପର୍କର ସ୍ତର:

ସଂପର୍କର ଭିନ୍ନ ଭିନ୍ନ ସ୍ତର ରହିଛି। ସମସ୍ତଙ୍କ ସହିତ ସବୁ ସଂପର୍କ ସ୍ଥାପନ କରାଯାଇ ପାରେ ନାହିଁ। ରାଜୁଆର ସମାଜରେ ଏହା ମଧ୍ୟ ଦେଖାଯାଇଥାଏ।

ବୈବାହିକ ସଂପର୍କର ଏକ ସ୍ୱତନ୍ତ୍ର ସ୍ତର ରହିଥାଏ। ନିଜ ଗୋଷ୍ଠୀର ଲୋକଙ୍କ ମଧ୍ୟରେ ବିବାହ ସଂଗଠିତ ହୋଇଥାଏ। ଅନ୍ୟ ଜାତିର ଲୋକଙ୍କ ମଧ୍ୟରେ ବିବାହ ହୋଇ ନ ଥାଏ। କୌଣସି କାରଣରୁ ଯଦି ସ୍ତ୍ରୀ ମୃତ୍ୟୁବରଣ କରିଥାଏ, ତେବେ ସ୍ତ୍ରୀର ସାନଭଉଣୀ ମଧ୍ୟରେ ବିବାହ ସଂଗଠିତ ହୋଇଥାଏ। ଏମାନେ ନିଜ ସଂପ୍ରଦାୟ ବ୍ୟତୀତ ଏବେ ଅନ୍ୟ ସଂପ୍ରଦାୟ ସହିତ ବିବାହ କଲେଣି ।

ଅର୍ଥନୈତିକ ସଂପର୍କର ରାଜୁଆର ସମାଜରେ ସୀମିତ ସ୍ତର ନ ଥାଏ । ନିଜ ଗୋଷ୍ଠୀ ସହିତ ଅନ୍ୟ ଗୋଷ୍ଠୀର ଲୋକଙ୍କ ସହିତ ଅର୍ଥନୈତିକ ସଂପର୍କ ରଖିଥାଆନ୍ତି । କୌଣସି ଅଭାବ ଅସୁବିଧା ଦେଖାଦେଲେ, ବିବାହାଦି ସାମାଜିକ ଉତ୍ସବରେ ଅର୍ଥର ଅଧିକ

ଆବଶ୍ୟକ ହେଲେ ସେମାନେ ଅନ୍ୟ ଉପରେ ନିର୍ଭର କରିଥାଆନ୍ତି । ନିଜ ସଂପର୍କୀୟ ତଥା ବନ୍ଧୁବାନ୍ଧବଙ୍କଠାରୁ ଧାର କିମ୍ବା କରଜ ଆକାରରେ ଅର୍ଥ ଆଣି କାମ ଚଳାଇଥାଆନ୍ତି । ଜମିବାଡି କାମ ସମୟରେ ଅର୍ଥର ଅଭାବ ଦେଖାଦେଲେ, ପୂଜା, ପର୍ବପର୍ବାଣି ପାଳନରେ ଅଧିକ ଅର୍ଥର ଆବଶ୍ୟକ ପଡିଲେ, ଦୀର୍ଘଦିନ ଧରି ପରିବାରରେ କୌଣସି ବ୍ୟକ୍ତି ରୋଗରେ ପଡି ରୋଗର ଉପଶମ ପାଇଁ ଆବଶ୍ୟକ ଠାରୁ ଅଧିକ ଅର୍ଥ ଦରକାର ହେଲେ ଗ୍ରାମର ନିଜ ସଂପର୍କୀୟ ବ୍ୟତୀତ ଅନ୍ୟ ଗୋଷ୍ଠୀର ସାହୁକାର ତଥା ମହାଜନଙ୍କଠାରୁ ଟଙ୍କା କରଜ / ଋଣ ଆକରରେ ଆଣିଥାଆନ୍ତି । ନିର୍ଦ୍ଧାରିତ ସମୟରେ ଋଣ ପରିଶୋଧ କରିଦେଲେ ମହାଜନ ବା ସାହୁକାରଙ୍କ ସହିତ ଏମାନଙ୍କର ସଂପର୍କ ଭଲ ରହିଥାଏ । ବେଳେବେଳେ ଏମାନେ ଋଣ ସୁଝି ପାରନ୍ତି ନାହିଁ । ଫଳରେ ଏମାନଙ୍କ ମଧ୍ୟରେ ସଂପର୍କ କ୍ଷୁର୍ଣ୍ଣ ହୋଇଥାଏ ।

ସେତେବେଳେ ରାଜୁଆର ସମାଜରେ କୌଣସି ପାରିବାରିକ ସ୍ତରରେ କଳି ଝଗଡା ହେଲେ ଯଦି ଗୁରୁତର ହୋଇଥାଏ, ତେବେ ଗ୍ରାମର ପରମାଣିକ (ବିଚାରମୁଖ୍ୟା) ଓ କେତେଜଣ ଭଦ୍ରବ୍ୟକ୍ତିଙ୍କ ଦ୍ୱାରା ତାହା ଆପୋଷ ମୀମାଂସା ହୋଇପାରୁଥିଲା । ସେହିଭଳି ଭାଇ ଭାଇ ମଧ୍ୟରେ ଜମିବାଡି ସଂପର୍କୀୟ ଗଣ୍ଡଗୋଳ ମଧ୍ୟ ଗାଁ ବିଚାରରେ ସମାଧାନ ହୋଇପାରୁଥିଲା । ନିଜ ଗୋଷ୍ଠୀ ମଧ୍ୟରେ ସେ ସମୟରେ ରାଜନୈତିକ ସଂପର୍କ ସୀମିତ ହୋଇ ରହିଥିଲା । ନିଜଗୋଷ୍ଠୀର ଯେକୌଣସି ଗଣ୍ଡଗୋଳ ବିଚାର ନିଜ ଭିତରେ ସମାଧାନ ହୋଇପାରୁଥିଲା । ବର୍ତ୍ତମାନ ରାଜନୈତିକ ସଂପର୍କର ଦିଗ ଭିନ୍ନ ହେଲାଣି । ଗାଁରେ ପ୍ରତିଓ୍ୱାର୍ଡରୁ ଓ୍ୱାର୍ଡ ମେମ୍ବରମାନେ ବଛା ହେଲେଣି । ବିଚାର ଆଉ ନିଜ ଗୋଷ୍ଠୀ ମଧ୍ୟରେ ସୀମିତ ନ ରହି ବିଭିନ୍ନ ଗୋଷ୍ଠୀର ଲୋକମାନଙ୍କ ଦ୍ୱାରା ବିଚାର ହେଉଛି । ଗ୍ରାମର ଧନୀ ତଥା ବିଚାର କରିବାର ଦକ୍ଷତା ଲୋକଙ୍କୁ ଏବେ ଗ୍ରାମ ସଭାପତି କରିବା ବ୍ୟବସ୍ଥା ରହିଛି । ଆଧୁନିକ ପଞ୍ଚାୟତରାଜ ବ୍ୟବସ୍ଥା ଯୋଗୁଁ ରାଜନୈତିକ ସଂପର୍କର ସ୍ତର ଅଲଗା ହୋଇଛି ।

ଅଭାବ, ଅସୁବିଧା ସମୟରେ ସଂପର୍କୀୟ ତଥା ବନ୍ଧୁବାନ୍ଧବମାନଙ୍କଠାରୁ ଅର୍ଥ ଧାର କିମ୍ବା କରଜ ଆକାରରେ ଆଣିଥାଆନ୍ତି । ଠିକ୍ ସମୟରେ ପରିଶୋଧ କରି ନ ପାରିଲେ କିମ୍ବା ଅକ୍ଷମତା ପ୍ରକାଶ କଲେ ପରସ୍ପର ମଧ୍ୟରେ ସ୍ଥଳବିଶେଷରେ ଝଗଡା ହୋଇଥାଏ । ପରିବାର ମଧ୍ୟରେ ସ୍ୱାମୀ-ସ୍ତ୍ରୀ, ଶାଶୂ-ଶ୍ୱଶୁର, ଶାଶୂ-ବୋହୂଙ୍କ ମଧ୍ୟରେ କେତେକ କ୍ଷେତ୍ରରେ କଳିଝଗଡା ହୋଇଥାଏ । ପର ମୁହୂର୍ତ୍ତରେ ପରିବାର ମଧ୍ୟରେ ସମାଧାନ ହୋଇଥାଏ । ଗ୍ରାମ ସୀମା ନିର୍ଦ୍ଧାରଣ କ୍ଷେତ୍ରରେ, ଅନ୍ୟ ଗ୍ରାମର ଗୃହପାଳିତ ପଶୁଙ୍କ ଦ୍ୱାରା

ସଂପୃକ୍ତ ଗ୍ରାମ ଜମିରେ ଫସଲ ନଷ୍ଟ ହେବା ଇତ୍ୟାଦି କ୍ଷେତ୍ରରେ ମଧ୍ୟ ଗ୍ରାମ-ଗ୍ରାମ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥାଏ। ପରବର୍ତ୍ତୀ ସମୟରେ ଉଭୟ ଗ୍ରାମର ମୁଖିଆ ଲୋକମାନଙ୍କ ଦ୍ୱାରା ସମାଧାନ କରାଯାଇଥାଏ। ଜମିଜମା କ୍ଷେତ୍ରରେ ମଧ୍ୟ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ମଧ୍ୟ କଳିଝଗଡା ହୋଇଥାଏ।

ଅନେକ କାରଣରୁ ସେମାନଙ୍କ ମାନସିକ ଚାପ ବୃଦ୍ଧି ହୋଇଥାଏ। ସେତେବେଳେ ଜଙ୍ଗଲକୁ ଆଧାର କରି ଜୀବିକା ନିର୍ବାହ କରୁଥିଲେ। ଯେଉଁଦିନ ଜଙ୍ଗଲରୁ କିଛି ନ ମିଳିଲେ, ଜଙ୍ଗଲରୁ ସଂଗୃହୀତ ଜଙ୍ଗଲଜାତ ଦ୍ରବ୍ୟ ନିକଟସ୍ଥ ହାଟରେ ବିକ୍ରି ନ ହେଲେ, କ୍ରମାଗତ ବର୍ଷା ହେଲେ ସେମାନଙ୍କର ମନ ଭଲ ରହେ ନାହିଁ। ସେ ସମୟରେ କିଛି କାମ କରିବାକୁ ଇଚ୍ଛା ହୁଏ ନାହିଁ। ଦିନମଜୁରୀ କରି ବଞ୍ଚୁଥିବା ଲୋକମାନଙ୍କୁ ଯଦି ଦିନମଜୁରୀ କରିବାରୁ ବଂଚିତ ହୋଇଥାଆନ୍ତି, ଚୁଡା ବ୍ୟବସାୟରେ କ୍ରମଗତ କ୍ଷତି ହେଲେ, ଚାଷଜମିରୁ ପଶୁପକ୍ଷୀଙ୍କ ଦ୍ୱାରା ବାରମ୍ବାର ଫସଲ ନଷ୍ଟ ହେଲେ ମନରେ ଦୁଃଖ ଆସିଥାଏ। ଫଳରେ ମାନସିକ ବୃଦ୍ଧି ହୋଇଥାଏ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀ ଲୋକଙ୍କ ମଧ୍ୟରେ ବାରମ୍ବାର କଳିଝଗଡା ଲାଗି ରହିଲେ, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗିଲେ, ଅନ୍ୟ ଲୋକମାନେ ଜଣକୁ ବା ଜଣକ ପରିବାରକୁ ସବୁ କାମରେ ବିରୋଧ କଲେ ବା ପରିବାର ଲୋକଙ୍କର ସୁଖ ଦେଖି ନ ପାରିଲେ, ସର୍ବଦା ଶତ୍ରୁତା ଆଚରଣ କଲେ ପରିବାର ଲୋକଙ୍କ ମନରେ ସର୍ବଦା ଆନ୍ତି ଦେଖାଦେଇଥାଏ। ଏସବୁ କ୍ଷେତ୍ରରେ ମାନସିକ ଚାପ ବଢ଼ିଯାଇଥାଏ। ରାଜୁଆର ସମାଜରେ କେତେକ ଗରିବ ଶ୍ରେଣୀର ଲୋକେ ସେମାନଙ୍କ ଝିଅମାନଙ୍କର ବିବାହଯୋଗ୍ୟ ବୟସ ଗଡିଯାଇ ସେମାନେ ବିବାହରୁ ବଂଚିତ ହୋଇଥାଆନ୍ତି। ଶାରୀରିକ ବିକଳାଙ୍ଗ ବ୍ୟକ୍ତି ପରିବାରରେ ଥିଲେ ପରିବାର ଲୋକଙ୍କର ମାନସିକ ଚାପ ବଢ଼ିଯାଇଥାଏ। ଦୀର୍ଘଦିନ ଧରି ପରିବାରରେ କୌଣସି ବ୍ୟକ୍ତି ଅସୁସ୍ଥ ରହିଲେ ବା ସାଙ୍ଘାତିକ ରୋଗରେ ଆକ୍ରାନ୍ତ ହୋଇଥିଲେ କିମ୍ବା ରୋଗ ପାଇଁ ଔଷଧ ଦେବାପରେ ଯଦି ରୋଗ ଭଲ ହୋଇ ନ ଥାଏ, ତେବେ ପରିବାର ଲୋକମାନଙ୍କର ମନରେ ଅଶାନ୍ତି ସୃଷ୍ଟି ହୋଇଥାଏ। ଫଳରେ ମାନସିକ ଚାପ ପରିବାରରେ ବୃଦ୍ଧି ପାଇଥାଏ। ପରିବାରରେ ପୁଅ ଓ ଝିଅ କୁପଥଗାମୀ ହେଲେ ପରିବାର ଲୋକଙ୍କ ମାନସିକ ଚାପ ବୃଦ୍ଧି ପାଇଥାଏ। ମାନସିକ ଚାପ ବୃଦ୍ଧି ପାଇଲେ ମନୁଷ୍ୟକୁ କାମ କରିବାକୁ ଇଚ୍ଛାହୁଏ ନାହିଁ । ଖାଇବା ପିଇବାରେ ମନ ଲାଗେନି। ଫଳରେ ଶରୀରରେ ନାନାଦି ପ୍ରକାର ରୋଗ ହୋଇଥାଏ। ଶରୀର ଆସ୍ତେ ଆସ୍ତେ କ୍ଷୀଣ ହେବାକୁ ଲାଗିଥାଏ। ପାରିବାରିକ ଦ୍ୱନ୍ଦ ଲାଗି ରହିଲେ ସବୁବେଳେ ଅଶାନ୍ତି ସୃଷ୍ଟି ହୋଇଥାଏ।

ପରିବାର ପରିବାର ମଧ୍ୟରେ ବା ରକ୍ତ ସଂପର୍କୀୟ ଲୋକମାନେ ଈର୍ଷା ପରାୟଣ ହୋଇ କେତେକ କ୍ଷେତ୍ରରେ ଶତ୍ରୁତା ଆଚରଣ କରିଥାଆନ୍ତି। ଜମିଜମା ସଂକ୍ରାନ୍ତୀୟ ଗଣ୍ଡଗୋଳକୁ କେନ୍ଦ୍ର କରି ଭାଇ ଭାଇ ମଧ୍ୟରେ ଦୀର୍ଘଦିନ ଧରି କଥାବାର୍ତ୍ତା ବନ୍ଦ ହୋଇଥାଏ। ଭିତରେ ଭିତରେ ପ୍ରତ୍ୟେକଟିରେ ବିରୋଧଭାବ ସୃଷ୍ଟି କରିଥାଆନ୍ତି। ସଦା ସର୍ବଦା ହିଂସା ପରାୟଣ ହୋଇ ଚଳିଥାଆନ୍ତି । ସୁଯୋଗ ପାଇଲେ ମଧ୍ୟ ପୁନର୍ବାର ମାଡ୍‌ପିଟ୍ ହୋଇଥାଏ। କେହି କାହାରିକୁ ଭଲପାଆନ୍ତି ନାହିଁ। ସବୁବେଳେ ପରସ୍ପରର ଅନିଷ୍ଟ ଚିନ୍ତା କରିଥାଆନ୍ତି। ପରିବାର ମଧ୍ୟରେ ଏହିଭଳି ଆଚରଣ ଶତ୍ରୁଭଳି ହୋଇଥାଏ ଛୋଟ ଛୋଟ ଗଣ୍ଡଗୋଳକୁ ନେଇ। ଏମାନେ ତ ଏକବୁଝା ଲୋକ। ଯାହା ବୁଝିଥିବେ ତାହା ହିଁ ବେଦର ଗାର। ତାଙ୍କ ବୁଝିବା କ୍ଷେତ୍ରକୁ ସହଜରେ କେହି ପରିବର୍ତ୍ତନ କରିପାରନ୍ତି ନାହିଁ। ଛୋଟ ପିଲାମାନଙ୍କ ଝଗଡାକୁ କେନ୍ଦ୍ରକରି ପରିବାରର ବଡଲୋକେ ମଧ୍ୟ ମାଡପିଟ୍ ହେବାର ନଜିର ରହିଛି। ତେଣୁ ଏମାନେ ପରସ୍ପରର ଶିରେ ଶିରେ ଲାଗିଥାଆନ୍ତି। କାର୍ଯ୍ୟକ୍ଷେତ୍ରରେ ବିଘ୍ନ ଉପୁଜାଇଥାଆନ୍ତି। ଶତ୍ରୁତା ଆଚରଣ କରି ଗଣ୍ଡଗୋଳର ସୂତ୍ରପାତ ହୋଇଥାଏ। ଫଳରେ ଶେଷରେ ଥାନା ଓ କୋର୍ଟ କଚେରୀ ଯିବାକୁ ଏମାନେ ପଣ୍ଠାଦ୍‌ପଦ ହୁଅନ୍ତି ନାହିଁ। ଶାରୀରିକ ପୀଡା ସହିତ ଅର୍ଥ ବ୍ୟୟ ହୋଇ ପରସ୍ପର ସର୍ବସ୍ୱାନ୍ତ ହୋଇଯାଆନ୍ତି। ତଥାପି ସେମାନେ ମିଶି ନ ଥାଆନ୍ତି।

ରାଜୁଆରମାନେ କୌଣସି ଗଣ୍ଡଗୋଳ ପରେ ଜଣେ ପ୍ରତିଶୋଧ ନେବାପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରିଥାଏ। ପ୍ରତିଶୋଧ ପରାୟଣ ହୋଇଗଲେ ସେମାନେ ଗାଳିଗୁଲଜ ତଥା ଅଶ୍ଳୀଳ ଶବ୍ଦ ପ୍ରୟୋଗ କରିଥାଆନ୍ତି। ବେଳେବେଳେ ମାଡଗୋଳ କରିଥାଆନ୍ତି। ଏପରି ଠେଙ୍ଗାବାଡିର ବ୍ୟବହାର କରିଥାଆନ୍ତି। ମାଡପିଟ୍ ହେବା ଦ୍ୱାରା ଶାରୀରିକ କ୍ଷତି ହୋଇଥାଏ। ସମୟ ସୁଯୋଗ ଦେଖି ମାଡ୍‌ପିଟ୍ କରିଥାଆନ୍ତି। ପ୍ରଥମେ ହାତ ଓ ମୁହଁର ବ୍ୟବହାର କରିଥାଆନ୍ତି ଓ ପରେ ବାଡିଦ୍ୱାରା ମାଡପିଟ୍ ହୋଇଥାଆନ୍ତି। ପ୍ରତିଶୋଧ ନେବାପୂର୍ବରୁ ମଦପାନ କରି ନିଶା ବଳରେ ଏସବୁ କାର୍ଯ୍ୟ କରିଥାଏ। ଲୁଚିଛପି ମଧ୍ୟ ଶତ୍ରୁକୁ ପରାହତ କରିଥାଏ। ଏହିଭଳି ଭାବରେ ସେମାନେ ପ୍ରତିଶୋଧ ନେଇଥାଆନ୍ତି।

ପାରମ୍ପରିକ ନୀତିନିୟମକୁ ଅବମାନନା କଲେ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ। ସମାଜରେ ଏକ କୁପ୍ରଭାବ ପଡିଥାଏ। ନୂତନ ପିଢ଼ି ଓ ପୂର୍ବତନ ପିଢ଼ିର ଲୋକମାନଙ୍କ ମଧ୍ୟରେ ଉପଯୁକ୍ତ ଭାଗସାମ୍ୟ ନ କରିହିବା ହେତୁ ସାମାଜିକ ବିଶୃଙ୍ଖଳା

ସୃଷ୍ଟି ହୋଇଥାଏ। ବୃଦ୍ଧଲୋକେ ପାରମ୍ପରିକ ରୀତିନୀତିକୁ ଅଧିକ ପ୍ରାଧାନ୍ୟ ଦେଉଥିବାବେଳେ ନୂତନ ଯୁବପିଢ଼ି ସେହି ପାରମ୍ପରିକ ରୀତିନୀତି ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ପରିବାର ମଧ୍ୟରେ ଆଗଭଳି ବଡ ତଥା ଗୁରୁଜନମାନଙ୍କୁ ମାନୁ ନାହାନ୍ତି ବା ସେମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରୁନାହାନ୍ତି। ଫଳରେ ପାରିବାରିକ ବିଶୃଙ୍ଖଳା ଦେଖାଦେଇଛି। ଏହାର କୁପ୍ରଭାବ ସମାଜ ଉପରେ ପଡିବାରୁ ସମାଜରେ ବିଶୃଙ୍ଖଳା ଦେଖାଦେଇଛି। ସେତେବେଳେ ପରିବାରର ମୁଖ୍ୟ ହିସାବରେ ବାପାଙ୍କର ପୁଅ ଝିଅମାନଙ୍କର ବିବାହ କ୍ଷେତ୍ରରେ ମୁଖ୍ୟ ଭୂମିକା ଥିବାବେଳେ ବର୍ତ୍ତମାନ ରାଜୁଆର ସଂପ୍ରଦାୟର ପୁଅମାନେ ସମାଜର ସାଧାରଣ ନୀତି ନିୟମକୁ ଅବମାନନା କରି ନିଜ ଇଚ୍ଛାରେ ଭିନ୍ନ ସଂପ୍ରଦାୟରେ ବିବାହ କରିବାକୁ ପସନ୍ଦ କରୁଛନ୍ତି। ଫଳରେ ନିଜ ଜାତିର ମାନ ଆସ୍ତେ ଆସ୍ତେ କମିଯାଉଛି। ଏହା କୁପ୍ରଭାବ ସମାଜ ଉପରେ ପଡିବାରୁ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି । ଗ୍ରାମର ଶାନ୍ତି ଶୃଙ୍ଖଳା ରକ୍ଷା, ବାହ୍ୟ ଶତ୍ରୁ ଦାଉରୁ ଗ୍ରାମକୁ ରକ୍ଷା ତଥା ସମାଜର ଲୋକମାନଙ୍କର ମଙ୍ଗଳ ବିଧାନ ପାଇଁ ଦେବଦେବୀଙ୍କ ପାଠରେ ବିଭିନ୍ନ ପ୍ରକାର ପୂଜା ତଥା ବଳି ଦିଆଯାଉଥିଲା। ବର୍ତ୍ତମାନ ଦେବଦେବୀଙ୍କୁ ପୂଜା କରିବା ତଥା ବଳି ପ୍ରଦାନରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ଫଳରେ ଗ୍ରାମରେ ଅଶାନ୍ତି ଲାଗି ରହିଥାଏ। ସାମାଜିକ ବିଶୃଙ୍ଖଳାର ସୂତ୍ରପାତ ହୋଇଥାଏ। ସେ ସମୟରେ ଏକକେନ୍ଦ୍ରୀୟ ପରିବାର ରହିଥିଲା। ବର୍ତ୍ତମାନ ବିଭିନ୍ନ କାରଣରୁ ପରିବାର ପରିବାର ଠାରୁ, ଭାଇ ଭାଇଠାରୁ ଅଲଗା ହୋଇ ରହିବାକୁ ପଛାଉ ନାହାନ୍ତି। ଫଳରେ ପାରିବାରିକ ଅଶାନ୍ତି ଓ କଳହ ଲାଗି ରହୁଛି। ଏହାର କୁପ୍ରଭାବ ସମାଜ ଉପରେ ପଡୁଛି। ଫଳରେ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି। ପରିବାରରେ ପୁଅ କିମ୍ବା ଝିଅ ବିପଥଗାମୀ ହେଲେ ଅର୍ଥାତ୍ କୁମାର୍ଗରେ ପରିଚାଳିତ ହେଲେ ସେମାନଙ୍କର କୁପ୍ରଭାବ ସିଧାସଳଖ ସମାଜ ଉପରେ ପଡିଥାଏ। ଫଳରେ ସମାଜରେ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ। ପୂର୍ବଭଳି ଗ୍ରାମସଭା ଆଉ ନାହିଁ। ଜଣେ ଗ୍ରାମ ସଭାର ନୀତିନିୟମକୁ ବାରମ୍ବାର ଅବମାନନା କଲେ, ତାକୁ ସମାଜରୁ ବାସନ୍ଦ କରିଦିଆଯାଇଥାଏ, ଯାହାକି ସାମାଜିକ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ। ସମାଜର ଦ୍ରୁତ ପରିବର୍ତ୍ତନ ଫଳରେ ପାରମ୍ପରିକ ବିଧିବିଧାନକୁ ନମାନି ଆଧୁନିକତା ଅଭିମୁଖେ ଅଗ୍ରସର ହେଲେଣି। କେତେକାଂଶରେ ବିଶୃଙ୍ଖଳା ଦେଖାଯାଇଥାଏ। ସୀମିତ ଆୟ ବେଳେ ପୂଜା, ପର୍ବପର୍ବାଣି ପାଳନ ସମୟରେ ଅଧିକ ଅର୍ଥ ଋଣ ଆକାରରେ ଆଣି ଖର୍ଚ୍ଚ କରିଥାଆନ୍ତି। ସମୟେ ସମୟେ ମଧ୍ୟ ସାହୁକାର ତଥା ମହାଜନଙ୍କ ସହିତ କଳିଝଗଡା ହୋଇଥାଏ। ଫଳରେ ସମାଜ ପାଇଁ ଏକ ବିଶୃଙ୍ଖଳା ସେତେବେଳେ ସୃଷ୍ଟି ହୋଇଥାଏ। ଗ୍ରାମ ଗ୍ରାମ ମଧ୍ୟରେ ଗ୍ରାମ ସୀମାକୁ କେନ୍ଦ୍ରକରି ଦୀର୍ଘଦିନ ଧରି

ଗଣ୍ଡଗୋଳ ହୋଇଥାଏ। ଫଳରେ ସମାଜରେ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ। ଏହିଭଳି ଅନେକ କାରଣରୁ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଥିବାର ଜଣାଯାଏ। ଏତଦ୍ ବ୍ୟତୀତ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କର ସ୍ୱାର୍ଥ ସାଧନ ନିମିତ୍ତ ସରଳ ରାଜୁଆର ଗୋଷ୍ଠୀ ମଧ୍ୟରେ ବିଭିନ୍ନ ଭେଦଭାବ ସୃଷ୍ଟି କରୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ଲାଗି ରହୁଛି। କେବଳ ନିଜେ ହିଁ ନିଜର କ୍ଷତି କରି ବସୁଛନ୍ତି। ନିଜର ସଂସ୍କୃତିକୁ ପଛରେ ପକାଇ ବାହାର ଦୁନିଆ ସହିତ ମିଶିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଫଳରେ ସାମାଜିକ ବିଶୃଙ୍ଖଳା ଦେଖା ଦେଇଛି। ତେଣୁ ପର୍ବପର୍ବାଣି ପାଳନ, ପୂଜା, ଇତ୍ୟାଦି କ୍ଷେତ୍ରରେ ବିକୃତ ହୋଇଗଲାଣି। ଏ ନେଇ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଲାଣି।

ସାମାଜିକ ସ୍ଥିତି :

ରାଜୁଆର ସମାଜରେ ବିଭିନ୍ନ ଲୋକଙ୍କର ସାମାଜିକ ସ୍ଥିତି ଅଲଗା। ପୂର୍ବରୁ ବିଧବା, ବିପତ୍ନୀକ, ସନ୍ତାନହୀନା, ଅବିବାହିତ ଝିଅ ଇତ୍ୟାଦିର ସମାଜିକ ସ୍ଥିତି ସଂପର୍କରେ ଆଲୋଚିତ ହୋଇଛି। ନିମ୍ନରେ ଅନ୍ୟାନ୍ୟ ବ୍ୟକ୍ତିଙ୍କର ସାମାଜିକ ସ୍ଥିତି ବିଷୟରେ କିଞ୍ଚିତ୍ ଅବତାରଣା କରାଗଲା।

ଗୁଣିଆକୁ ଦୈବୀଶକ୍ତିର ପ୍ରତୀକ ହିସାବରେ ଲୋକମାନେ ଗ୍ରହଣ କରିଥାଆନ୍ତି। ମନ୍ତ୍ରତନ୍ତ୍ର ମାଧ୍ୟମରେ ଅପଶକ୍ତିକୁ ଗୁଣିଆ ବଶୀଭୂତ କରିଥାଏ। ତେଣୁ ଗୁଣିଆ ଉପରେ ଲୋକମାନଙ୍କର ଅଖଣ୍ଡ ବିଶ୍ୱାସ ଥାଏ। ଗୁଣିଆକୁ ଲୋକମାନେ ଯଥୋଚିତ ସମ୍ମାନ ଦେଇଥାଆନ୍ତି। କେତେକ କ୍ଷେତ୍ରରେ ଗୁଣିଆକୁ ପ୍ରଶଂସା କରିଥାଆନ୍ତି। ସମାଜରେ ଗୁଣିଆମାନେ ପ୍ରାୟ ଆଗରେ ରହିଥାଆନ୍ତି। ଗୁଣିବିଦ୍ୟା କରି ଗୁଣିଆ ଜୀବନଧାରଣ କରିଥାଏ। ଡାକ୍ତରଙ୍କଠାରୁ ଗୁଣିଆକୁ ଅଧିକ ବିଶ୍ୱାସ କରିଥାଆନ୍ତି। ତେଣୁ ଯେକୌଣସି ରୋଗ ହେଲେ ପ୍ରଥମେ ଗୁଣିଆ ପାଖରେ ଦେଖାଇ ଥାଆନ୍ତି। ପରେ ଡାକ୍ତରଙ୍କ ନିକଟକୁ ନେଇଥାଆନ୍ତି। ସମାଜରେ ଗୁଣିଆ ପ୍ରଶଂସିତ ହେଉଥିବା ବେଳେ କେତେକ କ୍ଷେତ୍ରରେ ନିନ୍ଦାର ପାତ୍ର ହୋଇଥାଏ। ଲୋକମାନଙ୍କର ମଙ୍ଗଳ ନିମିତ୍ତ କେତେକ କାର୍ଯ୍ୟ କରୁଥିବାବେଳେ କେତେକ କ୍ଷେତ୍ରରେ ଲୋକମାନଙ୍କର ମଧ୍ୟ ଅନିଷ୍ଟ କରିଥାଏ। ସେ କ୍ଷେତ୍ରରେ ଲୋକମାନେ ଗୁଣିଆକୁ ଖରାପ ଭାବିଥାଆନ୍ତି।

ରାଜୁଆର ସମାଜରେ ଦେହୁରୀର ଏକ ସ୍ୱତନ୍ତ୍ର ସ୍ଥାନ ଥାଏ । ଭଗବାନ ଏବଂ ମନୁଷ୍ୟ ମଧ୍ୟରେ ସେ ଯୋଗ ସମନ୍ୱୟକାରୀ ଭାବରେ ତାଙ୍କୁ ସମସ୍ତେ ବିଶ୍ୱାସ କରିଥାଆନ୍ତି ।

ଗ୍ରାମର ଶାନ୍ତି ପାଇଁ ଗ୍ରାମର ଦେବାଦେବୀମାନଙ୍କୁ ଦେହୁରୀ ପୂଜା କରିଥାଏ । ଫଳରେ ଦେହୁରୀକୁ ସମସ୍ତେ ମାନିଥାଆନ୍ତି ଏବଂ ସମ୍ମାନ ଦେଇଥାଆନ୍ତି । ଦେହୁରୀକୁ ଲୋକେ ଆଦର ମଧ୍ୟ କରିଥାଆନ୍ତି । ଲୋକମାନଙ୍କର ମଙ୍ଗଳ ନିମିତ୍ତ ଠାକୁର ଓ ଠାକୁରାଣୀଙ୍କ ନିକଟରେ ପୂଜା କରିଥାଏ । ସାଧାରଣ ଲୋକମାନଙ୍କ ଭଳି ଦେହୁରୀ ଜୀବନଯାପନ କରିଥାଏ । ଗ୍ରାମକୁ ପଡୋଶୀ ଶତ୍ରୁ ଦାଉରୁ ରକ୍ଷା କରିବା ଏବଂ ମହାମାରୀ ରୋଗ ଦାଉରୁ ରକ୍ଷା କରିବାପାଇଁ ମଧ୍ୟ ଗ୍ରାମ ଦେବତାଙ୍କ ନିକଟରେ ଦେହୁରୀ ନିଜେ ପୂଜାପାଠ କରିଥାଏ । ଗ୍ରାମ ତରଫରୁ ଗ୍ରାମ ଠାକୁରାଣୀଙ୍କ ନମରେ ଥିବା ଜମିରୁ କିଛି ଜମି ଦେହୁରୀକୁ ଦିଆଯାଇଥାଏ । ସେ ଜମିରେ ଦେହୁରୀ ଚାଷକରି ଚଳିଥାଏ । ବେଳେବେଳେ ଲୋକମାନେ ଦେହୁରୀକୁ ଖରାପ ଭାବିଥାଆନ୍ତି । ଗ୍ରାମ ଦେବତାଙ୍କୁ ପୂଜାପାଠ କରି ସାରିଲା ପରେ ଯଦି ଗ୍ରାମରେ କୌଣସି ମହାମାରୀ ରୋଗ ବ୍ୟାପିଥାଏ, ତେବେ ଦେହୁରୀ ଭଲ ଭାବରେ ପୂଜା କରିନାହିଁ ବୋଲି ତାକୁ ଖରାପ ଭାବନ୍ତି । ଏହିଭଳି କେତେକ କ୍ଷେତ୍ରରେ ଦେହୁରୀ ପ୍ରଶଂସନୀୟ ହୋଇଥିଲାବେଳେ ଅନ୍ୟକେତେକ ସ୍ଥଳେ ନିନ୍ଦାରପାତ୍ର ହୋଇଥାଏ ।

ଗ୍ରାମ ବିଚାରର ମୁଖ୍ୟ ହିସାବରେ ସମସ୍ତେ ଗ୍ରାମମୁଖ୍ୟ 'ପରମାଣିକ୍'କୁ ଯଥୋଚିତ ସମ୍ମାନ ଦେଉଥିଲେ। ଅନ୍ୟ ଲୋକମାନଙ୍କଠାରୁ ମୁଖିଆଙ୍କର ଆର୍ଥିକ ସ୍ଥିତି ପ୍ରାୟ ସ୍ୱଚ୍ଛଳ ଥାଏ। ଲୋକମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରି ଉଚ୍ଚ ପ୍ରଶଂସିତ ହେଉଥିଲେ। ଗ୍ରାମର ମଙ୍ଗଳ ନିମିତ୍ତ ଲୋକମାନଙ୍କୁ ଡକାଇ ଭଲମନ୍ଦ ବିଷୟ ଲୋକମାନଙ୍କ ମଧ୍ୟରେ ଆଲୋଚନା କରିଥାଆନ୍ତି। କୌଣସି ବ୍ୟକ୍ତିର ମୃତ୍ୟୁ ପରେ ଶୁଦ୍ଧକ୍ରିୟା ପ୍ରତ୍ୟକ୍ଷ ଉପସ୍ଥିତି ରହି ପ୍ରତ୍ୟେକ କାର୍ଯ୍ୟକୁ ତଦାରଖ କରିଥାଆନ୍ତି। ଉଚିତ୍‌ମାର୍ଗରେ ପରିଚାଳିତ ହେବାପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଇଥାଆନ୍ତି। ସମସ୍ତ ଲୋକଙ୍କ ସମାନ ଦୃଷ୍ଟିରେ ଦେଖିଥାଆନ୍ତି। ସେ ମଧ୍ୟ ପାରିବାରିକ ଗଣ୍ଡଗୋଳ କ୍ଷେତ୍ରରେ ଉପସ୍ଥିତ ରହି ଗଣ୍ଡଗୋଳ ଉପଶାନ୍ତ କରାଇ ସମାଧାନର ପନ୍ଥା ବତେଇ ଦେଇଥାଆନ୍ତି । ନିଜେ ମଧ୍ୟ ସମାଧାନ କରିଥାଆନ୍ତି। ଅନ୍ୟାନ୍ୟ ଭଦ୍ରଲୋକଙ୍କ ଉପସ୍ଥିତିରେ ସେ ବିଚାର କରିଥାଆନ୍ତି। ଦୁଃଖୀ ଦରିଦ୍ର ତଥା ବିକଳାଙ୍ଗ ଲୋକଙ୍କୁ ଦେଖିଲେ ତାଙ୍କର ଦୟାଭାବ ଆସିଥାଏ। ଏଥିରୁ ସେ ଜଣେ ଦୟାଶୀଳ ବ୍ୟକ୍ତି ହୋଇଥିବାର ଜଣାଯାଏ। ବର୍ତ୍ତମାନ ଗ୍ରାମରେ ପାରମ୍ପରିକ ରୀତିନୀତି ଅବଲୁପ୍ତ ପ୍ରାୟ। ପଞ୍ଚାୟତରାଜ ବ୍ୟବସ୍ଥା କାର୍ଯ୍ୟକଲେ ମଧ୍ୟ ଗ୍ରାମର ଭଲମନ୍ଦ ବିଷୟ ଆଲୋଚନା ବେଳେ ମଧ୍ୟ ପୁରୁଖା ଲୋକମାନଙ୍କୁ ଡାକି ଆଲୋଚନା କରାଯାଉଛି।

ସହଯୋଗୀ ମନୋଭାବ ନେଇ ଗ୍ରାମର ପ୍ରତ୍ୟେକ କାର୍ଯ୍ୟରେ ଅଗ୍ରସର ହୋଇଥାଆନ୍ତି ଗ୍ରାମ ମୁଖିଆ। ତାଙ୍କୁ ଅନୁସରଣ କରି ଅନ୍ୟମାନେ କାର୍ଯ୍ୟ କରିଥାଆନ୍ତି । ସମସ୍ତଙ୍କ ଦ୍ୱାରା ସେ ପ୍ରଶଂସିତ ସର୍ବ ସମ୍ମାନିତ ହୋଇଥାଆନ୍ତି। ସମସ୍ତଙ୍କ ଦ୍ୱାରା ସେ ପ୍ରଶଂସିତ ସର୍ବ ସମ୍ମାନିତ ହୋଇଥାଆନ୍ତି। ଗ୍ରାମର ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଦିଗରେ ଦେହୁରୀଙ୍କୁ ଗ୍ରାମଦେବାଦେବୀଙ୍କୁ ପୂଜା କରିବା ପାଇଁ ପରାମର୍ଶ ଦେଇଥାଆନ୍ତି। ବର୍ତ୍ତମାନ ଗ୍ରାମ ମୁଖିଆଙ୍କର ସ୍ଥାନ ସମାଜରେ ଟିକିଏ କମ୍ ଅଛି । ପୂର୍ବଭଳି ଆଉ ସମ୍ମାନ ମିଳୁନାହିଁ।

ରାଜୁଆର ସମାଜରେ ଶତ୍ରୁକୁ ସମସ୍ତେ ଘୃଣା ଚକ୍ଷୁରେ ଦେଖିଥାଆନ୍ତି। ସମାଜରେ ଶତ୍ରୁର ସ୍ଥାନ ଅତି ନୀଚରେ ଥାଏ। ନିଜ ସ୍ୱାର୍ଥରେ ଆଞ୍ଚ ଆସିଲେ ଜଣେ କଠୋର ଭାବରେ ଶତ୍ରୁତା ଆଚରଣ କରିଥାଏ। ଈର୍ଷାପରାୟଣ ହୋଇ ମଧ୍ୟ ଜଣେ ଶତ୍ରୁତା ଆଚରଣ କରିଥାଏ। ଶତ୍ରୁ ସଦାସର୍ବଦା ହିଂସା ପରାୟଣ ହୋଇଥାଏ। ଅନ୍ୟର ସର୍ବଦା ଅନିଷ୍ଟ ଚିନ୍ତା କରିଥାଏ। ଫଳରେ ଅନ୍ୟଦ୍ୱାରା ଘୃଣିତ ହୋଇଥାଏ। ଶତ୍ରୁଭାବ ନେଇ ଚଳିଲେ ସମାଜରେ ଘୃଣା ତଥା ନିନ୍ଦାର ପାତ୍ର ହେବା ସଙ୍ଗେ ସଙ୍ଗେ ଦଣ୍ଡ ଦେବାର ବ୍ୟବସ୍ଥା ମଧ୍ୟ ରହିଛି। ଏଭଳି ଆଚରଣର ବ୍ୟକ୍ତିଙ୍କୁ ସମାଜର ଲୋକେ ପାଖରେ ପ୍ରଶ୍ରୟ ଦେଇ ନ ଥାଆନ୍ତି। ସବୁ କାର୍ଯ୍ୟରେ ତାକୁ ଅସହଯୋଗ କରିଥାଆନ୍ତି। ଫଳରେ ସେ ମଧ୍ୟ ଅନେକ ହଇରାଣ ହୋଇଥାଏ। ଅନେକ କ୍ଷେତ୍ରରେ ଶତ୍ରୁ ପ୍ରତିଶୋଧ ପରାୟଣ ହୋଇଗଲେ ଅନ୍ୟମାନଙ୍କର ଅନେକ ଅନିଷ୍ଟ କରିପକାଏ। ତେଣୁ ଶତ୍ରୁଠାରୁ ଦୂରରେ ରହିବାକୁ ସେମାନେ ପସନ୍ଦ କରିଥାଆନ୍ତି।

ସାଧାରଣତଃ କୁଷ୍ଠ, ବସନ୍ତ ଓ ରାଜଯକ୍ଷ୍ମା ଇତ୍ୟାଦି ରୋଗରେ ଜଣେ ବ୍ୟକ୍ତି ଆକ୍ରାନ୍ତ ହେଲେ ସେ ସମୟରେ ସେ ରୋଗୀକୁ ଜାତିରୁ ବାସନ୍ଦ କରାଯାଉଥିଲା। ସେହି ରୋଗୀକୁ ସମସ୍ତେ ବାରଣ କରୁଥିଲେ। କେହି ଛୁଇଁବାକୁ ପସନ୍ଦ କରୁ ନ ଥିଲେ। ସେମାନଙ୍କୁ ସମସ୍ତେ ହୀନଚକ୍ଷୁରେ ଦେଖୁଥିଲେ। ସମାଜରୁ ବାସନ୍ଦ ପରେ ସେମାନେ ନିଜକୁ ଅସହାୟ ମନେ କରୁଥିଲେ। ସେମାନଙ୍କୁ ମଧ୍ୟ ଅନ୍ୟ ଲୋକମାନେ ଘୃଣା ଚକ୍ଷୁରେ ଦେଖୁଥିଲେ। ରୋଗୀ ସଦାସର୍ବଦା ନିଜ ରୋଗର ଉପଶମ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରୁଥିଲା। ରୋଗୀକୁ ନିଜ କର୍ମର ଫଳ ଭୋଗ କରୁଛି। ବୋଲି ଲୋକମାନେ କହିଥାଆନ୍ତି। ନିଜ କର୍ମକୁ ଆଦରି ବହୁତ ଦୁଃଖ କଷ୍ଟରେ ଜୀବନନିର୍ବାହ କରିଥାଏ। କିନ୍ତୁ ବର୍ତ୍ତମାନ ସେସବୁ ରୋଗ ପାଇଁ ରୋଗୀକୁ ବାସନ୍ଦ କରାଯାଉନାହିଁ। ଆଧୁନିକ ଔଷଧପତ୍ର ବ୍ୟବହାର କରି ରୋଗ ଉପଶମ ହୋଇପାରୁଛି। ସରକାର ମଧ୍ୟ ଉପରୋକ୍ତ ରୋଗପାଇଁ ଔଷଧ ସହାୟତା

ପ୍ରଦାନ କରୁଛନ୍ତି। ରୋଗୀକ ପ୍ରାୟ ଲୋକ ଆଦର କରିନଥାଆନ୍ତି । ରୋଗରେ ଆକ୍ରାନ୍ତ ହୋଇଥିବା ସମୟରେ ରୋଗୀ ନିକଟରେ ସମସ୍ତେ ତୁଚ୍ଛ ବୋଲି ମନେ ହୋଇଥାଏ ବୋଲି ରାଜୁଆରମାନେ ମତ ଦେଇଥାଆନ୍ତି।

ଶାରୀରିକ ଅକ୍ଷମ ହେତୁ ଅନ୍ଧ, କଣା ଓ ଛୋଟା ଲୋକମାନଙ୍କର ସ୍ଥାନ ସମାଜରେ ଟିକିଏ କମ୍ ଥାଏ ବୋଲି ରାଜୁଆର ପୁରୁଖା ଲୋକେ ମତ ଦେଇଥାଆନ୍ତି। କାରଣ ଏମାନେ ଅକାମୀ ହୋଇ ବସିଥାଆନ୍ତି। ଶାରୀରିକ ଅକ୍ଷମ ଲୋକେ ପୂର୍ବକର୍ମର ଫଳ ଭୋଗ କରୁଛନ୍ତି ବୋଲି ମଧ୍ୟ ଅନ୍ୟ ଲୋକେ ମତ ଦେଇଥାଆନ୍ତି। ସେ ଯାହାହେଉ ମଣିଷ ହିସାବରେ ସେମାନଙ୍କୁ ଭଲ ପାଇଥାଆନ୍ତି। ସେମାନଙ୍କ ପ୍ରତି ଅନ୍ୟମାନେ ଦୟାଶୀଳ ହୋଇଥାଆନ୍ତି। ଆବଶ୍ୟକ ସ୍ଥଳେ ସେମାନଙ୍କୁ ସହଯୋଗ କରିଥାଆନ୍ତି। ଶାରୀରିକ ବିକଳାଙ୍ଗ ଲୋକେ ସମାଜରେ ନିଜକୁ ଅସହାୟ ବୋଲି ମନେକରିଥାଆନ୍ତି। ନିଜ କର୍ମ ଆଦରି ଚଳିଥାଆନ୍ତି। କାହା ସହିତ ଗଣ୍ଡଗୋଳ କରି ନ ଥାଆନ୍ତି। ସ୍ଥଳ ବିଶେଷରେ ସେମାନଙ୍କ ପାଇଁ ଗ୍ରାମର ଲୋକେ ଥଇଥାନର ବ୍ୟବସ୍ଥା କରି ଦେଇଥାଆନ୍ତି। ଅନ୍ୟମାନେ ମଧ୍ୟ ସେମାନଙ୍କୁ କେତେକାଂଶରେ ଖାଦ୍ୟ ଓ ବସ୍ତ୍ର ମଧ୍ୟ ଦାନ କରିଥାଆନ୍ତି। ଲୋକମାନଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ଦାନ ଧର୍ମ କରିଥାଆନ୍ତି ବୋଲି ସେମାନଙ୍କର ବିଶ୍ୱାସ। ଗ୍ରାମର କେତେକ ଦୁଷ୍ଟ ପିଲା ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କୁ ଥଟ୍ଟା ପରିହାସ କରି ସେମାନଙ୍କୁ ବିରକ୍ତ କରିଥାଆନ୍ତି। ଫଳରେ ସେମାନେ ରାଗିଯାଇ ପିଲାମାନଙ୍କୁ ଗାଳିଦେବା ସହିତ ଅଭିଶାପ ମଧ୍ୟ ଦେଇଥାଆନ୍ତି। ଅନେକ କଷ୍ଟ ତଥା ଯନ୍ତ୍ରଣା ମଧ୍ୟଦେଇ ସେହି ବିକଳାଙ୍ଗ ଲୋକକୁ ଗତିକରିବାକୁ ପଡିଥାଏ।

ଖାଦ୍ୟାଭ୍ୟାସ:

ସାଧାରଣତଃ ରାଜୁଆର ସଂପ୍ରଦାୟର ଲୋକେ ମୁଖ୍ୟ ଖାଦ୍ୟ ଭାତ ସହିତ ବିଭିନ୍ନ ପ୍ରକାର ଡାଲି, ପନିପରିବା, ଶାଗ, ଛତୁ, ମାଛ, ମାଂସ ଇତ୍ୟାଦିକୁ ତରକାରୀ କରି ଖାଇଥାଆନ୍ତି। ସହକାରୀ ଖାଦ୍ୟ ମଧ୍ୟରେ ବିଭିନ୍ନ ପ୍ରକାର ଡାଲି ଯଥା: କୋଳଥ ଡାଲି (କୁରଥି ଦାଲ), ମସୁର ଡାଲି (ମସୁର୍ ଦାଲ), ମୁଗ ଡାଲି (ମୁଗ୍ ଦାଲ), ହରଡ ଡାଲି (ରାହେଡ ଦାଲ) ଇତ୍ୟାଦିକୁ ସେମାନେ ବ୍ୟବହାର କରିଥାଆନ୍ତି । ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର ଶାଗ ଖାଇଥାଆନ୍ତି । ସେଥି ମଧ୍ୟରେ ସଜନା ଶାଗ (ମୁନ୍‌ଗାଶାଗ), ଖଡା ସାଗ (ମାରସୀ ଖାଡା), କୋଶଳା ଶାଗ (କୁସୁତା ଶାଗ), ଲେଉଟିଆ ଶାଗ (ଉଲ୍‌ଟିଆ ଶାଗ),

କନିଅର ଶାଗ (କାଇନାର୍ ଶାଗ), ଗାନ୍ଧାରୀ ଶାଗ (ଗାନ୍ଧାରୀ ଶାଗ), ଚାଖୁଡା ଶାଗ (ଚାକୁଣ୍ଡା ଶାଗ), ମଦରଙ୍ଗା ଶାଗ (ମହରଙ୍ଗା ଶାଗ), ଖଟା ଶାଗ (ଚେଭ୍‌କା ଶାଗ), ଶାରୁ ଶାଗ (ସାରୁ ଶାଗ), ସୁନ୍‌ସୁନିଆ ଶାଗ (ସୁସ୍‌ନୀ ଶାଗ), କଳମ ଶାଗ (କଲ୍‌ମୀ ଶାଗ), ଲାଉ ଶାଗ (ଲଆ ଶାଗ), ବୋଇତାଳୁ ଶାଗ (ବୋଇତାଳ୍ ଶାଗ), ପୋଇ ଶାଗ (ପଏ ଶାଗ), କାନିଶିରି ଶାଗ୍ (କାନାଶାଗ), ଲହଙ୍ଗା ଶାଗ (ଲହଙ୍ଗା ଶାଗ), କୁନ୍ଦୁରୀ ଶାଗ (କୁନ୍ଦୁରୀ ଶାଗ), କଲରା ଶାଗ୍ (କାର୍‌ଲା ଶାଗ), ପାଳଙ୍ଗ ଶାଗ (ପାଳଙ୍ଗଶାଗ), କଖାରୁ ଶାଗ (କଖୁର୍ ଶାଗ), କଅଁଳିଆ ତେନ୍ତୁଳିପତ୍ର (ଟେନ୍ତେର୍ ପାଲୁଆ ଶାଗ) ଇତ୍ୟାଦି। କେତେକ ପନିପରିବାକୁ ତରକାରୀ କରି ସହକାରୀ ଖାଦ୍ୟ ହିସାବରେ ବ୍ୟବହାର କରିଥାଆନ୍ତି। ସେହି ପନିପରିବା ମଧ୍ୟରେ ବାଇଗଣ (ବାଇଙ୍ଗନ୍), ଆଳୁ (ଗୁଲାଲୁ), ବିଲାତି (ବିଲାଟି), ଭେଣ୍ଡି (ଭେଣ୍ଡିଆ), ମୂଳା (ମୂଳା), କୋବି (କବି), କଂଚା କଦଳୀ (କାଂଚା କଦଳୀ), ଅମୃତଭଣ୍ଡା (ପପୟା / ଅମରିତ), ଶିମ୍ବ (ଶିମ୍ବି), ଝୁଡୁଙ୍ଗ (ନାଡ୍‌କା), ବରଗୁଡି (ରମା), ଛଚିନ୍ଦ୍ରା (କାଇତାଙ୍ଗିଙ୍ଗା), ଲାଉ (ଲଆ), ବୋଇତାଳୁ (ବୋଇତାଡ), ସାରୁ (ସାରୁ), କଖାରୁ (କଖୁର), କଲରା (କାର୍‌ଲା), ସଜନା ଛୁଇଁ (ମୁନ୍‌ଗା ସୁଣ୍ଡି), ପଣସ (କଠର), କରଡି (ବାଁସ କରେଲ), ଓଲୁଅ (ଅଲ), ଖୁମ୍ବାଳୁ (ଖମ୍‌ଆଳୁ), କନ୍ଦମୂଳା (ସଙ୍କରକାନ୍ଦା) ଇତ୍ୟାଦି। ଏତଦ୍ ବ୍ୟତୀତ କେତେକ ମାଛକୁ ତରକାରୀ କିମ୍ବା ଭାଜିକରି ଅଥବା ପତ୍ରସାହାଯ୍ୟରେ ପୋଡି ଖାଇଥାଆନ୍ତି। ମାଛଗୁଡିକ ମଧ୍ୟରେ କରାଣ୍ଡୀମାଛ (କରାଣ୍ଡୀ ମାଛେର), ଚେଙ୍ଗ (ଚେଙ୍ଗ), ମାଗୁର (ମାଗୁର), ଗଡିଶ (ଗଡିଶ), ଚୋଡି (ଚୁଡି), ପୋହଳା (ପହ୍‌ନା), ଧାନଫୁଲମାଛ (ଧାନ୍ ଫୁଲି ମାଛେର), ଦଣ୍ଡକିରି (ଦଣ୍ଡକିରା), ଚିଙ୍ଗୁଡି (ଚିଙ୍‌ଡି), କଣ୍ଟିଆ (ଟେଙ୍‌ରା) ଇତ୍ୟାଦି। ଏତଦ୍ ଭିନ୍ନ କଙ୍କଡା (ଖାଙ୍‌ଡା) ଓ ଗେଣ୍ଡା (ଗେଣ୍ଡ୍‌ହା)କୁ ମଧ୍ୟ ତରକାରୀ କରି ଖାଇଥାଆନ୍ତି। ଜଙ୍ଗଲରୁ ବିଭିନ୍ନ ପଶୁ ଶିକାର କରିଥାନ୍ତି। ସେହି ପଶୁଗୁଡିକ ମଧ୍ୟରେ ବାରହା (ବାରହା), ହରିଣ (ହରିନ୍), କୁଟୁରା (କୁଟାରୀ), ସମ୍ବର (ସମର), ଗୟଳ (ଗୟଲ), ଠକୁଆ (ଖେଳିଆ), ନେଉଳ (ନେଉଲା), ଗୋଧି (ଗଧି), କଇଁଛ (କାଛିମ), ବଣକୁକୁଡା (ବନ୍‌ଖୁକ୍‌ଡି), ମୟୂର(ମେଚୁର) ଇତ୍ୟାଦି। ଏତଦ୍‌ବ୍ୟତୀତ ରାଜୁଆର ବିଶେଷତଃ ବର୍ଷାଋତୁରେ ବିଭିନ୍ନ ପ୍ରକାର ଛତୁ ଖାଇଥାଆନ୍ତି। ଛତୁଗୁଡିକ ମଧ୍ୟରେ ବାଲିଛତୁ (ବାଲି ଛାତୁ), ବିନ୍ଧାଣୀ ଛତୁ (କାମାର୍ ଛାତୁ), ପାଳଛତୁ (କୁଟାଛତୁ), ପତଳା ଚତୁ (ପାତ୍‌ଲା ଛାତୁ), ହୁଙ୍କା ଛତୁ

(ଟିଲ୍‌ହା ଛାତୁ), ବଡ ଛତୁ(ବଳେ ଛାତୁ), ଗୁଗୁଡି ଛତୁ (ସୁରଗୁଞ୍ଜା ଛାତୁ), ଆଣ୍ଠୁଆ ଛତୁ (ତମ୍ବାଛାତୁ), ମହୁରାଳୀ ଛତୁ (ମହୁରାଳ୍ ଛାତୁ) ମହୁଚୋଲିଆ (ମହୁ ଚୋଲିଆ), ବାଉଁଶ ଛତୁ (ବାଁଶ ପଗା ଛାତୁ), ଭୁର୍କୁଣ୍ଡା ଛତୁ (ଭୁରକୁଣ୍ଡା ଛାତୁ), ଅଗାଡି ଛତୁ (ଆଗ୍‌ଡା ଛାତୁ) ଇତ୍ୟାଦି। ପତ୍ର ସାହାଯ୍ୟରେ ପୋଡାଯାଇଥିବା ଶାଗ, ମାଛ, ମାଂସ ଓ ଛତୁ, ଲଙ୍କା, ଲୁଣ ଇତ୍ୟାଦିକୁ ସହକାରୀ ଖାଦ୍ୟ ରୂପେ ସେମାନେ ବ୍ୟବହାର କରିଥାଆନ୍ତି।

ମୁଖ୍ୟ ଖାଦ୍ୟ ଓ ସହକାରୀ ଖାଦ୍ୟ ବ୍ୟତୀତ ରାଜୁଆର ସଂପ୍ରଦାୟର ଲୋକେ ସାଧାରଣତଃ କେତେକ ଖାଦ୍ୟକୁ ସହାୟକ ଖାଦ୍ୟ ରୂପେ ବ୍ୟବହାର କରିଥାଆନ୍ତି । ଜଙ୍ଗଲରୁ ସଂଗୃହୀତ ବିଭିନ୍ନ ପ୍ରକାର ଫଳମୂଳ, କନ୍ଦା, ଫୁଲ, ଶାଗ ଇତ୍ୟାଦିକୁ ସହାୟକ ଖାଦ୍ୟ ହିସାବରେ ଗ୍ରହଣ କରିଥାଆନ୍ତି । ମହୁଲ ଶିଝା (ମହୁଲ୍ ଶିଝା), ଚକୁଳି ପିଠା (ଛାଙ୍ଗଲ୍ ପିଠା), ପୋଡପିଠା (ଖାପରପଳା), ପତ୍ରଶିଝାପିଠା (ପତେଇ ଶିଝା ପିଠା), ତାଳପିଠା (ତାଡ୍‌ପିଠା), ଚାଉଳଭଜା (ଚାର୍ ଭାଜଲ୍), ମୁଢ଼ି (ଭୁଜା), ଚୁଡା (ଚୁଡା) ଇତ୍ୟାଦି ଖାଇଥାଆନ୍ତି । ପୂର୍ବରୁ ବିଭିନ୍ନ ପ୍ରକାର ଫୁଲ, ଫଳ, କନ୍ଦା, ଶାଗ ଇତ୍ୟାଦି ବିଷୟରେ ବର୍ଣ୍ଣନା କରାଯାଇଛି ।

ରାଜୁଆର ସଂପ୍ରଦାୟର ଲୋକେ ପ୍ରତ୍ୟହ ପଖାଳ ଭାତ ସହିତ କୁନ୍ଦୁରିଭଜା କିମ୍ବା ଶାଗଭଜା, ତେନ୍ତୁଳି ଏବଂ ଲୁଣଲଙ୍କା ଖାଇଥାଆନ୍ତି। ସକାଳ ସମୟରେ ଏହି ପ୍ରକାର ଖାଦ୍ୟ ଖାଇଥାଆନ୍ତି। କେତେକ ଲୋକେ ଚୁଡାମୁଢ଼ି ମଧ୍ୟ ଖାଇଥାଆନ୍ତି। ସଜନା ଶାଗ ଭଜା ଏବଂ କୁନ୍ଦୁରି ଭଜା ପ୍ରାୟ ଲୋକଙ୍କ ଘରେ ସକାଳେ ହୋଇଥାଏ। ଘରବାଡିରେ ସଜନାଗଛ ଏବଂ କୁନ୍ଦୁରି ଗଛ ଲଗାଇଥାଆନ୍ତି। ଫଳରେ ସକାଳ ଖାଇବା ପାଇଁ ଅନ୍ୟ ତରକାରୀର ଆବଶ୍ୟକ ନ ଥାଏ। ମଧ୍ୟାହ୍ନ ସମୟରେ ଗରମଭାତ ଏବଂ ଘରବାଡିରୁ ଆଣିଥିବା ବିଭିନ୍ନ ପ୍ରକାର ପନିପରିବା ସମିଶ୍ରଣରେ ତରକାରୀ ପ୍ରସ୍ତୁତ କରିଥାଆନ୍ତି। ପ୍ରାୟତଃ ପନିପରିବାକୁ ସିଝାଇ ସେଥିରେ ହଳଦୀ ଓ ଲୁଣ ପକାଇ ଭାତ ସହ ଖାଇଥାଆନ୍ତି। ବର୍ତ୍ତମାନ କେତେକ ମସଲାର ବ୍ୟବହାର ଶିଖିଲେଣି। ଗରମ ଭାତରୁ ନିଗାଡିଥିବା ପେଜକୁ ମଧ୍ୟ ପିଇବାକୁ ଏମାନେ ପସନ୍ଦ କରିଥାଆନ୍ତି। ରାତ୍ର ସମୟରେ ଏମାନେ ଗରମ ଭାତ ରାନ୍ଧିଥାଆନ୍ତି। ପନିପରିବାକୁ ସିଝାଇ ସେଥିରେ ଲୁଣ ଓ ହଳଦୀ ପକାଇ ଖାଇଥାଆନ୍ତି। ଅଧିକାଂଶ ରାଜୁଆର ଲୋକ ଆମିଷ ପ୍ରିୟ। ଅପରାହ୍ନ ସମୟରେ ପୁରୁଷ ଲୋକେ ନିକଟସ୍ଥ ଜଳ ଉତ୍ସ

ନିକଟକୁ ଯାଇ ମାଛ ଧରିଥାଆନ୍ତି । ସନ୍ଧ୍ୟା ପୂର୍ବରୁ ମାଛ ସଂଗ୍ରହ କରି ଘରକୁ ଫେରନ୍ତି। ରାତ୍ରିରେ ତରକାରୀ ପାଇଁ ସେମାନଙ୍କର ଚନ୍ତା ନ ଥାଏ । ମାଛକୁ ପୋଡି କିମ୍ବା ତରକାରୀ କରି କିମ୍ବା ଭାଜି ଖାଇଥାଆନ୍ତି।

ପର୍ବପର୍ବାଣିରେ ପ୍ରସ୍ତୁତ ଖାଦ୍ୟ:

ବର୍ଷର ବିଭିନ୍ନ ସମୟରେ ରାଜୁଆର ସଂପ୍ରଦାୟର ଲୋକେ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାଆନ୍ତି । ପର୍ବପର୍ବାଣିଗୁଡିକ ମଧ୍ୟରେ ଧୂଳିଆପୂଜା, ଆଷାଢ଼ିପୂଜା, ଜାନ୍ତାଳ୍ ପୂଜା, ଅନ୍ଧାରୀ ପୂଜା, ମାଘ୍ ପୂଜା, ରଜପର୍ବ, ଗହ୍ମାପର୍ବ, ଦଶ୍‌ରା, ବାନ୍ଧନାପୂଜା, ମକରମେଳା, ଛତୁଆ ପରବ ଇତ୍ୟାଦି ପର୍ବ ପ୍ରଧାନ । ଏହି ପର୍ବପର୍ବାଣିଗୁଡିକରେ ସେମାନେ ବିଭିନ୍ନ ପ୍ରକାର ଖାଦ୍ୟ ଖାଇଥାଆନ୍ତି । ଧାନବୁଣିବା ପୂର୍ବରୁ ଗ୍ରାମଦେବତାଙ୍କ ନିକଟରେ ଧୂଳିଆ ପୂଜା ଅନୁଷ୍ଠିତ ହୁଏ । ଭାତ ମାଂସ ସାଙ୍ଗକୁ ହାଣ୍ଡିଆ ଏହି ପ୍ରକାର ପ୍ରସ୍ତୁତ ହୋଇଥାଏ । ବଳି ଦିଆଯାଇଥିବା ପଶୁର ମାଂସକୁ ଗ୍ରାମବାସୀଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ କରାଯାଇଥାଏ। ପ୍ରତ୍ୟେକ ଘରେ ସାଧାରଣତଃ ଭାତ ଓ ମାଂସ ତରକାରୀ ପ୍ରସ୍ତୁତ କରାଯାଇଥାଏ । ଆଷାଢ଼ ମାସରେ ଧାନ ବିହୁଡା ପୂର୍ବରୁ 'ଆଷାଢ଼ି ପୂଜା' ହୋଇଥାଏ । 'ଜାନ୍ତାଳ ପୂଜା' ବା ଧାନକଟା ଯିବା ପୂର୍ବରୁ ଅନୁଷ୍ଠିତ ପୂଜାରେ ଗ୍ରାମଦେବତାଙ୍କ ପୀଠ ନିକଟରେ ଭାତ ସାଙ୍ଗକୁ ବଳି ଦିଆଯାଇଥିବା ପଶୁର ମାଂସକୁ ତରକାରୀ କରାଯାଇଥାଏ । ମହିଳା ତଥା ଛୋଟ ଝିଅମାନଙ୍କୁ ଛାଡି ଉପସ୍ଥିତ ଲୋକେ ପ୍ରସ୍ତୁତ ମାଂସ ଓ ଭାତର ଭୋଜି ଖାଇଥାଆନ୍ତି । ଅନ୍ଧାରି ପୂଜାରେ ନୂଆଧାନରୁ ପ୍ରସ୍ତୁତ ଚୁଡା ଗ୍ରାମଦେବତାଙ୍କ ନିକଟରେ ଭୋଗ ଦିଆଯାଇ ପରେ ଖିଆଯାଇଥାଏ । ଏହି ପୂଜାରେ ଚୁଡା ଭୋଗ ଆକାରରେ ଖାଇଥାଆନ୍ତି । ଜଙ୍ଗଲ ଯିବା ପୂର୍ବରୁ ମାଘ୍‌ପୂଜା ପାଳନ କରିଥାଆନ୍ତି । ଏହି ପୂଜାରେ ବଳି ଦିଆଯାଇଥିବା ପଶୁର ମାଂସ ରନ୍ଧା ଯାଇଥାଏ । ମାଂସକୁ ଭୋଗ ଆକାରରେ ଖାଇଥାଆନ୍ତି । ରଜପର୍ବରେ ମାଂସ ଭାତ, ହାଣ୍ଡିଆ, ଚକୁଳିପିଠା (ଛାଙ୍କଲ୍ ପିଠା), ଚାଳପିଠା, ପୋଡପିଠା (ଖାପର୍ ପଳା) ଓ ପତ୍ରସିଝା ପିଠା (ପତେଇ ସିଝା ପିଠା) ପ୍ରସ୍ତୁତ କରି ଖାଇଥାଆନ୍ତି । ଗହ୍ମାପର୍ବରେ ମଧ୍ୟ ଚକୁଳିପିଠା, ପୋଡପିଠା ମଧ୍ୟ ପ୍ରସ୍ତୁତ କରିଥାଆନ୍ତି । ଦଶହରା (ଦଶ୍ରା) ପର୍ବରେ ରାଜୁଆର ସଂପ୍ରଦାୟର ଲୋକେ ଭାତ, ମାଂସ, ହାଣ୍ଡିଆ ଇତ୍ୟାଦି ପ୍ରସ୍ତୁତ କରି ଖାଇଥାଆନ୍ତି । ବାନ୍ଧନା ପୂଜା ବା ବନ୍ଦାପନା ପୂଜାରେ ଗାଈଗୋରୁଙ୍କୁ ପୂଜା କରାଯାଇଥାଏ । ଏହି ପୂଜାରେ ଚକୁଳିପିଠା (ଛାଙ୍କଲ୍ ପିଠା), ଚାଉଳ ଖିରି ପ୍ରସ୍ତୁତ କରାଯାଇଥାଏ ।

ପୌଷମାସରେ ମକର ପରବ ପାଳନ କରିଥାଆନ୍ତି । ଏହି ପର୍ବରେ ଭାତ, ମାଂସ ତରକାରୀ, ପୋଡପିଠା (ଖାପର ପଳା), ଚୁଡାମୁଢ଼ି ଓ ହାଣ୍ଡିଆ ପ୍ରସ୍ତୁତ କରାଯାଇଥାଏ । ସେହିପରି ଛତୁଆ ପରବରେ ବା ପଣାସଂକ୍ରାନ୍ତିରେ ଆମ୍ବ ଓ ପଣସ ସହିତ ଚୁଡାଗୁଣ୍ଡ ମିଶାଇ ବା ଛତୁଆ କରି ଖାଇଥାଆନ୍ତି । ପରେ ମଧ୍ୟ ହାଣ୍ଡିଆ ପାନ କରିଥାଆନ୍ତି । ମାଂସ ରନ୍ଧାଯାଇ ଖିଆଯାଇଥାଏ । ମୁଠିପୂଜା ଅକ୍ଷୟ ତୃତୀୟା ଦିନ ହୋଇଥାଏ । ଏହି ପୂଜାରେ ଖିରି, ପିଠା ପଣା ପ୍ରସ୍ତୁତ କରାଯାଇ ପରିବାରର ଲୋକେ ଖାଇଥାଆନ୍ତି । ହାଣ୍ଡିଆ ମଦ ପାନ ମଧ୍ୟ କରିଥାଆନ୍ତି । କରମପୂଜା ରାଜୁଆରମାନଙ୍କର ଏକ ମୁଖ୍ୟପୂଜା । ଏହି ପୂଜା ତିନିଦିନ ଧରି ଚାଲିଥାଏ । ଏହି ପୂଜାରେ ଗୃହକର୍ତ୍ତା ଅତିଥି ଅଭ୍ୟାଗତମାନଙ୍କୁ ହାଣ୍ଡିଆ ଏବଂ ଚାଖଣ ହିସାବରେ ମୁଢ଼ି ଏବଂ ଘାଣ୍ଟ ତରକାରୀ ପ୍ରସ୍ତୁତ କରି ଦେଇଥାଆନ୍ତି । ସାଧାରଣତଃ ଭାତ, ତରକାରୀ ଓ ପୋଇ ଶାଗ ସିଝାଇ ଖାଇଥାଆନ୍ତି । ବିଭିନ୍ନ ପର୍ବପର୍ବାଣିରେ ସେମାନେ ଏହିଭଳି ଭାବରେ ନାନା ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ମନ ଆନନ୍ଦରେ ଖାଇଥାଆନ୍ତି ।

ବାରଣଃ

ଗର୍ଭବତୀ ମହିଳାକୁ ଖାଦ୍ୟ ଉପରେ କେତେକ ବାରଣ କରାଯାଇଥାଏ । ବେଶୀ ପରିମାଣରେ ଖାଦ୍ୟ ଖାଇବାକୁ ସଂପୂର୍ଣ୍ଣ ମନା କରାଯାଇଥାଏ । ବେଶୀ ପରିମାଣରେ ଖାଦ୍ୟ ଖାଇବାକୁ ସଂପୂର୍ଣ୍ଣ ମନା କରାଯାଇଥାଏ । ଅଧିକ ଖାଦ୍ୟ ଖାଇବା ଦ୍ୱାରା ଗର୍ଭସ୍ଥ ଶିଶୁର ପେଟବଢ଼ି ପ୍ରସବ ସମୟରେ ଅଧିକ ଯନ୍ତ୍ରଣାଦାୟକ ହେବ ବୋଲି ସେମାନେ ମତ ପୋଷଣ କରିଥାଆନ୍ତି । ଏହି ଅବସ୍ଥାରେ ଗର୍ଭବତୀ ମହିଳାକୁ ପଣସ ମଞ୍ଜି, କାନ୍ଦୁଲ ଓ ମକାକୁ ଭାଜିକରି ଖାଇବାକୁ ଦିଆଯାଏ ନାହିଁ । ଏଗୁଡିକ ଖାଇବାଦ୍ୱାରା ଶିଶୁ ଜନ୍ମପରେ ଶିଶୁର ଶରୀରରେ ଘାଆ ହେବାର ସମ୍ଭାବନା ଥାଏ ବୋଲି ରାଜୁଆରମାନଙ୍କର ବିଶ୍ୱାସ ଥାଏ । ମାଛ ମଧ୍ୟରେ ଭାକୁରମାଛ, ଝିମ୍ବି ମାଛ (ପ୍ରଥମ ବର୍ଷାରେ ନଦୀ ଜିମା ନାଇରୁ ଉପରକୁ ଉଠୁଥିବା ମାଛ), ବନ୍‌ଶୀ କଣ୍ଟା ସାହାଯ୍ୟରେ ମାରିଥିବା ମାଛ ଖାଇବାକୁ ସଂପୂର୍ଣ୍ଣ ବାରଣ କରାଯାଇଥାଏ । କେତେକ ଛତୁ ଯଥା ହୁଙ୍କାଛତୁ, ବିହୁଡାଛତୁ ଓ କଡ଼ାଣ ଛତୁ ଖାଇବା ପାଇଁ ଗର୍ଭବତୀ ମହିଳାକୁ ବାରଣ କରାଯାଇଥାଏ ।

ଶିଶୁଜନ୍ମ ହେବା ମାତ୍ରେ ମାଆକୁ ସାଧାରଣତଃ କୋଳଥ ସିଝା ପାଣି ପିଇବାକୁ ଦିଆଯାଇଥାଏ । ପ୍ରସବ ଜନିତ ଯନ୍ତ୍ରଣାରୁ ଉପଶମ ପାଇବା ପାଇଁ ଶୁଣ୍ଠି, ପିପ୍‌ପଳୀ, ରସୁଣ ଓ ଉଷୁନା ଚାଉଳର ଭଜାଗୁଣ୍ଡକୁ ଖାଇବା ତେଲ ସହିତ ସାମାନ୍ୟ ଗରମ କରି

ଖାଇବାକୁ ଦିଆଯାଇଥାଏ। ଶିଶୁଜନ୍ମର ପ୍ରଥମ ଦୁଇଦିନ ପିତା ଏବଂ କଷା ପାଣି ହିସାବରେ କରଞ୍ଜ ଛେଲି ସିଝା ଓ କୋଳଥ ସିଝା ପାଣି ପିଇବାକୁ ଦିଆଯାଇଥାଏ । ଦିବସରେ ଥରେ ମାତ୍ର ଗରମ ଭାତ ସହ ରସୁଣ ଖାଇବାକୁ ଦିଆଯାଏ । ମୁଗ, କୋଳଥ ଓ ହରଡ ଡାଲିକୁ ସିଝାଇ ଖାଇବାକୁ ଦିଆଯାଇଥାଏ। ଦିବସରେ ଅତ୍ୟଧିକ ଭୋକ ଲାଗିଲେ ଦୁଗ୍ଧଦାତ୍ରୀ ମାଆକୁ ଦୁଇଥର ଖାଇବାକୁ ଦିଆଯାଇଥାଏ। କିନ୍ତୁ ସାଧାରଣ ଭାବରେ ଦିବସ ମଧ୍ୟରେ ଥରେ ମାତ୍ର ଖାଇବାକୁ ଦିଆଯାଇଥାଏ। ଖାଇବା ସମୟରେ ବିଶେଷ ଭାବରେ ରସୁଣ ଖାଇବାକୁ ଭୁଲି ନ ଥାଆନ୍ତି। ଗରମ ଭାତ ସହିତ ବାଇଗଣ (ବାଇଙ୍ଗନ୍), କନ୍ଦମୂଳ (ଶଙ୍କର କାନ୍ଦା) ସିଝାଇ ଖାଇବାକୁ ଦିଆଯାଇଥାଏ। ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାର ଶାଗ ସବୁଜ ପନିପରିବା, ତଥା ମାଛ ମାଂସ ଖାଇବାକୁ ଦିଆଯାଇଥାଏ। ଶାଗ ମଧ୍ୟରେ ସଜନା, ଲାଉ, କୋଶଳା, ପିତା ଶାଗ ଇତ୍ୟାଦିକୁ ଭଜା କରି ଖାଇଥାଆନ୍ତି। ବିଭିନ୍ନ ପ୍ରକାର ଫଳ ଖାଇଥାଆନ୍ତି। ଫଳ ମଧ୍ୟରେ ଆମ୍ବ, ପିଜୁଳି, କମଳା, ତାଳ, କେନ୍ଦୁ, ଚାରକୋଳି ଇତ୍ୟାଦି ଖାଇବାକୁ ଦିଆଯାଇଥାଏ। ଦୁଗ୍ଧଦାତ୍ରୀ ମାଆର ଦୁଗ୍ଧ ବଢ଼ିବା ପାଇଁ ସାଧାରଣତଃ ଗାଈଶୀରା ଓ ଦୁଧମରା ଗଛର ଚେରକୁ ବାଟି ପିଇବାକୁ ଦିଆଯାଇଥାଏ। ଦୁଗ୍ଧଦାତ୍ରୀ ମାଆକୁ ହାଲ୍‌କା ଖାଦ୍ୟ ଦିଆଯାଏ। ମା'ର ଦୁଧ ବଢ଼ିବା ପାଇଁ ଦୁଧୁକୁମା ଗଛର କ୍ଷୀର ପିଇବାକୁ ଦିଆଯାଇଥାଏ।

ପ୍ରସୂତୀ ମାଆ ପାଇଁ ଖାଦ୍ୟ ଗ୍ରହଣ କ୍ଷେତ୍ରରେ କେତେକ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ। ଶିଶୁ ଜନ୍ମଠାରୁ ନଅ ଦିନ ପର୍ଯ୍ୟନ୍ତ ଦୁଗ୍ଧଦାତ୍ରୀମାଆକୁ ବାଇଗଣ, ବୋଇତାଳୁ, ଛତ୍ରି, ଭେଣ୍ଡି, ସଜନାଶାଗ, ସଜନାଛୁଇଁ ଏବଂ ଆମିଷ ଦ୍ରବ୍ୟ ଖାଇବାକୁ ଦିଆଯାଇ ନ ଥାଏ । ଆମିଷ ଖାଦ୍ୟ ମଧ୍ୟରେ ଗୟଳ ମାଂସ, ମେଣ୍ଢା ମାଂସ ଖାଇବାକୁ ବାରଣ କରାଯାଇଥାଏ। କଖାରୁ ଶାଗ, ପୋଇଶାଗ, ଲଙ୍କା ଇତ୍ୟାଦି ଖାଦ୍ୟ ଖାଇବାକୁ ମନା କଯାଇଥାଏ। ଏହିସବୁ ଖାଦ୍ୟ ଖାଇବା ପାଇଁ ଦୁଗ୍ଧପ୍ରଦାନକାରୀ ମାଆକୁ ସଂପୂର୍ଣ୍ଣ ରୂପେ ମନା କରାଯାଇଥାଏ । ଶିଶୁର ଶରୀର ସୁସ୍ଥ ତଥା ସ୍ୱଚ୍ଛ ହେବାପାଇଁ ମାଆକୁ କେତେକ ଖାଦ୍ୟ ସଂପର୍କୀତ କଟକଣା ମାନିବାକୁ ପଡିଥାଏ।

ଶିଶୁ ଓ ଛୋଟ ପିଲାଙ୍କ ପାଇଁ ଖାଦ୍ୟ :

ମାଆର କ୍ଷୀର ଶିଶୁ ପାଇଁ ପ୍ରଧାନ ଖାଦ୍ୟ। ଶିଶୁଟି ଜନ୍ମ ହେବାମାତ୍ରେ ଶିଶୁକୁ ମହୁ ଚଟାଇ ଦେଇଥାଆନ୍ତି କିମ୍ବା ଗରମ ପାଣିକୁ ଥଣ୍ଡାକରି ସେଥିରେ ମହୁ ମିଶାଇ

ପିଇବାକୁ ଦିଆଯାଇଥାଏ। ମା' କ୍ଷୀର କମ୍ ଥିଲେ ମା'କୁ ଦୁଧୁକୁମା ଗଛର କ୍ଷୀର ପିଇବାକୁ ଦିଆଯାଇଥାଏ। ଶିଶୁଟି ଆସ୍ତେ ଆସ୍ତେ ବଡ ହୋଇ ଛଅମାସର ହେଲା ପରେ ଶିଶୁକୁ ଉଷୁନା ଚାଉଳକୁ ବାଟି ସେଥିରେ ପିଠା ତିଆରି କରାଯାଇ ଖାଇବାକୁ ଦିଆଯାଏ। ଶିଶୁଟିକୁ ଏକବର୍ଷ ପୂର୍ଣ୍ଣ ହୋଇଗଲେ 'ଅନ୍ନ ଛୁଆଣୀ' ଉତ୍ସବ ପାଳନ କରାଯାଇଥାଏ। ଶିଶୁ ଏହିଦିନ ପ୍ରଥମଥର ଅନ୍ନ ଭକ୍ଷଣ କରିଥାଏ । ଆସ୍ତେ ଆସ୍ତେ ଶିଶୁକୁ ଭାତ ଚକଟି ଖାଇବାକୁ ଦିଆଯାଇଥାଏ। ଉଷୁନା ଚାଉଳର ଖୁଦକୁ ମଧ୍ୟ ପତ୍ରରେ ପୁଡିଆ କରି ଗରମ ପାଣିରେ ସିଝାଯାଇଥାଏ। ଏହି ପତ୍ର ସିଝା ପିଠାକୁ ମଧ୍ୟ ଶିଶୁ ଖାଇଥାଏ। ଛୋଟ ପିଲାମାନଙ୍କୁ ସାଧାରଣତଃ ଭାତ, ଆଳୁ ସିଝା, ଡାଲି, ଉଷୁନା ଚାଉଳର ପିଠା, ଖିରି ଇତ୍ୟାଦି ଖାଇବାକୁ ଦିଆଯାଇଥାଏ।

ଖାଦ୍ୟ ଏବଂ ଅନ୍ୟାନ୍ୟ ସଂପ୍ରଦାୟ :

ପଡୋଶୀ ପ୍ରଜାତିକ ଗୋଷ୍ଠୀ /ସଂପ୍ରଦାୟମାନଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ସୁସଂପର୍କ ସ୍ଥାପନ କରିଥାଆନ୍ତି। ପରସ୍ପରର କାର୍ଯ୍ୟରେ ସହଯୋଗ କରିଥାଆନ୍ତି। ବିବାହାଦି ସାମାଜିକ ଉତ୍ସବମାନଙ୍କରେ ମଧ୍ୟ ପରସ୍ପରକୁ ନିମନ୍ତ୍ରଣ କରିଥାଆନ୍ତି। ପଡୋଶୀ ପ୍ରଜାତିକ ଗୋଷ୍ଠୀ ମଧ୍ୟରେ ମହାନ୍ତ, ବ୍ରାହ୍ମଣ, ଭୂମିଜ, ଖିଲାର, ମହାନ୍ତି ଇତ୍ୟାଦିଙ୍କ ଠାରୁ ରାଜୁଆରମାନେ ବିଭିନ୍ନ ସମୟରେ ଖାଦ୍ୟ ଗ୍ରହଣ କରିଥାଆନ୍ତି । ସେହିଭଳି ବ୍ରାହ୍ମଣ, ମହାନ୍ତି, ଭୂମିଜ, ସାନ୍ତାଳ, ଖିଲାର, ମାହାଲୀ, ଲୋଧା, ବିନ୍ଧାଣୀ, କୁମ୍ଭାର ଇତ୍ୟାଦି ଗୋଷ୍ଠୀର ଲୋକେ ରାଜୁଆରମାନଙ୍କଠାରୁ ପାଣି ଓ ଖାଦ୍ୟ ଗ୍ରହଣ କରିଥାଆନ୍ତି । ଏତଦ୍ ବ୍ୟତୀତ ଡମ୍ବ, ମାହାଲୀ, ସାନ୍ତାଳ, କୁମ୍ଭାର, କମାର ଇତ୍ୟାଦି ସଂପ୍ରଦାୟ ଲୋକଙ୍କ ଠାରୁ ରାଜୁଆରମାନେ ଖାଦ୍ୟ ଗ୍ରହଣ କରିଥାଆନ୍ତି । ବିଭିନ୍ନ ପୂଜାପାର୍ବଣମାନଙ୍କରେ ପଡୋଶୀ ପ୍ରଜାତିକ ଗୋଷ୍ଠୀର ଲୋକମାନଙ୍କୁ ଏମାନେ ନିମନ୍ତ୍ରଣ କରିଥାଆନ୍ତି। ଭୋଜିଭାତର ମଧ୍ୟ ଆୟୋଜନ କରାଯାଇଥାଏ। ଆମନ୍ତ୍ରିତ ଅତିଥିମାନେ ଭୋଜିରେ ଅଂଶଗ୍ରହଣ କରିଥାଆନ୍ତି। ଅନ୍ୟ ସଂପ୍ରଦାୟ ଲୋକେ ମଧ୍ୟ ରାଜୁଆର ସଂପ୍ରଦାୟ ଲୋକମାନଙ୍କୁ ବିଭିନ୍ନ ପର୍ବପର୍ବାଣି ତଥା ସ୍ୱତନ୍ତ୍ର ଦିବସ କିମ୍ବା ସାମାଜିକ ଉତ୍ସବ ପାଳନ ଅବସରରେ ଆମନ୍ତ୍ରଣ କରିଥାଆନ୍ତି। ପ୍ରଜାତିକ ଗୋଷ୍ଠୀର ଲୋକେ ସଂପୃକ୍ତ ପୂଜା ପାର୍ବଣ ମାନଙ୍କରେ ବିଭିନ୍ନ ସୁସ୍ୱାଦ ଭୋଜନର ଆୟୋଜନ କରିଥାଆନ୍ତି। ଏପରିକି ରାଜୁଆର ସଂପ୍ରଦାୟର କୌଣସି ବ୍ୟକ୍ତିର ମୃତ୍ୟୁ ହେଲେ ପଡୋଶୀ ତଥା ଅନ୍ୟ ସଂପ୍ରଦାୟର ବା ସଂପର୍କୀୟ ଲୋକେ ମୃତ୍ୟୁ ପରିବାର

ଲୋକଙ୍କ ପାଇଁ ବିଭିନ୍ନ ଖାଦ୍ୟ ଆଣିଥାଆନ୍ତି। ଜଳଖିଆ ଆକାରରେ ମୁଢ଼ି ଓ ଚୁଡା ମଧ୍ୟ ଆଣିଥାଆନ୍ତି । ଭାତ, ଡାଲି, ତରକାରୀ ମଧ୍ୟ ଆଣିଥାଆନ୍ତି । ଛୋଟ ଛୋଟ ପିଲାମାନଙ୍କୁ ନିଜ ନିଜଘରକୁ ଡାକି ନେଇ ଖାଇବାକୁ ଦେଇଥାଆନ୍ତି।

ରାଜୁଆରମାନେ ସାଧାରଣତଃ ଶିଶୁର ଜନ୍ମଦିନ, ଅନ୍ନଛୁଆଣୀ ଦିବସ, ବିବାହ ଉତ୍ସବାଦିରେ ସ୍ୱତନ୍ତ୍ର ଭାବରେ ଭୋଜିଭାତର ଆୟୋଜନ କରିଥାଆନ୍ତି। ସେଥିପାଇଁ ବନ୍ଧୁବାନ୍ଧବ, ସଂପର୍କୀୟ ତଥା ଅତିଥି ଅଭ୍ୟାଗତଙ୍କୁ ଭକ୍ତି ଉତ୍ସବମାନଙ୍କରେ ଯୋଗ ଦେବାପାଇଁ ନିମନ୍ତ୍ରଣ କରିଥାଆନ୍ତି। ଭୋଜିରେ ସାଧାରଣତଃ ଗରମଭାତ, ମାଂସ ତରକାରୀ, ହାଣ୍ଡିଆ ତଥା ମହୁଲୀ ମଦର ବ୍ୟବସ୍ଥା କରାଯାଇଥାଏ। ଏହି ଭୋଜି ପ୍ରଦାନ ମାଧ୍ୟମରେ ଅତିଥି ଅଭ୍ୟାଗତମାନଙ୍କୁ ପରିତୃପ୍ତ କରାଇଥାଆନ୍ତି। ଦୋଷୀଠାରୁ ଜୋରିମାନା ଆକାରରେ ଆଦାୟ କରାଯାଇଥିବା କିଛି ଅର୍ଥ ତଥା ଛେଳି ତଥା ଚାଉଳ ଦ୍ୱାରା ସ୍ୱତନ୍ତ୍ର ଭାବରେ ଏକ ଭୋଜିର ଆୟୋଜନ କରାଯାଇଥାଏ। ସମସ୍ତେ ଏହି ଭୋଜିରେ ଅଂଶ ଗ୍ରହଣ କରିଥାଆନ୍ତି। ଭୋଜି ପ୍ରଦାନ ପରେ ଦୋଷୀ ପୁନଃ ଗୋଷ୍ଠୀରେ ମିଶିଥାଏ।

ସାଧାରଣତଃ ରାଜୁଆର ଲୋକମାନେ ରୋଷେଇଘର କଡରେ ଥିବା ବାରଣ୍ଡା ବା ପିଣ୍ଡାରେ ବସି ଖାଇଥାଆନ୍ତି। ଖାଇବା ପୂର୍ବରୁ ପରିଷ୍କାର ଭାବରେ ହାତଗୋଡ ଧୋଇ ହୋଇଥାଆନ୍ତି । ଖାଇବା ସ୍ଥାନଟି ପୂର୍ବରୁ ଗୋବର ଦ୍ୱାରା ଲିପା ଯାଇଥାଏ। ପରିବାରରେ ପ୍ରଥମେ ଛୋଟ ପିଲାମାନେ ଖାଦ୍ୟ ଖାଇଥାଆନ୍ତି । ତା'ପରେ ପୁରୁଷଲୋକେ ଖାଇଥାଆନ୍ତି। ସର୍ବ ଶେଷରେ ସ୍ତ୍ରୀଲୋକେ ଖାଇଥାଆନ୍ତି। ପୁରୁଷମାନେ ସାଧାରଣତଃ କାଠ ତିଆରି ପିଢ଼ା ଉପରେ ଚକାମାଡି ବସିଥାଆନ୍ତି । କେତେକ ପୁରୁଷ ମଧ୍ୟ ଠୁଙ୍କା ହୋଇ ବସି ଖାଇଥାଆନ୍ତି । ବୟସ୍କ ପୁରୁଷ ଲୋକେ ତରତର ହୋଇ ଖାଦ୍ୟ ଖାଇଥାଆନ୍ତି । ଗରମଭାତ (ସୁକଲ୍ ଭାତ) ସାଧାରଣତଃ ଥାଳିରେ ଏବଂ ପଖାଳ ଭାତ (ପଖାଳ୍ ଭାତ) ବେଲାରେ ଖାଇଥାଆନ୍ତି। ତରକାରୀ ଚାଟିଆ (ଗିନାହା)ରେ ଦିଆଯାଇଥାଏ। ପରିବେଷଣରେ ଭାତ ବାମ ପାର୍ଶ୍ୱରେ ଓ ତରକାରୀ ଡାହାଣ ପାର୍ଶ୍ୱରେ ରଖାଯାଇଥାଏ। ଲଙ୍କା ଓ ଲୁଣ ମଧ୍ୟ ଡାହାଣ ପଟରେ ରଖିଥାଆନ୍ତି। ଲୁଣ ଓ ଲଙ୍କା ସାଧାରଣତଃ ଶାଳପତ୍ରରେ କିମ୍ବା କାଠରେ ତିଆରି ଲୁଣକଠା ତିଆରି କରାଯାଇଥାଏ। ଖାଇବା ସମୟରେ ଅନ୍ୟତ୍ର ଲକ୍ଷ୍ୟ ନ କରି ଖାଇବାରେ ମନ ଦେଇଥାଆନ୍ତି। ପ୍ରତିଥର ଖାଇବା ସ୍ଥାନଟିକୁ ଗୋବର ଦ୍ୱାରା ଲିପା ଯାଇଥାଏ। ସାଧାରଣତଃ ସ୍ତ୍ରୀଲୋକେ ପିଢ଼ା ଉପରେ ଠୁଙ୍କା ହୋଇ ବସି ଖାଇଥାଆନ୍ତି । ଖାଉଥିବା ବ୍ୟକ୍ତିର ବାମ ପାର୍ଶ୍ୱରେ ପାଣି ବେଲା ରହିଥାଏ। ଶେଷରେ ଶାଶୂ-ବୋହୂ ଖାଇଥାଆନ୍ତି। ଖାଇବା ସମୟରେ

ଏପଟ ସେପଟ ହୋଇ ଖାଇଥାଆନ୍ତି । ଅସ୍ଥିର ଅବସ୍ଥାରେ ପିଲାମାନେ ଖାଇଥାଆନ୍ତି। ବେଳେବେଳେ ଛୋଟ ପିଲାମାନେ ହାତଗୋଡ ଧୋଇ ନ ହୋଇ ଖାଇବାକୁ ବସିଥାଆନ୍ତି। ଖାଇ ସାରିବା ପରେ ପାଣି କିମ୍ବା ତୋରାଣି ପିଇଥାଆନ୍ତି। ଅଇଁଠା ବାସନକୁ ସାଧାରଣତଃ ସ୍ତ୍ରୀଲୋକେ ପରିଷ୍କାର କରିଥାଆନ୍ତି ଏବଂ ଖାଇବା ସ୍ଥାନଟିକୁ ଗୋବରରେ ଲିପିଥାଆନ୍ତି।

ଖାଦ୍ୟର ଉପାଦେୟତା :

ବିଭିନ୍ନ ଖାଦ୍ୟର ଭିନ୍ନ ଭିନ୍ନ ଉପାଦେୟତା ରହିଛି। ବିଭିନ୍ନ ଉପାଦେୟତା ସମ୍ପର୍କରେ ସେମାନଙ୍କର ପାରମ୍ପରିକ ବିଶ୍ୱାସ ରହିଛି। କୁଜିଗେଣ୍ଡାକୁ ତରକାରୀ କରି ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ବୃଦ୍ଧି ହୋଇଥାଏ ବୋଲି ସେମାନେ ମତ ବ୍ୟକ୍ତ କରିଥାଆନ୍ତି। କଇରାକୁ ଭାଜି ଖାଇବା ଦ୍ୱାରା ଶରୀରରୁ ପିତ୍ତ ଅଂଶ କମିଯାଇଥାଏ, ମୁଣ୍ଡବ୍ୟଥା ହୋଇ ନ ଥାଏ। କେରାଣ୍ଡିମାଛ ଖାଇବା ଦ୍ୱାରା ହଜମ ଶକ୍ତି ବୃଦ୍ଧି ଘଟିଥାଏ ଏବଂ ଦୃଷ୍ଟି ଶକ୍ତି ମଧ୍ୟ ବୃଦ୍ଧି ହୋଇଥାଏ। ପାରା ମାଂସ ଖାଇବା ଫଳରେ ଶ୍ୱାସରୋଗ ଦାଉରୁ ରକ୍ଷା ପାଇଥାଆନ୍ତି। ବାଦୁଡିକୁ ମାରି ତା'ର ମାଂସ ଖାଇବା ଦ୍ୱାରା ଯୌନ ଶକ୍ତି ବୃଦ୍ଧି ପାଇଥାଏ ବୋଲି ପୁରୁଖା ରାଜୁଆର ଲୋକେ ମତ ଦେଇଥାଆନ୍ତି। ପସାରୁଣୀ ପତ୍ରକୁ ଉଷୁନା କିମ୍ବା ଅରୁଆ ଚାଉଳ ସହ ଏକତ୍ର ବାଟି ପତ୍ରଦ୍ୱାରା ପୋଡି ସେହି ପିଠାକୁ ଖାଇବା ଦ୍ୱାରା ଶରୀରର କୋଷ୍ଠ କାଠିନ୍ୟ ରୋଗ ବା ଘୋଳା ବିନ୍ଧା ରୋଗ ଭଲ ହୋଇଥାଏ ବୋଲି ସେମାନେ ମଧ୍ୟ ମତ ଦେଇଥାଆନ୍ତି। ଖଟୀ ପାଳଙ୍ଗ ଶାଗ ଖାଇବା ଦ୍ୱାରା ମଣିଷର ରୁଚିରେ ପରିବର୍ତ୍ତନ ଆସିଥାଏ। ଗ୍ରୀଷ୍ମଋତୁରେ ନିମ୍ବ ଶାଗ ତଥା କଇରା ଶାଗ ଭାଜି କିମ୍ବା ପତ୍ର ସାହାଯ୍ୟରେ ପୋଡି ଖାଇବା ଦ୍ୱାରା ଶରୀରରେ ରୋଗ ନିରୋଧକ ଶକ୍ତି ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ପିତ୍ତଜନିତ ରୋଗ ସଂପୂର୍ଣ୍ଣ ରୂପେ ଆରୋଗ୍ୟ ହୋଇଥାଏ ବୋଲି ସେମାନେ ପୂର୍ଣ୍ଣ ପ୍ରାଣରେ ବିଶ୍ୱାସ କରିଥାଆନ୍ତି। ସୀମିତ ପରିମାଣରେ ହାଣ୍ଡିଆ କିମ୍ବା ମହୁଲୀ ମଦ ପାନ କଲେ ଶରୀରରେ କାର୍ଯ୍ୟ କରିବାର ଦକ୍ଷତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ମନ ପ୍ରଫୁଲ୍ଲ ରହେ ବୋଲି ସେମାନେ ମଧ୍ୟ ବିଶ୍ୱାସ କରିଥାଆନ୍ତି।

ସାଧାରଣତଃ ରାଜୁଆରମାନଙ୍କ ପୃଷ୍ଠି ବର୍ଦ୍ଧକ ଖାଦ୍ୟ ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ନ ଥାଏ। କେତେକ ଖାଦ୍ୟ ଖାଇବା ଦ୍ୱାରା ଶରୀର ହୃଷ୍ଟପୁଷ୍ଟ ହୋଇଥାଏ ବୋଲି ସେମାନେ ମତ ଦେଇଥାଆନ୍ତି। ପିତା ଜାତୀୟ ଖାଦ୍ୟ ମଧ୍ୟରେ ନିମ୍ବପତ୍ର, ନିମ୍ବଫୁଲ ତଥା କଉରା ପତ୍ରକୁ ସିଝାଇ କିମ୍ବା ପତ୍ର ସାହାଯ୍ୟରେ ନିଆଁରେ ପୋଡି ଖାଇଥାଆନ୍ତି। ଫଳରେ ପେଟରୋଗ ଭଲ ହେବା ସଙ୍ଗେ ସଙ୍ଗେ ଶରୀରରେ ରକ୍ତ ବୃଦ୍ଧି ହୋଇଥାଏ। ଜଙ୍ଗଲରୁ ଶିକାର କରିଥିବା

ପଶୁ ମଧ୍ୟରେ ସମ୍ବର ମାଂସ ଖାଇବା ଦ୍ୱାରା ଶରୀରରେ ଶକ୍ତି ବୃଦ୍ଧି ହୋଇଥାଏ। ସୀମିତ ପରିମାଣରେ ହାଣ୍ଡିଆ ଓ ମହୁଲୀ ମଦ ପାନ କରିବା ଦ୍ୱାରା କାର୍ଯ୍ୟ କରିବାକୁ ଶକ୍ତି ଯୋଗାଇଥାଏ। କ୍ଷୀର ଖାଇବା ଦ୍ୱାରା ଶରୀରରେ ବଳ ହୋଇଥାଏ। ଅଟାକୁ ପିଠା ତିଆରି କରି ଖାଇବା, ପଖାଳଭାତ ତଥା ତୋରାଣୀ ଏବଂ ପେଜ ଖାଇବା ଦ୍ୱାରା ଶରୀର ବଳିଷ୍ଠ ହୋଇଥାଏ। ପଖାଳ ଭାତ ସହିତ ଶାଗଭଜା ଖାଇବା ଦ୍ୱାରା ଶରୀର ନିରୋଗ ହୋଇଥାଏ। ଏତଦ୍‌ବ୍ୟତୀତ ଜଙ୍ଗଲରୁ ସଂଗୃହୀତ ବିଭିନ୍ନ ପ୍ରକାର ଫଳମୂଳ, ପନିପରିବା ଖାଇବା ଦ୍ୱାରା ଶରୀର ହୃଷ୍ଟପୁଷ୍ଟ ହୋଇଥାଏ ବୋଲି ସେମାନେ ମତ ଦେଇଥାଆନ୍ତି।

ପାନୀୟ :

ଖାଦ୍ୟ ଭଳି ପାନୀୟର ଭୂମିକା ରାଜୁଆର ସମାଜରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାଧାରଣତଃ ପୁରୁଷମାନେ ଅତ୍ୟଧିକ ମାଦକ ପାନୀୟ ପାନ କରୁଥିବା ବେଳେ କେତେକ ସ୍ତ୍ରୀଲୋକେ ସ୍ୱଳ୍ପ ମାତ୍ରାରେ ମଦ୍ୟ ପାନ କରିଥାଆନ୍ତି। ବିଭିନ୍ନ ପର୍ବପର୍ବାଣିରେ ତଥା ବିବାହାଦି କାର୍ଯ୍ୟରେ ମଦ୍ୟପାନ କରିଥାଆନ୍ତି ଏମାନେ। ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରି ଭୋଜି ସମେତ ମଦ୍ୟପାନୀୟ ପ୍ରଦାନ ଦ୍ୱାରା ସମସ୍ତ କ୍ଲାନ୍ତି ଦୂର ହୋଇଥାଏ ବୋଲି ସେମାନେ ମତ ବ୍ୟକ୍ତ କରିଥାଆନ୍ତି। ବିଭିନ୍ନ ନୃତ୍ୟଗୀତାଦିରେ ମାଦକପାନୀୟର ବହୁଳ ବ୍ୟବହାର ହୋଇଥାଏ।

ରାଜୁଆରମାନେ ସାଧାରଣତଃ ଦୁଇ ପ୍ରକାରର ମାଦକ ପାନୀୟ ବ୍ୟବହାର କରିଥାଆନ୍ତି। ସେଗୁଡିକ ହେଲା ହାଣ୍ଡିଆ ଓ ମହୁଲୀ ମଦ। ପୂର୍ବରୁ ସେମାନେ ଏହି ମଦ ପ୍ରସ୍ତୁତ କରୁଥିବାର ଅନୁମାନ କରାଯାଏ। ମାଦକ ପାନୀୟ ମଧ୍ୟରୁ ପ୍ରଥମେ ହାଣ୍ଡିଆ ସଂପର୍କରେ ଆଲୋଚନା ନିମ୍ନମତେ କରାଗଲା ।

ପ୍ରସ୍ତୁତି:

ରାଜୁଆରମାନେ ସାଧାରଣତଃ ହାଣ୍ଡିଆ ପ୍ରସ୍ତୁତି ପାଇଁ ଉଷୁନାଚାଉଳ, ବାଖର, ଜଳ, ମାଟିହାଣ୍ଡି, ଖଜୁରୀ ପଟିଆ ଇତ୍ୟାଦି ଆବଶ୍ୟକ କରିଥାଆନ୍ତି । ପ୍ରଥମେ ଚାଉଳ ଏକଭାଗ ଏବଂ ପାଣି ଦୁଇଭାଗ ଦେଇ ମାଟି ହାଣ୍ଡିରେ ଭାତ ରନ୍ଧାଯାଇଥାଏ। ଭାତ ହୋଇସାରିବା ପରେ ସେହି ଭାତକୁ ପଟିଆ ଉପରେ ସମାନ ଭାବରେ ବିଛେଇ ଦିଆଯାଇଥାଏ । ଏକ ଛାଇ ଜାଗା ଦେଖି ପଟିଆ ଉପରେ ଦୁଇ ତିନିଥର ରନ୍ଧା ଭାତକୁ ଏକାଠି କରି ପୁନର୍ବାର ପୂର୍ବଭଳି ପଟିଆ ଉପରେ ସମାନ ଭାବରେ ବିଛାଯାଇଥାଏ।

ଭାତ ଥଣ୍ଡା ହୋଇସାରିବା ପରେ ଜଙ୍ଗଲରୁ ସଂଗୃହୀତ ଚେରମୂଳରୁ ପ୍ରସ୍ତୁତ ବାଖରକୁ ଗୁଣ୍ଡକରି ପଟିଆରେ ବିଛାଯାଇଥିବା ଭାତ ଉପରେ ସିଞ୍ଚନ କରାଯାଇଥାଏ । ଯେଉଁ ହାଣ୍ଡିରେ ଭାତ ରନ୍ଧାଯାଇଥାଏ ସେହି ହାଣ୍ଡିକୁ ପୁନର୍ବାର ଚୁଲିରେ ବସାଇ ଗରମ କରାଯାଏ ଏବଂ ପରେ ଥଣ୍ଡା କରାଯାଇଥାଏ। ତା'ପରେ ଖଜୁରୀ ପଟିଆରେ ଶୁଖାଯାଇଥିବା ଭାତକୁ ସେହି ହାଣ୍ଡିରେ ପୁନଃ ରଖାଯାଇଥାଏ। ଭାତ ଉପରେ ଏକ ମଗ ପାଣି ଦିଆଯାଇଥାଏ। ତା'ପରେ ଏକ ଘୋଡଣୀ ଘୋଡାଇ ଦିଆଯାଇଥାଏ। ତିନି କିମ୍ବା ଚାରି ଦିନ ପରେ ସେହି ଭାତ ହାଣ୍ଡିଆରେ ପରିଣତ ହୋଇଥାଏ। ସେହି ଭାତକୁ ଘାଣ୍ଟି ଗରମ କରିଦେଲେ ହାଣ୍ଡିଆ ପ୍ରସ୍ତୁତି ହୋଇଥାଏ। ହାଣ୍ଡିର ଉପର ଭାଗରେ ଥିବା ତରଳ ପଦାର୍ଥକୁ ହାଣ୍ଡିଆ କୁହାଯାଏ। ହାଣ୍ଡିର ନିମ୍ନ ଭାଗରେ ମୋଟା ଆକାରରେ କିଛି ରସ ବସି ଯାଇଥାଏ। ଉପର ଅଂଶ ଠାରେ ଏହି ଅଂଶରେ ଅଧିକ କଡା ଭାଗ ଥାଏ। ଏହାକୁ ଲସି ବୋଲି କହିଥାଆନ୍ତି । କାରଣ ବାଖର ଗୁଣ୍ଡ ସେହି ନିମ୍ନ ଅଂଶରେ ପ୍ରାୟତଃ ଅଧିକ ରହିଥାଏ। ଲସି ବେଶୀ ନିଶାଯୁକ୍ତ ହୋଇଥାଏ। ହାଣ୍ଡିଆ ଲସିଠାରୁ କମ୍ ନିଶାଯୁକ୍ତ ହୋଇଥାଏ। ହାଣ୍ଡିଆକୁ ଉଷୁମ ଥିବା ସମୟରେ ପାନ କରିବା ଦ୍ୱାରା ଅଧିକ ସ୍ୱାଦଯୁକ୍ତ ହୋଇଥାଏ। ଥଣ୍ଡା ଅବସ୍ଥାରେ ପାନ କଲେ ପେଟ ଥଣ୍ଡା ରହିଥାଏ। ବାହାର ହାଟ ବଜାରରେ ବିଶେଷତଃ ସାନ୍ତାଳ ଲୋକେ କାଚ ବୋତଲରେ ହାଣ୍ଡିଆକୁ ଭର୍ତ୍ତି କରି ବିକ୍ରୟ କରିଥାଆନ୍ତି। ହାଣ୍ଡିଆ ହାଣ୍ଡିକୁ ଧରି ନିକଟସ୍ଥ ହାଟ ବଜାରକୁ ଯାଇଥାଆନ୍ତି।

ବୟସ୍କ ପୁରୁଷ ଓ ମହିଳା, ବୃଦ୍ଧ ଓ ବୃଦ୍ଧା, ଯୁବକ ଓ ଯୁବତୀ ସମସ୍ତେ ହାଣ୍ଡିଆ ପାନ କରିଥାଆନ୍ତି। ଉତ୍ତମ ତଥା ସ୍ୱାସ୍ଥ୍ୟବାନ ଶିଶୁ ଜନ୍ମ ହେବା ପାଇଁ ଗର୍ଭବତୀ ମହିଳା ହାଣ୍ଡିଆକୁ ଔଷଧ ଭାବରେ ସେବନ କରିଥାଏ। ଶିଶୁଜନ୍ମର ନବମ ଦିବସ (ନାର୍ତ୍ତାଘାର) ଦିନ ଶିଶୁର ଅଜା କିମ୍ବା ଆଈ ଧାଈ ବୁଢ଼ୀ ଶିଶୁର ନାମକରଣ କରିଥାଆନ୍ତି। ସେହିଦିନ ଉପସ୍ଥିତ ପଡୋଶୀ ତଥା ନିମନ୍ତ୍ରିତ ବନ୍ଧୁବାନ୍ଧବ ତଥା ସଂପର୍କୀୟ ଲୋକମାନଙ୍କୁ ହାଣ୍ଡିଆ ପ୍ରଦାନ କରାଯାଇଥାଏ। ଶିଶୁଟିକୁ ଏକ ବର୍ଷ ହୋଇଗଲେ ପ୍ରଥମ ଥର ଅନ୍ନ ଖାଇବା ପାଇଁ 'ଅନ୍ନ ଛୁଆଣୀ' ଦିବସ ପାଳନ କରିଥାଆନ୍ତି। ଏହି ଉତ୍ସବରେ ଯୋଗଦେବା ପାଇଁ ବନ୍ଧୁବାନ୍ଧବ, ସଂପର୍କୀୟ ତଥା ପଡୋଶୀମାନଙ୍କୁ ଆମନ୍ତ୍ରଣ କରାଯାଇଥାଏ। ଭୋଜିଭାତ ସହିତ ସ୍ୱତନ୍ତ୍ର ଭାବରେ ହାଣ୍ଡିଆର ବ୍ୟବସ୍ଥା କରାଯାଇଥାଏ। ହାଣ୍ଡିଆକୁ ସମସ୍ତେ ମୁଖ୍ୟ ପାନୀୟ ହିସାବରେ ଗ୍ରହଣ କରିଥାଆନ୍ତି। ବର୍ଷ ମଧ୍ୟରେ ବିଭିନ୍ନ ପର୍ବପର୍ବାଣି ତଥା ପୂଜାପାଠମାନଙ୍କରେ ହାଣ୍ଡିଆର ବ୍ୟବହାର ହୋଇଥାଏ। ଧୂଳିଆ ପୂଜା, ଆଷାଢ଼ିପୂଜା, ଗହ୍ମାପର୍ବ, ନୂଆଖାଇ,

ଦଶ୍‌ରା, ଗୋବର୍ଦ୍ଧନ ପୂଜା, ମକରପର୍ବ, ମାଘ୍‌ପୂଜା, ଜାନ୍ତାଲ୍ ପୂଜା ଇତ୍ୟାଦି ମାନଙ୍କରେ ଉଭୟ ପୁରୁଷ ଓ ମହିଳା ହାଣ୍ଡିଆକୁ ପାନ କରି ନୃତ୍ୟ ଗୀତରେ ଆସର ଜମାଇ ଦେଇଥାଏ। ବିଭିନ୍ନ ପର୍ବପର୍ବାଣିରେ ଦେବାଦେବୀ ତଥା ଠାକୁର ଓ ଠାକୁରାଣୀ ଏବଂ ପୂର୍ବପୁରୁଷମାନଙ୍କୁ ପ୍ରଥମେ ହାଣ୍ଡିଆ ସମର୍ପଣ କରାଯାଇଥାଏ। ତା'ପରେ ଉଭୟ ପୁରୁଷ ଓ ମହିଳା ହାଣ୍ଡିଆକୁ ପାନ କରିଥାଆନ୍ତି। କୌଣସି ବ୍ୟକ୍ତିର ମୃତ୍ୟୁପରେ ଶୁଦ୍ଧିକ୍ରିୟା ଦିବସରେ ମୃତବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ହାଣ୍ଡିଆ ଅର୍ପଣ କରାଯାଇଥାଏ। ନିକଟସ୍ଥ ହାଟ ଓ ବଜାରରେ ହାଣ୍ଡିଆ ବହୁଳ ଭାବରେ ଉପଲବ୍ଧ। ଅଧିକାଂଶ ପୁରୁଷ ଓ ମହିଳା ହାଣ୍ଡିଆ ପାନ କରି ହାଟ ଓ ବଜାରରୁ ଘରକୁ ଫେରିଥାଆନ୍ତି। ମିଳିତ ଭାବରେ ମଧ୍ୟ ହାଟରେ ହାଣ୍ଡିଆ ପାନ କରିଥାଆନ୍ତି। ଏହିଭଳି ଭାବରେ ବିଭିନ୍ନ କ୍ଷେତ୍ରରେ ହାଣ୍ଡିଆର ବହୁଳ ବ୍ୟବହାର ହୋଇଥାଏ। ବର୍ତ୍ତମାନ କ୍ୱଚିତ୍ ରାଜୁଆର ଲୋକେ ହାଣ୍ଡିଆ ତିଆରି କରୁଥିବାର ଅନୁମାନ କରାଯାଏ।

ହାଣ୍ଡିଆ ପାନ କରିବା ଦ୍ୱାରା ବିଭିନ୍ନ କ୍ଷେତ୍ରରେ ମନୁଷ୍ୟର ଉପକାର ହୋଇଥାଏ। ସାଧାରଣତଃ କାର୍ଯ୍ୟକରି କ୍ଲାନ୍ତି ଅନୁଭବ କରୁଥିବା ସମୟରେ ହାଣ୍ଡିଆ ପାନ ମାଧ୍ୟମରେ କ୍ଲାନ୍ତି ଦୂରୀଭୂତ ହୋଇ କାର୍ଯ୍ୟ କରିବାର ଦକ୍ଷତା ବୃଦ୍ଧି ପାଇଥାଏ। ଏହା ପାନ କରିବା ଦ୍ୱାରା ହଜମକ୍ରିୟା ସହଜ ହୋଇଥାଏ, ଶରୀରରେ ସ୍ଫୁର୍ତ୍ତି ତଥା ବାକ୍ ଶକ୍ତି ବୃଦ୍ଧି ହୋଇଥାଏ। ସୁଖ ପ୍ରସବ ପାଇଁ ଗର୍ଭବତୀ ମହିଳାକୁ ହାଣ୍ଡିଆ ପିଇବାକୁ ଦିଆଯାଇଥାଏ । ଏହା ପାନ କରିବା ଦ୍ୱାରା ପ୍ରସବ ଜନିତ ଯନ୍ତ୍ରଣା ବହୁମାତ୍ରାରେ କମ୍ ହୋଇଥାଏ। ଯାହା ହେଉଥିବା ସମୟରେ ହାଣ୍ଡିଆକୁ ଅନ୍ତତଃ ପକ୍ଷେ ଦୁଇ ତିନିଥର ପାନ କରିବା ଦ୍ୱାରା ଝାଡା ରୋଗ ସଂପୂର୍ଣ୍ଣ ରୂପେ ଭଲ ହେବା ସଙ୍ଗେ ସଙ୍ଗେ ସଂପୃକ୍ତ ବ୍ୟକ୍ତି ପୂର୍ବାବସ୍ଥାକୁ ଫେରି ଆସିଥାଏ ବୋଲି ସେମାନେ ମତବ୍ୟକ୍ତ କରିଥାଆନ୍ତି। ଅତ୍ୟଧିକ ପେଟ ଗରମ ହେବା ଫଳରେ ପୁରୁଷମାନେ ଧାତୁକ୍ଷୟ ରୋଗର ସମ୍ମୁଖୀନ ହୋଇଥାଆନ୍ତି। ହାଣ୍ଡିଆକୁ ଏକ ସପ୍ତାହ ବ୍ୟାପି ପାନ କରିବା ଦ୍ୱାରା ଏହି ରୋଗ ସଂପୂର୍ଣ୍ଣ ରୂପେ ଭଲ ହୋଇଯାଇ ସଂପୃକ୍ତ ରୋଗୀ ପୂର୍ବାବସ୍ଥାକୁ ଫେରି ଆସିଥାଏ। ଏକ ସମ୍ମାନଜନକ ପାନୀୟ ହିସାବରେ ହାଣ୍ଡିଆକୁ ରାଜୁଆରମାନେ ପାନ କରିଥାଆନ୍ତି।

ହାଣ୍ଡିଆ ପାନ କରିବା ଦ୍ୱାରା ଯେତିକି ଉପକାର ହୋଇଥାଏ ସେତିକି ମଧ୍ୟ ଅପକାର ହୋଇଥାଏ । ହାଣ୍ଡିଆପାନ କରିବା ଦ୍ୱାରା ସାଧାରଣତଃ ମଣିଷ ତାହାର ହିତାହିତ ଜ୍ଞାନ ହରାଇ ବସିଥାଏ । ଅତ୍ୟଧିକ ପିଇବା ଦ୍ୱାରା ସଂପୃକ୍ତ ବ୍ୟକ୍ତି ନିଜର ଘରଦ୍ୱାର ଏବଂ ସନ୍ତାନସନ୍ତତିମାନଙ୍କ ପ୍ରତି ଦାୟିତ୍ୱହୀନ ହୋଇଯାଇଥାଆନ୍ତି । ଗାଡି ଚାଳକ ଅତ୍ୟଧିକ

ହାଣ୍ଡିଆ ପାନ କରିବା ଦ୍ୱାରା ସଠିକ ଭାବରେ ଗାଡି ଚଳାଇବା ତା' ପକ୍ଷେ ବ୍ୟାହତ ହୋଇଥାଏ । ଫଳତଃ ଦୁର୍ଘଟଣାର ସମ୍ଭାବନା ଅଧିକ ଥାଏ । ଚାଷୀ ମଧ୍ୟ ଠିକ୍ ଭାବରେ ଚାଷ କରି ନ ପାରି ଚାଷ କାମରେ ଧିମେଇ ଯାଇଥାଏ । ଅତ୍ୟଧିକ ହାଣ୍ଡିଆ ପିଇବା ଦ୍ୱାରା ମଣିଷର ରାଗଭାବ ବୃଦ୍ଧି ପାଇଥାଏ । ମଣିଷର କଥାବାର୍ତ୍ତାରେ ଶାଳୀନତା ରହେ ନାହିଁ । ଅତ୍ୟଧିକ ପାନ କରିବା ଦ୍ୱାରା ବ୍ୟକ୍ତି ଚରଳ ଝାଡାର ସମ୍ମୁଖୀନ ହୋଇ ଶେଷରେ ମୃତ୍ୟୁମୁଖରେ ପଡିବାର ସମ୍ଭାବନା ରହିଥାଏ । ଅତ୍ୟଧିକ ପାନ କରିବା ଦ୍ୱାରା ନିଶାରେ ଉବୁଟୁବୁ ହୋଇ ସାମାନ୍ୟ କଥାରେ ଝଗଡା ହୋଇ ନିଜ ସ୍ତ୍ରୀ, ପୁତ୍ରଙ୍କୁ ହରାଇ ବସେ । ବେଶୀ ପରିମାଣରେ ହାଣ୍ଡିଆ ପାନ କରିଥିବା ବ୍ୟକ୍ତି ସର୍ବଦା ନିଜର ବାକ୍ ସଂଜମତା ହରାଇ ବସିଥାଏ । କେଉଁ ଅଜଣା ସ୍ଥାନରେ ନିଶା ଘେରରେ ପଡିଯାଇଥାଏ । ନିଶା ଘେରରେ ଜୀବନ ତା'ର ସର୍ବଦା ବିପଦ ସଂକୁଳ ହୋଇଥାଏ । ମୃତ୍ୟୁ ତା' ପକ୍ଷେ ଅନିଶ୍ଚତତା ମନେ ହୋଇଥାଏ ।

ହାଣ୍ଡିଆ ଭଳି ମଦର ମଧ୍ୟ ରାଜୁଆର ସମାଜରେ ମଧ୍ୟମ ଧରଣର ବ୍ୟବହାର ହୋଇଥାଏ । ବିଭିନ୍ନ ସମୟରେ ଏମାନେ ମଦ୍ୟପାନ କରିଥାଆନ୍ତି । ଶ୍ରମଶ୍ରାନ୍ତ ଜୀବନରେ କ୍ଲାନ୍ତି ଦୂର କରିବା ପାଇଁ ତଥା ଶରୀରକୁ ସ୍ଫୁର୍ତ୍ତି କରିବା ସକାଶେ ଏମାନେ ମଦ୍ୟପାନ କରିଥାଆନ୍ତି । ରାଜୁଆରମାନେ ସାଧାରଣତଃ ମହୁଲରୁ ମଦ ତିଆରି କରିବା ଶିଖିଛନ୍ତି । ଏତଦ୍‌ବ୍ୟତୀତ ଚାଉଳ, ଗୁଡ, ଚିନି, ପଣସ, ସପୁରୀ, ଜାମୁ, ଡିମିରି, ଖଜୁରୀ, ତେନ୍ତୁଳୀ, କେନ୍ଦୁ ଇତ୍ୟାଦିରୁ ମଦ ପ୍ରସ୍ତୁତ କରାଯାଇପାରେ । ମଦ ପ୍ରସ୍ତୁତି ପାଇଁ କେତେକ ଉପକରଣ ବ୍ୟବହାର କରାଯାଇଥାଏ । ସେଗୁଡିକ ମଧ୍ୟରେ ମାଟିହାଣ୍ଡି, ଜାଳେଣି କାଠ, ବାଉଁଶନଳୀ, ମାଠିଆ, ମାଟି, ଗୋବର, ଚୁଲି ଇତ୍ୟାଦି ଆବଶ୍ୟକ ହୋଇଥାଏ ।

ପ୍ରଥମେ ଗୋଟିଏ ବଡ ମାଟିହାଣ୍ଡିରେ ଦୁଇଭାଗ ଜଳରେ ଏକଭାଗ ମହୁଲକୁ ଭିଜାଇ ଦିଆଯାଇଥାଏ। ମହୁଲ ଓ ପାଣି ଅନୁପାତକୁ ଲକ୍ଷ୍ୟକରି ବାଖରଗୁଣ୍ଡ ସେଥିରେ ମିଶ୍ରଣ କରାଯାଇ ମାଟିହାଣ୍ଡି ଉପରେ ଏକ ଢାଙ୍କୁଣୀ ରଖାଯାଇଥାଏ। ବାଖରଗୁଣ୍ଡ ପ୍ରଭାବରେ ମହୁଳ ଜଳରେ ଛଅ କିମ୍ବା ସାତ ଦିନ ମଧ୍ୟରେ ସଂପୂର୍ଣ୍ଣ ପଚି ଯାଇଥାଏ। ଗରମ ହୋଇ ପାଣି ଫୁଟିଲା ଭଳି ଜଳରେ ମଧ୍ୟ ମହୁଲ ଫୁଟିଥାଏ। ଫୁଟିବା ବନ୍ଦ ହୋଇଗଲେ ମହୁଲ ଜଳରେ ସଂପୂର୍ଣ୍ଣ ପଚିଯାଇଛି ବୋଲି ଧରାଯାଇଥାଏ। ଏହାପରେ ଜଳ ଉତ୍ସ ବା ଜଳକୁଣ୍ଡ ନିକଟରେ ଏକ ଚୁଲି କରାଯାଇଥାଏ। ପଚାମହୁଲ ଥିବା ହାଣ୍ଡିକୁ ଚୁଲି ଉପରେ ବସାଯାଇଥାଏ। ସେହି ହାଣ୍ଡି ଉପରେ ଅନ୍ୟ ଏକ ମାଟିହାଣ୍ଡିକୁ ତଳମୁହାଁ କରି ଢାଙ୍କୁଣି

ଭଳି ରଖିଦିଆଯାଇଥାଏ । ଉପର ହାଣ୍ଡିର ଏକ ପାର୍ଶ୍ୱରେ ଗୋଟିଏ ରନ୍ଧ୍ର କରାଯାଇଥାଏ। ବାଉଁଶନଳୀର ଏକ ପ୍ରାନ୍ତ ଏହି ହାଣ୍ଡିରେ କରାଯାଇଥିବା ରନ୍ଧ୍ର ସହିତ ସଂଯୁକ୍ତ କରାଯାଇଥାଏ । ବାଉଁଶନଳୀର ଅନ୍ୟ ପ୍ରାନ୍ତଟି ଜଳକୁଣ୍ଡ ମଧ୍ୟରେ ବା ଜଳ ମଧ୍ୟରେ ରଖାଯାଇଥିବା ମାଠିଆ ମୁହଁରେ ଯୋଗ କରାଯାଇଥାଏ । ଦୁଇ ହାଣ୍ଡିର ସଂଯୋଗ ସ୍ଥଳରୁ ମାଟି ଓ ଗୋବର ଦ୍ୱାରା ବନ୍ଦ୍ କରାଯାଇଥାଏ । ଜଳ ଉପରେ ଥିବା ମାଠିଆ ମୁହଁରେ ନଳୀ ସଂଯୋଗ ପରେ ମାଠିଆ ମୁହଁକୁ କପଡା କିମ୍ବା ପତ୍ର ଦ୍ୱାରା ଶକ୍ତ ଭାବରେ ବାନ୍ଧି ଦିଆଯାଇଥାଏ । ଯେପରିକି ବାୟୁ ଚଳାଚଳ ବନ୍ଦ୍ ହୋଇଥାଏ । ଏହାପରେ ଚୁଲିରେ କାଠ ଦେଇ ନିଆଁ ଜଳାଇବା ଫଳରେ ଆସ୍ତେ ଆସ୍ତେ ମହୁଲହାଣ୍ଡି ଗରମ ହୋଇଥାଏ । ଧୀରେ ଧୀରେ ହାଣ୍ଡିରେ ଥିବା ଜଳ ବାଷ୍ପ ହେବାକୁ ଲାଗିଥାଏ । ଜଳ ବାଷ୍ପ ହୋଇ ଉପରକୁ ଉଠିବାକୁ ଆରମ୍ଭ କରେ । ଉପରହାଣ୍ଡିର ଭିତର ପାଖରେ ବାଧାପ୍ରାପ୍ତ ହୋଇ ବାଉଁଶ ନଳୀ ମଧ୍ୟରେ ବାଷ୍ପ ପାଣି ଉପରେ ରଖାଯାଇଥିବା ମାଠିଆ ମଧ୍ୟରେ ପ୍ରବେଶ କରେ । ପାଣି ଉପରେ ରହିଥିବାରୁ ମାଠିଆଟି ପ୍ରାୟତଃ ଥଣ୍ଡା ଥାଏ । ବାଷ୍ପ ଥଣ୍ଡା ମାଠିଆ ସଂସ୍ପର୍ଶରେ ଆସିବା ପରେ ଜଳରେ ପରିଣତ ହୋଇଥାଏ । ଏକଭାଗ ପଚା ମହୁଲ ପାଇଁ ପ୍ରାୟ ଦୁଇଭାଗ ଜାଲେଣୀ ଆବଶ୍ୟକ ମୁତାବକ ଶେଷ ହୋଇଗଲେ ମାଠିଆରୁ ବାଉଁଶନଳୀକୁ ଅଲଗା କରି ମହୁଲରୁ ପ୍ରସ୍ତୁତ ମଦ ସଂଗ୍ରହ କରାଯାଏ । ସିଝା ମହୁଲକୁ ଫୋପାଡି ଦିଆଯାଇଥାଏ। ମହୁଲରୁ ପ୍ରସ୍ତୁତ ଏହି ମଦକୁ କାଚବୋତଲରେ ଭର୍ତ୍ତିକରି ସାଇତି ରଖାଯାଇଥାଏ। ନିଜେ ପିଇବା ସଙ୍ଗେ ସଙ୍ଗେ ବନ୍ଧୁବର୍ଗଙ୍କୁ ମଧ୍ୟ ବିଭିନ୍ନ ପୂଜାପାର୍ବଣ ତଥା ସାମାଜିକ ଉତ୍ସବମାନଙ୍କରେ ଆମନ୍ତ୍ରଣ କରି ସମ୍ମାନଜନକ ପାନୀୟ ଭାବରେ ପିଇବାକୁ ଦେଇଥାଆନ୍ତି । ସ୍ଥାନୀୟ ହାଟ ଓ ବଜାରରେ ବଳକା ମଦକୁ ବିକ୍ରି କରି କିଛି ମାତ୍ରାରେ ଅର୍ଥ ଉପାର୍ଜ୍ଜନ କରିଥାଆନ୍ତି। ମଦ ପ୍ରସ୍ତୁତ କ୍ଷେତ୍ରରେ ରାଢୁଆରମାନେ ସେତେ ଧୁରନ୍ଧର ନୁହଁନ୍ତି। ଅଳ୍ପ କେତେଜଣ ଲୋକ ମଦ ତିଆରି କରିଥାଆନ୍ତି।

ମଦଜାତୀୟ ପାନୀୟ ସେବନରେ ଉପକାର ଯେତିକି ସେହି ଅନୁପାତରେ ଅପକାର ବେଶୀ ହୋଇଥାଏ। ଅତ୍ୟଧିକ ମଦ୍ୟପାନ କରିବା କାରଣରୁ ବ୍ୟକ୍ତିର ରକ୍ତ ପତଳା ହୋଇ ଶରୀର କ୍ଷୀଣ ହୋଇଯାଇଥାଏ। ଫଳରେ ବ୍ୟକ୍ତି କାର୍ଯ୍ୟ କରିବାକୁ ଅକ୍ଷମ ପ୍ରକାଶ କରିଥାଏ। ମଦ୍ୟପାନ କରିବା ଦ୍ୱାରା ବ୍ୟକ୍ତି ନିଜର ହିତାହିତ ଜ୍ଞାନ ହରାଇ ବସିଥାଏ। ଫଳରେ କଥାବାର୍ତ୍ତାରେ ଶାଳୀନତା ରହେ ନାହିଁ । ଅତ୍ୟଧିକ ମଦ୍ୟପାନ କରିବା କାରଣରୁ ଲୋକେ ଚରଳଝାଡା ଓ ନାଳରକ୍ତ ଝାଡାରେ ଆକ୍ରାନ୍ତ ହୋଇଥାଆନ୍ତି । ଫଳରେ ଦିନକୁ

ଦିନ ଶରୀର ଦୁବଳ ହୋଇଯାଏ। ଅତ୍ୟଧିକ ମଦ୍ୟପାନ କରିବାରୁ ବ୍ୟକ୍ତି ଦୃଷ୍ଟିହୀନତା ରୋଗରେ ଆକ୍ରାନ୍ତ ହୋଇଥାଏ। ଫଳରେ କୌଣସି ବସ୍ତୁ ବ୍ୟକ୍ତିବିଶେଷକୁ ଚିହ୍ନିବାରେ ବ୍ୟାଘାତ ଉପୁଜିଥାଏ। ମଦ୍ୟପାନ ବାରମ୍ବାର କରିବା ଫଳରେ ପାକସ୍ଥଳୀ ଶୁଷ୍କ ହୋଇଯାଇ ଖାଦ୍ୟ ସେବନରେ ରୁଚି କମିଯାଇଥାଏ। ବ୍ୟକ୍ତି ନିଶା ଘୋରରେ ଅନ୍ୟମାନଙ୍କ କଥାରେ ରାଗିଯାଇ ଗଣ୍ଡଗୋଳ ସୂତ୍ରପାତ ଘଟାଇଥାଏ। ଟିକି ଟିକି କଥାରେ ନିଜ ସ୍ତ୍ରୀ ପୁତ୍ରମାନଙ୍କ ଉପରେ ପ୍ରହାର କରିଥାଏ। ଫଳରେ ପରିବାର ମଧ୍ୟରେ ଅଶାନ୍ତି ଦେଖାଦେଇଥାଏ। ମଦ ନିଶାରେ ବ୍ୟକ୍ତି ସର୍ବଦା ଅନ୍ୟର ଅନିଷ୍ଟ କରିବାକୁ ପ୍ରୟାସ କରିଥାଏ। ଅତ୍ୟଧିକ ପାନ କରିବା ଦ୍ୱାରା ବ୍ୟକ୍ତି ବିଭିନ୍ନ ବାତ ରୋଗରେ ଆକ୍ରାନ୍ତ ହୋଇଥାଏ। ମଦ୍ୟପାନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ବିଷୟ ଜାଣି ମଧ୍ୟ ବିଭିନ୍ନ ସମୟରେ ମଦପାନ କରିବାକୁ କେତେକ ବ୍ୟକ୍ତି ପଶ୍ଚାଦ୍‌ପଦ ହେଉ ନାହାନ୍ତି। ଅନେକ ଲୋକ ମଦ ପ୍ରସ୍ତୁତରେ ବାଖର ଜାତୀୟ ନିଶାଦଳ ମଧ୍ୟ ପ୍ରୟୋଗ କରିଥାଆନ୍ତି। ଏହା ମଧ୍ୟ ଶରୀରର ଅନେକ କ୍ଷତି ଘଟାଇଥାଏ। ମଦୁଆର ଜୀବନ ସର୍ବଦା ବିପଦପୂର୍ଣ୍ଣ। ଜୀବନ ପ୍ରତି ତାହାର ଭରସା ନ ଥାଏ। ଅତ୍ୟଧିକ ମଦ୍ୟପାନ ମଣିଷକୁ କୁପଥଗାମୀ କରିଥାଏ। ମଦ ଭଳି ଏକ ବଦଭ୍ୟାସ ବଳରେ ନିଜର ଜମିବାଡି ବିକ୍ରୟ କରି ମଦପାନ କରିଥାଏ। ଶେଷରେ ସେ ନିସ୍ୱ ହୋଇଯାଏ। ସମାଜରେ ମଦୁଆକୁ ବିଶେଷତଃ ଘୃଣା ଚକ୍ଷୁରେ ଦେଖିଥାଆନ୍ତି । ମଦୁଆକୁ କେହି ସେଭଳି ସମ୍ମାନ ପ୍ରଦର୍ଶନ କରି ନ ଥାଆନ୍ତି। ସ୍ଥାନ, କାଳ ଓ ପାତ୍ରକୁ ଭୁଲି ମଦୁଆମାନେ ମଦ୍ୟପାନ କରିଥାଆନ୍ତି। ଛୋଟ ଛୋଟ ପିଲାମାନଙ୍କ ପାଇଁ ମଦ୍ୟପାନକୁ ସଂପୂର୍ଣ୍ଣ ନିଷେଧ କରାଯାଇଛି। ଅତ୍ୟଧିକ ମଦ୍ୟପାନ ଯୋଗୁ ଅର୍ଥହାନୀ, ଶରୀରରେ କଷ୍ଟ ଓ ଯନ୍ତ୍ରଣା ଏବଂ ଅନ୍ୟମାନଙ୍କ ସହ କଳି ଝଗଡା ଦ୍ୱାରା ଶତ୍ରୁତା ବୃଦ୍ଧି ପାଇଥାଏ।

ହାଣ୍ଡିଆ ଓ ମହୁଲୀ ମଦ୍ୟପାନ ବ୍ୟତୀତ ରାଜୁଆରମାନେ ଧୂଆଁପତ୍ର ଗଞ୍ଜେଇ, ବିଡି, ସିଗାରେଟ୍, ଗୁଡାଖୁ ଇତ୍ୟାଦି ଖାଇବାରେ ଅଭ୍ୟସ୍ତ। ଏତଦ୍ ବ୍ୟତୀତ ବଜାରରୁ ବିଭିନ୍ନ ଗୁଟ୍‌ଖା କ୍ରୟକରି ସେବନ କରିଥାଆନ୍ତି। ଛୋଟ ବଡ ଓ ସ୍ତ୍ରୀ-ପୁରୁଷ ପ୍ରାୟତଃ ଦୋକ୍ତା ଖାଇଥାଆନ୍ତି। ଧୂଆଁପତ୍ରକୁ ଚୂର୍ଣ୍ଣ କରି ସେଥିରେ ଚୂନ ଦେଇ ଖାଇଥାଆନ୍ତି। ବଜାର କିମ୍ବା ହାଟରୁ ବାସ୍ନାଯୁକ୍ତ ବିଭିନ୍ନ ପ୍ରକାର ଗୁଣ୍ଡି ମଧ୍ୟ ଖାଇଥାଆନ୍ତି। ସ୍ତ୍ରୀଲୋକେ ସାଧାରଣତଃ ଗୁଣ୍ଡି, ଦୋକ୍ତା ଓ ପାନ ଖାଉଥିବାବେଳେ ପୁରୁଷମାନେ ସମସ୍ତ ପ୍ରକାର ନିଶାଦ୍ରବ୍ୟ ସେବନ କରିଥାଆନ୍ତି। ପୁରୁଷମାନେ ବିଡି, ସିଗାରେଟ ଓ ଗଞ୍ଜେଇ ଇତ୍ୟାଦିକୁ ଧୂମ୍ରପାନ ହିସାବରେ ଗ୍ରହଣ କରିଥାଆନ୍ତି।

ନିଶାଦ୍ରବ୍ୟ ସହିତ ରାଜୁଆରମାନେ ଓତଃପ୍ରୋତ ଭାବେ ଜଡିତ। କେତେକ ଲୋକ ନିଶାଦ୍ରବ୍ୟ ବ୍ୟବହାର କରିବାରେ ଅଭ୍ୟସ୍ତ। ନିଶାଦ୍ରବ୍ୟ ସେବନଦ୍ୱାରା ଦୁଃଶ୍ଚିନ୍ତା ଦୂର ହେବା ସଙ୍ଗେ ସଙ୍ଗେ ମନ ସ୍ଫୁର୍ତ୍ତି ହୋଇଥାଏ ବୋଲି ସେବନକାରୀମାନେ ମତ ଦେଇଥାଆନ୍ତି। ପାଟିର ଦୁର୍ଗନ୍ଧ ଦୂର କରିବା ପାଇଁ କେତେକ ନିଶା ଦ୍ରବ୍ୟକୁ ବ୍ୟବହାର କରାଯାଇଥାଏ ବୋଲି ମତ ଦେଇଥାଆନ୍ତି। ପରିବାର, ଜ୍ଞାତିକୁଟୁମ୍ବ ତଥା ବନ୍ଧୁବାନ୍ଧବମାନଙ୍କ ମଧ୍ୟରେ ମଧ୍ୟ କେତେକ ନିଶାଦ୍ରବ୍ୟ ଆଦାନ ପ୍ରଦାନ କରିବାରେ କୌଣସି ଆପତ୍ତି ନ ଥାଏ। ଭିନ୍ନ ଗୋଷ୍ଠୀର ଲୋକମାନଙ୍କ ଠାରୁ ମଧ୍ୟ ନିଶା କାରକ ଦ୍ରବ୍ୟ ମାଗିଥାଆନ୍ତି। ନିଶାସେବନକାରୀଙ୍କ ନିକଟରେ ଜାତି ଜାତି ମଧ୍ୟରେ କୌଣସି ପ୍ରଭେଦ ନ ଥାଏ। ଫଳରେ ଜଣେ ବ୍ୟକ୍ତି କୌଣସି ନିଶାକାରକ ଦ୍ରବ୍ୟ ସେବନ କରୁଥିବା ସମୟରେ ପାଖରେ ଉପସ୍ଥିତ ଥିବା ଲୋକଙ୍କୁ ତଥା ସାଙ୍ଗସାଥୀଙ୍କୁ ଯାଚି ଥାଆନ୍ତି। ଏଭଳି କରିବା ଦ୍ୱାରା ସେମାନଙ୍କ ମଧ୍ୟରେ ଭାତୃ ଭାବ ବୃଦ୍ଧି ସଙ୍ଗେ ସଙ୍ଗେ ଐକ୍ୟ ଭାବ ସୃଷ୍ଟି ହୋଇଥାଏ। ସାଧାରଣତଃ ରାଜୁଆରମାନେ ହାଟ ଓ ବଜାରରୁ ବିଭିନ୍ନ ନିଶାକାରକ ଦ୍ରବ୍ୟ କ୍ରୟ କରିଥାଆନ୍ତି। କେତେକ ବ୍ୟବସାୟୀ ମଧ୍ୟ ଏମାନଙ୍କୁ ନିଶା ଦ୍ରବ୍ୟ ବିକ୍ରୟ କରିଥାଆନ୍ତି। ଜଙ୍ଗଲରୁ ସଂଗୃହୀତ ମହୁଲଫୁଲକୁ ଏମାନେ ବାହାର ବେପାରୀମାନଙ୍କୁ ବିକ୍ରୟ କରିଥାଆନ୍ତି। ବେପାରୀମାନେ ସେମାନଙ୍କ ନିକଟକୁ ଯାଇ ଅଳ୍ପ ଦାମ୍‌ରେ କ୍ରୟ କରି ଆଣନ୍ତି। ସଂପୃକ୍ତ ଜିନିଷର ମୂଲ୍ୟ ନିର୍ଦ୍ଧାରଣ ରାଜୁଆରମାନେ ଜାଣି ନ ଥାଆନ୍ତି। ଫଳରେ ଠକେଇ ସେମାନଙ୍କ ଠାରୁ କମ୍ ଦାମ୍‌ଦେଇ ଜିନିଷ କ୍ରୟ କରିଥାଆନ୍ତି ବାହାରର ବେପାରୀମାନେ।

ବ୍ୟବହାରିକ ଦୃଷ୍ଟିକୋଣରୁ ବିଚାର କଲେ ନିଶାକାରକ ଦ୍ରବ୍ୟର ଗୁରୁତ୍ୱ ବେଶୀ ରହିଛି। ଘରକୁ ଆସିଥିବା ବନ୍ଧୁବାନ୍ଧବମାନଙ୍କୁ ଖାଦ୍ୟ ପାନୀୟରେ ସନ୍ତୁଷ୍ଟ କରିବା ପରେ କିଛି ଧୂମ୍ରପାନ ପ୍ରଦାନ କରିଥାଆନ୍ତି। ପାରମ୍ପରିକ ଗ୍ରାମସଭା ଆୟୋଜନକାରୀ ସମସ୍ତଙ୍କ ସମ୍ମାନାର୍ଥେ ଧୂମ୍ରପାନ ହିସାବରେ ବିଡି ବଣ୍ଟନ କରିଥାଆନ୍ତି । ଗଞ୍ଜେଇ ଓ ଅଫିମ ସେବନ କରୁଥିବା ବ୍ୟକ୍ତିମାନଙ୍କୁ ଗଞ୍ଜେଇ ଓ ଅଫିମ ପ୍ରଦାନ ମାଧ୍ୟମରେ ସହଜରେ ସେମାନଙ୍କୁ କରାୟତ କରାଯାଇପାରେ । ପିତୃପୁରୁଷମାନଙ୍କର ବିଭିନ୍ନ ନିଶାକାରକ ଦ୍ରବ୍ୟ ଅତି ପ୍ରିୟ ହୋଇଥିବାରୁ ବିଭିନ୍ନ ପୂଜାରେ ସେମାନଙ୍କୁ ଭୋଗ ନୈବେଦ୍ୟ ସହ ଏହି ନିଶାଦ୍ରବ୍ୟକୁ ଅର୍ପଣ କରାଯାଇଥାଏ ।

ନିଶାକାରକ ଦ୍ରବ୍ୟ ସେବନ କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ପକ୍ଷେ ନିଶାଦ୍ରବ୍ୟଗୁଡିକ କ୍ଷତି ଘଟାଇଥାଏ। ଧନରେ କ୍ଷତି ଜୀବନରେ ପୀଡା ହେଲା ଭଳି ନିଶାଦ୍ରବ୍ୟ ସେବନରେ

ଠିକ୍ ଚାହା ହୋଇଥାଏ । ପେଟ ରୋଗ ଓ ପାଟିରୋଗ ହୋଇଥାଏ । ସେମାନଙ୍କ ପାଟିରୁ ସର୍ବଦା ଦୁର୍ଗନ୍ଧ ବାହାରିଥାଏ । ଫଳରେ ସେମାନଙ୍କ ନିକଟରେ ଲୋକମାନେ ବସିବାକୁ ପସନ୍ଦ କରି ନ ଥାଆନ୍ତି । ସର୍ବଦା ନିଶାଖୋର ବ୍ୟକ୍ତିମାନେ ବିଭିନ୍ନ ପ୍ରକାର ଶରୀରରେ ଯନ୍ତ୍ରଣା ଭୋଗ କରିଥାଆନ୍ତି ।

ବିଭାଜନ :

କୌଣସି ସ୍ଥାବର ଏବଂ ଅସ୍ଥାବର ସଂପତ୍ତିକୁ ଅଧିକାର ପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ବଣ୍ଟନ କରାଯିବାକୁ ବିଭାଜନ ବା ଭାଗବ ବଣ୍ଟନ କରାଯାଇଥାଏ । କେତେକ ସଂପତ୍ତି ବଣ୍ଟନ ସାଧାରଣତଃ ବ୍ୟକ୍ତିଗତ, ପାରିବାରିକ ସ୍ତରରେ ବଣ୍ଟନ କରାଯାଉଥିବା ବେଳେ ଆଉ କେତେକ ସଂପତ୍ତି ଗ୍ରାମ କିମ୍ବା ଗୋଷ୍ଠୀ ସ୍ତରରେ ବଣ୍ଟନ କରାଯାଇଥାଏ । କୌଣସି ସଂପତ୍ତିର ଏକ ନିର୍ଦ୍ଦିଷ୍ଟ ଅଂଶକୁ ଉପଭୋଗ କରିବାପାଇଁ କେତେକ ସ୍ୱତନ୍ତ୍ର ବ୍ୟକ୍ତିଙ୍କର ଅଧିକାର ଥାଏ ।

ଜଙ୍ଗଲ ହେଉଛି ଏକ ପ୍ରାକୃତିକ ସମ୍ପଦ । ଗ୍ରାମ କିମ୍ବା ଗୋଷ୍ଠୀ ଦ୍ୱାରା ଅଧିକୃତ ହୋଇଥାଏ । ଜଙ୍ଗଲ ମଧ୍ୟରେ ସମସ୍ତେ ଅବାଧରେ ପ୍ରବେଶ କରି ପାରନ୍ତି । ଜଙ୍ଗଲକୁ ବ୍ୟକ୍ତିଗତ ଭାବେ ବଣ୍ଟନ କରାଯାଇ ନ ଥାଏ । ପୋଡୁଜମି ପାଇଁ ଜଙ୍ଗଲରୁ କେତେକ ଗଛ କାଟି କେତେକ ସ୍ଥାନ ଅଧିକାର କରିଥାଆନ୍ତି । ସଂପୃକ୍ତ ସ୍ଥାନରେ ସେମାନେ ପୋଡୁ ଚାଷ କରିଥାଆନ୍ତି । ସେହି ଜମିକୁ ଅନ୍ୟ କେହି ଅଧିକାର କରିପାରିନଥାଏ । ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାରେ ସମସ୍ତଙ୍କର ସମାନ ଅଧିକାର ରହିଥାଏ । ପାହାଡ ମଧ୍ୟ ଗ୍ରାମ ସ୍ତରରେ ଅଧିକୃତ ହୋଇଥାଏ । ପାହାଡକୁ ସମସ୍ତେ ମୁକ୍ତ ଭାବରେ ପ୍ରବେଶ କରିଥାଆନ୍ତି । ଜଙ୍ଗଲ ଏବଂ ପାହାଡ ରାଜୁଆରମାନଙ୍କ ମଧ୍ୟରେ ବଣ୍ଟନ କରାଯାଇନଥାଏ ।

ବ୍ୟକ୍ତିଗତ ଭାବରେ ଜମି, ବଗିଚା ଏବଂ ବୃକ୍ଷ ଭାଗ କରାଯାଇଥାଏ। ପିତାମାତା ବଞ୍ଚିଥିବା ଭାଇମାନେ ମିଳିମିଶି ଚଳିଥାଆନ୍ତି। ଧାନଚାଷଠାରୁ ଆରମ୍ଭ କରି ପନିପରିବା ଚାଷ ତଥା ଯାବତୀୟ କାର୍ଯ୍ୟରେ ସମ୍ମିଳିତ ହୋଇ କାର୍ଯ୍ୟ କରିଥାଆନ୍ତି । ଉତ୍ପାଦିତ ଶସ୍ୟ ତଥା ଅନ୍ୟାନ୍ୟ ଜିନିଷକୁ ସମସ୍ତେ ସମାନ ଭାବରେ ଉପଯୋଗ କରିଥାଆନ୍ତି। ସମସ୍ତ ସ୍ଥାବର ସଂପତ୍ତି ପିତାଙ୍କ ନାମରେ ସେତେବେଳେ ରହିଥାଏ। ଜମିବାଡି, ଘରଡିହ ଇତ୍ୟାଦି ପିତାଙ୍କ ନାମରେ ଥାଏ। ପିତାଙ୍କ ଅନ୍ତେ ପ୍ରାୟତଃ ଭାଇମାନେ ପରସ୍ପରଠାରୁ ଅଲଗା ରହିବାକୁ ପସନ୍ଦ କରଥାଆନ୍ତି। ବାପାଙ୍କର ସମସ୍ତ ସଂପତ୍ତି ଯଥା ; ଜମି, ଗୃହ, ବାଡି

ବଗିଚା, ଗଛ ଇତ୍ୟାଦି ଭାଇମାନଙ୍କ ମଧ୍ୟରେ ଭାଗ କରାଯାଇଥାଏ। ଗାଁର କେତେଜଣ ମୁଖିଆ ତଥା ଭଦ୍ରବ୍ୟକ୍ତିଙ୍କ ସମୁପସ୍ଥିତିରେ ତଥା ପରିବାରର ସମସ୍ତ ସଦସ୍ୟଙ୍କ ସହଯୋଗରେ ଭାଇମାନଙ୍କ ମଧ୍ୟରେ ସମସ୍ତ ସମ୍ପତ୍ତି ସମାନ ଭାବରେ ବଣ୍ଟନ କରାଯାଇଥାଏ। ପିତାମାତା ବଞ୍ଚିଥିଲେ ସେମାନଙ୍କୁ ମଧ୍ୟ ସମ୍ପତ୍ତିରୁ ଭାଗ ଦିଆଯାଇଥାଏ। ପିତାମାତାଙ୍କର ଦାୟିତ୍ୱ ବହନ କରିଥିବା ପୁଅ ସଂପୃକ୍ତ ସମ୍ପତ୍ତିର ଅଧିକାରୀ ହୋଇଥାଏ। ବଡପୁଅ ହିସାବରେ ସମ୍ପତ୍ତିରୁ କିଛି ଅଂଶ ଅଧିକା ଦିଆଯାଇଥାଏ। ପିତୃ ପୁରୁଷଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ସନ୍ତୁଷ୍ଟ କରିବାର ଗୁରୁଦାୟିତ୍ୱ ବହନ କରିଥିବାରୁ ବଡପୁଅକୁ ଅଧିକା ସମ୍ପତ୍ତି ଦିଆଯାଇଥାଏ। ପିତୃ ସମ୍ପତ୍ତିରୁ କୌଣସି ଭାଗ ଝିଅମାନଙ୍କୁ ଦିଆଯାଇ ନ ଥାଏ। ସମ୍ପତ୍ତି ବଣ୍ଟନ କ୍ଷେତ୍ରରେ ଝିଅମାନଙ୍କୁ ପ୍ରାୟତଃ ଗୁରୁତ୍ୱ ଦିଆଯାଇ ନ ଥାଏ। ଏତଦ୍ ବ୍ୟତୀତ ଗୃହପାଳିତ ପଶୁପକ୍ଷୀ ଭାଇମାନଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟା ଯାଇଥାଏ। ମାଆର ସମସ୍ତ ଗହଣାଗାଣ୍ଠି ତଥା ଅଳଙ୍କାର ସମୂହ ସ୍ୱଇଚ୍ଛାରେ ନିଜ ଝିଅମାନଙ୍କ ମଧ୍ୟରେ ବାଣ୍ଟି ଦେଇଥାଏ। ପୁଅମାନେ ଏହି ବଣ୍ଟନ କ୍ଷେତ୍ରରେ କୌଣସି ହସ୍ତକ୍ଷେପ କରି ନ ଥାଆନ୍ତି।

ରାଜୁଆର ସମାଜରେ ପୁଅମାନେ ବିବାହ କଲାପରେ ନିଜ ଭାଇମାନଙ୍କଠାରୁ ଅଲଗା ହୋଇ ନୂତନ ପରିବାର ସୃଷ୍ଟି କରିଥାଆନ୍ତି। ବିବାହ ସମୟରେ ଶ୍ୱଶୁରଘରୁ ପାଇଥିବା ସଂପତ୍ତିକୁ ନିଜେ ଉପଭୋଗ କରିଥାଆନ୍ତି। ଘର ଏବଂ ବାଡି ବଣ୍ଟନ ସମୟରେ ଗ୍ରାମସଭାର ନିଷ୍ପତ୍ତି କ୍ରମେ କେତେଜଣ ଭଦ୍ରଲୋକଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ସମାନ ଭାବରେ ଭାଇମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥାଏ। ପରିବାରରେ ଅନ୍ୟ ଭାଇମାନଙ୍କ ପରି ଯଦି ବିକଳାଙ୍ଗ ଭାଇ ଥାଏ, ତେବେ ସେ ମଧ୍ୟ ପିତୃସମ୍ପତ୍ତିର ସମାନ ଭାଗ ପାଇଥାଏ। ବିକଳାଙ୍ଗ ଭାଇର ଯିଏ ଯତ୍ନ ନେବାକୁ ଇଚ୍ଛା କରେ, ବିକଳାଙ୍ଗ ଭାଇର ଭାଗ ସଂପତ୍ତିକୁ ସେ ବ୍ୟବହାର କରିଥାଏ। ବିକଳାଙ୍ଗ ଭାଇର ସମସ୍ତ ଦାୟିତ୍ୱ ସେ ବହନ କରିଥାଏ।

ବିଭିନ୍ନ ସଂପତ୍ତି ବଣ୍ଟନ ସମୟରେ ଭାଇ ଭାଇଙ୍କ ମଧ୍ୟରେ କେତେକାଂଶରେ ଝଗଡା ସୃଷ୍ଟି ହୋଇଥାଏ । ତେଣୁ ପିତାମାତାଙ୍କ ମୃତ୍ୟୁ ପରେ ଶୁଦ୍ଧିକ୍ରିୟାର ଖର୍ଚ୍ଚ ପାଇଁ ବଣ୍ଟନ ସମୟରେ ପିତାମାତାଙ୍କ ଉଦ୍ଦେଶ୍ୟରେ ଜମିର କିଛି ଅଂଶ ରଖାଯାଇଥାଏ । ଏହି ଜମିକୁ ଭାଇମାନଙ୍କ ମଧ୍ୟଭାଗ କରାଯାଇ ନ ଥାଏ ।

ରାଜୁଆର ପୁରୁଷମାନେ ସାଧାରଣତଃ ଦଳଗତ ଭାବେ ଜଙ୍ଗଲକୁ ଶିକାର ଉଦ୍ଦେଶ୍ୟରେ ଯାଇଥାଆନ୍ତି । ଯେଉଁ ବ୍ୟକ୍ତିର ଅସ୍ତ୍ର ଆଘାତରେ ପଶୁ ନିହତ ହୋଇଥାଏ ସେହି ବ୍ୟକ୍ତିକୁ ସାଧାରଣ ମାଂସ ଭାଗ ସହିତ ପଶୁର ମୁଣ୍ଡକୁ ଅଧିକା ଭାଗ ହିସାବରେ

ଦିଆଯାଇଥାଏ । ଏତଦ୍ ବ୍ୟତୀତ ଶୀକାରକୁ ଯାଇଥିବା ଅନ୍ୟ ସମସ୍ତ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଶିକାର ପଶୁର ମାଂସକୁ ସମାନ ଭାବରେ ବଣ୍ଟନ କରାଯାଇଥାଏ ।

ଗ୍ରାମରେ ବର୍ଷ ମଧ୍ୟରେ ବିଭିନ୍ନ ପ୍ରକାର ପୂଜା ଗ୍ରାମଦେବତାଙ୍କ ପୀଠରେ ଅନୁଷ୍ଠିତ ହୋଇଥାଏ । ପୂଜାରେ ସାଧାରଣତଃ ଛେଳି, ଦୋଦା, କୁକୁଡା ଇତ୍ୟାଦି ବଳିଦାନ କରାଯାଇଥାଏ । ବଳି ଦିଆଯାଇଥିବା ପଶୁର ମାଂସକୁ ଗ୍ରାମବାସୀଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ କରାଯାଇଥାଏ । ଦେହୁରୀ ବଳି ଦିଆଯାଇଥିବା ପଶୁର ମୁଣ୍ଡକୁ ଭାଗ ଆକାରରେ ନେଇଥାଏ ଗ୍ରାମର ପୂଜକ ହିସାବରେ । ଏହିଭଳି ଭାବରେ ରାଜୁଆର ସମାଜରେ ବିଭିନ୍ନ ସ୍ତରରେ ସ୍ଥାବର ତଥା ଅସ୍ଥାବର ସଂପତ୍ତି ବଣ୍ଟନ କରାଯାଇଥାଏ ।

ଉତ୍ତରାଧିକାର :

କୌଣସି ସଂପତ୍ତି ବା ପଦର ଅଧିକାରୀଙ୍କର ମୃତ୍ୟୁ ପରେ କିମ୍ବା ପୂର୍ବରୁ ସଂପତ୍ତି ବା ପଦକୁ ଉପଭୋଗ ତଥା ଗ୍ରହଣ କରିବା ପାଇଁ ସଂପୃକ୍ତ ବ୍ୟକ୍ତିଙ୍କର ପୁଅମାନଙ୍କୁ ହସ୍ତାନ୍ତରଣକୁ ଉତ୍ତରାଧିକାର କୁହାଯାଏ । ପିତାଙ୍କ ଅନ୍ତେ ପୁତ୍ର ସମସ୍ତ ସଂପତ୍ତିର ଉତ୍ତରାଧିକାରୀ ହୋଇଥାଏ ।

ସାଧାରଣତଃ ଜଙ୍ଗଲ ଏବଂ ପାହାଡ ଗ୍ରାମ ଅଧିନରେ ଥାଏ । ସଂପୃକ୍ତ ଗ୍ରାମବାସୀମାନେ ଜଙ୍ଗଲ ଓ ପାହାଡର ଅଧିକାରୀ ହୋଇଥାଏ । ଜଙ୍ଗଲ ଏବଂ ପାହାଡକୁ କୌଣସି ବ୍ୟକ୍ତି ବିଶେଷକୁ ଉତ୍ତରାଧିକାର ସୂତ୍ରରେ ପ୍ରଦାନ କରାଯାଇ ନଥାଏ । ସ୍ୱତନ୍ତ୍ର ଭାବରେ ଗ୍ରାମବାସୀମାନେ ମୁକ୍ତ ଭାବରେ ଜଙ୍ଗଲ ଏବଂ ପାହାଡକୁ ଯାଇ ପାରନ୍ତି । ସାଧାରଣତଃ ବାପାଙ୍କ ମୃତ୍ୟୁପରେ ପୁଅ ଉତ୍ତରାଧିକାର ସୂତ୍ରରେ ପିତାଙ୍କ ସମସ୍ତ ସଂପତ୍ତିର ଅଧିକାରୀ ହୋଇଥାଏ । ଜମିଜମା, ଘରବାଡି, ଡିହ, ଗଛ ଇତ୍ୟାଦି ପରିବାରର ପୁଅମାନଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟନ କରାଯାଇଥାଏ । ମାଆଙ୍କ ଗହଣାଗାଣ୍ଠି ଓ ଅଳଙ୍କାର ଇତ୍ୟାଦିକୁ କେବଳ ଉତ୍ତରାଧିକାର ସୂତ୍ରରେ ଝିଅ ଗ୍ରହଣ କରିଥାଏ । ଝିଅକୁ ମାଆ ନିଜ ଇଚ୍ଛା ଅନୁସାରେ ଗହଣା ଓ ଅଳଙ୍କାରକୁ ପ୍ରଦାନ କରିଥାଏ ।

ବିବାହର କିଛି ବର୍ଷ ପରେ ଯଦି ବ୍ୟକ୍ତି କୌଣସି ପୁତ୍ର ସନ୍ତାନର ଅଧିକାରୀ ହୋଇନଥାଆନ୍ତି, ତେବେ ସେ ସଂପର୍କୀୟ ଲୋକଙ୍କ ଠାରୁ କୌଣସି ପୁତ୍ରକୁ ପୋଷ୍ୟପୁତ୍ର ହିସାବରେ ଗ୍ରହଣ କରିପାରେ କିମ୍ବା ଘରଜ୍ୱାଇଁ ହିସାବରେ ରଖିପାରେ । ପୋଷ୍ୟପୁତ୍ର ସଂପୃକ୍ତ ବ୍ୟକ୍ତିଙ୍କର ସମସ୍ତ ସଂପତ୍ତିର ଉତ୍ତରାଧିକାରୀ ହୋଇଥାଏ । ସେହିପରି ଘରଜ୍ୱାଇଁ

ରହିଥିବା ବ୍ୟକ୍ତି ମଧ୍ୟ ସମସ୍ତ ସଂପତ୍ତିର ଉତ୍ତରାଧିକାରୀ ହୋଇଥାଏ । ବାପାଙ୍କ ଅନ୍ତେ ବାପାଙ୍କର ବଡପୁଅ ସାଧାରଣତଃ ଘରର ମୁରବୀ ହୋଇଥାଏ । ସମସ୍ତ ପିତୃପୁରୁଷମାନଙ୍କୁ ଭୋଗନୈବେଦ୍ୟ ପ୍ରଦାନ ମାଧ୍ୟମରେ ସେମାନଙ୍କୁ ସନ୍ତୁଷ୍ଟ କରାଇବା ବଡପୁଅର କର୍ତ୍ତବ୍ୟ । ସେଥିପାଇଁ ବଡପୁଅକୁ ସାମାନ୍ୟ କିଛି ଅଧିକା ଭାଗ ଦିଆଯାଇଥାଏ ।

କେତେକ କ୍ଷେତ୍ରରେ ସଂପତ୍ତି ବଣ୍ଟନ ବେଳେ ଭାଇମାନେ ଯଦି ଇଚ୍ଛା ପ୍ରକାଶ କରିଥାଆନ୍ତି ବା ଭାଇମାନଙ୍କ ଅନୁମୋଦନ କ୍ରମେ ପିତୃ ସଂପତ୍ତି ଭଉଣୀକୁ ମଧ୍ୟ ଭାଗ ଦିଆଯାଇଥାଏ । ଏତଦ୍‌ବ୍ୟତୀତ ମାଆର ଗହଣା ଓ ଅଳଙ୍କାର ଉତ୍ତରାଧିକାର ସୂତ୍ରରେ ଝିଅ ଗ୍ରହଣ କରିବା ପାଇଁ ଯୋଗ୍ୟ ହୋଇଥାଏ । କିନ୍ତୁ ସାଧାରଣ କ୍ଷେତ୍ରରେ ପିତୃ ସଂପତ୍ତିରୁ ଝିଅକୁ କିଛି ଭାଗ ଦିଆଯାଇ ନ ଥାଏ ।

ରାଇୁଆର ସମାଜରେ ଗ୍ରାମ ଶାସନର ମୁଖ୍ୟ ହେଉଛନ୍ତି ପରମାଣିକ । ଗାଁର ଭଲମନ୍ଦ ବୁଝି ଥାଆନ୍ତି । ଏହାକୁ ସହଯୋଗ କରିବା ପାଇଁ ଛାଟିଆ (ଡାକୁଆ) ସମେତ କତେଜର ପୁରୁଖା ଭଦ୍ରଲୋକ ଥାଆନ୍ତି । ପରମାଣିକ ପଦଟି ଉତ୍ତରାଧିକାର ସୂତ୍ରରେ ଗ୍ରହଣ କରାଯାଇଥାଏ । ସଂପୃକ୍ତ ବ୍ୟକ୍ତିର ପୁତ୍ର ସନ୍ତାନ ନ ଥିଲେ ତାଙ୍କ ପରିବାରରୁ ବିଚାର ବୁଦ୍ଧିସଂପନ୍ନ ବ୍ୟକ୍ତିଙ୍କୁ ପରମାଣିକ ପଦରେ ଅଭିଷିକ୍ତ କରାନ୍ତି । ଡାକୁଆ ପଦଟି ମଧ୍ୟ ଉତ୍ତରାଧିକାରୀ ସୂତ୍ରରେ ଗ୍ରହଣ କରାଯାଇଥାଏ । ସଂପୃକ୍ତ ପଦରେ ଥିବା ବ୍ୟକ୍ତିର ପୁତ୍ର ପିତାଙ୍କ ଠାରୁ ସମସ୍ତ କାର୍ଯ୍ୟ ଅନୁକରଣ କରିଥାଏ । ଧର୍ମୀୟ କ୍ଷେତ୍ରରେ ଗ୍ରାମ ପୂଜାରୀ ଦେହୁରୀ ଗ୍ରାମଦେବତୀଙ୍କ ପୀଠରେ ବର୍ଷ ମଧ୍ୟରେ ବିଭିନ୍ନ ପୂଜାପାଠ କରିଥାଏ । ଦେହୁରୀ ସଙ୍ଗରେ ତାଙ୍କର ପୁଅ ମଧ୍ୟ ଦେହୁରୀଙ୍କର ବିଭିନ୍ନ କାର୍ଯ୍ୟକୁ ଅନୁସରଣ କରିଥାଏ । ଏହି ଦେହୁରୀ ପଦଟି ମଧ୍ୟ ଉତ୍ତରାଧିକାର ସୂତ୍ରରେ ଗ୍ରହଣ କରାଯାଇଥାଏ ।

ଉପରୋକ୍ତ ପଦଗୁଡିକୁ ବର୍ତ୍ତମାନ ଉତ୍ତରାଧିକାର ସୂତ୍ରରେ ଗ୍ରହଣ ନ କରି ଲୋକମତକୁ ବିଚାରକୁ ନିଆଗଲାଣି । ଦେହୁରୀ କାର୍ଯ୍ୟ କରିପାରୁଥିବା ଦକ୍ଷ ଲୋକକୁ ମଧ୍ୟ ମନୋନୀତ କରିଥାଆନ୍ତି ଏମାନେ । ସେହିପରି ଗ୍ରାମ ବିଚାର କ୍ଷେତ୍ରରେ ଉପଯୁକ୍ତ ନ୍ୟାୟ ପ୍ରଦାନ କରି ପାରୁଥିବା ତଥା ବିଚାରବନ୍ତ ଲୋକଙ୍କୁ ଗ୍ରାମ ଶାସନର ମୁଖ୍ୟ ବା 'ପରମାଣିକ'ଙ୍କୁ ଏମାନେ ମନୋନୀତ କରଥାଆନ୍ତି ।

■■

ରାଜନୈତିକ ସଙ୍ଗଠନ

ସମସ୍ତଙ୍କ ସହିତ ମିଳିମିଶି ଚଳିବା ପାଇଁ ମଣିଷ ସମାଜରେ ବସବାସ କରିଥାଏ । ସମାଜରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ତଥା ସମସ୍ତଙ୍କ ମଙ୍ଗଳ ପାଇଁ ସେ କେତେକ ନୀତିନିୟମ ତିଆରି କରିଥାଏ। ନୀତି ନିୟମକୁ ଆଧାର କରି ସମାଜର ସୁପରିଚାଳନା ପାଇଁ ଏକ ଅନୁଷ୍ଠାନ ଗଠନ କରାଯାଇଥାଏ । ସେହି ଅନୁଷ୍ଠାନ ବ୍ୟକ୍ତିକୁ ନିରାପତ୍ତା ତଥା ସହାୟତା ପ୍ରଦାନ କରିବାରେ ସମର୍ଥ ହୋଇଥାଏ । ଏହି ଅନୁଷ୍ଠାନକୁ ପରିଚାଳନା କରିବା ପାଇଁ କେତେକ ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଯାଇଥାଏ ।

ପୂର୍ବକାଳରେ ଆଦିବାସୀ ସମାଜରେ ରାଜ ରାଜୁଡା ଶାସନ ବ୍ୟବସ୍ଥା ଥିଲା । ଲୋକଙ୍କର ଭଲମନ୍ଦ ବୁଝିବା ରାଜାଙ୍କ ପକ୍ଷେ ଅସମ୍ଭବ ହେଉଥିଲା । ତେଣୁ ଗ୍ରାମ ଲୋକଙ୍କର ଭଲମନ୍ଦ ବୁଝିବା ତଥା ଗ୍ରାମର ପରିଚାଳନା ନିମନ୍ତେ ଜଣେ ମୁଖିଆ ତଥା ବିଚାରରେ ସହଯୋଗ କରିବା ପାଇଁ କେତେଜଣ ଭଦ୍ରଲୋକକୁ ନେଇ ଏକ ଅନୁଷ୍ଠାନ ଗଠନ କରାଯାଇଥିଲା । ଏହି ଅନୁଷ୍ଠାନ ମାଧ୍ୟମରେ ଗ୍ରାମର ଭଲମନ୍ଦ ବ୍ୟବସ୍ଥା ପରିଚାଳିତ ହେଉଥିଲା ଏବଂ ଏହାରି ମାଧ୍ୟମରେ ରାଜା ସମସ୍ତ କାର୍ଯ୍ୟ ବିଷୟରେ ଅବଗତ ହୋଇପାରୁଥିଲେ । କ୍ରମେ ଏହି ଅନୁଷ୍ଠାନ ପରମ୍ପରା ଉପରେ ପ୍ରତିଷ୍ଠିତ ହେଲା ।

ରାଜୁଆର୍ ସମାଜରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ 'ଗାଁଓ୍ୱେକ୍ ବିଚାର' ବୋଲି ପରିଚିତ । ଗୋଟିଏ ଜାଗାରେ ବସି ସମସ୍ତଙ୍କର ଭଲମନ୍ଦ କଥା ଆଲୋଚନା ଏବଂ ଗ୍ରାମର ମଙ୍ଗଳ ବିଷୟରେ ଆଲୋଚନା କରିବାକୁ ସେମାନେ ରାଜନୈତିକ ସଂଗଠନ ହିସାବରେ ବୁଝୁଥିଲେ। ସେ ସମୟରେ 'ଗାଁଓ୍ୱେକ୍ ବିଚାର' ଯୋଗୁଁ ପ୍ରକୃତରେ ଗ୍ରାମରେ ଶାନ୍ତି ଶୃଙ୍ଖଳା ରହୁଥିବାର ସେମାନେ ମତବ୍ୟକ୍ତ କରିଥାଆନ୍ତି । ସମୟର ଦ୍ରୁତ ପରିବର୍ତ୍ତନ ଫଳରେ ପ୍ରତ୍ୟେକ ସମାଜରେ ଆଧୁନିକ ପଞ୍ଚାୟତ ବ୍ୟବସ୍ଥା କାର୍ଯ୍ୟକାରୀ ହେବାରୁ ପାରଂପରିକ ଗ୍ରାମ ସଭାର ଗୁରୁତ୍ୱ ଆସ୍ତେ ଆସ୍ତେ କମିବାରେ ଲାଗିଛି । କେତେକ ଗ୍ରାମରେ 'ଗାଁଓ୍ୱେକ୍ ବିଚାର' ଅବଲୁପ୍ତ ପ୍ରାୟ । ଆଧୁନିକ ପଞ୍ଚାୟତ ବ୍ୟବସ୍ଥାକୁ ଗ୍ରହଣ କରିବାକୁ ବାଧ ହେଲେଣି । କେତେକ କ୍ଷେତ୍ରରେ ସେମାନେ ନିଜର ପରଂପରାକୁ ଭୁଲି ନୂତନତାକୁ ଗ୍ରହଣ କରିବାରେ ଆଗ୍ରହ ପ୍ରକାଶ କରିଥାଆନ୍ତି। ଗାଁଓ୍ୱେକ୍ ବିଚାରରେ ବିଚାର ମୁଖ୍ୟ ପରମାଣିକଙ୍କର ଭୂମିକା ଗ୍ରାମରେ ନାମକୁ ମାତ୍ର । ଲୋକମାନେ ପୁରୁଖା ହିସାବରେ

ମାନନ୍ତି କିନ୍ତୁ ଆଗଭଳି ତାଙ୍କର ଆଉ କ୍ଷମତା ନାହିଁ । ସେତେବେଳେ ରାଜନୈତିକ ପରିଷଦର କ୍ଷେତ୍ର ସୀମିତ ଥିବାବେଳେ ଆଧୁନିକ ପଞ୍ଚାୟତ ବ୍ୟବସ୍ଥା କାର୍ଯକାରୀ ହେବା ଫଳରେ ଏହାର କ୍ଷେତ୍ର ସୁଦୂର ପ୍ରସାରୀ ହୋଇପାରିଛି । ସେ ଯାହାହେଉ ସେମାନେ ଆଧୁନିକ ପଞ୍ଚାୟତ ବ୍ୟବସ୍ଥାକୁ ଗ୍ରହଣ କରିଛନ୍ତି । ଫଳରେ ପୂର୍ବ ସମୟରେଥିବା 'ଗାଁଓ୍ୱେକ୍ ବିଚାର'ର ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି ।

ଗାଁଓ୍ୱେକ୍ ବିଚାର ପରିଷଦର ଗଠନ :

ରାଜୁଆର୍ ଅଧ୍ୟୁଷିତ ପ୍ରତ୍ୟେକ ଗ୍ରାମରେ ପ୍ରାୟତଃ ଏହି ଗାଁଓ୍ୱେକ୍ ବିଚାର ରହିଥିଲା । ଗାଁଓ୍ୱେକ୍ ବିଚାରର ନୀତିନିୟମକୁ ଗ୍ରାମର ପ୍ରତ୍ୟେକ ଲୋକ ମାନୁଥିଲେ । ବର୍ତ୍ତମାନ ଗ୍ରାମବାସୀମାନଙ୍କରେ ଗ୍ରାମସଭା ବା 'ଗାଁଓ୍ୱେକ୍ ବିଚାର' ଅବଲୁପ୍ତ ପ୍ରାୟ । ପ୍ରତ୍ୟେକ ବିଚାର ପାଇଁ ଏକ ନିର୍ଭରଯୋଗ୍ୟ ଅନୁଷ୍ଠାନ ଭାବରେ 'ଗାଁଓ୍ୱେକ୍ ବିଚାର' କାର୍ଯ୍ୟ କରୁଥିଲା । ଏହି ବୈଠକର ଦୃଢ଼ୀକରଣ ପାଇଁ ଗ୍ରାମର କେତେଜଣ ମୁଖିଆ ଲୋକଙ୍କୁ ବିଚାର କ୍ଷେତ୍ରରେ ସ୍ଥାନ ଦିଆଯାଇଥିଲା । 'ଗାଁଓ୍ୱେକ୍ ବିଚାର'ର ସୁପରିଚାଳନା ପାଇଁ କେତେଜଣ ସଦସ୍ୟଙ୍କୁ ନେଇ ଏହା ଗଠନ କରାଯାଇଥାଏ । ଗ୍ରାମ ବିଚାରରେ ଜଣେ ମୁଖିଆ ଲୋକଙ୍କୁ ବିଚାର ମୁଖ୍ୟ ଭାବରେ ଲୋକେ ମନୋନୀତ କରିଥାଆନ୍ତି । ଯାହାକୁ ରାଜୁଆରମାନେ 'ପରମାଣିକ୍' ବୋଲି କହିଥାଆନ୍ତି । ସେହିଭଳି ଗ୍ରାମସଭାର ବାର୍ତ୍ତାବାହକ ବା ଡାକୁଆ ଭାବେ ଜଣେ କାର୍ଯ୍ୟ କରିଥାଏ । ଯାହାକୁ ଏମାନେ 'ଛାଟିଆ ବା ଡାକୁଆ' ବୋଲି କହିଥାଆନ୍ତି । ବିଚାର କ୍ଷେତ୍ରରେ ସହଯୋଗ କରିବା ପାଇଁ ଚାରି ପାଞ୍ଚ ଜଣ ପୁରୁଖା ଲୋକ ଏଥିରେ କାର୍ଯ୍ୟ କରିଥାଆନ୍ତି, ଯେଉଁମାନେ ଭଦ୍ରଲୋକ ହିସାବରେ ପରିଚିତ । ଏତଦ୍ ବ୍ୟତୀତ ଗ୍ରାମର କେତେକ ଲୋକ ମଧ୍ୟ ବିଚାର ସମୟରେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥାଆନ୍ତି ।

ରାଜୁଆର ସମାଜରେ ପାରମ୍ପରିକ ଗ୍ରାମସଭା ସଦସ୍ୟମାନଙ୍କର ଭୂମିକା ପରସ୍ପରଠାରୁ ଭିନ୍ନ । ସାଧାରଣତଃ ଗ୍ରାମ ବିଚାର ବା ରାଜନୈତିକ ମୁଖ୍ୟ ହିସାବରେ 'ପରମାଣିକ' କାର୍ଯ୍ୟ କରିଥାଆନ୍ତି । ପ୍ରତ୍ୟେକ ସଭାରେ ସେ ସଭାପତିତ୍ୱ କରିଥାଆନ୍ତି । ତାଙ୍କ ନିର୍ଦ୍ଦେଶରେ ସଭା ପରିଚାଳିତ ହୋଇଥାଏ । ତାଙ୍କ ଅନୁମତିକ୍ରମେ ସଭାର ଆୟୋଜନ ମଧ୍ୟ କରାଯାଇଥାଏ । ସେ ହିଁ ଅନ୍ତିମ ନିଷ୍ପତ୍ତି ଶୁଣାଇଥାଆନ୍ତି । ତାଙ୍କ ନିଷ୍ପତ୍ତିକୁ ଲୋକମାନେ ଉଚିତ୍ ବୋଲି ଭାବିଥାଆନ୍ତି ।

କାର୍ଯ୍ୟ ବାହକ ବା ଡାକୁଆ ଭାବରେ ସେ ପରମାଣିକଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ କାର୍ଯ୍ୟ କରିଥାଏ । ଗ୍ରାମସଭା ବସିବା ପୂର୍ବରୁ ଡାକୁଆ ଗ୍ରାମରୁ ଗୋଟିଏ ମୁଣ୍ଡରୁ ଅପର ମୁଣ୍ଡ ପର୍ଯ୍ୟନ୍ତ ଲୋକମାନଙ୍କୁ ଜଣାଇବା ପାଇଁ ପାଟି କରି ଡାକ ଛାଡିଥାଏ । ସଭାରେ ନିଷ୍ପତ୍ତି ବିଷୟ ଲୋକମାନଙ୍କୁ ମଧ୍ୟ ଜଣାଇଥାଏ । ଗ୍ରାମସଭାରେ ଡାକୁଆର ଭୂମିକା କମ୍ ନୁହେଁ ।

ବିଚାର ସମୟରେ ସହଯୋଗ କରିବା ପାଇଁ ଗ୍ରାମର ଚାରି ପାଞ୍ଚ ଜଣ ପୁରୁଖା ଲୋକ ମଧ୍ୟ ଉପସ୍ଥିତ ଥାଆନ୍ତି । ବିଚାରରେ ମଧ୍ୟ ଭାଗ ନେଇଥାଆନ୍ତି। ବିଚାର ହେଉଥିବା ମୋକଦ୍ଦମାର ଉଭୟ ପକ୍ଷଙ୍କୁ ପଚରାଉଚରା କରିଥାଆନ୍ତି । ଏମାନେ ବିଚାରରେ ବିଭିନ୍ନ ମତ ଦେଇଥାଆନ୍ତି । ଭଦ୍ରଲୋକେ ସଭାକୁ ଠିକ୍ ଭାବରେ ପରିଚାଳନା କରିଥାଆନ୍ତି ।

ରାଜୁଆର ସଂପ୍ରଦାୟରେ ଗୋତ୍ର କିମ୍ବା ବଂଶ ସ୍ତରୀୟ ରାଜନୈତିକ ମୁଖ୍ୟ କେହି ନ ଥିବାର ସେମାନେ ମତ ଦେଇଥାଆନ୍ତି। ଗ୍ରାମ ସ୍ତରରେ ରାଜନୈତିକ ମୁଖ୍ୟ ରହିଥାଆନ୍ତି । ବାର୍ତ୍ତାବାହକରୂପେ ନିଜ ସଂପ୍ରଦାୟର ଲୋକଙ୍କୁ ସେମାନେ ବାଛିଥାଆନ୍ତି। ବିଚାର କ୍ଷେତ୍ରରେ ଅନ୍ୟ ସଂପ୍ରଦାୟ ଲୋକଙ୍କ ସହିତ ସେଭଳି କୌଣସି ସଂପର୍କ ରହି ନ ଥାଏ । ପାରମ୍ପରିକ ରାଜନୈତିକ ପରିଷଦରେ ଅନ୍ୟ କୌଣସି ସଂପ୍ରଦାୟର ଲୋକଙ୍କୁ ସଭ୍ୟପଦ ଦିଆଯାଇ ନଥାଏ । ଗ୍ରାମ ସଭା ସମୟରେ ଅନ୍ୟ ସଂପ୍ରଦାୟର ଲୋକେ ଉପସ୍ଥିତ ହୋଇପାରନ୍ତି । ବିଚାରକୁ ମଧ୍ୟ ଶୁଣି ପାରନ୍ତି । ସ୍ଥାୟୀ ଭାବରେ ଅନ୍ୟ ସଂପ୍ରଦାୟର ଲୋକେ ସଦସ୍ୟ ହୋଇ ନ ଥାଆନ୍ତି ।

ରାଜୁଆର ସମାଜରେ ଗ୍ରାମ ପରିଷଦ ବା 'ଗାଁଓ୍ୱେକ୍ ବିଚାର'ରେ ସାଧାରଣତଃ ପରମାଣିକ୍ (ଗ୍ରାମ ଶାସନର ମୁଖ୍ୟ), ଛାଟିଆ ବା ଡାକୁଆ (ବାର୍ତ୍ତାବାହକ) ଏବଂ ଚାରି ପାଞ୍ଚ ଜଣ ପୁରୁଖା ଲୋକଙ୍କୁ ବୁଝାଇଥାଏ । ଏହିମାନେ ହିଁ ଗ୍ରାମସଭାକୁ ପରିଚାଳନା କରିଥାଆନ୍ତି । ଏମାନଙ୍କ ବିଷୟରେ ନିମ୍ନରେ ଆଲୋଚନା କରାଗଲା ।

ପରମାଣିକ୍ (ଗ୍ରାମ ମୁଖ୍ୟ) :

ପାରମ୍ପରିକ ଗ୍ରାମସଭା (ଗାଁଓ୍ୱେକ୍ ବିଚାର)ରେ ରାଜୁଆରମାନଙ୍କ ମଧ୍ୟରେ ଜଣେ ମୁଖିଆ ରହିଥାଆନ୍ତି । ସେ 'ପରମାଣିକ୍' ଭାବେ ପରିଚିତ । ଗ୍ରାମ ମୁଖ୍ୟ ବା ପରାମାଣିକ୍ ପଦଟି ପ୍ରାୟ ବଂଶାନୁକ୍ରମିକ । କେତେକ କ୍ଷେତ୍ରରେ ମଧ୍ୟ ଲୋକମାନେ

କେତେକ ବିଷୟକୁ ଲକ୍ଷ୍ୟରଖି ମଧ୍ୟ ଅନ୍ୟଜଣକୁ ମନୋନୀତ କରିଥାଆନ୍ତି । ପରମାଣିକ୍ ପଦପାଇଁ ସଂପୃକ୍ତ ବ୍ୟକ୍ତିଙ୍କର କେତେକ ଗୁଣଥିବା ଦରକାର । ଯଥା :

- ନିଶ୍ଚିତ ଭାବେ ସେ ଜଣେ ରାଜୁଆର ସଂପ୍ରଦାୟର ଲୋକ ହୋଇଥିବା ଦରକାର ।
- ସଂପୃକ୍ତ ପଦ ପାଇଁ ସେ ଜଣେ ପୁରୁଖା ଲୋକ ହୋଇଥିବା ଦରକାର ।
- ଆର୍ଥିକ ପରିସ୍ଥିତି ଭଲଥିବା ଦରକାର ।
- ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିବେ ଏବଂ ଲୋକମାନଙ୍କୁ ବୁଝାଇ ପାରୁଥିବାର ଦକ୍ଷତା ଥିବା ଦରକାର ।
- ମଧୁର ବଚନ କହି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରୁଥିବେ ।
- ସାମାଜିକ ନୀତିନିୟମ ସଂପର୍କରେ ଭଲଭାବରେ ଧାରଣା ଥିବା ଦରକାର ଏବଂ ବିବିଧ ସାମାଜିକ କାର୍ଯ୍ୟରେ ସହଯୋଗ କରୁଥିବା ଦରକାର ।
- ଗ୍ରାମର ଲୋକମାନେ ତାଙ୍କୁ ମାନୁଥିବା ଦରକାର ।
- ଦୃଢ଼ ଧର୍ମ ବିଶ୍ୱାସୀ ହୋଇଥିବା ଦରକାର ।
- ସେ ଜଣେ ନିଶାଖୋର ବ୍ୟକ୍ତି ହୋଇ ନ ଥିବେ ।
- ସେ ଜଣେ ପୋଷ୍ୟପୁତ୍ର ହୋଇନଥିବେ ଏବଂ ଜଣେ ପାଗଳ ହୋଇନଥିବେ ।
- ଆଗରୁ ବିଭିନ୍ନ ପ୍ରକାର ଗଣ୍ଡଗୋଳ ସମାଧାନ କରିଥିବାର ଅଭିଜ୍ଞତା ଥିବା ଦରକାର ।
- ସେବା ମନୋବୃତ୍ତି ଥିବା ଦରକାର ।
- ଉତ୍ତମ ବୁଦ୍ଧିସଂପନ୍ନ ବ୍ୟକ୍ତି ହୋଇଥିବା ଦରକାର ।
- ସଠିକ୍ ନ୍ୟାୟ ପ୍ରଦାନ କରିବାରେ ଅଭିଜ୍ଞତା ଥିବା ଦରକାର ।

ଯେଉଁ ବ୍ୟକ୍ତିଙ୍କ ପାଖରେ ଏହିସବୁ ବ୍ୟକ୍ତିତ୍ୱ ତଥା ଗୁଣର ସମୂହ ରହିଥାଏ ସେ ପରମାଣିକ୍ (ଗ୍ରାମମୁଖ୍ୟ) ଭାବରେ ମନୋନୀତ ହୋଇଥାଆନ୍ତି । ସଂପୃକ୍ତ ପରମାଣିକ ଭାବରେ ମନୋନୀତ ବ୍ୟକ୍ତିଙ୍କର ପୁତ୍ର ହିଁ ଏହି ପଦର ଉତ୍ତରାଧିକାରୀ ହୋଇଥାଏ । ଏମାନଙ୍କର ମନୋନୟନ ପାଇଁ କୌଣସି ସ୍ୱତନ୍ତ୍ର ପଦ୍ଧତି ନ ଥାଏ । ପରମାଣିକ ସ୍ୱତନ୍ତ୍ର ଧରଣର ପୋଷାକ ପରିଧାନ କରି ନ ଥାଆନ୍ତି । ଅନ୍ୟ ପୁରୁମୋନଙ୍କ ଭଳି ସେ ମଧ୍ୟ ପୋଷାକ ପରିଧାନ କରିଥାଆନ୍ତି ।

କାର୍ଯ୍ୟକଳାପ :

- ଗ୍ରାମ ମୁଖ୍ୟ ହିସାବରେ ପରମାଣିକ୍ କେତେକ କର୍ତ୍ତବ୍ୟ ସଂପାଦନ କରିଥାଆନ୍ତି । ସେଥି ମଧ୍ୟରୁ କେତେକ କାର୍ଯ୍ୟ ନିମ୍ନରେ ପ୍ରଦତ୍ତ ହେଲା ।
- ବିଚାର ମୁଖ୍ୟ ହିସାବରେ ପ୍ରତ୍ୟେକ ସଭାରେ ସେ ନିଜେ ହିଁ ସଭାପତିତ୍ୱ କରିଥାଆନ୍ତି ।
- ସାମୁହିକ ଭାବରେ ପର୍ବପର୍ବାଣି ପାଳନର ଅବ୍ୟବହିତ ପୂର୍ବରୁ ଛାଟିଆ ବା ଡାକୁଆକୁ ନିର୍ଦ୍ଦେଶ ଦେଇ ବୈଠକ ଆହ୍ୱାନ କରିଥାଆନ୍ତି ।
- ରାଜନୈତିକ ପରିଷଦ ବା ଗାଁଓ୍ୱେକ୍ ବିଚାରରେ କୌଣସି ମୋକଦ୍ଦମାର ବଚାର ପରେ ଅନ୍ତିମ ରାୟ ନିଜେ ଦେଇଥାଆନ୍ତି ।
- ଗ୍ରାମସଭାରେ ଉପସ୍ଥିତ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ କୌଣସି ଦୋଷୀକୁ ଦଣ୍ଡ ସ୍ୱରୂପ ତୁଳସୀପତ୍ର, ତମ୍ବା ପଇସା, ଦୂବଘାସ ଇତ୍ୟାଦି ସହାହତାରେ ନିଜେ ପରମାଣିକ୍ ସପଥପାଠ କରାଇଥାଆନ୍ତି ।
- ଗ୍ରାମ ସ୍ତରରେ ବିଭିନ୍ନ ପର୍ବପାଳନ ପାଇଁ ବୈଠକ ଆହ୍ୱାନ କରିବା ସହିତ ଅନ୍ୟମାନଙ୍କ ସହାୟତାରେ ଚାନ୍ଦାର ପରିମାଣ ସ୍ଥିର କରିଥାଆନ୍ତି
- ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବାପାଇଁ ପରମାଣିକ ନିଜେ ନିର୍ଦ୍ଦେଶ ଦେଇଥାଆନ୍ତି ।
- ବିଚାର କ୍ଷେତ୍ରରେ ନିରପକ୍ଷ ନୀତି ଅବଲମ୍ବନ କରିଥାଆନ୍ତି ।
- ସମସ୍ତଙ୍କୁ ସମାନଦୃଷ୍ଟିରେ ଦେଖିବା ସହ ନିରପେକ୍ଷ ନ୍ୟାୟ ପ୍ରଦାନ କରିଥାଆନ୍ତି ।

ଏତଦ୍ ବ୍ୟତୀତ ଶୁଦ୍ଧିକ୍ରିୟା ଏବଂ ବିବାହ ଦିବସରେ ସଂପୃକ୍ତ ବ୍ୟକ୍ତି ଘରେ ଉପସ୍ଥିତ ରହି ପ୍ରତ୍ୟେକ କାର୍ଯ୍ୟକୁ ତଦାରଖ କରିଥାଏ । ଏହିଦିନ ଆମିଷଭାତ ଖାଇବା ପୂର୍ବରୁ ପରମାଣିକ ପୂଜା କରିଥାଏ । ପରେ ସମସ୍ତେ ଭୋଜି ଖାଇଥାଆନ୍ତି । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗିଲେ ସେଠାରେ ପରମାଣିକ ସମାଧାନ କରିଦେଇଥାଆନ୍ତି। ପରମାଣିକଙ୍କ ଅନୁପସ୍ଥିତିରେ କୌଣସି ଗୁରୁତ୍ୱପୂର୍ଣ୍ଣ ମୋକଦ୍ଦମା ବିଚାର କରାଯାଇନଥାଏ।

ସାଧାରଣତଃ ରାଜୁଆର ସମାଜରେ ଗ୍ରାମସଭା ବା ଗାଁଓ୍ୱେକ ବିଚାରରେ ପରମାଣିକ୍‌ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗ୍ରାମ ବିଚାରର ମୁଖ୍ୟ ହିସାବରେ

ଗ୍ରାମବାସୀମାନେ ତାଙ୍କୁ ସମ୍ମାନ କରିଥାଆନ୍ତି। ପୁରୁଖା ଲୋକ ହିସାବରେ ତାଙ୍କର କଥାକୁ ସମସ୍ତେ ମାନିଥାଆନ୍ତି। ପରମାଣିକଙ୍କ ଉପରେ ଲୋକମାନଙ୍କର ଗଭୀର ବିଶ୍ୱାସ ରହିଥାଏ। ସ୍ୱାଧୀନ ଏବଂ ନିରପେକ୍ଷ ଭାବେ ବିଚାର କରୁଥିବାରୁ ପରମାଣିକଙ୍କୁ ଲୋକମାନେ ଆଦର କରିଥାଆନ୍ତି। ଏହିଭଳି ଭାବରେ ଗ୍ରାମସଭାର ମୁଖ୍ର ବିଚାରପତି ପରମାଣିକ ସଦାସର୍ବଦା ସର୍ବସମ୍ମାନୀତ ଏବଂ ସର୍ବଜନ ପ୍ରଶଂସିତ ହୋଇଥାଆନ୍ତି। ପ୍ରତ୍ୟେକ ଲୋକ ପରମାଣିକଙ୍କୁ ବିବିଧ କାର୍ଯ୍ୟରେ ସହଯୋଗ କରିଥାଆନ୍ତି।

ଗ୍ରାମ ମୁଖିଆ ହିସାବରେ ପରାମାଣିକ୍ ପ୍ରତ୍ୟେକ ଲୋକଙ୍କୁ ଭଲ ପାଇଥାଆନ୍ତି । ସମସ୍ତ ଲୋକଙ୍କୁ ସମାନ ଦୃଷ୍ଟିରେ ଦେଖିଥାଆନ୍ତି । ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ମନୋଭାବ ନେଇ ବିଭିନ୍ନ କାର୍ଯ୍ୟରେ ଯୋଗ ଦେଇଥାଆନ୍ତି। ବିବାହ ଏବଂ ଶୁଦ୍ଧିକ୍ରିୟାରେ ପରାମାଣିକ୍ ଉପସ୍ଥିତ ରହି ପ୍ରତ୍ୟେକ କାର୍ଯ୍ୟକୁ ତଦାରଖ କରିଥାଆନ୍ତି। ଗ୍ରାମସ୍ତରୀୟ ପୂଜା ଠିକ୍ ଭାବରେ କରିବା ପାଇଁ ମଧ୍ୟ ଦେହୁରୀକୁ ନିର୍ଦ୍ଦେଶ ଦେଇଥାଆନ୍ତି। ଗ୍ରାମ ଲୋକମାନଙ୍କର ଉନ୍ନତି ପାଇଁ ସଦାସର୍ବଦା ପ୍ରୟାସ କରିଥାଆନ୍ତି। ଲୋକମାନଙ୍କର ସହଯୋଗ ନେଇ ବିଭିନ୍ନ ମୋକଦ୍ଦମା ବିଚାର କରିଥାଆନ୍ତି । ଅଧିକାଂଶ କ୍ଷେତ୍ରରେ ଗ୍ରାମଲୋକଙ୍କୁ ବୁଝାଇ ସୁଝାଇ ଉଚିତ୍ ମାର୍ଗରେ ପରିଚାଳିତ ହେବାପାଇଁ ମାର୍ଗ ପ୍ରଦର୍ଶନ କରିଥାଆନ୍ତି ।

ଛାଟିଆ ବା ଡାକୁଆ :

ରାଜୁଆର ସମାଜରେ ପାରଂପରିକ ଗ୍ରାମସଭା (ଗାଁଓ୍ୱେକ୍ ବିଚାର)ରେ ବାର୍ତ୍ତାବାହାକ ରୂପେ ଯିଏ କାର୍ଯ୍ୟ କରିଥାଏ, ସେ ବ୍ୟକ୍ତି ଛାଟିଆ (ଡାକୁଆ) ଭାବେ ପରିଚାଳିତ। ଛାଟିଆ ପଦଟି ବଂଶାନୁକ୍ରମିକ ହୋଇଥାଏ। କେତେକ କ୍ଷେତ୍ରରେ ଗ୍ରାମର ଲୋକମାନେ ମଧ୍ୟ ଛାଟିଆ ପଦ ପାଇଁ ଜଣେ ବ୍ୟକ୍ତିକୁ ମନୋନୀତ କରିଥାଆନ୍ତି। ପରାମାଣିକଙ୍କୁ ସହଯୋଗ କରିବା ପାଇଁ ଛାଟିଆ (ଡାକୁଆ) ପଦ ପାଇଁ ନିମ୍ନସ୍ଥ କେତେକ ଗୁଣ ଥିବା ଦରକାର।

- ଛାଡିଆ (ଡାକୁଆ) ପଦ ପାଇଁ ବ୍ୟକ୍ତି ନିଶ୍ଚିତ ଭାବରେ ରାଜୁଆର ସଂପ୍ରଦାୟର ହୋଇଥିବା ଆବଶ୍ୟକ ।
- ସେ ଜଣେ ବିଶେଷତଃ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବା ଦରକାର ।
- ସେ ଜଣେ ସୁସ୍ଥ ସବଳ ବ୍ୟକ୍ତି ହୋଇଥିବା ଦରକାର ।

- ଗ୍ରାମର ସମସ୍ତ ଲୋକଙ୍କ ସହିତ ଉତ୍ତମ ସଂପର୍କ ରକ୍ଷା କରିଥିବା ଦରକାର ।
- ସେ ଜଣେ ସୁସ୍ଥ ସବଳ ବ୍ୟକ୍ତି ହୋଇଥିବେ।
- ଗ୍ରାମର ସମସ୍ତ ଲୋକଙ୍କ ସହିତ ଉତ୍ତମ ସଂପର୍କ ରକ୍ଷା କରୁଥିବେ ।
- ସେ କର୍ମଠ ତଥା ଆଦେଶ ପାଳନ କରିବା ପାଇଁ ଯୋଗ୍ୟ ହୋଇଥିବେ।
- ସେ ଜଣେ ଭଦ୍ର, ନମ୍ର, ଅମାୟିକ ତଥା ନ୍ୟାୟବାନ ହୋଇଥିବା ଦରକାର।
- ସେ ଜଣେ ପାଗଳ, ତଥା ନିଶାଖୋର ଅଥବା ମଦ୍ୟପ ହୋଇନଥିବେ ।
- ଗ୍ରାମର ସୁରକ୍ଷା ଦାୟିତ୍ୱ ତୁଲାଇ ପାରୁଥିବେ ସଙ୍ଗେ ସଙ୍ଗେ ଜଣେ ଦୃଢ ବିଶ୍ୱାସୀ ହୋଇଥିବେ ।
- ଉଚ୍ଚସ୍ୱରରେ ଗ୍ରାମ ମଧ୍ୟରେ ଡାକି ପାରୁଥିବେ ।

ଏହିସବୁ ଗୁଣ ତଥା ବ୍ୟକ୍ତିତ୍ୱ ସଂପନ୍ନ ବ୍ୟକ୍ତିଙ୍କୁ ଛାଟିଆ (ଡାକୁଆ) ଭାବରେ ମନୋନୀତ କରିଥାଆନ୍ତି । ଛାଟିଆ ବା ଡାକୁଆ ମନୋନୟନ ପାଇଁ କୌଣସି ସ୍ୱତନ୍ତ୍ର ଧରଣର ପଦ୍ଧତି ନଥାଏ । ଛାଟିଆ ବା ଡାକୁଆ ଭାବରେ ମନୋନୀତ ବ୍ୟକ୍ତିଙ୍କର ପୁତ୍ର ହିଁ ଏହି ପଦରେ ଉତ୍ତରାଧିକାରୀ ହୋଇଥାଏ । ସାଧାରଣ ଲୋକଙ୍କ ଭଳି ଛାଟିଆ ବା ଡାକୁଆ ପୋଷାକ ପରିଧାନ କରିଥାଏ ।

ଗ୍ରାମସଭା ବା 'ଗାଁଓ୍ୱେକ୍ ବିଚାର'ରେ ଡାକୁଆର ଭୂମିକା ବିଷୟରେ ନିମ୍ନରେ ପ୍ରଦାନ କରାଗଲା ।

- ଗ୍ରାମର ମୁଖ୍ୟ ତଥା ପାରଂପରିକ ରାଜନୈତିକ ପରିଷଦର ପ୍ରମୁଖ ପରାମାଣିକ୍‌ଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟ କରିଥାଏ।
- ଗ୍ରାମ ସଭା ବୈଠକ ପାଇଁ ଗ୍ରାମବାସୀମାନଙ୍କୁ ଜଣାଇବା ପାଇଁ ଗ୍ରାମ ସାରା ବୁଲି ବୁଲି ଉଚ୍ଚ ସ୍ୱରରେ ପାଟିକରି ଡାକିଥାଏ।
- ଗ୍ରାମ ସଭାର ଅନ୍ୟାନ୍ୟ ପୁରୁଖା ଭଦ୍ରବ୍ୟକ୍ତିଙ୍କ କଥା ମଧ୍ୟ ମାନିଥାଏ।
- ଜଣେ ସରଳ ବ୍ୟକ୍ତି ହିସାବରେ ସମସ୍ତଙ୍କଠାରେ ବିଶ୍ୱସ୍ତ ହୋଇଥାଏ।
- ବୈଠକ ସମୟରେ ଉପସ୍ଥିତ ଭଦ୍ରବ୍ୟକ୍ତି ତଥା ବିଚାର ମୁଖ୍ୟଙ୍କର ଆଜ୍ଞାପାଳନ କରିଥାଏ।

- ମୋକଦ୍ଦମା ବିଚାର କ୍ଷେତ୍ରରେ ଉଭୟ ପକ୍ଷର ଆସାମୀମାନଙ୍କୁ ତଥା ସଂପୃକ୍ତ ସାକ୍ଷୀମାନଙ୍କୁ ଅନ୍ୟ ସହାୟତାରେ ଡାକିଥାଏ ।
- ଗ୍ରାମସଭାରେ ବିଚାରକମଣ୍ଡଳୀ ବସିବା ପାଇଁ ଖଜୁରୀ ପଟି କିମ୍ବା ପାଲ କିମ୍ବା ଦରି ପୂର୍ବରୁ ବିଛାଇ ଦେଇଥାଏ ।
- ବୈଠକ ପାଇଁ ବ୍ୟବହୃତ ବିଭିନ୍ନ ଜିନିଷକୁ ସଠିକ୍ ଭାବରେ ତଥା ଉପଯୁକ୍ତ ସ୍ଥାନରେ ରଖିଥାଏ ।
- ବୈଠକ ମଝିରେ ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ପାଇଁ ଜଳପାନ ଇତ୍ୟାଦି ଯୋଗାଇବା ଦାୟିତ୍ୱ ବହନ କରିଥାଏ ।
- କୌଣସି ମୋକଦ୍ଦମାରେ ଉଭୟ ପକ୍ଷର ମହିଳାମାନଙ୍କୁ ସେମାନଙ୍କ ଘରେ ଛାଡି ଆସିବା ଦାୟିତ୍ୱ ବହନ କରିଥାଏ ।

ଏହିଭଳି ବିଭିନ୍ନ କାର୍ଯ୍ୟ ଛାଟିଆ ବା ଡାକୁଆ ଗ୍ରାମ ସଭାରେ ତୁଲାଇ ଥାଏ ।

ଛାଟିଆ ଜଣେ ସାଧାରଣ ଗ୍ରାମବାସୀ ହିସାବରେ ଗ୍ରାମରେ ଚଳିଥାଏ । ଗ୍ରାମର ଖବର ସଦା ସର୍ବଦା ଗ୍ରାମବାସୀଙ୍କ ନିକଟରେ ପହଞ୍ଚାଇ ଦେଇଥାଏ । ସମସ୍ତଙ୍କ ସହିତ ଉତ୍ତମ ସଂପର୍କ ରକ୍ଷା କରିଥାଆନ୍ତି । ଛାଟିଆ ମଧ୍ୟ ସମସ୍ତଙ୍କୁ ଭଲପାଇଥାଏ । ସମସ୍ତଙ୍କର ବିଶ୍ୱାସ ଭାଜନ ହୋଇଥାଏ। ଅତି ସରଳ ହୋଇଥିବାରୁ କାହାରି କଥାରେ ପ୍ରତ୍ୟୁତ୍ତର କରି ନ ଥାଏ । କାହା ସହିତ ସେ କଳି ଝଗଡା କରି ନ ଥାଏ । ଲୋକମାନେ ମଧ୍ୟ ଛାଟିଆକୁ ବହୁତ ଆଦର କରିଥାଆନ୍ତି । ଛାଟିଆକୁ ମଧ୍ୟ ସମସ୍ତେ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥାଆନ୍ତି । ବିଭିନ୍ନ ସାମାଜିକ କାର୍ଯ୍ୟରେ ମଧ୍ୟ ଛାଟିଆକୁ ଲୋକମାନେ ଡାକିଥାଆନ୍ତି । ଛାଟିଆ ମଧ୍ୟ ବିଭିନ୍ନ କାର୍ଯ୍ୟରେ ଉପସ୍ଥିତ ହୋଇ କେତେକ କାର୍ଯ୍ୟରେ ସହଯୋଗ କରିଥାଏ । ଗ୍ରାମବାସୀଙ୍କ ମଙ୍ଗଳ ପାଇଁ ଗ୍ରାମସଭା ପାଇଁ ବିବିଧ କାର୍ଯ୍ୟ କରିଥିବା ଯୋଗୁ ଛାଟିଆକୁ ଗ୍ରାମ ତରଫରୁ ବର୍ଷ ଶେଷରେ କିଛି ପାରିଶ୍ରମିକ ଆକାରରେ ଧାନ ଦେଇଥାଆନ୍ତି । ଧାନକଟା ସମୟରେ ଲୋକମାନେ ମଧ୍ୟ ଧାନ 'ହଲା' ଦେଇଥାଆନ୍ତି । ଧାନକେରାକୁ ବାନ୍ଧି ଏହି ହଲା ଦେଇଥାଆନ୍ତି । ବିଭିନ୍ନ ପର୍ବପର୍ବାଣିମାନଙ୍କରେ ଡାକୁଆକୁ ଲୋକମାନେ ପିଠାପଣା ଦେଇଥାଆନ୍ତି । କୌଣସି ଲୋକଙ୍କ କଥାକୁ ଅବମାନନା କରି ନ ଥାଏ । ଲୋକମାନେ ତାକୁ ଆଦର କରିଥାଆନ୍ତି ।

ପାରମ୍ପରିକ ରାଜନୈତିକ ପରିଷଦ ବା ଗାଁଓ୍ୱେକ୍ ବିଚାର ଅନେକ କାର୍ଯ୍ୟ ସଂପାଦନ କରିଥାଏ। ପାରମ୍ପରିକ ଗ୍ରାମସଭା ରାଜନୈତିକ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଗ୍ରାମରେ ବ୍ୟକ୍ତିମାନଙ୍କ ମଧ୍ୟରେ ଉପୁଜୁଥିବା ବିବିଧ ଗଣ୍ଡଗୋଳର ସମାଧାନ ଏହି ଗ୍ରାମସଭାରେ କରାଯାଇଥାଏ। ବିଭିନ୍ନ ପ୍ରକାର ଗଣ୍ଡଗୋଳ ମଧ୍ୟରେ ଜମିବାଡି ବଣ୍ଟନ ସଂକ୍ରାନ୍ତୀୟ, ପାରିବାରିକ ଦ୍ୱନ୍ଦ୍ୱ, ଚୋରି, ଶିକାର ସମ୍ବନ୍ଧୀୟ, ଗୃହ ନିର୍ମାଣ ଇତ୍ୟାଦି ବିଷୟ ଗ୍ରାମ ସଭାରେ ବିଚାର କରାଯାଇଥାଏ। ଲୋକମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିଥାଏ। ଦୋଷୀକୁ ମଧ୍ୟ ଉଚିତ ଦଣ୍ଡ ପ୍ରଦାନ କରିଥାଏ।

ଗ୍ରାମ ସ୍ତରରେ ବିଭିନ୍ନ ପୂଜା ପାଳନ ବିଷୟ, ଚାନ୍ଦା ଆଦାୟର ପନ୍ଥା, ବ୍ୟକ୍ତିମାନଙ୍କୁ ଦାୟିତ୍ୱ ଦେବା ବିଷୟ ମଧ୍ୟ ଗ୍ରାମସଭାରେ ଆଲୋଚନା ହୋଇଥାଏ। ସେହି ଅନୁସାରେ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥାଏ। ଗ୍ରାମ ସଭା ମାଧ୍ୟମରେ ଲୋକମାନଙ୍କଠାରୁ ଚାନ୍ଦା ଆଦାୟ କରାଯାଇଥାଏ। ଗ୍ରାମରେ କୌଣସି ମହାମାରୀ ରୋଗ ଦେଖାଦେଲେ ତା'ର ନିରାକରଣ ବିଷୟ ମଧ୍ୟ ଗ୍ରାମସଭାରେ ଆଲୋଚନା କରାଯାଇ ଉଚିତ୍ ପଦକ୍ଷେପ ଗ୍ରହଣ କରାଯାଇଥାଏ। ସାମାଜିକ ଶୃଙ୍ଖଳା ରକ୍ଷାକରି ଲୋକମାନଙ୍କ ମନରୁ ଦ୍ୱନ୍ଦ୍ୱ, ହିଂସା ଦୂର କରି ବନ୍ଧୁତା ସୃଷ୍ଟି କରିବା ପାଇଁ ଉଚିତ୍ ମାର୍ଗ ଦର୍ଶନ କରିଥାଏ । ଗ୍ରାମସଭାରେ ଦୋଷୀ ପାଇଁ ଦଣ୍ଡନୀତି ପ୍ରୟୋଗ ଫଳରେ ଲୋକମାନେ ଉଚିତ୍ ମାର୍ଗରେ ପରିଚାଳିତ ହେବାପାଇଁ ପ୍ରେରଣା ଯୋଗାଇଥାଏ। ନିଜ ସଂପ୍ରଦାୟ ବ୍ୟତୀତ ଯଦି କୌଣସି ବ୍ୟକ୍ତି ଭିନ୍ନ ସଂପ୍ରଦାୟରେ ବିବାହ କରିଥାଏ, ବିବିଧ ପର୍ବପର୍ବାଣି ପାଳନରେ ବ୍ୟାଘାତ ସୃଷ୍ଟି କରିଥାଏ, ଏହିଭଳି ସମାଜ ବିରୋଧ କାର୍ଯ୍ୟକଲେ ଗ୍ରାମ ସଭାର ଏହାର ବିଚାର କରାଯାଇଥାଏ। ସମାଜର ନୀତିନିୟମକୁ ଅବମାନନା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଗ୍ରାମସଭା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଏ।

ଅର୍ଥନୈତିକ କ୍ଷେତ୍ରରେ ଗ୍ରାମସଭା ମୋକଦ୍ଦମାରେ ଉପଯୁକ୍ତ ଦୋଷୀ ସାବ୍ୟସ୍ତ ପରେ ଦୋଷୀଙ୍କଠାରୁ ଆର୍ଥିକ ଦଣ୍ଡ ସ୍ୱରୂପ କିଛି ଜୋରିମାନା ଆଦାୟ କରାଯାଏ। ଗ୍ରାମସ୍ତରୀୟ ପୂଜାଗୁଡିକରେ ଗ୍ରାମସଭା ଲୋକମାନଙ୍କଠାରୁ ଚାନ୍ଦା ଆଦାୟ କରିଥାଏ ଏବଂ ପୂଜାରେ ଆବଶ୍ୟକ ଅର୍ଥ ଖର୍ଚ୍ଚ କରିଥାଏ। ପିତାମାତା ନ ଥିବା ପିଲାର ଆବଶ୍ୟକତାକୁ କିଛି ମାତ୍ରାରେ ଏହି ପାରମ୍ପରିକ ଗ୍ରାମସଭା ସହାୟକ ପ୍ରଦାନ କରିଥାଏ। ଏତଦ୍‌ବ୍ୟତୀତ ଗ୍ରାମ ସ୍ତରରେ କୌଣସି ଉନ୍ନତିମୂଳକ କାର୍ଯ୍ୟପାଇଁ ମଧ୍ୟ କିଛି ଅର୍ଥ ଖର୍ଚ୍ଚ କରିଥାଏ।

ଗ୍ରାମସଭା ତରଫରୁ ଖାଇବା ପିଇବା ବ୍ୟବସ୍ଥା କରାଯାଇଥାଏ। ଦୋଷୀଙ୍କ ଠାରୁ ଜୋରିମାନା ଆଦାୟ ସହ ଲୋକମାନଙ୍କ ପାଇଁ ଭୋଜିଭାତର ମଧ୍ୟ ବ୍ୟବସ୍ଥା କରାଯାଇଥାଏ। ଗ୍ରାମସଭାରେ ଗଣ୍ଡଗୋଳ ସମାଧାନ କରିବା ସହିତ ଏହିଭଳି ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ କରାଯାଇଥାଏ।

ପାରମ୍ପରିକ ଗ୍ରାମ ସଭା ବା ଗାଁୱେକ୍ ବିଚାର ବସିବା ପାଇଁ ରାଜୁଆର ସମାଜରେ ସ୍ୱତନ୍ତ୍ର ଧରଣର ଗୃହ ନ ଥାଏ। ଯେତେବେଳେ କୌଣସି ବିଷୟରେ ଆଲୋଚନା କରିବାକୁ ପଡେ ସେତେବେଳେ ଗ୍ରାମର ମଝି ଦାଣ୍ଡରେ କିମ୍ବା କୌଣସି ବ୍ୟକ୍ତିର ଗୃହ ଅଗଣାରେ କିମ୍ବା କୌଣସି ପିଣ୍ଡା କିମ୍ବା ବାରଣ୍ଡାରେ ଆୟୋଜନ କରିଥାଆନ୍ତି । ପ୍ରାୟତଃ ଗ୍ରାମଦାଣ୍ଡରେ ବସି ଅଧିକାଂଶ ବିଚାର କରାଯାଇଥାଏ । ସଭା ପୂର୍ବରୁ ପରମାଣିକ ବା ଗ୍ରାମ ମୁଖ୍ୟଙ୍କ ନିର୍ଦ୍ଦେଶରେ ଛାଟିଆ ବା ଡାକୁଆ ଗ୍ରାମସଭାର ଆୟୋଜନ କରିଥାଏ । ସାଧାରଣତଃ ପରମାଣିକ ବସିବା ସ୍ଥାନର ମଝିରେ ବସିଥାଆନ୍ତି । ତାଙ୍କର ଗୋଟିଏ ପାର୍ଶ୍ୱରେ ଚାରି ପାଞ୍ଚ ଜଣ ପୁରୁଖା ଭଦ୍ରଲୋକ ବସିଥାଆନ୍ତି । ଅନ୍ୟ ପାର୍ଶ୍ୱରେ ଛାଟିଆ ବା ଡାକୁଆ ବସିଥାଏ । ବୈଠକରେ ବସିବା ପାଇଁ ସଂପୃକ୍ତ ସ୍ଥାନରେ ଖଜୁରୀ ପଟି କିମ୍ବା ଦରି ବ୍ୟବହାର କରାଯାଇଥାଏ । ଛାଟିଆ ଖଜୁରୀ ପଟିକୁ ସେହି ବୈଠକ ସ୍ଥାନରେ ପୂର୍ବରୁ ବିଛାଇ ଦେଇଥାଏ । ବୈଠକରେ ଉପସ୍ଥିତ ଭଦ୍ର ବ୍ୟକ୍ତିମାନଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଥାଏ। ନିମନ୍ତ୍ରିତ ଭଦ୍ରବ୍ୟକ୍ତିଙ୍କ ପାଇଁ ଦୋକ୍ତାବୁନର ବ୍ୟବସ୍ଥା ମଧ୍ୟ କରାଯାଇଥାଏ। ପରାମାଣିକଙ୍କ ନିର୍ଦ୍ଦେଶକ୍ରମେ ଡାକୁଆ ଗ୍ରାମର ଲୋକମାନଙ୍କୁ ବୈଠକ ପୂର୍ବରୁ ଡାକିଥାଏ । ଗ୍ରାମବାସୀମାନେ ବିଚାର ଶୁଣିବା ପାଇଁ ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ଚତୁଃପାର୍ଶ୍ୱରେ ଘେରିହୋଇ ବସିଥାଆନ୍ତି ।

ନିଷ୍ପତ୍ତି ପ୍ରକ୍ରିୟା :

ଗ୍ରାମମୁଖ୍ୟ ପରାମାଣିକଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମରେ ଯେକୌଣସି ସମୟରେ ଗ୍ରାମସଭା ବସିଥାଏ। ଏହି ସଭାରେ ପରମାଣିକଙ୍କ ସମେତ ଡାକୁଆ, ପୁରୁଖା ଚାରି ପାଞ୍ଚ ଜଣ ଭଦ୍ରଲୋକ ଏବଂ ଉପସ୍ଥିତ ଗ୍ରାମବାସୀ ବୃନ୍ଦଙ୍କ ଗହଣରେ ସଭାକାର୍ଯ୍ୟ ଆରମ୍ଭ ହୋଇଥାଏ। ବୈଠକରେ ସମସ୍ତେ ବସିବା ପରେ ପ୍ରଥମେ ବିଚାର ମୁଖ୍ୟ ପରାମାଣିକ ବୈଠକର ଉଦ୍ଦେଶ୍ୟ ସଂପର୍କରେ ଜାଣିବା ପାଇଁ ଛାଟିଆକୁ ପ୍ରଶ୍ନ କରିଥାଆନ୍ତି। ପରାମାଣିକଙ୍କ ନିର୍ଦ୍ଦେଶ କ୍ରମେ ଛାଟିଆ ସଠିକ ଭାବରେ ବୈଠକର ଉଦ୍ଦେଶ୍ୟ ସଂପର୍କରେ ଜଣାଇ ଥାଆନ୍ତି। ବୈଠକ ଆରମ୍ଭ ହେବା ପୂର୍ବରୁ ଏହା ଏକ ସର୍ବସାଧାରଣ ବୈଠକ

ବୋଲି ଘୋଷଣା କରିଥାଆନ୍ତି। ବୈଠକରେ ଉପସ୍ଥିତ ବ୍ୟକ୍ତିମାନଙ୍କର ସ୍ୱାଧୀନ ଭାବରେ ମତବ୍ୟକ୍ତ କରିବାର ଅଧିକାର ଥିବାର ବିଷୟ ମଧ୍ୟ ଘୋଷଣା କରିଥାଆନ୍ତି। ଅଦ୍ୟ ସଭାର ସଭାପତିଙ୍କ ଅନୁମତି କ୍ରମେ ପ୍ରତ୍ୟେକ ଲୋକ ସ୍ୱ ସ୍ୱ ମତ ପ୍ରକାଶ କରିପାରନ୍ତି। ଯଦି ସଭାକାର୍ଯ୍ୟ ଗୋଷ୍ଠୀଗତ ନ ହୋଇ କୌଣସି ବ୍ୟକ୍ତିଙ୍କ ଅଭିଯୋଗ ଅନୁଯାୟୀ ଆହ୍ୱାନ କରାଯାଇଥାଏ, ତେବେ ଉଭୟ ପକ୍ଷର ଆସାମୀଙ୍କୁ ସ୍ୱତନ୍ତ୍ର ଭାବରେ ଛାଟିଆ ଦ୍ୱାରା ଡକାଯାଇଥାଏ। ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ସମ୍ମୁଖରେ ପରାମାଣିକ୍ ପ୍ରଥମ ପକ୍ଷଙ୍କୁ ଗଣ୍ଡଗୋଳ ବିଷୟ ଜାଣିବା ପାଇଁ ପଚାରିଥାଆନ୍ତି। ପରାମାଣିକଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଥମପକ୍ଷ ଗଣ୍ଡଗୋଳ ବିଷୟରେ ସଂପୂର୍ଣ୍ଣ ବ୍ୟାଖ୍ୟା କରିଥାଆନ୍ତି। ଏହାପରେ ଦ୍ୱିତୀୟ ପକ୍ଷର ପାଳି ପଡିଥାଏ। ପରାମାଣିକଙ୍କ ନିର୍ଦ୍ଦେଶ କ୍ରମେ ଘଟଣାର ଆମୂଳଚୂ ବର୍ଣ୍ଣନା କରିଥାଆନ୍ତି ଦ୍ୱିତୀୟପକ୍ଷ। ଉଭୟ ପକ୍ଷର ବିବରଣୀକୁ ଉପସ୍ଥିତ ବିଚାରକମଣ୍ଡଳୀ ଏବଂ ଗ୍ରାମବାସୀ ନୀରବରେ ଶୁଣିଥାଆନ୍ତି। ଆବଶ୍ୟକ ସ୍ଥଳେ ଉଭୟ ପକ୍ଷର ସାକ୍ଷୀମାନଙ୍କଠାରୁ ମଧ୍ୟ ଜମାନବନ୍ଦୀ ନିଆଯାଇଥାଏ। ଉଭୟପକ୍ଷଠାରୁ ସଂପୂର୍ଣ୍ଣ ବିବରଣୀ ଶୁଣିବା ପରେ ଉପସ୍ଥିତ ଭଦ୍ରବ୍ୟକ୍ତି ତଥା ବିଚାରକମଣ୍ଡଳୀଙ୍କ ମଧ୍ୟରେ ପର୍ଯ୍ୟାଲୋଚନା ଆରମ୍ଭ ହୋଇଥାଏ। ଏଥିରେ ସମସ୍ତେ ମୁକ୍ତ ଭାବରେ ଭିନ୍ନ ଭିନ୍ନ ମତ ପ୍ରଦାନ କରିଥାଆନ୍ତି। ବିଶେଷ ଭାବରେ ବିଚାରରେ ଅନ୍ତର୍ଭୁକ୍ତ ଚାରି ପାଞ୍ଚ ଜଣ ପୁରୁଖା ଭଦ୍ରବ୍ୟକ୍ତି ସକ୍ରୀୟ ଅଂଶ ଗ୍ରହଣ କରିଥାଆନ୍ତି । ଉଭୟପକ୍ଷର ବିବରଣୀ ପ୍ରଦାନରେ ବିଚାରକମଣ୍ଡଳୀର ସନ୍ଦେହ ସୃଷ୍ଟି ହୋଇଥାଏ, ତେବେ ପୁନର୍ବାର ପରାମାଣିକଙ୍କ ନିର୍ଦ୍ଦେଶାନୁକ୍ରମେ ଉଭୟ ଆସାମୀଙ୍କୁ ଭଲ ଭାବରେ ପଚରାଉଚରା କରିଥାଆନ୍ତି । ଘଟଣାର ସତ୍ୟାସତ୍ୟ ଜାଣି ସାରିବା ପରେ ଉପସ୍ଥିତ ବିଚାରକମଣ୍ଡଳୀ ଦଣ୍ଡବିଧାନ କରିଥାଆନ୍ତି । ପ୍ରଥମେ ସଭାରେ ଉପସ୍ଥିତ ପୁରୁଖା ଭଦ୍ରଲୋକେ ଆଲୋଚନାର ନିଷ୍ପତ୍ତି ପ୍ରଦାନ କରିବେ । ବିଚାରକମଣ୍ଡଳୀର ବିଚାରରେ ପ୍ରକୃତ ଦୋଷୀ ସାବ୍ୟସ୍ତ ହୋଇଥାଏ । ସେହି ଦୋଷୀକୁ ପୁନର୍ବାର ସତ୍ୟାସତ୍ୟ ପାଇଁ ପରାମାଣିକ ପ୍ରଶ୍ନ ପଚାରିଥାଆନ୍ତି । ଯଦି ଦୋଷୀଠାରୁ କୌଣସି ସନ୍ତୋଷଜନକ ଉତ୍ତର ନ ପାଇଥାଆନ୍ତି, ତେବେ ସଂପୃକ୍ତ ବ୍ୟକ୍ତିକୁ ଦୋଷୀ ବୋଲି ଅଭିହିତ କରିଥାଆନ୍ତି । ଉପସ୍ଥିତ ପ୍ରତ୍ୟେକ ବିଚାରକ ସାଧାରଣ ରାୟ ପ୍ରଦାନ କରିଥାଆନ୍ତି । ପ୍ରକୃତ ଦୋଷୀ ସାବ୍ୟସ୍ତ ପରେ ଦୋଷୀଙ୍କ ଉପରେ ଜୋରିମାନା ଧାର୍ଯ୍ୟ କରାଯାଇଥାଏ । ବିଚାରକମଣ୍ଡଳୀର ନିଷ୍ପତ୍ତି ତଥା ଦୋଷୀ ସାବ୍ୟସ୍ତ ବିଷୟକୁ ପରାମାଣିକଙ୍କୁ ଜଣାଇଥାଆନ୍ତି । ପରାମାଣିକ ଉପଯୁକ୍ତ ନିଷ୍ପତ୍ତି ଶୁଣି ସାରିବା ପରେ ଧୀରେ ତଥା ସ୍ଥିର ଚିତ୍ତରେ ଦୋଷୀ ପାଇଁ ଦଣ୍ଡ ଦେବାର ନିର୍ଦ୍ଦେଶ ପ୍ରଦାନ କରିଥାଆନ୍ତି ।

ସ୍ଥଳବିଶେଷରେ ନିର୍ଦ୍ଧାରିତ ଜୋରିମାନାକୁ ପରିବର୍ତ୍ତନ କରି ସେହି ସ୍ଥଳେ ପୁନଃ ନୂତନ ଜୋରିମାନା ସାବ୍ୟସ୍ତ କରାଯାଇଥାଏ । ସର୍ବଶେଷରେ ନିଷ୍ପତ୍ତିକୁ ଦୃଷ୍ଟି ଆଗରେ ରଖି ଅନ୍ତିମ ରାୟ ପ୍ରଦାନ କରିଥାଆନ୍ତି । ଏହାପରେ ଦୋଷୀଠାରୁ ଧାର୍ଯ୍ୟମୂଲ୍ୟର ଜୋରିମାନା ଗ୍ରହଣ କରାଯାଇଥାଏ । ତା'ପରେ ଦୋଷମୁକ୍ତ ହୋଇ ଉପସ୍ଥିତ ଲୋକମାନଙ୍କ ପାଇଁ ଭୋଜିଭାତ ବ୍ୟବସ୍ଥା କରିଥାଆନ୍ତି । ଏଥିରେ ପ୍ରଥମେ ପ୍ରଥମପକ୍ଷ ଓ ଦ୍ୱିତୀୟ ପକ୍ଷ ଆସାମୀ ଭୋଜନ କରିଥାଆନ୍ତି । ଭୋଜିଭାତ ଶେଷରେ ପରାମାଣିକ ଉଭୟ ପକ୍ଷ ଆସାମୀଙ୍କୁ ଉକ୍ତ ଭୋଜି ପ୍ରଦାନର ଉଦ୍ଦେଶ୍ୟ ବିଷୟରେ ପଚାରି ସଠିକ ଉତ୍ତର ସେମାନଙ୍କଠାରୁ ପ୍ରାପ୍ତ ହୋଇଥାଆନ୍ତି । ତା'ପରେ ଉପସ୍ଥିତ ଭଦ୍ରବ୍ୟକ୍ତି ତଥା ବିଚାରକମଣ୍ଡଳୀଙ୍କ ନତମସ୍ତକ ହୋଇ ପ୍ରଣାମ ଜଣାଇବା ପାଇଁ ପରମାଣିକ ଉଭୟ ପକ୍ଷରେ ଆସାମୀଙ୍କୁ ନିର୍ଦ୍ଦେଶ ଦେଇଥାଆନ୍ତି । ପରାମାଣିକଙ୍କ ନିର୍ଦ୍ଦେଶକ୍ରମେ ସେମାନେ ତାହା କରିଥାଆନ୍ତି ଏବଂ ଉଭୟ ପରସ୍ପରଙ୍କୁ ମଧ୍ୟ ଶୁଭାଭିବାଦନ ଜଣାଇଥାଏ । ଏହିଭଳି ଭାବରେ ପାରମ୍ପରିକ ଗ୍ରାମସଭା ବା ଗାଁଓ୍ୱେକ ବିଚାରରେ ମୋକଦ୍ଦମାର ବିଚର କରାଯାଇ ଲୋକଙ୍କୁ ପ୍ରକୃତ ନ୍ୟାୟ ପ୍ରଦାନ କରାଯାଇଥାଏ ।

ଦଣ୍ଡବିଧାନ:

ଗ୍ରାମସଭାରେ କୌଣସି ମୋକଦ୍ଦମା ବିଚାର ପରେ ପ୍ରକୃତ ଦୋଷୀ ସାବ୍ୟସ୍ତ ହୋଇଥାଏ । ଗ୍ରାମ ଶାସନର ମୁଖ୍ୟ ପରାମାଣିକ ଶେଷ ରାୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ପ୍ରକୃତ ଦୋଷୀକୁ ବିଭିନ୍ନ ଦଣ୍ଡରେ ଦଣ୍ଡିତ କରିଥାଆନ୍ତି । ପାରମ୍ପରିକ ଗ୍ରାମସଭାରେ ପ୍ରକୃତ ଦୋଷୀ ପାଇଁ ଦଣ୍ଡ ଦେବାର ବ୍ୟବସ୍ଥା ରହିଥାଏ । ସାଧାରଣତଃ ବିଭିନ୍ନ ମୋକଦ୍ଦମା ପାଇଁ ଦୋଷୀକୁ ଶାରୀରିକ, ଆର୍ଥିକ ଏବଂ ସାମାଜିକ ଦଣ୍ଡ ଦିଆଯାଇଥାଏ ।

ରାଜୁଆର ସମାଜରେ ପ୍ରକୃତ ଦୋଷୀକୁ କେତେକ କ୍ଷେତ୍ରରେ ଗ୍ରାମସଭା ତରଫରୁ ଶାରୀରିକ ଦଣ୍ଡ ବିଧାନର ବ୍ୟବସ୍ଥା ରହିଥାଏ । ରାଜୁଆର ସଂପ୍ରଦାୟର ଯେକୌଣସି ପୁଅ ବିବାହିତ କିମ୍ବା ବିବାହିତ ପୁରୁଷ ନିଜର ରକ୍ତ ସଂପର୍କୀୟ ଯଥା ନିଜର ପାଉସୀ, ଭଉଣୀ, ଭାଣିଜୀ, ମାଉସୀ ଇତ୍ୟାଦିଙ୍କ ସହିତ ଯୌନ ସଂପର୍କ ରଖିଥାଏ ଏବଂ ଉକ୍ତ ବିଷୟ ଯଦି ଲୋକଲୋଚନକୁ ଆସିଥାଏ, ତେବେ ସେ କ୍ଷେତ୍ରରେ ସଂପୃକ୍ତ ଦୋଷୀକୁ କଠିନ ଶାରୀରିକ ଦଣ୍ଡ ଦିଆଯାଇଥାଏ । କୌଣସି ବିବାହ କ୍ଷେତ୍ରରେ ଲୋକମାନଙ୍କୁ କୌଣସି ଭୋଜିଭାତ ନଦେବାପାଇଁ ବେଖାତିର ଭାବେ ମନା କରିଦିଏ ବା ଏ କ୍ଷେତ୍ରରେ ଗ୍ରାମସଭାର ନୀତିନିୟମକୁ ଉଲଙ୍ଘନ କରିଥାଏ, ତେବେ ସଂପୃକ୍ତ ବ୍ୟକ୍ତିକୁ ବୈଠକକୁ

ଡକାଯାଇ ଏହିଭଳ କାର୍ଯ୍ୟପାଇଁ ସଭା ମଧ୍ୟରେ ତଳକୁ ମୁହଁ କରି ଶୋଇବାକୁ ପରାମାଣିକ୍ ନିର୍ଦ୍ଦେଶ ନେଇଥାଆନ୍ତି । ତା' ଉପରେ ଉପସ୍ଥିତ ଭଦ୍ରବ୍ୟକ୍ତିଗଣ ଜଣଙ୍କ ପରେ ଅନ୍ୟଜଣେ ସଂପୃକ୍ତ ଦୋଷୀ ବ୍ୟକ୍ତିଙ୍କ ପିଠିରେ ଗୋଡ ରକବ ପାଣିରେ ଧୋଇ ହୋଇଥାଆନ୍ତି । ଏହିଭଳି କିଛି ସମୟ ପର୍ଯ୍ୟନ୍ତ ଭୂଇଁ ଶୋଇବାକୁ ନିର୍ଦ୍ଦେଶ ଦେଇଥାଆନ୍ତି । ତା'ପରେ ସଂପୃକ୍ତ ବ୍ୟକ୍ତିଠାରୁ କଳା କିମ୍ବା ଲାଲ ରଙ୍ଗର ଛେଳି / ଖାସି ସହିତ ଚାଉଳ ଆଠ ସେର ଆଦାୟ କରାଯାଇଥାଏ । ତା'ପରେ ଏକ ଭୋଜିର ଆୟୋଜନ କରାଯାଇଥାଏ । ଉପସ୍ଥିତ ବ୍ୟକ୍ତିଙ୍କ ସମେତ ଉଭୟ ପକ୍ଷର ଆସାମୀ ଭୋଜିରେ ଅଂଶ ଗ୍ରହଣ କରିଥାଆନ୍ତି । ଭୋଜି ସମାପନ ପରେ ପ୍ରତ୍ୟେକ ସ୍ୱ ସ୍ୱ ଗୃହକୁ ଯାଇଥାଆନ୍ତି । ଶାରୀରିକ ଦଣ୍ଡ ହିସାବରେ ପ୍ରକୃତ ଦୋଷୀକୁ ଗୋଡତଳେ ପକାଇଥାଆନ୍ତି । ତା'ପରେ ଭୋଜିଭାତ ପାଇଁ ଦୋଷୀ ମୁକ୍ତ ହୋଇ ସଂପୃକ୍ତ ବ୍ୟକ୍ତି ଖାସୀ ଏକଟି ଏବଂ ଚାଉଳ ପାଞ୍ଚ ସେର ଦେଇଥାଏ । କେତେକ ସ୍ଥଳେ ମଦ୍ୟ କୁକୁଡା ମାଂସ ସହିତ ଭାତ ମଦ୍ୟ ଭୋଜି ପ୍ରଦାନ କରାଯାଇଥାଏ । ଏତଦ୍ ବ୍ୟତୀତ ଭୋଜି ଶେଷରେ ପ୍ରତ୍ୟେକଙ୍କ ପାଇଁ ହାଣ୍ଡିଆ ପାନର ବ୍ୟବସ୍ଥା ମଧ୍ୟ କରାଯାଇଥାଏ ।

ରାଜନୈତିକ ପରିଷଦର ଶେଷ ନିଷ୍ପତ୍ତି ଶୁଣାଣୀ ପରେ ଉପଯୁକ୍ତ ଦୋଷୀକୁ କେତେକ କ୍ଷେତ୍ରରେ ଆର୍ଥିକ ଦଣ୍ଡ ପ୍ରଦାନ କରାଯାଇଥାଏ । ପ୍ରତ୍ୟେକ ମୋକଦ୍ଦମା ପାଇଁ ଆର୍ଥିକ ଦଣ୍ଡ ଅଲଗା ଦିଆଯାଇଥାଏ । ବଡ ଧରଣର ଦୋଷ ପାଇଁ ଅଧିକ ଜୋରିମାନା ଆଦାୟ କରାଯାଇଥିବାବେଳେ ଛୋଟ ଦୋଷ ପାଇଁ କମ୍ ଆଦାୟ କରାଯାଇଥାଏ । ସାଧାରଣ ଝଗଡା କ୍ଷେତ୍ରରେ ଯଥା କଥାରେ କଥାରେ ଯୁକ୍ତିତର୍କ ମାଧ୍ୟମରେ ଭାଇ ଭାଇଙ୍କ ମଧ୍ୟରେ ଏବଂ ପଡୋଶୀମାନଙ୍କ ମଧ୍ୟରେ ଝଗଡା ହୋଇଥାଏ, ତେବେ ଜୋରିମାନା ସ୍ୱରୂପ ପାଞ୍ଚ ସେର ଚାଉଳ ଏବଂ କୁକୁଡା ଦୁଇଟି ଆଦାୟ କରାଯାଇଥାଏ । ଏତଦ୍ବ୍ୟତୀତ ଏକ ହାଣ୍ଡି ମଦ ମଧ୍ୟ ଆଦାୟ କରାଯାଇଥାଏ । ମାଡପିଟ୍ ଭଳି ଗୁରୁତର ଗଣ୍ଡଗୋଳ କ୍ଷେତ୍ରରେ ସଂପୃକ୍ତ ଦୋଷୀ ଦୋଷମୁକ୍ତ ହେବା ପାଇଁ ତା'ଠାରୁ ଏକଟି ଖାସି ଏବଂ ଚାଉଳ ଏକ ମହଣ ବା ଚାଳିଶ କିଲୋଗ୍ରାମ୍ ଆଦାୟ କରାଯାଇଥାଏ । ଗଣ୍ଡଗୋଳରେ ଶରୀର କ୍ଷତ ହୋଇଥିଲେ ଔଷଧପତ୍ର ମଧ୍ୟ ଦୋଷୀକୁ ଦେବାକୁ ପଡିଥାଏ । ପରେ ଉପସ୍ଥିତ ବିଚାରକମଣ୍ଡଳୀ ତଥା ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ପାଇଁ ଭୋଜି ଭାତର ଆୟୋଜନ କରାଯାଇଥାଏ । ଭୋଜିରେ ସାଧାରଣତଃ ଭାତ ଏବଂ ମାଂସ ସମେତ ହାଣ୍ଡିଆ ପାନର

ମଧ୍ୟ ବ୍ୟବସ୍ଥା କରାଯାଇଥାଏ । ମୋକଦ୍ଦମାର ଗୁରୁତ୍ୱ ବିଷୟକୁ ଲକ୍ଷ୍ୟକରି ପରାମାଣିକ ଏବଂ ସଭାର ଉପସ୍ଥିତ ପୁରୁଖା ଭଦ୍ରବ୍ୟକ୍ତିଙ୍କ ଦ୍ୱାରା ଜୋରିମାନା ସ୍ଥିର କରାଯାଇଥାଏ ।

ସଂପୃକ୍ତ ଦୋଷୀ ଭବିଷ୍ୟତରେ କୌଣସି ପ୍ରକାର ଅସାମାଜିକ ନ କରିବା ପାଇଁ ତଥା ତାକୁ ଉଚିତ୍ ଶିକ୍ଷା ଦେବା ପାଇଁ ଗ୍ରାମସଭା ତା'ଠାରୁ ଜୋରିମାନା ଆଦାୟ କରିଥାଏ। କ୍ଷତିପୂରଣ ବାବଦକୁ ମଧ୍ୟ ଜୋରିମାନା ଆଦା କରାଯାଇଥାଏ। ଆର୍ଥିକ ଦଣ୍ଡ ହିସାବରେ ସଂପୃକ୍ତ ବ୍ୟକ୍ତିଙ୍କଠାରୁ ହାଣ୍ଡିଆ, ମଦ, ଛେଳି /ବୋଦା, କୁକୁଡା ଏବଂ ଚାଉଳ ଆଦାୟ କରାଯାଇଥାଏ।

ଗ୍ରାମସଭାରେ ଯେଉଁ କ୍ଷେତ୍ରରେ ଦୋଷୀ ନିଜର ଦୋଷକୁ ସ୍ୱୀକାର କରି ନ ଥାଏ, ସେ କ୍ଷେତ୍ରରେ ପ୍ରକକୃତ ସତ୍ୟାସତ୍ୟ ଜାଣିବା ପାଇଁ ଦୋଷୀକୁ ସପଥ କରିବା ପାଇଁ ପରାମାଣିକ ନିର୍ଦ୍ଦେଶ ଦେଇଥାଆନ୍ତି। ଗ୍ରାମଦେବାଦେବୀଙ୍କ ଉପରେ ସେମାନଙ୍କର ଦୃଢ଼ ବିଶ୍ୱାସ ଥାଏ। ତେଣୁ ସପଥ କରିବା ସମୟରେ ମିଛ କହିଲେ ନିଜର କ୍ଷତି ହୋଇଥାଏ ବୋଲି ବ୍ୟକ୍ତି ଆଗରୁ ଜାଣିଥାଏ। ସପଥ ପାଠ କରିବା ପାଇଁ ଦୋଷୀକୁ ଧାନ ଛୁଇଁବା, ମାଟି ଛୁଇଁବା, ଗୋରୁ କିମ୍ବା ଗାଈର ଲାଞ୍ଜ ଛୁଇଁବା, ଠାକୁରାଣୀଙ୍କୁ ସାକ୍ଷୀ ରଖିବା, ଦୂବଘାସ ଛୁଇଁବା, ଛୋଟ ପିଲାଙ୍କ ମୁଣ୍ଡ ଛୁଇଁବା, ଇତ୍ୟାଦି ମାଧ୍ୟମରେ ଉପସ୍ଥିତ ବ୍ୟକ୍ତି ତଥା ପରାମାଣିକଙ୍କ ସମ୍ମୁଖରେ ସପଥ ପାଠ କରିବାକୁ ପଡିଥାଏ। ଗ୍ରାମଦେବଦେବୀଙ୍କ ନାମ ଧରି ସପଥ କରିବା ମାତ୍ରେ ସଂପୃକ୍ତ ଗଣ୍ଡଗୋଳରେ ଯଦି ସେହି ବ୍ୟକ୍ତି ଦୋଷୀ ହୋଇଥିବ, ତେବେ ଦେବାଦେବୀଙ୍କର କୁପ୍ରଭାବ ବ୍ୟକ୍ତିଙ୍କ ଉପରେ ପଡିବ ଏବଂ ବ୍ୟକ୍ତି ଶେଷରେ ମରିଯିବ ବୋଲି ବିଶ୍ୱାସ କରାଯାଇଥାଏ। ଏତଦ୍‌ବ୍ୟତୀତ କୌଣସି ସାଙ୍ଘାତିକ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଥାଏ ବୋଲି ଲୋକେ ବିଶ୍ୱାସ କରିଥାଆନ୍ତି। ସେହିଭଳି ଗାଈକୁ ସେମାନେ ଗୋମାତା ବୋଲି ମାନିଥାଆନ୍ତି। ଗୋବର୍ଦ୍ଧନ ପୂଜାରେ ମଧ୍ୟ ବନ୍ଦାପନା କରିଥାଆନ୍ତି। ଗାଈର ଲାଞ୍ଜ ଧରି ସପତ କରିଲେ ଯଦି ପ୍ରକୃତ ଦୋଷୀ ହୋଇଥାଏ, ତେବେ ଗୋମାତା ସଂପୃକ୍ତ ଦୋଷୀ ଉପରେ କୁପ୍ରଭାବ ପକାଇଥାଆନ୍ତି ଏବଂ ପରୋକ୍ଷରେ ବ୍ୟକ୍ତିର ଅନିଷ୍ଟ ସାଧନ ହୋଇଥାଏ ବୋଲି ଲୋକମାନଙ୍କର ବିଶ୍ୱାସ ରହିଥାଏ। ଧାନ ଆଦି ଶସ୍ୟ ଛୁଇଁ ସପଥ କରିବା ପାଇଁ ମଧ୍ୟ ଦୋଷୀକୁ ନିର୍ଦ୍ଦେଶ ଦିଆଯାଇଥାଏ। ଧନସଂପତ୍ତି କହିଲେ ଲକ୍ଷ୍ମୀଙ୍କର ପ୍ରତ୍ୟକ୍ଷ ଉପସ୍ଥିତିକୁ ସେମାନେ ବୁଝିଥାଆନ୍ତି। ଧାନରେ ମଧ୍ୟ ଲକ୍ଷ୍ମୀ ରହିଥାଆନ୍ତି । ତେଣୁ ଧାନକୁ ଛୁଇଁ ସପଥ କରିଲେ ପ୍ରକୃତ ଦୋଷୀ

ହୋଇଥିଲେ ସେ ଲୋକଙ୍କ ଠାରୁ ଲକ୍ଷ୍ମୀ ଛାଡି ଯାଇଥାଆନ୍ତି । ସଂପୃକ୍ତ ବ୍ୟକ୍ତ ସବୁଦିନ ପାଇଁ ଦୀନ ଦରିଦ୍ର ଅବସ୍ଥାରେ କାଳାତିପାତ କରିଥାଆନ୍ତି । ଯାହା ରୋଜଗାର କରେ ତାହା ନିଜକୁ ଅଣ୍ଟେ ନାହିଁ । ଭୋକ ଉପାସରେ ମଧ୍ୟ ରହିବାକୁ ପଡିଥାଏ ବୋଲି ଲୋକମାନଙ୍କର ବିଶ୍ୱାସ ଥାଏ । ତେଣୁ ଧାନ ଛୁଇଁ ଲୋକମାନେ ସତକଥା କହିଥାଆନ୍ତି । ଭୂମି ବା ମାଟିକୁ ଛୁଇଁ ମଧ୍ୟ ସପଥ କରିଥାଆନ୍ତି । ଭୂମିକୁ ବସୁମାତା ବୋଲି ରାଜୁଆର ଲୋକେ ପୂଜା କରିଥାଆନ୍ତି । ଭୂମିକୁ ଛୁଇଁ ଯଦି ମିଛ କହୁଥାଏ ବା ଭବିଷ୍ୟତରେ ଯଦି ଏପରି କାମ କରେ, ତେବେ ପାଣିରେ ମାଟି ମିଳାଇ ଗଲାଭଳି ସେ ଦୋଷୀ ମିଳାଇ ଯାଇଥାଏ, ଅର୍ଥାତ୍ ମରିଯାଇଥାଏ । ସେହିଭଳି ଦୂବଘାସକୁ ଛୁଇଁ ମଧ୍ୟ ସପଥ କରିଥାଏ । ଦୋଷୀ ଯଦି ଦୂବଘାସ ଛୁଇଁ ମିଛ କହୁଥାଏ, ତେବେ ଦୂବଘାସ ଭଳି ବ୍ୟକ୍ତି ଛିଣ୍ଡିଯିବ ବୋଲି ଲୋକଙ୍କର ଧାରଣା ରହିଥାଏ । ସଂପୃକ୍ତ ବ୍ୟକ୍ତି ମଧ୍ୟ ଛିଣ୍ଡିଯିବା ବା ମରିଯାଇଥାଏ । କେତେକ କ୍ଷେତ୍ରରେ ଛୋଟ ପିଲାମାନଙ୍କର ମୁଣ୍ଡକୁ ଛୁଇଁ ମଧ୍ୟ ସପଥ ପାଠ କରାଯାଇଥାଏ । ଛୋଟ ପିଲାମାନଙ୍କ ମନରେ କୌଣସି ପ୍ରକାର ଛଦ କପଟ ନ ଥାଏ ବା ଦୁନିଆ ବିଷୟରେ ବେଶୀ କିଛି ଜାଣି ନ ଥାଆନ୍ତି । ତାଙ୍କ ମଧ୍ୟରେ ଭଗବାନ ବିରାଜମାନ କରିଥାଆନ୍ତି ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି । ତେଣୁ ଛୋଯ ପିଲାଙ୍କ ମୁଣ୍ଡ ଛୁଇଁବା ବେଳେ ଦୋଷୀ ସତ କଥା ପ୍ରକାଶ କରିଥାଏ । ସପଥ କରିବା ସମୟରେ ସଂପୃକ୍ତ ବ୍ୟକ୍ତି ଯଦି ମିଛ କହୁଥାଏ, ତେବେ ସେ କେତେବେଳେ ଭଲରେ ରହି ପାରେ ନାହିଁ । ତା'ର ଅନେକ କ୍ଷତି ହୋଇଥାଏ । ଏହିଭଳି ଭାବରେ ସେମାନେ ସପଥ ପାଠ କରାଇଥାଆନ୍ତି । ଦୋଷୀ ସପଥ ପାଠ ମାଧ୍ୟମରେ ତା'ର ଦୋଷ ସ୍ୱୀକାର କରିବା ପରେ ଦୋଷ ଅନୁସାରେ କିଛି ଜୋରିମାନା ତା' ଠାରୁ ଆଦାୟ କରାଯାଇଥାଏ । ତା'ପରେ ସଂପୃକ୍ତ ବ୍ୟକ୍ତି ଭୋଜି ପାଇଁ ଖାସୀ ଏକଟି ଏବଂ ଚାଉଳ ପାଞ୍ଚ ସେର ପ୍ରଦାନ କରିଥାଏ । ଭୋଜିର ଆୟୋଜନ ପରେ ଉପସ୍ଥିତ ଭଦ୍ରବ୍ୟକ୍ତି ତଥା ବିଚାରକମଣ୍ଡଳୀ ଏବଂ ଉଭୟ ପକ୍ଷର ଆସାମୀ ଏହି ଭୋଜିରେ ଅଂଶ ଗ୍ରହର କରିଥାଆନ୍ତି । ଭୋଜି ପରେ ମଧ୍ୟ ମଦ୍ୟପାନର ବ୍ୟବସ୍ଥା କରାଯାଇଥାଏ । ଏସବୁ ପାଇଁ ଖର୍ଚ୍ଚ ଦୋଷୀ ବହନ କରିଥାଏ । ସେହିଦିନଠାରୁ ଉଭୟ ପକ୍ଷର ଆସାମୀ ପୂର୍ବଭଳି ଭଲରେ ରହିଥାଆନ୍ତି ।

ରାଜୁଆର ସମାଜରେ କେତେକ କାରଣରୁ ବ୍ୟକ୍ତିକୁ ସମାଜରୁ ବାସନ୍ଦ କରାଯାଇଥାଏ । ସେଥି ମଧ୍ୟରୁ କେତେକ କାରଣ ନିମ୍ନରେ ପ୍ରଦତ୍ତ ହେଲା ।

- କୌଣସି ରାଜୁଆର ପୁରୁଷ କିମ୍ବା ମହିଳା ଅନ୍ୟ ସଂପ୍ରଦାୟରେ ବିବାହ କରିଲେ ବା ଅନ୍ୟ ସଂପ୍ରଦାୟର କନ୍ୟାକୁ ବିବାହ କଲେ, ଗ୍ରାମର ମୁଖ୍ୟ ପରାମାଣିକ ଏକ ବୈଠକ ଆହ୍ୱାନ କରିଥାଆନ୍ତି । ସଂପୃକ୍ତ ବ୍ୟକ୍ତିଙ୍କୁ ସମାଜରୁ ବାସନ୍ଦ କରିଦିଆଯାଏ ।
- କୌଣସି ବ୍ୟକ୍ତିର ଶରୀରରେ ଦୀର୍ଘଦିନ ଧରି ହୋଇଥିବା ଘା'ରେ ପୋକପଡିଲେ (ମାଛି ଦୋଷ) ସଂପୃକ୍ତ ବ୍ୟକ୍ତିକୁ ଗ୍ରାମରୁ ବାସନ୍ଦ କରାଯାଇଥାଏ । ପାରଂପରିକ ରୀତିରେ ବ୍ରାହ୍ମଣ ପୂଜାପାଠ କରିଥାଏ । ଗ୍ରାମୁଖ୍ୟ ଧର୍ମଦେବତାଙ୍କୁ ସାକ୍ଷୀରଖି ମଧ୍ୟ ପୂଜାପାଠ କରିଥାଏ ।
- କୌଣସି ବ୍ୟକ୍ତି ଦୀର୍ଘଦିନ ଧରି କୁଷ୍ଠରୋଗ ଏବଂ କର୍କଟ ରୋଗରେ ଆକ୍ରାନ୍ତ ହେଲେ,
- ନିଜ ରକ୍ତ ସଂପର୍କୀୟ ଲୋକମାନଙ୍କ ସହିତ ଯୌନ ସଂପର୍କ ରଖିବାର ଜଣା ପଡିଲେ,
- ସମାଜର ନୀତିନିୟମକୁ ନ ମାନି ସମାଜ ବିରୋଧି କାର୍ଯ୍ୟ କଲେ,
- ନିଜ ଧର୍ମ ପରିତ୍ୟାଗ କରି ଅନ୍ୟ ଧର୍ମ ଗ୍ରହଣ କଲେ,
- ବିଚାରରେ ପରାମାଣିକ ଏବଂ ବିଚାରମଣ୍ଡଳୀଙ୍କର କଥାକୁ ଅବମାନନା କଲେ ସଂପୃକ୍ତ ବ୍ୟକ୍ତିକୁ ସମାଜରୁ ବାସନ୍ଦ କରାଯାଇଥାଏ ।

ଉପରୋକ୍ତ କାରଣ ପାଇଁ କୌଣସି ବ୍ୟକ୍ତିକୁ ସମାଜରୁ ବାସନ୍ଦ କରାଯାଇଥାଏ। ବାସନ୍ଦ ବ୍ୟକ୍ତି ପାଇଁ ସମାଜରେ ସ୍ଥାନ ନଥାଏ। ସମାଜରୁ ବାସନ୍ଦ କରିବାକୁ ରାଜୁଆରମାନେ 'ଏକ ଘାରିଆ' ବୋଲି କହିଥାଆନ୍ତି। ତା' ପାଇଁ ନିଆଁପାଣି ବନ୍ଦ୍ କରାଯାଇଥାଏ। ଗ୍ରାମର ସାଧାରଣ ସଂପତ୍ତି ବ୍ୟବହାର କରିବାକୁ ଦିଆଯାଏ ନାହିଁ। ସେ ଏକା ହୋଇ ରହିଥାଏ। କୌଣସି ଲୋକ ତା' ସହିତ କଥାବାର୍ତ୍ତା କରି ନ ଥାଆନ୍ତି। ତା'ର ବିବାହାଦି ସାମାଜିକ କାର୍ଯ୍ୟରେ ଅସହଯୋଗ କରିଥାଆନ୍ତି। ତା'ର କୌଣସି ଦ୍ରବ୍ୟ ଲୋକମାନେ ଗ୍ରହଣ କରି ନ ଥାଆନ୍ତି। ଲୋକମାନେ ମଧ୍ୟ କୌଣସି ଦ୍ରବ୍ୟ ତାକୁ ଦେଇ ନ ଥାଆନ୍ତି। ସମାଜରେ ସେ ଘୃଣା ଅବସ୍ଥାରେ ରହିଥାଏ।

ରାଜୁଆର ସମାଜରୁ ବାସନ୍ଦ ବା ଏକ୍‌ଘାରିଆ ଭାବରେ ରହିଥିବା ଲୋକ ପୁନଃ ସମାଜରେ ମିଶିବା ପାଇଁ କେତେକ ନୀତିନିୟମ ରହିଥାଏ। ସାଧାରଣତଃ ମାଛିଦୋଷ

କ୍ଷେତ୍ରରେ ସଂପୃକ୍ତ ବ୍ୟକ୍ତି ଲଣ୍ଡା ହୋଇଥାଏ । ଏହି ଦୋଷରୁ ମୁକ୍ତ ହେବା ପାଇଁ ବ୍ରାହ୍ମଣକୁ ଡାକି ପୂଜାପାଠ ମାଧ୍ୟମରେ ପବିତ୍ରକରଣ କରାଯାଇଥାଏ । ତା'ପରେ ଗ୍ରାମମୁଖ୍ୟ ପରାମାଣିକ ଧର୍ମଦେବତାକୁ ଡାକିଥାଏ । ଧର୍ମଦେବତା ଏବଂ ବସୁମାତାକୁ ପୂଜା କରିଥାଏ । ସଂପୃକ୍ତ ଦୋଷରୁ ମୁକ୍ତ ହେବା ପାଇଁ ବ୍ୟକ୍ତିକୁ ଗୋବର ପାଣି ପିଇବାକୁ ଦିଆଯାଇଥାଏ । ତା'ପରେ ଭୋଜିଭାତର ଆୟୋଜନ କରାଯାଇଥାଏ । ଭୋଜି ଭାତରେ ସାଧାରଣତଃ ଭାତ ଏବଂ ମାଂସ ହୋଇଥାଏ । ଛେଳି / ବୋଦା କିମ୍ବା କୁକୁଡାକୁ ମାରି ମାଂସ ତରକାରୀ ପ୍ରସ୍ତୁତ କରାଯାଇଥାଏ । ଜାତିର ଲୋକେ ଏହି ଭୋଜିରେ ଅଂଶଗ୍ରହଣ କରିଥାଆନ୍ତି । ଭୋଜିଭାତ ପରେ ମଦ୍ୟପାନର ମଧ୍ୟ ବ୍ୟବସ୍ଥା କରାଯାଇଥାଏ । ଏ ସମସ୍ତ ଖର୍ଚ୍ଚ ଦୋଷମୁକ୍ତ ବ୍ୟକ୍ତି ହିଁ ବହନ କରିଥାଏ । ସମସ୍ତେ ଭୋଜି ଖାଇବା ସହିତ ସଂପୃକ୍ତ ବ୍ୟକ୍ତିର ପରିବାର ଲୋକେ ମଧ୍ୟ ଖାଇଥାଏ । ପୂର୍ବଭଳି ସେ ଜାତିର ଲୋକମାନଙ୍କ ସହିତ ମିଶିଥାଏ । ଲୋକମାନେ ପୂର୍ବଭଳି ସେହି ଲୋକଙ୍କ ସହିତ ଭଲ ଭାବରେ କଥାବାର୍ତ୍ତା କରିଥାଆନ୍ତି । ସମସ୍ତ ସାଧାରଣ ସଂପତ୍ତି ବ୍ୟବହାର କ୍ଷେତ୍ରରେ ଆଉ କେହି ବାରଣ କରି ନ ଥାଆନ୍ତି । ସମସ୍ତଙ୍କ ସହିତ ଭଲରେ ଚଳିଥାଏ । ଅନ୍ୟାନ୍ୟ କ୍ଷେତ୍ରରେ ଯଥା ସାମାଜିକ ନୀତିନିୟମ ଅବମାନନା କଲେ, ଅନ୍ୟ ସଂପ୍ରଦାୟର ଝିଅକୁ ବିବାହ କଲେ, ବିଚାର ମୁଖ୍ୟଙ୍କୁ ଅବମାନନା କଲେ ବ୍ୟକ୍ତିକୁ ସମାଜରୁ ବାସନ୍ଦ କରାଯାଇଥାଏ । ସଂପୃକ୍ତ ବ୍ୟକ୍ତି ପୁନର୍ବାର ସମାଜରେ ମିଶିବାକୁ ହେଲେ ବୈଠକ ମାଧ୍ୟମରେ ସଂପୃକ୍ତ ବ୍ୟକ୍ତିଙ୍କ ଠାରୁ ଜୋରିମାନା ଆଦାୟ କରାଯାଇଥାଏ । ସଭାରେ ଗୋଡତଳେ ପଡି ଭବିଷ୍ୟତରେ ଏଭଳି କୌଣସି ଭୁଲ ନ କରିବା ପାଇଁ ବ୍ୟକ୍ତି ସପଥ କରିଥାଏ । ନିର୍ଦ୍ଧାରିତ ଜୋରିମାନା ଆଦାୟ କରିବା ସଙ୍ଗେ ସଙ୍ଗେ ଜାତି ଲୋକଙ୍କୁ ସଂପୃକ୍ତ ବ୍ୟକ୍ତି ଭୋଜି ଦେବାର ବ୍ୟବସ୍ଥା ରହିଥାଏ । ଭୋଜିରେ ଖାସି କିମ୍ବା କୁକୁଡା ମାଂସ ସହିତ ଭାତ ମଧ୍ୟ ପ୍ରସ୍ତୁତ ହୋଇଥାଏ । ମଦ କିମ୍ବା ହାଣ୍ଡିଆ ପାନର ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ଏହି ସମସ୍ତ ପ୍ରକାର ଖର୍ଚ୍ଚ ସଂପୃକ୍ତ ବ୍ୟକ୍ତି ବହନ କରିଥାଏ । ପରେ ପୂର୍ବଭଳି ସେ ବ୍ୟକ୍ତି ସମାଜରେ ମିଶିଥାଏ ।

କୌଣସି ଲୋକ ଦୋଷ କରି ବିନା ଦ୍ୱିଧାରେ ନିଜର ଦୋଷ ସ୍ୱୀକାର କରିଥାଏ, ସେହି ଲୋକପାଇଁ ବିଚାରକମଣ୍ଡଳୀ ଟିକିଏ କମ୍ ଦଣ୍ଡ ଦେଇଥାଆନ୍ତି। ନିଜର ଦୋଷ ସ୍ୱୀକାର କରିବାକୁ ଯାଇ ସଂପୃକ୍ତ ବ୍ୟକ୍ତି ବୈଠକରେ ଗୋଡତଳେ ପଡି କ୍ଷମାପ୍ରାର୍ଥନା କରିଥାଏ। ତା'ପରେ ତାକୁ ଉଠିବା ପାଇଁ ପରାମାଣିକ ନିର୍ଦ୍ଦେଶ ଦେଇଥାଆନ୍ତି। ଭୂମିରୁ ଉଠି ଉପସ୍ଥିତ ସମସ୍ତେ ଭଦ୍ରବ୍ୟକ୍ତି ତଥା ପରାମାଣିକଙ୍କୁ ମଥାନତ ହୋଇ ନମସ୍କାର

ଜଣାଇଥାଏ। ଭବିଷ୍ୟତରେ ଏଭଳି କୌଣସି ଭୁଲ ନ କରିବା ପାଇଁ ନିର୍ଦ୍ଦେଶ ଦେଇଥାଆନ୍ତି। କେତେକ କ୍ଷେତ୍ରରେ ଉଭୟ ପକ୍ଷର ଆସାମୀ ଯଦି ଆପୋଷ ମିଳାମିଶା କରିବାକୁ ଚାହାଁନ୍ତ ତେବେ ଉପସ୍ଥିତ ଭଦ୍ରବ୍ୟକ୍ତି ତଥା ପରାମାଣିକ ସେମାନଙ୍କ ମଧ୍ୟରେ ଆପୋଷ ମିଳାମିଶା କରିଦିଅନ୍ତି। ଦୁଇଭାଇ ମଧ୍ୟରେ ଗଣ୍ଡଗୋଳ ହୋଇଥିଲେ ମଧ୍ୟ ସେମାନଙ୍କୁ ବୁଝାଇ ସୁଝାଇ ଦେଇଥାଆନ୍ତି। ଆଉ ଗଣ୍ଡଗୋଳ ନ ଲାଗିବା ପାଇଁ ପରସ୍ପରଙ୍କୁ ନିର୍ଦ୍ଦେଶ ଦେଇଥାଆନ୍ତି। ବିଚାରକମଣ୍ଡଳୀଙ୍କ କଥାମାନି ଭବିଷ୍ୟତରେ ଆଉ ଗଣ୍ଡଗୋଳ ନ କରିବାକୁ ରାଜି ହୋଇଥାଆନ୍ତି। ଭାଇ ଭାଇ ଭଳି ଭଲ ସଂପର୍କ ରକ୍ଷାକରି ଚଳିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥାଆନ୍ତି। ଦୁଇଜଣଙ୍କ ମଧ୍ୟରେ ଖୁସିରେ କଥାବାର୍ତ୍ତା କରାଇ ଦିଅନ୍ତି। ସେମାନଙ୍କୁ ବର୍ତମାନେ ବୁଝାଉଥିବାରୁ ସେମାନଙ୍କ ମଙ୍ଗଳ ପାଇଁ ଆଉ କଳିଗୋଳ ନ କରିବା ପାଇଁ ମଧ୍ୟ ପ୍ରତିଜ୍ଞା କରିଥାଆନ୍ତି । ପରସ୍ପର ମଧ୍ୟରେ କୋଳାଗ୍ରତ ହୋଇଥାଆନ୍ତି। ସେମାନଙ୍କଠାରୁ ଆଦାୟ କରାଯାଇଥିବା ଜୋରିମାନାରେ ଭୋଜିର ଆୟୋଜନ କରାଯାଇଥାଏ । ଭୋଜିରେ ସମସ୍ତେ ଏକତ୍ର ବସି ଖାଇବା ଫଳରେ ସେମାନଙ୍କ ମଧ୍ୟରେ ଆଉ ପୂର୍ବରାଗ ରହିନଥାଏ । ଉପସ୍ଥିତ ସମସ୍ତଙ୍କ ପାଇଁ ଭୋଜିର ବ୍ୟବସ୍ଥା ରହିଥାଏ। ଭୋଜି ପରେ ସମସ୍ତଙ୍କ ପାଇଁ ଭୋଜିର ବ୍ୟବସ୍ଥା ମଧ୍ୟ କରାଯାଇଥାଏ। ଏପ୍ରକାର ସମସ୍ତ ଖର୍ଚ୍ଚ ଉଭୟ ପକ୍ଷର ଆସାମୀ ବହନ କରିଥାଆନ୍ତି । ଭୋଜିରେ ସାଧାରଣତଃ ଭାତ ଏବଂ ମାଂସ ପାକ କରାଯାଇଥାଏ । ଖୋଇ ଦେବା ଫଳରେ ସେମାନଙ୍କ ମଧ୍ୟରେ ଆଉ ଦ୍ୱନ୍ଦ୍ୱ ରହି ନ ଥାଏ । ଭାଇ ଭାଇ ଭଳି ସମାଜରେ ଚଳିଥାଆନ୍ତି ।

ପାରମ୍ପରିକ ଗ୍ରାମସଭା ବା 'ଗାଁଓ୍ୱେକ୍ ବିଚାର'ରେ ବିଭିନ୍ନ ପ୍ରକାର ମୋକଦ୍ଦମା ବିଚାର କରାଯାଇଥାଏ । ବ୍ୟକ୍ତି, ପରିବାର, ସାହି ସ୍ତରରୁ ଆରମ୍ଭ କରି ଗ୍ରାମ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ମୋକଦ୍ଦମା ରାଜନୈତିକ ପରିଷଦର ପରିସର ମଧ୍ୟକୁ ବିଚାର ପାଇଁ ଆସିଥାଏ । ସେଥି ମଧ୍ୟରୁ କେତୋଟି ନିମ୍ନରେ ପ୍ରଦାନ କରାଗଲା:

- ଘର, ଜମିବାଡି ଆଦି ପିତୃ ସଂପତ୍ତିର ଭାଗବଣ୍ଟନରେ ଅନିୟମିତତା ଦେଖାଦେଲେ ଭାଇ ଭାଇ ମଧ୍ୟରେ ମାଡ୍‌ପିଟ୍ ହୋଇଥାଏ । ତେଣୁ ଏହି ଜମିଜମା ସଂକ୍ରାନ୍ତୀୟ ଗଣ୍ଡଗୋଳର ସମାଧାନ ପାଇଁ ପାରଂପରିକ ଗ୍ରାମସଭାରେ ବିଚାର କରାଯାଇଥାଏ । ସ୍ଥଳବିଶେଷରେ ଦୁଇଭାଇଙ୍କ ମଧ୍ୟରେ ଗ୍ରାମ ସଭା ଆପୋଷ ମୀମାଂସା କରିଥାଏ ।

- ନିଜ ସଂପ୍ରଦାୟ ବ୍ୟତୀତ ଯଦି ଅନ୍ୟ ସଂପ୍ରଦାୟରୁ ଝିଅକୁ ବିବାହ କରିଥାଏ, ତାହା ସମାଜ ପ୍ରତି ଏକ ନିନ୍ଦାର ବିଷୟ ହୋଇଥାଏ । ତେଣୁ ସଂପୃକ୍ତ ବ୍ୟକ୍ତିକୁ ସମାଜରୁ ବାସନ୍ଦ କରାଯାଇଥାଏ । ଏହି ବିବାହ ସମ୍ବନ୍ଧୀୟ ମୋକଦ୍ଦମାର ସମାଧାନ ଗ୍ରାମସଭାରେ କରାଯାଇଥାଏ । ସଂପୃକ୍ତ ବ୍ୟକ୍ତି ଠାରୁ ଜୋରିମାନା ଆଦାୟ କରାଯାଇଥାଏ । ପ୍ରତ୍ୟେକ ଲୋକଙ୍କୁ ସେ ଭୋଜି ଦେଇଥାଏ ।
- କୌଣସି କାରଣରୁ ସ୍ତ୍ରୀ ଯଦି ସ୍ୱାମୀକୁ ଛାଡି ଚାଲିଯାଏ ବା ସ୍ୱାମୀ ମଦ ନିଶାରେ ସ୍ତ୍ରୀକୁ ସର୍ବଦା ପ୍ରହାର କରିଥାଏ, ତେବେ ଏହି ବିଷୟ ମଧ୍ୟ ଗ୍ରାମସଭାରେ ବିଚାର କରାଯାଇଥାଏ ।
- କୌଣସି ପରିବାରରେ ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଉପୁଜୁଥିବା ବିବାଦ ଆପୋଷ ମୀମାଂସା ମାଧ୍ୟମରେ ଗ୍ରାମସଭାରେ ବିଚାର କରାଯାଇଥାଏ ।
- ଯେକୌଣସି ସୀମାନ୍ତରେ ଥିବା ଗଛ କାଟିବା କ୍ଷେତ୍ରରେ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥାଏ । ଏପରିକି ଠେଙ୍ଗାବାଡି ଦ୍ୱାରା ମାଡ୍‌ପିଟ୍ ହୋଇଥାଏ । ଏହି ବୃକ୍ଷକୁ କେନ୍ଦ୍ରକରି ଉପୁଜିଥିବା ଗଣ୍ଡଗୋଳର ବିଚାର ପାରଂପରିକ ଗ୍ରାମ ସଭାରେ କରାଯାଇଥାଏ ।
- ବେଳେବେଳେ ଶିକାର ବଣ୍ଟନ କ୍ଷେତ୍ରରେ ଅନିୟମିତତା ଦେଖାଦେଲେ ଗଣ୍ଡଗୋଳ ଉପୁଜିଥାଏ । ଶିକାର କ୍ଷେତ୍ରରେ ଉପୁଜୁଥିବା ବିବାଦର ସମାଧାନ ଏହି ଗ୍ରାମସଭାରେ ହୋଇଥାଏ ।
- ଗ୍ରାମସୀମା ନିର୍ଦ୍ଧାରଣ ଏବଂ ଗ୍ରାମସୀମାନ୍ତରେ ଥିବା ପୋଖରୀରୁ ମାଛ ମାରିବା କ୍ଷେତ୍ରରେ ଉଭୟ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ଉପୁଜିଥାଏ । ଗ୍ରାମ-ଗ୍ରାମ ମଧ୍ୟରେ ବିବାଦ ବିଷୟ ଗ୍ରାମସଭାରେ ବିଚାର କରାଯାଇଥାଏ ।
- ସାଧାରଣ କଥାକୁ କେନ୍ଦ୍ରକରି ଦୁଇ ପଡୋଶୀ ମହିଳାଙ୍କ ମଧ୍ୟରେ କଳିଝଗଡା ହୋଇଥାଏ । ଏହି ଝଗଡା କାଳକ୍ରମେ ଉଭୟ ମହିଳାଙ୍କର ପୁରୁଷଙ୍କ ମଧ୍ୟରେ ସଂଗଠିତ ହୋଇଥାଏ । ତେଣୁ ଉଭୟ ମହିଳାଙ୍କ ମଧ୍ୟରେ ଉପୁଜୁଥିବା ଗଣ୍ଡଗୋଳ 'ଗାଁଓ୍ୱେକ୍ ବିଚାର'ରେ ସମାଧାନ ହୋଇଥାଏ । ଆବଶ୍ୟକସ୍ଥଳେ ଜୋରିମାନା ଆଦାୟ କରାଯାଇଥାଏ ।

- କୌଣସି ବ୍ୟକ୍ତି ଅନ୍ୟ ଘରୁ ଧନସମ୍ପତ୍ତି ଏବଂ ଗୃହପାଳିତ ପଶୁକୁ ଚୋରିକରିବା, ବାଡିରୁ ଫସଲ ଚୋରି କରିବା ବିଷୟ ଗ୍ରାମସଭାରେ ବିଚାର କରାଯାଇଥାଏ । ସଂପୃକ୍ତ ଦୋଷୀଠାରୁ ଜୋରିମାନା ଆଦାୟ କରାଯାଇଥାଏ ଏବଂ କ୍ଷତି ପୂରଣ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ । ଚୋରାଇ ଆଣିଥିବା ଜିନିଷ ଭଦ୍ରଲୋକଙ୍କ ସମ୍ମୁଖରେ ଫେରାଇ ଦେଇଥାଏ । ଯଦି କୌଣସି ଜିନିଷକୁ ବିକ୍ରି କରିଥାଏ, ତା'ର ମୂଲ୍ୟ ଦେବାକୁ ହୋଇଥାଏ ।
- କୌଣସି ପୁରୁଷ ନିଜ ସ୍ତ୍ରୀର ଅଗୋଚରରେ ଯଦି ଅନ୍ୟ ଯୁବତୀ ସହିତ ପ୍ରେମ ସଂପର୍କ ରଖିଥିବାର ତା'ର ସ୍ତ୍ରୀ କୌଣସି କ୍ଷେତ୍ରରୁ ସୂଚନା ପାଇଥାଏ, ସେ କ୍ଷେତ୍ରରେ ସଂପୃକ୍ତ ଯୁବତୀ ଓ ପୁରୁଷ ସ୍ତ୍ରୀ ମଧ୍ୟରେ କଳିଝଗଡା ହୋଇଥାଏ, ତେବେ ଏହି ଗଣ୍ଡଗୋଳ ପାରମ୍ପରିକ ଗ୍ରାମସଭାରେ ବିଚାର କରାଯାଇଥାଏ ।
- କୌଣସି ସ୍ତ୍ରୀ ନିଜ ସ୍ୱାମୀଙ୍କ ଅଜାଣତରେ ଅନ୍ୟ କାହା ସହିତ ଖରାପ ସଂପର୍କ ରଖିଥାଏ, ସେ କ୍ଷେତ୍ରରେ ସ୍ୱାମୀ ତା'ର ସ୍ତ୍ରୀକୁ ଛାଡପତ୍ର ଦେଇ ଘରୁ ତଡି ଦେଇଥାଏ । ଏହି ବିଷୟ ଗ୍ରାମସଭାରେ ବିଚାର କରାଯାଇଥାଏ ।
- କୌଣସି ବ୍ୟକ୍ତି ସମାଜରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥାଏ ଏବଂ ସମାଜିକ ନୀତି ନିୟମକୁ ଉଲଙ୍ଘନ କରିଥାଏ, ତେବେ ତା' ବିରୋଧରେ ମୋକଦ୍ଦମା ରୁଜୁ ହୋଇଥାଏ । ଗ୍ରାମସଭାରେ ସଂପୃକ୍ତ ବ୍ୟକ୍ତିକୁ ଡାକି ପଚରାଉଚରା କରାଯାଇଥାଏ । ଜୋରିମାନା ମଧ୍ୟ ଆଦାୟ କରାଯାଇଥାଏ । ଭବିଷ୍ୟତରେ ଏଭଳି କାର୍ଯ୍ୟ ନ କରିବା ପାଇଁ ଗ୍ରାମସଭା ସଂପୃକ୍ତ ବ୍ୟକ୍ତିଙ୍କୁ ନିର୍ଦ୍ଦେଶ ଦେଇଥାଏ ।
- ବିବାହ ଅବ୍ୟବହିତ ପୂର୍ବରୁ ଯଦି କୌଣସି ବ୍ୟକ୍ତି ଉକ୍ତ ପ୍ରସ୍ତାବଟିକୁ କୌଣସି କାରଣରୁ ବାତିଲ କରି ଦେଇଥିବା ଜଣାଯାଏ, ତେବେ ସେହି ବ୍ୟକ୍ତିଙ୍କ ନାମରେ ପାରମ୍ପରିକ ଗ୍ରାମସଭାରେ ମୋକଦ୍ଦମା ରୁଜୁ କରାଯାଇଥାଏ ।

ଗୁପ୍ତ ଭାବରେ ଯୌନ ସଂପର୍କ ରଖିଥିବା ଯୁବକ ଯୁବତୀର ଗର୍ଭ ସଂଚାର ପରେ ତାକୁ ଗ୍ରହଣ ନ କରି ପରିତ୍ୟାଗ କରିଥାଏ, ତାହା ମଧ୍ୟ ଏହି ପରିଷଦରେ ବିଚାର କଯାଯାଇଥାଏ ।

- କୌଣସି କାରଣରୁ ଯଦି ଜନ୍ମିତ ପୁତ୍ର ନିଜ ବାପା ମାଆଙ୍କୁ ଶାରୀରିକ କିମ୍ବା ମାନସିକ ଯନ୍ତ୍ରଣା ଦେଉଥାଏ, ଏହି ବିଷୟ ମଧ୍ୟ ଗ୍ରାମସଭାରେ ବିଚାର କରାଯାଇଥାଏ ।

- କୌଣସି କାରଣରୁ ପରିବାରରେ ଘରଜ୍ୱାଇଁ ହିସାବରେ ରହିଥିବା ବ୍ୟକ୍ତିଙ୍କୁ ଘରୁ ବିତାଡିତ କରାଯାଇଥିବା ବିଷୟ ମଧ୍ୟ ପାରମ୍ପରିକ ଗ୍ରାମସଭାରେ ବିଚାର କରାଯାଇଥାଏ ।
- କୌଣସି ସନ୍ତାନହୀନ ପିତା ପୋଷ୍ୟପୁତ୍ର ଭାବେ ରଖିଥିବା ପୁତ୍ରଠାରୁ କିଛିବର୍ଷ ପରେ ଯଦି ଜମିଜମା ଇତ୍ୟାଦି ଛଡାଇ ନେଇ ପରିଶେଷରେ ସେହିପୁତ୍ରକୁ ନିଜ ଘରୁ ବିତାଡିତ କରିଥାଏ ତେବେ ସେହିଭଳି କ୍ଷେତ୍ରରେ ବାପାଙ୍କୁ ଅଭିଯୁକ୍ତ ଆସାମୀ ବୋଲି ଅଭିହିତ କରାଯାଇଥାଏ । ଏହିଭଳି ବିଷୟ ମଧ୍ୟ ଗ୍ରାମସଭାରେ ବିଚାର କରାଯାଇଥାଏ ।
- ଅଭାବ ଓ ଅସୁବିଧା ସମୟରେ ଲୋକମାନେ ଅନ୍ୟଠାରୁ ଧାର କିମ୍ବା କରଜ ଆଣିଥାଆନ୍ତି । କରଜ କି ଧାର ଆଣି ଯଦି ପରିଶୋଧ ନ କରିଥାଆନ୍ତି ତେବେ କରଜ ଆଣିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ । ତେଣୁ କରଜ ସମ୍ବନ୍ଧୀୟ ମୋକଦ୍ଦମା ମଧ୍ୟ ପାରମ୍ପରିକ ଗ୍ରାମସଭାରେ ବିଚାର ଯୋଗ୍ୟ ହୋଇଥାଏ ।
- ବେଳେବେଳେ ନିଜର ଘର କିମ୍ବା ଜମିବାଡି କାର୍ଯ୍ୟ କରିବା ପାଇଁ ଘରେ ଚାକର ରଖିଥାଆନ୍ତି। ଚାକରକୁ ଯଦି ଆବଶ୍ୟକ ମୁତାବକ ପାରିଶ୍ରମିକ / ପାଉଣା ଦେଇ ନ ଥାଆନ୍ତି, ତେବେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଗ୍ରାମସଭାରେ ବିଚାର କରାଯାଇ ଉଚିତ୍ ନ୍ୟାୟ ପ୍ରଦାନ କରାଯାଇଥାଏ। ଏଥିପାଇଁ ଚାକରକୁ ଉଚିତ୍ ମୂଲ୍ୟର ପାରିଶ୍ରମିକ /ପାଉଣା ଦେବା ସଙ୍ଗେ ସଙ୍ଗେ ଗ୍ରାମସଭାକୁ ଜୋରିମାନା ମଧ୍ୟ ଦେଇଥାଏ ।
- ଏହିଭଳି ବିଭିନ୍ନ କ୍ଷେତ୍ରରେ ଉପୁଜୁଥିବା ଗଣ୍ଡଗୋଳର ସମାଧାନ କଯାଇ ଉଚିତ୍ ନ୍ୟାୟ ପ୍ରଦାନ କରିବାରେ ପାରମ୍ପରିକ ଗ୍ରାମସଭା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଗ୍ରାମସଭା ଥିବା ଲୋକମାନଙ୍କର ଧନଜୀବନ ରକ୍ଷା ଏବଂ ନିରାପତ୍ତା ରକ୍ଷା ହୋଇପାରୁଛି । ଗ୍ରାମସଭା ଥିବା ଯୋଗୁଁ ଲୋକମାନେ ସମାଜର ନୀତିନିୟମ ମାନି ଚଳିବାକୁ ବାଧ ହେଉଛନ୍ତି । ଗ୍ରାମ ଲୋକମାନଙ୍କର ମଙ୍ଗଳ ନିମିତ୍ତ ଗ୍ରାମସଭା ସୁଶାସନ ପ୍ରଦାନ କରିଆସିଥାଏ ।

ଗାଁଓ୍ୱେକ୍ ବିଚାର ଏବଂ ଥାନା :

ଗାଁଓ୍ୱେକ୍ ବିଚାରରେ ଯେଉଁ ମୋକଦ୍ଦମା ବିଚାର ହୋଇପାରେନାହିଁ ସେହି ମୋକଦ୍ଦମାକୁ ବିଚାର କରିବା ପାଇଁ ଥାନାକୁ ପଠାଇ ଦେଇଥାଆନ୍ତି। କେତେକାଂଶରେ ଗ୍ରାମସଭାକୁ ଖାତିର ନ କରି କେତେକ ଲୋକ ସିଧାସଳଖ ଥାନା ସହିତ ସଂପର୍କ ରକ୍ଷା କରିଥାଆନ୍ତି । ସେତେବେଳେ ଯେକୌଣସି ଗଣ୍ଡଗୋଳର ସମାଧାନ ପାଇଁ ଗାଁଓ୍ୱେକ୍ ବିଚାରର ସହାୟତା ନିଆଯାଉଥିବା ବେଳେ ବର୍ତ୍ତମାନ ଯେକୌଣସି ଗଣ୍ଡଗୋଳ ଯଥା ଗୋଷ୍ଠୀ କନ୍ଦଳ ବା ଦଳବିବାଦ ସୃଷ୍ଟି ହେଲେ ଲୋକେ ସିଧାସଳଖ ପୋଲିସର ସହାୟତା ଲୋଡିଥାଆନ୍ତି । ପାରମ୍ପରିକ ଗ୍ରାମସଭା ବିଚାରରେ ଲୋକେ ସନ୍ତୁଷ୍ଟ ହୋଇ ନ ଥାଆନ୍ତି, ତେବେ ସେମାନେ ଥାନାର ଆଶ୍ରୟ ନେଇଥାଆନ୍ତି । ଥାନାରେ ବିଚାର କରିବାକୁ ହେଲେ ଗ୍ରାମ ମୁଖିଆଙ୍କଠାରୁ ଲିଖିତ ବିବରଣୀ ଥାନାରେ ପଇଠ କରିବାକୁ ହୋଇଥାଏ। ଗଣ୍ଡଗୋଳର ସମାଧାନ ପାଇଁ ପୋଲିସକୁ ଅନୁରୋଧ କରିଥାଆନ୍ତି। ଏମାନଙ୍କର ସରଳତାର ସୁଯୋଗ ନେଇ ଏମାନଙ୍କୁ ପୋଲିସ୍ ଅନେକ ସମୟରେ ହଇରାଣ କରିଥାଏ । ଏପରିକି ଧୀନକ ଶ୍ରେଣୀର ଲୋକେ କୋର୍ଟ କଚେରୀକୁ ଯିବାପାଇଁ ପଶ୍ଚାଦ୍‌ପଦ ହୋଇ ନ ଥାଆନ୍ତି । ସାଧାରଣତଃ ଗରିବ ଶ୍ରେଣୀର ଲୋକେ ସହଜରେ ଥାନାର ଆଶ୍ରୟ ନେଇ ନ ଥାଆନ୍ତି । ମୋକଦ୍ଦମା ବିଚାର କ୍ଷେତ୍ରରେ ଥାନା ମଧ୍ୟ ଏମାନଙ୍କଠାରୁ କିଛି ଜୋରିମାନା ଆଦାୟ କରିଥାଏ । କେତେକ ମୋକଦ୍ଦମାରେ ମଧ୍ୟ । ଶାରୀରିକ ଦଣ୍ଡ ପ୍ରଦାନ କରିଥାଏ । ଲୋକମାନେ ଥାନା ଏବଂ କୋର୍ଟ କଚେରୀ ଯାଇ ଅନେକ ହଇରାଣ ହେବା ସଙ୍ଗେ ସଙ୍ଗେ ଧନହାନୀ ଏବଂ ଶରୀରରେ ପୀଡା ଭୋଗିଥାଆନ୍ତି।

ପାରମ୍ପରିକ ଗ୍ରାମସଭାର ସଦସ୍ୟମାନେ ବିଭିନ୍ନ ସରକାରୀ କର୍ମଚାରୀଙ୍କ ସହିତ ପ୍ରତ୍ୟକ୍ଷରେ କିମ୍ବା ପରୋକ୍ଷରେ ସଂପର୍କ ରକ୍ଷା କରିଥାଆନ୍ତି। ଜଙ୍ଗଲ ବିଭାଗ କର୍ମଚାରୀ ଗ୍ରାମକୁ ଆସିଲେ ପ୍ରଥମେ ଗ୍ରାମର ମୁଖ୍ୟଙ୍କୁ ଭେଟିଥାଆନ୍ତି। ଗ୍ରାମମୁଖ୍ୟଙ୍କ ନିର୍ଦ୍ଦେଶକ୍ରମେ ଅନ୍ୟ ଭଦ୍ରଲୋକମାନେ ମଧ୍ୟ ଉପସ୍ଥିତ ହୋଇଥାଆନ୍ତି। ଗ୍ରାମରେ ନୂତନ ଜଙ୍ଗଲ ସୃଷ୍ଟି, ପତିଆଜମିରେ ବୃକ୍ଷରୋପଣ ତଥା ଜଙ୍ଗଲ ସୁରକ୍ଷା ବିଷୟ ବୈଠକରେ ଆଲୋଚନା କରାଯାଇଥାଏ। ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ବୈଠକ ଆୟୋଜନ କରାଯାଇଥାଏ। ଏସବୁ ଦାୟିତ୍ୱ ଗ୍ରାମମୁଖ୍ୟ ପରାମାଣିକ୍ ଅନ୍ୟମାନଙ୍କ ସହାୟତାରେ ବୁଝିଥାଆନ୍ତି। ସେହିଭଳି ଗ୍ରାମକୁ ରାଜସ୍ୱ କର୍ମଚାରୀ ଆସିଲେ ଗ୍ରାମମୁଖ୍ୟଙ୍କୁ ଲୋଡି ଥାଆନ୍ତି।

ଗ୍ରାମ ମୁଖ୍ୟଙ୍କୁ ଦେଖା ସାକ୍ଷାତ୍ କରିଥାଆନ୍ତି । ଗ୍ରାମମୁଖ୍ୟଙ୍କ ଆଦେଶ ଅନୁଯାୟୀ ଅନ୍ୟ ଲୋକମାନଙ୍କୁ ଡକାଯାଇଥାଏ। ସ୍ଥଳ ବିଶେଷରେ ଗ୍ରାମମୁଖ୍ୟ ଲୋକମାନଙ୍କଠାରୁ ଖଜଣା ଆଦାୟ କ୍ଷେତ୍ରରେ ରାଜସ୍ୱ ଅଧିକାରୀକୁ ସାହାଯ୍ୟ କରିଥାଆନ୍ତି। ଏପରିକି ନିଜେ ଲୋକମାନଙ୍କଠାରୁ ଖଜଣା ଆଦାୟ କରି ରାଜସ୍ୱ ଅଧିକାରୀଙ୍କୁ ପ୍ରଦାନ କରିଥାଆନ୍ତି । ସେହିଭଳି କୃଷି କର୍ମଚାରୀ ଗ୍ରାମକୁ ଆସିଲେ ଗ୍ରାମମୁଖିଆଙ୍କୁ ଭେଟିଥାଆନ୍ତି। ତା'ପରେ ଗ୍ରାମମୁଖିଆଙ୍କ ଆଦେଶକ୍ରମେ ଅନ୍ୟ ପୁରୁଖା ଭଦ୍ରଲୋକ ଯଥା ସ୍ଥାନରେ ଉପସ୍ଥିତ ହୋଇଥାଆନ୍ତି । କୃଷି କର୍ମଚାରୀଙ୍କ ଉପସ୍ଥିତିରେ କୃଷି ସମ୍ବନ୍ଧୀୟ ଏକ ବୈଠକର ଆୟୋଜନ କରାଯାଇଥାଏ । ଚାଷୀମାନଙ୍କୁ କୃଷି ବିଷୟରେ କେତେକ ଉପାଦେୟ ତଥ୍ୟ କୃଷି କର୍ମଚାରୀ ପ୍ରଦାନ କରିବା ସହିତ ଉନ୍ନତିମୂଳକ ବିହନ ଏବଂ କୀଟନାଶକ ଔଷଧ ଚିହାତି ମୂଲ୍ୟରେ ଯୋଗାଇଦେବା ବିଷୟ ଆଲୋଚନାର ପରିସରଭୁକ୍ତ ହୋଇଥାଏ । ପରୋକ୍ଷ କିମ୍ବା ପ୍ରତ୍ୟକ୍ଷରେ କୃଷିକର୍ମଚାରୀଙ୍କୁ ଲୋକମାନେ ସାହାଯ୍ୟ କରିଥାଆନ୍ତି । ଆବଶ୍ୟକ ସ୍ଥଳେ କର୍ମଚାରୀଙ୍କ ପାଇଁ ଜଳପାନର ବ୍ୟବସ୍ଥା ଗ୍ରାମସଭା ଦ୍ୱାରା କରାଯାଇଥାଏ । ଯେକୌଣସି ବିଭାଗର କର୍ମଚାରୀମାନେ ଗ୍ରାମକୁ ଗଲେ ରାଜୁଆର ସଂପ୍ରଦାୟର ଲୋକେ ପ୍ରତ୍ୟକ୍ଷ ଭାବରେ ସହାୟତା ପ୍ରଦାନ କରିଥାଆନ୍ତି ।

ପଞ୍ଚାୟତିରାଜ ବ୍ୟବସ୍ଥା :

ପଞ୍ଚାୟତରାଜ ବ୍ୟବସ୍ଥା ଓଡିଶାରେ ପ୍ରଚଳନ ହେବାଠାରୁ ସମସ୍ତ ଗ୍ରାମଗୁଡିକରେ ମଧ୍ୟ କାର୍ଯ୍ୟ କରିଛି । ସେତେବେଳେ ଆଧୁନିକ ପଞ୍ଚାୟତରାଜ ବିଷୟରେ ସେମାନଙ୍କର ସେତେ ଧାରଣା ନ ଥିଲା । ପାରଂପରିକ ଗ୍ରାମସଭା ରାଜୁଆର ସମାଜରେ ବିଲୁପ୍ତ ପ୍ରାୟ। ଆସ୍ତେ ଆସ୍ତେ ସେମାନେ ଆଧୁନିକ ପଞ୍ଚାୟତ ବ୍ୟବସ୍ଥା ସଂପର୍କରେ ନ ଜାଣି ସୁଦ୍ଧା ଗ୍ରହଣ କରିନେଲେଣି। କିନ୍ତୁ ବୟୋଜ୍ୟେଷ୍ଠ ବା ବୃଦ୍ଧ ଓ ବୃଦ୍ଧାମାନେ ସହଜରେ ଗ୍ରହଣ କରି ନ ଥାଆନ୍ତି। ଗ୍ରାମସଭାର ମୁଖ୍ୟ ପରାମାଣିକଙ୍କର ଆଧୁନିକ ପଞ୍ଚାୟତ ବ୍ୟବସ୍ଥାରେ ସେଭଳି ଗୁରୁତ୍ୱ ନ ଥାଏ। ଯେବେଠାରୁ ଲୋକମାନେ ପଞ୍ଚାୟତ ପାଇଁ ସରପଞ୍ଚ ଏବଂ ୱାର୍ଡମେମ୍ବରମାନଙ୍କୁ ଭୋଟ ଦେଇ ବାଛିଲେଣି ସେହି ଦିନଠାରୁ ପଞ୍ଚାୟତ ବ୍ୟବସ୍ଥା ବିଷୟରେ କିଛି ଜାଣିଲେଣି। କେତେଗୁଡିଏ ଗ୍ରାମକୁ ନେଇ ଗ୍ରାମ ପଞ୍ଚାୟତ ଗଠନ କରାଯାଉଥିବାବେଳେ ପ୍ରତ୍ୟେକ ଗ୍ରାମକୁ କେତେଗୋଟି ୱାର୍ଡରେ ବିଭକ୍ତ କରାଯାଉଥିଲା । ପ୍ରତି ୱାର୍ଡରୁ ଜଣେ ଲେଖାଏଁ ମେମ୍ବରମାନଙ୍କୁ ଗ୍ରାମଲୋକେ ବାଛୁଥିଲେ।

ସେହିପରି ଗ୍ରାମପଞ୍ଚାୟତର ମୁଖ୍ୟ ସରପଞ୍ଚ ପଦ ପାଇଁ କେତେକ ଲୋକେ ପ୍ରତିଦ୍ୱନ୍ଦିତା କରିଥାଆନ୍ତି। ଲୋକମାନେ ମଧ୍ୟ ମତଦାନ କରିଥାଆନ୍ତି। ସର୍ବାଧିକ ମତଦାନ ହାସଲ କରିଥିବା ବ୍ୟକ୍ତି ସରପଞ୍ଚ ପଦରେ ନିର୍ବାଚିତ ହୋଇଥାଆନ୍ତି। ତେବେ ଗ୍ରାମପଞ୍ଚାୟତ ସରପଞ୍ଚ ତଥା କେତେଜଣ ୱାର୍ଡମେମ୍ବରମାନଙ୍କୁ ନେଇ ଗଠିତ ହୋଇଥାଏ। ତେଣୁ ୱାର୍ଡମେମ୍ବର ଏବଂ ସରପଞ୍ଚଙ୍କୁ ମତଦାନ ଦେଇ ବାଛିବାକୁ ସେମାନେ ପଞ୍ଚାୟତ ବ୍ୟବସ୍ଥା ବୋଲି ଧରି ନେଇଥାଆନ୍ତି। ଆଗରୁ କୌଣସି ଭୋଟର ପ୍ରଚଳନ ନ ଥିଲା । ଭୋଟ ଦେଇ ନେତା ବାଛିବାରେ ଆଧୁନିକ ପଞ୍ଚାୟତ ବ୍ୟବସ୍ଥାକୁ ଗ୍ରହଣ କରିଥାଆନ୍ତି । ଶିକ୍ଷାର ପ୍ରସାର ଫଳରେ ଏହି ବ୍ୟବସ୍ଥା ସଂପର୍କରେ ଆସ୍ତେ ଆସ୍ତେ ସେମାନେ ଜାଣିଲେଣି । କେବଳ ଭୋଟ ଦେବା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ବିଷୟରେ ଏମାନଙ୍କର ସେଭଳି ଧାରଣା ନଥାଏ ।

ବର୍ତ୍ତମାନ ସେମାନେ ଭୋଟ ବ୍ୟବସ୍ଥାକୁ ଗ୍ରହଣ କରିଛନ୍ତି। ପଞ୍ଚାୟତ ରାଜ ବ୍ୟବସ୍ଥା ଗ୍ରାମ, ବ୍ଲକ୍ ଏବଂ ଜିଲ୍ଲା ସ୍ତରରେ ଆଦିବାସୀମାନଙ୍କ ପାଇଁ ସାଧାରଣ ନିର୍ବାଚନରେ ବିଭିନ୍ନ ପଦ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଥିବାରୁ ଆଦିବାସୀମାନେ ଏହି ରାଜନୈତିକ ବ୍ୟବସ୍ଥାରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିପାରୁଛନ୍ତି। ସେମାନେ ମଧ୍ୟ ଗ୍ରାମ ସ୍ତରରେ ୱାର୍ଡମେମ୍ବର, ସରପଞ୍ଚ, ବ୍ଲକ୍‌ସ୍ତରରେ ଚେୟାରମ୍ୟାନ୍ ଏବଂ ସମିତିମେମ୍ବର, ଜିଲ୍ଲାସ୍ତରରେ ଜିଲ୍ଲାପରିଷଦ, ଏତଦ୍‌ବ୍ୟତୀତ ରାଜ୍ୟ ବିଧାନସଭାର ସଭ୍ୟ ଏବଂ ଲୋକସଭାର ସଭ୍ୟ ପଦ ପାଇଁ ପ୍ରତିଦ୍ୱନ୍ଦିତା କରୁଛନ୍ତି । ସେମାନଙ୍କୁ ଏହି ସୁଯୋଗ ପ୍ରଦାନ କରାଯାଇଥିବାରୁ ସେମାନେ ଭୋଟ ବ୍ୟବସ୍ଥାକୁ ଆପଣେଇ ନେଇଛନ୍ତି। ପୁରୁଖା ବା ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଭୋଟ ପ୍ରଥାକୁ ସହଜରେ ଗ୍ରହଣ କରିନଥାଆନ୍ତି । ସେହି ପୁରୁଣା ପାରମ୍ପରିକ ଗ୍ରାମସଭା ସେମାନଙ୍କ ପାଇଁ ଭଲ । ଯେକୌଣସି ଭଲ ମନ୍ଦ ବିଷୟ ସେମାନେ ଗାଁରେ ବିଚାର କରି ନ୍ୟାୟ ପାଉଥିଲେ, ତେଣୁ ସେମାନେ ଗାଁଓ୍ୱେକ୍ ବିଚାରକୁ ଅଧିକ ପସନ୍ଦ କରିଥାଆନ୍ତି।

ଆଦିବାସୀ ଅଞ୍ଚଳରେ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଲୋକମାନେ ସବୁ ବିଷୟରେ କିଛି କିଛି ଜାଣିଲେଣି। ସଚେତନକ୍ଷମ ହେଲେଣି। ପ୍ରାୟ ଶିକ୍ଷିତ ଲୋକେ ଭୋଟ ଦେବା ଅଧିକାର ସମ୍ବନ୍ଧୀୟ ଜାଣିଥିବାର ଜଣାଯାଏ। କେତେକ ଭୋଟ ଦେବାର ମୂଲ୍ୟ ବୁଝିଲେଣି। ଆଉ କେତେଜଣ ଭୋଟ ବିଷୟରେ ଅଜ୍ଞ ଥାଇ ସୁଦ୍ଧା ଅନ୍ୟ ଲୋକମାନଙ୍କ ଭୟରେ କିମ୍ବା ଟଙ୍କା ପଇସା ଆଳରେ ଭୋଟ ଦେଇଥାଆନ୍ତି। ସେମାନେ ଆଧୁନିକ ପଞ୍ଚାୟତରାଜ ବ୍ୟବସ୍ଥାକୁ ସାଦରେ ଗ୍ରହଣ କରିଥାଆନ୍ତି।

ଗ୍ରାମାଞ୍ଚଳରେ ବିଶେଷତଃ ଆଦିବାସୀ ଅଞ୍ଚଳମାନଙ୍କରେ ସରକାରଙ୍କର ଅଧିକାଂଶ ଯୋଜନା କାର୍ଯ୍ୟକାରୀ ହୋଇଥାଏ। ସେହି ଅନୁନ୍ନତ ଗୋଷ୍ଠୀର ସର୍ବାଙ୍ଗୀନ ଉନ୍ନତି ପାଇଁ ଗାଁ ଗାଁରେ ନୂତନ ସଡକ ତିଆରି, ପାନୀୟ ଜଳର ସୁବିଧା, ବିଜୁଳି ବତୀର ସୁବିଧା ଯୋଗାଇ ଦିଆଯାଇଥାଏ। ଅଧିକାଂଶ ଆଦିବାସୀ ଅଞ୍ଚଳରେ ଏ ପର୍ଯ୍ୟନ୍ତ ବିଜୁଳିବତୀ ସଂଯୋଗ କରାଯାଇ ନାହିଁ। କେତେକ ବାହ୍ୟ ଲୋକଙ୍କ ପ୍ରବେଶ ଫଳରେ ଅନେକ ଅସୁବିଧା ସୃଷ୍ଟି ହୋଇଥାଏ। ଏପରିକି ଲୋକମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥାଏ। ବିଭିନ୍ନ ଦଳମତ ନେଇ ମଧ୍ୟ ଗଣ୍ଡଗୋଳ ଉପୁଜିଥାଏ। ଲୋକମାନଙ୍କୁ ଅନେକ ମିଥ୍ୟ ପ୍ରତିଶ୍ରୁତି ଦେଇ ଭୋଟ ଆଦାୟ କରିଥାଆନ୍ତି ବିଭିନ୍ନ ଦଳର ଲୋକେ । ଲୋକମାନଙ୍କର ଅଜ୍ଞତା ସତ୍ତ୍ୱେ ଏପରି ହୋଇଥାଏ। ଭୋଟ ଗଣତି ସରିଲା ପରେ ନେତାମାନଙ୍କର ଆଉ ଦେଖା ସାକ୍ଷାତ୍ ନଥାଏ। ସେମାନେ ନିଜ ସ୍ୱାର୍ଥ ସାଧନରେ ସର୍ବଦା ଲାଗିଯାଆନ୍ତି। ନିରୀହ ଗରିବ ଆଦିବାସୀମାନଙ୍କୁ ପଚାରୁଛି କିଏ ? ବାହାରର ଲୋକେ ଏମାନଙ୍କୁ ଅନେକ ପ୍ରଲୋଭନ ଦେଖାଇଥାଆନ୍ତି । ଅନେକ ହଇରାଣ ମଧ୍ୟ ଏମାନଙ୍କୁ କରିଥାଆନ୍ତି । ଆଧୁନିକ ପଞ୍ଚାୟତ ବ୍ୟବସ୍ଥା ସେତେବେଳେ ବିପର୍ଯ୍ୟସ୍ତ ହୋଇପଡେ, ଯେତେବେଳେ ଲୋକମାନଙ୍କ ଉନ୍ନତି ନିମିତ୍ତ ସରକାରଙ୍କ ବିଭିନ୍ନ ଯୋଜନା ଅଧିନରେ ଅସୁବିଧା ଅର୍ଥ ବିଭିନ୍ନ ସାମଗ୍ରୀ କେତେକ ଲୋକମାନଙ୍କ ଦ୍ୱାରା ବାଟ ମାରଣା ହୋଇଥାଏ । ଲୋକମାନଙ୍କ ପାଖରେ ଠିକ୍ ଭାବରେ ପହଞ୍ଚି ପାରୁନାହିଁ ।

ପାରମ୍ପରିକ ଗ୍ରାମସଭା ଥିବା ଯୋଗୁ ଗ୍ରାମରେ ବିଶେଷତଃ ଶାନ୍ତିଶୃଙ୍ଖଳା ରକ୍ଷା ହୋଇପାରୁଥିଲା। କିନ୍ତୁ ଆଧୁନିକ ପଞ୍ଚାୟତ ବ୍ୟବସ୍ଥା ପ୍ରବର୍ତ୍ତନ ଫଳରେ ଶାନ୍ତିଶୃଙ୍ଖଳା ପରିବର୍ତ୍ତେ ଗ୍ରାମମାନଙ୍କରେ ଦଳବିବାଦ ଆଦି ଲୋକମାନଙ୍କ ମଧ୍ୟରେ ଲାଗି ରହିଥିବାର ଜଣାଯାଏ। ଆଧୁନିକ ପଞ୍ଚାୟତରାଜ ବ୍ୟବସ୍ଥାରେ ନିର୍ବାଚିତ ସଦ୍ୟମାନେ ପାରଂପରିକ ଗ୍ରାମସଭାର ସଦସ୍ୟମାନଙ୍କ ସହିତ ସେଭଳି ଖାପଖୁଆଇ ଚାଲିନଥିବାର ଲୋକେ ମତ ଦେଇ ନ ଥାଆନ୍ତି। ନିଜ ସ୍ୱାର୍ଥକୁ ଆଖି ଆଗରେ ରଖି ଆଧୁନିକ ପଞ୍ଚାୟତ ବ୍ୟବସ୍ଥାରେ ସଦସ୍ୟମାନେ ପାରମ୍ପରିକ ଗ୍ରାମସଭାର ସଦସ୍ୟମାନଙ୍କ ସହିତ ସଂପର୍କ ରକ୍ଷା କରିଥାଆନ୍ତି। ପାରମ୍ପରିକ ଗ୍ରାମସଭାର ସଦସ୍ୟମାନେ ପୁରୁଣା ତଥା ଧୀର ସ୍ଥିର ହୃଦୟର ବ୍ୟକ୍ତି ହୋଇଥିବାରୁ ଲୋକେ ସେମାନଙ୍କ କଥା ମାନିଥାଆନ୍ତି। ସହଜରେ ମୋକଦ୍ଦମାକୁ ଫଇସଲା କରି ଦେଇପାରନ୍ତି। ଆଧୁନିକ ପଞ୍ଚାୟତ ବ୍ୟବସ୍ଥାରେ ନିର୍ବାଚିତ ସଦସ୍ୟ ଲୋକମାନଙ୍କ ବିଷୟରେ ପ୍ରାୟତଃ ଅଜ୍ଞ। ତେଣୁ ଉଭୟ ପାରମ୍ପରିକ ଏବଂ ଆଧୁନିକ

ପଞ୍ଚାୟତ ବ୍ୟବସ୍ଥାର ସଦସ୍ୟମାନେ ହାତମିଳାଇ ଚାଲିଲେ ଲୋକମାନଙ୍କର ସୁବିଧା ଓ ଅସୁବିଧା ସଂପର୍କରେ ସହଜରେ ଜାଣି ହୁଏ ଏବଂ ସମାଧାନର ମାର୍ଗ ମଧ୍ୟ ସୁଗମ ହୋଇଥାଏ ବୋଲି ଲୋକମାନେ ମତବ୍ୟକ୍ତ କରିଥାଆନ୍ତି।

ସ୍ୱାଧୀନ ଭାବରେ ଜୀବନଯାପନ କରିବାକୁ ଲୋକେ ସର୍ବଦା ପସନ୍ଦ କରିଥାଆନ୍ତି । ଆଧୁନିକ ପଞ୍ଚାୟତ ବ୍ୟବସ୍ଥା ଅନେକ କ୍ଷେତ୍ରରେ ସେମାନଙ୍କ ପାଇଁ ଭଲ ବୋଲି ସେମାନେ ଗ୍ରହଣ କରିଥାଆନ୍ତି । ଅନ୍ୟ କାହାର ଅଧୀନରେ ରହିବାକୁ ସେମାନେ ଆଉ ପସନ୍ଦ କରି ନ ଥାଆନ୍ତି । ଆଧୁନିକ ପଞ୍ଚାୟତ ବ୍ୟବସ୍ଥା ବ୍ୟକ୍ତିକୁ ସ୍ୱାଧୀନତା ପ୍ରଦାନ କରିଥାଏ । ବିଚାର କ୍ଷେତ୍ରରେ ପରାମାଣିକଙ୍କୁ ଡାକି ବିଚାର କରାଯାଇଥାଏ । ଆଧୁନିକ ପଞ୍ଚାୟତ ବ୍ୟବସ୍ଥା ଯୋଗୁ ଆଦିବାସୀ ଅଞ୍ଚଳରେ ବିଭିନ୍ନ ଯୋଜନା କାର୍ଯ୍ୟ କରୁଛି । ତେଣୁ ଆଧୁନିକ ପଞ୍ଚାୟତ ବ୍ୟବସ୍ଥାକୁ ଲୋକେ ଗ୍ରହଣ କରିଥାଆନ୍ତି ।

■■

ଗୁଣିଗାରେଡ଼ି ଓ ଧାର୍ମିକ ପରମ୍ପରା

ରାଜୁଆରମାନେ ଅତ୍ୟନ୍ତ ଧର୍ମବିଶ୍ୱାସୀ। ସେଥିପାଇଁ ସେମାନେ ବର୍ଷର ବିଭିନ୍ନ ସମୟରେ ବିବିଧ ପୂଜାପାଠ ମାଧ୍ୟମରେ ଜୀବନର ମୂଲ୍ୟ ବୁଝିଥାଆନ୍ତି। ଦେବଦେବୀଙ୍କ ଉପରେ ସେମାନଙ୍କର ଅଖଣ୍ଡ ବିଶ୍ୱାସ ରହିଛି। ଭୂତ, ପ୍ରେତ, ଅନିଷ୍ଟକାରୀ ଶକ୍ତି ତଥା ମହାମାରୀ ରୋଗ ଦାଉରୁ ରକ୍ଷା ପାଇବା ପାଇଁ ମନ୍ତତନ୍ତ ତଥା ଗୁଣିବିଦ୍ୟା ଜାଣିଥିବା ଲୋକଙ୍କ ଉପରେ ସେମାନେ ନିର୍ଭରଶୀଳ ହୋଇଥାନ୍ତି। ପୂର୍ବପୁରୁଷମାନଙ୍କ ସନ୍ତୁଷ୍ଟି ବିଧାନ ପାଇଁ ପରିବାରସ୍ତରରେ ବିବିଧ ପୂଜା ପାଠ ଆୟୋଜନ କରିଥାନ୍ତି। ଗ୍ରାମର ଶାନ୍ତିଶୃଙ୍ଖଳା ରକ୍ଷା ତଥା ଲୋକମାନଙ୍କର ମଙ୍ଗଳ କାମନା କରିବା ପାଇଁ ଗ୍ରାମସ୍ତରରେ ଗ୍ରାମଦେବଦେବୀଙ୍କୁ ପୂଜା କରାଯାଇଥାଏ। ରାଜୁଆରମାନେ ଧର୍ମ ଏବଂ ଗୁଣିଗାରେଡ଼ି ସହିତ ଓତଃପ୍ରୋତଃ ଭାବେ ଜଡିତ। ନୀତିନିୟମ ଅନୁସାରେ ବିବିଧ ପୂଜାପାଠ କରିବାକୁ ସେମାନେ ଧର୍ମୀୟ କାର୍ଯ୍ୟ ବୋଲି ସେମାନେ କହିଥାଆନ୍ତି। ଯାଦୁବିଦ୍ୟାକୁ ସେମାନେ ସ୍ୱତନ୍ତ୍ର ଭାବରେ ଗ୍ରହଣ କରିଥାଆନ୍ତି। ଗୁଣି ଗାରେଡି ମାଧ୍ୟମରେ ସ୍ୱତନ୍ତ୍ର ମନ୍ତ୍ରପାଠ କରାଯାଇ ଦେବଦେବୀଙ୍କୁ ସନ୍ତୁଷ୍ଟିକରଣକୁ ଗୁଣିବିଦ୍ୟା ବା ଯାଦୁବିଦ୍ୟା ବୋଲି କହିଥାଆନ୍ତି। ଯେକୌଣସି ଧର୍ମୀୟ କାର୍ଯ୍ୟକଳାପ ମଧ୍ୟରେ ଗୁଣିଗାରେଡ଼ିରୁ ନିଚ୍ଛକ ପ୍ରତିଛବି ରହିଥାଏ। ନିମ୍ନରେ ଗୁଣିଗାରେଡ଼ି ଏବଂ ଧର୍ମୀୟ କାର୍ଯ୍ୟକଳାପ ଉପରେ ସବିଶେଷ ଆଲୋଚନା କରାଗଲା।

ଯାଦୁ / ଗୁଣିଗାରେଡି ଧର୍ମୀୟ କେନ୍ଦ୍ର :

ରାଜୁଆର ସମାଜରେ ଗୁଣିଆ (ଗୁରୁବୁଢ଼ା)ର ଘର ପଛପାଖ ବାଡିରେ ଗୁଣିଗାରେଡି ଶିକ୍ଷା ପାଇଁ ଗୋଟିଏ ଘର ତିଆରି କରାଯାଇଥାଏ। ଗୁଣିଆର ଘର ସାଧାରଣତଃ କେତେକ ଗ୍ରାମରେ ଗ୍ରାମକୁ ଲାଗି ରହିଥାଏ ତ ଆଉ କେତେକ ଗ୍ରାମରେ ଗ୍ରାମକୁ ଛାଡି ତିଆରି କରାଯାଇଥାଏ। ଗୁଣିଗାରେଡି ଧର୍ମୀୟ କେନ୍ଦ୍ରକୁ ସାଧାରଣତଃ ରାଜୁଆରମାନେ 'ଆଖଡା' ବୋଲି କହିଥାଆନ୍ତି । ଏହି ଗୃହଟି ସାଧାରଣ ଗୃହଠାରୁ ଛୋଟ ଆକୃତିର ତିଆରି କରାଯାଇଥାଏ । ଏହି ଗୃହଟିରେ ଗୋଟିଏ କବାଟ ଲାଗିଥାଏ। କୌଣସି ଝରକା ଦେଖିବାକୁ ମିଳେ ନାହିଁ । ଏହି ଗୃହ ପାର୍ଶ୍ୱରେ ତୁଳସୀ ଏବଂ ସିଜୁଗଛ ଲଗାଯାଇଥାଏ । ଗୁଣିବିଦ୍ୟା ଶିକ୍ଷାପାଇଁ ଏହି ଆଖଡା ହିଁ ପ୍ରକୃଷ୍ଟ କେନ୍ଦ୍ର। କେବଳ ରାତ୍ରି ସମୟରେ ଏହି କେନ୍ଦ୍ରରେ ମନ୍ତ୍ରପାଠ ଶିକ୍ଷା ଦିଆଯାଇଥାଏ। ଗୃହଟିକୁ ଚାଳଛପର କରାଯାଇଥାଏ।

ପବନ ଯିବା ଆସିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥାଏ। ସେହି ଗୃହରେ ପ୍ରାୟ ଅନ୍ୟ ଲୋକମାନେ ପ୍ରବେଶ କରି ନ ଥାଆନ୍ତି। ମନ୍ତ୍ର ଶିଖିବା ସମୟରେ ଗୃହ ମଧ୍ୟରେ ସମସ୍ତ ଶିକ୍ଷାର୍ଥୀ ନିରବତା ରକ୍ଷା କରିଥାଆନ୍ତି। ଅଭିଜ୍ଞ ଗୁଣିଆ ଦ୍ୱାରା ଶିକ୍ଷା ଦିଆଯାଇଥାଏ। ଏହି ଗୃହକୁ କୌଣସି ସ୍ତ୍ରୀଲୋକ ପ୍ରବେଶ ତଥା ଛୁଇଁବା ପାଇଁ ବାରଣ କରାଯାଇଥାଏ।

ସାଧାରଣତଃ ପରିବାର ସ୍ତରରେ ବର୍ଷର ବିଭିନ୍ନ ସମୟରେ ପୂଜାପାଠ କରାଯାଇଥାଏ। ରୋଷେଇଘରର ଏକ କୋଣରେ ପୂର୍ବପୁରୁଷମାନେ ଅବସ୍ଥାନ କରିଥିବାର ରାଜୁଆରମାନଙ୍କର ବିଶ୍ୱାସ ଅଦ୍ୟାବଧି ରହିଥିବା ଜଣାଯାଏ। ଏହି କୋଣକୁ ସେମାନେ 'ଇସାନ୍' ବୋଲି କହିଥାଆନ୍ତି। ଏହି ଇସାନ୍‌ରେ ବିଭିନ୍ନ ପୂଜା ସମୟରେ ଗୃହକର୍ତ୍ତା ଭୋଗ ନୈବେଦ୍ୟ ପ୍ରଦାନ ପୂର୍ବକ ପୂର୍ବପୁରୁଷଙ୍କୁ ପୂଜା ଆରାଧନା କରିଥାଆନ୍ତି। ପୂଜା ପୂର୍ବରୁ ସଂପୃକ୍ତ ସ୍ଥାନଟିକୁ ଲିପାପୋଛା କରି ଝୋଟି ଦେଇଥାଆନ୍ତି। ପରିବାରର ମଙ୍ଗଳ କାମନା ପାଇଁ ତଥା ପରିବାରରେ ଶାନ୍ତି ବିରାଜମାନ କରିବା ପାଇଁ ପୂର୍ବପୁରୁଷମାନେ ସହାୟ ହୋଇଥାଆନ୍ତି ବୋଲି ସେମାନଙ୍କର ବିଶ୍ୱାସ ରହିଛି। ଏତଦ୍‌ବ୍ୟତୀତ ରାଜୁଆରମାନେ ଗୃହ କାନ୍ଥରେ ବିଭିନ୍ନ ଦେବଦେବୀ ଯଥା; ମହାଲକ୍ଷ୍ମୀ, ଗଣେଶ, ଶ୍ରୀକୃଷ୍ଣ, ଶିବ, ମହାକାଳୀ ଇତ୍ୟାଦିଙ୍କର ଫଟୋ ଝୁଲାଇଥାଆନ୍ତି ।

ରାଜୁଆର ସମାଜରେ ବେଳେବେଳେ ଅସ୍ଥାୟୀ ଭାବରେ ଯାଦୁଧର୍ମୀୟ କେନ୍ଦ୍ରମାନ ତିଆରି କରାଯାଇଥାଏ । ପୂଜା ଶେଷ ହେବା ପରେ ସେ ପୂଜା ସ୍ଥାନଟି ସର୍ବ ସାଧାରଣଙ୍କ ବ୍ୟବହାରରେ ଆସିଥାଏ । ରାଜୁଆରମାନେ ପାଳନ କରୁଥିବା ପୂଜା ମଧ୍ୟରେ ଅନ୍ଧାରି ପୂଜା ପାଇଁ ଗ୍ରାମ ମଧ୍ୟସ୍ଥ ଯେକୌଣସି ପୋଖରୀ ସନ୍ନିକଟ ସ୍ଥାନ ବା କୌଣସି ଗଛମୂଳକୁ ଅସ୍ଥାୟୀ ଭାବରେ ଯାଦୁଧର୍ମୀୟ କେନ୍ଦ୍ରଭାବରେ ଗ୍ରହଣ କରିଥାଆନ୍ତି । ଏହି ଅନ୍ଧାରୀ ପୂଜାରେ ବିଳମ୍ବିତ ରାତ୍ରିରେ ଏହି ବୃକ୍ଷମୂଳ ପାଖକୁ ଦେହୁରୀ, ଦୁଇଜଣ ଦାସୀ ଏବଂ ଗ୍ରାମରୁ ଚେର ଜଣ ଲୋକ ଯାଇଥାଆନ୍ତି । ସେଠାରେ ପୂଜା ପାଠ କରି ବଳି ମଧ୍ୟ ଦିଆଯାଇଥାଏ । ଗୋଟିଏ ରାତ୍ରି ପୂଜା ପାଇଁ ସେହି ସ୍ଥାନକୁ ବ୍ୟବହାର କରାଯାଇଥାଏ ।

ପ୍ରତ୍ୟେକ ଆଦିବାସୀ ଅଞ୍ଚଳରେ ଅନେକ ଦେବଦେବୀ ଆବାହମାନକାଳରୁ ରହି ଆସିଛନ୍ତି । ଗ୍ରାମ ଅନୁସାରେ ଗ୍ରାମଦେବତାଙ୍କର ନାମ ଭିନ୍ନ ଭିନ୍ନ ହୋଇଥାଏ । ଯେପରି ଭୂପଡ ଗ୍ରାମର ଗ୍ରାମଦେବତାଙ୍କ ନାମ ଭୂପଡ଼ବୁଢ଼ୀ ଥିବାବେଳେ କମଳୀ ଗ୍ରାମର ଗ୍ରାମଦେବତାଙ୍କ ନାମ ମା' ମହିଷାଶୂରୀ । କମଳୀ ଗ୍ରାମର ପଶ୍ଚିମଦିଗରେ ଗ୍ରାମ

ଶେଷ ଭାଗରେ ମା' ମହିଷାଶୂରୀଙ୍କ ପୀଠ ରହିଛି । ଏକ ଝଙ୍କାଳିଆ ବରଗଛ ମୂଳରେ ମା'ଙ୍କର ପୀଠ ରହିଛି । ବରଗଛର ଚତୁଃପାର୍ଶ୍ୱ ପଥର ଓ ସିମେଣ୍ଟ ଦ୍ୱାରା ଏକ ଚାନ୍ଦିନୀ କରାଯାଇଛି । ଗ୍ରାମର ସୁରକ୍ଷାବଳୟ ମା'ଙ୍କ ହାତରେ ରହିଛି ବୋଲି ଲୋକମାନେ ବିଶ୍ୱାସ କରିଥାଆନ୍ତି । ମା' ମହିଷାଶୂରୀଙ୍କର ସେପରି ସ୍ୱତନ୍ତ୍ର ବେଶଭୂଷା ନ ଥାଏ । ପୂଜାପୀଠସ୍ଥଳୀ ହିସାବରେ କେବଳ ପଥର ଏବଂ ମାଟି ତିଆରି ହାତୀ ଏବଂ ଘୋଡା ରହିଛି । ପ୍ରତିଦିନ ଏହି ପୂଜା ପୀଠସ୍ଥଳୀରେ ପୂଜା ଆରାଧନା କରାଯାଇଥାଏ । ମା' ମହିଷାଶୂରୀଙ୍କ ପୀଠସ୍ଥଳ ନିକଟରେ ଗ୍ରାମଦେବତା ଭାବରେ 'ବଇଚ୍ଛାବୁଢ଼ା'ଙ୍କ ପୀଠସ୍ଥଳ ରହିଛି। ଗ୍ରାମଦେବଦେବୀ ଯେଉଁ ଗଛମୂଳ ଅବସ୍ଥାନ କରିଥାଆନ୍ତି ସେହି ଗଛକୁ ହାଣିବା ଏବଂ ଗଛରୁ ପତ୍ର ଛିଡାଇବା ପାଇଁ ବାରଣ କରାଯାଇଥାଏ । ଅନ୍ୟ ଗ୍ରାମର ଦେବଦେବୀଙ୍କ ପୀଠସ୍ଥଳୀ ବୃକ୍ଷରାଜିରେ ପରିପୂର୍ଣ୍ଣ ହୋଇଥିବା ଜଣାଯାଏ । ଯାହାହେଲେ ମଧ୍ୟ ସେମାନେ ଗ୍ରାମଦେବଦେବୀଙ୍କ ନିକଟରେ ପୂଜା କରିବାକୁ କେବେ ପଛାଇ ନ ଥାଆନ୍ତି । ବିଭିନ୍ନ ପୂଜାରେ ଗ୍ରାମଦେବତୀ ମା' ମହିଷାଶୂରୀଙ୍କ ପୀଠରେ ବଳି ମଧ୍ୟ ଦିଆଯାଇଥାଏ । ଗ୍ରାମ ଦେବଦେବୀ ସନ୍ତୁଷ୍ଟ ରହିଲେ ଗ୍ରାମର କୌଣସି ଅନିଷ୍ଟ ବା ଅମଙ୍ଗଳ ହୋଇନଥାଏ ବୋଲି ଲୋକମାନେ ବିଶ୍ୱାସ କରିଥାଆନ୍ତି। ଏତଦ୍‌ବ୍ୟତୀତ ଗ୍ରାମକୁ ଲାଗି ମଙ୍ଗଳା ମନ୍ଦିର ଏବଂ ମହାଦେବଙ୍କ ମନ୍ଦିର ମଧ୍ୟ ରହିଛି। ଏହି ସବୁ ପୂଜାପୀଠସ୍ଥଳୀ ଗୁଡିକରେ ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମବାସୀମାନେ ଗ୍ରହଣ କରିଥାଆନ୍ତି । ପୂଜାର ଅବ୍ୟବହିତ ପୂର୍ବରୁ ସଂପୃକ୍ତ ପୂଜାପୀଠସ୍ଥଳୀଗୁଡିକୁ ପରିଷ୍କାର ଏବଂ ପରିଚ୍ଛନ୍ନ କରିଥାଆନ୍ତି। ବର୍ଷ ମଧ୍ୟରେ ଗ୍ରାମଦେବତୀ ମା' ମହିଷାଶୂରୀଙ୍କ ପୀଠରେ ଧୂଳିଆ ପୂଜା, ଆଷାଢ଼ିପୂଜା, ଜାନ୍ତାଳ ପୂଜା ଏବଂ ମାଘପୂଜା ଅନୁଷ୍ଠିତ ହୋଇଥାଏ । ବିଭିନ୍ନ ପୂଜାରେ ଦେହୁରୀ ପାରମ୍ପରିକ ରୀତିରେ ପୂଜାକାର୍ଯ୍ୟ ସଂପନ୍ନ କରିଥାଏ ।

ପରିବାରସ୍ତରରେ ପୂଜାକର୍ମ :

ପରିବାର ମଧ୍ୟରେ ଅନେକ ପୂଜା ତଥା ପର୍ବପର୍ବାଣି ପାଳନ କରାଯାଇଥାଏ। ପୂଜାକାର୍ଯ୍ୟ ସାଧାରଣତଃ ଗୃହକର୍ତ୍ତା ହିଁ କରିଥାଆନ୍ତି। ରୋଷେଇଶାଳ କୋଣରେ ଥିବା ଇସାଣରେ ପୂର୍ବପୁରୁଷମାନେ ଅବସ୍ଥାନ କରନ୍ତି ବୋଲି ଲୋକମାନଙ୍କର ଧାରଣା ରହିଛି। ତେଣୁ ପୂର୍ବପୁରୁଷମାନଙ୍କୁ ସନ୍ତୁଷ୍ଟ କରିବା, ଗୃହ ଦେବଦେବୀମାନଙ୍କୁ ସନ୍ତୁଷ୍ଟ କରିବା ସଙ୍ଗେ ପରିବାରବର୍ଗର ମଙ୍ଗଳ କାମନା କରିବା ଏବଂ ଗୃହପାଳିତ ପଶୁପକ୍ଷୀମାନଙ୍କର ସୁରକ୍ଷା ନିମନ୍ତେ ବିଭିନ୍ନ ପୂଜାପାଠ କରାଯାଇଥାଏ।

ହୋଇଥାଏ । ତାଙ୍କ ପାଇଁ ସମସ୍ତେ ଶ୍ରଦ୍ଧା, ଭକ୍ତି ଅଜାଡି ନେଇଥାଏ । ବୟୋଜ୍ୟେଷ୍ଠ ବ୍ୟକ୍ତି ହିସାବରେ ଗ୍ରାମ ସ୍ତରରେ ଏବଂ ପରିବାର ମୁଖ୍ୟ ହିସାବରେ ପରିବାର ସ୍ତରରେ ଏହାକୁ ସମ୍ମାନ ଦିଆଯାଇଥାଏ ।

ରାଜୁଆର ସମାଜରେ ଗ୍ରାମସ୍ତରୀୟ ପୂଜାକାର୍ଯ୍ୟ ସଂପନ୍ନ କରିବା ପାଇଁ ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ ହିସାବରେ 'ଦେହୁରୀ' ବା ଦେହେରୀ ରହିଥାଆନ୍ତି । ଗ୍ରାମ ତଥା ଗ୍ରାମବାସୀମାନଙ୍କର ସାର୍ବିକ ମଙ୍ଗଳ ତଥା ଗ୍ରାମକୁ ସବୁଦିଗରୁ ସୁରକ୍ଷା ପ୍ରଦାନ ପାଇଁ ବିଭିନ୍ନ ପୂଜା ମାଧ୍ୟମରେ ଗ୍ରାମଦେବତୀ ମା' ମହିଷାଶୂରୀ ଏବଂ ଗ୍ରାମଦେବତା 'ବଇଛାପାଟ୍' ବା 'ବଇଛାବୁଢ଼ା'ଙ୍କୁ ସନ୍ତୁଷ୍ଟ କରାଯାଇଥାଏ । ଗ୍ରାମର ଲୋକମାନଙ୍କୁ ଦେବାଦେବୀ ପରୋକ୍ଷରେ ହେଉ କିମ୍ବା ପ୍ରତ୍ୟକ୍ଷରେ ହେଉ ସଦାସର୍ବଦା ସହାୟ ହୋଇଥାଆନ୍ତି ବୋଲି ଲୋକମାନଙ୍କର ବିଶ୍ୱାସ ।

ଦେହୁରୀ :

ରାଜୁଆର ସମାଜରେ ଗ୍ରାମସ୍ତରୀୟ ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ ବା ଦେହେରୀ ପଦଟି ଉତ୍ତରାଧିକାର ସୂତ୍ରରେ / ବଂଶାନୁକ୍ରମିକ ଭାବରେ ବଛାଯାଇଥାଏ। ବେଳେବେଳେ ମଧ୍ୟ ଏହି ନିୟମ ବ୍ୟତିକ୍ରମ ଘଟିଥାଏ । କୌଣସି ବ୍ୟକ୍ତି ଦେହୁରୀ (ଦେହେରୀ) ଭାବେ ଦାୟିତ୍ୱରେ ରହି କୌଣସି ଆକସ୍ମିକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଲେ କିମ୍ବା ବୃଦ୍ଧ ହୋଇଗଲେ କିମ୍ବା ପୂଜା କରିବାରେଅକ୍ଷମତା ପ୍ରକାଶ କଲେ ସେ କ୍ଷେତ୍ରରେ ସଂପୃକ୍ତ ବ୍ୟକ୍ତିଙ୍କର ପୁତ୍ର କିମ୍ବା ତାଙ୍କ ବଂଶଧର କୌଣସି ବ୍ୟକ୍ତିଙ୍କୁ ମନୋନୟନ କରାଯାଇଥାଏ। ଯଦି ସଂପୃକ୍ତ ବ୍ୟକ୍ତିଙ୍କର କୌଣସି ପୁତ୍ର କିମ୍ବା ବଂଶଧର ନ ଥାଆନ୍ତି, ତେବେ ପାରଂପରିକ ଗ୍ରାମସଭା ବା ଗାଁଓ୍ୱେକ୍ ବିଚାରରେ ସମବେତ ଆଲୋଚନା କରାଯାଇ ଜଣେ ଦାୟିତ୍ୱସଂପନ୍ନ ବ୍ୟକ୍ତିଙ୍କୁ ବଛାଯାଇଥାଏ । ମନୋନୀତ ବ୍ୟକ୍ତି ତା' ପରଠାରୁ ଦେହୁରୀ ହିସାବରେ ସମସ୍ତ ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟ ସଂପାଦନରେ ବ୍ରତୀ ହୋଇଥାଏ। ଦେହୁରୀ ଭାବେ କାର୍ଯ୍ୟକରୁଥିବା ସଂପୃକ୍ତ ବ୍ୟକ୍ତିଙ୍କର ପୁତ୍ର ମଧ୍ୟ ବିଭିନ୍ନ ପୂଜାରେ ବାପାଙ୍କ ଦ୍ୱାରା କୃତ କର୍ମକାଣ୍ଡକୁ ଅନୁସରଣ କରି କିଛି ଶିକ୍ଷା କରିଥାଏ।

ଗ୍ରାମସ୍ତରୀୟ ଦେବଦେବୀମାନଙ୍କୁ ପୂଜା ଆରାଧନା କରିବା ପାଇଁ ରାଜୁଆର ସମାଜରେ ଜଣେ ଦେହୁରୀଙ୍କୁ ମନୋନୀତ କରିଥାଆନ୍ତି । କେତେକ ବିଷୟକୁ ଲକ୍ଷ

କରି ଲୋକେ ଦେହୁରୀକୁ ବାଛିଥାଆନ୍ତି । ଦେହୁରୀ ପଦ ପାଇଁ ସଂପୃକ୍ତ ବ୍ୟକ୍ତିଙ୍କର କେତେକ ଗୁଣ ତଥା ବ୍ୟକ୍ତିତ୍ୱ ରହିବା ଦରକାର । ତାହା ନିମ୍ନରେ ପ୍ରଦତ୍ତ ହେଲା :

- ଦେହୁରୀ କାର୍ଯ୍ୟ ଚୁଲାଇବା ପାଇଁ ସଂପୃକ୍ତ ବ୍ୟକ୍ତି ଜଣକ ରାଜୁଆର କିମ୍ବା ଶବର କିମ୍ବା ଭୂୟାଁ ସଂପ୍ରଦାୟର ହୋଇଥିବେ ।
- ଠାକୁର ଓ ଠାକୁରାଣୀମାନଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ଏବଂ ଭକ୍ତି ରଖୁଥିବେ।
- ଗ୍ରାମଦେବଦେବୀଙ୍କୁ ପୂଜା କରିବାରେ ସିଦ୍ଧହସ୍ତ ହୋଇଥିବେ।
- ସେ ଜଣେ ସରଳ, ସଚ୍ଚୋଟ, ଜ୍ଞାନୀ ତଥା ବୁଦ୍ଧିମାନ ହୋଇଥିବେ।
- ବିଭିନ୍ନ ପୂଜାର ନୀତିନିୟମ ଭଲଭାବରେ ଜାଣିଥିବେ।
- ଦେହୁରୀ ସାଙ୍ଗରେ କିଛିଦିନ କାର୍ଯ୍ୟ କରିଥିବେ।
- କୌଣସି ଅତ୍ୟଧିକ ନିଶାଯୁକ୍ତ ଦ୍ରବ୍ୟ /ପାନୀୟ ବ୍ୟବହାର କରୁନଥିବେ।
- ପ୍ରତ୍ୟେକ ଲୋକଙ୍କୁ ସମାନ ଭାବରେ ଭଲ ପାଉଥିବେ ।

ଦେହୁରୀ ହେବା ପାଇଁ ବ୍ୟକ୍ତି ସ୍ୱତନ୍ତ୍ରଧରଣର ତାଲିମ୍ ଗ୍ରହଣ କରି ନ ଥାଏ । ଉତ୍ତରାଧିକାର ସୂତ୍ରରେ ଏହି ଦେହୁରୀ ପଦ ଗ୍ରହଣ କରାଯାଇଥାଏ । ଦେହୁରୀଙ୍କ କାର୍ଯ୍ୟରେ ସହଯୋଗ କରିବା ପାଇଁ ତାଙ୍କ ପାଖରେ ଦୁଇଜଣ ବ୍ୟକ୍ତି ପୂଜା ସମୟରେ ରହିଥାଆନ୍ତି । ରାଜୁଆର ଭାଷାରେ ଏମାନଙ୍କୁ 'ଘଳାହାରି' ବୋଲି କୁହାଯାଏ । ଭବିଷ୍ୟତରେ ଏମାନେ ମଧ୍ୟ ଦେହୁରୀ ପଦ ଗ୍ରହଣ କରିଥାଆନ୍ତି । ବିଭିନ୍ନ ପୂଜା ସମୟରେ ଦେହୁରୀ କରୁଥିବା ବିଭିନ୍ନ କାର୍ଯ୍ୟକୁ ଏମାନେ ଅନୁସରଣ କରିଥାଆନ୍ତି । ପୂଜାର ନୀତିନିୟମ, ପୂଜା ଉପକରଣ ସଂଗ୍ରହ ଏବଂ ବଳି ପ୍ରଦାନର ନୀତିନିୟମକୁ ଅନୁସରଣ କରିଥାଆନ୍ତି । କେତେକ କ୍ଷେତ୍ରରେ ଦେହୁରୀ ମଧ୍ୟ ଏମାନଙ୍କୁ ବଚାଇ ଦେଇଥାଆନ୍ତି । ବିଶେଷତଃ ଦେହୁରୀଭ୍‌କ କାର୍ଯ୍ୟକଳାପକୁ ଅନୁସରଣ କରି ପ୍ରତ୍ୟେକ ପୂଜାବିଧି ସଂପର୍କରେ ଏମାନେ ଶିକ୍ଷା କରିଥାଆନ୍ତି ।

ରାଜୁଆର ସମାଜରେ ବର୍ଷକ ମଧ୍ୟରେ ବିଭିନ୍ନ ପୂଜା ଅନୁଷ୍ଠିତ ହୋଇଥାଏ। ଗ୍ରାମ ତଥା ଗ୍ରାମବାସୀମାନଙ୍କର ମଙ୍ଗଳ ବିଧାନ ନିମନ୍ତେ ବିଭିନ୍ନ ପୂଜା ମାଧ୍ୟମରେ ଦେହୁରୀ ଗ୍ରାମ ଦେବଦେବୀମାନଙ୍କୁ ସନ୍ତୁଷ୍ଟ କରିଥାଏ। ଗ୍ରାମସ୍ତରରେ ସାଧାରଣତଃ ଧୂଳିଆପୂଜା, ଆଷାଢ଼ୀପୂଜା, ଅନ୍ଧାରୀପୂଜା ଓ ଜାନ୍ତାଳପୂଜାରେ ଗ୍ରାମଦେବତାଙ୍କୁ ଦେହୁରୀ ପୂଜା କରିଥାଏ। ମାଘ୍ ପୂଜାରେ ଗ୍ରାମଦେବତା ବଇଛାପାଟ୍ ବା ବଇଛାବୁଢ଼ାଙ୍କୁ

ପୂଜା କରାଯାଇଥାଏ। ପ୍ରତ୍ୟେକ ପୂଜା ପୂର୍ବରୁ ନିଜେ ଦେହୁରୀ ପୂଜା ପାଇଁ ପୂଜୋପକରଣ ସଂଗ୍ରହ କରିଥାଏ । ପୂଜା ପାଇଁ ସାଧାରଣତଃ ଅରୁଆଚାଉଳ, ସିନ୍ଦୁର, ଧୂପ, ଦୀପ, ଦିଆସିଲି, ପଞ୍ଚବର୍ଣ୍ଣଗୁଣ୍ଡ, ଉଖୁଡା, ମିଠେଇ, କଦଳୀ, ଗୁଡ, କ୍ଷୀର, ଗଞ୍ଜେଇ ଇତ୍ୟାଦି ସଂଗ୍ରହ ହୁଏ । ଗ୍ରାମରେ କୌଣସି କାରଣରୁ ମହାମାରୀ ରୋଗ ବ୍ୟାପିଥିଲେ ତାହାର ନିରାକରଣ ପାଇଁ ଦେହୁରୀ ସ୍ୱତନ୍ତ୍ର ଭାବରେ ଗ୍ରାମଦେବତୀଙ୍କୁ ପୂଜା କରିଥାଏ ।

ପୂଜାଦିନ ଦେହୁରୀ ସ୍ନାନ ତର୍ପଣ ଶେଷ କରି ଧଳା ରଙ୍ଗର ଖଦୀ ବା ଧୋତିକୁ ପିନ୍ଧିଥାଏ । ସେହି ଧୋତିର ଅଗ୍ରଭାଗକୁ ବେକରେ ଗୁଡାଇଥାଏ। ସମସ୍ତ ପୂଜା ସାମଗ୍ରୀ ଧରି ଗ୍ରାମଦେବତୀଙ୍କ ପୀଠସ୍ଥଳୀରେ ପହଞ୍ଚିଥାଏ। ଏତଦ୍‌ବ୍ୟତୀତ ପଶୁ ଓ ପକ୍ଷୀମାନଙ୍କୁ ବଳି ଦେବାପାଇଁ ସାଥିରେ ଟାଙ୍ଗିଆ କିମ୍ବା ଫାର୍ସା ନେବାକୁ ଭୁଲି ନ ଥାଏ । ପୂଜା ପୂର୍ବରୁ ଠାକୁରାଣୀଙ୍କୁ ହଳଦୀପାଣିରେ ଧୋଇଥାଏ। ପୂଜା ସାମଗ୍ରୀ ସଜାଡି ରଖିବା ପରେ ଠାକୁରାଣୀଙ୍କ ସାମନା ଭାଗକୁ ଗୋବରରେ ଲିପିଥାଏ। ତା'ପରେ ତୁଳସୀପାଣି ଠାକୁରାଣୀଙ୍କ ଉପରକୁ ସିଞ୍ଚନ କରିଥାଏ, ପରେ ନିଜେ ସିଞ୍ଚି ହୋଇଥାଏ। ପୂଜା ଭିତରେ ମା' ମହିଷାଶୂରୀଙ୍କ ମଥାରେ ସିନ୍ଦୁର ଦେବା ସଙ୍ଗେ ସଙ୍ଗେ ବସୁମାତାଙ୍କୁ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ସିନ୍ଦୁର ଲଗାଇ ଦେଇଥାଏ। ପରେ ସମସ୍ତ ଦେବଦେବୀଙ୍କୁ ସ୍ମରଣ କରିଥାଆନ୍ତି। ତା'ପରେ ହାତ ଧୋଇ ହୋଇ ଅରୁଆଚାଉଳକୁ ସିନ୍ଦୁର ଉପରେ ପକାଇ ପୁନର୍ବାର ସମସ୍ତ ଦେବାଦେବୀଙ୍କୁ ଭକ୍ତିଭରେ ଆହ୍ୱାନ କରିଥାଏ। ମା' ପାଖରେ ଭୋଗ ଚଢ଼ାଇବା ପରେ ସବୁ ଦେବାଦେବୀଙ୍କ ନାମ ଉଚ୍ଚାରଣ କରି ଭୋଗ ଚଢ଼ାଇଥାଆନ୍ତି। ଦେହୁରୀକୁ କାର୍ଯ୍ୟରେ ସାହାଯ୍ୟ କରୁଥିବା ଦୁଇଜଣ ଦାସୀ ବା ଘଳାହାରିଆଙ୍କ ଦ୍ୱାରା ପଶୁପକ୍ଷୀ ବଳି ଦିଆଯାଇଥାଏ। ବଳି ଅର୍ପଣ ପରେ ଦେହୁରୀ ତିନିଥର ପାଣି ଛଡାଇ ପୂଜାକାର୍ଯ୍ୟ ଶେଷ କରିଥାଆନ୍ତି।

ସାଧାରଣତଃ ପୂଜା ସମୟରେ ଦେହୁରୀ ଧଳାରଙ୍ଗର ଖଦୀ କଛାମାରି ପିନ୍ଧିଥାଆନ୍ତି । ଖଦୀର ଅଗ୍ରଭାଗକୁ ବେକରେ ଗୁଡାଇଥାଆନ୍ତି । ଅନ୍ୟ ସମୟରେ ସାଧାରଣତଃ ସେହି ଖଦୀକୁ ପରିଧାନ କରିଥାଆନ୍ତି । କେବଳ ଅନ୍ଧାରି ପୂଜାରେ ଦେହୁରୀ କଳା ଶାଢ଼ି ପିନ୍ଧି କୌଣସି ପୋଖରୀ ନିକଟରେ କିମ୍ବା ଗଛମୂଳରେ ପୂଜାପାଠ କରିଥାଏ । ପାରମ୍ପରିକ ବେଶରେ ପୂଜାକାର୍ଯ୍ୟ ସଂପାଦନ କରିଥାଆନ୍ତି ।

ବିଭିନ୍ନ ପ୍ରକାର ପୂଜାପାଇଁ ସାଧାରଣତଃ ଦେହୁରୀ କେତେକ ନିଷେଧାଦେଶକୁ ମାନିବାକୁ ବାଧ ହୋଇଥାଆନ୍ତି । ସେଥି ମଧ୍ୟରେ କେତେକ ପ୍ରଦତ୍ତ କରାଗଲା ।



ଗ୍ରାମ ଦେହୁରୀଙ୍କ ଦେବପୂଜନ



ଗ୍ରାମ ଦେହୁରୀ ଦମ୍ପତ୍ତି ନାତି ସହ

- ଭାତ ଏବଂ କୌଣସି ଶସ୍ୟଜାତୀୟ ଖାଦ୍ୟ ଖାଇବେ ନାହିଁ ।
- ହାଣ୍ଡିଆ, ମଦ ତଥା ଅନ୍ୟାନ୍ୟ ମାଦକଦ୍ରବ୍ୟ ସେବନ କରିବେ ନାହିଁ ।
- ମାଛ, ମାଂସ ଆଦି ଆମିଷଦ୍ରବ୍ୟ ଭକ୍ଷଣ କରିବେ ନାହିଁ ।
- ପୂର୍ବରାତ୍ରିରେ ସହବାସ ବର୍ଜନୀୟ ।
- ପୂଜା ଶେଷ ନହେବା ପର୍ଯ୍ୟନ୍ତ ପଡୋଶୀମାନଙ୍କଠାରୁ କୌଣସି ଖାଦ୍ୟ ଗ୍ରହଣ କରିବେ ନାହିଁ ।
- ଛୁଟିକିଆ, ମୃତିକିଆ, ମାଛିଦୋଷ ଇତ୍ୟାଦି ଅପବିତ୍ର କାର୍ଯ୍ୟ ଦେହୁରୀ ପରିବାର ମଧ୍ୟରେ ହୋଇଥିଲେ ସେ ଗ୍ରାମଦେବତୀଙ୍କୁ ପୂଜା କରି ନ ଥାଏ ।

ଗ୍ରାମସ୍ତରରେ ଗ୍ରାମଦେବତୀଙ୍କୁ ବିଭିନ୍ନ ପୂଜାପାଠ କାର୍ଯ୍ୟ ସଂପାଦନ କରୁଥିବାରୁ ଗ୍ରାମସ୍ତରୀୟ ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ ବା ଦେହୁରୀଙ୍କୁ କିଛି ପାଉଣା ଦିଆଯାଇଥାଏ। ଗ୍ରାମ ଠାକୁରଠାକୁରାଣୀଙ୍କ ନାମରେ ଥିବା ଜମିରୁ ଦୁଇ ଏକ (ଦୁଇମାଣ) ଜମି ଦେହୁରୀକୁ ଦିଆଯାଇଥାଏ । ସେହି ଜମିରୁ ବିଭିନ୍ନ ଶସ୍ୟ ଉତ୍ପାଦନ କରି ଦେହୁରୀ ବର୍ଷସାରା ଚଳିଥାଏ। ଗ୍ରାମ ଅନୁଯାୟୀ ଦେହୁରୀର ପାଉଣା ଭିନ୍ନ ହୋଇଥାଏ। ଏତଦ୍‌ବ୍ୟତୀତ ଧାନ କଟା ସମୟରେ ମଧ୍ୟ ଗ୍ରାମର ପ୍ରତି ଲୋକଙ୍କ ଜମିରୁ ଗୋଟିଏ ଧାନବିଡା ଆଣିଥାଏ। ଲୋକମାନେ ଗ୍ରାମ ପୂଜକ ହିସାବରେ ଖୁସିରେ ଦେଇଥାଆନ୍ତି।

ଗ୍ରାମସ୍ତରୀୟ ପ୍ରତ୍ୟେକ ପୂଜାରେ ଦେହୁରୀଙ୍କୁ ଧଳାରଙ୍ଗରଏକ ନୂଆ ଧୋତି ଗ୍ରାମ ତରଫରୁ ଦିଆଯାଇଥାଏ। ମକରପୂଜା ପରଦିନ ଗ୍ରାମବାସୀମାନନେ ଦେହୁରୀଙ୍କୁ ଚାଉଳ, ପନିପରିବା, ପିଠାପଣା ଇତ୍ୟାଦି ଦେଇଥାଆନ୍ତି। ବିବାହ କ୍ଷେତ୍ରରେ ବିବାହର ପୂର୍ବଦିନ ଅର୍ଥାତ୍ ମଙ୍ଗଳପାକ ଦିବସରେ ଗ୍ରାମଦେବତୀଙ୍କ ନିକଟକୁ ଗୃହକର୍ତ୍ତା ଧଳାରଙ୍ଗର ଗୋଟିଏ ଧୋତି, ଚାଉଳ ଏକ ସେର ଏବଂ ଏକଟଙ୍କା ପଚିଶ ପଇସା ଦେଇଥାଆନ୍ତି। ଏତଦ୍‌ବ୍ୟତୀତ ନବଜାତ ଶିଶୁର ନାମକରଣ ଦିବସରେ ଦେହୁରୀଙ୍କୁ ଲୋକେ ମଧ୍ୟ ଚାଉଳ ଓ ପନିପରିବା ଦେଇଥାଆନ୍ତି। ବିଭିନ୍ନ ପୂଜାରେ ଗ୍ରାମଦେବତୀଙ୍କ ଉଦ୍ଦେଶ୍ୟରେ ବଳି ଦିଆଯାଉଥିବା ପଶୁପକ୍ଷୀମାନଙ୍କର କଟାମୁଣ୍ଡକୁ ମଧ୍ୟ ଦେହୁରୀକୁ ଦିଆଯାଇଥାଏ। ଦେହୁରୀ ଗ୍ରାମଦେବତୀଙ୍କ ପୂଜାକରିବା ଦାୟିତ୍ୱରେ ଥିବା ପର୍ଯ୍ୟନ୍ତ ଗ୍ରାମ ତରଫରୁ ଠାକୁରାଣୀଙ୍କ ଜମିରୁ ଦୁଇ ଏକର ଦିଆଯାଇଥିବା ଜମିରେ ଶସ୍ୟ ଉତ୍ପାଦନ କରି ଜୀବିକା

ନିର୍ବାହ କରିଥାଆନ୍ତି। ଏତଦ୍‌ବ୍ୟତୀତ ଶିକାର କ୍ଷେତ୍ରରେ ଗ୍ରାମବାସୀମାନେ ସାମୂହିକ ଭାବରେ ଶିକାର କରିଥିବା ମାଂସକୁ ଦୁଇଭାଗ ଦେହୁରୀକୁ ଦିଆଯାଇଥାଏ। ଏକଭାଗ ନିଜ ପାଇଁ ଏବଂ ଆଉ ଏକ ଭାଗ ଦେହୁରୀ ପଦବୀ ପାଇଁ। ଯେକୌଣସି ଶସ୍ୟ ଉତ୍ପାଦନ କରିପାରିବା ପରେ ଖୁସିରେ ଲୋକମାନେ ଦେହୁରୀଙ୍କୁ କିଛି ପ୍ରଦାନ କରିଥାଆନ୍ତି।

ଗ୍ରାମସ୍ତରରେ ବିଭିନ୍ନ ପୂଜାପାଠ ମାଧ୍ୟମରେ ଗ୍ରାମଦେବଦେବୀଙ୍କୁ ସନ୍ତୁଷ୍ଟ କରି ଲୋକମାନଙ୍କର ତଥା ଗ୍ରାମର ମଙ୍ଗଳ କାମନା କରୁଥିବାରୁ ଦେହୁରୀଙ୍କୁ ସମସ୍ତେ ଆଦର କରିଥାଆନ୍ତି । ପ୍ରତ୍ୟେକ କ୍ଷେତ୍ରରେ ଗ୍ରାମଲୋକେ ଦେହୁରୀଙ୍କୁ ସମ୍ମାନ ପ୍ରଦର୍ଶନ କରିଥାଆନ୍ତି । କୌଣସି ପରିବାରକୁ ଦେହୁରୀ ଆସିଲେ ଲୋକେ ଆଦରରେ ବସିବା ପାଇଁ ଖଟିଆ ଦେଇଥାଆନ୍ତି । ଖୁସିରେ ହାଣ୍ଡିଆ ଲସି ଆଦି ମୃଦୁ ପାନୀୟ ପ୍ରଦାନ କରିଥାଆନ୍ତି । ସମ୍ମାନର ସହ ତାଙ୍କ ସହିତ ବାର୍ତ୍ତାଳାପ କରିଥାଆନ୍ତି । ବିଧିବଦ୍ଧ ପୂଜାପାଠ ଦ୍ୱାରା ଗ୍ରାମଦେବୀମାନଙ୍କୁ ସନ୍ତୁଷ୍ଟ କରିପାରୁଥିବାରୁ ସେ ସର୍ବଦା ପ୍ରଶଂସିତ। ବେଳେବେଳେ ଲୋକମାନେ ଦେହୁରୀକୁ ଖରାପ ଭାବିଥାଆନ୍ତି । ପୂଜା କରିବା ପରେ ଯଦି ଗ୍ରାମରୁ ମହାମାରୀରୋଗ ଦୂର ହୋଇନଥାଏ, ତେବେ ଦେହୁରୀର ପୂଜାରେ ଗ୍ରାମଦେବତା ଅସନ୍ତୁଷ୍ଟ ମନେକରି ଲୋକ ଦେହୁରୀକୁ ଖରାପ ଭାବିଥାଆନ୍ତି । ସେ ସମୟରେ ସେ ଅନାଦରର ପାତ୍ର ହୋଇଥାଏ ।

ଦେହୁରୀ ମଧ୍ୟ ସବୁ ଲୋକଙ୍କୁ ଭଲ ପାଇଥାଆନ୍ତି। ଲୋକମାନଙ୍କ ସହିତ କେବେହେଲେ କଳି ଝଗଡା କରି ନ ଥାଆନ୍ତି। ଲୋକମାନଙ୍କ ସହିତ ସୁସଂପର୍କ ରକ୍ଷା କରିଥାଆନ୍ତି। ଲୋକମାନଙ୍କର ସାର୍ବିକ ମଙ୍ଗଳ ଉଦ୍ଦେଶ୍ୟରେ ପୂଜା ସମୟରେ ଦେବଦେବୀଙ୍କୁ ଜଣାଇଥାଆନ୍ତି।

ଘଳା ହାରିଆ:

ଗ୍ରାମସ୍ତରୀୟ ପୂଜାକାର୍ଯ୍ୟରେ ଦେହୁରୀ (ଦେହେରୀ)ଙ୍କୁ ସହଯୋଗ କରିବା ପାଇଁ ଦୁଇଜଣ ବ୍ୟକ୍ତି ରହିଥାଆନ୍ତି । ସେମାନଙ୍କୁ 'ଘଳାହାରିଆ' ବୋଲି କୁହାଯାଇଥାଏ । ଦେହୁରୀଙ୍କ ପାଶେ ପାଶେ ରହି ସମସ୍ତ ପୂଜାକାର୍ଯ୍ୟରେ ପ୍ରତ୍ୟକ୍ଷ ଉପସ୍ଥିତ ରହି ଆବଶ୍ୟକ ସହାୟତା ପ୍ରଦାନ କରିଥାଆନ୍ତି ।

ରାଇୁଆର ସମାଜରେ ଦେହୁରୀଙ୍କୁ ପୂଜାରେ ସହଯୋଗ କରୁଥିବା ଘଳାହାରିଆଦ୍ୱୟ ସାଧାରଣତଃ ଉତ୍ତରାଧିକାର / ବଂଶାନୁକ୍ରମିକ ଭାବେ ବଛାଯାଇଥାଆନ୍ତି । କେତେକ କ୍ଷେତ୍ରରେ ଗ୍ରାମସଭାରେ ଦେହୁରୀ କତେଇଣଙ୍କର ନାମ ଉପସ୍ଥାପନା କରିଥାଆନ୍ତି ।

ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ବାଛିଥାଆନ୍ତି / ପୂଜାକାର୍ଯ୍ୟରେ ସହାୟତାରେ ଦକ୍ଷ ତଥା କାର୍ଯ୍ୟ ସଂପାଦନ କରୁଥିବା ବ୍ୟକ୍ତିଙ୍କୁ ମନୋନୀତ କରାଯାଇଥାଏ ।

ଦେହୁରୀଙ୍କୁ ପୂଜାକାର୍ଯ୍ୟରେ ସହଯୋଗ କରୁ 'ଘଳାହାରିଆ' ବା ଦାସୀଙ୍କର କେତେକ ଗୁଣ ତଥା ବ୍ୟକ୍ତିତ୍ୱ ରହିଥିବା ଦରକାର । ନିମ୍ନରେ କେତେକ ପ୍ରଦତ୍ତ ହେଲା ।

- ଘଳାହାରିଆ ପଦ ପାଇଁ ସଂପୃକ୍ତ ବ୍ୟକ୍ତି ରାଜୁଆର କିମ୍ବା ଭୂୟାଁ ସଂପ୍ରଦାୟର ଲୋକ ହୋଇଥିବେ ।
- ଦେହୁରୀଙ୍କର କଥାକୁ ମାନିଥିବେ ।
- ଦେବାଦେବୀଙ୍କ ପ୍ରତି ବିଶ୍ୱାସ ଏବଂ ଭକ୍ତି ଥିବା ଆବଶ୍ୟକ ।
- ପୂଜାକାର୍ଯ୍ୟରେ ସହଯୋଗ କରିବା ପାଇଁ ଆଗ୍ରହ ରଖିଥିବେ ।
- ନିଶାଖୋର ବ୍ୟକ୍ତି ହୋଇ ନ ଥିବେ ।
- ପୂଜାପାଠ ସଂପର୍କରେ ସମ୍ୟକ୍ ଧାରଣା ରଖିଥିବେ ।
- ସମୟାନୁବର୍ତ୍ତୀ ହୋଇଥିବେ ।
- ଲୋକମାନଙ୍କୁ ଭଲ ପାଉଥିବେ ।
- ପୂର୍ବରୁ ଦେହୁରୀଙ୍କ ସହିତ କିଛି ଦିନ କାର୍ଯ୍ୟ କରିଥିବେ ।

ଘଳାହାରିଆ କାର୍ଯ୍ୟ କରିବା ପାଇଁ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥା ନ ଥାଏ । ଦେହୁରୀଙ୍କ ନିକଟରେ ରହି ପୂଜା ସମୟରେ ସମସ୍ତ ପ୍ରକାର କାର୍ଯ୍ୟକୁ ଅନୁସରଣ କରିଥାଆନ୍ତି । ଦେହୁରୀଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ କାର୍ଯ୍ୟ କରିଥାଆନ୍ତି । ଅନ୍ୟ ସମୟରେ ବିଭିନ୍ନ ପୂଜାର ପୂଜାବିଧି ଆବଶ୍ୟକୀୟ ପୂଜାସାମଗ୍ରୀ ବିଷୟରେ ଦେହୁରୀଙ୍କଠାରୁ ବୁଝି ଜାଣିଥାଆନ୍ତି । ବଳି ଦେବାର ନୀତିନିୟମ ବିଷୟରେ ମଧ୍ୟ ଦେହୁରୀ ବତାଇ ଦେଇଥାଆନ୍ତି ।

ଦେହୁରୀଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ କାର୍ଯ୍ୟ ସଂପାଦନ କରିଥାଆନ୍ତି । ପୂଜା ସମୟରେ ଦେହୁରୀଙ୍କୁ ଯଥାଯଥ ଭାବରେ ପୂଜା ଉପକରଣମାନ ଯୋଗାଇ ଦେଇଥାଆନ୍ତି । ପୂଜା ପୂର୍ବରୁ ଦେହୁରୀଙ୍କୁ ପୂଜା ଉପକରଣ ଯୋଗାଡରେ ସହଯୋଗ କରିଥାଆନ୍ତି । ପୂଜାଦିନ ପୂଜା ସାମଗ୍ରୀ ଧରି ଦେହୁରୀଙ୍କ ସହିତ ଦେବୀଙ୍କ ପୂଜାପୀଠସ୍ଥଳୀକୁ ଆସିଥାଆନ୍ତି । ପୂଜା ସ୍ଥାନକୁ ପରିଷ୍କାର ଓ ପରିଚ୍ଛନ୍ନ କରିଥାଆନ୍ତି । ପୂଜାପୀଠ ନିକଟରେ ସାମୁହିକ ଭୋଜି ନିମନ୍ତେ ସମସ୍ତ ସହାୟତା ଯୋଗାଇ ଦେଇଥାନ୍ତି ।

ଦେହୁରୀଙ୍କ ଭଳ ତାଙ୍କର ସହାୟକ ଭାବରେ କାର୍ଯ୍ୟ କରୁଥିବା ଘଳାହାରିଆ ମଧ୍ୟ କେତେକ ନିଷେଧାଦ୍ଦେଶ ମାନିଥାଆନ୍ତି। ସାଧାରଣତଃ ଘଳାହାରିଆ ପୂଜାଦିନ ଭାତ ଏବଂ ହାଣ୍ଡିଆ, ମଦ ତଥା ଅନ୍ୟାନ୍ୟ ମାଦକ ଦ୍ରବ୍ୟକୁ ବର୍ଜନ କରିଥାଏ। ମାଛ, ମାଂସ ଆଦି ଆମିଷଦ୍ରବ୍ୟ ଖାଇ ନଥାଆନ୍ତି। ପୂର୍ବରାତ୍ରି ଏବଂ ପୂଜାଦିନ ସହବାସ ବର୍ଜନୀୟ। ପୂଜା ଶେଷ ନହେବା ପର୍ଯ୍ୟନ୍ତ ପଡୋଶୀଙ୍କଠାରୁ କୌଣସି ଖାଦ୍ୟ ଗ୍ରହଣ ପାଇଁ ବାରଣ କରାଯାଇଥାଏ। ଗ୍ରାମଦେବଦେବୀଙ୍କ ପୂଜାକୁ ସୁରୁଖୁରୁରେ ସଂପାଦନ କରିବା ପାଇଁ ଏହିଭଳି କେତେକ କାରଣକୁ ଘଳାହାରିଆ ମାନିଥାଆନ୍ତି।

ଘଳାହାରିଆଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଧରଣର ପାଉଣା ଦିଆଯାଇ ନ ଥାଏ। ଦେହୁରୀ ଘଳାହାରିଆକୁ କିଛି ତା'ର ନିଜ ଭାଗରୁ ଦେଇଥାଏ। ଗ୍ରାମର ଲୋକମାନେ ଧାନକଟା ସମୟରେ ନିଜ ନିଜ ଜମିରୁ ଘଳାହାରିଙ୍କୁ ଗୋଟିଏ ଧାନହଳା(ଧାନବିଡା) ଦେଇଥାଆନ୍ତି। ଏତଦ୍‌ବ୍ୟତୀତ ବିଭିନ୍ନ ପର୍ବପର୍ବାଣିମାନଙ୍କରେ ଗ୍ରାମର ଲୋକମାନେ ଘଳାହାରିଆଙ୍କୁ ଚାଉଳ, ପନିପରିବା, ପିଠାପଣା ଇତ୍ୟାଦି ଦେଇଥାଆନ୍ତି। ଗ୍ରାମ ତରଫରୁ ଧଳାରଙ୍ଗର ଏକ ଧୋତି ଦିଆଯାଇଥାଏ। ବିବିଧ ସାମାଜିକ ପୂଜା ଯଥା; ଶିଶୁର ନାମକରଣ ଦିବସ, ବିବାହ ଉତ୍ସବରେ ଲୋକମାନେ ଚାଉଳ, ପନିପରିବା ଘଳାହାରିଆଙ୍କୁ ପ୍ରଦାନ କରିଥାଆନ୍ତି।

ଘଳାହାରିଆଙ୍କ ବିନା ସହଯୋଗରେ ପୂଜା କାର୍ଯ୍ୟରେ ଦେହୁରୀଙ୍କୁ ଟିକିଏ କଷ୍ଟ ଲାଗେ। ତେଣୁ ଘଳାହାରିଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ପୂଜାରେ ଦେହୁରୀଙ୍କୁ ସହଯୋଗ କରି ସୁରୁଖୁରୁରେ କାର୍ଯ୍ୟ ସଂପାଦନ କରିବା ଯୋଗୁଁ ଲୋକମାନେ ସହାୟକ ପୂଜକଙ୍କୁ ସମସ୍ତେ ଭଲ ପାଇଥାଆନ୍ତି। ଦେବଦେବୀଙ୍କ ପୂଜା କାର୍ଯ୍ୟରେ ସହଯୋଗ କରୁଥିବା କାରଣରୁ ଲୋକେ ତାଙ୍କୁ ବିଶ୍ୱାସ କରିଥାଆନ୍ତି। ଘଳାହାରିଆଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ କେତେକ କ୍ଷେତ୍ରରେ ତାଙ୍କୁ ପ୍ରଶଂସା କରିଥାଆନ୍ତି।

ଘଳାହାରିଆ ଅନ୍ୟମାନଙ୍କ ସହିତ କେବେ କୌଣସି କଳିଝଗଡା କରି ନଥାଆନ୍ତି। ଅନ୍ୟମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିଥାଆନ୍ତି। ପୂଜା ସମୟରେ ଲୋକମାନଙ୍କର ଉନ୍ନତି ବିଧାନ ପାଇଁ ଦେବଦେବୀଙ୍କୁ ପ୍ରାର୍ଥନା କରିଥାଏ। ଘଳାହାରିଆ ମଧ୍ୟ ସମ୍ମାନର ପାତ୍ର ହୋଇଥାଏ।

ଗୁଣିଗାରେଡି ଏବଂ ଯାଦୁବିଦ୍ୟା :

ରାଙ୍ଗୁଆର ସମାଜରେ କେଉଁ ଆବାହମାନ କାଳରୁ ଗୁଣିଗାରେଡି ଏବଂ ଯାଦୁବିଦ୍ୟା ଅଦ୍ୟାବଧି ରହିଥିବା ଜଣାଯାଏ। ପ୍ରତ୍ୟେକ ଲୋକ ଗୁଣିଗାରେଡି ଉପରେ ବିଶ୍ୱାସ କରିଥାଆନ୍ତି । ଗୁଣିଗାରେଡି ଦ୍ୱାରା ଆସାଧ୍ୟ ସାଧିତ ହୋଇଥାଏ। ଯେକୌଣସି ଅନିଷ୍ଟକାରୀ ଶକ୍ତିକୁ ଗୁଣିଗାରେଡି (ମନ୍ତ୍ରପାଠ) ଦ୍ୱାରା ଆୟତ୍ତ କରାଯାଇଥାଏ। ଗୁଣିଗାରେଡି ଦ୍ୱାରା ଶତ୍ରୁ ପକ୍ଷଠାରୁ ଜୟଲାଭ ହୋଇଥାଏ। ଗ୍ରାମରେ ଯଦି କୌଣସି ମହାମାରୀ ରୋଗ ବ୍ୟାପିଥାଏ ଏହି ଗୁଣିଗାରେଡି(ମନ୍ତ୍ର) ଦ୍ୱାରା ଗ୍ରାମରୁ ସଂକ୍ରମଣ ରୋଗକୁ ଦୂର କରାଯାଇଥାଏ। ଡାହାଣୀ, ଭୂତପ୍ରେତ ଆଦିଙ୍କୁ ମନ୍ତ୍ରପାଠ ଦ୍ୱାରା ବଶ କରାଯାଇଥାଏ। ଡାହାଣୀ, ଭୂତପ୍ରେତାତ୍ମାଗଣଙ୍କ ଦାଉରୁ ରକ୍ଷାକରି ମନୁଷ୍ୟକୁ ସୁଖଶାନ୍ତି ପ୍ରଦାନ କରିବାରେ ଗୁଣିଗାରେଡି ବା ଗୁଣିଆବିଦ୍ୟାର ଯଥେଷ୍ଟ ଭୂମିକା ରହିଥାଏ। ଗ୍ରାମ ସୁରକ୍ଷା ନିମନ୍ତେ ଗୁଣି ଗାରେଡି (ମନ୍ତ୍ରପାଠ) ଦ୍ୱାରା ଗ୍ରାମକୁ ବନ୍ଧନ କରାଯାଇଥାଏ। ଫଳରେ ବାହାରର ଶତ୍ରୁ ସହଜରେ ଗ୍ରାମ ମଧ୍ୟରେ ପ୍ରବେଶ କରି ନ ଥାଏ। ଗୁଣି ଗାରେଡି ଦ୍ୱାରା ଲୋକେ ଯେତିକି ଉପକାର ପାଇଥାଆନ୍ତି, ସେତିକି ମଧ୍ୟ ଲୋକମାନଙ୍କର ଅପକାର ହୋଇଥାଏ।

ଗୁଣିଆ (ଗୁରୁବୁଢ଼ା) :

ଅନ୍ୟ ସଂପ୍ରଦାୟ ଭଳି ରାଙ୍ଗୁଆର ସମାଜରେ ଗୁଣିଆମାନେ ରହିଥାଆନ୍ତି । ରାଙ୍ଗୁଆର ଭାଷାରେ ଗୁଣିଆକୁ 'ଗୁରୁବୁଢ଼ା' ବୋଲି କହିଥାଆନ୍ତି । ଗୁଣିଆଙ୍କୁ ଦୈବୀଶକ୍ତିର ପ୍ରତୀକ ବୋଲି ଲୋକେ ଭାବିଥାଆନ୍ତି । ଗୁଣିବିଦ୍ୟା ଶିକ୍ଷା କରିବା ହେଉଛି ଏକ ଈଶ୍ୱରଦତ୍ତ ଗୁଣ । ନିରନ୍ତର ସାଧନା ଫଳରେ ସେମାନେ ଏହି ଗୁଣର ଅଧିକାରୀ ହୋଇଥାଆନ୍ତି । କେତେକ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିବାରେ ସେ ସିଦ୍ଧହସ୍ତ । ସାଧନା ବଳରେ ଗୁଣିଆ ମନ୍ତ୍ରତନ୍ତ୍ର ଶିକ୍ଷା କରିଥାଏ । ଭୂତପ୍ରେତଙ୍କୁ ଶୀଘ୍ର ବିତାଡିତ କରିବା ଏବଂ କୌଣସି ଅନିଷ୍ଟକାରୀ ଶକ୍ତିକୁ ମନ୍ତ୍ରପାଠ ଦ୍ୱାରା ବସ କରିବା ଇତ୍ୟାଦି କାର୍ଯ୍ୟ କରିବାରେ ଗୁଣିଆ ସିଦ୍ଧିଲାଭ କରିଥାଆନ୍ତି । ବୈଦ୍ୟ ହିସାବରେ ମଧ୍ୟ ଲୋକମାନଙ୍କୁ ଚେରମୂଳୀ ଔଷଧ ପ୍ରଦାନ କରି ସାଧାରଣ ରୋଗ ଭଲ କରିଥାଏ । ରାଙ୍ଗୁଆର ସମାଜରେ ପୁରୁଷମାନେ ଏହି ଗୁଣି ବିଦ୍ୟା ଶିକ୍ଷା କରିଥାଆନ୍ତି । ମହିଳା ଗୁଣିଆ ଦେଖିବାକୁ ମିଳେନାହିଁ ।

ଗୁଣିଆ ହେବା ଏକ ଈଶ୍ୱର ପ୍ରଦତ୍ତ ଗୁଣ ହୋଇଥିବାରୁ ଏହି ପଦଟି ଉତ୍ତରାଧିକାର ସୂତ୍ରରେ ହୋଇନଥାଏ । ସବୁ ଲୋକଙ୍କଠାରେ ଏହି ଗୁଣ ଦେଖାଦେଇ ନ ଥାଏ। କେତେକ

କ୍ଷେତ୍ରରେ ଗୁଣିଆ ତା'ର ପୁତ୍ରକୁ ଏହି ବିଦ୍ୟା ଶିଖାଇ ଦେଇଥାଏ। ପିତାଙ୍କ ଅନ୍ତେ ପୁତ୍ର ସେହି ଗୁଣିଆ କାର୍ଯ୍ୟ କରିଥାଆନ୍ତି। କିନ୍ତୁ ବର୍ତ୍ତମାନ ଇଚ୍ଛୁକ ବ୍ୟକ୍ତିମାନେ ଗୁଣିଆଠାରୁ ଗୁଣିବିଦ୍ୟା ଶିକ୍ଷା କରି ଗୁଣିଆ ମଧ୍ୟ ହୋଇଥାଆନ୍ତି।

ରାଜୁଆର ସମାଜରେ ଗୁଣିବିଦ୍ୟା ଶିକ୍ଷା କରିବା ପାଇଁ ଅଭିଜ୍ଞ ଗୁଣିଆଙ୍କ ଘରପଛ ପଟେ ଏକ ଗୃହ ତିଆରି କରାଯାଇଥାଏ। ଏହି ଗୃହକୁ 'ଆଖଡା' ବୋଲି କୁହାଯାଏ। ଏହି ଗୃହରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଗୁଣି ବିଦ୍ୟା ଶିକ୍ଷା ଦିଆଯାଇଥାଏ। ଇଚ୍ଛୁକ ଯୁବକମାନେ ଏହି ଗୁଣିବିଦ୍ୟା ଶିକ୍ଷା କରିଥାଆନ୍ତି। ସାଧାରଣତଃ ଯୁବତୀମାନେ ଏହି ଗୁଣିବିଦ୍ୟା ଶିକ୍ଷା କରି ନ ଥାଆନ୍ତି। ପଚିଶ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ଏହି ଶିକ୍ଷା ଦିଆଯାଇ ନ ଥାଏ। ଗୁଣିବିଦ୍ୟା ଶିକ୍ଷା ଦିଆଯାଉଥିବା 'ଆଖଡା' ଗୃହରେ ତୁଳସୀ ଏବଂ ସିଜୁଗଛ ରହିଥାଏ। କବାଟ ବନ୍ଦକରି ଗୃହ ମଧ୍ୟରେ ରାତ୍ରିରେ ଶିକ୍ଷା ଦିଆଯାଇଥାଏ। ଇଚ୍ଛୁକ ଯୁବକମାନେ ସେହି ଆଖଡା ଘରେ ପ୍ରବେଶ କରିବା ପରେ ଅଭିଜ୍ଞ ତନ୍ତ୍ରସାଧକ ବା ଗୁଣିଆର ନିର୍ଦ୍ଦେଶ ମାନି ଚଳିଥାଆନ୍ତି। ସେହି ଗୃହରେ ସେମାନଙ୍କୁ ସାଧାରଣତଃ ନିରବତା ରକ୍ଷା କରିବାକୁ ପଡିଥାଏ। ଆଖଡା ଗୃହକୁ ଗୁଣିବିଦ୍ୟା ଶିକ୍ଷା ଉଦ୍ଦେଶ୍ୟରେ ଆସିଥିବା ଆଗ୍ରହୀ ଯୁବକମାନଙ୍କୁ ପ୍ରଥମେ ଗୁଣିଆ ସେମାନଙ୍କର ସାହାସ ଏବଂ ଦମ୍ଭ ପରୀକ୍ଷା କରିଥାଆନ୍ତି। ଏଥିପାଇଁ ଅନ୍ଧାର ଅବସ୍ଥାରେ ସେମାନଙ୍କ ସମ୍ମୁଖରେ କଳା ରଙ୍ଗର ବିଲେଇ ଏବଂ କଳାରଙ୍ଗର କୁକୁଡା ଦେଖାଇଥାଆନ୍ତି। ବିଭିନ୍ନ ପ୍ରକାରର ଜୀବଜନ୍ତୁଙ୍କ ଦୃଶ୍ୟ ସେମାନଙ୍କୁ ଦେଖାଇଥାଏ ଗୁଣିଆ ଜଣକ। ପରେ ପରେ ବିକଟାଳ ଶବ୍ଦ ସୃଷ୍ଟି କରିଥାଆନ୍ତି। ପୁନଃ ଗଛ ଦୋହଲାଇବା ଶବ୍ଦ ଏବଂ ଗଛରୁ ଡାଳ ରଡମଡ ହୋଇ ଭାଙ୍ଗି ଯିବାର ଶବ୍ଦ ସୃଷ୍ଟି କରିଥାଆନ୍ତି। ଏହି ପରୀକ୍ଷାଗୁଡିକ ମଧ୍ୟରେ ଯଦି କୌଣସି ଯୁବକ କୌଣସି ଭୟଙ୍କର ଜୀବଜନ୍ତୁର ଦୃଶ୍ୟ ଦେଖି ଭୟ କରିଥାଏ, ସେ ଗୁଣିବିଦ୍ୟା ଶିକ୍ଷା ପାଇଁ ଅଯୋଗ୍ୟ ବିବେଚିତ ହୋଇଥାଏ। ନିର୍ଭୀକମାନେ ଏହି ମନ୍ତ୍ର ଶିକ୍ଷା କରିବାକୁ ଯୋଗ୍ୟ ହୋଇଥାଆନ୍ତି । ଯେଉଁମାନେ ଭୟ କରି ନ ଥାଆନ୍ତି, ସେହିମାନଙ୍କୁ ଶିକ୍ଷା ଦିଆଯାଇଥାଏ।

ଅନ୍ୟ ସଂପ୍ରଦାୟର ଯୁବକମାନେ ମଧ୍ୟ ଏହି ଗୃହରେ ଶିକ୍ଷା କରିଥାଆନ୍ତି। ପ୍ରଖ୍ୟାତ ତନ୍ତ୍ର ସାଧକ ବା ଅଭିଜ୍ଞ ଗୁଣିଆଙ୍କଠାରୁ ଯୁବକମାନେ ଗୁଣିବିଦ୍ୟା ଶିକ୍ଷା କରିଥାଆନ୍ତି। ରାତ୍ରି ସମୟରେ ପ୍ରାୟ ଦୁଇଘଣ୍ଟା ଧରି ଶିକ୍ଷା ଦିଆଯାଇଥାଏ । ଏହି ବିଦ୍ୟା ଶିକ୍ଷା କରିବାକୁ ହେଲେ ପ୍ରାୟତଃ ଛଅମାସ ସମୟ ଲାଗିଥାଏ। ସାଧାରଣତଃ ଆଖଡାରେ ଶିଷ୍ୟାମାନଙ୍କୁ ବିଭିନ୍ନ ମନ୍ତ୍ର ଶିକ୍ଷା ଦିଆଯାଇଥାଏ। ଝାଡନ୍ ମନ୍ତ୍ର, ପଦମନ୍ତ୍ର, ଛଡାଣମନ୍ତ୍ର,

କାମୁଡା (ବିଷକୁ ଶୋଷି ବାହାରକରିବା) ଏବଂ ମୁଦା କାଢ଼ିବା ମନ୍ତ୍ର ଶିକ୍ଷା ଦିଆଯାଇଥାଏ । ବିଷଧର ସାପ କାମୁଡ଼ା, ବିଛାକାମୁଡା ଏବଂ ଅନ୍ୟାନ୍ୟ ବିଷାକ୍ତ ଜୀବଜନ୍ତୁଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିଲେ ଝାଡନ୍ ମନ୍ତ୍ର ପାଠକରି ବିଷ ଝଡାଯାଇଥାଏ । ଶରୀରରେ ଘା' ହୋଇଥିଲେ, ପେଟ ମାରୁଥିଲେ, ବାତ ରୋଗ ଆଦିକୁ ଫୁଙ୍କିବା ପଦମନ୍ତ୍ର ଦ୍ୱାରା ଭଲ କରାଯାଇଥାଏ । ଲୁଣକୁ ପଦମନ୍ତ୍ର ଦ୍ୱାରା ଫୁଙ୍କି ତାକୁ ଭାତରେ ପକାଇ ଖାଇଲେ ପେଟ ମାରିବା ବନ୍ଦ୍ ହୋଇଥାଏ । ଡାହାଣୀ, ଭୂତପ୍ରେତଙ୍କୁ ଛଡାଣ ମନ୍ତ୍ର ପାଠ କରି ବିତାଡିତ କରାଯାଇଥାଏ । ଗୃହରେ କୌଣସି ଅପଶକ୍ତ ଥାଇ ଗୃହର ସର୍ବଦା ଅନିଷ୍ଟ କରୁଥିଲେ ମୁଦା କାଢ଼ିବା ମନ୍ତ୍ର ପାଠ ମାଧ୍ୟମରେ ତାକୁ ବାହାର କରାଯାଇଥାଏ । ମନ୍ତ୍ରପାଠ ଶିକ୍ଷା ଦେବା ସମୟରେ ସାଧାରଣତଃ ସମସ୍ତେ ନିରବ ରହିଥାଆନ୍ତି । ସମସ୍ତ ପ୍ରକାରର ମନ୍ତ୍ର ଶିକ୍ଷା କରିବାକୁ ଛଅମାସ ସମୟ ଲାଗିଥାଏ । ଶିକ୍ଷା ସମାପ୍ତି ପରେ ଅଭିଜ୍ଞ ଗୁଣିଆ ବା ଶିକ୍ଷାଦାତାଙ୍କୁ ପ୍ରତ୍ୟେକ ଗୋଟିଏ ଲେଖାଏଁ ଧୋତି, ଗଞ୍ଜି, ଗାମୁଛା ଏବଂ ଖୁସିରେ ଗୋଟିଏ ଧଳାକୁକୁଡା ଉପହାର ପ୍ରଦାନ କରିଥାଆନ୍ତି ।

ଯାଦୁଧର୍ମୀ କାର୍ଯ୍ୟନିର୍ବାହୀ ଭାବରେ ଗୁଣିଆଙ୍କୁ କେତେକ ବାରଣ ବା ନିଷେଧାଦ୍ଦେଶ ମାନିବାକୁ ପଡିଥାଏ। ପୂଜାଦିନ ସାଧାରଣତଃ ଉଷୁନା ଭାତ ଖାଇ ନ ଥାଆନ୍ତି। ମାଛ, ମାଂସ, ଅଣ୍ଡା ଆଦି ଆମିଷ ଦ୍ରବ୍ୟ ଭକ୍ଷଣ କରି ନ ଥାଆନ୍ତି। ହାଣ୍ଡିଆ, ମଦ ତଥା ଅନ୍ୟାନ୍ୟ ମାଦକ ଦ୍ରବ୍ୟ ସେବନ କରିବାକୁ ବାରଣ କରାଯାଇଥାଏ। ପୂଜାଦିନ ଏବଂ ପୂଜା ପୂର୍ବଦିନ ସ୍ତ୍ରୀ ସହବାସ ସଂପୂର୍ଣ୍ଣ ଭାବେ ବର୍ଜ୍ଜନୀୟ। ଅନ୍ୟ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଖାଇବା ମନା କରାଯାଇଥାଏ। ଛୁତିକିଆ ତଥା ମୃତିକିଆ ଆଦି ଅପବିତ୍ର କାର୍ଯ୍ୟରେ ଗୁଣିଆ କୌଣସି ମନ୍ତ୍ରପାଠ କରି ନ ଥାଆନ୍ତି। କାରଣ ଏହି ସମୟରେ ମନ୍ତ୍ରପାଠ ଅକାମୀ ହୋଇଥାଏ।

ଲୋକମାନଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ଗୁଣିଆ କାର୍ଯ୍ୟ କରୁଥିବାରୁ ଗୁଣିଆକୁ ଲୋକାମାନେ କିଛି ପାଉଣା ଦେଇଥାଆନ୍ତି । ସାଧାରଣତଃ ଗ୍ରାମକୁ ବିଭିନ୍ନ ମହାମାରୀ ରୋଗଦାଉରୁ ରକ୍ଷା କରିବା ପାଇଁ ଗୁଣିଆ ମନ୍ତ୍ରପାଠ କରିଥାଏ । ଲୋକଙ୍କ ଶରୀରରୁ ଡାହାଣୀ ଛଡାବା, ଘରେ ଅନିଷ୍ଟ ଘଟାଉଥିବା କୌଣସି ଅଶରୀରି ଆତ୍ମା ବା ଅପଶକ୍ତିକୁ କାଢ଼ିବା ବା ଘରୁ ମୁଦା କାଢ଼ିବା, ପ୍ରେତାତ୍ମା ଦାଉରୁ ରକ୍ଷା କରିବା ଆଦି କ୍ଷେତ୍ରରେ ଗୁଣିଆକୁ ଅରୁଆ ଚାଉଳ ତିନି ସେର, ଉଷୁନା ଚାଉଳ ତିନି ସେର, ବୋଦା ଏକଟି, ଗଞ୍ଜା ଏକଟି ଏବଂ ଧଳାରଙ୍ଗର ଧୋତି ଖଣ୍ଡିଏ ଦିଆଯାଇଥାଏ । ଏତଦ୍‌ବ୍ୟତୀ କୌଣସି ସାଧାରଣ

ଚେରମୂଳୀ ଔଷଧ ଦେଇ ରୋଗ ଭଲ କରିବା, ବିଷଧର ସର୍ପ କାମୁଡାରୁ ମନ୍ତ୍ର ଦ୍ୱାରା ବିଷ ଝଡାଇବା ଇତ୍ୟାଦି କ୍ଷେତ୍ରରେ ଦୁଇ ସେର ଚାଉଳ ଓ ଦଶଟଙ୍କା ଏବଂ ଧଳାରଙ୍ଗର ଖଣ୍ଡିଏ ଧୋତି ଲୋକମାନେ ଦେଇଥାଆନ୍ତି । ଡାହାଣୀ ଛଡାଇବା, ରାଶି ସଜାଡିବା, ମୁଦା କାଢ଼ିବା, ପ୍ରେତାତ୍ମା ଦାଉରୁ ରକ୍ଷା କରିବା କ୍ଷେତ୍ରରେ ଗୁଣିଆକୁ ଦୁଇ କିମ୍ବା ତିନି ଦିନ ଧରି ପୂଜା ତଥା ମନ୍ତ୍ରପାଠ କରିବାକୁ ପଡିଥାଏ । ସେଥିପାଇଁ ସେ ଅଧିକ ପାଉଣା ପାଇବାକୁ ହକ୍‌ଦାର ହୋଇଥାଏ । ମନ୍ତ୍ରପାଠ କରି ମୋହିନୀ ଔଷଧ ପ୍ରଦାନ ମାଧ୍ୟମରେ କୌଣସି ସ୍ତ୍ରୀଲୋକକୁ ଘରୁ ବାହାର କରିଦେବା, କୌଣସି ସୁନ୍ଦରୀ ତରୁଣୀକୁ ନିଜ ଆୟତ୍ତକୁ ଆଣିବା, ଶତ୍ରୁପକ୍ଷକୁ ଜୟ କରିବା ଇତ୍ୟାଦି କ୍ଷେତ୍ରରେ ଗୁଣିଆ ମଧ୍ୟ ମନ୍ତ୍ରପାଠ କରିଥାଏ। ସେଥିପାଇଁ ଲୋକେ ଦୁଇ ସେର ଲେଖାଏଁ ଚାଉଳ, ଦଶ ଟଙ୍କା, ଧଳାରଙ୍ଗ ଧୋତି ଏକ ଖଣ୍ଡ ଏବଂ ଆବଶ୍ୟକ ସ୍ଥଳେ ଧଳା, କଳା ଏବଂ ନାଲି ରଙ୍ଗର ତିନିଟି କୁକୁଡା ପ୍ରଦାନ କରିଥାଆନ୍ତି। ଗ୍ରାମ ସ୍ତରରେ ଗୁଣିଆ ମନ୍ତ୍ରପାଠ କରି ବିଭିନ୍ନ ମହାମାରୀ ରୋଗ ଦାଉରୁ ରକ୍ଷା କରିବାକୁ ଯାଇ ଗ୍ରାମର ଚତୁଃପାର୍ଶ୍ୱ ସୀମାନ୍ତକୁ ବନ୍ଧନ କରିଥାଏ। ସେଥିପାଇଁ ଗ୍ରାମର ପ୍ରତ୍ୟେକ ପରିବାର ଲୋକେ ମନ ଖୁସିରେ ଚାଉଳ, ପନିପରିବା ଇତ୍ୟାଦି ଦେଇଥାଆନ୍ତି। ପାଉଣା ଦେବା ସଙ୍ଗେ ସଙ୍ଗେ ହାଣ୍ଡିଆ ଓ ମଦ ମଧ୍ୟ ଦେଇଥାଆନ୍ତି।

ଗୁଣିଆକୁ ଲୋକମାନେ ଯଥାସମ୍ଭବ ସମ୍ମାନ ପ୍ରଦର୍ଶନ କରିଥାଆନ୍ତି । ଲୋକମାନଙ୍କର ଭଲ ମନ୍ଦରେ ଗୁଣିଆ ଯାଇ ଉପସ୍ଥିତ ହୋଇ ସହଯୋଗ କରିଥାଏ । ପରିବାରରୁ ଅଶାନ୍ତି ଦୂର କରିବା ପାଇଁ ଗୁଣିଆ ମନ୍ତ୍ରପାଠ କରି ଘର ପାଇଁ ଶାନ୍ତି ଫେରାଇ ଆଣିଥାଏ । କୌଣସି ଲୋକର ଘରକୁ ଗୁଣିଆ ଗଲେ ଲୋକେ ଆଦରରେ ଗୁଣିଆକୁ ବସିବା ପାଇଁ ଖଟିଆ ଦେଇଥାଆନ୍ତି । ଗୁଣିଆକୁ ଭଗବାନଙ୍କ ନିକଟତମ ବ୍ୟକ୍ତି ହିସାବରେ ସମସ୍ତେ ସମ୍ମାନ କରିଥାଆନ୍ତି । ତେବେ ଗୁଣିଆ ଦ୍ୱାରା ଗ୍ରାମର କିମ୍ବା କୌଣସି ଲୋକର ଅନିଷ୍ଟ ହେଉଥିବା ଜଣାପଡିଲେ ଲୋକେ ଗୁଣିଆକୁ ସେତେବେଳେ ଖରାପ ଭାବିଥାଆନ୍ତି । ମନ୍ତ୍ରପାଠ କରି ଯଦି ଗ୍ରାମକୁ ସଂକ୍ରାମକ ରୋଗକୁ ଆହ୍ୱାନ କରିଥାଏ ବୋଲି ଜାଣି ପାରି ଲୋକମାନେ ଗୁଣିଆକୁ ନିନ୍ଦା କରିଥାଆନ୍ତି ।

ଗୁଣିଆ ସମସ୍ତ ଲୋକଙ୍କୁ ସମାନ ଭାବରେ ଭଲ ପାଇଥାଏ । ଲୋକମାନଙ୍କର ସୁଖ ଓ ଦୁଃଖର ସାଥୀ ହୋଇଥାଏ । ଗ୍ରାମରେ କୌଣସି ସଂକ୍ରାମକ ରୋଗ ବ୍ୟାପିଥିଲେ ଗୁଣିଆ ଘରେ ଘରେ ଯାଇ ଚେରମୂଳୀ ଔଷଧ ଦେଇଥାଏ । ରୋଗ ଉପଶମ ପାଇଁ ମନ୍ତ୍ରପାଠ କରିଥାଏ । କୌଣସି ବ୍ୟକ୍ତି ଶରୀରରେ ଡାହାଣୀ ଭୂତ ଆଦିକୁ ଗୁଣିଆ ମନ୍ତ୍ରପାଠ

ମାଧ୍ୟମରେ ବିଚାଡିତ କରିଥାଏ। ଲୋକମାନେ ଯାହା ଦେଇଥାଆନ୍ତି ଗୁଣିଆ ସାଦରେ ଗ୍ରହଣ କରିଥାଏ। ସାଧାରଣତଃ ଦେହ ଖରାପ ହେଲାମାତ୍ରେ ଲୋକେ ଗୁଣିଆଙ୍କ ଦ୍ୱାରସ୍ଥ ହୋଇଥାଆନ୍ତି। ଗୁଣିଆ ତତ୍‌କ୍ଷଣାତ୍ ଅସୁସ୍ଥ ଲୋକକୁ ଚେରମୂଳୀ ଔଷଧ ଦେଇଥାଏ। ଲୋକମାନଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ସର୍ବଦା ଦେବଦେବୀଙ୍କୁ ପ୍ରାର୍ଥନା କରିଥାଆନ୍ତି। ଲୋକମାନଙ୍କ ଉପରେ କେବେହେଲେ ରାଗନ୍ତି ନାହିଁ। ଲୋକମାନଙ୍କ ଡକରାଶୁଣି ଗୁଣିଆ ସେମାନଙ୍କ ଗୃହକୁ ଯାଇଥାଏ। ସବୁକ୍ଷେତ୍ରରେ ଲୋକମାନଙ୍କୁ ସହାୟତା ପ୍ରଦାନ କରିଥାଆନ୍ତି। ଲୋକମାନଙ୍କର ଅନେକ ଉପକାର କରିଥାଏ ଗୁଣିଆ। ବେଳେବେଳେ କେତେକ କ୍ଷେତ୍ରରେ ଗୁଣିଆ ଲୋକମାନଙ୍କର ଅନିଷ୍ଟ ବା କ୍ଷତି ଘଟାଇଥାଏ। କୌଣସି ବ୍ୟକ୍ତିଗତ ଦ୍ୱନ୍ଦ୍ୱ କିମ୍ବା ପୂର୍ବରାଗକୁ କେନ୍ଦ୍ର କରି ପ୍ରତିପକ୍ଷ ଲୋକକୁ ବାନ୍‌ମରା ଦ୍ୱାରା ଗୁଣିଆ ହଇରାଣ କରିଥାଏ। ମନ୍ତ୍ରପାଠ କରି ଶତ୍ରୁପକ୍ଷର ପାଟି ବନ୍ଦ ମଧ୍ୟ କରିଦେଇଥାଏ। ଲୋକମାନଙ୍କଠାରୁ ଧନ ସଂପତ୍ତି ପାଇବା ଆଶାରେ ମଧ୍ୟ ମନ୍ତ୍ରଦ୍ୱାରା ପରୋକ୍ଷରେ ଲୋକମାନଙ୍କର ଅନେକ କ୍ଷତି ଘଟାଇଥାଏ। ଅନେକ ରୋଗକୁ ମଧ୍ୟ ଆହ୍ୱାନ କରିଥାଏ। ଲୋକମାନେ ରୋଗରେ ହନ୍ତସନ୍ତ ହୋଇଥାଆନ୍ତି। ଏହିଭଳି ଭାବରେ ଗୁଣିଆ ଲୋକମାନଙ୍କର ଅମଙ୍ଗଳ କରିଥାଏ। ତେବେ ଗୁଣିଆଙ୍କ ଉପରେ ଲୋକମାନଙ୍କର ଅଖଣ୍ଡ ବିଶ୍ୱାସ ରହିଥାଏ। ଗୁଣିଆର କଥାକୁ ଲୋକେ କେବେ ଅବମାନନା କରି ନ ଥାଆନ୍ତି। ସମାଜରେ ଗୁଣିଆମାନଙ୍କ ସ୍ଥାନ ଉଚ୍ଚରେ ଥାଏ। ରାଜୁଆର ସମାଜରେ ଗୁଣିଆମାନେ ଆଗରେ ରହିଥାଆନ୍ତି। ଲୋକମାନେ ଡାକ୍ତରଙ୍କଠାରୁ ଗୁଣିଆକୁ ଅଧିକ ପସନ୍ଦ କରିଥାଆନ୍ତି। ସେଥିପାଇଁ ଯେକୌଣସି ସାଧାରଣ ରୋଗ ହେଲେ ମଧ୍ୟ ଗୁଣିଆକୁ ଦେଖାଇ ରୋଗୀକୁ ଡାକ୍ତରଙ୍କ ପାଖକୁ ନେଇଥାଆନ୍ତି। ଗୁଣିଆ ଦ୍ୱାରା ଝଡାଫୁଙ୍କା ହୋଇସାରିବା ପରେ ଲୋକମାନେ ରୋଗୀକୁ ଡାକ୍ତରଙ୍କ ନିକଟକୁ ନେଉଥିବା ଜଣାଯାଇଥାଏ।

ଗୁଣିଗାରେଡିର ପ୍ରଭାବ :

ଗୁଣିଗାରେଡି ସମାଜ ଉପରେ ମଧ୍ୟ କୁପ୍ରଭାବ ପକାଇଥାଏ। ସାଧାରଣତଃ ଗୁଣିଗାରେଡି ଶିକ୍ଷା ପରେ ତାହା ସିଦ୍ଧ କି ନୁହେଁ ପରୀକ୍ଷା କରିବାକୁ ଯାଇ ଗୁଣିଆମାନେ କେତେକ ଗଛକୁ ମାରିଦେଇଥାଆନ୍ତି। ଗୁଣିଗାରେଡି ଜାଣିଥିବା ଗୁଣିଆ(ଗୁରୁବୁଢ଼ା)କୁ ଲୋକମାନେ ଅନେକ କ୍ଷେତ୍ରରେ ଭୟ କରିଥାଆନ୍ତି। ମନ୍ତ୍ରତନ୍ତ୍ର ଦ୍ୱାରା ଗୁଣିଆ ବିଭିନ୍ନ ମହାମାରୀ ରୋଗକୁ ଆହ୍ୱାନ କରିଥାଆନ୍ତି। ଫଳରେ ଲୋକମାନେ ରୋଗରେ ଆକ୍ରାନ୍ତ

ହୋଇଥାଆନ୍ତି। ସାମୁହିକ ଭାବରେ ଗ୍ରାମବାସୀଙ୍କର ଅନିଷ୍ଟ ଘଟିଥାଏ। ମନ୍ତ୍ରପାଠ ଦ୍ୱାରା କୌଣସି ବ୍ୟକ୍ତିର ମୁଖକୁ ବନ୍ଦ କରି ଦିଆଯାଇଥାଏ ଏବଂ ଅରାଜି ହେଉଥିବା ଲୋକଙ୍କୁ ରାଜି କରାଇଥାଏ। ଗୁଣିଗାରେଡିକୁ ଆଧାରା କରି ଅସମାଜିକ କାର୍ଯ୍ୟ ହୋଇଥାଏ। ଯାହାକି ସମାଜରେ କୁପ୍ରଭାବ ପକାଇଥାଏ। ଗୁଣିଗାରେଡି ଦ୍ୱାରା ବ୍ୟକ୍ତିଙ୍କୁ ବିଭିନ୍ନ ବାଣ ମରାଯାଇଥାଏ। କେତେବେଳେ ବ୍ୟକ୍ତି ଦେହରେ ପୋତାଜଳା ବାଣ ପେଷଣ କରିବା ଫଳରେ ଲୋକର ଶରୀର ଜଳିଯିବା ବା ପୋଡିଯିବା ଭଳି ହୋଇଥାଏ। ସେହିଭଳି ଦୃଷ୍ଟିବାଣ ଦ୍ୱାରା ଲୋକର ଦୃଷ୍ଟିଶକ୍ତିକୁ କମାଇ ଦିଆଯାଇଥାଏ। ଶେଷରେ ଲୋକକୁ କିଛି ଦେଖାଯାଏ ନାହିଁ। ସେ ଅନ୍ଧ ହୋଇଥାଏ। ସେହିଭଳି ପଚାବାଣ ମାଧ୍ୟମରେ ଲୋକର କୌଣସି ଅଙ୍ଗକୁ ପଚାଇ ଦେଇଥାଆନ୍ତି। ଶେଷରେ ଲୋକଟି ମୃତ୍ୟୁମୁଖରେ ପଡିଥାଏ। ଗୁଣିଗାରେଡି ଦ୍ୱାରା ଏହିଭଳି କ୍ଷତି ହେଉଥିବାରୁ ସମାଜ ଉପରେ କୁପ୍ରଭାବ ପକାଇଥାଏ। ସେଥିପାଇଁ ଗୁଣିଗାରେଡିକୁ ଅଧିକାଂଶ ଲୋକ ଖରାପ ଭାବିଥାଆନ୍ତି। ଗୁଣି ଗାରେଡି ବିଦ୍ୟା ସାଧନ କରିଥିବା ଲୋକଙ୍କୁ ମଧ୍ୟ ଲୋକମାନେ ଅନାଦର କରିଥାଆନ୍ତି। ନିଜର ସ୍ୱାର୍ଥସାଧନ ପାଇଁ ଗୁଣିଆମାନେ ଅନ୍ୟର କ୍ଷତି ସାଧନ କରିଥାଆନ୍ତି। ଗୁଣିଗାରେଡି ସମାଜ ଉପରେ ଅନେକ କୁପ୍ରଭାବ ପକାଇଥାଏ। ପରୋକ୍ଷରେ ହେଉ ଅବା ପ୍ରତ୍ୟକ୍ଷରେ ହେଉ ସମାଜର ଅନେକ କ୍ଷତି ହୋଇଥାଏ।

ପରିବର୍ତ୍ତନ :

ବର୍ତ୍ତମାନ ରାଜୁଆର ସମାଜରେ ଗୁଣିଗାରେଡି ମାତ୍ରାଧିକ ଲୋପ ପାଇବା ସଙ୍ଗେ ସଙ୍ଗେ କେତେକ ସ୍ଥାନରେ ମଧ୍ୟରେ ରହିଥିବା ଜଣାଯାଏ। ପୂର୍ବଭଳି ଗୁରିଗାରେଡି ବିଦ୍ୟା ଜାଣିଥିବା ଲୋକଙ୍କ ଉପରୁ ଲୋକମାନଙ୍କର ଆସ୍ତେ ଆସ୍ତେ ବିଶ୍ୱାସ କମି ଆସିଲାଣି। ଶିକ୍ଷାର ପ୍ରସାର ଫଳରେ ଗୁଣିଗାରେଡିର କେତେକ କାର୍ଯ୍ୟକୁ ଲୋକମାନେ ଅନ୍ଧବିଶ୍ୱାସ ବୋଲି ଲୋକେ ଭାବିଲେଣି। ସାଧାରଣ ରୋଗ ହେଲେ ଲୋକେ ଡାକ୍ତରଙ୍କ ସହାୟତା ବର୍ତ୍ତମାନ ଗ୍ରହଣ କଲେଣି। ଗୁଣିଆ ମନ୍ତ୍ରପାଠ ପୂର୍ବଭଳି ଆଉ କାର୍ଯ୍ୟକ୍ଷମ ହେଉନଥିବା ଜଣାଯାଏ। ସାଧାରଣ ଲୋକମାନଙ୍କ ଭଳି ଗୁଣିଆ ବର୍ତ୍ତମାନ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ପସନ୍ଦ କଲେଣି। ରାଜୁଆର ସମାଜରେ ଗୁଣିଆମାନଙ୍କର ଗୁରୁତ୍ୱ ଆସ୍ତେ ଆସ୍ତେ କମିଗଲାଣି। ବିଭିନ୍ନ ରୋଗ ପାଇଁ ଗୁଣିଆ ଦ୍ୱାରା ପ୍ରଦତ୍ତ ଚେରମୂଳୀ ଔଷଧ ପରିବର୍ତ୍ତେ ଡାକ୍ତରୀ ଔଷଧ ପ୍ରତି ଲୋକମାନଙ୍କର ଆଗ୍ରହ ବୃଦ୍ଧି ପାଇଲାଣି। ଗ୍ରାମରେ ବ୍ୟାପିଥିବା ମହାମାରୀ ରୋଗର

ନିରାକରଣ ଦିଗରେ ସେ ସମୟରେ ଗଣିଆର ସହାୟତା ଲୋଡାଥିଲା। କିନ୍ତୁ ବର୍ତ୍ତମାନ ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ପ୍ରତିଷେଧକ ମୂଳ ଟୀକା ଲୋକମାନଙ୍କୁ ମାଗଣାରେ ଦିଆଯାଇ ରୋଗର ମୂଲୋତ୍ପାଟନ କରାଯାଇଛି। ଲୋକମାନେ ଟିକିଏ ସଚେତନ ହେବାରୁ ଅନ୍ଧବିଶ୍ୱାସ ଏବଂ କୁସଂସ୍କାରରୁ କିଛି ମାତ୍ରାରେ ମୁକ୍ତ। ସେ ଯାହାହେଉ ଗୁଣିଗାରେଡିର ପ୍ରଭାବ କମିଗଲାଣି। ସଂପୂର୍ଣ୍ଣଭାବେ ଗୁଣିଗାରେଡି ସଂପୃକ୍ତ ଆଦିବାସୀ ଅଞ୍ଚଳରୁ ଲୋପ ହୋଇନାହିଁ। କେତେକ ଅଞ୍ଚଳରେ କିଛି ମାତ୍ରାରେ ରହିଥିବା ସୂଚନା ମିଳେ। ପୁରୁଖା ଲୋକମାନେ ଗୁଣିଗାରେଡିକୁ ଏପର୍ଯ୍ୟନ୍ତ ବିଶ୍ୱାସ କରୁଥିବା ଜଣାଯାଏ। ସହଜରେ ସେମାନେ ଆଧୁନିକତାକୁ ଗ୍ରହଣ କରି ନ ଥାଆନ୍ତି। ସେମାନଙ୍କର ଚେରମୂଳୀ ଔଷଧ ତଥା ଗୁଣିବିଦ୍ୟା ଉପରେ ବିଶ୍ୱାସ ରହିଛି। କିନ୍ତୁ ଅନ୍ୟ ଲୋକମାନଙ୍କର ଗୁଣିଗାରେଡି ଉପରୁ ବିଶ୍ୱାସ ତୁଟାଇ ଆଧୁନିକତାକୁ ଗ୍ରହଣ କଲେଣି।

ଆଧିଭୌତିକ ସତ୍ତା:

ରାଜୁଆର ସମାଜର ଲୋକମାନେ କେତେକ ଅଲୌକିକ ସତ୍ତାଙ୍କ ଉପରେ ବିଶ୍ୱାସ କରିଥାଆନ୍ତି । ସୂର୍ଯ୍ୟ, ଚନ୍ଦ୍ର, ବସୁଧା (ପୃଥିବୀ), ଧର୍ମଦେବତା ଇତ୍ୟାଦିଙ୍କୁ ବିଶ୍ୱାସ କରିଥାଆନ୍ତି । ବିଭିନ୍ନ ଦେବଦେବୀଙ୍କ ଉପରେ ଯେଭଳି ଅଖଣ୍ଡ ବିଶ୍ୱାସ ରଖିଥାଆନ୍ତି । ବିଭିନ୍ନ ଦେବଦେବୀଙ୍କ ଉପରେ ଯେଭଳି ଅଖଣ୍ଡ ବିଶ୍ୱାସ ରଖିଥାଆନ୍ତି ପୂଜାପାଠ ସମୟରେ ମଧ୍ୟ ଏହି ଅଲୌକିକ ସତ୍ତାଙ୍କ ନାମ ସ୍ମରଣ କରିଥାଆନ୍ତି । ଦେହୁରୀ ସାଧାରଣତଃ ଗ୍ରାମ ସ୍ତରରେ ବିଭିନ୍ନ ପୂଜାରେ ଗ୍ରାମଦେବତାଙ୍କୁ ପୂଜା କରିବା ସମୟରେ ଅନ୍ୟାନ୍ୟ ଦେବାଦେବୀ ତଥା ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ ଏବଂ ଧର୍ମଦେବତା ଆଦିଙ୍କୁ ସ୍ମରଣ କରିଥାଆନ୍ତି । ପରିବାର ସ୍ତରରେ ବିଭିନ୍ନ ପୂଜାପାଠ କରିବା ସମୟରେ ମଧ୍ୟ ଗୃହକର୍ତ୍ତା ସୂର୍ଯ୍ୟ ଦେବତାଙ୍କୁ ଚାହିଁ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଜଳ ଢ଼ାଳିଥାଆନ୍ତି । ଗୁଣିଆ ମନ୍ତ୍ରପାଠ କରିବା ସମୟରେ ସବୁଦିଗରେ ଅବସ୍ଥାନ କରୁଥିବା ଦେବଦେବୀଙ୍କ ନାମ ସହିତ ସୂର୍ଯ୍ୟ, ବସୁମାତା ଏବଂ ଧର୍ମଦେବତାଙ୍କୁ ସ୍ମରଣ କରିଥାଆନ୍ତି । ଏଥି ସହିତ ସ୍ୱର୍ଗ ଦେବତା ଏବଂ ପାତାଳ ଦେବତାଙ୍କୁ ମଧ୍ୟ ସ୍ମରଣ କରିଥାଆନ୍ତି। ଅମାବାସ୍ୟା ଏବଂ ପୂର୍ଣ୍ଣମୀ ତିଥିରେ ଗୁଣିଆ ବିଭିନ୍ନ ଔଷଧୀୟ ଗଛର ଚେର ଏବଂ ମୂଳ ସଂଗ୍ରହ କରିଥାଏ। ପର ମୁହୂର୍ତ୍ତରେ ସଂଗୃହୀତ ଚେରମୂଳୀ ବିଭିନ୍ନ ରୋଗ ନିରାକରଣ ପାଇଁ ଔଷଧ ରୂପେ ବ୍ୟବହୃତ ହୋଇଥାଏ। ଗୁଣିଆ ଲୋକମାନଙ୍କୁ ଚେରମୂଳୀ ଔଷଧ ଯୋଗାଇଥାଆନ୍ତି। ଦେବଦେବୀଙ୍କୁ ଆରାଧନା କରିବା ସମୟରେ

ବିଭିନ୍ନ ଅଲୌକିକ ଶକ୍ତିଙ୍କୁ ପୂଜା କରାଯାଇଥାଏ। ସକଳ ଶକ୍ତିର ଆଧାର ସ୍ୱରୂପ ଦେବତାଙ୍କୁ ସ୍ମରଣ କରାଯାଇଥାଏ। ବସୁମାତା ମଣିଷକୁ ସବୁ ଦେଇଥାଏ। ବସୁମାତାକୁ ମଧ୍ୟ ପୂଜା କରାଯାଇଥାଏ। ଅଲୌକିକ ସତ୍ତା ବିଭିନ୍ନ ପୂଜାରେ ସହଯୋଗ କରିଥାଆନ୍ତି । ପରୋକ୍ଷରେ ହେଉ କିମ୍ବା ପ୍ରତ୍ୟକ୍ଷରେ ହେଉ ଏମାନଙ୍କୁ ଆରାଧନା କରାଯାଇଥାଏ।

ରାଜୁଆର ସମାଜରେ ଲୋକମାନେ ପ୍ରେତାତ୍ମା ଉପରେ ବିଶ୍ୱାସ କରିଥାଆନ୍ତି। କେତେକ ବ୍ୟକ୍ତିଙ୍କ ମୃତ୍ୟୁପରେ କୌଣସି କାରଣବସତଃ ସେମାନଙ୍କର ଆତ୍ମା ଶାନ୍ତି ନ ପାଇ ଅଶାନ୍ତ ଅବସ୍ଥାରେ ଚତୁଃପାର୍ଶ୍ୱ ଘୂରିବୁଲିଥାଏ। ଅବିବାହିତ ପୁଅ ଓ ଝିଅ, ଗର୍ଭବତୀ ମହିଳା କୌଣସି କାରଣବଶତଃ ଅକାଳରେ ବିୟୋଗ ହୋଇଥିଲେ ସାଧାରଣତଃ ସେମାନଙ୍କର ଆତ୍ମା ଅଶାନ୍ତ ହୋଇଥାଏ। ଜୀବିତା ଅବସ୍ଥାରେ ଅନେକ ଆଶା ରଖିଥାଆନ୍ତି। ଆଶାକୁ ପୂରଣ କରି ପାରି ନ ଥିବାରୁ ସେମାନଙ୍କ ମୃତ୍ୟୁ ପରେ ଆତ୍ମା ଅଶାନ୍ତି ହୋଇଥାଏ। ଯେଉଁମାନେ ବୃଦ୍ଧ କିମ୍ବା ବୃଦ୍ଧା ହୋଇ ମୃତ୍ୟୁବରଣ କରିଥାଆନ୍ତି, ସେମାନଙ୍କର ଆତ୍ମା ପ୍ରାୟ ଶାନ୍ତି ପାଇଥାଏ ବୋଲି ରାଜୁଆରମାନେ ବିଶ୍ୱାସ କରିଥାଆନ୍ତି। ଅତୃପ୍ତ ଆତ୍ମା ସର୍ବଦା ଘୂରିବୁଲିଥାଆନ୍ତି। ସର୍ବଦା ମନ୍ଦ ଉଦ୍ଦେଶ୍ୟରେ ଘୂରିବୁଲିଥାଆନ୍ତି। ଅନ୍ୟର ଅନିଷ୍ଟ କରିବା ପାଇଁ ଅତୃପ୍ତ ଆତ୍ମାଗଣ ଘୂରିବୁଲିଥାଆନ୍ତି। ସୁଯୋଗ ପାଇଲେ ମନୁଷ୍ୟ ଏବଂ ଗୃହପାଳିତ ପଶୁ ଓ ପକ୍ଷୀଙ୍କ ଶରୀରରେ ପ୍ରବେଶ କରି ଅନେକ ହଇରାଣ କରିଥାଆନ୍ତି। କେତେକ କ୍ଷେତ୍ରରେ ଲୋକମାନଙ୍କ ଶରୀରରେ ରୋଗ ସୃଷ୍ଟି କରିଥାଆନ୍ତି ତ ଅନ୍ୟ କେତେକ କ୍ଷେତ୍ରରେ ଲୋକ ତଥା ଗାଈଗୋରୁମାନଙ୍କୁ ମାରିଦେଇଥାଆନ୍ତି। ମଣିଷ ଦେହରେ ପ୍ରବେଶ କଲେ ସାଧାରଣତଃ ଝାଡା, ବାନ୍ତି ଏବଂ ଜ୍ୱର ଇତ୍ୟାଦି ରୋଗ ହୋଇଥାଏ।

ଡାଆଣୀ, ଭୂତ / ପ୍ରେତ ଛଡାଇବା ପଦ୍ଧତି :

କୌଣସି ବ୍ୟକ୍ତିର ଶରୀରରେ ଡାହାଣୀ କିମ୍ବା ଭୂତପ୍ରେତ ପ୍ରବେଶ କଲେ ମନୁଷ୍ୟକୁ ବିଚଳିତ କରିଥାଆନ୍ତି। ଏହାର ପ୍ରତିକାର ପାଇଁ ବା ଭୂତପ୍ରେତଙ୍କୁ ଶରୀରରୁ ବାହାର କରିବା ପାଇଁ ଲୋକେ ଗୁଣିଆର ଆଶ୍ରୟ ନେଇଥାଆନ୍ତି। ତେଣୁ ଏହି ଅସୁବିଧାରେ ପଡିଥିବା ଲୋକର ଘରକୁ ଆହ୍ୱାନ କ୍ରମେ ଗୁଣିଆ ଯାଇଥାଆନ୍ତି। ଗୁଣିଆ ସଂପୃକ୍ତ ବ୍ୟକ୍ତିଙ୍କ ଘରେ ପହଞ୍ଚିବା ପରେ କେତେକ ପୂଜା ଉପକରଣ ଯୋଗାଇବା ପାଇଁ କହିଥାଆନ୍ତି। ପୂଜା ଉପକରଣ ମଧ୍ୟରେ ଅରୁଆଚାଉଳ, ଧୂପ, ଦୀପ, ସିନ୍ଦୁର ଏବଂ ଆବଶ୍ୟକ ସ୍ଥଳେ ଧଳା, କଳା ଏବଂ ଲାଲ ରଙ୍ଗର ତିନୋଟି କୁକୁଡା ଦରକାର ହୋଇଥାଏ ।

ପ୍ରଥମେ ଗୁଣିଆ ଦୁଇଟି ଜୁଣକାଠିକୁ ଆଙ୍ଗୁଠି ସାହାଯ୍ୟରେ ମାପ କରିଥାଆନ୍ତି । ଅବଶିଷ୍ଟ ଅଂଶକୁ ଫିଙ୍ଗି ଦିଅନ୍ତି । ପୂଜା ପୂର୍ବରୁ ଘର ଅଗଣାର କିଛି ଅଂଶ । ଗୋବରରେ ଲିପା ଯାଇଥାଏ । ଧୂପ, ଦୀପ ଜଳାଇ ଭୂଇଁରେ ସିନ୍ଦୁର ଦେଇଥାଆନ୍ତି । ତା'ପରେ ଦୁଇ ଜୁଣ କାଠିକୁ ଲିପାଯାଇଥିବା ସ୍ଥାନରେ ରଖି ଦେଇଥାଆନ୍ତି । ଆଣ୍ଠୁ ମାଡି ମନ୍ତ୍ରପାଠ ଆରମ୍ଭ କରିଥାଆନ୍ତି । ମନ୍ତ୍ରପାଠର କିଛି ସମୟ ପରେ ରୋଗୀ ଦେହରେ କେଉଁ ଡାହାଣୀ ବା ଭୂତ କିମ୍ବା ପ୍ରେତ ଲାଗିଛି ତାହା ଜାଣିବା ପାଇଁ ପୁନଃ ଜୁଣ କାଠିକୁ ଆଙ୍ଗୁଠି ଦ୍ୱାରା ମାପ କରିଥାଏ । ମାପରେ ସମାନ / ଅସମାନ ହେଲେ ସେ ଜାଣିପାରିଥାଏ କେଉଁ ପ୍ରକାର ଡାହାଣୀ ଲାଗିଛି । ଜାଣି ସାରିବା ପରେ ସେମାନଙ୍କୁ ଶାନ୍ତି କରିବା ପାଇଁ ମନ୍ତ୍ରପାଠ କରିବା ସଙ୍ଗେ ସଙ୍ଗେ କୁକୁଡା ତିନୋଟିକୁ ବଳି ଦିଆଯାଇଥାଏ । ବଳି ଦିଆଯାଇଥିବା ପକ୍ଷୀର ରକ୍ତକୁ ଲିପା ଯାଇଥିବା ସିନ୍ଦୁର ଥିବା ସ୍ଥାନରେ ପୂଜା ଦିଆଯାଇଥାଏ । ପୁନଃ ଗୁଣିଆ ମନ୍ତ୍ରପାଠ କରିଥାଏ । ମନ୍ତ୍ରପାଠ ମଧ୍ୟରେ ସୂର୍ଯ୍ୟ, ବସୁଧା, ଧର୍ମଦେବତା, ଅଗ୍ନିଦେବତା, ପାତାଳ ଦେବତା ଏବଂ ସ୍ୱର୍ଗଦେବତାଙ୍କ ନାମ ସ୍ମରଣ କରିବା ସଙ୍ଗେ ସଙ୍ଗେ ଗ୍ରାମ ଦେବାଦେବୀଙ୍କ ନାମ ଉଚ୍ଚାରଣ କରିଥାଆନ୍ତି । ବିଭିନ୍ନ ଦିଗରେ ଥିବା ଦେବାଦେବୀଙ୍କୁ ମଧ୍ୟ ଆହ୍ୱାନ କରିଥାଆନ୍ତି । କିଛି ସମୟ ପରେ ରୋଗୀ ଡାହାଣୀ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ଆରୋଗ୍ୟ ହେଲା କି ନାହିଁ ତାହା ଜାଣିବା ପାଇଁ ଜୁଣକାଠିକୁ ଭୂମିରୁ ଉଠାଇ ଦେଖିଥାଏ । ଶେଷରେ ସମସ୍ତ ଦେବାଦେବୀଙ୍କୁ ଡାକି ମନ୍ତ୍ରପାଠ ଦ୍ୱାରା ଡାହାଣୀ, ଭୂତ ପ୍ରେତ ଆଦିଙ୍କୁ ସେମାନଙ୍କ ସହାୟତାରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିର ଶରୀରରୁ ବିତାଡିତ କରିଥାଆନ୍ତି । ବ୍ୟକ୍ତି ସଂପୂର୍ଣ୍ଣ ଭଲ ହେଲେ ଅଥବା ଶରୀରରେ କୌଣସି ଭୂତ କିମ୍ବା ପ୍ରେତ ନାହାନ୍ତି ବୋଲି ଗୁଣିଆ ଘର ଲୋକଙ୍କୁ ଜଣାଇ ଦେଇଥାଆନ୍ତି । ଗୁଣିଆର ଏପରି କାର୍ଯ୍ୟପାଇଁ ଲୋକେ ପାଉଣା ଆକାରରେ ଅରୁଆଚାଉଳ ତିନି ସେର, ଉଷୁନା ଚାଉଳ ପାଞ୍ଚ ସେର, ଧଳାରଙ୍ଗର ଧୋତି ଏକ ଖଣ୍ଡ ଏବଂ ଗଞ୍ଜା ଏକଟି ପ୍ରଦାନ କରିଥାଆନ୍ତି ।

ପର୍ବପର୍ବାଣୀ :

ରାଜୁଆର ସମାଜରେ ବର୍ଷକ ମଧ୍ୟରେ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାଆନ୍ତି। ଧର୍ମୀୟ ଜୀବନକୁ ବାସ୍ତବ ରୂପ ଦେବା ପାଇଁ ଲୋକେ ପର୍ବପର୍ବାଣି ପାଳନ କରିଥାଆନ୍ତି। ଜୀବନରେ ସୁଖଶାନ୍ତି ପାଇବା ପାଇଁ ପର୍ବପର୍ବାଣି ପାଳନ କରିଥାଆନ୍ତି। କର୍ମକ୍ଲାନ୍ତ ଜୀବନକୁ ପର୍ବପର୍ବାଣି ପାଳନ ମାଧ୍ୟମରେ ଟିକିଏ ଶାନ୍ତ କରିବା ପାଇଁ ପର୍ବପର୍ବାଣିର ଆୟୋଜନ

କରିଥାଆନ୍ତି । ଜୀବନକୁ ସରସ, ସୁନ୍ଦର ତଥା ଭଗବତ୍‌ମୁଖୀ କରିବା ପାଇଁ ଅନେକ ପୂଜା କରିଥାଆନ୍ତି ଏମାନେ । ଗ୍ରାମର ସୁରକ୍ଷା ପାଇଁ, ଗ୍ରାମବାସୀଙ୍କର ମଙ୍ଗଳ ବିଧାନ ପାଇଁ, ଗ୍ରାମ ଶାନ୍ତି ଶୃଙ୍ଖଳା ପାଇଁ, କ୍ଷେତ୍ରରେ ଭଲ ଭାବରେ ଶସ୍ୟ ଅମଳ ହେବା ପାଇଁ, ଶିକାର ମିଳିବା ପାଇଁ ଏବଂ ଗ୍ରାମବାସୀଙ୍କର ସୁଖଶାନ୍ତି ବଜାୟ ରଖିବା ଗ୍ରାମସ୍ତରରେ କେତେଗୁଡିଏ ପୂଜା କରାଯାଇଥାଏ । ଗ୍ରାମ ସ୍ତରୀୟ ପୂଜାରେ ସାଧାରଣତଃ ଗ୍ରାମଦେବତୀ ମା' ମହିଷାଶୂରୀ ଏବଂ ଗ୍ରାମ ଦେବତା ହିସାବରେ 'ବଇଙ୍ଗାପାଟ୍' ବା 'ବଇଙ୍ଗାବୁଢ଼ା'ଙ୍କୁ ପୂଜା କରାଯାଇଥାଏ । ସେହିଭଳି ପୂର୍ବପୁରୁଷମାଙ୍କୁ ସନ୍ତୁଷ୍ଟ କରିବା, ପରିବାରର ସୁଖଶାନ୍ତି ତଥା ସମସ୍ତଙ୍କର ସାର୍ବିକ ମଙ୍ଗଳ କାମନା କରିବା ଉଦ୍ଦେଶ୍ୟରେ ପରିବାର ସ୍ତରରେ ଅନେକ ପୂଜା ତଥା ପର୍ବପର୍ବାଣି ପାଳନ କରାଯାଇଥାଏ । ଅଧିକାଂଶ ପର୍ବପର୍ବାଣି ପାଳନ ମାଧ୍ୟମରେ ନୃତ୍ୟଗୀତ କରିବା ପାଇଁ ସୁଯୋଗ ଆସିଥାଏ । ମନୋରଂଜନ କରିବା ପାଇଁ ପର୍ବପର୍ବାଣି ପାଳନର ଭିନ୍ନ ଏକ ଉଦ୍ଦେଶ୍ୟ ହୋଇପାରେ। ପ୍ରଥା ଓ ପରଂପରାକୁ ବଜାୟ ରଖିବା ପାଇଁ ଗ୍ରାମସ୍ତରରେ ଏବଂ ପରିବାର ସ୍ତରରେ ଅନେକ ପୂଜା ଏବଂ ପର୍ବପର୍ବାଣି ମଧ୍ୟ ପାଳନ କରାଯାଇଥାଏ ।

ଧୂଳିଆ ପୂଜା (ଧାନବୁଣା ପର୍ବ) :

ରାଜୁଆର ସମାଇରେ ବୈଶାଖମାସରେ ଏହି ପୂଜା ହୋଇଥାଏ । ସାଧାରଣତଃ ଧାନବୁଣିବା ପୂର୍ବରୁ ଏହି ଧୂଳିଆ ପୂଜା କରାଯାଇଥାଏ । ଗ୍ରାମ ଦେବତୀ ମା' ମହିଷାଶୂରୀଙ୍କ ପୀଠରେ ଏହି ପୂଜା ହୋଇଥାଏ । ଗ୍ରାମ ସ୍ତରୀୟ ଯାଦୁ ଧର୍ମୀୟ କାର୍ଯ୍ୟ ନିର୍ବାହୀ ହିସାବରେ ଦେହୁରୀ ଏହି ପୂଜା କରିଥାଏ । ଗ୍ରାମସ୍ତରୀୟ ପୂଜା ହିସାବରେ ସାମୁହିକ ଭାବେ ଏହି ପୂଜା କରିଥାଆନ୍ତି । ଏହି ପୂଜା ନ ହେବା ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ଜମିରେ ଧାନ ବୁଣି ନ ଥାଆନ୍ତି । କ୍ଷେତରେ ଧାନ ଗଛ ଭଲ ଭାବରେ ହେବା ପାଇଁ ବୁଣିବା କାର୍ଯ୍ୟ ସୁରୁଖୁରୁରେ ସଂପାଦିତ ହେବାପାଇଁ, ବର୍ଷା ଠିକ୍ ଭାବରେ ହେବା ପାଇଁ ଏହି ପୂଜାର ଉଦ୍ଦେଶ୍ୟ । ପୂଜା ହେବାର ନିର୍ଦ୍ଧାରିତ ଦିବସ ପୂର୍ବରୁ ଦେହୁରୀ ଗ୍ରାମସଭାର ମୁଖ୍ୟ ପରମାଣିକଙ୍କୁ ପୂଜା ସଂପର୍କରେ କହିଥାଆନ୍ତି । ପରାମାଣିକ ସଙ୍ଗେ ସଙ୍ଗେ ଗ୍ରାମସଭା ହେବା ପାଇଁ ଲୋକମାନଙ୍କୁ ଡାକୁଆ ଦ୍ୱାରା ଡକାଇଥାଆନ୍ତି । ଉକ୍ତ ବୈଠକରେ ଗ୍ରାମବାସୀମାନେ ଉପସ୍ଥିତ ହୋଇଥାଆନ୍ତି । ବୈଠକ ଚାନ୍ଦାର ପରିମାଣ, ପୂଜା ଦିବସ ଏବଂ ପୂଜାଦିନ କାର୍ଯ୍ୟକ୍ରମ ବିଷୟମାନ ଆଲୋଚନା କରାଯାଇଥାଏ । ଚାନ୍ଦା ଆଦାୟ କରିବା ଦାୟିତ୍ୱ ଦେହୁରୀ ଉପରେ ନ୍ୟସ୍ତ କରାଯାଇଥାଏ । ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ଲୋକେ ଚାନ୍ଦା ଦେଇଥାଆନ୍ତି ।

ଚାନ୍ଦା ଆଦାୟ କରି ସାରିବା ପରେ ସମସ୍ତ ଅର୍ଥକୁ ପଗାମାଣିକଙ୍କ ନିକଟରେ ପଇଠ କରିଥାଆନ୍ତି । ପୂଜାରେ ବଳି ପାଇଁ ଛେଳି / ବୋଦା କିଣିବା ଦାୟିତ୍ୱ ଦୁଇଜଣ ଭଦ୍ରବ୍ୟକ୍ତିଙ୍କୁ ଦିଆଯାଇଥାଏ । ପୂଜା ପୂର୍ବରୁ ବଳି ପାଇଁ ଛେଳି / ବୋଦା କ୍ରୟ କରାଯାଇଥାଏ । ଦେହୁରୀ ମଧ୍ୟ ପୂଜାପାଇଁ ଅରୁଆଚାଉଳ, ସିନ୍ଦୁର, ଧୂପ, ଦୀପ, ଦିଆସିଲି, ଶାଳପତ୍ର, ପଞ୍ଚବର୍ଣ୍ଣଗୁଣ୍ଡ, ଉଖୁଡା, ମିଠେଇ, କଦଳୀ, ଗୁଡ ଓ ଗଞ୍ଜେଇ ଇତ୍ୟାଦି ପୂଜା ଉପକରଣ ସଂଗ୍ରହ କରିଥାଏ ।

ପୂଜାଦିନ ପ୍ରତ୍ୟୁଷରୁ ଦେହୁରୀ ସ୍ନାନ ତର୍ପଣ ଶେଷ କରି ଧଳାରଙ୍ଗର ଧୋତି ପରିଧାନ କରିଥାଏ । ଧୋତିର ଅଗ୍ରଭାଗକୁ ବେକରେ ଗୁଡାଇଥାଏ । ପୂଜା ସାମଗ୍ରୀ ସାଙ୍ଗକୁ ବଳି ଦେବାପାଇଁ ଫାସୀ କିମ୍ବା ଟାଙ୍ଗିଆ ଧରି ମା' ମହିଷାଶୂରୀଙ୍କ ପୀଠରେ ପହଞ୍ଚି ଥାଏ । ଗ୍ରାମର ମୁଖିଆ ଲୋକମାନେ ଗାଧୁଆପାଧୁଆ କରି ଧଳାରଙ୍ଗର ଧୋତି ପିନ୍ଧି ପୂଜାସ୍ଥଳୀକୁ ଯାଇଥାଆନ୍ତି । ଏତଦ୍ ବ୍ୟତୀତ ମାନସିକ ପୂରଣ ଉଦ୍ଦେଶ୍ୟରେ ବଳି ଦେବାପାଇଁ ନାଲି, କଳା ଏବଂ ଧଳାରଙ୍ଗର କୁକୁଡା ଧରି ଅନ୍ୟଲୋକମାନେ ମଧ୍ୟ ମା'ଙ୍କ ପୀଠସ୍ଥଳୀକୁ ଯାଇଥାଆନ୍ତି । ପୀଠକୁ ଗୋବରରେ ଲିପି ପୂଜାପର୍ବରୁ ଦେହୁରୀ ଠାକୁରାଣୀଙ୍କୁ ହଳଦୀ ପାଣିରେ ଧୋଇଥାଏ । ତା'ପରେ ତୁଳସୀପାଣି ଠାକୁରାଣୀଙ୍କ ଉପରକୁ ସିଞ୍ଚନ କରିଥାଏ । ନିଜେ ଦେହରେ ଦେହୁରୀ ତୁଳସୀପାଣି ସିଞ୍ଚନ କରିବା ସଙ୍ଗେ ସଙ୍ଗେ ଉପସ୍ଥିତ ଭଦ୍ରବ୍ୟକ୍ତିଙ୍କ ଉପରେ ପବିତ୍ର ତୁଳସୀପାଣି ସିଞ୍ଚନ କରିଥାଏ । କିଛି ସମୟ ପରେ ପୂଜା ଆରମ୍ଭ ହୋଇଥାଏ । ପୂଜା ଭିତରେ ମା' ମହିଷାଶୂରୀଙ୍କ ମଥାରେ ସିନ୍ଦୁର ଲଗାଇବା ସଙ୍ଗେ ସଙ୍ଗେ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ବସୁମାତାଙ୍କୁ ସିନ୍ଦୁର ଲଗାଇ ଦେଇଥାଏ । ସିନ୍ଦୁର ଦେବା ସମୟରେ ସମସ୍ତ ଦେବାଦେବୀଙ୍କ ନାମ ଉଚ୍ଚାରଣ କରନ୍ତି । ତା'ପରେ ହାତ ଧୋଇ ହୋଇ ଅରୁଆ ଚାଉଳକୁ ସିନ୍ଦୁର ଉପରେ ପକାଇ ପୁନର୍ବାର ସମସ୍ତ ଦେବଦେବୀଙ୍କୁ ଭକ୍ତିଭରେ ଆହ୍ୱାନ କରିଥାଆନ୍ତି । ତା'ପରେ ମା'ଙ୍କ ଉଦ୍ଦେଶ୍ୟରେ ଭୋଗ ଲଗାନ୍ତି ଏବଂ ସବୁ ଦେବଦେବୀଙ୍କ ନାମ ଉଚ୍ଚାରଣ କରି ଭୋଗ ମଧ୍ୟ ଚଢ଼ାଇଥାଏ।

ଦେହୁରୀକୁ ପୂଜା କାର୍ଯ୍ୟରେ ସାହାଯ୍ୟ କରୁଥିବା ଦୁଇଜଣ ଘଲାହାରିଆ ବା ଦାସୀଙ୍କ ଦ୍ୱାରା ବଳି ଦିଆଯାଇଥାଏ । ପ୍ରଥମେ ବଳି ଉଦ୍ଦେଶ୍ୟରେ ନିଆ ଯାଇଥିବା ଛେଳି / ବୋଦା ବା ପୋଡକୁ ମା' ମହିଷାଶୂରୀଙ୍କ ସାମନାରେ ହଳଦିପାଣିରେ ଦୁଇଜଣ ଦାସୀ ଧୋଇଦେଇଥାଆନ୍ତି । ପରେ ସେମାନଙ୍କ ମୁଣ୍ଡରେ ସିନ୍ଦୁର ଲଗାଇ ଦେବ ବସୁମାତାଙ୍କୁ

ପୂଜା କରାଯାଇଥିବା ଗୋବର ଲିପା ସ୍ଥାନକୁ ଛେଳି / ବୋଦାକୁ ନେଇଥାଆନ୍ତି । ସେହି ସ୍ଥାନରେ ଛେଳି / ବୋଦାକୁ କିଛି ସମୟ ଚରାଇଥାଆନ୍ତି । ଛେଳି / ବୋଦା ସେହି ସ୍ଥାନରୁ ଭୋଗ ଖାଇସାରିବା ପରେ ଦାସୀ ଦ୍ୱୟ ସେମାନଙ୍କୁ ବାହାରକୁ ନେଇ ଆସନ୍ତି । ଦାସୀ ସେହି ଛେଳି / ବୋଦାକୁ ବଳି ଦିଆଯାଏ। ଠାକୁରାଣୀଙ୍କ ପାଖରେ ଅର୍ପଣ କଲାପରେ ଦେହୁରୀ ପୂଜା ସାମଗ୍ରୀ ଧରି ନିଜ ଘରକୁ ଫେରିଥାଏ । ପୂଜା ଶେଷପରେ ଭୋଜି ହୋଇଥାଏ । ରାତ୍ରିରେ ପୁରୁଷ ଓ ମହିଳାମାନେ ଗୀତ ଗାଇ ଗାଇ ନୃତ୍ୟ କରିଥାଆନ୍ତି । ଏହି ପୂଜା ନ ସରିବା ପୂର୍ବରୁ କୌଣସି ବ୍ୟକ୍ତି ନିଜ କ୍ଷେତ୍ରରେ ଧାନ ବୁଣି ନ ଥାଆନ୍ତି । ପୂଜା ପରେ ଲୋକମାନେ ଧାନବୁଣା କାର୍ଯ୍ୟ ଆରମ୍ଭ କରନ୍ତି ।

ଆଷାଢ଼ି ପୂଜା (ଧାନ ବିହୁଡା ପର୍ବ) :

କୃଷିକାର୍ଯ୍ୟ ସଂପର୍କୀତ ଅନ୍ୟତମ ପୂଜା ହେଉଛି ଆଷାଢ଼ି ପୂଜା । ଆଷାଢ଼ ମାସ ଆରମ୍ଭରେ ଏହି ପୂଜା ହୋଇଥାଏ । ସାଧାରଣତଃ ଧାନବୁଣିବା ପୂର୍ବରୁ ଗ୍ରାମଦେବତା ମା' ମହିଷାଶୂରୀଙ୍କ ପୀଠରେ ଏହି ପୂଜା କରାଯାଇଥାଏ । ଗ୍ରାମ ସ୍ତରୀୟ ଯାଦୁଧର୍ମୀୟ ପୂଜକ ହିସାବରେ ଦେହୁରୀ ଏହି ପୂଜାରେ ଗ୍ରାମଦେବତୀଙ୍କୁ ପାରମ୍ପରିକ ରୀତିରେ ପୂଜା କରିଥାଏ । ପୂଜା ଆରମ୍ଭରୁ ଶେଷ ହେବାଯାଏ ଡମ୍ଫ ଢ଼ୋଲ ବଜାଇଥାଏ । ଏହି ପୂଜାରେ କୃଷି କାର୍ଯ୍ୟ ନିମନ୍ତେ ଆବଶ୍ୟକ ବର୍ଷା ହେବା ନିମନ୍ତେ ଗ୍ରାମଦେବତୀଙ୍କୁ ପୂଜାରେ ସନ୍ତୁଷ୍ଟ କରାଯାଇଥାଏ । ଏହି ପୂଜା ନ ହେବା ପଯ୍ୟନ୍ତ କୌଣସି ବ୍ୟକ୍ତି କ୍ଷେତରେ ବିହୁଡିବା କାର୍ଯ୍ୟ କରି ନ ଥାଆନ୍ତି । ଯିଏ ନ ମାନି କ୍ଷେତ୍ରରେ ବିହୁଡିବା କାର୍ଯ୍ୟ ଆରମ୍ଭ କରିଥାଏ, ତାଙ୍କ ଠାରେ ଜୋରିମାନା ଲାଗୁ ହୋଇଥାଏ । ଗ୍ରାମସଭାକୁ ସଂପୃକ୍ତ ବ୍ୟକ୍ତିଙ୍କୁ ଡାକି ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଥାଆନ୍ତି । ସାମୁହିକ ଭାବରେ ଏହି ପର୍ବ ପାଳନ କରିଥାଆନ୍ତି । ପୂଜା ପରଠାରୁ ସମସ୍ତ ଲୋକ ସେମାନଙ୍କ ଜମିରେ ବିହୁଡିବା କାର୍ଯ୍ୟ ଆରମ୍ଭ କରିଥାଆନ୍ତି । ଏହି ପୂଜାର ପ୍ରାକ୍ ପ୍ରସ୍ତୁତି, ପୂଜା ପଦ୍ଧତି, ବଳିପ୍ରଦାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଧୂଳିଆ ପୂଜା ଭଳି କରାଯାଇଥାଏ ।

ଅନ୍ଧାରି ପୂଜା :

ଭାଦ୍ରବ ମାସର ଚନ୍ଦ୍ର ଦର୍ଶନ ପରେ ଏହି ପୂଜା ହୋଇଥାଏ । ନୂଆଖିଆ ପୂର୍ବରୁ ଏହିପର୍ବ ପାଳନ କରଯାଇଥାଏ । ଦୁଇ ଦିନ ଧରି ପାଳନ କରାଯାଏ । ପ୍ରଥମ ଦିନ ଗ୍ରାମଦେବତୀଙ୍କ ପୀଠରେ ପୂଜା କରା ନ ଯାଇ ଅସ୍ଥାୟୀ ଭାବରେ ପୋଖରୀ ନିକଟରେ

କିମ୍ବା ପୋଖରୀ ନିକଟରେ ଥିବା ଯେକୌଣସି ଗଛମୂଳରେ ଏହି ପୂଜା କରାଯାଇଥାଏ । ପୂଜା ପୂର୍ବ ଦିନ ଦେହୁରୀ ଗ୍ରାମର ପ୍ରତ୍ୟେକ ଘରୁ ଚାଉଳ, ପନିପରିବା ଆଦାୟ କରିଥାଏ । ମା' ମହିଷାଶୂରୀଙ୍କ ଉଦ୍ଦେଶ୍ୟରେ ଗଛମୂଳରେ ପୂଜା କରାଯାଇଥାଏ । ଏହି ପୂଜାରେ ଗ୍ରାମରୁ ତେରଟି ଘରୁ ତେର ଜଣ ଲୋକ ଉପସ୍ଥିତ ରହିବା ପାଇଁ ପ୍ରଥା ରହିଛି । ତେଣୁ ନିର୍ଦ୍ଧାରିତ ପୂଜା ଦିବସ ପୂର୍ବରୁ ଗ୍ରାମରେ ବୈଠକ ଡକାଯାଇ କେଉଁ ତେର ଘରୁ ତେର ଜଣ ଲୋକ ଯିବେ ଏବଂ ତେରଟି କୁକୁଡା ସଂଗ୍ରହ କରି ପୂଜା ସ୍ଥାନକୁ ନେଇଯିବେ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥାଏ । ପୂଜା ପୂର୍ବରୁ ପୂଜାରେ ଯୋଗଦେବାପାଇଁ ତେର ଜଣ ଲୋକ ତେରଟି କୁକୁଡା ସଂଗ୍ରହ କରିଥାଆନ୍ତି । ଦେହୁରୀ ମଧ୍ୟ ପୂଜାପାଇଁ ଅରୁଆଚାଉଳ, ଶାଳପତ୍ର, ସିନ୍ଦୁର ଧୂପ, ଦୀପ, ଦିଆସିଲି, ପଞ୍ଚବର୍ଣ୍ଣ ଗୁଣ୍ଡ, ଉଖୁଡା, ମିଠେଇ, କଦଳୀ, ଗୁଡ, କ୍ଷୀର ଓ ଗଞ୍ଜେଇ ଇତ୍ୟାଦି ପୂଜା ଉପକରଣ ପୂଜା ପର୍ବଦିନ ସଂଗ୍ର କରିଥାଏ ।

ପୂଜା ଦିନ ବେହୁରୀ ଗାଧୁଆ ପାଧୁଆ କରି କଳାରଙ୍ଗର ଶାଢ଼ି ପିନ୍ଧି ରାତ୍ର ନଅ ଘଟିକା ବା ବାର ଘଟିକା ସମୟରେ ପୂଜା ଉପକରଣ ଧରି ପୂର୍ବ ନିର୍ଦ୍ଧାରିତ ଗଚ ମୂଳକୁ ଯାଇଥାଏ। ବଳି ଦେବା ପାଇଁ ଫାର୍ସା ବା ଟାଙ୍ଗିଆ ମଧ୍ୟ ନେଇଥାଏ। ଦେହୁରୀଙ୍କ ସହିତ ଦୁଇଜଣ ଘଟାହାରିଆ ମଧ୍ୟ ଦେହୁରୀଙ୍କ ସମେତ ଯଥାସ୍ଥାନକୁ ଯାଇଥାଆନ୍ତି। ଗ୍ରାମର ତେର ଜଣ ଲୋକ ତେରଟି କୁକୁଡା ସାଥିରେ ନେଇ ପୂଜା କରାଯିବା ଗଛ ମୂଳକୁ ଯାଇଥାଆନ୍ତି। ଏହି ପୂଜାରେ ବିଳମ୍ବିତ ରାତ୍ରିରେ ଅର୍ଥାତ୍ ରାତ୍ର ବାର ଘଣ୍ଟା ଅଥବା ଏକ ଘଣ୍ଟା ସମୟରେ ଦେହୁରୀ ଉଲଗ୍ନ ହୋଇ ପୂଜା କରିଥାଏ ବୋଲି ଲୋକମାନେ କହନ୍ତି। ଦେହୁରୀ ଗଛମୂଳକୁ ଗୋବରରେ ଲିପିଥାଏ। ଏବଂ ପୂଜା ଉପକରଣକୁ ସଜାଇ ରଖିଥାଏ। ଗଛମୂଳରେ ତୁଳସୀ ପାଣି ସିଞ୍ଚନ କରିଥାଏ। ତା'ପରେ ନଜ ଉପରେ ତୁଳସୀପାଣି ସିଞ୍ଚି ହେବା ସଙ୍ଗେ ସଙ୍ଗେ ଉପସ୍ଥିତ ଲୋକଙ୍କ ଉପରେ ସିଞ୍ଚନ କରିଥାଏ। କିଛି ସମୟ ପରେ ଗଛ ମୂଳରେ ସିନ୍ଦୁର ଲଗାଇଥାଏ। ଲିପା ଯାଇଥିବା ସ୍ଥାନରେ ମା'ବସୁମତୀଙ୍କ ଉଦ୍ଦେଶ୍ୟରେ ସିନ୍ଦୁର ଦେଇଥାଏ। ସର୍ବ ଦେବଦେବୀଙ୍କ ନାମ ଉଚ୍ଚାରଣ କରି ସିନ୍ଦୁର ଉପରେ ନୂଆ ଧାନର ଅରୁଆଚାଉଳ ମଧ୍ୟ ଦେଇଥାଏ। ଭକ୍ତି ସହକାରେ ପୁନଃ ସର୍ବ ଦେବାଦେବୀଙ୍କ ନାମ ଉଚ୍ଚାରଣ କରିଥାଏ। ଲଙ୍ଗଳା ହେଇ ମାଟି ଉପରେ ଆଣ୍ଠୁମାଡି ଦେହୁରୀ ଏହି ପୂଜା କରିଥାଏ । ଉପସ୍ଥିତ ଲୋକମାନେ ନୀରବରେ ସେହି ସ୍ଥାନରେ ବସିଥାଆନ୍ତି ।

ପୁନଃ ସର୍ବ ଦେବଦେବୀଙ୍କୁ ଆହ୍ୱାନ କରି ଗଛମୂଳରେ ଏବଂ ଲିପାସ୍ଥାନରେ ଭୋଗ ଲଗାଇଥାଏ। ବଳି ଉଦ୍ଦେଶ୍ୟରେ ନିଆଯାଇଥିବା ତେରଟି କୁକୁଡା ମୁଣ୍ଡରେ ସିନ୍ଦୁର ଲଗାଇ ଗୋବର ଲିପା ଯାଇଥିବା ସ୍ଥାନରେ ବସୁମତୀଙ୍କୁ ପୂଜା ଦିଆଯାଇଥିବା ଅରୁଆ ଚାଉଳ ଉପରେ ଗୋଟି ଗୋଟି କରି ଦେହୁରୀ ଚରାଇ ଥାଆନ୍ତି । ତା'ପରେ ଦୁଇଜଣ ଘଳାହାରିଆ ବା ଦାସୀଙ୍କ ସହାୟତାରେ ଦେହୁରୀ କୁକୁଡାଗୁଡ଼ିକୁ ଅର୍ପଣ କରିଥାଏ।

ତା'ପରଦିନ ଦେହୁରୀ ସ୍ନାନ ଶେଷ କରି ଧଳା ରଙ୍ଗର ଧୋତି ପରିଧାନ କରି ଆବଶ୍ୟକ ପୂଜା ଉପକରଣ ଧରି ଗ୍ରାବଦେବତା ମା' ମହିଷାଶୂରୀଙ୍କ ପୀଠସ୍ଥଳୀରେ ପହଞ୍ଚି ଥାଏ । ନୂଆ ଧାନର ଚୁଡା ଏବଂ ନୂଆ ଧାନର ଅରୁଆଚାଉଳ ମଧ୍ୟ ସାଥିରେ ନେଇଥାଆନ୍ତି। ପାରଂପରିକ ରୀତିରେ ଧୂଳିଆ ପୂଜା ଭଳି ପୂଜା କରିଥାଆନ୍ତି । ନୂଆ ଚୁଡା ଏବଂ ନୂଆ ଅରୁଆ ଚାଉଳକୁ ଭୋଗ ଲଗାଇଥାଆନ୍ତି। ତା'ପରେ ଯାଇ ଲୋକମାନେ ଗୃହର ଇଷ୍ଟଦେବତାଙ୍କୁ ନୂଆ ଚୁଡା ଏବଂ ଅରୁଆ ଚାଉଳକୁ ଭୋଗ ଆକାରରେ ପ୍ରଦାନ କରି ପୂଜା କରିଥାଆନ୍ତି । ପୂର୍ବପୁରୁଷଙ୍କୁ ପୂଜା ଆରାଧନା କରିବା ପରେ ପରିବାରର ଲୋକେ ନୂଆଚୁଡା ଖାଇଥାଆନ୍ତି। ଏହି ରାତ୍ରିରେ ଗ୍ରାମର ଯୁବକ ଓ ଯୁବତୀମାନେ ହାଣ୍ଡିଆ ପାନ କରି ଗୀତ ଗାଇ ନାଚ କରିଥାଆନ୍ତି । ପରିବାର ମଧ୍ୟରେ ନାଚ ଗୀତ ମଧ୍ୟ ହୋଇଥାଏ। ପୁରୁଷ ଓ ମହିଳାମାନେ ନାଚ ଗୀତର ଆସର ଜମାଇଥାଆନ୍ତି। ଏହିପୂଜା ପୂର୍ବରୁ କୌଣସି ଲୋକ ନୂଆ ଧାନର ଚୁଡା କିମ୍ବା ଅରୁଆଚାଉଳ ଗ୍ରହଣ କରି ନ ଥାଆନ୍ତି । ପୂଜା ପରେ ସମସ୍ତେ ନୂଆ ଚୁଡା ଖାଇଥାଆନ୍ତି।

ଜାନ୍ତାଳ ପୂଜା (ଧାନକଟା ପର୍ବ) :

ଧାନ କାଟିବା ପୂର୍ବରୁ ଏହି ପର୍ବ ପାଳନ କରାଯାଇଥାଏ। ମାର୍ଗଶୀର ମାସରେ ଗ୍ରାମଦେବତୀ ମା' ମହିଷାଶୂରୀଙ୍କ ପୀଠରେ ଏହି ପୂଜା କରାଯାଇଥାଏ । ଗ୍ରାମ ସ୍ତରୀୟ ପୂଜକ ହିସାବରେ ଦେହୁରୀ ପାରମ୍ପରିକ ରୀତିରେ ପୂଜା କରିଥାଏ। ସାମୁହିକ ଭାବରେ ଏହି ପର୍ବ ପାଳନ କରାଯାଇଥାଏ। ପୂଜା ହେବାର ଚାରି ପାଞ୍ଚ ଦିନ ପୂର୍ବରୁ ଦେହୁରୀ ପ୍ରତ୍ୟେକ ପ୍ରଜାଙ୍କ ଜମିରୁ ଗୋଟିଏ ନିର୍ଦ୍ଦିଷ୍ଟ କୋଣରୁ କିଛି କିଛି ଧାନକେରାକୁ ଛିଣ୍ଡାଇ ଆଣିଥାଏ। ସେହି ଧାନକୁ ପିଟି ଚୁଡା କରାଯାଏ। ଗ୍ରାମବାସୀମାନେ ଏହି ପୂଜାରେ ଗ୍ରାମଦେବତୀଙ୍କ ପୀଠସ୍ଥଳୀକୁ ଯାଇଥାଆନ୍ତି। ଠାକୁରାଣୀଙ୍କୁ ପୂଜାପାଠ ପରେ ଚୁଡାକୁ ଭୋଗ ଆକାରରେ ଦେଇ ସାରିବା ପରେ ଉପସ୍ଥିତ ବ୍ୟକ୍ତିମାନଙ୍କୁ ମଧ୍ୟ ସେହି ଚୁଡାକୁ

ଭୋଗ ଆକାରରେ ଦିଆଯାଇଥାଏ। ଠାକୁରାଣୀଙ୍କ ପୀଠ ପାଖରେ ଭୋଜି ହୋଇଥାଏ। ଭାତ ସାଙ୍ଗକୁ ବଳି ଦିଆଯାଇଥିବା ପଶୁର ମାଂସକୁ ମଧ୍ୟ ତରକାରୀ କରାଯାଇ ଝିଅମାନଙ୍କୁ ଛାଡି ସମସ୍ତେ ଭୋଜିରେ ଅଂଶଗ୍ରହଣ କରିଥାଆନ୍ତି। ଏହି ପୂଜା ପୂର୍ବ ପ୍ରସ୍ତୁତିକରଣ, ପୂଜାପଦ୍ଧତି, ବଳି ପ୍ରଦାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଧୂଳିଆ ପୂଜା ଭଳି ହୋଇଥାଏ। ଗ୍ରାମଦେବତାଙ୍କ ପୀଠରେ ପୂଜାପାଠ ପ୍ରାୟ ଏକା ପ୍ରକାରର ହୋଇଥାଏ। ଏହି ପୂଜା ପୂର୍ବରୁ କୌଣସି ବ୍ୟକ୍ତି କ୍ଷେତରୁ ଧାନ କାଟି ନ ଥାଆନ୍ତି। ପୂଜା ପରେ ସମସ୍ତେ ଧାନ କଟା ଆରମ୍ଭ କରିଥାଆନ୍ତି।

ମାଘ୍ ପୂଜା :

ଜଙ୍ଗଲକୁ ଯିବା ପୂର୍ବରୁ ଏହି ପୂଜା ହୋଇଥାଏ । ମାଘ ମାସରେ ଗ୍ରାମଦେବତା 'ବଇଚାପାଟ୍' ବା 'ବଇଚା ବୁଢ଼ା'ଙ୍କୁ ଏହି ପୂଜାରେ ଦେହୁରୀ ପୂଜା କରିଥାଏ । ମକରସଂକ୍ରାନ୍ତି ପରେ ପରେ ମାଘମାସରେ ଏହି ପୂଜା ହେଉଥିବାରୁ ଏହାକୁ ମାଘ ପୂଜା ବୋଲି ସେମାନେ କହିଥାଆନ୍ତି । ଭଲ ଭାବରେ ଶିକାର ମିଳିବା, ହିଂସ୍ରଜନ୍ତୁଙ୍କ କବଳରୁ ରକ୍ଷା ପାଇବା, ନିଜ ଅସ୍ତ୍ରଶସ୍ତ୍ର ଦ୍ୱାରା ଆଘାତ ନ ପାଇବା, ଜଙ୍ଗଲରୁ ଆବଶ୍ୟକୀୟ ଜଙ୍ଗଲଜାତ ଦ୍ରବ୍ୟ ପାଇବା ପାଇଁ ଏହି ପୂଜା କରିଥାଆନ୍ତି । ଧୂଳିଆ ପୂଜା ଭଳି ମଧ୍ୟ ଏହି ପୂଜାରେ ଗ୍ରାମସଭା ଡକାଯାଇ ଚାନ୍ଦା ଏବଂ ପୂଜା ଆୟୋଜନ ବିଷୟରେ ଆଲୋଚନା କରାଯାଇଥାଏ । ପ୍ରତ୍ୟେକ ଘରୁ ଦେହୁରୀ ପୂଜା ପୂର୍ବରୁ ଚାନ୍ଦା ଆଦାୟ କରି ଗ୍ରାମ ଶାସନର ମୁଖ୍ୟ ପରାମାଣିକଙ୍କୁ ନିକଟରେ ପଇଠ କରିଥାଆନ୍ତି । ପୂଜା ପୂର୍ବରୁ ଦେହୁରୀ ଅରୁଆଚାଉଳ, ଶାଳପତ୍ର, ସିନ୍ଦୁର, ଧୂପ, ଦୀପ, ଦିଆସିଲି ପଞ୍ଚବର୍ଣ୍ଣୀ ଗୁଣ୍ଡ, ଉଖୁଡା, ମିଠେଇ, କଦଳୀ, ଗୁଡ, ଗଞ୍ଜେଇ ଇତ୍ୟାଦି ପୂଜା ସାମଗ୍ରୀ ସଂଗ୍ରହ କରିଥାଏ । ପୂଜାଦିନ ଦେହୁରୀ ଗାଧୁଆପାଧୁଆ କରି ଧଳାରଙ୍ଗର ଖଦୀ ପରିଧାନ କରିଥାଏ । ଆବଶ୍ୟକ ପୂଜା ଉପକରଣ ମାନ ଏବଂ ବଳି ଦେବାପାଇଁ ଉପକରଣ ପାର୍ସା ବା ଟାଙ୍ଗିଆ ଧରି 'ବଇଚାପାଟ'ଙ୍କ ପୀଠରେ ପହଞ୍ଚିଥାଏ। ଜଙ୍ଗଲକୁ ଯିବା ତଥା ଶିକାର ଉଦ୍ଦେଶ୍ୟରେ ଯିବା ଲୋକମାନେ ପୂଜାଦିନ ସେମାନଙ୍କ ଅସ୍ତ୍ରଶସ୍ତ୍ର ଧରି ଗ୍ରାମଦେବତା ବଇଚାପାଟଙ୍କ ପୀଠକୁ ଆସିଥାଆନ୍ତି। ଦେହୁରୀ ତୁଳସୀପାଣି ବଇଚାପାଟଙ୍କ ଉପରେ ସିଞ୍ଚନ କରି ପୂଜାକାର୍ଯ୍ୟ ଆରମ୍ଭ କରିଥାଏ। ତା'ପରେ ସିନ୍ଦୁର ଓ ଅରୁଆଚାଉଳ ଦେଇ ବିଭିନ୍ନ ଦେବଦେବୀଙ୍କୁ ଆହ୍ୱାନ କରିଥାଏ। ପୂଜା ମଧ୍ୟରେ ଭଲ ଶିକାର ମିଳିବା, ହିଂସ୍ରଜନ୍ତୁଙ୍କ ଆକ୍ରମଣରୁ

ରକ୍ଷା ପାଇବା, ନିଜ ଅସ୍ତ୍ରଶସ୍ତ୍ର ଦ୍ୱାରା ଲୋକେ ଆଘାତ ନ ପାଇବା ପାଇଁ ଗ୍ରାମଦେବତାଙ୍କୁ ଜଣାଇଥାଏ। ତା'ପରେ ବିଭିନ୍ନ ଭୋଗ ମଧ୍ୟ ଲଗାଇଥାଆନ୍ତି। ଏହି ପୂଜାରେ କଳାରଙ୍ଗର ଏକ ମାଈଛେଳିକୁ ବଳି ଦିଆଯାଇଥାଏ। ଏହି ପୂଜାରେ ଜଳ ଉତ୍ସ ନିକଟରେ ଭୋଜି ହୋଇଥାଏ। ସାଧାରଣତଃ ପୋଖରୀ କିମ୍ବା ନାଳ /ନଈ ପାଖରେ ଭୋଜି ହୋଇଥାଏ। ବଳି ଦିଆଯାଇଥିବା ପଶୁର ମାଂସକୁ ରନ୍ଧା ଯାଇଥାଏ । ଭୋଗ ଆକାରରେ ସମସ୍ତେ ଖାଇଥାଆନ୍ତି। ଏବଂ ପୂଜା ପୂର୍ବରୁ କୌଣସି ବ୍ୟକ୍ତି ଜଙ୍ଗଲରୁ ଗଛକାଟି ନ ଥାଆନ୍ତି। ପୂଜା ପରେ ସମସ୍ତେ ଜଙ୍ଗଲକୁ ଯାଇଥାଆନ୍ତି । ଜଙ୍ଗଲରେ ପ୍ରବେଶ କରିବା ପୂର୍ବରୁ ଜଙ୍ଗଲ ଦେବତା ବାବା ବଜିନାଥଙ୍କୁ ଭକ୍ତିଭରେ ପ୍ରଣାମ କରିବାକୁ କେହି ଭୁଲି ନ ଥାଆନ୍ତି।

ବାନ୍ଧ୍‌ନା ପୂଜା :

କାର୍ତ୍ତିକ ମାସରେ ଦୀପାବଳୀ ପର୍ବ ପରଦିନ ଏହି ପୂଜା କରାଯାଇଥାଏ। ଏହାକୁ ଗୋବର୍ଦ୍ଧନ ପୂଜା ବୋଲି କୁହାଯାଇଥାଏ। ରାଜୁଆରମାନେ ବାନ୍ଧ୍‌ନା ପୂଜା ବୋଲି କହିଥାଆନ୍ତି। ଗାଈଗୋରୁ ବିଭିନ୍ନ ରୋଗଦାଉରୁ ରକ୍ଷା ପାଇବା ପାଇଁ ତଥା ପରିବାରର ସୁଖଶାନ୍ତି ପାଇଁ ଏହି ପୂଜା କରାଯାଇଥାଏ। ପ୍ରତ୍ୟେକ ପରିବାରରେ ଏହି ପୂଜା ହୋଇଥାଏ। ଗୁହାଳରେ ଏହି ପୂଜା କରାଯାଇଥାଏ। ପୂଜା ହେବାର ଦୁଇଦିନ ପୂର୍ବରୁ ସନ୍ଧ୍ୟା ସମୟରେ ଗାଈଗୋରୁଙ୍କ ଶିଙ୍ଗରେ ତେଲ ଦିଆଯାଏ। ପୂଜାଦିନ ଘରଣୀ ଗୁହାଳ ଘର, ଅଗଣାକୁ ଗୋବରରେ ଲିପି ସଫାସୁତୁରା କରିଥାଏ। ଗାଧୋଇ ସାରି ଦାଣ୍ଡଦୁଆରରୁ ଗୁହାଳ ପର୍ଯ୍ୟନ୍ତ ଝୋଟି ପକାଇଥାଏ। ଝୋଟିର ଆରମ୍ଭରେ ଗୋବର ଟେକା ରଖି ତା' ଉପରେ ତିନୋଟି ଗେଣ୍ଡୁଫୁଲ ରଖାଯାଏ। ଗୋବର ଉପରେ ମଧ୍ୟ ଚିରଚିଟି ଘାସକୁ ରଖାଯାଇଥାଏ। ଝୋଟିର କୋଣରେ ସିନ୍ଦୁର ଟିପା ଦିଆଯାଇଥାଏ। ଝୋଟି ଉପରେ ଗୁହାଳ ପର୍ଯ୍ୟନ୍ତ ଘାସ ବିଛାଇ ଦିଆଯାଇଥାଏ। ପୂର୍ବରୁ ଗୃହକର୍ତ୍ତା ଗୋରୁ ଗାଈ ଏବଂ କୃଷି ଉପକରଣକୁ ପାଣିରେ ସଫା କରିଥାଆନ୍ତି। ଗୃହକର୍ତ୍ତା ଗାଧୋଇ ସାରି ଆସିବା ବାଟରେ ବିଲରୁ ଧଳାଧାନ କେରା ମୁଠାରେ ଛିଡାଇ ନେଇ ଆସିଥାଆନ୍ତି। ସେହି ଧାନକେରାରେ ତିନୋଟି ମଉଡ (ମୋଏରି) କରାଯାଇଥା । ଗୋଟି ମଉଡ ପୂଜାରେ ଲାଗିଥାଏ ଏବଂ ଅନ୍ୟ ଦୁଇଟି ବଳଦ ମୁଣ୍ଡରେ ବନ୍ଧା ଯାଇଥାଏ। ତା'ପରେ ଗୋରୁ ଝୋଟି ଉପରୁ ଘାସ ଖାଇ ଖାଇ ଗୁହାଳକୁ ଆସିଥାଏ। ଗୁହାଳରେ ବାନ୍ଧି ସାରିବା ପରେ ପୂଜା ଆରମ୍ଭ ହୋଇଥାଏ। ପୂଜାପାଇଁ ଆଗରୁ ପଞ୍ଚବର୍ଣ୍ଣୀ ଗୁଣ୍ଡ, ଅରୁଆଚାଉଳ, ସିନ୍ଦୁର, ଶାଳପତ୍ର, ନାଲିରଙ୍ଗର କୁକୁଡା, ଲାଲରଙ୍ଗର ମାଇଛେଳି ସଂଗ୍ରହ କରାଯାଇଥାଏ। ଗୃହକର୍ତ୍ତା ନିଜେ ପୂଜା କରିଥାଆନ୍ତି। ପୂଜା ଶେଷରେ ପଶୁପକ୍ଷୀ

ହିସାବରେ କୁକୁଡା ଏବଂ ଛେଳି ବଳି ଦିଆଯାଇଥାଏ। ଗୋଟିଏ ଲାଲ କୁକୁଡା କିମ୍ବା ଲାଲ ରଙ୍ଗର ଛେଳି ବଳି ଦିଆଯାଇଥାଏ। ଉପରବେଳା ଗୋରୁଙ୍କ ମୁଣ୍ଡରେ ମଉଡ ବାନ୍ଧିଥାଆନ୍ତି। ମଥାରେ ସିନ୍ଦୁର ଶିଙ୍ଗରେ ତେଲ ଦେଇଥାଆନ୍ତି । ଦୀପ ଜାଳି ବନ୍ଦାପନା କରିଥାଆନ୍ତି। ସ୍ତ୍ରୀଲୋକେ ସାଧାରଣତଃ ଦୀପ ଜାଳି ବନ୍ଦାପନା କରିଥାଆନ୍ତି । ବନ୍ଦାପନା ସମୟରେ ପୁଅମାନେ ମାଦଲ ଧରି ଗୀତ ଗାଇଥାଆନ୍ତି। ଗୀତଟି ଏହିପରି ଆବୃତ୍ତି ହୋଇଥାଏ।

"ହରି ହୋ ରେହି ରେରେ ରେରେ ଚା
ହରିହୋ ରେହି ରେରେ ରେରେଚା ରା
ତେଲ ଯଦି ଦେବଁ ବରଦା ଟିପକିନା ପଇଟୋ
ସିନ୍ଦୁରେଚ ଦେବଁ ଭବକାଇ...
ମଉଳ ପିନ୍ଧାବଁ ଅଲରା
ଯେସନ ସାଜତୋ ତେସନ ସାଜ ତୋ
ଝାଲିଆ ମେଚୁରା ।"

ଏହିଭଳି ମାଦଲ ବଜାଇ ଗୀତ ଗାଇ ଗାଈଗୋରୁଙ୍କୁ ବାହାରକୁ ଛାଡି ଦେଇଥାଆନ୍ତି । କିଛି କ୍ଷଣ ପରେ ଗୃହକର୍ତ୍ତା ବଳଦଙ୍କୁ ଆଣି ଗୁହାଳେ ବାନ୍ଧିଥାଏ । ସେହିଦିନ ଅଧିକ ଘାସ ଖାଇବାକୁ ଦେଇଥାଆନ୍ତି । ଏହି ପୂଜାରେ ଗାଈଗୋରୁଙ୍କୁ କେହି ବାଡେଇ ନ ଥାଆନ୍ତି । ଏହି ପୂଜାଦିନ ଘରେ ପିଠାପଣା ତିଆରି ହୋଇଥାଏ । ସନ୍ଧ୍ୟା ସମୟରେ ମାଂସ ଓ ଭାତ ପ୍ରସ୍ତୁତ କରି ଖାଇଥାଆନ୍ତି । ଗାଈଗୋରୁଙ୍କୁ ସମ୍ମାନ ଉଦ୍ଦେଶ୍ୟରେ ସନ୍ଧ୍ୟା ସମୟରେ ଗୀତ ଗାଇ ଗାଇ ନୃତ୍ୟ ପରିବେଷଣ କରିଥାଆନ୍ତି।

ମୁଠିପୂଜା :

ବୈଶାଖ ମାସରେ ଏହି ପୂଜା ହୋଇଥାଏ । ଏହି ଦିନ ଗୃହକର୍ତ୍ତା ଇଶାଣ ଦେବାଦେବୀ ବା ପୂର୍ବପୁରୁଷମାନଙ୍କୁ ପୂଜା ଆରାଧନା କରିଥାଆନ୍ତି । ବାଉଁଶ ତିଆରି ଗଉଣୀ ଉପରେ ଝୋଟି ଦେଇ ସେଥିରେ କିଛି ବିହନଧାନ ଭର୍ତ୍ତିକରି ଇସାଣ କୋଣରେ ରଖିଥାଆନ୍ତି । ପୂର୍ବରୁ ଘରଣୀ ଇସାଣରେ ଝୋଟି ପକାଇଥାଆନ୍ତି । ଗୃହକର୍ତ୍ତା ସ୍ନାନ ତର୍ପଣ ପରେ ସଫା ଧଳା ରଙ୍ଗର ଧୋତି ପରିଧାନ କରି ଇଶାଣ ପାଖରେ ପୂଜାର୍ଚ୍ଚନା କରିଥାଆନ୍ତି । ଇଷ୍ଟ ଦେବତାଙ୍କୁ ସ୍ମରଣ କରି ଗୌଣି ଉପରେ ସିନ୍ଦୁର ଲଗାଇ ପୂଜା କରିଥାଆନ୍ତି ।

ଦୀପ ଜଳାଇ ଇଷ୍ଟଦେବତାଙ୍କୁ ଆହ୍ୱାନ କରିଥାଆନ୍ତି । ପୂଜା ଶେଷ କରି ଏକ ମୁହାଁରେ ଗୌଣିକୁ ଧରି ବିଲକୁ ଆସିଥାଏ । ପୂର୍ବ ଦିଗକୁ ମୁହଁ କରି ତିନିମୁଠା ଧାନ ବୁଣି ଘରକୁ ଫେରନ୍ତି । ତା'ପରଠାରୁ ଜମିଗୁଡିକରେ ଧାନବୁଣିବା କାର୍ଯ୍ୟ ଆରମ୍ଭ ହୋଇଥାଏ । ଏହି ପୂଜାଦିନ ଘରମାନଙ୍କରେ ପିଠାପଣା, ଖିରି ଇତ୍ୟାଦି ପ୍ରସ୍ତୁତ କରାଯାଇଥାଏ । ବୟସ୍କ ଲୋକେ ହାଣ୍ଡିଆ ମଦ ପାନ କରିଥାଆନ୍ତି । ରାତ୍ରିରେ ପୁରୁଷ ଏବଂ ମହିଳା ହାଣ୍ଡିଆ ମଦ ପାନକରି ନୃତ୍ୟ ଗୀତରେ ମଜ୍ଜି ଯାଇଥାଆନ୍ତି ।

ଛତୁଆର ପରବ :

ଚୈତ୍ରମାସ ଶେଷ ଏବଂ ବୈଶାଖ ମାସ ଆରମ୍ଭରେ ଏହି ପର୍ବ ପଡେ । ସାଧାରଣତଃ ମେଷ ସଂକ୍ରାନ୍ତି ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହି ପର୍ବରେ ଗୃହକର୍ତ୍ତା ପୁର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଇଶାଣ ପୂଜା କରିଥାଆନ୍ତି । ପୂଜାରେ ଆମ୍ବ, ମହୁଲ, ଚୁଡାଗୁଣ୍ଡ ଏବଂ ହାଣ୍ଡିଆ ରସି ଭୋଗ ଆକାରରେ ଲାଗିଥାଏ । ପୂଜାଦିନ ଗୃହକର୍ତ୍ତା ସ୍ନାନ କରି ଧଳାରଙ୍ଗର ଧୋତି ପରିଧାନ କରିଥାଆନ୍ତି । ଧୂପ, ଦୀପ ଇତ୍ୟାଦି ଦ୍ୱାରା ପୂଜା ଆରାଧନା କରିଥାଆନ୍ତି । ପୂଜାରେ ଇଷ୍ଟଦେବତା ବା ପୂର୍ବପୁରୁଷଙ୍କୁ ଆହ୍ୱାନ କରିଥାଆନ୍ତି । ପୂଜା ଶେଷରେ ସଂପର୍କୀୟ ପଡୋଶୀଲୋକମାନଙ୍କୁ ଛତୁଆଗୁଣ୍ଡ, ହାଣ୍ଡିଆ ଏବଂ ଚାଖଣ ପାଇଁ ମାଂସ ମଧ୍ୟ ଦିଆଯାଇଥାଏ । ପରିବାର ଲୋକେ ସେହିଦିନ ଏହି ଛତୁଆ ଖାଇଥାଆନ୍ତି । ବୟସ୍କ ଲୋକମାନେ ହାଣ୍ଡିଆ ପାନ କରିଥାଆନ୍ତି । ଗ୍ରାମ ସ୍ତରରେ ମଧ୍ୟ ଦେହୁରୀ ଏହି ପଣା ସଂକ୍ରାନ୍ତି ଦିନ ଗ୍ରାମଦେବତୀଙ୍କୁ ପାରଂପରିକ ରୀତିରେ ପୂଜା କରିଥାଏ । ଆମ୍ବ, ମହୁଲ, ଛତୁଆ ଏବଂ ହାଣ୍ଡିଆ ରସିକୁ ଭୋଗ ଆକାରରେ ଦିଆଯାଇ ପୂଜା କରିଥାଏ ।

କରମ ପୂଜା :

ଭାଦ୍ରମାସ ବଡ ଏକାଦଶୀ ତିଥିରେ ରାଜୁଆରମାନେ ଏହି ପୂଜା କରିଥାଆନ୍ତି । ସାଧାରଣତଃ ଏହି ପୂଜାରେ ଗୃହକର୍ତ୍ତା ପୂଜା କରିଥାଆନ୍ତି । ଅନ୍ୟ ପୂଜାଠାରୁ କରମପୂଜା ସଂପୂର୍ଣ୍ଣ ଭିନ୍ନ । କରମପୂଜା ତିନି ଦିନ ଧରି ଚାଲିଥାଏ । ପୂଜା ପୂର୍ବରୁ ବନ୍ଧୁବାନ୍ଧବ, ସଂପର୍କୀୟ ତଥା ସାଇପଡିଶାଙ୍କୁ ଜଣାଇ ଦିଆଯାଇଥାଏ । ପ୍ରଥମ ଦିନ ପୂଜା ହେବାର ତିନିଦିନ ପୂର୍ବରୁ ଗାଁର ତିନିଜଣ ଅବିବାହିତା ଝିଅଙ୍କୁ ଡାକିଆଣନ୍ତି । ଗୃହକର୍ତ୍ତା ସେମାନଙ୍କୁ ସକାଳୁ ଡାକିଆଣଥାଆନ୍ତି । ସେଦିନ ତିନିଜଣ ଝିଅଙ୍କୁ ଉପବାସ ରହିବାକୁ ପଡିଥାଏ । ଯେଉଁ ଗୃହରେ କରମ ପୂଜା ହୋଇଥାଏ, ସେହି ପରିବାରର ସମସ୍ତ ସଦସ୍ୟ ଉପବାସ ରହିଥାଆନ୍ତି । ପୂର୍ବରୁ ବାଉଁଶ ତିଆରି ଏକ ଡାଲା କ୍ରୟ କରାଯାଇଥାଏ । ଗୋଟିଏ ଛୋଟ

ଖଟିଆ ତିଆରି କରାଯାଇଥାଏ । ତିନିଜଣ ଝିଅଙ୍କ ମଧ୍ୟରୁ ଜଣେ ଝିଅ ଖଟିଆ ଉପରେ ଡାଲାକୁ ରଖି ମୁଣ୍ଡରେ ମୁଣ୍ଡାଇ ପୋଖରୀ କିମ୍ବା ନଦୀ ଅଭିମୁଖେ ଯାତ୍ରା କରିଥାଏ । ଅନ୍ୟ ଦୁଇଜଣ ଝିଅ ମଧ୍ୟ ସାଙ୍ଗରେ ଯାଇଥାଆନ୍ତି । ଏମାନଙ୍କ ସହିତ ପୁଅ ପିଲାମାନେ ମାଦଳ ବଜାଇ ବଜାଇ ନଦୀ ନିକଟକୁ ଯାଇଥାଆନ୍ତି । ନଦୀରେ ଝିଅ ତିନିଜଣ ଯାକ ଗାଧୋଇ ଡାଲାରେ ଡାଲାଏ ଓଦା ବାଲି ନଦୀରୁ ଆଣିଥାଆନ୍ତି । ନଦୀରୁ ଝିଅମାନେ ଆସିବା ସମୟରେ ମଧ୍ୟ ପୁଅମାନେ ମାଦଲ ବଜାଇ ବଜାଇ ସେମାନଙ୍କ ସହିତ ଫେରନ୍ତି । କରମ ପୂଜା ଯାହାଘରେ ହୋଇଥାଏ ତାଙ୍କ ଘର ଅଗଣାରେ ଗୋବର ଲିପା ସ୍ଥାନରେ ବାଲିକୁ ଢ଼ାଳିଥାଆନ୍ତି । ବାଲିକୁ ସମତଳ କରି ତା' ଉପରେ ବିରି, କୋଳ, ମୁଗ, ମକା ଏବଂ ବରଗୁଡି ଏହି ପଞ୍ଚଶସ୍ୟକୁ ବାଲିରେ ମିଶାଇ ଦେଇଥାଆନ୍ତି । ତା'ପରେ ତିନିଜଣ ଝିଅ ତିନିଥର କରି ହାତପାପୁଲିରେ ବାଲିକୁ ପୁନର୍ବାର ସେହି ଡାଲାରେ ରଖିଥାଆନ୍ତି । ସେହି ବାଲିରେ ଧାନଗଛ ଓ କଦଳୀଗଛ ପୋତିଥାଆନ୍ତି । ଅବଶିଷ୍ଟ ବାଲିକୁ ତିନିଜଣ ଝିଅ ତିନୋଟି ଦୋନାରେ ଭରି ଗୋଟିଏ ପିଢ଼ା ଉପରେ ରଖିଥାଆନ୍ତି । ଡାଲାକୁ ନେଇ ଖଟିଆ ଉପରେ ରଖନ୍ତି । କରମ ପୂଜକ / ଗୃହକର୍ତ୍ତା ନିଜେ ଆବଶ୍ୟକୀୟ ପୂଜା ଉପକରଣ ଧରି ପୂଜା ସ୍ଥାନକୁ ଆସିଥାଆନ୍ତି । ପ୍ରଥମେ ପୂଜକ ନିଜ ଉପରେ ହଳଦୀ ଓ ତୁଳସୀ ପତ୍ର ମକା ପାଣି ସିଞ୍ଚନ କରିଥାଆନ୍ତି । ତା'ପରେ ପ୍ରଥମେ ଧର୍ମଦେବତା ଓ ପରେ କରମଦେବତାଙ୍କୁ ଡାକି ଡାଲା ଉପରେ ଏବଂ ବସୁମାତାଙ୍କ ଉପରେ ସିନ୍ଦୁର ଲଗାଇଥାଆନ୍ତି । ସିନ୍ଦୁର ଦେଇ ସାରିବା ପରେ ଚୁଡା, କଦଳୀ, ମିଠେଇ, ଗାଈ କ୍ଷୀର, ଗୁଡ, ମହୁ, ଧୂପ, ଦୀପ ଇତ୍ୟାଦି ରଖି ପୂଜା କରିଥାଆନ୍ତି । ପୂଜା ସରିଲା ପରେ ଝିଅମାନେ ସେହି ଖଟିଆ ଓ ଡାଲାକୁ ଗୃହକର୍ତ୍ତାଙ୍କ ଇଶାଣ ପାଖରେ ରଖନ୍ତି । ପ୍ରଥମ ଦିନ ପୂଜାରେ ଗୃହକର୍ତ୍ତାଙ୍କ ଘରେ ଅତିଥି, ଭଦ୍ରଲୋକଗଣ ଓ ଉପସ୍ଥିତ ବନ୍ଧୁବାନ୍ଧବମାନଙ୍କୁ ହାଣ୍ଡିଆ ପ୍ରଦାନ କରାଯାଇଥାଏ । ଚାଖଣ ହିସାବରେ ମୁଢ଼ି ଓ ଘାଣ୍ଟ ତରକାରୀ ଦିଆଯାଇଥାଏ । ଏଥିସହ ପ୍ରଥମ ଦିବସର କାର୍ଯ୍ୟ ଶେଷ ହୋଇଥାଏ ।

ଦ୍ୱିତୀୟ ଦିନ ଘର ଓ ବାହାର ଗୋବର ଦ୍ୱାରା ଲିପା ଯାଇଥାଏ । ପରିବାରର ସମସ୍ତ ଲୋକ ସ୍ନାନ ଶେଷ କରି ସଫା ବସ୍ତ୍ର ପରିଧାନ କରିଥାଆନ୍ତି । ଏହିଦିନ ସକାଳୁ ତିନିଜଣ ଝିଅ ବିଭିନ୍ନ ପ୍ରକାର ରଙ୍ଗ ବେରଙ୍ଗରଫୁଲ ତୋଳିଆଣି ଫୁଲକୁ କାଠିରେ ଗେଞ୍ଜି ଡାଲାରେ ସଜାଇ ଦେଇଥାଆନ୍ତି । ଏହିଦିନ ଥରେ ମାତ୍ର ସଭିଏଁ ଭାତ ଓ ତରକାରୀ ଖାଇଥାଆନ୍ତି । ପୋଇଶାଗକୁ ଶିଝାଇ ଏହିଦିନ ଖିଆଯାଇଥାଏ । ସନ୍ଧ୍ୟା ସମୟରେ କରମ

କର୍ତ୍ତା ଗ୍ରାମବାସୀଙ୍କ ପୂଜା ସ୍ଥାନକୁ ଡାକିଥାଆନ୍ତି । ତିନିଝିଅ ଇଶାଣରୁ ଖଟିଆ ଓ ବାଲିତାଲା ଧରି ବାହାରକୁ ଆସନ୍ତି । ଆସିବା ବାଟରେ କରମକର୍ତ୍ତା ସେମାନଙ୍କ ଆଗେ ଆଗେ ତୁଳସୀ ପାଣି ସିଞ୍ଚନ କରି ଆସିଥାଆନ୍ତି । ଠିକ୍ ଏତିକି ବେଳେ ସାଇ ପଡିଶାର ଲୋକମାନେ କରମ ଦେବତାଙ୍କ ଜଗରଣ ପାଇଁ ଗୀତ ଗାଇଥାଆନ୍ତି । ଏହି ଦ୍ୱିତୀୟ ଦିବସକୁ କରମ ଦେବତାଙ୍କ ଜାଗରଣ ଉତ୍ସବ ବୋଲି ସେମାନେ କହନ୍ତି । ଜାଓ୍ୱାଜାଗରଣ ଗୀତଟି ଏହିପରି ଆବୃତ୍ତି କରାଯାଇଥାଏ ।

"ଇତି ଇତି ଜାଓ୍ୱା
କିୟା କିୟ ଜାଓ୍ୱା
ଜାଗ୍‌ଲୋ ମାଁ ଧାନ୍ ଉଲାବହୁ
ଅହେରେ ଧାନ୍ ଏକପାଟ୍‌ଲେ ଶଇପାଟ୍ ।"

ଏହି ଗୀତ ଗାଇ ମାଦଲ୍ ବଜାଇ କରମ ଦେବତାଙ୍କୁ ଜାଗରଣ କରିଥାଆନ୍ତି । ଦଳଦଳ ହୋଇ ଗୀତ ଗାଇ ଗାଇ ମାଦଲର ତାଳେ ତାଳେ ନୃତ୍ୟ କରିଥାଆନ୍ତି । ନୃତ୍ୟ ଗୀତର ମଝିରେ ମଝିରେ ସମସ୍ତେ ହାଣ୍ଡିଆ ମଦ୍ୟ ପାନ କରିଥାଆନ୍ତି । ଗୀତ ବୋଲିବା ସମୟରେ ତିନିଜଣ ଯାକ ଝିଅ ଜାଓ୍ୱା ଚତୁଃପାର୍ଶ୍ୱରେ ବୁଲିଥାଆନ୍ତି । ପରେ ପରେ ଝୁମର ଗୀତ ଗାଇଥାଆନ୍ତି । କରମଦେବତାଙ୍କୁ ବନ୍ଦନା କରିଥାଆନ୍ତି । ଏହି ଗୀତ ମାଧ୍ୟମରେ ବନ୍ଦନା ଗୀତଟି ଏହିପରି-

"ଆଖଲା ବନ୍ଦନା କରି ଗାଓ୍ୱେଁରିଗ
ରାମ୍‌କେ ଦଣ୍ଡବତ୍ କରିଗ
ଅଖଲା ବନ୍ଦନା କରି....
ଆସେ ପାଶେ ନାନା ଜାତି
କଣ୍ଠେ ବସ ସରସତୀ
ଶିରିଶୁବା ଲକ୍‌ଲେଲ୍ ଘେରି
ମଦନେ ଝୁମେଲ୍ ଲଗାଇ ଘାରି... ।"

ରାତିସାରା ଦଳଦଳ ହୋଇ ଗୀତ ଗାଇବା ସଙ୍ଗେ ସଙ୍ଗେ ନୃତ୍ୟ ମଧ୍ୟ କରିଥାଆନ୍ତି । ଜାଓ୍ୱା ଚତୁଃପାର୍ଶ୍ୱେ ସମସ୍ତେ ବୁଲିଥାଆନ୍ତି । ପରେପରେ ପାନ୍ତାଶାଳିଆ

ଝୁମର ଗୀତ ଗାଇବା ସଙ୍ଗେ ସଙ୍ଗେ ନୃତ୍ୟ ମଧ୍ୟ କରିଥାଆନ୍ତି ମଝିରେ ମଝିରେ ହାଣ୍ଡିଆ ମଧ୍ୟ ପାନ କରିଥାଆନ୍ତି । ଏଥି ସହିତ ଦ୍ୱିତୀୟ ଦିବସର କାର୍ଯ୍ୟକ୍ରମ ଶେଷ ହୋଇଥାଏ । ତୃତୀୟ ଦିନ କରମକର୍ତ୍ତା ପରିବାର ଏବଂ ତିନୋଟି ଝିଅ ଉପବାସ ରହିଥାଆନ୍ତି । ଏହିଦିନ ଦୁଆରେ ଗୋଟିଏ ଛାମୁଣ୍ଡିଆ କରିଥାଆନ୍ତି । ସମସ୍ତେ ନିଜ ନିଜର ନିତ୍ୟକର୍ମ ତଥା ସ୍ନାନ ତର୍ପଣ ଶେଷ କରି ପରିଷ୍କାର ବସ୍ତ୍ର ପରିଧାନ କରିଥାଆନ୍ତି । ସନ୍ଧ୍ୟା ପୂଜା ପାଇଁ ଫଳ ଯୋଗାଡ କରନ୍ତି । ପୁଅମାନେ ପୋଖରୀରୁ କଇଁଫୁଲ ଆଣି କରମ ମଞ୍ଚକୁ ସଜାଇଥାଆନ୍ତି । କରମ କର୍ତ୍ତା ବା ଗୃହକର୍ତ୍ତା କରମଗଛ ପାଖକୁ ଯାଇ କରମ ଦେବତାଙ୍କୁ ଆହ୍ୱାନ କରିଥାଆନ୍ତି । ସନ୍ଧ୍ୟା ସମୟରେ କରମ ଦେବତାଙ୍କୁ ଡାକି ନେବା ପାଇଁ ଜୁହାର କରିବା ସମୟରେ ସେହିଠାରେ ଜଣାଇଥାଆନ୍ତି । ତା'ପରେ ଗୃହକର୍ତ୍ତା ଘରକୁ ଫେରି ଆସନ୍ତି । ସନ୍ଧ୍ୟା ସମୟରେ ଗୃହକର୍ତ୍ତାଙ୍କ ସମେତ ଗ୍ରାମର ପୁରୁଷ ଲୋକେ ମାଦଲ ବଜାଇ ଓ ଗୀତ ଗାଇ ଗାଇ କରମ ଗଛ ନିକଟକୁ ଯାଇଥାଆନ୍ତି । ସେହି କରମ ଗଛ ନିକଟରେ ପୂଜା କରି ସେହି ଗଛରୁ ଦୁଇଟି ଡାଳ କାଟି ନେବା ପାଇଁ ଜଣାଇଥାଆନ୍ତି । ଘର ଅଗଣାରେ ଗୋବରରେ ଲିପାଯାଇଥିବା ସ୍ଥାନରେ ରଖିଥାଆନ୍ତି । କରମ ଡାଳର ମୂଳରେ ହଳଦିଆ କନା, କଷାଫଳ, ଗୁଆ ଏବଂ ଦୁଇଟଙ୍କା ଦେଇ ଡାଳକୁ ପୋତା ଯାଇଥାଏ । ସେହି ତିନୋଟି ଝିଅ ଗୃହକର୍ତ୍ତାଙ୍କ ଇଶାଣରୁ ଜାଓ୍ୱାକୁ ଧରି ଆସନ୍ତି । ଆସବା ବାଟରେ ଗୃହକର୍ତ୍ତା ଆଗେ ଆଗେ ତୁଳସୀ ପାଣି ସିଞ୍ଚନ କରି ଆସିଥାଆନ୍ତି । କରମ ଡାଳ ପୋତା ଯାଇଥିବା ସ୍ଥାନରେ ପୂର୍ବକୁ ମୁହଁ କରି ଖଟିଆ ଏବଂ ବାଲି ଡାଲା (ଜାଓ୍ୱା)କୁ ତିନିଜଣ ଯାକ ଝିଅ ରଖିଥାଆନ୍ତି । ଗୃହକର୍ତ୍ତା ଦ୍ୱିତୀୟ ଦିବସ ଭଳି ପୂଜା ଉପକରଣ ଧରି କରମ ଡାଳ ପୋତା ଯାଇଥିବା ସ୍ଥାନକୁ ଆସନ୍ତି । ପୂଜାରେ ଧର୍ମଦେବତାଙ୍କୁ ଆହ୍ୱାନ କରିଥାଆନ୍ତି ଓ କରମ ଦେବତାଙ୍କୁ ମଧ୍ୟ ଆହ୍ୱାନ କରିଥାଆନ୍ତି । ଭକ୍ତି ସହକାରେ ଗୃହକର୍ତ୍ତା ପୂଜା କରିଥାଆନ୍ତି। ତିନୋଟିଯାକ ଝିଅ ନୂଆ ଶାଢ଼ି ପିନ୍ଧି ତିନୋଟି ଚାଲୁଧୁଆରେ ଫୁଲ ଏବଂ ତିନିଟି ଥାଳିରେ ଭୋଗରାଗ ଧରି କରମ ଡାଳ ଆଗରେ ପୂର୍ବ ଦିଗକୁ ଚାହିଁ ବସିଥାଆନ୍ତି । ତା'ପରେ ଗ୍ରାମର ପୁରୁଖା ଲୋକ କରମ କାହାଣୀ ସମସ୍ତଙ୍କୁ କହିଥାଆନ୍ତି । ଇତ୍ୟବସରେ ତିନିଜଣ ଯାକ ଝିଅ କରମ ଗଛମୂଳରେ ଗାଈକ୍ଷୀର ଢ଼ାଳିଥାଆନ୍ତି । କରମ ପୂଜକକଙ୍କୁ ସମସ୍ତେ ପୂଜା ସମୟରେ ବ୍ରାହ୍ମଣ ବୋଲି ମାନିଥାଆନ୍ତି । ଉପବାସ ରହିଥିବା ତିନିଜଣ ଝିଅଙ୍କୁ କରମ ଡାଳକୁ ଛୁଇଁବାକୁ ସେହି ପୂଜକ କହିଥାଆନ୍ତି । ଜଣ ଜଣକୁ ପ୍ରଶ୍ନ ପଚାରିଥାଆନ୍ତି । ପ୍ରଥମ ପ୍ରଶ୍ନଟି ହେଉଛି କରମ ଡାଳ ଛୁଇଁ କ'ଣ ବର ପାଇଲୁ ? ଝିଅଟି 'ମୋ ଭାଇଙ୍କର କରମ ନିଜର ଧରମ' ବୋଲି ଉତ୍ତରରେ କହିଥାଏ । ପୂଜକ ପୁନର୍ବାର ଦ୍ୱିତୀୟ ପ୍ରଶ୍ନ ଝିଅକୁ ପଚାରିଥାଆନ୍ତି ।



ଆଖଡ଼ା ପାଇଁ ପ୍ରସ୍ତୁତି



ଅତୀତର ସ୍ମୃତି ଚାରଣ

ପ୍ରଶ୍ନଟି ହେଉଛି 'ଆଉ କ'ଣ ବର ଚାହୁଁଛ ? 'ଅକଳନ ସଂପତ୍ତି ପାଇବା ପାଇଁ ଝିଅଟି ଉତ୍ତରରେ କହିଥାଏ' । ପୁନର୍ବାର କରମ ପୂଜକ ଝିଅକୁ ପ୍ରଶ୍ନ ପଚାରିଥାଆନ୍ତି । ତୃତୀୟ ପ୍ରଶ୍ନଟି ହେଲା 'ଏ ସଂପତ୍ତି କିଏ ଖାଇବ ?' 'ମୋର ପୁଅଝିଅ ଖାଇବେ' ବୋଲି ଝିଅଟି ଉତ୍ତରରେ କହିଥାଏ । ଭାଇ, କକା ଓ ମାମୁ ସଂପତ୍ତିକୁ ଖାଇବେ ବୋଲି ମଧ୍ୟ ଝିଅଟି କହିଥାଏ । ଏହିଭଳି ଅନ୍ୟ ଦୁଇଝିଅଙ୍କୁ ମଧ୍ୟ ପ୍ରଶ୍ନ ପଚାରିଥାଆନ୍ତି । ସେମାନେ ଠିକ୍ ଉପରୋକ୍ତ ଉତ୍ତର ଦେଇଥାଆନ୍ତି । ତା'ପରେ ଫୁଲ ଏବଂ ଭୋଗଥାଳି କରମ ଡାଳମୂଳରେ ରଖି ଝିଅମାନେ ତା'ର ଚତୁଃପାର୍ଶ୍ୱରେ ବୁଲିଥାଆନ୍ତି । ମାଦଳର ତାଳେ ତାଳେ ଗୀତ ଗାଇ ଗାଇ ନୃତ୍ୟ କରିଥାଆନ୍ତି । ସମସ୍ତେ କରମ ଡାଳର ଚତୁଃପାର୍ଶ୍ୱରେ ନାଚି ନାଚି ପରିକ୍ରମା କରିଥାଆନ୍ତି । ସମସ୍ତଙ୍କ କଣ୍ଠରୁ ଭାସି ଆସିଥାଏ ଏଇ ଗୀତଟି-

"ଈଶର୍ ପାର୍ବତୀ କରମେ ଗାଡା
ଆମେ ଶଶୂର୍ ଜାୟବଙ୍ଗ କରମେକ୍
ସେହ ବାକି ଧନୀ ଧନୀ
ଡାଲା ଭରି ଅକ୍ଷୁର୍ କିୟା ଭରି ସିନ୍ଦୁର୍
ଆମେ ଶଶୂର୍ ଜାୟବଙ୍ଗ କରମେକ୍
ସେହ ବାକି ଧନୀ ଧନୀ ...
ଅଯୋଧ୍ୟାନଗରରେ କରମ ଭେଲ୍ ରାଜା
ଚଳସଖୀ ଦେଖଲ୍ ଯାବ୍
ଉମଳଲାଏଁ ମାଲିନସି ଉମଳଲାଏଁ ତେଲିନି
ରାଜା ଉମଲାଏଁ ଦେଶେକେ ଲୋକ୍ ....

ଏହିଭଳି ନୃତ୍ୟଗୀତ ମାଧ୍ୟମରେ ତୃତୀୟ ଦିବସର କାର୍ଯ୍ୟ ଶେଷ ହୋଇଥାଏ । କରମ ପୂଜା କରିବା ଦ୍ୱାରା ଧନସଂପତ୍ତି ବୃଦ୍ଧି ହେବା ସଙ୍ଗେ ସଙ୍ଗେ ପରିବାରରେ ସୁଖଶାନ୍ତି ବଜାୟ ରହଥାଏ ବୋଲି ପୁରୁଖା ଲୋକେ ମତ ଦେଇଥାଆନ୍ତି ।

■■

ରାଜୁଆର୍ ମହିଳା

ଜନଜାତି ସମାଜରେ ନାରୀର ସ୍ଥାନ ପୁରୁଷମାନଙ୍କ ସହିତ ପ୍ରାୟ ସମକକ୍ଷ । ଜନଜାତି ମହିଳା ସାହସୀ, ପରିଶ୍ରମୀ, ଅତ୍ୟନ୍ତ ସରଳା ମନେହୋଇଥାଏ । ଦୈନନ୍ଦିନ ଜୀବନରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ଜୀବନ ଅତିବାହିତ କରିଥାଏ । ସ୍ୱାଧୀନ ଭାବରେ ସେ ରୋଜଗାରକ୍ଷମ ହୋଇଥାଏ । ଅଧିକ ପରିଶ୍ରମଯୁକ୍ତ ହୋଇଥିବାରୁ ପ୍ରତ୍ୟେକ କାର୍ଯ୍ୟ କରିବାକୁ ସକ୍ଷମ ହୋଇଥାଆନ୍ତି । ସେହିଭଳି ରାଜୁଆର ସମାଜରେ ମହିଳାମାନେ ସକାଳଠାରୁ ସଞ୍ଜଯାଏ ବିଭିନ୍ନ କଠିନ କାର୍ଯ୍ୟକରି ଅର୍ଥ ଉପାର୍ଜନ ପରି ନିଜ ପେଟ ପୋଷିବାରେ ସହାୟକ ହୋଇଥାନ୍ତି । ଏପରିକି ପରିବାର ପାଇଁ ମଧ୍ୟ ସହାୟକ ହୋଇଥାନ୍ତି । ପୁରୁଷମାନେ ପ୍ରତ୍ୟେକ କାର୍ଯ୍ୟରେ ପ୍ରାୟତଃ ମହିଳାମାନଙ୍କର ସହାୟତା ଲୋଡିଥାଆନ୍ତି । ମହିଳାମାନେ ସେମାନଙ୍କ ସହିତ କାର୍ଯ୍ୟ କରିଲେ କାର୍ଯ୍ୟଟି ସହଜ ତଥା ସରଳ ହୋଇଥାଏ ବୋଲି ସେମାନେ ମତବ୍ୟକ୍ତ କରିଥାଆନ୍ତି ।

ରାଜୁଆର ସମାଜରେ ମହିଳାଙ୍କ ଭୂମିକା:

ରାଜୁଆର ସମାଜରେ ମହିଳାମାନଙ୍କର ଭୂମିକା କିଛି କମ୍ ନ ଥାଏ । ସ୍ୱାଧୀନ ଭାବରେ ମହିଳାମାନେ ବିଭିନ୍ନ କାର୍ଯ୍ୟକରି ଅର୍ଥ ଉପାର୍ଜନ କରିପାରୁଥିବାରୁ ସଂପ୍ରଦାୟର ଲୋକେ ମହିଳାମାନଙ୍କୁ ଆଦର କରିଥାଆନ୍ତି । ଜଣେ ପରିଶ୍ରମୀ ମହିଳା ଭାବରେ ଘରର ଯାବତୀୟ କାମ ସାଙ୍ଗକୁ ବାହାରର ବିଭିନ୍ନ କାର୍ଯ୍ୟକରି କିଛି ଅର୍ଥ ରୋଜଗାର କରିଥାଏ । ଜଣେ ଦାୟିତ୍ୱସଂପନ୍ନା ମହିଳା ହିସାବରେ ସଂପ୍ରଦାୟ ଗ୍ରହଣ କରିଥାଏ । ପରିବାରର ସମସ୍ତ ଦାୟିତ୍ୱ ସଂପନ୍ନ କରି ପରିବାର ସଦସ୍ୟମାନଙ୍କର ପ୍ରିୟଭାଜନ ହୋଇଥାଏ । ପୁରୁଷମାନଙ୍କୁ ବିଭିନ୍ନ କାର୍ଯ୍ୟରେ ସହାୟତା ପ୍ରଦାନ କରୁପାରୁଥିବାରୁ ସେମାନେ ମହିଳାଙ୍କୁ ସାହାଯ୍ୟ କାରିଣୀ ହିସାବରେ ଗ୍ରହଣ କରିଥାଆନ୍ତି । ସମାଜର ସୁଖଶାନ୍ତି ବଜାୟ ରଖିବାରେ ମହିଳାମାନେ ପରୋକ୍ଷରେ ହେଉ କିମ୍ବା ପ୍ରତ୍ୟକ୍ଷରେ ହେଉ ସହାୟକ ହୋଇଥାଆନ୍ତି । ତେଣୁ କୌଣସି ଘରେ ଝିଅଟିଏ ଜନ୍ମହେଲେ ବିଶେଷ ଖୁସି ହୋଇଥାଆନ୍ତି । କାରଣ ଝିଅ ଟିକିଏ ବଡ ହୋଇଗଲେ ଘରକାମ କରିବାରେ ସକ୍ଷମ ହୋଇଥାଏ । ତା'ପରେ ବାପାମାଆଙ୍କ ଭଳି ନିଜେ ମଧ୍ୟ ରୋଜଗାର କରି ଅର୍ଥ ଘରକୁ ପ୍ରଦାନ କରିଥାଏ । କେତେକ କ୍ଷେତ୍ରରେ ପିତାମାତା ଅକ୍ଷମ ହୋଇଥିଲେ ସେମାନଙ୍କର ପ୍ରତିପୋଷଣ

ଦାୟିତ୍ୱ ବହନ କରଥାଏ। ଝିଅଟିଏ ବିବାହ ପାଇଁ ଯୋଗ୍ୟ ହେଲେ ବରପକ୍ଷ କନ୍ୟାସୁନା ପ୍ରଦାନ କରି ବିବାହ କରିଥାଆନ୍ତି। ଏହିଭଳି ବିଭିନ୍ନ ଭାବରେ ସଂପ୍ରଦାୟ ମହିଳାମାନଙ୍କୁ ଗ୍ରହଣ କରିଥାଏ।

ଜୀବନକୁ ସରସ, ସୁନ୍ଦର ତଥା ସୁଖମୟ ପରିବା ପାଇଁ ଲୋକେ ମହିଳାମାନଙ୍କୁ ବିବାହ କରିଥାଆନ୍ତି । ଦାମ୍ପତ୍ୟ ଜୀବନକୁ ସୁଖମୟ କରିବା ପାଇଁ ପ୍ରତ୍ୟେକ ନାରୀ ମାତୃତ୍ୱ ଲାଭ କରିବା ପାଇଁ ସମାଜ ସ୍ୱୀକୃତି ଦେଇଥାଏ । ବଂଶ ରକ୍ଷା ଉଦ୍ଦେଶ୍ୟରେ ବିବାହ ପରେ ନାରୀମାନଙ୍କଠାରୁ ଲୋକମାନେ ସନ୍ତାନ ପାଇବା ପାଇଁ ଆଶା ରଖିଥାଆନ୍ତି । ସେଥିପାଇଁ ନାରୀକୁ ଗ୍ରହଣ କରିଥାଆନ୍ତି । ସୁଖ ଓ ଦୁଃଖରେ ସହଭାଗିନୀ ହୋଇଥାଏ ମହିଳା । ସେବା କରିବା ଉଦ୍ଦେଶ୍ୟରେ ଲୋକମାନେ ମହିଳାମାନଙ୍କୁ ଗ୍ରହଣ କରିଥାଆନ୍ତି । ରାଜୁଆର ସମାଜରେ ମହିଳାମାନେ ବିଭିନ୍ନ କର୍ମ ମାଧ୍ୟମରେ ଅର୍ଥ ଉପାର୍ଜନ କରିବାରେ ସକ୍ଷମ ହୋଇଥାଏ । ତେଣୁ ଲୋକମାନେ ମହିଳାମାନଙ୍କୁ ଗ୍ରହଣ କରିଥାଆନ୍ତି । ଶାରୀରିକ ପୀଡା ତଥା ମାନସିକ ଚାପକୁ ଲାଘବ କରିବା ପାଇଁ ମଧ୍ୟ ଲୋକମାନେ ମହିଳାମାନଙ୍କୁ ଗ୍ରହଣ କରିଥାଆନ୍ତି । ଲୋକମାନଙ୍କ ସୁଖ ସମୃଦ୍ଧି ଦିଗରେ ମହିଳାମାନେ ଏକାନ୍ତ ସହାୟକ ହୋଇଥାଆନ୍ତି । ତେଣୁ ଲୋକମାନେ ମହିଳାମାନଙ୍କୁ ଗ୍ରହଣ କରିଥାଆନ୍ତି ।

ବଂଶ ରକ୍ଷା ହିଁ ବିବାହର ମୂଳ ଲକ୍ଷ୍ୟ । ମାତୃତ୍ୱ ଲାଭ ହିଁ ନାରୀ ଜୀବନର ମୁଖ୍ୟ ଉଦ୍ଦେଶ୍ୟ । ଗର୍ଭାବସ୍ଥାରେ ମହିଳାକୁ କେତେକ ସାମାଜିକ ନୀତିନିୟମ ତଥା କେତେକ ବିଧି ନିଷେଧ ପାଳନ କରିବାକୁ ପଡିଥାଏ । ଏ ବିଷୟରେ ଜୀବନ ଚକ୍ରରେ ପୂର୍ବରୁ ଆଲୋଚନା କରାଯାଇଛି । ଗର୍ଭ ଧାରଣର ସାତମାସ ପରଠାରୁ ଗର୍ଭବତୀ ମହିଳା ଘରର ଯାବତୀୟ କାମ କରିଥାଏ । ଶିଶୁ ଜନ୍ମ ପୂର୍ବରୁ ପୁଅ କିମ୍ବା ଝିଅ ଜନ୍ମହେବାର ସୂଚନା ପାଇବା ପାଇଁ କେତେକ ପରୀକ୍ଷା ମଧ୍ୟ କରାଯାଇଥାଏ । ଗର୍ଭାବସ୍ଥାରେ ସେଭଳି କୌଣସି ପୂଜାପାଠ କରାଯାଇ ନଥାଏ । ଶିଶୁଟି ଜନ୍ମ ହେବା ପୂର୍ବରୁ ଉଭୟେ ସ୍ୱାମୀ ଓ ସ୍ତ୍ରୀ ଗ୍ରାମଦେବତୀଙ୍କୁ ସ୍ମରଣ କରିଥାଆନ୍ତି । ଶିଶୁ ଜନ୍ମ ସମୟରେ ଧାଈବୁଢ଼ୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଶିଶୁଟି ଭୂମିଷ୍ଠ ହେବା ପରେ ହଳଦୀ ଲଗାଇ ସାମାନ୍ୟ ଉଷୁମ ପାଣିରେ ଗାଧୋଇ ଦିଆଯାଇଥାଏ । ବାଉଁଶ ପାତଦ୍ୱାରା ଧାଈ ଶିଶୁଟିର ନାଭି କାଟିଥାଏ । ଶିଶୁଜନ୍ମ ପରେ ମା'କୁ କେତେକ ଖାଦ୍ୟ ଖାଇବାକୁ ଦିଆଯାଇଥାଏ ଓ ଅନ୍ୟ କେତେକ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ । ଶିଶୁ ଜନ୍ମର ନଅଦିନକୁ ନାର୍ତ୍ତାଘାର୍ ବୋଲି

ରାଜୁଆରମାନେ କହିଥାଆନ୍ତି । ଏହିଦିନ ଉଠିଆରି କରାଯାଇଥାଏ । ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରାଯାଇଥାଏ । ଭୋଜିଭାତର ଆୟୋଜନ ମଧ୍ୟ କରାଯାଇଥାଏ । ଘରର ରୋଷେଇଶାଳରେ ଥିବା ଇଷାଣ କୋଣରେ ପୂର୍ବପୁରୁଷମାନଙ୍କ ଉଦ୍ଦେଶ୍ୟରେ ରସି / ମଦ ଦେଇ ପୂଜା କରାଯାଇଥାଏ । ଭୋଜିରେ ରନ୍ଧା ଯାଇଥିବା ଭାତ ଓ ତରକାରୀ ମଧ୍ୟ ଭୋଗ ଆକାରରେ ଦିଆଯାଇଥାଏ । ଏହିଦିନ ଶିଶୁ ମାଇଁ ତା'ର ମାମୁ ଘର ନୂଆ ପୋଷାକ ଆଣିଥାଆନ୍ତି । ଏହି ଦିନ ମଧ୍ୟ ଶିଶୁଟିର ନାଁ ଦିଆଯାଇଥାଏ । ଶିଶୁଟି ପୁଅ ହେଉଥାଉ କିମ୍ବା ଝିଅ ହୋଇଥାଉ, ସେଥିପାଇଁ ରାଜୁଆରମାନଙ୍କର ମନ ଦୁଃଖ ନ ଥାଏ । ଶିଶୁଟିର ଦୀର୍ଘାୟୁ କାମନା କରି ଇଷ୍ଟ ଦେବତା ଏବଂ ଗ୍ରାମଦେବାଦେବୀଙ୍କୁ ସମସ୍ତେ ପ୍ରାର୍ଥନା କରିଥାଆନ୍ତି । ଶିଶୁଟି ଆସ୍ତେ ଆସ୍ତେ ବଢ଼ିବାକୁ ଲାଗିଥାଏ । ଶିଶୁଟିକୁ ଏକବର୍ଷ ପୂର୍ଣ୍ଣ ହୋଇଗଲେ ଅନ୍ନଛୁଆଣି ଉତ୍ସବ ପାଳନ କରାଯାଇଥାଏ । ପ୍ରଥମଥର କରି ଶିଶୁଟି ଏହିଦିନ ଅନ୍ନ ଭକ୍ଷଣ କରିଥାଏ । ଗୃହ ମଧ୍ୟରେ ବ୍ରାହ୍ମଣ ସ୍ୱତନ୍ତ୍ର ଭାବରେ ପୂଜା କରିଥାଏ । ପୂଜାପରେ ଶିଶୁଟିକୁ ବିଭିନ୍ନ ପ୍ରକାର ଖାଦ୍ୟ ଖାଇବାକୁ ଦିଆଯାଇଥାଏ । ତା'ପରେ ଶିଶୁଟି ପାଞ୍ଚ ଛଅ ବର୍ଷର ହୋଇଗଲେ ପିତାମାତା ତଥା ଅନ୍ୟମାନେ ଶିଶୁଟିକୁ ବିଭିନ୍ନ ପ୍ରକାର ଶିକ୍ଷା ଦେଇଥାଆନ୍ତି । ମା'ମାନେ ମଧ୍ୟ ଝିଅମାନଙ୍କୁ ବିଭିନ୍ନ ଘରକରଣା କାମ ବିଷୟରେ ଶିକ୍ଷା ଦେଇଥାଆନ୍ତି । ଏହି ବୟସର ଛୋଟ ଭାଇ ଓ ଭଉଣୀମାନଙ୍କୁ ଧରିଥାଆନ୍ତି । ଆଠ ଦଶ ବର୍ଷର ହୋଇଯିବା ପରେ ଝିଅମାନେ ମା'ଙ୍କୁ ବିଭିନ୍ନ କାମରେ ସହଯୋଗ କରିଥାଆନ୍ତି । ଝିଅଟି ପନ୍ଦର ଷୋହଳ ବର୍ଷର ହୋଇଗଲେ ରଜୋବତୀ ହୋଇଥାଏ । ଯୌବନରେ ପାଦ ଥାପିଲା ବୋଲି ଲୋକେ କହିଥାଆନ୍ତି। ସେହିଦିନଠାରୁ ଝିଅଟି ନୂଆଜୀବନ ପାଇଲା ବୋଲି ମଧ୍ୟ କହିଥାଆନ୍ତି । ଝିଅମାନେ ରଜବତୀ ହେଲେ ସେମିତି କିଛି ସ୍ୱତନ୍ତ୍ର ଧରଣର ପୂଜାପାଠ କରାଯାଏ ନାହିଁ। ଏହି ସମୟରେ ଝିଅକୁ କେତେକ ନୀତିନିୟମ ପାଳନ କରିବାକୁ ପଡିଥାଏ। ଝିଅଟି ରଜବତୀ ହେବାପରେ ବିବାହଯୋଗ୍ୟା ହୋଇଥାଏ। ବିବାହଦିନ ବରଯାତ୍ରୀ ଦଳ ଯିବା ବାଟରେ କେତେ ଶୁଭ ଓ ଅଶୁଭ ସଂକେତ ପ୍ରତି ଦୃଷ୍ଟି ଦିଆଯାଇଥାଏ। ବିବାହ ଦିନ କନ୍ୟା ବରକୁ ବିବାହ କରିବା ପୂର୍ବରୁ ମହୁଲଗଛକୁ ବିବାହ କରିବା ପ୍ରଥା ରାଜୁଆର ସମାଜରେ ରହିଛି। ବର କନ୍ୟାଘରେ ପହଞ୍ଚିବା ପରେ ହଳଦୀ ମଖା ଲୁଗା ଏବଂ ଅଳଙ୍କାର ପରିଧାନ କରିଥିବା ବିବାହଯୋଗ୍ୟା କନ୍ୟା ପାଲିଙ୍କିରେ ବସି ସନ୍ନିକଟସ୍ଥ ମହୁଲଗଛ ପାଖକୁ ଆସିଥାଏ। କନ୍ୟାର ଆଈ, ଭାଉଜ, ମାଉସୀ, ମାଇଁ, ଖୁଡୀ ଓ ପିଉସୀ କନ୍ୟା ସାଥିରେ ସେହି ମହୁଲ ଗଛ ପାଖକୁ ଯାଇଥାଆନ୍ତି। ସେଠାରେ କନ୍ୟାର ଆଈ ଯଥାବିଧି ପୂଜା କରିଥାଏ। ବେଦୀ ନିକଟରେ ବ୍ରାହ୍ମଣ ମନ୍ତ୍ରପାଠ କରି ବିବାହ କାର୍ଯ୍ୟ

ସଂପନ୍ନ କରିଥାଆନ୍ତି। ଉଭୟ ବର ଏବଂ କନ୍ୟାଗୃହରେ ବର ଓ କନ୍ୟାକୁ ଯଥାବିଧି ବନ୍ଦାପନା କରାଯାଇଥାଏ। ବ୍ୟକ୍ତିର ମୃତ୍ୟୁପରେ ଦଶାହ ଦିନ ବା ଶୁଦ୍ଧିକ୍ରିୟାରେ ବ୍ରାହ୍ମଣ ଦ୍ୱାରା ପୂଜାପାଠ କରାଯାଇଥାଏ। ପୂଜାପାଠ ପରେ ସମସ୍ତେ ଶୁଦ୍ଧ ହୋଇଥାଆନ୍ତି ବୋଲି ଲୋକମାନଙ୍କର ବିଶ୍ୱାସ।

ରାଜୁଆର ସମାଜରେ ବୋହୂ ହିସାବରେ ମହିଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାଧାରଣତଃ କୌଣସି ଝିଅ ବିବାହ କଲା ପରେ ନିଜ ସ୍ୱାମୀ ପରିବାର ତଥା ପଡୋଶୀମାନଙ୍କ ପାଇଁ ସେ ବୋହୂ ପଦବାଚ୍ୟ ହୋଇଥାଏ। ସାଧାରଣତଃ ଯିଏ ସମସ୍ତଙ୍କୁ ବହନ କରି ଚାଲିଥାଏ, ତାକୁ ପ୍ରକୃତରେ ବୋହୂ କହିଥାଆନ୍ତି। ପରିବାରରେ ସମସ୍ତଙ୍କ ମନକୁ ନେଇ ସେ ଚଳିଥାଏ। ସ୍ୱାମୀ, ଶାଶୂ, ଶ୍ୱଶୁର ତଥା ଅନ୍ୟାନ୍ୟ ଗୁରୁଜନମାନଙ୍କୁ ଯଥା ଭକ୍ତି ଓ ସମ୍ମାନ ଜଣାଇଥାଏ। ସେହିଭଳି ନିଜର ସାନ ଦିଅର ଏବଂ ସାନ ନଣନ୍ଦମାନଙ୍କୁ ସ୍ନେହ ଏବଂ ଆଦର କରିବାକୁ କେବେ ଭୁଲି ନ ଥାଏ। ପରିବାରର ଦୁଃଖରେ ଦୁଃଖି ଏବଂ ସୁଖରେ ସୁଖୀ ହୋଇଥାଏ। ପରିବାରର ନୀତିନିୟମ ମାନି ଚଳିଥାଏ। ଘରର ଯାବତୀୟ କାର୍ଯ୍ୟ କରିଥାଏ। ବୋହୂ ହିସାବରେ ସମସ୍ତଙ୍କର କଥାକୁ ଗ୍ରହଣ କରିଥାଏ ଏବଂ ମଥାପାତି ମଧ୍ୟ ସହି ଯାଇଥାଏ। ପରିବାରରେ କାହାର ଦେହ ଖରାପହେଲେ ସେବା ଶୁଶ୍ରୂଷା କରିବାକୁ କେବେ ପଛଘୁଞ୍ଚା ଦେଇ ନଥାଏ। ପରିବାରର ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ସତତ ଚେଷ୍ଟା କରିଥାଏ। ପୁରୁଷମାନଙ୍କ ଅପେକ୍ଷା ଅଧିକ କାର୍ଯ୍ୟ କରିଥାଆନ୍ତି। କେତେକ ସ୍ଥଳେ ନିଜର ସ୍ୱାମୀ ମଦୁଆ ହୋଇଥିଲେ ମଧ୍ୟ ପରିବାରର ପ୍ରତିପୋଷଣ ଦାୟିତ୍ୱ ଚଳାଇଥାଏ। ଦୁଃଖ ସମୟରେ ସମବେଦନା ଜଣାଇଥାଏ। ଦୁଃଖ ସମୟରେ ସେ କେବେ ଭାଙ୍ଗି ଯାଇ ନଥାଏ। ବିଲବାଡି ତଥା ଅନ୍ୟାନ୍ୟ କାର୍ଯ୍ୟ କରି ଅର୍ଥ ଉପାର୍ଜ୍ଜନ କରିବାକୁ ପଶ୍ଚାଦ୍‌ପଦ ହୋଇ ନ ଥାଏ । ଜଙ୍ଗଲରୁ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟ ସଂଗ୍ରହ କରିଥାଏ। ପରିବାରର ସୁଖ ସମୃଦ୍ଧି ପାଇଁ ସର୍ବଦା ଚେଷ୍ଟା କରିଥାଏ।

ପରିବାରରେ ମାଆର ଭୂମିକା ଅତୁଳନୀୟ। ମା' ହିଁ ପରିବାରର ସମସ୍ତ ଗୁରୁଦାୟିତ୍ୱ ବହନ କରିଥାଏ। ସମସ୍ତ ସୁବିଧା ଓ ଅସୁବିଧାକୁ ସମ୍ମୁଖୀନ ହୋଇ ପରିବାରର ସୁଖ ଶାନ୍ତି ପାଇଁ ସର୍ବଦା ସଜାଗ ରହିଥାଏ। ପିଲାମାନଙ୍କର ସମସ୍ତ ଅଳି ଅର୍ଦ୍ଦଳୀକୁ ମାଆ ନିଜେ ହିଁ ମଥାରେ ବହନ କରିଥାଏ। ଘର କାମଠାରୁ ଆରମ୍ଭ କରି ମା' ଅନ୍ୟ ସମସ୍ତ କାର୍ଯ୍ୟରେ ବାପାଙ୍କୁ ସହଯୋଗ କରିଥାଏ। ଶିଶୁଜନ୍ମ ପରଠାରୁ ତା'ର ସଂପୂର୍ଣ୍ଣ ଲାଳନପାଳନ

ଦାୟିତ୍ୱ ପ୍ରତ୍ୟକ୍ଷ ଭାବରେ ମା' ହିଁ ବହନ କରିଥାଏ। ଧନସଂପତ୍ତି ସଂଚୟ ତଥା ରକ୍ଷଣାବେକ୍ଷଣ ଦାୟିତ୍ୱ ମାଆ ହିଁ ବୁଝିଥାଏ। ଅର୍ଥ ବ୍ୟୟ କରିବା, କୌଣସି ନୂତନ ଦ୍ରବ୍ୟ କ୍ରୟ କରିବା ଇତ୍ୟାଦି କ୍ଷେତ୍ରରେ ମାଆର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ୱାମୀ, ଶାଶୂ, ଶ୍ୱଶୁରଙ୍କର ସେବା ମଧ୍ୟ କରିଥାଏ। ଶିଶୁ ସ୍ୱାସ୍ଥ୍ୟ ପ୍ରତି ମାଆ ବେଶୀ ଯତ୍ନଶୀଳ ହୋଇଥାଏ । ସେଥିପାଇଁ ମାଆ ଅନେକ ପ୍ରକାର ଖାଦ୍ୟ ଖାଇବାରେ ବାଗଣ ବା ନିଷେଧ ପାଳନ କରିଥାଏ। ପରିବାରରେ ପିଲାମାନଙ୍କୁ ମାଆ ବିଭିନ୍ନ ସତ୍‌ଶିକ୍ଷା ଦେଇଥାଆନ୍ତି। ଯେପରିକି ଗୁରୁଜନମାନଙ୍କୁ ସମ୍ମାନ ଏବଂ ଭକ୍ତି ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ସାନମାନଙ୍କୁ ସ୍ନେହ ତଥା ଆଦର ଶିଖାଇ ଥାଆନ୍ତି। ମାଆ ମଧ୍ୟ ଝିଅକୁ ଘରକାମ, ରୋଷେଇ ଏବଂ ଦାୟିତ୍ୱବୋଧ ସମ୍ବନ୍ଧରେ ଶିକ୍ଷା ଦେଇଥାଏ। କୌଣସି ପୂଜା ତଥା ପର୍ବପର୍ବାଣି ପାଳନ ଅବସରରେ ପୂଜା ସାମଗ୍ରୀ ଯୋଗାଡ କରିବା ସହିତ ଶୃଙ୍ଖଳାରେ ସବୁକାର୍ଯ୍ୟ କରିଥାଏ। ଝିଅ ମନଲାଖି ବରପାତ୍ର ଯୋଗାଡ କରିବା ତଥା ବିବାହ କାର୍ଯ୍ୟରେ ମାଆର ଭୂମିକା ଯଥେଷ୍ଟ ଥାଏ।

ନାତୁଣୀ ହିସାବରେ ଜେଜେମାଆ, ଜେଜେବାପା, ଅଜା ଓ ଆଇଙ୍କୁ ଆବଶ୍ୟକ ବେଳେ ସାହାଯ୍ୟ କରିଥାଆନ୍ତି। ଏମାନଙ୍କୁ ସମ୍ମାନ ଏବଂ ଭକ୍ତି ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ଥଟ୍ଟା ମଜ୍ଜା ମଧ୍ୟ ହୋଇଥାଆନ୍ତି। ନାତୁଣୀଙ୍କୁ ସେମାନେ ବହୁତ ଆଦର ତଥା ସ୍ନେହ କରିଥାଆନ୍ତି। ଜେଜେମାଆ, ଜେଜେବାପା, ଅଜା ଓ ଆଇ ରୋଗରେ ପଡିଲେ ସେମାନଙ୍କର ସେବା କରିବାକୁ ନାତୁଣୀ ହିସାବରେ ଭୁଲି ନ ଥାଆନ୍ତି। ଏମାନେ ଅଲଗା ରହୁଥିଲେ ଅନେକ ସମୟରେ ରୋଷେଇ ତଥା ସେମାନଙ୍କର ଦାୟିତ୍ୱ ମଧ୍ୟ ବୁଝିବାରେ ନାତୁଣୀମାନେ ସକ୍ଷମ ହୋଇଥାଆନ୍ତି। ନାତୁଣୀମାନଙ୍କୁ ସେମାନେ ବିଭିନ୍ନ ଗୀତ, ଗପ ତଥା ଲୋକକଥା ଇତ୍ୟାଦି ଶୁଣାଇଥାଆନ୍ତି। ସଂପୃକ୍ତ ଆଦିବାସୀ ଗୋଷ୍ଠୀର ଗୌରବ ଗାଥା ବିଷୟରେ ସେମାନଙ୍କୁ ଉଦ୍‌ବୁଦ୍ଧ କରାଇଥାଆନ୍ତି। ନାତୁଣୀମାନେ ମନଯୋଗ ସହକାରେ ସେମାନଙ୍କର କଥାକୁ ଶୁଣିଥାଆନ୍ତି। ଗୀତ ଗପ କହିବା ସମୟରେ ନାତୁଣୀମାନଙ୍କୁ ଅନେକ ଉପଦେଶ ଶୁଣାଇଥାଆନ୍ତି ଯାହାକି ସେମାନଙ୍କ ଜୀବନକାଳ ମଧ୍ୟରେ ବହୁତ କାମରେ ଆସିଥାଏ। ନାତୁଣୀମାନେ ମଧ୍ୟ ସେହି ଉପଦେଶଗୁଡିକ ପରବର୍ତ୍ତୀ ପର୍ଯ୍ୟାୟରେ ପାଳନ କରିଥାଆନ୍ତି।

ସ୍ତ୍ରୀ ହିସାବରେ ରାଜୁଆର ସମାଜରେ ମହିଳାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଘରଠାରୁ ଆରମ୍ଭ କରି ବିଲବାଡି କାର୍ଯ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକଟିରେ ସ୍ୱାମୀ ପାଶେ ପାଶେ ଥାଇ ସ୍ୱାମୀଙ୍କୁ କାର୍ଯ୍ୟରେ ସହଯୋଗ କରିଥାଏ। ସ୍ୱାମୀ ଦୁଃଖରେ ଦୁଃଖୀ

ଏବଂ ସ୍ୱାମୀ ସୁଖରେ ସୁଖୀ ହୋଇ ଦିନ କାଟିଥାଏ ସେ। ଏତଦ୍‌ବ୍ୟତୀତ କେତେକ କାର୍ଯ୍ୟକରି ଉପାର୍ଜିତ ଅର୍ଥକୁ ପରିବାର ପ୍ରତିପୋଷଣରେ ଖର୍ଚ୍ଚ କରିଥାଏ। ସ୍ୱାମୀର ବିନା ଅନୁମତିରେ କୌଣସି ଅର୍ଥ ଖର୍ଚ୍ଚ କରିନଥାଏ। ଜଙ୍ଗଲରୁ ବିଭିନ୍ନ ଜଙ୍ଗଲଜାତ ସଂଗ୍ରହ କରିବା ସହିତ ସେସବୁକୁ ନିକଟତମ ହାଟ ଓ ବଜାରରେ ବିକ୍ରି ମଧ୍ୟ କରିଥାଏ। ସ୍ତ୍ରୀ ହିସାବରେ ସ୍ୱାମୀଙ୍କର ସମସ୍ତ କଥାକୁ ମଥାପାତି ସହିଯାଇଥାଏ। କୌଣସି ସଂପତ୍ତି କିମ୍ବା ଦ୍ରବ୍ୟ କିଣିବା ବେଳେ ଶସ୍ୟ ଦେବାବେଳେ ଏପରିକି ଋଣ ସୁଝିବା ବେଳେ ସ୍ତ୍ରୀର ଭୂମିକା ରହିଥାଏ। ବିଭିନ୍ନ ପର୍ବପର୍ବାଣିମାନଙ୍କରେ ତଥା ଗୃହ ମଧ୍ୟରେ ଅନୁଷ୍ଠିତ ବିବିଧ ପୂଜା କାର୍ଯ୍ୟରେ ପୂଜା ସାମଗ୍ରୀ ଯୋଗାଡ କରିବା ସହିତ ସମସ୍ତ କାର୍ଯ୍ୟ ଆଗଭର ସହକାରେ କରିଥାଏ। ସମସ୍ତ କାର୍ଯ୍ୟରେ ସ୍ୱାମୀ ପ୍ରାୟତଃ ସ୍ତ୍ରୀର ମତାମତ ଗ୍ରହଣ କରିଥାଏ। ପିତା ପରିବାରର ମୁଖ୍ୟ ହେଲେ ମଧ୍ୟ ସ୍ତ୍ରୀର କଥାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ସ୍ୱାମୀ, ଶାଶୂ ଓ ଶ୍ୱଶୁରଙ୍କ ପରାମର୍ଶ ଅନୁଯାୟୀ ସମସ୍ତ କାର୍ଯ୍ୟ କରିଥାଏ। ଏମାନଙ୍କର ସେବା କରିବାକୁ ପଛାଇ ନ ଥାଏ । ପରିବାର, ପଡୋଶୀ ଗୁରୁଜନମାନଙ୍କୁ ଭକ୍ତି ତଥା ସମ୍ମାନ ଦେବା ସଙ୍ଗେ ସଙ୍ଗେ ସାନମାନଙ୍କୁ ସ୍ନେହ ତଥା ଆଦର କରିଥାଆନ୍ତି । ତେଣୁ ସମସ୍ତଙ୍କ ନିକଟରେ ସେ ପ୍ରଶଂସାର ପାତ୍ର ହୋଇଥାଏ ଏବଂ ସମସ୍ତେ ତାକୁ ଆଦର କରିଥାଆନ୍ତି ।

ପଡୋଶୀ ମହିଳା ହିସାବରେ ରାଜୁଆର ସମାଜର ମହିଳାମାନେ ଅନ୍ୟଜଣକୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିଥାଆନ୍ତି । ସମୟେ ସମୟେ ପଡୋଶୀ ଘରର ଲୋକେ ନ ଥିବା ବେଳେ ମଧ୍ୟ ସେମାନଙ୍କର ପିଲାମାନଙ୍କର ଦାୟିତ୍ୱ ବୁଝିଥାଆନ୍ତି। ବିବାହ, ଶୁଦ୍ଧିକ୍ରିୟା ତଥା ବିଭିନ୍ନ ପୂଜାପାର୍ବଣରେ ପଡୋଶୀ ମହିଳା ହିସାବରେ ଏମାନେ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥାଆନ୍ତି। ଶିଶୁଟିର ଅନ୍ନଛୁଆଣି ଦିବସରେ ମଧ୍ୟ ପଡୋଶୀ ମହିଳାମାନେ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିଥାଆନ୍ତି । ଜଙ୍ଗଲକୁ ଓ ହାଟ ବଜାରକୁ ଯିବା ସମୟରେ ପଡୋଶୀ ମହିଳାମାନେ ସାଥୀ ହୋଇ ଯାଇଥାଆନ୍ତି ଏବଂ ସାଥୀ ହୋଇ ଘରକୁ ଫେରିଥାଆନ୍ତି। ପଡୋଶୀ ମହିଳା ହିସାବରେ ପରସ୍ପରର ଭଲମନ୍ଦରେ ସାହାଯ୍ୟ କରିଥାଆନ୍ତି।

ରାଜୁଆର୍ ସଂପ୍ରଦାୟର ମହିଳାମାନଙ୍କ ପାଇଁ ଧର୍ମ କ୍ଷେତ୍ରରେ ସ୍ୱତନ୍ତ୍ର ଧରଣର ବାରଣ ନ ଥାଏ। ସେମାନେ ବିଭିନ୍ନ ଦେବଦେବୀଙ୍କୁ ମଧ୍ୟ ପୂଜାର୍ଚ୍ଚନା କରିବାରେ ସେମାନେ ଆଗ୍ରହ ପ୍ରକାଶ କରିଥାଆନ୍ତି । ଆସ୍ତେ ଆସ୍ତେ ହିନ୍ଦୁଧର୍ମର ସମସ୍ତ ନୀତିନିୟମକୁ ନିଜେ ମଧ୍ୟ ଅନୁସରଣ କରିବାରେ ଲାଗିଥାଆନ୍ତି । ଗୃହ ମଧ୍ୟରେ କେତେକ ପୂଜା ଯଥା ମୁଠିପୂଜା

ବା ଧାନବୁଣିବା ପୂର୍ବରୁ ଗୃହରେ ଅନୁଷ୍ଠିତ ପୂଜାରେ ଗୃହ ମୁଖ୍ୟ ପୂଜା କରିଥାଏ । ମହିଳାକୁ ଏ କ୍ଷେତ୍ରରେ ବାରଣ କରାଯାଇଥାଏ । ଗ୍ରାମସ୍ତରୀୟ ଯାଦୁଧର୍ମୀୟ କାର୍ଯ୍ୟ କରିବାରେ ମହିଳାମାନଙ୍କୁ ବାରଣ କରାଯାଇଥାଏ। ବିଧବା ଏବଂ ସନ୍ତାନହୀନା ମହିଳାଙ୍କୁ କେତେକ କ୍ଷେତ୍ରରେ ବାରଣ କରାଯାଇଥାଏ।

ପାରଂପରିକ ଗାଁଓ୍ୱେକ୍ ବିଚାର ବା ଗ୍ରାମସଭାରେ ମହିଳାମାନେ ଅଂଶଗ୍ରହଣ କରି ନ ଥାଆନ୍ତି। ବିଚାର ସମ୍ବନ୍ଧୀୟ ଆଲୋଚନାରେ ଭାଗନେବା ପାଇଁ ରାଜୁଆର ସମାଜରେ ମହିଳାମାନଙ୍କୁ ବାରଣ କରାଯାଇଥାଏ। କିନ୍ତୁ ଗୃହ ମଧ୍ୟରେ କୌଣସି ନିଷ୍ପତ୍ତି ଗ୍ରହଣ କଲାବେଳେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି। ପୁରୁଷମାନେ ମହିଳାମାନଙ୍କର ଉପସ୍ଥିତି ଲୋଡିଥାଆନ୍ତି । କିନ୍ତୁ ବର୍ତ୍ତମାନ ରାଜ୍ୟରେ ପଞ୍ଚାୟତରାଜ ବ୍ୟବସ୍ଥା ପ୍ରଚଳନ ଫଳରେ ସେମାନେ ଭୋଟ ଦେଇ ନେତା ବାଛିଥାଆନ୍ତି। ସାଧାରଣ ନିର୍ବାଚନରେ କେତେକ ଆଦିବାସୀ ମହିଳା ମଧ୍ୟ ପ୍ରତିଦ୍ୱନ୍ଦିତା କରିବା ଜଣାଯାଏ। ସରକାର ସେମାନଙ୍କ ପାଇଁ ବିଭିନ୍ନ ରାଜନୈତିକ ପଦପଦବୀରେ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ କରିଛନ୍ତି। ଆଦିବାସୀ ସମାଜରେ କେତେକ ମହିଳା ମଧ୍ୟ ପ୍ରତିନିଧିତ୍ୱ କରିବାର ଜଣାଯାଏ। ସେ ଯାହାହେଉ ପୂର୍ବାପେକ୍ଷା ବର୍ତ୍ତମାନ ସମାଜରେ ମହିଳାମାନେ ରାଜନୈତିକ କାର୍ଯ୍ୟରେ କେତେକାଂଶରେ ଅଂଶ ଗ୍ରହଣ କରି ଦାୟିତ୍ୱ ସଂପନ୍ନ କରିଥାଆନ୍ତି।

ସାଧାରଣତଃ ରାଜୁଆର ସମାଜରେ ପିତାଙ୍କ ମୃତ୍ୟୁ ପରେ ପୁତ୍ର ହିଁ ଉତ୍ତରାଧିକାର ଗ୍ରହଣ କରିଥାଏ। ଜମିଜମା, ଘରବାଡି ଇତ୍ୟାଦି ପିତୃ ସଂପତ୍ତିର ଅଧିକାରୀ ପୁଅ ହିଁ ହୋଇଥାଏ। କିନ୍ତୁ ସଂପତ୍ତିକୁ ଝିଅ ଉତ୍ତରାଧିକାର ସୂତ୍ରରେ ଗ୍ରହଣ କରି ନଥାଏ। ଉତ୍ତରାଧିକାର ସୂତ୍ରରେ ଝିଅକୁ ପତୃ ସଂପତ୍ତି ଦିଆଯାଇ ନ ଥାଏ। ସାଧାରଣ ଭାବରେ ପିତୃ ସଂପତ୍ତି ଗ୍ରହଣର କୌଣସି ଅଧିକାର ଝିଅର ନ ଥାଏ। କିନ୍ତୁ କେତେକ କ୍ଷେତ୍ରରେ ଭାଇମାନେ ଯଦି ଇଚ୍ଛା ପ୍ରକାଶ କରିଥାଆନ୍ତି, ତେବେ ପିତୃ ସଂପତ୍ତିରୁ କିଛି ଅଂଶ ଭଉଣୀକୁ ଦେଇଥାଆନ୍ତି। ଏତଦ୍‌ବ୍ୟତୀତ ମାଆର ଗହଣା ଏବଂ ଅଳଙ୍କାର କେବଳ ଉତ୍ତରାଧିକାର ସୂତ୍ରରେ ଗ୍ରହଣ କରିବା ପାଇଁ ଝିଅ ଯୋଗ୍ୟା ହୋଇଥାଏ।

ରାଜୁଆର ସଂପ୍ରଦାୟର ମହିଳାମାନେ ସାଧାରଣତଃ ପାରଂପରିକ ଗ୍ରାମସଭା ବା 'ଗାଁଓ୍ୱେକ୍ ବିଚାର' ସ୍ଥାନକୁ ଯାଇ ନ ଥାଆନ୍ତି । ସେଠାକୁ ଯିବାପାଇଁ ସେମାନଙ୍କୁ ସଂପୂର୍ଣ୍ଣ ବାରଣ କରାଯାଇଥାଏ । ଦେବଦେବୀଙ୍କ ପୀଠସ୍ଥଳକୁ ଯିବା ପାଇଁ କେତେକ

କ୍ଷେତ୍ରରେ ବାରଣ କରାଯାଇଥାଏ । ଅଶୌଚ ସମୟରେ ସାଧାରଣତଃ ଦେବଦେବୀଙ୍କ ପୀଠକୁ ମହିଳାମାନେ ଯାଇ ନ ଥାଆନ୍ତି । ଗର୍ଭବତୀ ମହିଳାମାନେ ମଧ୍ୟ ଗ୍ରାମଦେବତା ତଥା ଗ୍ରାମରେ ଥିବା ଅନ୍ୟାନ୍ୟ ଦେବପୀଠକୁ ଯାଇ ନ ଥାଆନ୍ତି । ମାସିକ ଋତୁସମୟରେ ଅନ୍ୟ ଲୋକେ ଗାଧୋଉଥିବା ସାଧାରଣ ଚୁଠର ସଂପୃକ୍ତ ମହିଳା ଗାଧୋଇବାକୁ ବାରଣ କରାଯାଇଥାଏ । ସେଥିପାଇଁ ସେ ଅଚୁଠରେ ସ୍ନାନ କରିଥାଏ । ଏକା ଏକା ଶ୍ମଶାନକୁ ଯିବା ପାଇଁ ମହିଳାକୁ ମନା କରାଯାଇଥାଏ ।

ମହିଳାମାନଙ୍କୁ ଆଚରଣରେ କେତେକ ବାରଣ କରାଯାଇଥାଏ। ପରିବାରରେ କାହା ପ୍ରତି ଦୃଷ୍ଟ ଆଚରଣ ପ୍ରଦର୍ଶନ ପାଇଁ ବାରଣ କରାଯାଇଥାଏ। କାହା ଉପରେ ରାଗିବା ପାଇଁ ବାରଣ କରାଯାଇଥାଏ। ସ୍ୱାମୀ, ଶାଶୂ ଓ ଶ୍ୱଶୁରଙ୍କ କଥାକୁ ଅସମ୍ମାନ କରିବା ପାଇଁ ବାରଣ କରାଯାଇଥାଏ। ଛୋଟ ପିଲାମାନଙ୍କ ଉପରେ ଚିଡ଼ଚିଡ ହେବାକୁ ବାରଣ କରାଯାଇଥାଏ। ଧୀର ସ୍ଥିର ଭାବରେ କଥା କହିବା ପାଇଁ କୁହାଯାଇଥାଏ। କୁମାର୍ଗରେ ପରିଚାଳିତ ମହିଳାମାନଙ୍କୁ ବାରଣ କରାଯାଇଥାଏ। ଏତଦ୍‌ବ୍ୟତୀତ ହଳ କରିବା, ଘରଛପର କରିବା ଏବଂ ପୁଅ ଭଳି ପୋଷା ପିନ୍ଧିବା ଇତ୍ୟାଦି କ୍ଷେତ୍ରରେ ମହିଳାକୁ ବାରଣ କରାଯାଇଥାଏ।

ଅର୍ଥନୈତିକ କ୍ଷେତ୍ରରେ ମହିଳାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରାଜୁଆର ସମାଜରେ ମହିଳାମାନେ ଅଧିକ ପରିଶ୍ରମୀ। ଘରର ଯାବତୀୟ କାର୍ଯ୍ୟ ସାଙ୍ଗକୁ ବାହାରର ବିଭିନ୍ନ କୁଲୀ ମଜୁରୀ କରି ଅର୍ଥ ଉପାର୍ଜନ କରିଥାଏ। ଯେଉଁ ଅର୍ଥ ପରିବାରରେ ବିଭିନ୍ନ କାର୍ଯ୍ୟରେ ଖର୍ଚ୍ଚ ହୋଇଥାଏ। ଜଙ୍ଗଲରୁ ବିବିଧ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ନିଜ ପରିବାରର ଆବଶ୍ୟକତାକୁ ଆଖି ଆଗରେ ରଖି ଅବଶିଷ୍ଟ ଦ୍ରବ୍ୟକୁ ନିକଟତମ ହାଟ କିମ୍ବା ବଜାରରେ ବିକ୍ରିକରି ସେଥିରୁ କିଛି ଅର୍ଥ ଉପାର୍ଜନ କରି ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାରେ ସହାୟକ ହୋଇଥାଏ। ବିଲବାଡି କାମ ସାଙ୍ଗକୁ ରାସ୍ତାକାମ କରିବାକୁ ସେ ପଛାଇ ନଥାଏ। ସେ ଯାହାହେଉ ପରିବାରର ସମସ୍ତ ଅର୍ଥନୀତି ମହିଳା /ସ୍ତ୍ରୀ ହାତରେ ନ୍ୟସ୍ତ ରହିଥାଏ। ଏତଦ୍‌ବ୍ୟତୀତ ସ୍ୱାମୀଙ୍କ ଦ୍ୱାରା ଅର୍ଜିତ ଅର୍ଥ ତଥା ପରିବାରରେ ଥିବା ଧନ ସଂପତ୍ତିର ରକ୍ଷଣାବେକ୍ଷଣ ତଥା କାରବାର ଦାୟିତ୍ୱ ହଁ ମହିଳାମାନେ ବୁଝିଥାଆନ୍ତି। ପ୍ରତ୍ୟେକ କାମରେ ଖର୍ଚ୍ଚ ହେବା ଅର୍ଥ ବିଷୟ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବିଚାର କରାଯାଇଥାଏ। କୌଣସି ଦ୍ରବ୍ୟ କ୍ରୟ କଲାବେଳେ, ଋଣ ପରିଶୋଧ କରିବା ସମୟରେ ଏବଂ କୌଣସି

ଜିନିଷ ବିକ୍ରୟ କରିବା ସମୟରେ, ବିବାହାଦି ସମାଜିକ କାର୍ଯ୍ୟରେ ବନ୍ଧୁବାନ୍ଧବ ତଥା ସଂପର୍କୀୟମାନଙ୍କୁ ଉପହାର /ଭେଟି ଦେବା କ୍ଷେତ୍ରରେ ମହିଳାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ପରିବାରରେ ଶାଶୂ ଓ ଶ୍ୱଶୂରଙ୍କ ମତାମତ ବୁଝି ପ୍ରତ୍ୟେକ କାର୍ଯ୍ୟରେ ଅର୍ଥ ଖର୍ଚ୍ଚ କରିଥାଆନ୍ତି ଉଭୟ ସ୍ୱାମୀ ଓ ସ୍ତ୍ରୀ। ରାଜୁଆରମାନଙ୍କର ଅନ୍ୟତମ ଆର୍ଥିକ ଉତ୍ସ ହିସାବରେ ସବାଇ ଘାସ ସଂପୃକ୍ତ ଅଞ୍ଚଳରେ ଚାଷ କରାଯାଇଥାଏ। ସବାଇଘାସରୁ ରସି କିମ୍ବା ଦଉଡି ତିଆରି କରିବାରେ ମହିଳାମାନେ ପୁରୁଷମାନଙ୍କୁ ସହଯୋଗ କରିଥାଆନ୍ତି। ସେହି ରସି ଏବଂ ଦଉଡିକୁ ହାଟ ଓ ବଜାରରେ ବିକ୍ରି କରି ଅର୍ଥ ଉପାର୍ଜନ କରିଥାଆନ୍ତି। ପ୍ରତ୍ୟେକ କ୍ଷେତ୍ରରେ ମହିଳା ଓତଃପ୍ରୋତଃ ଭାବେ ଜଡିତ ଥାଏ।

ରାଜୁଆର ସମାଜରେ ମହିଳାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିଶୁଟିଏ ଜନ୍ମ ହେଲେ ଜନ୍ମ ପରଠାରୁ ଶିଶୁର ଲାଳନପାଳନ ଦାୟିତ୍ୱ ମହିଳା ବହନ କରିଥାଏ। ଏତଦ୍‌ବ୍ୟତୀତ ଗୋଷ୍ଠେଇ ଘର ପରିଷ୍କାର ଓ ପରିଚ୍ଛନ୍ନ ଇତ୍ୟାଦି କାର୍ଯ୍ୟ କରିଥାଏ। ପିଲାମାନେ ବଡ ହୋଇଗଲେ ସେମାନଙ୍କୁ ଅନେକ କାର୍ଯ୍ୟ ଶିଖାଇ ଥାଆନ୍ତି। ବ୍ୟବହାର ଏବଂ ଚାଲିଚଳନ ଇତ୍ୟାଦି ବିଷୟରେ ଶିକ୍ଷା ଦେଇଥାଆନ୍ତି। ବିବିଧ ପୂଜାପାର୍ବଣରେ ଶୃଙ୍ଖଳାର ସହିତ ପାରଂପରିକ ବିଧିବିଧାନ ଅନୁଯାୟୀ ସବୁ କାର୍ଯ୍ୟ କରିଥାଏ। ପରିବାରର ମଙ୍ଗଳ ଉଦ୍ଦେଶ୍ୟରେ ବିଭିନ୍ନ ପୂଜା ଦେବଦେବୀ ତଥା ପୂର୍ବପୁରୁଷଙ୍କୁ ଆରାଧନା କରିଥାଆନ୍ତି। ପିଲାମାନଙ୍କର ଭବିଷ୍ୟତ ମଙ୍ଗଳ ପାଇଁ ପିଲାଙ୍କୁ ବିଭିନ୍ନ ଉପଦେଶ ଦେଇଥାଆନ୍ତି। ଦିନସାରା କଠିନ ପରିଶ୍ରମ କରି ନିଜେ ବଞ୍ଚିବା ସହିତ ଅନ୍ୟକୁ ବଞ୍ଚାଇବାରେ ସହାୟକ ହୋଇଥାଆନ୍ତି। ପିଲାମାନଙ୍କର ସୁବିଧା ଓ ଅସୁବିଧାକୁ ବିନା ଦ୍ୱିଧାରେ ବୁଝିଥାଆନ୍ତି। ସ୍ୱାମୀ ପ୍ରାୟ ପ୍ରତ୍ୟେକ କାର୍ଯ୍ୟ ପାଇଁ ସ୍ତ୍ରୀର ମତାମତ ଲୋଡି ଥାଆନ୍ତି। ପରିବାରରେ ମହିଳାର କଥାକୁ ଗୁରୁତ୍ୱ ଦିଆଯାଇଥାଏ। ବନ୍ଧୁବାନ୍ଧବ ଏବଂ ସଂପର୍କୀୟ ଲୋକଙ୍କର ବିବାହାଦି ସମାଜିକ କାର୍ଯ୍ୟରେ ଯୋଗଦେବା, ବନ୍ଧୁବାନ୍ଧବ ତଥା ସଂପର୍କୀୟ ଲୋକମାନଙ୍କୁ ଉପହାର ଦେବା, ଝିଅ ପାଇଁ ମନଲାଖି ବରପାତ୍ର ଖୋଜିବା, ପରିବାରରେ ମିଳିମିଶି ଚଳିବା ଇତ୍ୟାଦି କ୍ଷେତ୍ରରେ ମହିଳାର ଭୂମିକା ଯଥେଷ୍ଟ ରହିଥାଏ। ସ୍ୱାମୀଙ୍କୁ ବିବିଧ କାର୍ଯ୍ୟରେ ସହଯୋଗ କରିଥାଆନ୍ତି। ପରିବାରରେ ଝିଅମାନଙ୍କୁ ବିବିଧ ଘରକାମ ତଥା ଘରକରଣା ବୁଦ୍ଧି ମଧ୍ୟ ଶିଖାଇଥାଆନ୍ତି। ପୁଅ ଓ ଝିଅ ବଡ ହେଲେ ସେମାନଙ୍କୁ ବିବାହ କରିଥାଆନ୍ତି। ଘରକୁ ବୋହୂଟିଏ ଆସିଲେ ତାକୁ ସୁଶିକ୍ଷା ମଧ୍ୟ ଦେଇଥାଆନ୍ତି। ଘରର ଭଲମନ୍ଦ ବିଷୟରେ ପୁରୁଷ ଅପେକ୍ଷା ମହିଳାମାନେ ଅଧିକ ସଚେତନ।

ରାଜନୈତିକ କ୍ଷେତ୍ରରେ ମହିଳାମାନଙ୍କର ସେଭଳି କୌଣସି ଭୂମିକା ନଥାଏ। ପାରଂପରିକ ଗ୍ରାମସଭା ବା ଗାଁଓ୍ୱେକ୍ ବିଚାରରେ କୌଣସି ମହିଳା ଅଂଶଗ୍ରହଣ କରି ନ ଥାଆନ୍ତି। ସମୟର ଦ୍ରୁତ ପରିବର୍ତ୍ତନ ସାଙ୍ଗକୁ ପଞ୍ଚାୟତରାଜ ବ୍ୟବସ୍ଥା ପ୍ରଚଳନ ଫଳରେ ଏମାନେ ଭୋଟ ଦେବା ଶିଖିଲେଣି। ବର୍ତ୍ତମାନ ଆଦିବାସୀ ମହିଳା ରାଜନୈତିକ କ୍ଷେତ୍ରରେ ଆଂଶିକ ଅଂଶଗ୍ରହଣ କରିଲେଣି। ସାଧାରଣ ନିର୍ବାଚନରେ ମହିଳାମାନେ ମଧ୍ୟ ବିଭିନ୍ନ ପଦ ପାଇଁ ପ୍ରତିଦ୍ୱନ୍ଦିତା କଲେଣି। କେତେକ ମହିଳା ଅନ୍ୟ ମହିଳାମାନଙ୍କୁ ଏକଜୁଟ କରି ରାଜନୈତିକ କ୍ଷେତ୍ରରେ ଅଗ୍ରସର ହୋଇଥାଆନ୍ତି। ଭୋଟ ଦେଇ ବାଛିଥିବା ନେତାମାନଙ୍କ ଆଗରେ ନିଜ ନିଜର ଦାବୀ ଉପସ୍ଥାପନ କରିପାରୁଛନ୍ତି। ନାରୀ ସମସ୍ୟାର ସମାଧାନ ଦିଗରେ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରିବାରେ ବର୍ତ୍ତମାନ ସକ୍ଷମ ହୋଇ ପାରୁଛନ୍ତି। ଗ୍ରାମ ପଞ୍ଚାୟତ, ପଞ୍ଚାୟତସମିତି (ବ୍ଲକ୍) ଏବଂ ଜିଲ୍ଲାସ୍ତରରେ ମଧ୍ୟ ମହିଳାମାନେ ବିଭିନ୍ନ ରାଜନୈତିକ ଦଳରେ ନିର୍ବାଚିତ ହୋଇ କାର୍ଯ୍ୟ କରିଥାଆନ୍ତି । ରାଜନୈତିକ କ୍ଷେତ୍ରରେ ମହିଳାମାନେ ସେଭଳି ଭାବରେ ଅଗ୍ରଗତି କରିନାହାନ୍ତି ।

ଧର୍ମୀୟ କ୍ଷେତ୍ରରେ ମହିଳାମାନଙ୍କର ଭୂମିକା ରହିଥାଏ । ସେମାନେ ଗ୍ରାମରେ ଥିବା ଦେବଦେବୀଙ୍କ ପୀଠକୁ ଯାଇ ଦେବଦେବୀ ଦର୍ଶନ କରିଥାଆନ୍ତି । ହିନ୍ଦୁମାନଙ୍କର ନିତୀନିୟମକୁ ଅନୁସରଣ କରି ବିବିଧ ପୂଜାବିଧି କରିଥାଆନ୍ତି । ମହିଳାମାନେ ସାଧାରଣତଃ ଯାଦୁ ଧର୍ମୀୟ କାର୍ଯ୍ୟ ନିର୍ବାହୀ ହୋଇ ନ ଥାଆନ୍ତି। ମକର ମେଳା, କରମପୂଜା ଆଦିରେ ମଧ୍ୟ ମହିଳାମାନେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିଥାଆନ୍ତି । ପୂଜା ଶେଷରେ ମହିଳାମାନେ ଏବଂ ପୁରୁଷମାନେ ନାଚଗୀତରେ ମଜ୍ଜିଯାଆନ୍ତି। ବାନ୍ଧନା ପୂଜାରେ ମଧ୍ୟ ଗାଇଗୋରୁକୁ ବନ୍ଦାପନା କରିଥାଆନ୍ତି। ପରିବାରର ସୁଖ ସମୃଦ୍ଧି ପାଇଁ ଗ୍ରାମ ଦେବଦେବୀଙ୍କୁ ବିଭିନ୍ନ ପଶୁ ବଳି ଦେବା ପାଇଁ ମାନସିକ ମଧ୍ୟ କରିଥାଆନ୍ତି। ସମସ୍ତ ନୀତିନିୟମକୁ ଆଖି ଆଗରେ ରଖି ଯଥାଯଥ କାର୍ଯ୍ୟ କରିଥାଆନ୍ତି। ଗୃହ ଦେବଦେବୀମାନଙ୍କୁ ମଧ୍ୟ ପୂଜା ଆରାଧନା କରିଥାଆନ୍ତି । ବିବିଧ ପୂଜା ପାର୍ବଣରେ ସଫା ବସ୍ତ୍ର ପରିଧାନ କରିଥାଆନ୍ତି । ପୂଜାକାର୍ଯ୍ୟ ସରିଲା ପରେ ସମସ୍ତେ ଭୋଜନ କରିଥାଆନ୍ତି। ଏହିଭଳି ଧର୍ମୀୟ କାର୍ଯ୍ୟରେ ମହିଳାମାନେ ସକ୍ରିୟ ଅଂଶଗ୍ରହଣ କରିଥାଆନ୍ତି।

ବର୍ଷ ମଧ୍ୟରେ ରାଜୁଆର ସଂପ୍ରଦାୟ ଲୋକେ ବିଭିନ୍ନ ପ୍ରକାର ପର୍ବପର୍ବାଣି ପାଳନ କରିଥାଆନ୍ତି। କେତେକ ଗ୍ରାମସ୍ତରରେ ପାଳନ କରାଯାଉଥିବା ବେଳେ ଆଉ କେତେକ ପରିବାର ସ୍ତରରେ ପାଳନ କରାଯାଇଥାଏ। ଗୃହ ମଧ୍ୟରେ ଅନୁଷ୍ଠିତ

ପୂଜାମାନଙ୍କରେ ଗୃହକର୍ତ୍ତା ପୂଜାକାର୍ଯ୍ୟ ସଂପନ କ୍ଷେତ୍ରରେ ମହିଳାମାନେ ବିଶେଷ ଭାବରେ ସହାୟକ ହୋଇଥାଆନ୍ତି। ପର୍ବପର୍ବାଣି ପାଳନ ପ୍ରଥା ବା ନୀତିନିୟମକୁ ବଜାୟ ରଖିବାରେ ମହିଳାମାନଙ୍କର ଭୂମିକା କମ୍ ନୁହେଁ। ପର୍ବପର୍ବାଣି ପାଳନର ନିର୍ଦ୍ଧାରିତ ଦିବସ ପୂର୍ବରୁ ଘରଦ୍ୱାରାକୁ ଲିପାପୋଛା କରିଥାଆନ୍ତି। କାନ୍ଥକୁ ସାଧାରଣତଃ ଫକାଳିଆ ମାଟି ଏବଂ କାନର ତଳ ଅଂଶକୁ ନାଲିମାଟିରେ ଲିପିଥାଆନ୍ତି । କେତେକାଂଶରେ ଘରକୁ ସୌନ୍ଦର୍ଯ୍ୟ କରିବା ପାଇଁ ଅରୁଆଚାଉଳକୁ ବାଟି ସେଥିରେ ଜଳମିଶାଇ ଓଟି ମଧ୍ୟ ପକାଇଥାଆନ୍ତି। ଗୋବରରେ ଘରର ଅଗଣା ତଥା ଦାଣ୍ଡକୁ ମଧ୍ୟ ଲିପିଥାଆନ୍ତି। ପୂଜା ଉପକରଣ ଯୋଗାଡ କରିଥାଆନ୍ତି। କେତେକ କ୍ଷେତ୍ରରେ ପର୍ବପର୍ବାଣି ପାଳନ ଅବ୍ୟବହିତ ପୂର୍ବରୁ ପିଲାମାନଙ୍କ ପାଇଁ ନୂଆରଙ୍ଗର ପୋଷାକ ମଧ୍ୟ କ୍ରୟ କରିଥାଆନ୍ତି। ଏହିଭଳି ବିଧିମୁତାବକ ସବୁ କାର୍ଯ୍ୟ କରିବାରେ ଦକ୍ଷ ହୋଇଥାଆନ୍ତି ମହିଳାମାନେ।

ରାଜୁଆର ସମାଜରେ ମହିଳାମାନଙ୍କର ପ୍ରତ୍ୟେକ କାର୍ଯ୍ୟରେ ଦାୟିତ୍ୱବୋଧ ରହିଥାଏ। ପରିବାର ମଧ୍ୟରେ ଶିଶୁଟିଏ ଜନ୍ମ ହେଲେ ତା'ର ଲାଳନପାଳନ ତଥା ଶିଶୁର ସ୍ୱାସ୍ଥ୍ୟ ଭଲ ରହିବା ପାଇଁ କେତେକ ଖାଦ୍ୟଗ୍ରହଣ ନ କରିବା କ୍ଷେତ୍ରରେ ସେମାନଙ୍କର ଦାୟିତ୍ୱ ରହିଥାଏ। ପରିବାର ମଧ୍ୟରେ ସ୍ୱାମୀ, ଶାଶୂ, ଶ୍ୱଶୁରଙ୍କ ସେବା କରିବାକୁ କେବେ ବିମୁଖ ହୋଇ ନ ଥାଆନ୍ତି। ପରିବାର ପାଇଁ ରୋଷେଇ କରି ସମସ୍ତଙ୍କୁ ଖାଇବାକୁ ଦେଇଥାଆନ୍ତି। ମହିଳା ହିସାବରେ ଘରର ସମସ୍ତଙ୍କ ଭଲମନ୍ଦ ବୁଝିଥାଆନ୍ତି। ପରିବାର ମଧ୍ୟରେ କାହାର ଦେହ ଅସୁସ୍ଥ ହେଲେ ସେବା ଶୁଶ୍ରୂଷା କରିବାକୁ କେବେ ପଛାନ୍ତି ନାହିଁ। ପରିବାରରେ କାହାର ମନରେ କେବେ ଦୁଃଖ ଦେଇ ନଥାଆନ୍ତି। ସମସ୍ତଙ୍କ ମନନେଇ ପରିବାରରେ ସେମାନେ ଚଳିଥାଆନ୍ତି। ସକାଳ ସମୟରେ ସମସ୍ତଙ୍କୁ ଖାଇବାକୁ ଦେଇଥାଆନ୍ତି। ଝିଅମାନଙ୍କୁ ବିଭିନ୍ନ ଘରକରଣା କାମ ବିଷୟରେ ମଧ୍ୟ ଶିକ୍ଷା ଦେଇଥାଆନ୍ତି। ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ଏମାନଙ୍କର ଦାୟିତ୍ୱ ଅଧିକ ଥାଏ। ସ୍ୱାମୀ ତଥା ସ୍ୱ ଅର୍ଜିତ ଧନସଂପତ୍ତିର ରକ୍ଷଣାବେକ୍ଷଣ କରିଥାଏ। ଜଙ୍ଗଲରୁ ସଂଗୃହୀତ ବନଜାତ ଦ୍ରବ୍ୟଗୁଡିକୁ ହାଟ ଓ ବଜାରରେ ବିକ୍ରି କରିବା, ସ୍ୱାମୀ ମଦ୍ୟପାନ କରି ରୋଜଗାର କରିବାରୁ ବଞ୍ଚିତ ହେଲେ ମଧ୍ୟ ନିଜେ ରୋଜଗାର କରି ପରିବାରକୁ ପ୍ରତିପୋଷଣ ଦାୟିତ୍ୱ ତୁଲାଇଥାଆନ୍ତି । ବିବିଧ ସାମାଜିକ କାର୍ଯ୍ୟରେ ଅର୍ଥ ଖର୍ଚ୍ଚ କରିବାକୁ ହେଲେ ଉଭୟ ସ୍ୱାମୀ ଓ ସ୍ତ୍ରୀ ମଧ୍ୟ ନିଷ୍ପତ୍ତି ନେଇଥାଆନ୍ତି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅର୍ଥ ଖର୍ଚ୍ଚ କରିବା ଇତ୍ୟାଦି କ୍ଷେତ୍ରରେ ମହିଳାମାନଙ୍କର ଗୁରୁ ଦାୟିତ୍ୱ ରହିଥାଏ।

ରାଜୁଆର ସମାଜରେ ବିଧବା ବିବାହ ଥିବାସତ୍ତ୍ୱେ ସହଜରେ କୌଣସି ବିଧବା ମହିଳା ଦ୍ୱିତୀୟ ବିବାହ କରିବାକୁ ସେତେ ପସନ୍ଦ କରି ନ ଥାଆନ୍ତି। ପରିବାର କ୍ଷେତ୍ରରେ ଏକ ବିଧବାସ୍ତ୍ରୀ କେତେକ କାର୍ଯ୍ୟ କରିବାପାଇଁ ବାରଣ କରାଯାଇଥାଏ। ଗ୍ରାମ୍ୟସ୍ତରରେ ପୂଜାଆଦି ଧାର୍ମିକ କାର୍ଯ୍ୟରେ ଯୋଗ ଦେବାରୁ ବଂଚିତ ହୋଇଥାଏ। ବିଧବା ସ୍ତ୍ରୀର ମୁଖଦର୍ଶନ କରି ଯାତ୍ରା କଲେ କାର୍ଯ୍ୟଟି ଅସଫଳ ହୋଇଥାଏ ବୋଲି ଲୋକେ ମତ ଦେଇଥାଆନ୍ତି। ଗୃହରେ ହେଉଥିବା ଗୋବର୍ଦ୍ଧନ ପୂଜାରେ ଗାଈଗୋରୁଙ୍କର ବନ୍ଦାପନା କାର୍ଯ୍ୟରୁ ମଧ୍ୟ ବଂଚିତ ହୋଇଥାଏ। ଦେବଦେବୀଙ୍କ ପୀଠସ୍ଥଳକୁ ଗଲେ କେତେକ କ୍ଷେତ୍ରରେ ପୀଠ ସ୍ଥଳଟି ଅପବିତ୍ର ହୋଇଥାଏ ବୋଲି ଲୋକମାନଙ୍କର ଧାରଣାଥାଏ। ସ୍ୱାମୀଙ୍କର ବିୟୋଗପରେ ନିଜେ ଘରର ସମସ୍ତ ଦାୟୀତ୍ୱ ବୁଝିଥାଏ। ପୁଅ ବଡ ହୋଇଥିଲେ ପୁଅ ମଧ୍ୟ ଦାୟିତ୍ୱ ବୁଝିଥାଏ। ଛୋଟ ପିଲାମାନେ ଥିଲେ ସେମାନଙ୍କ ମୁହଁକୁ ଚାହିଁ ସେ ତାର ଦିନ କଟାଇଥାଏ। ଅନ୍ୟମାନଙ୍କର କୁଲୀ ମଜୁରୀ କରି ପରିବାର ପ୍ରତିପୋଷଣର ଦାୟିତ୍ୱ ବହନ କରିଥାଏ। ସର୍ବଦା ନିଜକୁ ଅସହାୟ ମନେକରୁଥାଏ। ବିଧବା ସ୍ତ୍ରୀକୁ ଦର୍ଶନମାତ୍ରେ ଶୁଭକାର୍ଯ୍ୟଟି ଅଶୁଭ ହୋଇଥାଏ ବୋଲି ଲୋକମାନଙ୍କର ଧାରଣା ରହିଥାଏ। ସ୍ୱାମୀଙ୍କ ଅନ୍ତେ ସମସ୍ତ ଦାୟିତ୍ୱ ବହନ କରି ପରିବାରକୁ ଚଳାଇ ନେଇଥାଏ। ଅନେକ ଦୁଃଖକଷ୍ଟରେ ତେଲଲୁଣ ସଂସାରକୁ ଚଳାଇ ନେଇଥାଏ ସେ। ବିଧବା ମହିଳାକୁ ସମାଜ ଟିକିଏ ହୀନଚକ୍ଷୁରେ ଦେଖିଥାଆନ୍ତି। ସମାଜରେ ବିଧବା ମହିଳାର ସ୍ଥାନ ଅନ୍ୟମାନଙ୍କ ତୁଳନାରେ ଟିକିଏ କମ୍ ଥାଏ। ଗ୍ରାମସ୍ତରରେ ବିଧବା ପର୍ବପର୍ବାଣିମାନଙ୍କରେ ବିଧବା ମହିଳା ନିଜ ସକ୍ଷମ ଅନୁସାରେ ଚାନ୍ଦା ଦେଇଥାଏ। ଏଥିପାଇଁ କେହି ବିରୋଧ କରି ନ ଥାଆନ୍ତି। ବିଧବା ମହିଳାକୁ ଅନ୍ୟମାନେ ବିଶେଷ ଆଦର କରି ନ ଥାଆନ୍ତି । ଯେତେ ଦୁଃଖ ଆସିଲେ ସେସବୁକୁ ସମ୍ମୁଖୀନ ହୋଇ ପରିବାରକୁ ଚଳାଇବାରେ ସମର୍ଥ ହୋଇଥାଏ । ଅନେକ ବାଧା ବିପଦକୁ ସହ୍ୟ କରି ବଞ୍ଚିବାକୁ ପଡିଥାଏ ।

କୌଣସି କାରଣରୁ ସମୟ ଅନ୍ତରରେ ଉଭୟ ପିତାମାତାଙ୍କର ମୃତ୍ୟୁ ଘଟିଲେ ପୁଅଝିଅମାନେ ପିତାମାତାଙ୍କୁ ହରାଇ ବସିଥାଅଆନ୍ତି। ସେମାନେ ସେ ସମୟରେ ଅସହାୟ ଏବଂ ନିସହାୟ ବୋଲି ମନେ କରିଥାଆନ୍ତି। ସେମାନଙ୍କ ରକ୍ଷଣାବେକ୍ଷଣ ଦାୟିତ୍ୱ ସଂପର୍କୀୟ ଲୋକମାନେ ନେଇଥାଆନ୍ତ। କେତେକ କ୍ଷେତ୍ରରେ ଝିଅକୁ ମାମୁଘର ପାଳିବା ପାଇଁ ନେଇଥାଆନ୍ତି। ପିତାମାତା ବଞ୍ଚିଥିବାବେଳେ ସେମାନଙ୍କର ଯତ୍ନ ଯେଭଳି ନେଇଥାଆନ୍ତି,

ଯେତେ ସଂପର୍କୀୟ ବା ବନ୍ଧୁବାନ୍ଧବ ହେଲେ ମଧ୍ୟ ସେଭଳି ଭାବରେ ଝିଅମାନଙ୍କର ଯତ୍ନ ନେଇ ନଥାଆନ୍ତି। ପ୍ରକୃତ ଯତ୍ନରୁ ବଞ୍ଚିତ ହୋଇଥାଆନ୍ତି। ଅନେକ ଦୁଃଖକଷ୍ଟରେ ଚଳିଥାଆନ୍ତି ସେମାନେ। ପିତାମାତା ହରାଇ ବସିଥିବା ଝିଅମାନଙ୍କୁ ଅନେକ କ୍ଷେତ୍ରରେ ଅନ୍ୟମାନେ ସହଯୋଗ କରିଥାଆନ୍ତି। କେତେକାଂଶରେ ସମାଜ ମଧ୍ୟ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାଏ। ସଂପର୍କୀୟ ତଥା ବନ୍ଧୁବାନ୍ଧବଙ୍କ ପାଇଁ ଏଇ ଝିଅମାନେ ବୋଝ ସଦୃଶ ବୋଲି ସେମାନେ ଭାବିଥାଆନ୍ତି। କେତେକ ନିଜେ କଠିନ ପରିଶ୍ରମ କରି ଅର୍ଥ ଉପାର୍ଜନ କରିବାରେ କୁଣ୍ଠାବୋଧ ପ୍ରକାଶ କରି ନ ଥାଆନ୍ତି। ଅନେକ କ୍ଷେତ୍ରରେ ଲୋକମାନେ ପିତୃମାତୃହୀନା ମହିଳାମାନଙ୍କୁ ଦୟା କରିଥାଆନ୍ତି। ପିତାମାତାଙ୍କର କଥାକୁ ମନେ ରଖି ବିପଦ ଆପଦ ବେଳେ କେବେ ହତୋତ୍ସାହ ନ ହୋଇ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇଥାଆନ୍ତି। ବାପା ମାଆଙ୍କ କଥା ମନେ ପଡିଲେ କିଛି ସମୟ ଧରି ଏମାନେ ଦୁଃଖରେ କାନ୍ଦିପକାନ୍ତି। ଦୁଃଖକଷ୍ଟରେ ସେମାନେ ଜୀବିକା ନିର୍ବାହ କରିଥାଆନ୍ତି।

କିଣାବିକା କ୍ଷେତ୍ରରେ ରାଜୁଆର ସଂପ୍ରଦାୟର ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାଆନ୍ତି । ତେଲଲୁଣ ସଂସାରରେ ବଞ୍ଚିବା ପାଇଁ ମହିଳାମାନେ କିଛି କିଣାବିକା କରିଥାଆନ୍ତି । ଦୈନନ୍ଦିନ ସେମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଞ୍ଚିବା ପାଇଁ ଚାଉଳ, ଡାଲି, ତେଲ ଓ ଲୁଣ ପାଖ ହାଟ କିମ୍ବା ବଜାରରୁ କ୍ରୟ କରିଥାଆନ୍ତି। ପିନ୍ଧିବା ପାଇଁ ନାଲି ଧଡିଥିା ଧଳାରଙ୍ଗର ଶାଢ଼ି, ସାୟା, ବ୍ଲାଉଜ୍ ଇତ୍ୟାଦି କ୍ରୟ କରିଥାଆନ୍ତି। ସବାଇଘାସର ରସି କିମ୍ବା ଦଉଡି ତିଆରି କରି ବେପାରୀମାନଙ୍କୁ କିମ୍ବା ନିକଟସ୍ଥ ହାଟ କିମ୍ବା ବଜାରରେ ବିକ୍ରିକରି କିଛି ଅର୍ଥ ଉପାର୍ଜନ କରିଥାଆନ୍ତି। ଘର ତିଆରି ପାଇଁ ବାଉଁଶ, ବତା ଇତ୍ୟାଦି କ୍ରୟ କରୁଥିବା ବେଳେ ଜଙ୍ଗଲରୁ କାଠ, ପତ୍ର, ଫଳମୂଳ, ଦାନ୍ତକାଠି, ଝୁଣା ଇତ୍ୟାଦି ସଂଗ୍ରହ କରି ହାଟ ଓ ବଜାରରେ ବିକ୍ରି କରିଥାଆନ୍ତି । ଗୃହୋପକରଣମାନ ମଧ୍ୟ କ୍ରୟ କରିବାରେ ମହିଳାମାନେ ବିଶେଷ ଭୂମିକା ଗ୍ରହଣ କରିଥାଆନ୍ତି ।

ରାଜୁଆର ସମାଜରେ ଗର୍ଭବତୀ ମହିଳାର ପ୍ରସବ କ୍ଷେତ୍ରରେ ଧାଈମା' ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ନିର୍ଦ୍ଦିଷ୍ଟ ଅଞ୍ଚଳ ପାଇଁ ସେ ଧାଈମା' ରହିଥାଆନ୍ତି । ସୁଖ ପ୍ରସବ କରାଇବା ପାଇଁ ଧାଈମା'ର କିଛି ଅଭିଜ୍ଞତା ରହିଥାଏ । ଗର୍ଭବତୀ ମହିଳାର ପ୍ରସବ ଯନ୍ତ୍ରଣା ଆରମ୍ଭଠାରୁ ଶିଶୁ ଜନ୍ମର ନବମଦିନ ବା ନାର୍ଭାଘାର୍ ପର୍ଯ୍ୟନ୍ତ ଗର୍ଭଧାରିଣୀ ମା' ନିକଟରେ ରହିଥାଏ । ଯତ୍ନର ସହିତ ସେବା କରିଥାଏ । ପ୍ରସବ ଯନ୍ତ୍ରଣା କମ୍ ହେବା

ପାଇଁ ଗର୍ଭବତୀ ମହିଳାକୁ ଶିକ୍ଷା ଦେଇଥାଏ । ନବଜାତ ଶିଶୁର ନାଭିକୁ ଧାଈମା' ବାଉଁଶ ପାତ ସାହାଯ୍ୟରେ କାଟିଥାଏ । ପ୍ରସୂତୀ ନାରୀ ସହିତ ନଅ ଦିନ ରହି ଯଥା ଯଥା ସେବା କରିଥାଏ । ଶିଶୁ ଜନ୍ମର ନବମ ଦିନରେ ନାର୍ତ୍ତାଘାର୍ ହୋଇଥାଏ । ଏହି ଦିନ ଧାଈ କିମ୍ବା ପିଲାର ଆଈ ଶିଶୁଟିକୁ ନାଁ ଦେଇଥାଆନ୍ତି । ସକ୍ଷମ ଅନୁସାରେ ଧାଈମା'କୁ ଟଙ୍କା ପଇସା, ତେଲଲୁଣ, ଲୁଗାପଟା, ପନିପରିବା ଇତ୍ୟାଦି ଦେଇ ସନ୍ତୁଷ୍ଟ କରିଥାଆନ୍ତି । ନବଜାତ ଶିଶୁର ସେବା ତଥା ତା'ର ମା'କୁ ପ୍ରସବ ଯନ୍ତ୍ରଣାରୁ ମୁକ୍ତ କରି ଅକୁଣ୍ଠିତ ଭାବରେ ସେବା କରିଥିବାରୁ ସର୍ବଦା ସେ ପୂଜନୀୟା।

ମହିଳା ସଂପର୍କିତ ଧାରଣା :

ପରିବାରରେ ଛୋଟ ପିଲାମାନଙ୍କର ଯତ୍ନନେବା, ବଡମାନଙ୍କୁ ଯଥୋଚିତ ସମ୍ମାନ ତଥା ସାନମାନଙ୍କୁ ସ୍ନେହ ଓ ଆଦର କରିବା, ସମସ୍ତଙ୍କୁ ଭଲ ପାଇବା, କାହା ସହିତ କଳିଗୋଳ କରୁନଥିବା, ଅନ୍ୟମାନଙ୍କ କାର୍ଯ୍ୟରେ ସହଯୋଗ କରିବା, ସମସ୍ତଙ୍କ କଥା ନେଇ ପରିବାରରେ ଚଳିବା, ପରିବାରରେ ସ୍ୱାମୀ, ଶାଶୂ ଓ ଶ୍ୱଶୁରଙ୍କର ସେବା କରିବା ଇତ୍ୟାଦି ଭଲ ଗୁଣ ଯାହାର ରହିଥାଏ, ସେ ଉତ୍ତମ ମହିଳା ଭାବରେ ପରିଚିତ ହୋଇଥାଏ । ସଦ୍‌ଗୁଣସଂପନ୍ନା ମହିଳାଙ୍କୁ ସମସ୍ତେ ଆଦର କରିଥାଆନ୍ତି ।

ରାଜୁଆର ସମାଜରେ ଜଣେ ସୁନ୍ଦରୀ ମହିଳା କହିଲେ ଉତ୍ତମ ସ୍ୱାସ୍ଥ୍ୟ ଥିବା ଦରକାର ଏବଂ ମୁଖମଣ୍ଡଳର ଗଠନ ଭଲ ଥିବା ଦରକାର। ହସ ହସ ମୁହଁ ହୋଇଥିଲେ ସେମାନେ ବିଶେଷ ସୁନ୍ଦରୀ ଭାବରେ ଗ୍ରହଣ କରିଥାଆନ୍ତି। ରୂପ ବ୍ୟତୀତ ଉତ୍ତମ ଗୁଣଥିବା ମହିଳାଙ୍କୁ ସୁନ୍ଦରୀ ହିସାବରେ ଗ୍ରହଣ କରାଯାଇଥାଏ। ସମସ୍ତଙ୍କୁ ମିଠା କଥା କହିବା ଦରକାର, ସମସ୍ତଙ୍କୁ ସ୍ନେହ ଓ ଆଦରରେ ବାନ୍ଧି ରଖିବାର ସକ୍ଷମ ହୋଇଥିବା ମହିଳାମାନଙ୍କୁ ସୁନ୍ଦରୀ ଭାବରେ ଗ୍ରହଣ କରାଯାଇଥାଏ। ସୁନ୍ଦରୀ ମହିଳାମାନଙ୍କୁ ସମସ୍ତେ ଭଲ ପାଇଥାଆନ୍ତି ଏବଂ ଆଦର ମଧ୍ୟ କରିଥାଆନ୍ତି। ସ୍ୱାଧୀନ ଭାବରେ ସେ ସମସ୍ତ କାର୍ଯ୍ୟ କରିବାରେ ନିପୁଣା। କଠିନ କାର୍ଯ୍ୟ କରିବାରେ ମଧ୍ୟ ସେ କୁଣ୍ଠାବୋଧ ପ୍ରକାଶ କରି ନଥାଏ।

ରାଜୁଆର ସଂପ୍ରଦାୟର ମହିଳାମାନେ ଅତ୍ୟନ୍ତ ପରିଶ୍ରମୀ । ବିଭିନ୍ନ କାର୍ଯ୍ୟକରି କର୍ମକୁଶଳତାର ପରିଚୟ ଦେଇଥାଆନ୍ତି । ଶାରୀରିକ ଦକ୍ଷତାସଂପନ୍ନ ବିଭିନ୍ନ କାର୍ଯ୍ୟକରିବା ପାଇଁ ସମର୍ଥ ମହିଳାକୁ ପରିଶ୍ରମୀ ମହିଳା ବୋଲି କହିଥାଆନ୍ତି । ଯେତେ ବାଧା ବିପଦ ଆସୁ ପଛେ ଯିଏ ଘରର ଦାୟିତ୍ୱ ନେବା, ସ୍ୱାମୀକୁ ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରିବା ତଥା

ବାହାର କାମ କର ଅର୍ଥ ଉପାର୍ଜ୍ଜନ କରିପାରିଥାଏ, ତାକ ପରିଶ୍ରମୀ ମହିଳା କୁହାଯାଏ । ରାଜୁଆର ସମାଜରେ ପରିଶ୍ରମୀ ମହିଳାକୁ ସମସ୍ତେ ଆଦର କରିଥାଆନ୍ତି ।

ରାଜୁଆର ସମାଜରେ ଅଧିକାଂଶ ମହିଳା ସାମୁହିକ ଭାବରେ ଗୀତ ଗାଇବାକୁ ଭଲପାଆନ୍ତି । ବିବାହାଦି ସାମାଜିକ କାର୍ଯ୍ୟରେ ସ୍ୱତଃ ଯିଏ ଗୀତ ବୋଲିବା କାର୍ଯ୍ୟ ଆରମ୍ଭ କରି ଦେଇଥାଏ, ଖଲି ଓ ଚଉପଦୀ ତିଆରି କରିବା ସମୟରେ, ବିଭିନ୍ନ କାର୍ଯ୍ୟ କରିବା ସମୟରେ, କଠିନ ପରିଶ୍ରମ କରିବା ବେଳେ ଯାହାର କଣ୍ଠରୁ ଆପେ ଆପେ ଗୀତ ଶୁଣାଯାଇଥାଏ, ସେ ଜଣେ ଭଲ ଗାୟିକା ବୋଲି ରାଜୁଆରମାନେ ମତ ଦେଇଥାଆନ୍ତି । ବିଭିନ୍ନ ପୂଜା ତଥା ପର୍ବପର୍ବାଣି ପାଳନ ଅବସରରେ ଭୋଜିଭାତ ଖାଇସାରିବା ପରେ ଗୀତ ସ୍ୱତଃ ବୋଲିଥାଆନ୍ତି, ସେ ଜଣେ ଭଲ ଗାୟିକା ହିସାବରେ ପରିଚିତ ହୋଇଥାଏ । ସାମୁହିକ ଭାବରେ ଗୀତ ବୋଲିଲା ବେଳେ ଯିଏ ପ୍ରଥମତଃ ଗୀତ ବୋଲିବା ଆରମ୍ଭ କରିଥାଏ ବା ଗୀତର ପଦଗୁଡିକୁ ପ୍ରଥମେ ସ୍ୱରଦେଇ ଗାଇଥାଏ ସେ ଭଲ ଗାୟିକା ଭାବରେ ପରିଚିତ ।

ଅଧିକାଂଶ ମହିଳା ନୃତ୍ୟ କରିଥାଆନ୍ତି । କରମପୂଜା, ମକର ମେଳା ଇତ୍ୟାଦିରେ ଉଭୟ ପୁଅ ଝିଅ ଦଳ ଦଳ ହୋଇ ଗୀତ ଗାଇ ଗାଇ ନାଚ କରିଥାଆନ୍ତି । ଯିଏ ମହିଳା ଦଳର ଆଗଧାଡିରେ ରହି ବିଭିନ୍ନ ଢଙ୍ଗରେ ନାଚ କରିଥାଏ ସେ ଜଣେ ଉତ୍ତମ ନର୍ତ୍ତକୀ ଭାବରେ ପରିଚିତ। ତାକୁ ଅନୁସରଣ କରି ଅନ୍ୟ ମହିଳାମାନେ ନାଚ କରିଥାଆନ୍ତି । ନିଜ ନିଜର ଅଭିଜ୍ଞତାରୁ ଏହି ନାଚ ଶିଖିଥାଆନ୍ତି । ନୃତ୍ୟରୁ ସେମାନେ ସ୍ୱତନ୍ତ୍ର ଭାବରେ ଆନନ୍ଦ ପାଇଥାଆନ୍ତି ବୋଲି ମତ ପ୍ରଦାନ କରିଥାଆନ୍ତି। ସେ ମଧ୍ୟ ପ୍ରଶଂସାର ପାତ୍ର ହୋଇଥାଏ।

ବିବାହ ପରେ ସ୍ୱାମୀ-ସ୍ତ୍ରୀ ଦାମ୍ପତ୍ୟ ଜୀବନଯାପନ କରିଥାଆନ୍ତି । ପରସ୍ପରକୁ ଭଲ ପାଇବା, ଉଭୟଙ୍କ ମଧ୍ୟ ବୁଝାମଣାରେ ସନ୍ତୁଳନ ରକ୍ଷା କରିବା, ତଥା ଯେକୌଣସି ଶୁଭକାର୍ଯ୍ୟ କରିବା ପାଇଁ ଉଭୟଙ୍କ ମଧ୍ୟରେ ନିଷ୍ପତ୍ତି ନେଇ କାର୍ଯ୍ୟଟି ସଂପାଦନ କରିଥାଆନ୍ତି, ସେମାନେ ଉତ୍ତମ ଦମ୍ପତି ଭାବରେ ପରିଚିତ ହୁଅନ୍ତି । ପରିବାରରେ ସମସ୍ତଙ୍କ ମନ ନେଇ ଚଳିଥାଆନ୍ତି। ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳିଝଗଡା କେବେ ଲାଗି ନ ଥାଆନ୍ତି । ସ୍ୱାମୀକୁ ବିଭିନ୍ନ କାର୍ଯ୍ୟରେ ସହଯୋଗ ତଥା ସେବା କରୁଥିଲାବେଳେ ସ୍ୱାମୀ ମଧ୍ୟ ସ୍ତ୍ରୀକୁ ଶ୍ରଦ୍ଧା କରିଥାଆନ୍ତି । ପରିବାରର ସୁଖ ଶାନ୍ତି ରକ୍ଷା କରିବା ଦିଗରେ ସେମାନେ ସର୍ବଦା ପ୍ରଚେଷ୍ଟା କରିଥାଆନ୍ତି । କଠିନ ପରିଶ୍ରମ କରି ପରିବାରକୁ ଚଳାଇଥାଆନ୍ତି । ଏହିଭଳି ଭାବରେ ଯେଉଁମାନେ ଚଳିଥାଆନ୍ତି ସେମାନଙ୍କୁ ଉତ୍ତମ ଦମ୍ପତି ବୋଲି କୁହାଯାଇଥାଏ ।

ସମସ୍ୟା :

ଦୈନନ୍ଦିନ ଜୀବନରେ ମହିଳାମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ପରିବାର ମଧ୍ୟରେ ଦାୟିତ୍ୱବୋଧ ତଥା ଆଚରଣଗତ ସମସ୍ୟା ଦେଖାଦେଇଥାଏ। ସରଳ ତଥା ନିରୀହ ମହିଳାମାନଙ୍କୁ ଯେତେ କଟୁ ଭାଷା କହିଲେ ମଧ୍ୟ ସବୁକୁ ସେ ସହିଯାଇଥାଏ। କାହାକୁ କେଉଁଭଳି ବ୍ୟବହାର ପ୍ରଦର୍ଶନ କରିବା ଉଚିତ୍ ସେ କ୍ଷେତ୍ରରେ ମଧ୍ୟ ସମସ୍ୟା ଉପୁଜିଥାଏ। ବିଭିନ୍ନ କ୍ଷେତ୍ରରେ ନାରୀକୁ ବାରଣ କରାଯାଏ। ସାଧାରଣତଃ ପାରଂପରିକ ଗ୍ରାମସଭାରେ ମହିଳା ଅଂଶଗ୍ରହଣ କରି ନଥାଆନ୍ତି। ବିଭିନ୍ନ ସମୟରେ ଖାଦ୍ୟ ଗ୍ରହଣରେ ମଧ୍ୟ ବାରଣ କରାଯାଇଥାଏ। ବେଳେବେଳେ ଅଭାବଗତ ସମସ୍ୟା ମଧ୍ୟ ଦେଖାଦେଇଥାଏ। ବିବାହର କିଛି ବର୍ଷ ପରେ ମହିଳା ଯଦି ପରିବାର ପାଇଁ ସନ୍ତାନଟିଏ ଜନ୍ମଦେଇ ପାରିଲା କିମ୍ବା ସର୍ବଦା ଅନ୍ୟମାନଙ୍କ ସହିତ କଳି ଝଗଡାରେ ଲିପ୍ତ ରହେ, କୁମାର୍ଗରେ ପରିଚାଳିତ ହୋଇଥାଏ, ତେବେ ତାକୁ ତତ୍କ୍ଷଣାତ୍ ଛାଡପତ୍ର ଦିଆଯାଇଥାଏ। ପରେ ସେ ନିସହାୟ ଜୀବନଯାପନ କରିଥାଏ। ସେଭଳି ମହିଳାକୁ ସମସ୍ତେ ଘୃଣା କରିଥାଆନ୍ତି । ତେଣୁ ଛାଡପତ୍ରଜନୀତ ସମସ୍ୟା ମଧ୍ୟ କେତେକାଂଶରେ ଦେଖାଯାଇଥାଏ। ଶିକ୍ଷାର ଅଭାବ ଯୋଗୁଁ ଅଜ୍ଞାନତାର ବଶବର୍ତ୍ତୀ ହୋଇ, ସରଳତାର ସୁଯୋଗ ନେଇ ବିପଣନ କ୍ଷେତ୍ରରେ ମହିଳାମାନଙ୍କୁ ବେପାରୀ ତଥା ଦୋକାନୀମାନେ ଠକିଥାଆନ୍ତି। ମହାଜନ ତଥା ସାହୁକାରମାନେ ଅଧିକ ସୁଧ ଆଦାୟ କରିଥାଆନ୍ତି। କମ୍ ଅର୍ଥ କିମ୍ବା ଧନ ସଂପତ୍ତି ଦେଇ ବହୁତ ଅଧିକ ଅର୍ଥ ଏମାନଙ୍କଠାରୁ ସଂଗ୍ରହ କରି ନେଇଥାଏ। ବିଭିନ୍ନ ଦିଗରୁ ଏମାନେ ଶୋଷଣ ତଥା ଠକେଇର ଶିକାର ହୋଇଥାଆନ୍ତି। କମ୍ ପଇସା ଦେଇ ଅଧିକ କାମ କରାଇଥାଆନ୍ତି ଠିକାଦାରମାନେ। ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ସେମାନଙ୍କ ପାଖରେ ଦେଖାଦେଇଥାଏ। ଫଳରେ ସେମାନେ ଅନେକ ରୋଗର ଶିକାର ହୋଇଥାଆନ୍ତି।

ମହିଳାମାନଙ୍କ ସ୍ଥିତି :

ରୋଗୀ ରାଜୁଆର୍ ମହିଳା:

ନାମ - ବିମଳା ବଗାଇ, ବୟସ ୫୦,ସ୍ୱାମୀ - ✓ ଶରତ ବଗାଇ

ଗ୍ରା / ପୋ:ଅ - କମଳୀ,ଭାୟା - ବାସିପିଠା, ଜିଲ୍ଲା - ମୟୂରଭଂଜ

ରୋଗୀ ହିସାବରେ ସବଦା ନିଜକୁ ଅସହାୟ ମନେ କରିଥାଏ। ଏଥିକୁ ଅନ୍ୟମାନେ ସେତେ ଭଲ ପାଆନ୍ତି ନାହିଁ। ରୋଗକୁ ସାଧାରଣତଃ ଲୋକେ ଘୃଣା କରିଥାଆନ୍ତି, କିନ୍ତୁ

ରୋଗୀକୁ ଘୃଣା କରି ନ ଥାଆନ୍ତି। ରୋଗୀ ଭାବରେ ଏହାର ସ୍ଥାନ ଅନ୍ୟ ତୁଳନାରେ କମ୍। ରୋଗୀ ସର୍ବଦା ଭଗବାନଙ୍କୁ ଡାକିଥାଏ ନିଜ ରୋଗର ଉପଶମ ପାଇଁ। ନିଜ କର୍ମର ଫଳ ଭୋଗ କରୁଛି ବୋଲି ରୋଗୀକୁ ଲୋକେ କହିଥାଆନ୍ତି। ନିଜ କର୍ମକୁ ଆଦରି ବହୁତ ଦୁଃଖ କଷ୍ଟରେ ଚଳିଥାଏ। ଅବଶ୍ୟ ପରିବାରରେ ତା'ର ଭରଣପୋଷଣ ଦାୟିତ୍ୱ ନେଇଥାଆନ୍ତି। ରୋଗରେ ଆକ୍ରାନ୍ତ ସମୟରେ ରୋଗୀ ନିକଟରେ ସମସ୍ତେ ତୁଚ୍ଛ ବୋଲି ମନେ ହୋଇଥାଏ।

ଗରିବ ମହିଳା :

ନାମ - ବୁଧୁନୀ ବଗାଇ, ବୟସ - ୩୨, ସ୍ୱା - ରମେଶ ବଗାଇ

ମୁଁ/ ପୋ:ଅ - କମଳୀ, ଭାୟା - ବାସିପିଠା,ଜିଲ୍ଲା - ମୟୂରଭଂଜ

ଗରିବ ମହଳାର ସ୍ୱାମୀଙ୍କର କୌଣସି ଜମି ନାହିଁ। ଭଲରେ ପେଟପୂରା ଦୁଇଓଳି ଖାଇବାକୁ ପାଇ ନ ଥାଆନ୍ତି। ପିନ୍ଧିବା ପାଇଁ ମଧ୍ୟ ଲୁଗାପଟା ନଥାଏ। କୁଲି ମଜୁରୀ କରି ପେଟ ପୋଷିଥାଆନ୍ତି । ଔଷଧ କିଣିବାକୁ ଏମାନଙ୍କ ପାଖରେ ପଇସା ନଥାଏ। ଦୁଃଖ କଷ୍ଟରେ ସେମିତି ଚଳିଥାଆନ୍ତି। ଗରିବ ଲୋକଙ୍କୁ ଅନ୍ୟମାନେ ଅଧିକ ପସନ୍ଦ କରି ନ ଥାଆନ୍ତି। ଏମାନଙ୍କର ସ୍ଥାନ ସମାଜରେ ଟିକିଏ କମ୍ ଥାଏ। ଅନ୍ୟଲୋକମାନେ କେତେକ କ୍ଷେତ୍ରରେ ଏମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାଆନ୍ତି।

ପରିଶ୍ରମୀ ମହିଳା :

ନାମ : ଜଳ ବଗାଇ, ବୟସ - ୩୮, ସ୍ୱା : ପୂର୍ଣ୍ଣଚନ୍ଦ୍ର ବଗାଇ

ମୁଁ/ ପୋ:ଅ - କମଳୀ,ଭାୟା - ବାସିପିଠା, ଜିଲ୍ଲା - ମୟୂରଭଂଜ

ପୁରୁଷ ଭଳି ଅନେକ କଠିନ କାର୍ଯ୍ୟ କରିଥାଏ। ଏ ବୟସରେ ମଧ୍ୟ ସେ ଅନେକ କାର୍ଯ୍ୟ କରିପାରୁଛି। ଘରକାମଠାରୁ ଆରମ୍ଭ କରି ବିଲବାଡି ତଥା ରାସ୍ତାଘାଟ କାର୍ଯ୍ୟ କରିବାରେ ଦକ୍ଷ। କୋଦାଳରେ ମଧ୍ୟ ମାଟି ହାଣିଥାଏ । କାର୍ଯ୍ୟ କରିବା ପାଇଁ ସବୁବେଳେ ସେ ବ୍ୟସ୍ତ ରହିଥାଏ। କାର୍ଯ୍ୟକରି ଅର୍ଥ ଉପାର୍ଜନ କରିବାରେ ଆନନ୍ଦ ରହିଥାଏ ବୋଲି ସେ ମତ ଦେଇଥାଏ। ଯେତେ ଝଡଝଞ୍ଝା ଆସିଲେ ମଧ୍ୟ ସଦାସର୍ବଦା କୁଲି ମଜୁରୀ ତଥା ଅନ୍ୟ କାର୍ଯ୍ୟରେ ନିୟୋଜିତ ରହିଥାଏ ସେ। କାମ କରିବାରେ ସେ ସବୁ ଦୁଃଖ ଶୋକ ଭୁଲି ଯାଇଥାଏ। ଅଦ୍ୟାବଧି ସେ କାର୍ଯ୍ୟ କରିବାରେ ସକ୍ଷମ ହୋଇଥାଏ।

ପରିଶ୍ରମୀ ମହିଳା ହିସାବରେ ଜଳ ବଗାଳକୁ ସମସ୍ତେ ଆଗଭର ହୋଇ ନିଜ କାମ କରିବାପାଇଁ ଡାକିଥାଆନ୍ତି । ତାକୁ ମଧ୍ୟ ସମସ୍ତେ ଆଦର କରିଥାଆନ୍ତି । ପ୍ରତ୍ୟେକ କାର୍ଯ୍ୟରେ ନିଜର କର୍ମକୁଶଳତାର ପରିଚୟ ଦେଇଥାଏ ।

ଗାୟିକା ଭାବରେ ମହିଳା :

ନାମ - ବିମଳା ବଗାଇ, ବ - ୩୫, ସ୍ୱା - ବୁଦ୍ଧିରାମ ବଗାଇ
ମୁଁ / ପୋ:ଅ :- କମଳି, ଭାୟା - ବାସିପିଠା, ଜିଲ୍ଲା - ମୟୁରଭଂଜ

ବିମଳା ବଗାଇ ବିଭିନ୍ନ ସାମାଜିକ କାର୍ଯ୍ୟରେ ଗୀତ ବୋଲିଥାଏ । ରାଜୁଆର ସଂପ୍ରଦାୟର ଅଧିକାଂଶ ମହିଳା ସାମୁହିକ ଭାବରେ ବିବିଧ ପୂଜା ତଥା ପର୍ବପର୍ବାଣିରେ ଗୀତ ଗାଇ ଗାଇ ନୃତ୍ୟ ମଧ୍ୟ କରିଥାଆନ୍ତି । ଦଳଗତ ଭାବରେ ପ୍ରଥମତଃ ଗୀତ ବୋଲିଥାଏ । ତାକୁ ଅନୁସରଣ କରି ଅନ୍ୟ ମହିଳାମାନେ ଗୀତ ବୋଲିଥାଆନ୍ତି । ବିବାହାଦି ସମାଜିକ କାର୍ଯ୍ୟରେ ପହଞ୍ଚିବା ମାତ୍ରେ ବିଭିନ୍ନ ପର୍ଯ୍ୟାୟରେ ସ୍ୱତଃ ଗୀତ ବୋଲିବା ଆରମ୍ଭ କରିଦେଇଥାଏ । ପତ୍ର ସାହାଯ୍ୟରେ ଖଲିପତ୍ର ଓ ଚଉପଦୀ ତିଆରି କରିବା ବେଳେ ତା' କଣ୍ଠରୁ ଆପେ ଆପେ ଗୀତ ବାହାରି ଆସିଥାଏ । ବିଲବାଡିରେ କାମ କରିବା ବେଳେ ମଧ୍ୟ ସେ ଗୀତ ବୋଲିଥାଏ । ଏହିଭଳି ଗାୟିକାଙ୍କୁ ରାଜୁଆଗର ସମାଜରେ ଅଧିକ ଆଦର କରିଥାଆନ୍ତି । ବିଭିନ୍ନ କାର୍ଯ୍ୟକ୍ରମରେ ନିମନ୍ତ୍ରଣ ମଧ୍ୟ କରିଥାଆନ୍ତି । ସମସ୍ତଙ୍କ ନିମନ୍ତ୍ରଣ ରକ୍ଷା କରି ନିର୍ଦ୍ୱନ୍ଦ୍ୱରେ ପ୍ରତ୍ୟେକ ସାମାଜିକ କାର୍ଯ୍ୟରେ ଯୋଗ ଦେଇଥାଏ । ମକର ମେଳାରେ ମଧ୍ୟ ସେ ଗାୟିକା ହିସାବରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

■■

ରାଜୁଆର୍ ଲୋକପରମ୍ପରା

ପ୍ରତ୍ୟେକ ଜନଜାତିର ପରଂପରା ଏକ ଦୃଢ଼ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ପ୍ରଥା ଓ ପରଂପରାକୁ ନେଇ ସଂପୃକ୍ତ ଜାତିର ସଂସ୍କୃତିପୁଷ୍ଟ ହୁଏ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ରାଜୁଆଗମାନଙ୍କ ପାରଂପରିକ ରୀତିରେ ଅନେକ ପର୍ବପର୍ବାଣୀ, ପୂଜାପାଠ ଇତ୍ୟାଦି ସଂଘଟିତ ହୋଇଥାଏ। ପରୋକ୍ଷରେ ଅବା ପ୍ରତ୍ୟକ୍ଷରେ ଏହି ପୂଜାପାଠ ତଥା ପର୍ବପର୍ବାଣି ସହିତ ଏମାନେ ଜଡିତ ଥାଆନ୍ତି। ବିବିଧ ବାଧାବିଘ୍ନ, ବିପଦ ଆପଦ ଇତ୍ୟାଦିକୁ ପଛରେ ପକାଇ କର୍ମମୟ ଜୀବନ ଅତିବାହିତ କରିଥାଆନ୍ତି ରାଜୁଆର ସଂପ୍ରଦାୟର ଲୋକେ। ଅଦ୍ୟାବଧି ସେମାନେ ନିଜ ପରଂପରା ଉପରେ ପର୍ଯ୍ୟବେସିତ ବିଭିନ୍ନ ପର୍ବପର୍ବାଣି ଓ ପୂଜାପାଠ ଇତ୍ୟାଦିକୁ ପାରଂପରିକ ରୀତିରେ ପରିପାଳନ କରିଥାଆନ୍ତି।

ବିଭିନ୍ନ ପର୍ବପର୍ବାଣି, ପୂଜା ପାଠ, ବିବାହ ଆଦି ସମାଜିକ କାର୍ଯ୍ୟରେ ଉଭୟ ପୁରୁଷ ଓ ମହିଳା ନୃତ୍ୟଗୀତ କରିଥାଆନ୍ତି। ମକରମେଳାରେ ମଧ୍ୟ ଗ୍ରାମଦେବତାଙ୍କ ପୀଠସ୍ଥଳ ନିକଟରେ ଉଭୟ ଯୁବକ ଓ ଯୁବତୀ ଭୋଜି ଭାତ ତଥା ପାନୀୟ ସେବନ ପୂର୍ବକ ନୃତ୍ୟ ଗୀତରେ ମାତିଥାଆନ୍ତି। କରମପୂଜାରେ ମଧ୍ୟ ଉଭୟ ପୁଅ ଓ ଝିଅ ଗୀତ ଗାଇ ଗାଇ ନୃତ୍ୟ କରିଥାଆନ୍ତି। ନୃତ୍ୟଗୀତ ସମୟରେ ସେମାନେ ସବୁକିଛିକୁ ଭୁଲି ଯାଇଥାଆନ୍ତି। ଶିକାର ଧରି ଫେରିବା ବେଳେ ମଧ୍ୟ ସେମାନେ ନାଚି ନାଚି ଗୀତ ବୋଲିଥାଆନ୍ତି। ଧାନ ବାଛିବା ସମୟରେ ମଧ୍ୟ ସେମାନେ ଗୀତ ବୋଲିଥାଆନ୍ତି। ଉଭୟ ପୁରୁଷ ଓ ମହିଳା ଧାନ ବିଲରେ ଶ୍ରାବଣ-ଭାଦ୍ରବ ମାସରେ ଗୀତ ବୋଲିଥାଆନ୍ତି। ସେଥି ମଧ୍ୟରୁ ଗୋଟିଏ ଛୋଟ ଗୀତ ହେଲା :-

"ବାରେ ବାରେ ମାନା କରି
ଡାଙ୍ଗାଜମି କରନାହିଁ
କାନ୍ଧେର୍ କଦାଇ୍ କାନ୍ଧେ ରଇଲା
ଜମିକେ ଜଇ୍ ଗେଇ୍ ନାଇ ।"

ଏହିଭଳି ଅନେକ ପ୍ରକାରର ଗୀତ ସେମାନେ ଗାନ କରିଥାଆନ୍ତି। ସେହିଭଳି ବିଭିନ୍ନ ପୂଜାରେ ମଧ୍ୟ ରାଜୁଆରମାନେ ଗୀତ ଗାଇ ଗାଇ ନୃତ୍ୟ କରିଥାଆନ୍ତି।

ଦଶ୍‌ରା ପୂଜା ସମୟରେ ସାତ ଦିଗରୁ ଦୁର୍ଗା ଦେବୀଙ୍କୁ ମଧ୍ୟ ଆହ୍ୱାନ କରାଯାଏ। ଏହି ସମୟରେ ବୋଲାଯାଉଥିବା ଗୀତଟି ହେଉଛି –

"ପୁରୁବାହିଁ ଆୟେ ଆୟେ ଗେ ମହାମାଏ
ଘରେ ଘରେ ମାଗେ ଘରବାସ ଗେ ମହାମାଏ
ପଣ୍ଡିମାହିଁ ଆୟେ ଆୟେ ଗେ ଦେବୀ ମାଏ
ଘରେ ଘରେ ମାଗେ ଘର ବାସ ଗୋ ଦେବୀ ମାଏ
ରାଖ ଧରତୀ ଆମାର୍ ।।"

କରମ ପୂଜାରେ ମଧ୍ୟ କରମ ଦେବତାଙ୍କ ଜାଗରଣ ଉତ୍ସବରେ ମାଦଲ ବଜାଇ ସମସ୍ତେ ଗୀତ ଗାଇ ଗାଇ ନୃତ୍ୟ କରିଥାଏ ।

"ଇଚି ଇଚି ଜାଓ୍ୱା
କିୟା କିୟା ଜାଓ୍ୱା
ଜାଗ୍‌ଲୋ ମାଁ ଧାନ୍ ଭଲାବହୁ
ଅହରେ ଧାନ୍ ଏକ୍ ପାତ୍‌ଲେ ଶଇପାଟ୍ ।।"

ଏହି ଗୀତକୁ ଗାଇ ଗାଇ ଜାଓ୍ୱା ଚତୁଃପାର୍ଶ୍ୱରେ ବୁଲିଥାଆନ୍ତି ।

ବିଭିନ୍ନ ମାପ :

ରାଜୁଆରମାନେ ମୁଖ୍ୟତଃ ଚାଷରୁ ଧାନ ଅମଳ କରିଥାଆନ୍ତି। ବିଭିନ୍ନ ଶସ୍ୟ ମାପିବା ତଥା ବୁଡା ବ୍ୟବସାୟରେ ଜିନିଷ ଅଦଳବଦଳ କରିବାରେ ବିଭିନ୍ନ ପ୍ରକାର ମାପ ଉପକରଣ ବ୍ୟବହାର କରିଥାଆନ୍ତି। ସାଧାରଣତଃ ଶସ୍ୟ ମାପିବା ପାଇଁ ଏମାନେ ତିନି ପ୍ରକାରର ଉପକରଣ ବ୍ୟବହାର କରିଥାଆନ୍ତି। ସେଗୁଡିକ ହେଲା କାଠା (କଠା), ଗୁହୁନୀ (ଗଉଣୀ) ଏବଂ ପଇଲା (ପିତ୍ତଳରେ ତିଆରି ଏକ ପ୍ରକାର ଗଉଣୀ / ମାଣ) ବିଭିନ୍ନ ପ୍ରକାରର କାଠା ସେମାନେ ବ୍ୟବହାର କରିଥାଆନ୍ତି । ସେଗୁଡିକ ମଧ୍ୟରେ କନା କାଠା, ଓଜନୀ କାଠା, ଆଧ୍ ସେରି କାଠା ଓ କିଲ୍ କାଠା। ସାଧାରଣତଃ ଧାନ, ବିରି, କୋଳଥ, ହରଡ, ବୁଡା ଇତ୍ୟାଦି ମାପିବା ବେଳେ ଏହି କାଠା ବ୍ୟବହାର କରାଯାଇଥାଏ। କନା କାଠାରେ ସାଧାଣତଃ ୨୫୦ ଗ୍ରାମ୍ ଓଜନର ଶସ୍ୟ ଧରୁଥିଲାବେଳେ ଓଜ୍‌ନୀ କାଠାରେ ୭୫୦ ଗ୍ରାମ୍, ଆଧ୍ ସେରି କାଠାରେ ୫୦୦ ଗ୍ରାମ୍ ଏବଂ କିଲ୍ କାଠାରେ ୧୦୦୦ ଗ୍ରାମ୍

ବା ୧ କିଲୋଗ୍ରାମ୍ ଶସ୍ୟ ଧରିଥାଏ। ଏହି କାଠଗୁଡିକ ସାଧାରଣତଃ ବାଉଁଶ କିମ୍ବା ବେତରେ ତିଆରି ହୋଇଥାଏ। ଉତ୍ତ ଦ୍ୱାରା ଏହା ତିଆରି କରାଯାଇଥାଏ। ବେଳେବେଳେ ନିଜେ ମଧ୍ୟ ରାଜୁଆରମାନେ ତିଆରି କରିଥାଆନ୍ତି। କାଠା ଭଳି ଏମାନେ ଗୁହୁନୀ (ଗଉଣୀର) ବ୍ୟବହାର କରିଥାଆନ୍ତି। ଏକ ଗୁହୁନୀ (ଗଉଣୀ)ରେ ୮ ସେର ଧାନ ବା ୫ କିଲୋଗ୍ରାମ୍ ଧାନ ଧରିଥାଏ। ଏକ ଗୁହୁନୀରେ ଚାଉଳ ୮ କିଲୋଗ୍ରାମ୍ ଧରିଥାଏ। ଧାନ ମାପିବା କ୍ଷେତ୍ରରେ ବିଶେଷତଃ ଏହା ବିଶେଷ ବ୍ୟବହାର ହୋଇଥାଏ। ଏହା ମଧ୍ୟ ବାଉଁଶରେ ଉତ୍ତ ଦ୍ୱାରା ତିଆରି କରାଯାଇଥାଏ। ସେହିଭଳି ପିତ୍ତଳରେ ତିଆରି 'ପଇଲା'କୁ ବିଭିନ୍ନ ଶସ୍ୟ ମାପିବାରେ ଏମାନେ ବ୍ୟବହାର କରିଥାଆନ୍ତି। ଏକ ପଇଲା କହିଲେ ୧ ସେର ବା ୧ କିଲୋଗ୍ରାମ୍ ବା କିଛି ପଇଲା ବୋଲି ଧରି ନିଆଯାଇଥାଏ। ଏହି ଭଳି ଭାବରେ ଶସ୍ୟ ମାପିବା ପାଇଁ ରାଜୁଆରମାନେ ବିଭିନ୍ନ ପ୍ରକାର ମାପ ଉପକରଣ ବ୍ୟବହାର କରିଥାଆନ୍ତି।

ରାଜୁଆରମାନେ ସାଧାରଣତଃ ତରଳ ପଦାର୍ଥ ମାପିବା ପାଇଁ 'ଚୁକା' ବ୍ୟବହାର କରିଥାଆନ୍ତି। ଚୁକା ସାଧାରଣତଃ ମାଟି ଦ୍ୱାରା ତିଆରି ହୋଇଥାଏ। କୁମ୍ଭାରଠାରୁ ଏହାକୁ କ୍ରୟ କରିଥାଆନ୍ତି ଏମାନେ। କୁସୁମ, ଟୋଲ, ନିମ୍ବ, କରଞ୍ଜ, ସୋରିଷ ତେଲ ଇତ୍ୟାଦି ତରଳ ପଦାର୍ଥ ମାପ କରିବା ପାଇଁ ଏହି 'ଚୁକା' ବ୍ୟବହାର କରାଯାଏ । ଓଜନ ବା ମାପ ଅନୁସାରେ ଭିନ୍ନ ଭିନ୍ନ ଚୁକା ବ୍ୟବହାର କରାଯାଏ। 'ଚୁକା' ମଧ୍ୟରେ ଏକ ସେରି ଚୁକା, ଆଧ୍ ସେରି ଚୁକା, ଏକ ପାଆ ଚୁକା । ଏକ ସେରି ଚୁକାରେ ସାଧାରଣତଃ ଷୋହଳ(୧୬) ଛଟାଙ୍କି ବା ୧ ଲିଟର ତରଳ ପଦାର୍ଥର ମାପ କରାଯାଉଥିବା ବେଳେ ଆଧ୍ ସେରି ଚୁକାରେ ଆଠ ଛଟାଙ୍କି ବା ୫୦୦ ମିଲି.ଲି. ଓ ୧ ପାଆ ଚୁକାରେ ୨୫୦ ମିଲି.ଲି. ତରଳ ପଦାର୍ଥ ଓଜନ /ମାପ କରାଯାଇପାରେ।

୧ ସେର = ୧୬ ଛଟାଙ୍କି = ୧ ଲିଟର

$^{୧}/_{୨}$ ସେର = ୮ ଛଟାଙ୍କି = ୫୦୦ ମିଲି.ଲି.

$^{୧}/_{୪}$ ସେର = ୪ ଛଟାଙ୍କି = ୨୫୦ ମିଲି.ଲି.

ଉପରୋକ୍ତ ବିଭିନ୍ନ ମାପର 'ଚୁକା' ବ୍ୟବହାର କରି ସେମାନେ ତରଳ ପଦାର୍ଥ ମାପ କରିଥାଆନ୍ତି।

ରାଜୁଆରମାନେ ସେତେବେଳେ ଦୂରତା ମାପିବା ପାଇଁ ବାଉଁଶବାଡିର ସହାୟତା ନେଉଥିଲେ। ଘରର ଲମ୍ବ ମାପିବା ବେଳେ ମଧ୍ୟ ବାଉଁଶବାଡି ବ୍ୟବହାର କରାଯାଇଥାଏ। ବାଡିଟି ଦୁଇ ଗଣ୍ଠି ବା ୧ ହାତର କରାଯାଇଥାଏ। ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନ ପର୍ଯ୍ୟନ୍ତ ମାପ କରିବା ପାଇଁ ହାତର ବାଉଁଶ ବାଡିକୁ ୫ ଭାଗ ଅର୍ଥାତ୍ ପାଞ୍ଚହାତର କରାଯାଇ ମାପକାର୍ଯ୍ୟ ଆରମ୍ଭ କରିଥାଆନ୍ତି। ମାପିବା କ୍ଷେତ୍ରରେ ଆଙ୍ଗୁଠି, ହାତ ଏବଂ ବାଉଁଶ ବାଡି ଇତ୍ୟାଦିର ବ୍ୟବହାର ହୋଇଥାଏ। ଏଥିପାଇଁ ଏକରୁ ଏକାଧିକ ଲୋକ ମଧ୍ୟ ସହାୟକ ହୋଇଥାଏ। ବର୍ତ୍ତମାନ ସେମାନେ ଦୂରତା ମାପିବା ପାଇଁ ଫୁଟ, ମିଟର ଇତ୍ୟାଦିର ମାପ ଜାଣିଛେଣି । ଶିକ୍ଷାର ପ୍ରସାର ଫଳରେ ସଚେତନ ହୋଇ ଆଧୁନିକ ମାପ ପଦ୍ଧତି ମଧ୍ୟ ପ୍ରୟୋଗ କରିବାକୁ ପଛାଉ ନାହାନ୍ତି।

ଉଚ୍ଚତା ମାପିବା ପାଇଁ ଏମାନେ ହାତ ଏବଂ ଦଉଡିର ସହାୟତା ନେଉଥିଛେ। ଘରର କାନ୍ଥ ମାପିବା ପାଇଁ ଦଉଡି କିମ୍ବା ବାଡିର ସହାୟତା ନେଉଥିବାର ପ୍ରମାଣ ମିଳେ। ସାଧାରଣତଃ ଘର ମଥାନର ଉଚ୍ଚତା ମାପିବା ପାଇଁ ବଡ ବାଉଁଶର ସାହାଯ୍ୟ ନିଆଯାଏ। ବାଉଁଶ ଉପଯୁକ୍ତ ଲମ୍ବକୁ ଦେଖି ମଥାନ ଖୁଣ୍ଟ ସଂଗ୍ରହ କରାଯାଏ ବା ଦଉଡି ସାହାଯ୍ୟରେ ଲମ୍ବ ମାପି ଖୁଣ୍ଟ ସଂଗ୍ରହ କରାଯାଇଥାଏ। ଉଚ୍ଚତା ମାପିବା କ୍ଷେତ୍ରରେ ଦୁଇ କିମ୍ବା ଚାରିଜଣ ଲୋକଙ୍କୁ ଡାକି ମାପ କାର୍ଯ୍ୟ କରିଥାଆନ୍ତି। ଏଥିପାଇଁ ପଡୋଶୀ ଲୋକମାନେ ସହଯୋଗ କରିଥାଆନ୍ତି।

ଧାରଣା :

ରାଜୁଆର ସମାଜରେ ଯିଏ ଅନ୍ୟମାନଙ୍କୁ ଭଲ ପାଇଥାଏ, ସମସ୍ତଙ୍କୁ ଆଦର କରିଥାଏ, ବିପଦ ଆପଦ ସମୟରେ ଅନ୍ୟମାନଙ୍କୁ ସହଯୋଗ କରିଥାଏ, ଦୟା କରିଥାଏ, ବିଭିନ୍ନ ସହାୟତା ପ୍ରଦାନ, ପରୋପକାର, ସହିଷ୍ଣୁତା, ଉଦ୍ଧାର, ନୀତିନିୟମ ମାନି ଚଳିବା ଇତ୍ୟାଦି ଗୁଣକୁ ଭଲ ବୋଲି ସେମାନେ ବିବେଚନା କରିଥାଆନ୍ତି। ଏହସବୁ ଗୁଣ ଯାହା ପାଖରେ ଥାଏ, ସେହି ଲୋକକୁ ସମସ୍ତେ ବେଶୀ ଭଲ ପାଇଥାଆନ୍ତି ଓ ଆଦର ମଧ୍ୟ କରିଥାଆନ୍ତି।

ଅନ୍ୟ ଉପରେ ରାଗିବା, ଅନ୍ୟକୁ ହିଂସା କରିବା, ଶତ୍ରୁତା ଆଚରଣ କରିବା, ଚୋରି କରିବା, ମଦପିଇ ଖରାପ ଭାଷା ପ୍ରୟୋଗ କରିବା, ଲୋଭ କରିବା, ଅଶ୍ଳୀଳ ଭାଷା ପ୍ରୟୋଗ, ପ୍ରତିଶୋଧ ପରାୟଣ ଇତ୍ୟାଦି ଗୁଣକୁ ସେମାନେ ମନ୍ଦ ବୋଲି କହିଥାଆନ୍ତି। ଏହି ମନ୍ଦଗୁଣ ଥିବା ଲୋକଙ୍କୁ କେହି ଆଦର କରି ନ ଥାଆନ୍ତି। ତା'ପରିବର୍ତ୍ତେ ଘୃଣା ମଧ୍ୟ କରିଥାଆନ୍ତି।

ରାଜୁଆରମାନେ ସାଧାରଣତଃ କେତେକ କାର୍ଯ୍ୟକୁ ପାପ ବୋଲି ବିବେଚନା କରିଥାଆନ୍ତି । ଅନ୍ୟ ଘରୁ ଧନ ସଂପତ୍ତି ଓ ପଶୁପକ୍ଷୀ ଇତ୍ୟାଦି ଚୋରି କରିବା, ଜୀବହତ୍ୟା (ନରହତ୍ୟା), ନିର୍ଦ୍ଦୋଷରେ ନିରୀହ ଲୋକଙ୍କୁ ଦଣ୍ଡ ପ୍ରଦାନ, ଅଗୋଚରରେ ଅନ୍ୟ ସହ ଦୈହିକ ସଂପର୍କ ରଖିବା, ସଦାସର୍ବଦା ଅନ୍ୟମାନଙ୍କର ଅନିଷ୍ଟ କରିବା, କୌଣସି କାରଣରୁ ସାନ ଭାଇର ସ୍ତ୍ରୀ ବଡଭାଇଙ୍କୁ ଛୁଇଁଥାଏ ଇତ୍ୟାଦି କାର୍ଯ୍ୟକୁ ଏମାନେ ପାପ ବୋଲି ଭାବିଥାଆନ୍ତି । ବିବାହ ପରେ ସ୍ୱାମୀ ଜଣକ ଅନ୍ୟ କାହା ସହିତ ପ୍ରେମ ସଂପର୍କ ରଖିଥାଏ, ଅନ୍ୟକୁ ହିଂସା କରିବା, କୌଣସି କାରଣରୁ ଯଦି ଜନ୍ମିତ ପୁତ୍ର ନିଜ ବାପା ମାଆଙ୍କୁ ଶାରୀରିକ କିମ୍ବା ମାନସିକ ଦଣ୍ଡ ଦେଇଥାଏ, ତେବେ ସେହି କାମକୁ ମଧ୍ୟ ସେମାନେ ପାପ ବୋଲି ବିବେଚନା କରିଥାଆନ୍ତି । ଯେଉଁ ବ୍ୟକ୍ତିଙ୍କ ପାଖରେ ଏହି ଗୁଣ ସବୁ ରହିଥାଏ, ସେହି ବ୍ୟକ୍ତିକୁ ଲୋକମାନେ ଘୃଣା କରିବା ସହିତ ତା' ପାଖରେ ମଧ୍ୟ କେହି ବସି ନ ଥାଆନ୍ତି ।

ରାଜୁଆରମାନେ ସାଧାରଣତଃ ଧଳା, ଲାଲ୍, ଧୂଷର,ହଳଦିଆ କମଳା ଆଦି ରଙ୍ଗର ବ୍ୟବହାର ଜାଣିଥାଆନ୍ତି । ପୁରୁଷମାନେ ଧଳାରଙ୍ଗର ଧୋତି ବ୍ୟବହାର କରୁଥିବା ବେଳେ ମହିଳାମାନେ ନାଲିଧଡି ଥିବା ଧଳାରଙ୍ଗର ଶାଢ଼ି ପରିଧାନ କରିଥାଆନ୍ତି । ବର୍ତ୍ତମାନ ମହିଳାମାନେ ବିଭିନ୍ନ ରଙ୍ଗର ଶାଢ଼ି ପରିଧାନ କରିବା ପରିଲକ୍ଷିତ ହୋଇଥାଏ । ବିଭିନ୍ନ ପର୍ବପର୍ବାଣିମାନଙ୍କରେ ଗ୍ରାମ ଦେବତାଙ୍କ ନିକଟରେ କଳା ତଥା ଲାଲରଙ୍ଗର ଛେଳି ବଳି ଦିଆଯାଇଥାଏ । ଚିତ୍ରିତ କୁକୁଡା, ଲାଲ୍, ଧଳା ଇତ୍ୟାଦି ରଙ୍ଗର କୁକୁଡା ମଧ୍ୟ ବଳି ଦିଆଯାଇଥାଏ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ସେମାନେ ପ୍ରାୟତଃ ସମସ୍ତ ରଙ୍ଗ ବିଷୟରେ ଜାଣିଥାଆନ୍ତି । ଘରର କାନ୍ଥରୁ ମଧ୍ୟ ଦୁଇଟି ରଙ୍ଗରେ ଲିପିଥାଆନ୍ତି । କାନ୍ଥର ତଳ ଅଂଶରୁ ଦୁଇ ଫୁଟ ପର୍ଯ୍ୟନ୍ତ ଲାଲ୍ ରଙ୍ଗରେ ଲିପା ଯାଉଥିଲା ବେଳେ କାନ୍ଥର ଅବଶିଷ୍ଟ ଉପର ଅଂଶ କେତେକ ଗୋଡିକୁ ଗୁଣ୍ଡ କରିଥାଆନ୍ତି । ସେଥିରେ ପାଣି ମିଶ୍ରଣ କରି ଲିପିଥାଆନ୍ତି । ସେହିଭଳି ଫକାଳିଆ ମାଟିରେ ମଧ୍ୟ ଲିପିଥାନ୍ତି ।

ଆକାଶରେ ସୂର୍ଯ୍ୟଙ୍କୁ ଲକ୍ଷ୍ୟକରି ରାଜୁଆରମାନେ ସମୟ ନିର୍ଦ୍ଧାରଣ କରିଥାଆନ୍ତି। ସୂର୍ଯ୍ୟଙ୍କ ଗତିବିଧି ଅନୁସାରେ ସୂର୍ଯ୍ୟ ଉଦୟ ହେବା ସମୟକୁ 'ବାସ୍ୟାମ୍', ସୂର୍ଯ୍ୟ ମୁଣ୍ଡ ଉପରେ ଥିଲେ 'ଦୁପର୍', ସୂର୍ଯ୍ୟ ମୁଣ୍ଡ ଉପରୁ ଟିକିଏ ଗଡିଗଲେ ସେ ସମୟକୁ 'ବେଳାହୁତା', ସୂର୍ଯ୍ୟ ବୁଡିଗଲେ 'ସାଂଜ୍', ଅନ୍ଧାର ମାଡି ଆସିଲେ ରାତିରେ ଭାତ

ଖାଇବା ସମୟକ ଭାତଖିଆ ରାତ, ରାତିର ଶେଷ ଭାଗକୁ ଖୁକ୍‌ଡିଡାକ୍ ବୋଲି ସେମାନେ କହିଥାଆନ୍ତି । ଯେଉଁ ରାତିରେ ଆକାଶରେ ଜହ୍ନ ଗୋଲ୍ ଭାବରେ ଦେଖାଯାଆନ୍ତି, ସେହି ଗୁଡିକୁ 'ପୁନେଇ' ଏବଂ ରାତ୍ରିରେ ଆକାଶରେ ଆଦୌ ଜହ୍ନ ଦେଖାଯାଏ ନାହିଁ, ତାକୁ ଅମାଦ୍ ବୋଲି କହନ୍ତି। ବେଳେବେଳେ ସମୟ ନିର୍ଦ୍ଧାରଣ କ୍ଷେତ୍ରରେ କେତେକ ଅସୁବିଧା ଉପୁଜିଥାଏ। ଆକାଶ ମେଘୁଆ, କୁହୁଡିଆ ହୋଇଥିଲେ ସମୟ ନିର୍ଦ୍ଧାରଣରେ ବ୍ୟାଘାତ ଘଟିଥାଏ। ସାଧାରଣତଃ ବର୍ଷାଋତୁରେ ବିଶେଷ ଭାବରେ ଏହିଭଳି ଅସୁବିଧା ହୋଇଥାଏ। ଏତଦ୍‌ବ୍ୟତୀତ ରାଜୁଆରମାନେ ସଂପ୍ରତି ଘଣ୍ଟାର ବ୍ୟବହାର ମଧ୍ୟ ଜାଣିଛେଣି। ଘଣ୍ଟା ବ୍ୟବହାର ଫଳରେ ସମୟ ଜାଣିବାରେ ସେମାନେ ସମର୍ଥ ହୋଇପାରିଛନ୍ତି।

ସୂର୍ଯ୍ୟ ଉଦୟଠାରୁ ଅସ୍ତ ପର୍ଯ୍ୟନ୍ତ ସମୟକୁ ସେମାନେ 'ଦିନ୍‌ବେଳା' ବୋଲି କହିଥାଆନ୍ତି। ସକାଳ ଆଠ ଘଣ୍ଟାଠାରୁ ନଅ ଘଣ୍ଟା ପର୍ଯ୍ୟନ୍ତ ସମୟକୁ ସେମାନେ 'ବାସ୍ୟାମ୍' ବୋଲି କହିଥାଆନ୍ତି। ଏହି ସମୟରେ ସାଧାରଣତଃ ଲୋକମାନେ ସକାଳ ଖାଇବା ଶେଷ କରି ବିଭିନ୍ନ କାର୍ଯ୍ୟକୁ ଯାଇଥାଆନ୍ତି। ସେହିପରି ଦଶ ଘଣ୍ଟା ଠାରୁ ବାର ଘଣ୍ଟା ପର୍ଯ୍ୟନ୍ତ ସମୟକୁ ଅଧାଦୁପର୍ , ବାର ଘଣ୍ଟା ସମୟକୁ ଦୁପର, ବାର ଘଣ୍ଟା ଠାରୁ ଅପରାହ୍ନ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ସମୟକୁ 'ବେଳାହୁଚା' ବା ଉପରଓଳି କୁହାଯାଏ। ଅପରାହ୍ନ ପାଞ୍ଚ ଘଣ୍ଟା ଠାରୁ ଛଅ ଘଣ୍ଟା ପର୍ଯ୍ୟନ୍ତ ସମୟକୁ ସାଂଜ୍ ବା ସନ୍ଧ୍ୟା ବୋଲି କୁହାଯାଏ। ସନ୍ଧ୍ୟା ଛଅ ଘଣ୍ଟା ଠାରୁ ରାତ୍ରି ଆଠଘଣ୍ଟା ପର୍ଯ୍ୟନ୍ତ ସମୟକୁ ଭାତ୍‌ଖିଆରାତ୍ ବୋଲି କହିଥାଆନ୍ତି। ଏହି ସମୟରେ ଲୋକମାନେ ସାଧାରଣତଃ ସେମାନଙ୍କର ରାତ୍ର ଭୋଜନ କରିଥାଆନ୍ତି। ରାତ୍ରି ବାର ଘଣ୍ଟା ସମୟକୁ 'ଅଧାରାତ୍' ବା ମଧ୍ୟରାତ୍ରି ବୋଲି କହନ୍ତି। ରାତ୍ରିର ଶେଷଭାଗ ଅର୍ଥାତ୍ ଚାରି ଘଣ୍ଟାରୁ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ସମୟକୁ ଖୁକ୍‌ଡି ଡାକ୍ ବୋଲି କହିଥାଆନ୍ତି। ଏହି ସମୟରେ କୁକୁଡାମାନେ ଡାକ ଛାଡିଥାଆନ୍ତି । ରାତ୍ରି ପାହିବାର ପ୍ରାକ୍ ସୂଚନା ମିଳିଥାଏ। ଦିବସ ସମୟକୁ ରାଜୁଆରମାନେ ଅଧିକ ଗୁରୁତ୍ୱ ଦେଇଥାଆନ୍ତି। ଦିବସ ସମୟରେ ସେମାନେ ଅକ୍ଲାନ୍ତ ପରିଶ୍ରମ କରି କିଛି ଅର୍ଥ ଉପାର୍ଜନ କରିବାରେ ସକ୍ଷମ ହୋଇଥାଆନ୍ତି । ଦିନ ଅପେକ୍ଷା ରାତ୍ରିକୁ ସେମାନେ ଅଧିକ ଗୁରୁତ୍ୱ ଦେଇ ନ ଥାଆନ୍ତି। କାରଣ ରାତ୍ରି ସମୟରେ ସେମାନେ କୌଣସି କାର୍ଯ୍ୟ କରିଥାଆନ୍ତି। ରାତ୍ର ସମୟରେ ଏମାନେ ପ୍ରାୟ ବିଶ୍ରାମ ନେଇଥାଆନ୍ତି। ସଂପୃକ୍ତ ଅଞ୍ଚଳରେ ରାତ୍ରି ସମୟରେ କେତେକ ଗ୍ରାମରେ ବିଜୁଳି ଆଲୁଅରେ ଆଲୋକିତ ହେଉଥିବାବେଳେ ଅଧିକାଂଶ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇନଥିବା ଜଣାଯାଏ।

ସାଧାରଣତଃ ଅନ୍ଧ, ଛୋଟା ଇତ୍ୟାଦି ଶାରୀରିକ ଅକ୍ଷମ ଲୋକମାନଙ୍କୁ ସାହାଯ୍ୟ କରିବା, ଦୁଃଖି ଦରିଦ୍ରଙ୍କୁ ସେବା କରିବା ତଥା ଭୋକିଲା ମୁହଁରେ ଅନ୍ନଦେବା, ସମସ୍ତଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା, ବଡମାନଙ୍କୁ ସମ୍ମାନ ଦେବା ଏବଂ ସାନମାନଙ୍କୁ ସ୍ନେହ ଓ ଆଦର କରିବା, ବିଭିନ୍ନ ସମୟରେ ଅନ୍ୟମାନଙ୍କୁ ସାହାଯ୍ୟ କରିବା, ସମସ୍ତଙ୍କୁ ଭଲ ପାଇବା, ଗରିବ ଲୋକମାନଙ୍କୁ ଦୟାଭାବ ପ୍ରଦର୍ଶନ କରିବା, ଦାନ କରିବା ଇତ୍ୟାଦି ଗୁଣକୁ ସେମାନେ ଉତ୍ତମ ଗୁଣ ବୋଲି ବିବେଚନା କରିଥାଆନ୍ତି । ଏହି ଗୁଣସଂପନ୍ନ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟକ୍ତି ବୋଲି ମଧ୍ୟ ସେମାନେ କହିଥାଆନ୍ତି ।

କେତେକ ବସ୍ତୁ, ଜୀବଜନ୍ତୁ ତଥା କେତେକ ଲକ୍ଷଣକୁ ଦେଖି କାର୍ଯ୍ୟ ସିଦ୍ଧି ହୋଇଥିଲେ ତାହା ଶୁଭ ବୋଲି ବିବେଚନା କରାଯାଏ । ବିବାହ କ୍ଷେତ୍ରରେ ବରଯାତ୍ରୀ ଦଳ ବାହାରିବା ସମୟରେ ଜଳପୂର୍ଣ୍ଣ କଳସୀ ଦେଖିଲେ, ଶବ ଦେଖିଲେ, ଶଙ୍ଖଚିଲା ଦେଖିଲେ, ସାପ ଦେଖିଲେ, ଟେଓଆ (ଜୟରାଜ ପକ୍ଷୀ), ଧଳାବସ୍ତ୍ର, ଦୁଇଟି କାପ୍ତା ପକ୍ଷୀ ଇତ୍ୟାଦି ଦେଖିଲେ ସେମାନେ ଶୁଭ ବୋଲି ବିବେଚନା କରିଥାଆନ୍ତି ।

ସେହିଭଳି କେତେକ କ୍ଷେତ୍ରରେ ବିଭିନ୍ନ ବସ୍ତୁ, ଜୀବଜନ୍ତୁ ଦେଖି କାର୍ଯ୍ୟ ବିଫଳ ହୋଇଥାଏ । ବିବାହ କ୍ଷେତ୍ରରେ ବରଘରୁ ବାହାରିବା ସମୟରେ ବିରାଡି ବାମ କଡରୁ ଦକ୍ଷିଣକୁ ଯାଉଥିବାର ଦେଖିଲେ, ରାସ୍ତାରେ ଥିବା ଗଛରୁ ଡାଳ ଭାଙ୍ଗିଗଲେ, ରାସ୍ତାରେ ଗୋଟିଏ ଶିଆଳ ଦେଖିଲେ, ପେଚା ଦେଖିଲେ, ମଇଳା ଲୁଗାଧରି ଧୋବା ଘାଟକୁ ଯାଉଥିବାର ଦେଖିଲେ, ଶୂନ୍ୟ କଳସୀ ଦେଖିଲେ, ବିଧବା ନାରୀର ମୁଖ ଦର୍ଶନ କଲେ, ପେଚା, ଶାଗୁଣା ଇତ୍ୟାଦି ଚାଳରେ ବସିଥିବାର ଦେଖିଲେ, ଚିଲ ଏବଂ ଗୋଟିଏ ଚିଲକୁ ଦେଖିଲେ ମଧ୍ୟ ଅଶୁଭ ବୋଲି ସେମାନେ ବିବେଚନା କରିଥାଆନ୍ତି ।

ଧନସଂପତ୍ତିର ଅଧିକାରୀ ହୋଇ ଯଦି ବିପଦ ଆପଦରେ ଅନ୍ୟମାନଙ୍କୁ ସାହାଯ୍ୟ କରି ନ ଥାଏ, କୌଣସି ଧର୍ମକାର୍ଯ୍ୟ ଅର୍ଥାତ୍ ଠାକୁର ଠାକୁରାଣୀ ମନ୍ଦିର ନିର୍ମାଣାର୍ଥେ ଦାନ କରିବାକୁ କୁଣ୍ଠାବୋଧ ପ୍ରକାଶ କରିଥାଏ, ନିଜ ଦୁଆରରୁ ଯୋଗୀ ତଥା ଭିକାରୀମାନଙ୍କୁ ଦାନ ନ ଦେଇ ଫେରାଇ ଦେଉଥିବା ଲୋକକୁ କୃପର ବୋଲି ଲୋକମାନେ କହିଥାଆନ୍ତି । ଏହି କୃପଣ ଲୋକକୁ କୌଣସି ଲୋକ ଭଲପାଇ ନ ଥାଆନ୍ତି । ଏହି ଲୋକଙ୍କର କୌଣସି କାର୍ଯ୍ୟରେ କେହି ସହଜରେ ସହଯୋଗ କରି ନ ଥାଆନ୍ତି । ଗ୍ରାମର କୌଣସି ପର୍ବପର୍ବାଣି ପାଇଁ ସହଜରେ ଚାନ୍ଦା ମଧ୍ୟ ଦେଇ ନ ଥାଆନ୍ତି । ସ୍ତ୍ରୀଚରିତ୍ରରେ ଏହିଭଳି ଲୋକ ନିନ୍ଦାର ପାତ୍ର ହୋଇଥାଏ ।

ଗ୍ରାମରେ ଠାକୁର ଓ ଠାକୁରାଣୀଙ୍କ ବିଭିନ୍ନ ପୂଜାରେ ବିନା ଦ୍ୱିଧାରେ ଯେ ଅର୍ଥ ଦାନ କରିଥାଆନ୍ତି କିମ୍ବା ଲୋକମାନଙ୍କୁ ଅନ୍ନଦାନ କରିଥାଆନ୍ତି। କୌଣସି ଅସହାୟ, ନିଃସହାୟ ତଥା ଶାରୀରିକ ଅକ୍ଷମ ବ୍ୟକ୍ତି, ଦୁଃଖୀ, ଦରିଦ୍ର, ଭିକାରୀ ଲୋକମାନଙ୍କୁ ସେ ଦାନ ଦେଇଥାଏ ଏବଂ ଖାଇବାକୁ ଦେଇଥାଏ, ସେହି ବ୍ୟକ୍ତିକୁ ଧର୍ମପରାୟଣ ବୋଲି କହିଥାଏ। ଏହି ଗୁଣସଂପନ୍ନ ବ୍ୟକ୍ତିଙ୍କୁ ସମସ୍ତେ ସମ୍ମାନ ପ୍ରଦର୍ଶନ କରିଥାଆନ୍ତି, ଭଲ ପାଇଥାଆନ୍ତି ଏବଂ ପ୍ରଶଂସା ମଧ୍ୟ କରିଥାଆନ୍ତି। ଏହି ଲୋକ ସର୍ବସଜ୍ଜାଦୃତ ଏବଂ ସର୍ବଜନ ପ୍ରଶଂସିତ ହୋଇଥାଆନ୍ତି।

ରାଜୁଆରମାନେ ମହିଳାମାନଙ୍କ କ୍ଷେତ୍ରରେ ଉତ୍ତମ ସ୍ୱାସ୍ଥ୍ୟଯୁକ୍ତ ଶରୀରର ରଙ୍ଗ ଯାହା ହେଉନା କାହିଁକି ମୁଖମଣ୍ଡଳର ଗଠନ ଭଲ ହୋଇଥିବା ଦରକାର, ହସ ହସ ବଦନ ହୋଇଥିବା ଦରକାର। ସୌନ୍ଦର୍ଯ୍ୟ ବ୍ୟତୀତ ମହିଳା (ସ୍ତ୍ରୀ)ମାନଙ୍କ ମଧ୍ୟରେ ଉତ୍ତମଗୁଣ ଥିବା ଦରକାର। ସମସ୍ତଙ୍କ ମୁହଁ ହସ ଫୁଟାଇ ପାରୁଥିବ, ସମସ୍ତଙ୍କୁ ସ୍ନେହ ଆଦରରେ ବାନ୍ଧି ରଖିବାର ସକ୍ଷମ ହୋଇଥିବା ଏବଂ ପରିବାରର ସୁଖ ଓ ଦୁଃଖରେ ଚାଳ ଦେଇ ଚାଲିବାରେ ସମର୍ଥ ହୋଇପାରିବା ଉପରେ ଅଧିକ ଗୁରୁତ୍ୱ ଦେଇଥାଆନ୍ତି। ବିଭିନ୍ନ ଅଳଙ୍କାର ପରିଧାନ କରି ସୁନ୍ଦର ଦେଖାଯିବା ଅପେକ୍ଷା ସମସ୍ତଙ୍କୁ ଉତ୍ତମ ବ୍ୟବହାର ତଥା ଗୁଣରେ ସମସ୍ତଙ୍କୁ ଆପଣାର କରିପାରିଲେ ସୌନ୍ଦର୍ଯ୍ୟ ବୃଦ୍ଧି ହୋଇଥାଏ। ଶାରୀରିକ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପ୍ରତ୍ୟେକ ଯୁବତୀ ନିଜକୁ ବିଭିନ୍ନ ଢଙ୍ଗରେ ସଜ୍ଜିତ କରିଥାଆନ୍ତି। ମୁଣ୍ଡ ଚୁଟିରେ ସୌନ୍ଦର୍ଯ୍ୟ ବୃଦ୍ଧିପାଇଁ ସେମାନେ ସିଠାଫଳରେ ମୁଣ୍ଡ ସଫା କରିଥାଆନ୍ତି। ମୁଖ ତଥା ଶରୀରରୁ ସୌନ୍ଦର୍ଯ୍ୟ ରକ୍ଷା କରିବାକୁ ଯାଇ ଯୁବତୀମାନେ ବଟାହଳଦୀକୁ ମାଖି ହୋଇଥାଆନ୍ତି। ବର୍ତ୍ତମାନ ବଜାରରେ ମିଳୁଥିବା ବିଭିନ୍ନ ପ୍ରସାଧନ ସାମଗ୍ରୀ କ୍ରୟ କରି ବ୍ୟବହାର କରୁଥିବାର ଅନୁମାନ କରାଯାଏ। ରଙ୍ଗ ବେରଙ୍ଗର ବିଭିନ୍ନ ଶାଢ଼ି, ସାୟା, ବ୍ଲାଉଜ୍ ଇତ୍ୟାଦି ପରିଧାନ କରିଥାଆନ୍ତି। ବିଭିନ୍ନ ଅଳଙ୍କାର ପରିଧାନ କରିଥାଆନ୍ତି। ପ୍ରତ୍ୟେକ ଅବସ୍ଥାରେ ନିଜ ସୁନ୍ଦରତା ପ୍ରତି ଦୃଷ୍ଟି ଦେଇଥାଆନ୍ତି। ଫଳରେ କର୍ମରୁ ଫେରିଲା ପରେ ମଧ୍ୟ ନିଜକୁ ସଜାଇଥାଆନ୍ତି।

ସାଧାରଣତଃ ଶାରୀରିକ ସୁନ୍ଦରତା ଉପରେ ପୁରୁଷକୁ ବିଶେଷ ଗୁରୁତ୍ୱ ଦିଆଯାଇ ନ ଥାଏ। ତଥାପି ବର୍ତ୍ତମାନ ପୁରୁଷମାନେ ଶରୀରରସୌନ୍ଦର୍ଯ୍ୟ ପାଇଁ ଅତ୍ୟାଧୁନିକ ପ୍ୟାଣ୍ଟ୍ ସାର୍ଟ ତଥା ଚଷମା ଇତ୍ୟାଦି ବ୍ୟବହାର କରୁଛନ୍ତି। ପୁଅମାନେ ମଧ୍ୟ ମୁଖର ସୌନ୍ଦର୍ଯ୍ୟ ପାଇଁ ପ୍ରସାଧାନ ସମାଗ୍ରୀ ବ୍ୟବହାର କରିଥାଆନ୍ତି। ଏତଦ୍‌ବ୍ୟତୀତ ପୁରୁଷ ସାଧାରଣତଃ

ସୁସ୍ଥ ସବଳ ହେବା ସଙ୍ଗେ ସଙ୍ଗେ କାର୍ଯ୍ୟ କରିବା ପାଇଁ ଅଗ୍ରସର ହେଉଥିବା ଦରକାର। ଏଥି ସହ ମେଳାପି ହୃଦୟର ହୋଇଥିବା ଆବଶ୍ୟକ। ବଡମାନଙ୍କୁ ସମ୍ମାନ ଦେବା ସଙ୍ଗେ ସଙ୍ଗେ ସାନମାନଙ୍କୁ ସ୍ନେହାଦର କରିବା ଉଚିତ୍ ବୋଲି ସେମାନଙ୍କର ମତ।

ଚରିତ୍ର କହିଲେ କେତେକ ଭଲ ତଥା ମନ୍ଦ ଗୁଣକୁ ଏମାନେ ବୁଝିଥାଆନ୍ତି। ବଡଲୋକଙ୍କୁ ସମ୍ମାନ ଦେବା ତଥା ସେମାନଙ୍କ କଥା ମାନିବା ସଙ୍ଗେ ସଙ୍ଗେ ସାନମାନଙ୍କୁ ସ୍ନେହ, ଶ୍ରଦ୍ଧା ତଥା ଆଦର କରିବା, ସମସ୍ତଙ୍କୁ ଭଲ ପାଇବା, ସହାସ୍ୟ ବଦନରେ ଆବଶ୍ୟକ ଅନୁସାରେ ଅନ୍ୟମାନଙ୍କୁ ସାହାଯ୍ୟ କରିବା, ଦୁଃଖି ଦରିଦ୍ରମାନଙ୍କୁ ଦାନ କରିବା, ବିପଦ ଓ ଆପଦରେ ଯଥୋଚିତ ସହାୟକ ପ୍ରଦାନ, ସର୍ବଦା ସତ ବାଟରେ ଚାଲିବା, ଅନ୍ଧକୁ ବାଟ କଢ଼ାଇଦେବା, ଗ୍ରାମ ଦେବଦେବୀମାନଙ୍କଠାରେ ଗଭୀର ଭକ୍ତି, ଅଭାବ ଅସୁବିଧା ସମୟରେ ଲୋକଙ୍କ ନିକଟରେ ଦଣ୍ଡାୟମାନ ହେବା ଇତ୍ୟାଦି ଗୁଣଥିବା ଲୋକମାନଙ୍କୁ ଉତ୍ତମ ବା ସୁଚରିତ୍ରସଂପନ୍ନ ବ୍ୟକ୍ତି ବୋଲି ବିବେଚନା କରିଥାଆନ୍ତି। ଏମାନଙ୍କୁ ମଧ୍ୟ ଶିଷ୍ଟ ଚରିତ୍ରର ଲୋକ ବୋଲି କହିଥାଆନ୍ତି।

ଅପରପକ୍ଷରେ ପରର ସଦାସର୍ବଦା ଅନିଷ୍ଟ ସାଧନ କରିବା, ଅନ୍ୟକୁ ହିଂସା କରିବା, ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ଖଟ୍ଟୁଚା ଆଚରଣ କରିବା, ନିରୀହ ତଥା ଗରିବମାନଙ୍କୁ ପ୍ରହାର କରିବା, ଅଯଥାରେ ଗଣ୍ଡଗୋଳ ସୃଷ୍ଟି କରିବା, ଗୋପନରେ ଅନ୍ୟ ସହିତ ଖରାପ ସଂପର୍କ ରଖିବା, ଜଣକୁ ଅବାଟରେ ବା କୁ ମାର୍ଗରେ ପରିଚାଳିତ କରିବା, ହଠାତ୍ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା, ବଡଲୋକମାନଙ୍କୁ ଅବମାନନା କରିବା, ସର୍ବଦା କୁପ୍ରବୃତ୍ତିରେ ପରିଚାଳିତ ହେଉଥିବା ଲୋକମାନଙ୍କୁ ଖରାପ ଚରିତ୍ରର ଲୋକବୋଲି ରାଜୁଆର ଲୋକମାନେ ବିବେଚନା କରିଥାଆନ୍ତି। ଏହି ଗୁଣ ସଂପନ୍ନ ବ୍ୟକ୍ତିମାନଙ୍କୁ ଅନ୍ୟମାନେ ଘୃଣା ଚକ୍ଷୁରେ ଦେଖିଥାଆନ୍ତି। ଏମାନଙ୍କ ଠାରେ ଅନ୍ୟ ବ୍ୟକ୍ତିମାନେ କୌଣସି ସଂପର୍କ ରଖି ନ ଥାଆନ୍ତି। ସର୍ବଦା ଏହି ଖଳ ପ୍ରକୃତିର ଲୋକମାନଙ୍କୁ ସମାଜରେ ହତାଦର ଏବଂ ଅନାଦର ମଧ୍ୟ କରିଥାଆନ୍ତି। ଏହି ବ୍ୟକ୍ତି ସଦାସର୍ବଦା ନିନ୍ଦାର ପାତ୍ର ହୋଇଥାଏ। ଏମାନଙ୍କୁ ମଧ୍ୟ ଦୁଷ୍ଟ ଚରିତ୍ରର ଲୋକ ବୋଲି କହିଥାଆନ୍ତି।

ସାଧାରଣତଃ ରାଜୁଆରସମାଜରେ ଯେଉଁ ଲୋକର ଅଧିକ ଚାଷ ଉପଯୋଗୀ ଜମିଥାଏ ତାହାକୁ ଧନୀ ବୋଲି କହିଥାଆନ୍ତି। ଅନ୍ୟମାନଙ୍କର ଗୃହ ଅପେକ୍ଷା ଯାହାର ଏକାଧିକ ପ୍ରକୋଷ୍ଠ ବିଶିଷ୍ଟ ଗୃହ ରହିଥାଏ, ଗାଈଗୋରୁ, ଛେଳି, ମେଣ୍ଢା ଇତ୍ୟାଦିଙ୍କ

ସଂଖ୍ୟା ଅଧିକ ଥିଲେ, ଦରକାରବେଳେ ଲୋକମାନଙ୍କୁ ଆର୍ଥିକ ସାହାଯ୍ୟ ତଥା ଋଣ ଆକାର ଅର୍ଥ ଯୋଗାଉଥିଲେ ତାକୁ ଧନୀ ବୋଲି ବିବେଚନା କରିଥାଆନ୍ତି। ଧନୀଲୋକଙ୍କୁ ରାଜୁଆର ସମାଜରେ ଟିକିଏ ଅଧିକ ସମ୍ମାନ ମିଳିଥାଏ। ସେମାନଙ୍କ କଥା ମଧ୍ୟ ଲୋକମାନେ ମାନିଥାଆନ୍ତି। ଖାଦ୍ୟର ଅଭାବ ଦେଖାଦେଲେ ଧନୀଲୋକେ ମଧ୍ୟ ଲୋକମାନଙ୍କୁ ଶସ୍ୟ ଯୋଗାଇ ପାରୁଥିଲେ। ଆବଶ୍ୟକ ସ୍ଥଳେ ଅନ୍ନ ମଧ୍ୟ ବିତରଣ କରୁଥିଲେ। ଏହିଭଳି ଧନୀଲୋକମାନଙ୍କୁ ସମସ୍ତେ ଆଦର କରିଥାଆନ୍ତି। ଲୋକମାନେ ମଧ୍ୟ ସେହି ଧନୀ ଲୋକଙ୍କର ବିବିଧ କାର୍ଯ୍ୟରେ ସହାୟକ ହୋଇଥାଆନ୍ତି।

ଅନ୍ୟ ପକ୍ଷରେ ଯେଉଁ ଲୋକର ଆଦୌ ଜମି ନ ଥିବ, ଦିବସ ମଧ୍ୟରେ ପେଟପୂରା ଦୁଇଓଳି ଖାଇବାକୁ ନ ଥିବ, ପିନ୍ଧିବା ପାଇଁ ଭଲରେ ବସନ ନ ଥିବ, ସେହି ଲୋକମାନଙ୍କୁ ଗରିବ ଲୋକ କହିଥାଆନ୍ତି। ସବୁବେଳେ ଅନ୍ୟର ଦ୍ୱାରସ୍ଥ ହୋଇଥାଏ। ଦୈନନ୍ଦିନ ମଜୁରୀ କରି ଦୁଃଖ କଷ୍ଟରେ ଚଳୁଥିବା ଲୋକ, ପରିବାର ଭରଣ ପୋଷଣ ପାଇଁ ଅକ୍ଷମତା ପ୍ରକାଶ କରୁଥିବା, କୌଣସି ସାଂଘାତିକ ରୋଗରେ ପୀଡିତ ଥିଲେ ଔଷଧ କ୍ରୟ କରିବାକୁ ଅକ୍ଷମ ଥିବା ବ୍ୟକ୍ତିମାନଙ୍କୁ ଗରିବ ଲୋକ ବୋଲି ରାଜୁଆରମାନେ ବିବେଚନା କରିଥାଆନ୍ତି। ଗରିବ ଲୋକମାନଙ୍କୁ ପ୍ରାୟତଃ ଅନ୍ୟମାନେ ଅଧିକ ପସନ୍ଦ କରି ନ ଥାଆନ୍ତି। ଗରିବ ଲୋକମାନଙ୍କର ସ୍ଥାନ ସମାଜରେ ଟିକିଏ ନୀଚରେ ଥାଏ ବୋଲି ସେମାନେ ମତ ଦେଇଥାନ୍ତି।

ରାଜୁଆର ସମାଜରେ ଯେଉଁ ଲୋକ ବିଭିନ୍ନ ଗଣ୍ଡଗୋଳର ସହଜ ସମାଧାନ କରିପାରନ୍ତି, ଯିଏ ଉପଯୁକ୍ତ ନ୍ୟାୟ ପ୍ରଦାନ କରି ପାରନ୍ତି, ଗ୍ରାମ ବିଚାରରେ ତାଙ୍କର ସ୍ଥାନ ସ୍ୱତନ୍ତ୍ର ଥାଏ, ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିଥାଆନ୍ତି, ଲୋକମାନେ ଯାହାଙ୍କୁ ମାନିଥାଆନ୍ତି, ସମସ୍ତ ଲୋକଙ୍କର ଭଲମନ୍ଦ ବୁଝିପାରେ ଏବଂ ବୁଝାଇପାରେ, ବିପଦ ଆପଦରେ ଲୋକମାନଙ୍କୁ ଆବଶ୍ୟକ ସହାୟକ ପ୍ରଦାନ କରୁଥିବା ଲୋକମାନଙ୍କୁ ମାନଗନ୍ୟ ବ୍ୟକ୍ତି ବୋଲି ବିବେଚନା କରାଯାଇଥାଏ। ସାଧାରଣତଃ ମାନ୍ୟଗନ୍ୟବ୍ୟକ୍ତି ସର୍ବ ସମ୍ମାନିତ ଏବଂ ସର୍ବଜନ ପ୍ରଶଂସିତ ହୋଇଥାଆନ୍ତି।

ଯେଉଁ ବ୍ୟକ୍ତି ଗରିବର ଦୁଃଖ ବୁଝି ପାରୁଥାଏ, ଭୋକିଲା ମୁହଁରେ ମୁଠିଏ ଅନ୍ନ ଦେଇଥାଏ, ବିପଦ ଆପଦ ସମୟରେ ଯିଏ ଅନ୍ୟ ଦୁଆରେ ଠିଆ ହୋଇଥାଏ, ଅନ୍ୟଲୋକଙ୍କର ଦେହ ଅସୁସ୍ଥ ସମୟରେ ଯିଏ ଡାକ୍ତରଖାନାକୁ ନେଇ ସହାୟକ ପ୍ରଦାନ

କରିଥାଏ, ଆବଶ୍ୟକ ସ୍ଥଳେ ଔଷଧ ଯୋଗାଇଥାଏ, ଦୁଃଖି ଦରିଦ୍ରଙ୍କ ଆଖିରୁ ଲୁହ ପୋଛିବାରେ ସହାୟକ ହୋଇଥାଏ, କୌଣସି ଯୋଗୀ ଓ ଭିକାରୀ ଘରକୁ ଆସିଲେ ମନ ଖୁସିରେ ସେମାନଙ୍କ ଥାଳ ଯିଏ ପୂର୍ଣ୍ଣ କରିଥାଏ, ନିଜର ସକ୍ଷମ ଅନୁସାରେ ଦାନ କରିଥାଏ, ସେହି ବ୍ୟକ୍ତିକୁ ସାଧାରଣତଃ ଦୟାଳୁ ବୋଲି ରାଜୁଆରମାନେ ବିବେଚନା କରିଥାଆନ୍ତି । ଦୟାଳୁ ଲୋକକୁ ସମସ୍ତେ ଭଲ ପାଆନ୍ତି । ଦୟାଳୁ ଲୋକଙ୍କୁ ସବୁଲୋକ ସମ୍ମାନ ପ୍ରଦର୍ଶନ କରିଥାଆନ୍ତି । ସେ ସଦା ସର୍ବଦା ପ୍ରଶଂସାର ପାତ୍ର ହୋଇଥାଏ । ଲୋକମାନେ ଦୟାଳୁ ବ୍ୟକ୍ତିଙ୍କୁ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିବା ପାଇଁ ଅଗ୍ରସର ହୋଇଥାଆନ୍ତି ।

ସାଧାରଣତଃ ରାଜୁଆରମାନେ ଅଧିକାଂଶ ସହନଶୀଳ । କାହାରି କୌଣସି କଥାରେ ସହଜରେ ସେମାନେ ରାଗନ୍ତି ନାହିଁ । ଅନେକ କଥାକୁ ନିଜ ହୃଦୟରେ ସହିଯାଆନ୍ତି । କାହାରି କଥାରେ ମଧ୍ୟ ରାଗ ଅଭିମାନ କରି ନ ଥାଆନ୍ତି । ସହନଶୀଳତା ଗୁଣଥିବା ବ୍ୟକ୍ତିମାନେ ସହଜରେ ଗଣ୍ଡଗୋଳ କରିବାକୁ ପସନ୍ଦ କରନ୍ତି ନାହିଁ। ଗଣ୍ଡଗୋଳକୁ ମଧ୍ୟ ପ୍ରଶ୍ରୟ ଦେଇ ନ ଥାଆନ୍ତି। ଧୈର୍ଯ୍ୟର ସହିତ ବିପଦକୁ ସମ୍ମୁଖୀନ ହୋଇଥାଆନ୍ତି। ଧୈର୍ଯ୍ୟ ସହକାରେ ସବୁ ସମସ୍ୟାର ସମାଧାନର ପନ୍ଥା ଖୋଜି ବାହାର କରିବାରେ ସମର୍ଥ ହୋଇଥାଆନ୍ତି। ସହନଶୀଳ ବ୍ୟକ୍ତିର ମନ ସର୍ବଦା ଶାନ୍ତ ଏବଂ ସ୍ଥିର ରହିଥାଏ। ଅନ୍ୟର କଥାକୁ ଗ୍ରହଣ କରିଥାଏ, ବୁଝିଥାଏ ଏବଂ ଉପଯୁକ୍ତ ବୁଦ୍ଧି ମଧ୍ୟ ବତାଇ ଦେଇଥାଏ। ଏହିଭଳି ଗୁଣ ଯେଉଁ ବ୍ୟକ୍ତିଙ୍କ ନିକଟରେ ରହିଥାଏ, ସେହି ବ୍ୟକ୍ତିଙ୍କୁ ଲୋକମାନେ ସଦା ଆଦର ତଥା ସମ୍ମାନ ପ୍ରଦର୍ଶନ କରିଥାଆନ୍ତି। ସମାଜରେ ସେ ସର୍ବଦା ପ୍ରଶଂସାର ପାତ୍ର ହୋଇଥାଆନ୍ତି।

ରାଜୁଆରମାନେ ଅନ୍ୟ ଅଣ-ଆଦିବାସୀମାନଙ୍କ ଭଳି ସଭ୍ୟ ସମାଜର ସ୍ୱାଦ ଚାଖିଲେଣି। ବିଭିନ୍ନ ଦିଗରେ ସେମାନଙ୍କର କିଛି ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। କେତେକ ଏକ ଜିଦିଆ ଲୋକ ଭୁଲ୍ ଓ ଠିକ୍‌କୁ ବିଚାର ନ କରି କେବଳ ଭୁଲ୍‌କୁ ଧରିବସି ଯୁକ୍ତି ବାଢ଼ିଥାଏ। ବାହାରର କୌଣସି ନୀତି ନିୟମକୁ ଏମାନେ ସହଜରେ ଗ୍ରହଣ କରି ନ ଥାଏ। ଏହାର ଯଥାଯଥତା ବା ସଠିକତାକୁ ଲକ୍ଷ୍ୟକରି ଗ୍ରହଣ କରିଥାଆନ୍ତି। ରାଜୁଆରମାନେ ଟିକିଏ ଉନ୍ନତ ହୋଇଥିବାର କେତେକ ଯୁକ୍ତିଯୁକ୍ତତା ଦର୍ଶାଇ ତା'ର ସମାଧାନ ଦିଗରେ ପଥ ଉନ୍ମୁକ୍ତ କରିଥାଆନ୍ତି। ବିଚାର କ୍ଷେତ୍ରରେ ଉପଯୁକ୍ତ ନ୍ୟାୟ ପାଇବା ପାଇଁ ବିଚାର କରାଯାଉଥିବା ସମୟରେ ଯୁକ୍ତିଯୁକ୍ତତା ଦର୍ଶାଇ ଥାଆନ୍ତି।

କୌଣସି ଘଟଣାର ସତ୍ୟାସତ୍ୟତା ଜାଣିବା ପାଇଁ ଲୋକମାନେ ବିଭିନ୍ନ ଯୁକ୍ତି କରିଥାଏ। ସଦାସର୍ବଦା ଏହି ସଂପ୍ରଦାୟର ଲୋକେ ସତ୍ୟ ଉପରେ ବିଶ୍ୱାସ କରିଥାଆନ୍ତି। ଯେଉଁ ଲୋକମାନେ ସତ୍ୟକୁ ଆଶ୍ରୟ କରି ଲୋକମାନଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ଯୁକ୍ତିଯୁକ୍ତ ମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସହାୟକ ହୋଇଥାଆନ୍ତି ସେହି ଲୋକଙ୍କୁ ସମସ୍ତେ ଭଲ ପାଇଥାଆନ୍ତି। ସେ ସମସ୍ତଙ୍କ ପାଖରେ ଆଦରଣୀୟ ହୋଇଥାଏ।

ସାଧାରଣତଃ ରାଜୁଆରମାନେ କଳିଝଗଡା କରିବାକୁ ପସନ୍ଦ କରନ୍ତି ନାହିଁ। କେତେକ କ୍ଷେତ୍ରରେ ମଧ୍ୟ ଏହି ନିୟମ ବ୍ୟତିକ୍ରମ ହୋଇଥାଏ। ତାସ୍ କିମ୍ବା ପାଶାଖେଳରେ ସାମାନ୍ୟ କଥାରେ ପରସ୍ପର ଅଶ୍ଳୀଳ ଭାଷା ପ୍ରୟୋଗ କରିଥାଆନ୍ତି। ଏହି ଅଶ୍ଳୀଳ ଭାଷା ପ୍ରୟୋଗକୁ କେନ୍ଦ୍ରକରି ଉଭୟବ୍ୟକ୍ତିଙ୍କ ମଧ୍ୟରେ ମାଡ୍‌ପିଟ୍ ମଧ୍ୟ ହୋଇଥାଏ। ଝଗଡା ମଧ୍ୟ ବଡ ଆକାରରେ ହୋଇଥାଏ। ଶେଷରେ ଥାନା, କୋର୍ଟ କଚେରୀକୁ ଯିବାପାଇଁ ପଛାଇ ନ ଥାଆନ୍ତି। ପୂର୍ବରାଗକୁ କେନ୍ଦ୍ରକରି ବ୍ୟକ୍ତିକୁ ପାଖକୁ ଡାକିଆଣି କଥା କଥାକେ ମଧ୍ୟ ମାଡ୍‌ପିଟ୍ ହୋଇଥାଏ। ବେଳେବେଳେ ଠେଙ୍ଗାରେ ମଧ୍ୟ ସହାୟତା ନେବାକୁ ପଡିଥାଏ। ପରିବାର ପରିବାର ମଧ୍ୟରେ ଛୋଟ ଛୋଟ କଥାକୁ କେନ୍ଦ୍ରକରି ମଧ୍ୟ ଝଗଡା ଲାଗିଥାଆନ୍ତି। ସେହି ସ୍ତ୍ରୀମାନଙ୍କ ମଧ୍ୟରେ ଝଗଡା ଆସ୍ତେ ଆସ୍ତେ ପୁରୁଷ ମଧ୍ୟରେ ସଂଗଠିତ ହୋଇ କଳିଝଗଡା ବୃଦ୍ଧି ହୋଇଥାଏ। କୌଣସି କଥାକୁ ନ ବୁଝି ସ୍ତ୍ରୀମାନଙ୍କ କଥାରେ ମଧ୍ୟ ଉଭୟ ପୁରୁଷଙ୍କ ମଧ୍ୟରେ ଗାଳିଗୁଲଜ ହେବା ସଙ୍ଗେ ସଙ୍ଗେ ହାତ ଏବଂ ବାଡିଦ୍ୱାରା ମଧ୍ୟ ମାଡପିଟ୍ ହୋଇଥାଏ। ସେହିଭଳି ଅତ୍ୟଧିକ ମଦ୍ୟପାନ କରିଥିବା ବ୍ୟକ୍ତି ମଧ୍ୟ କେତେକାଂଶରେ ଅଯଥାରେ ଝଗଡା ଲଗାଇଥାଏ। ମଦ ନିଶା ମଣିଷକୁ ହିଂସ୍ର କରିଥାଏ। ଫଳରେ ଶେଷରେ ସେ ଝଗଡା କରିଥାଏ। ବେଳେ ବେଳେ ପରିବାର ମଧ୍ୟରେ ସ୍ୱାମୀ-ସ୍ତ୍ରୀ ଏବଂ ଶାଶୂ-ବୋହୂଙ୍କ ମଧ୍ୟରେ ସମାନ୍ୟ କଥାକୁ କେନ୍ଦ୍ରକରି କଳିଝଗଡା ହୋଇଥାଏ। କଥାରେ କଥାରେ ପ୍ରତିପକ୍ଷ ପରିବାରର ଲୋକମାନଙ୍କୁ ଉଭୟ ଗାଳି ଦେଇଥାଆନ୍ତି।

କଳା :

ରାଜୁଆର ସଂପ୍ରଦାୟର ମହିଳାମାନେ ଅରୁଆଚାଉଳକୁ ପାଣିରେ ଭିଜାଇ ପଥର ଶିଳରେ ବାଟିଥାଆନ୍ତି। ବାଟି ସାରିଲା ପରେ ସେଥିରେ ଆଉ କିଛି ଜଳ ଦେଇ ଲେପ ପ୍ରସ୍ତୁତ କରିଥାଆନ୍ତି। ଗୃହ କାନ୍ଥରେ, ରୋଷେଇ ଘରେ ଥିବା ଉଷାଣ କୋଣରେ, ବିବାହ ବେଦୀରେ ଲେପକୁ ବ୍ୟବହାର କରି ଝୋଟି ପକାଇଥାଆନ୍ତି। ଝୋଟିରେ ସାଧାରଣତଃ

ସେମାନେ ଫୁଲ ଝୋଟି ଗଛ, ଡାଳ, ପତ୍ର ଓ ଫୁଲ ଇତ୍ୟାଦିର ଚିତ୍ର କରିଥାଆନ୍ତି। ସାଧାରଣବର୍ଗ ଲୋକମାନଙ୍କ ଭଳି ଏମାନେ ମାର୍ଗଶୀର ମାସ ପ୍ରତି ଗୁରୁବାରଦିନ, ଗୋବର୍ଦ୍ଧନପୂଜା(ବାନ୍ଧନୀ ପୂଜା), ବିବାହ, ଅକ୍ଷୟ ତୃତୀୟା (ମୁଠି ପୂଜା), କରମ୍ ପୂଜା, ଦଶ୍‌ରା, ଗହ୍ମା ପର୍ବ ଇତ୍ୟାଦିରେ ସେମାନେ ଝୋଟି ପକାଇଥାଆନ୍ତି।

ରାଜୁଆରମାନେ ସାଧାରଣତଃ ଲଙ୍ଗଳ, ଜୁଆଳି, ମଇ ଇତ୍ୟାଦି କୃଷି ଉପକରଣ ନିଜେ ତିଆରି କରିଥାଆନ୍ତି। ଏତଦ୍‌ବ୍ୟତୀତ ଘରର କବାଟ, ଝାଡୁ, ଖଜୁରୀପଟି ଏବଂ ସବାଇଘାସରେ ବିଭିନ୍ନ ପ୍ରକାରର ଦଉଡି କିମ୍ବା ରସି ତିଆରି କରିଥାଆନ୍ତି। ମାଛ ଧରିବା ପାଇଁ ମଧ୍ୟ ବିଭିନ୍ନ ପ୍ରକାରର ଜାଲ ମଧ୍ୟ ତିଆରି କରିଥାଆନ୍ତି। ହସ୍ତଶିଳ୍ପ କ୍ଷେତ୍ରରେ ସେମାନେ ବିଶେଷ ପାରଦର୍ଶିତା ଲାଭ କରି ନ ଥିଲେ ମଧ୍ୟ କେତେକ ଜିନିଷ ନିଜେ ତିଆରି କରିଥାଆନ୍ତି। ସବାଇଘାସରେ ପ୍ରସ୍ତୁତ ଦଉଡି ସାହାଯ୍ୟରେ ମଧ୍ୟ ସେମାନେ ଦଉଡିଆ ଖଟ ଏବଂ ଛୋଟ ଖଟୁଲୀ ତିଆରି କରିଥାଆନ୍ତି । ଜଙ୍ଗଲରୁ ସଂଗୃହୀତ କରଡାଗଛର ଡାଳକୁ ଏକତ୍ର ବାନ୍ଧି ବଡ ଝାଡୁ ତିଆରି କରିଥାଆନ୍ତି । ଯାହାକି ଦାଣ୍ଡ ଦୁଆର ଝାଡୁ କରିବାରେ ବ୍ୟବହାର କରାଯାଇଥାଏ ।

ଅତିଥି ଚର୍ଚ୍ଚା :

ଅନ୍ୟ ସାଧାରଣ ବର୍ଗର ଲୋକମାନଙ୍କ ଭଳି ବିବାହାଦି ସମାଜିକ କାର୍ଯ୍ୟରେ ବନ୍ଧୁବାନ୍ଧବ, ସାଙ୍ଗ ଓ ମୈତ୍ର ତଥା ସଂପର୍କୀୟ ଲୋକମାନଙ୍କୁ ନିମନ୍ତ୍ରଣ କରିଥାଆନ୍ତି । ଏଥିପାଇଁ ସେମାନେ ହଳଦୀମଖା ଗୁଆକୁ ନେଇ ବନ୍ଧୁବାନ୍ଧବ ଇତ୍ୟାଦିଙ୍କ ଘରକୁ ଯାଇଥାଆନ୍ତି । ଆସିବାର ଉଦ୍ଦେଶ୍ୟ ଜଣାଇ ଗୋଟିଏ ଗୁଆ ପ୍ରଦାନ କରିଥାଆନ୍ତି । ଗୁଆକୁ ରଖି ବା ନିମନ୍ତ୍ରଣ ରକ୍ଷା କରି ସେମାନେ ଯଥା ଦିନରେ ପହଞ୍ଚି ଥାଆନ୍ତି । ଶିଶୁର ନାମକରଣ, ଅନ୍ନଛୁଆଣି, ବିଭିନ୍ନ ପର୍ବପର୍ବାଣି ଓ ଶୁଦ୍ଧିକ୍ରିୟାରେ ରାଜୁଆରମାନେ ବନ୍ଧୁବାନ୍ଧବ ତଥା ସଂପର୍କୀୟମାନଙ୍କ ଘରକୁ ଯାଇ ସେମାନଙ୍କୁ ଡାକିଥାଆନ୍ତି । କେତେକ କ୍ଷେତ୍ରରେ ମଧ୍ୟ ଖବର ପଠାଇଥାଆନ୍ତି । ବର୍ତ୍ତମାନ ଯୁଗରେ ସେମାନେ ବିବାହ କ୍ଷେତ୍ରରେ ନିମନ୍ତ୍ରଣ ପତ୍ର ପ୍ରଦାନ ମାଧ୍ୟମରେ ନିମନ୍ତ୍ରଣ କରିଥାଆନ୍ତି । ବନ୍ଧୁବାନ୍ଧବ ବ୍ୟତୀତ ଅନ୍ୟ ସାଙ୍ଗସାଥୀ ତଥା ସଂପର୍କଲୋକମାନଙ୍କୁ ମଧ୍ୟ ନିମନ୍ତ୍ରଣ ଦେଇଥାଆନ୍ତି । ବିବାହ ଉତ୍ସବ ନିମନ୍ତେ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଗାଁର ମୁଖିଆ ପରାମାଣିକ୍, ଡାକୁଆ, ଦେହୁରୀ, ବାରିକ, ଧୋବା ପ୍ରଭୃତିଙ୍କୁ ମଧ୍ୟ ଗୁଆ ଚଳାଇ ନିମନ୍ତ୍ରଣ କରାଯାଇଥାଏ । ବନ୍ଧୁଙ୍କ ଘରେ ପହଞ୍ଚିବା

ପରେ ଗୋଡ ଧୋଇବା ପାଇଁ ସଂପୃକ୍ତ ଘରର ଲୋକେ ଯେଉଁ ନୋଟାରେ ପାଣି ଦେଇଥାଆନ୍ତି ସେହି ଢ଼ାଳରେ ନିମନ୍ତ୍ରଣ ଦେବା ପାଇଁ ଯାଇଥିବା ବ୍ୟକ୍ତି ନେଇଥିବା ଗୁଆଟିକୁ ସେହି ଜଳପୂର୍ଣ୍ଣ ଢ଼ାଳରେ ରଖନ୍ତି। ବାହାଘର ବିଷୟ ଜାଣିବା ପରେ ଗୁଆଟିକୁ ଫେରାଇ ଦେଇଥାଏ। ଏହି ଭଳି ସବୁ ବନ୍ଧୁଙ୍କ ଘରେ ଗୁଆ ଚଳାଇ ନିମନ୍ତ୍ରଣ କରିବା ବିଧି ପ୍ରଚଳିତ। ଯେଉଁ ବନ୍ଧୁଙ୍କୁ ଶେଷରେ ନିମନ୍ତ୍ରଣ ଦିଆଯାଏ, ସେଠାରୁ ଆଉ ଗୁଆ ଫେରି ନ ଥାଏ। ଏହିଭଳି ଭାବରେ ରାଜୁଆର ସମାଜରେ ନିମନ୍ତ୍ରଣ କରିବା ପ୍ରଥା ରହିଛି।

ରାଜୁଆରମାନେ ଅତ୍ୟନ୍ତ ସେବାପରାୟଣ ଏବଂ ସହଯୋଗୀ ବନ୍ଧୁ। ଅନ୍ୟମାନଙ୍କୁ ସହଜରେ ଆପଣେଇ ନେଇଥାଆନ୍ତି। ଅଜଣା ଓ ଅଚିହ୍ନା ଲୋକକୁ ସହାୟକ ପ୍ରଦାନ କରିଥାଆନ୍ତି। ଥରେ ସଂପର୍କ ହୋଇଗଲେ ଅତିଥି ଭଳି ସମ୍ମାନ ପ୍ରଦର୍ଶନ ମଧ୍ୟ କରିଥାଆନ୍ତି। ରାଜୁଆରମାନେ ନିଜକୁ କେବେହେଲେ ଛୋଟ ବା ନୀଚ ଶ୍ରେଣୀର ଲୋକ ବୋଲି ଭାବନ୍ତି ନାହିଁ। ତା'ପରେ ବସିବା ପାଇଁ ଆସନ ଦେଇଥାଆନ୍ତି। ସାଧାରଣତଃ ସବାଇଘାସରେ ଦଉଡିରେ ତିଆରି ଖଟରେ ବସିବାକୁ କହିଥାଆନ୍ତି। ଗୁଡ / ଚିନିପାଣି ଇତ୍ୟାଦିକୁ ସର୍ବତ୍ର ଆକାରରେ ପିଇବାକୁ ଦେଇଥାଆନ୍ତି। ତା'ପରେ ବିଡି, ଦୁକ୍ତାଚୂନ କିମ୍ବା ପାନ ଇତ୍ୟାଦି ଦିଆଯାଏ। ଆସିବାର ବିଷୟ ଅତିଥିଙ୍କୁ ପଚାରି ବୁଝିଥାଆନ୍ତି କିମ୍ବା ଆଗରୁ ଅତିଥି ଆସିବାର ଅଭିପ୍ରାୟ ଜଣାଇଥାଏ। ପରେ ଚୁଡା, ମୁଢ଼ି, ଗୁଡ ଇତ୍ୟାଦି ଜଳଖିଆ ଖାଇବାକୁ ଦିଆଯାଏ। ବର୍ତ୍ତମାନ ଦୋକାନମାନଙ୍କରୁ ବିଭିନ୍ନ ପ୍ରକାର ବିସ୍କୁଟ୍ ଓ ମିକ୍ଚର୍ ଦେଇ ଅତିଥି ସତ୍କାର କରୁଥିବାର ଜଣାଯାଏ। ଅତିଥିଙ୍କ ପ୍ରତି ଏମାନଙ୍କର ମନୋଭାବ ଭଲ ଥାଏ। ନିଜର ଲୋକଭଳି ଅତିଥିଙ୍କୁ ଆପଣାର କହିଥାଆନ୍ତି।

ରୋଗ ଏବଂ ଚିକିତ୍ସା :

ମନୁଷ୍ୟ ତା'ର ଜୀବନକାଳ ମଧ୍ୟରେ ଅନେକ ରୋଗ ବ୍ୟାଧି ତଥା ଯନ୍ତ୍ରଣାର ଶିକାର ହୋଇଥାଏ। ସଂପୃକ୍ତ ଅଞ୍ଚଳର ଜଳବାୟୁ ସ୍ୱାସ୍ଥ୍ୟ ପକ୍ଷେ ଉତ୍ତମ ଥିବା ବେଳେ ମଧ୍ୟ ଅନେକ ସମୟରେ ଲୋକମାନେ ବିଭିନ୍ନ ରୋଗରେ ପୀଡିତ ହୋଇଥାଆନ୍ତି। ସାଧାରଣତଃ ଲୋକମାନେ ଜ୍ୱର, ଥଣ୍ଡା, ମୁଣ୍ଡବିନ୍ଧା, କାଛୁ, କୁଣ୍ଠିଆ, ଝାଡାବାନ୍ତି ଇତ୍ୟାଦି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ଏତଦ୍ ବ୍ୟତୀତ ହାତପୁଟି, ମିଳିମିଳା, ବସନ୍ତ, କୁଷ୍ଠ ଇତ୍ୟାଦି ରୋଗରେ ମଧ୍ୟ ଆକ୍ରାନ୍ତ ହୋଇଥିବା ଜଣାଯାଇଥାଏ। ଏହି ଅଞ୍ଚଳରେ ବସନ୍ତ, ମିଳିମିଳା ରୋଗ ସଂପୂର୍ଣ୍ଣ ଉଭେଇ ଯାଇଛି ବୋଲି ଲୋକେ କହନ୍ତି।

ସେ ସମୟରେ ଏହି ରୋଗର ଚିକିତ୍ସା ପାଇଁ ଗୁଣିଆ ବିଭିନ୍ନ ଚେରମୂଳୀ ଔଷଧ ଦେଇ ଭଲ କରୁଥିଲା । ଗୁଣିଆ ଦ୍ୱାରା ମଧ୍ୟ ଝଡାଫୁକା ଇତ୍ୟାଦିରେ ରୋଗ ଭଲ ହେଉଥିଲା ବୋଲି ମତ ଦେଇଥାଆନ୍ତି । ସେ ସମୟରେ ଗୁଣିଆର ସ୍ଥାନ ଉଚ୍ଚରେ ଥିଲା । ଯେକୌଣସି ରୋଗ ହେଲେ ଲୋକେ ଗୁଣିଆ ପାଖକୁ ନେଉଥିଲେ । କିନ୍ତୁ ବର୍ତ୍ତମାନ ସରକାରଙ୍କ ତରଫରୁ ଗାଁ ଗହଳିମାନଙ୍କରେ ସାଧାରଣତଃ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଉପକେନ୍ଦ୍ର ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରମାନ ସ୍ଥାପନ କରାଯାଇଛି । ଏତଦ୍‌ବ୍ୟତୀତ ଆଦିବାସୀ ଅଞ୍ଚଳରେ ମାଗଣାରେ ଔଷଧ ପ୍ରଦାନ କରିବା ପାଇଁ ଔଷଧ ବିତରଣ କେନ୍ଦ୍ରମାନ ଖୋଲା ଯାଇଛି । ସାଧାରଣ ଥଣ୍ଡା, ଜ୍ୱର, ଝାଡା, ମୁଣ୍ଡବ୍ୟଥା ଆଦି ରୋଗ ପାଇଁ ଏହି କେନ୍ଦ୍ର ମାଗଣାରେ ଲୋକମାନଙ୍କୁ ଔଷଧ ଯୋଗାଇଥାଏ ।

ବର୍ତ୍ତମାନ ସୁଦ୍ଧା ଗାଁ ଗହଳିମାନଙ୍କରେ ଗୁଣିଆ ରହିଥିବାର ଅନୁମାନ କରାଯାଏ । ଲୋକମାନଙ୍କର ଗୁଣିଗାରେଡି ଉପରେ ମଧ୍ୟ ବିଶ୍ୱାସ ରହିଛି । ଯେକୌଣସି ରୋଗ ହେଲେ ମଧ୍ୟ ରାଜୁଆରମାନେ ନିଜ ମନରୁ ସନ୍ଦେହ ଦୂର କରିବା ପାଇଁ ପ୍ରଥମେ ରୋଗୀକୁ ଗୁଣିଆ ପାଖକୁ ନେଇଥାଆନ୍ତି । ତା'ପରେ ଡାକ୍ତରଖାନାକୁ ନେଇ ଉପଯୁକ୍ତ ଔଷଧ କ୍ରୟକରି ରୋଗୀକୁ ଦେଇଥାଆନ୍ତି । ରୋଗ କ୍ଷେତ୍ରରେ ମଧ୍ୟ ସେମାନଙ୍କ ମଧ୍ୟରେ ଟିକିଏ ଅନ୍ଧବିଶ୍ୱାସ ରହିଛି । ଅଧିକାଂଶ ରାଜୁଆର ଲୋକେ ରୋଗ ହେଲେ ଏବେ ଡାକ୍ତରୀ ଔଷଧ ଉପରେ ନିର୍ଭର କରୁଥିବା ଜଣାଯାଏ ।

କ୍ରୀଡା ଏବଂ ଆମୋଦ ପ୍ରମୋଦ :

ରାଜୁଆରମାନେ ସାଧାରଣତଃ ବିଭିନ୍ନ ଖେଳ ଖେଳିବାକୁ ପସନ୍ଦ କରିଥାଆନ୍ତି । ଖୁସିରେ କେତେକ ଖେଳ ଖେଳିଥାଆନ୍ତି । ସେମାନେ କବାଡି, ଛୁରୀ, ଫୁଟ୍‌ବଲ୍ ଇତ୍ୟାଦି ଖେଳିଥାଆନ୍ତି । ବର୍ତ୍ତମାନ କେତେକ ଶିକ୍ଷିତ ପିଲା କ୍ରିକେଟ ଖେଳକୁ ଆଦରି ନେଇଛନ୍ତି । ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ଖେଳ ଏମାନେ ଖେଳିଥାଆନ୍ତି ।

କର୍ମମୟ ଜୀବନକୁ ସରସ ତଥା ସୁନ୍ଦର କରିବା ପାଇଁ ରାଜୁଆରମାନେ ବର୍ଷର ବିଭିନ୍ନ ସମୟରେ ସ୍ୱତନ୍ତ୍ର ଭାବରେ ଭୋଜିଭାତର ଆୟୋଜନ କରିଥାଆନ୍ତି । ଏତଦ୍‌ବ୍ୟତୀତ ନୃତ୍ୟଗୀତର ଆୟୋଜନ କରିଥାଆନ୍ତି । କର୍ମକ୍ଲାନ୍ତ ମନୁଷ୍ୟକୁ ନୃତ୍ୟ ଗୀତ ହିଁ ପ୍ରକୃତ ଆନନ୍ଦ ଦେଇଥାଏ ବୋଲି ସେମାନେ ମତବ୍ୟକ୍ତ କରିଥାଆନ୍ତି । ତାସ୍ ଖେଳ ସେମାନଙ୍କୁ ଆନନ୍ଦ ଦେଇଥାଏ ବୋଲି ସେମାନେ କହନ୍ତି । ମାଦଲର ତାଳେ ତାଳେ ନୃତ୍ୟ ହିଁ ସେମାନଙ୍କୁ ଆନନ୍ଦ ଦେଇଥାଏ ।

ସାଜସଜ୍ଜା :

ବିଭିନ୍ନ ପର୍ବପର୍ବାଣି, ପୂଜା ତଥା ବିବାହାଦି କାର୍ଯ୍ୟରେ ଘରକୁ ସେମାନେ ଭଲ ଭାବରେ ସଜାଇ ଥାଆନ୍ତି। ଘରର କାନ୍ଥଗୁଡିକର ତଳ ଅଂଶକୁ ନାଲି ତଥା ଅନ୍ୟ ଅଂଶକୁ ଧଳା ମାଟିରେ ଚିକ୍‌ଣ ଭାବରେ ଲିପିଥାଆନ୍ତି। ମାର୍ଗଶୀର ମାସ ଗୁରୁବାର ଗୁଡିକରେ, ଗୋବର୍ଦ୍ଧନପୂଜା, ମୁଠିପୂଜା, କରମପୂଜା ଇତ୍ୟାଦିରେ ଝୋଟି ପକାଇ ସୁନ୍ଦର କରିଥାଆନ୍ତି। ସେହିପରି ବିବାହ ବେଦୀରେ ଝୋଟି ପକାଇ ବେଦୀର ଚତୁଃପାର୍ଶ୍ୱକୁ ଆମ୍ବପତ୍ର ତୋରଣରେ ସଜାଇଥାଆନ୍ତି। ଛାମୁଣ୍ଡିଆ ମଧ୍ୟ କରିଥାଆନ୍ତି। ରୋଷେଇ ଘରେ ସାଧାରଣତଃ ରୋଷେଇ ସାମଗ୍ରୀ ଏବଂ ବାରଣ୍ଡାରେ ସାଧାରଣତଃ କୃଷି ଉପକରଣମାନ ସଜାଇ ରଖୁଥିଲେ। ବିଭିନ୍ନ ପର୍ବପର୍ବାଣିରେ ଗୃହ ସମ୍ମୁଖ ଭାଗରେ ଥିବା ଦାଣ୍ଡ ଦୁଆରକୁ ମଧ୍ୟ ଲିପାପୋଛା କରି ପରିଷ୍କାର କରିଥାଆନ୍ତି। ବିଭିନ୍ନ ପୂଜାରେ ଗ୍ରାମଦେବଦେବୀଙ୍କ ପୀଠକୁ ମଧ୍ୟ ଗୋବର ଦ୍ୱାରା ଲିପା ଯାଇ ପରିଷ୍କାର ପରିଚ୍ଛନ୍ନ କରାଯାଇଥାଏ।

■■

ରାଜୁଆର୍ ଅଞ୍ଚଳର ସମସ୍ୟା

ବୁଦ୍ଧି, ବିବେକ ଓ ଜ୍ଞାନଯୁକ୍ତ ଭଗବାନଙ୍କର ଅପୂର୍ବ ସୃଷ୍ଟି ଏଇ ମନୁଷ୍ୟ। ଜୀବନର ବିଭିନ୍ନ ପର୍ଯ୍ୟାୟରେ ମନୁଷ୍ୟ, ହସକାନ୍ଦ, ସୁଖଦୁଃଖ, ଆଶା, ନିରାଶା ମଧ୍ୟ ଦେଇ ଗତି କରିଥାଏ। ମନୁଷ୍ୟ ଏଇ ସମାଜରେ ବଞ୍ଚିବାକୁ ହେଲେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ଯେଉଁଠାରେ ସମାଜ ରହିଛି ସେହିଠାରେ ସର୍ବଦା ସମସ୍ୟା ରହିଥାଏ। ବଞ୍ଚିରହିବା ପାଇଁ କେତେବେଳେ ଖାଦ୍ୟ ସମସ୍ୟା ଦେଖାଦେଇଥାଏ ତ ପୁଣି କେତେବେଳେ ଗ୍ରାମବାସୀଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଯାଇଥାଏ। କେତେବେଳେ ଗୃହ ବିବାଦ ଦେଖାଯାଉଥିବାବେଳେ କେତେବେଳେ ବାହାର ଲୋକମାନଙ୍କ ଦ୍ୱାରା ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ସେ ଯାହାହେଉ ରାଜୁଆରମାନେ ସେମାନଙ୍କ ଜୀବନକାଳ ମଧ୍ୟରେ ପାରିପାର୍ଶ୍ୱିକ ସାମାଜିକ, ଅର୍ଥନୈତିକ, ଧର୍ମସଂକ୍ରାନ୍ତୀୟ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ବିବିଧ ସମସ୍ୟା ବିଷୟ ଆଲୋଚନାର ଅନ୍ତର୍ଭୁକ୍ତ କରାଯାଇଛି।

ପାରିପାର୍ଶ୍ୱିକ ସମସ୍ୟା :

ରାଜୁଆରମାନେ ବସବାସ କରୁଥିବା ଅଞ୍ଚଳ ମଧ୍ୟରେ ବିବିଧ ପରିବେଶ ସଂପର୍କୀୟ ସମସ୍ୟା ପରିଲକ୍ଷିତ ହୋଇଥାଏ। ଜଳ ଉତ୍ସ ସମସ୍ୟା, ଜଙ୍ଗଲ ସମସ୍ୟା, ଜଳବାୟୁ ପରିବର୍ତ୍ତନ ସମସ୍ୟା, ବିଭିନ୍ନ ପଶୁ ଓ ପକ୍ଷୀଙ୍କ ଦ୍ୱାରା ସମସ୍ୟା, ବସତି ସମସ୍ୟା ଇତ୍ୟାଦି ପାରିପାର୍ଶ୍ୱିକ ସମସ୍ୟାର ଅନ୍ତର୍ଭୁକ୍ତ। ସେସବୁକୁ ଆଲୋଚନା କରାଗଲା।

ସାଧାରଣତଃ ବର୍ଷା ଋତୁରେ ବସତି ଚତୁଃପାର୍ଶ୍ୱ ଏବଂ ରାସ୍ତାଘାଟ କେତେକାଂଶରେ ଖାଲ ଢ଼ିପ ରହିଥାଏ। ଖାଲ ଜାଗାମାନଙ୍କରେ ପାଣି ଜମି ରହୁଥିବାରୁ ତଥା ଅଳିଆ ଆବର୍ଜ୍ଜନା ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ନ ପକାଇ ଏଣେତେଣେ ପକାଉଥିବାରୁ ଦୁର୍ଗନ୍ଧ ହୋଇ ମଶାମାନେ ସେମାନଙ୍କର ବଂଶ ବିସ୍ତାର କରିବାରେ ସହଜ ହୋଇଥାଏ। ମଶା କାମୁଡିବା ଦ୍ୱାରା ଲୋକମାନେ ମେଲେରିଆ ଜ୍ୱରରେ ଆକ୍ରାନ୍ତ ହୋଇଥାଆନ୍ତି। ଅଳିଆ ଆବର୍ଜ୍ଜନା ଏଣେତେଣେ ପକାଇବାକୁ ପଚିସଡ଼ି ଦୁର୍ଗନ୍ଧ ହୋଇଥାଏ । ଫଳରେ ବାୟୁ ପ୍ରଦୂଷଣ ହୋଇଥାଏ। ଯାହାକି ଲୋକମାନଙ୍କ ସ୍ୱାସ୍ଥ୍ୟ ପକ୍ଷେ ଅହିତକର ହୋଇଥାଏ।

ସରକାରଙ୍କର ଦ୍ୱାରା ପ୍ରଦତ୍ତ ଇନ୍ଦିରା ଆବାସ ସଠିକ୍ ଭାବରେ ଆବଣ୍ଟିତ ହେଉନଥିବାରୁ ସରକାରଙ୍କର ଏହି ଯୋଜନାର ସୁଫଳ ସେମାନେ ପାଇପାରୁ ନାହାନ୍ତି।

ଏତଦ୍‌ବ୍ୟତୀତ ଏହି ଅଞ୍ଚଳରେ ପାନୀୟ ଜଳର ମଧ୍ୟ ଅଭାବ ପରିଲକ୍ଷିତ ହୋଇଥାଏ। ଏହି ଋତୁରେ ଜଳସ୍ତର ବହୁତ ତଳକୁ ଖସି ଯାଇଥାଏ। ଫଳରେ ନଳକୂପ ଅକାମୀ ଅବସ୍ଥାରେ ରହିଥାଏ। ଗ୍ରାମରେ କେତେକ କୂଅ ଓ ନଳକୂପ ଥିବା ସତ୍ତ୍ୱେ ଗ୍ରୀଷ୍ମଋତୁରେ ପରିଷ୍କାର ପାନୀୟ ଜଳ ପାଇବାରୁ ଲୋକମାନେ ବଂଚିତ ହେଉଥିବାର ଜଣାଯାଇଥାଏ। ବିଦ୍ୟାଳୟ ଥିଲେ ମଧ୍ୟ ବିଦ୍ୟାଳୟର ସୁପରିଚାଳନା ଅଭାବ ଯୋଗୁଁ କେତେକାଂଶରେ ପିଲାମାନେ ପାଠପଢ଼ାରୁ ବଂଚିତ ହେଉଥିବାର ଜଣାଯାଏ। ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇଥିବାରୁ କେତେକ ଗ୍ରାମରେ କୌଣସି ଲୋକ ସାଙ୍ଘାତିକ ରୋଗରେ ଆକ୍ରାନ୍ତ ହେଲେ ଡାକ୍ତରଖାନାକୁ ନେବାରେ ବିଳମ୍ବ ହୋଇଥାଏ। ଅନେକ ସ୍ଥାନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନ ଥିବାରୁ ଲୋକେ ବହୁତ ହଇରାଣ ହୋଇଥାଆନ୍ତି। ସାଧାରଣ ରୋଗ ଏପରିକି ଜ୍ୱର ହେଲେ ମଧ୍ୟ ଗ୍ରାମରୁ ପାଞ୍ଚ କି.ମି. ଦୂର ଯିବାକୁ ପଡିଥାଏ। ଏତଦ୍‌ବ୍ୟତୀତ ଗ୍ରାମରେ ଅଶାନ୍ତି, ହିଂସା, ଚୋରି, ଡକାୟତି ଇତ୍ୟାଦି ବୃଦ୍ଧି ପାଇବାରେ ଲାଗିଛି। ସମୟେ ସମୟେ ଲୋକମାନଙ୍କ ମଧ୍ୟରେ ରାଜନୈତିକ ଦଳୀୟ ମନୋଭାବ ଯୋଗୁଁ ଗ୍ରାମରେ ଅପ୍ରୀତିକର ପରିସ୍ଥିତି ଉପୁଜିଥାଏ। ସମୟେ ସମୟେ ରାଜୁଆରମାନେ ନିଜ ନିଜକୁ ପରିଚୟ ଦେବାରେ ବା କେତେକ କ୍ଷେତ୍ରରେ ପରିଚୟଗତ ସମସ୍ୟା ଦେଖାଦେଇଥାଏ। ଏମାନେ କେତେବେଳେ ବଗାଳ କରୁଥିବା ବେଳେ କେତେବେଳେ ରାଜୁଆର ଏବଂ ଆଉ କେତେବେଳେ ନାଗବଂଶୀ ରାଜୁଆର ବୋଲି ନିଜକୁ ପରିଚୟ ଦେଇଥାଆନ୍ତି। ବାହାର ଲୋକେ ଏମାନଙ୍କୁ ବଗାଳ ବୋଲି ଜାଣିଥିବାବେଳେ କେତେବେଳେ ଚୁଡାବାଲା ବୋଲି ମଧ୍ୟ ଜାଣି ଥାଆନ୍ତି। ସରକାର ଏମାନଙ୍କୁ ଜାତିଗତ ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ କେତେବେଳେ 'ବଗାଳ' ଲେଖିବାବେଳେ କେତେବେଳେ 'ରାଜୁଆର' ମଧ୍ୟ ଲେଖୁଥିବାର ଜଣାଯାଏ। ତେଣୁ ଏ କ୍ଷେତ୍ରରେ ମଧ୍ୟ ଅନେକ ଅସୁବିଧା ହୋଇଥାଏ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପ୍ରକୃତ ଲୋକମାନଙ୍କୁ ଅନ୍ତ୍ୟୋଦୟ ଏବଂ ଅନ୍ନପୂର୍ଣ୍ଣା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉନାହିଁ । ଗ୍ରାମରେ ଥିବା ସେବାଶ୍ରମରେ ଛାତ୍ରଛାତ୍ରୀ ମନୋନୟନ କ୍ଷେତ୍ରରେ ଅନିୟମିତତା ଦେଖାଯାଇଥାଏ। କେତେକ ଗ୍ରାମକୁ ଏ ପର୍ଯ୍ୟନ୍ତ ବିଦ୍ୟୁତ୍‌କରଣ କରାଯାଇ ନାହିଁ। ଫଳରେ ବିଦ୍ୟୁତ୍ ଆଲୋକ ପାଇବାରୁ ଏମାନେ ବଂଚିତ ହୋଇଥାଆନ୍ତି। ସଂପୃକ୍ତ ଅଞ୍ଚଳରେ ଚାଷ ଉପଯୋଗୀ ଉର୍ବର ଜମିର ପରିମାଣ କମ୍ ଥିବାରୁ ସେମାନେ ବେଶୀ ପରିମାଣରେ ଫସଲ ଉତ୍ପନ୍ନ କରିବାରେ ଅସୁବିଧା ହୋଇଥାଏ। କୃଷି ବୈଷୟିକ ଜ୍ଞାନର ଅଭାବ ଯୋଗୁଁ ସେମାନେ ବେଶୀ ଫସଲ ଅମଳ କରିପାରନ୍ତି ନାହିଁ ।

ଘର ତିଆରି ପାଇଁ ସ୍ଥାନ ମନୋନୟନ କ୍ଷେତ୍ରରେ ମତଭେଦ ଦେଖାଯାଇଥାଏ । ଭାଇ ଭାଇ ମଧ୍ୟରେ ଗୃହ ବଣ୍ଟନ କ୍ଷେତ୍ରରେ ଅନିୟମିତତା ଦେଖାଗଲେ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ଉପୁଜିଥାଏ । ଅନେକ କାରଣରୁ ବେଳେବେଳେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳିଝଗଡା ହୋଇଥାଏ । ଅଧିକାଂଶ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସମୟେ ସମୟେ ମଧ୍ୟ ଖାଦ୍ୟାଭାବ ଦେଖାଯାଇଥାଏ । ଅର୍ଦ୍ଧ ଶିକ୍ଷିତ ଯୁବକମାନେ କୌଣସି କାମଧନ୍ଦା ନ କରି ତାସ ଏବଂ ପଶାଖେଳରେ ମାତିଥାଆନ୍ତି । ରୋଜଗାରକ୍ଷମ ହୋଇ ସୁଦ୍ଧା କୌଣସି କାର୍ଯ୍ୟ କରୁ ନ ଥିବା ଜଣାଯାଏ । ଫଳରେପରିବାରରେ ଅଶାନ୍ତି ଦେଖାଯାଇଥାଏ । ବର୍ତ୍ତମାନର ଯୁବଗୋଷ୍ଠୀ ପାରଂପରିକ ନୀତିନିୟମକୁ ନମାନି ନିଜ ଇଚ୍ଛାରେ ଅନେକ କାର୍ଯ୍ୟ କରିଥାଆନ୍ତି । ପିତାମାତାଙ୍କ ଦ୍ୱାରା ମନୋନୀତ ବିବାହ ନ ହୋଇ କେତେକ ସ୍ଥଳେ ମନଇଚ୍ଛା ପୁଅ ପ୍ରେମବିବାହ କରିଥିବାର ଜଣାଯାଏ । ଏମାନେ ବର୍ତ୍ତମାନ ପ୍ରେମ ବିବାହକୁ ଅଧିକ ପସନ୍ଦ କରିଥାଆନ୍ତି । ବର୍ତ୍ତମାନ ପରିବାରରେ ବାପ-ପୁଅ, ସ୍ୱାମୀ-ସ୍ତ୍ରୀ, ଶାଶୂ-ବୋହୂ ଇତ୍ୟାଦି ମଧ୍ୟରେ ପାରିବାରିକ କଳହ ଲାଗିରହିଛି । କେହି କାହାରିକୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି । ନୂତନ ଯୁବପିଢ଼ିମାନଙ୍କ ପାଇଁ ବେକାର ସମସ୍ୟା ବିଶେଷତଃ ମୁଣ୍ଡ ଟେକିଛି । ଛୋଟ ବଡ କଥାକୁ ନେଇ ମହିଳାମାନଙ୍କ ମଧ୍ୟରେ କଳିଝଗଡା ସ୍ୱାଭାବିକ ଭାବରେ ହୋଇଥାଏ । ଛୋଟ ଗଣ୍ଡଗୋଳରୁ ଆସ୍ତେ ଆସ୍ତେ ବଡ ଗଣ୍ଡଗୋଳ ହୋଇ ଥାନା, କୋର୍ଟ, କଚେରୀ ଯିବାକୁ ପଣ୍ଡାଦ୍‌ପଦ ହେଉନାହାନ୍ତି ।

ଦିନକୁ ଦିନ ଜଙ୍ଗଲ ନଷ୍ଟ ହେବା ଫଳରେ ବର୍ଷା ଠିକ୍ ସମୟରେ ହୋଇ ନ ଥାଏ। ଜଳ ଉତ୍ସଗୁଡିକରେ ସାଧାରଣତଃ ବର୍ଷସାରା ଜଳ ରହୁନାହିଁ। ଗ୍ରୀଷ୍ମଋତୁରେ କୂଅ, ନଳକୂଅ, ନଦୀ ଏବଂ ନାଳର ଜଳ ଶୁଖିଯାଇଥାଏ। କୂଅ, ନଳକୂପର ଜଳସ୍ତର ତଳକୁ ଖସିଯାଇଥାଏ। ଫଳରେ ଜଳର ଅଭାବ ଦେଖାଯାଇଥାଏ। ବର୍ଷାର ଅନିୟମିତତା ଯୋଗୁଁ ସଂପୃକ୍ତ ଅଞ୍ଚଳରେ ବେଳେବେଳେ ମରୁଡି ଦେଖାଯାଇଥାଏ। ଲୋକମାନେ ସ୍ୱଚ୍ଛ ପାନୀୟଜଳ ପାଇବାରୁ ବଂଚିତ ହୋଇଥାଆନ୍ତି। ଫଳରେ ଅପରିଷ୍କାର ଜଳ ଉପରେ ନିର୍ଭର କରିବାକୁ ପଡିଥାଏ। ସ୍ନାନ ଶୌଚ କରିବା ପାଇଁ ତଥା ପୋଷାକପତ୍ର ସଫା କରିବା ପାଇଁ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ପଶୁ ପକ୍ଷୀ ଗାଧୋଇବାରେ ମଧ୍ୟ ଅସୁବିଧା ହୋଇଥାଏ। ଜଳସେଚନର ସୁବିଧା ସବୁ ଗ୍ରାମ ପାଇଁ ନ ଥିବାର ଜଣାଯାଏ। ଗ୍ରୀଷ୍ମଋତୁରେ ଜଳ ଉତ୍ସଗୁଡିକ ଶୁଖିଯିବାରୁ କେବଳ ଖରିଫ୍ ଫସଲ ଉପରେ ନିର୍ଭର କରି ଚଳିଥାଆନ୍ତି। ବର୍ଷ ମଧ୍ୟରେ କେବଳ ଧାନଚାଷ କରିଥାଆନ୍ତି।

କମଳୀ ଗ୍ରାମର ସନିକଟସ୍ଥ ଅରିକୂଳ ନଦୀରେ ବନ୍ଧ କରାଯାଇଥିଲେ ମଧ୍ୟ ଗ୍ରୀଷ୍ମଋତୁରେ ନଦୀରେ ଆଦୌ ଜଳ ରହେ ନାହିଁ। ଫଳରେ ଗୋଟିଏ ଫସଲ ଯଥା ଧାନ ଉପରେ ନିର୍ଭର କରି ପ୍ରାୟତଃ ସେ ଅଞ୍ଚଳର ଲୋକେ ଚଳିଥାଆନ୍ତି। ଗ୍ରୀଷ୍ମଋତୁରେ ସ୍ୱଚ୍ଛ ତଥା ପରିଷ୍କାର ପାନୀୟଜଳର ଅଭାବ ଫଳରେ ଏମାନେ ଅପରିଷ୍କାର ତଥା ଗୋଲିଆ ଜଳ ପିଇବାକୁ ବାଧ ହୋଇଥାଆନ୍ତି। ଏହି ଅପରିଷ୍କାର ଜଳ ପିଇବା ଫଳରେ ଲୋକମାନେ ଝାଡା, ଜ୍ୱର ଇତ୍ୟାଦି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି।

ପୂର୍ବକାଳରେ ରାଜୁଆରମାନେ ବିଶେଷତଃ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଅନୁମାନ କରାଯାଏ। ଜଙ୍ଗଲରୁ ଏମାନେ ଜାଳେଣୀକାଠ, ପତ୍ର, ଦାନ୍ତକାଠି, ମହୁ, ଝୁଣା, ଫଳମୂଳ ଛତୁ ଇତ୍ୟାଦି ସଂଗ୍ରହ କରି ନିକଟସ୍ଥ ହାଟ କିମ୍ବା ବଜାରରେ ବିକ୍ରି କରୁଥିବା ଜଣାଯାଏ। ଜଙ୍ଗଲରୁ ଲୋକମାନେ ବିଭିନ୍ନ ମୂଲ୍ୟବାନ କାଠ ସଂଗ୍ରହ କରିଥାଆନ୍ତି। କୃଷି ଉପକରଣ, ଗୃହ ନିର୍ମାଣ, ଆସବାବପତ୍ର ତିଆରି ଇତ୍ୟାଦି କ୍ଷେତ୍ରରେ ଜଙ୍ଗଲରୁ ବିଭିନ୍ନ କାଠ କାଟି ଆଣିଥାଆନ୍ତି। ଜଙ୍ଗଲ ନଷ୍ଟ ହେବା ଫଳରେ ଜଙ୍ଗଲଜାତ ଦ୍ରବ୍ୟ ଆଉ ପୂର୍ବ ଭଳି ମିଳୁ ନାହିଁ। ଫଳରେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ଗୃହ ନିର୍ମାଣ ପାଇଁ ବା ଘର ଛପର ପାଇଁ କାଠ ଆଉ ମିଳୁନାହିଁ। ଜଙ୍ଗଲ ବିଭାଗର ଅଧିକାରୀମାନେ ଲୋକମାନଙ୍କଠାରୁ ଅନେକ କ୍ଷେତ୍ରରେ ଜୋରିମାନା ଆକାରରେ ଟଙ୍କା ପଇସା ଆଦାୟ କରିଥାଆନ୍ତି। ଜଙ୍ଗଲ ଉଚ୍ଛେଦ ଫଳରେ ବର୍ଷାର ଅନିୟମିତତା ଦେଖାଦେଇଥାଏ। ପୂର୍ବଭଳି ଆଉ ବର୍ଷା ହେଉନାହିଁ। ପାନୀୟଜଳ ଅଭାବ ମଧ୍ୟ କେତେକାଂଶରେ ଦେଖାଯାଇଥାଏ। ଜଙ୍ଗଲ ନଷ୍ଟ ହେବା ଫଳରେ ଜଙ୍ଗଲରୁ ମାଟି କ୍ଷୟ ମଧ୍ୟ ହୋଇଥାଏ। ଆଗଭଳି ଆଉ ବନଜାତଦ୍ରବ୍ୟ ମିଳୁନାହିଁ। ଜଙ୍ଗଲ ଉଚ୍ଛେଦ ଦ୍ୱାରା ପ୍ରକୃତି ଭାରସାମ୍ୟ ହରାଇ ବସିଲାଣି।

ଗ୍ରାମ ପରିବେଶ ସୁସ୍ଥ ତଥା ଗ୍ରାମରେ ଶାନ୍ତି ବିରାଜମାନ କରିବା ପାଇଁ ଗ୍ରାମସ୍ତରୀୟ ବିବିଧ ପୂଜାରେ ଗ୍ରାମଦେବଦେବୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ପଶୁବଳି ଦିଆଯାଇଥାଏ। ବର୍ତ୍ତମାନ ପଶୁବଳିକୁ ଏମାନେ ଏକ ଅନ୍ଧବିଶ୍ୱାସ ବୋଲି ମନେ କରିଥାଆନ୍ତି। ଆଗଭଳି ଆଉ ପଶୁପକ୍ଷୀଙ୍କୁ ସେତେ ପରିମାଣରେ ବଳି ଦିଆଯାଉନାହିଁ। ପଶୁପକ୍ଷୀ ବଳି ଦେବା ଦ୍ୱାରା ସେମାନଙ୍କର ସଂଖ୍ୟା କମିବାରେ ଲାଗିଛି। ପଶୁବଳି ନ ଦେବା ଦ୍ୱାରା ପରୋକ୍ଷରେ ହେଉ କିମ୍ବା ପ୍ରତ୍ୟକ୍ଷରେ ହେଉ ଲୋକମାନଙ୍କର ଅନେକ ଅସୁବିଧା ହୋଇଥାଏ ବୋଲି ଲୋକମାନଙ୍କର ଧାରଣା। ପଶୁବଳି ନ ଦେବା ଫଳରେ ବୃଷ୍ଟିର ଅଭାବ, ଋତୁଚକ୍ରରେ

ଅନିୟମିତତା, ମରୁଡି, ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଇତ୍ୟାଦି ହୋଇଥାଏ ବୋଲି ଲୋକମାନେ ବିଶ୍ୱାସ କରିଥାଆନ୍ତି। ଏତଦ୍‌ବ୍ୟତୀତ ଖାଦ୍ୟ ଶସ୍ୟ ଉତ୍ପାଦନର ପରିମାଣ ଦିନକୁ ଦିନ କମ୍ ହୋଇଥାଏ ବୋଲି ଏମାନଙ୍କର ଧାରଣା।

ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ଷାର ଅନିୟମିତତା ଦେଖାଦେଇଥାଏ। ବର୍ଷାର ଅଭାବ ଦେଖାଯାଇଥାଏ। ଫଳରେ ଚାଷୀମାନେ ଠିକ୍ ସମୟରେ ଚାଷବାସ କରିବାରେ ଅସୁବିଧା ହୋଇଥାଏ। ଉତ୍ତମ ଭାବରେ ଫସଲ ଅମଳ କରିବାରେ ବ୍ୟାଘାତ ଉପୁଜିଥାଏ। ଜଳବାୟୁର ପରିବର୍ତ୍ତନ ଫଳରେ ଆକସ୍ମିକ ବର୍ଷା ହୋଇ ଅନେକ ଧନଜୀବନ ନଷ୍ଟ କରିଥାଏ। ସମୟେ ସମୟେ ବର୍ଷା ଅଭାବରୁ କେତେକ ସ୍ଥାନରେ ମରୁଡି ଦେଖାଯାଇଥାଏ। ଋତୁଚକ୍ରର ଅନିୟମିତତା ଯୋଗୁଁ ଗ୍ରୀଷ୍ମ ପ୍ରଭାବ ବୃଦ୍ଧି ହେବାରେ ଲାଗିଛି। କେତେବେଳେ ମଧ୍ୟ ହାଡଭଙ୍ଗା ଶୀତ ଅନୁଭୂତ ହୋଇଥାଏ । ଜଳବାୟୁର ଆକସ୍ମିକ ପରିବର୍ତ୍ତନ ଯୋଗୁଁ ଲୋକେ ସାଧାରଣତଃ ଥଣ୍ଡା, ଜ୍ୱର, ଝାଡା, କାଶ ଇତ୍ୟାଦି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି।

ସଂପୃକ୍ତ ଅଞ୍ଚଳର ଅଧିବାସୀମାନଙ୍କ ଦ୍ୱାରା କେତେକ ପ୍ରଦୂଷଣ ସୃଷ୍ଟି ହୋଇଥାଏ । ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଯଥେଷ୍ଟ ଜ୍ଞାନର ଅଭାବ ଥିବାରୁ ରାଜୁଆରମାନେ ଅଳିଆ ଆବର୍ଜ୍ଜନାକୁ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପକାଇ ବସତି ଚତୁଃପାର୍ଶ୍ୱରେ ଯେକୌଣସି ସ୍ଥାନରେ ଏଣେତେଣେ ପକାଇଥାଆନ୍ତି। ବର୍ଷାଦିନେ ଅଳିଆ ଆବର୍ଜ୍ଜନା ପଚିସଢ଼ି ଯିବାରୁ ସେଥିରୁ ଦୁର୍ଗନ୍ଧ ବାହାରିଥାଏ। ଏହି ଦୁର୍ଗନ୍ଧ ବାୟୁମଣ୍ଡଳରେ ମିଶି ବାୟୁମଣ୍ଡଳ ଦୂଷିତ ହୋଇଥାଏ। ଗ୍ରାମରେ ଥିବା କୂଅ ଏବଂ ନଳକୂଅ ଚତୁଃପାର୍ଶ୍ୱରେ ଜଳ ଜମି ରହୁଥିବାରୁ ସେଠାରେ ଗଛର ପତ୍ରପତି ପଚିଯାଇଥାଏ। ଫଳରେ ଦୁର୍ଗନ୍ଧ ହୋଇଥାଏ। ପରିବେଶ ମଧ୍ୟ ପ୍ରଦୂଷଣ ହୋଇଥାଏ। ସେଠାରେ ମଧ୍ୟ ମଶାମାଛି ବଂଶ ବିସ୍ତାର କରିଥାଆନ୍ତି। ମଶାମାଛିଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ଲୋକେ ମେଲେରିଆ ଜ୍ୱର ସାଙ୍ଗକୁ ଅନେକ ପେଟ ରୋଗରେ ମଧ୍ୟ ଆକ୍ରାନ୍ତ ହୋଇଥାଆନ୍ତି। ସେ ସମୟରେ ପ୍ରଚୁର ପରିମାଣରେ ଜଙ୍ଗଲରୁ କାଠ ମିଳୁଥିବାରୁ ଏମାନେ ସଂଗ୍ରହ କରି ରଖିଥାଆନ୍ତି। ଜ୍ୱାଳେଣୀ ହିସାବରେ ବ୍ୟବହାର କରିବା ସହିତ ଶୀତଦିନେ ମଧ୍ୟ ଅଧିକ କାଠ ଜ୍ୱାଳି ଶୀତଦାଉରୁ ରକ୍ଷା ପାଇଥାଆନ୍ତି। ସେଥିରୁ ନିର୍ଗତ ଧୂଆଁ ବାୟୁମଣ୍ଡଳକୁ ଦୂଷିତ କରିଥାଏ। ବସତିର ଚତୁଃପାର୍ଶ୍ୱରେ ଯେକୌଣସି ସ୍ଥାନରେ ସେମାନେ ଝାଡା ଫେରିଥାଆନ୍ତି। ଏଣେତେଣେ ମଳତ୍ୟାଗ କରିବା ଫଳରେ ଦୁର୍ଗନ୍ଧ ହୋଇ ପରିବେଶ ଦୂଷିତ ହୋଇଥାଏ। ମୃତ ପଶୁପକ୍ଷୀମାନଙ୍କୁ ଏଣେତେଣେ

ପକାଇଥାଆନ୍ତି । ସେଗୁଡିକ ପଚିଯିବା ଫଳରେ ଦୁର୍ଗନ୍ଧ ସୃଷ୍ଟି ହୋଇ ପରିବେଶକୁ ଦୂଷିତ କରିଥାଏ। ଏହିଭଳି ଭାବରେ ଲୋକମାନଙ୍କ ଦ୍ୱାରା ଅନେକ ପ୍ରଦୂଷଣ ସୃଷ୍ଟି ହୋଇଥାଏ।

କେତେକ ପଶୁପକ୍ଷୀ ଯଥା; ଗାଈଗୋରୁ, ଛେଳି, ମେଣ୍ଢା, ମଇଁଷି, କୁକୁଡା, ପାରା ଇତ୍ୟାଦି ଫସଲକୁ ପ୍ରତ୍ୟକ୍ଷ ଭାବରେ ଖାଇଥାଆନ୍ତି ଏବଂ ଫସଲକୁ ଦଳିଚକଟି ନଷ୍ଟ କରି ଦେଇଥାଆନ୍ତି। କେତେକ କ୍ଷେତ୍ରରେ ମୂଷା ମଧ୍ୟ ଫସଲ ନଷ୍ଟ କରିବା ସମେତ ଘର ମଧ୍ୟରେ ଥିବା ଧାନ, ଚାଉଳ, କୋଳଥ, ହରଡ ଇତ୍ୟାଦି ଶସ୍ୟକୁ ମଧ୍ୟ ଖାଇଥାଏ। ଲୁଗାପଟା ମଧ୍ୟ କାଟି ନଷ୍ଟ କରିଦେଇଥାଏ। କେତେକ ସ୍ଥଳେ ପାଗଳ କୁକୁର କାମୁଡିବା ଦ୍ୱାରା ଲୋକେ ଜଳାତଙ୍କ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ସମୟରେ ମଧ୍ୟ ବନ୍ୟ ପଶୁପକ୍ଷୀଙ୍କ ଦ୍ୱାରା ଆକସ୍ମିକ ଆଘାତ ପାଇଥାଆନ୍ତି। ଜଙ୍ଗଲ କ୍ଷୟ ସାଙ୍ଗକୁ ବ୍ୟ ଜୀବଜନ୍ତୁଙ୍କ ସଂଖ୍ୟା କମିବାରେ ଲାଗିଛି। ବେଳେବେଳେ ଶିମିଳିପାଳ ଜଙ୍ଗଲରୁ ହାତୀ ଆସି ଗ୍ରାମର ଅନେକ ଘରଦ୍ୱାରା ଭାଙ୍ଗିବା ସଙ୍ଗେ ସଙ୍ଗେ ଫସଲ ନଷ୍ଟ କରିଥାଏ। ବର୍ତ୍ତମାନ ସୁଦ୍ଧା ରାଜୁଆରମାନେ ମୂଷା ମାଂସ ଖାଉଥିବାର ସୂଚନା ମିଳିଥାଏ। ସମୟେ ସମୟେ ମୂଷାମାନଙ୍କୁ ହେଉଥିବା ରୋଗ ଏମାନଙ୍କଠାରେ ଦେଖାଦେଇଥାଏ। ଏହିଭଳି ଭାବରେ ବିଭିନ୍ନ ପଶୁପକ୍ଷୀ ସମସ୍ୟା ସୃଷ୍ଟି କରିଥାଆନ୍ତି।

ଜଙ୍ଗଲ ବିଭାଗର କର୍ମଚାରୀମାନେ ଅନେକାଂଶରେ ଆଦିବାସୀମାନଙ୍କୁ ଭୟ ଦେଖାଇବା ସଙ୍ଗେ ସଙ୍ଗେ ଏମାନଙ୍କଠାରୁ ଜୋରିମାନା ହିସାବରେ ଟଙ୍କା ପଇସା ଆଦାୟ କରିଥାଆନ୍ତି। ସେତେବେଳେ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ସରଳ ତଥା ନିରୀହ ଆଦିବାସୀମାନଙ୍କୁ ଜଙ୍ଗଲରେ ପ୍ରବେଶ ନ କରିବା ପାଇଁ ଧମକ ଦେଇଥାଆନ୍ତି। ଫଳରେ କେତେକାଂଶରେ ଏମାନଙ୍କର ଅର୍ଥନୈତିକ ଦିଗଟି ଦୁର୍ବଳ ହୋଇଥାଏ। ଜଙ୍ଗଲରୁ ଏମାନେ ଜାଳେଣୀକାଠ, ପତ୍ର, ଦାନ୍ତକାଠି, ମହୁ, ଝୁଣା, ଇତ୍ୟାଦି ସଂଗ୍ରହ କରିଥାଆନ୍ତି। ନିକଟସ୍ଥ ହାଟ ଓ ବଜାରରେ ସେହି ବନଜାତ ଦ୍ରବ୍ୟଗୁଡିକୁ ବିକ୍ରୟ କରି କିଛି ଅର୍ଥ ଉପାର୍ଜ୍ଜନ କରିଥାଆନ୍ତି। ସେଥିରେ ଚାଉଳ, ତେଲ, ଲୁଣ କ୍ରୟ କରି ନିତିଦିନିଆ ଚଳଣୀରେ ଚଳିଯାଆନ୍ତି। ଜଙ୍ଗଲରୁ କୌଣସି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ପାଇଁ ଏମାନଙ୍କୁ ବାରଣ କରିଥାଆନ୍ତି। ଜଙ୍ଗଲରୁ ପଶୁଶୀକାର କରିବା ପାଇଁ ବନବିଭାଗ କର୍ମଚାରୀମାନେ ଏମାନଙ୍କୁ ସଂପୂର୍ଣ୍ଣ ଭାବେ ପ୍ରତିରୋଧ କରିଥାଆନ୍ତି। ବନବିଭାଗର ବିଭିନ୍ନ କାର୍ଯ୍ୟପାଇଁ ଏମାନଙ୍କଠାରୁ ଠକେଇ ପଇସାପତ୍ର ନଚେତ୍ ଦ୍ରବ୍ୟ ଆକାରରେ ବନବିଭାଗର

କର୍ମଚାରୀମାନେ ଆଦୟ କରିଥାଆନ୍ତି। ବେଳେବେଳେ ରାଜୁଆରମାନେ ଚାନ୍ଦା ଆଦାୟ କରି ବନବିଭାଗର କର୍ମଚାରୀମାନଙ୍କୁ କେତେ ଟଙ୍କା ଦେଇଥାଆନ୍ତି। ବନବିଭାଗର କର୍ମଚାରୀମାନେ ଜଙ୍ଗଲରୁ ମୂଲ୍ୟବାନ କାଠକୁ କାଟି ବିକ୍ରି କରୁଥିବାର ଲୋକମାନେ ମତ ଦେଇଥାଆନ୍ତି। ଜଙ୍ଗଲରୁ ଜାଳେଣୀକାଠ ସଂଗ୍ରହ କରି ଆଣିବା ବେଳେ ବନବିଭାଗର କର୍ମଚାରୀମାନଙ୍କ ଦୃଷ୍ଟିରେ ପଡିଲେ ଲୋକମାନଙ୍କୁ ଘଣ୍ଟା ଘଣ୍ଟା ଧରି ଗୋଟିଏ ସ୍ଥାନରେ ଠିଆ କରାଯଇଥାଆନ୍ତି। ସେମାନଙ୍କଠାରୁ କିଛି ପଇସା ଆଦାୟ କରି ସାରିବା ପରେ ସେମାନଙ୍କୁ ଛାଡି ଦେଇଥାଆନ୍ତି। ଏହିଭଳି ଅନେକାଂଶରେ ବନବିଭାଗ କର୍ମଚାରୀମାନେ ନିରୀହ ତଥା ସରଳ ଆଦିବାସୀମାନଙ୍କୁ ହଇରାଣ ହରକତ କରିଥାଆନ୍ତି।

ଅନେକାଂଶରେ ରାଜୁଆରମାନଙ୍କୁ ବାହାରର ଲୋକେ ଠକେଇ ଏବଂ ଶୋଷଣ ମଧ୍ୟ କରିଥାଆନ୍ତି। ରାଜୁଆରମାନେ ଜଙ୍ଗଲରୁ ସଂଗ୍ରହ କରି ଆଣିଥିବା ଜଙ୍ଗଲଜାତ ଦ୍ରବ୍ୟକୁ ବାହାରଲୋକେ କମ୍‌ଦାମ୍‌ରେ କିଣି ଅନ୍ୟତ୍ର ଅଧିକ ଦାମ୍‌ରେ ବିକ୍ରି କରିଥାଆନ୍ତି। ଏମାନେ କୌଣସି ଦ୍ରବ୍ୟର ଯଥାଯଥା ମୂଲ୍ୟ ନିର୍ଦ୍ଧାରଣ କରିଜାଣି ନ ଥିବାରୁ ଏମାନଙ୍କୁ ଠକେଇ କମ୍ ଦାମ୍‌ରେ ଜିନିଷ ଖରିଦ କରିଥାଆନ୍ତି। ଏମାନଙ୍କ ଅଜ୍ଞାନତା ତଥା ଅଶିକ୍ଷିତତା ଯୋଗୁଁ ଦୋକାନୀମାନେ ସଉଦାପତ୍ର ଦେବା ସମୟରେ ଓଜନ, ମୂଲ୍ୟ ଏବଂ ହିସାବ କ୍ଷେତ୍ରରେ ଠକେଇ ଏମାନଙ୍କଠାରୁ ଅଧିକ ପଇସା ନେଇଥାଆନ୍ତି। କେତେକାଂଶରେ ବାହାରର ଲୋକେ ଆସି ଏହି ଅଞ୍ଚଳର କେତେକ ଅଶିକ୍ଷିତ ଯୁବକମାନଙ୍କୁ ଅଧିକ ମଜୁରୀ ଦେଇ କାମ ଯୋଗାଇବା ଆଶାରେ ସେମାନଙ୍କୁ ଅପହରଣ କରିନେଇଥିବା ଲୋକଲୋଚନରୁ ଶୁଣାଯାଇଥାଏ। ଅପହରଣ କରି ନେଇଥିବା ଲୋକମାନଙ୍କୁ ବାହାଗେ କେତେକ ଅପରାଧମୂଳକ କାର୍ଯ୍ୟରେ ନିୟୋଜିତ କରାଇଥିବାର ଲୋକେ ମତ ଦେଇଥାଆନ୍ତି। ଆବଶ୍ୟକ କ୍ଷେତ୍ରରେ ରାଜୁଆରମାନେ ସାହୁକାର ତଥା ମହାଜନମାନଙ୍କଠାରୁ ଅର୍ଥ କିମ୍ବା ଶସ୍ୟକୁ ଋଣ କିମ୍ବା କରଜ ଆଣିଥାଆନ୍ତି। ମହାଜନ ତଥା ସାହୁକାରମାନେ ଏମାନଙ୍କୁ କରଜ ଆଣିଥାଆନ୍ତି। ମହାଜନ ତଥା ସାହୁକାର ଏମାନଙ୍କୁ କରଜ ଦେଇ ଚଢ଼ା ସୁଧ ହାରରେ ଆଦାୟ କରିଥାଆନ୍ତି। ଏପରିକି ସୁଧ ମୂଳଠାରୁ ଅଧିକ ହୋଇଥାଏ। ବେଳେବେଳେ ଗରିବ ତଥା ନିରୀହ ରାଜୁଆରମାନେ କରଜ ସୁଝି ନ ପାରିଲେ ମହାଜନମାନେ ଏମାନଙ୍କର ଜମିକୁ ଜବରଦଖଲ କରିଥାଆନ୍ତି। ଏପରିକି ଉକ୍ତ ଲୋକକୁ ସବୁଦିନ ଗୋତି ହୋଇ ରହିବାପାଇଁ ବାଧ କରିଥାଆନ୍ତି। ସମୟ କ୍ରମେ ତାହା ବି ହୋଇଥାଏ। ବିଶେଷତଃ 'ଲୋଧା'

ସଂପ୍ରଦାୟର ଲୋକେ ଏମାନଙ୍କର ଧନଂସପତ୍ତି ଚୋରାଇ ନେଇ ଅନ୍ୟତ୍ର ବିକ୍ରି କରିଥିବାର ଏମାନଙ୍କଠାରୁ ସୂଚନା ମିଳିଥାଏ। ବାହାରର ଲୋକେ ବିଭିନ୍ନ ସତ୍ୟ ମିଥ୍ୟା ବାଣୀ ଶୁଣାଇ ଏମାନଙ୍କ ମନରେ ବିଶ୍ୱାସ ଜନ୍ମାଇଥାଆନ୍ତି। ଶେଷରେ ଧନସଂପତ୍ତି ଚୋରାଇ ନେବାକୁ ପଛାଇ ନ ଥାଆନ୍ତି। କେତେକ କାର୍ଯ୍ୟରେ ସକାଳରୁ ସଂଜଯାଏ କାର୍ଯ୍ୟ କରୁଥିବା ରାଜୁଆର ପୁରୁଷମାନଙ୍କୁ ସରକାରୀ ସ୍ତରରେ ସର୍ବନିମ୍ନ ମଜୁରୀ ପଚାଶ ଟଙ୍କା ହୋଇଥିବା ସ୍ଥଳେ ପଚିଶ ଟଙ୍କା ଏବଂ ମହିଳାମାନଙ୍କୁ କୋଡିଏ ଟଙ୍କା ଦେଇଥାଆନ୍ତି। ଅନ୍ୟ କେତେକ କାମରେ ମଧ୍ୟ ମିଛ କହି କମ୍ ମଜୁରୀ ଦେଇଥାଆନ୍ତି। ବେପାର ବଣିକ ବା କିଣାବିକା କ୍ଷେତ୍ରରେ ମଧ୍ୟ ବାହାର ଲୋକେ ଏମାନଙ୍କଠାରୁ ଠକେଇ ଦ୍ରବ୍ୟ ନେଇଥାଆନ୍ତି।

ସାମାଜିକ ସମସ୍ୟା :

ରାଜୁଆର ସଂପ୍ରଦାୟର ସାମାଜିକ ସ୍ତରରେ କେତେକ ସମସ୍ୟା ଦେଖା ଦେଇଥାଏ । କନ୍ୟାପଣ, ଛାଡପତ୍ର, ବହୁପତ୍ନୀ ବିବାହ, ଗୋତ୍ର, ସଂପ୍ରଦାୟିକ ଗଣ୍ଡଗୋଳ, ବାସନ୍ଦ କରିବା ଇତ୍ୟାଦି ସାମାଜିକ ସମସ୍ୟାର ଅନ୍ତର୍ଭୁକ୍ତ ।

ରାଜୁଆର ସମାଜରେ ବିବାହ କ୍ଷେତ୍ରରେ କନ୍ୟାକୁ କିଛି ପଣ ଦିଆଯାଇଥାଏ। ଅର୍ଥ କିମ୍ବା ଦ୍ରବ୍ୟ ଆକାରରେ ଏହି କନ୍ୟାପଣ ଦିଆଯାଇଥାଏ। ସାଧାରଣତଃ ଆଗରୁ କନ୍ୟାକୁ ପଣ ହିସାବରେ ଦଶ ଗଣ୍ଡା ବା ଚାଳିଶ ଟଙ୍କା ଦିଆଯାଉଥିଲା। କିନ୍ତୁ ବର୍ତ୍ତମାନ କନ୍ୟାପଣ ହିସାବରେ ଏକଟଙ୍କା ପଚିଶ ପଇସା ଦେଇ କନ୍ୟାକୁ ବିବାହ ପୁରୁଷପକ୍ଷ କିଣି ଆଣିଥାଆନ୍ତି। ଏତଦ୍‌ବ୍ୟତୀତ କନ୍ୟା ପାଇଁ ଧଳାଶାଢ଼ି ଏକ ଖଣ୍ଡ, ଯେକୌଣସି ରଙ୍ଗର ସାୟା ଏକଟି, ଗୋଡଖଡୁ ଏକ ହଳ, ରୂପାର ହାତବଳା ଏକ ହଳ ଓ ରୂପାର ଚମ୍ପାକଢ଼ିହାର ବରପକ୍ଷରୁ ପିନ୍ଧାଣୀ ଚିହ୍ନଟ ପାଇଁ କନ୍ୟାଗୃହକୁ ନେଇଥାଆନ୍ତି। ଏବେ ଝିଅପକ୍ଷ ମନ ଖୁସିରେ ବରକୁ ଘଣ୍ଟା, ସାଇକେଲ, ସୁନାମୁଦି ଇତ୍ୟାଦି ଉପହାର ଦେଉଥିବାର ଜଣାଯାଏ। ଫଳରେ କେତେକ ସ୍ଥଳେ କନ୍ୟାପକ୍ଷକୁ ଅର୍ଥ ଯୋଗାଡ କରିବାରେ କଷ୍ଟ ସ୍ୱୀକାର କରିବାକୁ ପଡିଥାଏ। ରାଜୁଆର ସଂପ୍ରଦାୟର କନ୍ୟାପଣ ସମ୍ବନ୍ଧୀୟ ସେଭଳି କୌଣସି ସମସ୍ୟା ନାହିଁ ବୋଲି ଲୋକମାନେ ମତ ଦେଇଥାଆନ୍ତି।

ରାଜୁଆର ସମାଜରେ ଛାଡପତ୍ର ସମସ୍ୟା କ୍ୱଚିତ୍ ମାତ୍ରାରେ ଦେଖାଯାଇଥାଏ । କୌଣସି ମହିଳାର କୌଣସି ଦୋଷ ଦୁର୍ବଳତାକୁ ଦେଖିଲେ ତାକୁ ଛାଡପତ୍ର ଦିଆଯାଇଥାଏ । ବିବାହର କିଛି ବର୍ଷ ବିତି ଯାଥିଲେ ସଂପୃକ୍ତ ମହିଳା ଯଦି ପରିବାର ପାଇଁ ସନ୍ତାନଟିଏ

ଜନ୍ମଦେବା ପାଇଁ ଅକ୍ଷମ ହୋଇଥାଏ, ଅନ୍ୟମାନଙ୍କ ସହିତ ସର୍ବଦା କଳିଝଗଡା କରିବାରେ ଲିପ୍ତ ରହିଥାଏ ତେବେ ପରିବାରର ସୁଖଶାନ୍ତି କ୍ଷୁର୍ଣ୍ଣ ହୋଇଥାଏ । ସଂପୃକ୍ତ ମହିଳା ପରିବାରପାଇଁ ଅଶାନ୍ତି ଓ ଅସୁଖର କାରଣ ମନେକରି ତାକୁ ଛାଡପତ୍ର ଦିଆଯାଇଥାଏ । କୌଣସି ଅନ୍ୟ ପୁରୁଷ ସହିତ ଅଗୋଚରରେ ପ୍ରେମସଂପର୍କ ବିଷୟ ଲୋକଲୋଚନକୁ ଆସିଲେ ସେହି ଦୁଷ୍ଟ, ଚରିତ୍ରହୀନା ମହିଳାକୁ ପରିବାରରୁ ବିତାଡିତ କରାଯାଇଥାଏ । ପ୍ରଥମେ ସ୍ୱାମୀ-ସ୍ତ୍ରୀ ଉଭୟପକ୍ଷଙ୍କ ପରିବାରର ମୁଖିଆଙ୍କୁ ଗ୍ରାମସଭାକୁ ଡକାଯାଇ ବିଚାର କରାଯାଇଥାଏ । ଯଦି ପରସ୍ପର ସ୍ୱାମୀ ଓ ସ୍ତ୍ରୀ ଅଲଗା ରହିବାକୁ ଚାହାନ୍ତି ସେ କ୍ଷେତ୍ରରେ ସମସ୍ତଙ୍କ ଉପସ୍ଥିତିରେ ଛାଡପତ୍ର ଦିଆଯାଇଥାଏ । ସ୍ତ୍ରୀର ସମସ୍ତ ସୁନାରୂପା ତଥା ଅନ୍ୟାନ୍ୟ ଜିନିଷପତ୍ର ସ୍ୱାମୀ ଫେରାଇ ଦେବାକୁ ବାଧ ହୋଇଥାଏ । ପରିତ୍ୟକ୍ତା ମହିଳା ନିଜ ଇଚ୍ଛାରେ ନିଜ ବାପାଘରେ ନଚେତ୍ ଅନ୍ୟତ୍ର ରହିପାରେ । ସମାଜରେ ଏମାନଙ୍କ ସ୍ଥାନ ଅତି ନୀଚରେ ଥାଏ । ରାଜୁଆର ସମାଜରେ ପ୍ରାୟତଃ ଛାଡପତ୍ରଜନିତ ସମସ୍ୟା ଅଳ୍ପମାତ୍ରାରେ ଦେଖାଦେଇଥାଏ ।

ରାଜୁଆର ସମାଜରେ ବହୁପତ୍ନୀ ବିବାହ କ୍ୱଚିତ୍ ଦେଖାଯାଇଥାଏ । କୌଣସି ସ୍ତ୍ରୀର ମୃତ୍ୟୁ ହେଲେ କିମ୍ବା କୌଣସି ସନ୍ତାନସନ୍ତତି ନ ହେଲେ ପୁରୁଷ ଦ୍ୱିତୀୟ ବିବାହ କରିବାକୁ ବାଧ ହୋଇଥାଏ । ବେଳେବେଳେ ପରିବାର ମଧ୍ୟରେ ଦୁଇ ସ୍ତ୍ରୀଙ୍କ ମଧ୍ୟରେ କଳିଝଗଡା ହୋଇଥାଏ । ଫଳରେ ପରିବାରରେ ଅଶାନ୍ତି ଦେଖାଦେଇଥାଏ । ପରିବାରରେ ସୁଖଶାନ୍ତି କେତେକାଂଶରେ କ୍ଷୁର୍ଣ୍ଣ ହୋଇଥାଏ । ଦୁଇ ସ୍ତ୍ରୀଙ୍କ ମଧ୍ୟରେ ସର୍ବଦା ବିରୋଧ ଭାବ ସୃଷ୍ଟି ହୋଇଥାଏ । କେତେକ କଟୁ ଭାଷାରେ ଗାଳି ଗୁଲଜ ହୋଇଥାଆନ୍ତି ସେମାନେ । କଳିଝଗଡା ହେବା ଫଳରେ ସେମାନେ ଅଲଗା ରହିବାକୁ ବାଧ ହୋଇଥାଆନ୍ତି । ସଂପତ୍ତି ବିଷୟ ନେଇ ସେମାନଙ୍କ ମଧ୍ୟରେ କଳି ଉପୁଜିଥାଏ । ଦୁଇ ସଉତୁଣୀଙ୍କ ମଧ୍ୟରେ ଅନବରତ କଳିଝଗଡା ଲାଗିଲେ ଘରୁ ଲକ୍ଷ୍ମୀ ଉଭେଇ ଯାଆନ୍ତି ବୋଲି ଲୋକମାନେ ବିଶ୍ୱାସ କରିଥାଆନ୍ତି । ବେଳେବେଳେ ସ୍ୱାମୀ କଳହକୁ ସହ୍ୟ କରି ନପାରି ଉଭୟଙ୍କ ଉପରେ ମାଡ ଦେବାକୁ ପଛାଇ ନ ଥାଏ ।

ପାରିବାରିକ ସ୍ତରରେ କେତେକ କ୍ଷେତ୍ରରେ ଲୋକମାନେ ଈର୍ଷା ପରାୟଣ ହୋଇ ଶତ୍ରୁତା ଆଚରଣ କରିଥାଆନ୍ତି । ନିଜ ସ୍ୱାର୍ଥ ସାଧନରେ ଆଞ୍ଚ ଆସିଲେ ପରସ୍ପର ମଧ୍ୟରେ ଶତ୍ରୁତା ଆଚରଣ ବୃଦ୍ଧି ହୋଇଥାଏ । ଜମିଜମା ବଣ୍ଟନ ସଂକ୍ରାନ୍ତୀୟ ଗଣ୍ଡଗୋଳକୁ

କେନ୍ଦ୍ରକରି ଭାଇ ଭାଇ ମଧ୍ୟରେ ଦୀର୍ଘଦିନ ଧରି କଥାବାର୍ତ୍ତା ବନ୍ଦ ସାଙ୍ଗକୁ ସଦାସର୍ବଦା ହିଂସାପରାୟଣ ହୋଇଥାଆନ୍ତି । ସୁଯୋଗ ପାଇଲେ ପୁନର୍ବାର ମାଡ୍‌ପିଟ୍ ହୋଇଥାଆନ୍ତି । ସଦା ସର୍ବଦା ପରସ୍ପରର ଅନିଷ୍ଟ ଚିନ୍ତା କରିଥାଆନ୍ତି । ଅନେକ ସମୟରେ ଛୋଟ କଥାକୁ କେନ୍ଦ୍ରକରି ବଡଧରଣର ଗଣ୍ଡଗୋଳ ମଧ୍ୟ ହୋଇଥାଏ । ବିଭିନ୍ନ ପ୍ରକାର ପୂଜାମାନଙ୍କରେ ଗୋତ୍ର ଗୋତ୍ର ମଧ୍ୟରେ କେତେକାଂଶରେ ଝଗଡା ହୋଇଥାଏ । ରାଜୁଆର ସମାଜରେ ସମ ଗୋତ୍ରରେ ବିବାହ ନିଷେଧ ରହିଛି । ଏଭଳି ନୀତିନିୟମକୁ ନମାନି ଯଦି ସମଗୋତ୍ରରେ ବିବାହ ସଂଗଠିତ ହୋଇଥାଏ, ତେବେ ଗୋତ୍ର ଗୋତ୍ର ମଧ୍ୟରେ ସଂଗଠିତ ହୋଇଥାଏ, ତେବେ ଗୋତ୍ର ଗୋତ୍ର ମଧ୍ୟରେ ଅନେକାଂଶରେ କଳିଝଗଡା ହୋଇଥାଏ । ଫଳରେ ପରିବାର ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇଥାଏ । ସେହିପରି ଛାତପତ୍ର ଦେବା କ୍ଷେତ୍ରରେ ମଧ୍ୟ କଳିଝଗଡା ହୋଇଥାଏ । ଗ୍ରାମର ସୀମା ନିର୍ଦ୍ଧାରଣ କ୍ଷେତ୍ରରେ ଗ୍ରାମ ଗ୍ରାମ ମଧ୍ୟରେ ମଧ୍ୟ ଝଗଡା ହୋଇଥାଏ । ଜମିରୁ ପାଣି ଚୋରାଇ ଜମିରେ ମଡାଇବାରେ ମଧ୍ୟ କେତେକାଂଶରେ ସଂପ୍ରଦାୟ-ସଂପ୍ରଦାୟ ମଧ୍ୟରେ ଝଗଡା ହୋଇଥାଏ ।

ରାଜୁଆରମାନେ ବିଭିନ୍ନ ସମୟରେ ହାଣ୍ଡିଆ ଓ ମଦ୍ୟ ପାନ କରିଥାଆନ୍ତି । ବିଭିନ୍ନ ପର୍ବପର୍ବାଣିମାନଙ୍କରେ ମଧ୍ୟ ଭୋଜିଭାତ ସାଙ୍ଗକୁ ମଦ୍ୟପାନ କରିଥାଆନ୍ତି । କୁଲି ମଜୁରୀ କରି ଚଳୁଥିବା ଏହି ଲୋକମାନେ ମଦ୍ୟପାନରେ ପ୍ରାୟ ଅର୍ଥ ଖର୍ଚ୍ଚ କରି ଦେଇଥାଆନ୍ତି । କେତେକାଂଶରେ ସାହୁକାର ତଥା ମହାଜନମାନଙ୍କଠାରୁ ଅର୍ଥ କରଜ ଆଣି ମଦ୍ୟପାନରେ ଖର୍ଚ୍ଚ କରିଥାଆନ୍ତି । ଶେଷରେ ଏମାନେ ନିଜର ଯେତିକି ଜମିଥାଏ ତାକୁ ବିକ୍ରି କରି ମଦ୍ୟପାନ କରିବାକୁ ଏମାନେ ପଛାନ୍ତି ନାହିଁ । ସାଧାରଣତଃ ଅତ୍ୟଧିକ ମଦ୍ୟପାନ କରିଥିବା ଲୋକମାନେ ହିତାହିତ ଜ୍ଞାନ ହରାଇ ବସିଥାଆନ୍ତି । ଶାଳୀନତାର ସୀମା ଟପି ଯାଇଥାଆନ୍ତି, ଏପରିକି ସମୟେ ସମୟେ ଅପ୍ରୀତିକର ପରିସ୍ଥିତି ଉପୁଜାଇଥାଆନ୍ତି । ଗ୍ରାମସଭାରେ କୌଣସି ମୋକଦ୍ଦମା ସମାଧାନ କରାଗଲେ ସଂପୃକ୍ତ ଦୋଷୀଠାରୁ ଜୋରିମାନା ସାଙ୍ଗକୁ ହାଣ୍ଡିଆ କିମ୍ବା ମଦ ମଧ୍ୟ ଆଦାୟ କରାଯାଇଥାଏ । ସମସ୍ତଙ୍କୁ ଭୋଜି ଦେବା ସଙ୍ଗେ ସଙ୍ଗେ ମଦ୍ୟପାନର ବ୍ୟବସ୍ଥା ମଧ୍ୟ କରିଥାଏ । ବିବାହାଦି ସାମାଜିକ କାର୍ଯ୍ୟରେ ଲୋକମାନେ ମଦ୍ୟପାନ କରିଥାନ୍ତି । ଅତ୍ୟଧିକ ହାଣ୍ଡିଆ କିମ୍ବା ମଦ୍ୟପାନ କରିବା ଦ୍ୱାରା ନିଶାରେ ଉବୁଡୁବୁ ହୋଇ ସାମାନ୍ୟ କଥାରେ ଝଗଡା ହୋଇ ନିଜର ସ୍ତ୍ରୀ, ପୁତ୍ର ଇତ୍ୟାଦିଙ୍କୁ ହରାଇ ବସିଥାଏ । ଅତ୍ୟଧିକ ମଦ୍ୟପାନ କରିବା ଯୋଗୁଁ ବ୍ୟକ୍ତିର ଶରୀର ଦୁର୍ବଳ ହେବା ସଙ୍ଗେ ସଙ୍ଗେ ଦୃଷ୍ଟିହୀନତା

ରୋଗରେ ଆକ୍ରାନ୍ତ ହୋଇଥାଏ। ଏପରିକ ଯକ୍ଷ୍ମା, ଟି.ବି. ଏବଂ ବାତରୋଗ ହୋଇଥିବାର ନଜିର ଅଛି। ଅତ୍ୟଧିକ ମଦ୍ୟପାନ ଯୋଗୁଁ ଅର୍ଥହାନୀ, ଶରୀରରେ କଷ୍ଟ ଏବଂ ଯନ୍ତ୍ରଣା ଏବଂ ଅନ୍ୟମାନଙ୍କ ଦ୍ୱାରା କଳି ଝଗଡା କରିବା ଦ୍ୱାରା ଶତ୍ରୁତା ବୃଦ୍ଧି ହୋଇଥାଏ। ଆର୍ଥିକ ସ୍ଥିତି ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଥାଏ।

ଗ୍ରାମ ଦେବଦେବୀ ପୂଜାରେ ଅସନ୍ତୁଷ୍ଟ ହେଳେ କୋପଦୃଷ୍ଟି ପକାଇ ପରୋକ୍ଷରେ ହେଉ ଅବା ପ୍ରତ୍ୟକ୍ଷରେ ହେଉ ଅନେକ କ୍ଷେତ୍ରରେ ଅନିଷ୍ଟ ଘଟାଇଥାଆନ୍ତି । ଠାକୁରଙ୍କ କୋପଦୃଷ୍ଟି ପଡିଲେ ଗ୍ରାମରେ ବସନ୍ତ, ହାଡଫୁଟି, ମିଳିମିଳା ଆଦି ମହାମାରୀ ରୋଗ ବ୍ୟାପିଥାଏ ବୋଲି ଲୋକମାନଙ୍କର ବିଶ୍ୱାସ ରହିଥିବାର ଜଣାଯାଏ । ଏତଦ୍‌ବ୍ୟତୀତ ଗ୍ରାମର ଫସଲ ନଷ୍ଟ ଗାଈଗୋରୁ ଇତ୍ୟାଦିଙ୍କୁ ବିଭିନ୍ନ ରୋଗ ଏବଂ ଧନଜୀବନ ନଷ୍ଟ ହୋଇଥାଏ ବୋଲି ମଧ୍ୟ ଲୋକେ ବିଶ୍ୱାସ କରିଥାଆନ୍ତି । ଶିକାରକୁ ଗଲାବେଳେ ଶିକାର ଦେବତା ଭାବରେ ବାବା ବଜିନାଥଙ୍କୁ ପୂଜା ନ କଲେ ଶିକାର ତ ମିଳେ ନାହିଁ, ପରନ୍ତୁ ଜଙ୍ଗଲର ହିଂସ୍ରଜନ୍ତୁ ଆକ୍ରମଣରେ କିମ୍ବା ସାଥିରେ ନେଇଥିବା ଅସ୍ତ୍ରଶସ୍ତ୍ର ଆଘାତରେ ନିଜର କ୍ଷତି ଘଟିଥାଏ। ତେଣୁ ଜଙ୍ଗଲରୁ ଯିବା ପୂର୍ବରୁ ନିଶ୍ଚିତ ଭାବେ ରାଜୁଆରମାନେ ବାବା ବଜିନାଥଙ୍କୁ ପୂଜା କରିବାକୁ ଭୁଲି ନ ଥାଆନ୍ତି। ସମୟେ ସମୟେ ଘରପୋଡି, ଜଙ୍ଗଲରେ ନିଆଁ ଲାଗିବା ଏବଂ ଲୋକମାନେ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହେବା ଆଦି ଅନେକ ସମସ୍ୟା ଦେଖାଦେଇଥାଏ। ଗ୍ରାମ ଠାକୁର ଠାକୁରାଣୀ ଅସନ୍ତୁଷ୍ଟ ହେଲେ ମଧ୍ୟ ଗ୍ରାମରେ ବିଭିନ୍ନ ଭୂତପ୍ରେତ ପ୍ରବେଶ କରିଥାଆନ୍ତି, ବାହାର ଶତ୍ରୁ ଗ୍ରାମକୁ ଆସି ଲୋକମାନଙ୍କୁ ବିଭିନ୍ନ କାରଣରୁ ଆକ୍ରମଣ କରିଥାଆନ୍ତି ବୋଲି ଲୋକେ ବିଶ୍ୱାସ କରିଥାଆନ୍ତି। ଗ୍ରାମରେ ଲଗାତର ମୃତ୍ୟୁ ହେବା ଫଳରେ ଏହା ଗ୍ରାମ ଠାକୁର ତଥା ଠାକୁରାଣୀଙ୍କ କୋପଦୃଷ୍ଟି ବୋଲି ଲୋକେ ମନେ କରିଥାଆନ୍ତି। ସେଥିପାଇଁ ଲୋକେ ବିବିଧ ପୂଜାପାଠ ତଥା ବଳୀ ପ୍ରଦାନ ମାଧ୍ୟମରେ ଗ୍ରାମ ଠାକୁର ଠାକୁରାଣୀଙ୍କୁ ସନ୍ତୁଷ୍ଟ କରାଇଥାଆନ୍ତି। ଗ୍ରାମ ଠାକୁର ଠାକୁରାଣୀଙ୍କ କୋପଦୃଷ୍ଟି ପଡିଲେ ଏହିଭଳି ଅନେକ ଅନିଷ୍ଟ ଘଟିଥାଏ। ଲୋକମାନଙ୍କର ଅନିଷ୍ଟ ସାଙ୍ଗକୁ ପଶୁପକ୍ଷୀଙ୍କର ମଧ୍ୟ ଅନିଷ୍ଟ ହୋଇଥାଏ।

ବାସନ୍ଦକୁ ସାଧାରଣତଃ ରାଜୁଆର ଭାଷାରେ 'ଏକ୍‌ଘାରିଆ' କୁହାଯାଏ । ରାଜୁଆର ସଂପ୍ରଦାୟର କୌଣସି ପୁରୁଷ କିମ୍ବା ମହିଳା ଅନ୍ୟ ସଂପ୍ରଦାୟରେ ବିବାହ କଲେ ସଂପୃକ୍ତ ବ୍ୟକ୍ତିକୁ ସମାଜରୁ ବାସନ୍ଦ କରାଯାଇଥାଏ । କୌଣସି ବ୍ୟକ୍ତିର ଶରୀରରେ ଦୀର୍ଘଦିନ ଧରି

ହୋଇଥିବା ଘା'ରେ ପୋକ ପଡିଲେ (ମାଛିଦୋଷ) ସଂପୃକ୍ତ ବ୍ୟକ୍ତିକୁ ସମାଜରୁ ବାସନ୍ଦ କରାଯାଇଥାଏ । କୁଷ୍ଠ, କର୍କଟ ଆଦି ରୋଗରେ ଦୀର୍ଘଦିନ ଧରି କୌଣସି ବ୍ୟକ୍ତି ଆକ୍ରାନ୍ତ ହେଲେ, ସାମାଜିକ ନୀତିନିୟମକୁ ଅବମାନନା କରିବା ତଥା ଗ୍ରାମସଭାର ବିଚାରକମଣ୍ଡଳୀଙ୍କ କଥାକୁ ନମାନିବା ଲୋକଙ୍କୁ ସମାଜରୁ ବାସନ୍ଦ କରାଯାଇଥାଏ । ନିଜ ରକ୍ତସଂପର୍କୀୟ ଲୋକମାନଙ୍କ ସହିତ ଯୌନ ସଂପର୍କ ରଖିଥିବା ଲୋକମାନଙ୍କୁ ସମାଜରୁ ବାସନ୍ଦ କରାଯାଇଥାଏ । ବାସନ୍ଦ ହୋଇଥିବା ବ୍ୟକ୍ତି ପାଇଁ ନିଆଁପାଣି ବନ୍ଦ୍ କରିଦିଆଯାଇଥାଏ । ଗ୍ରାମରେ ଥିବା କୂଅ, ପୋଖରୀ, ନଳକୂପ ଆଦି ସର୍ବ ସାଧାରଣ ସଂପତ୍ତିକୁ ବ୍ୟବହାର କରିବା ପାଇଁ ବାରଣ କରାଯାଇଥାଏ । କୌଣସି ଲୋକ ତା' ସହିତ କଥାବାର୍ତ୍ତା ଏବଂ ମିଳାମିଶା କରି ନ ଥାଆନ୍ତି । ସାମାଜିକ ସଂପତ୍ତିରୁ କୌଣସି ଭାଗ ଦିଆଯାଇ ନ ଥାଏ । ଦେବାଦେବୀ ମନ୍ଦିରକୁ ଯିବା ପାଇଁ ତାକୁ ବାରଣ କରାଯାଇଥାଏ । ବିବାହ, ଶୁଦ୍ଧିକ୍ରିୟାରେ ଆଦି ସାମାଜିକ କାର୍ଯ୍ୟରେ ତାକୁ କେହି ସହଯୋଗ କରି ନ ଥାଆନ୍ତି । ଲୋକମାନେ କୌଣସି ଦ୍ରବ୍ୟ ତାକୁ କିମ୍ବା ସେହି ପରିବାରକୁ ଦେଇନଥାଆନ୍ତି କିମ୍ବା ସେହି ବ୍ୟକ୍ତି କିମ୍ବା ପରିବାରଠାରୁ କୌଣସି ଦ୍ରବ୍ୟ ଲୋକମାନେ ଗ୍ରହଣ କରି ନ ଥାଆନ୍ତି । ସମାଜର ଲୋକମାନେ ବାସନ୍ଦ ବ୍ୟକ୍ତିକୁ ଘୃଣା ଚକ୍ଷୁରେ ଦେଖିଥାଆନ୍ତି ।

ପଡୋଶୀ ଗୋଷ୍ଠୀ ସହିତ ରାଜୁଆରମାନଙ୍କର ସମୟେ ସମୟେ ଗଣ୍ଡଗୋଳ ହୋଇଥାଏ । ବ୍ୟବସାୟ କ୍ଷେତ୍ରରେ ବେପାରୀମାନେ ରାଜୁଆରମାନଙ୍କୁ ଅଳ୍ପ ପଇସା ଦେଇ ସେମାନଙ୍କଠାରୁ ବିଭିନ୍ନ ବନଜାତଦ୍ରବ୍ୟ କ୍ରୟ କରି ଅନ୍ୟତ୍ର ଅଧିକ ଦାମ୍‌ରେ ବିକ୍ରୟ କରିଥାଆନ୍ତି । ସେତେବେଳେ କୌଣସି ଜିନିରେ ସଠିକ ମୂଲ୍ୟ ନିର୍ଦ୍ଧାରଣ କରିବା କ୍ଷେତ୍ରରେ ରାଜୁଆରମାନେ ଅନଭିଜ୍ଞ ଥିଲେ । ତେଣୁ ଅନ୍ୟମାନେ ଠକେଇ ଏମାନଙ୍କଠାରୁ ଜିନିଷ କ୍ରୟ କରିଥାଆନ୍ତି । ଏମାନଙ୍କର ସରଳତାର ସୁଯୋଗ ନେଇ ସେମାନେ ଠକିଥାଆନ୍ତି । ସମୟେ ସମୟେ ଗ୍ରାମସୀମା, ଗୋଚର ଭୂମି ତଥା ଜଙ୍ଗଲ ସୀମା ନିର୍ଦ୍ଧାରଣ କ୍ଷେତ୍ରରେ ପଡୋଶୀ ଗୋଷ୍ଠୀ ସହିତ ବିବାଦ ଦେଖାଯାଇଥାଏ । ଲୋଧା ସଂପ୍ରଦାୟର ଲୋକେ ରାଜୁଆରମାନଙ୍କର ଜମିରୁ ଫସଲ ଚୋରାଇ ନେବା ଏବଂ ଖଳାରୁ ଧାନ ଆଦି ବିଭିନ୍ନ ଶସ୍ୟ ଚୋରାଇ ନେଇଥାଆନ୍ତି । ସମୟେ ସମୟେ ଲୋଧାମାନଙ୍କ ସହିତ ପ୍ରବଳ ଗଣ୍ଡଗୋଳ ହୋଇଥାଏ। କେତେକ ଯୁବକ ଦୋକାନୀମାନଙ୍କର ଏଭଳି ଠକେଇ ନୀତିକୁ ଜାଣିପାରି ସେମାନଙ୍କ ସହିତ ଗଣ୍ଡଗୋଳ କରିବାକୁ ପଛାଇ ନ ଥାଆନ୍ତି । ସେହିଭଳି ବିଭିନ୍ନ ପର୍ବପର୍ବାଣି

ପାଳନ ଅବସରରେ ପଡୋଶୀ ଗୋଷ୍ଠୀ କେତେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥାଆନ୍ତି। କେତେକାଂଶରେ ସେହି ପଡୋଶୀ ଗୋଷ୍ଠୀମାନଙ୍କ ସହିତ ଗଣ୍ଡଗୋଳର ସୂତ୍ରପାତ ହୋଇଥାଏ। ପାତ୍ର, ଚନ୍ତୀ, ଭୂୟାଁ ଆଦି ପଡୋଶୀ ଗୋଷ୍ଠୀମାନଙ୍କ ସହିତ ଛୁଆଁ ଅଛୁଆଁ ତଥା ଉଚ୍ଚନୀଚ ଭେଦଭାବ ଯୋଗୁଁ ବେଳେବେଳେ ଗଣ୍ଡଗୋଳ ହୋଇଥାଏ। ଏହିଭଳି ଭାବରେ ପଡୋଶୀ ଗୋଷ୍ଠୀ ସହିତ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହୋଇଥାଏ।

ଅର୍ଥନୈତିକ ସମସ୍ୟା :

ରାଜୁଆର ସମାଜରେ କେତେକ ଅର୍ଥନୈତିକ ସମସ୍ୟା ଦେଖା ଦେଇଥାଏ। ନିମ୍ନରେ କେତେକ ଅର୍ଥନୈତି ସମସ୍ୟା ସଂପର୍କରେ ସବିଶେଷ ଆଲୋଚନା କରାଗଲା।

ଅଭାବ ଓ ଅସୁବିଧା ସମୟରେ ସାଧାରଣତଃ ରାଜୁଆରମାନେ ବଣିଆ, ତେଲି, ସାହୁକାର ତଥା ମହାଜନମାନଙ୍କଠାରୁ କରଜ କିମ୍ବା ଋଣ ଆଣିଥାଆନ୍ତି। ଟଙ୍କା କିମ୍ବା ଶସ୍ୟ ଆକାରରେ ସାହୁକାର ତଥା ମହାଜନମାନେ ରାଜୁଆରମାନଙ୍କୁ ଋଣ ଦେଇଥାଆନ୍ତି। ଶତକଡା ପାଞ୍ଚ ହାର ସୁଧ କିମ୍ବା ଦଶ ହାର ସୁଧ ଆଦାୟ କରିଥାଆନ୍ତି। ଶସ୍ୟ ଆକାରରେ କରଜ ଦେଇଥିଲେ ମୂଳ ଶସ୍ୟ ପରିମାଣର ଅଧା ଶସ୍ୟ ସୁଧ ଆକାରରେ ପରିଶୋଧ କରିବାକୁ ବାଧ ହୋଇଥାଆନ୍ତି। କୋଡିଏ ଗୌଣି ଧାନ କରଜ ଆଣିଥିଲେ ମୂଳ ସହିତ ଅଧିକ ଦଶ ଗୌଣି ଅର୍ଥାତ୍ ତିରିଶ ଗୌଣି ବର୍ଷ ଶେଷରେ ଲୋକମାନେ ସୁଝି ଥାଆନ୍ତି। ଅସୁବିଧା ସମୟରେ ଚଢ଼ାହାରରେ ସୁଧ ହେଲେ ବି ଲୋକେ କରଜ ଆଣିବାକୁ ବାଧ ହୋଇଥାଆନ୍ତି। ଚଢ଼ାହାରରେ ମଧ୍ୟ ସାହୁକାର କିମ୍ବା ମହାଜନମାନେ ସୁଧ ଆଦାୟ କରିଥାଆନ୍ତି। ଏପରିକି ମୂଳଧନ ଅପେକ୍ଷା ସୁଧ ଅଧିକ ହୋଇଥାଏ। ଫଳରେ ନିରୀହ ତଥା ଗରିବ ଲୋକମାନେ କରଜ ସୁଝି ପାରନ୍ତି ନାହିଁ। ସୁଝି ନ ପାରିବାରୁ ଋଣଗ୍ରହୀତାମାନଙ୍କର ଜମିକୁ ଜବରଦଖଲ କରିଥାଏ। କରଜଦେବା ସମୟରେ ରାଜୁଆରମାନଙ୍କଠାରୁ ସାହୁକାର ତଥା ମହାଜନମାନେ କରଜଦେବା ପରିମାଣର ଦୁଇଗୁଣ ଜିନିଷ ବନ୍ଧକ ହିସାବରେ ରଖିଥାଆନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ କରଜ ସୁଝି ନ ପାରିଲେ ବନ୍ଧକ ଜିନିଷ ସଂପୂର୍ଣ୍ଣ ଭାବେ ସାହୁକାର ତଥା ମହାଜନଙ୍କର ହୋଇଥାଏ। କେତେକ ଗରିବ ଶ୍ରେଣୀ ଲୋକ ଋଣ ସୁଝି ନ ପାରିଲେ ସାହୁକାର ତଥା ମହାଜନମାନଙ୍କ ଜମିରେ କାମ କରିଥାଆନ୍ତି। ଜମିରେ ଅଧିକ ଦିନ କାମ କରାଇଥାଆନ୍ତି ସାହୁକାରମାନେ। କରଜ କ୍ଷେତ୍ରରେ ଏହିଭଳି ଅନେକ ସମସ୍ୟା ଦେଖାଯାଇଥାଏ।

ଜମିର ସୀମା ନିର୍ଦ୍ଧାରଣ ତଥା ଜମି ଜମିରୁ ଚୋରାଇ ପାଣି ମଡାଇବା କ୍ଷେତ୍ରରେ ବେଳେବେଳେ ଗଣ୍ଡଗୋଳ ହୋଇଥାଏ। ଭାଇ ଭାଇମାନଙ୍କ ମଧ୍ୟରେ ଜମିବଣ୍ଟନ କ୍ଷେତ୍ରରେ ଅନିୟମିତତା ଦେଖାଦେଲେ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥାଏ। ଏପରିକି ଠେଙ୍ଗା ଦ୍ୱାରା ମାଡ୍‌ପିଟ୍ ହୋଇଥାଏ। ଶେଷରେ ଥାନା, କୋର୍ଟ କଚେରୀ ପର୍ଯ୍ୟନ୍ତ କଥା ଯାଇଥାଏ। ବେଳେବେଳେ ଜମିରୁ ଲୋଧା ସଂପ୍ରଦାୟର ଲୋକେ ଫସଲ କାଟି ନେଇଥାଆନ୍ତି । ଧରାପଡିଲେ ସେମାନଙ୍କ ସହିତ ପ୍ରବଳ ଗଣ୍ଡଗୋଳ ହୋଇଥାଏ । କେତେକ ଭୂମିହୀନ ତଥା ଜମିହୀନ ପରିବାର ସଂପୃକ୍ତ ଅଞ୍ଚଳରେ ଦେଖାଯାଆନ୍ତି । ରାଜୁଆର ସଂପ୍ରଦାୟର କେତେକ ଲୋକଙ୍କର ଆଦୌ ଜମି ନ ଥିବା ଜଣାଯାଇଥାଏ ।

ସଂପୃକ୍ତ ଅଞ୍ଚଳର ଲୋକମାନେ ମୁଖ୍ୟତଃ ଧାନଚାଷ ଉପରେ ନିର୍ଭର କରିଥାଆନ୍ତି । ଏତଦ୍‌ବ୍ୟତୀତ କେତେକ ଲୋକ ସବାଇଘାସ ଚାଷକୁ ଆୟର ଅନ୍ୟତମ ଉତ୍ସ ଭାବରେ ଗ୍ରହଣ କରିଥାଆନ୍ତି । ସେ ଯାହାହେଉ ବର୍ଷାର ଅନିୟମିତତା ଯୋଗୁଁ ଠିକ୍ ସମୟରେ ବର୍ଷା ହେଉନାହିଁ । ଫଳରେ ଚାଷ କାର୍ଯ୍ୟ ବ୍ୟାହାତ ହୋଇଥାଏ। ରାଜୁଆର ସଂପ୍ରଦାୟର ଲୋକମାନେ ଏ ପର୍ଯ୍ୟନ୍ତ ଉନ୍ନତମାନର କୃଷି ଯନ୍ତ୍ରପାତି ବ୍ୟବହାର କରି ନ ଥିବା ଜଣାଯାଏ । ଫଳରେ କୃଷି କାର୍ଯ୍ୟରେ ବିଳମ୍ବ ହୋଇଥାଏ । ଜଳସେଚନର ସଂପୂର୍ଣ୍ଣ ସୁବିଧା ଏ ଅଞ୍ଚଳରେ ଏପର୍ଯ୍ୟନ୍ତ କରାଯାଇନଥିବାରୁ ଚାଷବାସ କ୍ଷେତ୍ରରେ ଆଶାନୁରୂପ ଫସଲ ଉତ୍ପାଦନ ହୋଇପାରୁ ନାହିଁ । ପାରଂପରିକ କୃଷି ଯନ୍ତ୍ରପାତିକୁ ଚାଷ କାର୍ଯ୍ୟରେ ଏପର୍ଯ୍ୟନ୍ତ ବ୍ୟବହାର କରୁଥିବାର ଜଣାଯାଏ । କେତେକ ଗ୍ରାମରେ ଜଳସେଚନର ସୁବିଧା ଥାଇ ମଧ୍ୟ ଗ୍ରୀଷ୍ମଋତୁରେ ସଂପୂର୍ଣ୍ଣ ଅକାମୀ ହୋଇ ପଡିଥାଏ ଉଠା ଜଳସେଚନ ମେସିନ୍ । ସରକାରଙ୍କ ତରଫରୁ ଉନ୍ନତ କିସମର ବିହନ ଏବଂ ସାର ମାଗଣାରେ ଆଉ ଲୋକମାନଙ୍କୁ ଯୋଗାଇ ଦିଆଯାଉନାହିଁ । ପାରଂପରିକ ଢଙ୍ଗରେ ଚାଷବାସ କରୁଥିବାରୁ ଅଧିକ ଅମଳ ହୋଇପାରୁନାହିଁ । ରାଜୁଆର ସଂପ୍ରଦାୟର ଲୋକେ ସାଧାରଣତଃ ଅଧିକାଂଶ ଗରିବ ଶ୍ରେଣୀର ହୋଇଥିବାରୁ ଚାଷ କାର୍ଯ୍ୟରେ ଅନ୍ୟକୁ ମଜୁରୀ ଦେଇ କାମ କରାଇବା ସେମାନଙ୍କ ପକ୍ଷରେ ଅସମ୍ଭବ ହୋଇପଡିଥାଏ ।

ସାଧାରଣତଃ ପୁଷ୍ଟିବର୍ଦ୍ଧକ ଖାଦ୍ୟ ସମ୍ବନ୍ଧରେ ରାଜୁଆରମାନଙ୍କର ଯଥେଷ୍ଟ ଜ୍ଞାନ ନ ଥାଏ । କେତେକ ପିତା ଜାତୀୟ ଖାଦ୍ୟକୁ ସେମାନେ ଖାଇଥାଆନ୍ତି । ନିମ୍ବପତ୍ର, ନିମ୍ବଫୁଲ ଏବଂ କଲରା ପତ୍ରକୁ ସିଝାଇ କିମ୍ବା ପତ୍ର ସାହାଯ୍ୟରେ ନିଆଁରେ ପୋଡି ଖାଇଥାଆନ୍ତି ।

ପେଟରୋଗ ଭଲ ହେବା ସଙ୍ଗେ ସଙ୍ଗେ ରକ୍ତ ବଢ଼ିଥାଏ ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି । ଏତଦ୍‌ବ୍ୟତୀତ ଆର୍ଥିକ ଅଭାବ ଦୃଷ୍ଟିକୋଣରୁ ସେମାନେ ପୁଷ୍ଟି ବର୍ଦ୍ଧକ ଖାଦ୍ୟ ପଦାର୍ଥ ବାହାରୁ କ୍ରୟ କରି ପାରୁନାହାନ୍ତି ।

ସେ ସମୟରେ ରାଜୁଆରମାନେ ଜଙ୍ଗଲରୁ ଖାଦ୍ୟ ସଂଗ୍ରହ କରୁଥିଲେ । ଡିପଜମିରେ ଡାହିଧାନ, କୋଳଥ ଇତ୍ୟାଦି ଚାଷକରି ସେମାନଙ୍କର ଜୀବିକା ନିର୍ବାହ କରୁଥିଲେ । ପ୍ରାୟତଃ ଜଙ୍ଗଲରୁ ଆଠ ମାସ ଖାଦ୍ୟ ସଂଗ୍ରହ କରି ବଞ୍ଚି ଯାଉଥିଲେ । ବର୍ଷାର ଅନିୟମିତତା ଯୋଗୁଁ ଠିକ୍ ସମୟରେ ବର୍ଷା ହୋଇପାରେ ନାହିଁ । ଫଳରେ ଚାଷକାର୍ଯ୍ୟ ହୋଇପାରେ ନାହିଁ । ଚାଷ ନ ହେବାରୁ କୌଣସି ଶସ୍ୟ ଉତ୍ପାଦନ ହୋଇପାରେ ନାହିଁ । ତେଣୁ ଖାଦ୍ୟାଭାବ ଦେଖାଦେଇଥାଏ । ବନ୍ୟା, ବାତ୍ୟା, ମରୁଡି ଆଦି ପ୍ରାକୃତିକ ବିପର୍ଯ୍ୟୟ ହେବା ଫଳରେ ଚାଷକାର୍ଯ୍ୟ ବ୍ୟାହତ ହୋଇଥାଏ ବା ଫସଲ ନଷ୍ଟ ହୋଇଥାଏ । ତେଣୁ ସେ ସମୟରେ ଖାଦ୍ୟାଭାବ ଦେଖାଦେଇଥାଏ । ଆବଶ୍ୟକ ମୁତାବକ ଲୋକମାନଙ୍କ ପାଇଁ ଚାଷଜମି ନ ଥିବାରୁ ଅନେକାଂଶରେ ଖାଦ୍ୟର ଘୋର ଅଭାବ ପରିଲକ୍ଷିତ ହୋଇଥାଏ । ଜଳସେଚନର ଅବ୍ୟବସ୍ଥା ଯୋଗ ମଧ୍ୟ ଚାଷ କାର୍ଯ୍ୟରେ ଠିକ୍ ଭାବରେ ହୋଇନଥାଏ । କେବଳ ବର୍ଷା ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିଥାଆନ୍ତି । ବର୍ଷା ନ ହେବାରୁ ମରୁଡି ହୋଇଥାଏ । ଲୋକମାନଙ୍କ ପାଇଁ ଖାଦ୍ୟର ଅଭାବ ଦେଖାଦେଇଥାଏ । କେତେକ ଲୋକ ଦୈନନ୍ଦିନ ଦିନମଜୁରୀ କରି ଗୁଜୁରାଣ ମେଣ୍ଟାଇଥାଆନ୍ତି। ବେଳେବେଳେ କାମ କରି ମଧ୍ୟ ଠିକ୍ ମଜୁରୀ ପାଇପାରି ନ ଥାଆନ୍ତି । ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି ।

ପୈତୃକ ସଂପତ୍ତିକୁ ଭାଇଭାଇମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥାଏ । ଏପରି କ୍ଷେତ୍ରରେ ପିତାମାତାଙ୍କ ଭରଣପୋଷଣ ଦାୟିତ୍ୱ ନେବା ପୁଅକୁ ତା' ଭାଗ ସହିତ ଅଧିକ ଭାଗ ଦିଆଯାଇଥାଏ । ପୈତୃକ ସଂପତ୍ତି ବଣ୍ଟନ କ୍ଷେତ୍ରରେ ଅନିୟମିତତା ଦେଖାଦେଲେ ଭାଇ ଭାଇଙ୍କ ମଧ୍ୟରେ ବେଳେବେଳେ ଗଣ୍ଡଗୋଳ ହୋଇଥାଏ । ଜମିର ଉର୍ବରତା ଏବଂ କିସମକୁ ଦୃଷ୍ଟିରେ ରଖି ମଧ୍ୟ ବେଳେବେଳେ ଭାଇ ଭାଇ ମଧ୍ୟରେ ଗଣ୍ଡଗୋଳ ହୋଇଥାଏ । ମାଆର ଗହଣାଗାଣ୍ଠି ମାଆ ତା' ନିଜ ଇଚ୍ଛା ଅନୁସାରେ ଝିଅକୁ ଦେଇଥାଏ । ସମୟେ ସମୟେ ମାଆର ଗହଣାଗାଣ୍ଠିରେ ପୁଅମାନଙ୍କର ଭାଗ ଅଛି ବୋଲି ଗଣ୍ଡଗୋଳ ହୋଇଥାଏ ।

ବର୍ତ୍ତମାନ ସମାଜରେ ବେକାର ସମସ୍ୟା ମୁଖ୍ୟ ଭାବରେ ମୁଣ୍ଡ ଟେକି ରହିଥାଏ । ସାଧାରଣତଃ ରାଜୁଆର ସଂପ୍ରଦାୟର ଅଧିକାଂଶ ଲୋକ ଗରିବ ଶ୍ରେଣୀର । କୁଲି ମଜୁରୀ କରି ସେମାନେ ନିତିଦିନିଆ ଜୀବନ ବିତାଇଥାଆନ୍ତି । ସବୁ ସମୟରେ ମଧ୍ୟ ବାହାର କାମ

ଏମାନଙ୍କୁ ମିଳୁ ନାହିଁ। ଆବଶ୍ୟକ ମୁତାବକ କାମ ଅଭାବରୁ ଅଧିକାଂଶ ସମୟରେ ଏମାନେ ବେକାର ହୋଇ ବସୁଥିବାର ସେମାନେ ମତ ଦେଇଥାଆନ୍ତି। ଜଙ୍ଗଲ ଉଚ୍ଛେଦ ଫଳରେ ଜଙ୍ଗଲକୁ ଯାଇ ପାରନ୍ତି ନାହିଁ। ଅନ୍ୟକାମ ନ କରି ବେକାର ଅବସ୍ଥାରେ ରହିଥାଆନ୍ତି। ଶିକ୍ଷା କ୍ଷେତ୍ରରେ ଏମାନେ ଅନଗ୍ରସର। ଇଚ୍ଛା ଥିଲେ ମଧ୍ୟ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଏମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥାଆନ୍ତି। ଏହି ଅଞ୍ଚଳରେ ଅର୍ଦ୍ଧ ଶିକ୍ଷିତ ହୋଇ ଏମାନେ ବାଧ ହୋଇ ନିଜର ବୃତ୍ତି 'ଚୁଡା ବ୍ୟବସାୟ' କରୁଛନ୍ତି। କେତେକ ଯୁବକ ତାସ୍ ଏବଂ ପଶାଖେଳରେ ମାତି ସମୟକୁ ଅପବ୍ୟବହାର କରିଥାଆନ୍ତି। ସେ ଅଞ୍ଚଳରେ ବିଶେଷତଃ କାମଧନ୍ଦା ଅଭାବରେ ବେକାର ସମସ୍ୟା ଆସ୍ତେ ଆସ୍ତେ ବୃଦ୍ଧି ପାଉଛି। ଆଦୌ ନିର୍ଭରଶୀଳ ହେବା ପାଇଁ ସରକାରଙ୍କ ଯୋଜନା କାର୍ଯ୍ୟକାରୀ ହେବା ପରେ ମଧ୍ୟ ସଂପୃକ୍ତ ଅଞ୍ଚଳର କୌଣସି ବେକାର ଯୁବକ ଯୋଜନାର ଲାଭ ଉଠାଇ ପାରି ନ ଥିବା ଜଣାଯାଏ।

ଧାର୍ମିକ ସମସ୍ୟା :

ରାଜୁଆର ସମାଜରେ ଧର୍ମ ସଂକ୍ରାନ୍ତୀୟ କେତେକ ସମସ୍ୟା ଦେଖାଯାଇଥାଏ । ବିଭିନ୍ନ ପୂଜାପାଠ ତଥା ପର୍ବପର୍ବାଣିମାନଙ୍କରେ ବିବିଧ ସମସ୍ୟା ଉପୁଜିଥାଏ । କେତେକ ଧର୍ମ ସଂକ୍ରାନ୍ତୀୟ ସମସ୍ୟା ସମ୍ବନ୍ଧରେ ନିମ୍ନରେ ଆଲୋଚନା କରାଗଲା ।

ସାଧାରଣତଃ ରାଜୁଆରମାନେ ବର୍ଷକ ମଧ୍ୟରେ ବିଭିନ୍ନ ପ୍ରକାର ପର୍ବପର୍ବାଣୀ ପାଳନ କରିଥାଆନ୍ତି । ଗ୍ରାମଦେବତୀଙ୍କ ପୀଠରେ ବର୍ଷ ମଧ୍ୟରେ ଧୂଳିଆପୂଜା, ଆଷାଢ଼ି ପୂଜା, ଜାନ୍ତାଳ ପୂଜା, ଅନ୍ଧାରୀ ପୂଜା ଏବଂ ମାଘପୂଜା ହୋଇଥାଏ । ଏହି ପୂଜା ହେବାରୁ ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ଲୋକମାନେ ଚାନ୍ଦା ଦେଇଥାଆନ୍ତି । ପୂଜା ସାମଗ୍ରୀ ତଥା ବଳି ପାଇଁ ଲୋକଙ୍କ ଠାରୁ ଚାନ୍ଦା ଆଦାୟ କରାଯାଇଥାଏ । ଏତଦ୍ ବ୍ୟତୀତ ବର୍ଷ ମଧ୍ୟରେ ସେମାନେ ମଧ୍ୟ ରଜପର୍ବ, ଗହ୍ମାପର୍ବ, ଦଶ୍‌ରା, ଦୀପାବଳୀ, ମକରମେଳା, ପଣାସଂକ୍ରାନ୍ତି, କରମପୂଜା ଇତ୍ୟାଦି ପାଳନ କରିଥାଆନ୍ତି । କେତେକ ପୂଜାମାନଙ୍କରେ ମଧ୍ୟ ପରିବାରର ପ୍ରତ୍ୟେକଙ୍କ ପାଇଁ ନୂତନ ପୋଷାକ କ୍ରୟ କରାଯାଇଥାଏ । ଏତଦ୍‌ବ୍ୟତୀତ ବନ୍ଧୁବାନ୍ଧବ, ସାହିପଡିଶା ତଥା ସଂପର୍କୀୟମାନଙ୍କୁ ପର୍ବପର୍ବାଣିମାନଙ୍କରେ ନିମନ୍ତ୍ରଣ କରିଥାଆନ୍ତି । ସମସ୍ତଙ୍କ ପାଇଁ ଭୋଜିଭାତର ଆୟୋଜନ କରାଯିବା ସଙ୍ଗେ ସଙ୍ଗେ ମଦ୍ୟପାନୀୟ ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ଚେଣ୍ଟୁ ଏହି ସବୁ କ୍ଷେତ୍ରରେ ଲୋକମାନେ ଆୟ ଅପେକ୍ଷା ଅଧିକ ଖର୍ଚ୍ଚ କରିଥାଆନ୍ତି । ଫଳରେ ସାହୁକାର ଏବଂ ମହାଜନମାନଙ୍କଠାରୁ କରଜ ଆଣିବାକୁ ବାଧ

ହୋଇଥାଆନ୍ତି । ସେହିଭଳି ଛୋଟ ପିଲାର ନାମକରଣ ଉତ୍ସବ, ଅନ୍ନଛୁଆଣି ଉତ୍ସବ, ବିବାହ, ଶୁଦ୍ଧିକ୍ରିୟା ଇତ୍ୟାଦି ସାମାଜିକ ଉତ୍ସବମାନଙ୍କରେ ମଧ୍ୟ ବନ୍ଧୁବାନ୍ଧବ, ତଥା ସଂପର୍କୀୟମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । ସକ୍ଷମ ଅନୁସାରେ ଗୃହକର୍ତ୍ତା କେତେକ ଉତ୍ସବରେ ନିମନ୍ତ୍ରିତ ବନ୍ଧୁବାନ୍ଧବ ତଥା ସଂପର୍କୀୟ ଲୋକମାନଙ୍କ ପାଇଁ ଭୋଜିଭାତ ଓ କେତେକ ସ୍ଥଳେ ଲୁଗାପଟା ଦେବାପାଇଁ ବ୍ୟବସ୍ଥା କରାଯାଇଥାଏ । ଫଳରେ ଅଧିକ ଅର୍ଥ ଖର୍ଚ୍ଚ ହୋଇଥାଏ । ଆୟ ବହିର୍ଭୂତ ବ୍ୟୟ ହେଲେ ଏହିଭଳି ଅନେକ ଅସୁବିଧା ହୋଇଥାଏ ।

କୌଣସି ଅଶରୀରି ଶକ୍ତି କୋପଦୃଷ୍ଟି ଦ୍ୱାରା ଗ୍ରାମରେ ହଇଜା, ବସନ୍ତ, ହାଡଫୁଟି, ମିଳିମିଲା ଆଦି ମହାମାରୀ ରୋଗ ବ୍ୟାପି ଥାଏ ବୋଲି ଲୋକମାନେ ବିଶ୍ୱାସ କରିଥାଆନ୍ତି । ଏହିଭଳି ବିଭିନ୍ନ ପ୍ରକାର ରୋଗରୁ ଉପଶମ ପାଇବା ପାଇଁ ଗ୍ରାମଦେବତୀଙ୍କୁ ଭୋଗରାଗ ତଥା ବଳି ଦେଇ ପାରଂପରିକ ରୀତିରେ ପୂଜା କରାଯାଇ ସନ୍ତୁଷ୍ଟି କରାଯାଇଥାଏ । ଗୁଣିଆର ନିର୍ଦ୍ଦେଶ ଅନୁସାରେ ଅରୁଆଚାଉଳ, ଧୂପ, ଦୀପ, ସିନ୍ଦୁର ଏବଂ ଲାଲ୍, ଧଳା ଏବଂ କଳାରଙ୍ଗର ତିନୋଟି କୁକୁଡା ଥା ଅନ୍ୟାନ୍ୟ ଭୋଗରାଗ ଗୁଣିଆକୁ ଦେଇଥାଆନ୍ତି। ଗୁଣିଆ ପୂଜାପାଠ କରିବା ପରେ ଯଦି ରୋଗ ଭଲ ହୁଏ ନାହିଁ ଗୁଣିଆର ନିର୍ଦ୍ଦେଶକ୍ରମେ ପୁନର୍ବାର ବିବିଧ ପୂଜାଉପକରଣ ସହିତ ତିନିଟି କୁକୁଡା ମଧ୍ୟ ଦେଇଥାଆନ୍ତି। କିନ୍ତୁ ରୋଗରୁ ମୁକ୍ତି ପରିବର୍ତ୍ତେ ମୃତ୍ୟୁ ହୋଇଥାଏ ରୋଗୀର। ପୂଜାରେ ଦିଆଯାଇଥିବା ଭୋଗରାଗରେ ସନ୍ତୁଷ୍ଟ ନ ହେବାରୁ ଅଶରୀରି ଶକ୍ତି ରୋଗୀକୁ ମାରିଦେଲା ବୋଲି ଲୋକମାନେ ବିଶ୍ୱାସ କରିଥାଆନ୍ତି। ମୃତ୍ୟୁ ପରେ ମଧ୍ୟ ଶୁଦ୍ଧିକ୍ରିୟା ପାଇଁ ସେଥିରେ ଅର୍ଥ ଖର୍ଚ୍ଚ ହେବା ପାଇଁ ମହାଜନ ବା ସାହୁକାରର ଦ୍ୱାରସ୍ଥ ହେବାକୁ ପଡିଥାଏ । ଲୋକମାନଙ୍କର ଅନ୍ଧବିଶ୍ୱାସ ଯୋଗୁଁ ଶେଷରେ ରୋଗୀର ମୃତ୍ୟୁ ହେଲା ବୋଲି ବିବେଚନା ରାଯାଇଥାଏ । ସେ ସମୟରେ ରୋଗ ଉପଶମ ପାଇଁ ପୂଜାପାଠରେ ମଧ୍ୟ ବିବିଧ ସମସ୍ୟା ଦେଖାଯାଇଥାଏ ।

ଗ୍ରାମସ୍ତରୀୟ ପୂଜକ ହିସାବରେ ଗ୍ରାମ ଦେବଦେବୀଙ୍କ ପୂଜା କରିବା ପାଇଁ ଦେହୁରୀ ରହିଥାନ୍ତି । ଗ୍ରାମଦେବାଦେବୀଙ୍କ ନାମରେ ଥିବା ଜମିରୁ ଦୁଇ ଏକର ଦେହୁରୀକୁ ଦିଆଯାଇଥାଏ । ଦେହୁରୀ ଯଦି ପୂଜାପାଠ ମାଧ୍ୟମରେ ଗ୍ରାମଦେବଦେବୀଙ୍କୁ ସନ୍ତୁଷ୍ଟ କରିପାରି ନ ଥାଏ, ତେବେ ଦେବାଦେବୀ ଅସନ୍ତୁଷ୍ଟ ହୋଇ କୋପ ଦୃଷ୍ଟି ମାଧ୍ୟମରେ ଗ୍ରାମର ଅନେକ କ୍ଷତି ପରୋକ୍ଷ କିମ୍ବା ପ୍ରତ୍ୟକ୍ଷରେ କରିଥାଆନ୍ତି । ଏପରିକି ଗ୍ରାମରେ ବିଭିନ୍ନ ମହାମାରୀ ରୋଗ ମଧ୍ୟ ବ୍ୟାପିଥାଏ । ସେହିଭଳି ଗୁଣିଆମାନେ ମଧ୍ୟ ଗ୍ରାମର କେତେକାଂଶରେ

ଅନିଷ୍ଟ ବା କ୍ଷତି ଘଟାଇଥାଆନ୍ତି । ବେଳେବେଳେ ଗୁଣିବିଦ୍ୟା ପରୀକ୍ଷା କରିବାକୁ ଯାଇ ଗୁଣିଆ ମନ୍ତ୍ରପାଠ ମାଧ୍ୟମରେ ବୃକ୍ଷକୁ ସଂପୂର୍ଣ୍ଣ ଭାବେ ମାରିଦେଇଥାଆନ୍ତି । କେତେକ ଲୋକଙ୍କ ଉପରେ ଗୁଣିଆଙ୍କର ଯଦି ରାଗ ଥାଏ, ତେବେ ସେ ମିଳିମିଳା, ହାଡଫୁଟି, ହଇଜା ଇତ୍ୟାଦି ମହାମାରୀ ରୋଗକୁ ଗାଁକୁ ଆହ୍ୱାନ କରିଥାଏ। ଫଳରେ ଲୋକେ ରୋଗରେ ଅନେକ ପ୍ରକାର ହନ୍ତସନ୍ତ ହୋଇଥାଆନ୍ତି । ପାରିବାରିକ ଦ୍ୱନ୍ଦ୍ୱ କିମ୍ବା ବ୍ୟକ୍ତିଗତ ଦ୍ୱନ୍ଦ୍ୱରେ ଗୁଣିଆ ଅନ୍ତର୍ଭୁକ୍ତ ଥିଲେ ପ୍ରତିପକ୍ଷ ବ୍ୟକ୍ତିଙ୍କୁ 'ବାନ୍‌ମରା' ଜରିଆରେ ଲୋକମାନଙ୍କୁ ହଇରାଣ ହରକତ କରିଥାଆନ୍ତି । ସେହିପରି ଡାକପାଣି ଏବଂ କାଟପାଣି ମାଧ୍ୟମରେ ଲୋକମାନଙ୍କୁ ଅନେକ ହଇରାଣ କରାଇଥାଆନ୍ତି । ବେଳେବେଳେ ପରିବାରରୁ ଅଶାନ୍ତି ଦୂର କରିବାକ ପାଇଁ ଗୁଣିଆକୁ ଡାକି ପୂଜାପାଠ କରାଇଥାଆନ୍ତି । ସେଥିପାଇଁ ବିଭିନ୍ନ ପୂଜା ଉପକରଣ ସମେତ ତିନିଟି କୁକୁଡା ଦିଆଯାଇଥାଏ । ଏତଦ୍‌ବ୍ୟତୀତ ଦୁଇ ସେର ଚାଉଳ, ଧଳାରଙ୍ଗର ଧୋତି ମଧ୍ୟ ଗୁଣିଆ ପାଇଁ ଦେଇଥାଆନ୍ତି । ପରୋକ୍ଷ ଭାବରେ ଗୁଣିଆମାନେ ଲୋକମାନଙ୍କୁ ହଇରାଣ ହରକତ କରିଥାଆନ୍ତି । ଲୋକମାନଙ୍କର ଅନ୍ଧବିଶ୍ୱାସ ତଥା ଅଜ୍ଞତା ଯୋଗୁଁ ପ୍ରାୟତଃ ଏହିଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ।

ରାଜନୈତିକ ସମସ୍ୟା :

ରାଜୁଆର ସମାଜରେ ଯେକୌଣସି ଗଣ୍ଡଗୋଳ ଉପୁଜିଥାଏ, ତାହା ସାଧାରଣତଃ ପାରଂପରିକ ଗ୍ରାମସଭା ବା 'ଗାଁଓ୍ୱେକ୍ ବିଚାର'ରେ ଆଲୋଚନା କରାଯାଇ ସମାଧାନ କରାଯାଇଥାଏ । କେତେକ କ୍ଷେତ୍ରରେ ମଧ୍ୟ ବିଭିନ୍ନ ସମସ୍ୟା ଦେଖା ଯାଇଥାଏ । ତେଣୁ କେତେକ ରାଜନୈତିକ ସମସ୍ୟା ସଂପର୍କରେ ନିମ୍ନରେ ଆଲୋଚନା କରାଗଲା ।

ରାଜୁଆର ସମାଜରେ ପ୍ରତ୍ୟେକ ଗାଁରେ ଗ୍ରାମର ସୁପରିଚାଳନା ପାଇଁ ପରାମାଣିକ, ଡାକୁଆ ଏବଂ ପାଞ୍ଚ ଛଅ ଜଣ ପୁରୁଖା ଭଦ୍ରଲୋକଙ୍କୁ ନେଇ ଗ୍ରାମସଭା ବା 'ଗାଁଓ୍ୱେକ୍ ବିଚାର' ଗଠନ କରାଯାଇଥାଏ । ଗ୍ରାମ ଶାସନର ମୁଖ୍ୟ ହିସାବରେ 'ପରାମାଣିକ୍' କାର୍ଯ୍ୟ ସଂପାଦନ କରିଥାଆନ୍ତି। ତାଙ୍କର ନିର୍ଦ୍ଦେଶରେ ଗ୍ରାମ ଶାସନ ଚାଲେ । ସେହି ପ୍ରତ୍ୟେକ ସଭାରେ ସଭାପତିତ୍ୱ କରିଥାଆନ୍ତି । କୌଣସି ମୋକଦ୍ଦମା ବିଚାର ପରେ ଅନ୍ତିମ ରାୟ ଗ୍ରାମ ଶାସନର ମୁଖ୍ୟ ହିସାବରେ ପରାମାଣିକ ପ୍ରଦାନ କରିଥାଆନ୍ତି । ଯଦି ଶାସନ ମୁଖ୍ୟଙ୍କର ଦକ୍ଷତା ନଥାଏ ବା ପକ୍ଷପାତିତା ଥାଏ ତେବେ ସେ ନିରପେକ୍ଷ ନ୍ୟାୟ ବିଚାର କରିପାରନ୍ତି ନାହିଁ ଓ ଏଥିପାଇଁ ସମସ୍ୟା ସୃଷ୍ଟି ହୁଏ ।

ସାଧାରଣତଃ ପାରଂପରିକ ଗ୍ରାମସଭା ବା 'ଗାଁଓ୍ୱେକ୍ ବିଚାର'ରେ କୌଣସି ମୋକଦ୍ଦମା ବିଚାର କରିବାବେଳେ ଗଣ୍ଡଗୋଳର ଉଭୟପକ୍ଷ ଆସାମୀ, ଶାସନ ମୁଖ୍ୟ ଭାବରେ ପରାମାଣିକ, ପରାମାଣିକଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମସଭା ପାଇଁ ଲୋକମାନଙ୍କୁ ଆହ୍ୱାନ କରିଥିବା ବା ବାର୍ତ୍ତାବାହକ ରୂପେ କାର୍ଯ୍ୟ କରୁଥିବା ଛାଟିଆ ବା ଡାକୁଆ, ଗ୍ରାମର ପାଞ୍ଚ ଛଅ ଜଣ ପୁରୁଖା ଭଦ୍ରଲୋକଙ୍କ ସମେତ ଗ୍ରାମର ଅନ୍ୟଲୋକମାନେ ଉପସ୍ଥିତ ରହିଥାଆନ୍ତି । ଉପସ୍ଥିତ ଭଦ୍ରଲୋକମାନେ ଉଭୟପକ୍ଷ ଆସାମୀଙ୍କ ଠାରୁ ଗଣ୍ଡଗୋଳ ବିବରଣୀ ଶୁଣି ପ୍ରଥମେ ସେମାନଙ୍କ ମଧ୍ୟରେ ଆଲୋଚନା କରାଯାଇ ପ୍ରକୃତ ଦୋଷୀ ବାଛିଥାଆନ୍ତି । ପରାମାଣିକଙ୍କୁ ଶେଷରେ ଆଲୋଚନା ଶୁଣାଇଥାଆନ୍ତି ବା ପରାମାଣିକ ନିଜେ ପ୍ରତ୍ୟକ୍ଷ ଭାବେ ବିଚାରରେ ଅଂଶ ଗ୍ରହଣ କରି ଶେଷ ନିଷ୍ପତ୍ତି ଘୋଷଣା କରିଥାଆନ୍ତି । ସମୟେ ସମୟେ ବିଚାରକ ମଣ୍ଡଳୀଙ୍କର ନିଷ୍ପତ୍ତିରେ ସନ୍ତୁଷ୍ଟ ନ ହୋଇ ତଥା ସେମାନଙ୍କୁ ଅବମାନନା କରି ବିଚାର କ୍ଷେତ୍ରରେ ପ୍ରତିପକ୍ଷଙ୍କ ଦ୍ୱାରା ପାଟିତୁଣ୍ଡ ହୋଇଥାଏ । ସ୍ଥଳବିଶେଷରେ ଗ୍ରାମସଭାକୁ ଅବମାନନା କରିଥିବା ସଂପୃକ୍ତ ଦୋଷୀକୁ 'ବାସନ୍ଦ' କରାଯାଇଥାଏ । ବିଚାର କ୍ଷେତ୍ରରେ କେତେକାଂଶରେ ଲୋକମାନେ ଧନୀଶ୍ରେଣୀ ତଥା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସପକ୍ଷରେ ଯାଇଥାଆନ୍ତି । ଗରିବ ତଥା ନିରୀହ ସାଧାରଣ ଲୋକଙ୍କ ଉପରେ ସମସ୍ତେ ଦୋଷ ଆରୋପ କରାଯାଇଥାଏ । ଧନୀ, ଗରିବ, ମାନ୍ୟଗଣ୍ୟବ୍ୟକ୍ତି ଏବଂ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ବିଚାର କ୍ଷେତ୍ରରେ ପାତର ଅନ୍ତର କରାଯାଇଥାଏ ।

ଆଧୁନିକ ପଞ୍ଚାୟତ ବ୍ୟବସ୍ଥା ପ୍ରବର୍ତ୍ତନ ଫଳରେ ଲୋକମାନଙ୍କର ଯେତିକି ଉପକାର ହୋଇଥାଏ, ସେହି ତୁଳନାରେ ଲୋକମାନଙ୍କର ଅନେକ ଅସୁବିଧା ମଧ୍ୟ ହୋଇଥାଏ । ଲୋକମାନେ ଭୋଟ ଦେଇ ନେତା ବାଛିବାର ସୁଯୋଗ ପାଇଲେଣି । ବେଳେବେଳେ ଲୋକମାନଙ୍କ ମଧ୍ୟରେ ଦଳୀୟ ମନୋଭାବ ନେଇ ବିବାଦ ସୃଷ୍ଟି ହୋଇଥାଏ । ନିର୍ବାଚନ ସମୟରେ ବିଭିନ୍ନ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଆସି ଭୋଟ ପାଇବା ଆଶାରେ ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇଥାଆନ୍ତି । କେତେକ ଗରିବ ତଥା ନିରୀହ ଆଦିବାସୀମାନଙ୍କୁ କିଛି ଅର୍ଥ ପ୍ରଦାନ କରି ପରୋକ୍ଷରେ ସେମାନଙ୍କ ଠାରୁ ଭୋଟ୍ କ୍ରୟ କରିଥାଆନ୍ତି । ଲୋକମାନେ ସ୍ୱ-ଇଚ୍ଛାରେ ମତଦାନ ନ କରି ଅର୍ଥ ପ୍ରଦାନ କରିଥିବା ନେତାମାନଙ୍କ ଇଚ୍ଛାରେ ଭୋଟ ଦେବାକୁ ବାଧ ହୋଇଥାଆନ୍ତି । ନିର୍ବାଚନ ଶେଷରେ ଅର୍ଥାତ୍ ଭୋଟ ଗଣତି ସରିବା ପରେ ନେତାମାନଙ୍କର ଆଉ ଦେଖା ସାକ୍ଷାତ୍

ନଥାଏ। ବିଭିନ୍ନ ଲାଞ୍ଚ କାରବାର ମାଧ୍ୟମରେ ପକୃତ ଲୋକଙ୍କୁ ସହାୟତା ପ୍ରଦାନ କରା ନ ଯାଇ ଅନ୍ୟ ଲୋକ ତଥା ସରକାରୀ କଳକୁ ପ୍ରଭାବିତ କରୁଥିବା ଲୋକମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଦିଆଯାଉଥିବା ଲୋକମାନେ ମତପ୍ରକାଶ କରିଥାଆନ୍ତି। ବଣ୍ଟନ କ୍ଷେତ୍ରରେ ଘୋର ଅନିୟମିତତା ଦେଖାଦେଇଥାଏ । ଆଧୁନିକ ପଞ୍ଚାୟତ ବ୍ୟବସ୍ଥା ପ୍ରବର୍ତ୍ତନ ଫଳରେ ଗ୍ରାମଗୁଡିକରେ ଦଳ ବିବାଦ ଏବଂ ଗୋଷ୍ଠୀ ବିବାଦ ଲାଗି ରହିଥାଏ । ଗ୍ରାମମାନଙ୍କରେ ଶାନ୍ତି ପ୍ରତିଷ୍ଠା ପରିବର୍ତ୍ତେ ଅଶାନ୍ତି ଦେଖାଦେଇଥିବାର ଜଣାଯାଏ ।

ପରିବାର ମଧ୍ୟରେ କେତେକ ଛୋଟ ଛୋଟ ଘଟଣାକୁ କେନ୍ଦ୍ର କରି ଗଣ୍ଡଗୋଳ ସୃଷ୍ଟି ହୋଇଥାଏ। ପିତୃସଂପତ୍ତି ବଣ୍ଟନ କ୍ଷେତ୍ରରେ ଭାଇ ଭାଇ ମଧ୍ୟରେ ବିବାଦ ସୃଷ୍ଟି ହୋଇଥାଏ। ସାଧାରଣତଃ ଛୋଟ ପିଲାମାନଙ୍କ ଝଗଡାକୁ କେନ୍ଦ୍ରକରି ପରିବାରରେ ସ୍ତ୍ରୀଲୋକେ ମଧ୍ୟ କଳିଝଗଡା ହୋଇଥାଆନ୍ତି। ଜମିଜମା ସଂକ୍ରାନ୍ତୀୟ, ବିବାହ ସମ୍ବନ୍ଧୀୟ ମଧ୍ୟ କେତେକ କଳିଝଗଡା ହୋଇଥାଏ। ଅତ୍ୟଧିକ ନିଶା ସେବନ କରି ନିଜର ହିତାହିତ ଜ୍ଞାନ ହରାଇ ବସି ଅନ୍ୟକୁ ଗାଳିଗୁଲଜ କରିବା ଫଳରେ ମାଡପିଟ୍ ମଧ୍ୟ ହୋଇଥାଏ। କେତେକ କ୍ଷେତ୍ରରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମତାନ୍ତର ମଧ୍ୟ ହୋଇଥାଏ। କେତେକ କ୍ଷେତ୍ରରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମତାନ୍ତର ମଧ୍ୟ ହୋଇଥାଏ। ସାଧାରଣତଃ ଜୁଆ କିମ୍ବା ତାସଖେଳକୁ କେନ୍ଦ୍ରକରି ମଧ୍ୟ ଦୁଇଜଣଙ୍କ ମଧ୍ୟରେ ଅସଭ୍ୟ ଭାଷାରେ ଗାଳିଗୁଲଜ ସାଙ୍ଗକୁ ଗଣ୍ଡଗୋଳର ସୂତ୍ରପାତ ହୋଇଥାଏ। ବିଭିନ୍ନ ଗଣ୍ଡଗୋଳ ବିଷୟ ପାରଂପରିକ ଗ୍ରାମସଭାରେ ବିଚାର କରାଯାଇ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦିଆଯାଇଥାଏ। ଅର୍ଥ ଆକାରରେ ମଧ୍ୟ ଦୋଷୀଠାରୁ କିଛି ଜୋରିମାନା ଆଦାୟ କରାଯାଇଥାଏ। ଆଧୁନିକ ଗ୍ରାମ ପଞ୍ଚାୟତ ବ୍ୟବସ୍ଥା ପ୍ରବର୍ତ୍ତନ ଫଳରେ ଲୋକମାନଙ୍କ ମଧ୍ୟରେ ଉପୁଜୁଥିବା ବିଭିନ୍ନ ପ୍ରକାର ଗଣ୍ଡଗୋଳ ବା ବାଦବିବାଦର ସମାଧାନ ପାଇଁ ଲୋକମାନେ ଥାନା, କୋର୍ଟ ଏବଂ କଚେରୀ ସହାୟତା ଲୋଡିଥାଆନ୍ତି। ଫଳରେ ଲୋକମାନଙ୍କର ଅଧିକ ଅର୍ଥ ବ୍ୟୟ ହୋଇଥାଏ।

କେତେକ କ୍ଷେତ୍ରରେ ଗ୍ରାମ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ଉପୁଜିଥାଏ। ଗ୍ରାମର ସୀମାନିର୍ଦ୍ଧାରଣ କ୍ଷେତ୍ରରେ, ଗ୍ରାମ-ସୀମାରେ ଥିବା ପୋଖରୀରୁ ମାଛ ଧରିବା କ୍ଷେତ୍ରରେ, ନିଜ ଅଞ୍ଚଳ ଅଧିନରେ ଥିବା ଜଙ୍ଗଲରୁ ଅନ୍ୟ ଗ୍ରାମର ଲୋକେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା, ଜମିବାଡିରୁ ଫସଲ ଚୋରାଇ ନେବା କିମ୍ବା ଫସଲ ନଷ୍ଟ କରିବା ଆଦି କ୍ଷେତ୍ରରେ ଦୁଇଗ୍ରାମ ମଧ୍ୟରେ ଗଣ୍ଡଗୋଳ ହୋଇଥାଏ। ଫଳରେ ପରସ୍ପରର ଗ୍ରାମକୁ ଯାତାୟାତ ବନ୍ଦ

ହେବା ସଙ୍ଗେ ସଙ୍ଗେ ସମସ୍ତ ପ୍ରକାର ସଂପର୍କ ହାନୀ ହୋଇଥାଏ। ବ୍ୟକ୍ତି ବ୍ୟକ୍ତି ମଧ୍ୟରେ କଳହ ହେବା ପରେ ସାମୁହିକ ଭାବରେ ଗଣ୍ଡଗୋଳ ସୂତ୍ରପାତ ହୋଇଥାଏ। କେତେକ ରାଜନୈତିକ ବିଷୟକୁ କେନ୍ଦ୍ରକରି ମଧ୍ୟ ଉଭୟ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ହୋଇଥାଏ।

ନାରୀ ସମସ୍ୟା :

ଅନ୍ୟ ସଂପ୍ରଦାୟର ଲୋକମାନଙ୍କ ଭଳି ରାଜୁଆର ସଂପ୍ରଦାୟର ଲୋକେ ଅନେକ ସୁବିଧା ଓ ଅସୁବିଧା ମଧ୍ୟ ଦେଇ ଗତି କରିଥାଆନ୍ତି । ରାଜୁଆର ସମାଜରେ ନାରୀର ସ୍ଥାନ ଟିକିଏ ନୀଚରେ ଥାଏ । ପୁରୁଷ ଅପେକ୍ଷା କମ୍ ସୁବିଧା ସୁଯୋଗ ଉପଭୋଗ କରିଥାଏ ନାରୀ । ସକାଳରୁ ସଂଜଯାଏ ପୁରୁଷଭଳି ନାରୀ ମଧ୍ୟ କଠିନ ପରିଶ୍ରମ କରିଥାଏ । ଦୈନନ୍ଦିନ ଜୀବନରେ ମହିଳାମାନେ କେତେକ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ବିବିଧ ନାରୀ ସମସ୍ୟା ସଂପର୍କରେ ନିମ୍ନରେ ଆଲୋଚନା କରାଗଲା ।

ସାଧାରଣତଃ ରାଜୁଆର ସମାଜରେ ପିତାଙ୍କ ମୃତ୍ୟୁପରେ ପୁତ୍ର ହିଁ ପିତୃ ସଂପତ୍ତିର ଅଧିକାରୀ ହୋଇଥାଏ । ଝିଅ ସାଧାରଣତଃ ପିତୃ ସଂପତ୍ତିର ଅଧିକାରୀ ହୋଇ ନ ଥାଏ । ସ୍ୱାମୀଙ୍କର ସଂପତ୍ତିକୁ ସ୍ତ୍ରୀ ମଧ୍ୟ ଉତ୍ତରାଧିକାର ସୂତ୍ରରେ ଗ୍ରହଣ କରିନ ଥାଏ । ସ୍ୱାମୀଙ୍କର ସଂପତ୍ତିକୁ ସ୍ତ୍ରୀ ମଧ୍ୟ ଉତ୍ତରାଧିକାର ସୂତ୍ରରେ ଗ୍ରହଣ କରିନଥାଏ । ପିତୃ ସଂପତ୍ତି ପାଇବା ଅଧିକାରରୁ ଝିଅ ବଂଚିତ ହୋଇଥାଏ । ସଂପତ୍ତି ବଣ୍ଟନ କ୍ଷେତ୍ରରେ ଭାଇମାନେ ଯଦି ଇଚ୍ଛା ପ୍ରକାଶ କରିଥାଆନ୍ତି, ତେବେ ସଂପତ୍ତିରୁ କିଛି ଅଂଶ ଭଉଣୀକୁ ଦିଆଯାଇଥାଏ । ମାଆର ଗହଣା ଏବଂ ଅଳଙ୍କାରକୁ ଝିଅ ଉତ୍ତରାଧିକାର ସୂତ୍ରରେ ପାଇବା ପାଇଁ ଯୋଗ୍ୟା ହୋଇଥାଏ । ସ୍ୱାମୀ ଦେଇଥିବା ଅଳଙ୍କାରକୁ ଝିଅକୁ ଦେବାର ସ୍ତ୍ରୀର ଅଧିକାର ନ ଥାଏ । ସ୍ୱାମୀଙ୍କର ବିନା ପରାମର୍ଶରେ ଘରର କୌଣସି ଅର୍ଥ ସ୍ତ୍ରୀ ଖର୍ଚ୍ଚ କରିପାରେ ନାହିଁ । ଅର୍ଥ ଖର୍ଚ୍ଚ କରିବାରେ ସ୍ତ୍ରୀର କୌଣସି ଅଧିକାର ନ ଥାଏ । ଏହିଭଳି ଭାବରେ ନାରୀ ଅଧିକାର ସଂପର୍କୀତ ସମସ୍ୟା ଦେଖାଦେଇଥାଏ ।

ପ୍ରତ୍ୟେକ କାର୍ଯ୍ୟରେ ନାରୀମାନଙ୍କର ଦାୟିତ୍ୱବୋଧତା ରହିଥାଏ । ଶିଶୁର ଲାଳନ ପାଳନ କରିଥାଏ । ପରିବାରରେ ସ୍ୱାମୀ, ଶାଶୂ, ଶ୍ୱଶୁର ତଥା ଅନ୍ୟ ଗୁରୁଜନମାନଙ୍କର ସେବା ଶୁଶ୍ରୂଷା କରିଥାଏ । ସମସ୍ତଙ୍କ ମନ ନେଇ ସେ ଚଳିଥାଏ । ରୋଷେଇ କାର୍ଯ୍ୟଠାରୁ ଆରମ୍ଭ କରି ଘରର ଯାବତୀୟ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ବାହାରର କୁଲି ମଜୁରୀ କାମ

କରିବାକୁ ପଛାଇ ନ ଥାଏ । ସ୍ୱାମୀ ତଥା ସ୍ୱଅର୍ଜିତ ଅର୍ଥ ତଥା ଘରର ଧନସଂପତ୍ତିର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥାଏ । ରାଜୁଆର ସଂପ୍ରଦାୟର ମହିଳାମାନେ ପରିଶ୍ରମଯୁକ୍ତା ହୋଇଥିବାରୁ ସକାଳରୁ ସଂଜଯାଏ ବିଭିନ୍ନ କାମରେ ନିୟୋଜିତ ରହିଥାଆନ୍ତି । ବେଳେବେଳେ ପରିବାର ଲୋକମାନଙ୍କୁ ଠିକ୍ ସମୟରେ ଖାଇବାକୁ ଦେବା ତଥା ସେମାନଙ୍କ କଥା ବୁଝିବାରେ ବିଳମ୍ବ ହୋଇଥାଏ । ଫଳରେ ସରଳ ତଥା ନିରୀହ ମହିଳାଙ୍କୁ କେତେ କଟୁକଥା ସହିବାକୁ ପଡିଥାଏ । ଝିଅମାନେ ବିବାହ ପରେ ଶାଶୂଘରେ ଯଦି ଦାୟିତ୍ୱର ସହିତ କୌଣସି କାର୍ଯ୍ୟ କରି ନ ଥାଆନ୍ତି, ତେବେ ସେମାନେ ନିନ୍ଦାର ପାତ୍ର ହୋଇଥାଆନ୍ତି । ଯେତେ ଦାୟିତ୍ୱର ସହ କାର୍ଯ୍ୟ କରିଥିଲେ ମଧ୍ୟ ବେଳେବେଳେ ସ୍ୱାମୀ ମଦପିଇ ନିଶା ବଳରେ ସ୍ତ୍ରୀକୁ ପ୍ରହାର କରିଥାଏ । ଏହିଭଳି ଦାୟିତ୍ୱବୋଧ କ୍ଷେତ୍ରରେ ମଧ୍ୟ କେତେକ ସମସ୍ୟା ଉପୁଜିଥାଏ ।

ରାଜୁଆର ସମାଜରେ ମହିଳାମାନଙ୍କ ପାଇଁ କେତେକ ବାରଣ ରହିଥାଏ । ଗର୍ଭାବସ୍ଥାରେ ମହିଳା କେତେକ ଖାଦ୍ୟ ଗ୍ରହଣ କରିବା ପାଇଁ ବାରଣ କରାଯାଇଥାଏ । ଶିଶୁ ଜନ୍ମ ପରେ ଶିଶୁର ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଖାଦ୍ୟରେ କିଛିଟା ବାରଣ ମହିଳା ପାଇଁ ରହିଥାଏ । ଶିଶୁଜନ୍ମ ଠାରୁ ନଅଦିନ ପର୍ଯ୍ୟନ୍ତ ମହିଳା ଏବଂ ପରିବାର ଲୋକେ ମଧ୍ୟ ଆମିଷ ଖାଇ ନ ଥାଆନ୍ତି । ସେହିଭଳି କୌଣସି ବ୍ୟକ୍ତିର ମୃତ୍ୟୁ ପରେ ଶୁଦ୍ଧିକ୍ରିୟା ପର୍ଯ୍ୟନ୍ତ ମହିଳା ସମେତ କୁଟୁମ୍ବ ଲୋକେ ଆମିଷ ବର୍ଜନ କରିଥାଆନ୍ତି । ଗ୍ରାମସ୍ତରରେ ଗ୍ରାମ ଦେବତାଙ୍କ ନିକଟରେ ହେଉଥିବା ଧୂଳିଆ ପୂଜା, ଆଷାଢ଼ି ପୂଜା, ଜାନ୍ତାଳପୂଜା ଇତ୍ୟାଦିରେ ବଳି ଦିଆଯାଇଥିବା ପଶୁର ମାଂସକୁ ମହିଳାମାନେ ଭକ୍ଷଣ କରିବାକୁ ବାରଣ ରହିଛି । ଗୃହ ମଧ୍ୟରେ ହେଉଥିବା ମୁଠି ପୂଜା କରିବା ପାଇଁ ମହିଳାକୁ ବାରଣ କରାଯାଇଥାଏ । ଗ୍ରାମ ସ୍ତରରେ ଯାଦୁଧର୍ମୀୟ କାର୍ଯ୍ୟ କରିବା ମହିଳାମାନଙ୍କ ପକ୍ଷେ ସଂପୂର୍ଣ୍ଣ ନିଷେଧ ରହିଛି । ପାରଂପରିକ ଗ୍ରାମସଭା ବା ଗାଁଓ୍ୱେକ୍ ବିଚାର କ୍ଷେତ୍ରରେ ମହିଳାମାନେ ଅଂଶ ଗ୍ରହଣ କରି ନ ଥାଆନ୍ତି । ସେଥିରେ ଯୋଗ ଦେବାପାଇଁ ମହିଳାମାନଙ୍କୁ ବାରଣ କରାଯାଇଥାଏ । ପିତୃ ସଂପତ୍ତିର ଉତ୍ତରାଧିକାର ଝିଅକୁ ଦିଆଯାଇ ନ ଥାଏ । ଦେବାଦେବୀଙ୍କ ପୀଠସ୍ଥଳକୁ ଯିବା ପାଇଁ କେତେକ କ୍ଷେତ୍ରରେ ସନ୍ତାନହୀନା ଏବଂ ବିଧବା ମହିଳାମାନଙ୍କୁ ବାରଣ କରାଯାଇଥାଏ । ଅଶୌଚ ସମୟରେ କୌଣସି ମହିଳା ଦେବାଦେବୀଙ୍କ ପୀଠସ୍ଥଳିକୁ ଯିବା ପାଇଁ ସଂପୂର୍ଣ୍ଣ ବାରଣ କରାଯାଇଥାଏ । ଧର୍ମ ସଂକ୍ରାନ୍ତୀୟ ପୂଜାପାଠରେ ମଧ୍ୟ

ମହିଳାମାନଙ୍କୁ ବାରଣ କରାଯାଇଥାଏ। ଏତଦ୍‌ବ୍ୟତୀତ ହଳ କରିବା, ଗଛ ଚଢ଼ିବା, ଘର ଛପର କରିବା ଇତ୍ୟାଦି କାର୍ଯ୍ୟ କରିବା ପାଇଁ ରାଜୁଆର ସମାଜରେ ମହିଳାମାନଙ୍କ ପାଇଁ ବାରଣ କରାଯାଇଥାଏ।

ରାଜୁଆର ସଂପ୍ରଦାୟର ମହିଳାମାନେ ଶିକ୍ଷା କ୍ଷେତ୍ରରେ ଅନଗ୍ରସର। ତେଣୁ ଏମାନଙ୍କର ଅଜ୍ଞାନତା ଏବଂ ସରଳତାକୁ ଦୃଷ୍ଟି ଆଗରେ ରଖି ବ୍ୟବହାରର ଲୋକେ ଅନେକ କ୍ଷେତ୍ରରେ ଏମାନଙ୍କୁ ଠକିଥାଆନ୍ତି। କେତେକ କ୍ଷେତ୍ରରେ ଏମାନଙ୍କୁ ଶୋଷଣ କରିବାକୁ ପଛାନ୍ତି ନାହିଁ। ଠିକାଦାରମାନଙ୍କ ଅଧିନରେ କାମ କରୁଥିବା ମହିଳାମାନଙ୍କୁ କମ୍ ମଜୁରୀ ଦେଇ ଅଧିକ କାମ କରାଇଥାଆନ୍ତି। ବେଳେବେଳେ ସେମାନଙ୍କୁ ସାପ୍ତାହିକ ମଜୁରୀ ଦେବାରେ ମଧ୍ୟ ହିସାବ କ୍ଷେତ୍ରରେ ଭୁଲ୍ ଭଟକା ଠିକାଠାରମାନଙ୍କ ଦ୍ୱାରା ହୋଇଥାଏ। କୃଷି ଜମିରେ କାର୍ଯ୍ୟ କରିବା ବେଳେ ଅଣଆଦିବାସୀ ଲୋକମାନେ ମଧ୍ୟ ସେମାନଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ କାମ କରାଇ ଥାଆନ୍ତି । କାମ କରିବା ଅନୁସାରେ ସେମାନଙ୍କୁ ଉପଯୁକ୍ତ ମଜୁରୀ ଦେଇ ନ ଥାଆନ୍ତି। ବିପଣନ କ୍ଷେତ୍ରରେ ମହିଳାମାନଙ୍କୁ ବେପାରୀ ତଥା ଦୋକାନୀମାନେ ଠକିଥାଆନ୍ତି। କୌଣସି ଜିନିଷକୁ ନିକଟସ୍ଥ ହାଟ ଓ ବଜାରରେ ବିକ୍ରୟ କରିବାବେଳେ ଜିନିଷର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ କରି ଜାଣି ନ ଥିବାରୁ ଖାଉଟି ତଥା ବେପାରୀମାନେ କମ୍ ପଇସା ଦେଇ ଏମାନଙ୍କ ଠାରୁ ଜିନିଷ କିଣିଥାଆନ୍ତି। ଏମାନଙ୍କର ସରଳତାର ସୁଯୋଗ ନେଇ ମଧ୍ୟ ହିସାବରେ ଏମାନଙ୍କୁ ଠକି ଥାଆନ୍ତି। ବେପାରୀ ତଥା ଦୋକାନୀମାନଙ୍କ ଠାରୁ ଜିନିଷ କ୍ରୟ କରିବା ବେଳେ ଏମାନେ ଠକେଇ ଏବଂ ଶୋଷଣର ଶିକାର ହୋଇଥାଆନ୍ତି । ଜିନିଷର ମୂଲ୍ୟ, ଓଜନ ଏବଂ ହିସାବ କ୍ଷେତ୍ରରେ ଏକତରଫା କରିଥାଏ। ଶିକ୍ଷାର ଅଭାବ ଯୋଗୁଁ ଜିନିଷ ମୂଲ୍ୟ, ଓଜନ ବିଷୟରେ ସଠିକ ଜାଣି ପାରନ୍ତି ନାହିଁ। ଫଳରେ ସେମାନେ ଏମାନଙ୍କ ଠାରୁ ଠକି ଅଧିକ ପଇସା ନେଇଥାଆନ୍ତି ସାହୁକାର ଏବଂ ମହାଜନମାନେ ଚଢ଼ା ସୁଧ ଆଦାୟ କରିଥାଆନ୍ତି। ଏପରିକି ମୂଳଧନ ଠାରୁ ସୁଧ ଅଧିକ ହୋଇଥାଏ। ହିସାବ କ୍ଷେତ୍ରରେ ମହାଜନମାନେ ଭୁଲ ଭଟ୍‌କା କରି ଏମାନଙ୍କ ଠାରୁ ଅଧିକ ଅର୍ଥ ଶୋଷଣ କରି ନେଇଥାଆନ୍ତି। କେତେକ ବାହାରଲୋକ ଏମାନଙ୍କ ସହିତ ବନ୍ଧୁତ୍ୱ ସଂପର୍କ ରଖି ପରୋକ୍ଷରେ ଏମାନଙ୍କୁ ଶୋଷଣ କରିଥାଆନ୍ତି।

ରାଜୁଆର ସଂପ୍ରଦାୟର ମହିଳାମାନେ ଅତ୍ୟନ୍ତ ପରିଶ୍ରମୀ। ସକାଳରୁ ସଂଜଯାଏ ଘରର ନିତିଦିନିଆ କାମ ସାଙ୍ଗକୁ ବାହାରରେ ବିଭିନ୍ନ କାର୍ଯ୍ୟ କରିଥାଆନ୍ତି । ଚାଷ କାର୍ଯ୍ୟରେ ପୁରୁଷମାନଙ୍କୁ ସଂପୂର୍ଣ୍ଣ ଭାବେ ମହିଳାମାନେ ସହଯୋଗ କରିଥାଆନ୍ତି। ଜଙ୍ଗଲରୁ ଜଙ୍ଗଲଜାତ

ଦ୍ରବ୍ୟ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ଦ୍ରବ୍ୟକୁ ହାଟ ଓ ବଜାରରେ ବିକ୍ରି କରିବା ଏବଂ ନିତିଦିନିଆ ଚଳଣି ପାଇଁ କେତେକ ଆବଶ୍ୟକୀୟ ଜିନିଷ ହାଟ ଓ ବଜାରରୁ କ୍ରୟ କରିବା ଇତ୍ୟାଦି କାର୍ଯ୍ୟ କରିଥାଆନ୍ତି। ପୁରୁଷମାନଙ୍କ ଭଳି ଏମାନେ ମଧ୍ୟ ବିଭିନ୍ନ କଠିନ କାର୍ଯ୍ୟ କରିପାରନ୍ତି। ହଳ କରିବା, ଭାର ବୋହିବା, ଧାନ ଉଡାଇବା, ଗଛ ଚଢ଼ିବା, ଘର ଛପର କରିବା ଆଦି କାର୍ଯ୍ୟ ପ୍ରାୟତଃ ମହିଳାମାନେ କରି ନ ଥାଆନ୍ତି। ସାଧାରଣତଃ ବାହାର କାମରେ ମହିଳାମାନଙ୍କୁ ପୁରୁଷମାନଙ୍କ ଅପେକ୍ଷା କମ୍ ମଜୁରୀ ଦେଇଥାଆନ୍ତି।

ରାଜୁଆର ସଂପ୍ରଦାୟର ଅଧିକାଂଶ ଗରିବ ଶ୍ରେଣୀର ଲୋକ। ସାଧାରଣତଃ ଜଙ୍ଗଲରୁ ଖାଦ୍ୟ ସଂଗ୍ରହ ଏବଂ ବାହାରର କୁଲି ମଜୁରୀ କାମ କରି ସେମାନେ ଦୈନନ୍ଦିନ ଜୀବନ ଅତିବାହିତ କରିଥାଆନ୍ତି। ଅଧିକାଂଶ ଗରିବ ତଥା ନିରୀହ ଲୋକଙ୍କର ଆଦୌ ଜମି ନ ଥିବାରୁ ଏମାନେ କୌଣସି ଫସଲ ଉତ୍ପାଦନ କରିପାରନ୍ତି ନାହିଁ । ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ନିଜକୁ ଅସହାୟ ମନେ କରିଥାଏ। ଜଙ୍ଗଲ ସୁରକ୍ଷା ନିୟମ କାର୍ଯ୍ୟକାରୀ ହେବା ଫଳରେ କୌଣସି ବ୍ୟକ୍ତି ପ୍ରବେଶ କରିପାରନ୍ତି ନାହିଁ। ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଲୋକେ ଅନେକ ହଇରାଣ ହୋଇଥାଆନ୍ତି। ଅଧିକାଂଶ ମହିଳା କୁଲି ମଜୁରି କରି ଚଳିଥାଆନ୍ତି। ବେଳେବେଳେ କୌଣସି କାମଧନ୍ଦା ନ ମିଳିଲେ କର୍ମକୁ ଆଦରି ବସି ରହିଥାଆନ୍ତି। କାମ କଲେ ମଧ୍ୟ କାମ ଅନୁସାରେ ଠିକ୍ ମଜୁରୀ ପାଇପାରୁ ନାହାନ୍ତି। ସ୍ୱାମୀଙ୍କ ଅନ୍ତେ ଘର ଚଳାଇବା ଦାୟିତ୍ୱ ସଂପୂର୍ଣ୍ଣ ସେ ନେଇଥାଏ। ଯେତିକି ରୋଜଗାର କରିଥାଏ, ସେତିକି ସେହିଦିନ ଚାଉଳ, ଡାଲି, ତେଲ ଓ ଲୁଣ କିଣିବାରେ ଖର୍ଚ୍ଚ ହୋଇଥାଏ। କିଛି ସଞ୍ଚୟ କରିବାକୁ ସେମାନଙ୍କ ପକ୍ଷରେ ଅସମ୍ଭବ ହୋଇଥାଏ। ତେଣୁ ଘରେ ବିଭିନ୍ନ ପର୍ବପର୍ବାଣି ପାଳନରେ ଖର୍ଚ୍ଚ କରିବା, ଲୁଗାପଟା କିଣିବା, ବିବିଧ ସାମାଜିକ କାର୍ଯ୍ୟରେ ଖର୍ଚ୍ଚ କରିବା ପାଇଁ ଅର୍ଥର ଅଭାବ ଦେଖାଦେଇଥାଏ। ଏହି ଭଳି ଭାବରେ ବେବେଳେବେଳେ ଅଭାବଗତ ସମସ୍ୟା ଆସିଥାଏ। ଏହି ସମସ୍ୟାକୁ ଦୂର କରିବା ପାଇଁ ଗରିବ ତଥା ନିସହାୟ ମହିଳାମାନେ ସକ୍ଷମ ହୋଇ ନ ଥାଆନ୍ତି। ଶେଷରେ ସାହୁକାର ବା ମହାଜନଙ୍କଠାରୁ କରଜ ଆଣିବାକୁ ବାଧ ହୋଇଥାଆନ୍ତି। ଦରକାର ବେଳେ ଋଣ ଦେଇ ମହାଜନମାନେ ଏମାନଙ୍କଠାରୁ ଅଧିକ ସୁଧ ଆଦାୟ କରିଥାଆନ୍ତି। ସୁଧ ଦେଇ ଦେଇ ଏମାନେ ନଯାନ୍ତ ହୋଇପଡନ୍ତି। ସର୍ବଦା ଋଣ ସୁଝିବା ଚିନ୍ତା ଘାରିଥାଏ। ଯାହା ରୋଜଗାର କଲେ ତାହା କେବଳ ଖାଇବାରେ ସରିଯାଏ। ସର୍ବଦା ଏକ ଅଶାନ୍ତି ବାତାବରଣ ମଧ୍ୟଦେଇ ବଂଚିବାକୁ ହୋଇଥାଏ। ସବୁବେଳେ ଅଭାବଗତ ସମସ୍ୟା ଦେଖା ଦେଇଥାଏ। ଏହିଭଳି ଅନେକ

ଅଭାବ ମଧ୍ୟଦେଇ ଦୁଃଖରେ ନିସହାୟ ତଥା ଗରିବ ମହିଳାମାନେ ସେମାନଙ୍କ ଜୀବନ ନିର୍ବାହ କରିଥାଆନ୍ତି। ଅଭାବବୋଧ ମଧ୍ୟରେ ଜୀବନରେ ପ୍ରକୃତ ସୁଖଶାନ୍ତି ପାଇ ପାରନ୍ତି ନାହିଁ।

ଏତଦ୍‌ବ୍ୟତୀତ ମହିଳାମାନଙ୍କର ଆଉ କେତେକ ସମସ୍ୟା ମଧ୍ୟ ଦେଖା ଦେଇଥାଏ। ସେଥି ମଧ୍ୟରୁ ଶିକ୍ଷାଗତ ସମସ୍ୟା ଅନ୍ୟତମ। ସାଧାରଣତଃ ଶିକ୍ଷାର ଅଭାବରୁ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ହଇରାଣ ହୋଇଥାଆନ୍ତି। ବିଶେଷତଃ ଦ୍ରବ୍ୟ କିଣିବିକା କ୍ଷେତ୍ରରେ ଅନେକ ଅସୁବିଧା ସମ୍ମୁଖୀନ ହୋଇଥାଆନ୍ତି। କୌଣସି ଜିନିଷର ପ୍ରକୃତ ମୂଲ୍ୟ ନିର୍ଦ୍ଧାରଣ କରି ଜାଣି ନ ଥିବାରୁ ବେପାରୀ ତଥା ଖାଉଟିମାନେ ଏମାନଙ୍କୁ କମ୍ ମୂଲ୍ୟ ଦେଇ ଜିନିଷ କ୍ରୟ କରିଥାଆନ୍ତି। ଦୋକାନୀମାନଙ୍କ ଠାରୁ ଜିନିଷ କ୍ରୟ କଲାବେଳେ ଏମାନଙ୍କର ଅଜ୍ଞାନତା ତଥା ସରଳତାର ସୁଯୋଗ ନେଇ ଓଜନ, ମୂଲ୍ୟ ଏବଂ ହିସାବରେ ଏକତରଫା କରି ଏମାନଙ୍କଠାରୁ ଅଧିକ ପଇସା ନେଇଥାଏ। ଶିକ୍ଷା ଅଭାବରୁ କୌଣସି ବିଷୟରେ ଏମାନେ ସଚେତନ ହୋଇପାରୁ ନାହାନ୍ତି। ଫଳରେ ଏମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ।

ଶିକ୍ଷା ଭଳି ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ସେମାନଙ୍କ ପାଖରେ ଦେଖାଯାଇଥାଏ। ସ୍ୱାସ୍ଥ୍ୟ ସଂପର୍କରେ ଏମାନେ ସଚେତନ ନ ହେବାରୁ ଅନେକ ସମୟରେ ଏମାନେ ବିଭିନ୍ନ ରୋଗରେ ପୀଡିତ ହୋଇଥାଆନ୍ତି। ପୁଷ୍ଟିକର ଖାଦ୍ୟ ସଂପର୍କରେ ଧାରଣା ନ ଥିବାରୁ ଗର୍ଭବସ୍ଥାରେ ଠିକ୍ ଖାଦ୍ୟ ଖାଇ ପାରି ନ ଥାଆନ୍ତି। ପରିଷ୍କାର ଓ ପରିଚ୍ଛନ୍ନତାର ଅଭାବ ଯୋଗୁଁ ଏମାନେ ବିଭିନ୍ନ ରୋଗର ଶୀକାର ହୋଇଥାଆନ୍ତି। ସେ ସମୟରେ ଯେକୌଣସି ରୋଗ ହେଲେ ଗୁଣିଆକୁ ଡାକି ଫୁକା ଝଡା କରିଥାଆନ୍ତି। କିନ୍ତୁ ପର ମୁହୂର୍ତ୍ତରେ ସେହି ରୋଗରେ ସେମାନେ ଆକ୍ରାନ୍ତ ହୋଇଥାଆନ୍ତି। ଆସ୍ତେ ଆସ୍ତେ ରୋଗ ବିରାଟ ଆକାର ଧାରଣ କରି ଶେଷରେ ରୋଗୀର ମୃତ୍ୟୁ ହୋଇଥାଏ । ସେମାନଙ୍କର ଅନ୍ଧ ବିଶ୍ୱାସ ଯୋଗୁଁ ଏପରି ଘଟିଥାଏ। ଅଳ୍ପ ବୟସରେ ବିବାହ ଯୋଗୁଁ ସେମାନେ ଅନେକ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। ବର୍ତ୍ତମାନ ଶିକ୍ଷାର ପ୍ରସାର ଫଳରେ ସେମାନେ କେତେକ କ୍ଷେତ୍ରରେ ସଚେତନ ହେଲେଣି। ସେମାନଙ୍କ ଜୀବନଧାଡ଼ି ମଧ୍ୟରେ ଏହିଭଳି ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି।

■■

ଉନ୍ନୟନ କାର୍ଯ୍ୟକ୍ରମ

ରାଜଆରମାନେ ପୂର୍ବରୁ ଯାଯାବର ଭାବେ ଅନୁନ୍ନତ ଜୀବନଯାପନ କରୁଥିଲେ। ଆସ୍ତେ ଆସ୍ତେ ସେମାନେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ଥାୟୀଭାବରେ ବସତି ସ୍ଥାପନ କରି ଗୋଷ୍ଠୀବଦ୍ଧ ଜୀବନଯାପନ କଲେ। ତେବେ ସେମାନଙ୍କର ବସତିରେ କିଛି ଉନ୍ନତି ହୋଇଛି ବୋଲି କୁହାଯାଇପାରେ। ଅଦ୍ୟାବଧି ବିଭିନ୍ନ କ୍ଷେତ୍ରରେ ସେମାନେ ଅନଗ୍ରସର ଥିବାର ଅନୁମାନ କରାଯାଏ। ସେମାନଙ୍କର ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ଇତ୍ୟାଦି କ୍ଷେତ୍ରରେ ମଧ୍ୟ କିଛି ପରିବର୍ତ୍ତନ ଲକ୍ଷଣୀୟ। ସେହିଭଳି ସେମାନଙ୍କର ସାମାଜିକ, ରାଜନୈତିକ, ସାଂସ୍କୃତିକ ତଥା ଅର୍ଥନୈତିକ ଦିଗରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ।

ଓଡିଶାରେ ବସବାସ କରୁଥିବା 'ରାଜୁଆର' ଗୋଷ୍ଠୀର ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଛନ୍ତି। ଉନ୍ନୟନ କହିଲେ ସେମାନେ ସାଧାରଣତଃ ଅର୍ଥନୈତିକ ଅବିବୃଦ୍ଧିକୁ ବୁଝିଥାଆନ୍ତି। ବିଭିନ୍ନ ଉତ୍ସରୁ ଅର୍ଥ ଉପାର୍ଜନ ଦିଗ ସରଳ କିମ୍ବା ସହଜ ହୋଇଗଲେ ସେମାନଙ୍କର ଉନ୍ନତି ହୋଇଥାଏ ବା ବିକାଶ ହୋଇଥାଏ ବୋଲି ସେମାନେ ମତବ୍ୟକ୍ତ କରିଥାଆନ୍ତି। ଓଡିଶାରେ ବସବାସ କରୁଥିବା ଆଦିବାସୀ ତଥା ସଂପୃକ୍ତ ଅଞ୍ଚଳର ଉନ୍ନତି ଦିଗରେ ସରକାର ପ୍ରତ୍ୟକ୍ଷରେ ହେଉ ଅବା ପରୋକ୍ଷରେ ହେଉ ଅନେକ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ହାତକୁ ନେଇ ସଂପୃକ୍ତ ଅଞ୍ଚଳ ଓ ଆଦିବାସୀଙ୍କ ନିମନ୍ତେ କାର୍ଯ୍ୟକ୍ଷମ କରାଇବାରେ ସହାୟକ ହୋଇଛନ୍ତି। ଅଜ୍ଞତା ତଥା ଅସଚେତନତା ଯୋଗୁଁ ଏମାନେ ସେହି କାର୍ଯ୍ୟକ୍ରମଗୁଡିକୁ ସହଜରେ ଗ୍ରହଣ କରି ପାରୁ ନାହାନ୍ତି ବା କାର୍ଯ୍ୟକାରୀ କରିବାରେ ଅସହଯୋଗ ପ୍ରଦର୍ଶନ କରୁଥିବାର ଅନୁମାନ କରାଯାଏ। ଶିକ୍ଷାର ପ୍ରସାର ଫଳରେ କେତେକ ସଚେତନ ବ୍ୟକ୍ତି ସରକାରଙ୍କର ଉନ୍ନୟନ କାର୍ଯ୍ୟକ୍ରମ ସଂପର୍କରେ ଅନ୍ୟମାନଙ୍କୁ କହିଥାଆନ୍ତି। ସରକାର ଆଦିବାସୀମାନଙ୍କର ଉନ୍ନତି ପରିକଳ୍ପେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସତତ ପ୍ରଚେଷ୍ଟା ଅଦ୍ୟାବଧି ଜାରି ରଖିଛନ୍ତି। ତଥାପି ଅଧିକାଂଶ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ସରକାରଙ୍କର ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ନୀତି ପ୍ରୟୋଗ ଫଳରେ ଲୋକମାନେ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ସାମାନ୍ୟ ସଚେତନ ହେଉଥିବାର ଅନୁମାନ କରାଯାଏ।

କେତେକ ବେସରକାରୀ ସଂସ୍ଥା ମଧ୍ୟ ସଂପୃକ୍ତ ଅଞ୍ଚଳରେ ଆଦିବାସୀମାନଙ୍କ ଉନ୍ନତି ପାଇଁ କେତେକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିଥିବାର ସୂଚନା ମିଳିଥାଏ। ବିଭିନ୍ନ କ୍ଷେତ୍ରରେ ସଚେତନତା ଶିବିରମାନ ଆୟୋଜନ କରି ଲୋକମାନଙ୍କୁ ବିଭିନ୍ନ ବିଷୟରେ ଜଣାଇବାରେ ସକ୍ଷମ ହୋଇପାରିଛନ୍ତି। ସରକାରଙ୍କ ନିକଟରେ ମଧ୍ୟ ସଂପୃକ୍ତ ଅଞ୍ଚଳ ତଥା ନିଜର ଉନ୍ନୟନ ପାଇଁ ଦାବି ଉପସ୍ଥାପନ କରିବାରେ ସମର୍ଥ ହୋଇଛନ୍ତି। ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସଂପୃକ୍ତ ଅଞ୍ଚଳର ତଥା ସଂପୃକ୍ତ ଆଦିବାସୀମାନଙ୍କର ଦାବିକୁ ପରିପୂରଣ କରିବାରେ ସହାୟକ ହୋଇଛନ୍ତି। ଭୂମିହୀନ ତଥା ବାସହୀନ ବ୍ୟକ୍ତିମାନଙ୍କର ଥଇଥାନ ବ୍ୟବସ୍ଥା ମଧ୍ୟ କରୁଛନ୍ତି। ଆବଶ୍ୟକ ସ୍ଥଳେ ଖାଦ୍ୟ ମଧ୍ୟ ଯୋଗାଉଛନ୍ତି। ସଂପୃକ୍ତ ଅଞ୍ଚଳରେ କାର୍ଯ୍ୟକ୍ରମଗୁଡିକର ସଫଳ ରୂପାୟନ ପାଇଁ ସରକାର ଲୋକମାନଙ୍କର ସହାୟତା ଲୋଡୁଛନ୍ତି। ସେ ଯାହାହେଉ ବିବିଧ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଲୋକମାନେ ପରୋକ୍ଷ ଅବା ପ୍ରତ୍ୟକ୍ଷରେ ସହାୟତା ପ୍ରଦାନ କରି ଲାଭ ଉଠାଇବାରେ ସମର୍ଥ ହୋଇପାରୁଛନ୍ତି। ରାଜୁଆରମାନେ ବସବାସ କରୁଥିବା ସଂପୃକ୍ତ ଅଞ୍ଚଳର ବସତି, ପାନୀୟଜଳ, ଜଙ୍ଗଲ ଉଚ୍ଛେଦ, ସାମାଜିକ, ମାଦକ ପାନୀୟ, ଅର୍ଥନୈତିକ, ରାଜନୈତିକ, ଚାଷବାସ, ଖାଦ୍ୟ, ବେକାର ସମସ୍ୟା ଇତ୍ୟାଦିକୁ ଲକ୍ଷ୍ୟକରି ଏଗୁଡିକର ସମାଧାନ ଦିଗରେ ସରକାର ବିବିଧ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସଂପୃକ୍ତ ଅଞ୍ଚଳରେ କାର୍ଯ୍ୟକାରୀ କରୁଛନ୍ତି ।

ଉନ୍ନୟନ କାର୍ଯ୍ୟକ୍ରମ :

କୃଷି ଉନ୍ନତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଏମାନଙ୍କୁ ସରକାର ସାହାଯ୍ୟ କରିଥାନ୍ତି। ସାଧାରଣତଃ ଚାଷ ପାଇଁ ଲଙ୍ଗଳ, ବିହନ, ସାର ଓ କୀଟନାଶକ ଔଷଧ ରିହାତି ମୂଲ୍ୟରେ ଯୋଗାଇ ଦେଉଛନ୍ତି। ଏପରିକି ଔଷଧ ସିଞ୍ଚନ ଯନ୍ତ୍ର ମଧ୍ୟ ଚାଷୀମାନଙ୍କୁ ଯୋଗାଇଥାଆନ୍ତି। ଧାନ ଫସଲ ଉପରେ ନିର୍ଭର କରି ଚଲୁଥିବା ରାଜୁଆରମାନେ ବର୍ତ୍ତମାନ ସବାଇଘାସ ଚାଷ କରିବାରେ ଅଭ୍ୟସ୍ତ। ଏହି ଘାସ ଚାଷ କରିବାରେ ଯଥେଷ୍ଟ ଜ୍ଞାନ ବା ଅଧିକରୁ ଅଧିକ ଅମଳ କରିବା ପାଇଁ ସରକାରଙ୍କ ତରଫରୁ ଆବଶ୍ୟକ ପରାମର୍ଶ ମଧ୍ୟ ଦିଆଯାଉଛି। ବ୍ୟାଙ୍କ୍ ଜରିଆରେ ମଧ୍ୟ ଏମାନଙ୍କୁ କୃଷି ଋଣ ମଧ୍ୟ ଯୋଗାଇ ଦିଆଯାଉଛି। ଋଣର କିଛି ଅଂଶ ଛାଡ ମଧ୍ୟ ଦିଆଯାଉଛି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ଏହି ଗୋଷ୍ଠୀର ଚାଷୀମାନଙ୍କୁ ବହନ ଓ ସାର ଯୋଗାଇଥାଏ ।

ବର୍ଷାଗତୁରେ ସଂପୃକ୍ତ ଅଞ୍ଚଳର କେତେକ ଗଡାଣିଆ ଅଞ୍ଚଳରୁ ମାଟି କ୍ଷୟ ହୋଇ ନିମ୍ନ ଅଞ୍ଚଳରେ ଗଚ୍ଛିତ ହୋଇଥାଏ। ଗଡାଣିଆ ଅଞ୍ଚଳମାନଙ୍କରୁ ମୃତ୍ତିକା କ୍ଷୟ

ରୋକିବାକୁ ଯାଇ ମୃତ୍ତିକା ସଂରକ୍ଷଣ ବିଭାଗଦ୍ୱାରା ବଡ ବଡ ପଥର ଦ୍ୱାରା ଥାକ ଥାକ କରାଯାଇ ତା' ଉପରେ ମାଟିଯୁକ୍ତ ଘାସର ଚେକା ଖଞ୍ଜା ଯାଇଥାଏ । ଫଳରେ ମାଟି ଆଉ ଧୋଇହୁଏ ନାହିଁ । ଗଡାଣିଆ ଜମିରେ ହିତ ଦେବା ଓ ଜମିକୁ ସମତଳ କରିବା ପାଇଁ ସଂପୃକ୍ତ ଅଞ୍ଚଳର ଚାଷୀମାନଙ୍କୁ ପରାମର୍ଶ ଦେଇଥାଆନ୍ତି । ଜଙ୍ଗଲର ଗଡାଣିଆ ଅଞ୍ଚଳରୁ ମଧ୍ୟ ମାଟି ଧୋଇହୋଇ ଜମିର ଫସଲ ନଷ୍ଟ କରିଥାଏ । ସେଥିପାଇଁ ସେ ଅଞ୍ଚଳରେ ମଧ୍ୟ ମାଙ୍କଡା ପଥରକୁ ଖଞ୍ଜି ବର୍ଷାଦିନରେ ଜଳକୁ ଅଟକା ଯାଇଥାଏ । ଫଳରେ ପଥର ବନ୍ଧଟି ସୁରକ୍ଷିତ ହେବା ସଙ୍ଗେ ସଙ୍ଗେ ଜଙ୍ଗଲରୁ ମୃତ୍ତିକାକ୍ଷୟ ବନ୍ଦ୍ ହୋଇଥାଏ। ଜମିର ଫସଲ ମଧ୍ୟ ନଷ୍ଟ ହୋଇ ନ ଥାଏ । ସେଥିପାଇଁ ଗଡାଣିଆ ଜମିକୁ ସମତଳ କରିବାକୁ ପଡିଥାଏ ।

ବାସିପିଠା ଗ୍ରାମ ପଞ୍ଚାୟତ ଅଧିନରେ ଥିବା କମଳୀ ଗ୍ରାମ ତଥା ଆଖପାଖ ଗ୍ରାମରେ କୃଷିର ଉନ୍ନତି ପାଇଁ ଅରିକୂଳ ନାମକ ଏକ କେନାଲ ରହିଥିବାର ଜଣାଯାଏ । ବର୍ଷାଋତୁରେ କେନାଲ ଜଳପୂର୍ଣ୍ଣ ରହୁଥିବା ସ୍ଥଳେ ଅନ୍ୟ ସମୟରେ ଜଳ ପ୍ରାୟ ରହେ ନାହିଁ । ସେଥିପାଇଁ କେବଳ ବର୍ଷା ଜଳ ଉପରେ ଚାଷୀମାନେ ନିର୍ଭର କରି ଚାଷ କାର୍ଯ୍ୟ କରିଥାଆନ୍ତି । ଏହି ଗ୍ରାମରେ ମଧ୍ୟ ଉଠାଜଳସେଚନର ସୁବିଧା ସରକାରଙ୍କ ତରଫରୁ କରାଯାଇଛି । ଆବଶ୍ୟକ ସ୍ଥଳେ ଉଠାଜଳସେଚନ ପାଇଁ ମେସିନ୍ ଚାଲିଥାଏ । ବର୍ତ୍ତମାନ ସେହି ମେସିନ୍ ସଂପୂର୍ଣ୍ଣ ଭାବେ ଅଚଳ ଅବସ୍ଥାରେ ରହିଛି । ଫଳରେ ଚାଷୀମାନେ କୃଷିକାର୍ଯ୍ୟରେ ଜଳନିମିତ୍ତ ଅନେକ ହଇରାଣ ହୋଇଥାଆନ୍ତି । କୃଷିର ଉନ୍ନତି ପରିକଳ୍ପେ ଜଳସେଚନର ସୁବିଧା କରାଯାଇଥିଲେ ହେଁ ଠିକ୍ ସମୟରେ ଜଳର ଅଭାବ ପରିଲକ୍ଷିତ ହୋଇଥାଏ । ସେ ଯାହାହେଉ ଏହି ଅଞ୍ଚଳରେ ଉଠାଜଳସେଚନର ସୁବିଧା ଥିଲେ ମେସିନ ବ୍ୟବହାରରେ ଆସୁନାହିଁ । ଅନ୍ୟ କେତେକ ରାଜୁଆର ବସବାସ କରୁଥିବା ଗ୍ରାମଗୁଡିକରେ ମଧ୍ୟ ଉଠାଜଳସେଚନ ସୁବିଧା ନ ଥିବାର ଜଣାଯାଏ ।

ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରୁ ସାଧାରଣ ଜୀବନଧାରଣ ନିମ୍ନତମ ଚାହିଦା ପରିପୂରଣ କରିପାରୁନଥିବା ଲୋକମାନଙ୍କୁ ଇନ୍ଦିରା ଆବାସ ଯୋଜନାରେ ସରକାରଙ୍କ ତରଫରୁ ଗୃହ ଯୋଗାଇ ଦିଆଯାଉଛି । ରାଜୁଆର ପରିବାରମାନଙ୍କ ମଧ୍ୟରୁ ପ୍ରାୟ ଏହି କମଳୀ ଗ୍ରାମର ଦଶ ଗୋଟି ପରିବାରକୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି । ଇନ୍ଦିରା ଆବାସ ଗୃହ ବଣ୍ଟନ କ୍ଷେତ୍ରରେ ସରକାରୀ ସ୍ତରରେ କେତେକ ଅନିୟମିତତା ଦେଖାଦେଇଥାଏ । ପ୍ରକୃତ ଲୋକକୁ ଗୃହ ବଣ୍ଟନ ନ

କରି ଅନ୍ୟ ଲୋକକୁ ବଣ୍ଟନ କରାଯାଇଥାଏ। କେତେକ କ୍ଷେତ୍ରରେ ଗୃହ ବଣ୍ଟନରେ ବିବାଦ ମଧ୍ୟ ସୃଷ୍ଟି ହୋଇଥାଏ। ପ୍ରକୃତ ଦାରିଦ୍ର୍ୟ ସୀମାରେଖା ତଳେଥିବା ଲୋକ ମଧ୍ୟ ଏହି ଇନ୍ଦିରା ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହେବାରୁ ବଂଚିତ ହେଉଥିବାର ସୂଚନା ମିଳିଥାଏ।

କେତେକ ବେସରକାରୀ ସଂସ୍ଥା ମଧ୍ୟ ସଂପୃକ୍ତ ଅଞ୍ଚଳର ବିଭିନ୍ନ ଦିଗରେ ସହଯୋଗ କରିଥାଏ। ଗ୍ରାମର ରାସ୍ତା ପରିଷ୍କାର କରିବା, କୌଣସି ଅସହାୟ ବ୍ୟକ୍ତି ଗୃହ ନିର୍ମାଣ କରିବା, ଗ୍ରାମର କୌଣସି ଅଞ୍ଚଳ ପାଇଁ ରାସ୍ତା ତିଆରି କରିବା ଇତ୍ୟାଦି କ୍ଷେତ୍ରରେ ଗ୍ରାମବାସୀଙ୍କ ମିଳିତ ସହଯୋଗରେ କାର୍ଯ୍ୟ କରିଥାଆନ୍ତି। ଏତଦ୍‌ବ୍ୟତୀତ ସମବାୟ ବ୍ୟାଙ୍କ୍ ଲୋକମାନଙ୍କୁ କୃଷି ଋଣ ଯୋଗାଇଥାଆନ୍ତି। ଅଳ୍ପ ସୁଧ ହାରରେ ଏମାନେ ଋଣ ଆଣିଥାଆନ୍ତି। ଗ୍ରାମ ପାଣ୍ଠିରୁ ଏମାନେ ମଧ୍ୟ ଋଣ ଆଣିଥାଆନ୍ତି।

ସଂପୃକ୍ତ ଅଞ୍ଚଳରେ ସରକାର ଶିକ୍ଷା କ୍ଷେତ୍ରରେ ବିଶେଷ ଗୁରୁତ୍ୱ ଦେଇଥାଆନ୍ତି। ସେଥିପାଇଁ ଗାଁ ଗାଁରେ ପ୍ରାଥମିକ ଶିକ୍ଷାକେନ୍ଦ୍ରମାନ ସ୍ଥାପନ କରାଯାଇଛି। ଏହି କମଳୀ ଗ୍ରାମରେ ମଧ୍ୟ ଏକ କନ୍ୟାଶ୍ରମ ରହିଛି। ଆଦିବାସୀ ଓ ହରିଜନ ଉନ୍ନୟନ ବିଭାଗ ତରଫରୁ ଏହା ପ୍ରତିଷ୍ଠା କରାଯାଇଛି। କନ୍ୟାଶ୍ରମରେ ପଢୁଥିବା ପିଲାମାନଙ୍କୁ ସରକାରଙ୍କ ତରଫରୁ ବିବିଧ ପାଠ୍ୟୋପକରଣ ଯୋଗାଇ ଦିଆଯାଉଛି। ଏହି ଗ୍ରାମରେ ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ରହିଛି । ତିନି ବଷରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାମାନେ ଏହି କେନ୍ଦ୍ରରେ ପଢ଼ିଥାଆନ୍ତି। ପିଲାମାନଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା ମଧ୍ୟ ସରକାରଙ୍କ ତରଫରୁ କରାଯାଇଥାଏ। ଆଦିବାସୀ ଓ ହରିଜନ ଉନ୍ନୟନ ବିଭାଗ ତରଫରୁ ବାସିପିଠା ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରାଯାଇଛି । ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପାଠ ଏହି ବିଦ୍ୟାଳୟ ପଢ଼ିଥାଆନ୍ତି । ପ୍ରାଥମିକ ବିଦ୍ୟାଳୟମାନଙ୍କରେ ସରକାରଙ୍କ ତରଫରୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ମଧ୍ୟ କରାଯାଇଛି । ଫଳରେ ଆଗ୍ରହ ପ୍ରକାଶ କରି ପିଲାମାନେ ବହୁ ସଂଖ୍ୟାରେ ବିଦ୍ୟାଳୟକୁ ଆସୁଥିବାର ଜଣାଯାଏ ।

ସାଧାରଣତଃ ଗ୍ରାମାଞ୍ଚଳ ଲୋକମାନଙ୍କର ସ୍ୱାସ୍ଥ୍ୟରେ ସାମାନ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ଜନସାଧାରଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଗ୍ରାମାଞ୍ଚଳରେ ସରକାରଙ୍କ ତରଫରୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନ ଖୋଲାଯାଇଛି । ବିଶେଷତଃ ଆଦିବାସୀ ଅଞ୍ଚଳରେ ଉପସ୍ୱାସ୍ଥ୍ୟ କେନ୍ଦ୍ରମାନ ଖୋଲାଯାଇଛି । କମଳୀ ଗ୍ରାମରେ ମଧ୍ୟ ଏକ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ଏହି କେନ୍ଦ୍ର ପାଇଁ ସରକାରଙ୍କ ତରଫରୁ ଜଣେ ସହାୟକ ସେବିକା ନିଯୁକ୍ତ

ହୋଇଥାଆନ୍ତି । ଏହି ସହାୟକା ସେବିକା ଗାଁ ଗାଁ ବୁଲି ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷାକରି ଉପଯୁକ୍ତ ଔଷଧ ପ୍ରଦାନ କରିଥାଆନ୍ତି । ଏତଦ୍‌ବ୍ୟତୀତ ସଂପୃକ୍ତ ଅଞ୍ଚଳରେ ଗାଁ ଗାଁମାନଙ୍କରେ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଔଷଧ ବିତରଣ କେନ୍ଦ୍ରମାନ ଖୋଲାଯାଇ ମାଗଣାରେ ଲୋକମାନଙ୍କୁ ଔଷଧ ବିତରଣ କରାଯାଇଛି । କମଳୀ ଗ୍ରାମଠାରୁ ପ୍ରାୟ ପାଞ୍ଚ କିଲୋମିଟର ଦୂରରେ ଥିବା ଡୁକୁରା ଗ୍ରାମରେ ଏକ ଆଞ୍ଚଳିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲା ଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ମଶା ନିୟନ୍ତ୍ରଣ ଦିଗରେ ପ୍ରତ୍ୟେକ ଗ୍ରାମରେ ଡିଡିଟି ସିଞ୍ଚନ କରାଯାଉଛି । ଏତଦ୍‌ବ୍ୟତୀତ ସରକାରୀ ତଥା ବିଭିନ୍ନ ବେସରକାରୀ ଅନୁଷ୍ଠାନ ତରଫରୁ ଲୋକମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟସଚେତନ କରାଯାଉଛି । ସରକାରଙ୍କ ତରଫରୁ ପୋଲିଓ ନିରାକରଣ ଦିଗରେ ଗ୍ରାମାଞ୍ଚଳ ଲୋକମାନଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ତଥା ପୋଷ୍ଟର ଛପାଯାଇ ବଣ୍ଟନ କରାଯାଉଛି । ବିଭିନ୍ନ ଶିବିରମାନ ଆୟୋଜନ କରାଯାଇ ପୋଲିଓର ଭୟାଭୟତା ତଥା ନିରାକରଣ ଦିଗରେ ସଚେତନତା ସୃଷ୍ଟି କରାଯାଉଛି । ସେହିପରି ମେଲେରିଆ ଦୂର କରିବା ପାଇଁ ବିଭିନ୍ନ ଶିବିର ତଥା ଅଭିଯାନମାନ ଆୟୋଜନ କରାଯାଇଛି । ଏଥି ସହିତ ଏହି ରୋଗ ଦାଉରୁ ରକ୍ଷା ପାଇବା ପାଇଁ ମଶାରୀ ବ୍ୟବହାର ମଶାମାଛିଙ୍କ ନିର୍ମୂଳ ଧ୍ୱଂସ କରିବା ପାଇଁ ଘର ପାଖରେ ଥିବା ଲଟା ସଫା କରିବା, ଗୃହ ନିକଟରେ କୌଣସି ସ୍ଥାନରେ ପାଣି ନ ଜମାଇବା, ବିଭିନ୍ନ ଧୂଆଁ ଦେବା ଇତ୍ୟାଦି ବିଷୟରେ ସଚେତନ କରାଯାଇଥାଏ । ସାଧାରଣତଃ, ମୁଣ୍ଡ ବିନ୍ଧା, ଥଣ୍ଡା, ଜ୍ୱର ହେଲେ ଔଷଧ ବିତରଣ କେନ୍ଦ୍ରର ସହାୟତା ନିଆଯାଇପାରେ । ଔଷଧ ବିତରଣ କ୍ଷେତ୍ରରେ ସହାୟକ ପାଇଁ ଏହି ତାଲିମ ପ୍ରଦାନ କରିଥାଏ । କୁଷ୍ଠରୋଗରେ ଆକ୍ରାନ୍ତ ରୋଗୀକୁ ରାଜୁଆର ସମାଜରେ ସେତେବେଳେ ଗ୍ରାମରୁ ଅଲଗା ଜାଗାରେ ରହିବାକୁ ଦିଆଯାଉଥିଲା । ସେ ରୋଗୀକୁ ସମସ୍ତେ ଘୃଣା କରୁଥିଲେ । କାଳକ୍ରମେ କୁଷ୍ଠ ନିରାକରଣ ଅଭିଯାନ ସରକାରଙ୍କ ତରଫରୁ ଗ୍ରାମାଞ୍ଚଳମାନଙ୍କରେ ଆରମ୍ଭ କରାଗଲା । ଲୋକମାନଙ୍କୁ ଏହି ରୋଗ ପ୍ରତିକାର ବିଷୟରେ ସଚେତନ କରାଗଲା । କୁଷ୍ଠ ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ସରକାରଙ୍କ ତରଫରୁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଉପକେନ୍ଦ୍ରମାନଙ୍କରୁ କୁଷ୍ଠ ନିରାକରଣ ପାଇଁ ଫଳପ୍ରଦ ଔଷଧ ଏମ୍.ଡି.ଟି ବଟିକା ଉପଲବ୍ଧ । ଏହି ଏମ୍.ଡି.ଟି ପ୍ରତ୍ୟେକ କୁଷ୍ଠ ରୋଗୀଙ୍କୁ ମାଗଣାରେ ଯୋଗାଇ ଦିଆଯାଇଥାଏ । କୁଷ୍ଠ ରୋଗ ଅନ୍ୟ କାହାରିକୁ ବ୍ୟାପେ ନାହିଁ ବୋଲି ସ୍ୱାସ୍ଥ୍ୟ ସଚେତନତା ଶିବିରରୁ ଲୋକମାନେ ଶିକ୍ଷା କଲେଣି ।

କେତେକ ବେସରକାରୀ ସଂସ୍ଥା ତରଫରୁ ସ୍ୱାସ୍ଥ୍ୟ ସଚେତନତା ଶିବିର /କାର୍ଯ୍ୟକ୍ରମ / ଅଭିଯାନମାନ ଆୟୋଜନ କରାଯାଇ ଲୋକମାନଙ୍କୁ ମେଲେରିଆ, କୁଷ୍ଠ, ଯକ୍ଷ୍ମା, ପୋଲିଓ ଇତ୍ୟାଦି ରୋଗ ଓ ଏହାର ନିରାକରଣ ବିଷୟରେ ଧାରଣା ଦେଉଛନ୍ତି । ସେହିଭଳି ଏଡସ୍ ଭଳି ଏକ ମାରାତ୍ମକ ରୋଗ ବିଷୟରେ ଲୋକମାନଙ୍କୁ ଜଣାଇବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ବିଭିନ୍ନ ଗଣମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଉଛି । ଏହିଭଳି ବିଭିନ୍ନ ଉପାୟରେ ଆଦିବାସୀ ଅଞ୍ଚଳରେ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଯାଇଛି ।

ପଶୁପାଳନ ହିଁ ରାଜୁଆରମାନଙ୍କର ଆୟର ଅନ୍ୟତମ ଉତ୍ସ । ପଶୁପାଳନ କରି ଜୀବିକା ନିର୍ବାହ କରିବା ପାଇଁ କେତେଜଣ ବାଛି ନେଇଥାଆନ୍ତି । ନିରୀହ ତଥା ଗରିବ ଏପରିକି ମଧ୍ୟବିତ୍ତ ଶ୍ରେଣୀର ଲୋକେ ମଧ୍ୟ ପଶୁପାଳନ କରିଥାଆନ୍ତି । ପୂର୍ବେ ଲୋକମାନଙ୍କୁ ବ୍ଲକ୍ ଜରିଆରରେ ଏହି ଯୋଜନାରେ ଛେଳି, ବଳଦ, ଗାଈ, ମେଣ୍ଢା ଇତ୍ୟାଦି ଋଣ ଆକାରରେ ଯୋଗାଇ ଦିଆଯାଉଥିଲା । ଏଥି ସକାଶେ ଋଣ ପରିମାଣର ଅର୍ଦ୍ଧେକ ଛାଡ୍ କରି ଦିଆଯାଉଥିଲା । ସେ ପଶୁପାଳନ କରି ଲୋକମାନେ ପଶୁ ସଂଖ୍ୟା ବୃଦ୍ଧି ଘଟିଲେ ସେଗୁଡିକୁ ବିକ୍ରି କରି ଅର୍ଥ ଉପାର୍ଜନ କରୁଥିଲେ । କିନ୍ତୁ ବର୍ତ୍ତମାନ ଏହି ଯୋଜନାରେ ଲୋକମାନଙ୍କୁ ଆଉ ଏହି ଋଣ ପ୍ରାୟ ଦିଆଯାଉ ନାହିଁ ।

ସରକାରଙ୍କ ସାମାଜିକ ବନ ପ୍ରକଳ୍ପ ଜରିଆରେ ବିଭିନ୍ନ ଗୋଚର ଅନାବାଦି ଜାଗାମାନଙ୍କରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଇଛି । ସାଧାରଣତଃ ୟୁକାଲିପଟାସ, ଆକାଶିଆ ଓ ଚାକୁଣ୍ଡା ଗଛ ଲଗାଇ ଏହି ଜଙ୍ଗଲ ତିଆରି କରାଯାଉଛି । ଜଙ୍ଗଲର ଫାଙ୍କା ଜାଗାମାନଙ୍କରେ ମଧ୍ୟ ନୂତନ ଗଛ ଲଗାଯାଉଛି । କେତେକ ବ୍ୟକ୍ତି ମଧ୍ୟ ନିଜ ପଡିଆ ଜମିମାନଙ୍କରେ ସରକାରଙ୍କ ତରଫରୁ ମିଳୁଥିବା ଏହି ବୃକ୍ଷ ଚାରାକୁ ଆଣି ରୋପଣ କରିଥାଆନ୍ତି । ଜଙ୍ଗଲରର ବିକାଶ ଦିଗରେ ମଧ୍ୟ ଜଙ୍ଗଲ ସୁରକ୍ଷା ନୀତି ପ୍ରଣୟନ କରାଯାଇଛି । ଅବାଧରେ କୌଣସି ବ୍ୟକ୍ତି ଜଙ୍ଗଲରେ ପ୍ରବେଶ କରିବା ପାଇଁ କଟକଣା ଲାଗୁହୋଇଛି । ଜଙ୍ଗଲ ସୁରକ୍ଷା ପାଇଁ ମଧ୍ୟ ବନ ବିଭାଗ ତରଫରୁ କେତେକ ଲୋକଙ୍କୁ ବିଭିନ୍ନ ପଦପଦବୀରେ ନିଯୁକ୍ତ କରାଯାଇଛି ।

ସେ ସମୟରେ ଲୋକମାନେ ନଦୀ, ନାଳ ଇତ୍ୟାଦିରୁ ଦୂଷିତ ପାଣି ପିଉଥିଲେ । ଫଳରେ ଅନେକ ରୋଗରେ ଆକ୍ରାନ୍ତ ହୋଇ ଶେଷରେ ମୃତ୍ୟୁବରଣ କରୁଥିଲେ । ବର୍ତ୍ତମାନ ସରକାରଙ୍କ ତରଫରୁ ଗ୍ରାମାଞ୍ଚଳ ଲୋକମାନଙ୍କ ସୁବିଧା ନିମନ୍ତେ ଗ୍ରାମ ମଧ୍ୟରେ ନଳକୂପମାନ ଖନନ କରାଯାଇଛି । ଫଳରେ ବିଶୁଦ୍ଧ ପାନୀୟ ଜଳ ସହଜରେ ଉପଲବ୍ଧ ହୋଇ ପାରୁଛି ।

ଆଉ ନଦୀ ଓ ନାଳର ଦୂଷିତ ପାଣି ପିଇବାକୁ ପଡୁନାହିଁ। ଗ୍ରୀଷ୍ମଋତୁରେ ଯେତେବେଳେ ଜଳସ୍ତର ବହୁତ ତଳକୁ ଖସିଯାଇଥାଏ, ସେତେବେଳେ ନଳକୂପରୁ ମଧ୍ୟ ଜଳ ନିଷ୍କାସନ ହୋଇ ନଥାଏ। ଫଳରେ ଗ୍ରୀଷ୍ମଋତୁରେ ନଳକୂପମାନ ଅକାମୀ ହୋଇପଡିଥାଏ। ଏହି ସମୟରେ ଲୋକମାନେ ନଦୀକୂଳରେ 'ଚୁଆ' କରି ଅର୍ଥାତ୍ ନଦୀବାଲିକୁ କିଛି ଗଭୀର ଖୋଳାଯାଇ ସେଥିରୁ ସଫାଜଳ ସଂଗ୍ରହ କରିଥାଆନ୍ତି। ସରକାରଙ୍କ ତରଫରୁ କମଳୀ ଗ୍ରାମରେ ଚାରିଗୋଟି ନଳକୂପ ଏବଂ ଚାରିଗୋଟି କୂପ ମଧ୍ୟ ଖନନ କରାଯାଇଛି। ଏହି ନଳକୂପ ଏବଂ କୂପ ଲୋକମାନଙ୍କର ପ୍ରତ୍ୟକ୍ଷ ବ୍ୟବହାରରେ ଆସୁଛି। ନଳକୂପ ଅଖଞ୍ଜା ଅବସ୍ଥାରେ ସଂପୃକ୍ତ ଜନମଙ୍ଗଳ ବିଭାଗର କର୍ମୀମାନେ ଆସି ମରାମତି କରିଥାଆନ୍ତି। ବର୍ତ୍ତମାନ ନଳକୂପ ନିକଟରେ ଏକ ଜଳକୁଣ୍ଡ ମଧ୍ୟ ସରକାରଙ୍କ ତରଫରୁ ତିଆରି କରାଯାଉଛି। ସରକାରଙ୍କର ପାନୀୟ ଜଳଯୋଗାଣ କାର୍ଯ୍ୟକ୍ରମ ଅର୍ଥାତ୍ ପାଇପ୍ ଦ୍ୱାରା ସମୟ ଅନୁସାରେ ପାନୀୟ ଜଳ ଯୋଗାଣ ଏପର୍ଯ୍ୟନ୍ତ ଗ୍ରାମାଞ୍ଚଳମାନଙ୍କରେ ପହଞ୍ଚି ପାରିନାହିଁ । କେତେକ ଅଞ୍ଚଳରେ ପହଞ୍ଚିଛି । ସଂପୃକ୍ତ ଆଦିବାସୀ ଅଞ୍ଚଳରେ ପାଇପ୍ ସାହାଯ୍ୟରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପଟି ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ । କୂପମାନଙ୍କରୁ ପଙ୍କ ଉଦ୍ଧାର କରିବା ପାଇଁ ସରକାର କିଛି ଅର୍ଥ ଯୋଗାଇଥାଏ । ବିଶୁଦ୍ଧ ପାନୀୟ ଜଳ ପାଇଁ ସରକାରଙ୍କର ଏକ ନୂଆ ଯୋଜନା 'ସ୍ୱଜଳ ଧାରା' ଏ ପର୍ଯ୍ୟନ୍ତ ଏ ଅଞ୍ଚଳରେ କାର୍ଯ୍ୟକାରୀ ହୋଇନାହିଁ ।

ପୂର୍ବରୁ ନିଶା ନିବାରଣ ପାଇଁ ଶିବିରମାନ ଆୟୋଜନ କରାଯାଇଥିଲା । ଗ୍ରାମରେ ଥିବା ମହିଳା ମଣ୍ଡଳ ତରଫରୁ ଏହି ନିଶା ନିବାରଣ ଅଭିଯାନ ଆରମ୍ଭ ହୋଇଥିଲା । ମାଦକ ପାନୀୟ ଅତ୍ୟଧିକ ସେବନରେ ଶରୀର ତଥା ସମାଜ ପ୍ରତି ତା'ର କୁପ୍ରଭାବକୁ ଲକ୍ଷ୍ୟରଖି ମହିଳାମାନେ ସ୍ୱର ଉତ୍ତୋଳନ କରିଥିଲେ । ଗାଁ ଗାଁ ବୁଲି ନିଶା ନିବାରଣଦିଗରେ ସ୍ଲୋଗାନମାନ ମଧ୍ୟ ଦେଇଥିଲେ । ସେ ସମୟରେ ଲୋକମାନେ ଟିକିଏ ସଚେତନ ହୋଇଉଠିଥିଲେ । ନିଶା ସେବନ ଶରୀର ପକ୍ଷେ କ୍ଷତିକାରକ ବିଷୟ ଜାଣି ସୁଦ୍ଧା ଏପର୍ଯ୍ୟନ୍ତ କେତେକ ମଦ୍ୟପ ନିଶା ସେବନ କରୁଛନ୍ତି । ରେଡିଓ, ଟିଭି, ସମ୍ବାଦପତ୍ର ଇତ୍ୟାଦି ଗଣମାଧ୍ୟମରେ ମଧ୍ୟ ନିଶା ନିବାରଣ ଉପରେ ଅନେକ ପ୍ରଚାର କରାଯାଉଛି । ଏପରିକି ଡାକବାଜି ଯନ୍ତ୍ର ମାଧ୍ୟମରେ ଗାଁ ଗାଁ ବୁଲି ନିଶା ନିବାରଣ ପାଇଁ ପ୍ରଚାର କାର୍ଯ୍ୟ କରାଯାଉଛି । ଏଥି ସକାଶେ ଗ୍ରାମରେ ଥିବା କ୍ଲବ୍‌ର ସଦସ୍ୟମାନଙ୍କ ଦ୍ୱାରା ସଚେତନତା ଶିବିର ମଧ୍ୟ ଆୟୋଜନ କରାଯାଉଛି । ତେଣୁ ଗ୍ରାମାଞ୍ଚଳରେ କିଞ୍ଚିତ୍ ମାତ୍ରାରେ ନିଶା ନିବାରଣ କାର୍ଯ୍ୟକ୍ରମ ସଫଳ ହୋଇଥିବାର ଅନୁମାନ କରାଯାଏ ।

ସଂପୃକ୍ତ ଅଞ୍ଚଳରେ କେତେକ ବ୍ୟକ୍ତ ଚୋରାରେ ମଦଭାଟି ଚଲାଇଥାଆନ୍ତି । ମଦ ତିଆରି କରି ମଦ୍ୟପଙ୍କୁ ଲୁଚାଇ ବିକ୍ରି କରିଥାଆନ୍ତି। କେତେକ ନିଜ ବାଡିରେ ଗଞ୍ଜେଇଗଛ ଲଗାଇ ମଧ୍ୟ ଚୋରାରେ ବିକ୍ରି କରିଥାଆନ୍ତି। ସରକାରଙ୍କ ଆରକ୍ଷୀବିଭାଗ ତରଫରୁ ଅବକାରୀ ନୀତି ବଳରେ ଗ୍ରାମାଞ୍ଚଳର ମଦଭାଟି ଉଚ୍ଛେଦ ତଥା ଏଥିରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଦଣ୍ଡ ଦେବାର କ୍ଷମତା ରହିଛି । ଲାଇସେନ୍ସ ପ୍ରାପ୍ତ ମଦ ତିଆରି କରୁଥିବା ବ୍ୟକ୍ତି ସରକାରଙ୍କୁ କିଛି ପାଉଣା ଦେଇଥାଏ । ସମସ୍ତ ଚୋରା ନିଶାଦ୍ରବ୍ୟ କାରବାରକୁ ସରକାର ଗ୍ରାମାଞ୍ଚଳରେ ଉଚ୍ଛେଦ କରିଛନ୍ତି ।

ଗ୍ରାମାଞ୍ଚଳରେ ଆଦିବାସୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସ୍ଥାନୀୟ ବ୍ୟାଙ୍କ୍‌ଗୁଡିକ ଋଣ ଯୋଗାଇଥାଆନ୍ତି । ସାଧାରଣତଃ ଡୁକୁରାରେ ଥିବା ବୈତରଣୀ ବ୍ୟାଙ୍କ, ୟୁନାଇଟେଡ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, କେ-ଅପରେଟିଭ୍ ବ୍ୟାଙ୍କ୍ ଇତ୍ୟାଦି ଅଳ୍ପ ସୁଧ ହାରରେ କୃଷିଋଣ ସମେତ ପଶୁପାଳନ ଋଣ ଯୋଗାଇ ଦେବାରେ ସକ୍ଷମ ହୋଇଛନ୍ତି । ଲୋକମାନେ ମଧ୍ୟ କମ୍ ସୁଧରେ ଋଣ ଗ୍ରହଣ କରନ୍ତି । ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ମରୁଡି ବାତ୍ୟା ଇତ୍ୟାଦି କ୍ଷେତ୍ରରେ ସ୍ଥଳବିଶେଷରେ ବ୍ୟାଙ୍କ୍‌ଗୁଡିକ ଲୋକମାନଙ୍କ ଠାରୁ ଋଣ ଛାଡ କରିଦେଇଥାଆନ୍ତି । ଏହି ଆଦିବାସୀମାନଙ୍କ ମଧ୍ୟରେ ଅଳ୍ପ କେତେଜଣ ବ୍ୟାଙ୍କ୍‌ଗୁଡିକରୁ ଋଣ ଆଣିଥାଆନ୍ତି । ପ୍ରାୟ ଲୋକ ଋଣ ଆଣିନଥାଆନ୍ତି । ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀକୁ ମଧ୍ୟ ବ୍ୟାଙ୍କ୍ ଋଣ ପ୍ରଦାନ କରିଥାଏ । ମହିଳା ମଣ୍ଡଳ ମଧ୍ୟ ବ୍ୟାଙ୍କ୍‌ରୁ ଋଣ ଆଣିଥାଆନ୍ତି ।

ରାଜସ୍ୱ ବିଭାଗ ତରଫରୁ ଭୂ-ରାଜସ୍ୱ ନୀତି ଅନୁଯାୟୀ ଚାଷୀମାନଙ୍କୁ ଜମିରପଟା ଯୋଗାଇଥାଏ । ବର୍ଷକୁ ଥରେ ଭୂ-ରାଜସ୍ୱ ବା ଖଜଣା ଘରଡିହ ଉପରେ ଲୋକମାନଙ୍କଠାରୁ ଯୋଗାଇଥାଏ । ମରୁଡି, ବନ୍ୟା, ବାତ୍ୟା ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସରକାର ଖଜଣା ଆଦାୟ କରି ନଥାଏ । ଫସଲ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇ ଯାଇଥିଲେ ସେମାନଙ୍କଠାରୁ ଅର୍ଥର ଅଧା ଖଜଣା ଛାଡ କରିଦେଇଥାଏ ଓ ଅର୍ଦ୍ଧେକ ଆଦାୟ କରିଥାଏ । ଏପରିକ ମରୁଡି ପଡିଥିବା ବର୍ଷ ଖଜଣା ଆଦାୟ ନ କରି ତା' ପରବର୍ତ୍ତୀ ବର୍ଷରେ ଆଦାୟ କରିଥାଏ। ବେଆଇନ୍ ଭାବରେ ଆଦିବାସୀମାନଙ୍କର ଜମି ହସ୍ତାନ୍ତର ଉପରେ କଟକଣା ଜାରି କରି ସରକାର ଆଇନ୍ ପ୍ରଣୟନ କରିଛନ୍ତି।

ଗ୍ରାମ ବିଦ୍ୟୁତ୍‌କରଣ ବ୍ୟବସ୍ଥାରେ କେତେକ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ କରାଯାଇଥିବା ବେଳେ ଅନ୍ୟ କେତେକ ଗ୍ରାମକୁ ବିଦ୍ୟୁତ୍‌କରଣ କରାଯାଇ ନାହିଁ। ଜମଳୀ ଗ୍ରାମରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ରହିଥିବା ସ୍ଥଳେ କୌଣସି ରାଜୁଆର ପରିବାର

ବିଦ୍ୟୁତ୍ ବ୍ୟବହାର କରିନାହାନ୍ତି। ଗ୍ରାମରେ କେତେକ ବିଦ୍ୟୁତ୍ ଖୁଣ୍ଟରେ ବିଜୁଳିବତୀ ଲଗାଯାଇଥିବା ସ୍ଥଳେ ଅନ୍ୟ କେତେକ ଖୁଣ୍ଟରେ ବିଜୁଳିବତୀ ଲଗାଇଯାଇ ନାହିଁ।

ଏହି କାର୍ଯ୍ୟକ୍ରମରେ ଗ୍ରାମରେ ଥିବା ପୋଖରୀଗୁଡିକୁ ଗ୍ରାମ ପଞ୍ଚାୟତ ନିଜ ହାତକୁ ନେଇଥାଏ। ପ୍ରତିବର୍ଷ ଏହି ପୋଖରୀଗୁଡିକରେ ମାଛ ଧରିବା ପାଇଁ ପଞ୍ଚାୟତ ନିଲାମ ଡାକିଥାଏ। କେତେକ ରାଜୁଆର ଲୋକେ ଦଳବଦ୍ଧ ହୋଇ ନିଲାମ ଆଣିଥାଆନ୍ତି। ଅନ୍ୟମାନେ ଯେତିକି ଦେଇଥାଆନ୍ତି ତା'ଠାରୁ କିଛି ଅଧିକ ଅର୍ଥ ପ୍ରଦାନ କରି ପୋଖରୀ ନିଲାମ ଆଣିଥାଆନ୍ତି। ସେହି ପୋଖରୀରେ ରାଜୁଆରମାନେ ମାଛଚାଷ କରିଥାଆନ୍ତି। ଏଥିପାଇଁ ବ୍ଲକ୍ ରିହାତି ମୂଲ୍ୟରେ ମାଛ ଯାଆଁଳ ଏମାନଙ୍କୁ ଯୋଗାଇଥାଏ । ବର୍ଷ ଶେଷରେ ମାଛ ବଡ ହୋଇଗଲା ପରେ ଦଳବଦ୍ଧ ହୋଇ ମାଛ ଧରିଥାଆନ୍ତି । ମାଛକୁ ବିକ୍ରୟ କରି ଯଥେଷ୍ଟ ଲାଭ ଉଠାଇଥାଆନ୍ତି। ମାଛ ପାଇଁ ମଧ୍ୟ ବ୍ଲକ୍ ଜରିଆରେ ଚାଷୀମାନଙ୍କୁ ବ୍ୟାଙ୍କ୍ ଋଣ ଯୋଗାଇଥାଏ ।

ଗ୍ରାମ ପାଇଁ ରାସ୍ତା ତିଆରି ଓ ମରାମତି, ନିକଟସ୍ଥ ପୋଲ ତିଆରି ତଥା ଗ୍ରାମରେ ପୋଖରୀ ଖନନ ଏବଂ ସରକାରଙ୍କ ତରଫରୁ କୂପ ଖନନ ପାଇଁ କେତେକ ଶ୍ରମିକକୁ ନିଯୁକ୍ତ କରି ଦୈନିକ କିମ୍ବା ସାପ୍ତାହିକ ମଜୁରୀ ପ୍ରଦାନ କରାଯାଉଛି । କୌଣସି ସରକାରୀ ଗୃହ, ଆଞ୍ଚଳିକ ଡାକ୍ତରଖାନା ନିର୍ମାଣ କ୍ଷେତ୍ରରେ ମଧ୍ୟ ଶ୍ରମିକମାନଙ୍କୁ ନିଯୁକ୍ତ କରାଯାଇ ଦୈନିକ / ସାପ୍ତାହିକ ମଜୁରୀ ଯୋଗାଇ ଦେଉଛନ୍ତି ।

ଚୁଡା ବ୍ୟବସାୟ ହିଁ ରାଜୁଆରମାନଙ୍କର ଆୟର ପ୍ରଧାନ ଉତ୍ସ । ଅଧିକାଂଶ ଲୋକ ଏହି ବ୍ୟବସାୟ କରି ଜୀବିକା ନିର୍ବାହ କରିଥାଆନ୍ତି । ବ୍ୟବସାୟକୁ ବୃଦ୍ଧି କରିବା ପାଇଁ ସେମାନେ ଋଣ କରିଥାଆନ୍ତି। ବଡ ଆକାରରେ ବ୍ୟବସାୟ କରି ଅଧିକ ଲାଭ ଉଠାଇ ପାରୁଛନ୍ତି । ସେହିଭଳି ଅନ୍ୟତମ ଆୟର ପ୍ରଧାନ ହେଉଛି ସବାଇଘାସ ଚାଷ । ଏଥିରୁ ରସି / ଦଉଡି ବିକ୍ରୟ କରି ଅର୍ଥ ଉପାର୍ଜନ କରିପାରୁଛନ୍ତି ।

ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ପରିବାରବର୍ଗଙ୍କୁ ଚାଉଳ ଓ କିରୋସିନି ଇତ୍ୟାଦି ଯୋଗାଇ ଦିଆଯାଉଛି । ଗ୍ରାମ ପଞ୍ଚାୟତ ସହାୟତାରେ ଚାଉଳ କି.ଗ୍ରା ପ୍ରତି ଚାରିଟଙ୍କା ପଞ୍ଚସ୍ତରି ପଇସା ଓ କିରୋସିନି ଲିଟର ପ୍ରତି ଦଶଯଙ୍କା ଦରରେ ଯୋଗାଇ ଦଆଯାଉଛି । କମଳୀ ଗ୍ରାମର ମୋଟ୍ ଦୁଇଶହ ନଅଟି ପରିବାର

ମଧ୍ୟରୁ ପ୍ରାୟ ଶହେ ଅଶୀଟି ପରିବାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ଅଛନ୍ତି । ସେଥି ମଧ୍ୟରୁ ରାଜୁଆର ସଂପ୍ରଦାୟର ମୋଟ୍ ପଞ୍ଚାବନଟି ପରିବାର ବର୍ଗଙ୍କୁ ନିର୍ଦ୍ଧାରିତ ଦରରେ ଚାଉଳ ଓ କିରୋସିନି ଯୋଗାଇ ଦିଆଯାଉଛି ।

ଗ୍ରାମାଞ୍ଚଳରେ ଥିବା ଶାରୀରିକ ଅକ୍ଷମ ଯଥା ଅନ୍ଧ ଓ ଛୋଟା ବ୍ୟକ୍ତି ତଥା ନିସହାୟ ବ୍ୟକ୍ତି ଯାହାର ବୟସ ପଞ୍ଚଷଠି ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ବ୍ୟକ୍ତିମାନଙ୍କୁ ସରକାର ସହାୟତା ପ୍ରଦାନ କରିଥାଏ । କମଳୀ ଗ୍ରାମର ପ୍ରାୟ କୋଡିଏଜଣ ଏହି ଯୋଜନାର ଅନ୍ତର୍ଭୁକ୍ତ । ଚାଉଳ କି.ଗ୍ରା ପ୍ରତି ତିନିଟଙ୍କାରେ ପଚିଶ କି.ଗ୍ରା ଯୋଗାଇ ଦିଆଯାଉଛି । ଏତଦ୍‌ବ୍ୟତୀତ ଶାରୀରିକ ଅକ୍ଷମ ବ୍ୟକ୍ତି (ଛୋଟାକୁ ବ୍ଲକ୍ ତରଫରୁ ତିନି ତିନି ଚକିଆ ସାଇକେଲ୍ ମଧ୍ୟ ପ୍ରଦାନ କରାଯାଉଛି । ଜିଲ୍ଲାପାଳଙ୍କ ତରଫରୁ ଅନ୍ଧମାନଙ୍କୁ ମଧ୍ୟ ଯଷ୍ଟି / ବାଡି ପ୍ରଦାନ କରାଯାଇଛି। ଏମାନଙ୍କ ପାଇଁ ଯାତାୟତ କ୍ଷେତ୍ରରେ ଗାଡିଭଡା ଅଧା ଦେବାକୁ ହୋଇଥାଏ।

ବାରିପଦା, ଉଦଳା ମୁଖ୍ୟ ରାସ୍ତାରେ ପୁରୁଣା ପାଣି ଛକଠାରୁ ଶାଳବଣୀ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୩.୫ କିଲୋମିଟର ରାସ୍ତା ପିଚୁ ରାସ୍ତା ତିଆରି କରାଯାଉଛି । ଅନେକ ଲୋକ ଏହି ଯୋଜନା ଶ୍ରମକରି ଦୈନିକ କିମ୍ବା ସାପ୍ତାହିକ ମଜୁରୀ ଠିକାଦାରମାନଙ୍କଠାରୁ ଆଣୁଛନ୍ତି । ସମସ୍ତ ଗ୍ରାମକୁ ପକ୍କା ସଡକଦ୍ୱାରା ସଂଯୋଗ କରାଯିବା ଏବଂ ଗ୍ରାମ ମଧ୍ୟସ୍ଥ ରାସ୍ତା ମଧ୍ୟ ପକ୍କା ସଡକ ଦ୍ୱାରା ସଂଯୋଗ କରାଯିବା ଏବଂ ଗ୍ରାମ ମଧ୍ୟସ୍ଥ ରାସ୍ତା ମଧ୍ୟ ପକ୍କା ହେବା ଏହି ଯୋଜନାର ମୂଳ ଲକ୍ଷ୍ୟ । ରାସ୍ତା ନ ଥିବା ଗ୍ରାମକୁ ନୂତନ ରାସ୍ତା ନିର୍ମାଣ କରାଯିବା ମଧ୍ୟ ଅନ୍ୟତମ ଲକ୍ଷ୍ୟ । ରାସ୍ତାକାମ ଚାଲିଥିବା ପର୍ଯ୍ୟନ୍ତ ସେହି କାମରେ କେତେକ ଶ୍ରମିକ ନିଯୁକ୍ତ ହୋଇ ଅର୍ଥ ଉପାର୍ଜ୍ଜନ କରି ପାରୁଛନ୍ତି ।

ବିଭିନ୍ନ କ୍ଷେତ୍ରପାଇଁ ବେକାର ଯୁବକ ଓ ଯୁବତୀମାନଙ୍କୁ ବ୍ଲକ୍ ମାଧ୍ୟମରେ ବ୍ୟାଙ୍କ୍‌ରୁ ଋଣ ଯୋଗାଇ ଦିଆଯାଉଛି। ଫଳରେ ଅଧିକ ବେକାର ଯୁବକ ଓ ଯୁବତୀ ଚାକିରି ପଛରେ ନ ଗୋଡାଇ ଆତ୍ମ ନିଯୁକ୍ତିର କ୍ଷେତ୍ର ମନୋନୟନ କରିବାରେ ସକ୍ଷମ ହୋଇପାରିଛନ୍ତି ଏବଂ ଆବଶ୍ୟକ ଲାଭ ମଧ୍ୟ ଉଠାଇ ପାରୁଛି ।

ବିଭିନ୍ନ ଦିଗରେ ମହିଳାମାନଙ୍କର ଉନ୍ନତି ପାଇଁ ସରକାରଙ୍କ ତରଫରୁ ଏହି କମଳୀ ଗ୍ରାମରେ ଏକ ମହିଳା ବିକାଶ ଗୃହ ନିର୍ମାଣ କରାଯାଇଛି । କେତେଜଣ ମହିଳାମାନଙ୍କୁ ନେଇ ଏକ ମହିଳା ମଣ୍ଡଳ ଗଠନ କରାଯାଇଛି । ମହିଳାମାନେ ପରସ୍ପରଠାରୁ କିଛି ଅର୍ଥ ଚାନ୍ଦା ଆକାରରେ ଆଦାୟ କରି ପାଣ୍ଠି ଗଢ଼ିଥାଆନ୍ତି । ଏହି ପାଣ୍ଠିକୁ ବ୍ୟାଙ୍କ୍‌ରେ

ଜମା ରଖିଥାଆନ୍ତି । ବ୍ୟାଙ୍କ୍ ମଧ୍ୟ ଏମାନଙ୍କୁ ଋଣ ଯୋଗାଇଥାଏ । ସେହି ଋଣରୁ କିଛି ଅଂଶ ଛାଡ କରିଥାଏ । ଏହି ଦିନ ସମସ୍ତେ ନିର୍ଦ୍ଧାରିତ ଅର୍ଥ ପଇଠ କରିଥାଆନ୍ତି । ସେହିଭଳି ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠି ଗଠନ କରି ବିଭିନ୍ନ କାର୍ଯ୍ୟ ମିଳିମିଶି ସଂପନ୍ନ କରିଥାଆନ୍ତି । ଏଥିପାଇଁ ବ୍ୟାଙ୍କ୍ ତରଫରୁ ସେହି ସ୍ୱୟଂ ସହାୟକ ଗୋଷ୍ଠୀକୁ ବିଭିନ୍ନ କ୍ଷେତ୍ରରେ ଋଣ ଯୋଗାଇ ଦିଆଯାଏ । ଋଣ ଅର୍ଥକୁ ସଠିକ ଭାବରେ ଉପଯୋଗ କରି ସେମାନେ ବେଶ୍ ଲାଭ ଉଠାଇବାରେ ସମର୍ଥ ହୋଇଥାଆନ୍ତି ।

ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରରେ କେବଳ ଗୋଟିଏ କିମ୍ବା ଦୁଇଟି ସନ୍ତାନର ଅଧିକାରୀ ବ୍ୟକ୍ତିଙ୍କୁ ସରକାର ତରଫରୁ ସବୁଜ ପତ୍ର ପ୍ରଦାନ କରାଯାଇଥାଏ । ଏହା ସହାୟତାରେ ବ୍ୟାଙ୍କ୍ ସେ ବ୍ୟକ୍ତିକୁ ଋଣ ପ୍ରଦାନ କରିଥାଏ । ଶୁଟିବା କ୍ଷେତ୍ରରେ ବ୍ୟାଙ୍କ୍ ମଧ୍ୟ କିଛି ଅର୍ଥ ଛାଡ କରିଥାଏ । ଏହି ଯୋଜନା ଏପର୍ଯ୍ୟନ୍ତ ସଂପୃକ୍ତ କମଳୀ ଗ୍ରାମରେ କାର୍ଯ୍ୟକାରୀ ହୋଇ ନାହିଁ । କୌଣସି ବ୍ୟକ୍ତି ଏହି ଯୋଜନାର ଅନ୍ତର୍ଭୁକ୍ତ ହୋଇନାହାନ୍ତି କି ସୁଯୋଗ ମଧ୍ୟ ପାଇପାରି ନାହାନ୍ତି ।

■■

ପରିବର୍ତ୍ତନ

ରାଜୁଆରମାନେ ଭାରତର ବିଭିନ୍ନ ରାଜ୍ୟରେ ବିଚ୍ଛିନ୍ନ ଭାବରେ ରହିଥିବାରୁ ସେମାନଙ୍କ ସଂସ୍କୃତି ଏବଂ ପରଂପରା ଅବଲୁପ୍ତ ପ୍ରାୟ। ସଂସ୍କୃତି ଏବଂ ପରଂପରା ସଂଜ୍ଞାତ ଆଦିବାସୀମାନଙ୍କର ବିବିଧ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ସେମାନଙ୍କ ଜୀବନ ଶୈଳୀରେ ମଧ୍ୟ ପରିବର୍ତ୍ତନ ଦେଖାଯାଇଥାଏ। ରାଜୁଆରମାନେ ବସବାସ କରୁଥିବା ଅଞ୍ଚଳର ପାରିପାର୍ଶ୍ୱିକ ତଥା ଭୌଗଳିକ ପରିସ୍ଥିତିର ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ଅଧିବାସୀମାନଙ୍କର ସାମାଜିକ, ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ, ଧାର୍ମିକ ଇତ୍ୟାଦି କ୍ଷେତ୍ରରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ରାଜୁଆରମାନଙ୍କର ମଧ୍ୟରେ ତଥା ସଂପୃକ୍ତ ଅଞ୍ଚଳ ମଧ୍ୟରେ ଦେଖାଯାଉଥିବା ବିବିଧ ପରିବର୍ତ୍ତନକୁ ନିମ୍ନମତେ ଆଲୋଚନା କରାଗଲା।

ରାଜୁଆରମାନଙ୍କ ବିଭିନ୍ନ ଦିଗରେ ପରିବର୍ତ୍ତନ ହୋଇଥିବାର ଗ୍ରାମବାସୀମାନେ ମତବ୍ୟକ୍ତ କରିଥାଆନ୍ତି। ସେ ସମୟରେ ଏମାନେ ରାଜାଙ୍କ ଅଧିନରେ ରହି କାମ କରୁଥିଲେ। ବର୍ତ୍ତମାନ ସ୍ୱାଧୀନ ଭାବରେ ବିଭିନ୍ନ କାମ କରି ଜୀବିକା ନିର୍ବାହ କରିପାରୁଛନ୍ତି। ସେ ସମୟରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକରି ହାଟ ଓ ବଜାରରେ ଦ୍ରବ୍ୟକୁ ବିକ୍ରିକରି କିଛି ଅର୍ଥ ଉପାର୍ଜନ କରିଥାଆନ୍ତି। କିନ୍ତୁ ବର୍ତ୍ତମାନ ଜଙ୍ଗଲଜାତ ଦ୍ରବ୍ୟ ମିଳିବା ସାତ ସପନ। କେତେକ ଲୋକ ଧାନଚାଷ ସାଙ୍ଗକୁ ସବାଇଘାସ ଚାଷ କରିଥାଆନ୍ତି। ଧାନଚାଷରୁ ଆବଶ୍ୟକମୁତାବକ ଅମଳ କରି ପାରି ନ ଥାଆନ୍ତି। ସବାଇଘାସରୁ ଦଉଡି ରସି ତିଆରି କରି ନିକଟସ୍ଥ ହାଟ ଏବଂ ବଜାରରେ ବିକ୍ରିକରି ବେଶ୍ ଲାଭ ଉଠାଇଥାଆନ୍ତି। ସେଥିରୁ ଉପାର୍ଜିତ ଅର୍ଥରେ ସେମାନେ ଦୈନନ୍ଦିନ ତେଲଲୁଣ ସଂସାର ଚଳାଇ ନେଇଥାଆନ୍ତି । ଅର୍ଥନୈତିକ କ୍ଷେତ୍ରରେ ସେମାନଙ୍କର କିଛି ମାତ୍ରାରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ପୋଷାକପତ୍ର ପରିଧାନରେ ମଧ୍ୟ କେତେକ ପରିବର୍ତ୍ତନ ମଧ୍ୟ ହୋଇଥିବାର ପୁରୁଖା ଲୋକେ ମତ ଦେଇଥାଆନ୍ତି। ସେ ସମୟରେ ପୁରୁଷମାନେ ଧଳାରଙ୍ଗର ଖଦୀ ଏବଂ ମହିଳାମାନେ ନାଲି ଧଡିଥିବା ଧଳାରଙ୍ଗର ଶାଢ଼ି ପିନ୍ଧୁଥିବା ବେଳେ ବର୍ତ୍ତବାନ ପୁରୁଷମାନେ ଲୁଙ୍ଗି, ଧୋତି, ପୂରାପ୍ୟାଣ୍ଟ, ସାର୍ଟ ଏବଂ ମହିଳାମାନେ ବିଭିନ୍ନ ରଙ୍ଗର ଶାଢ଼ି ସାଙ୍ଗକୁ ବ୍ଲାଉଜ୍ ଏବଂ ସାୟା ପରିଧାନ

କରୁଥିବା ଜଣାଯାଏ। ସେ ସମୟରେ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଥିବାବେଳେ ବର୍ତ୍ତମାନ ଶିକ୍ଷାର ପ୍ରସାର ଫଳରେ ଏମାନେ ଶିକ୍ଷା ଦିଗରେ ମନୋନିବେଶ କରିବା ଜଣାଯାଏ। ଶିକ୍ଷିତଙ୍କ ସଂଖ୍ୟା ଆସ୍ତେ ଆସ୍ତେ ବଢ଼ିବାରେ ଲାଗିଲାଣି। ଶିକ୍ଷାର ପ୍ରସାର ଫଳରେ କେତେକ କ୍ଷେତ୍ରରେ ଏମାନେ ସଚେତନ ହେଲେଣି । ଫଳରେ ବେପାରୀ, ଦୋକାନୀ, ସାହୁକାର ଏବଂ ମହାଜନମାନଙ୍କଠାରୁ ଠକେଇ ଏବଂ ଶୋଷଣରୁ କିଛି ମାତ୍ରାରେ ମୁକ୍ତ ହେଲେଣି । ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ସେତେବେଳେ ଯେକୌଣସି ରୋଗର ଉପଶମ ପାଇଁ ଗୁଣିଆ-ନିକଟକୁ ଯାଇ ଖର୍ଚ୍ଚାନ୍ତରେ ପଡୁଥିବାବେଳେ ବର୍ତ୍ତମାନ ଲୋକେ ସ୍ୱାସ୍ଥ୍ୟ ସଂପର୍କରେ ସଚେତନ ହେଲେଣି । ସେଥିପାଇଁ ଏବେ ଡାକ୍ତରଙ୍କ ନିକଟକୁ ଯାଇଥାଆନ୍ତି । ପୂର୍ବାପେକ୍ଷା ବର୍ତ୍ତମାନ ରୋଗ ସଂଖ୍ୟା କମିବାରେ ଲାଗିଛି । ପୂଜା କ୍ଷେତ୍ରରେ ମଧ୍ୟ ବଳିର ପରିମାଣ କମିବାରେ ଲାଗିଛି । ସେ ସମୟରେ ଯେକୌଣସି ଗଣ୍ଡଗୋଳ ଲୋକମାନଙ୍କ ମଧ୍ୟରେ ଉପୁଜୁଥିଲେ ସାଧାରଣତଃ ପାରଂପରିକ ଗ୍ରାମସଭା ବା 'ଗାଁଓ୍ୱେକ୍ ବିଚାର'ରେ ସମାଧାନନ କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଲୋକେ ଥାନା, କୋର୍ଟ ଏବଂ କଚେରୀର ସହାୟତା ନେଇଥାଆନ୍ତି । ସେ ସମୟରେ ଲୋକମାନଙ୍କ ମଧ୍ୟରେ ସ୍ନେହ, ପ୍ରେମ ଏବଂ ଭାତୃଭାବ ଥିଲାବେଳେ ବର୍ତ୍ତମାନ ସେସବୁ ପରିବର୍ତ୍ତେ ଲୋକମାନଙ୍କ ମଧ୍ୟରେ ହିଂସା, ଘୃଣା, ଲୋଭ, କ୍ରୋଧ ଏବଂ କପଟତା ବୃଦ୍ଧି ପାଇବାରେ ଲାଗିଛି । ଅଥନୈତିକ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ସାମାନ୍ୟ ଅଗ୍ରଗତି ହୋଇଥିବାବେଳେ ଲୋକମାନଙ୍କର ମାନବିକତା ଏବଂ ସାମାଜିକ ମୂଲ୍ୟବୋଧର ଅବକ୍ଷୟ ହେବାରେ ପୁରୁଖା ଲୋକେ ମତଦେଇଥାଆନ୍ତି ।

ଶିକ୍ଷା କ୍ଷେତ୍ରରେ ରାଜୁଆରମାନେ ଟିକିଏ ଉନ୍ନତ ହୋଇ ପାରିଛନ୍ତି । ପୂର୍ବାପେକ୍ଷା ଗମନାଗମନର ସୁବିଧା ହୋଇପାରିଛି । ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ କେତେକ ରାସ୍ତା ପିଚୁ ହୋଇଥିବା ପରିଲକ୍ଷିତ ହୋଇଥାଏ । ଆଉ କେତେକ ମହରମ ରାସ୍ତା ରହିଛି । ଫଳରେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ସହଜରେ ଯାଇ ପାରୁଛନ୍ତି । ଆଗଭଳି ଆଉ କୁଡିଆରେ ନ ରହି ଏବେ ଦୁଇ କୋଠରୀ ବିଶିଷ୍ଟ ଘର ତିଆରି କରିଥାଆନ୍ତି । ଆଗରୁ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ବେଳେ ବର୍ତ୍ତମାନ ଚୁଡା ବ୍ୟବସାୟ, ଚାଷ ଏବଂ ଦିନମଜୁରୀ କରି

ସେମାନଙ୍କର ଜୀବିକା ନିର୍ବାହ କରୁଛନ୍ତି । ସବାଇଘାସ ଚାଷ କରି ବେଶ୍ ଅର୍ଥ ଉପାର୍ଜନ କରି ସେମାନଙ୍କର ଗୁଜୁରାଣ ମେଣ୍ଟାଇବାରେ କେତେକାଂଶରେ ସମର୍ଥ ହୋଇପାରିଥିବାର ଲୋକମାନେ ମତ ଦିଅନ୍ତି । ଚୁଡାକୁ ଢ଼ିଙ୍କିରେ କୁଟି ବିକ୍ରି କରୁଥିବାବେଳେ ବର୍ତ୍ତମାନ ଢ଼ିଙ୍କି ସେତେ ଦେଖିବାକୁ ମିଳେନାହିଁ । ବର୍ତ୍ତମାନ ଅଧିକ ପରିମାଣରେ ଗୋଦାମମାନଙ୍କରୁ ଚୁଡା ଆରି ବ୍ୟବସାୟକୁ ବୃଦ୍ଧି କରିବା ଜଣାଯାଏ।

ଜମିର ପରିମାଣ କମ୍ ଥିବାରୁ ସେମାନେ କେବଳ ଜମିରେ ଧାନଚାଷ କରିଥାଆନ୍ତି । କେତେକ କ୍ଷେତ୍ରରେ ସରକାରଙ୍କ ତରଫରୁ ଉନ୍ନତ ତଥା ଅମଳକ୍ଷମ ବିହନ ଏବଂ ସାର ଯୋଗାଇ ଦିଆଯାଉଥିବାରୁ ଚାଷ କ୍ଷେତ୍ରରେ କିଞ୍ଚିତ୍ ଉନ୍ନତି ହୋଇପାରିଛି। ଅର୍ଥକାରୀ ଫସଲ ହିସାବରେ ସବାଇ ଘାସ ଚାଷ ଏବଂ ବାଉଁଶ ଗଛ ଲଗାଉଛନ୍ତି । ରାଜୁଆର ସଂପ୍ରଦାୟର ଅଧିକାଂଶ ଲୋକ ଗରିବ ଶ୍ରେଣୀର । ସାଧାରଣତଃ କୁଲି ମଜୁରୀ କରି ଜୀବିକା ନିର୍ବାହ କରିଥାଆନ୍ତି । ସେ ସମୟରେ ଲୋକମାନଙ୍କ ପାଇଁ କୌଣସି କାମଧନ୍ଦା ମିଳୁ ନ ଥିଲା । କିନ୍ତୁ ବର୍ତ୍ତମାନ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ କାମଧନ୍ଦା ମିଳୁଥିବାରୁ ଲୋକମାନେ କାମକରି କିଛି ଅର୍ଥ ଉପାର୍ଜନ କରୁଥିବାର ସୂଚନା ମିଳିଥାଏ । ଦିନକୁ ଦୁଇଓଳି ଖାଇବାକୁ ପାଉନଥିବା ଲୋକେ ସରକାରଙ୍କର ବିଭିନ୍ନ ଯୋଜନା ଅଧିନରେ କାମ କରି ମଜୁରୀ ପାଇଥାଆନ୍ତି । ଫଳରେ ନିତିଦିନ ଚଳିଯାଇଥାଆନ୍ତି । ଏତଦ୍‌ବ୍ୟତୀତ ପଶୁପାଳନ ନିମନ୍ତେ ସବ୍‌ସିଡ୍ ବା କିଛି ଅଂଶ ଛାଡ ଥାଇ ଛେଳି, ମେଣ୍ଢା ଋଣ ଯୋଗାଇଥାଆନ୍ତି । ଗୃହପାଳିତ ପଶୁପକ୍ଷୀ ବିକ୍ରିକରି କିଛି ଅର୍ଥ ଉପାର୍ଜନ କରିଥାଆନ୍ତି । ଛେଳି, ମେଣ୍ଢା, କୁକୁଡା ଆଦି ପଶୁପକ୍ଷୀ ପାଳନ କରିବା ଫଳରେ କିଛି ମାତ୍ରାରେ ଆର୍ଥିକ କ୍ଷେତ୍ରରେ ସେମାନଙ୍କର ସହାୟକ ହୋଇଥାଏ । ଆତ୍ମନିର୍ଭରଶୀଳ ହୋଇ ଅର୍ଥ ଉପାର୍ଜନ କରିବା ପାଇଁ ସରକାର ମଧ୍ୟ ଋଣ ଯୋଗାଇ ଦେଇଥାଆନ୍ତି । ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକମାନଙ୍କୁ କମ୍ ମୂଲ୍ୟରେ ଚାଉଳ, କିରୋସିନି, ଗହମ ଇତ୍ୟାଦି ଯୋଗାଇ ଦେଇଥାଆନ୍ତି । ଅର୍ଥନୈତିକ ଜୀବନରେ ସେମାନଙ୍କର ଏହିଭଳି ଅନେକ ପରିବର୍ତ୍ତନ ହୋଇଥିବାର ସେମାନେ ମତ ଦେଇଥାଆନ୍ତି ।

ରାଜୁଆରମାନଙ୍କର ରାଜନୈତିକ ଜୀବନରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ଗ୍ରାମର ଶାନ୍ତିଶୃଙ୍ଖଳା ରକ୍ଷା ତଥା ଲୋକମାନଙ୍କୁ ନିରାପତ୍ତା ପ୍ରଦାନ

କରିବା ପାଇଁ ସେ ସମୟରେ ପାରଂପରିକ ଗ୍ରାମସଭା ବା 'ଗାଁଓ୍ୱେକ୍ ବିଚାର' ଥିବାବେଳେ ବର୍ତ୍ତମାନ ସର୍ବତ୍ର ପଞ୍ଚାୟତରାଜ ବ୍ୟବସ୍ଥା କାର୍ଯ୍ୟ କରୁଛି । ରାଜନୈତିକ ପରିଷଦ ବା ଗ୍ରାମସଭାର କ୍ଷେତ୍ର ଆଧୁନିକ ପଞ୍ଚାୟତ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଫଳରେ ସୁଦୂର ପ୍ରସାରୀ ହୋଇପାରିଛି । ବର୍ତ୍ତମାନର ରାଜନୈତିକ ବ୍ୟବସ୍ଥାର ପ୍ରଭାବ ସେମାନଙ୍କ ଉପରେ ପଡିଲାଣି । ଆଧୁନିକ ପଞ୍ଚାୟତ ବ୍ୟବସ୍ଥାକୁ ଗ୍ରହଣ କଲେଣି । ବର୍ତ୍ତମାନ ସେମାନେ ଭୋଟ ଦେଇ ନେତାମାନଙ୍କୁ ବାଛି ପାରୁଛନ୍ତି । ପଞ୍ଚାୟତରାଜ ବ୍ୟବସ୍ଥାରେ ବା ରାଜନୈତିକ ବ୍ୟବସ୍ଥାରେ ସେମାନେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥାଆନ୍ତି । ସେମାନେ ଗ୍ରାମ ସ୍ତରରେ ୱାର୍ଡମେମ୍ବର, ପଞ୍ଚାୟତ ସ୍ତରରେ ସରପଞ୍ଚ, ବ୍ଲକ୍ ସ୍ତରରେ ଚେୟାରମ୍ୟାନ ଏବଂ ସମିତି ମେମ୍ବର, ଜିଲ୍ଲାସ୍ତରରେ ଜିଲ୍ଲାପରିଷଦ ପ୍ରାର୍ଥୀମାନଙ୍କୁ ଭୋଟ ଦେଇ ମନୋନୟନ କରିଥାଆନ୍ତି । ଏତଦ୍‌ବ୍ୟତୀତ ରାଜ୍ୟ ବିଧାନସଭାର ସଭ୍ୟ ଏବଂ ଲୋକସଭାର ସଭ୍ୟମାନଙ୍କୁ ମଧ୍ୟ ଭୋଟ ଦେଇ ମନୋନୟନ କରିଥାଆନ୍ତି। ଉପରୋକ୍ତ ସମସ୍ତ ପଦ ପାଇଁ କେତେକ କ୍ଷେତ୍ରରେ ମଧ୍ୟ ସେମାନେ ପ୍ରତିଦ୍ୱନ୍ଦିତା କରିଥାଆନ୍ତି। ପାରଂପରିକ ଗ୍ରାମସଭାରେ ମହିଳାମାନଙ୍କର ସ୍ଥାନ ଦିଆଯାଉ ନ ଥିବା ବେଳେ ବର୍ତ୍ତମାନ ସ୍ୱାଧୀନ ଭାବରେ ସେମାନେ ରାଜନୈତିକ ବ୍ୟବସ୍ଥାରେ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରିଥାଆନ୍ତି। ନେତାମାନଙ୍କୁ ବାଛିବା କ୍ଷେତ୍ରରେ ସ୍ୱାଧୀନ ଭାବରେ ମତଦାନ କରିପାରିଥାଆନ୍ତି । ରାଜନୈତିକ ବ୍ୟବସ୍ଥାରେ ସରକାର ଆଦିବାସୀମାନଙ୍କ ପାଇଁ ସାଧାରଣ ନିର୍ବାଚନରେ ବିଭିନ୍ନ ପଦପଦବୀରେ ଅଂଶଗ୍ରହଣ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ କରିଛନ୍ତି। ଗ୍ରାମରେ ଯେକୌଣସି ଗଣ୍ଡଗୋଳର ସୁବିଚାର ପାରଂପରିକ ଗ୍ରାମ ସଭାରେ କରାଯାଇ ଦୋଷୀଠାରୁ ଜୋରିମାନା ଆକାରରେ କିଛି ଅର୍ଥ ଆଦାୟ କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଗ୍ରାମସଭାର ପରିସର କ୍ଷେତ୍ର କମିଯାଇଥିବାରୁ ଅଧିକାଂଶ ମୋକଦ୍ଦମାର ବିଚାର ପାଇଁ ଲୋକେ ଥାନା, କୋର୍ଟ ଓ କଚେରୀର ସହାୟତା ନେଇଥାଆନ୍ତି। କେତେକ କ୍ଷେତ୍ରରେ ଲୋକମାନଙ୍କର ଅଧିକ ଅର୍ଥ ବ୍ୟୟ ହୋଇଥାଏ। କେତେକ ସ୍ଥାନରେ ଗ୍ରାମସଭା ସଂପୂର୍ଣ୍ଣ ଲୋକପାଇ ଯାଇଥିବା ବେଳେ କେତେକ ଗ୍ରାମରେ ଗ୍ରାମସଭା କିଛି ମାତ୍ରାରେ କାର୍ଯ୍ୟ କରୁଥିବା ଜଣାଯାଏ। ସାଧାରଣ ଗଣ୍ଡଗୋଳ ସମାଧାନ କରାଯାଇ ଦୋଷୀଠାରୁ ଗୋଟିଏ ଖାସି ଏବଂ ପାଞ୍ଚ ସେର ଚାଉଳ ଆଦାୟ କରାଯାଉଥିଲା ବେଳେ ବର୍ତ୍ତମାନ ପାଞ୍ଚଶହ ଏକ ଟଙ୍କା ଏବଂ ଚାଉଳ ଏକ ମହଣ ଆଦାୟ କରାଯିବାର ସୂଚନା ମିଳିଥାଏ। ଲୋକମାନଙ୍କର ରାଜନୈତିକ ଜୀବନରେ ଏହିଭଳି ଅନେକ ପରିବର୍ତ୍ତନ ଦେଖାଯାଇଥାଏ।

ରାଜୁଆରମାନଙ୍କର ଧର୍ମୀୟ ଜୀବନରେ କେତେକ ପରିବର୍ତ୍ତନ ହୋଇଛି ବୋଲି ପୁରୁଖା ଲୋକେ ମତବ୍ୟକ୍ତ କରିଥାଆନ୍ତି । ପୂର୍ବରୁ ଦେବଦେବୀଙ୍କ ପ୍ରତି ଏମାନଙ୍କର ପ୍ରଗାଢ଼ ବିଶ୍ୱାସ ରହିଥିଲା । ବର୍ତ୍ତମାନ ଏମାନଙ୍କର ଦେବଦେବୀଙ୍କ ପ୍ରତି ବିଶ୍ୱାସ କିଛି ମାତ୍ରାରେ କମିଯିବାର ଲକ୍ଷ୍ୟ କରାଯାଉଛି । ଆଗରୁ ଗ୍ରାମର ଲୋକେ ଯେକୌଣସି ରୋଗବ୍ୟାଧି ହେବା କ୍ଷଣି ତା'ର ନିରାକରଣ ପାଇଁ ଗୁଣିଆକୁ ପୂଜାପାଠ କରିବା ପାଇଁ ଡକାଯାଉଥିବା ବେଳେ ଏବେ ଗୁଣିଆ ପରିବର୍ତ୍ତେ ଲୋକମାନେ ଡାକ୍ତରଙ୍କ ସହାୟତା ଲୋଡୁଛନ୍ତି । ପୂର୍ବେ ଗୁଣିଆ ବା କବିରାଜଙ୍କ ଆଧିପତ୍ୟ ରହିଥିବାବେଳେ ବର୍ତ୍ତମାନ ସେମାନଙ୍କର ଗୁରୁତ୍ୱ ଆସ୍ତେ ଆସ୍ତେ କମିବାରେ ଲାଗିଛି। ପୂଜାପାଠ ତଥା ଚେରମୂଳୀ ଔଷଧ ମାଧ୍ୟମରେ ରୋଗର ଉପଶମ କରୁଥିବାବେଳେ ବର୍ତ୍ତମାନ ବିଭିନ୍ନ ରୋଗର ଆରୋଗ୍ୟ ପାଇଁ ଲୋକମାନଙ୍କର ଡାକ୍ତରୀ ଔଷଧ ପ୍ରତି ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଓଡିଶାର ପ୍ରତ୍ୟେକ ଅଞ୍ଚଳରେ ମହାମାରୀ ରୋଗ ନ ବ୍ୟାପିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ପ୍ରକାର ପ୍ରତିଷେଧକ ଟୀକା ମାଗଣାରେ ଲୋକମାନଙ୍କୁ ଦିଆଯାଉଛି। ଆଉ ଆଗଭଳି ପୂଜାପାଠ ଏବଂ ବଳି ଦେବାକୁ ପଡି ନଥାଏ। ବର୍ଷ ମଧ୍ୟରେ ଗ୍ରାମ ସ୍ତରରେ ଲୋକମାନେ ଧୂଳିଆପୂଜା, ଆଷାଢ଼ିପୂଜା, ଜାନ୍ତାଳପୂଜା, ମାଘପୂଜା ଆଦି କରିଥାଆନ୍ତି। ବିଭିନ୍ନ ପୂଜାରେ ସେତେବେଳେ ବଳି ଦିଆଯାଇ ଠାକୁର ଓ ଠାକୁରାଣୀଙ୍କୁ ସନ୍ତୁଷ୍ଟ କରାଯାଇଥାଏ। ବର୍ତ୍ତମାନ ଶିକ୍ଷାର ପ୍ରସାର ଫଳରେ ପଶୁପକ୍ଷୀ ବଳିକୁ ଏମାନେ ଅନ୍ଧ ବିଶ୍ୱାସ ବୋଲି ମନେ କରିଥାଆନ୍ତି। ପୂର୍ବାପେକ୍ଷା ପଶୁପକ୍ଷୀ ବଳି ଦେବା ପ୍ରଥା ଏହି ଅଞ୍ଚଳରୁ ସଂପୂର୍ଣ୍ଣ କମିଗଲାଣି। ଗୁଣିଆଆର ମନ୍ତ୍ର ପୂର୍ବଭଳି ଆଉ କାର୍ଯ୍ୟକ୍ଷମ ହେଉ ନ ଥିବା ବିଷୟ ସେମାନେ ମତଦେଇଥାଆନ୍ତି। ଏମାନେ ବର୍ତ୍ତମାନ କେତେକ ହିନ୍ଦୁ ପର୍ବପର୍ବାଣିକୁ ପାଳନ କରୁଛନ୍ତି। ରଜପର୍ବ, ଦୁର୍ଗାପୂଜା, ଦୀପାବଳି, ଗହ୍ମାପର୍ବ ଇତ୍ୟାଦି ପାଳନ କରିଥାଆନ୍ତି। ପୂଜାପାଠ କରିବା, ତଥା ପର୍ବପର୍ବାଣି ପାଳନ କରିବାର ଢାଞ୍ଚାରେ ପରିବର୍ତ୍ତନ ସଙ୍ଗେ ସଙ୍ଗେ ଧାର୍ମୀକ ମୂଲ୍ୟବୋଧର ଅବକ୍ଷୟ ହେବାରେ ଲାଗିଛି। ପୂର୍ବେ ବିଭିନ୍ନ ପୂଜାପାଠ ତଥା ପର୍ବପର୍ବାଣି ପାଳନ କ୍ଷେତ୍ରରେ ଲୋକମାନଙ୍କର ଯେପରି ଆଗ୍ରହ ଏବଂ ଦୃଢ଼ ବିଶ୍ୱାସ ରହିଥିଲା ବର୍ତ୍ତମାନ ଲୋକମାନଙ୍କର ଆଗ୍ରହ ଏବଂ ବିଶ୍ୱାସ କମିବାରେ ଲାଗିଛି। ଏହିଭଳି ଭାବରେ ଲୋକମାନଙ୍କ ଧର୍ମୀୟ ଜୀବନରେ ଅନେକ ପରିବର୍ତ୍ତନ ହୋଇଥିବାର ଜଣାଯାଏ।

ପୂର୍ବରୁ ରାଜୁଆର ସମାଜରେ ଯୌଥ ପରିବାର ଦେଖା ଯାଉଥିଲା ବେଳେ ବର୍ତ୍ତମାନ ଏକକ ପରିବାର ଦେଖିବାକୁ ମିଳୁଛି । ରାଜୁଆାର ସମାଜରେବିବାହ କ୍ଷେତ୍ରରେ ସେ ସମୟରେ ପିତା ମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । କିନ୍ତୁ ବର୍ତ୍ତମାନ ପିତାମାତାଙ୍କ ପରିବର୍ତ୍ତେ ପୁତ୍ରର ଭୂମିକାକୁ ବେଶୀ ଗୁରୁତ୍ୱ ଦିଆଯାଉଛି । କନ୍ୟା ମନୋନୟନ କ୍ଷେତ୍ରରେ ପୁଅର ଭୂମିକା ଯଥେଷ୍ଟ ରହିଥାଏ । କେତେକ କ୍ଷେତ୍ରରେ ପ୍ରେମ ବିବାହକୁ ରାଜୁଆରମାନେ ପସନ୍ଦ କଲେଣି । ବିବାହ ପରେ ପୁଅ ବୋହୂ ବାପାମାଆଙ୍କଠାରୁ କେତେକାଂଶରେ ଅଲଗା ହୋଇ ରହୁଥିବାର ପ୍ରମାଣ ମିଳିଥାଏ । ପୂର୍ବଭଳି ଆଉ ପରିବାର କୁଟୁମ୍ବ, ଗ୍ରାମ ଲୋକଙ୍କ ମଧ୍ୟରେ ଏକତା ରହୁ ନ ଥିବା ଜଣାଯାଏ । ରାଜୁଆର ସମାଜରେ ସମଗୋତ୍ରରେ ବିବାହ ନିଷେଧ ଥିବାବେଳେ ବର୍ତ୍ତମାନ କେତେକ କ୍ଷେତ୍ରରେ ସମଗୋତ୍ର ମଧ୍ୟରେ ବିବାହ ସଂଗଠିତ ହୋଇପାରୁଛି । କେତେକ କ୍ଷେତ୍ରରେ ଅନ୍ୟ ଜାତିର କନ୍ୟା ସହିତ ମନ୍ଦିର ବିବାହ ହେବାର ଦୃଷ୍ଟାନ୍ତ ପରିଲକ୍ଷିତ ହୋଇଥାଏ। ସମଗୋତ୍ର ବିବାହ ହେବା ଫଳରେ ସେମାନଙ୍କ ମଧ୍ୟରେ ବେଳେବେଳେ ଗଣ୍ଡଗୋଳ ମଧ୍ୟ ହୋଇଥାଏ। ସେତେବେଳେ ବିବାହ ସମୟରେ ବରପକ୍ଷ ତରଫରୁ କନ୍ୟା ପାଇଁ ପଣ ହିସାବରେ ଦଶ ଗଣ୍ଡା ବା ଚାଳିଶ ଟଙ୍କା ଦିଆଯାଉଥିଲା, କିନ୍ତୁ ବର୍ତ୍ତମାନ ଏକ ଟଙ୍କା ପଚିଶ ପଇସା ଦେଇ କନ୍ୟାକୁ କ୍ରୟ କରି ଆଣିଥାଆନ୍ତି । ଏତଦ୍‌ବ୍ୟତୀତ ବରକୁ ଖୁସିରେ କନ୍ୟାପକ୍ଷ ତରଫରୁ ଘଣ୍ଟା, ସାଇକେଲ ଇତ୍ୟାଦି ଦେଇଥାଆନ୍ତି । ଲୋକମାନଙ୍କ ମଧ୍ୟରେ ନିଶାଯୁକ୍ତ ପାନୀୟର ବ୍ୟବହାର ଆସ୍ତେ ଆସ୍ତେ କମିଯିବା ବେଳେ ଅନ୍ୟ ନିଶାଦ୍ରବ୍ୟର ଚାହିଦା ରାଜୁଆାର ସମାଜରେ ବଢ଼ିବାରେ ଲାଗିଛି । ଶିକ୍ଷାର ପ୍ରସାର ଫଳରେ ସ୍ୱାସ୍ଥ୍ୟ ସମ୍ବନ୍ଧରେ କିଛି ମାତ୍ରାରେ ସଚେତନ ହେଲେଣି । ଫଳରେ ପୂର୍ବଭଳି ଆଉ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାକୁ ପଡୁନାହିଁ । ପୂର୍ବରୁ ବନ୍ଧୁବାନ୍ଧବ ତଥା ସଂପର୍କୀୟମାନଙ୍କ ସହିତ ଏମାନଙ୍କର ଘନିଷ୍ଠ ସଂପର୍କ ରହିଥିବା ଯୋଗୁଁ ବିଭିନ୍ନ ପୂଜା ତଥା ପର୍ବପର୍ବାଣି, ବିବାହାଦି ସାମାଜିକ ଉତ୍ସବମାନଙ୍କରେ ସେମାନଙ୍କୁ ଆମନ୍ତଣ କରିଥାଆନ୍ତି । ବର୍ତ୍ତମାନ କେତେକ କାରଣରୁ ପୂର୍ବଭଳି ସେମାନଙ୍କ ସହିତ ଆଉ ସଂପର୍କ ରହୁ ନ ଥିବା ଜଣାଯାଏ । ବିଭିନ୍ନ ପୂଜା ତଥା ପର୍ବପର୍ବାଣି ମାନଙ୍କରେ ହେଉଥିବା ନାଚଗୀତର ଗୁରୁତ୍ୱ ଆସ୍ତେ ଆସ୍ତେ କମିଯିବାକୁ ଲାଗିଲାଣି । ସାମାଜିକ ଜୀବନରେ ସେମାନଙ୍କର ଚାଲିଚଳନ ଏବଂ

ଆଚାର ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ବର୍ତ୍ତମାନ ସାନମାନେ ବଡମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରୁ ନ ଥିବା ଜଣାଯାଏ। ଦିନକୁ ବାପା-ପୁଅ, ଶାଶୂ-ବୋହୂ ଓ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ପାରିବାରିକ କଳହ ବୃଦ୍ଧି ହେବାରେ ଲାଗିଛି। ଗ୍ରାମ ମଧ୍ୟରେ ଶ୍ରମ ସମବାୟ ବ୍ୟବସ୍ଥା ଅକାମୀ ହୋଇଗଲାଣି। ପରସ୍ପରଠାରୁ ସହଯୋଗ ମନୋଭାବ ଦୂର ହେବାରେ ଲାଗିଛି। ସାମାଜିକ ବିଶୃଙ୍ଖଳା ଦେଖାଦେଇଥିବା ସେମାନେ ମତ ଦେଇଥାଆନ୍ତି। ସାମାଜିକ ଜୀବନରେ ଶାନ୍ତି ପରିବର୍ତ୍ତେ ଅଶାନ୍ତିର ଝଡ ସୃଷ୍ଟି ହେଉଛି । ସାମାଜିକ ମୂଲ୍ୟବୋଧର ଅବକ୍ଷୟ ହେବାରେ ଲାଗିଛି।

ରାଜୁଆରମାନଙ୍କ ବ୍ୟକ୍ତିତ୍ୱରେ କିଛି ମାତ୍ରାରେ ପରିବର୍ତ୍ତନ ହୋଇଥିବା ଲକ୍ଷ୍ୟ କରାଯାଇଥାଏ। ସେତେବେଳେ ଏମାନେ ଅତ୍ୟନ୍ତ ସରଳ ଥିଲେ। ଏମାନଙ୍କର ସରଳତାର ସୁଯୋଗ ନେଇ ବେପାରୀ, ଦୋକାନୀ, ସାହୁକାର ଏବଂ ମହାଜନମାନେ ବିଭିନ୍ନ ବାଟରେ ଏମାନଙ୍କୁ ଠକେଇ ଏବଂ ଶୋଷଣ କରୁଥିଲେ। ଶିକ୍ଷାର ପ୍ରସାର ଫଳରେ ଏମାନେ କିଛି ମାତ୍ରାରେ ସଚେତନ ହେବାରୁ ଶୋଷଣ ଏବଂ ଠକେଇରୁ କିଛି ମାତ୍ରାରେ ମୁକ୍ତ ହେଲେଣି। ଶିକ୍ଷାର ଗୁରୁତ୍ୱ ସଂପର୍କରେ ସେତେବେଳେ ସେମାନଙ୍କର କୌଣସି ଧାରଣା ନ ଥିଲା। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେମାନେ ଉଚ୍ଚଶିକ୍ଷାରୁ ବଂଚିତ ହେଉଛନ୍ତି। ଚାଲିଚଳନ ଏବଂ ଆଚାର ବ୍ୟବହାର କ୍ଷେତ୍ରରେ ସେମାନଙ୍କର ସମ୍ୟକ୍ ପରିବର୍ତ୍ତନ ହୋଇଥିବାର ଜଣାଯାଇଥାଏ। ବାହାର ଲୋକମାନଙ୍କ ସହିତ ଭଲ ଭାବରେ ମିଳାମିଶା କରିଥାଆନ୍ତି। ଅସହାୟ ଲୋକମାନଙ୍କୁ ମଧ୍ୟ ସାହାଯ୍ୟ କରିଥାଆନ୍ତି। ସେମାନେ ଯାହା ସହିତ ଥରେ ମିଶିଥାଆନ୍ତି ସେମାନେ ପାରିବା ପର୍ଯ୍ୟନ୍ତ ଅନ୍ୟକୁ ସହଯୋଗ କରିଥାଆନ୍ତି । ବାହାର ବିଷୟରେ ସେମାନଙ୍କର କିଛି ଧାରଣା ଜାତ ହେଲାଣି। ବାହାର ସଂସ୍କୃତିକୁ କିଛି ଶିକ୍ଷା କଲେଣି।

ପୋଷାକ ପରିଚ୍ଛଦରେ ରାଜୁଆରମାନଙ୍କର କିଛି ମାତ୍ରାରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ସେ ସମୟରେ ପୁରୁଷମାନେ ସାଧାରଣତଃ ତନ୍ତବୁଣା ଖଦୀ ଏବଂ ସ୍ତ୍ରୀଲୋକମାନେ ନାଲି ଧଡିଥିବା ଧଳା ରଙ୍ଗର ଶାଢ଼ି ପରିଧାନ କରିଥାଆନ୍ତି। ବର୍ତ୍ତମାନ ପୁରୁଷମାନେ ଲୁଙ୍ଗୀ, ଧୋତି, ସାର୍ଟ, ପଞ୍ଜାବୀ ଇତ୍ୟାଦି ପରିଧାନ କରୁଥିବାବେଳେ ସ୍ତ୍ରୀଲୋକେ ବିଭିନ୍ନ ରଙ୍ଗର ଶାଢ଼ି, ସାୟା ଏବଂ ବ୍ଲାଉଜ୍ ପରିଧାନ

କରିଥାଆନ୍ତି । ଯୁବକମାନେ ସାଧାରଣତଃ ପୂରା ପ୍ୟାଣ୍ଟ, ପୂରା ସାର୍ଟ, ଢ଼ିଲା ଜାମା, ଟି-ସାର୍ଟ ଏପରିକି ଜିନ୍ ପ୍ୟାଣ୍ଟ ମଧ୍ୟ ପରିଧାନ କରିବା ପରିଲକ୍ଷିତ ହୋଇଥାଏ। ଝିଅମାନେ ଫ୍ରକ୍, ନାଇଟ୍, ସାଲୱାର୍, ଶାଢ଼ି, ବ୍ଲାଉଜ୍, ସାୟା ପରିଧାନ କରିଥାଆନ୍ତି। ଏତଦ୍ ବ୍ୟତୀତ ସ୍ତ୍ରୀଲୋକମାନେ ସେ ସମୟରେ ଅଳଙ୍କାର ଭାବରେ କଉଡି, ଶଙ୍ଖ ଏବଂ ଚମ୍ପାକଢ଼ି ହାର ବ୍ୟବହାର କରୁଥିବା ବେଳେ ବର୍ତ୍ତମାନ ସେମାନେ ସୁନାରୂପାର ଅଳଙ୍କାର ବ୍ୟବହାର କରିଥାଆନ୍ତି। ରୂପାର ପାଉଁଜି, ରୂପାର ଶଙ୍ଖା, ରୂପାର କାନଫୁଲ ଇତ୍ୟାଦି ବ୍ୟବହାର କରିଥାଆନ୍ତି। ଏତଦ୍‌ବ୍ୟତୀତ ରୂପାର ଚେନ୍ ଓ ମୁଦି ମଧ୍ୟ ବ୍ୟବହାର କରିଥାଆନ୍ତି। ଏମାନେ ମଧ୍ୟ ବିଭିନ୍ନ ସୌଖୀନ୍ ସାମଗ୍ରୀ ବହୁଳ ଭାବରେ ବ୍ୟବହାର କରିଥାଆନ୍ତି।

ରାଜୁଆରମାନେ ବସବାସ କରୁଥିବା ସ୍ଥାନର କିଛିମାତ୍ରାରେ ପରିବର୍ତ୍ତନ ହୋଇଥିବାର ଜଣାଯାଏ। ସେତେବେଳେ ରାଜୁଆରମାନେ ସେମାନଙ୍କର ବାସଗୃହଗୁଡିକୁ ବିଚ୍ଛିନ୍ନ ଭାବରେ ନିର୍ମାଣ କରୁଥିବାବେଳେ ବର୍ତ୍ତମାନ ରାସ୍ତାର ଉଭୟ ପାର୍ଶ୍ୱରେ ନୂତନ ଢଙ୍ଗରେ ନିର୍ମାଣ କରିଥାଆନ୍ତି। ବସତି ନିର୍ମାଣ କ୍ଷେତ୍ରରେ କେତେକ ଅସୁବିଧା ବା ଅଶୁଭ ଦେଖାଗଲେ ସେଠାରେ ନୂତନ ବସତି ନିର୍ମାଣ କରୁନଥିଲେ, କିନ୍ତୁ ବର୍ତ୍ତମାନ ପୂଜାପାଠ ମାଧ୍ୟମରେ ଅଶୁଭକୁ ଖଣ୍ଡନ କରି ବସତି ସ୍ଥାପନ କରିଥାଆନ୍ତି। ପୂର୍ବାପେକ୍ଷା ବସତି ପରିଷ୍କାର ପରିଚ୍ଛନ୍ନତା ବିଷୟରେ ସେମାନେ ସମ୍ୟକ ସଚେତନ ହେବାରୁ ବସତିର ଚତୁପାର୍ଶ୍ୱରେ ଅଳିଆ ଆବର୍ଜ୍ଜନାକୁ ଏଣେତେଣେ ନ ପକାଇ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଖାତ ଖୋଳି ସେଠାରେ ଅଳିଆ ଆବର୍ଜ୍ଜନା ପକାଇଥାଆନ୍ତି। ଗ୍ରାମଦେବତା ଏବଂ ଗ୍ରାମଦେବତୀ ରହୁଥିବା ଗଛମୂଳର ଚତୁପାର୍ଶ୍ୱକୁ ପଥର ଦ୍ୱାରା ସମତଳ ଭାବରେ ଚାନ୍ଦିନୀ ତିଆରି କରାଯାଇଛି। କେତେକ ଗ୍ରାମରେ ଗ୍ରାମଦେବତୀଙ୍କ ପୀଠସ୍ଥଳକୁ ସିମେଣ୍ଟରେ ପଲସ୍ତରା କରାଯାଇଛି। କେତେକ ସ୍ଥଳେ ଏମାନେ ଗ୍ରାମ ରାସ୍ତାକୁ ପଥର, ଗୋଡି ଏବଂ ମାଟି ପକାଇ ସମତୁଲ କରିଥାଆନ୍ତି। ତଥାପି କେତେକ ସ୍ଥାନରେ ଖାଲ ଥିବା ଯୋଗୁ ବର୍ଷାଦିନରେ ପାଣି ଜମି ରହୁଥିବା ଜଣାଯାଇଥାଏ। ମଶାମାଛି ଦାଉରୁ ରକ୍ଷା ପାଇବା ପାଇଁ ସରକାରଙ୍କ ତରଫରୁ ବସତିର ଚତୁପାର୍ଶ୍ୱରେ ବିଭିନ୍ନ କୀଟନାଶକ ଔଷଧ ସିଞ୍ଚନ କରାଯାଇଥିବାର ଏମାନେ ପ୍ରକାଶ କରିଥାଆନ୍ତି।

ରାଜୁଆରମାନେ ଆଗରୁ ଝାଟିମାଟି, ତାଳପତ୍ର, କାଠ, ବାଉଁଶ ବ୍ୟବହାର କରି ଘର ତିଆରି କରୁଥିଲେ। ନଡା କିମ୍ବା କୁଟା ସାହାଯ୍ୟରେ ସେମାନେ ଘର ଛପର କରୁଥିଲେ। କିନ୍ତୁ ବର୍ତ୍ତମାନ ମାଟି, ଇଟା, ପଥର ଇତ୍ୟାଦିରେ କାନ୍ଥ ତିଆରି କରିଥାଆନ୍ତି। ଟିଣ, ଖପରଟାଇଲ୍, ସିମେଣ୍ଟ ଟାଇଲ୍, ଆଇ୍ବେଷ୍ଟସ୍, ଇତ୍ୟାଦି ଦ୍ୱାରା ମଧ୍ୟ ବର୍ତ୍ତମାନ ଘର ଛପର କେତେକାଂଶରେ କରିଲେଣି। ବର୍ତ୍ତମାନ ଦୁଇରୁ ତତୋଽଧିକ କୋଠରୀ ବିଶିଷ୍ଟ ଘର ତିଆରି କରିଥାଆନ୍ତି। ସେତେବେଳେ ନୁଆଣିଆ ଚାଳ ଛପର କରୁଥିଲେ, କିନ୍ତୁ ବର୍ତ୍ତମାନ ଟିକିଏ ଉଚ୍ଚାରେ ଗୃହ ଛପର କରୁଥିବା ପରିଲକ୍ଷିତ ହୋଇଥାଏ। କାନ୍ଥରେ ବର୍ତ୍ତମାନ ବିଭିନ୍ନ ରଙ୍ଗର ଚିତ୍ର ବିଚିତ୍ର କରିଥାଆନ୍ତି।

ରାଜୁଆରମାନେ ଗୃହ ନିର୍ମାଣ ପରେ କାନ୍ଥଗୁଡିକର ତଳ ଅଂଶରେ ଦୁଇଫୁଟ ଉପରକୁ ନାଲି ରଙ୍ଗ ଏବଂ ଉପର ଅଂଶକୁ ଧଳା ରଙ୍ଗରେ ଲେପନ କରୁଥିଲେ। ଗୃହର କାନ୍ଥଗୁଡକରେ ଗଛଲତା ଏବଂ ପଶୁପକ୍ଷୀମାନଙ୍କର ଚିତ୍ର ମଧ୍ୟ କରିଥାଆନ୍ତି। ଧନୀ ଶ୍ରେଣୀର ଲୋକେ ସାଧାରଣତଃ କାନ୍ଥକୁ ସିମେଣ୍ଟ ଦ୍ୱାରା ପାଲସ୍ତରା କରି ଧଳାରଙ୍ଗରେ ଲିପିଥାଆନ୍ତି। ସେଥିରେ ମଧ୍ୟ ବିଭିନ୍ନ ଚିତ୍ର କରିଥାଆନ୍ତି। କାନ୍ଥରେ ବିଭିନ୍ନ ପ୍ରକାର ଫୁଲ, ଫଳ, ଗଛ, ଲତା, ହାତୀ ଇତ୍ୟାଦିର ଚିତ୍ର କରିଥାଆନ୍ତି। ବାଡ ମଜଭୁତ ହେବା ପାଇଁ ବାଉଁଶକୁ ଫାଳ କରି ବାଡର ଉଭୟ ପାର୍ଶ୍ୱରେ ବାଉଁଶବତାକୁ ଲଗାଇ ସବାଇ ରସି କିମ୍ବା ସିଆଳୀ ନଇ ଦ୍ୱାରା ବନ୍ଧା ଯାଇଥାଏ। ଗୃହ ଭିତରେ କାନ୍ଥରେ ବର୍ତ୍ତମାନ ସେମାନେ ଲକ୍ଷ୍ମୀ, ଗଣେଶ, ଶ୍ରୀକୃଷ୍ଣ ଇତ୍ୟାଦି ଫଟୋ ଝୁଲାଇଥାଆନ୍ତି।

ସରକାରଙ୍କ ତରଫରୁ ଗ୍ରାମରେ କୂପ ଏବଂ ନଳକୂପ ତିଆରି ହେବା ଫଳରେ ଲୋକମାନେ ସ୍ୱଚ୍ଛ ତଥା ପରିଷ୍କାର ପାନୀୟଜଳ ପାଇପାରୁଛନ୍ତି । ସେହିଭଳି ଗ୍ରାମ ପାଇଁ ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧିନରେ ପକ୍କା ପିଚୁ ରାସ୍ତା ତିଆରି ହୋଇଛି ଏବଂ କେତେକ ଗାଁକୁ ମହରମ ରାସ୍ତା ତିଆରି କରାଯାଇଥିବାରୁ ଲୋକମାନଙ୍କର ଯାତାୟାତରେ ସୁବିଧା ହୋଇପାରିଛି । ନିକଟସ୍ଥ ହାଟ ବଜାରକୁ ଯାଇ ବିଭିନ୍ନ ଦ୍ରବ୍ୟ କ୍ରୟ ବିକ୍ରୟ କରିପାରୁଛନ୍ତି । ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଗ୍ରାମ ଗ୍ରାମରେ ଉପକେନ୍ଦ୍ର ଏବଂ କେତେକ ଗ୍ରାମରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର

ନିର୍ମାଣ କରାଯାଇଛି । ରୋଗୀମାନେ ସେଠାକୁ ଯାଇ ଚିକିତ୍ସିତ ହେଉଛନ୍ତି । କମଳୀଗ୍ରାମ ଠାରୁ ଚାରି ପାଞ୍ଚ କିଲୋମିଟର ଦୂର ଡୁକୁରା ଠାରେ ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ବିଭିନ୍ନ ରୋଗରେ ଆକ୍ରାନ୍ତ ଲୋକେ ଚିକିତ୍ସିତ ହୋଇଥାଆନ୍ତି। ଗାଁ ଗାଁରେ ସରକାରଙ୍କ ତରଫରୁ ବିଦ୍ୟାଳୟ, ଆବାସିକ ବିଦ୍ୟାଳୟ, ଆଶ୍ରମ, କନ୍ୟାଶ୍ରମ ଇତ୍ୟାଦି ସ୍ଥାପନ କରାଯିବାରୁ ପିଲାମାନେ ପାଠ ପଢ଼ିବାର ସୁଯୋଗ ପାଇପାରୁଛନ୍ତି । ଚାଷର ସୁବିଧା ପାଇଁ କେତେକ ଗ୍ରାମରେ ଉଠା ଜଳସେଚନର ସୁବିଧା କରାଯାଇଛି । କେତେକ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ହେବା ଫଳରେ କେତେକ ଲୋକ ବିଦ୍ୟୁତ ଆଲୋକ ପାଇପାରୁଛନ୍ତି । କେତେକ କ୍ଷେତ୍ରରେ ସରକାରଙ୍କ ନିକଟରେ ନିଜ ନିଜର ଦାବୀ ଉପସ୍ଥାପନା କରିପାରୁଛନ୍ତି । ବାହାରର ଟାଉଟର ତଥା ସାହୁକାର, ମହାଜନ, ଦୋକାନମାନଙ୍କ ଠାରୁ ଠକେଇ ଏବଂ ଶୋଷଣରୁ କିଛି ମାତ୍ରାରେ ମୁକ୍ତ ହେଲେଣି । ପୂର୍ବଭଳି କୌଣସି କଥାକୁ ଅନ୍ଧଭଳି ଗ୍ରହଣ ନ କରି ତା'ର ଯଥାଯଥା ଜାଣି ଗ୍ରହଣ କରିଥାଆନ୍ତି । ଠକ ଏବଂ ଟାଉଟର ଲୋକମାନଙ୍କଠାରୁ ଏମାନେ ଦୂରେଇ ରହୁଛନ୍ତି । ଏମାନଙ୍କ ସହିତ କୌଣସି ସଂପର୍କ ରଖି ନଥାଆନ୍ତି । ଦେଶ ବିଦେଶର ବିଭିନ୍ନ ଘଟଣା ସଂପର୍କରେ ସେମାନେ ଜାଣିବାକୁ ଆଗ୍ରହ ପ୍ରକାଶ କଲେଣି । କେତେକ ଲୋକ ରେଡିଓ କିଣି ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଜାଣି ପାରୁଛନ୍ତି । ଦେଶ ବିଦେଶର ଖବର ସଂପର୍କରେ ରେଡିଓ ମାଧ୍ୟମରେ ସେମାନେ ଜାଣିବାରେ ସକ୍ଷମ ହୋଇପାରିଛନ୍ତି । ବର୍ତ୍ତମାନ ପରିଷ୍କାର ଏବଂ ପରିଚ୍ଛନ୍ନତା ବିଷୟରେ ଏମାନେ ସଚେତନ ହେଲେଣି । ଫଳରେ ବିଭିନ୍ନ ରୋଗଦାଉରୁ ମଧ୍ୟ ରକ୍ଷା ପାଇପାରୁଛନ୍ତି ।

ପୋଷାକପତ୍ରରେ ସେମାନଙ୍କର ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ବାହାର ଲୋକମାନଙ୍କ ସଂସ୍ପର୍ଶରେ ଆସି କେତେକ ଆଧୁନିକ ପୋଷାକପତ୍ର ପରିଧାନ କରିଥାଆନ୍ତି । ପାରଂପରିକ ପୋଷାକ ପରିଧାନ କରି ଆଧୁନିକ ପୋଷାକପତ୍ର ପିନ୍ଧିବାରେ ମନ ବଳାଇଲେଣି ଏବଂ ପରିଧାନ କରୁଥିବା ଜଣାଯାଏ । ଗ୍ରାମମାନଙ୍କୁ ତଥା ଅନ୍ୟ ସ୍ଥାନମାନଙ୍କୁ ଯିବା ପାଇଁ ଗମନାଗମନର ସୁବିଧା ଥିବାରୁ ସେମାନେ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପାଦରେ କିମ୍ବା ସାଇକେଲରେ ଅବା ଗାଡି ମଟର ଯୋଗେ ଯାତାୟାତ କରିଥାଆନ୍ତି । କିଣାବିକା କ୍ଷେତ୍ରରେ ସେମାନେ ବର୍ତ୍ତମାନ ଚାଲାକ୍ ହେଲେଣି । ସେମାନେ କୌଣସି ଜିନିଷ ବିକ୍ରି କରିବା ସମୟରେ ଜିନିଷର

ଯାଥାର୍ଥ ମୂଲ୍ୟ ନିର୍ଦ୍ଧାରଣ କରିପାରୁଛନ୍ତି ଏବଂ ଠିକ୍ ଭାବରେ ହିସାବପତ୍ର କରି ପାରୁଥିବା ଜଣାଯାଏ । ସେମାନେ ସେମାନଙ୍କର ଅଧିକାର ଏବଂ କର୍ତ୍ତବ୍ୟ ବିଷୟରେ କିଛିତ୍ ଅବଗତ ହେଲେଣି । ବିଭିନ୍ନ ବିଷୟ ନେଇ ସେମାନେ ସରକାରଙ୍କ ନିକଟରେ ନିଜର ଦାବୀ ଉପସ୍ଥାପନା କରି ପାରୁଛନ୍ତି । ସେମାନେ ଭୁଲ ଏବଂ ଠିକ୍‌କୁ ବିବେଚନା କରିବାରେ ସମର୍ଥ ହେଲେଣି ।

ରାଜୁଆର ଲୋକମାନେ ସମାଜର ଲୋକମାନଙ୍କ ସହିତ ମିଳିମିଶି ଚଳିବାକୁ ପସନ୍ଦ କରିଥାଆନ୍ତି । ପରସ୍ପର ପରସ୍ପରକୁ ବିଭିନ୍ନ କାର୍ଯ୍ୟରେ ସହଯୋଗ ମନୋଭାବ ବୃଦ୍ଧି ପାଇଲାଣି । ଲୋକମାନଙ୍କ ସହିତ ସୁସଂପର୍କ ସ୍ଥାପନ କରିଥାଆନ୍ତି । ସମସ୍ତେ ଏକ ମନ ନେଇ ସମାଜରେ ଚଳିଥାଆନ୍ତି। ବଡମାନଙ୍କୁ ଯଥୋଚିତ ସମ୍ମାନ ଏବଂ ସାନମାନଙ୍କୁ ସ୍ନେହ ଏବଂ ଆଦର କରିଥାଆନ୍ତି। ଭାଇ ଭାଇ ହୋଇ, ହାତକୁ ହାତ ମିଳାଇ ବିବିଧ ସାମାଜିକ କାର୍ଯ୍ୟରେ ସହଯୋଗ କରିଥାଆନ୍ତି। ଉତ୍ତମ ଭାବରେ ଭାବର ଆଦାନପ୍ରଦାନ ମଧ୍ୟ କରିଥାଆନ୍ତି। ତେବେ ବର୍ତ୍ତମାନ କେତେକାଂଶରେ ସାମାଜିକ ମୂଲ୍ୟବୋଧର ଅବକ୍ଷୟ ହୋଇଥିବା ଜଣାଯାଏ । ଲୋକମାନଙ୍କ ମଧ୍ୟରେ ଐକ୍ୟଭାବ ଦୂର ହୋଇ କେତେକ କ୍ଷେତ୍ରରେ ବିଭେଦତା ମଧ୍ୟ ସୃଷ୍ଟି ହେଲାଣି । ସାମାଜିକ ବିଶୃଙ୍ଖଳା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଲାଣି । ଫଳରେ ସମାଜରେ ଶାନ୍ତିଶୃଙ୍ଖଳା ପରିବର୍ତ୍ତେ ଅଶାନ୍ତିର ଝଡ ସୃଷ୍ଟି ହୋଇଥାଏ । ଲୋକମାନଙ୍କ ମଧ୍ୟରେ ଦଳୀୟ ମନୋଭାବ ନେଇ କେତେକାଂଶରେ ଗୋଷ୍ଠୀ ବିବାଦ ମଧ୍ୟ ଲାଗି ରହିଥିବା ଜଣାଯାଏ । ଏମାନେ ବାହ୍ୟଲୋକମାନଙ୍କ ସହିତ ଉତ୍ତମ ସଂପର୍କ ରକ୍ଷା କରିବାର ଜଣାଯାଏ। ପୂଜାପାଠ କରିବା ତଥା ପର୍ବପର୍ବାଣି ପାଳନ କରିବାର ଢାଞ୍ଚା ବଦଳିବା ସଙ୍ଗେ ସଙ୍ଗେ ଧାର୍ମୀକ ମୂଲ୍ୟବୋଧର କେତେକାଂଶରେ ଅବକ୍ଷୟ ଘଟିଥିବା ଜଣାଯାଇଥାଏ । ବିଭିନ୍ନ କଠିନ କାର୍ଯ୍ୟକରିବାକୁ ଏମାନେ କେବେ ପଛଘୁଞ୍ଚା ଦେଇନଥାଆନ୍ତି । ସର୍ବଦା କାର୍ଯ୍ୟରେ କର୍ମକୁଶଳତାର ପରିଚୟ ଦେଇଥାଆନ୍ତି । ଏହା ସତ୍ତ୍ୱେ ବି ସେମାନେ ନିଜ ଜାତିକୁ ସର୍ବଦା ଉଚ୍ଚ ବୋଲି ଭାବିଥାଆନ୍ତି । ସାଧାରଣ ଲୋକମାନଙ୍କ ଭଳି ଏମାନେ ନିଜକୁ ଉଚ୍ଚବର୍ଗର ଲୋକବୋଲି ବିବେଚନା କରିଥାଆନ୍ତି । ସର୍ବଦା ଏମାନେ ଅନ୍ୟମାନଙ୍କୁ ସ୍ନେହ, ପ୍ରେମ ଡୋରରେ ବାନ୍ଧି ରଖିଥାଆନ୍ତି । ଏମାନେ ନିଜ ମଧ୍ୟରୁ ଆବିଳତା, ଦୁର୍ବଳତା ତଥା ହୀନମନ୍ୟତାକୁ

ଦୂର କରି ପରସ୍ପର ସହଯୋଗ, ବନ୍ଧୁତ୍ୱର ହାତ ମିଳାଇ ଅଦ୍ୟାବଧି ଚଳି ଆସୁଥିବା ଜଣାଯାଏ । କେତେକ ସ୍ଥଳେ ଏମାନଙ୍କ ମଧ୍ୟରେ ବିଶୃଙ୍ଖଳା ଦେଖାଦେଇ ଥାଏ । ନିଜ ଜାତିରେ ମର୍ଯ୍ୟାଦା ରକ୍ଷା କରିବା ତଥା ସମାଜର ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଦିଗରେ ସେମାନେ ସତତ ପ୍ରୟାସ କରିଥାଆନ୍ତି ।

ପରିବାର ହେଉଛି ଏକ କ୍ଷୁଦ୍ର ସାମାଜିକ ଅନୁଷ୍ଠାନ । ସେ ସମୟରେ ରାଜୁଆର ସମାଜରେ ଯୌଥ ପରିବାର ଦେଖାଯାଉଥିବା ବେଳେ ବର୍ତ୍ତମାନ ଏକକ ପରିବାର ଦେଖିବାକୁ ମିଳିଥାଏ । ପରିବାରରେ ସଦସ୍ୟମାନଙ୍କର ଦାୟିତ୍ୱବୋଧତା ପୂର୍ବାପେକ୍ଷା କେତେକାଂଶରେ କମିଯିବାର ଜଣାଯାଏ । ପରିବାର ମୁଖ୍ୟ ବାପା ଥିଲେ ମଧ୍ୟ ବାପାଙ୍କର ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱ କମିଗଲାଣି । ବର୍ତ୍ତମାନ ପରିବାର ସଦସ୍ୟମାନଙ୍କ ମଧ୍ୟରେ କେତେକ କ୍ଷେତ୍ରରେ ମନୋମାଳିନ୍ୟ ଘଟୁଥିବାର ଜଣାଯାଏ । କେହି କାହାରିକୁ ସହଜରେ ବୁଝି ନ ଥାଏ । ପରିବାରରେ ମାନିବା ବୋଧ କମିଯାଇଛି । ଆର୍ଥିକ କ୍ଷେତ୍ରରେ ପରିବାରର ଟିକିଏ ଉନ୍ନତି ହୋଇଥିବାର ଲକ୍ଷ୍ୟ କରାଯାଇଥାଏ । ଛୋଟପିଲା ଏବଂ ବୃଦ୍ଧମାନଙ୍କୁ ଛାଡି ଅନ୍ୟ ସମସ୍ତ ଲୋକ ବିଭିନ୍ନ କାମଧନ୍ଦା କରି ଅର୍ଥ ଉପାର୍ଜ୍ଜନ କରିଥାଏ । ସବାଇ ଘାସ ଚାଷ କରି ମଧ୍ୟ ଅଧିକ ଅର୍ଥ ଉପାର୍ଜ୍ଜନ କରିପାରୁଛନ୍ତି । ସରକାରଙ୍କ କେତେକ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ କେତେକ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି । ଫଳରେ ପରିବାରର ଲୋକେ କେତେକ କ୍ଷେତ୍ରରେ ଉପକୃତ ହୋଇଥାଆନ୍ତି । ପରିବାରର ସଦସ୍ୟମାନେ କେତେକ ନୀତିନିୟମ ମାନି ଆଉ ଚଳୁନଥିବା ଜଣାଯାଏ । କେତେକ କ୍ଷେତ୍ରରେ ସେମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧର ଅବକ୍ଷୟ ଘଟିଥିବାର ଜଣାଯାଏ । ପ୍ରଥା ତଥା ପର୍ବପର୍ବାଣିର ଢାଞ୍ଚା କେତେକାଂଶରେ ବଦଳିବାରେ ଜଣାଯାଇଥାଏ । ଏହା ସତ୍ତ୍ୱେ ବି ପରିବାର ଲୋକଙ୍କ ମଧ୍ୟରେ ସହଯୋଗୀ ମନୋଭାବ, ତଥା ପରସ୍ପରକୁ ଭଲ ପାଇବା, ସମସ୍ତଙ୍କ ମନ କଥା ବୁଝିବା, ବଡମାନଙ୍କୁ ସମ୍ମାନ ଏବଂ ଭକ୍ତି ଏବଂ ସାନମାନଙ୍କୁ ସ୍ନେହ ଏବଂ ଆଦର କରିବା ସେମାନଙ୍କଠାରୁ ଦୂରେଇ ଯାଇ ନଥିବା ଜଣାଯାଏ ।

ଏତଦ୍‌ବ୍ୟତୀତ ଏମାନେ ବିଭିନ୍ନ ପ୍ରକାର ଆଧୁନିକ ଜିନିଷର ବ୍ୟବହାର ଶିଖିଲେଣି । ସାଇକେଲ ଦ୍ୱାରା ସେମାନେ ହାଟ ଓ ବଜାରକୁ ବିଭିନ୍ନ ଜିନିଷ ବୋହି

ନେବାରେ ଆଉ କୌଣସି ଅସୁବିଧା ହୋଇନଥାଏ । ଚୁଡାବସ୍ତାକୁ ସାଇକେଲରେ ଲଦି ଗାଁ ଗାଁ ବୁଲି ବିକ୍ରି କରିବା ସହଜ ହୋଇଥାଏ । ସେହିପରି ସେମାନେ କର୍ମକ୍ଲାନ୍ତ ଜୀବନକୁ ଟିକିଏ ଶାନ୍ତ କରିବା ପାଇଁ ତଥା ବାହାରର ବିଭିନ୍ନ ଘଟଣା ବିଷୟରେ ଜାଣିବା ପାଇଁ ସେମାନେ ରେଡିଓର ବ୍ୟବହାର କରିଥାଆନ୍ତି । କେତେକ ମନୋରଂଜନ କାର୍ଯ୍ୟକ୍ରମକୁ ମଧ୍ୟ ରେଡିଓ ଦ୍ୱାରା ଉପଭୋଗ କରିଥାଆନ୍ତି ଏମାନେ । ଶରୀରରେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବଜାର କିମ୍ବା ହାଟରୁ ମହିଳାମାନେ ସାଧାରଣତଃ କେତେକ ପ୍ରସାଧନ ସାମଗ୍ରୀ କିଣିଥାଆନ୍ତି । ଶରୀରକୁ ସାଜସଜ୍ଜା କରିବାରେ ଏମାନେ ପ୍ରସାଧନ ସାମଗ୍ରୀକୁ ବ୍ୟବହାର କରିଥାଆନ୍ତି । କେତେକ ମଧ୍ୟ ଟି.ଭି.ର ବ୍ୟବହାର ଜାଣିଛେଣି । ଟି.ଭିରୁ ବିଭିନ୍ନ କାର୍ଯ୍ୟକ୍ରମ ଦେଖିବା ସଙ୍ଗେ ସଙ୍ଗେ ଶୁଣି ପାରୁଛନ୍ତି । ରେଡିଓ, ଟିଭି, ଖବରକାଗଜ ଇତ୍ୟାଦି ଗଣମାଧ୍ୟମର ପ୍ରସାର ଯୋଗୁଁ ସେମାନେ ବାହାର ଦୁନିଆ ସଂପର୍କରେ ଜାଣିବା ସମ୍ଭବପର ହୋଇପାରୁଛି । ଏହା ସହିତ ବିଭିନ୍ନ ସଚେତନମୂଳକ କାର୍ଯ୍ୟକ୍ରମର କିଛି ଶିକ୍ଷା କରିପାରୁଛନ୍ତି । ଏହିଭଳି ଭାବରେ ରାଜୁଆରମାନଙ୍କର ଜୀବନ ଢାଞ୍ଚ ମଧ୍ୟରେ ଅନେକ ପରିବର୍ତ୍ତନ ହୋଇଥିବାର ଆଲୋଚନା ସ୍ପଷ୍ଟ ଅନୁମେୟ ।

■■

ରାଜୁଆର ପରିଚିତି



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ